

Digitized by srujanika@gmail.com

ପଦ୍ମଜ ନାମ୍ନୁ

ଶିକ୍ଷାପତ୍ର

Digitized by srujanika@gmail.com

ଶିଳାପଦ୍ମ

ଲେଖିକା :

ଡକ୍ଟର ପ୍ରତିଭା ରାୟ

ପ୍ରକାଶକ :

ନାଲନ୍ଦା

ବିନୋଦବିହାରୀ, କଟକ-୭୫୩ ୦୦୨

ପ୍ରଥମ ମୁଦ୍ରଣ—୧୯୮୩
ଦ୍ୱିତୀୟ ମୁଦ୍ରଣ—୧୯୮୬
ତୃତୀୟ ମୁଦ୍ରଣ—୧୯୯୦
ଚତୁର୍ଥ ମୁଦ୍ରଣ—୧୯୯୩
ପଞ୍ଚମ ମୁଦ୍ରଣ—୧୯୯୫
ଷଷ୍ଠ ମୁଦ୍ରଣ—୧୯୯୮

ପ୍ରଚ୍ଛଦ ଶିଳ୍ପୀ:

ଅସିତ୍ ମୁଖାର୍ଜୀ

ଅକ୍ଷର ଅଳଂକରଣ :

ମାଳତୀ ମେମୋରିଆଲ ଡି.ଟି.ପି. ସେଣ୍ଟର

ସେଲ୍‌ଟର ଛକ, କଟକ-୭୫୩ ୦୦୮

ମୁଦ୍ରଣ :

ଜଗନ୍ନାଥ ପ୍ରୋସେସ୍

ଷ୍ଟୋନି ରୋଡ୍, କଟକ-୭୫୩ ୦୦୨

ମୂଲ୍ୟ : **ସତୁରୀ ଟଙ୍କା**

SHILAPADMA

a novel by :
Dr. Prativa Ray

Published by :
NALANDA
Binodbehari, Cuttack-2

6th Edition : 1998

Price : **Rs. 70/-**

Digitized by srujanika@gmail.com

ଉତ୍ସର୍ଗ

ପାଷାଣରେ ଯେଉଁମାନେ ପଦ୍ମ ଫୁଟାଇ ଯାଇଛନ୍ତି,
ସେଇ କୋଣାର୍କ-ଶିଳ୍ପୀଙ୍କ ଅମର ଆତ୍ମା
ଉଦ୍ଦେଶ୍ୟରେ ଶିଳାପଦ୍ମ ଉତ୍ସର୍ଗୀକୃତ ।

Digitized by srujanika@gmail.com

"The stream of time sweeps away errors, and leaves the truth for the inheritance of humanity."

Digitized by srujanika@gmail.com

ମୁଖଶାଳା

ମୁଖଶାଳା ଅଛି । ମନ୍ଦିର ନାହିଁ । ତାକୁଇ ସମସ୍ତେ କହନ୍ତି କୋଣାର୍କ ମନ୍ଦିର ।

ପଦ୍ମକ୍ଷେତ୍ର ବା ଅର୍କକ୍ଷେତ୍ର କୋଣାର୍କ, ଏକ ତୀର୍ଥସ୍ଥାନ । ବଙ୍ଗୋପସାଗର ବେଳାଭୂମିରେ ପୁଣ୍ୟାତ୍ମା ନରସିଂହ ଦେବ ଧର୍ମଭାବ ପ୍ରଣୋଦିତ ହୋଇ ସୂର୍ଯ୍ୟଦେବଙ୍କର ପୂଜା ନିମନ୍ତେ ବିଶ୍ୱ ବିଖ୍ୟାତ କୋଣାର୍କ ମନ୍ଦିର ତୋଳାଇଥିଲେ । କୋଣାର୍କ କେବଳ ଓଡ଼ିଆ ଜାତିର ଉତ୍ତିମାନସର ପରିଚାୟକ ନୁହେଁ, ଓଡ଼ିଆ ଶିଳ୍ପ-ପ୍ରତିଭାର ଏହା ହେଉଛି ଅକ୍ଷୟ ସୃଷ୍ଟି ସ୍ତମ୍ଭ । ସ୍ଥାପତ୍ୟ ବିଦ୍ୟାର ଇତିହାସରେ କୋଣାର୍କ ମନ୍ଦିର ଅଦ୍ୱିତୀୟ । ଭଗ୍ନାବଶେଷରେ ମଧ୍ୟ ଭାସ୍କର୍ଯ୍ୟ ନୈପୁଣ୍ୟ ପାଇଁ କୋଣାର୍କର ପ୍ରତିଟି ଶିଳାଖଣ୍ଡ ବିଶ୍ୱବାସୀଙ୍କ ପକ୍ଷେ ଏକ ଏକ ବିସ୍ମୟ ।

କିନ୍ତୁ ଆଜି ଯେଉଁମାନେ କୋଣାର୍କ ପରିଦର୍ଶନରେ ଆସନ୍ତି, ସେମାନଙ୍କ ମନରେ ଧର୍ମଭାବ ବା କଳାନୁରାଗ ଅପେକ୍ଷା ଆମୋଦ ପ୍ରମୋଦ ଏବଂ ମନୋରଞ୍ଜନର ବାସନା ହିଁ ବଳବତ୍ତର । କୋଣାର୍କ ଆଜି ତୀର୍ଥଭୂମି ବା ଶିଳ୍ପ ଅନୁଶୀଳନର ପୀଠ ନୁହେଁ । ଆଜି କୋଣାର୍କ ଆମୋଦ ପ୍ରମୋଦର ଏକ କ୍ରୀଡ଼ାଭୂମି । କୋଣାର୍କ ମନ୍ଦିର ଜୀବନ-ଚକ୍ରର ଏକ ଚିତ୍ତାକର୍ଷକ ଚିତ୍ରଶାଳା ହୋଇଥିଲେ ମଧ୍ୟ ଏଥିରେ ଖୋଦିତ ସୃଷ୍ଟି-ଚକ୍ରର ପ୍ରତୀକ ଶୃଙ୍ଗାରରସ ସମ୍ବଳିତ ମୈଥୁନ ମୂର୍ତ୍ତିମାନେ ହିଁ ଅଧିକାଂଶଙ୍କ ପାଇଁ ପ୍ରଧାନ ଆକର୍ଷଣୀୟ ବସ୍ତୁ । କୋଣାର୍କର ଏହି ମୈଥୁନ ଚିତ୍ରମାନ କୋଣାର୍କ-କଳାର କଳଙ୍କ ବୋଲି କେତେକ ବିଦ୍ୱାନ ବ୍ୟକ୍ତି ମଧ୍ୟ ମତବ୍ୟକ୍ତ କରନ୍ତି । ଅନେକେ ଏହି ଦୃଶ୍ୟଗୁଡ଼ିକ ପ୍ରତି ମନରେ ବିତୃଷ୍ଣାଭାବ ପୋଷଣ କରନ୍ତି । ମନ୍ଦିର ନିର୍ମାତା, ତତ୍କାଳୀନ ସମାଜଜୀବନ ଏବଂ କଳିଙ୍ଗ ଶିଳ୍ପୀମାନଙ୍କର ଚିନ୍ତାଧାରା ଅତ୍ୟନ୍ତ ନିମ୍ନମାନର ଥିଲା ବୋଲି କେହି କେହି ମନ୍ତବ୍ୟ ଦେବାକୁ ପଣ୍ଡାତ୍‌ପଦ ହୁଅନ୍ତି ନାହିଁ ।

କିନ୍ତୁ ଏହି ମୈଥୁନ ମୂର୍ତ୍ତିମାନଙ୍କୁ ଯେଉଁମାନେ ନିଖୁଣ ଭାବରେ ଉତ୍କୀର୍ଣ୍ଣ କରିଯାଇଛନ୍ତି, ସେମାନେ ଯେ ଜୀବନର ବାରବର୍ଷ କଠୋର ସଂଯମ ଆଚରଣ କରି ବ୍ରହ୍ମଚାରୀର ଜୀବନ କାଟିଛନ୍ତି, ସେ କଥା କେତେଜଣ ଭାବନ୍ତି ! ସେଇ ଭାବନାକୁ ନେଇ ଅନାଡ଼ି ହାତରେ ''ଶିଳାଲେଖ'' କବିତା ଲେଖିଥିଲି ୧୯୬୪ ମସିହାରେ । ତାହା ପ୍ରକାଶ ପାଇଥିଲା ୧୯୬୪ ମସିହା ''ଆସନ୍ତା କାଲି'' ପୂଜା ସଂଖ୍ୟାରେ । ସେଇ କବିତାଟିର କିୟଦଂଶ ଏଥିରେ ଅଗ୍ରଲେଖ ଭାବେ ଦେବାର ଲୋଭ ସମ୍ବରଣ କରିପାରିଲି ନାହିଁ । ତେଣୁ ଭଗ୍ନ କୋଣାର୍କ ମୋ ଭିତରେ ଆଲୋଡ଼ନ ସୃଷ୍ଟି କରିଛି ସେଇ ପ୍ରଥମ ଦେଖାରୁ, ଆଜିକୁ କୋଡ଼ିଏ ବର୍ଷ ତଳୁ ।

Digitized by srujanika@gmail.com

ତାପରେ ବହୁବାର କୋଣାର୍କ ଯାଇଛି । ଯେତେଥର ଦେଖିଛି, ହୃଦୟ ଭିତରେ ବିସ୍ମିତ କରୁଣ ସ୍ୱରଟିଏ ବାଜି ଉଠିଛି, କାହିଁକି, କାହାପାଇଁ ଜାଣେନା । ପ୍ରତ୍ୟେକ ଥର କୋଣାର୍କ ଦର୍ଶନ କରି ଫେରିଆସିବା ପରେ ମୁଁ କିଛିଦିନ ପର୍ଯ୍ୟନ୍ତ ସୃଷ୍ଟି ଯନ୍ତ୍ରଣାରେ ଅସ୍ଥିର ହେଇଛି । ଅଥଚ କୋଣାର୍କ ମତେ ଏପରି ଆଚ୍ଛନ୍ନ କରେ ଯେ, ମୋର ଲେଖନୀ ନିସ୍ପନ୍ଦ ହେଇଯାଏ । ଭାବେ—ଭଗ୍ନାବଶେଷରେ ଯିଏ ଏଭଳି ମହାନ୍, ତା'ର କେଉଁ ଦିଗଟିକୁ ନେଇ ଲେଖା ଆରମ୍ଭ କରିବି ? କେଉଁଠି ବା ଶେଷ କରିବି ? ତେଣୁ 'ଶିଳାପଦ୍ମ'ର ପରିକଳ୍ପନା ଆଜିର ନୁହେଁ—ଗତ କୋଡ଼ିଏ ବର୍ଷର—'ଶିଳାଲେଖ'ଠାରୁ ।

ପାଞ୍ଚ ଛଅ ବର୍ଷ ତଳେ କୋଣାର୍କ ଯାଇଥାଏ—ଚଉଦ ପନ୍ଦର ବର୍ଷର ପିଲାଟିଏ ଫଟୋ ପ୍ୟାକେଟ୍ ଧରି ପଛେ ପଛେ ଛାଇପରି ଲାଗିଥାଏ । ଆମ ପାଖରେ କ୍ୟାମେରା ଅଛି, ଫଟୋ ଦରକାର ନାହିଁ'' କହିଲେ ବି ସେ ଶୁଣିବାକୁ ନାରାଜ । ପିଲାଟିର ମୁଁହକୁ ଚାହିଁଲି—ମନରେ ଗୋଟାଏ ମାୟା ଆସିଲା । କେତେଟା ଫଟୋ କିଣି ନେବି ବୋଲି ଇଚ୍ଛା ପ୍ରକାଶ କରିବାରୁ ପିଲାଟାର ମଉଳା ମୁହଁ ଉଜ୍ଜ୍ୱଳି ଉଠିଲା । ତା'ର ସେଇ ନିଷ୍ପାପ କୋମଳ ମୁହଁଟି ଜଣେ ବୟସ୍କ ଅଭିଜ୍ଞ ଲୋକର ମୁଖରେ ପରିବର୍ତ୍ତିତ ହେଇଗଲା । ଫଟୋ ପ୍ୟାକେଟ୍‌ଟିଏ ହାତକୁ ବଢ଼ାଇ ଦେଇ କହିଲା—ଚମତ୍କାର ଫଟୋ ଆଜ୍ଞା ! ଆପଣଙ୍କ କ୍ୟାମେରାରେ ଏତେ ଭଲ ଫଟୋ ଉଠିବା ସମ୍ଭବ ନୁହେଁ । ଏ ଫଟୋର ଖୁବ୍ କାଟ୍‌ତି । ପୂରା ପ୍ୟାକେଟ୍‌ଟା ନେଇଯାନ୍ତୁ । ଫଟୋଗୁଡ଼ାକ ଖୋଲି ଦେଖିଲି ନାହିଁ । ପିଲାଟାର ମୁହଁକୁ ଚାହିଁଲି । ତା ମୁହଁରେ ଅଭ୍ୟସ୍ତ ଚାପା ହସ । ପଇସା ଦେଇ ଆଗେଇ ଗଲି । ''ଶିଳାପଦ୍ମ''ର ଶିଳାନ୍ୟାସ ସେଇ ମୁହୂର୍ତ୍ତରେ, ସେଇଠି, ସେଇ ନିଷ୍ପାପ କିଶୋରଟି ଦ୍ୱାରା ହେଇଗଲା । ସେ ହେଉଛି ମୋ କାହାଣୀର ଅତି ଆଦରର ''ଧର୍ମାନନ୍ଦ'' ।

କାହାଣୀ ଆରମ୍ଭ କରିବା ପୂର୍ବରୁ କୋଣାର୍କ ବହୁ ଥର ଯାଇଛି । ଆଖପାଖ ଗାଁ, ରାମଚଣ୍ଡୀ ମନ୍ଦିର, ଗଙ୍ଗେଶ୍ୱରୀ ମନ୍ଦିର, ଦକ୍ଷିଣେଶ୍ୱର ମନ୍ଦିର, କୋଣାର୍କ ମଠରେ ବହୁସମୟ କଟାଇଛି । ତେବେ ବି କୋଣାର୍କର ଆଦି ଅନ୍ତ ପାଇନାହିଁ । ସବୁଥର କୋଣାର୍କ କଳାକୁ ନିରେଖିଛି ଏବଂ ପ୍ରତିଥର କୋଣାର୍କ ଶିଳ୍ପୀ ମତେ ଉପହାର ଦେଇଛି କିଛି କିଛି ନୂତନ ବିସ୍ମୟ ! କୋଣାର୍କ ନାଟ ମନ୍ଦିରର ଦକ୍ଷିଣ ଦିଗରେ ପ୍ରତୀକ୍ଷାର ସେଇ ଶାଶ୍ୱତ ମୂର୍ତ୍ତିଟି ସେଇ ବିସ୍ମୟମାନଙ୍କ ଭିତରେ ଅନନ୍ୟା ଏବଂ ଅନ୍ୟତମା—ସେ ମୋର ନାୟିକା ।

ଶ୍ରାବଣ ମାସ । ଉପନ୍ୟାସ ଆରମ୍ଭ କରିବା ପୂର୍ବରୁ କୋଣାର୍କରେ ଗୋଟିଏ ଅବିସ୍ମରଣୀୟ ରାତ୍ରୀର ଅନୁଭୂତି । ସେ ରାତ୍ରୀରେ ବର୍ଷା ହେଲା । ବର୍ଷାର ନୂପୁର ପିନ୍ଧି କୋଣାର୍କ କନ୍ୟା ଜୀବନ୍ୟାସ ପାଇ ମୋ କୋଠରୀର ବନ୍ଦ ଦ୍ୱାରରେ କରାଘାତ କଲା । ସାରା ରାତ୍ରୀ ସେ ତାର କାହାଣୀ କହିଲା । ମୁଁ ଶୁଣିଲି ଅନ୍ଧକାର ଭିତରେ କୋଣାର୍କର ଆତ୍ମାର ସ୍ୱର । କେହି ବିଶ୍ୱାସ କରୁ ବା ନକରୁ, ମୋର ବିଶ୍ୱାସ— କୋଣାର୍କର ଆତ୍ମା ଅଛି ଏବଂ ହୃଦୟ ଦେଇ ଶୁଣିଲେ ତା' ଆତ୍ମାର ସ୍ୱର ଶୁଭେ । କୋଣାର୍କ ବେଢ଼ାରେ ଶିଳ୍ପୀ

Digitized by srujanika@gmail.com

ଆତ୍ମା ଘୂରି ବୁଲେ । ପ୍ରତୀକ୍ଷାର ଦୀର୍ଘଶ୍ୱାସ ନିର୍ଜ୍ଜନ ରାତ୍ରୀରେ ଝାଉଁ ବନରେ ମର୍ମର ତୋଳେ । ମୁଁ ଶୁଣିଛି, ମୁଁ ଅନୁଭବ କରିଛି । ହୋଇପାରେ ଏ ମୋର ଭାବପ୍ରବଣତା । ଆଉ କାହାକୁ ମିଛ, ମତେ କିନ୍ତୁ ସତ ।

କୋଣାର୍କ ବେଡ଼ାରେ ବୁଲୁ ବୁଲୁ ମୁଁ ଚାର୍ଲସକୁ ଭେଟିଛି । ଇଣ୍ଡିଆ ଏବଂ କୋଣାର୍କ ପ୍ରତି ତା' ମନରେ ବିସ୍ମୟ ଏବଂ ଶ୍ରଦ୍ଧାକୁ ଅନୁଭବ କରିଛି ।

ଆଉ ପ୍ରାଚୀପ୍ରଭା ଏବଂ ଚନ୍ଦ୍ରଭାଗା; ଦୁହେଁ ଗୋଟିଏ ନଦୀର ଦୁଇଟି ଧାର । ସମୟ ବଦଳିଛି—ନଦୀ ତା'ର ଗତିପଥ ବଦଳାଇଛି—ମାତ୍ର ଲକ୍ଷ୍ୟଚ୍ୟୁତ ହରାଇ ନାହିଁ । ସବୁ ଘଟଣା ଦୁର୍ଘଟଣା ସତ୍ତ୍ୱେ ଭାରତ ହିଁ ଅଛି । ବିଜ୍ଞାନୋନ୍ନତ ଦେଶର ହତାଶ ମଣିଷ ଆଜି ଭାରତ ଭୂଇଁରେ, ମୈତ୍ରୀଦେବ ଜଗନ୍ନାଥଙ୍କ ରତ୍ନଦେବୀ ତଳେ ସବୁ ସଂଶୟର ସମାଧାନ ଖୋଜୁଛି ।

କୋଣାର୍କ ଜୀବନ ଚିତ୍ରର ଏକ ବିଶାଳ ଗ୍ରନ୍ଥାକାର—ଜୀବନ ସତ୍ୟର ଏକ ବିସ୍ତୃତ ଗବେଷଣାଗାର । ତେଣୁ କୋଣାର୍କର ଅଧ୍ୟୟନ ଏବଂ ଗବେଷଣା ଯେଉଁ ଦିଗରୁ କଲେ ମଧ୍ୟ ତା'ର ଆଉ କେଉଁ ଦିଗ ରହସ୍ୟମୟ, ଅନାବିଷ୍କୃତ ହେଇ ରହିଯାଏ । ତେଣୁ 'ଶିଳାପଦ୍ମ' କୋଣାର୍କ କଳାର ସହସ୍ର ପାଖୁଡ଼ାରୁ ଗୋଟିଏ ମାତ୍ର ପାଖୁଡ଼ା ଏବଂ ଅସଂପୂର୍ଣ୍ଣ । 'ଶିଳାପଦ୍ମ'କୁ ସଂପୂର୍ଣ୍ଣ କରିବାକୁ ଚେଷ୍ଟା କରି ବହିର ପୃଷ୍ଠା ସିନା ବୃଦ୍ଧି କରିଛି—କୋଣାର୍କ କନ୍ୟା ଚିର ରହସ୍ୟମୟୀ ହେଇ ରହିଯାଇଛି । ତେଣୁ 'ଶିଳାପଦ୍ମ' ଲେଖି ସାରିବା ପରେ ମଧ୍ୟ ସୃଷ୍ଟି ଯନ୍ତ୍ରଣାର ଉପଶମ ହୋଇନାହିଁ ।

କୋଣାର୍କ ରଚନା କାଳରେ ଐତିହାସିକ ତଥ୍ୟ, ଜଗନ୍ନାଥ ଧର୍ମ ଓ କୋଣାର୍କର କଳା ଓ ସ୍ଥାପତ୍ୟ ସମ୍ପର୍କରେ ଜ୍ଞାନାର୍ଜ୍ଜନ ପାଇଁ ମୁଁ ବହୁ ଗ୍ରନ୍ଥର ସାହାଯ୍ୟ ନେଇଛି । ସେଇ ମହାନ୍ ଗ୍ରନ୍ଥାକାରମାନଙ୍କ ନିକଟରେ ମୁଁ କୃତଜ୍ଞ ।

କୋଣାର୍କ ରଚନା ଦିଗରେ ଡକ୍ଟର କରୁଣାସାଗର ବେହେରା, ପ୍ରଫେସର, ଇତିହାସ ବିଭାଗ, ବାଣୀବିହାର, କୋଣାର୍କ ନିକଟସ୍ଥ ବେଗୁନିଆ ଗ୍ରାମର ସାୟାଦିକ ଶ୍ରୀ ମଇୟ ମିତ୍ର, ବୟାଳିଶିବାଟୀ ଗଙ୍ଗେଶ୍ୱରୀ ମନ୍ଦିରର ଅଶୀ ବର୍ଷର ପୂଜକ ଶ୍ରୀ ବଳରାମ ପାଢ଼ୀ, ପୁରୀ ପଥୁରିଆ ସାହିର ଶିଳ୍ପୀ ଶ୍ରୀ ଶ୍ରୀଧର ମହାପାତ୍ର, ଶ୍ରୀ ଭୁବନେଶ୍ୱର ମହାପାତ୍ର ଏବଂ ଶ୍ରୀ ରଘୁନାଥ ମହାପାତ୍ର ମତେ ବହୁ ତଥ୍ୟ ଯୋଗାଇ ମୋର ଅନେକ ସନ୍ଦେହ ମୋଚନ କରିଛନ୍ତି । ସେମାନଙ୍କ ନିକଟରେ ମୁଁ ଚିର କୃତଜ୍ଞ ହୋଇ ରହିବି ।

ଶିଳାପଦ୍ମ'ରେ ଇତିହାସ ଅଛି, କିମ୍ବଦନ୍ତୀ ଅଛି, କାହାଣୀ ଅଛି । ଇତିହାସ ଲେଖେ ରାଜା ରାଣୀଙ୍କର କଥା । ପାତ୍ର ମନ୍ତ୍ରୀଙ୍କର କଥା । ତେଣୁ କୋଣାର୍କର ଇତିହାସରେ ରାଜା ନରସିଂହ, ମହାରାଣୀ ସୀତାଦେବୀ, ନିର୍ମାଣ ବିଭାଗ ମନ୍ତ୍ରୀ ସଦାଶିବ ସାମନ୍ତରାୟଙ୍କ

Digitized by srujanika@gmail.com

ନାମ ହିଁ ଉଲ୍ଲେଖ ଅଛି । ବାରଶହ ଶିଳ୍ପୀଙ୍କ ଭିତରୁ ଜଣେ ଶିଳ୍ପୀର ନାମ ମଧ୍ୟ ଇତିହାସରେ ଉଲ୍ଲେଖ ନାହିଁ । ତେଣୁ ଶିଳ୍ପୀ କମଳ ମହାରଣା ଏବଂ ଶିଳ୍ପୀ ବଧୂ ଚନ୍ଦ୍ରଭାଗାଙ୍କର ତ୍ୟାଗ, ନିଷ୍ଠା, ଉତ୍ସର୍ଗ, ପ୍ରେମପ୍ରଣୟ ଓ ବିରହର ଅମରଗାଥା ଇତିହାସ ପୃଷ୍ଠାରେ ସ୍ଥାନ ପାଇନାହିଁ ବୋଲି ଯେ ତାହା ସଂପୂର୍ଣ୍ଣ ଅମୂଳକ ଓ ମିଥ୍ୟା, ଏକଥା ଯୋର ଦେଇ କହିହେବ ନାହିଁ । ବାରବର୍ଷ ଭିତରେ ବାରଶହ ଶିଳ୍ପୀଙ୍କ ଭିତରୁ କେତେଜଣଙ୍କ ଜୀବନରେ କେତେ କାମନା, ବାସନା, ଆଶା ଆକାଂକ୍ଷାର କୋଣାର୍କ ଯେ ଭାଙ୍ଗିରୁଜି ଧୂଳିସାତ୍ ହେଇ ନ ଥିବ ସେକଥା କିଏ କହିପାରିବ ?

ସାତଶହ ବର୍ଷ ତଳର ଅତୀତକୁ କଳ୍ପନା ଚକ୍ଷୁରେ ଯେମିତି ଦେଖିଲି ତାକୁଇ ସତ୍ୟ ମଣି ପ୍ରକାଶ କରିଛି । ଯାହାକୁ ମିଥ୍ୟା ପ୍ରମାଣିତ କରିହୁଏ ନାହିଁ ତାହା ସତ୍ୟ ମଧ୍ୟ ହେଇପାରେ ।

କୋଣାର୍କ ସତ୍ୟ, କୋଣାର୍କ ଶିଳ୍ପୀର କଠୋର ସାଧନା ଓ ନିଷ୍ଠା ସତ୍ୟ, କୋଣାର୍କର କଳା ନୈପୁଣ୍ୟ ସତ୍ୟ ଏବଂ ସର୍ବଶେଷରେ ଉତ୍କଳୀୟ ତଥା ଭାରତୀୟ ସଂସ୍କୃତି ଓ ପରମ୍ପରାର ମହାନତା ସତ୍ୟ ।

ସେଇ ସତ୍ୟକୁ 'ଶିଳାପଦ୍ମ' ଦେଇ ପୂଜା କରିଛି ମାତ୍ର ।

ବ୍ୟାସ ପୂର୍ଣ୍ଣିମା, ୧୯୮୩

ପ୍ରତିଭା ରାୟ

Digitized by srujanika@gmail.com

ଶିଳାଲେଖ

ତମେ ନିଶ୍ଚେ ଦେଖିଥିବ କୋଣାରକ ଶିଳାରେ ଶିଳ୍ପାରେ
ଅଶ୍ଳୀଳ ଆଦିମ ରସ ବିନ୍ଦୁ ବିନ୍ଦୁ କେତେ ସତେ ଝରେ
ଲଜ୍ଜାର ରକ୍ତିମ ରାଗ ଲାଗୁଥିବ ନିଶ୍ଚେ ତୁମ ଗଣ୍ଡେ
ଦୃଷ୍ଟି ତୋଳି ଚାହୁଁଥିବ ଯଦି ତୁମେ ପ୍ରତି ଶିଳା ଖଣ୍ଡେ
ବିରକ୍ତ ବି ହେଉଥିବ ''ଏଇ କ'ଣ କଳା କଉଶଳ
ନିରେଖି ହୁଏନି ଚାହିଁ ଏତେ ନଗ୍ନ, ଏତିକି ଅଶ୍ଳୀଳ ?''
ତମେ ଖାଲି ଦେଖିଅଛ ରୂପସୀ'ର ଅନାବୃତ ବକ୍ଷ
ପାଷାଣ ସେ ବୁକୁଚିରି ତମେ କେବେ କରିଛ କି ଲକ୍ଷ୍ୟ ?
କେତେ କଥା, କେତେ ବ୍ୟଥା ଲେଖାଅଛି ପ୍ରତିଟି ମରମେ
ସେ ବୁକୁ'ର ମୂକ ଭାଷା ଶୁଣିଛ କି ତମେ କେବେ କ୍ଷଣେ ?
ଅତନୁ ପରଶ ନେଇ ତନୁ ପରେ କେତେ ତନ୍ୱୀ ବଧୂ
ଦୀର୍ଘଶ୍ୱାସ ସାଥି କଲେ ବୁକୁତଳେ ସଞ୍ଚି କେତେ ମଧୁ
କେତେ ଯେ ତରୁଣ ଶିଳ୍ପୀ ଅଙ୍ଗେ ଭରି ଅନଙ୍ଗର ଜ୍ୱାଳା
ପଥରରେ ପ୍ରାଣ ଦେଲେ ପ୍ରାଣେ ଚିନ୍ତି ପ୍ରିୟା ପଲ୍ଲୀବାଳା
ବିରହିଣୀ ଶିଳ୍ପୀ ବଧୂ ସୁକୁମାରୀ କୋମଳା ସରଳା
ଦିନ ବସି ଗଣୁଥିବ ଖସିଥିବ କଟିର ମେଖଳା
ବସନ୍ତ ବି ଆସିଥିବ, କେତେ ପୁଣି ଫେରିଯାଇଥିବ
ବାସନାର କୃଷ୍ଣଚୂଡ଼ା କେତେ ଫୁଟି ଝରିଯାଇଥିବ
କମ୍ପନ ବି ଲାଗିଥିବ ମୁକୁଳିତ ପତରେ ପତରେ
ଲୋତକ ବି ଜାଗିଥିବ କକ୍ଷଳିତ ନୟନ ପତାରେ
ବୟସ ବକୁଳ କେତେ ଝରିଥିବ ଅଜସ୍ର ଆବେଗେ
ଅତିକ୍ରାନ୍ତ ହୋଇଥିବ ପ୍ରତୀକ୍ଷିତ ମୁହୂର୍ତ୍ତ ଗୋ ତେବେ
ଦେହର କାମନା ନିଶ୍ଚେ ଲଭିଥିବ ନିର୍ବାଣ ସେବେଳେ
ଫିକା ଫିକା ଲାଗିଥିବ ଏ ଦୁନିଆ ରଙ୍ଗ ବଳେ ବଳେ
କେତେ ଯେ କାମନା ଦୀପ ନିର୍ବାପିତ ହୋଇଥିଲା ଜାଣି
ଶିଳାଖଣ୍ଡ କହେ ଆଜି ଜୀବନ'ର ଆଦିମ କାହାଣୀ
ତମେ ବି ତ ଦେଖିଥିବ ରୁକ୍ଷ ସେଇ ପାଷାଣର ଗାତ୍ର
ସ୍ୱର୍ଗୀୟ ଦାହଲ୍ୟ ରସେ କମନୀୟ, କେତେ ଯେ ପବିତ୍ର

Digitized by srujanika@gmail.com

ତମେ କି ଶୁଣିଛ ବନ୍ଧୁ ପାଷାଣୀ ଜନନୀର ପ୍ରାଣେ
ବିଧୂରା ଜନନୀ ପ୍ରାଣ ଅହରହ ଗୁମୁରି ବାହୁନେ
କାନ୍ତ ବିରହିଣୀ ହାୟ ନିରିମାଖି ଦୁଃଖିନୀ ଜନନୀ
ଚାହିଁଥିଲା ବାରବର୍ଷ କାନ୍ତ ଆଉ ପୁତ୍ରର ସରଣୀ
ଫେରିଲେନି ପତି, ପୁତ୍ର ଚନ୍ଦ୍ରଭାଗା ନେଲା କାରେ ବରି
ପ୍ରତି ଶିଳା ବୁକେ ଆଜି ସେ କାହାଣୀ ଝୁରୁଛି ଗୁମୁରି
ଯାହାଙ୍କର ଦୀର୍ଘଶ୍ୱାସ ଝାଉଁଗଛ ପତରେ ପତରେ
ଆଜି ମଧ୍ୟ ସଞ୍ଚାରିତ ବ୍ୟଥା ଆଉ ବେଦନାର ଭାରେ
ଯାହାଙ୍କର ଆଖି ଲୁହେ ଲବଣାକ୍ତ ଚନ୍ଦ୍ରଭାଗା ଜଳ
ଯାହାଙ୍କ ହସ ଚୋରାଇ ହସେ ଆଜି ପ୍ରତି ଶିଳ-ଫୁଲ
ଯାହାଙ୍କ ମନ'ର ମରୁ ଅକାତରେ ଦେଇଅଛି ଢାଳି
ଚନ୍ଦ୍ରଭାଗା ବୁକୁ ପରେ ସରୁ ସରୁ ଏତେ ସୁନା ବାଲି
ସେମାନେ ବିସ୍ମୃତ ଆଜି ଅନାଦୃତ ସେମାନେ ତ ଆଜି
କେ କାହିଁ ଜାଣେନା ତାଙ୍କୁ ସେମାନେ ତ ଯାଇଛନ୍ତି ହଜି
ରାଜକୀୟ ବିଳାସରେ କେଉଁ ଏକ ସୌଖୀନ ଖିଆଲେ
ନରପତି ନରସିଂହ କୋଣାରକ ମନ୍ଦିର ତୋଳିଲେ
ସିଏ ଆଜି କୀର୍ତ୍ତିମୟ କୋଣାରକ କଳା କଉଶଳେ
କୋଟିଏ ବିକଳ ଆତ୍ମା ଆଜି କେଉଁ ଅତଳ ସାଗରେ
କୋଣାରକ ଦରଶନେ ତମେ ବନ୍ଧୁ ମୁଗ୍ଧ ହେଉଥିବ
ସ୍ୱଗତୋକ୍ତି କରୁଥିବ ''ଧନ୍ୟ ଧନ୍ୟ ନରସିଂହ ଦେବ''
ମୁଁ କିନ୍ତୁ ଦେଖୁଛି ବନ୍ଧୁ ଚନ୍ଦ୍ରଭାଗା ସିକତା ବେଳାରେ
ମୁଁ ଆଜି ଶୁଣୁଛି ବନ୍ଧୁ କୋଣାରକ ଶିଳାରେ ଶିଳାରେ
ଅୟୁତ ଆଖିର ଲୁହ, ହୃଦୟର କରୁଣ ଉଚ୍ଛ୍ୱାସ
ଯାହା ଲାଗି କୋଣାରକ ଶିଳାପୁଷ୍ପ ଆଜି ସୁରଭିତ
ନରସିଂହ ରହିଯାନ୍ତି କାହିଁ କେଉଁ ମନର ଗହ୍ୱରେ
ମୁଁ ଆଗେ ପ୍ରଣତି ବାଢ଼େ ଶିଳ୍ପୀ ଆଉ ଶ୍ରମିକ ଆତ୍ମାରେ
ଇତିହାସ ଲେଖେନାହିଁ ଶ୍ରମ ଆଉ ସ୍ୱେଦର କାହାଣୀ
ହୃଦୟ ମନ୍ଦିରେ ଲେଖା ସେଇ ନାମ, ତାଙ୍କରି କରଣୀ ।
ଶିଳାରେ ଶିଳାରେ ଯିଏ ଲେଖିଗଲେ ଲୀଳା ଶତଦଳ
ମହାକାଳ ପାରିଲାନି ମାରି ଯାରେ,
ତା' ପଦରେ କୋଟି ନମସ୍କାର ।

❖

Digitized by srujanika@gmail.com

—ଏକ—

''ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ''

ଚିଠିର ଆରମ୍ଭ ଏମିତି, ତା'ପରେ ସେ ଲେଖିଛି—

''ପ୍ରତୀକ୍ଷାର ସେଇ ଶାଶ୍ୱତ ମୂର୍ତ୍ତିଟି—ସେ ଅତୀତ ନୁହଁ—ବର୍ତ୍ତମାନ ନୁହଁ—ଭବିଷ୍ୟତ ନୁହଁ—ସେ ମହାକାଳ । ତା'ର ପାଦ ଦୁଇଟି ପ୍ରଗତି ଆଡ଼େ—ହାତ ଦୁଇଟି ପରମ୍ପରାକୁ ଆଲିଙ୍ଗନ ପାଶରେ ବାନ୍ଧି ରଖିଛି । ସେ ନିରବଚ୍ଛିନ୍ନ ସ୍ରୋତଟିଏ—ଅନାଦିରୁ ଅନନ୍ତ ତା'ର ଗତିପଥ—ସେ ପ୍ରାଚୀପ୍ରଭା, ତମେ ।

ତମକୁ ମୁଁ ଛାଡ଼ି ଆସିଥିଲି ଭାରତରେ—ଦେଖୁଛି ଏଠି, ମୋ ଭିତରେ । ତମ ପାଖରେ ସମୟ, ଦୂରତ୍ୱ ସମସ୍ତେ ହାରମାନିଛନ୍ତି । ତମ ଦେଶରେ କୋଣାର୍କକୁ ଦେଖି ବୁଝିଛି, ଭଗ୍ନାବଶେଷ ବି କେତେ କମନୀୟ, କେତେ ଅତୁଳନୀୟ ଆଉ କେତେ କୀର୍ତ୍ତିମୟ ହେଇପାରେ—ପୁଣି ଭଗ୍ନାଂଶରେ ବି କେତେ ସମ୍ପୂର୍ଣ୍ଣତା ଥାଏ । ଆଉ, ତମକୁ ଦେଖି ଜାଣିଛି କରୁଣତା ବି କେତେ କମନୀୟ, ଅସହାୟତା ବି କେତେ ଶକ୍ତିମୟ କରିପାରେ ଏହି ମଣିଷକୁ !

ସାରା ବିଶ୍ୱ ବୁଲିସାରି, ଚନ୍ଦ୍ରଭାଗାର ବେଳାଭୂଇଁରେ ବିପର୍ଯ୍ୟସ୍ତ ଜୀବନକୁ ସାଉଁଟି ଆଣୁ ଆଣୁ ଭେଟିଥିଲି ପ୍ରଶ୍ନବାଚୀ ଭଳି ନଗ୍ନ ମୂର୍ତ୍ତିଟିଏ—ସେ ତମେ । ଜୀବନ ପ୍ରଶ୍ନର ଉତ୍ତର ମୁଁ ନିଶବ୍ଦରେ ପାଇଗଲି ।

ତା'ପରଠୁ—ଏପର୍ଯ୍ୟନ୍ତ, ମୁଁ ଜୀବନ ପ୍ରଶ୍ନର ଉତ୍ତର ଦେଇ ଚାଲିଛି—

ଏ ଶକ୍ତି ମତେ କିଏ ଦେଲା ? ତମେ ! କୋଣାର୍କ—ନାଁ ସଂହତିର ଦେବତା ଜଗନ୍ନାଥ ? ବୋଧହୁଏ କେହି କାହାଠାରୁ ଭିନ୍ନ ନୁହେଁ । କାରଣ ସବୁ ଦ୍ୱନ୍ଦ୍ୱ, ସବୁ ସଂଶୟ ଏବଂ ସବୁ ସମସ୍ୟାର ସମାଧାନ ହୋଇଯାଇଛି ସେଇ ରତ୍ନ ସିଂହାସନ ତଳେ । ତେଣୁ ତମେ ମନେପଡ଼ିଲେ ଜଗନ୍ନାଥଙ୍କର ରୂପକୁ ଦେଖେ—ଜଗନ୍ନାଥଙ୍କୁ ଡାକିଲେ ତମେ ସ୍ମରଣକୁ ଆସ । ପ୍ରାଚୀପ୍ରଭା—ଆଜି ଏତିକି—

ଦେହି ପଦ ପଲ୍ଲବମୁଦାରମ୍.....

ଇତି

''ଚାର୍ଲସ''

Digitized by srujanika@gmail.com

ଚାର୍ଲସର ସବୁ ଚିଠିର ଶେଷ ଏମିତି । ଆରମ୍ଭରେ ଜଗନ୍ନାଥ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ସେଇ ଶ୍ଲୋକ ଏବଂ ଶେଷରେ ଗୀତଗୋବିନ୍ଦର ସେଇ ମଧୁର କୋମଳ ଉଦାର ପଂକ୍ତିଟିଏ ....''ଦେହି ପଦ ପଲ୍ଲବମୁଦାରମ୍....''

ଚାର୍ଲସଠାରୁ ଚନ୍ଦ୍ରଭାଗା ଅନେକ ଦୂର—ଦୂରତ୍ୱ ଚାର୍ଲସକୁ ଆକର୍ଷଣ କରେ । ଦୁର୍ଗମତା ଚାର୍ଲସକୁ ପ୍ରଲୁବ୍ଧ କରେ । ବିପଦ ଚାର୍ଲସକୁ ଆହ୍ୱାନ କରେ । ଅର୍ଥ ଏବଂ କ୍ଷମତାର ଶୀର୍ଷରେ ପହଞ୍ଚିଥିବା ଆମେରିକାର ରାଜଧାନୀ ୱାଶିଂଟନ ସହରଠାରୁ ଭାରତବର୍ଷର ଏକ ଦରିଦ୍ର ରାଜ୍ୟ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଅନେକ ଦୂର..... ।

ସାରା ବିଶ୍ୱ ଘୂରି ଘୂରି ସେ ପହଞ୍ଚିଥିଲା ଚନ୍ଦ୍ରଭାଗା ତୀରରେ । ସେ ଯାଯାବର, ତାର ପ୍ରତିଜ୍ଞା ସେ ଘୂରିବ—ପୃଥିବୀ ପରିକ୍ରମା କରିବ । ଥରେ ନୁହେଁ—ବାରମ୍ବାର—ବଞ୍ଚିଥିବା ଯାଏ ଯେତେଥର ସମ୍ଭବ । ଯାତ୍ରାକୁ ବାଦ ଦେଇ ଜୀବନ ତା' କଳ୍ପନାର ବାହାରେ । ଚାର୍ଲସ ଚାଲୁଥାଏ—ଏବଂ ଚାଲୁଥାଏ । ଇଉରୋପ, ଆଫ୍ରିକା, ଏସିଆ, ମହାଦେଶ ପରେ ମହାଦେଶ—ଦେଶ ପରେ ଦେଶ—ସହର-ଗ୍ରାମ—ନଦୀ—ପର୍ବତ—ଅରଣ୍ୟ-ଉପତ୍ୟକା । କାହିଁକି ଘୂରୁଥାଏ—କାହାକୁ ଖୋଜୁଥାଏ—କ'ଣ ପାଏ—କ'ଣ ହଜାଏ ସେ ଜାଣେନା । ଚାର୍ଲସ କହେ—ଏଇତ ଜୀବନ । ଯାତ୍ରା—ଶୂନ୍ୟରୁ ମହାଶୂନ୍ୟକୁ, ଅନାଦିରୁ ଅନନ୍ତକୁ । ଜୀବନ ଗୋଟାଏ ଅର୍ଥହୀନ ଅବୋଧ କୁହେଳୀ ।

କିନ୍ତୁ ଭାରତରୁ ଫେରିଗଲା ବେଳେ ଚାର୍ଲସ ଜୀବନର ଗହନ ଗଭୀର ତତ୍ତ୍ୱ ବୁଝିଯାଇଥିଲା—

ଆଜି, ସମୟ ସମୁଦ୍ର ପାରିହୋଇ, ମହାସିନ୍ଧୁ ସେପାରିରୁ ଶୁଭୁଛି ଚାର୍ଲସର ସ୍ୱର । ସେ ସ୍ୱର ପ୍ରାଚୀକୁ ଯାହା କିଛି ମନେପକାଇଦିଏ ସବୁ ଯେମିତି ଅତୀତର ଗୋଟାଏ କିମ୍ବଦନ୍ତୀ । ଚାର୍ଲସ ବହୁ କାହାଣୀ, କିମ୍ବଦନ୍ତୀର ନାୟକ । ଚାର୍ଲସ ପୃଥିବୀ ଇତିହାସର ଅନେକ ପୃଷ୍ଠା ଓଲଟାଇଛି । ଅନେକ କିମ୍ବଦନ୍ତୀର ସତ୍ୟତା ପ୍ରତିପାଦନ କରିଛି । ଜୀବନ ତା' ପାଇଁ ନିରବଚ୍ଛିନ୍ନ ଗବେଷଣା, ଉତ୍ତର ବିହୀନ ଗୋଟାଏ ପ୍ରଶ୍ନବାଚୀ ।

ଚାର୍ଲସ ଇଣ୍ଡିଆ ଆସିଥିଲା ବୁଲିବା ପାଇଁ । ଚାର୍ଲସ କହେ—ଏ ମୋର ତୀର୍ଥଯାତ୍ରା । ତୀର୍ଥଯାତ୍ରା ହିନ୍ଦୁଧର୍ମର ଗୋଟିଏ ପ୍ରଧାନ ଅଙ୍ଗ । ହିନ୍ଦୁଯାତ୍ରୀ ଗୋଟାଏ ଅଖଣ୍ଡ ବିଶ୍ୱାସରେ ବଳୀୟାନ୍ ହେଇ ସହସ୍ର କୋଶ ଅତିକ୍ରମ କରି ପୁଣ୍ୟ ତୀର୍ଥଜଳ ଅକାତରେ ପର୍ଯ୍ୟଟନ କରେ । ଏଇ ତୀର୍ଥଯାତ୍ରା ମଣିଷକୁ ମଣିଷ ସହିତ ସଂଯୋଗ କରେ । ତୀର୍ଥଯାତ୍ରା ଦେଶ କାଳ ସ୍ଥାନ ଅତିକ୍ରମ କରି, ଆପଣାର ଜୀବନକୁ ଅଗଣିତ ମଣିଷର ମହାଜୀବନର ସ୍ରୋତରେ ମିଶାଇ ଦିଏ । ମଣିଷ ମଣିଷ ଭିତରେ ଅନେକ ବୈଷମ୍ୟ ଭିତରେ ତୀର୍ଥଯାତ୍ରୀ ପରସ୍ପର ସହ ଏକପ୍ରାଣ,

Digitized by srujanika@gmail.com

ଏକଭାବ ହେଇଯାଏ । ଚାର୍ଲସର ଯାତ୍ରାର ଉଦ୍ଦେଶ୍ୟ ସେତିକି । ସେ ଯେଉଁଠି ପହଞ୍ଚିଯାଏ, ସେଠି ମିଶିଯାଏ । ସମସ୍ତଙ୍କ ଭିତରେ ସେଠି ସେ ଜଣେ ହେଇଯାଏ । ସଂହତି ବିନା ଦୁର୍ଗତି, ଏ ଚାର୍ଲସ ଜୀବନର କଥା ।

ଇଣ୍ଡିଆ ଆସିବା ପୂର୍ବରୁ ଚାର୍ଲସ ହିନ୍ଦୁଧର୍ମ ଓ ଭାରତୀୟ ଜୀବନଦର୍ଶନ ସଂକ୍ରାନ୍ତରେ ଅନେକ ପଢ଼ିଛି । ଗୀତା, ଭାଗବତ, ଉପନିଷଦ, ରାମକୃଷ୍ଣ, ବିବେକାନନ୍ଦ, ଗାନ୍ଧିଜୀଙ୍କର ଅନେକ ବହି ପଢ଼ି ହଜମ କରିଛି । ଜଗନ୍ନାଥ କଲ୍‌ଟ ସମ୍ବନ୍ଧରେ ତାର ଗଭୀର ଜ୍ଞାନ । ଓଡ଼ିଆ ଝିଅ ପ୍ରାଚୀ ଚାର୍ଲସ ସାମ୍ନାରେ ବୋକି ପାଇଟିଯାଏ । ନିଜ ଦେଶର ଭାଷା, ସଂସ୍କୃତି, କଳା, ସ୍ଥାପତ୍ୟ, ଇତିହାସ ଏବଂ ଧର୍ମତତ୍ତ୍ୱ ସମ୍ବନ୍ଧରେ ଜଣେ ବିଦେଶୀ ପର୍ଯ୍ୟଟକ ସହ ଆଲୋଚନା କରୁ କରୁ ହାରିଗଲାବେଳେ ପ୍ରାଚୀ ଭାବେ ସେ ଜିତିଯାଇଛି । ତା' ଦେଶର ଐତିହ୍ୟ ଓ ପରମ୍ପରା ସେତିକି ମହାନ୍ ନ ହୋଇଥିଲେ ଚାର୍ଲସ ଭଳି ସାହେବର ସେଥିପ୍ରତି ଏତେ ଆଗ୍ରହ ହୁଅନ୍ତା କାହିଁକି ? ଚାର୍ଲସ କୁହେ—''ହାରିଯିବାର ଘଟଣାରୁ ଜିତିଯିବାର ଆନନ୍ଦ ଛୁଟି ନେବା ଭାରତୀୟ ନାରୀ ଚରିତ୍ରର ଏକ ବୈଶିଷ୍ଟ୍ୟ । ଅନ୍ୟ ଅର୍ଥରେ ସେମାନଙ୍କର ସହାୟତାରେ ସେଇଟା ଆଶାବାଡ଼ି । କିଛି ନପାଇବା ଭିତରେ ସବୁ ପାଇବାର ମିଛ ଶାନ୍ତନା ବର୍ଷ ବର୍ଷ ଧରି ଭାରତୀୟ ନାରୀର ଦୁଃଖକୁ ଜାବୁଡ଼ି ଧରିବାର ସାମର୍ଥ୍ୟ ଦେଇଛି । ହାୟ ! ମୁଁ କେବଳ ସେମାନଙ୍କୁ ଦୟା କରେ ।''

ପ୍ରାଚୀ କହେ—''ଚାର୍ଲି, ଆଉ ଯାହା କରନା କାହିଁକି, ତମେ ମତେ ଦୟା କର ନାହିଁ । ଦୟା କରି କେହି କାହାକୁ ଆପଣାର କରେ ନାହିଁ, ଦୟା କରି କେହି କାହାର ନିକଟତର ହୁଏ ନାହିଁ । ଦୟା କରି ମଣିଷ ଦାତା ହେଇପାରେ—ଗ୍ରହୀତା ହୁଏ ନାହିଁ । ଯିଏ କେବଳ ଦାତା ସେ ଅହଂକାରୀ, ହୃଦୟହୀନ । ଭଗବାନ ବି ଦାତା ଏବଂ ଗ୍ରହୀତା । ସେ କରୁଣାର ଭଣ୍ଡାର । କିନ୍ତୁ ଭକ୍ତି-ପ୍ରୀତି କାଙ୍ଗାଳ ।''

ଚାର୍ଲସ ହସେ, କହେ—'ସ୍ନେହ, ପ୍ରେମ, ହୃଦୟର ବୁଝାମଣା ଏସବୁ ଆମେରିକାନ୍ ପାଖରେ ଅର୍ଥହୀନ । ଆମେରିକାରେ ପରିବାର ନାହିଁ—ସଂସାର ନାହିଁ । ତ୍ୟାଗ, ଉତ୍ସର୍ଗ କିଛି ନାହିଁ । ପୂର୍ଣ୍ଣ ସ୍ୱାଧୀନତା ଏବଂ ପ୍ରାଚୁର୍ଯ୍ୟ ଭିତରେ ସମସ୍ତେ ନିସଙ୍ଗ ଆଉ ଦୁଃଖୀ । ଠିକ୍ ମୋରି ଭଳି । ଲକ୍ଷ୍ୟହୀନ ଭାବେ ସାଙ୍ଗ ବଦଳାଇ, ସ୍ଥାନ ବଦଳାଇ, ନୀତିନିୟମ ବଦଳାଇ ଚାଲୁଥାନ୍ତି—ଚାଲୁଥାନ୍ତି । ଜୀବନରେ ସବୁ କିଛି ବଦଳାଇବା ଅଭ୍ୟାସରେ ପଡ଼ିଯାଇ କାହାର କାହାର ସୌକ ହୋଇଯାଏ । କୌଣସି ନୀତି ନିୟମ, ଦର୍ଶନ, ମୂଲ୍ୟବୋଧକୁ ମନ ଆଉ ଗ୍ରହଣ କରେ ନାହିଁ । ଏମାନେ 'ହିପି' । ମୁଁ କିନ୍ତୁ ସୀମା ଅତିକ୍ରମ କରିନାହିଁ । ମୁଁ ଇଣ୍ଡିଆ ଆସିନି କେବଳ ବୁଲିବା ପାଇଁ—ଆସିଛି ଅନୁଶୀଳନ ପାଇଁ, ଆତ୍ମ ସମୀକ୍ଷଣ ପାଇଁ । ମୁଁ ଯାଯାବର—କିନ୍ତୁ 'ହିପି' ନୁହେଁ ।

Digitized by srujanika@gmail.com

ଚାର୍ଲସ ସମ୍ଭ୍ରାନ୍ତ ଘରର ପିଲା । ଦିନେ ତା'ର ସବୁ ଥିଲା । ଶୈଶବ ହିଁ ତା ଜୀବନର ସୁଖମୟ ଦିନ ଥିଲା । ତା'ପରେ ବାପା, ମା' ବିଚ୍ଛିନ୍ନ ହୋଇଗଲେ । ଚାର୍ଲସର ବାପା ଏଡ୍‌ୱାର୍ଡ୍ ନେଭ ଭାରତରେ କୋଡ଼ିଏ ବର୍ଷ ରହିଥିଲେ । ସେ ଟେକ୍‌ନିକାଲ ବିଦ୍ୟାଳୟ ଏବଂ ସୋୟାବିନ୍ ପ୍ରୋଟିନ୍ ପ୍ଲାଣ୍ଟ କରି ଭାରତର ବିଭିନ୍ନ ପ୍ରଦେଶର ବହୁ ଉନ୍ନତି କରିଛନ୍ତି ।

ଏଡ୍‌ୱାର୍ଡ୍ ନେଭ୍ ଅନେକ ବର୍ଷ ଓଡ଼ିଶାରେ ମଧ୍ୟ କଟାଇଥିଲେ । ଓଡ଼ିଶାର ଅନୁନ୍ନତ ଅଞ୍ଚଳରେ ସେ ବିଦ୍ୟାଳୟ ବସାଇ ଶିକ୍ଷାର ପ୍ରସାର ଦିଗରେ ଚେଷ୍ଟା କରିଥିଲେ । ସେତେବେଳେ ଚାର୍ଲସ ମଧ୍ୟ ବାପା, ମା'ଙ୍କ ସଙ୍ଗେ ଇଣ୍ଡିଆରେ ରହୁଥାଏ । ଖୁବ୍ ପିଲା ବୟସ । ବୟସ ଆଠ ନ' ଭିତରେ । ବାଇଶିବର୍ଷ ତଳର ଇଣ୍ଡିଆ ଏବେ ମଧ୍ୟ ଚାର୍ଲସର ସ୍ମୃତିପଟରେ ସେମିତି ରହିଛି । ଚାର୍ଲସ ସେତେବେଳେ କିଛି ଭାରତୀୟ ଭାଷା କହିପାରୁଥିଲା, ପଢ଼ିପାରୁଥିଲା । ଓଡ଼ିଶାରେ ସେ ରହିଥିଲା ଚାରିବର୍ଷ । ସେତିକିବେଳେ ବାପା, ମା'ଙ୍କର ବିବାହ ବିଚ୍ଛେଦ ହେଇଗଲା । ମା' ଚାହିଁଲେ ଆମେରିକା ଫେରିଯିବା ପାଇଁ । ବାପା ଚାହିଁଲେ ନାହିଁ । ବାପା କହିଲେ ଆମେରିକାରେ ତାଙ୍କ ପାଇଁ କାମ କିଛି ନାହିଁ । ଜୀବନର ବୋଝକୁ ଭୁଲିବା ପାଇଁ ବ୍ୟସ୍ତତା ଆବଶ୍ୟକ । ଇଣ୍ଡିଆ ତାଙ୍କୁ ଅବଶିଷ୍ଟ ଜୀବନ ପାଇଁ କାର୍ଯ୍ୟବ୍ୟସ୍ତ ରଖିପାରିବ । ଅନ୍ୟମାନଙ୍କ ଜୀବନର ବୋଝ ଉଠାଇବାପାଇଁ କାମ କରୁ କରୁ ନିଜ ଜୀବନର ବୋଝ ଭୁଲି ହେଇଯିବ । ଆମେରିକାନ୍‌ମାନଙ୍କର ଯେତେ ବିଳାସ, ଯେତେ ଆନନ୍ଦ ଉତ୍ସବ ଉଲ୍ଲାସ ସବୁ ତ ଜୀବନର ବୋଝକୁ ହିଁ ଭୁଲିଯିବା ପାଇଁ । ଅତ୍ୟଧିକ ପ୍ରାଚୁର୍ଯ୍ୟ ଏବଂ କିଛି ଅଭାବନାହିଁର ଭାବନା ହିଁ ତ ଆମେରିକାନର ବଡ଼ ବୋଝ ! ମା' କିନ୍ତୁ ଏସବୁ ପସନ୍ଦ କଲେ ନାହିଁ । ବିବାହ ବିଚ୍ଛେଦ କରାଇ ନେଇ ମା' ଫେରିଗଲେ ଚାର୍ଲସକୁ ସଙ୍ଗରେ ନେଇ । ଚାର୍ଲସ ସେତେବେଳେ ଓଡ଼ିଶାର ଗୋଟାଏ ଇଂରାଜୀ ମିଡ଼ିୟମ ସ୍କୁଲରେ ପଢୁଥାଏ । ଓଡ଼ିଆ ବହିସବୁ ମଧ୍ୟ ଅଳ୍ପ ଅଳ୍ପ ପଢ଼ିପାରୁଥାଏ । ଚାର୍ଲସ ବର୍ଷକର ହୋଇଥିଲା ଇଣ୍ଡିଆ ଆସିବାବେଳେ । ଫେରିଗଲା ନ'ବର୍ଷ ବୟସରେ । ସଙ୍ଗରେ ନେଇଗଲା ଇଣ୍ଡିଆର କିଛି ନିର୍ମଳ ମଧୁର ସ୍ମୃତି । ଆମେରିକାରେ ଥାଇ ସେ ଇଣ୍ଡିଆକୁ ସ୍ମରଣ ରଖିବା ପାଇଁ ଚେଷ୍ଟା କରୁଥାଏ । ବାପାଙ୍କୁ ବେଳେବେଳେ ଝୁରିହୁଏ । କୋଡ଼ିଏ ବର୍ଷ ପରେ ବାପା ଆମେରିକା ଫେରିଗଲେ । ଇଣ୍ଡିଆର ପ୍ରଗତି ନେଇ ବିଭିନ୍ନ ଯୋଜନାରେ ଆମେରିକାରେ ରହୁଥିବା ଭାରତୀୟମାନଙ୍କୁ ସଂପୃକ୍ତ କରାଇବା ପାଇଁ ଏବେ ସେ ଏକ ଅନୁଷ୍ଠାନ ଗଢ଼ିଛନ୍ତି । ଭାରତର ଉନ୍ନତିମୂଳକ କାମରେ ସହଯୋଗ କରିବା ପାଇଁ ସେ ଆମେରିକା ବାସିନ୍ଦା ଭାରତୀୟମାନଙ୍କୁ ପରାମର୍ଶ ଦେଇଛନ୍ତି । ଚାର୍ଲସ ବାପାଙ୍କୁ ଦେଖା କରିଥିଲା । ତାଙ୍କରି ପରାମର୍ଶ କ୍ରମେ ସେ ଇଣ୍ଡିଆ ଆସିଲା ଗବେଷଣା ପାଇଁ ।

ପିଲାଦିନେ ଚାର୍ଲସ ରହୁଥାଏ ମା' ପାଖରେ । ମା'ଙ୍କର ପୁନର୍ବିବାହ ହେଇଗଲା । ଚାର୍ଲସ୍ ସେଇଦିନଠାରୁ ଏକା । ଅବଶ୍ୟ ଚାର୍ଲସ ପାଇଁ ଅର୍ଥ ଏକ ସମସ୍ୟା ହେଲାନାହିଁ ।

Digitized by srujanika@gmail.com

କିଶୋର ବୟସରୁ ହିଁ ଚାର୍ଲସ ଦୁଇହାତରେ ଅର୍ଥ ଉପାର୍ଜନ କରିଛି । ସ୍କୁଲ ପରେ ବିଶ୍ୱବିଦ୍ୟାଳୟ ପାଠ ବି ଶେଷ କରିଦେଲା ନିଜ ଚେଷ୍ଟାରେ । ଆର୍କିଟେକ୍ଚରରେ ପୋଷ୍ଟଗ୍ରାଜୁଏଟ କଲାପରେ ଓପନ ଇଉନିଭରସିଟିରେ ଇତିହାସରେ ମାଷ୍ଟର ଡିଗ୍ରୀ କଲା । ଭାରତ ଆସିଲା ଭାରତର ପ୍ରାଚୀନ ସ୍ଥାପତ୍ୟ ଓ ଶିଳ୍ପକଳା ସମ୍ପର୍କରେ ଗବେଷଣା କରିବା ପାଇଁ । ଘୂରି ଘୂରି ପହଞ୍ଚିଲା ଚନ୍ଦ୍ରଭାଗା ତୀରରେ । କୋଣାର୍କର ନିର୍ମାଣ କୌଶଳ ଏବଂ ସ୍ଥାପତ୍ୟ ଶିଳ୍ପକଳା ଚାର୍ଲସର ଗବେଷଣାର ବିଷୟ । ପିଲାଦିନର ସେଇ ଆକର୍ଷଣ ଚାର୍ଲସକୁ ଯେମିତି ଟାଣିଆଣିଥିଲା ଓଡ଼ିଶା !

ଚାର୍ଲସ ଅନେକ କଥା ପଛରେ ଛାଡ଼ିଆସିଛି । ଆମେରିକାନ୍ ସଭ୍ୟତାରେ ସେ କୈଶୋରରେ ବାପା ମା'କୁ ଛାଡ଼ିଛି—ତାରୁଣ୍ୟରେ ବହୁକୁ ଛାଡ଼ିଛି—ଯୌବନରେ ବାରବାର ଗାର୍ଲଫ୍ରେଣ୍ଡ ଛାଡ଼ିଛି ଏବଂ ନାଗରିକ ଦାୟିତ୍ୱ ତୁଲାଇବା ବୟସରେ ଦେଶ ମଧ୍ୟ ଛାଡ଼ିଛି । ବର୍ତ୍ତମାନ ସେ ସଂପୂର୍ଣ୍ଣ ଏକା । ଏପରିକି ଗାର୍ଲଫ୍ରେଣ୍ଡଟିଏ ବର୍ତ୍ତମାନ ତାର ନାହିଁ । ଇଣ୍ଡିଆରେ ଗାର୍ଲଫ୍ରେଣ୍ଡ ଭାରି ଦୁଷ୍ପ୍ରାପ୍ୟ । ଏକ୍‌ବାର ଦୁର୍ଲଭ କହିଲେ ଚଳେ । ବମ୍ବେ, ଦିଲ୍ଲୀ, ମାଦ୍ରାସ ଏବଂ କଲିକତାରେ ଚେଷ୍ଟାକଲେ ଗାର୍ଲଫ୍ରେଣ୍ଡ ଅବଶ୍ୟ ମିଳନ୍ତି, ଦିନେ ଅଧେ ପାଇଁ । କିନ୍ତୁ ସେ ଆଉ ଗାର୍ଲଫ୍ରେଣ୍ଡ ହେବେ କେମିତି ? ଯେଉଁଠି କେବଳ ଶରୀରର ସମ୍ପର୍କ ସେଠି ଫ୍ରେଣ୍ଡସିପ୍ କାହିଁ ?

ମାତ୍ର ଓଡ଼ିଶାରେ ? ସେଇ ଦୃଷ୍ଟିରୁ ଓଡ଼ିଶା ଏକ୍‌ବାର ଡ୍ରାଇ —ଖୁବ୍ ପହୁଆ — ଯେମିତି ସବୁଥିରେ ଓଡ଼ିଶା ଦରିଦ୍ର । ପ୍ରଥମେ ପ୍ରଥମେ ଚାର୍ଲସ ଭାବୁଥିଲା ପିଲାଦିନର ଅସ୍ପଷ୍ଟ ଧାରଣାକୁ ନେଇ ଗୋଟାଏ ଭୁଲ୍ କରିପକାଇଛି, ଓଡ଼ିଶା ଭଳି ଏକ ଦରିଦ୍ର ଏବଂ ପହୁଆ ରାଜ୍ୟକୁ ଗବେଷଣା ପୀଠ ଭାବରେ ନିର୍ବାଚନ କରି । ଏଭଳି ଏକ ଦରିଦ୍ର ରାଜ୍ୟର ଐତିହ୍ୟ ଏବଂ ପରମ୍ପରା କ'ଣ ବା ହେଇପାରେ—ଯାହାକୁ ନେଇ ଚାର୍ଲସ ଗବେଷଣାରୁ ଆନନ୍ଦ ଖୋଜି ପାଇବ—ଆତ୍ମସନ୍ତୋଷ ଲାଭ କରିବ ? ଭୁବନେଶ୍ୱରଠାରୁ ହିଁ ଫେରିଯିବ ବୋଲି ଚାର୍ଲସ ସ୍ଥିର କରିଥିଲା । କିନ୍ତୁ ପୃଥିବୀ ପ୍ରସିଦ୍ଧ କୋଣାର୍କର କାରୁକାର୍ଯ୍ୟ ଏବଂ ଶ୍ରୀମନ୍ଦିରରେ ଜଗତର ନାଥ ଜଗନ୍ନାଥଙ୍କୁ ନଦେଖି ଫେରିଯିବା ଠିକ୍ ହେବ ନାହିଁ ବୋଲି ସେ ସ୍ଥିର କଲା ।

ପ୍ରଥମେ ଚାର୍ଲସ ଆସିଲା ପୁରୀ । ମାତ୍ର ତାର ଜଗନ୍ନାଥ ଦର୍ଶନ ହେଲା ନାହିଁ । ଶ୍ରୀମନ୍ଦିରକୁ ଚାର୍ଲସର ପ୍ରବେଶ ନିଷେଧ, କାରଣ ଚାର୍ଲସର ଦେହର ରଙ୍ଗ ଗୋରା । ସେ କୁଆଡ଼େ ମ୍ଲେଚ୍ଛ । ଚାର୍ଲସ ବିରକ୍ତ ହେଲା ନାହିଁ । ବିସ୍ମିତ ହେଲା । ଜଗନ୍ନାଥଙ୍କ ପାଖରେ ବି ବର୍ଣ୍ଣବିଦ୍ୱେଷ ଏତେ ତୀବ୍ର ! ଲର୍ଡ଼ ଜଗନ୍ନାଥ କ'ଣ ମୁହଁ ଖୋଲି ଏକଥା କହନ୍ତି ? ନିଶ୍ଚୟ ନୁହେଁ । ମୁଷ୍ଟିମେୟ ସୁବିଧାବାଦୀ ମଣିଷ କେତେଜଣ ନିଜର ସ୍ୱାର୍ଥସାଧନ ପାଇଁ ଈଶ୍ୱରକୁ ମୂକ ଏବଂ ଜଡ଼ କରି ମନ୍ଦିରରେ ବସାଇ ଦେଇଛନ୍ତି । କିନ୍ତୁ ଈଶ୍ୱରଙ୍କ ପାଖରେ ପହଞ୍ଚିବାର ରାସ୍ତା କେହି

Digitized by srujanika@gmail.com

କ'ଣ କେବେ ରୁଦ୍ଧ କରିଦେଇପାରେ ? ମନ୍ଦିର ବାହାରେ ରହି ଚାର୍ଲସ ଜଗନ୍ନାଥଙ୍କୁ ନିଜଭିତରେ ହିଁ ଖୋଜିବାର ଚେଷ୍ଟା କରିଥିଲା । ଚାର୍ଲସ ଶୁଣିଥିଲା ଜଗନ୍ନାଥ ଖୁବ୍ ଅଗ୍ନି । କିନ୍ତୁ ଜଗନ୍ନାଥ ଦର୍ଶନ ପରେ ବାଇଶି ପାହାଚ ଅବତରଣ କରି ବାହାରି ଆସୁଥିବା ଭକ୍ତଜନଙ୍କ ମୁହଁରେ, ଆଖିରେ, ଚାର୍ଲସ ଜଗନ୍ନାଥଙ୍କର ଯେଉଁ ପ୍ରତିଫଳନ ଦେଖିଲା ସେଥିରେ ତ ସେ ଏକବାର ମୁଗ୍ଧ ! ଯାହାଙ୍କର ଦର୍ଶନରେ ମଣିଷର ମୁଖଶୋଭା ଏଭଳି ଅବର୍ଣ୍ଣନୀୟ ହୋଇଉଠେ ସେ କେବେ ଅଗ୍ନି ହୋଇପାରନ୍ତି ! ଯିଏ ଜଗନ୍ନାଥଙ୍କୁ ଆଖିଦେଇ ଦେଖେ ଜଗନ୍ନାଥ ତାକୁ ଅଗ୍ନି ଦିଶୁଥିବେ । ଯିଏ ତାଙ୍କୁ ହୃଦୟ ଦେଇ ଦେଖେ ସେ ବୁଝେ ଜଗନ୍ନାଥ କେତେ ସୁନ୍ଦର ! ଚାର୍ଲସ ଆଖିବୁଜି, ହୃଦୟ ଦେଇ ଜଗନ୍ନାଥଙ୍କୁ ଦେଖିଥିଲା ଏବଂ ଫେରିଆସିଥିଲା ।

ତା'ପରେ ଚାର୍ଲସ ଟୁରିଷ୍ଟ ବସ୍‌ରେ ପିପିଲି, ନିମାପଡ଼ା ଏବଂ ଗୋପ ଦେଇ ପୁରୀଠାରୁ ଉତ୍ତର-ପୂର୍ବ ପ୍ରାୟ ପଞ୍ଚାଅଶି କିଲୋମିଟର ଦୂରରେ ଅବସ୍ଥିତ କୋଣାର୍କରେ ପହଞ୍ଚିଥିଲା । ବଙ୍ଗୋପସାଗରର ନିର୍ଜନ ବେଳାଭୂମିର ତିନି କିଲୋମିଟର ଦୂରରେ ଦଣ୍ଡାୟମାନ ପୃଥିବୀ ବିଖ୍ୟାତ କୋଣାର୍କ ମନ୍ଦିରର ଭଗ୍ନାବଶେଷ ଓ ମୁଖଶାଳା ଦେଖି ସେ ଚମତ୍କୃତ ହେଲା ନାହିଁ— ବିସ୍ମୟାଭିଭୂତ ହେଇପଡ଼ିଲା । ତାର ମନେହେଲା ମନ୍ଦିର ନିର୍ମାଣ ଓ ସ୍ଥାପତ୍ୟ ବିଦ୍ୟାର ଇତିହାସରେ କୋଣାର୍କ ମନ୍ଦିର ଅଦ୍ୱିତୀୟ । ଚାର୍ଲସ ଭାବୁଥିଲା ଯେଉଁ ମନ୍ଦିରର ଭଗ୍ନାବଶେଷରେ ଏବେ ମଧ୍ୟ ଏତେ କାରୁକାର୍ଯ୍ୟ, ପାଷାଣ ଗାତ୍ରରେ କଳାର ଏତେ କମନୀୟତା, ସେକାଳର ଉତ୍କଳୀୟ ଶିଳ୍ପର ଏତେ ଭାସ୍କର୍ଯ୍ୟ ନୈପୁଣ୍ୟ ନିହିତ ଅଛି ତାହା ପୂର୍ଣାବୟବରେ କେତେ ମନୋହର ଏବଂ ବିଚିତ୍ର ନଥିବ ! ଚାର୍ଲସ ପୃଥିବୀର ସବୁ ପ୍ରସିଦ୍ଧ ଐତିହାସିକ ପୀଠ ବୁଲିଛି । ତାର ଦୃଢ଼ ଧାରଣା ହେଲା କେବଳ କଳାର ମନୋହାରିତ୍ୱରେ କୋଣାର୍କ ଶ୍ରେଷ୍ଠ ନୁହେଁ, ଉଚ୍ଚତାରେ ମଧ୍ୟ କୋଣାର୍କ କେବଳ ଭାରତରେ ନୁହେଁ, ପୃଥିବୀରେ ମଧ୍ୟ ଅଦ୍ୱିତୀୟ ।

ଚାର୍ଲସ ବିସ୍ମୟରେ ଭାବୁଥିଲା ସେକାଳର ଓଡ଼ିଆ ଶିଳ୍ପୀ ସ୍ଥାପତ୍ୟ ବିଦ୍ୟାରେ ଏତେ ଉତ୍କର୍ଷ ସାଧନ କରିବା ପୂର୍ବରୁ କେଉଁ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ଶେଷ କରିଥିଲା କିମ୍ବା ଉଚ୍ଚତର ଗବେଷଣା କରିଥିଲା ? ସେକାଳର ଶିଳ୍ପ ଯଦି ଏତେ ଶିକ୍ଷା ଦୀକ୍ଷା ଲାଭ କରିଥିଲା—ସେ କାଳର ଶିଳ୍ପକଳା ଯଦି ଏତେ ଐଶ୍ୱର୍ଯ୍ୟମୟ, ତେବେ ସେକାଳର ଓଡ଼ିଶା କେବେ ଦରିଦ୍ର ବା ଅନୁନ୍ନତ ନଥିଲା । ଓଡ଼ିଶାର ଐତିହ୍ୟ ଏବଂ ପରମ୍ପରା ନିଶ୍ଚୟ ଗୌରବମୟ ହେଇଥିବ । ଚାର୍ଲସ ମନ ପରିବର୍ତ୍ତନ କଲା । କୋଣାର୍କ ଦେଖିବା ପରେ ପିଲାଦିନ ପରି ଚାର୍ଲସ ଆଉ ଥରେ ଓଡ଼ିଶାକୁ ଭଲପାଇ ବସିଲା ।

କୋଣାର୍କ ଗାତ୍ରରେ ଶୃଙ୍ଗାର ରସ ପରିପ୍ଲୁତ ଅଗଣିତ ପ୍ରତିମୂର୍ତ୍ତି, ସଜୀବ ତୁଲ୍ୟ ଖୋଦିତ ଲାସ୍ୟମୟୀ କୋଣାର୍କ କନ୍ୟା, ମନୋମୁଗ୍ଧକାରୀ ମୃଦଙ୍ଗବାଦିନୀ ନାରୀମାନେ ହିଁ

Digitized by srujanika@gmail.com

ଯେମିତି ଚାର୍ଲସକୁ ଅଦୃଶ୍ୟ ଶକ୍ତି ଦ୍ୱାରା ଆକର୍ଷଣ କରୁଥିଲେ । ଚାର୍ଲସ ଦିନେ ମଣିଷର ଆତ୍ମାକୁ ଅସ୍ୱୀକାର କରୁଥିଲା । ମାତ୍ର ଆଜି ସେ ବିଶ୍ୱାସ କରୁଥିଲା ନିର୍ଜୀବ ଶିଳାଖଣ୍ଡରେ ଖୋଦିତ ରୂପସୀ ନାରୀମାନଙ୍କର ବି ଆତ୍ମା ଅଛି । କାନ ଡେରିଲେ ହୁଏତ ସେଇ ଶିଳାଖଣ୍ଡମାନଙ୍କ ପ୍ରାଣସ୍ପର୍ଶୀ ସ୍ୱର ଶୁଣିହେବ । ସେ ଶିଳାର ସ୍ୱର ହୁଏତ କହିବ ସେ କାଳର ଦୁଃଖ, ସୁଖ, ଗୌରବର କାହାଣୀ । ହୁଏତ କୋଣାର୍କ ନାୟିକା ନିର୍ଜନ ରାତ୍ରୀରେ ଜୀବନ୍ୟାସ ପାଇ ଚାର୍ଲସ ସାମ୍ନାରେ ମୂର୍ତ୍ତିମନ୍ତ ହେବ । ସେ କହିବ ତା ଜୀବନର ସାଧନା, ତ୍ୟାଗ ଏବଂ ଯନ୍ତ୍ରଣାର କଥା ।

ଚାର୍ଲସ କୋଣାର୍କକୁ ରକ୍ତ ମାଂସର ସଜୀବ ଶରୀରରେ ଦେଖିବାକୁ ଚାହେଁ । କୋଣାର୍କର ଆତ୍ମକଥନ ଶୁଣିବାକୁ ଚାହେଁ । ଚାର୍ଲସ କୋଣାର୍କର ଆତ୍ମାକୁ ସ୍ପର୍ଶ କରିବାକୁ ଚାହେଁ । କୋଣାର୍କ ଯେମିତି ଚାର୍ଲସକୁ ପାଗଳ କରିଛି ।

ଚାର୍ଲସ କୋଣାର୍କର ପ୍ରତ୍ୟେକଟି ଶିଳାଖଣ୍ଡକୁ ଚାହିଁ ମୂର୍ତ୍ତିବତ୍ ନିଶ୍ଚଳ ହେଇ ଠିଆ ହୋଇଥିଲା ଟୁରିଷ୍ଟ ବସ୍ ଛାଡ଼ିଦେଲା । ଚାର୍ଲସ ରହିଗଲା କୋଣାର୍କରେ । କୋଣାର୍କ ନଟୀର ନୂପୁର ଛନ୍ଦ ଯେପରି ଚାର୍ଲସକୁ ସମ୍ମୋହିତ କରିଛି । ଚାର୍ଲସ ମୋହାବିଷ୍ଟ ।

ବର୍ଷା ଏବଂ ବାନ୍ଧବୀ, ଦୁଇଟିଯାକ ଚାର୍ଲସକୁ ଏକାଭଳି ରୋମାଞ୍ଚିତ କରେ । ବାନ୍ଧବୀ, ପାଖେ ପାଖେ ଥିଲେ ବର୍ଷା ବିନା ରୋମାଞ୍ଚର ଅଭାବ ନଥାଏ । ମାତ୍ର ବର୍ଷା ହେଲେ ବାନ୍ଧବୀ ନଥାଇ ଚାର୍ଲସର ଚଳେନା । ବର୍ଷାଢ଼ଙ୍କା ଆକାଶ ଭଳି ମନଟା ବିଷଣ୍ଣ ଆଉ ଉଦାସ ହେଇଯାଏ । ବେଶ୍ ଏକା ଏକା ମନେହୁଏ ନିଜକୁ । ଲିଲିଆନ୍ ଆସି ପହଞ୍ଚିଯାଇଥିଲେ ଚାର୍ଲସ ଏତେ ନିସଙ୍ଗବୋଧ କରନ୍ତା ନାହିଁ । ଉଇନିଭରସିଟି ଛୁଟି ହେଲେ ଖୁବ୍ ଶୀଘ୍ର ଲିଲିଆନ୍ ଅବଶ୍ୟ ଆସି ପହଞ୍ଚିବ ।

ଚାର୍ଲସର ଏକାକୀ ଜୀବନ ତେର ବର୍ଷ ବୟସରୁ ଆରମ୍ଭ । କିନ୍ତୁ ପ୍ରାୟ ସେଇ ବୟସରୁ ହିଁ ଚାର୍ଲସର ଗାର୍ଲଫ୍ରେଣ୍ଡର ଅଭାବ ନାହାନ୍ତି । ଚାର୍ଲସଠାରେ ଗୋଟାଏ ଅଦ୍ଭୁତ ଆକର୍ଷଣ ଶକ୍ତି ଅଛି । ଝିଅମାନେ ପ୍ରଥମ ଦେଖାରୁ ତା ପ୍ରତି ଆଗ୍ରହୀ ହୋଇପଡ଼ନ୍ତି । ନିଜ ଦେଶରେ ଥିବାବେଳେ ଗାର୍ଲଫ୍ରେଣ୍ଡ ଆପେ ଆପେ ମିଳିଯାନ୍ତି । ଚାର୍ଲସକୁ ଯୋଗାଡ଼ କରିବାକୁ ପଡ଼େ ନାହିଁ । ପୃଥିବୀ ସାରା ଯୋଉଠି ପହଞ୍ଚିଛି ସେଠି ଚାର୍ଲସର ଅନ୍ତତଃ ଏଇ ପ୍ରସଙ୍ଗରେ ଜୟ ହେଇଛି । ମାତ୍ର ଇଣ୍ଡିଆରେ ସବୁ କିଛି ଅଦ୍ଭୁତ । ଇଣ୍ଡିଆରେ ଯେତେ ସୁନ୍ଦରୀ ହେଲେ ମଧ୍ୟ ଆଜିକାଲି ଝିଅମାନଙ୍କ ପାଇଁ ବିବାହ ଗୋଟାଏ ପ୍ରୋବ୍ଲେମ୍ । ପାଠ ପଢ଼ି. ଚାକିରି କରି ଝିଅମାନେ ଅବିବାହିତ ହେଇ ରହିଛନ୍ତି । ବର ଖୋଜା ଚାଲିଛି । ବିବାହ ବଜାରରେ ଯେକୌଣସି ଅଡ଼ିନାରୀ ବରର ଦାମ୍ ମଧ୍ୟ ଚଢ଼ା । ଅଥଚ ଝିଅମାନେ ବିରକ୍ତିକର ସମୟ କାଟିବା ପାଇଁ ଅନ୍ତତଃ ବର ମିଳିବା ପର୍ଯ୍ୟନ୍ତ ବୟଫ୍ରେଣ୍ଡଟିଏ ଯୋଗାଡ଼ କରିନେବାର ଦୃଷ୍ଟାନ୍ତ ଖୁବ୍ କ୍ୱଚିତ୍ । ଯଦି କେହି କରେ—ଲୁଚା

Digitized by srujanika@gmail.com

ଛପାରେ । କଥାଟା ଜଣାପଡ଼ିଲେ ଖୁବ୍ ବଦନାମ୍ । ବର ମିଳିବା ମଧ୍ୟ ଆହୁରି ଦୁରୁହ ବ୍ୟାପାର ହୋଇପଡ଼େ । ତେଣୁ ଅଧିକାଂଶ ଝିଅ ଚାର୍ଲସକୁ ନିଷ୍ପ୍ରାଣ ମନେହୁଅନ୍ତି । ବସନ୍ତକାଳରେ ବି ଝିଅଗୁଡ଼ା ଏଠି ଶୀତ ରାତି ଭଳି ଶୀତଳ ଏବଂ ନିଦାଘ ଭଳି ଶୁଷ୍କ ହେବା ପାଇଁ ଖୁବ୍ ପ୍ରଚେଷ୍ଟା କରନ୍ତି । ସ୍କୁଲ, କଲେଜ, ଅଫିସ୍ ଏବଂ ରାସ୍ତାଘାଟରେ ଝିଅଗୁଡ଼ା ନିଜ ଚେହେରା ଏବଂ ବୟସ ସଙ୍ଗେ ଆଦୌ ଖାପ ନ ଖାଉଥିବା ଗାମ୍ଭୀର୍ଯ୍ୟକୁ ଜାବୁଡ଼ି ଧରି ଅସମ୍ଭବ ଖାପଛଡ଼ା ଲାଗନ୍ତି । ଚାର୍ଲସ ଭାବେ ଇଣ୍ଡିଆରେ ଜନ୍ମ ହେଲେ ଝିଅଗୁଡ଼ାଙ୍କର ଖୁବ୍ କଷ୍ଟ । ଇଣ୍ଡିଆରେ ସାମାଜିକ ରୀତି, ନିତି, ନିୟମ, ଶୃଙ୍ଖଳା, ଆମୋଦ ପ୍ରମୋଦ, ଏପରିକି ଖାଦ୍ୟ ବସ୍ତ୍ରର ମଧ୍ୟ ପୁଅ ଝିଅଙ୍କ ପାଇଁ ଭିନ୍ନ ବ୍ୟବସ୍ଥା—ଘୋର ବୈଷମ୍ୟ ।

ବର୍ଷାଋତୁ ଆରମ୍ଭ ହୋଇଯାଇଥାଏ । ଚାର୍ଲସ ଟୁରିଷ୍ଟ ବଙ୍ଗଳାରେ ରହୁଥାଏ । ଝରକା ଖୋଲିଦେଲେ ଇ ଦିଶେ, କୋଣାର୍କର କିଛି ଅଂଶ ନୀଳ ଆକାଶର ମସୃଣ କାନଭାସରେ ନିଖୁଣ ଚିତ୍ରପଟ ଭଳି ଝୁଲୁଛି । ଏପର୍ଯ୍ୟନ୍ତ କୋଣାର୍କର ପ୍ରତିଟି ଶିଳାଖଣ୍ଡକୁ ଚାର୍ଲସ ଦେଖିନାହିଁ—ଛୁଇଁନାହିଁ । ଶୁଣିଛି ଏକା ଏକା କୋଣାର୍କର ଶିଳ୍ପ ନୈପୁଣ୍ୟର ରସ ଗ୍ରହଣ କରିବାରେ ପୂର୍ଣତା ମିଳେ ନାହିଁ । କୋଣାର୍କକୁ ବୁଝିବା ପାଇଁ ସଙ୍ଗୀଟିଏ ଦରକାର । ଚାର୍ଲସ ମନେ ମନେ ସଙ୍ଗୀ ଖୋଜୁଥାଏ ।

କୋଣାର୍କର ସବୁ ସମୟରେ ବିଦେଶୀ ଟୁରିଷ୍ଟ ଆଖିରେ ପଡ଼ନ୍ତି । ବର୍ଷା ଋତୁରେ ସଂଖ୍ୟା ଅପେକ୍ଷାକୃତ କମ୍ । ଚାର୍ଲସର ଦୁର୍ଭାଗ୍ୟ ଯେ ସେ ବର୍ଷାଋତୁରେ ହିଁ କୋଣାର୍କରେ ପାଦ ଦେଇଛି । ବର୍ଷା ସଙ୍ଗେ ବନ୍ଧୁବୀର ଅଭାବ ଚାର୍ଲସର ନିଃସଙ୍ଗ ଜୀବନକୁ ଗମ୍ଭୀର କରିଦେଉଛି ।

ଅଳ୍ପ ଅଳ୍ପ ବର୍ଷା ପଡୁଥାଏ । ଏଠିକାର ଝିଅମାନଙ୍କ ଭଳି ପ୍ରାଣଖୋଲି ବର୍ଷିଯିବା ପାଇଁ ଆକାଶର ବି ଆଜି ଘୋର କୁଣ୍ଠା । ଅଥଚ ଆକାଶ ସାରା ମେଘ ଉର୍ତ୍ତି । ନୀଳ ଆକାଶର ରଙ୍ଗ ଈଷତ୍ ଧୂସର ପାଲଟି ଯାଇଥାଏ । ଧୂସର ଆକାଶର ପ୍ରଚ୍ଛଦପଟରେ କୋଣାର୍କର ସିଲହୋଟ୍ ଭାରି ଗମ୍ଭୀର ମନେହେଇଥାଏ । ଚାର୍ଲସକୁ କୋଣାର୍କର ଗାମ୍ଭୀର୍ଯ୍ୟ ବେଶ୍ ଭଲ ଲାଗୁଥାଏ । କୋଣାର୍କ ଯେମିତି ଚାର୍ଲସକୁ ନିଃଶବ୍ଦ ଇଙ୍ଗିତରେ ଆହ୍ୱାନ କରୁଛି !

ସେଇ ଝିପି ଝିପି ବର୍ଷାରେ ଚାର୍ଲସ ବାହାରିପଡ଼ିଲା । ଯାଯାବର ଜୀବନରେ ଖରା ବର୍ଷାକୁ ସେ କେବେ ଖାତିର କରିନି । ବର୍ଷାରେ ନଭିଜିବା ପାଇଁ—ଖରାରେ ନ ଶିଝିବା ପାଇଁ କେହି କେବେ ସ୍ନେହମିଶା ଆକଟ କରି ବାରଣ କରିଥିବା କଥା ଚାର୍ଲସର ଆଦୌ ମନେପଡ଼େ ନାହିଁ । ପିଲାଦିନେ, ଡାର-ମା' ଯେତେବେଳେ ଦ୍ୱିତୀୟ ସ୍ୱାମୀଙ୍କ ସହ ନୂତନ ଘର ସଜାଡ଼ିବାରେ ବ୍ୟସ୍ତ ଥା'ନ୍ତି, ଚାର୍ଲସର ମନେ ଅଛି, ସେ ଜାଣିଜାଣି ଭୟଙ୍କର ବର୍ଷାରେ ଭିଜେ—ଖୁବ୍ ଶୀତ ହେଲେ ମଧ୍ୟ ସେ ଓଦା ହେଇ ବୁଲୁଥାଏ । ଡା'ର ଜାଣିବାକୁ ଇଚ୍ଛା, କେହି ତାକୁ ବର୍ଷାରେ

Digitized by srujanika@gmail.com

ଭିଜିବାରୁ ନିବୃତ କରୁଛି କି ନାଁ । ଅର୍ଥାତ୍ ତା'ର ଭଲ ମନ୍ଦ ପାଇଁ କେହି ଚିନ୍ତା କରିବାକୁ ଅଛି କି ନାଁ । କିଶୋର ପ୍ରାଣର ସେଇ ବ୍ୟଥାତୁର ଅଭିମାନ ଯୋଗୁଁ ଏ ବୟସରେ ମଧ୍ୟ ବର୍ଷାରେ ଭିଜିବା ଭଳି ଗୋଟାଏ ବଦଭ୍ୟାସ ଚାର୍ଲସର ରହିଯାଇଛି ।

ଚାର୍ଲସ ବେପରୱା ଢଙ୍ଗରେ କୋଣାର୍କର ଚତୁଃପାର୍ଶ୍ୱରେ ବେଢ଼ିଥିବା ପଥର ବନ୍ଧ ଉପରେ ପାଦ ଗଣି ଗଣି ଲକ୍ଷ୍ୟହୀନ ଭାବରେ ବର୍ଷାରେ ଭିଜୁଥାଏ । ଏଇଟା ତା'ର ଦେଶ ନୁହେଁ । ସେ ଏଠାରେ ବିଦେଶୀ । ସେ ବର୍ଷାରେ ଭିଜିଲେ ଏଠାରେ ତାକୁ ବାରଣ କରିବାକୁ କେହି ନାହିଁ ବୋଲି ଜାଣି ମଧ୍ୟ ସେଇ କିଶୋର ସୁଲଭ ବ୍ୟାଥାତୁର ଜିଦ୍‌ରେ ସେ ଭିଜୁଥାଏ ଜାଣି ଜାଣି ।

ଏମିତି ସମୟରେ କୋଣାର୍କ, ବିରହୀ ହୃଦୟ ଭଳି ନିର୍ଜନ ଏବଂ ନିଃସଙ୍ଗ । ପଶ୍ଚିମ ପାଖ କଣମୁଣ୍ଡରେ ପହଞ୍ଚି ଚାର୍ଲସ ପୁଣି ପାଦ ଫେରାଉଥାଏ, ପଛରୁ ଶୁଭିଲା ଗୋଟାଏ ସ୍ନେହଭିଜା ଆକଟର ସ୍ୱର—ଆରେ ପୁଅ—ଏଡ଼େ ପିଲାଟା ହେଲୁଣି, ବର୍ଷାରେ ଭିଜୁଛୁ ଜାଣି ଜାଣି ? ଗଛ ତଳକୁ ଆ—ଜର ଶର୍ଦ୍ଦି ହେଲେ ଏଠି ତୋର ମା' ନାହିଁ ଯେ ସେବା କରିବ—

ସମ୍ମୋହିତ ହେଲାଭଳି ଚାର୍ଲସ ପାଦ ଫେରାଇଲା । ସବୁଗୁଡ଼ିକ କଥା ସେ ବୁଝି ନପାରିଲେ ମଧ୍ୟ ''ଆରେ ପୁଅ !'' ଏବଂ ''ମା'' ଶବ୍ଦର ଅର୍ଥ ଚାର୍ଲସ ବୁଝିନେଲା । ଯେକୌଣସି ସ୍ଥାନକୁ ଯିବା ପୂର୍ବରୁ ଚାର୍ଲସ ସେ ସ୍ଥାନର ଭାଷା ଓ ସଂସ୍କୃତି ସମ୍ବନ୍ଧରେ ଅନେକ ପଢ଼ାପଢ଼ି କରିଥାଏ । ଓଡ଼ିଶାକୁ ନିଜର ଗବେଷଣାର ପଟ୍ଟଭୂମି ଭାବେ ନିର୍ବାଚନ କରିବା ପରେ ସେ କଥିତ ଓଡ଼ିଆ ଭାଷା ଶିଖିବାର ଚେଷ୍ଟା କରିଛି । ଚାର୍ଲସ ତ ହିନ୍ଦି ଖୁବ୍ ଭଲ କହିପାରେ ଏବଂ ବୁଝିପାରେ । ସଂସ୍କୃତ ସାହିତ୍ୟରେ ମଧ୍ୟ ଚାର୍ଲସର କିଛିଟା ପ୍ରବେଶ ଅଛି । ଇଣ୍ଡିଆ ଆସିବା ଆଗରୁ ବାପାଙ୍କଠାରୁ କ୍ରମାଗତ କିଛିଦିନ ସେ କୋଚିଂ ନେଇଛି ଏସବୁ ବିଷୟରେ ।

ଚାର୍ଲସ ଏତିକି ବୁଝିପାରିଲା ଯେ କେହି ତାକୁ ପୁଅ ବୋଲି ସମ୍ବୋଧନ କରୁଛି । ଚାର୍ଲସର ହୃଦୟ ଭିତରେ ଗୋଟାଏ ମଧୁର ପ୍ରବାହ ଖେଳିଗଲା । ଇଣ୍ଡିଆରେ ସେ ପୁଣି କାହାର ପୁଅ ହୋଇପାରେ ।

ଚାର୍ଲସ ଫେରିଚାହିଁଲା । ପଶ୍ଚିମପଟର ବେଢ଼ା ଉପରେ ବର୍ଷାରେ ଭିଜୁଥିବା ୫ଟା ବରଗଛ ମୂଳେ ବୁଢ଼ୀଟିଏ ବସିଛି । ଚାର୍ଲସ ନିରେଖି ଦେଲା । ଲୋଳିତ ଚର୍ମର ଢାଙ୍କୁଣି ଭିତରେ ଶୀର୍ଣ୍ଣକାୟ ବୁଢ଼ୀଟି ଆଲୋଡ଼ା ଇତିହାସର ଜୀର୍ଣ୍ଣ ପୃଷ୍ଠାଭଳି କରୁଣ ଆଉ ଦୟନୀୟ ଦିଶୁଛି । କୋଣାର୍କ ଭଳି ବୁଢ଼ୀଟି ମଧ୍ୟ ପ୍ରାଚୀନ ମନେ ହେଉଥାଏ । ଏଇ ବୁଢ଼ୀଟି ଚାର୍ଲସର ପୁଣି ମା' ହେଇପାରେ !

ବୁଢ଼ୀଟି ଇଙ୍ଗିତରେ ଚାର୍ଲସକୁ ଡାକିଲା । ଚାର୍ଲସ ଭଦ୍ରତା ଖାତିରରେ ବୁଢ଼ୀର ନିର୍ଦ୍ଦେଶପାଳି ଗଛତଳେ ଠିଆହେଲା । କହିଥିବା କଥାକୁ ବୁଢ଼ୀ ଚାର୍ଲସକୁ ଇଙ୍ଗିତରେ

Digitized by srujanika@gmail.com

ବୁଝାଇଦେଲା । ଚାର୍ଲସ ଭାବୁଥିଲା ଇଣ୍ଡିଆ ଭିତରେ ଏକ ଦରିଦ୍ର ରାଜ୍ୟ ଓଡ଼ିଶାର ଏଇ ଦରିଦ୍ରତମ ବୁଢ଼ାଟି ଚାର୍ଲସର ଜର ଶର୍ଦ୍ଦି, ଭଲ ମନ୍ଦପାଇଁ କାହିଁକି ବା ମୁଣ୍ଡ ଖେଳାଏ ? ସତେ ଯେମିତି ନିଜ ଦେଶରେ ବର୍ଷାରେ ଭିଜି ଅସୁସ୍ଥ ହେଲେ ତା'ର ସେବା କରିବାପାଇଁ ମା' ଜଗି ବସିଥାନ୍ତି ! ମା' କେବେ ତା'ର ସେବା କରିବା କଥା ଚାର୍ଲସର ବିସ୍ମରଣ ହେଇଗଲାଣି ଏ ଭିତରେ । ଇଣ୍ଡିଆରେ ଏଡ଼େ ବଡ଼ବଡ଼ ପୁଅମାନଙ୍କର ବ୍ୟକ୍ତିଗତ ଭଲମନ୍ଦରେ ହୁଏତ ମା'ମାନେ ଏମିତି ଅନୁଚିତ ଭାବେ ମୁଣ୍ଡ ଖେଳାନ୍ତି । ତେବେ ବୁଢ଼ାଟି ଚାର୍ଲସକୁ ପ୍ରଥମ ଦେଖାରେ ହିଁ ଭଲ ଲାଗିଲା । ଚାର୍ଲସ ବୁଢ଼ାର ଖୁବ୍ ନିକଟରେ ଗଛ ତଳେ ଠିଆହେଲା ।

ଗଛ ଉପରେ ବର୍ଷା ନାଚୁଥାଏ, ଅଥଚ ଗଛତଳେ ବିନ୍ଦୁଏ ବି ବର୍ଷାଜଳ ନାହିଁ । ବୁଢ଼ା ବରଗଛଟା ନିଜେ ବର୍ଷାମାଡ଼ ଖାଇ ନିଜର ଆଶ୍ରିତ ପଥଚାରୀକୁ ଝଡ଼ବର୍ଷାରୁ ରକ୍ଷା କଲାଭଳି ଏଇ ପ୍ରାଚୀନ ବୁଢ଼ାଟି ନିଜର ଦୁଃଖ ଦୈନ୍ୟରେ ଭାଙ୍ଗି ଗୁଜି ଯାଉଥିଲେ ବି ଅନ୍ୟ ପାଇଁ କରୁଣାର ମାତୃମୂର୍ତ୍ତିଟିଏ ଭଳି ପ୍ରତୀୟମାନ ହେଉଛି । ବରଗଛ ଭଳି ବୁଢ଼ାଟି ଭାରି ସ୍ନେହମୟୀ ମନେହେଉଛି । ବୁଢ଼ୀ ଇଙ୍ଗିତରେ ଚାର୍ଲସକୁ ବସିବାକୁ କହିଲା । ଚାର୍ଲସ ବୁଢ଼ୀଠାରୁ ଅଳ୍ପ ଛାଡ଼ି ବସିପଡ଼ିଲା ।

ବୁଢ଼ୀ ପାଖରେ ପସରାଟିଏ । ପସରାରେ ଖଡ଼ିପଥରର ଅପୂର୍ବ ମୂର୍ତ୍ତିମାନ । ପ୍ରତ୍ୟେକଟି ମୂର୍ତ୍ତି ସୁନ୍ଦର ଏବଂ ବିଚିତ୍ର । ବୁଢ଼ୀର ଜୀବିକା ସମ୍ବନ୍ଧରେ ଚାର୍ଲସ ଗୋଟାଏ ଧାରଣା କରିନେଲା । ଏ ବୟସରେ ବୁଢ଼ୀ କେମିତି ଯେ ଏଇ କଣ୍ଢେଇ ପସରା ବୋହି ବୁଲୁଥାଏ ସେକଥା ଭାବି ଚାର୍ଲସ ଆଶ୍ଚର୍ଯ୍ୟ ହେଲା ।

ଚାର୍ଲସର ଦେହରୁ ମୁଣ୍ଡରୁ ବର୍ଷାପାଣି ନିଗିଡ଼ି ପଡୁଥାଏ । ଚାର୍ଲସର ସେଥିକି ଖାତିର୍ ନାହିଁ । ବୁଢ଼ାଟି ଅକୁଣ୍ଠିତ ଭାବେ ନିତିଦିନିଆ କଥା ଭଳି ନିଜର ମଇଳା ଜୀର୍ଣ୍ଣ ପଣତଟି ଥରୁ ଥରୁ ହାତରେ ଚାର୍ଲସ ଆଡ଼କୁ ବଢ଼ାଇଦେଲା । ସରଳ ଭାବରେ କହିଲା—ପାଣିଗୁଡ଼ା ପୋଛିପକା ପୁଅ—ଶର୍ଦ୍ଦି ଧରି ପକାଇବ ।

ଚାର୍ଲସ ବିସ୍ମିତ ହୋଇ ବୁଢ଼ାକୁ ଚାହିଁଥାଏ । ଇଚ୍ଛା ହେଉଥାଏ ବୁଢ଼ୀର ପଣତରେ ବର୍ଷାଜଳ ପୋଛିଦେବା ପାଇଁ । ମାତ୍ର ବୁଢ଼ୀର ମଇଳା ଜୀର୍ଣ୍ଣ ପଣତଟି ଆଡ଼କୁ ହାତ ବଢ଼ାଇ ପାରୁନଥାଏ । କଥାଟା ବୁଢ଼ୀ ବୁଝିନେଲା । ପଣତ ଫେରାଇ ଆଣୁ ଆଣୁ କହିଲା—''ରହରେ ପୁଅ, ସଫାଲୁଗା ଦଉଛି ।'' ବୁଢ଼ୀ ପସରା ଖୋଲି ଚାରିଚଉତ ହୋଇ ଭଙ୍ଗା ହୋଇଥିବା ସଫା ଗାମୁଛା ଖଣ୍ଡେ ବାହାର କରି ଚାର୍ଲସକୁ ବଢ଼ାଇଦେଲା । କଣ୍ଢେଇଗୁଡ଼ିକ ଗ୍ରାହକମାନଙ୍କ ହାତକୁ ବଢ଼ାଇଦେବା ଆଗରୁ ବୁଢ଼ା ଅତି ଯତ୍ନରେ ସଫାକନାରେ ପୋଛି ସେଗୁଡ଼ିକ ଚିକ୍‌କଣ କରିଦିଏ । ସେଥିପାଇଁ ବୁଢ଼ୀର ପସରାରେ ସବୁବେଳେ ଦୁଇ ଚାରିଖଣ୍ଡ ସଫାକନା ଥାଏ । ଚାର୍ଲସ

Digitized by srujanika@gmail.com

ଧନ୍ୟବାଦ ଜଣାଇ ବୁଢ଼ୀଠାରୁ ସପାକନାଟି ନେଇ କୁଣ୍ଠିତ ଭାବରେ ମୁହଁ ଏବଂ ମୁଣ୍ଡର ପାଣିରେ ହାଲ୍‌କା ଭାବରେ ଚାପି ଚାପି ବୁଲାଇ ଆଣିଲା ।

ତେବେ ବି ଚାର୍ଲସ ଓଦାକେଶରୁ ବର୍ଷାଜଳ ନିଗିଡ଼ି ଆସୁଥାଏ । ବୁଢ଼ୀ ଚାର୍ଲସ ହାତରୁ କନାଟା ଟାଣିନେଇ କହିଲା—''ଏଣିକି ଆ ପୁଅ—ସେମିତି ପୋଛିଲେ ହେବନି ।'' ବୁଢ଼ୀ ହାତବଢ଼ାଇ ଚାର୍ଲସର ମଥାଟିକୁ ଯତ୍ନରେ ନୁଆଁଇ ଧରିଲା । ଧୀରେ ଧୀରେ ଚାର୍ଲସର କେଶରେ ଅଙ୍ଗୁଳି ସଞ୍ଚାଳନ କରି ଶୁଖିଲା କରି ପାଣିତକ ପୋଛି ନେଉଥାଏ, ଠିକ୍ ଯେମିତି କଷ୍ଟେଇଗୁଡ଼ିକ ଗ୍ରାହକମାନଙ୍କ ହାତକୁ ବଢ଼ାଇଦେବା ଆଗରୁ ଅତି ଯତ୍ନରେ ଅତି ସାବଧାନତା ସହକାରେ ଧୂଳିତକ ବୁଢ଼ୀ ପୋଛିନିଏ । ଚାର୍ଲସକୁ କଥାଟା ପ୍ରଥମେ ଅଡୁଆ ଲାଗୁଥିଲେ ବି ବେଶ୍ ଆରାମ ଲାଗୁଥାଏ । ଚାର୍ଲସର ଆଖି ବୁଜି ବୁଜି ହେଇ ଆସୁଥାଏ ଗୋଟାଏ ବିସ୍ମୃତ ମଧୁର ସ୍ୱର୍ଶରେ । ଚାର୍ଲସର ଆଖିର ଅନାୟାସରେ ଦୁଇଧାର ଅଶ୍ରୁଜଳ ଝରିଆସୁଥାଏ ଗୋଟାଏ ପବିତ୍ର ସ୍ୱର୍ଗୀୟ ଅନୁଭୂତିର ଆବେଗରେ । ବୁଢ଼ୀର ମୂର୍ତ୍ତିଟା ଚାର୍ଲସକୁ ମଦର ମେରିଙ୍କ ଭଳି କମନୀୟ ଦିଶୁଥାଏ । ଚାର୍ଲସ ଭାବୁଥାଏ ଆମେରିକାନ୍ ସଭ୍ୟତାରେ ହଜାଇଦେଇଥିବା ତାର ମା'କୁ ସେ ଯେମିତି ଇଣ୍ଡିଆରେ ଫେରି ପାଇଛି ।

ଚାର୍ଲସ ବୁଢ଼ୀକୁ ଆଉଥରେ ଧନ୍ୟବାଦ ଜଣାଇ ଆସ୍ତେ କହିଲା—''ମୁଁ ଚାର୍ଲସ୍ । ଆପଣ ମତେ ଚାର୍ଲି ଡାକିପାରନ୍ତି । ମୋର ଆପଣାର ଲୋକମାନେ ମତେ ସେଇ ନାମରେ ଡାକନ୍ତି ।''

ଚାର୍ଲସର ପରିଷ୍କାର ହିନ୍ଦୀ ଏବଂ କେତେଟା ଭଙ୍ଗାଭଙ୍ଗା ଓଡ଼ିଆ ଶବ୍ଦ ମିଶା କଥା ବୁଢ଼ୀ ବୁଝିପାରୁଥାଏ । ବିଦେଶୀ ଟୁରିଷ୍ଟମାନଙ୍କର କଥା ବୁଝିବାରେ ବୁଢ଼ୀର କିଛି ଅସୁବିଧା ହୁଏନି । ବିଦେଶୀ ଟୁରିଷ୍ଟମାନଙ୍କ ସହ ବହୁବର୍ଷର କାରବାର ଯୋଗୁଁ ବୁଢ଼ୀ କେତେଟା ହିନ୍ଦି, ବଙ୍ଗଳା ଶବ୍ଦ ବୁଝିପାରେ । ବୁଢ଼ୀ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଚାର୍ଲସକୁ ଚାହିଁ କହିଲା—''କେତେ ନାଁ ମନେରଖିବିରେ ପୁଅ—ପ୍ରତିଦିନ କେତେ ପୁଅ ଆସନ୍ତି—ଫେରିଯାନ୍ତି । ସବୁ ନାଁ ଗୁଡ଼ା ବି ପାଟିରେ ପଶେ ନାହିଁ । ସମସ୍ତଙ୍କୁ ମୁଁ ପୁଅ ଡାକେ । ମା' ପାଖରେ ପୁଅର ଗୋଟାଏ ନାଁର ଦରକାର କ'ଣ ? ମୁଁ ପୁଅ ବୋଲି ଡାକିଲେ ତୁ କ'ଣ ମା' ବୋଲି ଜବାବ ଦବୁନି ।''

ବୁଢ଼ୀ ଚାର୍ଲସକୁ ଚାହିଁ ବିଲୋଳ ହସ ହସିଲା । ବୁଢ଼ୀର ନିଷ୍ପ୍ରଭ ଆଖିରୁ ଥପ ଥପ ବାତ୍ସଲ୍ୟର ମଧୁ ଝରି ପଡୁଥାଏ ।

ଚାର୍ଲସ ଅନୁଚ୍ଚ କଣ୍ଠରେ କହିଲା—''କେଉଁ ଜନ୍ମରେ ମୁଁ ନିଶ୍ଚୟ ଇଣ୍ଡିଆରେ ଆପଣଙ୍କ ପୁଅ ହୋଇ ଜନ୍ମ ହେଇଥିଲି ।''

ବୁଢ଼ୀ ହସି ହସି କହିଲା—''ଆରେ ପାଗଳା, ଏ ଜନ୍ମରେ କ'ଣ ତୁ ମୋର ପୁଅ ନୋହୁଁ ? ତା' ନହେଲେ ସାହେବ ପିଲାଟା ମୋ କଥା ମାନି ଏଠି ଆସି ବସିଥାନ୍ତୁ କାହିଁକି ?''

Digitized by srujanika@gmail.com

'ପାଗଳା' ଶବ୍ଦର ଅର୍ଥ ନ ବୁଝି ଚାର୍ଲସ ପ୍ରଥମେ ଭାବିଲା ବୁଢ଼ୀ ତା' ପ୍ରତି ଗୋଟାଏ ଅସମ୍ମାନଜନକ ଶବ୍ଦ ପ୍ରୟୋଗ କରିଛି । ମାତ୍ର ବୁଢ଼ୀର ମୁହଁର ମିଠା ମିଠା ଭାବକୁ ପଢ଼ିନେଇ ସେ ପରକ୍ଷଣରେ ବୁଝିପାରିଲା ଏଇଟା ମଧ୍ୟ ଏ ଦେଶର ଅତି ସ୍ନେହର ଏକ ସମ୍ବୋଧନ । ଜଣକର ବ୍ୟକ୍ତିତ୍ୱକୁ ବିକୃତ କରୁଥିବା ଏଭଳି ଶବ୍ଦ ମଧ୍ୟ ମା' ପାଟିରୁ ବାହାରି ଆସିଲେ ଅମୃତ ଭଳି ମିଠା ହେଇଯାଏ ବୋଲି ଚାର୍ଲସ ଏଇ ପ୍ରଥମ ଥର ଅନୁଭବ କରୁଥିଲା । ନିଜ ଦେଶ ହୋଇଥିଲେ ଏଭଳି ଭାଷା ପ୍ରୟୋଗ ପାଇଁ ସେ ହୁଏତ ଗୋଟାଏ ସମ୍ମାନହାନୀ କେଶ୍ ଦାଏର କରିଥାନ୍ତା ।

ଜୀର୍ଣ୍ଣ ବୁଢ଼ୀଟିର ଅପୂର୍ବ ସ୍ନେହମୟୀ ମାତୃମୂର୍ତ୍ତିକୁ ଚାହିଁ ଚାର୍ଲସ ମନେ ମନେ ଉଚ୍ଚାରଣ କଲା—''ଇଣ୍ଡିଆ ଇଜ୍ ଗ୍ରେଟ୍—ଇଣ୍ଡିଆ ଇଜ୍ ଗ୍ରେଟ୍ ।''

ବୁଢ଼ୀର ନାମ କୁଶଭଦ୍ରା । ରହେ କୋଣାର୍କଠାରୁ ପ୍ରାୟ ତିନି ଚାରି ମାଇଲ ଦୂର ଖେରଙ୍ଗ ଗ୍ରାମରେ । ବୁଢ଼ୀର ପରିଚୟ ଅଜ୍ଞାତ । କୁସୀ ମାଉସୀ ନାମରେ ବୁଢ଼ୀ ଚନ୍ଦ୍ରଭାଗା ଏବଂ କୋଣାର୍କ ଅଞ୍ଚଳରେ ସୁପରିଚିତା । ବୁଢ଼ୀର ବୟସ ଅମାପ, ଅର୍ଥାତ୍ ବୁଢ଼ୀର ଜନ୍ମ ତାରିଖ ଜଣାନାହିଁ । ବୁଢ଼ୀ ନିଜେ ମଧ୍ୟ ନିଜର ବୟସ ଜାଣେନାହିଁ । ବୁଢ଼ୀ କହେ—''କୋଣାର୍କର ବୟସ ଆଉ ମୋ ବୟସ ସମାନ ହେଇଥିବ । କୋଣାର୍କକୁ ପଚାରିଲେ ସେ ଅବା ମୋ ଜନ୍ମର କଥା କହିପାରିବ ।''

ଲୋକେ କହନ୍ତି କୁସୀ ମାଉସୀ ବୋଧହୁଏ ବୁଢ଼ୀ ହୋଇ ଜନ୍ମ ହେଇଥିଲା । କାରଣ ବୁଢ଼ୀର ଯୌବନ କାଳ ପ୍ରତ୍ୟକ୍ଷଦର୍ଶୀ କେହି ଜଣେହେଲେ ମଣିଷ ଏ ଅଞ୍ଚଳରେ ନାହାନ୍ତି । ଯୁଗ ଯୁଗ ଧରି ଭଗ୍ନ କୋଣାର୍କ ଭଳି ବୁଢ଼ୀର ଏମିତି ଜରାଜୀର୍ଣ୍ଣ ରୂପ—ଅଥଚ ବୁଢ଼ୀଟି ଦିନେ କେବେ ଥକିଯାଏ ନାହିଁ—ବେମାର ହୁଏ ନାହିଁ । ପସରା ନେଇ ସେଇ ଗଛ ମୂଳେ ବସିଥାଏ । ପସରା ଖାଲି ହେଲେ ପୁଣି ଗାଁକୁ ଯାଏ । ପସରା ଭରି ପୁଣି ଫେରି ଆସେ ।

ବୁଢ଼ୀକୁ ତାର ସ୍ୱାମୀ କଥା ପଚାରିଲେ ବୁଢ଼ୀ ପାକୁଆ ପାଟିରେ ହସର ଭଉଁରୀ ସୃଷ୍ଟି କରି କହେ—''ମୋ ସ୍ୱାମୀ ତ ଜଗତର ସ୍ୱାମୀ । ସେ ସମସ୍ତଙ୍କର ପ୍ରଭୁ । ତାଙ୍କୁ ନ ଜାଣେ କିଏ ? ସେ ତ ଜଗତର ନାଥ—ଜଗନ୍ନାଥ । ନ ଦେଖିଛ ଯଦି ଯାଅ—ନେତ୍ର ପୂରେଇ ଦେଖି ଆସ ଜଗନ୍ନାଥ ସ୍ୱାମୀଙ୍କୁ । ବସିଛନ୍ତି ଶ୍ରୀମନ୍ଦିରରେ । ରଙ୍ଗ ଅଧରରେ ଟହ ଟହ ହସୁଛନ୍ତି । ନୟନ, ଜୀବନ ଧନ୍ୟ କର—''

ବାପ ମା'ଙ୍କ କଥା ପଚାରିଲେ ବୁଢ଼ୀ କହେ—''ମୋ ବାପା ତ ସମସ୍ତଙ୍କ ମୁଣ୍ଡ ଉପରେ ଥା'ନ୍ତି । ସେ ସୂର୍ଯ୍ୟ ଦେବତା । ସେ ନଥିଲେ ମୁଁ ନଥା'ନ୍ତି । ପୃଥ୍ୱୀ ନଥାନ୍ତା । ଆଉ ମୋର ମା' ବସୁଧା—ଯିଏ ମତେ କୋଳରେ ଧରିଛି । ବସୁଧା ମତେ ବଞ୍ଚାଇ ରଖିଛି । ମୂର୍ତ୍ତି

Digitized by srujanika@gmail.com

ଗଢ଼ିବା ପାଇଁ ବସୁଧା ମାଟି ଦେଇଛି । ଓଦା ମାଟିର ମୂର୍ତ୍ତିକୁ ଶୁଖାଇ ଦେଉଛି ସୂର୍ଯ୍ୟ । ମୋର ଜୀବିକା ବଞ୍ଚିଛି—ମୁଁ ବଞ୍ଚିଛି ।''

ବୁଢ଼ୀକୁ ତାର ପୁଅମାନଙ୍କ କଥା ପଚାରିଲେ ବୁଢ଼ୀ ହସେ ନାହିଁ, ଗମ୍ଭୀର ହୋଇଯାଏ । କହେ—''ମୋ ପୁଅକୁ ତମେ ଚିହ୍ନିନ ? ଆଉ ଚିହ୍ନିଛ କାହାକୁ ? କୋଣାର୍କ ଦେଖିସାରିବା ପରେ ବି ତମେ ଚିହ୍ନିନ ମୋର ପୁଅମାନଙ୍କୁ ? ମୋର ପୁଅମାନେ ଟିକେ ଶୋଇପଡ଼ିଛନ୍ତି । ଆଜି ନ ହେଲେ କାଲି ନିଦ ଭାଙ୍ଗି ଉଠିବେ । ତା' ବୋଲି ତମେ ତାକୁ ଚିହ୍ନିବନି ? କୋଣାର୍କର କାନ୍ଥରେ ମୋ ପୁଅମାନଙ୍କର ନାଁ ଲେଖା ହୋଇଛି । ଚନ୍ଦ୍ରଭାଗା ବାଲିରେ ତାଙ୍କର ପାଦଚିହ୍ନ ପଡ଼ିଛି । ସମୟ, ସମୁଦ୍ର, ଝଡ଼, ବର୍ଷା କୋଣାର୍କକୁ ମାଟିରେ ମିଶାଇ ଦେଇପାରେ—ହେଲେ ମୋ ପୁଅମାନଙ୍କ ନାଁକୁ ଲିଭାଇ ପାରିବନି । ବାରଣ ବିହ୍ୱାଣୀ ପରା ମୋ ପୁଅ—ରାତିରେ ତମେ କେବେ କାନ ଡେରି ଶୁଣିଛ ମୋ ପୁଅମାନଙ୍କର ନିହାଣ, ମୁଗୁର ଆବାଜ ? ସେମାନେ ଏଇଠି ଘୂରି ବୁଲୁଛନ୍ତି—ତାଙ୍କ ହାତଗଢ଼ା ମନ୍ଦିର ଉପରେ ଲୁହ ଢାଳୁଛନ୍ତି—ଖୋଜୁଛନ୍ତି ତାଙ୍କର ବଂଶଧରମାନଙ୍କୁ—''

କେହି କେହି କହନ୍ତି ବୁଢ଼ୀର ମୁଣ୍ଡ ଠିକ୍ ନାହିଁ । ଏଣୁ ତେଣୁ ଗପେ । ଆଉ କିଏ କହେ ବୁଢ଼ୀ ହେଉଛି ଦେବୀ ରାମଚଣ୍ଡୀ । କୋଣାର୍କକୁ ସେ ଜଗି ବସିଛି । ବିପଦ ଆପଦରୁ ଉଦ୍ଧାର କରୁଛି ଏ ଅଞ୍ଚଳର ମଣିଷକୁ । ଝଡ଼ ବର୍ଷାରେ ବୁଢ଼ୀ ଘରେ ଶୁଏ ନାହିଁ । ଗଛ ମୂଳରେ ବସି ଚାହିଁ ରହିଥାଏ କୋଣାର୍କକୁ ଏକ ଲୟରେ । କୁଆଡ଼େ ତା'ର ଅଦୃଶ୍ୟ ହସ୍ତପ୍ରସାରି କୋଣାର୍କକୁ ବୁଢ଼ୀ ଆବୋରି ଧରିଥାଏ ।

ଦେବୀ ହେଉ କି ମାନବୀ ହେଉ ବୁଢ଼ୀ ଗୋଟାଏ ଇତିହାସ ପୋଥି । ସମଗ୍ର ଉତ୍କଳର ଅତୀତ ଇତିହାସ ବୁଢ଼ୀ ହାତପାପୁଲିରେ ଯେମିତି ଲେଖା ହେଇଛି । ଅଙ୍ଗୁଳି ଗଣି ଗଣି ବୁଢ଼ୀ ମାସ ବର୍ଷ ତାରିଖ ମନେ ପକାଇ ଘଟଣା ସବୁ ବର୍ଣ୍ଣନା କରିପାରେ । ସତେ ଯେମିତି ସହସ୍ର ବର୍ଷର ଇତିହାସକୁ ବୁଢ଼ୀ ପ୍ରତ୍ୟକ୍ଷରେ ସାମ୍ନା କରିଛି । ବୁଢ଼ୀ ଯେତେବେଳେ କିଛି କହେ ଇତିହାସର କଥା ହିଁ କହେ । ଅନେକ ବିଶ୍ୱାସ କରନ୍ତି ବୁଢ଼ୀ ପାଖରେ ଅନେକ ତାଳପତ୍ର ପୋଥି ଓ ଐତିହାସିକ ତଥ୍ୟ ସମ୍ବଳିତ ନଥିପତ୍ର ଅଛି । ସେ କଥା ପଚାରିଲେ ବୁଢ଼ୀ ହଁ କହେନି କି ନାଁ କହେନି । ଅର୍ଥ ପ୍ରଲୋଭନ ଦେଖାଇ ନଥିପତ୍ର କେହି ମାଗିଲେ ବୁଢ଼ୀ ହସି ହସି କହେ—''ଏ ଦେଶର ଧୂଳି, ବାଲି, ମାଟି ଗୋଡ଼ି, ପାହାଡ଼, ପର୍ବତରେ ଅତୀତର ଇତିହାସ ଲେଖା ହେଇଛି । ଆଖି ମେଲି ଚାହିଁଲେ ସବୁ ପଢ଼ିହୁଏ—ବୁଝିହୁଏ । ତାକୁ ପଢ଼, ବୁଝ—ନୂଆ ଇତିହାସ ତିଆରି କର—ମୁଁ କୋଣାରକ ଠିଆ କର—ପୁରୁଣା ପଛରେ ଧାଇଁ ଧାଇଁ ତୁନ୍ଧା ଅହଂକାରରେ ସମୟ ବରବାଦ କରି ଲାଭ କ'ଣ ? ନିଜ ଶିଙ୍ଗରେ ମାଟି ତାଡ଼ି—ନୂଆ କିଛି ଖୋଜ, ଗଢ଼ ।

Digitized by srujanika@gmail.com

କାହା ପାଖରୁ ନଥିପତ୍ର ସାଉଁଟି ନେଇ ଘାତାରାତି ଇତିହାସକାର ହେଇ ଯିବାରେ ଗୌରବ ନଥାଏ—ପୁରୁଣା ଖୋଜୁ ଖୋଜୁ ନୂଆ କିଛି ପାଇବାର ସିନା ବାହାଦୂରୀ ।''

ବୁଢ଼ୀ ଗପି ଚାଲିଥାଏ ଅନର୍ଗଳ । ଶୁଣିବା ଲୋକ କହନ୍ତି ବୁଢ଼ୀଟା ପାଗଳୀ । ବାଚାଳ ଗପୁଛି । ବୁଝିବା ଲୋକ କହନ୍ତି ବୁଢ଼ୀଟା କେତେ ନିଛକ ସତ୍ୟ କହେ । ଚାର୍ଲସ ଭାବେ ବୁଢ଼ୀଟା ମୂର୍ଖ ହେଲେ ବି କେଡ଼େ ବୁଝିବାର—କେଡ଼େ ବିଦୁଷୀ । ସେ କାଳରେ ଇଣ୍ଡିଆରେ ନାରୀମାନେ କୁଆଡ଼େ ବୀରାଙ୍ଗନା ଥିଲେ—ବିଦୁଷୀ ଥିଲେ । ଚାର୍ଲସ ମନେ ମନେ ହସିଉଠେ । ଇଣ୍ଡିଆନ ଝିଅଗୁଡ଼ାକୁ ନିରୋଳାରେ ପଦେ କଥା କହିଲେ ସେମାନେ ଚମକି ପଡ଼ନ୍ତି, ନର୍ଭସ ହୁଅନ୍ତି—କଥା କହୁ କହୁ ପାଟି ଖନି ମାରିଯାଏ—ଅତି ପାଠୁଆ ଝିଅଗୁଡ଼ାଙ୍କର ବି ଇଂରାଜୀ ଭୁଲ ହୋଇଯାଏ—ସେମାନେ ପୁଣି କେବେ ବୀରାଙ୍ଗନା ଥିବେ !

କିନ୍ତୁ କୁଶଭଦ୍ରା ବୁଢ଼ୀ ଚାର୍ଲସର ସବୁ ଧାରଣା ବଦଳାଇ ଦିଏ । ଧୀରେ ଧୀରେ ବୁଢ଼ୀ ସହ ଚାର୍ଲସର ଅନ୍ତରଙ୍ଗତା ବଢ଼େ । ବୁଢ଼ୀ ଯେ ଗୋଟାଏ ଚଳନ୍ତି ଇତିହାସ ଏବଂ ଚାର୍ଲସ ଜଣେ ଗବେଷକ । ବୁଢ଼ୀକୁ ବାଦ୍ ଦେଇ କୋଣାର୍କ ସମ୍ବନ୍ଧରେ ଗବେଷଣା କରି ହୁଏନା । ଏକଥା ଚନ୍ଦ୍ରଭାଗା ଅଞ୍ଚଳର ସମସ୍ତଙ୍କୁ ଜଣା । ଚାର୍ଲସ ବୁଢ଼ୀର ମୂର୍ତ୍ତିକୁ ଅଜସ୍ର ଡାରିଫ୍ କରେ ଏବଂ ବୁଢ଼ୀ ମନରେ ନିଜ ପାଇଁ ସ୍ଥାନଟିଏ କରି ନେଉଥାଏ ।

—ଦୁଇ—

ଚିତ୍ରପଟ୍ଟିଏ ଭଳି ଯେ ଦିଶେ ତା'ର ନାମ ଚିତ୍ରୋତ୍ପଳା । ଚିତ୍ରୋତ୍ପଳା ସେଇ ନଦୀର ନାମ, ଯାହାର କୂଳରେ ଛୋଟ ବଡ଼, ଜ୍ଞାନ ଓ ଧନରେ ପରିପୂର୍ଣ୍ଣ ଅନେକ ନଗର ଦିନେ ଥିଲା । ବହୁ ପୁରାଣରେ ଚିତ୍ରୋତ୍ପଳା ପୂଣ୍ୟତୋୟା ହେଇ ବହୁଛି । ଇନ୍ଦ୍ରଦ୍ୟୁମ୍ନ ମହାରାଜା ପୁରୁଷୋତ୍ତମ କ୍ଷେତ୍ରକୁ ଯିବା ବାଟରେ ରୂପସୀ ଚିତ୍ରୋତ୍ପଳା ଦର୍ଶନରେ ଆତ୍ମହରା ହେଇଥିଲେ । ''ପ୍ରାଚୀ ମହାତ୍ମ୍ୟ'' କହେ ପ୍ରାଚୀ ନଦୀ ସରସ୍ୱତୀ ବା ଚିତ୍ରୋତ୍ପଳା ନାମ ବହି ଅର୍କ ତୀର୍ଥ ବାଟେ ସମୁଦ୍ରରେ ପଡ଼ିଥିଲା । ପ୍ରାଚୀ କୂଳରେ ଅନେକ ପୂଣ୍ୟ ସ୍ଥାନ ଓ ଜନପଦ ଦିନେ ଥିଲା । ସେହି ଜନପଦମାନଙ୍କ ମଧ୍ୟରୁ କୋଣାର୍କ ଦିନେ ଅନ୍ୟତମ ଜ୍ଞାନ ଓ ଧନପୂର୍ଣ୍ଣ ନଗର ଥିଲା ।

ଅବଶ୍ୟ ଆଜି କୋଣାର୍କ କ୍ଷେତ୍ରରେ ସେଦିନ ଭଳି ସମୃଦ୍ଧି ନାହିଁ । କୋଣାର୍କ ପ୍ରାୟ ନିର୍ଜନ—ପରିତ୍ୟକ୍ତ ହୋଇପଡ଼ିଛି । କିନ୍ତୁ ଅଛି ଚିତ୍ରୋତ୍ପଳା । ଅବଶ୍ୟ ସେ ନଦୀ ସରସ୍ୱତୀ ନୁହେଁ । ଗୋଟିଏ ମୂର୍ଖ କିଶୋରୀ—ନାମ ତାର ଚିତ୍ରୋତ୍ପଳା । ଶ୍ରଦ୍ଧା ନାମ ଚିତ୍ରା । କୁଶଭଦ୍ରା ବୁଢ଼ୀ ଅତି ଶ୍ରଦ୍ଧାରେ ସ୍ୱର ଲମ୍ବାଇ ଡାକେ—ଆଲୋ ଚିତିରା.....

Digitized by srujanika@gmail.com

ଚିତ୍ରା କୋଣାର୍କ ପାଖରେ ଫୁଲ ବିକେ । ତା' ଚାଙ୍ଗୁଡ଼ିରେ ଜାତି ଜାତି ଫୁଲ, ସତେଜ, ସୁନ୍ଦର ସୁରଭିତ । ତା' ଚାଙ୍ଗୁଡ଼ିର ଫୁଲଠାରୁ ସେ ନିଜେ ବେଶି ସତେଜ ଆଉ ନିଷ୍ପାପ ମନେହୁଏ । ତା' ଚାଙ୍ଗୁଡ଼ିରେ ସଂକାଳର ଫୁଲ ସଞ୍ଜକୁ ମଉଳେ ନାହିଁ । ସାରାଦିନ ପାଣି ସିଞ୍ଚି ସିଞ୍ଚି ଚିତ୍ରା ଫୁଲତକ ସତେଜ ରଖିଥାଏ ଠିକ୍ ତା ନିଜର ହସ ହସ ସତେଜ ମୁହଁଟି ଭଳି । ସାରାଦିନ ଫୁଲ ବିକ୍ରୀ କରି କରି ଚିତ୍ରା କେବେ କ୍ଲାନ୍ତ ମନେ ହୁଏ ନାହିଁ—ମଉଳା ଦିଶେ ନାହିଁ । ସତେ ବା ଚିତ୍ରୋତ୍ପଳାର ସ୍ୱଚ୍ଛ ଜଳଧାରାଟିଏ । ଶ୍ୟାମଳ ମୁହଁରେ ତା'ର ନୀଳ କଇଁର ଲାଜ ଲାଜ ଭାବ । ଆଜିକାଲି ତା ଫୁଲର କାଟ୍‌ତି ବେଶି । ଟୁରିଷ୍ଟମାନେ ତାରି ପସରା ପାଖରେ ଭିଡ଼ ଜମାନ୍ତି । ତା'ଠାରୁ କିଣନ୍ତି ଫୁଲ । ତା' ପସରା ଶୀଘ୍ର ଖାଲି ହୋଇଯାଏ । ପସରା ଖାଲି ହେଲେ ବି ଟୁରିଷ୍ଟମାନେ ତା' ପାଖରେ ଭିଡ଼ ଜମେଇ ପଚାରନ୍ତି—ଫୁଲ ଅଛି ? ତାର ଫୁଲର ପସରା ସିନା ଶୂନ୍ୟ ହେଇଥାଏ, ତା କୋମଳ ମଧୁର ଲାବଣ୍ୟ ପସରା ତ ଦିନକୁ ଦିନ ଉନ୍ମୁକ୍ତ ପଡ଼େ । ଟୁରିଷ୍ଟମାନେ ତେର ବର୍ଷର ମୂର୍ଖ ଫୁଲବିକାଳୀ ଝିଅଟାର ଫଟୋ ଉଠାଇ ନିଅନ୍ତି । କହନ୍ତି ତୋ ଫୁଲର ପସରା ଭାରି ସୁନ୍ଦର । ତା'ରି ଫଟୋ ଆମେ ନେବୁ । ତୋ' ଫୁଲର କାଟ୍‌ତି ବଢ଼ିବ । ଦେଶ ଦେଶାନ୍ତରରୁ ଗ୍ରାହକ ଆସିବେ ତୋ' ଫୁଲ ପାଇଁ ।

ନିର୍ବୋଧ ଝିଅଟା ତାଙ୍କ କଥାକୁ ସତ ମଣି ଫୁଲର ପସରାକୁ ସଜାଡ଼ି ଧରେ । ଫଟୋ ଉଠେ । ଟୁରିଷ୍ଟମାନେ କିଏ କୁଆଡ଼େ ଯାଆନ୍ତି । ପୁଣି ଆସନ୍ତି ଦଳ ଦଳ ଟୁରିଷ୍ଟ । ଚିତ୍ରାଠାରୁ ଫୁଲ କିଣନ୍ତି । ଚିତ୍ରା ଭାବେ ସତେ ଯେମିତି ଟୁରିଷ୍ଟମାନେ କୋଣାର୍କ ପାଇଁ ନୁହେଁ, ତା'ର ଫୁଲ ପାଇଁ ହିଁ ଦୂର ଦୂରାନ୍ତରୁ ଧାଇଁ ଆସନ୍ତି ।

ଚାର୍ଲସ ତାକୁ ଡାକେ ଚିତ୍ର । ସେ ଶିଳ୍ପୀର ହାତ ଅଙ୍କା ଚିତ୍ରପଟଟିଏ ଭଳି ଚାର୍ଲସର ଆଖିକୁ ଦିଶେ । ତାକୁ ଚାହିଁ ଚାର୍ଲସ ଭାବେ ଝିଅଟା ପ୍ରାପ୍ତବୟସରେ କୋଣାର୍କ ନାୟିକା ଭଳି ସୁଠାମ ଏବଂ ଛନ୍ଦମୟୀ ହେବ କିମ୍ବା ଚିତ୍ରର ରୂପକୁ ହିଁ କଳ୍ପନା କରି କୋଣାର୍କ ଶିଳ୍ପୀ ଶିଳାରେ ଶିଳାରେ ଲାବଣ୍ୟ ଫୁଟାଇଛି ।

ଚାର୍ଲସ ନିୟମ କଲା ଭଳି ଚିତ୍ରାଠାରୁ ପ୍ରତିଦିନ କିଛି ନା କିଛି ଫୁଲ କିଣେ । ଚିତ୍ରାଠାରୁ କଥା ଶୁଣିବା ପାଇଁ ଚାର୍ଲସକୁ ଭଲ ଲାଗେ । ଚିତ୍ରାର କିଛି କଥା ବୁଝି ହୁଏ, କିଛି ଅବୁଝା ରହିଯାଏ । ତେବେ ଚାର୍ଲସ ଏତିକି ଜାଣିପାରିଛି ଯେ ଚିତ୍ରାର ବିବାହ ଖୁବ୍ ଶୀଘ୍ର ହୋଇଯିବ । ଏ ବର୍ଷଟାଯାକ ଫୁଲ ଭଲ ବିକ୍ରୀ ହେଲେ ବିବାହ ପାଇଁ ତା'ର ବାପା କିଛି ପଇସା ସଞ୍ଚୟ କରିପାରିବ ।

ଚାର୍ଲସ ଆଶ୍ଚର୍ଯ୍ୟ ହୁଏ । ଚିତ୍ରା ଭଳି ଛୋଟ ଝିଅଟା ପାଇଁ ବିବାହ ଗୋଟିଏ ବୋଝ ହେଇ ଥୁଆ ହେଇଛି ତା' ବାପା ମୁଣ୍ଡରେ ? ଇଣ୍ଡିଆରେ ଝିଅମାନଙ୍କର ବିବାହଟା ହିଁ ଜୀବନର

Digitized by srujanika@gmail.com

ସବୁ କିଛି ଏବଂ ଏଠାରେ ଝିଅମାନଙ୍କୁ ହାତ ଗୋଡ଼ ବାନ୍ଧି ବିବାହ ବେଦୀରେ ବସାଇ ଦିଆହୁଏ । ବିବାହରୂପକ ବୋଝଟାକୁ ନିଜ ମୁଣ୍ଡରୁ ଉରାରି ଝିଅ ମୁଣ୍ଡରେ ଯେମିତି ଜୀବନର ବୋଝଟାକୁ ହିଁ ଲଦି ଦିଅନ୍ତି ବାପାମାନେ । ବାସ୍ତବରେ ବିବାହ ପରେ ପରେ ଅଧିକାଂଶ ଝିଅଙ୍କୁ ଏଠାରେ ଜୀବନ ବୋଝ ଭଳି ଦୁରୂହ ଏବଂ ଦୁଃସହ ମନେହୁଏ । ବିଚାରୀ ଚିତ୍ରା ଆର ବର୍ଷକୁ ଫୁଲର ପସରା ଛାଡ଼ି ଜୀବନର ଦୁଃସହ ବୋଝକୁ ବାପାର ଇଚ୍ଛାରେ ମୁଣ୍ଡକୁ ଟେକି ନେଇଥିବ । ଏଡ଼େ ସୁକୁମାରୀ ଝିଅଗୁଡ଼ା କେମିତି ଏତେ ବଡ଼ ବୋଝ ବୋହିପାରନ୍ତି ? ଚାର୍ଲସ ଆଶ୍ଚର୍ଯ୍ୟ ହୋଇ ଚିତ୍ରାକୁ ଚାହିଁ ରହେ । କହେ—''ଚିତ୍ରା ! ମୁଁ କାମନା କରେ ଫୁଲର ଚାଙ୍ଗୁଡ଼ି ଭଳି ତମ ଜୀବନର ପସରା ସୁନ୍ଦର, ସୁବାସିତ ଏବଂ ସୁଖକର ହେଉ । ଜୀବନ କେବେ ତମ ପାଇଁ ଅନ୍ତତଃ ବୋଝ ନହେଉ । ଚିତ୍ରା କିଛି ନବୁଝି ନିର୍ମଳ ହସର ଫୁଲ କଢ଼ି ସାହେବ ପାଖରେ ଅଜାଡ଼ି ଦିଏ । ସାହେବ ତାକୁ ନିଶ୍ଚୟ କିଛି ଭଲ କଥା କହିଛି ଏତିକି ତା'ର ବିଶ୍ୱାସ । ଫୁଲ ପସରା ଭଳି ସାରା ସଂସାରର ବିଶ୍ୱାସର ପସରା ବି ଯେମିତି ଚିତ୍ରା ଆବୋରି ଧରିଥାଏ ।

ଚାର୍ଲସ ଭାବେ ଏଇ ସରଳ ନିଷ୍ପାପ ପାଇଁ ହିଁ ଚିତ୍ରା ଏତେ ସୁନ୍ଦର । ବିଶ୍ୱାସର ଏମିତି ମହିମାମୟ ରୂପ ଚାର୍ଲସ ନିଜ ଦେଶରେ କେବେ ଦେଖିନାହିଁ । ଅବିଶ୍ୱାସ, ଆଉ ସନ୍ଦେହ ଯେମିତି ସେଠି ଜନ୍ମ ସଙ୍ଗେ ସଙ୍ଗେ ମା' ପେଟରୁ ଆସିଥାଏ । କେବଳ ଏଇ ବିଶ୍ୱାସ ଯୋଗୁଁ ଚାର୍ଲସ ମନେକରେ ଇଣ୍ଡିଆ ଇଜ୍ ଗ୍ରେଟ୍, ଇଣ୍ଡିଆ ଇଜ୍ ଗ୍ରେଟ୍ ।

ପାଷାଣର ବି ପ୍ରାଣ ଥାଏ—ଆତ୍ମା ଥାଏ । କୋଣାର୍କ ପାଷାଣରେ ତିଆରି ଭଗ୍ନ ମନ୍ଦିରଟିଏ । ମନ୍ଦିର ନାହିଁ—ମୁଖଶାଳା ଅଛି । ଲୋକେ କହନ୍ତି କୋଣାର୍କ କୁଆଡ଼େ ଗୋଟାଏ ମନ୍ଦିର ନୁହେଁ—ଗୋଟାଏ ଆତ୍ମା, ଗୋଟାଏ ସ୍ପନ୍ଦନ, ଗୋଟାଏ ଉଚ୍ଛ୍ୱାସ । କୋଣାର୍କ କୁଆଡ଼େ ବେଳେବେଳେ ଜିଇଁ ଉଠେ । ଜିଇଁ ଉଠେ କୋଣାର୍କର ପ୍ରତିଟି ଶିଳାଖଣ୍ଡ । ଶିଳାଖଣ୍ଡର ପ୍ରତିଟି ଭାସ୍କର୍ଯ୍ୟ ଜୀବନ୍ୟାସ ପାଇ ମୂର୍ତ୍ତିମନ୍ତ ହୁଅନ୍ତି । ପାଷାଣରେ ଖୋଦିତ ଅଶ୍ୱ, ହସ୍ତୀ, ପଶୁ, ପକ୍ଷୀ, ଗନ୍ଧ, ଲତା, ଫୁଲ, ପତ୍ର, ଦେବ, ଦେବୀ, ନର, ନାରୀ ସମସ୍ତେ ରକ୍ତମାଂସର ଶରୀର ନେଇ ଠିଆହୁଅନ୍ତି ଆଖି ସାମ୍ନାରେ । ସେମାନେ କଥା କହନ୍ତି, ଗୀତ ଗାଆନ୍ତି, ନୃତ୍ୟ କରନ୍ତି, ପୂଜା, ମହୋତ୍ସବ ମନ୍ତ୍ରପାଠ ବି ଶୁଭେ । ଏପରିକି ନର୍ତ୍ତକୀ ପାଦର ନୂପୁରଧ୍ୱନି ଚିତ୍ତହରଣ କରେ ଏବଂ ଫୁଲର ସୁରଭି ଘ୍ରାଣେନ୍ଦ୍ରିୟକୁ ପୁଲକିତ କରେ । ନିର୍ଜନ ନୀରବ ରାତ୍ରିରେ ଦିନେ ଦିନେ ସମଗ୍ର କୋଣାର୍କ ଏମିତି ଜିଇଁ ଉଠେ ଯେ, ରାଜାଙ୍କର ଅଶ୍ୱମାନଙ୍କର ଟାପୁ ଚିହ୍ନ କୋଣାର୍କ ବାଲିରେ ପଡ଼ିଥାଏ—ସେମାନଙ୍କର ହ୍ରେସାରବ ରାତିର ନିର୍ଜନତା ଭିତରେ ବାରିହୋଇ ଶୁଭେ ।

Digitized by srujanika@gmail.com

ଶିଳ୍ପୀମାନଙ୍କର ନିହାଣ ଆଉ ମୁଗୁରର ଶବ୍ଦ ଶୁଭେ । ସମଗ୍ର ଅଞ୍ଚଳଟା ନିଦ୍ରାରେ ଅଚେତନ ଥିବାବେଳେ କୋଣାର୍କ କୁଆଡ଼େ ନିଦ ଭାଙ୍ଗି ଚେଇଁଉଠେ । ଚିଆଁଇଦିଏ ତା'ର ସମସ୍ତ ସାଙ୍ଗସାଥିଙ୍କୁ । ସମୟ କୁଆଡ଼େ ସମ୍ମୋହିତ ହେଇ ପଙ୍କୁ ଫେରିଯାଏ—ଶହ ଶହ ବର୍ଷର ଅତୀତ ଜୀବନ୍ୟାସ ପାଏ ରାତ୍ରିର ଅନ୍ଧକାରକୁ ଅବଜ୍ଞା କରି । ଏସବୁ ଅଲୌକିକ ହେଲେ ବି ସତ୍ୟ, ସତ୍ୟ ଦ୍ରିବାର ସତ୍ୟ ବୋଲି ସ୍ୱୀକାର କରେ ଶତାୟୁ ବୃଦ୍ଧ ବିଷ୍ଣୁ ମହାରଣା ।

ବିଷ୍ଣୁ ମହାରଣା କୋଣାର୍କ ଶିଳ୍ପୀର ବଂଶଧର । ବୟସ କେହି କେହି କହେ ଶହେବର୍ଷ, କେହି କହେ ତଦୁର୍ଦ୍ଧ୍ୱ । ଏ ଅଞ୍ଚଳରେ ବିଷ୍ଣୁ ମହାରଣାର ଜନ୍ମ, ବାଲ୍ୟ, କୈଶୋରକୁ ପ୍ରତ୍ୟକ୍ଷ କରିବା ମଣିଷ କେହି ନାହିଁ । ବିଷ୍ଣୁ ମହାରଣା ଏ ଅଞ୍ଚଳରେ ବୟୋଜ୍ୟେଷ୍ଠ ପୁରୁଷ । ବିଷ୍ଣୁ ମହାରଣା କହେ ତା'ର ବୟସ ସାତଶହ କି ଆଠଶହ ବର୍ଷ ହେଲାଣି । ସେ କୋଣାର୍କ ମନ୍ଦିର ତିଆରି କରିଛି । ନିଜ ହାତରେ କୋଣାର୍କର ପ୍ରତିଟି ଶିଳାଖଣ୍ଡରେ ଫୁଟାଇଛି ଭାସ୍କର୍ଯ୍ୟ । କୋଣାର୍କର ପ୍ରତିଟି ଶିଳାଖଣ୍ଡ ବିଷ୍ଣୁ ମହାରଣାକୁ ଚିହ୍ନନ୍ତି । ବିଷ୍ଣୁ ମହାରଣା ଚିହ୍ନେ ସମସ୍ତଙ୍କୁ । ଗୋଟି ଗୋଟି ସମସ୍ତଙ୍କର ଇତିହାସ ସେ ଜାଣେ । କେଉଁ ଶିଳାଖଣ୍ଡ କେଉଁଠୁ ଆସିଥିଲା, କେଉଁ ପଥ ଦେଇ କେଉଁ ଉପାୟରେ ଆସିଥିଲା, ଏବେ ବି ସେକଥା ତା'ର ସ୍ମରଣରେ ଅଛି । ସେକଥା କହୁକହୁ ବିଷ୍ଣୁ ମହାରଣାର ପକ୍ୱ ଶ୍ମଶ୍ରୁ ଦେଇ କେବେ ଅଶ୍ରୁଝରେ, କେବେ ଦନ୍ତହୀନ ଓଠକୋଣରେ ଗୌରବର ହାସ୍ୟରେଖା ଫୁଟିଉଠି ମିଳେଇଯାଏ । ବିଷ୍ଣୁ ମହାରଣା, ଶିବେଇ ସାମନ୍ତରାୟ ମନ୍ଦିର ମୂଳଦୁଆ ପକାଇବାର କାହାଣୀ କହୁକହୁ ହସିହସି ଲୋଟିଯାଏ । ମନ୍ଦିରର ପୂଜାପାର୍ବଣର କଥା କହୁ କହୁ ରୋମାଞ୍ଚିତ ହୋଇଉଠେ । ପୁଣି କୋଣାର୍କ ପରିତ୍ୟକ୍ତ ହେବାର ଇତିହାସ ଗାଉ ଗାଉ ବେଦନାରେ ଭାଙ୍ଗିପଡ଼େ । ବିଷ୍ଣୁ ମହାରଣା ମହାରାଜା ନରସିଂହଦେବଙ୍କର ଅପୂର୍ବ ରୂପ ଏବଂ ପୌରୁଷର ଗାଥା ଗାଏ । ମହାରାଜାଙ୍କ ସହ ତା ନିଜର ବ୍ୟକ୍ତିଗତ ଅନୁଭୂତିର କେତେ ଘଟଣା ବର୍ଣ୍ଣନା କରେ । ସେ ନିଜେ ଭାବାବେଶରେ ଅଭିଭୂତ ହୁଏ—ବାକ୍‌ଶକ୍ତି ହରାଇବସେ ମହାରାଜାଙ୍କ ବୀରତ୍ୱ, ପାଣ୍ଡିତ୍ୟ, ସୌର୍ଯ୍ୟ, ବୀର୍ଯ୍ୟ, ପ୍ରଜ୍ଞାବତ୍ସଳତା, ସାହିତ୍ୟ, କଳାନୁରାଗ, ଦୟା, କ୍ଷମା, ଦେଶପ୍ରେମ ଏବଂ କରୁଣାର କଥା କହୁ କହୁ । ବେଳେବେଳେ ଚେତା ହରାଇ ପଡ଼ିଯାଏ ଭାବୋଚ୍ଛ୍ୱାସରେ । ଶ୍ରୋତାମାନେ ମଧ୍ୟ ଅଭିଭୂତ ହୁଅନ୍ତି । ବିଷ୍ଣୁ ମହାରଣା କହେ—''ତମେ ସବୁ ରାଜା ନରସିଂହ ଦେବଙ୍କୁ ଯେଉଁମାନେ ଦେଖିନାହଁ ସେମାନେ ଉତ୍କଳକୁ ଦେଖିନାହିଁ । ପୁରୁଷ କାହାକୁ କହନ୍ତି ତାହା ଜାଣି ନାହଁ । ରାଜା କାହାକୁ କହନ୍ତି ତାହା ବୁଝି ନାହଁ । ମୋ ସମୟରେ କଳିଙ୍ଗ କ'ଣ ଥିଲା ତମେ କିଛି ହେଲେ ଧାରଣା କରିପାରିବ ନାହିଁ । ମୁଁ ଯେଉଁ କଳିଙ୍ଗରେ ବାସ କରୁଥିଲି, ତମେ ସବୁ ତାକୁ ବି କଳ୍ପନା କରିପାର ନାହିଁ । ବିଚରାଗୁଡ଼ା ତମେ ସବୁ କେଡ଼େ ଅଭାଗା ।''

Digitized by srujanika@gmail.com

ଲୋକେ କହନ୍ତି ବୟସର ଆଧିକ୍ୟ ହେତୁ ବିଷ୍ଣୁ ମହାରଣାର ମତିଭ୍ରମ ହେଇଛି । ସେ ଅନ୍ଧାର ରାତିରେ ସେକାଳର ସମସ୍ତଙ୍କୁ ଦେଖିପାରେ—ସେମାନଙ୍କ ସହ ଦୁଃଖ ସୁଖ ହୁଏ । ସେମାନଙ୍କର ବିଦେହୀ ଆତ୍ମାକୁ ପ୍ରବୋଧନା ଦିଏ—ଅସ୍ମିତା—ଅସ୍ମିତା—ମୁଁ ଅଛି—ମୁଁ ଅଛି ଚିନ୍ତା କ'ଣ ? କଳିଙ୍ଗ ଶିଳ୍ପୀ ମରିନାହିଁ—ମରିପାରେନା—

ଝାଉଁ ଗଛର ମର୍ମର ଭିତରେ ଗୁଞ୍ଜରି ଉଠେ କଳିଙ୍ଗ ଶିଳ୍ପୀଙ୍କର ଆତ୍ମାର ସ୍ୱର—ଅସ୍ମିତା—ଅସ୍ମିତା—ଅସ୍ମିତା । ସେ ସ୍ୱର କେହି କେହି ଶୁଣିଛନ୍ତି । ସେମାନେ ବିଷ୍ଣୁ ମହାରଣାର କଥାରେ ସାକ୍ଷୀ ପଡ଼ନ୍ତି ।

ମୃତ୍ୟୁ ହିଁ ଜୀବନର ଶେଷ କଥା, ତାହା ହିଁ ଜାଣିଥିଲା ଚାର୍ଲସ । ମାତ୍ର ଏଠାରେ ପହଞ୍ଚି ତା'ର କେମିତି ଧୀରେ ଧୀରେ ଧାରଣା ହେଉଛି ମୃତ୍ୟୁ ପରେ ବି ଜୀବନ ଅଛି । ଆତ୍ମାର ମୃତ୍ୟୁ ନାହିଁ । ମୃତ୍ୟୁ ପରେ ଆତ୍ମା ଜୀଇଁ ରହେ । ବିଷ୍ଣୁ ମହାରଣାର କଥା ଚାର୍ଲସ ମନରେ ଅଦମ୍ୟ କୌତୂହଳ ଓ ରୋମାଞ୍ଚ ଭରି ଦିଏ । ଚାର୍ଲସର ଇଚ୍ଛା ହୁଏ ସ୍ୱପ୍ନରେ ହେଉପଛକେ ସେ ଦେଖନ୍ତା ସେକାଳର କଳିଙ୍ଗ ସୁନ୍ଦରୀଙ୍କୁ । ରାଜା ନରସିଂହ ଦେବ, ଶିଳ୍ପୀଶ୍ରେଷ୍ଠ ବିଶୁ ମହାରଣାକୁ ଏବଂ ସେ ସମୟର ଜୀବନ ଚିତ୍ରକୁ ସେ ଅନୁଧ୍ୟାନ କରନ୍ତା । ବିଷ୍ଣୁ ମହାରଣା ବର୍ଣ୍ଣିତ ସେଇ ଅଶରୀରୀମାନଙ୍କୁ ଭେଟିବା ପାଇଁ ଚାର୍ଲସ ରାତି ଅଧରେ ଲଜିଂରୁ ଉଠି ବାହାରି ଆସେ । ସମ୍ମୋହିତ ହେଇ ଚାଲିବାକୁ ଆରମ୍ଭ କରେ । ସାରା ରାତି ଅନ୍ଧାର ଭିତରେ ଘୂରି ବୁଲୁଥାଏ କାହାକୁ ଖୋଜି । ଝାଉଁବଣ, ଇଙ୍କା ଆମ୍ବଗଛର ଜଙ୍ଗଲ, ବିସ୍ତୀର୍ଣ୍ଣ ବାଲୁକାପନ୍ତା ଭିତରେ ସାରା ରାତି ସେ ଘୂରୁଥାଏ । କାହା ପଛେ ପଛେ ଧାଉଁଥାଏ । ସକାଳକୁ ଲୋକେ ଦେଖନ୍ତି ଗୋରା ତକ ତକ ସାହେବ ଟୋକାଟାଏ ନିଘୋଡ଼ ନିଦରେ ଶୋଇପଡ଼ିଛି । କେଉଁଦିନ କୋଣାର୍କ ବେଢ଼ାର ପାଚେରୀ ଚଟାଣରେ, କେଉଁଦିନ ଝାଉଁବଣ ଭିତରେ—କେଉଁଦିନ ଚନ୍ଦ୍ରଭାଗାର ବାଲୁକା ଶଯ୍ୟାରେ । ସକାଳର ସୂର୍ଯ୍ୟରଶ୍ମି ତା'ର କୋମଳ ହାତରେ ଚାର୍ଲସକୁ ଆସ୍ତେ ସ୍ପର୍ଶ କରି ନିଦରୁ ଉଠେଇ ଦିଏ । ଚାର୍ଲସ ନିଦ ଭାଙ୍ଗି ଗତ ରାତ୍ରିର ଘଟଣା ବର୍ଣ୍ଣନା କରେ ଗୋଟି ଗୋଟି ସମସ୍ତଙ୍କ ଆଗରେ । ସମସ୍ତଙ୍କୁ ପଚାରେ—''କାଲି ରାତ୍ରିରେ କେହି ଭୂତ ଦେଖିଛ ? ମୁଁ ଦେଖିଛି—ମୁଁ ତାକୁ ପିନ୍ଧା କରି ରାତିସାରା ଖୋଜିଛି । ସେମାନେ ସମସ୍ତେ ଭୂତ—ଅତୀତ— । ମୁଁ ସେମାନଙ୍କୁ ସାମ୍ନା କରିଛି ।'' ଚାର୍ଲସର ଈଷତ୍ ନୀଳ ଚକ୍ଷୁତାରକା ସ୍ୱପ୍ନଭାରରେ ଭାବମୟ ଦିଶେ । ସମସ୍ତେ କହନ୍ତି—ସାହେବଙ୍କୁ ଭୂତ ଲାଗିଛି । କିଏ କହେ ଗଞ୍ଜେଇ ଟାଣିଛି, ନିଶା ବଟିକା ପକେଇ ଦେଇଛି ।

Digitized by srujanika@gmail.com

ଚାର୍ଲସ ହସି ହସି ମୁଣ୍ଡ ଟୁଙ୍ଗାରେ—କହେ, ''ଠିକ୍—ଠିକ୍—ମତେ ନିଶା ଲାଗିଛି । ଇଣ୍ଡିଆର ନିଶା—କୋଣାର୍କର ନିଶା—କଳିଙ୍ଗ ଶିଳ୍ପୀର ନିଶା ।''

ବିଷ୍ଣୁ ମହାରଣା ଋଷି ଭଳି ଦିଶେ । ଦୀର୍ଘ ଶ୍ମଶ୍ରୁ ଓ ଜଟା । ବିସ୍ତୃତ କପାଳ । ଆୟତ ଚକ୍ଷୁ । ବୟସ ତାକୁ ଯେମିତି ଆଉରି ମହିମାମୟ କରିଦେଇଛି । ବିଷ୍ଣୁ ମହାରଣା କୋଣାର୍କ ମଠ ପାଖରେ ରହେ । କୋଣାର୍କ ମନ୍ଦିର ବେଢ଼ାର ବାହାରେ ଦକ୍ଷିଣ ପାର୍ଶ୍ୱରେ ଚାରିହଜାର ବର୍ଷ ତଳର ପ୍ରାଚୀନ ମଠଟିଏ । ଲୋକେ କହନ୍ତି ଶାମ୍ବ ଆଶ୍ରମ । ଚାର୍ଲସ ଆଶ୍ଚର୍ଯ୍ୟ ଆଖିରେ ବିଷ୍ଣୁ ମହାରଣାର ଜ୍ୟୋତିର୍ମୟ ମୁହଁକୁ ଚାହିଁ ଶୁଣେ କୋଣାର୍କମଠର ଇତିହାସ । କୋଣାର୍କର ପ୍ରତିଟି ଧୂଳିକଣାର ବି ମହାନ୍ ଇତିହାସ ଅଛି । କୋଣାର୍କର ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟ ସମ୍ବନ୍ଧରେ ଗବେଷଣା କରିବା ପୂର୍ବରୁ ତା'ର ଐତିହାସିକ ଗୌରବ ଓ ପୌରାଣିକ ମହାତ୍ମ୍ୟ ଜାଣିବାର ଆଗ୍ରହ ମନରେ ବଳବତ୍ତର ହେଇଛି ।

ଚାର୍ଲସ ବିଷ୍ଣୁ ମହାରଣାର ଶିଷ୍ୟ ପାଲଟିଛି । କୋଣାର୍କ ମଠର ସେଇ ଛୋଟ ଚାଳଘରଟିରେ ଚାରିହଜାର ବର୍ଷ ଧରି ଜଳୁଥିବା ଅଖଣ୍ଡ ଅଗ୍ନିକୁଣ୍ଡ ପାଖରେ ବସି ଚାର୍ଲସ ଶୁଣେ କୋଣାର୍କର ମାହାତ୍ମ୍ୟ । ବିଷ୍ଣୁ ମହାରଣା ଅନର୍ଗଳ ଗପି ଚାଲେ ମନ୍ତ୍ର ମୁଗ୍ଧ ସାହେବ ଆଗରେ ନିଜ ଆତ୍ମାର ଇତିହାସ ।

ଚାରିହଜାର ବର୍ଷ ପୂର୍ବେ, ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କର ଅଷ୍ଟପାଟରାଣୀଙ୍କ ମଧ୍ୟରେ ଜାମ୍ବବତୀଙ୍କ ଗର୍ଭରୁ ଶାମ୍ବ ଜନ୍ମ ହୋଇଥିଲେ । ଶାମ୍ବ ଅତ୍ୟନ୍ତ ରୂପବାନ ଥିଲେ ଏବଂ ନିଜ ରୂପ ପାଇଁ ତାଙ୍କର ଅହଙ୍କାରର ସୀମା ନଥିଲା । ରୂପର ଅହଙ୍କାରରେ ଏକଦା ବ୍ରହ୍ମର୍ଷି ନାରଦଙ୍କୁ ସମ୍ମାନ କରିବା ଦୂରେ ଥାଉ—ସେ ଅପମାନ କରିଥିଲେ । ବ୍ରହ୍ମ ଅପମାନ ଏକବାର ଅକ୍ଷମଣୀୟ । ନାରଦ, ଭଗବାନ ଶ୍ରୀକୃଷ୍ଣଙ୍କ ସାମ୍ନାରେ ପୁତ୍ର ଶାମ୍ବଙ୍କ ବିରୁଦ୍ଧରେ ଅଭିଯୋଗ କଲେ ଯେ ଶାମ୍ବ ଗୋପାଙ୍ଗନାମାନଙ୍କ ସହ ପାପ ପ୍ରଣୟରେ ଲିପ୍ତ ଅଛନ୍ତି । ଏଥିପାଇଁ ସେ ପ୍ରମାଣ ଯୋଗାଇ ଦେଲେ । ପିତା ଶ୍ରୀକୃଷ୍ଣ ଶାମ୍ବଙ୍କୁ ରୈବତକ ପର୍ବତରେ ଅପେକ୍ଷା କରିଛନ୍ତି ବୋଲି ଏକ ମିଥ୍ୟା ସମ୍ବାଦ ଦେଇ ନାରଦ ଶାମ୍ବଙ୍କୁ ସେଠାକୁ ପ୍ରେରଣ କଲେ । ସେଠାରେ ଶ୍ରୀକୃଷ୍ଣ ନଥିଲେ । ଗୋପବାଳାମାନେ ସେଠାରେ ପୁଷ୍କରିଣୀରେ ଜଳକ୍ରୀଡ଼ା କରୁଥିଲେ । ସେମାନେ ଶାମ୍ବଙ୍କ ରୂପରେ ମୁଗ୍ଧ ହୋଇ ତାଙ୍କୁ ପ୍ରେମାଲିଙ୍ଗନ କଲେ ଏବଂ ଠିକ୍ ସେତିକିବେଳେ ଶ୍ରୀକୃଷ୍ଣ ନାରଦଙ୍କ ସହ ରୈବତକ ପର୍ବତରେ ପହଞ୍ଚି ଏ ଦୃଶ୍ୟ ଦେଖିଲେ । ଭଗବାନ ଶ୍ରୀକୃଷ୍ଣ, ପୁତ୍ରର ଏ ଚାରିତ୍ରିକ ସ୍ଖଳନରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଅଭିଶାପ

Digitized by srujanika@gmail.com

ଦେଲେ—''ତୋତେ କୁଷ୍ଠରୋଗ ହୋଇ ତୋର ସମସ୍ତ ସୌନ୍ଦର୍ଯ୍ୟ ଲୋପ ହେଉ ଏବଂ ରୂପର ଅହଙ୍କାର ତୋ ମନରୁ ଦୂର ହେଉ ।'' ପିତାଙ୍କ ଅଭିଶାପରେ ଶାମ୍ବ କୁଷ୍ଠରୋଗଗ୍ରସ୍ତ ହେଲେ ଏବଂ ରୋଗମୁକ୍ତ ହେବା ପାଇଁ ନାରଦଙ୍କ ପାଖରେ ଶରଣାପନ୍ନ ହେଲେ । ନାରଦ କହିଲେ—''ତୁମେ ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ମୈତ୍ରେୟବନରେ ସୂର୍ଯ୍ୟଙ୍କୁ ଉପାସନା କର । ସେ ସନ୍ତୁଷ୍ଟ ହେଲେ ତୁମେ ରୋଗମୁକ୍ତ ହେବ ।''

ରୋଗଗ୍ରସ୍ତ, ଅନୁତପ୍ତ, ବ୍ୟଥିତ ଶାମ୍ବ ଦ୍ୱାରକାରୁ ଆସି ପୂର୍ବ ଉପକୂଳର ମୈତ୍ରେୟ ବନର ଚନ୍ଦ୍ରଭାଗା ନଦୀକୂଳ୍ରେ ନିରାହାର ଏବଂ ଜିତେନ୍ଦ୍ରିୟ ହୋଇ ଦୀର୍ଘ ବାରବର୍ଷ କାଳ କଠୋର ତପସ୍ୟାରତ ଥିଲେ ଏବଂ ଶେଷରେ ସୂର୍ଯ୍ୟଙ୍କ କଲ୍ୟାଣରୁ ରୋଗମୁକ୍ତ ହୋଇଥିଲେ । କୋଣାର୍କ କ୍ଷେତ୍ର ହିଁ ହେଉଛି ସେତେବେଳକାର ମୈତ୍ରେୟବନ ।

ସୂର୍ଯ୍ୟଦେବ ଶାମ୍ବଙ୍କୁ ବର ପ୍ରଦାନ କରି କହିଲେ, ''ଆଜିଠାରୁ ମୋ ନାମରେ ମର୍ତ୍ତ୍ୟଲୋକରେ ଯିଏ ମନ୍ଦିର ତୋଳି କ୍ଷେତ୍ର ସ୍ଥାପନ କରିବ, ସେ ସନାତନଲୋକ ପ୍ରାପ୍ତ ହେବ ।'' ପରଦିନ ବ୍ରାହ୍ମ ମୁହୂର୍ତ୍ତରେ ଶାମ୍ବ ଚନ୍ଦ୍ରଭାଗା ନଦୀରେ ସ୍ନାନ କରୁଥିବାବେଳେ ସୂର୍ଯ୍ୟଦେବଙ୍କର ଏକ ପ୍ରସ୍ତର ମୂର୍ତ୍ତି ନଦୀ ଗର୍ଭରୁ ପ୍ରାପ୍ତ ହେଲେ ଏବଂ ମନ୍ଦିର ନିର୍ମାଣ କରି ମୂର୍ତ୍ତିଟି ପ୍ରତିଷ୍ଠା କଲେ । ସେହିଦିନଠାରୁ ଅଂଶୁମାନଙ୍କର ମୂର୍ତ୍ତି ମର୍ତ୍ତ୍ୟରେ ପୂଜା ପାଉଅଛି ।

ଚାରିହଜାର ବର୍ଷ ତଳର ଶାମ୍ବସାଧନାପୀଠ ଆଜି କୋଣାର୍କ ମଠ ଭାବରେ ନାମିତ । ଏବେ ମଧ୍ୟ କେତେକ କୁଷ୍ଠରୋଗୀ ଏଠାରେ ଆରୋଗ୍ୟ କାମନା କରି ପଡ଼ି ରହିଛନ୍ତି । ମଠରେ ସୂର୍ଯ୍ୟ ଦେବତାଙ୍କୁ ନିରାକାର ବ୍ରହ୍ମ ରୂପେ ପୂଜା କରାଯାଏ । କଳା ମୁଗୁନି ପଥରର ଓଁକାର ବ୍ରହ୍ମ ମୂର୍ତ୍ତି ପୂଜା ପାଉଛନ୍ତି । ମନ୍ଦିର ପଛ ପାଖରେ ଚାଳ ଛପର ମଉଡ଼ମରା ଘର ଭିତରେ ଧୂନି କୁଣ୍ଡରେ ବୈଷ୍ଣବାଗ୍ନି ଜଳୁଛି । ମଠ ପ୍ରାଙ୍ଗଣରେ ପୂର୍ବତନ ସତରଗୋଟି ଅବଧୂତ ସାଧୁଙ୍କର ସମାଧି ମନ୍ଦିର ଅଛି । ମଠର ବାବାଜୀମାନେ ସମାଧି ପୀଠରେ ପୂର୍ବତନ ସାଧୁମାନଙ୍କର ପୂଜା ଉପାସନା କଲାବେଳେ ଚାର୍ଲସର ପୁନର୍ବାର ବିଶ୍ୱାସ ଜନ୍ମେ ଆତ୍ମା ଅମର—ଅଜର—ଅବିନଶ୍ୱର । ଚିନ୍ତା ରାଜ୍ୟରେ ବୁଡ଼ିଯାଇ ଚାର୍ଲସ ଧୀରେ ଧୀରେ ଚାଲି ଚାଲି ମଠର ଦକ୍ଷିଣ ଦିଗରେ ଥିବା ପୁଷ୍କରିଣୀ ନିକଟରେ ପହଞ୍ଚିଯାଏ । ତା'ର ଚାରିପଟେ ବେଢ଼ିଥିବା ଲଙ୍କା ଆମ୍ବର ବଗିଚାମାନଙ୍କ ଭିତରେ ଘୂରି ଘୂରି ଚାର୍ଲସ ଅକସ୍ମାତ୍ ଉଦାସ ହେଇଯାଏ ।

ଲିଲିଆନ୍‌କୁ ଅପେକ୍ଷା କରି ହିଁ ଚାର୍ଲସ ରହୁଥାଏ ଟୁରିଷ୍ଟ ବଙ୍ଗଳାରେ । ନଚେତ୍ ସେ ରହନ୍ତା ଯେ କୌଣସି ମଠରେ । ଶୁଅନ୍ତା ଚନ୍ଦ୍ରଭାଗାର ବେଳାରେ । ଘୂରିବୁଲନ୍ତା ଝାଉଁବଣ ଓ ଲଙ୍କାବାଦାମ ବଗିଚା ଭିତରେ । ଉପରେ ନୀଳ ଆକାଶ । ପାଦତଳେ ଧରିତ୍ରୀର ବାଲୁକା ଶେଯ । ସାମ୍ନାରେ ସୁନୀଳ ସାଗର । ପଛରେ ମଗ୍ନ ମହର୍ଷି ଭଳି କୋଣାର୍କ । ଚାର୍ଲସକୁ ସବୁ କିଛି ଅପୂର୍ବ ଲାଗୁଥାଏ ।

Digitized by srujanika@gmail.com

ଟୁରିଷ୍ଟ ବଙ୍ଗଳାଠାରୁ ପିଚୁରାସ୍ତା ଦେଇ ଚାର୍ଲସ ଚନ୍ଦ୍ରଭାଗା ତୀରକୁ ଯାଏ ସମୁଦ୍ର ସ୍ନାନ ପାଇଁ । ରାସ୍ତାର ଦୁଇ ପାର୍ଶ୍ୱରେ ଧାଡ଼ି ଧାଡ଼ି ଝାଉଁଗଛ ଚାର୍ଲସର ପଥଶ୍ରାନ୍ତି ଦୂର କରିବା ପାଇଁ ଆଲଟ ତାମର ଧରୀ ଶୀତଳ ବାୟୁ ସୃଷ୍ଟି କରି ପଙ୍ଖା କରୁଥାନ୍ତି । ଚାର୍ଲସ ଭାବୁଥାଏ, ଇଣ୍ଡିଆର ଗଛପତ୍ର ବି ଆତିଥ୍ୟ କ'ଣ ଜାଣନ୍ତି ।

ଚନ୍ଦ୍ରଭାଗାର ଦୁଇପାର୍ଶ୍ୱରେ ଦୁଇଟି ମଠ । ପଶ୍ଚିମ କୂଳରେ ଥିବା ମଠଟି ବହୁ ପ୍ରାଚୀନ । ପ୍ରାଣୀମାନଙ୍କ ହିତ ଲାଗି ସ୍ୱୟଂ ସୂର୍ଯ୍ୟଦେବ କଳ୍ପବଟ ରୂପ ଧାରଣ କରି ଏଠାରେ ଅବସ୍ଥାନ କରିଥିବା କଥା କପିଳସଂହିତାରେ ଲେଖାଅଛି । ସେହି କଳ୍ପବଟକୁ ପୂର୍ବେ ଅର୍କବଟ ମଧ୍ୟ କୁହାଯାଉଥିଲା ଏବଂ ଅର୍କବଟକୁ ନିଷ୍ଠାରସହ ପୂଜା ଉପାସନା କରାଯାଉଥିଲା । ବର୍ତ୍ତମାନ ସେ ବଟବୃକ୍ଷ ନାହିଁ । ବଟବୃକ୍ଷ ସ୍ଥାନରେ ବଟେଶ୍ୱର ମହାଦେବ ପୂଜା ପାଉଛନ୍ତି । ଚନ୍ଦ୍ରଭାଗା ମଠଟି ତା'ରି ନିକଟରେ ସ୍ଥାପିତ ହୋଇଥିଲା । ଚନ୍ଦ୍ରଭାଗାର ପୂର୍ବ ଦିଗରେ ସମୁଦ୍ର କୂଳରେ କିଛିବର୍ଷ ପୂର୍ବେ ବିରଞ୍ଚି ନାରାୟଣ ମଠ ସ୍ଥାପିତ ହୋଇଛି । ଦୁଇଟିଯାକ ମଠରେ ଚାର୍ଲସ କିଛି ସମୟ କଟାଏ । ତା'ପରେ ଚାଲି ଚାଲି ଯାଏ ନୋଳିଆବସ୍ତି ଆଡ଼େ । ପୁଣି ଚାଲି ଚାଲି ଫେରେ । ନିଶ୍ଚିହ୍ନ ହୋଇଆସୁଥିବା ଚନ୍ଦ୍ରଭାଗା ନଦୀଧାରରେ ଘୂରି ଘୂରି ଓଦା ବାଲିରେ କଳିଙ୍ଗ ସ୍ଥପତି ଓ ଶିଳ୍ପୀର ପଦଚିହ୍ନ ଖୋଜିହୁଏ । ବିଷ୍ଣୁ ମହାରଣା କହେ—''ଶୁଣ ସାହେବ ! ମନକୁ ନିର୍ମଳ କର—ଉଦାର କର—ସ୍ଥିର, ଶାନ୍ତ କର । ଏକାଗ୍ର ଚିତ୍ତରେ ଅତୀତର କଳିଙ୍ଗକୁ ଖୋଜ । ଚର୍ମଚକ୍ଷୁ ନୁହେଁ—ଦିବ୍ୟ ଦୃଷ୍ଟି ଦେଇ କୋଣାର୍କକୁ ଅନୁଧ୍ୟାନ କର । ସବୁ ପାଇଯିବ—ସବୁ ଦେଖିପାରିବ ।''

ଲିଲିଆନ୍ ଆସି ପହଞ୍ଚିବାବେଳକୁ ଚାର୍ଲସ କୋଣାର୍କର ଆଖପାଖ ଅଞ୍ଚଳ ସମ୍ବନ୍ଧରେ ମୋଟାମୋଟି ଗୋଟାଏ ଧାରଣା କରି ସାରିଥାଏ । ଚାର୍ଲସ ଏବଂ ଲିଲିଆନ୍ ବହୁଦିନରୁ ପ୍ରେମ ପାଶରେ ଆବଦ୍ଧ । ବିବାହର ପ୍ରଶ୍ନ କେବେ ଉଠିନି । ଚାର୍ଲସ ବିବାହର ଘୋର ବିରୋଧି । ବିବାହରେ ସେ ବିଶ୍ୱାସ କରେନା । ଲିଲିଆନ୍ ତରଫରୁ ମଧ୍ୟ ବିବାହର କଥା କେବେ ଉଠିନି । ତଥାପି ସେମାନେ ସୁଯୋଗ ମିଳିଲେ ଏକତ୍ର ରହନ୍ତି । ଲିଲିଆନ୍ ଚାର୍ଲସ ସହ ଅନେକ ଘୂରିଛି । ତା'ର କଲେଜ ଛୁଟି ହେବା ମାତ୍ରେ ଚାର୍ଲସ ସହ ମିଳିତ ହେବାପାଇଁ ସେ ମଧ୍ୟ ଉଡ଼ିଆସିଛି ଇଣ୍ଡିଆ । କୋଣାର୍କ ସମ୍ବନ୍ଧରେ ଲିଲିଆନ୍ ମନରେ ଅନେକ ଉତ୍କଣ୍ଠା ଓ ଆବେଗ । ସେ ଶୁଣିଛି କୋଣାର୍କ ଗାତ୍ରରେ କେବଳ ମୈଥୁନ ଓ ଯୌନ ଚିତ୍ର ହିଁ ଚମତ୍କାର ଭାବରେ ଖୋଦିତ ହେଇଛି । କୋଣାର୍କର ଅର୍ଥ ଲିଲିଆନ୍ ବୁଝେ, ସେକ୍ସ—ମୈଥୁନ । ସେ ଦୃଶ୍ୟଗୁଡ଼ିକୁ ଚାର୍ଲସ ସହ ଏକତ୍ର

Digitized by srujanika@gmail.com

ଉପଭୋଗ କରିବାର ପ୍ରଲୋଭନରେ ଲିଲିଆନ୍ ଆସିଛି । ସେଇ ଦୃଶ୍ୟର ଆକର୍ଷଣରେ ହିଁ ଅନେକ ଯୁବକ ଯୁବତୀ କୋଣାର୍କ ଆସିଥାନ୍ତି । ଚାର୍ଲସର ମଧ୍ୟ ପ୍ରଥମେ ସେମିତି ଧାରଣା ଥିଲା । ମାତ୍ର କୋଣାର୍କ ସମ୍ବନ୍ଧରେ ଅଳ୍ପ କିଛି ଅଧ୍ୟୟନ କରିବା ପରେ ତା'ର ସେ ଧାରଣା ଦୂର ହୋଇଛି । ଯେଉଁ କୋଣାର୍କର ମୈଥୁନ ଦୃଶ୍ୟ ଦେଖି ଯୁବ ପ୍ରାଣରେ ଅଦମ୍ୟ ରୋମାଞ୍ଚ ଜାଗେ, ସେଇ କୋଣାର୍କକୁ ଦେଖିଲେ ଚାର୍ଲସ କେମିତି ନିସ୍ପନ୍ଦ ହେଇଯାଏ । ସ୍ଥିର ହେଇଯାଏ ତା'ର ରକ୍ତପ୍ରବାହ । କୋଣାର୍କ ଯେମିତି ଅନେକ ରହସ୍ୟ ଏବଂ ଅନେକ ବିସ୍ମୟର ଗନ୍ତାଘର । ସେ ଯେମିତି ଅତିନ୍ଦ୍ରିୟ ମହର୍ଷି ଜଓ !

ଲିଲିଆନ୍ ଆସିଛି ଛୁଟି କଟାଇବା ପାଇଁ । ଚାର୍ଲସ ଆସିଛି ଗବେଷଣା ଉଦ୍ଦେଶ୍ୟରେ । ଲିଲିଆନ୍‌ର ଆଖିକୁ କୋଣାର୍କ ଗୋଟାଏ ପର୍ନୋଗ୍ରାଫିକ ଆଲବମ୍ ଭଳି ଦିଶୁଥାଏ । ପ୍ରଥମ ଦିନ ହିଁ କୋଣାର୍କର ପୂର୍ବପାଖ ଦ୍ୱାର ମୁହଁରେ ଲିଲିଆନ୍‌ର ଧର୍ମାନନ୍ଦ ସହ ଦେଖା ହୋଇଗଲା । ଧର୍ମାନନ୍ଦ ବାରବର୍ଷର ବାଳକ । କୋଣାର୍କ ଭାସ୍କର୍ଯ୍ୟର ଫଟୋ ବିକ୍ରୀ କରେ । ଅପରିପକ୍ୱ କିଶୋର ଧର୍ମାନନ୍ଦର ଚିନ୍ତାଧାରା କିନ୍ତୁ ବେଶ୍ ଅଭିଜ୍ଞ ଏବଂ ପରିପକ୍ୱ । ମୁହଁ ଦେଖି ସେ ଜାଣିପାରେ କିଏ କେଉଁ ଧରଣର ଗ୍ରାହକ । ଧର୍ମାନନ୍ଦ ବିଭିନ୍ନ ଭାସ୍କର୍ଯ୍ୟର ଫଟୋ ସ୍ୱତନ୍ତ୍ର ଖୋଳ ଭିତରେ ଯତ୍ନରେ ରଖିଥାଏ । ଗ୍ରାହକର ମୁହଁ ଦେଖି ସେ ନିର୍ଦ୍ଦିଷ୍ଟ ଫଟୋଗୁଡ଼ିକ ପ୍ରଦର୍ଶନ କରେ । ଫଟୋଗୁଡ଼ିକର ବର୍ଣ୍ଣନା ଅନର୍ଗଳ କରିଚାଲେ । ସମ୍ମୋହିତ ହୁଏ ଦର୍ଶକ ଫଟୋଗୁଡ଼ିକ ଦେଖି । ବିମୁଗ୍ଧ ହୁଏ ଧର୍ମାନନ୍ଦର ବର୍ଣ୍ଣନା ଚାତୁରୀରେ । ଧର୍ମାନନ୍ଦର ଫଟୋ ଖୁବ୍ ବିକ୍ରୀ ହୁଏ । ଅନ୍ୟ ଅନେକ ଫଟୋବିକାଳୀ ବାଳକ ପଛରେ ପଡ଼ିଯାନ୍ତି । ଧର୍ମାନନ୍ଦ ବିଦେଶୀ ଟୁରିଷ୍ଟମାନଙ୍କୁ ମଧ୍ୟ ଇଂରାଜୀମିଶା ହିନ୍ଦିରେ କଥା କହି ବଶୀଭୂତ କରିଦିଏ । ଧର୍ମାନନ୍ଦ ପାଠ ପଢ଼ିବାବେଳେ ମେଧାବୀ ଥିବ—ଏଥିରେ ସନ୍ଦେହ ନାହିଁ । ଅର୍ଥାଭାବରୁ ସପ୍ତମ ଶ୍ରେଣୀ ପାଠ ଶେଷକରି ସେ ହାଇସ୍କୁଲରେ ଭର୍ତ୍ତି ହୋଇପାରିଲା ନାହିଁ । ତା' ବାପାଙ୍କର ଆହୁରି ସାତଟି ସନ୍ତାନ ଧର୍ମାନନ୍ଦ ତଳେ । ବାରବର୍ଷ ବୟସରୁ ହିଁ ଧର୍ମାନନ୍ଦକୁ ବାପାର ବର୍ଦ୍ଧିଷ୍ଣୁ ସଂସାରର ବୋଝ ଅଧାଅଧି ମୁଣ୍ଡେଇବାକୁ ପଡ଼ିଛି । କୋଣାର୍କଠାରୁ ତିନି କିଲୋମିଟର ଦୂର କରମଙ୍ଗା ଗ୍ରାମରେ ଧର୍ମାନନ୍ଦର ଘର । ପ୍ରତିଦିନ ସକାଳୁ ପଖାଳ ଖାଇ ସେ ଘରୁ ବାହାରିପଡ଼େ । ଦିନସାରା ଟୁରିଷ୍ଟମାନଙ୍କ ପିଛା ଧରିଥାଏ । ମଧ୍ୟାହ୍ନରେ ଚାହା ଆଉ ବରା ପକୁଡ଼ି ଖାଇ ରହିଯାଏ । ଯେଉଁଦିନ ଭଲ ରୋଜଗାର ହୋଇଥାଏ ସେଦିନ ମନଖୁସିରେ କୋଣାର୍କର ଦକ୍ଷିଣ ପଶ୍ଚିମ କୋଣକୁ ଥିବା ନାରୁ ନନାର ''ଧର୍ମପଦ ହିନ୍ଦୁ ହୋଟେଲ''ରେ ଗରମ ଗରମ ମୋଟାଭାତ, ମୁଗଡାଲି, କଖାରୁ, ଆଳୁ ଝୋଳ, କେବେ କେବେ ବା ସମୁଦ୍ର ମାଛର ଅଧାପ୍ଲେଟ ତରକାରୀ ପରମ ତୃପ୍ତିରେ ଖାଏ । ସେତେବେଳେ ଧର୍ମପଦ ହୋଟେଲ ମୁଣ୍ଡି ମରାହୋଇ ନଥିବା ଛପର ଉଡ଼ି ଯାଇଥିବା ମାଟିଘରେ ବସି ଖାଇବା ବେଳେ ଉପରେ ପଡୁଥିବା ଟାଣଖରା ଦେହକୁ କାଟେ ନାହିଁ । ପାଦ

Digitized by srujanika@gmail.com

ତଳର ଅପରିଷ୍କାର ମାଟି ଚଟାଣ ପାଦକୁ ଖରାପ ଲାଗେ ନାହିଁ । ବହୁ ଦିନର ବ୍ୟବହୃତ ପୁରୁଣା କାଠ ଟେବୁଲରେ ମଳି ବସି ବସି କଳାରଙ୍ଗର ପରଷ୍ଟଟିଏ ରଙ୍ଗ ମାରିଲା ପରି ଚିହ୍ନଣ ହୋଇ ବସିଯାଇଥିଲେ ବି ମନରେ ଘୃଣା ଆସେନାହିଁ । ଧର୍ମାନନ୍ଦ ଭାବେ କି ଉପାୟ କଲେ ସେ ପ୍ରତିଦିନ ଏମିତି ପେଟପୂରା ଦିବ୍ୟ ଭୋଜନ କରିପାରିବ ଆଉ ତା'ର ପଙ୍ଗପାଳ ଭାଇ ଭଉଣୀଙ୍କୁ ବି ପୋଷି ପାରିବ ।

ଗାଡ଼ି ଚଢ଼ିଆସି ପାନ୍ଥ ନିବାସ ବା ବଡ଼ ବଡ଼ ଲଜିଂରେ ରହୁଥିବା ଲୋକମାନଙ୍କୁ ଚାହିଁ ଚାହିଁ ଧର୍ମାନନ୍ଦ ବେଳେବେଳେ ଭାବେ ସେ ମଧ୍ୟ ଏମିତି ପଇସା ଖର୍ଚ୍ଚ କରିପାରୁଥାନ୍ତା, ପେଟଭରି ଭଲ ଖାଦ୍ୟ ଖାଇପାରୁଥାନ୍ତା ଆଉ ବୁଲିପାରୁଥାନ୍ତା କି ? ସେ ବୁଝିପାରେ ନାହିଁ ସେ ଏଭଳି ଦରିଦ୍ର କାହିଁକି ହେଲା ? ଭୋକ ପେଟରେ ନିର୍ଧୂମ ଖରାରେ ଟୁରିଷ୍ଟମାନଙ୍କ ପଛେ ପଛେ ଘୂରି ଘୂରି କୋଣାର୍କ ବେଢ଼ା ସକାଳୁ ସଞ୍ଜଯାଏ ପଚିଶ ତିରିଶଥର ପ୍ରଦକ୍ଷିଣ କରିବା ସଙ୍ଗେ ସଙ୍ଗେ ରେକର୍ଡ଼ ବଜାଇଲା ଭଳି ମୁଖସ୍ତକରା ଅଧେ ବୁଝୁଥିବା, ଅଧେ ବୁଝୁନଥିବା କଥାଗୁଡ଼ା ଚର୍ବିତ ଚର୍ବଣ କରିବା ଭଳି କି ଅପରାଧ ସେ କରିଛି, ସେକଥା ମଧ୍ୟ ସେ ବୁଝିପାରେ ନାହିଁ । ତା'ର ଅନେକ ସମୟରେ ଧାରଣା ହୁଏ ଦୋଷ ତା ମା'ର । ସେ ଏତେ ପିଲା ଜନ୍ମ କରୁଥିଲା କାହିଁକି ? ମା' ଯଦି ନିୟମ କଲା ଭଳି ପ୍ରତିବର୍ଷ ପିଲା ଜନ୍ମ କରେ, ବିଚରା ବାପା କରିବ କ'ଣ ? ସେ ଏକା ଏକା ଏତେ ଲୋକଙ୍କୁ ପୋଷିବ କେମିତି ? ସେ ବେଳେବେଳେ ଭାବୁଥିଲା ମା' ଯଦି ଜିଦ୍ କଲାଭଳି ଛୁଆ ଜନ୍ମ କରିବାଟାକୁ ନିଜର ପେଶା କରିଛି, ବାପା ତାକୁ ବାହାର କରି ଦେଉନି କାହିଁକି ? ତା ବାପାଟା ନିରୀହ ଲୋକଟିଏ । ସେଇଥିପାଇଁ ବୋଧହୁଏ ଯେତେ ହନ୍ତସନ୍ତ ହେଲେ ମଧ୍ୟ ମା'କୁ ପୋଷୁଛି—ତା'ର ଘୁଷୁରୀ ପଲ ଭଳି ପିଲାଙ୍କୁ ପୋଷୁଛି । ସେଇ ଘୁଷୁରୀ ପଲ ଭିତରୁ ଧର୍ମାନନ୍ଦ ବି ଜଣେ ।

ସ୍କୁଲ ଛାଡ଼ି ଫଟୋ ବିକ୍ରିକରିବା ପରେ ପରେ ଧର୍ମାନନ୍ଦ ବୁଝିପାରିଛି ମା' ଅପେକ୍ଷା ବାପାହିଁ ବୋଧହୁଏ ତାଙ୍କର ଏ ଦାରିଦ୍ର୍ୟ ପାଇଁ ବେଶୀଭାଗ ଦାୟୀ । ବାପା ମା'କୁ କାହିଁକି ବାହାର କରିଦେଇ ନାହିଁ, ତା ମଧ୍ୟ ସେ କୋଣାର୍କ ଫଟୋ ବିକ୍ରି କରିବା ଦ୍ୱାରା ବୁଝି ପାରିଛି । ପାଠ ପଢ଼ିବାବେଳେ ସେ ଶ୍ରେଣୀରେ ଦ୍ୱିତୀୟ କିମ୍ବା ତୃତୀୟ ହେଉଥିଲା ଏବଂ ବଭ୍ରୁତା ପ୍ରତିଯୋଗିତାରେ ସବୁବେଳେ ପ୍ରଥମ ହେଉଥିଲା । ସେତେବେଳେ ସାହିତ୍ୟ, ଗଣିତ, ଇତିହାସ, ଭୂଗୋଳ ବା ବିଜ୍ଞାନ ପଢ଼ି ସଂସାରକୁ ଯେତିକି ବୁଝିନଥିଲା ଏଇ ଫଟୋ ବିକ୍ରିକରିବା ଦ୍ୱାରା ସେ ସଂସାରକୁ ତା'ଠାରୁ ଅଧିକ ଗହନ ଭାବେ ବୁଝିପାରିଛି । ବୟସରେ ଛୋଟ ହେଲେ ବି ମନରେ ସେ ପରିପକ୍ୱ ହୋଇଉଠିଛି ।

ସ୍କୁଲ ଛାଡ଼ି ପେଟ ପାଇଁ ଫଟୋ ବିକ୍ରୀକୁ ପେଶା କଲାବେଳେ ତାକୁ ଖୁବ୍ ଦୁଃଖ ଲାଗୁଥିଲା । ସେ କାମକୁ ବାହାରିବାବେଳେ ତା'ର ସାଙ୍ଗମାନେ ବହି ଧରି ହାଇସ୍କୁଲକୁ

Digitized by srujanika@gmail.com

ଯାଉଥିବାର ଦେଖିଲେ ତା' ମନରେ ଯେତିକି ଦୁଃଖ ହୁଏ ତା'ଠାରୁ ବେଶି ହୁଏ ରାଗ ଆଉ ଅଭିମାନ । ଏ ଅଭିମାନ ଓ ରାଗ କାହା ଉପରେ ସେ ଠିକ୍ ବୁଝିପାରେ ନାହିଁ । ଆଜିକାଲି ତାକୁ ଆଉ ଏତେ ଦୁଃଖ ଲାଗେ ନାହିଁ । ଫଟୋ ବିକ୍ରିରେ ଅନେକ ରୋମାଞ୍ଚ, ଅନେକ କୌତୁକ ଆଉ ଅସୀମ ଆନନ୍ଦ ତାକୁ ମିଳେ । ତା' ବୟସର ଛାତ୍ରମାନଙ୍କୁ ଯେଉଁସବୁ କଥା ଜାଣିବା ପାଇଁ, ବୁଝିବା ପାଇଁ, ଜାଣିବା ପାଇଁ ବାରଣ କରାଯାଏ ସେସବୁ ସେ ଅବାଧରେ କରିପାରୁଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେକରେ । ତା'ର ଯେଉଁ ସାଙ୍ଗମାନେ ହାଇସ୍କୁଲରେ ପଢୁଛନ୍ତି ସେମାନେ ଏବେ ମଧ୍ୟ ସୃଷ୍ଟିର ଗୂଢ଼ ରହସ୍ୟ ସମ୍ପର୍କରେ ଅଜ୍ଞ ଏବଂ ନିତାନ୍ତ ନିର୍ବୋଧ ହୋଇ ରହିଛନ୍ତି ଭାବି ସେ ସେମାନଙ୍କୁ ହେୟଜ୍ଞାନ କରି ନିଜ ହୃଦୟର ଅନେକ ଅପୂର୍ଣ୍ଣ ହାହାକାରକୁ ପ୍ରଶମିତ କରିନିଏ । କାମଟା ତାକୁ ଧୀରେ ଧୀରେ ଆରେଇ ଯାଉଥାଏ ।

ଲିଲିଆନ୍‌କୁ ଦେଖୁ ଦେଖୁ ଧର୍ମାନନ୍ଦ କୋଣାର୍କ ଗାତ୍ରରେ ଖୋଦିତ ମୈଥୁନ ଚିତ୍ରଗୁଡ଼ିକର ଫଟୋ ପ୍ୟାକେଟ୍ ତା ହାତକୁ ବଢ଼ାଇଦେଲା । ଲିଲିଆନ୍ ନିସଂକୋଚରେ ସବୁଗୁଡ଼ିକ ଫଟୋ ଗୋଟିକ ପରେ ଗୋଟିଏ ଦେଖୁଥିବାବେଳେ ଧର୍ମାନନ୍ଦ ପର୍ଯ୍ୟାୟକ୍ରମେ ଚିତ୍ରଗୁଡ଼ିକର ବର୍ଣ୍ଣନା ଚମତ୍କାର ଭାବରେ କରିଚାଲିଥାଏ । ପୁରା ପ୍ୟାକେଟଟା ଫଟୋ ଲିଲିଆନ୍ କିଣିନେଲା ଚଢ଼ା ଦାମ୍‌ରେ । ସେଇସବୁ ଦୃଶ୍ୟର ବଡ଼କରା ରଙ୍ଗିନ୍ ଫଟୋ ପଚିଶ ସେଟ୍ ସେ ଅର୍ଡ଼ର ଦେଲା । ତା' ଦେଶରେ ଅନେକ ବନ୍ଧୁ ବରାଦ କରିଛନ୍ତି । ଫଟୋଗୁଡ଼ିକ ଦେଖିବା ପରେ ସେମାନେ ନିଶ୍ଚୟ ସୁବିଧା କରି କୋଣାର୍କ ଆସିବେ ଛୁଟି କଟାଇବା ପାଇଁ । ଧର୍ମାନନ୍ଦର ଭାଗ୍ୟ ଏମିତି ଦିନେ ଦିନେ ଜଳୁଥାଏ । ବିଦେଶୀ ଲୋକଗୁଡ଼ା ପଇସାକୁ ପରବାୟ କରନ୍ତି ନାହିଁ । ଧର୍ମାନନ୍ଦ କେତେଟା ବିଦେଶୀ ଆଦବ କାଇଦା ମଧ୍ୟ ଜାଣିଛି । ସେମାନଙ୍କୁ ସେ ''ଗୁଡ୍‌ମର୍ଣ୍ଣିଂ'', ''ଗୁଡ୍ ଇଭିନିଂ'' ଜଣାଏ । ବର୍ଣ୍ଣନା କରୁ କରୁ ଠାକି ଗଲେ 'ସରି' କହି ପୁଣି କଥା ଆରମ୍ଭ କରେ । ନିଜକୁ ସେମାନଙ୍କ ସହ ପରିଚିତ କରାଇବା ପୂର୍ବରୁ କହେ—ଏକ୍‌ସକ୍ୟୁଜ୍ ମି. ମାଡ଼ାମ—ମୁଁ ଧର୍ମାନନ୍ଦ ଦାସ, ଇତ୍ୟାଦି ଇତ୍ୟାଦି..... ଫଟୋ ଦେଇସାରି ଦାମ୍ ଗଣିନେବା ବେଳେ ନରମ କଣ୍ଠରେ କହେ—ଥ୍ୟାଂକ୍ୟୁ ସାର୍—ଥ୍ୟାଂକ୍ୟୁ ମାଡ଼ାମ୍ । ଧର୍ମାନନ୍ଦକୁ ସମସ୍ତେ ଭଲପାନ୍ତି ।

ଲିଲିଆନ୍ ଫଟୋଗୁଡ଼ିକ ଦେଖିସାରି ଚାର୍ଲସର ହାତଧରି ଆଗେଇ ଯାଉଛି ନାଟମନ୍ଦିର ଆଡ଼େ । ଗାଇଡ୍ ଶ୍ରୀଧର ବେଉରା ଅଭିବାଦନ ଜଣାଇଲା । ବିନା ବାକ୍ୟ ବ୍ୟୟରେ ଶ୍ରୀଧରକୁ ନେଇ ଲିଲିଆନ୍ ଥରେ କୋଣାର୍କ ସମ୍ବନ୍ଧରେ ଗୋଟାଏ ମୋଟାମୋଟି ଧାରଣା କରିନେଲା । ଶ୍ରୀଧର ଜାଣି ଜାଣି ମୈଥୁନ ମୂର୍ତ୍ତିମାନଙ୍କ ପାଖରେ ଅପେକ୍ଷାକୃତ ବେଶି ସମୟ ଅଟକି ଯାଉଥାଏ । ଗଳା ବସେଇ ଭଲଭାବରେ ଛବିଟାକୁ ବୁଝାଉଥାଏ । କ୍ଷମା ମାଗି ମଝିରେ ମଝିରେ

Digitized by srujanika@gmail.com

କହୁଥାଏ—ସାହେବଙ୍କୁ ଡାକନ୍ତୁ ମ୍ୟାଡ଼ାମ୍ । ଏସବୁ ଛବି ଏକା ଏକା ଦେଖିବାର ନୁହେଁ । ଲିଲିଆନ୍ ଖୋଲା ମିଜାଜ୍‌ର ଝିଅ । ସେକ୍‌ସ ବିଷୟରେ ତା' ମନରେ କୌଣସି ରକ୍ଷଣଶୀଳତା ନାହିଁ । ସେ ହସିଦିଏ ଏବଂ ଉତ୍ତର ଦିଏ—ସାହେବଙ୍କୁ ନେଇ ପରେ ଏସବୁ ଆଉଥରେ ଦେଖିବି । ପ୍ରଥମେ ମୁଁ ଗୋଟାଏ ଧାରଣା କରିନିଏ । ଲିଲିଆନ୍ ଯେମିତି ଖୋଲା ମନର ଝିଅ ସେମିତି ଖୋଲା ହାତରେ ସେ ଗାଇଡ୍ ଶ୍ରୀଧରକୁ ମଧ୍ୟ ତା'ର ପ୍ରାପ୍ୟ ଦେବା ପରେ କିଛି ବକ୍‌ସିସ ମଧ୍ୟ ଦେଇଥିଲା ।

ଚାର୍ଲସ ଏକା ଏକା ଦେଖୁଥାଏ କୋଣାର୍କର କାରୁକାର୍ଯ୍ୟ—ଗବେଷକର ଦୃଷ୍ଟି ନେଇ । ଦାର୍ଶନିକ ଭାବନାରେ ମଗ୍ନହେଇ ସେ ଗୋଟିଏ ଗୋଟିଏ ମୂର୍ତ୍ତି ପାଖରେ ଠିଆ ହୋଇ ନିସ୍ପନ୍ଦ ହୋଇଯାଉଥାଏ ।

ଲିଲିଆନ୍‌କୁ ଖୁସି କରିବା ପାଇଁ ସେ କିନ୍ତୁ କୋଣାର୍କରେ ଖୋଦିତ ମୈଥୁନ ଚିତ୍ରଗୁଡ଼ାକ, ତା'ପର ଦିନ ଲିଲିଆନ୍‌ର ବାହୁରେ ବାହୁ ଛନ୍ଦି ବୁଲି ବୁଲି ଦେଖିଲା ।

ଚିତ୍ରଗୁଡ଼ିକ ଦେଖି ଲିଲିଆନ୍ ଆବେଗରେ ସ୍ପନ୍ଦିତ ହେଇ ଉଠିଲାବେଳେ ଚାର୍ଲସ ମନରେ ଏପରି ଦୃଶ୍ୟ ପ୍ରତି ଘୋର ବିତୃଷ୍ଣା ଜାଗୁଥାଏ । ସେ ଭାବୁଥାଏ ଭାରତୀୟ ଦେବ ମନ୍ଦିରରେ ଏପରି ମୈଥୁନ ଚିତ୍ର ନିଶ୍ଚୟ ଧର୍ମ ବିରୋଧୀ ଏବଂ ଦର୍ଶକର ନୈତିକ ଚରିତ୍ର ପ୍ରତି ହାନିକାରକ । ସେ ଭାବୁଥାଏ କୋଣାର୍କ ଯୁଗରେ କଳିଙ୍ଗ ଶିଳ୍ପୀ ତଥା କଳିଙ୍ଗ ଅଧିବାସୀଙ୍କର ନୈତିକ ଚରିତ୍ର ହୁଏତ ଖୁବ୍ ନିମ୍ନସ୍ତରର ଥିଲା । ଏଭଳି ଯୌନ ଚିତ୍ର ଖୋଦିତ କରିବା ଫଳରେ କଳିଙ୍ଗ ଶିଳ୍ପୀର ଏକାଗ୍ର ସାଧନା ଯେ କିପରି ବ୍ୟାହତ ହେଲା ନାହିଁ, ସେକଥା ଭାବି ଚାର୍ଲସ ଆଶ୍ଚର୍ଯ୍ୟ ହେଉଥାଏ । ତେବେ କୋଣାର୍କ ସମୟର ଜନଜୀବନ ସେ ଯେପର୍ଯ୍ୟନ୍ତ ଅଧ୍ୟୟନ କରିନାହିଁ, ସେପର୍ଯ୍ୟନ୍ତ କୋଣାର୍କ ଶିଳ୍ପୀର ଏଭଳି ଚିତ୍ର ପଛରେ ନିହିତ ଥିବା ଉଦ୍ଦେଶ୍ୟ ସମ୍ବନ୍ଧରେ ଶେଷ ନିଷ୍ପତ୍ତି ନେଇନପାରେ ।

ଚାର୍ଲସ ଏପର୍ଯ୍ୟନ୍ତ ମଧ୍ୟ କୋଣାର୍କର ପ୍ରତିଟି ଚିତ୍ରକୁ ଅନୁଧ୍ୟାନ କରିନାହିଁ । ସେଥିପାଇଁ କିନ୍ତୁ ସଙ୍ଗୀ ଦରକାର । ଲିଲିଆନ୍ ନିଶ୍ଚିତ ଭାବେ ଚାର୍ଲସର ଜଣେ ସୁଖଦାୟିନୀ ଶଯ୍ୟାସଙ୍ଗିନୀ ହୋଇପାରେ; କିନ୍ତୁ କୋଣାର୍କର ଅଧ୍ୟୟନ କରିବାର ସଙ୍ଗୀ ସେ ନୁହେଁ । ଚାର୍ଲସର ପ୍ରେମିକ ପଣିଆର ପଟାନ୍ତର ନାହିଁ । ମାତ୍ର ଲିଲିଆନ୍ ଭଳି ସେ ଦେବମନ୍ଦିରକୁ ମଧ୍ୟ ନିଜର ନିଭୃତ ବେଡ୍‌ରୁମ ବୋଲି ମନେକରେ ନାହିଁ । ଏଇଠି ଚାର୍ଲସ୍ ଏବଂ ଲିଲିଆନ୍ ଭିତରେ ଫରକ । ଚାର୍ଲସ ଯାହା କରେ ତା' ଭିତରେ ସମ୍ପୂର୍ଣ୍ଣ ମଗ୍ନ ହୋଇଯାଏ । ଅଧ୍ୟୟନ ଏବଂ ଗବେଷଣା ବେଳେ ସେ ପ୍ରେମ, ପ୍ରଣୟ ଏବଂ ସମ୍ଭୋଗର କଥା ଭୁଲିଯାଏ । ପ୍ରେମ କଲାବେଳେ ପାଠ, ଗବେଷଣା, ଅନ୍ୟାନ୍ୟ ଦାୟିତ୍ୱର କଥା ବି ସମ୍ପୂର୍ଣ୍ଣ ଭୁଲିଯାଏ । ତେଣୁ ଯେତେବେଳେ ସେ ଯାହା କରେ

Digitized by srujanika@gmail.com

ସେଥିରେ ଉତ୍କର୍ଷ ସାଧନ କରେ । ମାତ୍ର ଲିଲିଆନ୍ ନିଜକୁ ପ୍ରେମିକା ନାରୀ ବ୍ୟତୀତ ଅନ୍ୟକିଛି ଭାବିପାରେ ନାହିଁ ! ଏପରିକି ଇଉନିଭରସିଟି କାମ୍ପସ ଭିତରେ ସେ ନିଜକୁ ଛାତ୍ରୀ ମନେକରେ ନାହିଁ । ପାଠପଢ଼ା ତା' ପାଖରେ ଗୌଣ । ମୌଜ ମସଲିସ କରି, ଜୀବନଟା କାଟିଦେବା ତା'ର ଲକ୍ଷ୍ୟ । ଏଠାରେ ପହଞ୍ଚିବା ପରେ ମଧ୍ୟ ସେ ଉପଦ୍ରବ ଆରମ୍ଭ କରିଛି । ଚାର୍ଲସର ଗବେଷଣା ଏବଂ ଅଧ୍ୟୟନ ସେ ଆସିବା ପରଠୁ ପୂରାପୂରି ବନ୍ଦ । ସାରାଦିନ ଚାର୍ଲସର ବାହୁରେ ବାହୁ ଛନ୍ଦି ସେ ଘୂରିବୁଲେ ମନ୍ଦିର ଚାରିପଟେ—ସମୁଦ୍ର ବେଳାରେ—ଝାଉଁ ବଣରେ । କହେ—''ଚାର୍ଲି—ଗବେଷଣା ଥାଉ, ଅଧ୍ୟୟନ ଥାଉ । କୋଣାର୍କରେ ସେସବୁ ପାଇଁ ପ୍ରଶସ୍ତ କ୍ଷେତ୍ର କାହିଁ ? କୋଣାର୍କ ଗୋଟାଏ ସେକ୍ସ ସିମ୍ବଲ । ଏଠି ଜୀବନକୁ ଉପଭୋଗ କର । କୋଣାର୍କ ମତେ ଉନ୍ମାଦ କରିଛି । ତମେ କିନ୍ତୁ ଏଠାରେ ଅସମ୍ଭବ ଭାବେ ବଦଳି ଯାଇଛ । କାହିଁ ତମର ସେ ଉନ୍ମାଦନା ଆଉ ଆବେଗ ! ଅବଶ୍ୟ ଏଠାରେ କୋଣାର୍କକୁ ବାଦଦେଇ ଆଉ କିଛି ନାହିଁ । ଯଦି ତମକୁ ଏ ନିର୍ଜନତା ନିସ୍ପନ୍ଦ କରିଦେଇଛି, ଚାଲ ଆଉ କୁଆଡ଼େ ଯିବା । ପ୍ରାଣଭରି ଜୀବନକୁ ଉପଭୋଗ କରିବା । ଜୀବନକୁ ଉପଭୋଗ କରିବା ପାଇଁ ଏଠାରେ ବା ଅଛି କ'ଣ ? କୋଣାର୍କରେ ଦୁଇଟି ରାତ୍ରୀ କଟାଇବା ପରେ ଆଉ କିଛି ନୂତନତ୍ୱ ନଥାଏ । ଚାଲ ଆଉକିଛି ନୂତନର ସନ୍ଧାନରେ ଯିବା ।''

ଚାର୍ଲସ ଦାର୍ଶନିକ ଭଳି କହେ—''ତମେ କୋଣାର୍କକୁ ଠିକ୍ ବୁଝିପାରିନାହଁ ଆନ୍ ! ମୁଁ ବି ତାକୁ ବୁଝିନାହିଁ । ଯେତିକି ତାକୁ ମୁଁ ବୁଝିଛି ସେତିକିରୁ ଜାଣେ କୋଣାର୍କ ନିତ୍ୟ ନୂତନ । କୋଣାର୍କ ମତେ ପ୍ରତିଦିନ କିଛି ନୂଆ କଥା କହେ—କିଛି ନୂତନ ବାର୍ତ୍ତା ଦିଏ । ତମେ ଦୃଷ୍ଟିଭଙ୍ଗୀ ବଦଳାଅ, ଦେଖିବ ତମକୁ କୋଣାର୍କ ଆକର୍ଷଣ କରିବ । ପ୍ରତିଦିନ ତମକୁ ସେ ନୂଆ କଥା କହିବ ।''

ଲିଲିଆନ୍ ଦୃଷ୍ଟିଭଙ୍ଗୀ ବଦଳାଏ ନାହିଁ । କୋଣାର୍କ ତାକୁ ଆକର୍ଷଣ କରେ ନାହିଁ । ତା'ର ମନେହୁଏ ଛୁଟିଟା ବୃଥା ନଷ୍ଟ ହୋଇଯାଇଛି ।

ରାତ୍ରୀ ନିର୍ଜନ ହେଲେ କୋଣାର୍କ ଜୀବନ୍ୟାସ ପାଏ । କିନ୍ତୁ ସେଦିନ ଅପରାହ୍ଣରେ ବି କୋଣାର୍କ ଜୀଇଁ ଉଠିଲା ଚାର୍ଲସର ଆଖି ସାମ୍ନାରେ । ଲିଲିଆନ୍ ଏବଂ ଚାର୍ଲସ କୋଣାର୍କର ଦୁଇ ପାର୍ଶ୍ୱରେ ବସିଥାନ୍ତି ଧ୍ୟାନମଗ୍ନ ହୋଇ । ଲିଲିଆନ୍ ସିଗ୍ରେଟ୍ ଟାଣୁ ଟାଣୁ ମୈଥୁନ ଚିତ୍ରଗୁଡ଼ାକୁ ନିବିଷ୍ଟ ଚିତ୍ତରେ ବସି ଦେଖୁଥାଏ । ଚାର୍ଲସ ଉପର ପାର୍ଶ୍ୱର ଗୋଟାଏ ପଥରର ଚମତ୍କାର ଜାଲିକାମ ଭିତରେ ହଜିଯାଇଥାଏ । କେହି କାହାକୁ ଦେଖିପାରୁ ନଥାନ୍ତି । ଆକାଶସାରା ମେଘ

Digitized by srujanika@gmail.com

ଝୁଲି ପଡୁଥାଏ । ଗୋଟାଏ ଗମ୍ଭୀର ପରିବେଶ ସୃଷ୍ଟି ହେଇଥାଏ କୋଣାର୍କର ବିସ୍ତୀର୍ଣ୍ଣ ପ୍ରାନ୍ତର ସାରା । ମୂର୍ତ୍ତିଗୁଡ଼ା ଆଉରି ଗମ୍ଭୀର ଦିଶୁଥାନ୍ତି । ଅକସ୍ମାତ୍ ଚାର୍ଲସ ଅନୁଭବ କଲା, କୋଣାର୍କର ଗୋଟିଏ ପାଷାଣ ମୂର୍ତ୍ତି କ୍ରମେ ଜୀଇଁ ଉଠୁଛି । ସେ ମୂର୍ତ୍ତିଟା ହଲଚଲ ହେଉଛି । ଚାର୍ଲସର ଶରୀରରେ ତଡ଼ିତ୍ ପ୍ରବାହ ହେଇଗଲା ଗୋଟାଏ ଅକଳ୍ପନୀୟ ରୋମାଞ୍ଚରେ । ଚାର୍ଲସ ନିଃଶବ୍ଦରେ ସେଇ ଜୀବନ୍ତ କୋଣାର୍କ କନ୍ୟାଟି ଦିଗରେ ଆଗେଇଲା । ଚାରିଆଡ଼େ ଅନ୍ଧକାର । କୋଣାର୍କର ପ୍ରାନ୍ତର ପ୍ରାୟ ଜନଶୂନ୍ୟ ହୋଇଯାଇଛି ଏ ଭିତରେ । ଚାର୍ଲସ ଜୀବନ୍ତ କୋଣାର୍କ ନାୟିକାର ପ୍ରାୟ ସାମ୍ନାସାମ୍ନି ହୋଇଗଲାଣି । ନାରୀ ମୂର୍ତ୍ତିଟା କୋଣାର୍କର ନାୟିକା ଭଳି ସୁଠାମ ଏବଂ ସୁଗଠିତ ହେଲେ ବି ସେ ବିବସନା ନୁହେଁ । ମୂର୍ତ୍ତିଟା ଜୀବନ୍ୟାସ ପାଇବା ପରେ ଲଜ୍ଜାନିବାରଣ ପାଇଁ ଯେମିତି ଶାଢ଼ୀଟିଏ ଯତ୍ନରେ ପିନ୍ଧିଛି । ଚାର୍ଲସ ଗୋଟାଏ ଅଦମ୍ୟ କୌତୂହଳରେ ମୂର୍ତ୍ତିଟାକୁ ସ୍ପର୍ଶ କରିବା ପାଇଁ ଯାଉ ଯାଉ ଅଟକିଗଲା । ମୂର୍ତ୍ତିଟା ସଙ୍କୁଚିତ ଭଙ୍ଗୀରେ ପଛକୁ ଘୁଞ୍ଚି ଯାଉଛି । ଜୀବନ୍ୟାସ ପାଇବା ପରେ ପ୍ରାଚ୍ୟ ନାରୀର ସହଜାତ ମଧୁର ଲଜ୍ଜାରେ ନାରୀଟିର ମୁଖମଣ୍ଡଳ ପୂର୍ବାପେକ୍ଷା ଅଧିକ ରମଣୀୟ ଦିଶୁଛି ।

ଚାର୍ଲସ ଏପରି ନିର୍ନିମେଷ ନୟନରେ ଚାହିଁଥିବାର ଦେଖି ନାରୀମୂର୍ତ୍ତିଟି ଧୀରେ ଧୀରେ ଅପସରି ଯାଉଛି ଚାର୍ଲସର ଦୃଷ୍ଟିପଥରୁ । ଚାର୍ଲସ ସଂବିତ୍ ଫେରିପାଇ କହିଲା—''କ୍ଷମା କରିବେ । ଏ ପର୍ଯ୍ୟନ୍ତ ମୁଁ ଭାବିଥିଲି କୋଣାର୍କର ନାରୀମୂର୍ତ୍ତିଟିଏ ପ୍ରାଣହୀନ ମୋ ସାମ୍ନାରେ ଠିଆହୋଇଛି । କୋଣାର୍କ ନାୟିକା ଜୀଇଁ ଉଠିଛେ ବୋଧହୁଏ ଆପଣଙ୍କ ଭଳି ମନେହୁଅନ୍ତି ।''

ନାରୀମୂର୍ତ୍ତିଟି ଚାର୍ଲସକୁ ସ୍ଥିର ଦୃଷ୍ଟିରେ ଚାହିଁ ଗମ୍ଭୀର କଣ୍ଠରେ କହିଲା—''କୋଣାର୍କର କୌଣସି ମୂର୍ତ୍ତି କେବେବି ନିଷ୍ପ୍ରାଣ ନୁହନ୍ତି । ସେମାନଙ୍କ ଭିତରେ ପ୍ରତିଟି ମୁହୂର୍ତ୍ତରେ ସ୍ପନ୍ଦନ ରହିଛି । ହୃଦୟ ଦେଇ ସ୍ପର୍ଶ କଲେ ସେ ସ୍ପନ୍ଦନ ଆପଣ ବି ଅନୁଭବ କରିପାରିବେ ।''

ନାରୀଟିର କଥନଭଙ୍ଗୀ ମଧ୍ୟ ଚମତ୍କାର ଭାବେ କଳାତ୍ମକ । ଚାର୍ଲସ ଅନୁନୟ କଲା—''କ୍ଷମା କରିବେ, ମୁଁ ଚାର୍ଲସ ନେଭ୍, ପ୍ଲିଜ୍ ମାଡ଼ାମ୍—ମୁଁ ଆପଣଙ୍କର ଗୋଟାଏ ଫଟୋ ଉତାରିପାରେ ?'' ନାରୀମୂର୍ତ୍ତିଟି ନିଃସଂକୋଚରେ ଅନୁମତି ଦେଲା ଏବଂ ଅପୂର୍ବ ସ୍ଥାପତ୍ୟ ଭଳି ନିଶ୍ଚଳ ହୋଇ ଠିଆହେଇ ରହିଲା । ଚାର୍ଲସ କୋଣାର୍କ ଉପରକୁ ଓହ୍ଲାଇ ଆସୁଥିବା ଅନ୍ଧକାର ସଙ୍ଗେ ସାଲିସ୍ କରି କ୍ୟାମେରାର ଲେନ୍ସ ଠିକ୍ କରିନେଲା ଏବଂ ଚଟାପଟ ଫଟୋଟିଏ ଉଠାଇନେଲା । ମାତ୍ର ଏ କ'ଣ ? ତା' କ୍ୟାମେରା ସାମ୍ନାରେ ଗୋଟାଏ ସ୍ଥାପତ୍ୟ । ନାରୀମୂର୍ତ୍ତିଟି କିଞ୍ଚିତ୍ ଦୂରକୁ ଘୁଞ୍ଚିଯାଇଛି । ଚାର୍ଲସ ଅପ୍ରତିଭ ହେଇ ପଡ଼ିଲା ଏବଂ କିଛିଟା ଅପମାନିତ ବୋଧକଲା । ଅଭିଯୋଗଭରା କଣ୍ଠରେ କହିଲା—''ଫଟୋଟିଏ ଉଠାଇବାର ଅନୁମତି ଦେବାପରେ ଏଭଳି ଆଚରଣକୁ ଆମ ଦେଶରେ ଅସୌଜନ୍ୟ ଆଚରଣ କୁହାଯାଏ ।''

Digitized by srujanika@gmail.com

ନାରୀମୂର୍ତ୍ତି ସ୍ମିତହସି କହିଲା—''ଆପଣ ମତେ କୋଣାର୍କ କନ୍ୟା ମନେ କରିଥିଲେ—ଦେଖନ୍ତୁ ଆପଣଙ୍କ କ୍ୟାମେରା ଭିତରେ କୋଣାର୍କ କନ୍ୟା ହିଁ ଧରା ଦେଇଛି । ମୁଁ ତାର ପଥରୋଧ କରିଥାନ୍ତି କାହିଁକି ? ସେଇଟା କ'ଣ ଅଭଦ୍ରତା ନୁହେଁ ?'' ଚାର୍ଲସ ଉତ୍କଣ୍ଠିତ ସ୍ୱରରେ କହିଲା—''ଧରନ୍ତୁ ମୁଁ ଯଦି ଆପଣଙ୍କର ଗୋଟାଏ ଫଟୋ ଉଠାଇବାକୁ ଚାହେଁ—।''

''ତେବେ ପ୍ରଥମ କଥା ହେଲା ଆପଣଙ୍କୁ ଆପଣଙ୍କର ବାନ୍ଧବୀଠାରୁ ଅନୁମତି ନେବାକୁ ହେବ ଏବଂ ଶେଷକଥା, ମୁଁ ଆଦୌ ମଡ଼େଲିଂ କରେ ନାହିଁ । ମୁଁ ଇତିହାସର ଛାତ୍ରୀ । କୋଣାର୍କ ଉପରେ ଗବେଷଣା କରୁଛି— ।''

ନାରୀମୂର୍ତ୍ତିଟି ଶୀଘ୍ର ଶୀଘ୍ର, ପାଦ ପକାଇ ନାଟମନ୍ଦିର ଦେଇ ଅଦୃଶ୍ୟ ହେଇଗଲା ଏବଂ ଚାର୍ଲସ ମନ୍ତ୍ରମୁଗ୍ଧ ହେଇ ତା'ର ଯିବାବାଟକୁ ଚାହିଁ ଚାହିଁ ଏମିତି ଆତ୍ମବିସ୍ମୃତ ହେଇ ପଡ଼ିଲା ଯେ, ବର୍ଷା ପଡ଼ିବାକୁ ଆରମ୍ଭ କଲାଣି ବୋଲି ସେ ଜାଣିପାରିଲା ନାହିଁ । ହଠାତ୍ ଲିଲିଆନ୍ ତାକୁ ସ୍ପର୍ଶକରି ଆସ୍ତେ କହିଲା—''ଡାର୍ଲିଂ କୋଣାର୍କରେ ବର୍ଷାଟା କିନ୍ତୁ ଭାରି ରୋମାଣ୍ଟିକ୍ । ଚାଲ ଏଥର ଲଜିଂକୁ ଫେରିଯିବା—ଆଜିର ଏ ସୁନ୍ଦର ବର୍ଷା ରାତିଟାକୁ ନଷ୍ଟ କରିଦିଅ ନାହିଁ—ପ୍ଲିଜ୍ ।''

ଚାର୍ଲସ ମନେ ମନେ ଭାବିଲା—ଏ ରାତିଟା ମୁଁ ଆଦୌ ହାତଛଡ଼ା କରିବି ନାହିଁ । ସାରା ରାତି ହୁଏତ ଗୋଟାଏ ଅଶରୀରୀ ନାରୀର ଆତ୍ମା ପଛରେ ମତେ ଘୂରିବାକୁ ପଡ଼ିବ । ନାରୀ ମୂର୍ତ୍ତିଟା ଗୋଟାଏ ଅଶରୀରୀ ନାରୀର ଆତ୍ମା ହୋଇନଥିଲେ ମତେ ତାର ନାଁଟା ମଧ୍ୟ କହି ନଥାନ୍ତା କାହିଁକି ? ଜଣେ ଉଚ୍ଚଶିକ୍ଷିତା ମହିଳା ପକ୍ଷେ ସେଇଟା ତ ସାଧାରଣ ସୌଜନ୍ୟର କଥା । ଚାର୍ଲସ ଶୁଣିଛି କୌଣସି ଅଶରୀରୀ ଆତ୍ମା କ୍ୟାମେରାର ଲେନ୍ସ ଭିତରେ ବନ୍ଧା ପଡ଼ିବାକୁ ଚାହେଁନା । ମୂର୍ତ୍ତିଟା ନିଶ୍ଚୟ ଅଶରୀରୀ ଗୋଟାଏ ଆତ୍ମାର କ୍ଷଣିକ ପ୍ରକାଶ । ଚାର୍ଲସର ବିଶ୍ୱାସ ଦୃଢ଼ୀଭୂତ ହେଉଥିଲା ।

—ତିନି—

ପ୍ରାଚୀ ସେହି ନଦୀର ନାମ; ଦିନେ ଯିଏ ଥିଲା ସରସ୍ୱତୀ ବା ଚିତ୍ରୋତ୍ପଳା । ''ପ୍ରାଚୀ ମାହାତ୍ମ୍ୟ'' କହେ ପ୍ରାଚୀ ସରସ୍ୱତୀ ଅର୍କତୀର୍ଥ ବାଟଦେଇ ସମୁଦ୍ର ସହ ମିଳିତ ହୋଇଥିଲା । ବ୍ରହ୍ମପୁରାଣ, ଶାମ୍ବପୁରାଣ, କପିଳସଂହିତା ଓ ଚୈତନ୍ୟ ଚରିତାମୃତରେ କୋଣାଦିତ୍ୟ, ଅର୍କକ୍ଷେତ୍ର, ମିତ୍ରବନ, ପଦ୍ମକ୍ଷେତ୍ର ଓ କୋଣାର୍କ ନାମ ଦେଖିବାକୁ ମିଳେ । ପ୍ରାଚୀ ମାହାତ୍ମ୍ୟ

Digitized by srujanika@gmail.com

କୋଣାର୍କକୁ ରବିକ୍ଷେତ୍ର ଏବଂ ଅର୍କକ୍ଷେତ୍ର ଭାବେ ବର୍ଣ୍ଣନା କରେ । କୋଣାର୍କ ନାମ ପୂର୍ବେ କୋଣାକୋଣ ମଧ୍ୟ ଥିଲା ବୋଲି ନରସିଂହଦେବ ଦ୍ୱିତୀୟଙ୍କର ତାମ୍ରଶାସନରୁ ଜଣାଯାଏ ।

ପୂଣ୍ୟତୋୟା ପ୍ରାଚୀ ନଦୀତଟରେ ଅନେକ ପୂଣ୍ୟକ୍ଷେତ୍ର ଏବଂ ଜନପଦ ପ୍ରକୃତି କେତେ ଥିଲା । କୋଣାର୍କ ସେହି ଜନପଦମାନଙ୍କ ମଧ୍ୟରୁ ଅନ୍ୟତମ । ପ୍ରାଚୀ ନଦୀ ଦିନେ ପୁରୀଜିଲ୍ଲାର ଏକ ବୃହତ୍ ଚିରସ୍ରୋତା ନଦୀ ଥିଲା ବୋଲି ପୁରାଣ ଏବଂ ଇତିହାସ କହେ । ବାଲିଅନ୍ତାଠାର କୁଶଭଦ୍ରା ନଦୀରୁ ବାହାରି ପ୍ରାଚୀନଦୀ ବନମାଳିପୁର, ନିଆଳି ଓ କାକଟପୁର ମଧ୍ୟ ଦେଇ ସମୁଦ୍ରରେ ପଡ଼ିଥିଲା । ପ୍ରାଚୀନଦୀ ତା'ର ଶଯ୍ୟାପଥ ଦେଇ ବହି ଯାଉଯାଉ ଟାଙ୍କର ବନଭୂଇଁକୁ ତା'ର ସ୍ନେହସ୍ପର୍ଶରେ ବିଭିନ୍ନ ରଙ୍ଗର ବର୍ଣ୍ଣାଳୀରେ ଚିତ୍ରିତ କରିଦେବାପରି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ପରିଚିତା ହୋଇଥିଲା । ଶୋଇ, ପ୍ରାଚୀ, ଚିତ୍ରୋତ୍ପଳା ଏବଂ କାଦୁଆ ପ୍ରଭୃତି ନାମ ଧାରଣ କରି ଶେଷରେ ଚନ୍ଦ୍ରଭାଗା ନାମ ବହି କୋଣାର୍କ ନିକଟରେ ସେ ସାଗର ସହ ମିଳିତ ହୋଇଥିଲା । ଦିନେ ପ୍ରାଚୀନଦୀ ଏହାର ଶାଖାମାନଙ୍କୁ ନେଇ ଗୋଟିଏ ପ୍ରବଳ ସ୍ରୋତ ଥିଲା । ସେ ଥିଲା ବେଗମତୀ, ରୂପବତୀ, ପୂଣ୍ୟବତୀ ପ୍ରାଚୀ ।

ସମୟର ନିଷ୍ଠୁର ସ୍ପର୍ଶରେ ଜରାଗ୍ରସ୍ତ ନାରୀ ପରି କାଳକ୍ରମେ ପ୍ରାଚୀ ହୋଇଛି କ୍ଷୀଣସ୍ରୋତା । ଦକ୍ଷିଣା ପବନରେ ବାଲିଉଡ଼ି ପ୍ରାଚୀନଦୀର କେତେଗୁଡ଼ିଏ ଶାଖା ଲୋପ ପାଇଯାଇ ନିଶ୍ଚିହ୍ନ ହେଇଛି । ପ୍ରାଚୀନଦୀର ଶେଷଅଂଶ ଚନ୍ଦ୍ରଭାଗା ଆଜି ମାତ୍ର ଏକ ପୁଷ୍କରିଣୀ । ସାଗର ସହ ତାର ମିଳନ ଦ୍ୱାରକୁ ଯେମିତି ସମୟ ରୁଦ୍ଧ କରିଦେଇଛି ତା'ର ଦୃଢ଼ ହସ୍ତରେ । କେବେ କ'ଣ ଆଉ ଚନ୍ଦ୍ରଭାଗା ସମୁଦ୍ରକୁ ସ୍ପର୍ଶ କରିପାରିବନି !

କ୍ଷୀଣାଙ୍ଗୀ ଚନ୍ଦ୍ରଭାଗାକୁ ଦେଖିଲେ ଐଶ୍ୱର୍ଯ୍ୟମୟୀ ପ୍ରାଚୀନଦୀର ଦାରୁଣ ପରିଣତି ପାଇଁ ମନରେ ବ୍ୟଥା ଜାଗେ ।

ପ୍ରାଚୀ କିନ୍ତୁ ନିଜ ପାଇଁ କେବେ ଦୀର୍ଘଶ୍ୱାସ ଢୋଳିନାହିଁ । ଜଗନ୍ନାଥଧାମ ପୁରୀକୁ ଯିଏ ସ୍ପର୍ଶକରି ବହିଯାଏ, ତା'ର ଆଉ ଦୁଃଖ କ'ଣ—ଚିନ୍ତା କ'ଣ ? ସବୁ ଦୁଃଖ, ଅବଶୋଷ ଦୁଶ୍ଚିନ୍ତା ସେଇ ଚକାଡ଼ୋଳାଙ୍କର ପାଖରେ ସମର୍ପି ଦେଲେ ଶୂନ୍ୟମନ ପୂର୍ଣ୍ଣ ହୋଇଯାଏ । ମନେହୁଏ ଜୀବନ ସୁନ୍ଦର—ଜୀବନ କାମ୍ୟ—ଜୀବନ ବହୁମୁଖୀ ।

ପ୍ରାଚୀପ୍ରଭା ସେମିତି ଗୋଟାଏ ଅଖଣ୍ଡ ବିଶ୍ୱାସ ନେଇ ବହିଯାଉଛି ଜୀବନର ଉତ୍‌ଥାପନ ପତନକୁ ଅତିକ୍ରମ କରି । ପ୍ରାଚୀପ୍ରଭା ସେଇ କୋଣାର୍କ କନ୍ୟା ଭଳି ଲାବଣ୍ୟମୟୀ, ଛନ୍ଦମୟୀ, ଲାସ୍ୟମୟୀ । ନିଜ ଜୀବନର ଗୁରୁଭାରକୁ ସେ କେବେ ଦିନେ ଆଉ କାହାଉପରେ ଚାପି ଦେଇନାହିଁ । ପ୍ରାଚୀନଦୀ ଭଳି ପ୍ରାଚୀପ୍ରଭା ତାର ମଧୁର ସ୍ୱଭାବର ସ୍ୱଚ୍ଛ ସଲୀଳ ସ୍ପର୍ଶରେ ସମସ୍ତଙ୍କୁ ସଂଜୀବିତ କରିବ ବୋଲି ଯେମିତି ପଣ କରିଛି । ପ୍ରାଚୀପ୍ରଭା ଅନନ୍ତ ଆଶା ଓ ଅପାର୍ଥିବ ଆନନ୍ଦର ଗୋଟାଏ ପ୍ରତିମୂର୍ତ୍ତି । ସେଠି ନୈରାଶ୍ୟ ବେଦନାର ସ୍ପର୍ଶଇ ନାହିଁ ।

Digitized by srujanika@gmail.com

ପ୍ରାଚୀପ୍ରଭା ଇତିହାସରେ ଉଚ୍ଚତର ଗବେଷଣାର ଛାତ୍ରୀ । ''ସୂର୍ଯ୍ୟମନ୍ଦିର ନିର୍ମାଣର କାହାଣୀ ଓ କିମ୍ବଦନ୍ତୀ'' ତା'ର ଗବେଷଣାର ବିଷୟ । ଗଙ୍ଗବଂଶୀ ରାଜା ନରସିଂହ ଦେବ ହିଁ ପ୍ରାଚୀପ୍ରଭାର ଗବେଷଣା ଭାରକେନ୍ଦ୍ର । ନରସିଂହଦେବଙ୍କୁ ଗୌଣ କରିଦେଲେ କୋଣାର୍କର କୌଣସି ଦିଗପ୍ରତି ଆଲୋକପାତ କରିହୁଏନା । ତେଣୁ କୋଣାର୍କର ଶିଳାରେ ଶିଳାରେ, ଚନ୍ଦ୍ରଭାଗାର ବାଲୁକାରାଶିରେ ସେ ରାଜା ନରସିଂହକୁ ଖୋଜିବୁଲୁଛି । କୁଷ୍ଣଭଦ୍ରା ବୁଢ଼ୀକୁ ଆଶ୍ରା ନକଲେ ନରସିଂହକୁ ସେ ପାଇହୁଏନା ଏକଥା ପ୍ରାଚୀ ଜାଣେ । ତେଣୁ କୁଶୀମାଉସୀଙ୍କୁ ସେ ଆଶ୍ରାକରି ଗବେଷଣାରେ ଆଗେଇ ଚାଲିଛି ।

କୋଣାର୍କର ପାଞ୍ଚ ସାତ ମାଇଲ ଉତ୍ତର ପୂର୍ବରେ, ପ୍ରାଚୀନଦୀ ତୀରରେ ଅବସ୍ଥିତ ମଙ୍ଗଳାପୀଠ କାକଟପୁର । ସେଠି ପ୍ରାଚୀପ୍ରଭାର ମାମୁଁଘର । ମା' ମଙ୍ଗଳାଙ୍କର ସ୍ୱପ୍ନାଦେଶରେ ପାଞ୍ଚବର୍ଷକାଳ ପ୍ରାଚୀନଦୀରେ ସ୍ନାନ କରି ମା' ମଙ୍ଗଳାଙ୍କର ଦର୍ଶନ କରିବାପରେ ଚାରିପୁଅରେ ଏକମାତ୍ର କନ୍ୟାରତ୍ନ ଲାଭ କରିଥିବାରୁ, ମା' ସୁଭଦ୍ରା ଦେବୀ ଝିଅର ନାମ ରଖିଥିଲେ ପ୍ରାଚୀପ୍ରଭା । ସବା ସାନଭାଇ ମଧ୍ୟ ପ୍ରାଚୀଠାରୁ ଦଶବର୍ଷ ବଡ଼ । ପ୍ରାଚୀଠାରୁ ବୟସରେ କୋଡ଼ିଏ ବର୍ଷ ବଡ଼ ଭାଇ ବ୍ରଜସୁନ୍ଦର ପ୍ରାଚୀକୁ କନ୍ୟାବତ୍ ଲାଳନପାଳନ କରିଥିଲେ । ବ୍ରଜସୁନ୍ଦରଙ୍କର ପାଞ୍ଚପୁଅ ହେବାପରେ ପ୍ରାଚୀ ହିଁ ତାଙ୍କ ଜୀବନରେ କନ୍ୟାର ସ୍ଥାନ ପୂରଣ କରିଥିଲା । ତେଣୁ ପ୍ରାଚୀର ବାଲ୍ୟ ଏବଂ କୈଶୋର ସ୍ନେହ ଏବଂ ଆଦରରେ ପ୍ରାଚୁର୍ଯ୍ୟମୟ ।

ସେ ଅଞ୍ଚଳରେ ସେମାନେ ସମ୍ପତ୍ତି-ସମ୍ପନ୍ନ ପରିବାର । ଭାଇମାନେ କେହି ପେଟ ପୋଷିବା ପାଇଁ ବିଦେଶକୁ ଗୋଡ଼ କାଢ଼ି ନାହାନ୍ତି । ଚାକିରିକୁ ଜୀବନିକା କରି ନାହାନ୍ତି । ପିଲାଦିନେ ପ୍ରାଚୀର ଧାରଣା ହେଇଥିଲା ସେମାନଙ୍କର ସମ୍ପତ୍ତିର ଭଣ୍ଡାର ଅସରନ୍ତି । ଯେତେ ଅୟସରେ ଖର୍ଚ୍ଚ କଲେ ବି ଶେଷ ହୁଏନା ।

ଏକର ଏକର ନଡ଼ିଆ ବଗିଚା, ଆମ୍ବ, ପଣସ, ପୁନାଙ୍ଗ ତୋଟା । ଜାମୁକୋଳି, କେନ୍ଦୁ, ଜାମୁଡ଼ୋଳ, ପିଜୁଳିର ବାଗନା । କାଠଚମ୍ପା, ଚମ୍ପା, କନିଅର, ମନ୍ଦାର, ହେନା, ଯୁଇ, ମଲ୍ଲୀ ମାଳତୀର ବିରାଟ ବଗିଚା । ଏସବୁ ଭିତରେ ପ୍ରାଚୀପ୍ରଭା ଯେମିତି ରାଜକନ୍ୟା । ଦୁଃଖ, ଅଭାବର ସଂଜ୍ଞା କିଶୋରୀ ପ୍ରାଚୀକୁ ଜଣାନଥିଲା କେବେ । ସେସବୁ ଅତୀତର କଥା ।

ଯେଉଁ ପରିବାରର ପୁଅମାନେ ଗାଁ ସ୍କୁଲର ପାଠ ଶେଷ କରିନଥିଲେ, ପାଠପାଇଁ ଦୂରକୁ ଯାଇନଥିଲେ, ସେ ପରିବାରର ଏକମାତ୍ର ଅଲିଅଳ ଝିଅ ପ୍ରାଚୀପ୍ରଭା ଗାଁ ସ୍କୁଲରୁ ପାଠ ଶେଷକରି ଆଗକୁ ଆଗକୁ କେମିତି ମାଡ଼ିଗଲା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରରୁ ଇତିହାସରେ ସ୍ନାତକୋତ୍ତର ଶିକ୍ଷା ଶେଷକରି ପୁଣି ଗବେଷଣାରେ କାହିଁକି ମନପ୍ରାଣ ଢାଳିଦେଲା ତାହା ମଧ୍ୟ ଏକ ଇତିହାସ । ସେ ଇତିହାସର ପୃଷ୍ଠା ପ୍ରାଚୀ କେବେ ଖୋଲେ ନାହିଁ ।

Digitized by srujanika@gmail.com

ପ୍ରତ୍ୟେକ ମଣିଷର ଜୀବନ କାହାଣୀ ଗୋଟାଏ ଗୋଟାଏ ଇତିହାସ, କାବ୍ୟ ଏବଂ ଉପନ୍ୟାସ ହେଇପାରେ । ବ୍ୟକ୍ତିଗତ ଜୀବନର ଦୁଃଖସୁଖକୁ ଅବଜ୍ଞା କରି ପ୍ରାଚୀ-ଜନଜୀବନର ବିକ୍ଷିପ୍ତ ଇତିହାସକୁ ସାଉଁଟି ନେବାରେ ଆନନ୍ଦ ପାଏ । ସେଥିପାଇଁ ସେ ନିଜ କଥା ହିଁ ଭୁଲିଯାଏ ବେଶି ।

କୋଣାର୍କର ଅତୀତ ଗୌରବ ଏବଂ ମନ୍ଦିର ନିର୍ମାଣର ଇତିହାସ ପଢୁ ପଢୁ ସେ ନିଜକୁ ସମ୍ପୂର୍ଣ୍ଣ ଭୁଲିଯାଏ । ସେଥିପାଇଁ ସେଦିନ ବର୍ଷାପାଣି ପଡ଼ିବାପରେ ମଧ୍ୟ ସେ କୋଣାର୍କର ନିର୍ଜନତା ଭିତରେ ନିଜକୁ ଭୁଲି କୋଣାର୍କର ମୌନବ୍ରତ ଭାଙ୍ଗିବା ପାଇଁ ଚେଷ୍ଟା କରୁଥିଲା ।

ସେମିତି ଭାବମଗ୍ନ ଅବସ୍ଥାରେ ଆମେରିକାନ୍ ଗବେଷକ ଚାର୍ଲସ ନେଭ୍ ସହ ତା'ର ସାମ୍ନାସାମ୍ନି ଭେଟ ହୋଇଗଲା । ଚାର୍ଲସ ସହ ସାକ୍ଷାତ ପ୍ରାଚୀ ପକ୍ଷରେ କିଛି ଗୁରୁତ୍ୱପୂର୍ଣ୍ଣ ନଥିଲା । ଗବେଷଣା କାଳ ଭିତରେ ଅନେକେ ବିଦେଶୀ ଟୁରିଷ୍ଟଙ୍କୁ ସେ ଭେଟିଛି । ବାର୍ତ୍ତାଳାପ କରିଛି । ବନ୍ଧୁତ୍ୱ ହେଇଛି । ଶୁଭେଚ୍ଛା ଜଣାଇ ସେମାନଙ୍କୁ ପୁଣି ସେ ସହଜ ଭାବରେ ବିଦାୟ ମଧ୍ୟ ଜଣାଇଛି । ଚାର୍ଲସ ସେମିତି ଜଣେ ଟୁରିଷ୍ଟ ।

ସେମାନଙ୍କ ଭିତରୁ ଅଧିକାଂଶ ଆସନ୍ତି କୋଣାର୍କରେ ଛୁଟି କଟାଇବା ପାଇଁ । କଳିଙ୍ଗ ଶିଳ୍ପୀର ଜୀବନବ୍ୟାପୀ ଉତ୍ସର୍ଗ ଓ ସାଧନାର ପୀଠ କୋଣାର୍କ ସେମାନଙ୍କ ପାଇଁ ଆମୋଦର ଏକ କ୍ରୀଡ଼ାଭୂମି । ଆଖିରେ ନୀଳ ଚଷମା ଦେଇ ପୃଥିବୀକୁ ଦେଖିବା ପରି ସେମାନେ ଚିତ୍ତ ବିନୋଦନର ମନ ନେଇ କୋଣାର୍କ ଆସନ୍ତି । ତେଣୁ କୋଣାର୍କର କାରୁକାର୍ଯ୍ୟଭରା ସମସ୍ତ ଇନ୍ଦ୍ରଜାଲ-ତାଙ୍କୁ ଝାପ୍ସା ଦିଶେ । କେବଳ କୋଣାର୍କରେ ଖୋଦିତ ମୈଥୁନ ମୂର୍ତ୍ତିର ଭାସ୍କର୍ଯ୍ୟ ହିଁ ଜୀବନ୍ୟାସ ପାଇ ତାଙ୍କୁ ଆକର୍ଷିତ କରେ । ଛୁଟି କଟାଇ ଫେରିଯିବାବେଳେ ସେମାନେ କୋଣାର୍କ ଶିଳ୍ପକଳାର ଭୂୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ କୋଣାର୍କ ଭାସ୍କର୍ଯ୍ୟର ଅଶ୍ଳୀଳତା ସମ୍ପର୍କରେ ବେଳେବେଳେ ଖୁବ୍ କୁତ୍ସିତ ମନ୍ତବ୍ୟ ଦେଇଯାନ୍ତି, ଅଥଚ ସଙ୍ଗରେ ନେଇଯାନ୍ତି କୋଣାର୍କର ମୈଥୁନ ଛବିର ଫଟୋଚିତ୍ର ।

କିନ୍ତୁ ପ୍ରାଚୀ ସହ ଚାର୍ଲସର ସାକ୍ଷାତ ଚାର୍ଲସ ଜୀବନରେ ଏକ ଅବିସ୍ମରଣୀୟ ଘଟଣା ହେଇ ରହିଯିବା ସଙ୍ଗେ ସଙ୍ଗେ ଚାର୍ଲସ ଜୀବନର ଗତିପଥ ସମ୍ପୂର୍ଣ୍ଣ ବଦଳିଗଲା ।

ଚାର୍ଲସର ତିରିଶ ବର୍ଷର ଜୀବନକାଳ ମଧ୍ୟରେ ଅନେକ ବାନ୍ଧବୀ ଆସିଛନ୍ତି, ଯାଇଛନ୍ତି । ପ୍ରତିଥର ଚାର୍ଲସ ହିଁ ସେମାନଙ୍କୁ ଆକର୍ଷଣ କରିଥାଏ । ନିଜ ମା' ପ୍ରତି ବାଲ୍ୟକାଳରୁ ବିତୃଷ୍ଣା ହେତୁ ଚାର୍ଲସ ହୁଏତ କୌଣସି ନାରୀ ପ୍ରତି ହଠାତ୍ ଆକର୍ଷିତ ହୋଇପାରେ ନାହିଁ । ଆହାର ଏବଂ ନିଦ୍ରା ପରି ଯେଉଁ ମୁହୂର୍ତ୍ତରେ ବାନ୍ଧବୀ ଆବଶ୍ୟକ ମନେହୁଏ ଚାର୍ଲସ କାହାକୁ ହେଲେ ବାଛିନିଏ । ଆବଶ୍ୟକତା ଶେଷ ହୋଇଗଲେ ଚାର୍ଲସ ବାନ୍ଧବୀର ନାମ, ଠିକଣା ଏବଂ ମୁହଁ

Digitized by srujanika@gmail.com

ସୁଦ୍ଧା ଭୁଲିଯାଏ । ସେଇଥିପାଇଁ ଚାର୍ଲସର ହୃଦୟ ସବୁବେଳେ ସଫା, ନିର୍ମଳ । ସେଠି କାହାରି ସ୍ମୃତି ଗଭୀର ନୁହେଁ । ଆଗକୁ ପାଦ ବଢ଼େଇଲେ ପଛକୁ ଫେରି ନ ଚାହିଁବା ଚାର୍ଲସ ଜୀବନର ଧର୍ମ । କେତେଜଣ ନାରୀଙ୍କ ସହ ଚାର୍ଲସ କୌଣସି ଏକ ମୁହୂର୍ତ୍ତର ଅନ୍ତରଙ୍ଗତା ସ୍ଥାପନ କରିଛି ତା'ର ହିସାବ ମଧ୍ୟ ସେ କେବେ ରଖିନାହିଁ । ଗଭୀରତା ଯାହା ହେଉନା କାହିଁକି, କେବଳ ମାତ୍ର ଲିଲିଆନ୍ ସହ ତା'ର ସମ୍ପର୍କର ଦୈର୍ଘ୍ୟ ବେଶି ।

କିନ୍ତୁ ପ୍ରାଚୀ ପ୍ରଥମ ଦେଖାରୁ ହିଁ ଚାର୍ଲସ ମନରେ ଗୋଟାଏ ଗଭୀର ଆଲୋଡ଼ନ ସୃଷ୍ଟି କରିଛି । ଝିଅଟା ପାଷାଣ ମୂର୍ତ୍ତି ଭଳି ଦୃଢ଼ ଏବଂ ଅବିଚଳା । ସେ ସେମିତି ସେଇ କୋଣାର୍କ ଯୁଗର କନ୍ୟା । ହୁଏତ ସେ ଏକ ଅଶରୀରୀ ଆତ୍ମା ।

କୋଣାର୍କ ଭଳି କୋଣାର୍କର ରାତି ମଧ୍ୟ ରହସ୍ୟମୟୀ । ପ୍ରତି ରାତିରେ ଚାର୍ଲସ ସ୍ୱପ୍ନାବିଷ୍ଟ ହୋଇପଡ଼େ । ସେଦିନ କିନ୍ତୁ ସେ ସମ୍ପୂର୍ଣ୍ଣ ମୋହାଚ୍ଛନ୍ନ । ଡ୍ରଗ୍‌ସ ପ୍ରଭାବରେ ଲିଲିଆନ୍ ଅଳ୍ପ ସମୟ ହେବ ଅଚେତନ ହୋଇପଡ଼ିଛି । ଚାର୍ଲସ କିନ୍ତୁ ଅତନ୍ଦ୍ର । ଲିଲିଆନ୍ ହସ ଏକ ଶଯ୍ୟାରେ ଶୋଇ ରହି ବି ଚାର୍ଲସ ବର୍ତ୍ତମାନ ସମ୍ପୂର୍ଣ୍ଣ ଏକାକୀ ।

ଏଠାକୁ ଆସିବା ପୂର୍ବରୁ ଚାର୍ଲସ ମଧ୍ୟ ଡ୍ରଗ୍‌ସ ଖାଉଥିଲା ଅଭ୍ୟାସ କରି । ମାତ୍ର କୋଣାର୍କରେ ପହଞ୍ଚିବା ପରେ ଚାର୍ଲସ ନିଜକୁ, ନିଜର ନିଃସଙ୍ଗତାକୁ ନିଜର ଲକ୍ଷ୍ୟହୀନ ଜୀବନର ନୈରାଶ୍ୟ ଓ ହାତାଶାକୁ ସମ୍ପୂର୍ଣ୍ଣ ବିସ୍ମୃତି ଯାଇଥିଲା । ଚାର୍ଲସର ମନେହେଉଥିଲା ସେ ଯେମିତି ଗୋଟାଏ ରହସ୍ୟ ପଥର ଯାତ୍ରୀ । କୋଣାର୍କ ଭଳି ବିଶ୍ୱର ଏକ ପରମ ବିସ୍ମୟକର ସ୍ଥାପତ୍ୟର ରହସ୍ୟ ସେ ଉନ୍ମୋଚନ କରିବାକୁ ଯାଉଛି । ନିଜର ବ୍ୟକ୍ତିଗତ ହତାଶା ଓ ନୈରାଶ୍ୟ କାହିଁ କୁଆଡ଼େ ଉଭେଇ ଯାଇଛି ଗୋଟାଏ ବିଚିତ୍ର ଉତ୍ତେଜନାରେ, ଗୋଟାଏ ଅପୂର୍ବ ନିଶାରେ ।

''ଛମ—ଛମ— ।'' ଚାର୍ଲସ ଶୁଣିଛି ଗୋଟା, ଲଘୁପାଦର ନୂପୁର ଛନ୍ଦ । କିଏ ହୋଇପାରେ ଏଇ ରାତ୍ରୀର ନର୍ତ୍ତକୀ ? ସେଇ କୋଣାର୍କ କନ୍ୟା ? ବିଷ୍ଣୁ ମହାରଣା କହେ— ରାତିରେ କୋଣାର୍କ ଜୀଇଁ ଉଠେ । ନାଟ ମନ୍ଦିରରେ ଦେବଦାସୀର ନୃତ୍ୟ ଆସର ଜମେ । ଦେବଦାସୀର ନୂପୁର ଧ୍ୱନି ଚାର୍ଲସକୁ ଆମନ୍ତ୍ରଣ ଜଣାଉଛି । ଲିଲିଆନ୍‌କୁ ଥରେ ଚାହିଁଦେଇ ଚାର୍ଲସ ଦ୍ୱାର ଖୋଲି ବାହାରି ଆସିଲା ଏବଂ ଆସ୍ତେ ଦ୍ୱାର ଆଉଜାଇ ଦେଲା । ବଙ୍ଗଳାର ରାତି ଜଗୁଆଳୀକୁ ନିଜର ରୁମ୍ ଖୋଲା ଅଛି ଏବଂ ଲିଲିଆନ୍ ଶୋଇଛି ବୋଲି ଜଣାଇ ଦେଇ ମନ୍ଦିରକୁ ପଡ଼ିଥିବା ସିଧା ରାସ୍ତାରେ ଚାଲି ଚାଲି ସେ ଯାଇ ପହଞ୍ଚିଲା ପୂର୍ବପାର୍ଶ୍ୱ ଦ୍ୱାରଦେଶରେ । ଦ୍ୱାର ବନ୍ଦ ଥିଲା । ଚାର୍ଲସ ଉତ୍ତର ଦିଗକୁ ବାଟ ଭାଙ୍ଗି କୋଣାର୍କର ପ୍ରଶସ୍ତ ବେଢ଼ା ଉପରେ ଚାଲି

Digitized by srujanika@gmail.com

ଚାଲି ନବଗ୍ରହ ମନ୍ଦିର ସାମ୍ନା ଗୋଟିଏ ଗଛମୂଳେ ଠିଆ ହେଲା । ଅନ୍ଧାର ଭିତରେ ସେ ରେଡ଼ିୟମଯୁକ୍ତ ହାତଘଡ଼ିକୁ ଦେଖିଲା, ରାତି ଦଶ । ଅଥଚ ବର୍ଷା ଅନ୍ଧାର ଏବଂ ନିର୍ଜନତା ହେତୁ ନିଶାର୍ଦ୍ଧର ଭ୍ରମ ହେଉଛି ମନରେ । କୋଣାର୍କର ନାଟମନ୍ଦିର ଭିତରେ ନୂପୁରଧ୍ୱନି ଶୁଭୁଛି । ଅଥଚ ଅନ୍ଧାର ଯୋଗୁଁ ଦେବଦାସୀର ନୃତ୍ୟ ଦିଶୁନାହିଁ ! ନବଗ୍ରହ ମନ୍ଦିର ଭିତରେ ଦୀପ ଜଳୁଛି ମିଞ୍ଜି ମିଞ୍ଜି । ବର୍ଷା ଏବଂ ପବନର ବେଗ ବେଳକୁବେଳ ବଢୁଛି । ମୋହାବିଷ୍ଟ ଭଳି ଚାର୍ଲସ ଠିଆ ହୋଇଛି ବର୍ଷାରେ ଭିଜି ଭିଜି ।

ଅନ୍ଧାର ଭିତରେ କାହାର ଲଘୁପଦପାତ ଶୁଭୁଛି ନବଗ୍ରହ ମନ୍ଦିର ଆଡୁ । ଅନ୍ଧାର ଭିତରେ ଚାର୍ଲସ ଠିକ୍ ଚିହ୍ନିପାରିଲା କୁଶୀ ମାଉସୀକୁ । ବୁଢ଼ୀର ଚେହେରା ଏବଂ ଚାଲି ସ୍ୱତନ୍ତ୍ର ଭାବେ ବାରିହେଇ ପଡ଼େ । ବୁଢ଼ୀ ସଙ୍ଗରେ ଆଉ ଏକ ଛାୟାମୂର୍ତ୍ତି । ଅନ୍ଧାର ଭିତରେ ଅଶରୀରୀ ଭଳି ମନେ ହେଉଛି । ବୁଢ଼ୀ ମଧ୍ୟ କ'ଣ ଗୋଟାଏ ଅଶରୀରୀ ଆତ୍ମା ?

ଛାୟାମୂର୍ତ୍ତି ଦୁଇଟି ଧୀରେ ଧୀରେ ନିକଟତର ହେଉଛନ୍ତି । ଅକସ୍ମାତ ବିଜୁଳିର ଝଲକରେ କ୍ଷଣକ ପାଇଁ କୋଣାର୍କ ମନ୍ଦିର ଆକାଶ ପର୍ଦ୍ଦାରେ ଉଦ୍ଭାସିତ ହୋଇଉଠିଲା ଏବଂ ଖୁବ୍ ନିକଟରେ କେଉଁଠି ବଜ୍ରପାତ ଶବ୍ଦରେ ଚାର୍ଲସ ସ୍ତବ୍ଧ ହୋଇଯିବା ପୂର୍ବରୁ ଗୋଟାଏ କାହୁଣୀ କୋମଳ ହାତ ଚାର୍ଲସର ବାହୁଧରି ଜୋରରେ ଦୂରକୁ ଟାଣିନେଲା । ପରକ୍ଷଣରେ ଚାର୍ଲସକୁ ଆଶ୍ରୟ ଦେଇଥିବା ଗଛର ବଡ଼ ଡାଳଟାଏ କଡ଼୍ କଡ଼୍ ଶବ୍ଦରେ ଭାଙ୍ଗି ପଡ଼ିଲା । ଆଉ ଟିକକରେ ବିରାଟ ଡାଳଟା ଚାର୍ଲସର ପତଳା ଦେହଟା ଉପରେ ହିଁ ଅଜାଡ଼ି ହୋଇ ପଡ଼ିଥାନ୍ତା ।

ଛାୟାମୂର୍ତ୍ତିଟା ଚାର୍ଲସର ହାତ ଛାଡ଼ି ଦେଇଥାଏ । ଚାର୍ଲସ ଅନାୟାସରେ କହି ପକାଇଲା—''ଧନ୍ୟବାଦ । ଆନ୍ତରିକ ଧନ୍ୟବାଦ ।''

''ଧନ୍ୟବାଦ ଦେବାର ସମୟ ଏ ନୁହେଁ । ଝଡ଼ ତୋଫାନ ମାଡ଼ି ଆସୁଛି । ମୋ ପଛେ ପଛେ ଚାଲି ଆସନ୍ତୁ ।'' ଛାୟାମୂର୍ତ୍ତିଟା ଚାର୍ଲସକୁ ଅପେକ୍ଷା ନରଖି ଦଉଡ଼ିଲା ଭଳି ପାଦ ପକାଇ ଚାଲିବାକୁ ଲାଗିଲା । କୁଶୀ ମାଉସୀ ପଛକୁ ଫେରି ଯାଉଯାଉ କହୁଥିଲା—''ଯା'ରେ ପୁଅ । ବାୟା ବୁଦ୍ଧି ଛାଡ଼ି ଶୀଘ୍ର ପଳା । ମୁଁ ଏଇ ନବଗ୍ରହ ମନ୍ଦିର ପାଖରେ ରାତିଟା ଘୁମେଇ ପଡ଼ିବି । ଝିଅଟା ପୂଜାଦେବାକୁ ଆସିବ ବୋଲି ଏତେବେଳଯାଏ ଜଗି ବସିଥିଲା । ମେଘ ପବନ ଦେଖି ମୁଁ ବି ଆଜି ଆଉ ଗାଁକୁ ଚଲି ନାହିଁ ।''

ନାରୁନନାର ''ଧର୍ମପଦ ହେଟେଲ'' ବୋଲାଉଥିବା ସେଇ ପୁରୁଣା ଚାଳଘର ଭିତରକୁ ତରତର ହୋଇ ପଶିଗଲା ପ୍ରାଚୀ । ନାରୁନନାର ସେଇ ପୁରୁଣା ଘରଟା ମଧ୍ୟ ବର୍ଷା ପବନରେ ଧରି ଉଠୁଥାଏ । ଘର ଭିତରେ ମିଞ୍ଜି ମିଞ୍ଜି ଲଣ୍ଠନର କାଚରେ ଧର୍ମାନନ୍ଦ କେତେଖଣ୍ଡ ଓଦା ଫଟୋ ଶୁଖାଉଥାଏ । ଆଉ ଜଣେ ବୟସ୍କ ଲୋକ ହାତରେ ଠେଙ୍ଗାଟିଏ ଧରି ଜଗି ବସିଥାଏ ।

Digitized by srujanika@gmail.com

ପ୍ରାଚୀକୁ ଦେଖି ସେ କହିଲା—''ବର୍ଷା ନ କମିଲେ ଘରକୁ ଯିବା କେମିତି ? ଓଦା ହେଇଗଲେ ବାବୁ ରାଗିବେ । ଜାଣିଥିଲେ ଛତା ଆଣିଥାନ୍ତି ।''

ପ୍ରାଚୀ ଲୁଗାକାନିରେ ମୁହଁ ଏବଂ କେଶର ଜଳବିନ୍ଦୁ ପୋଛି ନେଉ ନେଉ କହିଲା—''ଟିକେ ଅପେକ୍ଷା କରିଯିବା ।''

—''ରାତି ଯେ ବଢୁଛି । କେତେବେଳେ ବର୍ଷା ଛାଡ଼ିଦ କିଏ ଜାଣେ ?'' ଲୋକଟି କହିଲା ।

ପ୍ରାଚୀ ଶାନ୍ତ କଣ୍ଠରେ କହିଲା—''ମାଉସୀ ନିଶ୍ଚୟ କାହା ହାତରେ ଛତା ଦେଇ ପଠାଇବେ ।''

ପ୍ରାଚୀ ଗୋଟାଏ କାଠ ବେଞ୍ଚରେ ବସି ପଡ଼ିଲା ଏବଂ ଚାର୍ଲସକୁ ଲକ୍ଷ୍ୟ କରି କହିଲା—''ବସନ୍ତୁ ! ବର୍ଷା ଛାଡ଼ିବା ଯାଏ ଅପେକ୍ଷା କରିବାକୁ ହେବ । ଉପକୂଳ ଅଞ୍ଚଳରେ ଝଡ଼ର ପ୍ରକୋପ ବେଶି । ବାହାରକୁ ବାହାରିଲେ ବିପଦ ।''

ଚାର୍ଲସ ଧର୍ମପଦ ହୋଟେଲର ଜୀର୍ଣ୍ଣ କାନ୍ଥ ଦୁଲୁକି ଉଠୁଥିବା ଚାଳକୁ ଚାହିଁ କହିଲା—''ଏଠି ରହିବା ମଧ୍ୟ ଖୁବ୍ ବେଶି ନିରାପଦ ନୁହେଁ ।'' ସେ ଈଷତ୍ ହସିଲା ।

—''ଆମଦେଶରେ ଅନେକ ଲୋକଙ୍କର ମୁଣ୍ଡ ଗୁଞ୍ଜିବା ପାଇଁ ଏତିକି ନିରାପଦ ଘରଟିଏ ବି ନାହିଁ'' ପ୍ରାଚୀ ହାଲ୍‌କା ଦୀର୍ଘଶ୍ୱାସ ଛାଡ଼ି କହିଲା—''ଚନ୍ଦ୍ରଭାଗା ତୀରର ନୋଳିଆ ବସ୍ତି ଦେଖିଛନ୍ତି ତ ?''

ଧର୍ମାନନ୍ଦ ଫଟୋ ଶୁଖାଉ ଶୁଖାଉ ଏମାନଙ୍କର କଥା ଧ୍ୟାନ ଦେଇ ଶୁଣୁଥାଏ । ସେ କହିଲା—''ଝଡ଼ ତୋଫାନ ଏ ଘରର କିଛି କ୍ଷତି କରିପାରିବ ନାହିଁ । ମୋ ଜନ୍ମ ହେବା ଦିନଠାରୁ ଦେଖୁଛି କେତେ ଝଡ଼ ତୋଫାନ ବାଏଁ ବାଏଁ ଉଡ଼ିଯାଇଛି । କୋଣାର୍କ ସେମିତି ଠିଆ ହେଇଛି । ଧର୍ମପଦ ହିନ୍ଦୁ ହୋଟେଲ ବି ସେମିତି ଅଛି ।''

ପ୍ରାଚୀ ସ୍ନେହଭିଜା ସ୍ୱରରେ କହିଲା—''କେତେ ବା ତୋର ଜୀବନ କାଳ ? ବାର ବର୍ଷର ଜୀବନରେ କି ଝଡ଼ ତୋଫାନ ତୁ ବା ଦେଖିଛୁ.....''

ଧର୍ମାନନ୍ଦ ଅଭିଜ୍ଞ ମଣିଷ ଭଳି ଦୀର୍ଘଶ୍ୱାସ ଛାଡ଼ି କହିଲା—''ନିତିପ୍ରତି ମୁଁ ଯେଉଁ ଝଡ଼ ତୋଫାନର ମୁକାବିଲା କରୁଛି ତା' ତମେ ବି କରିନାହଁ ନାନୀ । ଆଠ ପ୍ରାଣୀର ସଂସାର ଜଞ୍ଜାଳ ମୁଁ ମୁଣ୍ଡେଇଛି । ବୁଝି ପାରୁଛ ?''

Digitized by srujanika@gmail.com

ପ୍ରାଚୀ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଧର୍ମାନନ୍ଦକୁ ଚାହିଁ କହିଲା—''ତୋତେ ଈଶ୍ୱର ଶକ୍ତି ଦିଅନ୍ତୁ ଧର୍ମ୍ମ । ତୁ କେବେ ହାରି ନ ଯା ।''

ଚାର୍ଲସକୁ ଚାହିଁ ପ୍ରାଚୀ ଧର୍ମାନନ୍ଦର କଥା ଅଳ୍ପକେ ବୁଝାଇ ଦେଲା । ଚାର୍ଲସ କହିଲା—''ସେ ନିଶ୍ଚୟ ଜୀବନରେ ଉନ୍ନତି କରିବ ।''

ହଠାତ୍ କେହି ଜଣେ ହସିଲା ତାଚ୍ଛଲ୍ୟରେ । ପ୍ରାଚୀ ଦେଖିଲା ଗୋଟାଏ କୋଣରେ ମୂର୍ତ୍ତିଟିଏ ଭଳି ବସିଛି ବିଷ୍ଣୁ ମହାରଣା । ପ୍ରାଚୀ କହିଲା—''ତମେ ଏଠି ଯେ ଅଛ ? ହସିଲ କାହିଁକି ?''

ବିଷ୍ଣୁ ମହାରଣା ମୁଣ୍ଡ ହଲାଇ କହିଲା—''ଧର୍ମ୍ମର ଉନ୍ନତି କଥା ଶୁଣି ହସିବି ନାହିଁ ? ଯଦି ବା ଆଉ ଗୋଟାଏ କୋଣାର୍କ ତିଆରି ହୁଅନ୍ତା, ତେବେ ହୁଏତ ଧର୍ମାନନ୍ଦ ମୁଣ୍ଡି ମାରନ୍ତା । ଯେଉଁ ଦେଶରେ କୋଣାର୍କର ଶିଳ୍ପକଳା ବୁଡ଼ିଯାଇଛି ସେଠି ଧର୍ମ୍ମର ଉନ୍ନତି ପୁଣି ସମ୍ଭବ ?'' ସୁଯୋଗ ଉଣ୍ଡି ଚାର୍ଲସ କହିଲା—''କୋଣାର୍କ ମହାନ୍ । ମହାନ୍ ଭାରତବର୍ଷ । ମୁଁ ଜଣେ ଆମେରିକାନ୍ ସ୍ଥପତି । କୋଣାର୍କର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଉପରେ ଗବେଷଣା କରିବା ପାଇଁ ଏଠାକୁ ଆସିଛି । ମୁଁ ଆପଣଙ୍କର ସାହାଯ୍ୟ ଭିକ୍ଷା କରେ ।''

ବିଷ୍ଣୁ ମହାରଣା ସେମିତି ମୁଣ୍ଡ ହଲାଇ ହଲାଇ କହିଲା, ''ସାରାଜୀବନ ଗବେଷଣା କରି ଗଦା ଗଦା ବହି ଲେଖି ଘର ଭର୍ତ୍ତି କରିଦିଅ, ହେଲେ କୋଣାର୍କ ଗଢ଼ିପାରିବନି । କୋଣାର୍କ ପୋଥିପାଠ ନୁହେଁ । କୋଣାର୍କ ମଣିଷର ରକ୍ତ, ମାଂସ, ହାଡ଼ ଏବଂ ସମଗ୍ର ଜୀବନର ତ୍ୟାଗ ଓ ଉତ୍ସର୍ଗର ଏକ ପୂଜା ବେଦୀ । ଏକାଗ୍ରତା, ଉତ୍ସର୍ଗ ଓ ତ୍ୟାଗର କଥା ଯିଏ ଜାଣେ ନାହିଁ ସେ କୋଣାର୍କଠାରୁ ଅନେକ ଅନେକ ଦୂରରେ—''

ଚାର୍ଲସ ବ୍ୟାକୁଳିତ କଣ୍ଠରେ କହିଲା—''ମତେ ବିଶ୍ୱାସ କରନ୍ତୁ । କୋଣାର୍କ ମତେ ପାଗଳ କରିଦେଇଛି । ବର୍ଷାରାତିରେ ବାନ୍ଧବୀକୁ ଛାଡ଼ି ମୁଁ କୋଣାର୍କ ବେଡ଼ାରେ ବୁଲୁଛି । ଆଜି ନିଶ୍ଚିତ ମୃତ୍ୟୁ ମୁଖରୁ ମତେ ଭଦ୍ର ମହିଳା ଉଦ୍ଧାର କରିଛନ୍ତି ।''

ପ୍ରାଚୀ ସ୍ଥିର କଣ୍ଠରେ କହିଲା—''ଆପଣଙ୍କୁ ଜଗନ୍ନାଥ ଉଦ୍ଧାର କରିଛନ୍ତି । ମଣିଷ ମଣିଷକୁ ମୃତ୍ୟୁ ମୁଖକୁ ଠେଲିଦେଇପାରେ । ମୃତ୍ୟୁ ମୁଖରୁ ବଞ୍ଚାଇବାର ଶକ୍ତି ଅଛି କେବଳ ଈଶ୍ୱରଙ୍କର ।''

ଚାର୍ଲସ ହସିଦେଇ କହିଲା—''ଆପଣଙ୍କୁ ଜଗନ୍ନାଥ ଦୂତ ଭାବରେ ଚିହ୍ନିବା ଛଡ଼ା ଆମ ଭିତରେ ଏଯାଏ ପରିଚୟର ଆଦାନ ପ୍ରଦାନ ମଧ୍ୟ ହୋଇନାହିଁ । ମୁଁ ଚାର୍ଲସ ନେଭ୍ । ୱାଶିଂଟନରୁ ଆସିଛି ଗବେଷଣା ପାଇଁ । ମୁଁ ଜଣେ ସ୍ଥପତି ।''

Digitized by srujanika@gmail.com

ପ୍ରାଚୀ ସ୍ଥିର କଣ୍ଠରେ କହିଲା—''ମୁଁ ପ୍ରାଚୀ ମହାପାତ୍ର । ଓଡ଼ିଶାରେ ଘର । ଇତିହାସରେ ଉଚ୍ଚତର ଗବେଷଣାର ଛାତ୍ରୀ । କୋଣାର୍କ ମୋର ଗବେଷଣାର ପଟ୍ଟଭୂମି ।''

ଚାର୍ଲସ କହିଲା—''ମୁଁ ରହୁଛି ଟୁରିଷ୍ଟ ବଙ୍ଗଳାରେ । ମୋର ବାନ୍ଧବୀ ଲିଲିଆନ୍ ଆସିଛି । ସେ ଫେରିଯିବା ପରେ ଭାବିଛି, କାହା ଘରେ ପେଇଂଗେଷ୍ଟ ହେଇ ରହିବି ଗବେଷଣା ଶେଷ ହେବାଯାଏ । କୋଣାର୍କରେ ସେଭଳି ସୁବିଧା ମିଳେ କି ନା ଅବଶ୍ୟ ଜାଣେନି—''

ପ୍ରାଚୀ କହିଲା—''ମୁଁ ଅଛି ମାଉସୀଙ୍କ ଘରେ । କୋଣାର୍କ ହାଇସ୍କୁଲର ପଛପଟେ ମୋ ମାଉସୀଙ୍କ ଘର । କୋଣାର୍କର ଆଖ ପାଖ ଗାଁ ବୁଲି କାହାଣୀ, କିମ୍ବଦନ୍ତୀ ଓ ଲୋକମୁଖରେ ପ୍ରଚଳିତ ବିଭିନ୍ନ ଐତିହାସିକ ତଥ୍ୟ ସଂଗ୍ରହ କରୁଛି ।''

ଚାର୍ଲସ ଉତ୍ସାହିତ କଣ୍ଠରେ କହିଲା—''ମୁଁ ଜଣେ ବିଦେଶୀ । ଗବେଷଣାବେଳେ ଗାଁ ଗାଁ ବୁଲି ଆଖପାଖ ଅଞ୍ଚଳର ମନ୍ଦିର, ସ୍ଥାପତ୍ୟ ଏବଂ ଶିଳାଲିପି ଇତ୍ୟାଦି ସମ୍ପର୍କରେ ବିବରଣୀ ଓ ତଥ୍ୟ ସଂଗ୍ରହ କରିବା ମୋ ପକ୍ଷେ ଅସୁବିଧାଜନକ । ଆପଣ ନିଜର ଗବେଷଣା କାମ ସଙ୍ଗେ ମୋର ମଧ୍ୟ ସହାୟକ ହେଲେ ଉପକୃତ ହେବି ।''

ପ୍ରାଚୀ ଅକୃତ୍ରିମ ଆଗ୍ରହରେ କହିଲା—''ମୋ ଦ୍ୱାରା ଯେତେଟା ସମ୍ଭବ ନିଶ୍ଚୟ ସାହାଯ୍ୟ କରିବି । ଆପଣ ମୋ ଦେଶର ସ୍ଥାପତ୍ୟ ଓ କଳାର ପୁନରୁଦ୍ଧାର ଦିଗରେ ଆଗ୍ରହୀ । ଆପଣଙ୍କୁ ସାହାଯ୍ୟ କରିବା ଦେଶସେବା ସଙ୍ଗେ ସମାନ ।''

ଚାର୍ଲସ କୃତଜ୍ଞତାଭରା ସ୍ୱରରେ କହିଲା—''ଏଇଟା ଆପଣଙ୍କ ଉଦାରତା । ଆପଣ ମହାନ୍ । ମହାନ୍ ଆପଣଙ୍କର ଦେଶ ।''

ବିଷ୍ଣୁ ମହାରଣା ଅସଂଖ୍ୟ କିମ୍ବଦନ୍ତୀର ନାୟକ । କୁଶଭଦ୍ରା ବୁଢ଼ୀ ଅପ୍ସରା କାହାଣୀର ପେଡ଼ି ।

ପ୍ରାଚୀ ପ୍ରଥମରୁ ହିଁ ସେ ଦୁହିଁଙ୍କୁ ଆଶ୍ରାକରି ଗବେଷଣା ପଥରେ ଆଗେଇ ଚାଲିଛି । ଚାର୍ଲସ ଆଶ୍ରା କରିଛି ପ୍ରାଚୀକୁ । ଗାଁ ଗହଳରେ ବୁଲି ତଥ୍ୟ ସଂଗ୍ରହ କରିବା ପାଇଁ କୌଣସି ସ୍ଥାନୀୟ ଲୋକର ସାହାଯ୍ୟ ଆବଶ୍ୟକ । ଚାର୍ଲସ ସେଇଭଳି ଲୋକଟିଏ ମନେ ମନେ ଖୋଜୁ ଖୋଜୁ ପ୍ରାଚୀ ସହ ସାକ୍ଷାତ ଏବଂ ପରିଚୟ ବି ହେଇଗଲା । ଚାର୍ଲସ ଏବେ ନିଶ୍ଚିନ୍ତ ।

Digitized by srujanika@gmail.com

ପ୍ରାଚୀର ଗବେଷଣାର ଧାରା ଚାର୍ଲସର ପସନ୍ଦ ହେଇଛି । ଘରେ ବସି ଗଦା ଗଦା ବହି ପଢ଼ି ଜଣେ ଇତିହାସ ବିଷୟରେ ଗବେଷଣା କରି ଉଚ୍ଚମାନର ସନ୍ଦର୍ଭ ଲେଖିପାରେ । ମାତ୍ର ପ୍ରାଚୀ ଆଗେଇ ଆସିଛି ଇତିହାସର ପଟଭୂମିକୁ । ପ୍ରତ୍ୟକ୍ଷ ଅନୁଭୂତି ଓ ଅଭିଜ୍ଞତାକୁ ନେଇ ଇତିହାସର ଘଟଣାକୁ ତନ୍ନ ତନ୍ନ ବିଶ୍ଳେଷଣ କରି ତା'ର ସତ୍ୟାସତ୍ୟ ଅନୁସନ୍ଧାନ କରୁଛି । ଶୁଷ୍ଳ ନୀରସ ଅତୀତର ଇତିହାସ ଭିତରେ ପ୍ରାଚୀ ପ୍ରାଣସତ୍ତା ଖୋଜେ । ସେଇଥିପାଇଁ ଗବେଷଣା ପ୍ରାଚୀକୁ ଆନନ୍ଦ ଦିଏ । ଚାର୍ଲସର ଗବେଷଣା ପଦ୍ଧତି ଠିକ୍ ଏମିତି । ପ୍ରତ୍ୟକ୍ଷ ଅନୁଭୂତି ପାଇଁ ଚାର୍ଲସ ୱାଶିଂଟନରୁ ଉଡ଼ିଆସିଛି କୋଣାର୍କର ନିର୍ଜନ ପରିବେଶକୁ ।

ପ୍ରାଚୀ ଏବଂ ଚାର୍ଲସଙ୍କ ଭିତରେ ଗୋଟାଏ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଗଢ଼ିଉଠିଛି । ପ୍ରାଚୀ ଭାବେ·ଚାର୍ଲସ ଜଣେ ଅତିଥି । ପ୍ରତ୍ୟେକ କ୍ଷେତ୍ରରେ ତାକୁ ସାହାଯ୍ୟ କରିବା ଭାରତୀୟ ନାଗରିକ ଭାବେ ପ୍ରାଚୀର କର୍ତ୍ତବ୍ୟ । ଚାର୍ଲସ ଭାବେ ପ୍ରାଚୀର ଅକୁଣ୍ଠ ସାହାଯ୍ୟ ପାଇଁ ସେ ସାରାଜୀବନ କୃତଜ୍ଞ ହେଇ ରହିବା ଉଚିତ୍ ହେବ । ସ୍ୱାର୍ଥ ନଥାଇ କେହି କାହାକୁ ଏମିତି ଆନ୍ତରିକ ଆଗ୍ରହରେ ସାହାଯ୍ୟ କରିବା ଚାର୍ଲସ ଏଇ ପ୍ରଥମ ଦେଖୁଛି । ଚାର୍ଲସ କହେ—''ପ୍ରାଚୀ, ତମର ଆତିଥ୍ୟ ପାଇଁ ତମେ ଧନ୍ୟ । ଧନ୍ୟ ତମର ଦେଶ ।''

ଦୁଇଟି ମନଯୋଗୀ ଛାତ୍ର ଭଳି ବିଷ୍ଣୁ ମହାରଣା ପାଖରେ ବସି ଦୁହେଁ ଶୁଣୁଥାନ୍ତି କୋଣାର୍କର କାହାଣୀ । ବିଷ୍ଣୁ ମହାରଣା ଯାହା କହେ ଇତିହାସର କଥାହିଁ କହେ । ସବୁକିଛି କିନ୍ତୁ କାହାଣୀ ଭଳି ଲାଗେ । ବିଷ୍ଣୁ ମହାରଣାର ବର୍ଣ୍ଣନା ଚାତୁରୀରେ ଇତିହାସର ଘଟଣା ସବୁ ନାଟକର ଦୃଶ୍ୟ ଭଳି ଆଖି ଆଗରେ ଭାସିଉଠେ । ବିଷ୍ଣୁ ମହାରଣା କହେ ବର୍ଣ୍ଣନା କଲାବେଳେ ସେ ଅତୀତର ସବୁକିଛି ଦେଖିପାରେ । ଇତିହାସକୁ ପ୍ରତ୍ୟକ୍ଷ କରେ । ପ୍ରତ୍ୟେକ ପାତ୍ର ପାତ୍ରୀଙ୍କୁ ସଶରୀରେ ଦେଖିପାରେ । ତେଣୁ ତା'ର ବର୍ଣ୍ଣନା ଏତେ ଜୀବନ୍ତ । ଏମିତି ପ୍ରାଣବନ୍ତ ।

ପ୍ରାଚୀ ଏବଂ ଚାର୍ଲସ ମଧ୍ୟ କଥାଟାକୁ ଧୀରେ ଧୀରେ ବିଶ୍ୱାସ କରିବାକୁ ଆରମ୍ଭ କରନ୍ତି । ନିର୍ଜନ ରାତିରେ କୋଣାର୍କ ମଠର ଧୂନି ଗୃହରେ ଅଖଣ୍ଡ ଶିଖା ନିକଟରେ ବସି ବିଷ୍ଣୁ ମହାରଣା ଇତିହାସର କଥା ଗପିବାବେଳେ ଚାର୍ଲସ ଏବଂ ପ୍ରାଚୀ ମଧ୍ୟ ବେଳେବେଳେ ପାତ୍ରପାତ୍ରୀଙ୍କର ଛାୟା ଦେଖିପାରନ୍ତି । ଶୁଣି ପାରନ୍ତି ସେମାନଙ୍କର ପଦପାତର ଛନ୍ଦ—ସେମାନଙ୍କର କଣ୍ଠସ୍ୱର । ଘୋଡ଼ା ଟାପୁ, ଯୁଦ୍ଧ ହୁଙ୍କାର—ଦେବଦାସୀର ନୂପୁର ନିକ୍ୱଣ—ଶିଳ୍ପୀମାନଙ୍କ ନିହାଣ ଶବ୍ଦ । ଲୋକେ କହନ୍ତି ବିଷ୍ଣୁ ମହାରଣା ତନ୍ତ୍ର ମନ୍ତ୍ର ଜାଣେ । ଅତୀତର ଆତ୍ମାକୁ ମଧ୍ୟ ଡାକିଆଣିପାରେ । ବିଷ୍ଣୁ ମହାରଣା ତନ୍ତ୍ର ଜାଣୁ କି ମନ୍ତ୍ର ଜାଣୁ କଥାଚାତୁରୀରେ ସେ ଅନ୍ୟକୁ ମନ୍ତ୍ରମୁଗ୍ଧ କରାଇପାରେ ।

ବିଷ୍ଣୁ ମହାରଣାର କଥା କହିବାର ଶୈଳୀ ଚମତ୍କାର । ସେ ପ୍ରଶ୍ନ କରେ—''ତମେ କେବେ ପ୍ରେମ କରିଛ ସାହେବ ?''

Digitized by srujanika@gmail.com

—''ନିଶ୍ଚୟ । ଅନେକବାର ପ୍ରେମ କରିଛି ।'' ଚାର୍ଲସ ନିର୍ଲିପ୍ତ କଣ୍ଠରେ ଉତ୍ତର ଦିଏ ।

ବିଷ୍ଣୁ ମହାରଣା ଅମାୟିକ ହସ ହସେ ଅନେକକ୍ଷଣ ପର୍ଯ୍ୟନ୍ତ । କହେ—''ତମେ ପ୍ରେମ ପାଇଁ ତେବେ ତ୍ୟାଗ କରିଛ ?''

—''ତ୍ୟାଗ ! ପ୍ରେମ ପାଇଁ ? ପ୍ରେମ ତ ଆନନ୍ଦ ପାଇଁ—ଉପଭୋଗ ପାଇଁ—ସଂଭୋଗ ପାଇଁ । ସେଠି ତ୍ୟାଗର ପ୍ରଶ୍ନ କାହିଁ ? ତ୍ୟାଗରେ ତ ଅନେକ କଷ୍ଟ—ଅନେକ ଯନ୍ତ୍ରଣା— । ପ୍ରେମ ଏବଂ ଯନ୍ତ୍ରଣା ?'' ଚାର୍ଲସ ଆଶ୍ଚର୍ଯ୍ୟ କଣ୍ଠରେ କହେ ।

ବିଷ୍ଣୁ ମହାରଣା ଗମ୍ଭୀର କଣ୍ଠରେ କହେ—''କୋଣାର୍କର ପ୍ରେମର ମନ୍ଦିର—ତ୍ୟାଗର ପୂଜାବେଦୀ । ଉତ୍ସର୍ଗ ଏବଂ ପବିତ୍ରତାର ଅଲିଭାସ୍ଟୁତିସୌଧ ଏକାଗ୍ର ସାଧନାର ପୂଣ୍ୟପୀଠ ।''

''ଜାଣେ । କୋଣାର୍କ ପ୍ରେମର ମନ୍ଦିର । କୋଣାର୍କ ଶିଳାରେ ଶିଳାରେ ଦେଖିଛି ସମ୍ଭୋଗ ଏବଂ ମୈଥୁନର ଚିତ୍ର । ଲିଲିଆନ୍‌ର ସେ ସବୁ ଖୁବ୍ ପସନ୍ଦ । କିନ୍ତୁ ତ୍ୟାଗ, ଉତ୍ସର୍ଗ ଏବଂ ପବିତ୍ରତାର କଥା ମୋତେ ଜଣା ନାହିଁ ।'' ଚାର୍ଲସ ଉତ୍ତର ଦିଏ ।

ବିଷ୍ଣୁ ମହାରଣା ସ୍ଥିର କଣ୍ଠରେ କହେ—''ପ୍ରେମ ସହ ପବିତ୍ରତା, ତ୍ୟାଗ ଏବଂ ଉତ୍ସର୍ଗ ଜଡ଼ିତ । ପ୍ରେମର ଅର୍ଥ ସମ୍ଭୋଗ ନୁହେଁ । ପ୍ରେମ ସାଧନା—ସନ୍ନ୍ୟାସ—ନିଷ୍ଠା ଏବଂ ନିଷ୍କାମ ସମର୍ପଣ । କୋଣାର୍କ ପଦ୍ମକ୍ଷେତ୍ର—ଅର୍କକ୍ଷେତ୍ର । ପଦ୍ମସହ ସୂର୍ଯ୍ୟର ସମ୍ପର୍କ ଜାଣ ତ ସାହେବ ? ସେମାନଙ୍କର ପ୍ରେମର କଥା ବୁଝ ?''

—''ହଁ । ଶୁଣିଛି—ଯାହାକୁ କୁହାଯାଏ ପ୍ଲାଟୋନିକ୍ ଲଭ୍ ।''

—''କୋଣାର୍କର ପ୍ରତିଟି ରେଖାରେ ସେଇ ପବିତ୍ର ପ୍ରେମଗାଥା ଲେଖା । ସେକଥା ଶୁଣିଲେ ତୁମେ ସ୍ତମ୍ଭୀଭୂତ ହେବ । ଅନେକବାର ପ୍ରେମ କରିବା ପରେ ତମେ ଯେଉଁ ପ୍ରେମକୁ ଚିହ୍ନିନ, କୋଣାର୍କ ସେକଥା ତମକୁ କହିବ—ତ୍ୟାଗ ନଥାଇ ପ୍ରେମକୁ ଏଠାରେ ବୁଝାଇ ହୁଏନା ।'' ଲିଲିଆନ୍ ବ୍ୟଙ୍ଗଭରା ସ୍ୱରରେ କହେ—''ପ୍ରେମପାଇଁ ତ୍ୟାଗର ଆବଶ୍ୟକତା କ'ଣ ? ପୃଥିବୀରେ କ'ଣ ପ୍ରେମିକ ଏତେ ଦୁର୍ଲ୍ଲଭ ହେଇଛି ? ବୟସ ଥିବାଯାଏ ଚାହିଁଲେ ପ୍ରେମିକ ମିଳିବେ—ସମ୍ଭୋଗର ଅଭାବ ହେବନାହିଁ । ଆନନ୍ଦର ଶେଷ ହେବ ନାହିଁ । କୋଣାର୍କରେ ମୁଁ କେବଳ ସମ୍ଭୋଗର ଚିତ୍ର ହିଁ ଦେଖିଛି ।''

ପ୍ରାଚୀ ଶାନ୍ତଭାବରେ କହେ—''କୋଣାର୍କକୁ ମୁଁ ଅନ୍ୟ ରୂପରେ ଦେଖିଛି । ମୁଁ ଦେଖିଛି କୋଣାର୍କକୁ ଜିତେନ୍ଦ୍ରିୟ ମହାଯୋଗୀ ରୂପରେ । କୋଣାର୍କ ଦେହରେ ମୁଁ ଦେଖିଛି ସନ୍ନ୍ୟାସ ଓ ବ୍ରହ୍ମଚର୍ଯ୍ୟର ମାହାତ୍ମ୍ୟ ।''

Digitized by srujanika@gmail.com

ଲିଲିଆନ୍ ହସିଉଠେ ।

ବିଷ୍ଣୁ ମହାରଣା କହେ—''କୋଣାର୍କର କଥା ହୃଦୟ ଦେଇ ଶୁଣିଛେ ସିନା କୋଣାର୍କକୁ ଚିହ୍ନିବ ।''

ଚାର୍ଲସ ବାଧ ଛାଡ଼ୁଟି ଭଳି ଚକା ମାଡ଼ି ବସେ । କହେ—''ମୁଁ ପ୍ରସ୍ତୁତ । ଆପଣ କାହାଣୀ ଆରମ୍ଭ କରନ୍ତୁ ।

ପ୍ରାଚୀ କୋଳଉପରେ ନିଜର କୋମଳ ପାପୁଲିକୁ ପଦ୍ମକୋରକ ଭଳି ଏକତ୍ର କରି ବସେ ଏବଂ ଆହୁରି କୋମଳ କଣ୍ଠରେ କହେ—''ମୁଁ ମଧ୍ୟ ପ୍ରସ୍ତୁତ ବିଶୁଅଜା— ।''

ଲିଲିଆନ୍ ସିଗ୍ରେଟ୍ ଟାଣି ଟାଣି ଦୂରକୁ ଦୂରକୁ ଚାଲିଯାଏ । କହେ—''ୱାଶିଂଟନ୍ ଲାଇବ୍ରେରୀରେ ବସି କୋଣାର୍କକୁ ପଢ଼ାଯାଇପାରେ । ଚାର୍ଲସ ! ଆସ ଝାଉଁବଣ ଭିତରେ ନିର୍ଜନଚାର ସ୍ୱର ଶୁଣିବା ।''

ଚାର୍ଲସ ନମ୍ର କଣ୍ଠରେ କହେ—''କ୍ଷମା କରିବ ଆନ୍ । ମୁଁ କୋଣାର୍କକୁ ଚିହ୍ନିବାକୁ ଚାହେଁ । କୋଣାର୍କ ସହ ଘନିଷ୍ଠ ହେବାକୁ ଚାହେଁ । ତମକୁ ନିଶ୍ଚୟ ସଙ୍ଗୀ ମିଳିଯିବେ ନିର୍ଜନଚାର ସ୍ୱରକୁ ଉପଭୋଗ କରିବା ପାଇଁ । କୋଣାର୍କରେ ବର୍ତ୍ତମାନ ଅନେକ ବିଦେଶୀ ଟୁରିଷ୍ଟ ଦଳ ପହଞ୍ଚିଛନ୍ତି ।''

ଲିଲିଆନ୍ ହାତ ହଲାଇ ହଲାଇ ଦୂରକୁ ଯାଏ । ବିଷ୍ଣୁ ମହାରଣା କାହାଣୀ ଆରମ୍ଭ କରେ—

ବିଷ୍ଣୁ ମହାରଣା ଜାତିସ୍ମର । ସେ ଜନ୍ମଜନ୍ମାନ୍ତରର କଥା କୈଶୋରର ଅଭୁଲା ସ୍ମୃତି ଭଳି ସ୍ମରଣ କରିପାରେ ! ବିଷ୍ଣୁ ମହାରଣା ଇତିହାସର କଡା କହୁ କହୁ ନିଜ ପୂର୍ବଜନ୍ମର କଥା କହେ । କୁସୁମୀ ମାଉସୀ ମଧ୍ୟ ଜନ୍ମଜନ୍ମର କଥା ମନେ ପକାଇପାରେ । ସେ କହେ ବିଷ୍ଣୁ ମହାରଣା ତା ପୁଅ ବୟସର ! ବିଷ୍ଣୁ ମହାରଣାଠାରୁ କୁସୁମୀ ମାଉସୀର ସ୍ମରଣ ଶକ୍ତି ଆଉରି ତୀବ୍ର, ଆଉରି ତୀକ୍ଷ୍ଣ । ବିଷ୍ଣୁ ମହାରଣାର କଥା ସଙ୍ଗେ କୃଷ୍ଣଭଦ୍ରା ବୁଢ଼ୀର କଥା ଏମିତି ମେଳ ଖାଇଯାଏ ଯେ, ସାତଶହ ବର୍ଷ ତଳର କଥାଗୁଡ଼ା କାଲିକା ଘଟଣା ଭଳି ସତ୍ୟ ପାଲଟିଯାଏ ।

ଚାର୍ଲସ ଏବଂ ପ୍ରାଚୀ ନୋଟ୍‌ଖାତାରେ ସବୁକିଛି ଲେଖିପକାଉଥାନ୍ତି ବିନୀତ ଷ୍ଟେନୋଗ୍ରାଫର ଭଳି । ଚାର୍ଲସ ଆସ୍ତେ କହିଲା—''ମହାଶୟ, କାହାଣୀଟା ରାଜା ନରସିଂହ ଦେବଙ୍କଠାରୁ ଆରମ୍ଭ କଲେ ମୁଁ ଉପକୃତ ହୁଅନ୍ତି । ପ୍ରାଚୀପ୍ରଭାଙ୍କ ପରି ଗଙ୍ଗବଂଶର ଇତିହାସ

Digitized by srujanika@gmail.com

ସମ୍ପର୍କରେ ମୋର ଏତେ ପ୍ରବେଶ ନାହିଁ । ମନ୍ଦିର ନିର୍ମାତାକୁ ନଜାଣି ନିର୍ମାଣ କୌଶଳ ସମ୍ପର୍କରେ ଗବେଷଣା ଆରମ୍ଭ କରିବା ନ୍ୟାୟୋଚିତ ନୁହେଁ ।''

ବିଷ୍ଣୁ ମହାରଣା ଅମାୟିକ ଭାବରେ ହସି ଦେଲେ । ଭୃକୁଞ୍ଚୁଟା କରି ପ୍ରାଚୀକୁ ଚାହିଁ କହିଲେ—''ପ୍ରାଚୀ ଇତିହାସ ଶାସ୍ତ୍ରରେ ସର୍ବୋଚ୍ଚ ଶିକ୍ଷାଲାଭ କରି ମଧ୍ୟ ରାଜା ନରସିଂହଦେବଙ୍କୁ ବା କେତେ ଟିକେ ଜାଣେ ? ଇତିହାସ ନରସିଂହଦେବଙ୍କୁ ରାଜାଭାବରେ ଚିହ୍ନିଛି । ଲେଖିଛି ତାଙ୍କ ବୀରତ୍ୱ, ରାଜ୍ୟଜୟ, ଲୋକହିତକର କାର୍ଯ୍ୟ ଏବଂ ଶାସନ ପ୍ରଣାଳୀ ସମ୍ପର୍କରେ । ମାତ୍ର ମୁଁ ଚିହ୍ନିଛି ତାଙ୍କୁ, ଜଣେ ଦରଦୀ ମଣିଷ ଭାବରେ—ଜଣେ ପୁରୁଷୋତ୍ତମ ସ୍ୱାମୀ ଭାବରେ, ଜଣେ ନିଷ୍କାମ ପ୍ରେମିକ ରୂପରେ—ଜଣେ ପିତୃମାତୃ ଭକ୍ତ ଆଜ୍ଞାଧୀନ ପୁତ୍ର ଭାବରେ—ଜଣେ ମମତାମୟ ଭାଇ ହିସାବରେ—ସର୍ବଶେଷରେ ଜଣେ ପରମ ଦେଶଭକ୍ତ ଭାବରେ । ମୋଠାରୁ ନରସିଂହଦେବଙ୍କୁ ଅଧିକ ଜାଣେ କୁଶଭଦ୍ରା ବୁଢ଼ୀ । ସେ କହେ—ନରସିଂହଦେବଙ୍କୁ ଯିଏ ଦେଖିଛି—ଯିଏ ଜାଣିଛି—ଯିଏ ବୁଝିଛି—ସେ ତାଙ୍କୁ ମନେମନେ ପ୍ରେମ କରିବସିଛି । ସେ ଏକ ଦୁର୍ଲ୍ଲଭ ପୁରୁଷ । କୁଶଭଦ୍ରା ବୁଢ଼ୀ ମଧ୍ୟ ଏ ବୟସରେ ରାଜା ନରସିଂହଙ୍କୁ ପ୍ରେମ କରେ ମୁକ୍ତ କଣ୍ଠରେ ।''

ପ୍ରାଚୀପ୍ରଭା ସଲ୍ଲଜ କଣ୍ଠରେ କହିଲା—''କୋଣାର୍କ ସମ୍ବନ୍ଧରେ ଗବେଷଣା କରିବା ଅବସରରେ ରାଜା ନରସିଂହଦେବଙ୍କୁ ମୁଁ ଯେତିକି ଜାଣିଲିଣି ସେଥିରେ ମୋର ମାଳବ ରାଜକନ୍ୟା, ନରସିଂହଦେବଙ୍କର ପାଟରାଣୀ ସୀତାଦେବୀଙ୍କ ପ୍ରତି ଈର୍ଷାଡାଜ ହୁଏ ।''

ବିଷ୍ଣୁ ମହାରଣା ଚାର୍ଲସକୁ ଚାହିଁ କହିଲେ—''ମୋ କଥା ସତ୍ୟ ବୋଲି ବୁଝିଲେ ତ ସାହେବ ? ମୋର କାହାଣୀ ସରିବା ବେଳକୁ ପ୍ରାଚୀ ମଧ୍ୟ ନରସିଂହଦେବଙ୍କୁ ପ୍ରେମ କରିବସିଥିବ ।''

ଚାର୍ଲସ ହସି ହସି କହିଲା—''ଏବେ ମୋର ରାଜା ନରସିଂହଦେବଙ୍କ ପ୍ରତି ଭୀଷଣ ଈର୍ଷା ହେଉଛି ।''

ବିଷ୍ଣୁ ମହାରଣା ସମଗ୍ର ଶରୀରକୁ ନୃତ୍ୟଛନ୍ଦରେ ସ୍ପନ୍ଦିତ କରି ହସୁ ହସୁ ଆଉଥରେ କାହାଣୀ ଆରମ୍ଭ କଲା—

ମନ୍ଦିର ନିର୍ମାଣ ଓ ସ୍ଥାପତ୍ୟ ବିଦ୍ୟାର ଇତିହାସରେ ଅଦ୍ୱିତୀୟ କୋଣାର୍କ ମନ୍ଦିରର ନିର୍ମାତା ଥିଲେ ରାଜ ରାଜଙ୍କର ପୌତ୍ର, ଅନଙ୍ଗଭୀମଦେବ (୩)ଙ୍କର ପୁତ୍ର ବୀର ନରକେଶରୀ ଦୀପ୍ତିମାନ ଶ୍ରୀ ଶ୍ରୀ ନରସିଂହଦେବ ।

ଦ୍ୱାଦଶ ଶତାବ୍ଦୀର ପ୍ରଥମ ପାଦରେ ଚୋଡ଼ଗଙ୍ଗଦେବ ଉତ୍କଳ ଜୟକରି ଉତ୍କଳର ଅଧୀଶ୍ୱର ହୋଇଥିଲେ । ଚୋଡ଼ଗଙ୍ଗଦେବଙ୍କ ସମୟରେ ଓଡ଼ିଶାର ସୀମା ଉତ୍ତରରେ

Digitized by srujanika@gmail.com

ଗଙ୍ଗାନଦୀ, ଦକ୍ଷିଣରେ ଗୋଦାବରୀ ନଦୀ, ପୂର୍ବରେ ବଙ୍ଗୋପସାଗର ଓ ପଶ୍ଚିମରେ ପୂର୍ବଘାଟମାଳା ଯାଏ ବିସ୍ତାର ଲାଭ କରିଥିଲା । ଚୋଡ଼ଗଙ୍ଗଦେବଙ୍କୁ ଉତ୍କଳୀୟ ଗଙ୍ଗବଂଶର ପ୍ରଥମ ରାଜା ଭାବରେ ଇତିହାସ ସମ୍ମାନ କରେ ।

କଳିଙ୍ଗରେ ଗଙ୍ଗ ଶାସନର ଆରମ୍ଭ କାଳରେ ଉତ୍ତରରେ ଆର୍ଯ୍ୟ ସଭ୍ୟତା ଓ ଦକ୍ଷିଣରେ ଦ୍ରାବିଡ଼ ସଭ୍ୟତାର ପରସ୍ପର ଆଦାନପ୍ରଦାନ ଫଳରେ ଏକ ନୂତନ ସଭ୍ୟତାର ଅୟମାରମ୍ଭ ଘଟିଥାଏ । ଆର୍ଯ୍ୟ ରାଜାମାନେ ଦକ୍ଷିଣରେ ଆର୍ଯ୍ୟ ସଭ୍ୟତାର ବିସ୍ତାର ପାଇଁ ଉଦ୍ୟମ କରୁଥାନ୍ତି । ପୂର୍ବ ଚାଲୁକ୍ୟ ଓ ଚୋଳମାନଙ୍କ ସହିତ ଗଙ୍ଗବଂଶର ବୈବାହିକ ସମ୍ପର୍କ ଫଳରେ ଉଭୟ ସଭ୍ୟତାର ସମ୍ମିଶ୍ରଣ ତ୍ୱରାନ୍ୱିତ ହୋଇଥାଏ । ଚୋଡ଼ଗଙ୍ଗଦେବ ଓଡ୍ରଦେଶ ବା ଉତ୍କଳ ଅଧିକାର କରି ଖ୍ରୀ: ୧୧୩୫ରେ ଓଡ଼ିଶାର କଟକ ନଗରକୁ ନିଜର ରାଜଧାନୀ ଉଠାଇ ଆଣିଥିଲେ । ତା'ପୂର୍ବରୁ ତାଙ୍କର ରାଜଧାନୀ କଳିଙ୍ଗ ନଗର ଥିଲା ।

ଉତ୍କଳ ଅଧିକାର କରି ଓଡ଼ିଶାକୁ ଚାଲିଆସିବା ପରେ ଉତ୍କଳର ସଂସ୍କୃତି ତେଲୁଗୁ ସଂସ୍କୃତିଠାରୁ ବଳବତ୍ତର ପ୍ରମାଣିତ ହୋଇଥିଲା ଏବଂ ଗଙ୍ଗବଂଶୀୟ ରାଜାମାନେ ଉତ୍କଳୀୟ ହୋଇଯାଇଥିଲେ ।

ଉତ୍କଳୀୟ ଗଙ୍ଗବଂଶର ସପ୍ତମ ନରପତି ଅନଙ୍ଗଭୀମଦେବ । ତାଙ୍କର ପୁତ୍ର କୋଣାର୍କ ନିର୍ମାତା ଅତ୍ୟନ୍ତ ପରାକ୍ରମଶାଳୀ ସମରନିପୁଣ ଶ୍ରୀ ଶ୍ରୀ ନରସିଂହ ଦେବ । ଅନଙ୍ଗଭୀମଦେବ ଜଣେ ପ୍ରତାପଶାଳୀ ଓ ଧର୍ମପ୍ରାଣ ରାଜା ଥିଲେ । ତାଙ୍କର ଶରୀରର ସୌନ୍ଦର୍ଯ୍ୟ ଅତୁଳନୀୟ ଥିଲା । ସେ ଥିଲେ ପରମ ବିଷ୍ଣୁଭକ୍ତ ଓ ଦାନୀ । ମକର ସଂକ୍ରାନ୍ତି, ପୂର୍ଣ୍ଣିମା, ଅମାବାସ୍ୟା, ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ ଇତ୍ୟାଦି ଦିନମାନଙ୍କରେ ସେ ବ୍ରାହ୍ମଣମାନଙ୍କୁ ଭୂମି ଦାନ କରନ୍ତି । ସେ ଜଣେ ଗୁଣଗ୍ରାହୀ ଓ ବିଦ୍ୟାନୁରକ୍ତ ରାଜା ଥିଲେ । ତାଙ୍କ ରାଜତ୍ୱ କାଳରେ ସେ ଓଡ଼ିଶାରେ ବହୁ ମନ୍ଦିର ତଡ଼ାଗ, ରାସ୍ତାଘାଟ, କୂପ ଇତ୍ୟାଦି ଦେଶହିତକର କାର୍ଯ୍ୟ କରାଇଥିଲେ । ବେଦ ଓ ଶାସ୍ତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ଅନଙ୍ଗଭୀମଦେବଙ୍କର ଏକ ବିଶାଳ ସେନାବାହିନୀ ଥିଲା ।

ଅନଙ୍ଗଭୀମଦେବଙ୍କ ସମୟରେ ବଙ୍ଗଦେଶ ମୁସଲମାନମାନଙ୍କ ଦ୍ୱାରା ଅଧିକୃତ ହୋଇସାରିଥାଏ । ବଙ୍ଗର ରାଜା ଲକ୍ଷ୍ମଣ ସେନ୍ ମୁସଲମାନ ସୈନ୍ୟଙ୍କଦ୍ୱାରା ପରାସ୍ତ ହୋଇ କିଛିକାଳ ପାଇଁ ଓଡ଼ିଶାକୁ ପଳାଇଆସିଲେ । ସେଥିପାଇଁ ମୁସଲମାନମାନେ ଓଡ଼ିଶା ଜୟ କରିବା ପାଇଁ ଅହରହ ଚେଷ୍ଟା ଚଳାଇଥାନ୍ତି । କିନ୍ତୁ ପ୍ରବଳ ପରାକ୍ରମଶାଳୀ ଅନଙ୍ଗଭୀମଦେବ ଏକାକୀ ଯୁଦ୍ଧକ୍ଷେତ୍ରରେ ମୁସଲମାନ ବୀରମାନଙ୍କୁ ହତ୍ୟା କରିଥିଲେ । ଓଡ଼ିଶା ରହିଗଲା ଅଜେୟ ହେଇ ।

Digitized by srujanika@gmail.com

ଅନଙ୍ଗଭୀମଦେବ କେବଳ ଜଣେ ଶତ୍ରୁମର୍ଦ୍ଦନକାରୀ ବୀର ନଥିଲେ । ସେ ଥିଲେ ପରମ ଭକ୍ତ । ସେ ଉଭୟ ଶିବଭକ୍ତ ଓ ବିଷ୍ଣୁଭକ୍ତ ଥିଲେ । ଉଭୟ ଶୈବ ଓ ବୈଷ୍ଣବ ଧର୍ମ ପ୍ରତି ଅଗାଧ ଭକ୍ତି ଓ ବିଶ୍ୱାସ ଥିଲେ ମଧ୍ୟ ତାଙ୍କର ମନ, ପ୍ରାଣ ଆତ୍ମା ଜଗନ୍ନାଥଙ୍କଠାରେ କେନ୍ଦ୍ରୀଭୂତ ହୋଇଥିଲା । ଜଗନ୍ନାଥ ବହୁପ୍ରାଚୀନ ହେଲେ ମଧ୍ୟ ଗଙ୍ଗବଂଶର ରାଜତ୍ୱ ସମୟରୁ ତାଙ୍କର ମାହାତ୍ମ୍ୟ ଓ ପ୍ରତିଷ୍ଠା ବିସ୍ତୃତିଲାଭ କରିଥିଲା । ଅଷ୍ଟମ ଶତାବ୍ଦୀରୁ ଜଗନ୍ନାଥଙ୍କ ପ୍ରତିଷ୍ଠା ଓଡ଼ିଶାର ହେଲେ ମଧ୍ୟ ଗଙ୍ଗବଂଶର ରାଜାମାନଙ୍କର ଜଗନ୍ନାଥଙ୍କଠାରେ ଆନୁଗତ୍ୟ ଓ ସମର୍ପଣ ମନୋଭାବ ଯୋଗୁଁ ଜଗନ୍ନାଥ ବିଶ୍ୱାସ ଆଜି ବିଶ୍ୱବାସୀଙ୍କୁ ଉଦ୍‌ବୁଦ୍ଧ କରୁଛି । ଓଡ଼ିଶାରେ ବୌଦ୍ଧ, ଜୈନ, ଶୈବ ଓ ବୈଷ୍ଣବ ଧର୍ମର ପ୍ରବାହ ଆସିଛି ମାତ୍ର ସମସ୍ତ ପ୍ରକାର ଧର୍ମ ସମ୍ବନ୍ଧୀୟ ମତବାଦକୁ ସମନ୍ୱିତ କରି ଜଗନ୍ନାଥ ଧର୍ମ ବିଶ୍ୱପ୍ରାଣକୁ ସଂଯୋଗ କରୁଛି ।

ବୀର ଅନଙ୍ଗଭୀମଦେବ ନିଜକୁ ''ରାଉତ'' ଓ ''ପୁରୁଷୋତ୍ତମ ପୁତ୍ର'' ଆଖ୍ୟାରେ ଭୂଷିତ କରିଥିଲେ । ପ୍ରବଳ ପରାକ୍ରମଶାଳୀ ଅନଙ୍ଗଭୀମଦେବ ଯୁଦ୍ଧଭୂମିରେ ନିଜ ନାମରେ ସାର୍ଥକତା ଦର୍ଶାଇ ସିଂହ ବିକ୍ରମରେ ଶତ୍ରୁର ପ୍ରତିରୋଧ କରି ଶତ୍ରୁଜିତ୍ ହୋଇଥିଲେ ମଧ୍ୟ ପୁରୁଷୋତ୍ତମଦେବ ଜଗନ୍ନାଥଦେବଙ୍କୁ ସମସ୍ତ ସମର୍ପି ଦେଇ ''ରାଉତ'' ପଣେ ଥାନ୍ତି । ଅନଙ୍ଗଭୀମଦେବଙ୍କ ସମୟରୁ ତାଙ୍କର ବଂଶଧରମାନେ ନିଜକୁ ''ରାଉତ'' ଅଭିହିତ କରି ସାମ୍ରାଜ୍ୟକୁ ପୁରୁଷୋତ୍ତମଙ୍କ ନାମରେ ଉତ୍ସର୍ଗ କରି ସେବକ ପଣରେ ରାଜ୍ୟ ଶାସନ କରୁଥିଲେ । ଅନଙ୍ଗଭୀମଦେବଙ୍କ ରାଜଧାନୀ ଅଭିନବ ବାରଣାସୀ ବା କଟକ ନଗରୀ ଥିଲା । ସେ ଅଭିନବ ବାରଣାସୀ କଟକର ନିର୍ମାତା ଥିଲେ । ସେ ତୁଳାପୁରୁଷଦାନ, ଦାନ ସାଗର ଉତ୍ସବ, ହିରଣ୍ୟଗର୍ଭ ମହାଦାନ ପ୍ରଭୃତି ବିଶିଷ୍ଟ ଦାନୋତ୍ସବମାନ କରୁଥିଲେ ।

ଅନଙ୍ଗଭୀମଦେବଙ୍କର ଦୁଇରାଣୀ ସୋମଲଦେବୀ ଓ କସ୍ତୁରାଦେବୀ ପରମାସୁନ୍ଦରୀ ଓ ପରମ ଧାର୍ମିକା ଥିଲେ । ଅନଙ୍ଗଭୀମଦେବଙ୍କର କନ୍ୟା ଚନ୍ଦ୍ରମା ଭଳି ଲାବଣ୍ୟମୟୀ ଚନ୍ଦ୍ରାଦେବୀ ହୈହୟ ବଂଶଜ ପରମାର୍ଦ୍ଦିଦେବଙ୍କୁ ବିବାହ କରିଥିଲେ ।

ରାଣୀ କସ୍ତୁରାଦେବୀଙ୍କ ଗର୍ଭରୁ ଜନ୍ମଲାଭ କରିଥିଲେ ପରମ ସୌନ୍ଦର୍ଯ୍ୟବନ୍ତ ଦୀପ୍ତିମାନ ନରସିଂହଦେବ । ପିତାଙ୍କର ସମସ୍ତ ସୁଗୁଣ ଓ ବଂଶାନୁଗତ ଗୌରବର ଅଧିକାରୀ ହୋଇ ନରସିଂହଦେବ ଜନ୍ମଲାଭ କରିଥିଲେ ଏବଂ ବଂଶ ପରମ୍ପରାଗତ ଗୌରବକୁ ଚରମସୀମାରେ ପହଞ୍ଚାଇ ପାରିଥିଲେ ।

ବାରଶହ ଅଠତିରିଶରୁ ବାରଶହ ଚଉଷଠି (ଖ୍ରୀ: ୧୨୩୮—ଖ୍ରୀ:୧୨୬୪) ଓଡ଼ିଶା ଇତିହାସରେ ସୁବର୍ଣ୍ଣଯୁଗର କାହାଣୀ ତଥା ଗଙ୍ଗବଂଶର ଗୌରବର ଚରମ ଉତ୍କର୍ଷତାର ଇତିବୃତ୍ତି । ତାହାହିଁ ଶତ୍ରୁଦର୍ପମର୍ଦ୍ଦନକାରୀ ମହାରାଜାଧିରାଜ ଶ୍ରୀ ନରସିଂହଦେବଙ୍କର ରାଜତ୍ୱକାଳ ।

Digitized by srujanika@gmail.com

ସିଂହାସନ ଆରୋହଣ କାଳରେ ନରସିଂହଦେବଙ୍କର ରାଜ୍ୟର ଚତୁଃସୀମାରେ ମୁସଲମାନ ସୈନ୍ୟମାନଙ୍କର ଛାଉଣୀ ପଡ଼ିସାରିଥାଏ । ଦେଶମାତୃକାର ସ୍ୱାଧୀନତା ଅକ୍ଷୁଣ୍ଣ ରଖିବାର ପବିତ୍ର ଯୁଦ୍ଧରେ ରାଜସିକ ବିଳାସ ବ୍ୟସନ, ଆମୋଦ ପ୍ରମୋଦ ଇତ୍ୟାଦିକୁ ଆହୁତି ଦେଇଦେଲେ ସୌମ୍ୟକାନ୍ତି, ତରୁଣ ବୟସ ରାଜାଧିରାଜ ନରସିଂହଦେବ ।

ମହାରାଣୀ ପରମାସୁନ୍ଦରୀ ସୀତାଦେବୀ—ମାଳବ ଦେଶର ରାଜକେମା । ସେତେବେଳେ ଭାରତରେ ସବୁଠି ମୁସଲମାନ ରାଜତ୍ୱ ଚାଲିଥାଏ । ଏକମାତ୍ର ଉତ୍କଳ ଓ କାଶ୍ମୀର ସ୍ୱାଧୀନ ହିନ୍ଦୁରାଜ୍ୟ ଭାବରେ ନିଜର ଗର୍ବ ଗୌରବ ଅକ୍ଷୁଣ୍ଣ ରଖିପାରିଥାଏ । ରାଜା ଅନଙ୍ଗଭୀମଦେବ ମହାସମାରୋହରେ କାଶ୍ମୀର ରାଜକେମାଙ୍କୁ ରାଜବଧୂ ଭାବରେ ଗ୍ରହଣ କରି ପୁତ୍ର ନରସିଂହଦେବଙ୍କର ବିବାହ ଉତ୍ସବ ସମାପନ କରିଥିଲେ ।

ସୀତାଦେବୀ ବୀର ନରସିଂହକୁ ପତି ଭାବରେ ପାଇବା ପାଇଁ ଶିବଙ୍କ ଶିରରେ ଲକ୍ଷେ ଚମ୍ପା ଚଢ଼ାଇ ବ୍ରତ ମନାସି ଥିଲେ । ସେତେବେଳେ ନରସିଂହ ହିଁ ତାଙ୍କ ପାଇଁ ସର୍ବଶ୍ରେଷ୍ଠ ପୁରୁଷ ଥିଲେ । ନରସିଂହଦେବଙ୍କର ବଂଶଗାରିମା, ସୌମ୍ୟକାନ୍ତି, ବୀରତ୍ୱ, ପାଣ୍ଡିତ୍ୟ, ବଦାନ୍ୟତା ଓ ମାନବିକତାର ଗାଥା ସମଗ୍ର ଭାରତରେ ଚହଳ ପକାଇଥାଏ । କେତେକେତେ ପରମାସୁନ୍ଦରୀ ରାଜକେମା ରାତି ଉଜାଗର ରହି ନରସିଂହଦେବଙ୍କୁ ପତିପଦରେ ବରଣ କରିବା ସ୍ୱପ୍ନରେ ତନୁ କ୍ଷୀଣ କରୁଥାନ୍ତି । କିନ୍ତୁ ରାଜକେମା ସୀତାଦେବୀଙ୍କର ଐକାନ୍ତିକ କାମନା ଓ ନିଷ୍ଠାପର ଭାବନା ତାଙ୍କୁ ପବିତ୍ର ପୁରୁଷୋତ୍ତମ ପୀଠ ଉତ୍କଳର ରାଜରାଣୀ କରି ଡୋଳିଲା । ଧନ୍ୟହେଲା ତାଙ୍କର ନାରୀଜନ୍ମ—ଧନ୍ୟ ହେଲେ ରାଜା ନରସିଂହଦେବ ସୀତାଦେବୀଙ୍କୁ ପତ୍ନୀ ଭାବରେ ପାଇ ।

କିନ୍ତୁ ସୁନ୍ଦରୀ ରାଜରାଣୀଙ୍କୁ ନେଇ ନବବିବାହିତ ଜୀବନର ସୁଖ ସମ୍ଭୋଗ, ବିଳାସ ବ୍ୟସନ, ନରସିଂହଦେବଙ୍କ ଜୀବନରେ ଘଟିଲା ନାହିଁ । ରାଜାର ସୁଖପଥରେ ବି ଅନେକ ବାଧା, ଅନେକ ପ୍ରତିବନ୍ଧକ ।

ବାସର ରାତିରେ ନରସିଂହଦେବ ରାଣୀଙ୍କୁ କହିଲେ—''ରାଣୀ ! କାଲି ପ୍ରଭାତରୁ ମୁଁ ଯୁଦ୍ଧଯାତ୍ରା କରିପାରେ । ରାଜ୍ୟର ଚତୁଃସୀମାକୁ ଯବନମାନେ ଘେରି ରହିଛନ୍ତି । ଦେଶର ଅଧିକାଂଶ ରାଜ୍ୟ ଯବନମାନଙ୍କର କରଗତ ହୋଇଛି । ଜଗନ୍ନାଥଙ୍କ କୃପାରୁ ଓଡ଼ିଶା ଏବେ ମଧ୍ୟ ବିପନ୍ନ ନୁହେଁ । ଏକ ସ୍ୱାଧୀନ ହିନ୍ଦୁ ରାଜ୍ୟର ରାଜକେମା ତୁମେ । ମୋର ବିଶ୍ୱାସ ଦେଶମାତୃକାର ସ୍ୱାଧୀନତା ରକ୍ଷା ପାଇଁ ମୋର ଯାତ୍ରାକୁ ତମେ ସମ୍ମାନ କରିବ ।''

ରାଣୀ ସୀତାଦେବୀ ବାସର ରାତିରେ ସୌମକାନ୍ତ ସ୍ୱାମୀଙ୍କର ମୁହଁରୁ ପ୍ରେମାଳାପ ପରିବର୍ତ୍ତେ ଯୁଦ୍ଧଯାତ୍ରାର ଯୋଜନା ଶୁଣିବାପାଇଁ ବହୁପୂର୍ବରୁ ପ୍ରସ୍ତୁତ ଥିବାପରି ସ୍ଥିର କଣ୍ଠରେ କହିଥିଲେ —''ମହାରାଜ ! ଗଡ଼ଚଣ୍ଡୀଙ୍କଠାରେ ଭୋଗ ଲଗାଇ ସିନ୍ଦୂର ଆଣିଛି । ଅର୍ଘ୍ୟଥାଳି ପ୍ରସ୍ତୁତ କରି ରଖିଛି । ଆଦେଶ ଦେଲେ ଆପଣଙ୍କର ବିଜୟ ମନାସି ବିଦାୟ ଜଣାଇବି ।''

Digitized by srujanika@gmail.com

ନରସିଂହଦେବ କୃତ୍ରିମ ଅଭିମାନରେ କହିଥିଲେ—''ରାଣୀ ! ତୁମେ କ'ଣ ମତେ ଯୁଦ୍ଧକ୍ଷେତ୍ରକୁ ପଠାଇଦେବା ପାଇଁ ଟିକେହେଲେ କୁଣ୍ଠାବୋଧ କରନାହିଁ ? ଏଇତ ଆମ ଏକତ୍ର ଜୀବନ ଆରମ୍ଭ କରିଛେ । ଯଦି ମୁଁ ଯୁଦ୍ଧକ୍ଷେତ୍ରରୁ ଫେରି ନ ଆସେ.....

ସୀତାଦେବୀ ସ୍ଥିର କଣ୍ଠରେ କହିଥିଲେ—ଯାହାର ନାମ ନରସିଂହ ସେ କେବେ ପରାଜିତ ହୋଇପାରେ ? ଯିଏ ଜଗନ୍ନାଥଙ୍କର ସେବକ ସେ କେବେ ଶତ୍ରୁ ହାତରେ ପ୍ରାଣ ଦେଇପାରେ ? ମହାରାଜ ! ଉତ୍କଳ ମୋର ଜନ୍ମଭୂମି ନ ହେଲେ ମଧ୍ୟ କର୍ମଭୂମି । ତା'ର ସ୍ୱାଧୀନତା ରକ୍ଷା କରିବା ମୋର ପରମ କର୍ତ୍ତବ୍ୟ । ସେଥିପାଇଁ ଯଦି ନବବିବାହିତ ଜୀବନରେ ସ୍ୱାମୀ ସୁଖରୁ ବଞ୍ଚିତ ହେବାକୁ ପଡ଼େ, ତେବେ ସେଇ ତ ମୋର ଦେଶସେବା କରିବାର ପରମ ସୁଯୋଗ.....

ନରସିଂହ ଦେବ ସେଦିନ ସୀତାଦେବୀଙ୍କର ପ୍ରେରଣା ଓ ଉତ୍ସାହକୁ ପୁଞ୍ଜିକରି ସିଂହ ବିକ୍ରମରେ ଶତ୍ରୁର ମୁକାବିଲା କରିବା ପାଇଁ ଶତ୍ରୁ ସୈନ୍ୟ ଉପରେ ଝାମ୍ପିପଡ଼ିଥିଲେ ।

ଖ୍ରୀଷ୍ଟାବ୍ଦ ବାରଶହ ତେୟାଳିଶ । ନରସିଂହଦେବ କଟାସିନ୍‌ଠାରେ ମୁସଲମାନ ସେନାଙ୍କୁ ପରାସ୍ତ କରି ଲଖନୋର ଏବଂ ଲାକ୍ଷ୍ନୌତି ଆକ୍ରମଣ କଲେ । ସେତେବେଳେ ବଙ୍ଗର ଶାସକ ତୁଘାନ ଖାଁ ପ୍ରତି ମୁହୂର୍ତ୍ତରେ ଉତ୍କଳର ଆକ୍ରମଣର ସୁଯୋଗ ଖୋଜୁଥାନ୍ତି । ନରସିଂହଦେବ ଶତ୍ରୁର ଆକ୍ରମଣକୁ ଅପେକ୍ଷା ନରଖି ନିଜେ ଆକ୍ରମଣ କରିବାର ସଙ୍କଳ୍ପ ନେଇଥାନ୍ତି । ତାଙ୍କ ପୂର୍ବରୁ ଏଭଳି ନୀତି କୌଣସି ରାଜା ନେଇ ନଥିଲେ । ପିତା ଅନଙ୍ଗଭୀମଦେବ ବୀର ଦର୍ପରେ ଶତ୍ରୁ ଆକ୍ରମଣର ମୁକାବିଲା କରିଥିଲେ । ପୁତ୍ର ନରସିଂହଦେବ ପିତାଙ୍କଠାରୁ ବଳୀୟାନ୍ ହୋଇ ଶତ୍ରୁ ବିରୁଦ୍ଧରେ ନିଜେ ଭୟାନକ ଆକ୍ରମଣର ଯୋଜନା କରିଥାନ୍ତି । ନରସିଂହଦେବଙ୍କର ଏହି ଯୁଦ୍ଧନୀତି ପରବର୍ତ୍ତୀ ବଂଶଧରମାନଙ୍କୁ ଅନୁପ୍ରାଣିତ କରିଥିଲା ଏବଂ କେବଳ ନରସିଂହଦେବଙ୍କର ଦୂରଦର୍ଶୀତା ଯୋଗୁଁ ଉତ୍କଳ ବହୁବର୍ଷଧରି ମୁସଲମାନ ଶାସକ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରି ନିଜର ଅଖଣ୍ଡ ସ୍ୱାଧୀନତା ବଜାୟ ରଖିପାରିଥିଲା । ନିଜର ସ୍ୱାଧୀନତା ବଜାୟ ରଖିବା ସଙ୍ଗେ ସଙ୍ଗେ ନରସିଂହଦେବ ଆକ୍ରମଣକାରୀ ହୋଇ ମୁସଲମାନ ଅଧିକୃତ ବଙ୍ଗର ଅନେକ ଅଞ୍ଚଳ ଅଧିକାର କରିନେଇଥିଲେ ।

ବାରଶହ ବୟାଳିଶ ଖ୍ରୀଷ୍ଟାବ୍ଦର କଥା । ଇଲତୁତ୍‌ମିସ୍‌ଙ୍କ ସାନପୁଅ ନାସିରୁଦ୍ଦିନ୍ ଦୀର୍ଘ କୋଡ଼ିଏ ବର୍ଷ ପାଇଁ ଦିଲ୍ଲୀ ସିଂହାସନ ଅଧିକାର କରିଥାନ୍ତି । ରାଜ୍ୟ ଶାସନର ସମସ୍ତ ଭାର ନିଜ ମନ୍ତ୍ରୀ ଉଲୁଘ ଖାଁ ବା ଗିୟାସୁଦ୍ଦିନ ବଲବନଙ୍କ ଉପରେ ନ୍ୟସ୍ତ କରିଦେଇ ସେ ନିଶ୍ଚିତ ଥା'ନ୍ତି ।

ତା' ପୂର୍ବରୁ ବାରଶହ ତେୟାଳିଶ ଖ୍ରୀଷ୍ଟାବ୍ଦରେ ତୁଘାନ ଖାଁ ନରସିଂହଦେବଙ୍କଦ୍ୱାରା ପଟାସିନ୍‌ଠାରେ ପରାସ୍ତ ହୋଇ ବହୁ କଷ୍ଟରେ ନିଜ ପ୍ରାଣଘେନି ପଳାଇଥାନ୍ତି । ନରସିଂହଦେବ

Digitized by srujanika@gmail.com

ସେତିକିରେ ସନ୍ତୁଷ୍ଟ ହେବାର ପୁରୁଷ ନୁହନ୍ତି । ତା' ପରବର୍ଷ, ବାରଶହ ଚଉରାଳିଶ ଖ୍ରୀଷ୍ଟାବ୍ଦରେ ନରସିଂହଦେବ ପୁନର୍ବାର ବଙ୍ଗ ଆକ୍ରମଣ କଲେ । ନରସିଂହଦେବଙ୍କ ବୀରତ୍ୱ ଏବଂ ଉତ୍କଳୀୟ ସୈନ୍ୟମାନଙ୍କର ଅପୂର୍ବ ଯୁଦ୍ଧ କୌଶଳ ଆଗରେ ତୁଘାନ ଖାଁଙ୍କର ପରାଜୟ ସୁନିଶ୍ଚିତ ଥିଲା । ମୁସଲମାନ ସେନାପତି କରିମୁଦ୍ଦିନ୍ ଲାଘରି ନିହତ ହେଲେ । ଅତି ସହଜରେ ପରାସ୍ତ ହେଲେ ବଙ୍ଗର ଶାସକ ତୁଘାନ ଖାଁ । ରାଢ଼ ଦେଶର ମୁସଲମାନ୍ ରାଜଧାନୀ ଲଖନୋର ନରସିଂହଦେବଙ୍କ ଦ୍ୱାରା ଅଧିକୃତ ହେଲା ।

ସେତେବେଳେ ବର୍ଷାଋତୁର ଆରମ୍ଭ । ରାଢ଼ ଓ ଗୌଡ଼ ଦେଶ ଜୟ କରି ପ୍ରବଳ ପ୍ରତାପୀ ନରସିଂହଦେବ ଓଡ଼ିଶା ସେନାବାହିନୀ ସହ ନିଜ ରାଜଧାନୀ କଟକ ନଗରୀକୁ ଫେରିଆସିଲେ । ଆଦ୍ୟ ଆଷାଢ଼ର ପ୍ରଥମ ବାରିପାତ ବିଜୟୀ ନରସିଂହଙ୍କର ପଦଧୌତ କରି ତା'ର ଶୀତଳ ସ୍ପର୍ଶରେ ତାଙ୍କ ସମରକ୍ଲାନ୍ତି ଓ ସ୍ୱେଦବିନ୍ଦୁକୁ ପୋଛି ନେଇଥିଲା । ଆକାଶ ଅର୍ଘ୍ୟଥାଳୀରେ ବିଜୁଳୀ କନ୍ୟା ବିଜୟ ଦୀପ ଜଳାଇ ନରସିଂହଦେବଙ୍କର ବନ୍ଦାପନା କରିଥିଲା । ପ୍ରତୀକ୍ଷମାଣା ମହାରାଣୀ ସୀତାଦେବୀଙ୍କର ନୟନ ଯୁଗଳରେ ଆନନ୍ଦର ଅଶ୍ରୁବିନ୍ଦୁ ଆଦ୍ୟ ଆଷାଢ଼ର ବର୍ଷାଜଳ ହେଇ ଝରୁଥାଏ ।

ନରସିଂହ ଦେବଙ୍କର ଲଖନୋର ବିଜୟର କାହାଣୀ ପଦୁ ପଦୁ ପ୍ରାଚୀପ୍ରଭା ଉଲ୍ଲସିତ ହେଉଥାଏ, ରୋମାଞ୍ଚିତ ହେଉଥାଏ ।

ଇତିହାସର ପୃଷ୍ଠାରୁ ମୁହଁଟେକି ଚାର୍ଲସ ଚାହେଁ ପ୍ରାଚୀକୁ । ଚାର୍ଲସର ବିମୁଗ୍ଧ ଦୃଷ୍ଟିରେ ଆମୋଦ ଫୁଟିଉଠେ । ଚପଳ କୌତୁକରେ ଚାର୍ଲସ କହେ—ନରସିଂହଦେବଙ୍କ ବିଜୟ ବାହୁଡ଼ା ଲଗ୍ନରେ ମହାରାଣୀ ସୀତାଦେବୀଙ୍କର ସୁନ୍ଦର ମୁହଁଟା ଆନନ୍ଦ ଏବଂ ଉଲ୍ଲାସରେ ଆଉରି କେତେଗୁଣ ସୁନ୍ଦର ଦିଶୁଥିବ ସେକଥା ମୁଁ ନିର୍ଭୁଲ ଭାବରେ ହିସାବ କରି କହିଦେଇପାରେ ।

—କେମିତି ? ପ୍ରାଚୀ ବିସ୍ମୟରେ ଚାର୍ଲସକୁ ଚାହିଁରହେ । ଚାର୍ଲସ ଦୁଷ୍ଟ ବାଳକ ଭଳି ଆଖି ନଚାଇ ଉତ୍ତର ଦିଏ—ତମକୁ ଦେଖି ।

—ତା'ର ଅର୍ଥ ? ପ୍ରାଚୀ ନିର୍ବୋଧ ଭଳି ପ୍ରଶ୍ନ କଲେ ।

ଚାର୍ଲସ ବିଶ୍ୱସ୍ତ ଭଙ୍ଗୀରେ କହେ—ତମର ମୁହଁଟା କୋଣାର୍କର କାରୁକାର୍ଯ୍ୟ ଭଳି ନିଖୁଣ ଭାବରେ ସୁନ୍ଦର ହେଲେ ମଧ୍ୟ ପାଷାଣ ଭଳି ନିର୍ବିକାର । ତମେ କେବେ ଖୁସିହୁଅ, କେବେ ଦୁଃଖ ପାଅ ସେକଥା ବୁଝିହୁଏ ନାହିଁ । କିନ୍ତୁ ଆଜି ନରସିଂହ ଦେବଙ୍କର ବିଜୟରେ ତମ ମୁହଁକୁ ଦେଖିଲେ ମନେହୁଏ ସେଦିନ ସୀତାଦେବୀ ମଧ୍ୟ ଏତେଦୂର ଆନନ୍ଦିତ ହେଇଥିବେ କି ନାଁ ସନ୍ଦେହ ।

Digitized by srujanika@gmail.com

ପ୍ରାଚୀ ହସି ହସି କହେ—ନରସିଂହଦେବଙ୍କର ବିଜୟ ତ ମୋର ବିଜୟ—ମୋ ଜାତିର ବିଜୟ । ଘଟଣା ଅତୀତ ହେଲେ ମଧ୍ୟ ସେ ତ ମୋରି ଅତୀତ—ମୋ ଜାତିର ଗୌରବମୟ ଅତୀତ !

ଚାର୍ଲସ କହେ—ଜାତିର ବିଜୟରେ ଖୁସି ହେବା ସ୍ୱାଭାବିକ । କିନ୍ତୁ ତା'ଛଡ଼ା ଆଉ କିଛି ଖୁସିହେବାର ଅବସର ତମ ଜୀବନରେ କେବେ କ'ଣ ଆସିନାହିଁ ପ୍ରାଚୀପ୍ରଭା ? ତମେ ଏତେ ଆତ୍ମମଗ୍ନ କାହିଁକି ? ଏଇଟା କ'ଣ ଭାରତୀୟ ନାରୀ ଚରିତ୍ରର ଗୋଟାଏ ବିଶେଷତ୍ୱ ?

ପ୍ରାଚୀ ଗମ୍ଭୀର କଣ୍ଠରେ କହେ—ଭୁଲ୍ ବୁଝିଛ ଚାର୍ଲସ । ଭାରତୀୟ ନାରୀ ନିଜ ଅପେକ୍ଷା ଅନ୍ୟପାଇଁ ବେଶୀ ଭାବେ—ବେଶି ଚିନ୍ତାକରେ ।

—କ୍ଷମା କରିବ । ବନ୍ଧୁତ୍ୱର ଅଧିକାରରେ ପଚାରିପାରେ କି ତମେ କାହାପାଇଁ ଚିନ୍ତାକର ? ଚାର୍ଲସ ମୃଦୁ ହସି ଜେରା କରେ ।

ପ୍ରାଚୀ ସହଜ ଭାବରେ ଉତ୍ତର ଦିଏ—ମୁଁ ତ ଅନେକଙ୍କର କଥା ଭାବେ । କାହା କଥା କହିବି ?

—ଯଦି ଆପତ୍ତି ନଥାଏ ସମସ୍ତଙ୍କ କଥା କହିପାର । ଚାର୍ଲସ କୌତୁକ କରେ ।

ପ୍ରାଚୀ ସ୍ଥିର କଣ୍ଠରେ କହେ—ମୁଁ ଭାବେ ମୋର ଇଷ୍ଟଦେବ ଜଗନ୍ନାଥଙ୍କର କଥା—ମୁଁ ଭାବେ ରାଜା ନରସିଂହଦେବଙ୍କର କଥା—ବିଷ୍ଣୁ ଅଜା, କୁଶଭଦ୍ରା ମାଉସୀ, ଚିତ୍ରୋତ୍ପଳା ଏବଂ ଧର୍ମାନନ୍ଦର କଥା । ଅତୀତ ସହ ବର୍ତ୍ତମାନକୁ ତଉଲେ—ବିଶ୍ଳେଷଣ କରେ । ଏସବୁ ଭିତରେ ବର୍ତ୍ତମାନ ମୋ ପାଖରେ ଝାପ୍ସା ହେଇଯାଏ । ମୁଁ ହେଇଯାଏ ସାତ ଶହ ବର୍ଷ ତଳର ଅତୀତ । ମୋର ଅତୀତକୁ ମୁଁ ପ୍ରେମ କରେ ।

—ତମର ଏତେ ସବୁ ଭାବନା ଭିତରେ ଏ ଯାଯାବର ବିଦେଶୀ ବନ୍ଧୁଟିର ନାମ ଗନ୍ଧ ବି ନାହିଁ ? ଚାର୍ଲସ ପରିହାସ କରେ ।

ପ୍ରାଚୀ ଅନ୍ତରଙ୍ଗ ଭାବରେ ଚାର୍ଲସକୁ ଚାହିଁ କହେ—ତମେ ଯେ ମୋ ଦେଶର ଅତିଥି । ତମକୁ ବାଦ୍‌ଦେବି କେମିତି ? ଅତିଥି ଭଗବାନ । ଭଗବାନଙ୍କ ଭାବନାକୁ ବାଦ୍‌ଦେଇ ମୁଁ ଅନ୍ତତଃ ବଞ୍ଚିପାରେନା । ତେଣୁ ତମେ ମୋ ଭାବନାରୁ ଅନ୍ତର ହେଇନାହଁ ।

ଚାର୍ଲସ ହସି ଉଠେ । ଓଠ ଚିପି ଚିପି କହେ, ତମେ ଯଦି ତମର ଅତୀତକୁ ପ୍ରେମ କର, ତେବେ ତମର ଅତିଥିକୁ ମଧ୍ୟ ପ୍ରେମ କରିବା ପାଇଁ ବାଧ୍ୟ । କାରଣ ଅତୀତରେ ଭାରତ ଆତିଥ୍ୟ ପାଇଁ ମହାନ୍ ବୋଲାଉଥିଲା । ପ୍ରେମକୁ ବାଦ୍ ଦେଇ ଅତିଥି ସତ୍କାର ହୁଏନା ।

Digitized by srujanika@gmail.com

ପ୍ରାଚୀ ମୃଦୁ ହସି କହେ—''ଅତିଥିକୁ ପ୍ରେମ କରିବା ଏବଂ ଈଶ୍ୱରଙ୍କୁ ପ୍ରେମ କରିବା ଏକା କଥା, କାରଣ ଯେ କୌଣସି ଭାରତୀୟ ପକ୍ଷେ ଅତିଥି ହିଁ ଈଶ୍ୱର । ସେଇ ଦୃଷ୍ଟିରୁ ମୁଁ ତମକୁ ପ୍ରେମ କରେ ଚାର୍ଲସ । ମୋର ଆତିଥ୍ୟରେ କିଛି ତ୍ରୁଟି ଦେଖୁଛ ?''

ଚାର୍ଲସ ସାମାନ୍ୟ ଭାବପ୍ରବଣ ହେଇଯାଏ । କହେ—''ମୁଁ କିନ୍ତୁ ଈଶ୍ୱର ନୁହେଁ ପ୍ରାଚୀ ! ମୁଁ ଗୋଟାଏ ସାଧାରଣ ମଣିଷ । ମଣିଷକୁ ଜୋରକରି ଈଶ୍ୱରଙ୍କ ଆସନରେ ବସାଇଦେଲେ ସେ ଦୁଃଖ ପାଏ, କଷ୍ଟ ଭୋଗେ । ଅତିଥିକୁ ମଣିଷ ମନେକରି ପ୍ରେମ ଦୃଷ୍ଟିରେ କ'ଣ ତମେ ଦେଖିପାରନା ?''

ପ୍ରାଚୀ ଚାର୍ଲସକୁ ନିସଂକୋଚ ଦୃଷ୍ଟିତୋଳି ଚାହିଁ ରହିଲା । ଏଇ ଯାଯାବର ଯୁବକଟି ପ୍ରତି ତା' ମନରେ ଅକସ୍ମାତ୍ କରୁଣା ସଞ୍ଚାର ହେଲା । ତା'ର ମନେହେଲା ଚାର୍ଲସ ଦୁଃଖର ସ୍ତୂପଟିଏ । ଟିକିଏ ସ୍ନେହର ସ୍ପର୍ଶରେ ତା'ର ଦୁଃଖ ସବୁ ନଦୀ ହୋଇ ପ୍ରାଚୀର ପାଦତଳେ ଝରିଯିବ । କିନ୍ତୁ ସେ ବା କ'ଣ କରିବ ସେଇ ଦୁଃଖ ନଦୀଜଳକୁ ? ତା'ର ଶକ୍ତି କେତେ— ସାମର୍ଥ୍ୟ କେତେ ? ତା' ନିଜର କ୍ଷମତାର ପରିଧି ତାକୁ ଜଣା । ସେ କାହିଁକି ଏଇ ପ୍ରେମପାଗଳ ଯୁବକଟିକୁ କେତେଟା ଦିନ ପାଇଁ ପ୍ରେମର କୁଟ୍‌କୁଟିକା ବିସ୍ତାର କରି ଅନ୍ଧ କରିବ । ଚାର୍ଲସର ଅନେକ ବାନ୍ଧବୀ ଗଲେଣି—ଅନେକ ଏବେ ଅଛନ୍ତି । ଅନେକ ପୁଣି ଆସିବେ । ପ୍ରାଚୀ କୌଣସି କାଳେ କୌଣସି ପୁରୁଷର ସେପ୍ରକାର ବାନ୍ଧବୀ ହେଇ ପାରେନା । ଚାର୍ଲସ ଥାଉ ତାର ଦୁଃଖ ନେଇ । ସେ ତ ଦି' ଦିନର ଅତିଥି ।

ପ୍ରାଚୀ ନିଜକୁ ସଂଯତ କରିନିଏ । ଶାନ୍ତ କଣ୍ଠରେ କହେ—''ଚାର୍ଲସ ! ଯେଉଁ ପ୍ରେମ ମଣିଷକୁ କୌଣସି ଦିନ ଦୁଃଖ ଦିଏ ନାହିଁ ସେ ପ୍ରେମ ତମ ପ୍ରତି ମୋର ଅଛି । ସେ ହେଉଛି ମଧୁର ମାନବିକ ସମ୍ପର୍କ । ତମେ ଦି' ଦିନର ଅତିଥି । ଭାରତ କୌଣସି କାଳେ ତମର ଦୁଃଖର କାରଣ ନହେଉ ।''

ଚାର୍ଲସ ଜିଦ୍ ଧରିବା ଭଳି କହେ—''ଦି' ଦିନର ଅତିଥି ବି ଚିରଦିନର ବନ୍ଧୁ ହେଇପାରେ ।''

—''ମୁଁ ତମକୁ ବନ୍ଧୁଭାବରେ ଗ୍ରହଣ କରିସାରିଛି ।'' ପ୍ରାଚୀ ସ୍ଥିରଭାବରେ ଉତ୍ତର ଦିଏ ।

ଚାର୍ଲସ ଉତ୍ସାହିତ କଣ୍ଠରେ କହେ—''ତେବେ ମୋର ସର୍ତ୍ତ— ।'' ଚାର୍ଲସର କଥା ଅଧାରହିଯାଏ । ପ୍ରାଚୀ ଚଟ୍‌କରି କହିପକାଏ—''ବନ୍ଧୁତ୍ୱରେ କୌଣସି ସର୍ତ୍ତ ନଥାଏ ଚାର୍ଲସ ! ଦୟାକରି ତମେ ଆମର ବନ୍ଧୁତ୍ୱକୁ ସର୍ତ୍ତସମ୍ବଳିତ କରିଦିଅ ନାହିଁ ।''

ଚାଲର୍ସ ନୀରବ ରହିଯାଏ ।

Digitized by srujanika@gmail.com

—ଚାରି—

ସାରାଦିନ ଲିଲିଆନ୍ ଏକା ଏକା ଘୂରିବୁଲେ । ଚାର୍ଲସ ପ୍ରାଚୀ ସହ କୋଣାର୍କ ମନ୍ଦିର ଏବଂ କୋଣାର୍କ ସନ୍ନିକଟ ଅଞ୍ଚଳ, ଗାଁ ଗଣ୍ଡା ବୁଲି ବୁଲି ଐତିହାସିକ ତଥ୍ୟ ଏବଂ ଲୋକମୁଖରେ ପ୍ରଚଳିତ କିମ୍ବଦନ୍ତୀ ସଂଗ୍ରହ କରେ । ସେଥିରେ ଚାର୍ଲସର ଯାଯାବର ପ୍ରାଣକୁ ଶାନ୍ତି ମିଳେ । ଘୂରି ବୁଲିବାରେ ତ ଚାର୍ଲସର ଆନନ୍ଦ । ପ୍ରାଚୀ ସହ ବୁଲି ବୁଲି ତଥ୍ୟ ସଂଗ୍ରହ କରିବାରେ ତାକୁ ବେଶି ଆନନ୍ଦ ମିଳେ । ଚାର୍ଲସ ସମସ୍ତଙ୍କୁ କହେ—''ପ୍ରାଚୀ ମୋର ପ୍ରତକ୍ଷୁ, ଅର୍ଥାତ୍—ଗାଇଡ୍ ।'' ପ୍ରାଚୀ କହେ—''ଚାର୍ଲସ ମୋର ଈଶ୍ୱର, ଅର୍ଥାତ୍—ଅତିଥି ।'' ଚାର୍ଲସ ଅନୁଭବ କରେ ପ୍ରାଚୀ ଏକ ସହଜ ସରଳ ଖୋଲା ସ୍ୱଭାବର ଆଧୁନିକା ଝିଅ ହେଲେ ବି ଭାରତୀୟ ନାରୀର ସ୍ୱଭାବଗତ ରକ୍ଷଣଶୀଳତା, କୁଣ୍ଠା, ଲଜ୍ଜା, କୋମଳତା ତା'ର ବ୍ୟକ୍ତିତ୍ୱକୁ ଆବୋରି ରଖିଛି ଏବଂ ତାକୁ ଅଧିକ ଆକର୍ଷଣୀୟା, ମହନୀୟା କରି ତୋଳିଛି । ପ୍ରାଚୀର ବ୍ୟକ୍ତିତ୍ୱ ପ୍ରତି ଚାର୍ଲସ ମନରେ ଯେତିକି ଶ୍ରଦ୍ଧା, ସେତିକି ସଂଭ୍ରମ । ଚାର୍ଲସ ଭାବେ ପ୍ରାଚୀ ଯେମିତି ଭାରତୀୟ ସଂସ୍କୃତିର ପ୍ରତୀକ । ଲିଲିଆନ୍ ସଙ୍ଗେ ପ୍ରାଚୀକୁ ତୁଳନା କରି ଚାର୍ଲସ ଭାବେ ଲିଲିଆନ୍ ଯଦି ଅସ୍ଥିର ତଡ଼ିତ୍ ହୁଏ ପ୍ରାଚୀ ଏକ ସ୍ଥିର ନିଷ୍କମ୍ପ ଦୀପଶିଖା । ଲିଲିଆନ୍, ପ୍ରଚୁର ସୁଖଦାୟିନୀ ପୁଷ୍ପିତା ଲତା ହେଲେ ପ୍ରାଚୀ ଶାନ୍ତିପ୍ରଦ ଶୀତଳ ବୃକ୍ଷଛାୟା ହେଇପାରେ । ଗାଁ ଗହଳରେ ତଥ୍ୟ ସଂଗ୍ରହ କରୁ କରୁ ଗ୍ରାମ୍ୟ ଝିଅମାନେ ପ୍ରାଚୀ ଭଳି ଶାନ୍ତିପ୍ରଦ ଆଉ ସ୍ନିଗ୍ଧ ମନେହୁଅନ୍ତି । ସେମାନଙ୍କୁ ତାରିଫ କରୁ କରୁ ଚାର୍ଲସ ନିଜ ଅଜାଣତରେ ପ୍ରାଚୀର ପ୍ରଶଂସା କରିପକାଏ । ପ୍ରାଚୀ ସଲ୍ଲଜ ଭାବେ ଧନ୍ୟବାଦ ଜଣାଏ ।

ଗାଁ ଗଣ୍ଡାରେ ବୁଲୁବୁଲୁ ପ୍ରାଚୀ କହେ—''ଗାଁଗୁଡ଼ିକ ଦରିଦ୍ର ଆଉ ଅନୁନ୍ନତ ମନେହେଲେ ବି ପ୍ରତ୍ୟେକ ଗାଁର କିଛି ନା କିଛି ବିଶେଷତ୍ୱ ଅଛି । ତମର କିଛି ଗ୍ରାମ୍ୟ ଦ୍ରବ୍ୟ ଆବଶ୍ୟକ ଚାର୍ଲସ ?'' କେଉଁ ଗାଁରେ କ'ଣ ମିଳେ ପ୍ରାଚୀ ଚାର୍ଲସକୁ ବୁଝାଇଦିଏ ।

ହାତୀପଦା ଓ ଖେରଙ୍ଗ ଗାଁରୁ ଫେରୁଥାନ୍ତି ପ୍ରାଚୀ ଓ ଚାର୍ଲସ । ଖେରଙ୍ଗ ଗାଁରେ ଦଶଘର ମହାରଣା ରହନ୍ତି । ତିଆରି କରନ୍ତି ସୁନ୍ଦର କାରୁକାର୍ଯ୍ୟଭରା ଖଡ଼ି ମୂର୍ତ୍ତି । ହାତୀପଦା ଗାଁରେ ଧ୍ରୁବ କାଣ୍ଡି ସୁନ୍ଦର ପଟ୍ଟଚିତ୍ର ଅଙ୍କନ କରେ । ପ୍ରାଚୀ ପଚାରିଲା—''କିଛି ନବ, ଖଡ଼ିର ମୂର୍ତ୍ତି ବା ପଟ୍ଟଚିତ୍ର ?''

ଚାର୍ଲସ ଗମ୍ଭୀର କଣ୍ଠରେ କହିଲା—''ଯାଯାବର ଜୀବନରେ ଯେକୌଣସି ଦୁର୍ଲଭ ବସ୍ତୁ ମଧ୍ୟ ବୋଝ ପାଲଟିଯାଏ । ଯଦି ପାର ଚିତ୍ରପଟ୍ଟ ଭଳି ସୁନ୍ଦର ଏଇ ଗ୍ରାମମାନଙ୍କରୁ ନାରୀ ମୂର୍ତ୍ତିଟିଏ ଯୋଗାଡ଼ କରିଦିଅ ।''—''ନାରୀମୂର୍ତ୍ତି ?'' ପ୍ରାଚୀ ପଚାରିଲା । ଚାର୍ଲସ ସହଜ

Digitized by srujanika@gmail.com

ଭାବରେ ଉତ୍ତର ଦେଲା—''ମୂର୍ତ୍ତିଭଳି ସୁଠାମ ରକ୍ତମାଂସର ନାରୀଟିଏ ମୋର ଆବଶ୍ୟକ । ଏଠିକାର ଝିଅମାନଙ୍କୁ ମୋର ଖୁବ୍ ପସନ୍ଦ ।''

ଆଶ୍ଚର୍ଯ୍ୟ କଣ୍ଠରେ ପ୍ରାଚୀ ପ୍ରଶ୍ନକଲା—''ଝିଅମାନଙ୍କୁ ନେଇ କ'ଣ କରିବ ?''

—''ବିବାହ ।'' ଚାର୍ଲସ ସ୍ଥିର କଣ୍ଠରେ କହିଲା ।

—''ବିବାହ !'' ପ୍ରାଚୀ ଅସ୍ଫୁଟ ଚିତ୍କାର କରି ଉଠିଲା । ଯେମିତିକି ଚାର୍ଲସ ବିବାହ ବଦଳରେ ହତ୍ୟା କରିବ ବୋଲି କହିପକାଇଛି । ଚାର୍ଲସକୁ କଠୋର ଦୃଷ୍ଟିରେ ଚାହିଁ ସେ କହିଲା—''କିନ୍ତୁ ଲିଲିଆନ୍ ।''

—''ସେ ମୋର ବାନ୍ଧବୀ । ଗାର୍ଲ ଫ୍ରେଣ୍ଡ । ତା'ସହ ବିବାହର ରାଜିନାମା କେବେ ହୋଇନାହିଁ । ଚାର୍ଲସ ନିଃସଂକୋଚରେ ଉତ୍ତର ଦେଲା ।

ପ୍ରାଚୀ କ୍ଷୁଣ୍ଣ ହେବାଭଳି କହିଲା—''କିନ୍ତୁ ତମେ ଦୁହେଁ ଏକତ୍ର ବାସ କର । ପରସ୍ପରକୁ ପ୍ରେମ କର । ଯାର ଅର୍ଥ କ'ଣ ?''

ଚାର୍ଲସ ଶୀତଳ କଣ୍ଠରେ କହିଲା—''ଆମ ଦେଶରେ ନାରୀ ଓ ପୁରୁଷର ସମ୍ପର୍କରେ କିଛି ସଂକୀର୍ଣ୍ଣତା ବା ରକ୍ଷଣଶୀଳତା ନଥାଏ । ଜଣେ ଜଣକୁ ପ୍ରେମ କଲେ ବା ଏକତ୍ର ବାସକଲେ ବିବାହ କରିବାକୁ ବାଧ ନୁହେଁ । ପ୍ରେମ ସଙ୍ଗେ ବିବାହକୁ ଜଡ଼ିତ କରି ଆମେ ଯଥାର୍ଥରେ କଷ୍ଟ ପାଉନାହିଁ ।'' ପ୍ରାଚୀ ସାମାନ ବିରକ୍ତି ପ୍ରକାଶ କରି କହିଲା—''ଆମ ଦେଶରେ କିନ୍ତୁ ଠିକ୍ ଓଲଟା । ଦୁଇଟି ଯୁବକ ଯୁବତୀ ପରସ୍ପରକୁ ପ୍ରେମ କଲେ ବିବାହ କରିବା ଯେମିତି ସ୍ପୃହଣୀୟ—ଦୁଇଟି ସମ୍ପର୍କ ବିହୀନ ନରନାରୀ ବିବାହ ପରେ ପରସ୍ପରକୁ ପ୍ରେମ କରିବା ସେମିତି ବିବାହିତ ଜୀବନର ଧର୍ମ ।''

ଚାର୍ଲସ ବିଶ୍ୱସ୍ତ କଣ୍ଠରେ କହିଲା—''କଥା ହେଉଛି, ବିବାହ ପରେ ଅନ୍ତତଃ ଯେତେଦିନ ସ୍ୱାମୀ ସ୍ତ୍ରୀ ହୋଇ ରହିବୁ ନିଶ୍ଚୟ ତାକୁ ପ୍ରେମ କରିବି ।'' ବିସ୍ମୟ ଏବଂ ବିରକ୍ତିରେ ଭ୍ରୂକୁଞ୍ଚିତ କରି ପ୍ରାଚୀ ପ୍ରଶ୍ନ କଲା—''ତାହାର ଅର୍ଥ ତମର ବିବାହ ସ୍ଥାୟୀ ନୁହେଁ ?''

—''ତା କେମିତି ହେବ ? ମତେ ତ ପୁଣି ଫେରିଯିବାକୁ ହେବ ? ଯାଯାବର ଜୀବନରେ ସ୍ତ୍ରୀଟିଏ ସାଙ୍ଗରେ ଧରି ଘୂରି ବୁଲିବା ବି ଏକ ବୋଝ । ଭାରତୀୟ ଦାମ୍ପତ୍ୟ ଜୀବନରେ ଖୁବ୍ ସୁନାମ ଶୁଣିଛି । ଅଳ୍ପଦିନ ପାଇଁ ହେଲେ ମଧ୍ୟ ସେକଥା ପରୀକ୍ଷା କରିବା ପାଇଁ ଖୁବ୍ ଇଚ୍ଛା ହେଉଛି ।

ବ୍ୟଙ୍ଗଭରା କଣ୍ଠରେ ପ୍ରାଚୀ କହିଲା—ଆମ ଦେଶରେ ବିବାହ ହିଁ ସ୍ତ୍ରୀମାନଙ୍କର ଜୀବନର ଶେଷକଥା । ବିବାହ ବିଚ୍ଛେଦ ସୁନିଶ୍ଚିତ ଜାଣି ଏଠି କେହି କେବେ ବିବାହ କରେନା । ବିବାହକୁ ନେଇ ଏଠାରେ କେହି ପରୀକ୍ଷା ନିରୀକ୍ଷା କରେନା ।''

Digitized by srujanika@gmail.com

—''ମୁଁ କ୍ଷତିପୂରଣ ଦେବା ପାଇଁ ପ୍ରସ୍ତୁତ ।'' ଚାର୍ଲସ ଉଦାର କଣ୍ଠରେ କହିଲା ।

ପ୍ରାଚୀ ଶିକ୍ଷକ ସୁଲଭ ଗମ୍ଭୀର କଣ୍ଠରେ କହିଲା—''ଚାର୍ଲସ ! ତମେ ଭାରତୀୟ ଜୀବନ ଦର୍ଶନ ଖୁବ୍ ପଢ଼ିଛ ସତ—ମାତ୍ର ସେ ଦର୍ଶନ ତତ୍ତ୍ୱ କିଛି ବି ବୁଝିନାହଁ । ମୋର ଅନୁରୋଧ, ଭାରତୀୟ ନାରୀ ଏବଂ ବିବାହ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଏପରି ଲଘୁ ପରିହାସ କରନାହିଁ । ଭବିଷ୍ୟତରେ ଏଥିପାଇଁ ତମେ ବିପଦରେ ପଡ଼ିପାର । ତମର ଏଭଳି କଥାକୁ ସମସ୍ତେ ସହଜ ଭାବରେ ଗ୍ରହଣ କରିବେନି । ମୁଁ ପ୍ରଥମ ଥର ପାଇଁ ତମକୁ କ୍ଷମା କରି ଦେଉଚି ।''

ଚାର୍ଲସ ଅନୁତପ୍ତ କଣ୍ଠରେ କହିଲା—''ମୁଁ ପରିହାସ କରୁନଥିଲି ପ୍ରାଚୀ ! ମୁଁ ମୋର ଇଚ୍ଛା ହିଁ ପ୍ରକାଶ କରୁଥିଲି । ବିବାହ, ବନ୍ଧୁତ୍ୱ, ନାରୀ ଏବଂ ଜୀବନକୁ ଲଘୁ ଭାବରେ ଗ୍ରହଣ ନ କରି ହିଁ ତମେ ସବୁ କଷ୍ଟ ପାଅ । ମୋର ଏ ମନ୍ତବ୍ୟ ପାଇଁ କ୍ଷମା ଦେବ ।''

ପ୍ରାଚୀ ଗୋଟିଏ ଗଭୀର ଦୀର୍ଘଶ୍ୱାସ ଢୋଳି କହିଲା—''ତମର କଥା ସତ୍ୟ ହୋଇପାରେ ଚାର୍ଲସ । ତଥାପି ସୁଖ ବା ଦୁଃଖର ଅର୍ଥ ଆପେକ୍ଷିକ । ତମେ ଯାହାକୁ ଦୁଃଖ କୁହ ମୁଁ ସେଥିରେ ସୁଖର ସନ୍ଧାନ କରିପାରେ । ସମ୍ପୂର୍ଣ୍ଣ ସୁଖ ବା ସମ୍ପୂର୍ଣ୍ଣ ଦୁଃଖ ବୋଲି ସଂସାରରେ କିଛି ନାହିଁ । ଦୁଃଖକୁ ସହ୍ୟ ପରିପାରିବାର ଆତ୍ମସନ୍ତୋଷରେ ବି କମ୍ ସୁଖ ମିଳେ ନାହିଁ ଚାର୍ଲସ । ସୁଲଭ ସୁଖଠାରୁ ସେ ସୁଖର ଆନନ୍ଦ ଢେର୍ ବେଶି ।''

ଚାର୍ଲସର ମନେ ହେଲା ପ୍ରାଚୀ ଯେମିତି ଅନେକ ଦୁଃଖକୁ ନିଜ ଭିତରେ ଚାପି ରଖିଛି । କୋଣାର୍କ ଭଳି ନିର୍ବିକାର ଏବଂ ମୌନ ହେଲେ ମଧ୍ୟ ପ୍ରାଚୀ ଭିତରେ ଅନେକ ଭଙ୍ଗାରୁଜାର କାହାଣୀ ଛପି ରହିଛି । କ'ଣ ହୋଇପାରେ ପ୍ରାଚୀ ଭଳି ସୁନ୍ଦରୀ ତରୁଣୀଟିର ଦୁଃଖ ? କ'ଣ ହୋଇପାରେ ପ୍ରାଚୀ ଜୀବନର ବିଖଣ୍ଡିତ କାହାଣୀ ? ପଚାରିବା ପାଇଁ ଚାର୍ଲସର ସାହସ ହୁଏନାହିଁ । ଝିଅମାନଙ୍କର ଅତୀତ ସମ୍ପର୍କରେ ପ୍ରଶ୍ନ ପଚାରିବା ବି ଭାରତୀୟ ଦୃଷ୍ଟିରେ ଅଭଦ୍ରାମୀ ।

ଖେରଙ୍ଗ, ହାତୀପଦା, କରମଙ୍ଗା ଶ୍ରୀକଷ୍ଣପୁର, ଅନସରା, ତାଲିୟଗରଡ଼ା ଇତ୍ୟାଦି ଗାଁ ବୁଲିସାରି ଚାର୍ଲସ ଓ ପ୍ରାଚୀ ଫେରିଆସନ୍ତି ପୁଣି ବିଷ୍ଣୁ ମହାରଣା ପାଖକୁ ।

ବିଷ୍ଣୁ ମହାରଣା ଆରମ୍ଭ କରେ କାହାଣୀ । ଯେଉଁଠୁ ଛାଡ଼ିଥାଏ ସେଇଠୁ ଖିଅ ଧରେ । ଏ ବୟସରେ ମଧ୍ୟ ବିଷ୍ଣୁ ମହାରଣାର ସ୍ମରଣ ଶକ୍ତି ବିସ୍ମୟକର ଭାବରେ ତୀକ୍ଷ୍ଣ ।

ସେ କଥା ଆରମ୍ଭ କରେ—

ଲଖ୍‌ନୋର ବିଜୟ ପରେ ନରସିଂହ ଦେବ ରାଜସିକ ଆଳସ୍ୟ ବିଳାସରେ ମାତି ଯାଇନଥିଲେ । ବାରଶହ ତେୟାଳିଶ ଖ୍ରୀଷ୍ଟାବ୍ଦରେ ଲଖ୍‌ନୋର ବିଜୟ ସାରି ସେ ମନ୍ଦିର ନିର୍ମାଣର ପରିକଳ୍ପନାରେ ମଗ୍ନ ହୋଇଥାନ୍ତି । ମହାରାଣୀ ସୀତାଦେବୀ ସ୍ୱାମୀଙ୍କୁ ପ୍ରଶ୍ନ କରନ୍ତି—''ବିଜୟ ମହାରାଜ ଚିନ୍ତିତ କାହିଁକି ?''

Digitized by srujanika@gmail.com

ନରସିଂହଦେବ ଉତ୍ତର ଦିଅନ୍ତି—''ଯୁଦ୍ଧ, ବିଜୟ, ରକ୍ତପାତ ଜନ୍ମଭୂମିର ସ୍ୱାଧୀନତା ରକ୍ଷା ପାଇ ଅପରିହାର୍ଯ୍ୟ ହେଲେ ମଧ୍ୟ ସେଥିରେ ଆତ୍ମାକୁ ଶାନ୍ତି ମିଳେ ନାହିଁ । ଯୁଦ୍ଧଜୟରେ ଜନ୍ମଭୂମିର ସ୍ୱାଧୀନତା ରକ୍ଷା ହେଇପାରେ, ମାତ୍ର ଦେଶର କଳା, ସଂସ୍କୃତି, ଐତିହ୍ୟର ରକ୍ଷା ହେଇପାରେନା । ଏ ଦେଶର ସଙ୍ଗୀତ, କଳା, ସଂସ୍କୃତି ଅନବଦ୍ୟ । ସେସବୁର ସୁରକ୍ଷା ରାଜାର ଧର୍ମ । ହଜାର ହଜାର ବର୍ଷ ପରେ ଆଗାମୀ ବଂଶଧରଙ୍କ ପାଇଁ ପିତୃପୁରୁଷଙ୍କର ସମ୍ପତ୍ତିକୁ ସୁରକ୍ଷିତ କରି ରଖିବାର ଉପାୟ ଚିନ୍ତା କରୁଛି । ଯବନ ବିରୁଦ୍ଧରେ ବାରମ୍ବାର ଯୁଦ୍ଧ କରି ଶତ୍ରୁ ସୈନ୍ୟଙ୍କୁ ବିନାଶ କରିବାରେ ରକ୍ତପାତ ଦେଖି ଦେଖି ମନରେ ଯେଉଁ ଗ୍ଲାନି ଉପୁଜିଛି ତାହାର ହୁଏତ ଅବସାନ ଲଭିବ ।''

ମହାରାଣୀ ସୀତାଦେବୀ ନରସିଂହଦେବଙ୍କର କେବଳ ପ୍ରିୟତମା ପତ୍ନୀ ନୁହଁନ୍ତି—ସେ ମଧ୍ୟ ତାଙ୍କର ଜଣେ ପ୍ରଧାନ ପରାମର୍ଶଦାତା । ସୀତାଦେବୀ ନମ୍ର କଣ୍ଠରେ କହିଲେ—''ମହାରାଜ ! କୋଣାର୍କଠାରେ କେଶରୀ ବଂଶଜ ରାଜା ପୁରନ୍ଦର କେଶରୀଙ୍କ ନିର୍ମିତ କ୍ଷୁଦ୍ର ସୂର୍ଯ୍ୟମନ୍ଦିରରେ ଆପଣଙ୍କ ପୂର୍ବପୁରୁଷମାନେ ସୂର୍ଯ୍ୟ ପୂଜା କରି ଆସୁଛନ୍ତି । ରାଜମାତା କସ୍ତୁରୀଦେବୀ ବହୁବର୍ଷ ନିଃସନ୍ତାନ ରହିବାପରେ କୋଣାର୍କ ସୂର୍ଯ୍ୟକ୍ଷେତ୍ରରେ ସୂର୍ଯ୍ୟ ଉପାସନା କଲେ । ସୂର୍ଯ୍ୟଦେବ ତାଙ୍କ ଉପାସନାରେ ସନ୍ତୁଷ୍ଟ ହେଇ ତାଙ୍କୁ କହିଥିଲେ—ପୁତ୍ର ସନ୍ତାନ ପାଇବା ପାଇଁ କୋଣାର୍କରେ ଥିବା ମହାବୀରଙ୍କୁ ଆରାଧନା କର । ରାଜମାତା ମହାବୀରଙ୍କୁ ଆରାଧନା କରି ସନ୍ତୁଷ୍ଟ କରିଥିଲେ ଏବଂ ପୁତ୍ର ରୂପରେ ଆପଣଙ୍କୁ ପାଇଥିଲେ । ରାଜମାତା ବିଶ୍ୱାସ କରନ୍ତି ସ୍ୱୟଂ ମହାବୀର ତାଙ୍କ ଗର୍ଭରେ ପୁତ୍ର ରୂପେ ଆବିର୍ଭୂତ ହେଇଥିଲେ । ତେଣୁ ତାଙ୍କର ପୁତ୍ର ମହାବୀର ହନୁମାନଙ୍କ ଭଳି ଅତ୍ୟନ୍ତ ବଳଶାଳୀ ଓ ପରାକ୍ରମୀ ହୋଇଛନ୍ତି । ମହାବୀରଙ୍କ କୃପାରୁ ପୁତ୍ର ତାଙ୍କ ଜୀବନରେ କେବେହେଲେ ପରାଜୟ ସ୍ୱୀକାର କରିବେ ନାହିଁ । ପୁରନ୍ଦର କେଶରୀଙ୍କ ନିର୍ମିତ ସୂର୍ଯ୍ୟମନ୍ଦିର ଏବେ ଜରାଜୀର୍ଣ୍ଣ ହେଇପଡ଼ିଛି । ପୁତ୍ରଲାଭ ପାଇଁ ସୂର୍ଯ୍ୟ ଉପାସନା କରିବା କାଳରେ ରାଜମାତା ମାନସିକ କରିଥିଲେ ପୁତ୍ରଲାଭ ହେଲେ କୋଣାର୍କରେ ଗୋଟିଏ ସୂର୍ଯ୍ୟମନ୍ଦିର ନିର୍ମାଣ କରିବେ । ରାଜମାତାଙ୍କର ସେ ମାନସିକ ଏ ପର୍ଯ୍ୟନ୍ତ ପୂର୍ଣ୍ଣ ହୋଇନାହିଁ । ଆପଣ କୋଣାର୍କରେ ଗୋଟିଏ ସୂର୍ଯ୍ୟ ମନ୍ଦିର ନିର୍ମାଣ କରନ୍ତୁ । ରାଜମାତାଙ୍କର ମାନସିକ ପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ଦେଶର ସ୍ଥାପତ୍ୟ ଶିଳ୍ପକଳାର ନିଦର୍ଶନ କାଳକାଳକୁ ଅକ୍ଷୟ କୀର୍ତ୍ତି ହୋଇ ରହିଯିବ ।''

ପରମ ସନ୍ତୋଷରେ ରାଜା ମହାରାଣୀଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ସେହିବର୍ଷ ବାରଶହ ଚଉରାଳିଶି ଖ୍ରୀଷ୍ଟାବ୍ଦରେ ମନ୍ଦିର ନିର୍ମାଣ ପରିକଳ୍ପନା ରାଜାଙ୍କ ମନରେ ସ୍ଥାନ ପାଇଥିଲା । ରାଜା ନିଜର ଇଚ୍ଛା ମନ୍ତ୍ରୀ ସଦାଶିବ ସାମନ୍ତରାୟ ମହାପାତ୍ରଙ୍କୁ ଜଣାଇ ଦେଇଥିଲେ ।

Digitized by srujanika@gmail.com

ମନ୍ତ୍ରୀ ଶିବେଇ ସାନ୍ତରା ଯୋଜନା ପ୍ରସ୍ତୁତ କରୁଥାନ୍ତି । ନରସିଂହଦେବ ପୁନର୍ବାର ବାରଶହ ଛୟାଳିଶି ଖ୍ରୀଷ୍ଟାବ୍ଦରେ ଗୌଡ଼ଦେଶ ଆକ୍ରମଣ କଲେ । ସୁଲତାନ ଇଲତୁତ୍‌ମିସଙ୍କର ଏକ ଦାସ ମାଲିକ ଇଖତିୟାରୁଦ୍ଦିନ ୟୁଜ୍‌ବେଗ୍ ଗୌଡ଼ର ଶାସକ ଭାବରେ ନିଯୁକ୍ତ ହୋଇଥାନ୍ତି । ତାଙ୍କରି ସଙ୍ଗେ ନରସିଂହଦେବଙ୍କର ରକ୍ତାକ୍ତ ସଂଘର୍ଷ ଚାଲିଲା । ଅନଙ୍ଗଭୀମଦେବଙ୍କର ଜ୍ୱାଇଁ ତଥା ନରସିଂହଦେବଙ୍କର ଭଗ୍ନୀପତି ପରମାର୍ଦ୍ଦିଦେବ ଏ ଯୁଦ୍ଧରେ ସେନାପତି କାର୍ଯ୍ୟ କରୁଥାନ୍ତି । ପୂର୍ବରୁ ତୁଘାନ୍‌ଖାଁଙ୍କ ସଙ୍ଗେ ହୋଇଥିବା ସଂଘର୍ଷରେ ମଧ୍ୟ ପରମାର୍ଦ୍ଦିଦେବ ସେନାପତି ଥିଲେ । ପରମାର୍ଦ୍ଦିଦେବଙ୍କ ପରାକ୍ରମ ଓ ଯୁଦ୍ଧକୌଶଳ ଯବନ ସେନାଙ୍କୁ ସ୍ତମ୍ଭୀଭୂତ କରିଥିଲା ।

ୟୁଜ୍‌ବେଗ୍ ଯୁଦ୍ଧରେ ପରାସ୍ତ ହୋଇ ଏକ ଶ୍ୱେତ ହସ୍ତୀ ହରାଇଲେ । ଏହି ଯୁଦ୍ଧ ଫଳରେ ମୁସଲମାନ ଶାସିତ ବଙ୍ଗର ହାଉଡ଼ା, ହୁଗୁଳି, ବାଙ୍କୁରା, ବୀରଭୂମୀ ଜିଲ୍ଲା ଓଡ଼ିଶାର କରଗତ ହେଲା । ଏହି ଭୟାବହ ଯୁଦ୍ଧର ବିଜୟ ନିଶାଣ ରଖିଯିବା ପାଇଁ ବିଶ୍ୱବିଖ୍ୟାତ ସୂର୍ଯ୍ୟମନ୍ଦିର ନିର୍ମାଣ ପାଇଁ ରାଜା ପ୍ରତିଜ୍ଞାବଦ୍ଧ ହେଲେ । ଦକ୍ଷିଣରେ ଆନ୍ଧ୍ର ପ୍ରଦେଶର କାକତୀୟ ରାଜା ଗଣପତି ମଧ୍ୟ ନରସିଂହଦେବଙ୍କ ଦ୍ୱାରା ପରାସ୍ତ ହେଇଥାନ୍ତି । ଉତ୍ତର ଓ ଦକ୍ଷିଣରେ ତାଙ୍କର ବିଜୟକେତନ ଫର ଫର ଉଡୁଥାଏ । ସେଇ ବିଜୟ ଉଲ୍ଲାସ ଭିତରେ କୋଣାର୍କ ମନ୍ଦିରର ଶୁଭଦାନ ଉତ୍ସବ ପାଇଁ ପ୍ରସ୍ତୁତି ପର୍ବ ଚାଲିଥାଏ । କୋଣାର୍କ ମନ୍ଦିରର ମୁଖ୍ୟ ସ୍ଥପତି ମନ୍ତ୍ରୀ ଶିବେଇ ସାନ୍ତରା ଏ ଭିତରେ କୋଣାର୍କ ମନ୍ଦିରର ନକ୍‌ସା ଇତ୍ୟାଦି ଶେଷ କରିଥିଲେ । ମନ୍ଦିର ନିର୍ମାଣରେ କେତେ ଅର୍ଥ ବ୍ୟୟ ହେବ, କେତେ ଲୋକ ନିଯୁକ୍ତ ହେବ, କେତେ ଦିନରେ ମନ୍ଦିର ନିର୍ମାଣ ଶେଷ ହେବ ତା'ର ଚିଠା ମଧ୍ୟ ପ୍ରସ୍ତୁତ ହୋଇସାରିଥାଏ । ବୟାଳିଶି ବାଟିର ଭ୍ରମରବର ହରିଚନ୍ଦନ ଆୟ ବ୍ୟୟ ହିସାବ ରକ୍ଷକ ଭାବରେ ନିଯୁକ୍ତି ପାଇସାରିଥାନ୍ତି । ''ପଦ୍ମତୋଳା ଗଣ୍ଡ'' ନାମକ ଏକ ପୁଷ୍କରିଣୀକୁ ପୋତାଯାଇ ତାହା ଉପରେ ମନ୍ଦିର ହେବାର ସ୍ଥାନ ନିରୂପଣ ସରିଥାଏ । ପଦ୍ମତୋଳା ଗଣ୍ଡ ପୋତିବାରେ ନାନା ବାଧାବିଘ୍ନ ଘଟିଲେ ମଧ୍ୟ ମନ୍ତ୍ରୀ ଶିବେଇ ସାନ୍ତରା ଦେବୀ ରାମଚଣ୍ଡୀଙ୍କ ନିକଟରେ ଧାରଣା ଦେବା ଫଳରେ ରାମଚଣ୍ଡୀ ଠାକୁରାଣୀ ଏକ ବୁଢ଼ୀ ବେଶରେ ଶିବେଇ ସାନ୍ତରାଙ୍କୁ ଏକ ଥାଳୀରେ ଯାଉ ଖାଇବାକୁ ଦେଇ ଗଣ୍ଡ ପୋତାଇବାର କୌଶଳ ବତାଇଦେଇଥିଲେ । ଦେବପୁରର ବୈଦିକ ବ୍ରାହ୍ମଣମାନେ ମଙ୍ଗଳାରୋପଣ, ଭୂମି ଶୁଦ୍ଧି ଇତ୍ୟାଦି କାର୍ଯ୍ୟ ବିଧିବଦ୍ଧ ଭାବେ ସମାପ୍ତ କରିଦେଲେ ।

ରୂପାଶଗଡ଼ର ଦଳବେହେରା ବଛା ବଛା ଶିଳ୍ପୀମାନଙ୍କୁ ଖୋଜି ଖୋଜି ଆଣିଥିଲେ । ଓଡ଼ିଶାରେ ମନ୍ଦିର ନିର୍ମାଣ ଶିଳ୍ପ ପ୍ରାୟ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀଠାରୁ ପ୍ରସାର ଲାଭ କରିଥାଏ । କୋଣାର୍କ ମନ୍ଦିର ନିର୍ମାଣ ପୂର୍ବରୁ ଭୁବନେଶ୍ୱରରେ ସହସ୍ରାଧିକ ମନ୍ଦିର, ପୁରୀର ବିଶ୍ୱବିଖ୍ୟାତ ଶ୍ରୀଜଗନ୍ନାଥ ଦେବଙ୍କ ମନ୍ଦିର ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନେକ ଛୋଟ ବଡ଼ ମନ୍ଦିର ନିର୍ମିତ ହୋଇଥାଏ । ଉତ୍କଳୀୟ ଶିଳ୍ପୀଙ୍କର ସ୍ଥାପତ୍ୟ ଶିଳ୍ପକଳାରେ ଦୀର୍ଘ ଛଅଶହ ବର୍ଷର

Digitized by srujanika@gmail.com

ଅବିରାମ ସାଧନାର ଚୂଡ଼ାନ୍ତ ପର୍ଯ୍ୟାୟରେ ତ୍ରୟୋଦଶ ଶତାବ୍ଦୀରେ କୋଣାର୍କରେ ସୂର୍ଯ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟର ଶୁଭଦାନ ହେଲା ।

ନରସିଂହ ଦେବଙ୍କର ଆଦେଶ, ସୀତାଦେବୀଙ୍କର ଇଚ୍ଛା ଏବଂ ରାଜମାତା କଷ୍ତୁରୀଦେବୀଙ୍କର କାମନା; ପଦ୍ମକ୍ଷେତ୍ରରେ ପଦ୍ମତୋଳା ଗଣ୍ଡ ଉପରେ କୋଣାର୍କର ସୂର୍ଯ୍ୟ ମନ୍ଦିର ହେବ ପୃଥିବୀର ଅଦ୍ୱିତୀୟ ଶିଳ୍ପ ଭାସ୍କର୍ଯ୍ୟପୂର୍ଣ୍ଣ ବୃହତ୍ତମ ମନ୍ଦିର ଏବଂ ଉତ୍କଳୀୟ ଶିଳ୍ପ କରାକାଷ୍ଠାର ଚରମ ନିଦର୍ଶନ । ଉତ୍କଳୀୟ ଶିଳ୍ପୀ ରାଜାଙ୍କର ଆଦେଶକୁ ଈଶ୍ୱରଙ୍କ ଇଚ୍ଛା ଭାବରେ ଗ୍ରହଣ କରି ନିର୍ମାଣ କାର୍ଯ୍ୟରେ ମନପ୍ରାଣ ଢାଳିଦେବେ ବୋଲି ନିଜର ଆତ୍ମାକୁ ସାକ୍ଷୀ ରଖି ପ୍ରତିଜ୍ଞାବଦ୍ଧ ହୋଇଥାନ୍ତି ।

ଜନ୍ମଭୂମିର ସ୍ୱାଧୀନତା ରକ୍ଷାଲାଗି ମୁସଲମାନ ଶାସକ ସଙ୍ଗେ ସଂଘର୍ଷ ଲାଗିରହିଥାଏ । ଏଣେ ମାତୃଭୂମିର ମହାନ ସ୍ଥାପତ୍ୟ ଓ ଶିଳ୍ପକଳାକୁ ବିଶ୍ୱ ଦରବାରରେ ମହନୀୟ କରି ତୋଳିବା ପାଇଁ ମନ୍ଦିରତୋଳାର ପ୍ରସ୍ତୁତିପର୍ବ ଚାଲିଥାଏ ।

ରକ୍ତାକ୍ତ ସଂଘର୍ଷ ଏବଂ ମନ୍ଦିରତୋଳା ସମଗତିରେ ଚାଲିବା ଏବଂ ଏକ ବିସ୍ମୟକର ଘଟଣା । ନରସିଂହଦେବ ଯୁଦ୍ଧପ୍ରିୟ ନ ହେଲେ ମଧ୍ୟ ଯୋଦ୍ଧା ଏବଂ ବୀର । ଏକସଙ୍ଗେ ସେ କଳାପ୍ରିୟ ଏବଂ ସାହିତ୍ୟ ରସିକ । ମହାରାଜା ନରସିଂହ ଯେମିତି ପରମ ଶିଳ୍ପୀ ପରମାତ୍ମାଙ୍କର ଏକ ଶ୍ରେଷ୍ଠ କୃତୀ । ସବୁ ମହତ ଗୁଣର ସେ ଏକ ବିଚିତ୍ର ସମନ୍ୱୟ । ମହାରାଜ ନରସିଂହଦେବଙ୍କର ଉଦାର ଶାସନ ନୀତି ତାଙ୍କୁ ଅତ୍ୟନ୍ତ ଲୋକପ୍ରିୟ କରିଥାଏ । ଏଣେ ଯୁଦ୍ଧ ତାକରା—ତେଣେ ମନ୍ଦିର ନିର୍ମାଣ ପାଇଁ ଶିଳ୍ପୀ କୁଳକୁ ଆହ୍ୱାନ ଫଳରେ ଗାଁ ଗଣ୍ଡାରେ ଯୁବକମାନେ ଘରଦ୍ୱାରା ଛାଡ଼ି ରାଜକାର୍ଯ୍ୟରେ ଜୀବନ ପ୍ରାଣ ଢାଳି ଦେଇଥାନ୍ତି । କେହି ଯୁଦ୍ଧକ୍ଷେତ୍ରରେ ଯବନ ସେନା ସହ ଲଢ଼ି ପ୍ରାଣ ବିସର୍ଜନ କରୁଥାଏ ତ କେହି ପ୍ରାଣଦେଇ ପଥର ଦେହରେ ପ୍ରାଣସତ୍ତା ଫୁଟାଉଥାଏ । କାହାରି ମନରେ ଗ୍ଲାନି ନାହିଁ—ଅବଶୋଷ ନାହିଁ । ରାଜାଙ୍କ ଆଦେଶ ପ୍ରତି ବୈର ମନୋଭାବ ନାହିଁ । ଯୁଦ୍ଧ ଏବଂ ମନ୍ଦିର ନିର୍ମାଣ ଦୁଇଟିଯାକ ଯେମିତି ପ୍ରତ୍ୟେକ ଉତ୍କଳୀୟ ଆତ୍ମାର ଆହ୍ୱାନ । ଦୁଇଟିଯାକ ଯେମିତି ପ୍ରତ୍ୟେକ ଉତ୍କଳୀୟର ମହାନ୍ ଏବଂ ପବିତ୍ର କର୍ତ୍ତବ୍ୟ । ରାଜାଙ୍କର ଆଦେଶ ଯେମିତି ନିଜ ଆତ୍ମାର ନିର୍ଦ୍ଦେଶ । ରାଜା ଏବଂ ଦେଶ ଦୁହେଁ ଯେମିତି ନିଜ ଆତ୍ମାର ଏକ ଏକ ଅଂଶ । ରାଜା ନରସିଂହ ନିଜର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ବଳରେ ପ୍ରତ୍ୟେକ ଉତ୍କଳୀୟ ହୃଦୟ ଆସନ ଅଳଂକୃତ କରିଥାନ୍ତି ।

''ମହାରାଜାଧିରାଜ''ଙ୍କର ସମସ୍ତ କ୍ଷମତା ଥିବା ସତ୍ତ୍ୱେ ସେ ମନ୍ତ୍ରିପରିଷଦର ପରାମର୍ଶକ୍ରମେ କ୍ଷମତା ବ୍ୟବହାର କରୁଥିଲେ । ନିଜେ ମନ୍ତ୍ରିପରିଷଦର ଷୋଳଜଣ ଦକ୍ଷ ମନ୍ତ୍ରୀଙ୍କର ପରାମର୍ଶକୁ ମହାରାଜ ଏକାପରି ସମ୍ମାନ ପ୍ରଦର୍ଶନ କରୁଥିଲେ । ଦେଶରେ ଜାତି

Digitized by srujanika@gmail.com

ବିଭାଗ ଅନୁସାରେ କର୍ମ ଓ ଦାୟିତ୍ୱ ବଣ୍ଟନ ହୋଇଥିଲେ ମଧ୍ୟ ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ଭିତରେ ପ୍ରଚଳିତ ରୀତିନୀତି ପ୍ରତି ମହାରାଜ ସମୁଚିତ ସମ୍ମାନ ପ୍ରଦର୍ଶନ କରୁଥିଲେ । ଏଭଳି ପ୍ରଜାବତ୍ସଳ, ବିବେକବନ୍ତ ରାଜାର ଆଦେଶକୁ କେହି କ'ଣ ଅମାନ୍ୟ କରିପାରେ ?

ପରମାର୍ଦ୍ଦିଦେବ ସାମନ୍ତରାୟ ସେନାପତି ଭାବରେ ପୂର୍ବରୁ ବହୁବାର ସାହସିକତାର ସହ ମୁସଲମାନ ସେନାବାହିନୀର ମୁକାବିଲା କରି ଆସୁଥାଆନ୍ତି । ସେତ କେବଳ ନରସିଂହଦେବଙ୍କର ଜଣେ ଦକ୍ଷ ସେନାପତି ନୁହଁନ୍ତି, ସେ ପୁଣି ତାଙ୍କର ଭଗ୍ନୀପତି । ଆଦରଣୀୟା ଭଗ୍ନୀ ଚନ୍ଦ୍ରିକାଦେବୀଙ୍କର ସ୍ୱାମୀ । ୟୁକ୍‌ବେଗ୍ ବଙ୍ଗର ଶାସକ ହେବାପରେ ବାରମ୍ବାର ଓଡ଼ିଶା ଆକ୍ରମଣ କରି ପରାସ୍ତ ଏବଂ କ୍ଷତିଗ୍ରସ୍ତ ହେଉଥାନ୍ତି । ଶେଷରେ ସେ ଦିଲ୍ଲୀର ବାଦସାହାଙ୍କଠାରୁ ସାହାଯ୍ୟ ମାଗିଲେ । ଫଳରେ ଯୁଦ୍ଧର ପରିସ୍ଥିତି ବଦଳିଗଲା । ପରମାର୍ଦ୍ଦିଦେବ ଯୁଦ୍ଧକ୍ଷେତ୍ରରେ ପ୍ରାଣ ବିସର୍ଜନ କଲେ । ରାଧା ଜିଲ୍ଲା ପୁଣିଥରେ ମୁସଲମାନ ହାତକୁ ଗଲା । ନରସିଂହଦେବ ଭଗ୍ନୀପତିଙ୍କର ମୃତ୍ୟୁରେ ସାମୟିକ ଶୋକାଭିଭୂତ ହୋଇପଡ଼ିଲେ ମଧ୍ୟ ଯୁଦ୍ଧରୁ କ୍ଷାନ୍ତ ହେଲେ ନାହିଁ । ଶେଷପର୍ଯ୍ୟନ୍ତ ସେ ମୁସଲମାନମାନଙ୍କୁ ଓଡ଼ିଶାର ସୀମା ସ୍ପର୍ଶ କରିବାକୁ ଦେଲେନାହିଁ । ନରସିଂହ ସିଂହବିକ୍ରମରେ ଯବନ ସେନାଙ୍କୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ । ରାଢ଼ ଓ ବରେନ୍ଦ୍ର ଦେଶର ଯବନମାନଙ୍କ କ୍ରନ୍ଦନ ଫଳରେ ସେମାନଙ୍କ ଚକ୍ଷୁର କଜ୍ଜଳ ବିଗଳିତ ଲୋତକ ଧାରରେ ବହିଯାଇ ଗଙ୍ଗାନଦୀର ଧଳା ଜଳରାଶିକୁ ବହୁଦୂର ପର୍ଯ୍ୟନ୍ତ କଳା କରିଦେଲା । ମନେହେଲା, ଯେପରି ନରସିଂହଙ୍କର ଅଲୌକିକ ବୀରତ୍ୱ ଓ ଅଦ୍ଭୁତ ପରାକ୍ରମ ଦେଖି ତରଙ୍ଗାକୂଳ ଗଙ୍ଗାନଦୀ ସ୍ତବ୍ଧ ହୋଇ କୃଷ୍ଣ ଜଳପୂର୍ଣ୍ଣ ଯମୁନା ନଦୀରେ ପରିଣତ ହେଲା । ବିଭିନ୍ନ ତାମ୍ରଶାସନରେ ନରସିଂହଙ୍କର ଏ ଅମର କୀର୍ତ୍ତି ଖୋଦିତ ହୋଇଛି ।

ବିଷ୍ଣୁ ମହାରଣା ଦୀର୍ଘଶ୍ୱାସ ଛାଡ଼ି ଶୂନ୍ୟକୁ ଚାହିଁରହିଲେ । ମନେ ମନେ ଗୁଣୁ ଗୁଣୁ ହେଲେ—କୁଆଡ଼େ ଗଲା ସେ ଦିନ ! କୁଆଡ଼େ ଗଲେ ରାଜା ନରସିଂହଦେବଙ୍କ ସଦୃଶ ପୁରୁଷପୁଙ୍ଗବଗଣ ! ରାଜା ନରସିଂହ ଅର୍ଜୁନଙ୍କ ସଦୃଶ ଯୋଦ୍ଧା, ବୃହସ୍ପତିଙ୍କ ପରି ଶାସ୍ତ୍ରଜ୍ଞ, କର୍ଣ୍ଣଙ୍କ ପରି ଦାନୀ, ଭୀମଙ୍କ ପରି ବଳବାନ୍, ଯୁଧିଷ୍ଠିରଙ୍କ ପରି ସ୍ଥିରମତି, ଭୀଷ୍ମଙ୍କ ପରି ନିଜ ବାକ୍ୟରେ ଅଟଳ ଏବଂ କନ୍ଦର୍ପତୁଲ୍ୟ ସୁନ୍ଦର ଥିଲେ । ଶତ୍ରୁମାନେ ତାଙ୍କ ପାଖରେ ବଶ୍ୟତା ସ୍ୱୀକାର କରି ନିଷ୍ପ୍ରଭ ହୋଇଯାଇଥିଲେ । ନିଜ ବାହୁବଳରେ ଶତ୍ରୁରାଜ୍ୟ ଜୟ କରି ସେ ବିପୁଳ ଧନରତ୍ନ ଲାଭ କରୁଥିଲେ । ସେ ଧନରତ୍ନକୁ ରାଜକୀୟ ବିଳାସ ବ୍ୟସନରେ ବିନିଯୋଗ ନ କରି ଦାନଧର୍ମରେ ଖର୍ଚ୍ଚ କରୁଥିଲେ । ସେ ତୁଳାପୁରୁଷ ଇତ୍ୟାଦି ମହାଦାନମାନ ସମ୍ପାଦନ କରୁଥିଲେ । ପିତୃମାତୃଭକ୍ତ ନରସିଂହଦେବ ପିତାଙ୍କର ଇଚ୍ଛା ଓ ମାତାଙ୍କ ମାନସିକ ପୂରଣ ପାଇଁ କୋଣାର୍କ ମନ୍ଦିର ତୋଳାଇଥିଲେ । ମହାରାଜ ନରସିଂହଙ୍କର ସତେଇଶ ବର୍ଷ ରାଜତ୍ୱକାଳ ରଣଦୁନ୍ଦୁଭି ଦ୍ୱାରା ନିନାଦିତ ହେବା ସଙ୍ଗେ ସଙ୍ଗେ ଧର୍ମ, ସାହିତ୍ୟ ଓ ସ୍ଥାପତ୍ୟ କଳାର ଉତ୍କର୍ଷ ସାଧନ ଦିଗରେ

Digitized by srujanika@gmail.com

ଇତିହାସରେ ସୁବର୍ଣ୍ଣ ଯୁଗ ସୃଷ୍ଟି କରିଥିଲା । ସେତେବେଳେ ନରସିଂହଦେବଙ୍କର ଦିଗ୍‌ବିଜୟ ଚତୁର୍ଦ୍ଦିଗ୍‌ରେ ବ୍ୟାପ୍ତ ହୋଇଯାଇଥାଏ । ପ୍ରଜାମାନେ ଯବନମାନଙ୍କର ଅତ୍ୟାଚାର ପ୍ରତି ସଚେତନ ଥିଲେ ମଧ୍ୟ ରାଜାଙ୍କ ବାହୁବଳ ଉପରେ ଭରସା କରି ପରମ ନିର୍ଭୟରେ—ପରମ ଆନନ୍ଦରେ କାଳାତିପାତ କରୁଥାନ୍ତି ।

କାଲିପରି ସବୁକଥା ତ ଦୃଶ୍ୟମାନ ହେଉଛି ଆଖି ଆଗରେ— । ବିଷ୍ଣୁ ମହାରଣା ଭାବାବିଷ୍ଟ ହୁଅନ୍ତି—ଧ୍ୟାନସ୍ଥ ହୁଅନ୍ତି । ଏଥର ସେ ବିଶ୍ରାମ ନେବେ କିଛିଦିନ । ଚାର୍ଲସ ଏବଂ ପ୍ରାଚୀ ବିଷ୍ଣୁ ମହାରଣାର ବର୍ଣ୍ଣନାକୁ ଲିପିବଦ୍ଧ କରନ୍ତି ।

କୁଣଭଦ୍ରା ବୁଢ଼ୀ ଅନେକଦିନ ହେବା କୋଣାର୍କ ବେଢ଼ାକୁ ଆସୁନାହିଁ । ଚିତ୍ରୋତ୍‌ଳା କହୁଥିଲା କୁସୁମୀ ମାଉସୀ ଅସୁସ୍ଥ ହୋଇ ଶଯ୍ୟାରେ ପଡ଼ିରହିଛି । ପ୍ରତିଦିନ ଫୁଲ ଧରି କୋଣାର୍କ ବେଢ଼ାକୁ ଆସିଲାବେଳେ ଚିତ୍ରୋତ୍‌ଳା କୁସୁମୀ ମାଉସୀକୁ ଦେଖି ଆସେ । ତା' ପାଇଁ ପଥ୍ୟ ରାନ୍ଧିଦିଏ । ଫେରିଗଲାବେଳେ ପୁଣି ତାକୁ ଦେଖିଯାଏ । ତା'ର ସେବା କରେ, ବୁଢ଼ୀ ଆଶୀର୍ବାଦ କରେ—ଚିତିରା ଲୋ ! ତତେ ଭଲ ବର ମିଳୁ । ପୁଅ ନାତି ନେଇ ଯୁଗ ରାଇଜ କର । ତୋ ପୁଅ ନାତି ମୋରି ଆୟୁଷ ନିଅନ୍ତୁ । ତୁ ଅହି ସୁଲକ୍ଷଣୀ ହୁଅ.... ।

ବୁଢ଼ୀର ଆଶୀଷବଚନ କଥା କହୁ କହୁ ଚିତ୍ରୋତ୍‌ଳା କଷ୍ଟା କାନି ଦାନ୍ତରେ କାମୁଡ଼ି ହସି ହସି ଲୋଟେ । ନାଲି କଷ୍ଟା କାନିରେ ଫିକାରଙ୍ଗରୁ କିଛି ଯେମିତି ତା'ର ପୁରନ୍ତ ଗଣ୍ଡରେ ଲାଗିଯାଏ । ମନକୁ ମନ ସେ କୁହେ—''ମୂଳରୁ ବାହାଘର ଦେଖାନାହିଁ—ବୁଢ଼ୀ ପୁଅ ନାତିଙ୍କୁ କଲ୍ୟାଣ କରୁଛି ।'' ଚିତ୍ରୋତ୍‌ଳା ପୁଣି ହସେ । ବର୍ଷାଜଳ ଭଳି ତରଳ ହସ ସବୁ ଯେମିତି ତା'ର ହୃଦୟ ଭିତରୁ ଓଠର ଉପକୂଳକୁ ଗଡ଼ିଆସୁଥାଏ । ଚିତ୍ରୋତ୍‌ଳା ବୁଢ଼ୀର ଆଶୀର୍ବାଦକୁ ହୃଦୟ ଦେଇ ଅନୁଭବ କରି ଖୁସିରେ ଫାଟିପଡୁଛି—ଏକଥା ପ୍ରାଚୀ ବୁଝିପାରେ । ଚିତ୍ରୋତ୍‌ଳାର କଥା ପ୍ରାଚୀ ଚାର୍ଲସକୁ ବୁଝାଇଦିଏ । ଚାର୍ଲସ ଅଳ୍ପ ହସି ଭଙ୍ଗାଭଙ୍ଗା ହିନ୍ଦୀରେ ଚିତ୍ରୋତ୍‌ଳାକୁ ପଚାରେ—''କେବେ ବାହା ହେଉଛ ?''

ଚିତ୍ରୋତ୍‌ଳା ଲାଜରେ ଅଳ୍ପ ହସି କହେ—''ଏ ବର୍ଷ ନୁହେଁ । ବାପା ଏପର୍ଯ୍ୟନ୍ତ ଯୌତୁକ ପାଇଁ ପଇସା ଯୋଗାଡ଼ କରିପାରିନି ।''

ଚାର୍ଲସ ହସି ହସି କହେ—''ବିନା ଯୌତୁକରେ ବର ମିଳିଲେ ବାହାହେବାର କିଛି ଆପତ୍ତି ଅଛି ?''

ଚିତ୍ରା ଆଶ୍ଚର୍ଯ୍ୟରେ ଆଖି ବଡ଼ ବଡ଼ କରି ପଚାରେ—''ବିନା ଯୌତୁକରେ ବର ମିଳେ ?''

—''ଖୁବ୍ ମିଳେ ।'' ଚାର୍ଲସ ଓଠ ଚିପି ହସେ ।

Digitized by srujanika@gmail.com

ଚିତ୍ରା ମୁହଁ ଶୁଖାଇ କହେ—''ତେବେ ବୁଢ଼ା ହଡ଼ା ହୋଇଥିବ । ତିନି କି ଚାରି ସ୍ତ୍ରୀ ଆଗରୁ ଯାଇଥିବେ !''

ଚାର୍ଲସ କହେ—''ନାଁ, ବୁଢ଼ା ବର ନୁହେଁ, ଟୋକା ବର । ଶହେ ସ୍ତ୍ରୀଙ୍କ ସଙ୍ଗେ ମିଳାମିଶ କରିଥାଉ ପଛକେ କାହାକୁ ବାହା ହେଇନି ଆଜିଯାଏ ।''

—''ତେବେ ରୋଗଣା, ଅସୁନ୍ଦର, ଅକର୍ମା ହେଇଥିବ ।'' ଚିଡ଼ୋପ୍‌ଳା ବିତୃଷ୍ଣାରେ କହେ ।

ଚାର୍ଲସ ମଧୁର ଆମୋଦରେ କହେ—''ରୋଗଣା ନୁହେଁ କି ଅସୁନ୍ଦର ନୁହେଁ । ଠିକ୍ ମୋରି ଭଳି । ମୁଁ କେମିତି ଦିଶୁଛି ।''

ଚିଡ଼ୋପ୍‌ଳା ଆକାଶରୁ ଖସି ପଡ଼େ । ଆଖି ବଡ଼ ବଡ଼ କରି ଜିଭ କାମୁଡ଼ିପକାଏ । କହେ—''ଏ କି କଥା ?'' ତମେ ଯେ ସାହେବ ଲୋକ—

—''ସାହେବ କ'ଣ ମଣିଷ ନୁହନ୍ତି ?'' ଚାର୍ଲସ ପ୍ରଶ୍ନକରେ ।

—''କିନ୍ତୁ ସେମାନେ ଯେ ଉଡ଼ା ଚଢ଼େଇ ।'' ଚିଡ଼ୋପ୍‌ଳା ସରଳ ଭାବରେ କହେ ।

ଚାର୍ଲସ ଆଖି ନଚାଇ କହେ—''ଉଡ଼ିବାର ଆନନ୍ଦ ତମେ ଜାଣିନ ଚିତ୍ରା ! ଥରେ ଉଡ଼ି ଶିଖିଲେ ବନ୍ଧନ ଭିତରକୁ ଫେରିବା ପାଇଁ ମନକରିବ ନାହିଁ ।''

—ପ୍ରାଚୀ ଏପର୍ଯ୍ୟନ୍ତ ନୀରବରେ ସବୁ ଶୁଣୁଥାଏ । ସେ ଗମ୍ଭୀର ହୋଇଯାଇଥାଏ । ଚିଡ଼ୋପ୍‌ଳା ପ୍ରାଚୀକୁ ଚାହିଁ ଅସହାୟ କଣ୍ଠରେ କହେ; ''ଅପା, ସାହେବଙ୍କର କଥା ମୋ ମୁଣ୍ଡରେ ପଶୁନାହିଁ । ତମେ ତାଙ୍କୁ ବୁଝାଇ ଦିଅ ଯେ ଏସବୁ କଥା ଶୁଣିଲେ ବାପା ମତେ ଫୁଲ ବିକିବା ପାଇଁ ଛାଡ଼ିବ ନାହିଁ । ଏଇ ବର୍ଷଟା ଫୁଲ ବିକ୍ରୀକରି ମୁଁ ବାପାଙ୍କୁ କିଛି ଟଙ୍କା ସାହାଯ୍ୟ କରିପାରନ୍ତି ବାହାଘର ପାଇଁ ।''

ପ୍ରାଚୀ ଚାର୍ଲସକୁ ଚିଡ଼ୋପ୍‌ଳାର କଥା ବୁଝାଇଦେଇ କହିଲା—''ଚାର୍ଲସ ! ଚିତ୍ରାର ବୟସ କମ୍ ହେଲେ ବି ସେ ଆଉ ପିଲା ହୋଇନାହିଁ । ସେ ଏବେ ବିବାହଯୋଗ୍ୟା ଝିଅ । ଆମ ଦେଶରେ ବିବାହ ସମ୍ବନ୍ଧରେ ଝିଅମାନଙ୍କ ସଙ୍ଗେ ଏଭଳି କୌତୁକ ପରିହାସ କରାଯାଏନି । ସେଥିରେ ଖୁବ୍ ଅସମ୍ମାନ ହୁଏ ଝିଅମାନଙ୍କର । ଗାଁ ଗହଳରେ ଲୋକମାନେ ଏଭଳି କଥା ଉପରେ ଖୁବ୍ ଗୁରୁତ୍ୱ ଦିଅନ୍ତି । ତମର ଏସବୁ ଜାରିବା ଉଚିତ । ନଚେତ୍ ପରିହାସ କରୁ କରୁ ତମେ କେବେ ହୁଏତ ବିପଦରେ ପଡ଼ିଯିବ ।''

ଚାର୍ଲସ ଶାନ୍ତଭାବରେ କହିଲା—''ମୁଁ ତ ପ୍ରତିଦିନ ବିପଦର ସନ୍ଧାନ କରୁଛି । ହେଲେ ବିପଦ ଆସୁନାହିଁ ।''

Digitized by srujanika@gmail.com

—''ବିପଦର ସନ୍ଧା କରୁଛ କାହିଁକି ? ତମେ କ'ଣ ପାଗଳ ?'' ପ୍ରାଚୀ ହସି ଦେଲା ।

ଚାର୍ଲସ କହିଲା—''ବିପଦରେ ପଡ଼ିଲେ ସାହାଯ୍ୟ ସହାନୁଭୂତି, ସ୍ନେହ ଆଦର ମିଳେ । ସେଦିନ ବିପଦ ମୁହଁରୁ ତମେ ମତେ ହାତଧରି ଟାଣି ନେଇଥିଲ । ସେଭଳି ସୁଯୋଗ ଆଉ କେବେ ଆସିନି ।''

ପ୍ରାଚୀ ମନଭରି ହସିଲା । ଆସ୍ତେ କହିଲା—''ଚାର୍ଲସ ! ତମେ ଭାରି ମଜାର ଲୋକ । ପ୍ରତି କଥାରେ ତମର ରସିକତା ଥାଏ । ହେଲେ ସମସ୍ତେ ତମକୁ ଠିକ୍ ବୁଝିବେ ନାହିଁ ।''

—''ତମେ ବି କ'ଣ ମତେ ଠିକ୍ ବୁଝିଛ ପ୍ରାଚୀ ?'' ଚାର୍ଲସ ପ୍ରଶ୍ନ କଲା ।

ପ୍ରାଚୀ ଉଦାର କଣ୍ଠରେ କହିଲା-''ମୁଁ ତମକୁ ଠିକ୍ ଭାବରେ ବୁଝିବାକୁ ଚେଷ୍ଟା କରୁଛି ଚାର୍ଲସ ! ତେବେ ମୋ ବୁଝିବା ନ ବୁଝିବା ତମ ଜୀବନରେ ଏତେଟା ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ—ବରଂ ଲିଲିଆନ୍ ତମକୁ ବୁଝିବା ନ ବୁଝିବା ସମ୍ପର୍କରେ ତମେ ନିଶ୍ଚିତ ହେବା ଆବଶ୍ୟକ ।''

ଚାର୍ଲସ ବେପରୱା ଭାବରେ କହିଲା—''ଲିଲିଆନ୍‌କୁ ନୂଆ ସଙ୍ଗୀ ମିଳିଯାଇଛି । ସେମାନେ ଖୁବ୍ ବୁଲୁଛନ୍ତି ଝାଉଁବଣରେ । ମୋ ପାଇଁ ତା'ର ଆଉ କିଛି ବ୍ୟସ୍ତତା ନାହିଁ । ମୁଁ ଏବେ ତା'ଠାରୁ ପ୍ରାୟ ମୁକ୍ତ ।''

ଚିତ୍ରୋତ୍ପଳା ବଡ଼ ବଡ଼ କୌତୂହଳୀ ଆଖିରେ ଚାହିଁ ରହି ସେମାନଙ୍କର କଥାବାର୍ତ୍ତା ଶୁଣୁଛି । ଛୋଟି ଝିଅଟା ସାମ୍ନାରେ ଲିଲିଆନ୍‌ର ନୂତନ ସଙ୍ଗୀ ସମ୍ପର୍କରେ ଆଲୋଚନା କରିବା ପାଇଁ ପ୍ରାଚୀ ଚାହିଁଲା ନାହିଁ । ପ୍ରସଙ୍ଗ ବଦଳାଇ ପ୍ରାଚୀ କହିଲା—''ତମେ ଚିତ୍ରୋତ୍ପଳାଠାରୁ କ୍ଷମା ମାଗିବା ଉଚିତ୍ ଚାର୍ଲସ, ତମେ ତା'ର ଅସମ୍ମାନ କରିଛ ।''

—''ଦୁଃଖିତ'' କହି ଚାର୍ଲସ ଫୁଲମିଶା କରି ଚିତ୍ରୋତ୍ପଳାର କୋମଳ ହାତଟିକୁ ଧରିନେଲା ଏବଂ କହିଲା—''କ୍ଷମା କର ଚିତ୍ରା । ତମର ବିବାହ ଖୁବ୍ ଶୀଘ୍ର ହେଉ । ମୁଁ ତମ ବିବାହରେ ଖୁବ୍ ନାଚିବି । ଏବେ ମତେ ଫୁଲ ଦିଅ—''

ଚିତ୍ରୋତ୍ପଳା ଆସ୍ତେ ହାତଟି ଖସାଇ ନେଇ ରଜନୀଗନ୍ଧାର ମାଳଟିଏ ଚାର୍ଲସ ହାତକୁ ବଢ଼ାଇ ଦେଲା । ଚାର୍ଲସ ପଇସା ଦେଇ ମାଳଟି ଆଣୁ ଆଣୁ କହିଲା—''ତମ ବାହାଘର ହେବା ପର୍ଯ୍ୟନ୍ତ ମୁଁ ଫୁଲ କିଣିବି ତମଠୁ । ଦରକାର ଥାଉ କି ନଥାଉ—ଅନ୍ତତଃ ତମ ବାହାଘର ପାଇଁ ସେତିକି ସାହାଯ୍ୟ କରିବାର ସୁଯୋଗ ଛାଡ଼ିବି ନାହିଁ କେବେ—''

ଚିତ୍ରୋତ୍ପଳା କୃତଜ୍ଞ ଚାହାଣୀରେ ଚାର୍ଲସକୁ ଚାହିଁ ସଲ୍ଲଜ କଣ୍ଠରେ କହିଲା—''କେଜାଣି ମୋ ବାହାଘର ଯାଏ ତମେ ଏଠି ଥିବ କି ନା—ତମେ ତ ସାହେବ ଲୋକ ! ତମର କି ଠିକଣା !''

Digitized by srujanika@gmail.com

ଚାର୍ଲସ ହସି ହସି କହିଲା—''ସେ ପର୍ଯ୍ୟନ୍ତ ଅପେକ୍ଷା କରି ରହିବି ଚିତ୍ରା । ଯେଉଁଠି ଯେତେଦିନ ଅଟକିଗଲେ ବି ମୋର କିଛି ଯାଏ ଆସେ ନାହିଁ ।''

ଚିତ୍ରୋତ୍ପଳା ଆନନ୍ଦରେ କହିଲା—''ଏଣିକି ତମ ପାଇଁ ବାଛି ବାଛି ଭଲ ବାସ୍ନା ଫୁଲ ଆଣିବି ସାହେବ । କାରଣ ମୋ ଫୁଲର ଦାମ୍ ଅପେକ୍ଷା ତମେ ସବୁବେଳେ ଅଧିକା ପଇସା ଦେଉଛ ।''

ଚାର୍ଲସ ମଧୁର କଣ୍ଠରେ କହିଲା—''ତମ ଫୁଲର ଦାମ୍ ତମେ ବି ଜାଣନା ଚିତ୍ର । ସେ ଫୁଲର ଦାମ ଦେଇ ହୁଏନା—ସେ ଫୁଲ ଅମୂଲ୍ୟ ।''

ଚିତ୍ରା ହସି ହସି ଲୋଟିଯାଇ କହିଲା—''ସାହେବମାନେ କି ପାଗଳ ! ଫୁଲର ପୁଣି ଦାମ୍ ଦେଇ ହୁଏନା—ଆମ ବାଡ଼ିରେ ବେତା ବେତା ଫୁଲ ଫୁଟେ—ଫୁଲ ପୁଣି ଗୋଟାଏ ଅମୂଲ୍ୟ ଦ୍ରବ୍ୟ—''

ଚାର୍ଲସ ମୁଗ୍ଧ ଦୃଷ୍ଟିରେ ଚିତ୍ରୋତ୍ପଳାର ସରଳ ନିଷ୍ପାପ ସୌନ୍ଦର୍ଯ୍ୟକୁ ମର୍ମେ ମର୍ମେ ଅନୁଭବ କରୁଥାଏ । ପ୍ରାଚୀ ରସିକତା କରି କହିଲା—''ଥାଉ ଚାର୍ଲସ ! ଏପରି ଅସଭ୍ୟଙ୍କ ଭଳି ଝିଅମାନଙ୍କୁ ଚାହିଁବା ମଧ୍ୟ ଆମ ଦେଶରେ ନିୟମ ବିରୁଦ୍ଧ । ସେଥିରେ ଝିଅମାନଙ୍କର ଅସମ୍ମାନ ହୁଏ ।''

ଚାର୍ଲସ ଚିତ୍ରୋତ୍ପଳା ଉପରୁ ଦୃଷ୍ଟି ଫେରାଇ ଆଣି କହିଲା—''ତମ ଦେଶର ଅନେକ ନୀତି ନିୟମ ଭିତରେ ଝିଅମାନେ ଏତେ ସୁନ୍ଦର ବୟସରେ ଠିକ୍ ତମରିଭଳି କେତେ ନିଷ୍ପ୍ରାଣ ହେଇଯାନ୍ତି ଜାଣ ?''

ପ୍ରାଚୀ ନିଷ୍ପ୍ରାଣ ପ୍ରତିମା ଭଳି ପୁଣି ନିର୍ବିକାର ରହି ଚାର୍ଲସ ପ୍ରଶ୍ନକୁ ଏଡ଼େଇଗଲା ।

କୋଣାର୍କ-ପୁରୀ ବେଳାଭୂମି ରାସ୍ତାର ଦୁଇପଟେ ଘଞ୍ଚ ଝାଉଁବଣ । କୋଣାର୍କ ଏବଂ ପୁରୀକୁ ସଂଯୋଗ କରିଛି ରାସ୍ତାଟି । ଏଇ ରାସ୍ତରେ କୋଣାର୍କଠାରୁ ରାମଚଣ୍ଡୀଙ୍କ ନିକଟକୁ ଚାଲି ଚାଲିଯିବା ବେଶ୍ ସୁଖପ୍ରଦ ।

ପ୍ରାଚୀ ଏବଂ ଚାର୍ଲସ ସେଇ ରାସ୍ତାରେ ଚାଲିଥାନ୍ତି ଆଗପଛ ହୋଇ । ସବା ଆଗେ ଆଗେ ଚାଲିଥାଏ ଧର୍ମାନନ୍ଦ । ତା'ପରେ ଚିତ୍ରୋତ୍ପଳା । ଚାର୍ଲସ ଏବଂ ପ୍ରାଚୀ ଏକ ସଙ୍ଗେ ଚାଲିବା ଆରମ୍ଭ କରିଥିଲେ । ମାତ୍ର ପ୍ରାଚୀ ଅନେକ ପଛରେ ପଡ଼ିଗଲାଣି । ଡେଙ୍ଗା ଡେଙ୍ଗା ପାଦ ପକାଇ ଚାର୍ଲସ ଆଗେଇ ଯାଉଛି । କୁଶଭଦ୍ରା ବୁଢ଼ୀକୁ ଦେଖିବା ପାଇଁ ଯାଉଛନ୍ତି ସେମାନେ । କୁଶଭଦ୍ରା ବୁଢ଼ୀ ଆଜିକାଲି ରାମଚଣ୍ଡୀ ମନ୍ଦିର ପଛପଟେ ଗୋଟିଏ କୁଡ଼ିଆ ଘରେ ପଡ଼ିଥାଏ । ରାମଚଣ୍ଡୀଙ୍କ ପ୍ରସାଦରୁ ମୁଠାଏ ଅଧେ ଦିଅନ୍ତି ପୂଜକମାନେ । ବୁଢ଼ୀର ଚଳିଯାଏ ।

Digitized by srujanika@gmail.com

ଚିତ୍ରୋତ୍ପଳାଠାରୁ ବୁଢ଼ୀର ଅସୁସ୍ଥତା ସମ୍ବାଦ ଶୁଣି ପ୍ରାଚୀ ବ୍ୟସ୍ତ ହୋଇଥିଲା । ବୁଢ଼ୀ ମୁହଁରୁ ଅନେକ କିମ୍ବଦନ୍ତୀ ଶୁଣିବାକୁ ଅଛି । ଯାହା ବୁଢ଼ୀ ଜାଣେ—ତା' ଅନେକ ଲୋକ ଜାଣନ୍ତି ନାହିଁ । ପେଡ଼ିସାଇତା ପାଟଲୁଗା ଭଳି ବୁଢ଼ୀ କାହାଣୀ କିମ୍ବଦନ୍ତୀମାନଙ୍କୁ ସଜାଇ ରଖିଥାଏ ଅତିଯତ୍ନରେ । ଅକାଳେ ସକାଳେ କାହାଣୀ ପେଡ଼ି ଖୋଲେ—କେହି ଅନୁରୋଧ କଲେ । ବୁଢ଼ୀ ମୁହଁରୁ ପୁରୁଣା କଥା ସବୁ ଶୁଣିବା ପାଇଁ ଚାର୍ଲସର ଆଗ୍ରହ ବଢ଼ିଛି । ତା'ଛଡ଼ା ବୁଢ଼ୀ ପ୍ରତି ଚାର୍ଲସ ମନରେ ଗୋଟାଏ ସ୍ୱତନ୍ତ୍ର ଭାବନା ମଧ୍ୟ ଜାଗି ଉଠିଛି ପ୍ରଥମ ଦେଖାର ମଧୁର ଅନୁଭୂତି ଯୋଗୁଁ ।

କୁଶଭଦ୍ରା ବୁଢ଼ୀକୁ ଦେଖିବା ପାଇଁ ଲିଲିଆନ୍ ଆସିନାହିଁ । ଚାର୍ଲସ ଡାକିବାରୁ ସେ ଉତ୍ତର ଦେଇଥିଲା—''ଜୀର୍ଣ୍ଣ ବୁଢ଼ୀଟାକୁ ଦେଖିବାର କ'ଣ ଅଛି ? ବୟସ ଅନେକ ହେଇଛି । ଅସୁସ୍ଥ ହେବାର କଥା । ସମୟ ଶେଷ ହୋଇଆସୁଛି ତ—ଯେତେ ଶୀଘ୍ର ସମୟ ଶେଷ ହେଇଯିବ ସେତେ ଭଲ । ଜୀବନ ସୁଖ ଆନନ୍ଦ ପାଇଁ—ଯେଉଁଠୁ ଦୁଃଖ ଯନ୍ତ୍ରଣାର ଆରମ୍ଭ ସେଇଠି ମୃତ୍ୟୁ ଜୀବନ ଅପେକ୍ଷା ବେଶୀ କାମ୍ୟ ।''

ଚାର୍ଲସ ବୁଢ଼ୀକୁ ଦେଖିବା ପାଇଁ ଆସିବାରୁ ଲିଲିଆନ୍ ବିରକ୍ତ ହୋଇଥିଲା । କହିଥିଲା—''ଚାର୍ଲସ ! ମୋର ଧାରଣା ଥିଲା ତମେ ଇଣ୍ଡିଆ ଆସିଛ ଆନନ୍ଦ ଉଲ୍ଲାସ କରିବା ପାଇଁ । ଅଥଚ ଦେଖୁଛି ତମେ ଏଠି ଦୁଃଖ ଯନ୍ତ୍ରଣା ଖୋଜି ବୁଲୁଛ । ଇଣ୍ଡିଆରେ ଆଖି ଖୋଲିଲେ ହିଁ ଦୁଃଖର ଚିତ୍ର ଅଜସ୍ର । ଏଠି ଦୁଃଖକୁ ଖୋଜି ଖୋଜି ପାଦକୁ କଷ୍ଟ ଦେବାରେ ଆବଶ୍ୟକତା କ'ଣ ?''

ଲିଲିଆନ୍ ନୂତନ ବନ୍ଧୁ ସହ ପଛରେ ରହିଯାଇଥିଲା । ଆଗେଇ ଯାଇଥିଲା ଚାର୍ଲସ—ପ୍ରାଚୀପ୍ରଭା ସହ—

କୁଶଭଦ୍ରା ନଦୀ ମୁହାଣ ନିକଟରେ ଏକ କ୍ଷୁଦ୍ର ମନ୍ଦିରରେ ରାମଚଣ୍ଡୀ ପୂଜା ପାଉଛନ୍ତି । ମନ୍ଦିରଟି ରେଖା ଆକାରର । ସମ୍ମୁଖରେ ଥିବା ଗମ୍ଭୀରାଟି ନାହାଚାଲିଆ ଢଙ୍ଗରେ ତିଆରି ହୋଇଛି । ମନ୍ଦିରରେ ଛୋଟ ସିଂହାସନଟିଏ । ସିଂହାସନ ଉପରେ ରାମଚଣ୍ଡୀଙ୍କର ଦଶଭୂଜା ମହିଷମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତି । ଠାକୁରାଣୀଙ୍କ ପୂଜା ନୀତି ନିମନ୍ତେ ପୂର୍ବତନ ଜମିଦାର ପାଞ୍ଚ ଏକର ଜମି ଖଞ୍ଜା କରିଛନ୍ତି । ବନଦୁର୍ଗା ମନ୍ତ୍ରରେ ପୂଜକ ପୂଜା କରୁଥାନ୍ତି ରାମଚଣ୍ଡୀଙ୍କୁ । ପ୍ରାଚୀ ଦୀପ ଜଳାଇ ଗଳବସ୍ତ୍ର ହେଇ ପ୍ରଣାମ ଜଣାଇଲା ଦେବୀଙ୍କୁ । ଚାର୍ଲସ ବାହାରେ ଅପେକ୍ଷା କରିଥାଏ । ଚାହିଁଥାଏ ପ୍ରାଚୀକୁ । ଏଠିକା ପୂଜକମାନେ ପ୍ରାଚୀକୁ ଚିହ୍ନନ୍ତି । ପ୍ରାଚୀର ମାଉସୀ ଘର କୋଣାର୍କ । ଗବେଷଣା ପାଇଁ ମାଉସୀଙ୍କ ଘରେ ରହିବା ପରେ ପ୍ରାଚୀ ପ୍ରାୟ ମଝିରେ ମଝିରେ ରାମଚଣ୍ଡୀ ମନ୍ଦିରକୁ ଆସେ । କୋଣାର୍କଠାରୁ ପାଞ୍ଚକିଲୋମିଟର ଦୂରରେ ଲିଆଖିଆ ନିକଟରେ ଖାଲକଟା ପାଟଣା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଖାଲକୋଠୀକୁ ଦର୍ଶନ ମଧ୍ୟ କରେ ।

Digitized by srujanika@gmail.com

ପୂଜକ ପ୍ରାଚୀର କପାଳରେ ଏବଂ ସୀମନ୍ତରେ ଦେବୀଙ୍କ ପୂଜା ସିନ୍ଦୂର ଲଗାଇ ଦେଇ ଆଶୀର୍ବାଦ କଲେ । ପ୍ରାଚୀ ଦକ୍ଷିଣା ଦେଇ ପଦାକୁ ବାହାରି ଆସିଲା । ର୍ଲସ ଆଶ୍ଚର୍ଯ୍ୟରେ ପ୍ରାଚୀକୁ ଚାହିଁ ରହିଥାଏ ।

ପ୍ରାଚୀ ପଚାରିଲା—''କ'ଣ ଦେଖୁଛ ?'' ଚାର୍ଲସ କହିଲା—''ଜାଣିଛି ତମଦେଶର ବିବାହିତା ନାରୀମାନେ ହିଁ କେବଳ ସୀମନ୍ତରେ ସିନ୍ଦୂର ଦିଅନ୍ତି । ପୂଜକ ତମକୁ ବିବାହିତା ବୋଲି ଭ୍ରମ କରିବାର କାରଣ କ'ଣ ?''

ପ୍ରାଚୀ ହସିଦେଇ କହିଲା—''ସୀମନ୍ତର ସିନ୍ଦୂର ସ୍ୱାମୀର ସନ୍ତକ । ପୂଜକ ଯଦି ଭ୍ରମ କରିଥାଏ, ତେବେ ମୋ ସୀମନ୍ତର ଏ ସିନ୍ଦୂର ଜଗନ୍ନାଥକୁ ଉତ୍ସର୍ଗ କରୁଛି । ଜଗନ୍ନାଥ ମୋର ସ୍ୱାମୀ । ମୋର ପ୍ରଭୁ । ଏଥିରେ କେହି କ'ଣ ଆପତ୍ତି କରିବ ?''

ଖଣ୍ଡେ ଦୂରେ ଚିତ୍ରୋତ୍ପଳା ଏମାନଙ୍କର କଥୋପକଥନ ଶୁଣୁ ଶୁଣୁ ମନ୍ଦିର ବେଢ଼ାରୁ ଫୁଲ ତୋଳୁଥାଏ । ସେ ହସି ହସି କହିଲା—''ଅପା ! ତମେ ସବୁବେଳେ ସାହେବଙ୍କ ସଙ୍ଗେ ବୁଲୁଛ । ଲୋକେ ଭାବିଛନ୍ତି ସାହେବଙ୍କୁ ତମେ ବାହା ହେଇଯାଇଛ । ପୂଜକ ବୋଧେ ସେୟା ଭାବିଛନ୍ତି ।''

ଚିତ୍ରୋତ୍ପଳା କରବୀଫୁଲ ପେଛାଏ ଧରି ଅଳ୍ପ ଅଳ୍ପ ହସୁଥାଏ । ପ୍ରାଚୀର ଗୋରା ମୁହଁଟା ଅପ୍ରତିଭତାରେ କରବୀଫୁଲ ଭଳି ଗୋଲାପୀ ପଡ଼ିଗଲା । ସେ କ୍ରୋଧ ପ୍ରକାଶ କରି ଚିତ୍ରୋତ୍ପଳାକୁ ଆକଟ କଲା—''ଚିତ୍ରା, ଛୋଟ ପିଲା ହେଇ ତୁ ଲୋକଙ୍କର ବାଜେ କଥା ଶୁଣୁଛୁ କାହିଁକି ? ଏମିତି କଥା ମୋ କାନରେ ତ କେବେ ପଡ଼ିନାହିଁ ।'' ଚାର୍ଲସ ଚିତ୍ରୋତ୍ପଳାର କଥା କିଛି କିଛି ବୁଝିଲା ।

ରସିକତା କରି ଚାର୍ଲସ କହିଲା—''ଭାରତୀୟ ନାରୀର ସୀମନ୍ତ ସିନ୍ଦୂର ସ୍ୱାମୀର ପ୍ରତୀକ । ପତ୍ନୀର ସୀମନ୍ତରେ ପୂଜା ପାଇ ଭାରତୀୟ ପୁରୁଷ ବାସ୍ତବିକ ଗୌରବାନ୍ୱିତ ହେଉଥିବ । ଏଠି ସ୍ୱାମୀତ୍ୱର ଗୋଟାଏ ବିଶେଷ ଅହଂକାର ଅଛି—ଯୋଉଟା ଆମ ଦେଶରେ ନାହିଁ । ସେଇ ଅହଂକାର ପାଇଁ ବେଳେବେଳେ ଲୋଭ ହୁଏ ମନରେ ।''

ହସି ହସି ପ୍ରାଚୀ କହିଲା—''ଲୋଭୀ ଏବଂ ଅହଂକାରୀ ପୁରୁଷମାନଙ୍କୁ ମୁଁ ସହ୍ୟ କରି ପାରେନା ।''

ଚାର୍ଲସ ଆନ୍ତରିକତା ସହିତ କହିଲା—''ଇଣ୍ଡିଆକୁ ଆସି ମୋ ଭଳି ସୃଷ୍ଟିଛଡ଼ା ମଣିଷଟାର ଯାଯାବର ମନଟା ବି ଅନେକ ଦ୍ରବ୍ୟ ପ୍ରତି ଲୋଭାତୁର ହୋଇପଡ଼ିଛି । ଅଥଚ ମୋର ଅହଂକାର ପ୍ରତି ପଦେ ପଦେ ତମ ପାଖରେ ଚୂର୍ଣ୍ଣୀଭୂତ ହେଇଯାଉଛି । ଇଣ୍ଡିଆ ସତରେ କେଡ଼େ ବିଚିତ୍ର !''

Digitized by srujanika@gmail.com

ବିଚିତ୍ର କଥା କହୁଥିଲା କୁଶଭଦ୍ରା ମାଉସୀ । ପୁରୀ-କୋଣାର୍କ ବେଳାଭୂମି ରାସ୍ତାରେ କୁଆଡ଼େ ପ୍ରତି ରାତ୍ରିରେ କେଉଁ ରୂପସୀ ଯୁବତୀର ଛାୟାମୂର୍ତ୍ତି ଘୂରିବୁଲେ । ଛାୟାମୂର୍ତ୍ତି କେଉଁ ରମଣୀର ଅତୃପ୍ତ ଆତ୍ମା । ସେ ତା'ର କାହାଣୀ କହେ—ହେଲେ ହୃଦୟର ମମତା ଦେର କେହି ତା' କଥା ଶୁଣନ୍ତି ନାହିଁ । ସମସ୍ତେ ଭୟରେ ଦୂରେଇଯାଆନ୍ତି । କୁଶଭଦ୍ରା ବୁଢ଼ୀ ଛାୟାମୂର୍ତ୍ତିକୁ ଚିହ୍ନେ । ତେଣୁ ସେ ତାକୁ ଭୟ କରିବ କାହିଁକି ? ବିଚାରୀ ଶୋଇଥିଲା ତ ଏତେ ବର୍ଷ ଧରି ନୀରବରେ । ତା' କଥା କେହି ଜାଣିନଥିଲେ । ଇତିହାସ ପୃଷ୍ଠାରେ ତା'ର ନାମ ଗନ୍ଧ ନଥିଲା । କୋଣାର୍କ ନିର୍ମାଣ ପଥରେ ତା' ଜୀବନର ତ୍ୟାଗପୂତ କାହାଣୀ କେହି ମନେରଖିନଥିଲେ । ଚନ୍ଦ୍ରଭାଗାର ଚୋରାବାଲିରେ ତା'ର କାହାଣୀ ଲୁଚିଯାଇଥିଲା ନୀରବରେ । ଶହ ଶହ ବର୍ଷ ପରେ ସେ ଚେଇଁ ଉଠିଲା କାହିଁକି ?

କୁଶଭଦ୍ରା ମାଉସୀ ରହସ୍ୟର ପେଡ଼ି । ଅଶରୀରୀ ଆତ୍ମା କାହିଁକି ଚେଇଁ ଉଠିଛି ତା' ମଧ୍ୟ ତାକୁ ଜଣା । ସେ ଆଉ ଏକ ବିଚିତ୍ର କାହାଣୀ । କୋଣାର୍କଠାରୁ ସାତ କିଲୋମିଟର ଦୂରରେ ଗୋଇରାଗଡ଼ର ଯଦୁପୁର ନିକଟରେ କାଦୁଆ ନଦୀ କୂଳରେ ଚିତ୍ରେଶ୍ୱର ପୂଜା ପାଉଛନ୍ତି । ଅନେକ ଅନେକ ବର୍ଷ ତଳେ ଯାତ୍ରୀମାନଙ୍କର ପାନୀୟ ଜଳର ସୁବିଧା ପାଇଁ ଗ୍ରାମବାସୀ କୂପ ଖୋଳୁ କୋଳୁ ତାମ୍ରଶାସନଟିଏ ପାଇଥିଲେ । ତାମ୍ରଶାସନଟିରେ ପାଞ୍ଚ ଗୋଟି ଫଳକ ଥିଲା । ତାମ୍ରଶାସନଟି ପଢ଼ିଥିଲା କେହିଜଣେ ଶତାୟୁ ବୃଦ୍ଧ । ସେ ବିଷୟରେ ଅଧିକ ଗବେଷଣା ଏବଂ ଅନୁଧାନ ହେବାପୂର୍ବରୁ ଦୁର୍ଭାଗ୍ୟବଶତଃ କିଛିଦିନ ପରେ ତାମ୍ରଶାସନଟି ଥଟ୍ଟାରୀ ଦ୍ୱାରା ଆଉଟା ହୋଇ ଗୃହସାମଗ୍ରୀରେ ପରିଣତ ହେଲା । ତାମ୍ରଶାସନଟିର କଥାବସ୍ତୁ ଲୋକଲୋଚନ ଅନ୍ତରାଳରେ ରହିଯାଇଥିଲା । ବୃଦ୍ଧଙ୍କ କଥା କେହି ବିଶ୍ୱାସ କରିନଥିଲେ । ତାମ୍ରଶାସନରେ ଯେଉଁ କାହାଣୀଟି ବୃଦ୍ଧ ପଢ଼ିଥିଲେ, ତାକୁ କିନ୍ତୁ ଶୁଣି ବିଶ୍ୱାସ କରିଥିଲା କୁଶଭଦ୍ରା । ତାମ୍ରଶାସନରେ ଲିଖିତ କଥା ସହ କୁଶଭଦ୍ରା ମାଉସୀର ନିଜ ଶାଶୂ, ଆଇଶାଶୂଙ୍କ ମୁହଁରୁ ଶୁଣିଥିବା କାହାଣୀ ମିଶିଯାଇଥିଲା ।

ତାମ୍ରଶାସନଟିରେ କୋଣାର୍କ ନିର୍ମାଣ କାଳର ଏକ ମର୍ମସ୍ପର୍ଶୀ ଘଟଣାର ସୂଚନା ମିଳିବା ସଙ୍ଗେ ସଙ୍ଗେ ରାଜା ନରସିଂହଦେବଙ୍କର ଗୁଣାବଳୀ ବର୍ଣ୍ଣନା କରାଯାଇଥିଲା । ଆଉଟିକେ ଗଭୀରକୁ କୂପ ଖୋଳୁ ଖୋଳୁ ଗ୍ରାମବାସୀମାନେ ପାଇଥିଲେ ପାଷାଣ ପ୍ରତିମାଟିଏ । ପାଷାଣ ପ୍ରତିମାଟି ସମ୍ପର୍କରେ କାହାରି ବିଶେଷ କୌତୂହଳ ନଥିଲା । କୋଣାର୍କ ଅଞ୍ଚଳରେ ଏମିତି ଶହ ଶହ ଭାସ୍କର୍ଯ୍ୟ ଖଚିତ ମୂର୍ତ୍ତି ମାଟିତଳେ ପୋତି ହେଇ ପଡ଼ିଛି । କୋଣାର୍କ ନିକଟରେ ଅନେକ ଭଗ୍ନ ମୂର୍ତ୍ତି ନୀରବରେ ନୀଳ ଆକାଶକୁ ଚାହିଁ ସ୍ୱୀକୃତି ମାଗୁଛି । ସମୟେ ସମୟେ ମାଟି ଖୋଳାହେଉଥିବା ବେଳେ ଏ ଅଞ୍ଚଳର ଲୋକେ ପାଷାଣ ମୂର୍ତ୍ତି ପାଇବାରେ ଅଭ୍ୟସ୍ତ । ମୂର୍ତ୍ତିଟି ଅନେକ ବର୍ଷ ଧରି ପଡ଼ିରହିଥିଲା କାଦୁଆ ନଦୀର ବାଲୁକା ଶଯ୍ୟାଧାରରେ । ଗାଁ ପିଲାମାନେ

Digitized by srujanika@gmail.com

ମୂର୍ତ୍ତିଟିର କପାଳରେ ସିନ୍ଦୂର ଲଗାଇ ଫୁଲ ଦେଇ ପୂଜା କରୁଥିଲେ । ମୂର୍ତ୍ତିଟି ଏକ ଅର୍ଦ୍ଧ ପ୍ରସ୍ଫୁଟିତ ପଦ୍ମପୁଷ୍ପ ଉପରେ ପ୍ରତିଷ୍ଠିତ ହୋଇଥିଲା । ପଦ୍ମ ପାଖୁଡ଼ା ଭିତରୁ ମୂର୍ତ୍ତିଟି ମୁଦ୍ରିତ ନୟନରେ ପ୍ରଣତ ଭଙ୍ଗୀରେ ବିକଶିତ ହୋଇଥିଲା । ମୂର୍ତ୍ତିଟିର ନିମ୍ନଦେଶରେ ଲେଖାଥିଲା ''ଚନ୍ଦ୍ରଭାଗା'' । ପାଷାଣ ପ୍ରତିମାଟିର ମୁଖଶୋଭା ଅପୂର୍ବ ।

କାଳକ୍ରମେ ମୂର୍ତ୍ତିଟି ସମୟର ବାଲିଚରରେ ପୋତିହୋଇ ପଡ଼ିଥିଲା । ସେଇ ସ୍ଥାନରେ ତୁଳସୀ ବୃକ୍ଷଟିଏ ଉଠିଥିଲା । ଗ୍ରାମ୍ୟ ଲଳନାମାନେ ସ୍ନାନ ସାରି ତୁଳସୀ ବୃକ୍ଷରେ ପାଣି ଦେଇ ଫେରୁଥିଲେ । ଲୋକେ କହନ୍ତି ସେଇ ମୂର୍ତ୍ତିଟିର ସ୍ମରଣରେ ଗାଁ ଗହଳରେ ତୁଳସୀ ଚଉରାରେ ଯୋଡ଼ହସ୍ତରେ ନାରୀମୂର୍ତ୍ତି ଏବେ ମଧ୍ୟ ଦେଖାଯାଏ ।

ଚନ୍ଦ୍ରଭାଗା ନାମ୍ନୀ ସେଇ ପାଷାଣ ପ୍ରତିମାଟି ଯେ ଦିନେ ରକ୍ତମାଂସଧାରିଣୀ କୋମଳା ତରୁଣୀଟିଏ ଥିଲା, ସେକଥା କେହି କ'ଣ କେବେ ଥରେ ହେଲେ ଚିନ୍ତା କରିପାରେ ?

କୂପ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ହେଇନଥାଏ, ପୂଜକଙ୍କୁ ସ୍ୱପ୍ନାଦେଶ ହେଲା ଖନନ କାର୍ଯ୍ୟ ବନ୍ଦ କରିବା ପାଇଁ । ଖନନ କାର୍ଯ୍ୟ ବନ୍ଦ ରହିଲା । ଏଥର ଅଳ୍ପଦୂରରେ କୂପ ଖନନ କାର୍ଯ୍ୟ ଆରମ୍ଭ ହେଲା । ପାଣିଝର ଫିଟିଆସୁଥାଏ । ଗୋଟାଏ ବିଚିତ୍ର ଘଟଣା ଘଟିଲା । ବହୁ ବର୍ଷ ତଳର ଏକ ନରକଙ୍କାଳ ବାହାରିଲା ମାଟିତଳୁ । କଙ୍କାଳଟି ସେମିତି ନିଖୁଣ ହେଇ ରହିଥାଏ । ଅନେକ ବର୍ଷ ମାଟିତଳେ ପୋତିହେଇ ପଡ଼ି ପ୍ରସ୍ତର ପାଲଟି ଯାଇଥାଏ । ସମସ୍ତେ ଭାବିଲେ ସ୍ଥାନଟା ହୁଏତ କାଦୁଆ ନଦୀ ତୀରସ୍ଥ ଏକ ଶ୍ମଶାନ ଥିଲା । କେହି କେହି କଙ୍କାଳଟିକୁ ପରୀକ୍ଷା କରି କହିଲେ ସେଇଟି ନାରୀ କଙ୍କାଳ । ନାରୀଟି ଯୁବତୀ ଏବଂ ବିବାହିତା । କଙ୍କାଳଟିର ବାମପାଦର ଆଙ୍ଗୁଳିରେ ଗୋଟିଏ ରୂପାର ଝୁଣ୍ଟିଆ ଝଟକୁଥିଲା ।

ଲୋକଙ୍କର ଅନୁମାନକୁ ସତ୍ୟରେ ପରିଣତ କରି ଠିକ୍ ସେଇକଥା କହିଥିଲେ ଦଳେ ଇଂରେଜ ନୃତତ୍ତ୍ୱବିତ୍ । ସେମାନେ କୋଣାର୍କ ଭ୍ରମଣରେ ଆସି କଙ୍କାଳଟିର ଆବିଷ୍କାର ସମ୍ବନ୍ଧରେ ଶୁଣିଥିଲେ । କୌତୂହଳବଶତଃ ସେମାନେ କଙ୍କାଳଟିକୁ ପରୀକ୍ଷା କରି ମତ ଦେଇଥିଲେ ଯେ, କଙ୍କାଳଟି ତ୍ରୟୋଦଶ ଶତାବ୍ଦୀର ଏବଂ ତାହା ଏକ ଯୁବତୀର କଙ୍କାଳ । କଙ୍କାଳଟିର ଆକାର ଏବଂ ଗଠନ ଦେଖି ସେମାନେ କହିଥିଲେ, ତରୁଣୀଟି ନିଶ୍ଚିତ ଭାବରେ ସୁଠାମ ହେଇଥିବ ।

କଙ୍କାଳ ଅନେକ ଦିନ ପଡ଼ିରହିଥିଲା କାଦୁଆ ନଦୀ ତଟରେ । ଅକସ୍ମାତ୍ ଦିନେ ରାତିରେ କଙ୍କାଳଟି ଉଭାନ ହେଇଯାଇଥିଲା । ଲୋକେ କହିଥିଲେ କାଦୁଆ ନଦୀରେ ଅକସ୍ମାତ ଜୁଆର ଆସି କଙ୍କାଳଟିକୁ ସ୍ରୋତରେ ଭସାଇ ନେଇଛି । ସମସ୍ତେ ଆଶ୍ୱସ୍ତ ହେଇଥିଲେ । କାରଣ କଙ୍କାଳଟିର କି ବ୍ୟବସ୍ଥା କଲେ ତା' ଆତ୍ମାର ସଦ୍‌ଗତି ହେବ ସେଇ ବିଷୟରେ ଗାଁ ଲୋକେ ଚିନ୍ତିତ ଥିଲେ ।

Digitized by srujanika@gmail.com

କୁଶଭଦ୍ରା ମାଉସୀ ଯେତିକି ଆଗ୍ରହରେ କଥା କହୁଥାଏ ତା'ଠାରୁ ଅଧିକ ଉତ୍କଣ୍ଠାରେ ଶୁଣୁଥାନ୍ତି ଚାର୍ଲସ ଏବଂ ପ୍ରାଚୀ ।

କଥା ମଝିରେ ପ୍ରାଚୀ ଚାପା କଣ୍ଠରେ କହିଲା—''ମାଉସୀ, ଏ ଭୂତ ପ୍ରେତର କଥା ଛାଡ଼ି କୋଣାର୍କ ସମ୍ବନ୍ଧରେ ଯାହା ଲୋକମୁଖରେ ପ୍ରଚଳିତ କାହାଣୀ ଓ କିମ୍ବଦନ୍ତୀ ତମେ ଜାଣ, ସେତିକି କୁହ । ଆମର ସେତିକି ଦରକାର ।

ବୁଢ଼ୀ ମ୍ଳାନ ହସି କହିଲା—''ଏଇଠୁ ତ କୋଣାର୍କର କଥା ଆରମ୍ଭ । ମୁଁ ଶୁଣିଥିଲି ମୋ ଶାଶୂ, ଆଇଶାଶୂଙ୍କ ମୁହଁରୁ—ସେମାନେ ଶୁଣିଥିଲେ ତାଙ୍କ ଶାଶୂ, ଆଇଶାଶୂଙ୍କଠାରୁ—ଏମିତି ଏମିତି କେତେ ଯୁଗ ବିତିଗଲାଣି, ହେଲେ ମୋ କଥା କେହି ବି ବିଶ୍ୱାସ କରିନି ।''

ଚାର୍ଲସ ଯାଯାବର । ଆଡ୍‌ଭେଞ୍ଚର ତାକୁ ଭଲ ଲାଗେ । ସେ ଉତ୍କଣ୍ଠାରେ ପ୍ରଶ୍ନ କଲା—କଙ୍କାଳଟା କୁଆଡ଼େ ଉଭାନ ହୋଇଗଲା ରାତାରାତି ?

ବୁଢ଼ୀ ମୁଣ୍ଡ ହଲାଇ ହଲାଇ କହିଲା—''ଉଭାନ୍ ହୋଇଯାଇଥିଲେ ତ କାହାଣୀ କହିବା ଦରକାର ହୋଇନଥାନ୍ତା । ତା' ଆଉ ହେଲା କୋଉଠୁ ?''

—''ତେବେ ?''

ବୁଢ଼ୀ ଆଖିରେ ଦେଖିଥିବା ଛବିଟିକୁ ସ୍ମରଣ କଲାଭଳି ଆସ୍ତେ ଆସ୍ତେ କହିବାକୁ ଆରମ୍ଭ କଲା ଏକ ରହସ୍ୟ ରୋମାଞ୍ଚଭରା ପ୍ରେମ ଓ ପ୍ରତୀକ୍ଷାର କାହାଣୀ—

ସେତେବେଳେ କୋଣାର୍କର ଆକାଶ ସମ୍ପୂର୍ଣ୍ଣ ଅନ୍ଧକାରାଚ୍ଛନ୍ନ । ଦୀର୍ଘ ତିନିଶହ ବର୍ଷ ଧରି କୋଣାର୍କ ଏକ ଅବହେଳିତ, ଅନ୍ଧକାର ଯୁଗ ମଧ୍ୟରେ ପଡ଼ି ରହିଥାଏ । କୋଣାର୍କ ଚତୁର୍ଦ୍ଦିଗରେ ଘଞ୍ଚ ଜଙ୍ଗଲ । ସେଇ ଝାଡ଼ ଜଙ୍ଗଲ ଭିତରେ ଜ୍ୟୋତ୍ସ୍ନା ରାତିରେ ଘୂରିବୁଲେ କଙ୍କାଳଟିଏ । ଦୂରରେ ଥାଇ କୋଣାର୍କର ଭଗ୍ନାଂଶକୁ ସ୍ଥିର ହେଇ ଚାହିଁ ରହେ । ଦୀର୍ଘଶ୍ୱାସ ବାହାରି ଆସେ ପଞ୍ଜରା ଭିତରୁ । ସେଇ ଦୀର୍ଘଶ୍ୱାସ ଅରଣ୍ୟର ପତ୍ରେ ପତ୍ରେ ମର୍ମର ତୋଳେ । ଲୋକେ କହନ୍ତି ରାତିରେ ଅରଣ୍ୟ କାନ୍ଦୁଛି କୋଣାର୍କ ଶିଳ୍ପୀକୁ ସୁମରି—ରାଜା ନରସିଂହଦେବଙ୍କୁ ସୁମରି । କଙ୍କାଳଟି ବେଳେବେଳେ ଅସ୍ଥି ସମ୍ବଳିତ ଦୁଇ ହାତ ଉଠାଇ କୋଣାର୍କକୁ ପ୍ରଣାମ କରେ । ଜଙ୍ଗଲ ଭିତରେ ଘୂରି ଘୂରି ଚନ୍ଦ୍ରଭାଗା ମୁହାଣରେ ଅଦୃଶ୍ୟ ହୋଇଯାଏ । କଙ୍କାଳକୁ କେହି କେହି ଦୂରରୁ ଦେଖି ଭୟ ପାଆନ୍ତି । ଅକସ୍ମାତ୍ ନିକଟରେ କେହି କେହି କଙ୍କାଳକୁ ସାମ୍ନା କଲେ ବିସ୍ମୟାଭିଭୂତ ହେଇ ଦେଖନ୍ତି କଙ୍କାଳର ଚକ୍ଷୁକୋଟରରେ ଦୁଇଟି ପଦ୍ମଫୁଲର ଆଖି । ଜ୍ୟୋତ୍ସ୍ନାଲୋକରେ

Digitized by srujanika@gmail.com

ସେଇ ପଦ୍ମଫୁଲର ଆଖିରେ ଚିକ୍ ଚିକ୍ କରୁଥାଏ ଦୁଇବିନ୍ଦୁ ଅଶ୍ରୁଜଳ । ଲୋକେ ଆଶ୍ଚର୍ଯ୍ୟ ହୁଅନ୍ତି । କଙ୍କାଳର ଆଖିରେ ପୁଣି ଏତେ ମାୟା—ଏତେ ମାଦକତା ! ଦେଖିବା ଲୋକେ କହନ୍ତି କଙ୍କାଳଟି ନିଶ୍ଚୟ ଜଣେ ଯୁବତୀର । ଏଭଳି ମନୋରମ ଚକ୍ଷୁର ଅଧିକାରିଣୀ ଜଣେ ରୂପସୀ ଯୁବତୀ ପାଇଁ କେବଳ ହୋଇପାରେ ।

କଙ୍କାଳଟି କେବେ କାହାର କ୍ଷତିକରେ ନାହିଁ । କଙ୍କାଳଟିକୁ ଦେଖିବା ଲୋକେ ବିସ୍ମୟରେ ଏମିତି ଅଭିଭୂତ ହୋଇପଡ଼ନ୍ତି ଯେ, ଭୟ ସେଠି ବିସ୍ମରଣ ହୁଏ ।

ସେଇ ଅନ୍ଧକାର ଯୁଗର କଥା । କୋଣାର୍କର ଦୁଇପାର୍ଶ୍ୱରେ ସମୁଦ୍ର କୂଳରେ ଦୀର୍ଘ ମାଇଲ ମାଇଲ ବ୍ୟାପୀ ବିସ୍ତୃତ ଜଙ୍ଗଲ ମୁଣ୍ଡ ଟେକିଥାଏ । କୋଣାର୍କ ମନ୍ଦିରର ପତନ ହୋଇଥାଏ । କୋଣାର୍କରୁ ସୂର୍ଯ୍ୟମୂର୍ତ୍ତି ଅପସାରଣ ପରେ ମନ୍ଦିରର ସମସ୍ତ ପୂଜାନୀତି ବନ୍ଦ ହୋଇଯାଇଥାଏ । ତା'ପୂର୍ବରୁ କୋଣାର୍କର ବନ୍ଦର ବାଣିଜ୍ୟ ବନ୍ଦ ହୋଇଯାଇଥାଏ । ଅତୀତର କୋଳାହଳମୟ କୋଣାର୍କ ନଗରୀ ଜନମାନବଶୂନ୍ୟ ହେଇ ଘୋର ଅନ୍ଧକାରମୟ ଜଙ୍ଗଲରେ ପରିଣତ ହୋଇଥାଏ । ପରିତ୍ୟକ୍ତ କୋଣାର୍କ ଦୀର୍ଘ ଦେଢ଼ଶହ ବର୍ଷ ଧରି ବନ୍ୟଜନ୍ତୁଙ୍କ ଆଡ଼ୁଡ଼ାସ୍ଥଳୀରେ ପରିଣତ ହୋଇଥାଏ । କୋଣାର୍କ ମନ୍ଦିର ଭାଙ୍ଗିପଡ଼ିବା ସଙ୍ଗେ ସଙ୍ଗେ ବାଲି ଏବଂ ପଥର ଦ୍ୱାରା ସମ୍ପୂର୍ଣ୍ଣ ପୋତିହୋଇ ପଡ଼ିଥାଏ । ପୃଥିବୀର ଅଦ୍ୱିତୀୟ କାରୁକାର୍ଯ୍ୟମଣ୍ଡିତ କୋଣାର୍କ ମନ୍ଦିର ଏକ ଭୟାନକ ପ୍ରେତପୁରୀ ଭଳି ନିକଟସ୍ଥ ଗ୍ରାମବାସୀଙ୍କ ମନରେ ଆତଙ୍କ ସୃଷ୍ଟି କରୁଥାଏ । କୋଣାର୍କ ମନ୍ଦିରର ବେଢ଼ାଟି ମଧ୍ୟ ଧୀରେ ଧୀରେ ବାଲି ଓ ପଥରରେ ପୋତି ହୋଇପଡ଼ିଲା । ନାଟମନ୍ଦିର, ମାୟାଦେବୀ ମନ୍ଦିର ଏବଂ ବେଢ଼ାର ଅନ୍ୟାନ୍ୟ ସମସ୍ତ ମନ୍ଦିର ଓ ପୀଠଗୁଡ଼ିକ ବାଲି ପଥରର ସ୍ତୂପ ମଧ୍ୟରେ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲା । କେବଳ ମୁଖଶାଳାର ଅର୍ଦ୍ଧେକ ମାତ୍ର ଉପରକୁ ଦେଖା ଯାଉଥାଏ । କୋଣାର୍କର ଆତ୍ମା ଶ୍ୱାସରୁଦ୍ଧ ଅବସ୍ଥାରେ ଚିତ୍କାର କରୁଥାଏ । ସେଇ ଭୟଙ୍କର ପରିବେଶରେ ଘୂରିବୁଲେ କଙ୍କାଳଟି । ନିର୍ଜ୍ଜନ ରାତ୍ରୀରେ କାହାର କାନ୍ଦଣା ଭାସିଆସେ । ଲୋକେ କହନ୍ତି କଙ୍କାଳ କାନ୍ଦେ—କୋଣାର୍କର ଅସୁମାରୀ ଭଗ୍ନ ପଥର ଖଣ୍ଡ ଭିତରେ ଶହ ଶହ ଶିଳ୍ପୀ ଆତ୍ମା କାନ୍ଦେ ।

ଅଭିଶପ୍ତ କିନ୍ନର ଭଳି କୋଣାର୍କ ପରିତ୍ୟକ୍ତ ହୋଇ ରହିଗଲା ତିନିଶହ ବର୍ଷ । ତିନିଶହ ବର୍ଷ ଧରି କଙ୍କାଳଟା ଜଗି ରହିଥିଲା ଅଲୋଡ଼ା, ଅଖୋଜା ଆଦରର ସନ୍ତାନଟିକୁ । କୋଣାର୍କ ଉଦ୍ଧାର ପରେ କଙ୍କାଳଟି ଆଉ ଦେଖାଦିଏ ନାହିଁ । ଘୂରିବୁଲେ ଲୋକଲୋଚନ ଅନ୍ତରାଳରେ । ଦୂରରୁ ଦେଖେ ତା'ର ଅତି ପ୍ରିୟ କୋଣାର୍କକୁ । କଙ୍କାଳର କାନ୍ଦଣା ଆଉ ଶୁଭେ ନାହିଁ । କୋଣାର୍କର ଅତୀତ ଇତିହାସ ଭଳି କଙ୍କାଳ ବି ବିସ୍ମୃତ ହୋଇଯାଇଥିଲା ଜନମାନସପଟରୁ । କିନ୍ତୁ ଆଉଥରେ ତ୍ରୟୋଦଶ ଶତାବ୍ଦୀର ସେଇ କଙ୍କାଳର ଆବିର୍ଭାବ ହେଇଛି ବୋଲି ଯେଉଁ ଜନରବ ଶୁଣାଯାଉଥିଲା, ତାକୁ ପ୍ରମାଣିତ କରିବାକୁ ଚାହୁଁଥିଲା କୁଶଭଦ୍ରା ବୁଢ଼ୀ !

Digitized by srujanika@gmail.com

ଓଡ଼ିଶା ମାନଚିତ୍ରରେ ସ୍ୱର୍ଣ୍ଣ ତ୍ରିଭୁଜ ।

ପୁରୀ-କୋଣାର୍କ-ଭୁବନେଶ୍ୱରକୁ ସଂଯୋଗ କରିବା ପାଇଁ ବେଳାଭୂମି ମାର୍ଗର ପାଞ୍ଚ କିଲୋମିଟର ରାସ୍ତା ଚନ୍ଦ୍ରଭାଗା ଛକଠାରେ ରାମଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ସମୁଦ୍ର କୂଳେ କୂଳେ ଆଗକୁ ଇୟିଯାଇଛି । ତା ଆଗକୁ ପ୍ରାୟ ଛବିଶ କିଲୋମିଟର ରାସ୍ତା ନିଘଞ୍ଚ ଝାଉଁ ଜଙ୍ଗଲ ମଧ୍ୟରେ ବାଟ ଖୋଜି ଖୋଜି ଡ୍ରାଣକର୍ତ୍ତା ଜଗନ୍ନାଥଙ୍କ ବଡ଼ଦାଣ୍ଡ ଧୂଳିରେ ହଜିଯିବା ପାଇଁ ଆକୁଳ ହୋଇପଡ଼ିଛି । ଅବଶିଷ୍ଟ ଚଉଦ କିଲୋମିଟର ରାସ୍ତା ଛଇଡନା, ଗୋପ ରାସ୍ତା ସହ ମିଶିଛି ।

କୋଣାର୍କର ସମନ୍ୱିତ ବିକାଶ ନିମନ୍ତେ ତିନିକୋଟି ପଚାଶ ଲକ୍ଷ ଟଙ୍କା ବ୍ୟୟରେ ବେଳାଭୂମି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି । ସ୍ୱର୍ଣ୍ଣ ତ୍ରିଭୁଜ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସାଧନ ନିମନ୍ତେ ହୁଏତ ଏଇ ପ୍ରଥମ ପଦକ୍ଷେପ ।

ମାତ୍ର ଗୋଟିଏ ସପ୍ତାହ ବିତିନାହିଁ ଏ କି ଅଭାବିତ ଘଟଣା ଘଟିଯାଉଛି ଗୋଟିକ ପରେ ଗୋଟିଏ ! ଜନରବ ହେଲା—ଏ ଭିତରେ ତେର କିଲୋମିଟର ରାସ୍ତା ବର୍ଷାରେ ଧୋଇ ନଷ୍ଟ ହୋଇଯାଇଛି । ବାଲିଘାଇ ଛକଠାରୁ କୋଣାର୍କ ଆଡ଼କୁ ନିର୍ମିତ ହୋଇଥିବା ତେର କିଲୋମିଟର ରାସ୍ତାର ଦୁଇ ପାର୍ଶ୍ୱରେ ଚଉଦ ଫୁଟ ଓସାର ବାଲି ଅଚାନକ ରାତାରାତି ଉଭାନ୍ ହୋଇଯାଇଥାଏ । କେହି କେହି କହୁଥିଲେ କୁଶଭଦ୍ରା ନଦୀର ଗତିପଥ ପରିବର୍ତ୍ତନ ହେବା ଫଳରେ ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର କିଛି ଅଂଶ କ୍ଷତିଗ୍ରସ୍ତ ହେଇଛି । କିନ୍ତୁ ଅକସ୍ମାତ୍ କୁଶଭଦ୍ରା ଗତି ପରିବର୍ତ୍ତନ କଲା କାହିଁକି ?

ଏ ସମସ୍ତ ଯୁକ୍ତିକୁ ଖଣ୍ଡନ କରି ପୁରୁଖା ଲୋକମାନେ କହୁଥିଲେ ବେଳାଭୂମି ରାସ୍ତା ଏଭଳି ଭାବରେ କ୍ଷତିଗ୍ରସ୍ତ ହେବା ପଛରେ ଅଶରୀରୀ ସେଇ କଙ୍କାଳର ପ୍ରଭାବ ହିଁ ବେଶି । ସାତଶହ ବର୍ଷ ଧରି ଘୋର ଅରଣ୍ୟ ଭିତରେ ମୁହଁ ଲୁଚାଇ କଙ୍କାଳ ତା'ର ପ୍ରିୟ କୋଣାର୍କକୁ ଏକାଗ୍ର ଚିତ୍ତରେ ଜଗି ରହିଛି । ଜଙ୍ଗଲ ଭିତରେ ରାସ୍ତା ନିର୍ମାଣ ଫଳରେ କଙ୍କାଳର ଶାନ୍ତି ଭଙ୍ଗହେଇଛି । ତା'ର ଏକାଗ୍ରତା ନଷ୍ଟ ହେଇଛି । ବେଳାଭୂମି ରାସ୍ତା ନିର୍ମାଣ ପଥରେ ସେ ତେଣୁ ପ୍ରତିବନ୍ଧକ ସୃଷ୍ଟି କରିଛି । ସେ ଯେମିତି ନିର୍ଜ୍ଜନ ରାତିରେ ସମୁଦ୍ରର ଗର୍ଜ୍ଜନ ସଙ୍ଗେ ସ୍ୱର ମିଳାଇ ଅଟ୍ଟହାସ୍ୟ କରୁଛି । ଝାଉଁବଣର ମର୍ମର ଧ୍ୱନି ଭିତରେ କହୁଛି—"ହେ କୋଣାର୍କ ଶିଳ୍ପୀର ବଂଶଧର—ସାତଶହ ବର୍ଷ ତଳର ଭଗ୍ନ କୋଣାର୍କ ଏବେ ବି ନିଖୁଣ କାରୁକାର୍ଯ୍ୟର ସମ୍ଭାର ଧରି ବିଶ୍ୱବାସୀଙ୍କୁ ସ୍ତମ୍ଭୀଭୂତ କରେ । ତାକୁ ମୁଁ ଜଗି ବସିଥିଲି ବର୍ଷ ବର୍ଷ ଧରି । ଖରା, ବର୍ଷା, ଝଡ଼, ତୋଫାନ ଭିତରେ ଏଇ ନିଘଞ୍ଚ ଝାଉଁବଣ ହିଁ ଥିଲା ମୋର ନିର୍ଜ୍ଜନ ଶାନ୍ତିମୟ ବାସସ୍ଥଳୀ । ତମେ ଯଦି କୋଣାର୍କର ସୁରକ୍ଷା କରିପାରିବ ନାହିଁ ମୋର ଶାନ୍ତିଭଙ୍ଗ କଲ କାହିଁକି ? ମୋର

Digitized by srujanika@gmail.com

ଏକାଗ୍ରତା ନଷ୍ଟ କଲ କାହିଁକି ? କୋଣାର୍କ ଭାଙ୍ଗି ପଡୁଛି—କୋଣାର୍କ ଧୀରେ ଧୀରେ ଢଳି ପଡୁଛି ସୁରକ୍ଷା ଅଭାବରେ । ଏବେ ମୋର ଆତ୍ମାକୁ ଶାନ୍ତି ଦେବ କିଏ ? ମୋର—ମୁକ୍ତି କେବେ ?''

ଶୂନ୍ୟକୁ ଚାହିଁ କୁଶଭଦ୍ରା ମାଉସୀ ନିର୍ବାକ ହେଇଗଲା । ଆଉ ତା'ର ସ୍ୱର ଶୁଭିଲା ନାହିଁ । ସେ ବାକ୍‌ଶକ୍ତି ହରାଇ ବସିଛି । ଆଉ ତା'ର ମୁଖ ଖୋଲିବ ନାହିଁ ।

ସତ୍ୟ ହେଉ ବା ମିଥ୍ୟା ହେଉ କୋଣାର୍କ ନିର୍ମାଣ ସମ୍ବନ୍ଧୀୟ ଏକ ମୂଲ୍ୟବାନ କିମ୍ବଦନ୍ତୀ ଅଶ୍ରୁତ ରହିଗଲା ।

ବହୁ ମୂଲ୍ୟବାନ ଇପ୍‌ସିତ ପଦାର୍ଥ ହାତଛଡ଼ା ହେଇଯିବା ପରି, ଚାର୍ଲସ ଏବଂ ପ୍ରାଚୀ ନୈରାଶ୍ୟରେ ନିର୍ବାକ ହେଇ ବସିଥାନ୍ତି ।

ଚାର୍ଲସର ଇଚ୍ଛା ହେଉଥାଏ କୁଶଭଦ୍ରା ବୁଢ଼ୀର ହୃଦୟର ଚାବିକାଠି ଖୋଜିଆଣି ତା' କାହାଣୀର ଗନ୍ତାଘର ଖୋଲି ତା' ଭିତରେ ହଜିଯିବା ପାଇଁ ।

ଇଣ୍ଡିଆର ଏମିତି ଅନେକ କାହାଣୀ, କିମ୍ବଦନ୍ତୀ ଚାର୍ଲସକୁ ବେଳେବେଳେ ସତ୍ୟ ମନେହୁଏ ।

କୁଶଭଦ୍ରା ଇଙ୍ଗିତରେ ଚାର୍ଲସକୁ ପାଖକୁ ଡାକୁଛି । ଚାର୍ଲସ ବୁଢ଼ୀ ପାଖକୁ ଘୁଞ୍ଚିଗଲା । ବୁଢ଼ୀ ଇଙ୍ଗିତ କରି କହୁଛି ତା'ର ପଣତ କାନିରୁ କିଛି ଖୋଲିନେବା ପାଇଁ । ଚାର୍ଲସ କୁଣ୍ଠିତ ହୋଇ ବସିଛି । ପ୍ରାଚୀ ଅତି ଯତ୍ନରେ କୁଶଭଦ୍ରା ମାଉସୀର ପଣତକାନିରୁ ଖୋଲିଲା ଛୋଟିଆ କରାଟଟିଏ । କ'ଣ ଅଛି ତା ଭିତରେ ? ବୁଢ଼ୀ ହୃଦୟର ଚାବିକାଠି ?

କରାଟ ଖୋଲି ବିସ୍ମିତ ହୋଇଗଲା ପ୍ରାଚୀ । କରାଟ ଭିତରେ ସରୁ ହୋଇ ଛୋଟ ଲୁହାର ଚାବିକାଠିଟିଏ । ଚାର୍ଲସ ସ୍ତବ୍ଧ ହେଇ ଭାବୁଥାଏ ସତକୁ ସତ ଇଣ୍ଡିଆରେ ଲୋକମାନଙ୍କ ହୃଦୟର ଚାବିକାଠି କ'ଣ ଏତେ ସହଜରେ ମିଳିଥାଏ !

ଚାର୍ଲସ ଚାବିକାଠି ଖୋଜୁଛି ବୋଲି କୁଶଭଦ୍ରା ମାଉସୀ ଜାଣିଲା କେମିତି ? ବୁଢ଼ୀ ଚାର୍ଲସକୁ ପୁଅ ବୋଲି ସମ୍ବୋଧନ କରେ । ଏଠି ମା'ମାନେ କ'ଣ ଏମିତି ପିଲାମାନଙ୍କ ମନର କଥା ନିର୍ଦ୍ୱନ୍ଦ୍ୱରେ ପଢ଼ିପାରନ୍ତି ।

ଚାର୍ଲସ ହାତକୁ ଚାବିକାଠି ବଢ଼ାଇଦେଲା ପ୍ରାଚୀ । ଚାର୍ଲସ ରୋମାଞ୍ଚିତ ହେଇ ଉଠୁଥାଏ ଗୋଟାଏ ଅକଳ୍ପନୀୟ ଆବେଗରେ । ଚାବିଟିକୁ ଧରି ପ୍ରାଚୀକୁ ଚାହିଁ ପ୍ରଶ୍ନକଲା—''କ'ଣ କରିବି ?''

Digitized by srujanika@gmail.com

କୁଶଭଦ୍ରା ବୁଢ଼ୀ ପୁଣିଥରେ ଇଙ୍ଗିତ କରି ଘର କୋଣରେ ଥିବା ଗୋଟାଏ ଜୀର୍ଣ୍ଣ, କଳଙ୍କିଲଗା ଲୁହାର ଛୋଟ ବାକ୍‌ସକୁ ଦେଖାଇଦେଲା ।

ଚିତ୍ରୋତ୍‌ପଳା ଏତେବେଳେକେ ଉତ୍ସାହିତ କଣ୍ଠରେ କହିଲା—''ସେଥିରେ ଖାଲି ସୁନାମୋହର ଅଛି । ରାଜା ନରସିଂହଦେବ ଉପହାର ଦେଇଥିଲେ କୋଣାର୍କ ଶିଳ୍ପୀ ବୁଢ଼ାର ପୁଅମାନଙ୍କୁ । ବୁଢ଼ୀ ତାକୁ କାଳ କାଳ ଧରି ସଞ୍ଚିଛି । ବେଗୁନିଆ ଗାଁର ଦକ୍ଷିଣେଶ୍ୱର ମନ୍ଦିର ପାଖରେ ବୁଢ଼ୀର ପୂର୍ବପୁରୁଷ ରହୁଥିଲେ । ଗାଁ ଛାଡ଼ି କୋଣାର୍କ ପାଖ ଖେରଙ୍ଗ ଗାଁକୁ ଆସିବା ଦିନ ବୁଢ଼ୀ ଗୋଟିଏ ଲୋକକୁ ମୂଲ ଦେଇ ବକ୍‌ସଟାକୁ ଆଣିଥିଲା ବୋଲି ପୁରୁଖା ଲୋକେ କହନ୍ତି । ବାକ୍‌ସଟିକୁ ବୁଢ଼ୀ ସବୁଦିନ ପୂଜା କରେ । ସନ୍ଧ୍ୟା ଦୀପ ଜାଳେ ।''

ପ୍ରାଚୀ ଏବଂ ଚାର୍ଲସ ବାକ୍‌ସଟାକୁ ଚାହିଁ ରହିଥାନ୍ତି । ବାକ୍‌ସ ଉପରେ ବର୍ଷ ବର୍ଷର ସଞ୍ଚିତ ସିନ୍ଦୂର ଦାଗ ଏବଂ ଚନ୍ଦନର ଛିଟା । କୁଶଭଦ୍ରା ମାଉସୀର ପ୍ରାଚୀନ ଦେହରେ ବୟସର ବୁଢ଼ୀଆଣୀ ଜାଲ ଭଳି ଚନ୍ଦନର ଛିଟା ଲୋଳିତ ଚର୍ମ ଉପରି ଓହଳି ପଡ଼ିଥାଏ ସ୍ତର ସ୍ତର ହେଇ ।

ବାକ୍‌ସ ଖୋଲିବା ପାଇଁ ବୁଢ଼ୀ ଇଙ୍ଗିତ କରୁଥାଏ । ଚାର୍ଲସ ନିସ୍ପନ୍ଦ ହେଇ ବସିଥାଏ । ଯଦିବା ଚିତ୍ରାର କଥା ସତ୍ୟ ହୁଏ, ତେବେ ସୁନାମୋହର ନେଇ ଚାର୍ଲସ କ'ଣ କରିବ ? ଏଭଳି ଅନଧିକାର କାର୍ଯ୍ୟରେ ସେ ହାତ ଦେବ କାହିଁକି ? ଚାର୍ଲସ ଭାବୁଥାଏ ସେଇ ସୁନାମୋହରଗୁଡ଼ିକରୁ ଗୋଟିଏ ଯଦି ବୁଢ଼ୀ ତାକୁ ଦାନ କରି ଦିଅନ୍ତା, ତେବେ ସେଥିରେ ଚିତ୍ରୋତ୍‌ପଳାର ବିବାହ କାର୍ଯ୍ୟ ସମ୍ପନ୍ନ କରି ଚାର୍ଲସ ନିଜକୁ ଧନ୍ୟ ମଣନ୍ତା । ପୂଣ୍ୟଭୂମି ଭାରତରେ ସେଇ ହୁଅନ୍ତା ଚାର୍ଲସର ଶ୍ରେଷ୍ଠ ପୁଣ୍ୟ କାର୍ଯ୍ୟ । କିନ୍ତୁ ସେ ଯେ ଜଣେ ବିଦେଶୀ—ମ୍ଲେଚ୍ଛ ! ମୃତ୍ୟୁ ପଥର ଯାତ୍ରିଣୀ ବୁଢ଼ୀଟି ପୁଣ୍ୟ ଅର୍ଜ୍ଜନ ନିମନ୍ତେ ତାକୁ ସ୍ୱର୍ଣ୍ଣମୋହର ଦାନ କରିବ ନାହିଁ—ଏକଥା ସତ୍ୟ ।

ପ୍ରାଚୀ ଚାର୍ଲସ ହାତରୁ ଚାବିଟି ନେଇ ବାକ୍‌ସ ଖୋଲିଲା । ବହୁ କଷ୍ଟରେ କଳଙ୍କି ଲଗା ବାକ୍‌ସଟି ଅଳ୍ପ ଶବ୍ଦ କରି ଖୋଲିଗଲା ।

ବାକ୍‌ସ ଭିତରେ ସ୍ୱର୍ଣ୍ଣମୋହର ନଥିଲା । ଥିଲା ଅମୂଲ୍ୟ ରତ୍ନର ସ୍ତୂପ ।

ପରସ୍ତ ପରସ୍ତ ହେଇ ସାତ ପରସ୍ତ ଜୀର୍ଣ୍ଣ ପାଟକନାରେ ଗୁଡ଼ାହେଇ ରହିଛି କେତେଗୁଡ଼ିଏ ତାଳପତ୍ର ପୋଥି ।

ଚିତ୍ରୋତ୍‌ପଳା ମୁହଁ ମୋଡ଼ି ଦେଇ ବେଖାତିର ଭାବେ ହସିଦେଲା । କହିଲା—''ଏଇ ତାଳପତ୍ରଗୁଡ଼ାକ ଏତେକାଳ ଧରି ବୁଢ଼ାଟା ସଞ୍ଚିଥିଲା ଫୁଲ ସିନ୍ଦୂର ଦେଇ ! ବୁଢ଼ାଟାର ମତିଭ୍ରମ ହୋଇଥିଲା କି କ'ଣ ?''

Digitized by srujanika@gmail.com

ଚାର୍ଲସ ଭାବାବିଷ୍ଟ ହେଇ ବସିଥିଲା । ପ୍ରାଚୀ କହିଲା—''ଆଶ୍ଚର୍ଯ୍ୟ ! ଏତେ କାଳର ସଞ୍ଚିତ ପୋଥି ଶେଷକୁ ସାହେବଙ୍କ ହାତରେ ଦେଇଗଲା କୁଶଭଦ୍ରା ମାଉସୀ ! ଚାର୍ଲସ ଉପରେ ତା'ର ଏତେ ବିଶ୍ୱାସ—ଏତେ ଆସ୍ଥା !''

ଚିତ୍ରୋତ୍ପଳା କହିଲା—''ସବୁଦିନ ବାକ୍‌ସଟାକୁ ପୋଛିଲାବେଳେ କୁଶୀ ମାଉସୀ ଗୁଣୁ ଗୁଣୁ ହେଇ କହେ, ''ଚିତିରା ଲୋ—ତା' ଭିତରେ ସୁନାମୋହର ଅଛି । ଯାହା ଉପରେ ବିଶ୍ୱାସ ଆସିବ ତା'ରି ହାତରେ ଟେକିଦେଇଯିବି ମଲା ପୂର୍ବରୁ । ଯାହା ହାତରେ ଟେକିଦେବି ସେ ଯେମିତି ତାକୁ ବିକି ଭାଙ୍ଗି ଖାଇନଦିଏ । ସେ ତାକୁ ପୂଜା କରିବ—ଠିକ୍ ମୋରି ଭଳି । ସେ ପରା ମୋ ପୁଅ ନାତିଙ୍କର ବଂଶ ଗୌରବର କଥା ! ସୁନା ମୋହର ଉପରେ ଏ ଜାତିର କେତେ ତ୍ୟାଗର କାହାଣୀ ଲେଖାଯାଇଛି.....''

ଚିତ୍ରା ହସିପକାଇଲା । କହିଲା—''ତାଳପତ୍ର ପୋଥି ଆଉ ସୁନାମୋହର ।''

ପ୍ରାଚୀ ଅତି ଯତ୍ନରେ ପୋଥିତକ ଏକତ୍ର କରି ମୁଣ୍ଡରେ ଲଗାଇଲା । ଚାର୍ଲସ ବୁଢ଼ୀର ଶୀତଳ ହେଇ ଆସୁଥିବା ଶୀର୍ଣ୍ଣ ହାତଟାକୁ ମୁଠାଇ ଧରି ବାରମ୍ବାର କହୁଥିଲା, ''ମୁଁ ପ୍ରତିଜ୍ଞା କରୁଛି—ଏ ଜାତିର ମହାନ୍ ପରମ୍ପରାକୁ ପୂଜା କରିବି । ସମ୍ମାନ ଦେବି ।''

ପ୍ରାଚୀ ବୁଢ଼ୀ ପାଟିରେ ନିର୍ମାଲ୍ୟ ପାଣି ଦେବାପାଇଁ ଚାର୍ଲସକୁ କହିଲା । ଚିତ୍ରୋତ୍ପଳା ନିର୍ମାଲ୍ୟ ପାଣି ଆଣିଲା । ଚାର୍ଲସ ବୁଢ଼ୀ ପାଟିରେ ପାଣି ଟୋପାଏ ଦେଉ ଦେଉ ବୁଢ଼ୀ ପରମ ଶାନ୍ତିରେ ଆଖି ବୁଜିଦେଲା । ଚାର୍ଲସର ଆଖି ଦେଇ ମାତ୍ର ବିନ୍ଦୁଏ ଜଳ ଝରି ପଡ଼ିଲା ବୁଢ଼ୀର ଶୀର୍ଣ୍ଣ ଶୀତଳ କପାଳରେ ।

ଚାର୍ଲସ ଆସ୍ତେ କହିଲା—''ମୁଁ ମୁଖାଗ୍ନି ଦେବି । ଏଥିରେ କାହାର କିଛି ଆପତ୍ତି ନାହିଁ ତ ?''

ପ୍ରାଚୀ ଆର୍ଦ୍ର କଣ୍ଠରେ କହିଲା—''କୁଶଭଦ୍ରା ମାଉସୀ ଜାତି, ଧର୍ମ, ବର୍ଣ୍ଣ ଏବଂ ସମସ୍ତ ପ୍ରକାର ବିତର୍କର ବହୁ ଉର୍ଦ୍ଧ୍ୱରେ । ତମେ ମୁଖାଗ୍ନି ଦେଲେ ତା'ର ଆତ୍ମାକୁ ଶାନ୍ତି ମିଳିବ । ଓଡ଼ିଶା ଜଗନ୍ନାଥର ଦେଶ । ସର୍ବ ଧର୍ମ ସମନ୍ୱୟର ପବିତ୍ର ପୀଠସ୍ଥଳୀ ।''

ଚିତାନିଆଁର କଳା କଳା ଧୂଆଁ, କୁଣ୍ଡଳୀ ହେଇ ଉଠୁଥାଏ ଆକାଶକୁ । ଆକାଶେ ଆକାଶେ ମିଶୁଥାଏ ମହାଶୂନ୍ୟରେ । ଶୁଭ୍ର ସୂର୍ଯ୍ୟାଲୋକ ଭିତରେ କଳାଧୂଆଁ ସବୁ ଆସ୍ତେ ଆସ୍ତେ ପତଳା ହେଇ ମିଶିଯାଉଥାଏ, କଳା ଏବଂ ଧଳା ଭିତରେ କିଛି ବି ସୀମାରେଖା ନରଖି ।

ଚାର୍ଲସ ଭାବୁଥାଏ ପରମାତ୍ମା ଅଦ୍ୱିତୀୟ, ଆତ୍ମା ଏକ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ମଣିଷ ସମାନ । ପୃଥିବୀ ସମସ୍ତଙ୍କର—ତେବେ ବି ମଣିଷ ମଣିଷ ଭିତରେ କେତେ ବିଭେଦ !

Digitized by srujanika@gmail.com

କୋଣାର୍କ ମଠର ଧୂନିଗୃହରେ ବିଷ୍ଣୁ ମହାରଣା ତାଳପତ୍ର ପୋଥି ଓଲଟାଇଛେ । ଖାତା ଏବଂ କଲମ ଧରି ବସିଥିଛେ ପ୍ରାଚୀ ଏବଂ ଚାର୍ଲସ । କୁଶଭଦ୍ରା ମାଉସୀର ସଞ୍ଚିତ ପୋଥିରୁ ମଣି ମୁକ୍ତା ସାଉଁଟିନେବେ ସେମାନେ, ନିଜନିଜର ଆବଶ୍ୟକତା ଅନୁଯାୟୀ ।

ପୋଥି ପାଠ ପୂର୍ବରୁ ବିଷ୍ଣୁ ମହାରଣା କହିଛେ—''କୁଶଭଦ୍ରା ବୁଢ଼ୀର ପୂର୍ବବର୍ତ୍ତୀ ବଂଶଧରମାନେ ଭାସ୍କର ଥିଲେ । କେତେ ପୁରୁଷ ତଳେ କେଜାଣି କେହିଜଣେ ଲେଖିଥିଛେ ଅନୁଭୂତିପୂର୍ଣ୍ଣ କୋଣାର୍କ ଇତିହାସ । ତା' ପରକୁ ପର ଅନ୍ୟ ବଂଶଧରମାନେ ସେଇ ତାଳପତ୍ର ପୋଥିକୁ ଅତି ଯତ୍ନରେ ଇଷ୍ଟଦେବଙ୍କ ସ୍ତୋତ୍ର ଭଳି ପୂଜା କରିଆସୁଥିଛେ । ପୋଥି ଜୀର୍ଣ୍ଣ ହେଇଗଲେ ପୁନର୍ବାର ନୂତନଭାବେ ତାଳପତ୍ରରେ ସେଇ ଇତିହାସକୁ ଲେଖୁଥିଛେ । ପୁରାତନ ଜୀର୍ଣ୍ଣ ପୋଥିକୁ ଉଜାଇଁ ଦେଉଥିଛେ ଚନ୍ଦ୍ରଭାଗା ମୁହାଣରେ । ବର୍ତ୍ତମାନର ପୋଥି ଶେଷଥର ପାଇଁ ଶହେବର୍ଷ ତଳେ ଲେଖାହୋଇଥିଲା । ଲେଖିଥିଲେ କୁଶଭଦ୍ରାର ସ୍ୱାମୀ ଶିଳ୍ପୀ ଲକ୍ଷ୍ମଣ ମହାରଣା । ବୁଢ଼ୀ ବାଲ୍ୟବିଧବା ହୋଇ ସାରାଜୀବନ ସ୍ୱାମୀ ହାତଲେଖା ପୋଥିକୁ ପୂଜାକରି ଏତେକାଳ ବଞ୍ଚିରହିଥିଲା । ସ୍ୱାମୀ ଘରକୁ ଆସିବା ବେଳକୁ ବୁଢ଼ୀର ଶାଶୂ ଏବଂ ଏକମାତ୍ର ଦିଅର ବଞ୍ଚିଥିଲେ । ସେମାନେ ବି ବର୍ଷ ଦୁଇଟାରେ ଡକାଡକି ହୋଇ ଚାଲିଗଲେ । ସେଇ କାଳରୁ ବୁଢ଼ୀ ଏକା—ସ୍ୱାମୀ, ସନ୍ତାନ, ପରିବାରହୀନ । ବୁଢ଼ୀର ସମ୍ପତ୍ତି ମାତ୍ର ଏତିକି । ସ୍ୱାମୀର ସନ୍ତକ । ବୁଢ଼ୀ ସ୍ୱାମୀକୁ ଦେଖିନାହିଁ ଜୀବନରେ । ସାତ ବର୍ଷ ବେଳେ ଛବିଶ ବର୍ଷ ବୟସ୍କ, ଲକ୍ଷ୍ମଣ ମହାରଣା ସହ ତା'ର ହାତଗଣ୍ଠି ପଡ଼ିଥିଲା । ନଅ ବର୍ଷ ବେଳେ ସେ ବନ୍ଧନ ଛିନ୍ନ ହୋଇଗଲା ଲକ୍ଷ୍ମଣ ମହାରଣାର ଅକାଳ ମୃତ୍ୟୁରେ । ବୁଢ଼ୀ ଶାଶୂଘରକୁ ଆସିଲା ସ୍ୱାମୀର ମୃତ୍ୟୁ ପରେ ।

ସାରାଜୀବନ ମୁହଁଟାଣ କରି, ସାରା ପୃଥିବୀର ମଣିଷଙ୍କୁ ପୁଅ ଝିଅ, ନାତି ନାତୁଣୀ କହି ବୁଢ଼ୀ କେତେ ସୁନ୍ଦରଭାବେ ଜୀବନର ଦୁଃସହ ବୋଝକୁ ଏକା ଏକା ଦୀର୍ଘ ପଥରେ ବୋହିନେଲା । ସେତ ତାଳପତ୍ର ପୋଥିକୁ କିଣିନେବା ପାଇଁ ଅନେକ ଗବେଷକ ବୁଢ଼ୀର ଦ୍ୱାରସ୍ଥ ହେଇଛନ୍ତି । ଚାହିଁଥିଲେ ବୁଢ଼ୀ ସେତିକି ବଦଳରେ ଅଜସ୍ର ଅର୍ଥଲାଭ କରି ଆରାମରେ ଚଳିପାରିଥାନ୍ତି କିଛିଦିନ । ଅଥଚ ବୁଢ଼ୀ ଉତ୍ତର ଦିଏ—''ଇଷ୍ଟଦେବଙ୍କୁ ବିକ୍ରୀକରି ଅର୍ଥ ଉପାର୍ଜନ କରାଯାଏନି । ସ୍ୱାମୀ ବୋଇଛେ ମୁଁ ଜାଣେ ମାତ୍ର ଏତିକି । ସ୍ୱାମୀଙ୍କର ସନ୍ତକକୁ ବିକ୍ରୀ କରିଦେଲେ ମୁଁ ଯେ ନିର୍ବଳ ହୋଇଯିବି । କାହା ଆଶ୍ରା ଧରି ଆଗକୁ ବଞ୍ଚିବି ? ମହାମାରୀରେ ଶାଶୂ ଦିଅର ମରିଯିବା ପରେ ବୁଢ଼ୀ ବେଗୁନିଆ ଗାଁ ଛାଡ଼ି ଆସିଥିଲା ଖେରଙ୍ଗ । ତା' ପୂର୍ବପୁରୁଷର ହାତଗଢ଼ା ସନ୍ତାନ ସେ—ସେଇ ହୋଇଥିଲା ବୁଢ଼ୀ ଜୀବନର ସହାୟକ ।''

ଚାଲର୍ସ ବିସ୍ମୟରେ ସ୍ତମ୍ଭୀଭୂତ ହେଇ ଭାବୁଥିଲା—''ସାତବର୍ଷର ବାଳିକା ବିଭା ହେଇପାରେ—ନଅ ବର୍ଷରେ ସେ ପୁଣି ହେଇପାରେ ବିଧବା । ପୁଣି ସାରାଜୀବନ ସ୍ୱାମୀ

Digitized by srujanika@gmail.com

ହାତର କେତେ ଫର୍ଦ୍ଦ ଅବୁଝା ଅକ୍ଷରକୁ ସମ୍ବଳ କରି ସେ ସାରାଜୀବନ ବି କାଟିଦେଇପାରେ କାମ, କ୍ରୋଧ, ଲୋଭ ମୋହକୁ ଜୟ କରି । ଏସବୁ କେବଳ ଯେମିତି ଇଣ୍ଡିଆରେ ହିଁ ସମ୍ଭବ । ଇଣ୍ଡିଆ—ଅଲୌକିକ, ଇଣ୍ଡିଆ ରହସ୍ୟମୟ, ଇଣ୍ଡିଆ ମହାନ ।

ପ୍ରାଚୀ ଭାବାବିଷ୍ଟ ହେଇ ବସିଥାଏ । ଆଖି ଛଳ ଛଳ । କୁଶଭଦ୍ରା ମାଉସୀର ସାରା ଜୀବନର କଷ୍ଟ ସେ ଯେମିତି ନିଜ ଦେହର ପ୍ରତିଟି ଜୀବକୋଷରେ ଅନୁଭବ କରୁଥାଏ । ଚାର୍ଲସ କୁଶଭଦ୍ରାକୁ ଦେବୀର ଆସନରେ ବସାଇ ପୂଜା କରିପାରେ—ମାତ୍ର ତା'ର ନିସଙ୍ଗତାର କଷ୍ଟ, ଦୁଃଖ, ଯନ୍ତ୍ରଣା ଏବଂ ହାହାକାର କେବଳ ବୁଝିପାରେ ପ୍ରାଚୀ । ଇଣ୍ଡିଆର ମହାନତା ତଳେ କେତେ ଯେ ଉତ୍ସର୍ଗୀକୃତ ଜୀବନର ତ୍ୟାଗ ଲୁଚିରହିଥାଏ ସେ କଥା ଜାଣେ ପ୍ରାଚୀ । କାରଣ ପ୍ରାଚୀର ଜନ୍ମ ଇଣ୍ଡିଆରେ ଏବଂ ସେ ଭାରତୀୟ ନାରୀ—ସୃଷ୍ଟିର ପ୍ରତୀକ—ମାତୃ ଜାତି । ତ୍ୟାଗପୂତ ଜୀବନ ଭାରତୀୟ ନାରୀର ଅତୀତ ପରମ୍ପରା । ତ୍ୟାଗ ଏବଂ ଯନ୍ତ୍ରଣା ଯେମିତି ହାତଧରି ହେଇ ବାଟଚାଲନ୍ତି ।

ପ୍ରଣାମ କରି ବିଷ୍ଣୁ ମହାରଣା ପୋଥି ପଢ଼ା ଆରମ୍ଭ କଲେ—

ବାରଶହ ପଇଁଚାଳିଶ ମସିହା । ଇତିହାସ ପ୍ରସିଦ୍ଧ ଲକ୍ଷ୍ମଣାବତୀ ଯୁଦ୍ଧରେ, ବଙ୍ଗ ସୁଇଡାନ ଏବଂ ଦିଲ୍ଲୀର ଅମୀରଙ୍କ ମିଳିତ ବିରାଟ ଶକ୍ତିକୁ ସଂପୂର୍ଣ୍ଣରୂପେ ପରାଜିତ କଲେ ପ୍ରବଳ ପ୍ରତାପୀ ଗଙ୍ଗ ସମ୍ରାଟ ନରସିଂହଦେବ । ହମ୍ମୀର ମାନମର୍ଦ୍ଦନ, ଦିଲ୍ଲୀ-ବିଭଞ୍ଜନରଣ ଇତ୍ୟାଦି ଗର୍ବ ଓ ଗୌରବୋଜ୍ଜ୍ୱଳ ପଦବୀରେ ସେ ହେଲେ ବିଭୂଷିତ । କବି ବିଦ୍ୟାଧର 'ଏକାବଳୀ' କାବ୍ୟରେ ଏବଂ କବି ତିଣ୍ଡିମଦେବ ଆଚାର୍ଯ୍ୟ 'ଭକ୍ତି ଭାଗବତ ମହାକାବ୍ୟମ୍'ରେ ଲିପିବଦ୍ଧ କଲେ ରାଜାଙ୍କର ଶୌର୍ଯ୍ୟ ଓ ବୀର୍ଯ୍ୟର କାହାଣୀ ।

ଏ ଯୁଦ୍ଧର ବିଜୟ କଳିଙ୍ଗ ଜାତିର ଏକ ଐତିହାସିକ ବିଜୟ । ସେ ବିଜୟର ସ୍ମୃତି ସ୍ତମ୍ଭ ସ୍ୱରୂପ, ଚନ୍ଦ୍ରଭାଗା ମୁହାଣ ନିକଟରେ ସମଗ୍ର ଭାରତର ଉତ୍ତମ, ଆପାଦମସ୍ତକ କମନୀୟ କାରୁକାର୍ଯ୍ୟ ଖଚିତ ବିଶ୍ୱବିଖ୍ୟାତ ସୂର୍ଯ୍ୟମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପିତ ହେଲା ବାରଶହ ବୟାଳିଶ ମସିହାରେ ।

କୋଣାର୍କ ମନ୍ଦିର ନିର୍ମାଣ ପାଇଁ ପଥରବୁହା ନଦୀପଥ ଦେଇ ବହୁଦୂରସ୍ଥ ପାହାଡ଼ ପର୍ବତରୁ ଆସିଲା ଚିତ୍ରକୁଦା, କୋରାଣ୍ଡିମାଳିଆ, ମାଙ୍କଡ଼ା, ରୋଗଡ଼ା ପଥର । ଶ୍ୱେତ, କୃଷ୍ଣ, ନୀଳ ରଙ୍ଗର ମୁଗୁନିପଥର ଆସଲା ନୀଳଗିରି ଏବଂ ସୁଦୂର ଗଡ଼ଜାତ ଅଞ୍ଚଳରୁ । ନବଗ୍ରହପାଟ ନିର୍ମାଣ ନିମନ୍ତେ ଆସିଲା ଛଅଶହ ବୟାଳିଶ ମହଣ ଓଜନର ଶିଳାଖଣ୍ଡ । ମନ୍ଦିର ଉପରିସ୍ଥ କଳସ ନିମନ୍ତେ ପଚିଶଫୁଟ ଉଚ୍ଚ ଏବଂ ଛପନ ହଜାର ମହଣ ଓଜନର ଶିଳାଖଣ୍ଡ ଏକଶତ ମାଇଲରୁ ଊର୍ଦ୍ଧ୍ୱ ଦୂରରୁ ଜଳପଥ ଦେଇ ଅଣାଗଲା ।

Digitized by srujanika@gmail.com

ବିଷ୍ଣୁ ମହାରଣା ଆତ୍ମପ୍ରାସାଦର ହସ ହସୁ ହସୁ କହିଲେ—''ଜାଣ ସାହେବ, ନବଗ୍ରହପାଟର ଏକ ତୃତୀୟାଂଶକୁ ମାତ୍ର ଦୁଇ ମାଇଲ ନେବାପାଇଁ ଇଂରେଜ ସରକାରଙ୍କର ଆଧୁନିକ ବିଜ୍ଞାନର ସମସ୍ତ କୌଶଳ ବ୍ୟର୍ଥ ହୋଇଯାଇଥିଲା । ଏହାକୁ କଲିକତା ମିଉଜିୟମକୁ ନେଇଯିବା ଆଶା ପଣ୍ଡ ହେଇଯାଇଥିଲା । ଅଥଚ ଦୁଇଶହ ଟନ୍ ଓଜନର ଶିଳାଖଣ୍ଡ ଏକଶହ ମାଇଲରୁ ଊର୍ଦ୍ଧ୍ୱ ଦୂରରୁ ଅଣାଯାଇ ଦୁଇଶହଫୁଟ ଉଚ୍ଚରେ ମନ୍ଦିର ଚୂଡ଼ାରେ ଅବସ୍ଥାପିତ କରାଯାଇଥିଲା । ଏକଥା ତମେ ବିଶ୍ୱାସ କରିପାରୁଛ ? ମନ୍ଦିର ଉଦ୍ଧାର ସମୟରେ ଆଧୁନିକ ବିଜ୍ଞାନ ଜଗତର ଦକ୍ଷ ଇଞ୍ଜିନିୟରମାନେ ବେଢ଼ା ମଧ୍ୟରେ ବିଚ୍ଛିନ୍ନ ହୋଇପଡ଼ିଥିବା ଶିଳାଖଣ୍ଡକୁ ବାହାରକୁ ଆଣିବା କଷ୍ଟକର ମନେକରି ସେଗୁଡ଼ିକୁ ଖଣ୍ଡ ଖଣ୍ଡ କରି କାଟି ବାହାରକୁ ସ୍ଥାନାନ୍ତରିତ କରିଥିଲେ ।''

ଚାର୍ଲସ ବିସ୍ଫାରିତ ନେତ୍ରରେ ଚାହିଁଥାଏ । ସେ ଭାବୁଥାଏ କୋଣାର୍କ ଯୁଗରେ ଉତ୍କଳୀୟ ଶିଳ୍ପୀଙ୍କର ନିର୍ମାଣ କୌଶଳ ଏବଂ ଇଞ୍ଜିନିୟରିଂ ବୁଦ୍ଧି କେତେ ଉଚ୍ଚକୋଟିର ଥିଲା, ଯାହା ଫଳରେ ସେମାନେ ଶହଶହ ମାଇଲ ଦୂରରୁ ବିରାଟ ଶିଳାଖଣ୍ଡମାନ ବୋହି ଆଣି ମନ୍ଦିର ଉପରକୁ ଅକ୍ଲେଶରେ ଉଠାଇ ନେଉଥିଲେ । ଧନ୍ୟ ଉତ୍କଳୀୟ ଶିଳ୍ପୀ ! ତମେ ନମସ୍ୟ ! ତମେ ଗୁରୁ ! ତମେ ମହାନ୍ !

ବିଷ୍ଣୁ ମହାରଣା ପୁଣି ଆରମ୍ଭ କଲେ—

ବାରଶହ ଶିଳ୍ପୀ କୋଣାର୍କ ନିକଟବର୍ତ୍ତୀ ଅଞ୍ଚଳରେ ବସାବାନ୍ଧି ରହିସାରିଥାନ୍ତି । ମନ୍ଦିରର ନକ୍ସା ଅନୁସାରେ ସେମାନଙ୍କ ଭିତରେ ମନ୍ଦିରର ବିଭିନ୍ନ ଅଂଶର କାର୍ଯ୍ୟ ବାଣ୍ଟି ଦିଆଯାଇଥାଏ । ନିର୍ଦ୍ଦିଷ୍ଟ ଦିନକୁ ସେମାନଙ୍କର କାର୍ଯ୍ୟ ସେମାନେ ସଂପୂର୍ଣ୍ଣ କରିବାପାଇଁ ନିର୍ଦ୍ଦେଶ ରହିଥାଏ । ମନ୍ଦିର ପ୍ରତିଷ୍ଠାର ଦିନ, ମନ୍ଦିର ଆରମ୍ଭରୁ ଦ୍ୱାଦଶବର୍ଷ ଅର୍ଥାତ୍ ବାରଶହ ଅଠାବନ ଖ୍ରୀଷ୍ଟାବ୍ଦର ବୈଶାଖ କୃଷ୍ଣ ଅଷ୍ଟମୀ ଦିନକୁ ଧାର୍ଯ୍ୟ ହୋଇଥାଏ ।

ଚାର୍ଲସ ପ୍ରଶ୍ନକଲା —''ବିଭିନ୍ନ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ଭିନ୍ନ ଭିନ୍ନ ଅଂଶକୁ ମିଶାଇ କୋଣାର୍କ ମନ୍ଦିର ଗଠିତ ହେବା ବଡ଼ ବିଚିତ୍ର କଥା । ବିଭିନ୍ନ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ଭିନ୍ନ ଭିନ୍ନ ଅଂଶର ସଞ୍ଜୋଜନାରେ ପୂର୍ଣତା ପ୍ରକାଶ ପାଇବା ଉତ୍କଳୀୟ ଶିଳ୍ପୀର ଶିଳ୍ପ ପରାକାଷ୍ଠା, ଏକାଗ୍ର ଶିଳ୍ପ ସାଧନା, ଚିନ୍ତା ଏବଂ ଭାବନାରେ ସାମ୍ୟର ଜ୍ୱଳନ୍ତ ନିଦର୍ଶନ । ଯେମିତି ସେକାଳର ଉତ୍କଳୀୟ ଶିଳ୍ପୀମାନଙ୍କର ଆତ୍ମା ସହ ଆତ୍ମାର ସଂଯୋଗ ସ୍ଥାପିତ ହେଇଥିଲା । ଏସବୁ ଆଜି ବିଶ୍ୱାସର ବାହାରେ ।''

ବିଷ୍ଣୁ ମହାରଣା ବ୍ୟଥିତ କଣ୍ଠରେ କହିଲେ—''ସାହେବ ! ତମେ ଆଜିର ବିଖଣ୍ଡିତ ପୃଥିବୀର ଗୋଟିଏ କ୍ଷୁଦ୍ର ଅଂଶର ବାସିନ୍ଦା । ତମ ଆଧୁନିକ ପୃଥିବୀର ପରିଧି ସୀମିତ

Digitized by srujanika@gmail.com

ହେଇଛି—ତମର ମନ, ଚିନ୍ତା ଓ ଚେତନା ସଂକୀର୍ଣ୍ଣ ହେଇଛି । ଏ ପୃଥିବୀ ତମକୁ ଶିଖାଇଛି ଅହଂକାର, ଅସହିଷ୍ଣୁତା, ଅବଜ୍ଞା ଏବଂ ଅବିଶ୍ୱାସ । ସେଥିପାଇଁ ଏସବୁ ତମକୁ ଅସମ୍ଭବ ମନେହେଉଛି; କିନ୍ତୁ ରାଜା ପ୍ରଥମ ନରସିଂହଙ୍କ ନିର୍ମଳ ଶାସନ, ଉଦାରତା ଏବଂ ମହତ କାର୍ଯ୍ୟରେ ତ୍ରୟୋଦଶ ଶତାବ୍ଦୀର ଉତ୍କଳ ଏକ ନୂତନ ଉନ୍ମାଦନାରେ ମାତି ଉଠିଥାଏ । ରାଜା, ପରିଷଦ, ସାମନ୍ତ, ପ୍ରଜା, ଶିଳ୍ପୀ, ସ୍ଥପତି, ଭାସ୍କର, କବି, ସଂଗୀତଜ୍ଞ, ପଣ୍ଡିତ ସମସ୍ତେ ଯେମିତି ଏକ ଆତ୍ମା ହେଇଗଲେ କୋଣାର୍କ ନିର୍ମାଣ ପଥରେ । ସବୁ ବିରୋଧଭାବ ଦୂର ହେଇଗଲା ମନରୁ । ଏକ ସମନ୍ୱିତ, ସୁଠାମ ଦିବ୍ୟଦୃଷ୍ଟି ଲାଭ କଲେ ଉତ୍କଳୀୟ ସ୍ଥପତି ଓ ଭାସ୍କରଗଣ । ଏକ ମହାନ୍ ଉପଲବ୍ଧିର ସଫଳ ରୂପାୟନ ପାଇଁ କାଳଜୟୀ ସୃଷ୍ଟି ରହସ୍ୟର ସନ୍ଧାନ ପଥରେ ସେମାନେ ଏକତ୍ର ବହିଗଲେ ସଂକଳ୍ପବଦ୍ଧ ଉଦ୍ୟମ ଓ ସାଧନା ପଥରେ । ସମସ୍ତଙ୍କର ଭାବନା ମିଶି ଏକାକାର ହେଇଗଲା ।'

ଚାର୍ଲସ ଭାବୁଥାଏ ଲିଲିଆନ୍ ସହ ଧୀରେ ଧୀରେ ଦୂରତ୍ୱ ବଢୁଛି । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଲିଲିଆନ୍‌ଠାରୁ ସେ ଜାଣି ଜାଣି ଭିନ୍ନ ହେଇଯାଉଛି—ଦୂରକୁ ଚାଲିଯାଉଛି । କିନ୍ତୁ ପ୍ରାଚୀ ସହ ତାର ଚିନ୍ତା, ଭାବନା ଏବଂ ଆତ୍ମା ମିଶି ଏକାକାର ହେଇ ଯାଉନାହିଁ କାହିଁକି ? କୋଣାର୍କ ଯଦି ଅଖଣ୍ଡତାର ପ୍ରତୀକ—ଉତ୍କଳ ଯଦି ବହୁଧର୍ମର ସମନ୍ୱୟର ପୀଠ, ପ୍ରାଚୀ ସହ ତାର ସମନ୍ୱୟ ପ୍ରତିଷ୍ଠା ତେବେ ସମ୍ଭବ ନୁହେଁ କାହିଁକି ?

—ପାଞ୍ଚ—

ବଙ୍ଗୋପସାଗରର ନୀଳ ଜଳରାଶି ଗାଢ଼ କୃଷ୍ଣ ହେଇ ଆସୁଥାଏ । କମଳାରଙ୍ଗର ସୂର୍ଯ୍ୟ କୃଷ୍ଣ ଜଳରାଶି ଭିତରେ ଅଦୃଶ୍ୟ ହେଇଯାଉଥାନ୍ତି । ଗୋଟାଏ ସିମେଣ୍ଟ ବେଞ୍ଚରେ ବସିଥାନ୍ତି ଚାର୍ଲସ ଏବଂ ଲିଲିଆନ, ପାଖାପାଖି ହେଇ । ପାଖ ଛୋଟ ଚା ଦୋକାନଟିରେ ଲାଇଟ ଜଳିଉଠିଥାଏ । ବାଙ୍ଗଉଠା ଚା'ର ବାସ୍ନା ନୀରବ ସାନ୍ଧ୍ୟ ସମୀରଣରେ ବେଶ୍ ହାଲୁକା ଭାବେ ଉଡ଼ିବୁଲୁଥାଏ ।

ସମୁଦ୍ରର ଜଳ ଶୀତଳ ହେଇ ଆସୁଥାଏ । କିନ୍ତୁ ଲିଲିଆନ୍‌ର ନିଶା ଗାଢ଼ ହେଇ ଆସୁଥାଏ । ଚନ୍ଦ୍ରଭାଗାର ବେଳାଭୂଇଁରେ ସୂର୍ଯ୍ୟାସ୍ତର ରଙ୍ଗ ଲିଭି ଲିଭି ଆସିବା ସଙ୍ଗେ ସଙ୍ଗେ ଚାର୍ଲସର ଭାବନା ଗଭୀର ହେଉଥାଏ । ଚାର୍ଲସ ଭାବୁଥାଏ ଆଜିକୁ ସାତଶହ ବର୍ଷ ତଳର ଉତ୍କଳ କ'ଣ ପୃଥିବୀରେ ଉନ୍ନତତମ ସ୍ଥାନଟିଏ ଥିଲା ? କୋଣାର୍କ ଚାର୍ଲସର ସବୁ ବିଦ୍ୟା ବୁଦ୍ଧିକୁ କାବୁ

Digitized by srujanika@gmail.com

କରିଦେଇଛି । କୋଣାର୍କର ନକ୍‌ସାକୁ ଅନୁଧ୍ୟାନ କରୁ କରୁ ଚାର୍ଲସ ହତବୁଦ୍ଧି ହେଇଯାଉଛି । ଚାର୍ଲସ ଭାବୁଛି କୋଣାର୍କର ଯେ କୌଣସି ସାଧାରଣ ଶିଳ୍ପୀ ସ୍ଥାପତ୍ୟ ବିଦ୍ୟାରେ ଚାର୍ଲସର ଗୁରୁ ହେଇପାରେ । ଅଥଚ ଚାର୍ଲସ ଜଣେ ନାମକରା ଆମେରିକାନ୍ ସ୍ଥପତି ।

ଚାର୍ଲସର ଏ ଭାବମଗ୍ନତା ଲିଲିଆନକୁ ଭଲ ଲାଗୁନଥାଏ । ଲିଲିଆନ୍ ପ୍ରସ୍ତାବ ଦେଲା—ଚାର୍ଲି, ଚାଲ ଏଥର ଅନ୍ୟତ୍ର ଯିବା । ଚନ୍ଦ୍ରଭାଗାର ଏ ନିର୍ଜ୍ଜନ ବେଳାଭୂମିରେ କି ଆକର୍ଷଣ ଆଉ ଅଛି ? ଏଥର ଚାଲ ଗୋଆ ଯିବା ।

—ଗୋଆ ? ଚାର୍ଲସ ବିସ୍ମୟରେ ପ୍ରଶ୍ନକଲା ।

ଲିଲିଆନ୍ କହିଲା— ହଁ ଗୋଆ । କୋଣାର୍କ ମନ୍ଦିର ଏବଂ ଗୋଆ ବିଚ୍ ଏକ କଥା ।

—କେମିତି ? ଚାର୍ଲସର ଚକିତ ପ୍ରଶ୍ନ ।

ଲିଲିଆନ୍ ଗୋଟାଏ ଅରୁଚିକର ଇଙ୍ଗିତ କରି କହିଲା—''କୋଣାର୍କ ମନ୍ଦିର ଦେହରେ ତମେ ଯେଉଁ ନିଷ୍ଣାତ ମିଥୁନ ମୂର୍ତ୍ତି ସବୁ ଦେଖି ବିମୁଗ୍ଧ ହେଇ ଅଟକି ଯାଇଛ—ସେଠି ଦେଖିବ ଠିକ୍ ସେଇ ଦୃଶ୍ୟ—ସେଇ ମୂର୍ତ୍ତି—କିନ୍ତୁ ସବୁ ସଜୀବ—ସପ୍ରାଣ । ବାଧା ନାହିଁ, ବନ୍ଧନ ନାହିଁ, କୌଣସି ନୀତି ନିୟମ ନାହିଁ । ଏଠି କୋଣାର୍କରେ ତମେ ଦେଖୁଛ ଉଲଗ୍ନ ପାଷାଣୀ କନ୍ୟା, ସେଠି ଦେଖିବ ବିବସ୍ତ୍ର ନରନାରୀମାନଙ୍କର ଅବାଧ-ପ୍ରେମ ବନ୍ଧନ । ଗୋଆ ବିଚ୍ ଯେମିତି ଇଣ୍ଡିଆ ଭିତରେ ନୁହେଁ —ଅନ୍ୟ କେଉଁଠି । ଶ୍ୱେତାଙ୍ଗ ଯୁବକ ଯୁବତୀଙ୍କର ସେଇଟା ଯେମିତି ପ୍ରମୋଦ ଉଦ୍ୟାନ । ନ୍ୟୁଡ଼ିଷ୍ଟ ବିଚ୍‌ରେ ସମସ୍ତେ ଉଲଗ୍ନ—ସମସ୍ତେ ଉତ୍ତାଳ—ସମସ୍ତେ ଉନ୍ମୁକ୍ତ । ଡ୍ରଗସର ଅଭାବ ନାହିଁ ସେଠି । ମାରି— ଜୁଆନା, ହାସ୍, ହେରୋଇନ୍, ଅଫିମ ସବୁ କିଛି ଅବାଧରେ ମିଳେ । କୋଣାର୍କ ତ ସେ ଦୃଷ୍ଟିରୁ ଏକବାର ବାସଯୋଗ୍ୟ ।''

ଲିଲିଆନ୍ ଆପେ ଆପେ ହସି ଉଠିଲା । ଝୁମିଲା ସ୍ୱରରେ କହିଲା—''ସୁବୁଠୁ ମଜାର କଥା କ'ଣ ଜାଣ ଚାର୍ଲି—ସେଠି ନିଃସଙ୍ଗତାର କଷ୍ଟ ମଧ୍ୟ ଭୁଲି ହେଇଯାଏ । ତମେ ଏଠି ଗବେଷଣାରେ ବ୍ୟସ୍ତ ରହି ସାରା ରାତି ମୋଠାରୁ ଦୂରରେ ରହିଲେ ବି ମୋର କିଛି ଚିନ୍ତା ନାହିଁ । ରାତ୍ରୀର ଆମୋଦ ପାଇଁ ଅଛି ''ବୟ-ଗାର୍ଲ'' । କିଛି କୋକେନ୍ ଏବଂ କିଛି ହେରୋଇନ୍ ଏକତ୍ର ମିଶାଇ ସିଂରିଜ୍‌ରେ ଭରି ଭେନ୍‌ରେ ପୁଟାଇ ଦିଅ । ସୁଖାନୁଭୂତିର ଚରମରେ ତମେ ପହଞ୍ଚିଯିବ । ସେଇ ମିଶ୍ରଣକୁ କହନ୍ତି 'ବୟ-ଗାର୍ଲ' । ଏଠି ସେସବୁ କାହିଁ ? ବ୍ରୁସ ମତେ ନିମନ୍ତ୍ରଣ କରୁଛି ଗୋଆ ଆସିବା ପାଇଁ । ତମେ ଯଦି ଆସ ତେବେ ତାର କିଛି ଆପତ୍ତି ନାହିଁ ।

ଏପର୍ଯ୍ୟନ୍ତ ଚାର୍ଲସ ଆତ୍ମମଗ୍ନ ହେଇ ବସିଥିଲା । ଲିଲିଆନର କଥା କିଛି ଶୁଣୁନଥିଲା । 'ବ୍ରୁସ ନାଁଟା ଶୁଣି ସେ ଲିଲିଆନ୍ ପ୍ରତି ଧ୍ୟାନ ଦେଲା । ତା'ଆଖିରେ 'ବ୍ରୁସ୍' ସମ୍ବନ୍ଧରେ କିଛି

Digitized by srujanika@gmail.com

ଜିଜ୍ଞାସା । ଲିଲିଆନ୍ ଯେ କୌଣସି ପୁରୁଷର ଦୃଷ୍ଟିକୁ ଅର୍ଥ କରିପାରେ । ସେ କହିଲା—''ବ୍ରୁସ ଫ୍ରେଞ୍ଚ ଯୁବକ । ତାକୁ ତମେ କହିପାର ହିପ୍‌ପୀ କିମ୍ବା ଫ୍ରିକ୍ । ଗୋଆର ବାଗା ବିଚ୍‌ରେ ଟୋରା ହେରୋଇନ୍ କାରବାରରୁ ବେଶ୍ ପ୍ରଫିଟ କରେ । ଜୀବନକୁ ସେ ପୂର୍ଣ୍ଣପ୍ରାଣରେ ଉପଭୋଗ କରେ । ସତ କୁହ ଚାର୍ଲସ —ଆନନ୍ଦ ପାଇଁ ଯଦି ଏ ଶରୀରରେ ଇନ୍ଦ୍ରିୟମାନଙ୍କୁ ଖଞ୍ଜା ଯାଇଛି—ତେବେ ଏ କଷ୍ଟକର ଅଧ୍ୟୟନ ଓ ଗବେଷଣାର ଆବଶ୍ୟକତା କ'ଣ ? ଇନ୍ଦ୍ରିୟ ସଂଯମର କୁଚ୍ଛ ସାଧନା କ'ଣ ପାଇଁ ?

ଚାର୍ଲସ ଗମ୍ଭୀର କଣ୍ଠରେ କହିଲା—''ମୋର ଅଧ୍ୟୟନ ଏବଂ ଗବେଷଣା ମତେ ଆନନ୍ଦ ଦିଏ ଆନ୍ । ମୁଁ ମୋର ଆନନ୍ଦ ପାଇଁ ଏଠାରେ ଅଛି । ସୁଖ ଏବଂ ଆନନ୍ଦ ଖୋଜି ବୁଲିବା ତ ମୋ ଯାଯାବର ଜୀବନର ଧର୍ମ । କିନ୍ତୁ ଆନ୍— ତମେ କୋଣାର୍କକୁ ଯେଉଁ ଦୃଷ୍ଟିରେ ଦେଖ ମୁଁ ସେପରି ଦେଖେନା । କୋଣାର୍କର ଭାସ୍କର୍ଯ୍ୟଖଚିତ ମୂର୍ତ୍ତିଗୁଡ଼ିକ ଦେଖିଲାବେଳେ ତମେ ଭୁଲିଯାଅ ଯେ କୋଣାର୍କ ଏକ ଦେବ ମନ୍ଦିର ଏବଂ ସେଥିରେ ସୃଷ୍ଟିର ସକଳ ଶକ୍ତିର ଉତ୍ସ ସୂର୍ଯ୍ୟଦେବଙ୍କର ପୂଜାର୍ଚ୍ଚନା କରାଯାଉଥିଲା । କୋଣାର୍କ ହିନ୍ଦୁ ଜାତିର ଏକ ପବିତ୍ର ତୀର୍ଥସ୍ଥାନ, ତା ମଧ୍ୟ ତମେ ଜାଣନାହିଁ । କିନ୍ତୁ ମୁଁ ଜାଣେ କୋଣାର୍କର ପରିକଳ୍ପନା ଓ ନିର୍ମାଣ ପଛରେ ଦ୍ୱାଦଶ ଶତାବ୍ଦୀର ଉତ୍କଳୀୟ ପ୍ରାଣର ଧର୍ମୀୟ ପରମ୍ପରାପୁଷ୍ଟ ଏକ ମହାନ୍ ଉତ୍ସର୍ଗୀକୃତ ପ୍ରୟାସ ନିହିତ ଥିଲା । କୋଣାର୍କ ମୋ ଦୃଷ୍ଟିରେ ଏକ ଧ୍ୟାନମଗ୍ନ ମହାଯୋଗୀ ଭଳି ପ୍ରତୀୟମାନ ହୁଏ । ମୁଁ କୋଣାର୍କକୁ ବାରମ୍ବାର ପ୍ରଣାମ କରେ ।''

ଲିଲିଆନ୍ ନିଜର ଲୀଳାୟିତ ସୁଠାମ ଶରୀରକୁ ଦୋଳାୟିତ କରି ହସିଉଠିଲା । ବ୍ୟଙ୍ଗଭରା କଣ୍ଠରେ ପ୍ରଶ୍ନ କଲା—''କୋଣାର୍କର ମୈଥୁନ ଚିତ୍ର ମଧ୍ୟ କ'ଣ ସୂର୍ଯ୍ୟପୂଜାର ଏକ ଅଙ୍ଗ ? ତାକୁ ତମେ ବି ପ୍ରଣାମ କର ?

ଚାର୍ଲସ କ୍ଷୁଣ୍ଣ ହେଲା । ବିରକ୍ତିସୂଚକ ସ୍ୱରରେ କହିଲା—''ମୋର ଗବେଷଣାର ଏଇ ମାତ୍ର ପ୍ରଥମ ପର୍ଯ୍ୟାୟ । ବିଶ୍ୱାସ, ଗବେଷଣା ଶେଷ ହେଲେ ମୁଁ ତୁମକୁ ସନ୍ତୋଷଜନକ ଉତ୍ତର ଦେଇପାରିବି ।''

—''ସେଥିପାଇଁ କେତେଦିନ ଅପେକ୍ଷା କରିବାକୁ ହେବ ? ଲିଲିଆନ୍ ପ୍ରଶ୍ନକଲା ।

—''ତା ମୁଁ ମଧ୍ୟ ଜାଣେନା ।'' ଚାର୍ଲସ ଉତ୍ତର ଦେଲା ।

—''ମୁଁ ଯଦି ଏତେଦିନ ଅପେକ୍ଷା ନକରେ ?'' ଲିଲିଆନ୍ ତୀର୍ଯ୍ୟକ୍ ଦୃଷ୍ଟିରେ ଚାହିଁଲା ଚାର୍ଲସକୁ ।

ଚାର୍ଲସ ପ୍ରଶାନ୍ତ କଣ୍ଠରେ କହିଲା—କୋଣାର୍କର ଶିଳ୍ପୀ ପ୍ରିୟା ଜୀବନର ପ୍ରକୃଷ୍ଟ ଷୋଳବର୍ଷ ପ୍ରିୟାର ପ୍ରତୀକ୍ଷାରେ ହିଁ କଟାଇଦେଇଥିଲା । ମୁଁ ଜଣେ ଆମେରିକାନ୍ ଶିଳ୍ପୀ । ମୋର ପ୍ରିୟା ମୋ ପାଇଁ ଅନିର୍ଦ୍ଦିଷ୍ଟକାଳ ଅପେକ୍ଷା କରୁ ଏତିକି ଯଦି ମୁଁ ଆଶା କରେ ?''

Digitized by srujanika@gmail.com

ଲିଲିଆନ୍ ଅସମ୍ଭାଳ ହେଇ ହସିଉଠିଲା । ହସ ରୋକି କହିଲା—''ଚାର୍ଲି ! ତମେ ପାଗଳ ହେଇଛ । ଖୁବ ଶୀଘ୍ର ତମର ଚିକିତ୍ସା ଦରକାର । ମୋର ମନେ ହେଉଛି କୌଣସି କୋଣାର୍କ ଶିଳ୍ପୀର ପ୍ରେତାତ୍ମା ତମ ଭିତରେ ପ୍ରବେଶ କରିଛି । ନଚେତ୍ ଏଭଳି ଉଦ୍ଭଟ ଚିନ୍ତା ତମେ କରନ୍ତ କିପରି ?''

ଚାର୍ଲସ ନିମ୍ନ ସ୍ୱରରେ ନିଜକୁ ନିଜେ କହୁଥିଲା—'' ସତେ ତ ! ଜଣେ ଜଣକ ପାଇଁ ଷୋଳବର୍ଷ ଧରି ଅପେକ୍ଷା କରିବା ଉଦ୍ଭଟ ନୁହେଁ ତ ଆଉ କ'ଣ ! ସେ କାଳର ମଣିଷଗୁଡ଼ା ସମସ୍ତେ କ'ଣ ପାଗଳ ଥିଲେ ?''

ହାଲକା ଅନ୍ଧାରର ପତଳା ପରଦା ଆଡ଼େଇ ଡେଙ୍ଗା ଡେଙ୍ଗା ପାଦ ପକାଇ ଆସୁଛି ଝାମ୍ପୁରୁ ଝାମ୍ପୁରୁ ଲମ୍ବାକେଶଧାରୀ ଶ୍ୱେତାଙ୍ଗ ଯୁବକ ବୁସ୍ । ଫ୍ରେଞ୍ଚଫିକ୍ ବୁସ୍ କୋଣାର୍କରେ ଦୁଇଦିନର ରହଣି ଭିତରେ ଲିଲିଆନ୍‌ର ବନ୍ଧୁ ପାଲଟିଛି । ବୁସ୍‌ର ବେପରୱା ବ୍ୟକ୍ତିତ୍ୱକୁ ମନେ ମନେ ତାରିଫ୍ କରୁ କରୁ ଲିଲିଆନ୍ ଚାର୍ଲସର କାନ ପାଖରେ ଆସ୍ତେ କହିଲା—''ବୁସକୁ ଦେଖିବା ପରେ ମନେ ହେଉଛି ତମେ ଜଣେ ଇଣ୍ଡିଆନ୍ କିମ୍ବା କୋଣାର୍କର ଭୂତ ତମକୁ ଇଣ୍ଡିଆନ୍ କରିପକାଇଛି । ଚାର୍ଲସ ! ଇଣ୍ଡିଆନ୍ ପୁରୁଷମାନଙ୍କୁ ମୋର ଖୁବ୍ ପସନ୍ଦ । କିନ୍ତୁ ଇଣ୍ଡିଆକୁ ନୁହେଁ । ଇଣ୍ଡିଆରେ ଅଛି କ'ଣ ? ତମେ ଯଦି ଖୁବ୍ ଶୀଘ୍ର ଇଣ୍ଡିଆ ନଛାଡ଼ ତେବେ ଆମର ଆଉ ଦେଖା ବି ନହୋଇପାରେ । ବୁସ ସହ ମୁଁ ଗୋଆ ଯାଉଛି । ସେଠି ଛୁଟିଟା କଟାଇ ଆମେରିକା ଫେରିଯିବି । ତମେ ଯଦି ଇଣ୍ଡିଆରେ ସାରାଜୀବନ ରହିଯାଅ ମୋର କିଛି ଆପତ୍ତି ନାହିଁ । ବ୍ୟକ୍ତି ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବା ଆମ ଦେଶର ନୀତି ନୁହେଁ ।''

ଚାର୍ଲସ ଭାବୁଥିଲା—''ଇଣ୍ଡିଆରେ ଅନେକ ଜିନିଷ ନାହିଁ ଯାହା ଉନ୍ନତତର ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଅଛି—କିନ୍ତୁ ଇଣ୍ଡିଆରେ ଏମିତି କିଛି ଅଛି ଯାହା ପୃଥିବୀର ଅନ୍ୟ କେଉଁଠି ନାହିଁ—କେବେ ବି ନଥିଲା । ଚାର୍ଲସ ତାର ସନ୍ଧାନରେ ବାହାରିଛି । ସେଥିପାଇଁ ଲିଲିଆନ୍ ଯଦି ହାତଛଡ଼ା ହୋଇଯାଏ ଚାର୍ଲସ ନାଚାର । ଚାର୍ଲସର ବାପା ଏଡ୍‌ୱାର୍ଡ଼ ନେଭ୍ ଦିନେ ଏମିତି ଇଣ୍ଡିଆକୁ ଭଲ ପାଇ ସ୍ତ୍ରୀଙ୍କର ପ୍ରେମ ହରାଇଥିଲେ ।

ଲିଲିଆନ୍ ତ ଚାର୍ଲସର ପତ୍ନୀ ନୁହେଁ—ପ୍ରେମିକା । ଯେଉଁଠି ପ୍ରତୀକ୍ଷା ନାହିଁ—ଉତ୍ସର୍ଗ ନାହିଁ—ସେଠି ପ୍ରେମ କେବଳ ବିଡ଼ମ୍ବନା ମାତ୍ର । ଏତିକି ଅନ୍ତତଃ ଚାର୍ଲସ ବୁଝିପାରିଛି ।

ବୁସ୍ ସଙ୍ଗେ ଲିଲିଆନ୍ ଗୋଆ ଚାଲିଯିବା ପରେ ଚାର୍ଲସ ହୋଟେଲର ରୁମ୍‌ଟା ଛାଡ଼ିଦେଇ କିଛିଦିନ ଯାଯାବର ଭଳି ଘୂରି ବୁଲିଲା । ବର୍ଷାଋତୁ ବିଦାୟ ନେଇଥାଏ । ଯାଯାବର ଚାର୍ଲସର ଆଉ ଚିନ୍ତା କ'ଣ ? ଦିନସାରା ଘୂରିବୁଲିବା ତାର କାମ । ରାତିରେ ବିଶ୍ରାମ ନେବାପାଇଁ ପୃଥିବୀ ନିଜ କୋଳରେ ସବୁଜ ଘାସର ଶେଯ ପାତିଛି—ଉପରେ ଚାଣିଛି ତାରା-ଖଚିତ ସୁନୀଳ

Digitized by srujanika@gmail.com

ଆକାଶର ଝିଲିମିଲି ଚାନ୍ଦୁଆ । ଝାଉଁବଣର ମର୍ମର ସ୍ୱରରେ ପୃଥିବୀ ନାନାବାୟା ଗୀତ ଗାଇ ଶୀତଳ ପବନର ନରମ ସ୍ପର୍ଶରେ ଚାର୍ଲସର କର୍ମକ୍ଲାନ୍ତ ଦେହକୁ ଆଉଁସି ଦେଇ ଶୋଇ ପକାଏ ।

ଖୁବ୍ ପ୍ରତ୍ୟୁଷରୁ ଚାର୍ଲସର ଆଖିପତାରେ ହେମନ୍ତ ଉଷାର ଶୀତଳତା ସିଞ୍ଚି ପୃଥିବୀ ତାକୁ ନିଦରୁ ଉଠାଇଦିଏ । ଚାର୍ଲସ ନିଦଭାଙ୍ଗି ପୃଥିବୀକୁ ପ୍ରଣାମ ଜଣାଏ । ସ୍ୱଗତୋକ୍ତି କରେ—'ମା' ବସୁନ୍ଧରା—ତୁ କେତେ ଉଦାର—ତୁ କେଡ଼େ ସ୍ନେହମୟୀ ! ଆମେରିକାନ୍ ସଭ୍ୟତାରେ ମୋର ମା' ହଜିଯାଇଥିଲା; କିନ୍ତୁ ମୁଁ ଅନୁଭବ କରୁଛି ଯେଉଁଠି ମାଟି ଅଛି—ସେଠି ମା' ଅଛି ।'' ଚାର୍ଲସ ମାଟି କିଛି ହାତରେ ଆଣି ମୁଣ୍ଡରେ ଲଗାଇ ଉଠିପଡ଼େ ।

ଏମିତି ଚାଲିଥିଲା ଚାର୍ଲସର ଜୀବନ । ପ୍ରତିଦିନ କୋଣାର୍କ ମଠରେ ବିଷ୍ଣୁ ମହାରଣାର ତାଳପତ୍ର ପୋଥିର କିଛି ଅଂଶ ପଢ଼ି ଆଲୋଚନା କରନ୍ତି । ଚାର୍ଲସ ଓ ପ୍ରାଚୀ ଲେଖି ରଖନ୍ତି ସେ କାହାଣୀର ସାରମର୍ମ । ପୋଥିପଢ଼ା ସରିଲେ ଚାର୍ଲସ କୋଣାର୍କର ମୂର୍ତ୍ତି ସବୁକୁ ଅନୁଧ୍ୟାନ କରେ । ପୋଥିର ବିବରଣୀ ସହ ଗୋଟି ଗୋଟି ମିଳାଇ ଦେଖେ । କେବେ କେବେ ପ୍ରାଚୀ ଏବଂ ଚାର୍ଲସ ମିଶି ଗାଁ ଗାଁ ବୁଲି କିମ୍ବଦନ୍ତୀ ସଂଗ୍ରହ କରନ୍ତି । ପୁରାତନ ମୂର୍ତ୍ତି ଓ କୀର୍ତ୍ତିର ସନ୍ଧାନ କରନ୍ତି । କିନ୍ତୁ ଏସବୁ ଭିତରେ ଚାର୍ଲସ କୁଶଭଦ୍ରା ବୁଢ଼ୀର ବର୍ଣ୍ଣିତ ସେଇ ପ୍ରେତାତ୍ମାକୁ ଖୋଜି ଖୋଜି ଅନ୍ଧାର ରାତିରେ ଏକା ଏକା ବେଳାଭୂଇଁ ରାସ୍ତାରେ ବାହାରିପଡ଼େ । ଦିନେ ଦିନେ ସକାଳୁ ଚାର୍ଲସର ଖବର ମିଳେ ନାହିଁ । ଚାର୍ଲସ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଶୁଏ ନାହିଁ । ବୁଲୁ ବୁଲୁ ଯେଉଁଠି ନିଦ ଆସେ ସେଇଠି ଶୋଇଯାଏ ।

ପ୍ରତିଦିନ ସକାଳୁ ନିର୍ଦ୍ଦିଷ୍ଟ ସମୟରେ କୋଣାର୍କ ମଠରେ ପ୍ରାଚୀ ଏବଂ ଚାର୍ଲସ ଉପସ୍ଥିତ ହେବାର କଥା । ବିଷ୍ଣୁ ମହାରଣା ନିର୍ଦ୍ଧାରିତ ସମୟରେ ପୋଥି ପଢ଼ନ୍ତି । ଯେଉଁଦିନ ଚାର୍ଲସର ଦେଖା ମିଳେ ନାହିଁ ସେଦିନ ପୋଥିପଢ଼ା ସ୍ଥଗିତ ରହେ । ପ୍ରାଚୀ ବ୍ୟସ୍ତ ହୁଏ । ଏ ଭିତରେ ଚାର୍ଲସ ଉପରେ କେମିତି ଗୋଟାଏ ମାୟା ଆସିଯାଇଛି ମନରେ । ଚାର୍ଲସ ଯେମିତି ନିଜ ପରିବାରର କେହି ଜଣେ ଏକାନ୍ତ ଆତ୍ମୀୟ ମଣିଷ । ତାର ସୁବିଧା ଅସୁବିଧା ବୁଝିବା ଯେମିତି ପ୍ରାଚୀର କର୍ତ୍ତବ୍ୟର ଅନ୍ତର୍ଭୁକ୍ତ ହେଇଛି ଲିଲିଆନ ଚାଲିଯିବା ପରେ । ଚାର୍ଲସ ଏମିତି ରାତିପାରା ପ୍ରେତାତ୍ମା ଖୋଜି ବୁଲିବା କଥାଟା ପ୍ରାଚୀକୁ ଖୁବ୍ ଅଶ୍ୱସ୍ତିକର ଲାଗେ । ପ୍ରାଚୀ ଚିନ୍ତାକରେ ଚାର୍ଲସର କେହି ଜଣେ ଅଭିଭାବକ ରହିବା ଦରକାର । କୁଶଭଦ୍ରା ମାଉସୀ ବଞ୍ଚିଥିବାବେଳେ ଚାର୍ଲସ ବର୍ଷା କାକରରେ ଭିଜେ ନାହିଁ—ଖରାତାପରେ ସିଝେ ନାହିଁ । କୁଶଭଦ୍ରା ମାଉସୀର ମମତାମୟୀ ଆଖି ଦୁଇଟା ଚାର୍ଲସର ପଛେ ପଛେ ଘୂରୁଥାଏ । କିନ୍ତୁ ବର୍ତ୍ତମାନ ଚାର୍ଲସ ସଂପୂର୍ଣ୍ଣ ସ୍ୱାଧୀନ । ପ୍ରାଚୀ ଏ ବିଷୟରେ କ'ଣ କରିପାରେ ?

Digitized by srujanika@gmail.com

ଧର୍ମାନନ୍ଦକୁ ପଠାଇ ପ୍ରାଚୀ ଚାର୍ଲସର ସନ୍ଧାନ ନିଏ । ଦିନେ ଦିନେ ଚାର୍ଲସ ଚାଲି ଚାଲି ବେଳାଭୂଇଁ ରାସ୍ତାରେ ଅନେକ ଦୂର ଚାଲି ଯାଇଥାଏ । ନିଦ ମାଡ଼ିଲେ ରାସ୍ତା କଡ଼ରେ ଶୋଇପଡ଼େ । ଦିନେ ଦିନେ ଝାଉଁବଣରୁ ନିଦ୍ରିତ ଚାର୍ଲସକୁ ଉଦ୍ଧାର କରାଯାଏ । ଦିନେ ଦିନେ ରାମଚଣ୍ଡୀ ମନ୍ଦିର ପାଖରୁ, କେବେ କେମିତି ଚିତ୍ରେଶ୍ୱରୀ ମନ୍ଦିର ନିକଟରୁ ଚାର୍ଲସ ମିଳେ । ନଚେତ୍ କୁଶଭଦ୍ରା ମାଉସୀ ଶେଷ ବିଶ୍ରାମ ନେଇଥିବା ଶ୍ମଶାନ ତଟରୁ ଚାର୍ଲସକୁ ଧରିଆଣେ ଧର୍ମାନନ୍ଦ । ଚାର୍ଲସ ଭିନ୍ନ ଲୋକରୁ ଫେରିଥାଏ । ସେ ଅନ୍ୟମନସ୍କ, ଗମ୍ଭୀର ଏବଂ ଚିନ୍ତାଗ୍ରସ୍ତ ଦିଶୁଥାଏ ।

ପ୍ରାଚୀ ଅନୁରାଗଭରା କଣ୍ଠରେ କହେ—ଲିଲିଆନ ଯିବାପରେ ତମେ ଅନ୍ୟପ୍ରକାର ହେଇଯାଉଛ ଚାର୍ଲସ । ବରଂ ଲିଲିଆନ୍‌କୁ ଡକାଇଁ ଆଣ । ନଚେତ୍ ତମେ ରାସ୍ତା ବଦଳାଇ ତା' ସହ ଚାଲିବାକୁ ଅଭ୍ୟାସ କର । ଆଜିକାଲି ତମର ଗବେଷଣାରେ ଏକଗ୍ରତା ରହୁନାହିଁ । କୁଶଭଦ୍ରା ମାଉସୀର ବାଚାଳ କଥାରେ ଭୁଲି ତମେ ସତକୁ ସତ ପ୍ରତି ରାତିରେ ଅଶରୀରୀ ନାରୀକୁ ଖୋଜିବୁଲିବା ନିତାନ୍ତ ହାସ୍ୟକର କଥା ।

ଚାର୍ଲସ ସେମିତି ଶାନ୍ତ ସ୍ୱରରେ କହେ—କୁଶଭଦ୍ରା ମାଉସୀର ଅନେକ କାହାଣୀ ପୋଥିର ତଥ୍ୟ ସହ ମିଳିଯାଉଛି । ବିଶ୍ୱାସ କର, ମୁଁ ସେଇ ପ୍ରେତାତ୍ମାର ସନ୍ଧାନ ପାଇଛି । ତାକୁ ଦେଖିଛି ଖୁବ୍ ଦୂରରୁ ବେଳାଭୂଇଁ ରାସ୍ତାର ଧାରେ ଧାରେ । ଝାଉଁବଣରେ ଛାୟାଛନ୍ନ ଅନ୍ଧକାର ଭିତରେ ସେ ଚାଲୁଥାଏ । ଜ୍ୟୋତ୍ସ୍ନା ରାତିରେ ସେ ଦିଶେ ନିଆଁ ଦୀପଶିଖାଟିଏ ପରି । ସତେ ଯେପରି ସେ ପବନରେ ଭାସି ଭାସି ଚାଲୁଥାଏ । ଅଥଚ ସେ ଅବଗୁଣ୍ଠନ ଖୋଲେ ନାହିଁ । ମୁଁ ତାକୁ କେବେ କଙ୍କାଳ ରୂପରେ ଦେଖିନାହିଁ । ମୁଁ ଦେଖୁଛି ଅବଗୁଣ୍ଠନବତୀ ନାରୀ ଭାବରେ । ସେ କେବେ ମୋର ପଥରୋଧ କରେ ନାହିଁ । ମୋ ଭିତରେ ଭୟ ସଞ୍ଚାର କରେ ନାହିଁ । ମୋଠାରୁ ଅନେକ ବ୍ୟବଧାନ ରଖି ସେ ଭାସି ଭାସି ଦୂରକୁ ଦୂରକୁ ଯାଏ—ଆଉ ମତେ ଯେମିତି ଡାକିନିଏ ତ୍ରୟୋଦଶ ଶତାବ୍ଦୀର କୋଣାର୍କ ନିର୍ମାଣ କାଳର ଅତୀତକୁ । ମୋର ବିଶ୍ୱାସ ହୁଏ କୋଣାର୍କ ସହ ଛାୟାମୂର୍ତ୍ତିଟିର ନିଗୂଢ଼ ସମ୍ପର୍କ ରହିଛି । ସେ ସମ୍ପର୍କ ରହସ୍ୟ ମୁଁ ଉନ୍ମୋଚନ କରିବାକୁ ଚାହେଁ ।

ପ୍ରାଚୀ ସ୍ତମ୍ଭୀଭୂତ ହେଇଯାଏ । ଚାପା କଣ୍ଠରେ କହେ—ଏସବୁ ତମର ଆଖିର ଭ୍ରମ ହେଇଥିବ ଚାର୍ଲସ । ହୁଏତ ଲିଲିଆନ୍ ଯିବାପରେ ତମେ ପୁଣିଥରେ ପୂର୍ବ ଅଭ୍ୟାସବଶତଃ ନିଶାଗ୍ରସ୍ତ ହେଉଛ ପ୍ରତି ରାତିରେ । ଏସବୁ ତାରି ପ୍ରଭାବ ।

ଚାର୍ଲସ ନିଶାଗ୍ରସ୍ତ କଣ୍ଠରେ ଉତ୍ତର ଦିଏ—ସତକୁ ସତ ପ୍ରତି ରାତିରେ ମୁଁ ନିଶାଗ୍ରସ୍ତ ହେଇଯାଏ ପ୍ରାଚୀ । ସେଇ ଅଶରୀରୀ ଆତ୍ମା ମତେ ନିଶାଗ୍ରସ୍ତ କରିପକାଏ ।

Digitized by srujanika@gmail.com

ପ୍ରାଚୀ ଚୁପ୍ ହେଇଯାଏ । ଚାର୍ଲସର କଥା କ'ଣ ସତ୍ୟ ହୋଇପାରେ ? ବିଷ୍ଣୁ ମହାରଣା ହସି ହସି କହେ—ଆତ୍ମା ଅମର, ଅଜର, ଅବିନଶ୍ୱର । ଆତ୍ମାକୁ ଅସ୍ୱୀକାର କଲେ ଏ ତାଳପତ୍ର ପୋଥିର କାହାଣୀ ମିଛ ହେଇଯିବ । ସାହେବ ଯାହାକୁ ଖୋଜି ବୁଲୁଛି ତାରି କାହାଣୀ ଲିପିବଦ୍ଧ ହେଇଛି ଏଇ ପୋଥିର ପୃଷ୍ଠାରେ । କୋଣାର୍କ ଇତିହାସରେ ସେ ଏକ ତ୍ୟାଗପୂତ ଅଶ୍ରୁଳ କାହାଣୀ—ଏକ ମହାକାବ୍ୟ । ବିଶ୍ୱାସ କଲେ ସତ—ବିଶ୍ୱାସ ନ କଲେ କାହାଣୀ ନଚେତ୍ କିମ୍ବଦନ୍ତୀ ।

ଚାର୍ଲସ ଏବେ ଦୀନବନ୍ଧୁବାବୁଙ୍କର ପେୟିଂ ଗେଷ୍ଟ ହେଇଛି । ପ୍ରାଚୀର ମଉସା ଦୀନବନ୍ଧୁବାବୁ ଜଣେ ଅଭିଜ୍ଞ ସାହିତ୍ୟ ଶିକ୍ଷକ । ବଡ଼ପୁଅ ପଦାର୍ଥ ବିଜ୍ଞାନରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଶେଷ କରି ଉଚ୍ଚତର ଗବେଷଣା ପାଇଁ ବର୍ଷକ ତଳେ ଆମେରିକା ଯାଇଛି । ସେ ୱାଶିଂଟନରେ ରହେ । ଚାର୍ଲସ ୱାଶିଂଟନରୁ ଆସିଛି ଶୁଣି ଦୀନବନ୍ଧୁବାବୁ ଏବଂ ସ୍ତ୍ରୀ ଚାରୁକଳା ନିଜ ପୁଅକୁ ପାଖରେ ପାଇଲାଭଳି ବୋଧ କରିଥିଲେ ଏବଂ ଚାର୍ଲସକୁ ଘରଟିଏ ଛାଡ଼ିଦେଇଥିଲେ ଆନନ୍ଦରେ । ଚାର୍ଲସ ମଧ୍ୟ ସେତେବେଳେ ଘରଟିଏ ଖୋଜୁଥିଲା ।

ଆଜିକାଲି ଚାର୍ଲସ ଦୀନବନ୍ଧୁବାବୁଙ୍କ ପାଖରେ ଓଡ଼ିଆ ଏବଂ ସଂସ୍କୃତ ପଢ଼େ । ସେ ଧୀରେ ଧୀରେ ସ୍ପଷ୍ଟ ଓଡ଼ିଆ କହି ଶିଖିଲାଣି । ବୁଝିଲାଣି ତା'ଠାରୁ ବେଶି । ଚାର୍ଲସ ମୁହଁରୁ ଭଙ୍ଗା ଭଙ୍ଗା ତ୍ରୁଟିପୂର୍ଣ୍ଣ ଓଡ଼ିଆ ଶୁଣିଲେ ଦୀନବନ୍ଧୁବାବୁଙ୍କର ନିଜ ପୁଅ ଦିନେଶ ମୁହଁର ଦରୋଟି କଥା ମନେପଡ଼େ । ଚାର୍ଲସ ଭୁଲ୍ କହିଲେ ଦୀନବନ୍ଧୁବାବୁ ବିରକ୍ତ ହେବା ପରିବର୍ତ୍ତେ ହସିପକାନ୍ତି ଆନନ୍ଦରେ । କହନ୍ତି—ନୂଆ ନୂଆ କଥା କହିଲାବେଳେ ଦୀନେଶର ପ୍ରାୟ ଏକ ପ୍ରକାର ଭୁଲ୍ ହେଉଥିଲା । ଭୟ ନାହିଁ ବାବା—ତମେ ଖୁବ୍ ଶୀଘ୍ର ଓଡ଼ିଆ ଭାଷାକୁ ଆୟତ୍ତ କରିଛ ।

ଚାର୍ଲସ ଖୁସି ହୁଏ । ଧନ୍ୟବାଦ ଜଣାଏ ।

ଜଣେ ଆମେରିକାନ ଗବେଷକ ଦୀନବନ୍ଧୁବାବୁଙ୍କ ପାଖରୁ ଓଡ଼ିଆ ଶିଖୁଛି ବୋଲି ଦୀନବନ୍ଧୁବାବୁଙ୍କର ଖାତିର ମଧ୍ୟ ବଢ଼ିଯାଇଥାଏ । ଦୀନବନ୍ଧୁବାବୁଙ୍କର ପାଠ ପଢ଼ାଇବାରେ ଯେତିକି ଆଗ୍ରହ, ଚାର୍ଲସର ପଢ଼ିବାରେ ତା'ଠାରୁ ବେଶି ମନଯୋଗ । ଚାର୍ଲସକୁ ଦେଖି ଦୀନବନ୍ଧୁବାବୁ ଭାବୁଥାନ୍ତି ଯେକୌଣସି ବୟସରେ, ଯେକୌଣସି ବିଦେଶୀ ଭାଷାକୁ ଆୟତ୍ତ କରାଯାଇପାରେ । ସେଥିପାଇଁ କେବଳ ସଙ୍କଳ୍ପବଦ୍ଧ ଉଦ୍ୟମ ଆବଶ୍ୟକ । ଚାର୍ଲସ ହେଉଛି ଏକାଗ୍ର ସାଧକ । ଯେଉଁଥିରେ ହାତଦିଏ ତାକୁ ଆୟତ୍ତ କରେ । ଠିକ୍ ଦୀନବନ୍ଧୁବାବୁଙ୍କ ପୁଅ ଦୀନେଶ ପରି । ଦୀନେଶ ମଧ୍ୟ ଫ୍ରେଞ୍ଚ ଏବଂ ଜର୍ମାନ ଭାଷାରେ ଡିପ୍ଲୋମା କରିଛି । ଚାର୍ଲସର ପ୍ରତ୍ୟେକ କାର୍ଯ୍ୟକଳାପରେ ବିଦେଶୀ ପୁତ୍ର ଦୀନେଶକୁ ଆବିଷ୍କାର କରି ସ୍ୱାମୀ ସ୍ତ୍ରୀ ଦୁହେଁ ସନ୍ତୋଷ ଲାଭ କରନ୍ତି । ତେଣୁ ଚାର୍ଲସ ଖୁବ୍ ଶୀଘ୍ର ଘରର ପୁଅ ହେଇଯାଇଥାଏ ।

Digitized by srujanika@gmail.com

ସରଳା ଚାରୁକଳା ଚାର୍ଲସକୁ ସକାଳ ଜଳଖିଆରେ ସରୁ ଚକୁଳି, ବସାଦହି ଏବଂ ପାଚିଲା କଦଳୀ ବାଢ଼ି ଦେଉ ଦେଉ କହନ୍ତି—ଏସବୁ ଦେହକୁ ଭଲ । ହୋଟେଲରେ ଖାଇଲେ ବାରପ୍ରକାର ରୋଗ ହୁଏ । ଅକାଳ ବାର୍ଦ୍ଧକ୍ୟ ଗ୍ରାସ କରେ । ମଣିଷ ଲାଷ୍ଟାଇଡ଼ା ହୋଇଯାଏ । ଯେତେ ଉପାର୍ଜ୍ଜନ କଲେ ବି ଅଣ୍ଟେ ନାହିଁ ।

ଚାର୍ଲସ ଅଳ୍ପ ହସି ହସି କହେ—ହୋଟେଲରେ ଖାଇବା ଏବଂ ଲଜିଂରେ ରହିବା ଆଜିକାଲି ସହରୀ ଜୀବନର ଚଳଣି ହେଇଗଲାଣି । ଅନେକଙ୍କର ସାରାଜୀବନ ସେମିତି ବି କଟିଯାଏ । କିଛି ଅସୁବିଧା ଲାଗେନି । ସବୁ ଅଭ୍ୟାସର କଥା । ତେର ବର୍ଷ ବୟସରୁ ମୁଁ ହୋଟେଲରେ ଖାଉଛି । ଚାରୁକଳା ମୁଣ୍ଡ ହଲାଇ କରୁଣାରେ କହନ୍ତି—ଆହା—ହା, କେତେ ଖରାପ ଅଭ୍ୟାସ କରିଛ ପିଲାଟି ଦିନରୁ । ମୋ ଦୀନେଶ କିନ୍ତୁ ହୋଟେଲରେ ଖାଇବା ପସନ୍ଦ କରେନି । ସେଠି ସେ ଜଣକ ଘରେ ପେୟିଂ ଗେଷ୍ଟ ହେଇଛି । ତାଙ୍କରି ଘରେ ରହେ, ଖାଏ । ଭାରି ଭଲ ମଣିଷ ସେମାନେ । ପୁଅ ଭଳି ସ୍ନେହ କରନ୍ତି ଦୀନେଶକୁ । ତମେ ତ ତାକୁ ଦେଖିଥିବ ପୁଅ ! ତମେ ଆସୁଥିବ—ସେ ଯାଇଛି । ବାଟରେ ତ ଦେଖା ହେଇଥିବ ନିଶ୍ଚୟ !

ଚାର୍ଲସ ହସିଦିଏ । କହେ—ନାଁ ମାଉସୀ, ଦେଖା ହେଇନି ଦୀନେଶ ସହ । ସେ ଆସିବା ପୂର୍ବରୁ ମୁଁ ଫେରିଗଲେ ନିଶ୍ଚୟ ଦେଖା କରିବି । କାହା କାମ ଆଗ ସରୁଛି କିଏ ଜାଣେ ? ତେବେ ତା'ର ସେଠି କିଛି ଅସୁବିଧା ହେବନି । ମୁଁ ଚିଠି ଲେଖି ତା'ର ସବୁ ସୁବିଧା କରିଦେଇଛି । ଦୀନେଶ ମେଧାବୀ ଛାତ୍ର । ତା' ପ୍ରଫେସର ଖୁବ୍ ଖୁସି । ବାପା ଲେଖିଥିଲେ । ଦୀନେଶର ଠିକଣା ବାପାକୁ ପଠାଇଥିଲି ।

ଦୀନବନ୍ଧୁ ଏବଂ ଚାରୁକଳା ଚାର୍ଲସକୁ ବେଶୀ ବେଶୀ ଭଲ ପାଆନ୍ତି । ଚାର୍ଲସ ଭାତ, ରୁଟି, ପିଠା ଏବଂ ସବୁ ଓଡ଼ିଶୀ ଖାଦ୍ୟକୁ ଆଗ୍ରହରେ ଖାଏ । ଘରଭଡ଼ା ଏବଂ ଖାଦ୍ୟ ପାଇଁ ଚାର୍ଲସ ଯଥେଷ୍ଟ ଅଧିକ ପଇସା ଦେଉଛି ବୋଲି ଦୀନବନ୍ଧୁ ଭାବିଲେ ମଧ୍ୟ ଚାର୍ଲସ ଦେଖେ ତାର ଅନେକ ପଇସା ଏ ବ୍ୟବସ୍ଥା ଯୋଗୁଁ ବଞ୍ଚିଯାଉଛି ।

ଦୀନବନ୍ଧୁବାବୁଙ୍କର ଦୁଇଟି ଖଞ୍ଜା । ରାସ୍ତା ଏପଟେ ଚାଳଛପର ପୈତୃକ ମାଟିଘର । ବଡ଼ ଅଗଣା । ଘର ପଛପଟେ ପନିପରିବା ବଗିଚା, କୂଅ ଏବଂ ପୋଖରୀ । ରାସ୍ତା ସେପଟେ ଠିକ୍ ସାମ୍ନାସାମ୍ନି ଦୀନବନ୍ଧୁ ନିଜ ଉପାର୍ଜନରେ ଇଟା କାନ୍ଥ ଦେଇ ଟାଇଲି ଛପର ଘର ଚାରିବଖରା କରିଛନ୍ତି । ଗାଧୁଆ ଘର, ପାଇଖାନା ମଧ୍ୟ ରହିଛି । ନୂଆ ଘରେ ବିଜୁଳି ବତୀର ବ୍ୟବସ୍ଥା ଅଛି । ସେଇ ବାହାର ପଟ ଖଞ୍ଜାର ଗୋଟିଏ କୋଠରୀ ଚାର୍ଲସକୁ ମିଳିଛି । ସେଥିରେ ଚାର୍ଲସ ପାଇଁ ଗୋଟିଏ ପଙ୍ଖା ମଧ୍ୟ ନୂଆ ହେଇ ଲାଗିଛି । ଅନ୍ୟ ତିନି ବଖରା ମଧ୍ୟରୁ ଦୁଇଟି କୋଠରୀରେ କେତେ ଜଣ ସ୍କୁଲ ଏବଂ କଲେଜ ଛାତ୍ର ମେସ୍ କରି ରହିଛନ୍ତି । ଅନ୍ୟ ଗୋଟିଏ

Digitized by srujanika@gmail.com

କୋଠରୀ ଦୀନବନ୍ଧୁବାବୁଙ୍କର ବୈଠକ ଘର ହେଇଛି । ସେଇ କୋଠରୀରେ ଦୀନବନ୍ଧୁବାବୁ ସକାଳ ସନ୍ଧ୍ୟାରେ ସ୍କୁଲ ପିଲାଙ୍କୁ ଟ୍ୟୁସନ୍ କରନ୍ତି । ବାହାରର ଭଦ୍ରଲୋକ ଆସିଲେ ସେଇ ଘରେ ବସାଉଠା କରି ବାହାରୁ ବାହାରୁ ଯାଆନ୍ତି ।

ବାହାର ଘରେ ରହୁ ରହୁ ଚାର୍ଲସ କେତେବେଳେ ଘର ଭିତରର ମଣିଷଟିଏ ହେଇଗଲାଣି । ଚାର୍ଲସର ଖୋଲା ସ୍ୱଭାବ ଯୋଗୁଁ କି ଚାରୁକଳାଙ୍କର ସ୍ନେହୀ ସ୍ୱଭାବ ଯୋଗୁଁ କିମ୍ବା ଦୀନବନ୍ଧୁଙ୍କର ମେଳାପି ମିଜାସ ଯୋଗୁଁ ସାହେବ ମଣିଷଟା ଏତେ ଶୀଘ୍ର ନିଜର ହେଇଗଲା ସେକଥା ଠିକ୍ କହିହୁଏନି । ଦୀନେଶ ରହୁଥିବା ସହର ସମ୍ବନ୍ଧରେ ଦୀନବନ୍ଧୁବାବୁ ଚାର୍ଲସ ମୁହଁରୁ ବିସ୍ତୃତ ବିବରଣୀ ଶୁଣିବାକୁ ଭଲପାଆନ୍ତି । ଚାର୍ଲସକୁ ସମୟ ମିଳିଲେ ସେ ଦୀନବନ୍ଧୁବାବୁଙ୍କୁ ସନ୍ତୁଷ୍ଟ କଲାଭଳି ଗଳ୍ପ ଆସର ଜମାଏ । ଅବସର ଗ୍ରହଣ ପରେ ପରେ ଦୀନବନ୍ଧୁବାବୁଙ୍କ ଘରେ ଚାର୍ଲସର ରହଣୀ ଯୋଗୁଁ, ଅବସର ପ୍ରାପ୍ତିର ସଦ୍ୟ ଅବସାଦ ବୋଧ ଦୀନବନ୍ଧୁଙ୍କୁ ସ୍ପର୍ଶ କରିପାରେ ନାହିଁ । ସୁଦୂର ମଣିଷ ଚାର୍ଲସ ନିକଟତର ହୋଇଯାଏ ଆପେ ଆପେ ।

ଚାର୍ଲସ କୋଠରୀର ଝର୍କା ଖୋଲିଲେ ରାସ୍ତା ସେପଟେ ତୀର୍ଯ୍ୟକ ଭାବେ ପ୍ରାଚୀପ୍ରଭାର କୋଠରୀଟି ଦିଶେ । ପୁରୁଣା ଖଞ୍ଜାର ସାମ୍ନାପଟେ ତିନିଟି ଶୋଇବା ଘର । ସେଥିରୁ ଗୋଟିକରେ ପ୍ରାଚୀ ରହେ । ଅନେକ ରାତିଯାଏ କିରୋସିନି ଲ୍ୟାମ୍ପ୍ ଜଳାଇ ପ୍ରାଚୀ ପଢ଼ାପଢ଼ି କରେ । ପୁରୁଣା ଖଞ୍ଜାରେ ବିଜୁଳିବତୀର ବ୍ୟବସ୍ଥା ନାହିଁ । ଚାର୍ଲସ ଏଣେତେଣେ ଘୂରି ଘୂରି ଅନେକ ଡେରିରେ ଫେରେ । ଦୀନବନ୍ଧୁବାବୁ ଜଗି ବସିଥାନ୍ତି । ଦିନେ ଦିନେ ଚାର୍ଲସ ବାହାରେ ସାମାନ୍ୟ କିଛି ଖାଇନେଇଥାଏ । ସେତିକିରେ ତା'ର ରାତ୍ରୀ ଭୋଜନ ସମାପନ ହୋଇଯାଏ । ଚାର୍ଲସ ଅଳ୍ପାହାରୀ । ରନ୍ଧା ଖାଦ୍ୟ ଅପେକ୍ଷା ଫଳ, ବିସ୍କୁଟ, ପାଉଁରୁଟି, ସିଝା ଅଣ୍ଡା ଏବଂ କ୍ଷୀର ତାର ବେଶୀ ପସନ୍ଦ । ପିଲାଦିନରୁ ବାହାରେ ଖାଇବା ଯୋଗୁଁ ଏପରି ଅଭ୍ୟାସ କରିନେଇଛି । ଏସବୁ ଜିନିଷ ପ୍ରାୟ ସବୁଠି ମିଳିଯାଏ ଏବଂ ସ୍ୱାସ୍ଥ୍ୟ ପକ୍ଷେ ଭଲ । ଚାର୍ଲସ୍ ମସଲା ଖାଏନି । ଯେତେ ଖାଇ ଆସିଥିଲେ ମଧ୍ୟ ଚାରୁକଳା କ୍ଷୀର ଗ୍ଲାସଟିଏ ଚାର୍ଲସକୁ ବାଧ କରି ପିଆନ୍ତି । କହନ୍ତି— ରାତିରେ ଘର ମଣିଷ ଉପବାସ ରହିଲେ ପ୍ରବାସୀ ଆତ୍ମୀୟଙ୍କର ଅଶୁଭ ହୁଏ । ଦୀନେଶ ପ୍ରବାସରେ ଅଛି । ତେଣୁ ରାତିରେ ଉପବାସ ରହିବା ଠିକ୍ ନୁହେଁ ।

ଇଚ୍ଛା ନଥିଲେ ବି ଚାର୍ଲସ ହସି ହସି କ୍ଷୀର ପିଇଦିଏ । ସେ ଯେ ଜଣେ ଘର ମଣିଷ ଏବଂ ଦୀନେଶ ଯେ ତାର ଜଣେ ପ୍ରବାସୀ ଆତ୍ମୀୟ, ଏତିକି ଶୁଣିବା ପରେ ସେ ଦୀନବନ୍ଧୁଙ୍କ ପରିବାରର ଆଉ ଟିକେ ନିକଟତର ହୋଇଯାଏ । ଚାର୍ଲସ କିଛି ସମୟ ଦୀନବନ୍ଧୁ ଓ ଚାରୁକଳାଙ୍କ ସଙ୍ଗେ ଆଳାପ କରେ । ବେଳେବେଳେ ପ୍ରାଚୀ ମଧ୍ୟ ଆଲୋଚନାରେ ଭାଗ ନିଏ । ପ୍ରାଚୀ

Digitized by srujanika@gmail.com

ସ୍ୱଳ୍ପଭାଷିଣୀ । ସେ ଶୁଣେ ବେଶୀ, କହେ କମ୍ । ଚାର୍ଲସ ମଧ୍ୟ ମାପି ଚୁପି କଥା କହେ । ଚାରୁକଳା ଏବଂ ଦୀନବନ୍ଧୁ ବୟସର ଗାମ୍ଭୀର୍ଯ୍ୟକୁ ମିଥ୍ୟା ପ୍ରମାଣିତ କରି ଗଳ୍ପ-ଆସରର ପୁରୋଧା ହୋଇଯାନ୍ତି ।

ତାଳପତ୍ର ପୋଥିର ବର୍ଣ୍ଣନା ଅନୁଯାୟୀ ପୂର୍ଣ୍ଣାଙ୍ଗ କୋଣାର୍କର ଯେଉଁ ପରିପୂର୍ଣ୍ଣ ନକ୍‌ସାଟି ଚାର୍ଲସ ଟାଣିଥିଲା ତାକୁ ସେଦିନ ଗଭୀର ଭାବରେ ଅଧ୍ୟୟନ କରି ସେ ବିସ୍ମିତ ହେଉଥିଲା । ପ୍ରାଚୀକୁ ପାଖରେ ବସାଇ ନକ୍‌ସାଟିକୁ ବିସ୍ତାରିତ ଭାବରେ ସେ ବୁଝାଇ ଦେଇଥିଲା । ସତେ ବା ଚାର୍ଲସ ହେଉଛି କୋଣାର୍କ ମନ୍ଦିରର ମୁଖ୍ୟ ସ୍ଥପତି । କିମ୍ବା ଚାର୍ଲସ ଯେମିତି କୋଣାର୍କକୁ ନିଖୁଣ ଅବସ୍ଥାରେ ପ୍ରତ୍ୟକ୍ଷ କରିଛି । ନକ୍‌ସାଟିକୁ ଚାର୍ଲସ ଯେତେ ବେଶି ଅନୁଧ୍ୟାନ କରୁଥାଏ ସେତେ ଆତ୍ମବିସ୍ମୃତ ହେଉଥାଏ । ଶୁଭରାତ୍ରୀ ଜଣାଇ ପ୍ରାଚୀ କେତେବେଳେ ବିଦାୟ ନେଇ ନିଜ କୋଠରୀକୁ ଚାଲି ଗଲାଣି ଏବଂ ଲ୍ୟାମ୍ପ ଜଳାଇ ପଢ଼ିବସିଲାଣି ସେଥିପ୍ରତି ଚାର୍ଲସ ଧ୍ୟାନ ଦେଇନାହିଁ ।

ଚାର୍ଲସ କୋଣାର୍କର ନିର୍ମାଣ କୌଶଳ, ସ୍ଥାପତ୍ୟ, ଭାସ୍କର୍ଯ୍ୟର ଟିକିନିଖି ବିବରଣୀକୁ ତାଳପତ୍ର ପୋଥିରୁ ସଂଗ୍ରହ କରି ନିର୍ଭରଯୋଗ୍ୟ ଅନ୍ୟାନ୍ୟ ତଥ୍ୟ ସହ ମିଳାଇ ଦେଖୁଥାଏ ଏବଂ ପ୍ରାଚୀ ରାଜା ନରସିଂହଦେବ, ରାଣୀ ସୀତାଦେବୀ ଏବଂ ଅନ୍ୟାନ୍ୟ ଚରିତ୍ରମାନଙ୍କ ଭିତରେ ହଜିଯାଇଥାଏ । ସେମାନେ ଜଣ ଜଣ କରି ଜୀବନ୍ୟାସ ପାଉଥାନ୍ତି ପ୍ରାଚୀ ସାମ୍ନାରେ ।

ରାତି ଅନେକ ହେଇଥାଏ । ପ୍ରାଚୀ କୋଠରୀର ଝର୍କାଦେଇ ଆଲୋକ ରେଖାଟିଏ ଧୀରେ ଆସି ଚାର୍ଲସ କୋଠରୀର ବିଜୁଳିବତୀର ଆଲୋକରେ ମିଶିଯାଉଛି । ବିଜୁଳିବତୀର ରଙ୍ଗ ଭଜି ଚାର୍ଲସରେ ରଙ୍ଗ ଉହ୍ୱଳ, ସଫା; ଅଥଚ ଆଖିକୁ ମୁଲାୟମ ନୁହେଁ । ପ୍ରାଚୀର ଦେହ ରଙ୍ଗରେ ଲ୍ୟାମ୍ପର ଆଲୋକ ଭଳି ଇଷତ୍ ଗୋଲାପୀ ଏବଂ ଫିକା ହଳଦୀର ଗୋଟାଏ ନରମ ମିଶାମିଶି ସେଡ୍ । ଅନୁଜ୍ଜଳ ଅଥଚ ମଧୁର ।

ଚାର୍ଲସ ନକ୍‌ସାରୁ ମୁଁହ ଉଠାଇ ପ୍ରାଚୀର କୋଠରୀ ଆଡ଼େ ଚାହିଁ ଅଳସରେ ହାଇ ମାରୁ ମାରୁ ଗୋଟାଏ ମିଠା ରୂପ ତା' ଆଖିରେ ନିଦର ସ୍ପର୍ଶ ଦେଇଗଲା । ସେ ରୂପ ପ୍ରାଚୀର । ଚାର୍ଲସ ପ୍ରାଚୀ କଥା ଭାବୁ ଭାବୁ ପ୍ରାଚୀ କୋଠରୀର ଆଲୋକ ଲିଭିଗଲା । ଚାର୍ଲସର ଆଖିରେ କେବଳ ଅନ୍ଧାର । ଚାର୍ଲସ ସୁଇଚ ଟିପି ନିଜ ଘରଟାକୁ ଅନ୍ଧାର କରିଦେଲା ଏବଂ କ୍ଲାନ୍ତଭାବରେ ଶଯ୍ୟାରେ ଢଳିପଡ଼ିଲା । ଚିରାଚରିତ ଅଭ୍ୟାସବଶତଃ ଆଖି ବୁଜିବା ମାତ୍ରେ ନିଦ ଆସିଯିବା କଥା । ଅଥଚ ଚାର୍ଲସ ଆଖିରେ ନିଦ ପରିବର୍ତ୍ତେ ସ୍ୱପ୍ନ ସବୁ ଜମାଟ ବାନ୍ଧୁଥିଲେ । ଯାଯାବର ଚାର୍ଲସ ପକ୍ଷେ ସ୍ୱପ୍ନ ଦେଖା ଗୋଟାଏ ବିରାଟ ବ୍ୟତିକ୍ରମ । ଆଜିର ଏ ସ୍ୱପ୍ନ କାହା ପାଇଁ ? କିଏ ସେଇ ସ୍ୱପ୍ନସୁନ୍ଦରୀ । ଅତୀତ, ଭବିଷ୍ୟତ ନା ବର୍ତ୍ତମାନ ?

Digitized by srujanika@gmail.com

ବର୍ତ୍ତମାନ ଚାର୍ଲସର ହାତମୁଠାରେ—ଭବିଷ୍ୟତ ଚାର୍ଲସକୁ କେବେ ସ୍ୱପ୍ନାବିଷ୍ଟ କରେ ନାହିଁ । ଅତୀତ ହିଁ ଚାର୍ଲସକୁ ବାରମ୍ବାର ଭାବମଗ୍ନ କରିପକାଏ । ଚାର୍ଲସ ସ୍ୱପ୍ନ ଦେଖୁଥାଏ—

ସାତଶହ ବର୍ଷର ଅଣଲେଉଟା ସମୟରଥ ଫେରିଆସୁଛି ସ୍ୱପ୍ନର ଯାଦୁସ୍ପର୍ଶରେ । ଚାର୍ଲସ ପୂର୍ଣ୍ଣାଙ୍ଗ କୋଣାର୍କ ବେଢ଼ାରେ ଘୂରିବୁଲୁଛି ।

କୋଣାର୍କ ପୀଠର କେନ୍ଦ୍ର ଦେଉଳ ସୂର୍ଯ୍ୟଙ୍କର ସପ୍ତାଶ୍ୱବାହିତ ରଥର ଅନୁକୃତିରେ ସଂପୂର୍ଣ୍ଣ ହେଇଛି । ମନ୍ଦିରରେ ଦୁଇଟି ବିଭାଗ । ବଡ଼ଦେଉଳ ବା ବିମାନ ଏବଂ ଜଗମୋହନ ବା ମୁଖଶାଳା । ଦୁଇଟିଯାକ ଗୋଟିଏ ପୀଠ ଉପରେ ସଂପୃକ୍ତ ଭାବେ ନିର୍ମିତ ହୋଇ ସୂର୍ଯ୍ୟରଥର ଭ୍ରମ ଜନ୍ମାଇଛି ମନରେ । ରଥ ଦେହରେ ବାରହଳ ଚକ ଏବଂ ସାତଟି ଅଶ୍ୱ ସଂଯୋଜିତ ହୋଇଛି । ବଡ଼ ଦେଉଳଟି ରେଖ ଦେଉଳ ଏବଂ ମୁଖାଶାଳା ପୀଢ଼ ଦେଉଳ ଆକାରରେ ନିର୍ମିତ । ପୂର୍ବଦିଗରେ ଅନ୍ୟ ଏକ ପୀଠରେ ବଡ଼ଦେଉଳଠାରୁ ସମ୍ମୁଖରେ କିଞ୍ଚିତ୍ ବ୍ୟବଧାନରେ ବନ୍ଦାପନା ମଣ୍ଡପ ବା ନାଟମନ୍ଦିର ଚିତ୍ରପଟ ଭଳି ଭାସୁଛି । ବିମାନ ଦକ୍ଷିଣପଶ୍ଚିମ କୋଣକୁ ଅଳ୍ପ ବ୍ୟବଧାନରେ ସୂର୍ଯ୍ୟଶକ୍ତି ଛାୟାଦେବୀଙ୍କର ମନ୍ଦିର । ଉତ୍ତର-ପଶ୍ଚିମ କୋଣରେ ଶାଶ୍ୱ ପୀଠ । ଦକ୍ଷିଣ-ପଶ୍ଚିମକୁ ବେଶ କିଛି ଦୂରେ ଭୋଗରନ୍ଧା ଘର । ସମ୍ମୁଖରେ ଦୁଇ ପାର୍ଶ୍ୱରେ ସ୍ନାନ ମଣ୍ଡପ, ଦୋଳମଣ୍ଡପ ଏବଂ କେତେଗୋଟି ଛୋଟ ଛୋଟ ମନ୍ଦିର । ତା'ପାଖକୁ ଲାଗି ପ୍ରତିଷ୍ଠା ହୋମର ବେଦୀ, ଯୂପ, ଦେଉଳତୋଳା ସମୟର ପର୍ଯ୍ୟବେକ୍ଷକ ଓ ପରିଦର୍ଶକମାନଙ୍କ ପାଇଁ ଚାହାଣୀ ମଣ୍ଡପ ମଧ୍ୟ ନିଖୁଣ ହେଇ ରହିଛି । ଠାକୁରଙ୍କ ବ୍ୟବହାର ନିମନ୍ତେ ରୋଷଘର ନିକଟରେ ଏକ ପଥର ବାମ୍ଫି । ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉତ୍ତର ପାର୍ଶ୍ୱରେ ଆଉ ଏକ ବାମ୍ଫିର ଖନନ କାର୍ଯ୍ୟ ବି ଶେଷ ହୋଇଥାଏ । କେନ୍ଦ୍ର ଦେଉଳ, ଅନ୍ୟାନ୍ୟ ଦେଉଳ ଓ ମଣ୍ଡପକୁ ଘେରି ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀ । ପୂର୍ବଦିଗରେ ସମ୍ମୁଖଭାଗରେ ମନ୍ଦିରର ସିଂହଦ୍ୱାର ଉଦାର ହାତ ବଢ଼ାଇ ଉନ୍ମୁକ୍ତ ହୃଦୟରେ ସାରା ବିଶ୍ୱର ମଣିଷଙ୍କୁ ଯେମିତି ଆହ୍ୱାନ କରୁଛି । ସୂର୍ଯ୍ୟାଲୋକ ତଳେ ଦେଶ, ଜାତି, ଭାଷା, ଧର୍ମ ଏବଂ ସଂପ୍ରଦାୟର ଭେଦଭାବ ନାହିଁ । ସମସ୍ତଙ୍କ ପାଇଁ ସୂର୍ଯ୍ୟାଲୋକ ସମାନ ଏବଂ ଅବାରିତ ହେଇ ଝରେ ।

କୋଣାର୍କ ସୂର୍ଯ୍ୟ ମନ୍ଦିର ସର୍ବଧର୍ମର ପୀଠସ୍ଥଳ । ଈଶ୍ୱର ଏକ, ମଣିଷ ଏକ—ତାହାହିଁ ବିଶ୍ୱବାସୀଙ୍କୁ କୋଣାର୍କ କଳାର ସନ୍ଦେଶ । ସିଂହଦ୍ୱାର ଦେଇ ଚାର୍ଲସ ଭିତରକୁ ଯାଉଥାଏ ଧୀରେ ଧୀରେ ।

ଜଣେ ଦକ୍ଷ ସ୍ଥପତି ଭାବରେ ଚାର୍ଲସ ମନ୍ଦିରର ଭୂମି ବିନ୍ୟାସକୁ ଅନୁଧ୍ୟାନ କରୁଥାଏ । ପଶ୍ଚିମ ପାଖ ଆୟତାକାର ପୀଠରେ ସର୍ବମୁଖୀ ମହାପ୍ରଶସ୍ତ ଗର୍ଭ, ତା' ସହିତ ସଂପୃକ୍ତ ହୋଇ ପୂର୍ବ ଦିଗରେ ବିନ୍ୟସ୍ତ ମହାପ୍ରଶସ୍ତ ମୁଖଶାଳା । ବିମାନର ଦକ୍ଷିଣ, ପଶ୍ଚିମ ଓ ଉତ୍ତରରେ ବିମାନ

Digitized by srujanika@gmail.com

ବାଡ଼ ସହ ଲଗାଲଗି ମିତ୍ର, ପୁଷ୍ପା ଓ ହରିଦଶ୍ୱ ନାମକ ତିନୋଟି ପାର୍ଶ୍ୱଦେବତାଙ୍କର ନିଜସ୍ୱ ପାର୍ଶ୍ୱ ଦେଉଳ ବା ନିଶା ଦେଉଳ । ମୁଖଶାଳାର ପୂର୍ବ, ଦକ୍ଷିଣ ଓ ଉତ୍ତରରେ ତିନୋଟି ଦ୍ୱାର ଏବଂ ପ୍ରତ୍ୟେକ ଦ୍ୱାରଠାରୁ ପୀଠର ଶେଷପଯାଏ ବିରାଟ ପ୍ରଶସ୍ତ ସୋପାନ ଶ୍ରେଣୀ ଦେଇ ସ୍ୱପ୍ନାବିଷ୍ଟ ଚାର୍ଲସ ବାରମ୍ବାର ପଦଚାରଣ କରୁଥାଏ । ପ୍ରତ୍ୟେକ ଦ୍ୱାରର ସୋପାନ ଶ୍ରେଣୀର ଉଭୟ ପାଖରେ ଗୋଟିଏ ଲେଖା ଅପୂର୍ବ କାରୁକାର୍ଯ୍ୟ ଖଚିତ ସ୍ତମ୍ଭ । ପୂର୍ବ ସୋପାନ ଶ୍ରେଣୀର ସ୍ତମ୍ଭଯୁଗଳ ଉପରେ ବାହାରକୁ ମୁହଁ କରି ଗୋଟିଏ ଲେଖା ବିରାଟ ସଜୀବ ପ୍ରାୟ ଗଜସିଂହ ମୂର୍ତ୍ତି । ଦକ୍ଷିଣ ସୋପାନ ପ୍ରାନ୍ତରେ ସ୍ତମ୍ଭ ଉପରେ ଆରୋହଣ କରିଛନ୍ତି ଦୁଇଟି ସମରାଶ୍ୱ ଏବଂ ଉତ୍ତରପଟ ସ୍ତମ୍ଭ ଉପରେ ଦୁଇଟି ରଣହସ୍ତୀ । ପୂର୍ବପଟର ସିଂହଦ୍ୱାର, ଦକ୍ଷିଣର ଅଶ୍ୱଦ୍ୱାର ଏବଂ ଉତ୍ତର ପଟର ଗଜଦ୍ୱାର ଦେଇ ଚାର୍ଲସ ବାରମ୍ବାର ମନ୍ଦିର ଚାରିପଟେ ପ୍ରଦକ୍ଷିଣ କରୁଥାଏ ।

ଚାର୍ଲସ ଏଥର ଆସି ଠିଆ ହେଲା ପୂର୍ବ ଦିଗର ସୋପାନ ଶ୍ରେଣୀ ଓ ନାଟ ମଣ୍ଡପର ପଶ୍ଚିମ ପାଖର ସୋପାନ ଶ୍ରେଣୀର ଠିକ୍ ମଧ୍ୟ ସ୍ଥଳରେ—ସୁଉଚ୍ଚ ପଞ୍ଚସ୍ତରୀ ଫୁଟ ଉଚ୍ଚତା ବିଶିଷ୍ଟ ମସୃଣ ଅରୁଣ ସ୍ତମ୍ଭକୁ ସାମ୍ନା କରି । ଷଡ଼ଭୁଜାକାର ଅରୁଣ ସ୍ତମ୍ଭର ପୀଠଟି ତଳ ପତନଠାରୁ ଛଅଫୁଟ ଉଚ୍ଚ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟରେ ପୂର୍ଣ୍ଣ । ସ୍ତମ୍ଭର ଶୀର୍ଷଦେଶରେ ଏକ ପିଣ୍ଡ ଉପରେ ଅରୁଣ କରଯୋଡ଼ି ବସିଛନ୍ତି । ଚାର୍ଲସର ପଛରେ କାହାର ଛାୟାମୂର୍ତ୍ତି । ଚାଲ୍ସ ମୁହଁ ବୁଲାଇ ପଛକୁ ଚାହିଁଲା । ପ୍ରାଚୀ ମୃଦୁ ମୃଦୁ ହସୁଛି । ଚାର୍ଲସ ପ୍ରାଚୀର ଗୋଟିଏ ହାତ ଧରି ଆଗେଇଲା । ଏତେ ସମୟ ଧରି ଚାର୍ଲସ ଯେମିତି ମନ୍ଦିରକୁ ବାରମ୍ବାର ପ୍ରଦକ୍ଷିଣ କରି କାହାକୁ ଖୋଜୁଥିଲା ଏବଂ ସେ ମିଳିଗଲା ।

ରଥର ଦୁଇଟି ଚକ ପରି ସମାନ ଭାବରେ ପାଦ ପକାଇ ପ୍ରାଚୀ ଏବଂ ଚାର୍ଲସ ବେଢ଼ା ବୁଲୁଥାନ୍ତି । ମୁଖଶାଳାର ପୂର୍ବ ପାହାଚରେ ଉଠି ଉଠି ଜଗମୋହନର ତୋରଣ ଶୋଭିତ ପ୍ରବେଶଦ୍ୱାର ସମ୍ମୁଖସ୍ଥ ''ନନ୍ଦ୍ୟାବର୍ତ୍ତ'' ପାହାଚ ପାଖରେ ଅରୁଣ-ବରୁଣ ଦ୍ୱାର ନିକଟରେ ସେମାନେ ଅଟକିଲେ । ଦକ୍ଷିଣରେ ପାହାଚ ଶେଷରେ ଜଗମୋହନ ଭିତରକୁ ଗୁମୁଟଦ୍ୱାର ଏବଂ ଉତ୍ତରରେ ଭଣ୍ଡାର ବିଜୟ ଦ୍ୱାର ଦେଇ କେହି ଯା'ଆସ କରୁଥାନ୍ତି । ପ୍ରତ୍ୟେକ ପ୍ରବେଶ ଦ୍ୱାରରେ ସ୍ତମ୍ଭବାହୀ ତ୍ରିମୁଖୀ ତୋରଣ । ତୋରଣରେ କାରୁକାର୍ଯ୍ୟ ଅଳଙ୍କାର । ଭାସ୍କର୍ଯ୍ୟର ଅଳଙ୍କାର ଭିତରେ ଚାର୍ଲସ ବୁଡ଼ିଯାଉଥାଏ । ଉତ୍ସାହରେ, ଆବେଗରେ ସେ ପ୍ରାଚୀର ନରମ ହାତ ପାପୁଲିକୁ ମୃଦୁ ଭାବରେ ଚାପି ଧରୁଥାଏ । ପ୍ରାଚୀର ହାତ ଦୁଇଟି ଶୀତଳ, ନିର୍ବିକାର, ଯେମିତି ପ୍ରାଚୀ ପାଇଁ ଏସବୁ ଆଦୌ ବିସ୍ମୟକର ନୁହେଁ । ସତେ ବା ତ୍ରୟୋଦଶ ଶତାବ୍ଦୀର ଉତ୍କଳୀୟ ଶିଳ୍ପୀ ପକ୍ଷରେ ଏସବୁ ସାମାନ୍ୟ କଥା ।

Digitized by srujanika@gmail.com

ଚାର୍ଲସ ପ୍ରାଚୀ ହାତଟିରେ ଆଉଟିକେ ଗଭୀରତାର ସ୍ପର୍ଶ ଦେଉ ଦେଉ ଦେଖିଲା କୋଣାର୍କ ମନ୍ଦିର ଅକସ୍ମାତ୍ ଏକ ପ୍ରସ୍ଫୁଟିତ ପଦ୍ମରେ ପରିଣତ ହୋଇଛି । ଏତେ ସମୟ ଧରି ଚାର୍ଲସ ଯେମିତି ପଥରର ପଦ୍ମ ଫୁଲଟିକୁ ଗନ୍ଧଲୋଭୀ ଭ୍ରମର ଭଳି ପ୍ରଦକ୍ଷିଣ କରୁଥିଲା ।

ପଦ୍ମପୀଠ ଉପରେ ସୂର୍ଯ୍ୟ ମନ୍ଦିରର ସୌନ୍ଦର୍ଯ୍ୟ ପଦ୍ମ ଫୁଲଠାରୁ ମଧ୍ୟ ଅଧିକ ମନୋରମ ଦିଶୁଥାଏ । ପୀଠର ଦୁଇସ୍ତର ପଥର ମଧ୍ୟରେ ଓଲଟା ପଦ୍ମପାଖୁଡ଼ା କିଏ ଯେମିତି ଗୁନ୍ଥିଛି ଅତି ଯତ୍ନରେ । ତା' ମଧ୍ୟରେ ଅତ୍ୟନ୍ତ ସୂକ୍ଷ୍ମ ଜାଲକାମ ଅତୁଳନୀୟ କରି ତୋଳିଥାଏ ପୀଠଟିକୁ । ସାରା ମନ୍ଦିରରେ ପଦ୍ମପୁଷ୍ପର ବିପୁଳ ସମ୍ଭାର । ସୂର୍ଯ୍ୟଦେବଙ୍କ ପାଦତଳେ ଶିଳାପଦ୍ମଟିଏ ଯେମିତି ଅର୍ଘ୍ୟ ଦେଇଛି ଉତ୍କଳ !

ଚାର୍ଲସ ମନ୍ତ୍ରମୁଗ୍ଧ ଭଳି ଜଗମୋହନର ପ୍ରବେଶ ଦ୍ୱାର ଦେଇ ମନ୍ଦିର ଭିତରେ ପ୍ରବେଶ କଲା । ପ୍ରବେଶ ଦ୍ୱାରର କାରୁକାର୍ଯ୍ୟ ଖଚିତ ଦ୍ୱାରବନ୍ଧର ସୌନ୍ଦର୍ଯ୍ୟରେ ସେ ବିମୂଢ଼ ହୋଇ ଯାଉଥାଏ । ଦ୍ୱାରବନ୍ଧ ପାଖକୁ ଲାଗିଥିବା ଅଳସ ବାଡ଼ ସମ୍ମୁଖରେ ତୋରଣର ସ୍ତମ୍ଭ । ତ୍ରିମୁଖୀ ତୋରଣର କେନ୍ଦ୍ର ଭାଗରେ ନବଗ୍ରହପାଟ ବିରାଜିତ । ନବଗ୍ରହର ପ୍ରତ୍ୟେକ ମୂର୍ତ୍ତି ଗୋଟିଏ ସ୍ତମ୍ଭବାହୀ ତୋରଣ ମଧ୍ୟରେ ଅବସ୍ଥାନ କରୁଥାନ୍ତି ।

ଚାର୍ଲସ ଧୀରେ ଧୀରେ ମନ୍ଦିରରେ ପ୍ରବେଶ କଲା । ମୁଖଶାଳାରୁ ଦେଉଳ ଭିତରକୁ ଚଉଦ ଫୁଟ ଲମ୍ବ ଓ ସାତଫୁଟ ଓସାରର ଦ୍ୱାର । କଳା ମୁଗୁନି ପଥରରେ ଦ୍ୱାରବନ୍ଦ ନାନା କାରୁକାର୍ଯ୍ୟ ଦ୍ୱାରା ଭୂଷିତ । ଦେଉଳର ଚଟାଣରେ ଚାର୍ଲସ ପାଦ ଦେଲା । ସାଢ଼େ ପାଞ୍ଚ ଇଞ୍ଚ ମୋଟାର କଳା ମୁଗୁନି ପଥର ଚଟାଣସାରା ବିଛା ହେଇଛି ଯତ୍ନରେ । ଉତ୍ତର କାନ୍ଥରେ ପାଦୁକା ନଳାରେ ବହିଯାଉଛି ପାଦୁକାର ପବିତ୍ର ଧାର ।

ସ୍ୱପ୍ନାବିଷ୍ଟ ଚାର୍ଲସକୁ ବର୍ତ୍ତମାନ ମନ୍ଦିରରେ ପ୍ରବେଶ ନିଷେଧ କରିବା ପାଇଁ କେହି ନାହିଁ । ଚାର୍ଲସ ରତ୍ନବେଦୀର ସାମ୍ନାସାମ୍ନି ଠିଆହେଲାଣି ଆସି ।

ସୁଚାରୁ କାରୁକାର୍ଯ୍ୟଭରା କଳାମୁଗୁନି ପଥରର ସିଂହାସନ ପଶ୍ଚିମ କାନ୍ଥରୁ ତିନିଫୁଟ ଛାଡ଼ି ଚଟାଣ ଉପଶୋଭା ପାଉଛି । ଦେଉଳ ପରି ସିଂହାସନଟି ପଞ୍ଚରଥ ବିଶିଷ୍ଟ । ସିଂହାସନର ଲମ୍ବ ଏଗାର ଫୁଟ ଆଠ ଇଞ୍ଚ । ସିଂହାସନ ଉପରେ ସୂର୍ଯ୍ୟବିଗ୍ରହଙ୍କ ନିମନ୍ତେ ରତ୍ନଖଚିତ ସୁନ୍ଦର ବେଦୀଟିଏ । ବେଦୀର ପଛ ପାଖରେ ପାଞ୍ଚ ଫୁଟ ଉଚ୍ଚତାର ଏକ ମଣ୍ଡଳୀ । ମଣ୍ଡଳୀ ଦେହକୁ ଆଶ୍ରୟ କରି ସୂର୍ଯ୍ୟ ମୂର୍ତ୍ତି ପ୍ରତିଷ୍ଠିତ ହେଇଛନ୍ତି । ସିଂହାସନ ଉପରକୁ ତଳ ଚଟାଣ ଉପରୁ ଏକ ମସୃଣ ପାହାଚ ଶ୍ରେଣୀ ପଡ଼ିଛି ।

ସିଂହାସନର ସୂକ୍ଷ୍ମ କାରୁକାର୍ଯ୍ୟ ଭିତରେ ଚାର୍ଲସ ସୂର୍ଯ୍ୟଦେବଙ୍କୁ ଭକ୍ତି ଜଣାଇବା କଥା ଭୁଲି ସେଇ ମହାନ୍ ଶିଳ୍ପୀଙ୍କୁ ଭକ୍ତି ଜଣାଇଛି । ସିଂହାସନର ନିମ୍ନ ଭାଗରେ ହାତୀ ରହିଛନ୍ତି ।

Digitized by srujanika@gmail.com

ହାତୀ ଶ୍ରେଣୀ ଉପରକୁ ସୂକ୍ଷ୍ମ ଲତା କାମ । ହାତୀର ଉପରେ ଓ ଦୁଇ ପାଖରେ ସୂକ୍ଷ୍ମ ମାଳକାମ । ପାଦଦେଶରେ ଲତା ଓ ମଧ୍ୟେ ମଧ୍ୟେ ନାନା ପ୍ରକାରର ଜୀବଜନ୍ତୁଙ୍କର ଚିତ୍ର ।

ପାଦର ଉପରି ଭାଗରେ ଓଲଟା ପଦ୍ମ ପାଖୁଡ଼ାର ଦୃଶ୍ୟ ଅତି ମନୋରମ । ଫୁଲ ଲତା ଏବଂ ବସନ୍ତର ଲତାକାମ ମଧ୍ୟରେ ହରିଣ, ଠେକୁଆ, ହାତୀ, ବେଙ୍ଗ ଇତ୍ୟାଦି ଜୀବଜନ୍ତୁମାନେ ପ୍ରାଣ ପାଇ ଯେମିତି ବିଦେଶୀ ଚାର୍ଲସକୁ ଅଭିବାଦନ କରୁଛନ୍ତି ।

ସିଂହାସନ ମଧ୍ୟଭାଗ କାନ୍ଥରେ ଉପାସନା ଦୃଶ୍ୟ ରହିଛି । ସମ୍ମୁଖ ଭାଗରେ ରାଜା ନରସିଂହଦେବ ଏବଂ ରାଣୀ ସୀତାଦେବୀ ନତଜାନୁ ହେଇ ବସିଛନ୍ତି । ରାଜା ପୂର୍ଣ୍ଣ ପରିଚ୍ଛଦରେ ଦେବାର୍ଚ୍ଚନାରେ ରତ । ବାମ କାଖ ତଳେ ଗୋଟିଏ ତରବାରୀ ଅଛି । ରାଜାଙ୍କ ପଛରେ ଦୁଇଜଣ ଏବଂ ଆଗରେ ପାଞ୍ଚଜଣ ପାତ୍ରମନ୍ତ୍ରୀ ଠିଆ ହୋଇଛନ୍ତି । ସେବକ ଫୁଲମାଳଟିଏ ରାଜାଙ୍କ ବେକରେ ପକାଇବା ପାଇ ନଇଁପଡ଼ିଛି । ରାଣୀଙ୍କ ପଛ ପାର୍ଶ୍ୱରେ ସ୍ତ୍ରୀମାନେ ଧାଡ଼ି ବାନ୍ଧି ଠିଆ ହେଇଛନ୍ତି । ସେମାନଙ୍କ ହାତରେ ଧୂପ, ଅର୍ଘ୍ୟ, ଝାଞ୍ଜ ଓ ମୃଦଙ୍ଗ । ସେମାନେ ନୃତ୍ୟ କରୁଛନ୍ତି । ସେମାନଙ୍କର ରୂପଲାବଣ୍ୟ ଓ ମୁଖଭଙ୍ଗୀ ଚାର୍ଲସ ମନରେ ରୋମାଞ୍ଚ ପରିବର୍ତ୍ତେ ଭକ୍ତିଭାବ ସଞ୍ଚାର କରୁଥାଏ ।

ସିଂହାସନ ସମ୍ମୁଖ ଭାଗରେ ଦୁଇ ପାଖରେ ଓଲଟସିଂହ ପଛ ପାଦରେ ଠିଆ ହୋଇ ରହିଛି ଏବଂ କୋଣର ଦୁଇ ପାଖରେ ସିଂହର ପଛ ଜାନୁ ତଳେ ଦୁଇଟି ହାତୀ ଅଛି । ଠିକ୍ କୋଣ ପାଖରେ ସିଂହର ବିକଟାଳ ମୁକ ପଛକୁ ଓଲଟି ଲାଙ୍ଗୁଳ ଅଗ୍ରଭାଗ ପର୍ଯ୍ୟନ୍ତ ଯାଇଛି । ସିଂହାସନର ପଛ ଦୁଇ କୋଣରେ କେବଳ ଗୋଟିଏ ହାତୀ ଉପରେ ଓଲଟ ସିଂହ ଠିଆ ହୋଇଛି ସିଂହାସନରେ ପଥର ପରସ୍ତରକୁ ଚିପି ରଖିବା ପାଇଁ ପିତ୍ତଳର ଚାପୁଆଣି ଲାଗିଛି ।

ସିଂହାସନର ସମ୍ମୁଖଭାଗ, ବାମ ଓ ଦକ୍ଷିଣ ପାଖରେ ମାହୁନ୍ତ ସହ ସୁସଜ୍ଜିତ ହାତୀ ସିଂହାସନର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି ।

ଚାର୍ଲସ କୋଣାର୍କ ନିର୍ମାତା ବୀର ନରସିଂହଙ୍କୁ ଦୃଷ୍ଟି ତୋଳି ଚାହିଁଲା । ସେ ବିସ୍ମୟ ସହକାରେ ଭାବୁଥିଲା ସୂର୍ଯ୍ୟଦେବଙ୍କର ଅର୍ଚ୍ଚନା କଲାବେଳେ ରାଜାଙ୍କ କମରରେ ତରବାରୀ କାହିଁକି ?

ଗମ୍ଭୀର ସ୍ୱରରେ କେହି ଯେମିତି କହୁଥିଲା—ହେ ବିଦେଶୀ ଯୁବକ ! ମୁଁ ତମ ପ୍ରଶ୍ନର ଉତ୍ତର ଦେଉଛି । ଉତ୍କଳର ଚତୁର୍ଦ୍ଦିଗରେ ସେତେବେଳେ ମୁସଲମାନ ରାଜତ୍ୱ । ପ୍ରତି ମୁହୂର୍ତ୍ତରେ ଉତ୍କଳର ସ୍ୱାଧୀନତା ଶକ୍ତିଶାଳୀ ମୁସଲମାନ ସୈନ୍ୟଦ୍ୱାରା ଲୁପ୍ତ ହେଇଯିବାର ଆଶଙ୍କା

Digitized by srujanika@gmail.com

ଲାଗିରହିଥାଏ । ସୂର୍ଯ୍ୟଦେବ ସକଳ ଶକ୍ତିର ଉତ୍ସ । ଦେଶର ସ୍ୱାଧୀନତା ରାଜାର ପରମ କର୍ତ୍ତବ୍ୟ । ସୂର୍ଯ୍ୟଦେବଙ୍କ ପରି ଶକ୍ତିମାନ୍ ହେବାପାଇଁ ରାଜା ନରସିଂହ ଆଶୀର୍ବାଦ ଭିକ୍ଷା କରୁଛନ୍ତି ଏବଂ ଉତ୍କଳର ସ୍ୱାଧୀନତା ରକ୍ଷା ପାଇଁ, ପ୍ରାଣପାତ କରିବାପାଇଁ ସୂର୍ଯ୍ୟଶକ୍ତି ନିକଟରେ ପ୍ରତିଜ୍ଞାବଦ୍ଧ ହେଉଛନ୍ତି ।

ସେତେବେଳକୁ ଚାର୍ଲସ ନତଜାନୁ ହେଇସାରିଥାଏ । ସୂର୍ଯ୍ୟବିଗ୍ରହ ସାମ୍ନାରେ ନୁହେଁ—ନରସିଂହଦେବଙ୍କ ସାମ୍ନାରେ । ତା' ହାତମୁଠାରୁ ପ୍ରାଚୀର ହାତମୁଠା ଏ ଭିତରେ ଛାଡ଼ି ହେଇଗଲାଣି ।

ସ୍ୱପ୍ନ ରାଜ୍ୟରେ ଚାର୍ଲସ ନରସିଂହଦେବଙ୍କୁ ପାଇ ବିସ୍ମିତ ହେଇଛି । ବୀର ନରସିଂହଙ୍କୁ ଭକ୍ତ ବେଶରେ ଦେଖି ତା'ର ହୃଦୟ ଭକ୍ତିରେ ବିଚଳିତ ହେଇଥାଏ ।

ଚାର୍ଲସ ମୋହାଚ୍ଛନ୍ନ ହୋଇପଡ଼ିଲା ରାଜା ନରସିଂହଙ୍କର ବ୍ୟକ୍ତିତ୍ୱ ଆଗରେ ।

ସକାଳକୁ ଚାର୍ଲସ ଶୋଇଥିଲା ନରସିଂହଦେବଙ୍କର ଗୋଟାଏ ପଥର ମୂର୍ତ୍ତିର ପାଦତଳେ ।

ଧର୍ମାନନ୍ଦ ଚାର୍ଲସକୁ ଉଠାଇଦେଲା । କହିଲା—କୋଣାର୍କ ମଠରେ ଅପା ଅପେକ୍ଷା କରିଛନ୍ତି । ପୋଥି ପଢ଼ା ହେବ ।

ଚାର୍ଲସ ଆଖି ଖୋଲି କହିଲା—କିଏ ଧର୍ମପଦ ? ଚାର୍ଲସ ଧର୍ମାନନ୍ଦକୁ ଧର୍ମପଦ ଡାକେ ।

ହଁ, ମୁଁ ଧର୍ମାନନ୍ଦ । ଅପା ପଠାଇଛନ୍ତି ତମକୁ ଖୋଜିବା ପାଇଁ ।

ଚାର୍ଲସ ଭାବାବିଷ୍ଟ ଭଳି କହିଲା—ତମକୁ ନୁହେଁ, ମୁଁ ଧର୍ମପଦକୁ ଖୋଜୁଥିଲି ରାତିସାରା ମନ୍ଦିର, ପାଚେରୀ ଚାରିପଟେ ଘୂରି ଘୂରି । ଭୋର ହେବାକୁ ପୂର୍ବ ଦ୍ୱାର ଖୋଲା ହେବା ମାତ୍ରେ କେତେବେଳେ ଯେ ଆସି ମନ୍ଦିର ଭିତରେ ଶୋଇଛି ମୁଁ ଜାଣେ ନାହିଁ । ଧର୍ମାନନ୍ଦ ସନ୍ଦିଗ୍ଧ କଣ୍ଠରେ ପଚାରିଲା—ଧର୍ମପଦ କିଏ ?

ଧର୍ମପଦ କୋଣାର୍କର ଯେକୌଣସି ଅଜ୍ଞାତ ଭାସ୍କର—ଯାହାର ନାମ ଇତିହାସରେ ଲେଖା ନାହିଁ । କିନ୍ତୁ ମନ୍ଦିର ଶିଳାପୃଷ୍ଠର ପ୍ରତ୍ୟେକ ପାଖୁଡ଼ାରେ ସେମାନଙ୍କର ନାମ ଅମ୍ଳାନ ଅକ୍ଷରରେ ଲେଖା ହେଇଛି । ମହାରାଜା ନରସିଂହଦେବଙ୍କର ଏକାଧିକ ମୂର୍ତ୍ତି ଭିତରେ ବାସ୍ତବରେ ସେଇମାନେ ହିଁ ଭାସ୍ୱର ହେଇ ରହିଛନ୍ତି । ସେମାନେ ହେଇପାରନ୍ତି ଯେ କେହି—ବିଷ୍ଣୁ ମହାରଣା, ନୀଳ ମହାରଣା, ଧବଳ ମହାରଣା କିମ୍ବା କମଳ ମହାରଣା ।

Digitized by srujanika@gmail.com

ସେମାନଙ୍କର ପ୍ରତ୍ୟେକଙ୍କର ବ୍ୟକ୍ତିଗତ ସାଧନା ଓ ଅବଦାନ ଯୋଗୁଁ ଅବଶେଷରେ କୋଣାର୍କ ମନ୍ଦିରର ମୁଣ୍ଡି ମରା ହେଇଥିଲା । ସେମାନେ ପ୍ରତ୍ୟେକ ଜଣେ ଜଣେ ଧର୍ମପଦ ।

କମଳ ମହାରଣାର ବୟସ ବାଇଶ । ସୁନ୍ଦର ସୁଠାମ ଯୁବକ । ଗୌର ବର୍ଣ୍ଣ, ଦୀର୍ଘଦେହ, ସୌମ୍ୟ କାନ୍ତି । ମଥାରେ ଘନ କୁଞ୍ଚିତ ଦୀର୍ଘ କେଶ । ଉନ୍ନତ ନାସା । ଶିଳ୍ପୀସୁଲଭ ଭାବଭରା ଦୁଇଟି ଦୀର୍ଘ ଆୟତ ଉଜ୍ଜ୍ୱଳ ଚକ୍ଷୁ । କୋଣାର୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ ଲାଗିଥିବା ବାରଶହ ଶିଳ୍ପୀଙ୍କ ଭିତରେ କମଳ ମହାରଣା ବାରିହୋଇ ଦିଶେ । କୋଣାର୍କ ସନ୍ନିକଟ ରୂପାଶ ଗଡ଼ରେ କମଳ ମହାରଣାର ତତ୍ତ୍ୱାବଧାନରେ ଶହେରୁ ଉର୍ଦ୍ଧ୍ୱ ଶିଳ୍ପୀ ବସାବାନ୍ଧି କାମରେ ଲାଗିଥା'ନ୍ତି ।

ରାଜାଙ୍କର ନିର୍ମାଣ ବିଭାଗର ମନ୍ତ୍ରୀ ସଦାଶିବ ସାମନ୍ତରାୟ ମହାପାତ୍ର ସେ ସମୟର ଜଣେ ଦକ୍ଷ ଇଞ୍ଜିନିୟର ତଥା କୁଶଳୀ ସ୍ଥପତି । ଦୀର୍ଘ ଦୁଇବର୍ଷ ଧରି ଅବିଶ୍ରାନ୍ତ ଭାବରେ ନିଜର ସମୟ, ମେଦା ଓ କୌଶଳ ପ୍ରୟୋଗ କରି କୋଣାର୍କ ମନ୍ଦିରର ନକ୍‌ସା ଏବଂ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଥାନ୍ତି । ତାଙ୍କ ଯୋଜନା ଅନୁଯାୟୀ କୋଣାର୍କ ମନ୍ଦିର ନିର୍ମାଣ ପାଇଁ ବାରବର୍ଷ ଲାଗିବ ବୋଲି ସେ ଅଟକଳ କରିଥାନ୍ତି; ପୁଣି ନିର୍ମାଣ କାର୍ଯ୍ୟରେ ବାରଶହ ଶିଳ୍ପୀ ନିଯୁକ୍ତ ହେବାର ବ୍ୟବସ୍ଥା ରହିଥାଏ ।

ବାରଶହ ଶିଳ୍ପୀ ଆବଶ୍ୟକ—ପୁଣି ବାରବର୍ଷ ଧରି ଏକାଗ୍ର ଚିତ୍ତରେ ଅବିରାମ କାର୍ଯ୍ୟ କରିବାକୁ ହେବ । ଘରଦ୍ୱାର, ପତ୍ନୀ ପରିବାର, ବୃଦ୍ଧ ମାତାପିତା, ସନ୍ତାନ-ସନ୍ତତିଙ୍କୁ ବାରବର୍ଷ ଧରି ଭୁଲିଯିବାକୁ ହେବ । ଭୂଲିଯିବାକୁ ହେବ ନିଜକୁ, ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ, ପ୍ରୀତି, ପ୍ରଣୟ ଏବଂ କାମନା ବାସନାକୁ । ଏ କିଛି ସାମାନ୍ୟ କଥା ନୁହେଁ !

ରୂପାଶ ଗଡ଼ର ଦଳବେହେରା ନିର୍ମାଣ କାର୍ଯ୍ୟ ପରିଚାଳନା ଦାୟିତ୍ୱରେ ଥା'ନ୍ତି । ଉପଯୁକ୍ତ ଶିଳ୍ପୀ ନିର୍ବାଚନ କରି ତାଙ୍କୁ କାର୍ଯ୍ୟରେ ନିଯୁକ୍ତି ଦେବା ଏବଂ ଠିକ୍ ଭାବରେ କାର୍ଯ୍ୟ ହାସଲ କରିବାର ଗୁରୁଦାୟିତ୍ୱ ତାଙ୍କର । ରାଜ୍ୟର ଚତୁର୍ଦ୍ଦିଗରେ ଦୂତମାନେ ଖେଦିଗଲେ । ରାଜାଙ୍କର ଆଦେଶ ଡେଙ୍ଗୁରା ଦେଇ ଜଣାଇ ଦିଆଗଲା । ବଛା ବଛା ଶିଳ୍ପୀମାନେ ରାଜାଙ୍କ ଆଦେଶକୁ ସସମ୍ମାନେ ପାଳନ କରି କୋଣାର୍କ ସନ୍ନିକଟ ଅଞ୍ଚଳମାନଙ୍କୁ ଦଳବାନ୍ଧି ଆସିଲେ । ପଛରେ ରହିଗଲା ହସ କାନ୍ଦର ସଂସାର—ପୁତ୍ରକନ୍ୟାଙ୍କର ଆକୁଳ କ୍ରନ୍ଦନ, ନବପରିଣୀତା କିଶୋରୀ ପତ୍ନୀର କରୁଣ ବିରହ ବ୍ୟଥା—ବୃଦ୍ଧ ପିତାମାତାଙ୍କର ଅସହାୟ ଦୀର୍ଘଶ୍ୱାସ ! ବାରବର୍ଷ ! ଗୋଟିଏ ଯୁଗ ! ଆଉ ପୁତ୍ର ମୁଖ ଦେଖିବେ ତ ସେମାନେ—ଅନ୍ତିମ ବେଳାରେ ପୁତ୍ର ହାତରୁ ନିର୍ମାଲ୍ୟପାଣି ଟୋପାଏ ମିଳିବ ତ ? ପୁତ୍ର ମୁଖାଗ୍ନି ଦେଇପାରିବ ତ ? ସବୁ ପ୍ରଶ୍ନ ଅନୁଚ୍ଚାରିତ ରହିଗଲା । ଉଚ୍ଚାରିତ ହେଲା କେବଳ ଆଶୀର୍ବଚନ—ଯାଅ ପୁତ୍ର—ଦେଶ

Digitized by srujanika@gmail.com

କାମରେ ପଛଘୁଞ୍ଚା ନାହିଁ । ଶିଳ୍ପୀର ସାଧନା ପଥରେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଅନ୍ତରାୟ ନ ହେଉ । କୋଣାର୍କ ହେଉ କାଳଜୟୀ । ଅମର ହେଉ ଉତ୍କଳୀୟ ଶିଳ୍ପୀ—ଉତ୍କଳ ଦେଶେ ଦେଶେ ସୁବିଖ୍ୟାତ ହେଉ ।

କମଳ ମହାରଣା ଆସିଥିଲା ବାରଶହ ଶିଳ୍ପୀଙ୍କ ଭିତରେ ଜଣେ ହେଇ । ସମସ୍ତଙ୍କ ଭଳି ସେ ମଧ୍ୟ ପ୍ରତିଜ୍ଞା କରିଥିଲା କୋଣାର୍କ ମୁଣ୍ଡି ନ ମରିବା ଯାଏ ପଛକୁ ଫେରି ଚାହିଁବ ନାହିଁ ବୋଲି । ସତକୁସତ ଆଉ ସେ ପଛକୁ ଫେରି ଚାହିଁ ନାହିଁ । ସେଦିନର ସେ ପ୍ରତିଜ୍ଞାବଦ୍ଧ କର୍ତ୍ତବ୍ୟବୋଧ ଆଉ ଏବେ କାହିଁ ?

ବିଷ୍ଣୁ ମହାରଣା କିଛିକ୍ଷଣ ଚୁପ୍ ହେଇ କିଛି ସ୍ମରଣ କରୁଥିଲା । ଏସବୁ ତା'ର ଜନ୍ମଜନ୍ମାନ୍ତରର କାହାଣୀ । ଅସଂଖ୍ୟ ଘଟଣାବହୁଳ ରୋମାଞ୍ଚକର ଅନଭୂତିର କଥା । ଶିଳ୍ପୀ କମଳ ମହାରଣା ହେଉଛି ତାଳପତ୍ର ପୋଥିରେ ବର୍ଣ୍ଣିତ କାହାଣୀର ନାୟକ ।

କମଳ ମହାରଣା ନିଜ ଜୀବନ ଇତିହାସ ଲେଖିଯାଇଛି ତାଳପତ୍ର ପୋଥିରେ । କୋଣାର୍କର ଶିଳ୍ପୀ କମଳ ମହାରଣା ବେଗୁନିଆ ନିବାସୀ କୁଶଭଦ୍ରାର ସ୍ୱାମୀ ଲାକ୍ଷ୍ମଣ ମହାରଣାର କେତେ ପୁରୁଷଣ ପୂର୍ବବର୍ତ୍ତୀ ବଂଶଧର । ଘରେ ଚାଡ଼ି ଆସିଥିବା କିଶୋରୀ ପତ୍ନୀ ଚନ୍ଦ୍ରଭାଗା ସମ୍ପର୍କରେ, ଯାହା ସାନଭାଇ ଧବଳ ମହାରଣାଠାରୁ ଶୁଣିଥିଲା, ଅନ୍ୟମାନଙ୍କଠାରୁ ଯାହା ବୁଝିଥିଲା, ଯାହା ନିଜେ ଅଙ୍ଗେ ଲିଭେଇ ଥିଲା ଆଉ କଳ୍ପନା କରିଥିଲା, ତାହାହିଁ ଠିକେ ଠିକେ ଲେଖିଯାଇଛି ତାଳପତ୍ର ପୋଥିରେ ।

ଶିଳ୍ପୀ କମଳ ମହାରଣା ସୁନ୍ଦର ଯୁବା ପୁରୁଷ । ଖଣ୍ଡଗିରି ତଳେ ଏକ ଛୋଟିଆ ଗାଁରେ ଶିଳ୍ପୀକୁଳରେ ଜନ୍ମ । ସେତେବେଳକାର ସେ ଜଣେ ନାମକରା ସ୍ଥପତି ଓ ଭାସ୍କର । ଦୁଇବର୍ଷ ତଳେ ବିବାହ ହୋଇଥାଏ ପାଖ ଗାଁର ନଅ ବର୍ଷର ବାଳିକା ଚନ୍ଦ୍ରଭାଗା ସହ । ଶିଳ୍ପୀ ଆଖିର ସ୍ୱପ୍ନଠାରୁ ସେ କୁଆଡ଼େ ସୁନ୍ଦର—କମଳ ମହାରଣାର କଳ୍ପନାଠାରୁ ସେ କମନୀୟ । ସମସ୍ତେ କହନ୍ତି—କମଳ ମହାରଣା ପାଇଁ ଚନ୍ଦ୍ରଭାଗା ଯେମିତି ଗଢ଼ା ହେଇଛି । ତାକୁ ପାଇବା ପରେ କମଳ ମହାରଣା ଆଉରି ସୁନ୍ଦର ମୂର୍ତ୍ତି ଗଢ଼ିବ । ଚନ୍ଦ୍ରଭାଗା ବିଧାତାର ହାତଗଢ଼ା କାରୁକାର୍ଯ୍ୟ ଖଚିତ ମର୍ମର ମୂର୍ତ୍ତିଟିଏ । ଶିଳ୍ପ ଚାତୁରୀରେ ବିଧାତା ପାଖରେ କମଳ ମହାରଣା ନିଶ୍ଚୟ ହାର ମାନିବ—ଏକଥା ଚନ୍ଦ୍ରଭାଗାକୁ ଦେଖି ଆସିବା ଲୋକମାନେ କମଳ ମହାରଣା ଆଗରେ ବର୍ଣ୍ଣନା କରି କହନ୍ତି । କମଳ ମହାରଣାର ଶିଳ୍ପୀ ଆଖିରେ ସ୍ୱପ୍ନ ସବୁ ଶରତ ଆକାଶର ନୀଳିମା ପରି ଆଉରି ଗଭୀର ହେଇଯାଏ । ବିଧାତାଙ୍କ ହାତ ତିଆରି ନିଜର ବାଳିକା ବଧୂକୁ କଳ୍ପନା ଚକ୍ଷୁରେ ଆଙ୍କି କମଳ ମହାରଣା ମୂର୍ତ୍ତି ଗଢ଼ିଯାଏ ଗୋଟାଏ ନିଶାରେ । କମଳ ମହାରଣାର ମୂର୍ତ୍ତି ଆଗରେ ବିଧାତା କାଳେ ହାରିଯିବେ ବୋଲି କେହି କେହି ଆଶଙ୍କା କରନ୍ତି । ଶିଳ୍ପ

Digitized by srujanika@gmail.com

ଚାତୁରୀରେ କେବେ ଯେଉଁଠି ହାର ମାନିନଥିବା କମଳ ମହାରଣାର କିନ୍ତୁ ଇଚ୍ଛାହୁଏ ବିଧାତାଙ୍କର ହାତଗଡ଼ା ତା'ର ବାଳିକା ବଧୂର ରୂପଲାବଣ୍ୟ ପାଖରେ ସେ ବାରମ୍ବାର ହାର ମାନନ୍ତା କି !

''ଚନ୍ଦ୍ରଭାଗା''ର ରୂପକୁ କଳ୍ପନା କଲେ କମଳ ମହାରଣାର ଆଖି ଆଗରେ ଦରଫୁଟନ୍ତା ପଦ୍ମଫୁଲର ଅନୁରାଗ ରଞ୍ଜିତ ଲାଜ ଲାଜ ଛବି ଆଙ୍କି ହେଇଯାଏ ।

ଚନ୍ଦ୍ରଭାଗା ଏଥର ବଧୂ ହେଇ ଆସିବ । ବାର ବର୍ଷର କିଶୋରୀ ବଧୂର ପଦଧ୍ୱନି କମଳ ମହାରଣାର ହୃଦୟ ଦ୍ୱାରରେ ବାଜି ଉଠିଲାଣି । ମାତ୍ର ଦୁଇଟା ମାସ ପରେ ଚନ୍ଦ୍ରଭାଗା ଆସିବ ବଧୂ ହେଇ—ନବବର୍ଷାର ଅଭିଷେକ ଭିତରେ ଅଭିସାରିକା ବେଶରେ ।

କମଳ ମହାରଣାର ମା' ନବବଧୂ ପାଇଁ ଘର ସଜାଉଛନ୍ତି ।

ଲକ୍ଷ୍ମୀପାଦ ପକାଇ ବଧୂ ଚନ୍ଦ୍ରଭାଗା ଆସିବ ପୁତ୍ର କମଳର ସୁଖ, ସୌଭାଗ୍ୟ, ଯଶ, କୀର୍ତ୍ତି, ସ୍ୱାସ୍ଥ୍ୟ ସନ୍ତୋଷ ଏବଂ ଦୀର୍ଘଜୀବନର ଶ୍ରୀ ସମ୍ଭାର ଧରି ।

ଝିଅମାନଙ୍କର ପାଦଦେ ଶ୍ରୀ, ପାଦକେ ହତଶ୍ରୀ । ସର୍ବଶୁଭରେ ଚନ୍ଦ୍ରଭାଗାର ଆଗମନୀ ପାଇଁ ତିଥି, ବାର, ଲଗ୍ନ ଧାର୍ଯ୍ୟ ହେଇଛି ।

ଆଉରି ଦୁଇ ମାସ ! ଦିନ ଦିନ ଧରି ଆଉରି ଷାଠିଏ ଦିନ । କମଳ ମହାରଣାର ଇଚ୍ଛାହୁଏ ଥରେ ଲୁଚି ଲୁଚି ଦେଖି ଆସନ୍ତା ଚପଳା କିଶୋରୀ ଚନ୍ଦ୍ରଭାଗାକୁ । ବଧୂ ହେଇ ଆସିବା ପରେ ଚନ୍ଦ୍ରଭାଗାର ଚପଳତା ହଜିଯିବ । ସେ ହେଇଯିବ ଚନ୍ଦ୍ରଭାଗାର ଅନ୍ୟ ଏକ ଶାଖା, ଗଭୀର—ମଛର—ମୃଦୁସ୍ରୋତା । ଧରିତ୍ରୀ ଭଳି ସର୍ବଂସହା—କଲ୍ୟାଣୀ ବଧୂଟିଏ । କୁମାରୀ ଚନ୍ଦ୍ରଭାଗାର ଅକଳୁଷ ସୌନ୍ଦର୍ଯ୍ୟ ଫୁଲର ସୁରଭିରେ ମିଶିଯାଇ ସେ ଗାଁରୁ ଏ ଗାଁକୁ ଭାସି ଆସେ—ଆମନ୍ତ୍ରଣ ଜଣାଏ ଶିଳ୍ପୀ କମଳକୁ !

ସେଦିନ ଚନ୍ଦ୍ରଭାଗାର ଗାଁ ଭିତର ଦେଇ ଫେରୁଥାଏ କମଳ ମହାରଣା, କୌଣସି ଏକ ଦୂର ଗାଁରୁ । ହୁଏତ ଜାଣ ଛାଣି ଶ୍ୱଶୁରଘର ଗାଁର ପାହାଡ଼ ତଳେ ତଳେ ସବୁଜ କ୍ଷେତର ଧାରେ ଧାରେ କାହାକୁ ଖୋଜି ଖୋଜି ସେ ଫେରୁଥାଏ । ଏ ତା'ର ନିତିଦିନିଆ ଫେରନ୍ତି ରାସ୍ତା ନୁହେଁ । ସାଙ୍ଗ ଛାଡ଼ି, ପଥ ଭାଙ୍ଗି କମଳ ମହାରଣା ଗୋଟାଏ ଅଜଣା ଆକର୍ଷଣରେ ଏଇ ପଥ ଦେଇ କେତେଥର ଯା' ଆସ କଲାଣି । ଗାଁ ମୁଣ୍ଡରେ ପଦ୍ମପୋଖରୀ । ପଦ୍ମପୋଖରୀରେ ଗାଁ ଝିଅ ବୋହୂଙ୍କର ଅଳସ ସ୍ନାନ ପର୍ବ କମଳ ମହାରଣାର ଶିଳ୍ପୀ ଆଖି ଦୁଇଟାକୁ ଅନାୟାସରେ ଟାଣିନିଏ । ଫୁଟନ୍ତ ପଦ୍ମଫୁଲ ଭିତରେ ବିକଶିତ ଲାବଣ୍ୟମୟୀ ମୁହଁ ଗୁଡ଼ା ଦାଉ ହୁଏ ନାହିଁ । ମନେହୁଏ ପୋଖରୀ ସାରା ଖାଲି ଗୁଡ଼ାଏ ପଦ୍ମଫୁଲର ସମାରୋହ ।

Digitized by srujanika@gmail.com

ସେଦିନ କମଳ ମହାରଣା ଫେରୁଥାଏ ସାଥି ବ୍ରଜବନ୍ଧୁ ସହ ଅନ୍ୟ ଏକ ଗାଁରୁ । ବାଟ ଭାଙ୍ଗି ପଦ୍ମପୋଖରୀ ବନ୍ଧେ ବନ୍ଧେ ଆଗେ ଆଗେ ଚାଲିଥାଏ କମଳ ମହାରଣା । କଅଁଳ ମଧ୍ୟାହ୍ନର ଖରା ନାରଙ୍ଗୀ କରିଦେଇଥାଏ ଗଛ, ପତ୍ର, ଆକାଶ, ପୃଥିବୀକୁ । କମଳର ଅବାଧ ଦୃଷ୍ଟି ତୀର୍ଯ୍ୟକ୍ ହେଇ ଭାଙ୍ଗି ଯାଉଥାଏ ସ୍ଥିର ସରସୀର ଦର୍ପଣରେ କାହାର ମୁହଁ ଦେଖିବା ପାଇଁ । ଅସମୟରେ ସ୍ନାନ କରୁଥାନ୍ତି ତିନୋଟି କିଶୋରୀ । ଲାଲ ଶାଢ଼ୀ ପିନ୍ଧି ପତଳୀ ହେଇ ରୂପମୟୀ କିଶୋରୀଟିଏ ଅଣ୍ଟା ପର୍ଯ୍ୟନ୍ତ ପାଣିରେ ଛିଡ଼ା ହେଇଥାଏ । ପଦ୍ମନାଡ଼ ପରି ସୁକୁମାର ଦେହ । ମୁଣ୍ଡରେ ଓଢ଼ଣା । ଦୂରରୁ କମଳକୁ ଦିଶୁଥାଏ ପଦ୍ମଫୁଲଟିଏ ଭଳି । ଈଷତ୍ ଲାଲ ଶାଢ଼ୀର ପାଖୁଡ଼ା ଭିତରେ ହରିଦ୍ରା ରଙ୍ଗର ପଦ୍ମକେଶର ମୁହଁଟିଏ । ତା' ଭିତରେ କଳା କଳା ଦୁଇଟି ଆୟତ ଆଖି । ସତେକି ପଦ୍ମକେଶର ଉପରେ ଦୁଇଟି ଭ୍ରମର ଏକସଙ୍ଗେ ମଧୁପାନ କରୁଛନ୍ତି ।

ବ୍ରଜବନ୍ଧୁ ଆସ୍ତେ କହିଲା—ଦେଖ କମଳ, ସେଇ ଲାଇ ଶାଢ଼ୀ ପିନ୍ଧା ସୁନ୍ଦରୀ ଝିଅଟା ହେଉଛି ତୋର ସ୍ତ୍ରୀ । ତାଙ୍କ ଘର ପାଖରେ ମୋ ପିଉସୀଘର । ମୁଁ ତାକୁ ଚିହ୍ନେ । ଠିକ୍ ସେତିକିବେଳେ ପୋଖରୀ ଭିତରୁ ଝିଅଟିଏ ଗୁଞ୍ଜରି ଉଠିଲା—ଦେଖଲୋ ବଉଳ, ଯାହାଙ୍କ କଥା ଦିନରାତି ଭାବୁଛୁ, ଯାହାଙ୍କ ଘରକୁ ଯିବା ପାଇଁ ଗୋଡ଼ ଟେକି ବସିଛୁ, ସେଇ ତୋର ସ୍ୱାମୀ ଆପେ ଆପେ ତୋ ସାମ୍ନାରେ ଉଭା ହେଇଛନ୍ତି । ଗାଧୋଇ ସାରି ପୂଜା ଦେ—

ଜଳ ତରଙ୍ଗ ଭଳି କଳ କଳ ନାଦରେ ଦୁଇଟି କିଶୋରୀ ଦୁଇ ପଟେ ହସି ହସି ସଖୀକୁ ପରିହାସ କରୁଥିଲେ । କମଳ ମହାରଣା କମ୍ପିତ ହୃଦୟରେ ଆଖିତେଜି ପ୍ରିୟତମା ବାଳିକା ବଧୂର ସଦ୍ୟସ୍ନାତ ଛବିଟିକୁ ମନ ଭିତରେ ଆଙ୍କିନେବା ପାଇଁ ପ୍ରୟାସ କଲାବେଳକୁ ଦେଖିଲା ଝିଅଟି ଅକସ୍ମାତ୍ ଉଭାନ ହେଇଛି । ସେଠି ହସୁଛି ଗୋଟାଏ ପଦ୍ମଫୁଲ । ଝିଅଟା ଲଜ୍ଜାରେ ପାଣି ଭିତରେ ବୁଡ଼ିଯାଇଛି । ପଦ୍ମଫୁଲ ପାଖରେ ଗୋଟାଏ ଜଳ ଭଉଁରୀ ଚକ୍‌କର କାଟୁଛି ।

କମଳ ମହାରଣା ନିରାଶ ହେଇଗଲା; କିନ୍ତୁ ପରକ୍ଷଣରେ ଲମ୍ବା ଲମ୍ବା ପାଦ ପକାଇ ପୋଖରୀ ବନ୍ଧ ପାରି ହେଇଯିବାକୁ ଚେଷ୍ଟା କଲା । ତା'ର ଭୟ ହେଲା ସେ ଯଦି ଶୀଘ୍ର ଦୃଷ୍ଟି ଅନ୍ତରାଳକୁ ଚାଲି ନଯାଏ ତେବେ ଲଜ୍ଜାବତୀ କିଶୋରୀଟି ଜଳ ଭିତରେ ଶ୍ୱାସରୁଦ୍ଧ ହେଇ ଶେଷ ପାଇଯିବ । ସେତେବେଳେ ତା'ର ଲଜ୍ଜାବତୀ ଝିଅମାନଙ୍କ ଉପରେ ଭୀଷଣ ରାଗ ହେଲା । ଦିନ କେଇଟା ଗଲେ ଚନ୍ଦ୍ରଭାଗା ତା' ଗଳାରେ ମାଳା ହେଇ ଶୋଭା ପାଇବ । ଅଥଚ ଆଜି ତା'ର ଦୃଷ୍ଟି ପଡ଼ିଯିବା ମାତ୍ରେ ସେ ଲଜ୍ଜାବଶତଃ ଜଳରେ ବୁଡ଼ି ପ୍ରାଣପାତ କରିବା ପାଇଁ ପ୍ରସ୍ତୁତ ।

ବନ୍ଧ ତଳକୁ ଗଡ଼ି ଯାଉ ଯାଉ କମଳ ଆଉଥରେ ପଛକୁ ବୁଲି ଚାହିଁଲା । ଓଦା ସରସର ହେଇ ଏକ ଲୟରେ ତାକୁ ପଛରୁ ଲକ୍ଷ୍ୟ କରୁଥିବା ବିଜୁଳି ଲତାଟିଏ ପୁଣିଥରେ ଟୁବ୍ କରି ପାଣିରେ ବୁଡ଼ିଗଲା । କଳ କଳ ହସର ଝରଣା ପୁଣିଥରେ ବହିଗଲା ଦୁଇ କୂଳ ଛୁଇଁ ।

Digitized by srujanika@gmail.com

କମଳ ଏକମୁହାଁ ହେଇ ପଳାଇ ଆସିଲା ରାସ୍ତା ଭାଙ୍ଗି । ପ୍ରତିଜ୍ଞା କଲା ଆଉ କେତେଟା ଦିନ ଧୈର୍ଯ୍ୟ ଧରି ଅପେକ୍ଷା କରିବ ପଛକେ ବାର ବର୍ଷର ବଧୂଟିକୁ ଲଜ୍ଜାରେ ବୁଡ଼ି ମରିବା ପାଇଁ ଦେବ ନାହିଁ ।

ଦୂରରୁ ଦେଖିଥିବା ଚନ୍ଦ୍ରଭାଗାର ଅସ୍ପଷ୍ଟ ଲାବଣ୍ୟମୟୀ ଛବିକୁ ସେ ଯେତେ ମନେ ପକାଇଲା କମଳ ମହାରଣାର କେବଳ ପଦ୍ମଫୁଲଟିଏ ମନେ ପଡ଼ିଲା ।

କମଳ ମହାରଣା ଭାବିଲା ଚନ୍ଦ୍ରଭାଗା ତା' ଘରକୁ ଆସିବା ପରେ ତାର ନୂତନ ନାମକରଣ ''ପଦ୍ମିନୀ'' ବା ''ମଂକଳିନୀ'' ହେଲେ କେମିତି ହୁଅନ୍ତା ।

ଶୁଭ ଲଗ୍ନରେ ଚନ୍ଦ୍ରଭାଗା ବଧୂହେଇ ଆସିଲା କମଳ ମହାରଣାର ଘରକୁ କୁମାରୀତ୍ୱର ସମସ୍ତ ଶ୍ରୀସମ୍ଭାର ଧରି ! ମାତ୍ର ସେତେବେଳକୁ କମଳ ମହାରଣାର ଘର ଶ୍ରୀହୀନ ହେଇଯାଇଥିଲା ।

କୋଣାର୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ ମହାରାଜାଙ୍କର ଡାକରା ପାଇ କମଳ ମହାରଣା ମାତ୍ର ବାରଦିନ ଆଗରୁ ଚନ୍ଦ୍ରଭାଗା ତୀରକୁ ଚାଲିଯାଇଥିଲା ବର୍ଷ ବର୍ଷ ଧରି ବାରବର୍ଷର ପ୍ରତୀକ୍ଷା କିଶୋରୀ ବଧୂ ଚନ୍ଦ୍ରଭାଗାକୁ ଉପହାର ଦେଇ ।

ସେତିକି ଛଡ଼ା ଆଉ କ'ଣ ବା ଉପହାର ଦେଇପାରିଥାନ୍ତା ଶିଳ୍ପୀ କମଳ, ନିଜର ପ୍ରାଣପ୍ରିୟା ବଧୂକୁ ?

ରୂପାଶ ଗଡ଼ର ଦଳବେହେରା ଯେଉଁଦିନ ତାଙ୍କ ଗାଁରୁ ବଛା ବଛା ଶିଳ୍ପୀମାନଙ୍କୁ ଡାକିନେଲେ ସେଦିନ କମଳ ମହାରଣା କୌଣସି ପ୍ରତିବାଦ କରିନଥିଲା । ବିଶ୍ୱବିଖ୍ୟାତ ସୂର୍ଯ୍ୟମନ୍ଦିରର ପାଷାଣରେ ପଦ୍ମ ଫୁଟାଇବା ଆଗରୁ ତା'ର ଯେ ଥରେ ''ଚନ୍ଦ୍ରଭାଗା''ର ପଦ୍ମମୁଖ ଦର୍ଶନ କରିଯିବା ଉଚିତ—ଏକଥା ସେ କହି ପାରିନଥିଲା । ସେ ତ ଏକା ନୁହେଁ—ତାରି ଭଳି ବାରଶହ ଶିଳ୍ପୀ ଦେଶର ଆହ୍ୱାନରେ ଘରୁ ପଦାକୁ ଗୋଡ଼ କାଢ଼ିଛନ୍ତି । କେହି ହୁଏତ ଉଠିଆସିଛି ବାସର ଶେଯରୁ—କେହି ବିବାହ ବେଦୀ ଉପରୁ । ଠିକ୍ ଯେମିତି ଯୁଦ୍ଧ ଡାକରା ପାଇ ଦେଶର ସ୍ୱାଧୀନତା ରକ୍ଷା କରିବା ପାଇଁ ଆଗେଇ ଆସିଛନ୍ତି ହଜାର ହଜାର ତରୁଣ ପାଇକ ପୁଅ । କେହି କୁଣ୍ଠିତ ନୁହନ୍ତି—କେହି ଦୁଃଖିତ ନୁହନ୍ତି । ଏ ତ ରାଜାଙ୍କର ଆଦେଶ ନୁହେଁ—ଦେଶର ଆହ୍ୱାନ—ଜଗନ୍ନାଥଙ୍କର ନିର୍ଦ୍ଦେଶ । ରାଜା ତ ଜଗନ୍ନାଥ ସ୍ୱାମୀଙ୍କର ଜଣେ ଆଜ୍ଞାବହ ସେବକ ମାତ୍ର ! ଜଗନ୍ନାଥଙ୍କର ଇଚ୍ଛାକୁ ସେ କେବଳ କାର୍ଯ୍ୟକାରୀ କରନ୍ତି । ସୃଷ୍ଟିକର୍ତ୍ତାଙ୍କ ନିର୍ଦ୍ଦେଶ ମାନିଲେ ସୃଷ୍ଟିର କଲ୍ୟାଣ ହୁଏ । ସୃଷ୍ଟି କଲ୍ୟାଣ ପାଖରେ ବ୍ୟକ୍ତି ଜୀବନର ଦୁଃଖ ସୁଖକୁ ତୁଚ୍ଛ କରି କମଳ ମହାରଣା ଆଗକୁ ପାଦ ବଢ଼ାଇଥିଲା ।

Digitized by srujanika@gmail.com

ନିଜ ଅଜାଣତରେ ସେଦିନ ବାଟଭାଙ୍ଗି ସେ ପଦ୍ମପୋଖରୀ ବନ୍ଧେ ବନ୍ଧେ ଚାଲୁଥିଲା । ସେଦିନ କେଜାଣି କାହିଁକି ଗୋଟିଏ ହେଲେ ପଦ୍ମଫୁଲ ଫୁଟିନଥିଲା ସାରା ପୋଖରୀଟାରେ । ଅଭିମାନର ଗୁରୁଭାରରେ ପଦ୍ମ ପାଖୁଡ଼ାର ଓଠ ନିବୁଜ କରି ପଦ୍ମ କଡ଼ ସବୁ ନିଶ୍ଚୁପ୍ ହେଇ ଠିଆ ହେଇଥିଲେ । ମୁହଁରେ ଅଭିଯୋଗ ନାହିଁ । ଅଥଚ ପାଖୁଡ଼ା ଉପରେ ବିନ୍ଦୁ ବିନ୍ଦୁ ଅଶ୍ରୁଜଳ ।

ଚନ୍ଦ୍ରଭାଗାରେ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ରଙ୍ଗ ଦେଖୁ ଦେଖୁ ଶିଳ୍ପୀ କମଳ ମହାରଣାର ମନେପଡ଼େ କିଶୋରୀ ପତ୍ନୀ ଚନ୍ଦ୍ରଭାଗାର ଅସ୍ପଷ୍ଟ ମୁହଁ । ଏ ଭିତରେ ଚନ୍ଦ୍ରଭାଗାର ସ୍ୱାମୀ ଗୃହକୁ ଆସିଥିବ । ଶୂନ୍ୟ ଗୃହରେ ତା'ର ବାସର ରାତ୍ରୀ ଉଦ୍‌ଯାପିତ ହେଇଥିବ । ସେ ଏବେ ରୁଗ୍‌ଣା ଶାଶୂଙ୍କର ସେବା କରୁଥିବ । ଚନ୍ଦ୍ରଭାଗାଠାରୁ ଦୁଇବର୍ଷ ବଡ଼ ଚଉଦ ବର୍ଷର କିଶୋର ଦିଅର ଧବଳ ମହାରଣାର ଯତ୍ନ ନେଉଥିବ । ଘର ଲିପୁଥିବ,ଝୋଟି ଦେଉଥିବ, ରୋଷେଇ କରୁଥିବ, ତୁଳସୀ ଚଉରାରେ ପାଣି ଦେଉଥିବ । କମଳ ମହାରଣାର ହାତଲଗା ଗଛରେ ଫୁଲ ଫୁଟାଉଥିବ । ଫୁଲ ଫୁଟାଉଥିବ ସ୍ୱାମୀ ଗୃହର ପ୍ରତିଟି ଧୂଳିକଣାରେ । ସେଇ ତା'ର କର୍ତ୍ତବ୍ୟ—ବୋହୂପଣିଆ । ସନ୍ଧ୍ୟା ଦୀପ ହେଇ ସାରା ପରିବାରର କଲ୍ୟାଣ ପଥରେ ସେ ନୀରବରେ ଜଳୁଥିବ—ଆଲୋକ ଢାଳୁଥିବ ସ୍ୱାମୀର ଫେରନ୍ତା ପଥରେ ।

ଚନ୍ଦ୍ରଭାଗା ତାହାହିଁ ତ କରୁଥିଲା ! ସେ ସନ୍ଧ୍ୟା ଦୀପ ହେଇ ଜଳୁଥିଲା କମଳଶୂନ୍ୟ ଅନ୍ଧାରୀ ଗୃହରେ । ସାରା ଘରକୁ ଆଲୋକିତ କରି ସେ ଅନ୍ଧାର ସାଉଁଟି ନେଉଥିଲା ନିଜ ହୃଦୟ ଭିତରକୁ । କମଳ ମହାରଣାର ହାତଗଢ଼ା ଅନେକ ମୂର୍ତ୍ତି ଭଳି ସେ ମଧ୍ୟ ଗୃହର ଶୋଭାବର୍ଦ୍ଧନ କରୁଥିଲା ଏବଂ ସେମିତି ପାଷାଣ ପାଲଟି ଯାଉଥିଲା । ସେ ଯେ ଗୋଟାଏ ମଣିଷ—ତା'ର ଶରୀର ଏବଂ ମନକୁ ଯେ କଷ୍ଟ ହୁଏ—ଦୁଃଖ ହୁଏ—ସେ ଯେ ମନେ ମନେ କାହାକୁ ଖୋଜେ—ନ ପାଇ ଝୁରେ—ଝୁରିଲେ ଯନ୍ତ୍ରଣା ପାଏ, ସେକଥା କେହି ଭାବନ୍ତି ନାହିଁ—କେହି ଜାଣନ୍ତି ନାହିଁ । ଏମିତିକି ଚନ୍ଦ୍ରଭାଗା ନିଜେ ମଧ୍ୟ ନିଜ ଭିତରର କଷ୍ଟକୁ ଆଉ କାହାର କଷ୍ଟ ଭାବି ଉପରେ ଉପରେ ଉଡ଼ାଇ ଦେବାକୁ ଚେଷ୍ଟା କରେ ।

କଷ୍ଟକୁ ପ୍ରକାଶ କଲେ ବା ଲାଭ କ'ଣ ? ଚନ୍ଦ୍ରଭାଗା ଜୀବନର ଅନାହୂତ ଦୁଃଖର ସମାଧାନ କିଏ କରିବ ? ଏ ତ ଦିନକର କଥା ନୁହେଁ—ମାସକର ବ୍ୟଥା ନୁହେଁ—ବର୍ଷକର ପ୍ରତୀକ୍ଷା ନୁହେଁ, ଏ ଯେ ବର୍ଷ ବର୍ଷ ଧରି ବାରବର୍ଷର ନୀରବ ନୀରବଚ୍ଛିନ୍ନ ତପସ୍ୟା । ସେ ପୁଣି ରାଜାଙ୍କର ଆଦେଶ,—ଜଗନ୍ନାଥଙ୍କର ଇଚ୍ଛା ।

କମଳ ମହାରଣା ବି ପତ୍ନୀକୁ ପଛ କରି ମୂର୍ତ୍ତିକୁ ସାମ୍ନାରେ ରଖିଥାଏ । କମଳ ମହାରଣାର ସାମ୍ନାରେ ଧାଡ଼ି ଧାଡ଼ି ଲାସ୍ୟମୟୀ ନାରୀ ମୂର୍ତ୍ତି । ତା'ର କିଶୋରୀ ପତ୍ନୀ ଚନ୍ଦ୍ରଭାଗା ପରି ସମସ୍ତେ ନୀରବ—ଅଥଚ ସେ ନୀରବତାର ଭାଷା ହୃଦୟରୁ ହୃଦୟକୁ ଛୁଏଁ । ମୂର୍ତ୍ତିଗୁଡ଼ିକ ଯେମିତି ନୀରବରେ ପ୍ରଶ୍ନ କରନ୍ତି—

Digitized by srujanika@gmail.com

—କେବେ ଆମକୁ ଜୀବନ୍ୟାସ ଦେବେ ଶିଳ୍ପୀ ? ଏଇ ନୀରବ ପ୍ରତୀକ୍ଷାର ଶେଷ କେବେ ?

ଚୁପ୍ ଚୁପ୍ କରି ସ୍ୱଗତୋକ୍ତି କରେ କମଳ ମହାରଣା—ଜୀବନ୍ୟାସ ପାଇଲେ ତମେ ଜରା, ବ୍ୟାଧି, ମୃତ୍ୟୁର ଉର୍ଦ୍ଧ୍ୱରେ ଚିରନ୍ତନ ହେବ ଶିଳ୍ପୀ । ତମକୁ ମୁଁ ଜୀବନ ଏବଂ ମୃତ୍ୟୁର ବହୁ ଉର୍ଦ୍ଧ୍ୱକୁ ନେଇଯିବାକୁ ଚାହେଁ । ମୁଁ ତମକୁ ଅନନ୍ତ ଯୌବନା କରି ଅନନ୍ତକାଳ ଯାଏ ବଞ୍ଚାଇ ରଖିବାକୁ ଚାହେଁ । ତମେ ଆହୁରି ଆହୁରି ପଥର ପାଲଟିଯାଅ । ମୁଁ ବି ପଥର ହେଇଯିବି । ପଥରର ଦୃଢ଼ତା ନେଇ ମୁଁ ଶିଳାରେ ଫୁଟାଇବି ପଦ୍ମ । କମଳ ମହାରଣା ପଥରରେ ପଦ୍ମ ଫୁଟାଇଯାଏ ।

—ଛଅ—

ନାଟ୍ୟାଚାର୍ଯ୍ୟ ସୌମ୍ୟ ଶ୍ରୀଦତ୍ତଙ୍କୁ ପ୍ରଣିପାତ ପୂର୍ବକ ସମ୍ମାନ ଜଣାଇଲା ଶିଳ୍ପୀ କମଳ । ସୌମ୍ୟ ଶ୍ରୀଦତ୍ତ ଆଶୀର୍ବାଦ କରି କହିଲେ—ଦୀର୍ଘାୟୁ ହୁଅ ଶିଳ୍ପୀ । ତମେ ଉତ୍କଳର ଗୌରବ । କୋଣାର୍କର ପ୍ରତ୍ୟେକଟି ପ୍ରସ୍ତର ଖୋଦିତ ନର ନାରୀ ତମ ହାତରେ ବାଦ୍ୟ ନୃତ୍ୟ-ସଙ୍ଗୀତ ବିଶାରଦ ହେଇ ଉଠିଛନ୍ତି । ସେମାନଙ୍କୁ ଦେଖିଲେ ଏଇ ନୀରବ ନିର୍ଜ୍ଜନ ଚନ୍ଦ୍ରଭାଗା ତୀରରେ ମୁଁ ନୂପୁର ନିକ୍ୱଣ ଶୁଣିପାରେ । ଶୁଣିପାରେ ଓଡ଼ିଶୀ ସଙ୍ଗୀତର ସୁମଧୁର ସ୍ୱର । ସେ ସ୍ୱର ଯେମିତି ଭାସିଆସେ କୋଣାର୍କରେ ସ୍ଥାପିତ ହେବା ପାଇଁ ନିର୍ମିତ ହେଇଥିବା ସମସ୍ତ ପାଷାଣମୂର୍ତ୍ତିର ଅଭ୍ୟନ୍ତରରୁ । ଶିଳ୍ପୀ ! ତମେ ମହାନ—ତମେ ବିଶ୍ୱ ବନ୍ଦିତ ।

କମଳ ମହାରଣା ବିନୟରେ ହାତଯୋଡ଼ି ଉତ୍ତରେ ଦେଲା—ନୃତ୍ୟାଚାର୍ଯ୍ୟ, ଆପଣତ ଏ ସମସ୍ତ ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟର ସୃଷ୍ଟିକର୍ତ୍ତା । ଆପଣଙ୍କ ଶିକ୍ଷାଦାନ ଏବଂ ସୁଦକ୍ଷ ପରିଚାଳନାରେ କୋଣାର୍କର ସମସ୍ତ ଶିଳାଖଣ୍ଡ ନୃତ୍ୟ—ବାଦ୍ୟ—ସଙ୍ଗୀତରତ ହେଇଉଠିଛନ୍ତି । ଆପଣ ଯେଉଁ ଅପୂର୍ବ ଚିତ୍ରପଟ ଆମ ଆଗରେ ବର୍ଣ୍ଣନା ମାଧ୍ୟମରେ ତୋଳି ଧରନ୍ତି, ଆମେ କେବଳ ତାକୁ ନିହାଣ ମନରେ ପଥର ଦେହରେ ଉଠାଇ ନେଉ । ଆପଣଙ୍କ ବ୍ୟତିରେକ କୋଣାର୍କର ଏ ନୃତ୍ୟଶୈଳୀ କେମିତି ବା ସମ୍ଭବ ହୁଅନ୍ତା ।

ନୃତ୍ୟାଚାର୍ଯ୍ୟ ସୌମ୍ୟ ଶ୍ରୀଦତ୍ତ ପ୍ରଶାନ୍ତ ବଦନରେ ହାସ୍ୟ ଫୁଟାଇ ବୁଲି ବୁଲି ନବ ନିର୍ମିତ ମୂର୍ତ୍ତିମାନଙ୍କୁ ପର୍ଯ୍ୟବେକ୍ଷଣ କରନ୍ତି ।

ବିଭିନ୍ନ ଶିଳ୍ପୀ ଶିବିରରେ ଏକସଙ୍ଗେ କାମ ଚାଲିଛି । ଜଣେ ଜଣେ ଦକ୍ଷ ଶିଳ୍ପୀଙ୍କ ପରିଚାଳନାରେ ଦଳ ଦଳ ଶିଳ୍ପୀ ବିଭିନ୍ନ ଶିବିରରେ ଏକାଗ୍ର ଚିତ୍ତରେ ଏକନିଷ୍ଠ ତପସ୍ୟାରେ

Digitized by srujanika@gmail.com

ମଗ୍ନ । ଶିବିରମାନଙ୍କରେ ଧାଡ଼ି ଧାଡ଼ି ସମ୍ପୂର୍ଣ୍ଣ, ଅସମ୍ପୂର୍ଣ୍ଣ, ଅସଂଖ୍ୟ ପାଷାଣ ମୂର୍ତ୍ତି ଥୁଆହେଇଛନ୍ତି । କାର୍ଯ୍ୟ ଶେଷରେ ସେମାନଙ୍କୁ ନେଇ, ମନ୍ଦିରର ବିଭିନ୍ନ ବିଭାଗରେ ଖଞ୍ଜି ଦିଆଯାଏ ।

ଜଗମୋହନର ଉପର ସ୍ତରର ସମାନ୍ତରାଳ ଛାତ ଉପରେ ଛଅଟି ଜୀବନ୍ତ ଭୈରବ ମୂର୍ତ୍ତି ସ୍ଥାପିତ ହେବେ । ସମସ୍ତ କାର୍ଯ୍ୟ ପ୍ରାୟ ଶେଷ । ବିଭିନ୍ନ ଶିବିରରେ ଛଅଟି ମୂର୍ତ୍ତି ତିଆରି ହୋଇଛନ୍ତି ଅଥଚ ମୂର୍ତ୍ତିଗୁଡ଼ିକର ଆକାର ଏକ ପ୍ରକାର । ଜଗମୋହନର ପୂର୍ବ, ଉତ୍ତର ଓ ଦକ୍ଷିଣ ଦିଗରେ ଯୁଗଳ ଭାବରେ ଏମାନେ ରକ୍ଷକ ଭାବରେ ବିଦ୍ୟମାନ ହେବେ କାଳ କାଳ ପାଇଁ । ସତେ ଯେମିତି କୋଣାର୍କର କାରୁକାର୍ଯ୍ୟକୁ କାଳ କବଳରୁ ରକ୍ଷା କରିବା ପାଇଁ ଏମାନେ ଧରିଛନ୍ତି ଅସ୍ତ୍ର, ଡମ୍ବରୁ, କୁଠାର, ରୁଦ୍ରାକ୍ଷମାଳ, ଅଗ୍ନ୍ୟୁତ୍ପନ୍ନ କରୁଥିବା ତ୍ରିଶୂଳ ଏବଂ ବିଷପାତ୍ର । ନୃତ୍ୟଶୀଳ ଭୟଙ୍କର ସମସ୍ତ ଭୈରବ ମୂର୍ତ୍ତି ଚତୁର୍ମୁଖ ଏବଂ ଖର୍ପର ଧାରଣ କରିଛନ୍ତି । ଭୈରବମାନେ ଅତ୍ୟନ୍ତ ତେଜୋଦୀପ୍ତ ଏବଂ ନାଟ୍ୟଶାସ୍ତ୍ର ସମର୍ଥିତ ସୂଚୀପାଦ ନୃତ୍ୟଭଙ୍ଗୀରେ ଅଧିଷ୍ଠିତ ହେଇଛନ୍ତି ।

ମୂର୍ତ୍ତିଗୁଡ଼ିକ ଦେଖି ଶ୍ରୀଦତ୍ତ ସନ୍ତୋଷ ପ୍ରକାଶ କରିଥିଲେ । ଭୈରବ ମୂର୍ତ୍ତିଗୁଡ଼ିକ ପାଖରେ କରାଳ କାଳ ପରାଜିତ ହେଇଯିବ ବୋଲି ଶ୍ରୀଦତ୍ତଙ୍କର ଆତ୍ମବିଶ୍ୱାସ ହେଉଥିଲା ।

ଜଗମୋହନ ଉର୍ଦ୍ଧ୍ୱ ଦୁଇ ସ୍ତରର ମର୍ଦ୍ଦଳ, ମଞ୍ଜିରା (ଗିନି), କରତାଳ (ଝାଞ୍ଜ), ବୀଣା, ବେଣୁ ଓ କାହାଳୀ ବାଦନ୍ୟତା ଜୀବନ୍ତ ନାରୀମୂର୍ତ୍ତିମାନେ ସ୍ଥାପିତ ହେବେ । କାର୍ଯ୍ୟ ଆରମ୍ଭ ହେଇଛି ମାତ୍ର । ନୃତ୍ୟାଚାର୍ଯ୍ୟ କହିଲେ—ଦେଖ କମଳ, କଠିନ ପ୍ରସ୍ତର ଖଣ୍ଡରୁ ତମେ ନର୍ମିତ କରିବ ନବନୀତ କୋମଳ ନାରୀମୂର୍ତ୍ତି । ସେମାନେ ହେବେ ସୁଅଳଙ୍କୃତା ଏବଂ ନୈସର୍ଗିକ ସୌନ୍ଦର୍ଯ୍ୟର ପ୍ରତୀକ । ତାଙ୍କର ଯୌବନଦୀପ୍ତ ସୁଗଠିତ ଅବୟବ ବିଶେଷ ଅଳଙ୍କାର ଏବଂ କେଶବିନ୍ୟାସରେ ଅପୂର୍ବ ଲାବଣ୍ୟମୟୀ ହେବ । ସେମାନଙ୍କର ଅବଲମ୍ବିତ ଠାଣି ଉତ୍କଳୀୟ ଶିଳ୍ପୀର କଳା-ନୈବୁଣ୍ୟ କାଳ କାଳ ପାଇଁ ଘୋଷିତ କରିବ ।

କମଳ ନୀରବରେ ରାଜାଙ୍କର ଆଦେଶକୁ ନୃତ୍ୟାଚାର୍ଯ୍ୟଙ୍କ ମାଧ୍ୟମରେ ମଥାପାତି ଗ୍ରହଣ କରୁଥିଲା । ସୌମ୍ୟ ଶ୍ରୀଦତ୍ତ ଗମ୍ଭୀର କଣ୍ଠରେ ପୁଣି କହିଲେ—ଦକ୍ଷିଣରେ ନୃସିଂହନାଥ ମନ୍ଦିରର ସେବା ନିମନ୍ତେ ମହାରାଜା ଏକଶତ ''ସାନ'' (ନର୍ତ୍ତକୀ ବା ମାହାରୀ)ଙ୍କୁ ନିଯୁକ୍ତି ଦେଇଛନ୍ତି । ମହାରାଜା ପରମ ଧାର୍ମିକ । ତାଙ୍କର ଶ୍ରେଷ୍ଠ କୀର୍ତ୍ତି କୋଣାର୍କ ମନ୍ଦିର ପାଇଁ ତା ଅପେକ୍ଷା ବହୁ ସଂଖ୍ୟକ ଦେବଦାସୀ ନିଯୁକ୍ତି ପାଇବେ । ପ୍ରତିଦିନ ପ୍ରତ୍ୟୁଷରେ ଓ ସନ୍ଧ୍ୟାରେ ପୂଜା ପଦ୍ଧତିର ଆବଶ୍ୟକୀୟ ଅଙ୍ଗ ରୂପେ ନାଟ ମଣ୍ଡପରେ ସୂର୍ଯ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ

Digitized by srujanika@gmail.com

ନୃତ୍ୟ ହେବ । ରକ୍ତ ମାଂସ ଶରୀର ଧାରିଣୀ ଦେବଦାସୀମାନେ ନୃତ୍ୟରେ ପାଷାଣ କନ୍ୟାମାନଙ୍କର ପାକରେ ଯେପରି ହାର ମାନିବେ । ଏହା ମହାରାଜାଙ୍କର ଇଚ୍ଛା ଏବଂ ଆଦେଶ ।

କମଳ ମହାରଣା ବିନୀତ ଭାବରେ ଉତ୍ତର ଦେଲା—କୋଣାର୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ ଲାଗିଥିବା ସମସ୍ତ ସ୍ଥପତି ଉତ୍କଳର ପ୍ରଚଳିତ ନୃତ୍ୟକଳା ସମ୍ବନ୍ଧରେ ଅବହିତ ଅଛନ୍ତି । ଚିତ୍ର ଓ ବସ୍ତୁକଳା ଶିକ୍ଷା କରିବା ପୂର୍ବରୁ ଆମ୍ଭମାନଙ୍କୁ ନୃତ୍ୟକଳା ଶିକ୍ଷା କରିବାକୁ ପଡ଼ିଥାଏ । ନୃତ୍ୟଶୈଳୀ ନଜାଣି ନିର୍ଭୁଲ ନୃତ୍ୟ ମୂର୍ତ୍ତି ଗଠନ କରିବା ଅସମ୍ଭବ । ମହାରାଜାଙ୍କର ଆଦେଶକୁ ଆମେ ପ୍ରାଣ ଦେଇ ପାଳନ କରିବୁ । ନୃତ୍ୟାଚାର୍ଯ୍ୟ ଗୁରୁଗମ୍ଭୀର କଣ୍ଠରେ କହିଲେ—ଶିଳ୍ପୀ, ତମ ଉପରେ ମୋର ଗଭୀର ଆସ୍ଥା ଅଛି—ଆସ୍ଥା ଅଛି ବାରଶହ ଶିଳ୍ପୀଙ୍କ ଉପରେ । ନାଟମନ୍ଦିର ନୃତ୍ୟ ମୂର୍ତ୍ତିଗୁଡ଼ିକର ସମସ୍ତ ଦାୟିତ୍ୱ ତମ ଉପରେ ନ୍ୟସ୍ତ କରି ମୁଁ ନିଶ୍ଚିନ୍ତ ହେବି । ଓଡ଼ିଶୀ ନୃତ୍ୟକଳା ସମ୍ବନ୍ଧରେ ତମର ଗଭୀର ଜ୍ଞାନ ଏବଂ ପ୍ରବେଶ ଅଛି, ଏ ବିଷୟରେ ମୁଁ ନିଃସନ୍ଦେହ । ତଥାପି ଆଉଥରେ ଓଡ଼ିଶୀ ନୃତ୍ୟକଳାର ଭଙ୍ଗୀ ସମ୍ବନ୍ଧରେ ମୁଁ କହି ରଖୁଛି । ନାଟମଣ୍ଡପର ସମସ୍ତ ନୃତ୍ୟମୂର୍ତ୍ତି ଏହି ରୀତିକୁ ଅନୁସରଣ କରିବେ ।

କମଳ ମହାରଣା ନୃତ୍ୟାଚାର୍ଯ୍ୟଙ୍କର ନିର୍ଦ୍ଦେଶକୁ ଅତି ସାବଧାନତା ସହକାରେ ମାନସପଟରେ ଟିପି ରଖୁଥିଲା—ନୃତ୍ୟରେ ମୌଳିକ ବିଳାସପୂର୍ଣ୍ଣ ଲଳିତ ଅବସ୍ଥାନ ରୀତିକୁ ''ଭଙ୍ଗୀ'' କୁହାଯାଏ । ସମସ୍ତ ଅବୟବର ସହାୟତାରେ ''ଭଙ୍ଗୀ''ର ସୃଷ୍ଟି । ନୃତ୍ୟରେ ରୂପ ଓ ସୌନ୍ଦର୍ଯ୍ୟର ବୃଦ୍ଧି ନିମନ୍ତେ ''ଭଙ୍ଗୀ'' ଏକାନ୍ତ ଆବଶ୍ୟକ । ନୃତ୍ୟର ଭଙ୍ଗୀରେ ନିତମ୍ବ ଏକ ପାର୍ଶ୍ୱକୁ ଉନ୍ନୀତ ହୁଏ ମସ୍ତକ ଢଳି ରହେ । ପାଦ ରହେ ଛନ୍ଦୋକୃତି ଅବସ୍ଥାରେ । କମଳ ମହାରଣା ନୃତ୍ୟାଚାର୍ଯ୍ୟଙ୍କର କଥା ଧ୍ୟାନ ଦେଇ ଶୁଣୁ ଶୁଣୁ କହିଲା—ମହାଶୟ, ମୁଁ ଚିନ୍ତା କରିଛି ନାଟମଣ୍ଡପର ନୃତ୍ୟାମୂର୍ତ୍ତିଗୁଡ଼ିକରେ ଓଡ଼ିଶୀ ନୃତ୍ୟର ବିଶେଷ ଭଙ୍ଗୀକୁ ରୂପ ଦେବି । ଏଥିରେ ରୂପ ପାଇବ ଅଳସା, ଦର୍ପଣା, ପାଶ୍ୱମର୍ଦ୍ଦଳା, ମର୍ଦ୍ଦଳା, ଅର୍ଚ୍ଚନା, ବିରାଜ, ପ୍ରଣତା, ଅଭିମାନ ଇତ୍ୟାଦି ବିଶେଷ ଭଙ୍ଗୀ । ଏଥିରେ ଆପଣ ସନ୍ତୁଷ୍ଟ ତ ? କମଳ ମହାରଣାର ନୃତ୍ୟଶାସ୍ତ୍ର ସମ୍ବନ୍ଧରେ ଜ୍ଞାନ ଏବଂ ପ୍ରବେଶ ନୃତ୍ୟାଚାର୍ଯ୍ୟଙ୍କୁ ଉଲ୍ଲସିତ କଲା । ପରୀକ୍ଷକ ଭଙ୍ଗୀରେ ସେ ପ୍ରଶ୍ନ କଲେ—ନୃତ୍ୟର ଆନୁସଙ୍ଗିକ ବାଦ୍ୟଯନ୍ତ୍ରଗୁଡ଼ିକ କ'ଣ ହେବ ଶିଳ୍ପୀ ? ସେ ସମ୍ବନ୍ଧରେ କିଛି ଯୋଜନା ପ୍ରସ୍ତୁତ କରିଛ ?

କମଳ ମହାରଣା ନିଜର ବିସ୍ତୃତ ଯୋଜନା ନୃତ୍ୟାଚାର୍ଯ୍ୟଙ୍କ ସମ୍ମୁଖରେ ଉପସ୍ଥାପିତ କଲା—ନୃତ୍ୟର ଆନୁସଙ୍ଗିକ ବାଦ୍ୟଯନ୍ତ୍ରଗୁଡ଼ିକ ହେବ ଓଡ଼ିଶୀ ନୃତ୍ୟର ପ୍ରଧାନ ବାଦ୍ୟଯନ୍ତ୍ର ତାଳ, ମର୍ଦ୍ଦଳ ଓ ବଂଶୀ । ସ୍ଥଳ ବିଶେଷରେ ବୀଣା, କରତାଳ, କାହାଳୀ ଓ ଝାଞ୍ଜି ମଧ୍ୟ ବ୍ୟବହାର

Digitized by srujanika@gmail.com

କରାଯିବ । ନୃତ୍ୟ ଭଙ୍ଗୀରେ ତ୍ରିଭଙ୍ଗ ଓ ଚଉକ ଭଙ୍ଗୀରେ ଅବସ୍ଥାନ, ହସ୍ତରେ ନାଟ୍ୟଶାସ୍ତ୍ର ଅମର୍ଥିତ ପତାକା, ଅର୍ଦ୍ଧପତାକା, ଅରାଳ, ଅଞ୍ଜଳୀ, କପିତ୍‌ଥ ଓ ପୁଷ୍ପପୁଟ ଆଦି ବିଭିନ୍ନ ମୁଦ୍ରାର ବିନ୍ୟାସରେ ମୂର୍ତ୍ତିଗୁଡ଼ିକ ଜୀବନ୍ତ ମନେହେବେ । ସେମାନଙ୍କର ବିଭିନ୍ନ ଭାବପ୍ରକାଶର ଦୃଷ୍ଟି, ହସ୍ତପଦ ବିନ୍ୟାସର ମୌଳିକ ଶୈଳୀ ଓଡ଼ିଶୀ ନୃତ୍ୟର ପରମ୍ପରାକୁ ସମ୍ପୂର୍ଣ୍ଣ ବହନ କରିବ ।

ନୃତ୍ୟାଚାର୍ଯ୍ୟ ମନ୍ଦ୍ର ମଧୁର ସ୍ୱରରେ କହିଲେ—ନାଟମନ୍ଦିରରେ ବିଭିନ୍ନ ଭଙ୍ଗୀରେ ଅବସ୍ଥିତ ନୃତ୍ୟମୂର୍ତ୍ତି ଏବଂ ବିଭିନ୍ନ ବାଦ୍ୟଯନ୍ତ୍ରଧାରୀ ନାରୀ ଓ ପୁରୁଷ ସଙ୍ଗୀତଜ୍ଞ ଉତ୍କଳର ଏକ ନିର୍ଦ୍ଦିଷ୍ଟ ନୃତ୍ୟ ଶୈଳୀର ନିଦର୍ଶନ ହେବେ । ମୋର ଛାତ୍ରଛାତ୍ରୀମାନେ ସମୟର ସମୁଦ୍ର ଢେଉରେ ନିଶ୍ଚିହ୍ନ ହେଇଯିବେ । ମାତ୍ର ବଞ୍ଚିରହିବ ଉତ୍କଳୀୟ ନୃତ୍ୟକଳା କୋଣାର୍କର ନୃତ୍ୟମୂର୍ତ୍ତିମାନଙ୍କ ଅପୂର୍ବ ନୃତ୍ୟଭଙ୍ଗୀ ଏବଂ ବିଭନ୍ନ ମୁଦ୍ରା ବିନ୍ୟାସ ଭିତରେ । ନୃତ୍ୟାଚାର୍ଯ୍ୟ ସୌମ୍ୟ ଶ୍ରୀଦତ୍ତ ଲୁଚିଯିବ ସମୟର ଚୋରାବାଲିରେ । ମାତ୍ର ବଞ୍ଚିରହିବ କମଳ ମହାରଣା, ବଞ୍ଚିରହିବ ଉତ୍କଳର ବିଶିଷ୍ଟ ନୃତ୍ୟ ପରମ୍ପରା । କୋଣାର୍କ ମନ୍ଦିର କେବଳ ଦେବ ମନ୍ଦିର ହେଇ ରହିବ ନାହିଁ, କଳାମନ୍ଦିର ଭାବରେ ମଧ୍ୟ କାଳ କାଳ ପାଇଁ ଆଦର ଲାଭ କରିବ । କୋଣାର୍କ ହେବ ଚିତ୍ରକଳା, ସଙ୍ଗୀତ, ନୃତ୍ୟକଳା ଏବଂ ଶିଳ୍ପକଳାର ପଦ୍ମଦ ଗୃହ । ଆଗାମୀ ଅନେକ ବର୍ଷପରେ ମଧ୍ୟ ନୃତ୍ୟକଳାର ଶିକ୍ଷାନବିସ୍‌ମାନେ କୋଣାର୍କକୁ ଅଧ୍ୟୟନ କରି ନୃତ୍ୟ ଶିକ୍ଷା କରିପାରିବେ । କୋଣାର୍କ ହେବ ନୃତ୍ୟ ଶାସ୍ତ୍ରର ଏକ ମହାନ ଗ୍ରନ୍ଥ । କେବଳ ଶାସ୍ତ୍ରୀୟ ନୃତ୍ୟଭଙ୍ଗୀ ନୁହେଁ, କୋଣାର୍କ ଗାତ୍ରରେ ଉତ୍‌କୀର୍ଣ୍ଣ ହେବ ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ । ପାଇକମାନେ ଧାଡ଼ିବାନ୍ଧି ଖଣ୍ଡା ଓ ଢାଲ ସହ ଯୁଦ୍ଧ ନୃତ୍ୟ କରୁଥିବେ । ଘୁମୁରା ବଜାଇ ନୃତ୍ୟ କରୁଥିବେ ପୁରୁଷ ଓ ସ୍ତ୍ରୀ । କୋଣାର୍କ ହେବ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ତଥା ଲୋକ ନୃତ୍ୟରେ ଉତ୍କଳୀୟ ପରମ୍ପରାର ଏକ ବିଶାଳ ଯାଦୁଘର । ପାରିବ ତ ଶିଳ୍ପୀ ?

କମଳ ମହାରଣା ନୃତ୍ୟାଚାର୍ଯ୍ୟଙ୍କୁ ପ୍ରଣାମ ଜଣାଇ ଉତ୍ତର ଦେଲା—ଗୁରୁଦେବ, ତା' ପୂର୍ବରୁ ମୁଁ ଆପଣଙ୍କର ପ୍ରତିମୂର୍ତ୍ତି ଖୋଦିତ କରିବି ପାଷାଣ ଗାତ୍ରରେ । ସେ ମୂର୍ତ୍ତି ନାଟମଣ୍ଡପର ଊର୍ଦ୍ଧ୍ୱ ଭାଗରେ ଅବସ୍ଥିତ ରହି ପାଷାଣ ପ୍ରତିମାମାନଙ୍କୁ ନୃତ୍ୟ ନିର୍ଦ୍ଦେଶନା ଦେବ । ନୃତ୍ୟଶାସ୍ତ୍ରରେ ବିଶେଷଜ୍ଞ ଏବଂ ଆଚାର୍ଯ୍ୟ ଭାବରେ ଗଙ୍ଗ ନରପତି ଆପଣଙ୍କୁ କୁଣ୍ଡଳ ଓ ପଦକରେ ଶୋଭିତ କରି ସମ୍ମାନିତ କରିଛନ୍ତି । ସମ୍ମାନସୂଚକ ''ସୌମ୍ୟ'' ପଦବୀରେ ଆପଣ ଭୂଷିତ ହେଇଛନ୍ତି । ମହାରାଜାଙ୍କର ପୃଷ୍ଠପୋଷକତା ଲାଭ କରି ଆପଣ ଉତ୍କଳର ମହାନ ନୃତ୍ୟ ପରମ୍ପରାକୁ କୋଣାର୍କ ଗାତ୍ରରେ ଉତ୍କୀର୍ଣ୍ଣ କରିବାରେ ସହାୟକ ହେଇଛନ୍ତି । ଆପଣଙ୍କର ପ୍ରତିମୂର୍ତ୍ତି ବ୍ୟତୀତ କୋଣାର୍କ ଅପୂର୍ଣ୍ଣ ହେଇ ରହିବ—ଅପୂର୍ଣ୍ଣ ରହିବ ମୋର ଶିଳ୍ପ କଳା । ଆପଣଙ୍କର ଉପଯୁକ୍ତ

Digitized by srujanika@gmail.com

ସମ୍ମାନାର୍ଥେ ଗୁଣଗ୍ରାହୀ ମହାରାଜ ଆପଣଙ୍କର ପ୍ରତିମୂର୍ତ୍ତି ଖୋଦିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଶ୍ରୀଦତ୍ତ ପ୍ରଶାନ୍ତ କଣ୍ଠରେ କହିଲେ—ମହାରାଜଙ୍କର ମହାନତାରେ ଏ ହେଉଛି ଆଉ ଏକ ନିଦର୍ଶନ । ମହାରାଜାଙ୍କ ଜୟ ହେଉ । କିନ୍ତୁ କମଳ—

କମଳ ଚକିତ ନେତ୍ରରେ ଚାହିଁ ରହିଲା ନୃତ୍ୟାଚାର୍ଯ୍ୟଙ୍କୁ । ଏ ''କିନ୍ତୁ'' ଯେମିତି ନୃତ୍ୟଗୁରୁଙ୍କର ହୃଦୟ ଭିତରର ଗୋଟାଏ ବେଦନାବୋଧକୁ କମଳ ମହାରଣାର ସମ୍ମୁଖରେ ରୂପାୟିତ କରିଦେଲା ।

କମଳ ମହାରଣା ଗଭୀର ବିଶ୍ୱାସର ସହ କହିଲା—କୋଣାର୍କ ନିର୍ମାଣ ପଥରେ ''କିନ୍ତୁ''ର ସ୍ଥାନ ନାହିଁ ଗୁରୁଦେବ । କଳିଙ୍ଗ ଶିଳ୍ପୀ ଉପରେ ଆସ୍ଥା ରଖନ୍ତୁ । ନୃତ୍ୟାଚାର୍ଯ୍ୟ ଗମ୍ଭୀର କଣ୍ଠରେ କହିଲେ—ଗୋଟିଏ କଥା ମନେରଖ ଶିଳ୍ପୀ, ନାଟମଣ୍ଡପରେ ଶିଳ୍ପକଳାରେ ଅଶ୍ଳୀଳତାର ଲେଶମାତ୍ର ଚିହ୍ନ ରହିବ ନାହିଁ । ଦେବାର୍ଚ୍ଚନା ପାଇଁ ଏଠାରେ ଦେବଦାସୀର ନୃତ୍ୟ ହେବ । ନର୍ତ୍ତକୀର ମୁଦ୍ରା ବିନ୍ୟାସ ଏବଂ ଭାବପ୍ରକାଶର ଦୃଷ୍ଟିଭଙ୍ଗୀରେ ଫୁଟି ଉଠିବ ନୈସର୍ଗିକ ଭାବନା ଏବଂ ଅକଳୁଷ ଆନନ୍ଦର ପ୍ରତିଛବି । ଭକ୍ତି ଆବେଦନରେ ନର୍ତ୍ତକୀର ରୂପଲାବଣ୍ୟ ସୂର୍ଯ୍ୟାଲୋକ ଭଳି ଉଦ୍ଭାସିତ ହେବ । ଏଥିପାଇଁ ତମର ପ୍ରତିରୂପ ଆବଶ୍ୟକ ହେବ । ପ୍ରତିରୂପ ବ୍ୟତିରେକ ନୃତ୍ୟକଳାର ଭଙ୍ଗୀ ଓ ମୁଦ୍ରା ବିନ୍ୟାସ ନିଖୁଣ ହେଇ ନପାରେ । ସେଥିପାଇଁ କେଉଁ ଦେବଦାସୀକୁ ଆଦେଶ ଦେବି ? ତମ ଭଳି ସୌମ୍ୟଦର୍ଶନ ତରୁଣ ଶିଳ୍ପୀକୁ ଆଖି ଆଗରେ ରଖି ସେମାନେ ହୃଦୟର ଉଦ୍‌ବେଳନକୁ ଏଡ଼ାଇ ଦେଇ ପାରିବେ ତ ?

—ପ୍ରତିରୂପକୁ ଜ୍ଞାନଚକ୍ଷୁ ବ୍ୟତୀତ ଅନ୍ୟ ଚକ୍ଷୁରେ ଦେଖିବେ ନାହିଁ—ଏ ବିଶ୍ୱାସ ମୋରି ଭଳି ପ୍ରତ୍ୟେକ ଶିଳ୍ପୀର ଅଛି । ବାରବର୍ଷ ପାଇଁ ସବୁ ଆବେଗର ଦ୍ୱାର ରୁଦ୍ଧକରି ଆମେ ଆସିଛୁ । ସେଥିରୁ ବିଚ୍ୟୁତ ହେବୁ ନାହିଁ—କଥା ଦେଉଛି । ନାରୀ ଏବଂ ପୁରୁଷ ଭିତରେ ନୈସର୍ଗିକ ପ୍ରେମ ମଧ୍ୟ ସମ୍ଭବ । ସୂର୍ଯ୍ୟ ଏବଂ ପଦ୍ମର ସମ୍ପର୍କ ତ ତା'ର ପ୍ରତୀକ । ପଦ୍ମକ୍ଷେତ୍ରରେ ତା'ର ଅନ୍ୟଥା ହେବନାହିଁ । କିନ୍ତୁ ମହାଶୟ, ପ୍ରତୀରୂପର ଆବଶ୍ୟକ ନାହିଁ । କୋଣାର୍କ ସୁନ୍ଦରୀ ତ କଳିଙ୍ଗ ଶିଳ୍ପୀର ହୃଦୟରେ ଆସନ ପାତିଛି । ପାଷାଣରେ ଫୁଟାଇଛି ସଙ୍ଗୀତର ଛନ୍ଦ । ଆଖି ବୁଜିଲେ ସେ ଆସି ଠିଆହୁଏ ସାମ୍ନାରେ । ଯେଉଁ ରୂପରେ ଚାହିଁଲେ ସେ ରୂପରେ ଧରାଦିଏ । ସେ ହେଉଛି ଶିଳ୍ପୀର ମାନସ ପ୍ରିୟା । କମଳ ମହାରଣା ବିନୟ ଭାବେ କହିଲା । ସୌମ୍ୟ ଶ୍ରୀଦତ୍ତ ଭାବୁଥିଲେ ନୃତ୍ୟକଳା ଭିତରେ ଭକ୍ତିଭାବଧାରା ଏବଂ ଶାଶ୍ୱତ ଆନନ୍ଦର ଧାରା ପ୍ରବାହିତ କରିବା ପାଇଁ କେଉଁ ରୂପସୀ ଦେବଦାସୀକୁ ସତରେ ବା ପ୍ରତିରୂପ କରାଯାଇପାରେ ।

Digitized by srujanika@gmail.com

ପ୍ରାଚୀ ସହ କୋଣାର୍କର କାରୁକାର୍ଯ୍ୟ ଗବେଷକର ଦୃଷ୍ଟି ନେଇ ପର୍ଯ୍ୟବେକ୍ଷଣ କରୁଥାଏ ଚାର୍ଲସ । କୋଣାର୍କକୁ ବହୁବାର ଦେଖିଛି ପ୍ରାଚୀ । ମାତ୍ର କମଳ ମହାରଣା ଲେଖିଯାଇଥିବା ପୋଥି ପଢ଼ି ପଢ଼ି ତା' ସହ କୋଣାର୍କକୁ ମିଳାଇ ଦେଖିବାରେ କୋଣାର୍କ ଅଲୌକିକ ମନେହେଉଛି । ଲିଲିଆନ୍‌ର ବାହୁରେ ବାହୁ ଛନ୍ଦି କୋଣାର୍କର କାରୁକାର୍ଯ୍ୟ ଅନେକବାର ଦେଖିଛି ଚାର୍ଲସ । ମାତ୍ର ପ୍ରାଚୀ ସହ କୋଣାର୍କକୁ ଅନୁଧ୍ୟାନ କରିବାରେ କୋଣାର୍କ ଅପୂର୍ବ ମନେହେଉଛି । ଏପରିକି କୋଣାର୍କର ମିଥୁନଚିତ୍ରଗୁଡ଼ିକ ମଧ୍ୟ ନୈସର୍ଗିକ ମନେ ହେଉଛନ୍ତି ।

ନାଟମନ୍ଦିରକୁ ନିରୀକ୍ଷଣ କରୁ କରୁ କମଳ ମହାରଣାର ଏକାଗ୍ର ସାଧନାକୁ ପ୍ରଣିପାତ କରୁଥାଏ ଚାର୍ଲସ । ପ୍ରାଚୀ କିନ୍ତୁ କମଳ ମହାରଣାର ମାନସ ପ୍ରିୟାର ନିଷ୍ଠା ଏବଂ ଏକାଗ୍ର ପ୍ରତୀକ୍ଷାକୁ ମନେ ମନେ ତାରିଫ୍ କରୁଥାଏ ।

ନାଟମନ୍ଦିର ମୁଖଶାଳା ପରି ଏକ ପଞ୍ଚରଥ ଦେଉଳ । ନାଟମନ୍ଦିରର ପୀଠଟି ତିନୋଟି ଭାଗରେ ବିଭକ୍ତ ହେଇଛି । ପ୍ରଥମ ଭାଗର ଉଚ୍ଚତା ଦୁଇଫୁଟ ଚାରି ଇଞ୍ଚ ଏବଂ ଏହାର ଚତୁଃପାର୍ଶ୍ୱରେ ପଦ୍ମ ପାଖୁଡ଼ା ଘେରି ରହିଛି । ଦ୍ୱିତୀୟ ଭାଗର ଉଚ୍ଚତା ନ' ଫୁଟ ସାତଇଞ୍ଚ ଏବଂ ଏହାର ଚତୁଃପାର୍ଶ୍ୱରେ ଅନେକ କ୍ଷୁଦ୍ର କ୍ଷୁଦ୍ର ପୀଢ଼ ଦେଉଳ ଖୋଦିତ ହୋଇଛି । ଏହା ଦେହରେ ସୁନ୍ଦରୀ ଅପ୍ସରା, ନୃତ୍ୟରତା ରମଣୀ, ଶିବତାଣ୍ଡବ ନୃତ୍ୟର ଦୃଶ୍ୟ ଖୋଦିତ ହୋଇଛି । ସାରା ପୀଠଟି ନୃତ୍ୟ-ବାଦ୍ୟରତା ରମଣୀମାନଙ୍କର ମୂର୍ତ୍ତିରେ ପରିପୂର୍ଣ୍ଣ । ପୀଠର ଉପର ଅଂଶରେ ପଦ୍ମପାଖୁଡ଼ା, ପୁଷ୍ପଲତା ଓ ନୃତ୍ୟରତା ସ୍ତ୍ରୀମାନଙ୍କ ସୁନ୍ଦର ମୂର୍ତ୍ତି ଉତ୍କୀର୍ଣ୍ଣ ହୋଇଛି ।

ନାଟମନ୍ଦିର ଭିତରେ ପ୍ରବେଶ କଲେ ଚାର୍ଲସ ଏବଂ ପ୍ରାଚୀ । ମନ୍ଦିରର ପୂର୍ବ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ତିନୋଟି ଲେଖାଏଁ ଦ୍ୱାର । ଉତ୍ତର ପାଖରେ ମାତ୍ର ଗୋଟିଏ ଦ୍ୱାର । କୌଣସିଥିରେ ଦ୍ୱାରବନ୍ଧ ନାହିଁ । ପୂର୍ବେ ମଧ୍ୟ ନଥିଲା । ବର୍ଷର ବିଭିନ୍ନ ଋତୁରେ ଏବଂ ଦିନରେ ବିଭିନ୍ନ ସମୟରେ ସୂର୍ଯ୍ୟଙ୍କର ଭିନ୍ନ ଭିନ୍ନ ଅବସ୍ଥିତି ସହ ସଂଯୋଗ ରକ୍ଷା କରି ଏହା ଦ୍ୱାରଗୁଡ଼ିକ ନିର୍ମିତ ହୋଇଥିଲା । ସୂର୍ଯ୍ୟଙ୍କର ଗତି ଅନୁସାରେ ସବୁ ଋତୁରେ ଆଦ୍ୟ ସୂର୍ଯ୍ୟର ପ୍ରଥମ ରଶ୍ମି ନାଟମନ୍ଦିରର ଦ୍ୱାର ଦେଇ ବଡ଼ ଦେଉଳର ସିଂହାସନ ଉପରେ ରତ୍ନବେଦୀକୁ ସ୍ପର୍ଶ କରୁଥିଲା । ଦିବସର ବିଭିନ୍ନ ସମୟରେ ସୂର୍ଯ୍ୟରଶ୍ମି ଉନ୍ମୁକ୍ତ ଭାବରେ ନାଟମନ୍ଦିର ମଧ୍ୟରେ ପ୍ରବେଶ କରିପାରୁଥିଲା ।

Digitized by srujanika@gmail.com

ଚାର୍ଲସ ବିସ୍ମୟାଭିଭୂତ ହେଉଥିଲା ନାଟମନ୍ଦିର ସ୍ଥାପତ୍ୟରେ ।

ପ୍ରାଚୀ କିନ୍ତୁ ନୃତ୍ୟକଳା ଭିତରେ ହଜିଯାଇଥାଏ । ତା'ର ଇଚ୍ଛା ହେଉଥାଏ ସୌମ୍ୟ ଶ୍ରୀଦତ୍ତଙ୍କ ପାଦ ତଳେ ସାଷ୍ଟାଙ୍ଗ ପ୍ରଣିପାତ ଜଣାଇବା ପାଇଁ । କିନ୍ତୁ ସେ ସୌଭାଗ୍ୟ ତା'ର କାହିଁ ?

ନାଟମନ୍ଦିରର ଉପର ପୀଠର ପୂର୍ବଦ୍ୱାର ପାହାଚର ଉତ୍ତର ପାର୍ଶ୍ୱରେ ଏକ ମୂର୍ତ୍ତିର ପାଦଦେଶରେ ଗୋଟିଏ ଶିଳାଲେଖ ଖୋଦିତ ହୋଇଛି । ପ୍ରାଚୀ ସ୍ଥିର ହେଇ ଠିଆହେଲା ସେଠି । ମୂର୍ତ୍ତିଟିର ପାଦଦେଶରେ କଳିଙ୍ଗ ନାଗରୀରେ ଖୋଦିତ ହୋଇଛି ଚାରୋଟି ଅକ୍ଷର ''ସୋମଇଟେ'' । ଗାଇଡ୍ ଏହାକୁ ସୋମେଇ ବୈଷ୍ଣବ ବା ସୋମଗୁପ୍ତ ବୋଲି ବର୍ଣ୍ଣନା କରନ୍ତି । କୋଣାର୍କର ଅନ୍ୟ କୌଣସି ମୂର୍ତ୍ତି ଦେହରେ ଏପରି ଶିଳାଲେଖ ପ୍ରାଚୀ ଦେଖିନାହିଁ । ଏଇ ହେଉଛନ୍ତି ନୃତ୍ୟାଚାର୍ଯ୍ୟ ସୌମ୍ୟ ଶ୍ରୀଦତ୍ତ ।

ଅପୂର୍ବ ଏଇ ମୂର୍ତ୍ତିଟି । କମଳ ମହାରଣା ପ୍ରାଣ ଦେଇ ନିର୍ମାଣ କରିଯାଇଛି ନୃତ୍ୟଗୁରୁଙ୍କର ପ୍ରତିମୂର୍ତ୍ତି । ମୂର୍ତ୍ତି ତଳେ ଖୋଦିତ କରିଛି ତାଙ୍କର ନାମ । ମୂର୍ତ୍ତିଟିର ଉଚ୍ଚତା ଏକ ଫୁଟ ନ'ଇଞ୍ଚ ଏବଂ ଓସାର ନ' ଇଞ୍ଚ । ଏକ ଉଚ୍ଚାସନାରେ ମୂର୍ତ୍ତିଟି ଦଣ୍ଡାୟମାନ । ତାଙ୍କୁ ଘେରି ବିଶିଷ୍ଟ ନୃତ୍ୟଭଙ୍ଗୀରେ ଉତ୍କୀର୍ଣ୍ଣ ହୋଇଛନ୍ତି ନର୍ତ୍ତକନର୍ତ୍ତକୀଗଣ । ନୃତ୍ୟଗୁରୁଙ୍କର ପରିଧେୟ ବସ୍ତ୍ର କଟିଠାରୁ ପାଦପର୍ଯ୍ୟନ୍ତ ଜଡ଼ିତ ହେଇ ରହିଛି । ମସ୍ତକରେ ପଗଡ଼ି । କର୍ଣ୍ଣ ଦ୍ୱୟରେ ମକରକୁଣ୍ଡଳ ଏବଂ ବକ୍ଷରେ ଶୋଭା ପାଉଛି ପଦକ ଖଚିତ ରତ୍ନହାର । ପଦକ ଦ୍ୱାରା ମହାରାଜ ସମ୍ମାନିତ କରିଛନ୍ତି ନୃତ୍ୟଗୁରୁଙ୍କୁ । ନୃତ୍ୟଗୁରୁ ଗିନି ବଜାଇ ନୃତ୍ୟ ନିର୍ଦ୍ଦେଶନା ଦେଉଛନ୍ତି । ଗିନି ଧାରଣ କରିଥିବା ବାମହସ୍ତଟି ବକ୍ଷ ସମ୍ମୁଖରେ ସାମାନ୍ୟ ନିମ୍ନକୁ ରହିଛି । ଦକ୍ଷିଣ ହସ୍ତରେ ଅନ୍ୟ ଏକ ଗିନି । ନାଟ୍ୟଶାସ୍ତ୍ର ଅନୁମୋଦିତ କପିତ୍‌ଥ ମୁଦ୍ରାରେ ବାମହସ୍ତର ଗିନିକୁ ଆଘାତ କରିବାପାଇଁ ନୃତ୍ୟଗୁରୁ ଉଦ୍ୟତ । ମୂର୍ତ୍ତିଟି ଦେଖୁ ଦେଖୁ ସୌମ୍ୟ ଶ୍ରୀଦତ୍ତଙ୍କର ସୌମ୍ୟ ମୂର୍ତ୍ତି ଜୀବନ୍ୟାସ ପାଉଛି ପ୍ରାଚୀର ଆଖି ସାମ୍ନାରେ । ସେ ମନେ ମନେ ଭାବୁଛି କିଏ ବଡ଼ ? କମଳ ମହାରଣା ନାଁ ନୃତ୍ୟଗୁରୁ ସୌମ୍ୟ ଶ୍ରୀଦତ୍ତ ?

ଚାର୍ଲସ ନାଟମନ୍ଦିରର ବିଭିନ୍ନ କାରୁକଳାର ଚିତ୍ର ଉତ୍ତୋଳନ କରୁ କରୁ ଭାବୁଥାଏ ନାଟମନ୍ଦିରର ସ୍ଥାପତ୍ୟ ଓ ଶିଳ୍ପକଳା ଅତୁଳନୀୟ । ନାଟମନ୍ଦିରର ପ୍ରତିଟି ଚିତ୍ରକଳା ବିମଣ୍ଡିତ ଶିଳାଖଣ୍ଡ ଆଜି ଜଣେ ଆଧୁନିକ ସ୍ଥପତି ପାଇଁ ବର୍ଷ ବର୍ଷର ଅଧ୍ୟୟନ ଏବଂ ଗବେଷଣାର ବିଷୟ । ସାରା ପୃଥିବୀ ଯେ ବୁଲି ଦେଖିଛି । କେଉଁଠି ହେଲେ ଅନ୍ୟ କୌଣସି ମନ୍ଦିର ବାଡ଼ରେ ବା ପୀଠରେ ଏପରି ଉଚ୍ଚମାନର ସୂକ୍ଷ୍ମ ସ୍ଥାପତ୍ୟ କଳା ସେ ଦେଖିନାହିଁ । ଯେକୌଣସି ପାର୍ଶ୍ୱରୁ

Digitized by srujanika@gmail.com

ଦେଖିଲେ ନାଟମନ୍ଦିରର ଶିଳାଖଣ୍ଡମାନଙ୍କରେ ବିସ୍ତାରିତ ଚିତ୍ରକଳା ଖଣ୍ଡେ ଖଣ୍ଡେ ସୁସଜ୍ଜିତ ଚିତ୍ରପଟ ଭଳି ଦିଶୁଥାଏ । ପଦ୍ମଫୁଲର ବହୁଳତାରେ ନାଟମନ୍ଦିର ଅପୂର୍ବ ମନେହେଉଥାଏ । ଉତ୍କଳୀୟ ସ୍ଥାପତ୍ୟକଳାର ଶ୍ରେଷ୍ଠ ନୈପୁଣ୍ୟ ଚାର୍ଲସକୁ ବେଳୁବେଳ ଅଭିଭୂତ କରୁଥାଏ ।

ଦୁଇ ଭାଗରେ ବିଭକ୍ତ ହେଇ ଉତ୍ତର ଏବଂ ଦକ୍ଷିଣକୁ ଲମ୍ବିଯାଇଥିବା ନାଟମନ୍ଦିରର ପଶ୍ଚିମଦିଗର ପାହାଚ ଦେଇ ଚାର୍ଲସ ଏବଂ ପ୍ରାଚୀ ଦୁଇଭାଗ ହେଇ ତଳକୁ ଓହ୍ଲେଇଗଲେ । ପାହାଚମାନଙ୍କର ସମ୍ମୁଖ ଭାଗରେ ନର୍ତ୍ତକୀମାନେ ଶୋଭା ପାଉଛନ୍ତି । ଚାର୍ଲସ ଡେଙ୍ଗା ଡେଙ୍ଗା ପାଦ ପକାଇ ଶୀଘ୍ର ତଳେ ପହଞ୍ଚିଗଲା ଏବଂ ଉତ୍ତରରୁ ଦକ୍ଷିଣକୁ ଘୂରିଆସି ପ୍ରାଚୀ ସାମ୍ନାରେ ଠିଆହେଲା । ପାହାଚ ଦେଇ ଲଳିତ ଭଙ୍ଗୀରେ ତଳକୁ ଓହ୍ଲେଇ ଆସୁଥାଏ ପ୍ରାଚୀ ।

ଚାର୍ଲସ ଭ୍ରମ ହେଉଥାଏ ଯେମିତି ନାଟମନ୍ଦିରର ନୃତ୍ୟମୟୀ ସୁନ୍ଦରୀଟିଏ ଜୀବନ୍ୟାସ ପାଇ ଧୀରେ ଧୀରେ ଓହ୍ଲାଇ ଆସୁଛି ।

ଚାର୍ଲସ ଭାବୁଥାଏ ପ୍ରାଚୀ ସେଦିନ ହୁଏତ କମଳ ମହାରଣା ସାମ୍ନାରେ ମଡ଼େଇ ହେଇ ଠିଆହେଇଥିବ । ନାଟମନ୍ଦିରର ପ୍ରତ୍ୟେକ ମୂର୍ତ୍ତି ବର୍ତ୍ତମାନ ଚାର୍ଲସର ଆଖିକୁ ପ୍ରାଚୀର ପ୍ରତିରୂପ ଭଳି ମନେ ହେଉଥାନ୍ତି । ଦେବଦାସୀ ଭଳି ପ୍ରାଚୀ ସିଧାସିଧା ବେଶରେ ପବିତ୍ର ମନେହେଉଥାଏ ।

ଚାର୍ଲସକୁ ଧ୍ୟାନମଗ୍ନ ଦେଖି ପ୍ରାଚୀ ଅଳ୍ପ ହସିଦେଲା । ନାଟମନ୍ଦିରର ଉତ୍ତରପୂର୍ବ ଦିଗରେ ଆଗେଇ ଯାଉ ଯାଉ ଅନ୍ତେ କହିଲା—ଆସ ଚାର୍ଲସ, ନାଟମନ୍ଦିରର ଭଗ୍ନ ଛାତକୁ ଦେଖିବା । ଏଇ ସାମ୍ନାରେ ପଡ଼ିରହିଛି ବର୍ଷ ବର୍ଷ ଧରି । ତମେ ଏଠିକି ଆସିବା ପୂର୍ବରୁ ଯାଯାବର ଥିଲ । ଦେଖୁଛି କୋଣାର୍କ ତୁମକୁ ଦାର୍ଶନିକ କରିଦେଲାଣି ।

ଚାର୍ଲସ ପ୍ରାଚୀକୁ ଅନୁସରଣ କରୁ କରୁ ଉତ୍ତର ଦେଲା—କୋଣାର୍କ ନୁହେଁ—କୋଣାର୍କରୁ ଜୀବନ୍ୟାସ ପାଇ ଓହ୍ଲାଇ ଆସୁଥିବା ଅପ୍ସରାମାନେ ମତେ ସମୋହିତ କରିପକାଉଛନ୍ତି । ମୁଁ ନାଚାର ।

ପ୍ରାଚୀ ପୁଣିଥରେ ପଛକୁ ଚାହିଁ ସରଳ ଭଙ୍ଗୀରେ ହସିଦେଲା ଏବଂ ଅଯତ୍ନରେ ପଡ଼ିଥିବା ନାଟମନ୍ଦିରର ଭଗ୍ନ ଗର୍ଭଗୃହ ନିକଟରେ ପହଞ୍ଚିଗଲା । ଚାର୍ଲସ ବିପରୀତ ଦଗରେ ଘୂରିଆସି ପ୍ରାଚୀ ସାମ୍ନାରେ ଠିଆହେଲା । ମଝିରେ ପଡ଼ିଥାଏ ପାଞ୍ଚଫୁଟ ବ୍ୟାସ ବିଶିଷ୍ଟ ଏକ ସୁନ୍ଦର ପଦ୍ମଫୁଲ ଖୋଦିତ ଶିଳାଖଣ୍ଡ ।

କୋଣାର୍କର ଅନ୍ୟ ମନ୍ଦିରମାନଙ୍କ ପରି ନାଟମନ୍ଦିରର ଛାତଟି ମଧ୍ୟ ଭାଙ୍ଗିପଡ଼ିଛି କାଳର କରାଳ ସ୍ରୋତରେ । ନାଟମନ୍ଦିରର ଶୀର୍ଷଭାଗରେ ଥିବା ଗର୍ଭ ମୁଦ୍ରାଟି ଖରା ବର୍ଷା ଖାଇ ଯୁଗ

Digitized by srujanika@gmail.com

ଯୁଗ ଧରି ପଡ଼ିରହିଛି ମୁକ୍ତାକାଶ ତଳେ । ସମଗ୍ର ଗର୍ଭ ମୁଦ୍ରାଟି ଦୁଇସ୍ତର ପାଖୁଡ଼ା ବିଶିଷ୍ଟ ଫୁଟନ୍ତ ପଦ୍ମଫୁଲ ପାଲଟିଯାଇଛି କମଳ ମହାରଣା ଭଳି ଯେ କୌଣସି ଉତ୍କଳୀୟ ଶିଳ୍ପୀର ହାତ ସ୍ୱର୍ଶରେ । ଉପର ସ୍ତରରେ ଷୋଳଟି ଏବଂ ଭିତର ସ୍ତରରେ ଆଠଟି ପଦ୍ମପାଖୁଡ଼ା ଆଖି ମେଲି ଆକାଶକୁ ଚାହିଁଛି । ଉପର ସ୍ତରର ପ୍ରତ୍ୟେକ ପଦ୍ମ ପାଖୁଡ଼ାରେ ଷୋଳଟି ନର୍ତ୍ତକୀଙ୍କର ନିଖୁଣ ନୃତ୍ୟମୂର୍ତ୍ତି ଖୋଦିତ ହୋଇଛି । ପ୍ରାଚୀ ଭାବୁଥାଏ ନାଟମନ୍ଦିରରେ ଦେବାର୍ଚ୍ଚନା ଉଦ୍ଦେଶ୍ୟରେ ନୃତ୍ୟ କରୁଥିବା ଦେବଦାସୀଙ୍କର ପ୍ରତିମୂର୍ତ୍ତୀ କ'ଣ ଶିଳାଖଣ୍ଡର ସ୍ତରେ ସ୍ତରେ ପ୍ରତିଫଳିତ ହେଉଥିଲା ଏବଂ ସେଇ ଚିରନ୍ତନ ନୃତ୍ୟକଳାର ପ୍ରତିବିମ୍ବକୁ ଏ ପର୍ଯ୍ୟନ୍ତ ଶିଳାଖଣ୍ଡ ତା'ର ପ୍ରତିଟି ରେଣୁରେ ବାନ୍ଧି ରଖିଛି ?

ଚାର୍ଲସ ଦେଖୁଥାଏ ଶିଳାଖଣ୍ଡର ଷୋଳଟି ପଦ୍ମପାଖୁଡ଼ାରେ ପ୍ରାଚୀପ୍ରଭାର ଅବିକଳ ପ୍ରତିରୂପ । ଯେମିତି ଅପରାହ୍ଣର ସୂର୍ଯ୍ୟରଶ୍ମିରେ ସେଥିରେ ପ୍ରତିଫଳିତ ହେଉଛି ପ୍ରାଚୀପ୍ରଭା । ଶିଳାଖଣ୍ଡ ଯେମିତି ପାଲଟିଯାଇଛି ଖଣ୍ଡେ ଦର୍ପଣ କିମ୍ବା ସେ କାଳର ଶିଳାଖଣ୍ଡ ଉତ୍କଳୀୟ ଶିଳ୍ପୀର ହାତ ସ୍ୱର୍ଶରେ ନୃତ୍ୟମୟୀ ନାରୀ ପାଲଟି ଯାଇଛି !

ଚାର୍ଲସ ଲକ୍ଷ୍ୟକଲା କେନ୍ଦ୍ର ସ୍ଥଳରେ ଗୋଟିଏ କ୍ଷୁଦ୍ର ପଦ୍ମଫୁଲ ଉପରେ ସୂର୍ଯ୍ୟଦେବଙ୍କର ମୂର୍ତ୍ତି ଖୋଦିତ ହୋଇଛି । ସୂର୍ଯ୍ୟଦେବଙ୍କର ଦୁଇ ହାତରେ ଦୁଇଟି ପଦ୍ମଫୁଲ । ଜଣେ ଗାଇଡ୍ ଯାତ୍ରୀମାନଙ୍କୁ ବୁଝାଉଥାଏ—ଆକାଶରେ ସୂର୍ଯ୍ୟ ଥାଉ ବା ନଥାଉ ଶିଳାପଦ୍ମଟିଏ ଅନନ୍ତ ପ୍ରତୀକ୍ଷାରେ ଆକାଶକୁ ଚାହିଁ ପଡ଼ିରହିଛି । ଅଥଚ ସୂର୍ଯ୍ୟ କେବେ ପୃଥିବୀକୁ ଓହ୍ଲାଇ ଆସନ୍ତି ନାହିଁ । ସେ ତାଙ୍କର ପତ୍ନୀ ଛାୟା ଏବଂ ସଂଜ୍ଞାକୁ ନେଇ ବିଶ୍ୱ ପରିକ୍ରମା କରୁଥାନ୍ତି । ଏଇ ହେଉଛି ପ୍ଲାଟୋନିକ୍ ଲଭ୍ । ନୈସର୍ଗିକ ପ୍ରେମ । ଭାରତୀୟ ନାରୀ ପଦ୍ମର ନିଷ୍ଠା ନେଇ ଏମିତି ଚାହିଁରହେ ତାର ସ୍ୱାମୀକୁ । ସେ ସ୍ୱାମୀ ଦେବତା ହୋଇଥାଉ ବା ଦାନବ ହୋଇଥାଉ ଏକନିଷ୍ଠ ପ୍ରେମ ନେଇ ଭାରତୀୟ ନାରୀ ବଞ୍ଚିରହେ । କୋଣାର୍କ ହେଉଛି ଏକନିଷ୍ଠ ପ୍ରେମର ପୀଠ । ବାରଶହ ବଢ଼େଇଙ୍କର ପତ୍ନୀମାନେ ଷୋଳବର୍ଷ ଧରି ଏମିତି ଏକନିଷ୍ଠ ପ୍ରେମ ନେଇ ସ୍ୱାମୀର ବାଟ ଚାହିଁ ବସିଥିଲେ ।

ପ୍ରାଚୀପ୍ରଭା ଅକସ୍ମାତ ଅନ୍ୟମନସ୍କା ହେଇଗଲା । ଗୋଟିଏ ଦୀର୍ଘଶ୍ୱାସ ବାହାରି ଆସିଲା ହୃଦୟ ଭିତରୁ । ଚାର୍ଲସ ଭାବୁଥାଏ—ଏ ସବୁ ଅନାବଶ୍ୟକ । ଏତେ କଷ୍ଟ ପାଇବାର ଅର୍ଥ କ'ଣ ? ହାୟ କମଳ ମହାରଣା ! ମୁଁ ତମକୁ ସମବେଦନା ଜଣାଉଛି । ତମ ତ୍ୟାଗ ଏବଂ ଯନ୍ତ୍ରଣାର ମୂଲ୍ୟ ତ ଏଇ ଭଗ୍ନ କୋଣାର୍କ । ଏଇ ପରିତ୍ୟକ୍ତ ଶିଳାପଦ୍ମ !

ନାଟମନ୍ଦିର ସମ୍ମୁଖରେ ପୂର୍ବଦିଗ ପାହାଚ ଶ୍ରେଣୀର ଦୁଇପାଖ କାନ୍ଥ ଶେଷରେ ଦୁଇଟି ପ୍ରକାଣ୍ଡ ଗଜ-ସିଂହ ମୂର୍ତ୍ତି ରହିଛି । ଉତ୍ତରପାର୍ଶ୍ୱ ଗଜ-ସିଂହ ମୂର୍ତ୍ତି ପାଖରେ ଚିତ୍ରୋତ୍ପଳା ଫୁଲ ଚାଙ୍ଗୁଡ଼ି ଧରି ବସିଛି । ଆଜି ଶନିବାର । ତା'ର ଫୁଲ ଚାଙ୍ଗୁଡ଼ି ଫୁଟନ୍ତା ପଦ୍ମଫୁଲରେ ଭରା ।

Digitized by srujanika@gmail.com

ଚିତ୍ରୋତ୍ପଳା ବାଛି ବାଛି ସୁନ୍ଦର ଫୁଲଟିଏ ବଢ଼ାଇ ଦେଲା ଚାର୍ଲସ ହାତକୁ । ଚାର୍ଲସ ମୃଦୁ ସ୍ୱରରେ 'ଧନ୍ୟବାଦ' କହି ପାଞ୍ଚ ଟଙ୍କାର ନୋଟଟିଏ ବଢ଼ାଇଦେଲା । ଚିତ୍ରୋତ୍ପଳା ହସିଦେଇ ରେଜ୍କା ପଇସା ହିସାବ କରୁଥିଲା ଚାର୍ଲସକୁ ଫେରାଇବା ପାଇଁ । ଚାର୍ଲସ କହିଲା—ଥାଉ, ଆଜିର ଏଇ ପଦ୍ମ ଫୁଲଟା ଅମୂଲ୍ୟ । ତା'ର ଦାମ୍ ପାଞ୍ଚଟଙ୍କାଠାରୁ ଢେର୍ ବେଶି । ଚିତ୍ରୋତ୍ପଳା ଜିଭ କାମୁଡ଼ି ପକାଇଲା । ଆଖି ବଡ଼ ବଡ଼ କରି କହିଲା—''ନା, ସାହେବ, ଉଚିତ୍ ଦାମ୍ଠାରୁ ଅଧିକ ପଇସା ନେବା ଅନ୍ୟାୟ, ପାପ । ବ୍ୟବସାୟ କରୁଛୁ ପେଟ ପାଇଁ । ତା' ବୋଲି ଅନ୍ୟାୟ କରିବି ? ଦେ।ପୀଠରେ ଧର୍ମଦେବତା ସବୁ ଦେଖୁଛନ୍ତି । ଏ ପଇସା ଭୋଗ ହେବ ନାହିଁ ।''

ଚାର୍ଲସ ବିସ୍ମିତ ହେଇଗଲା ଗାଉଁଲି ଝିଅଟା ମୁହଁରେ ଧର୍ମ ଅଧର୍ମର ବ୍ୟାଖ୍ୟା ଶୁଣି । ସେ ଆସ୍ତେ ପଚାରିଲା—ଏ ସବୁ ତମକୁ କିଏ ଶିଖାଇଛି ?

—ମୁଁ କ'ଣ ପିଲାଟିଏ ହେଇଛି ଯେ ମତେ କିଏ ଶିଖାଇଦେବ ? ଏ ପଇସା ବାପା ମୋ ବାହାଘର ପାଇଁ ସଞ୍ଚୁଛି । ସେଥିରେ ଠକିଲେ ମୁଁ ବି ଯଦି ଠକି ଯାଏ.....

ଚିତ୍ରାର ପଦ୍ମ ପାଖୁଡ଼ାର ନରମ ଆଖିପତା ଦୁଇଟି ଭୟରେ, ଆଶଙ୍କାରେ ଅଳ୍ପ ଥରିଉଠି କ୍ଷଣକ ପାଇଁ ମୁଦି ହେଇଗଲା ।

ଦକ୍ଷିଣପାଖ ଗଜ-ସିଂହ ମୂର୍ତ୍ତିକୁ ଆଉଜି ଧର୍ମାନନ୍ଦ ଠିଆ ହେଇଥିଲା, ଫଟୋ ପ୍ୟାକେଟ ଧରି । ଚିତ୍ରୋତ୍ପଳାର କଥା ଶୁଣି ସେ ବଡ଼ ପାଟିରେ ହସିଉଠିଲା ।

ଚିତ୍ରୋତ୍ପଳା ରାଗିଗଲା । ବଡ଼ ବଡ଼ ଆଖିରେ ଧର୍ମାନନ୍ଦକୁ ଚାହିଁ କହିଲା—ହସିଲୁ କାହିଁକି ?

ଧର୍ମାନନ୍ଦ ସେମିତି ହସୁ ହସୁ କହିଲା—ହସିବି ନାହିଁ ? ତୋ ନୀତି ମାନି ଚଳିଲେ କାହାର ପେଟ ପୂରେ ? ଏ ଯୁଗରେ ଜୋର ଯାର ମୂଲକ ତା'ର । ଏଇ ଦେଖୁନୁ ଗଜ-ସିଂହ ମୂର୍ତ୍ତିକୁ ? ହାତି କେମିତି ମଣିଷକୁ ଦୁର୍ବଳ ଦେଖି ମାରୁଛି ଆଉ ସିଂହ ହାତୀଠାରୁ ବଳବାନ ହେଇ ହାତୀକୁ ଆକ୍ରମଣ କରୁଛି । ଏ ଦୁନିଆରେ ଦୁର୍ବଳ ଉପରେ ସବଳର ଅତ୍ୟାଚାର ସବୁବେଳେ ଚାଲିଛି । ଅସହାୟ ଲୋକମାନେ ଶକ୍ତିଶାଳୀ ଲୋକମାନଙ୍କ ଦ୍ୱାରା ସବୁବେଳେ ଅତ୍ୟାଚାରିତ ହୁଅନ୍ତି । ଏ ଦୁନିଆରେ ସବଳ ଆଉ ଶକ୍ତିଶାଳୀ କିଏ ଜାଣୁ ?

—କିଏ ? ଚିତ୍ରୋତ୍ପଳା ସରଳ ଭାବରେ ପ୍ରଶ୍ନ କଲା ।

ଧର୍ମାନନ୍ଦ ବଡ଼ମଣିଷଙ୍କ ଭଳି ଗମ୍ଭୀର ହେଇଯାଇ କହିଲା—ଯେଉଁମାନଙ୍କ ହାତରେ ଧନ ଅଛି, କ୍ଷମତା ଅଛି, ସେଇମାନେ ଶକ୍ତିଶାଳୀ । ଗରୀବ ଲୋକମାନେ ସବୁବେଳେ ସବୁ କଥାରେ ଦୁର୍ବଳ । ଯେଉଁମାନେ ଯେତେ ଅନ୍ୟାୟ ଅଧର୍ମ କରନ୍ତି ସେଇମାନେ ଖୁବ୍ ଶୀଘ୍ର

Digitized by srujanika@gmail.com

ସେତେ ବଡ଼ଲୋକ ହୁଅନ୍ତି । ଧନ ଆସିଲେ କ୍ଷମତା ଆସେ, ସମ୍ମାନ ଆସେ । ଗରୀବ ଲୋକମାନେ ତୋରି ଭଳି ନ୍ୟାୟ, ଧର୍ମ, ଉଚିତ ମାର୍ଗରେ ଚାଲି ସଚ୍ଚୋଟ ପଣିଆ ଦେଖାନ୍ତି ଆଉ ଭୋକିଲା ରହନ୍ତି । ଯୌତୁକ ପାଇଁ ଫୁଲ ବିକି ପଇସା ସଞ୍ଚୁ ସଞ୍ଚୁ ତୋରି ଭଳି ବୁଢ଼ୀ ହେଇଯାନ୍ତି । ଘଣ୍ଟା, ସାଇକେଲ, ରେଡ଼ିଓ ଆଉ ବାଟଖର୍ଚ୍ଚ ପାଇଁ କେତେ ଟଙ୍କା ଦରକାର ଜାଣୁ ? ସେତିକି ପଇସା ସଞ୍ଚିବା ପାଇଁ କେତେବର୍ଷ ଲାଗିବ ହିସାବ କରି ଦେଖିଛୁ ?

ଚିତ୍ରୋତ୍ପଳାର ମୁହଁଟି ଶୁଖିଗଲା । ପରକ୍ଷଣରେ ସେ ମୁହଁରେ ରଙ୍ଗ ଫେରାଇ ଆଣିଲା । ଚାର୍ଲସ ହାତାକୁ ବାକୀ ପଇସା ଫେରାଇ ଦେଉ ଦେଉ ସେ ଧର୍ମାନନ୍ଦକୁ ଉତ୍ତର ଦେଲା—ଗରୀବମାନେ ଦୁର୍ବଳ ହେଇ ରହନ୍ତି ସତ, କିନ୍ତୁ ଭଗବାନ ଦୁର୍ବଳମାନଙ୍କୁ ରକ୍ଷା କରିବାକୁ ଚାହିଁ ବସିଛନ୍ତି । ଏଇ ଦେଖ ଗଜ-ସିଂହ ମୂର୍ତ୍ତିକୁ । ସିଂହ କେମିତି ହାତୀ କବଳରୁ ମଣିଷକୁ ରକ୍ଷା କରୁଛି । ଏଠି ସିଂହ ଭିତରେ ସ୍ୱୟଂ ଧର୍ମଦେବତା ବିଜେ କରିଛନ୍ତି । ଅଧର୍ମ ବିତ୍ତର ସୁଖ ଅଢ଼େଇ ଦିନ । ତୁ ସେମିତି ବ୍ୟବସାୟ କରି କେତେ ବଡ଼ଲୋକ ହେଉଛୁ ଦେଖିବି ରହ । ଚିତ୍ରୋତ୍ପଳା ମୁହଁ ମୋଡ଼ିଦେଲା ।

ବାଳକ ଧର୍ମାନନ୍ଦ ମୁହଁରୁ ଅନ୍ୟାୟ ଉପାୟରେ ବଡ଼ଲୋକ ହେବାର ଗୂଢ଼ ରହସ୍ୟ ଶୁଣି ଚାର୍ଲସ ଯେତିକି ବିସ୍ମିତ ହେଲା ପ୍ରାଚୀ ସେତିକି ବ୍ୟଥିତ ହେଲା । ଏସବୁ କଥା ଧର୍ମାନନ୍ଦକୁ କିଏ ଶିଖାଇଛି ?

ପ୍ରାଚୀର ମନେହେଲା ଧର୍ମାନନ୍ଦ ଏ ଭିତରେ ଆଉ ଟିକେ ବଡ଼ ହେଇଯାଇଛି ଏବଂ ସେ ଧୀରେ ଧୀରେ ବଦଳିଯାଉଛି ।

ପ୍ରାଚୀ ଧର୍ମାନନ୍ଦର ସାମ୍ନାରେ ଠିଆହେଲା । ଗମ୍ଭୀର ଭାବରେ ପ୍ରଶ୍ନକଲା—ଏସବୁ ତତେ କିଏ ଶିଖାଇଛି ଧର୍ମାନନ୍ଦ ? ଶୀଘ୍ର ବଡ଼ଲୋକ ହେବାର ଏ କୌଶଳ ତତେ ତ ଆଗରୁ ଜଣା ନଥିଲା ?

ଧର୍ମାନନ୍ଦ କିଛି ଉତ୍ତର ଦେଲା ନାହିଁ । ପ୍ରାଚୀ ଏଭଳି ପ୍ରଶ୍ନ କରିବ ବୋଲି ସେ ଆଦୌ ଆଶା କରି ନଥିଲା । ପ୍ରାଚୀ ପୁଣି ଜେରା କଲା—ମୋ କଥା ଶୁଭୁଛି ? ତୁ ଏତେ ଛୋଟ ପିଲା । ତୋ ମୁଣ୍ଡରେ ଏସବୁ କଥା କିଏ ଭର୍ତ୍ତି କରିଛି ? ତୁ ତ ଆଗେ ଏପରି କଥା କହୁନଥିଲୁ ?

ଧର୍ମାନନ୍ଦ ମୁଣ୍ଡ କୁଣ୍ଢେଇ କହିଲା—ଚିତ୍ରୋତ୍ପଳାକୁ ଚିଡ଼ାଇବା ପାଇଁ ସେମିତି କହୁଥିଲି ଅପା । ବାହାହବା ପାଇଁ ସେ କେମିତି ବିକଳ ହେଇ ପଇସା ସଞ୍ଚୁଛି ଦେଖୁନ ?

ଚିତ୍ରୋତ୍ପଳା ଅଭିଯୋଗ ଭରା ସ୍ୱରରେ କହିଲା—ଏ ଟୋକାଟା ମୋ ସଙ୍ଗେ ସବୁବେଳେ ଲଗାଇଛି ଅପା । ମୁଁ ବାହା ହେଇଗଲେ ତା'ର କାହିଁକି ଦିହ ସହୁନାଇଁ ? ତମେ

Digitized by srujanika@gmail.com

ତାକୁ ପୁଅ କରିବ ବୋଲି ସେ ଆଉ ଇନ୍ଦ୍ର ଚନ୍ଦ୍ର ମାନୁନାହିଁ । ତା' ସାଙ୍ଗକୁ ଏବେ ରୋଜଗାର ବଢ଼ିଯାଇଛି ତା'ର । ପୁଅର ଚେହେରା କେମିତି ବଦଳି ଗଲାଣି ଦେଖୁନ ଅପା ?

ଧର୍ମାନନ୍ଦ ବେଶି ସମୟ ପ୍ରାଚୀପ୍ରଭାର ଦୃଷ୍ଟି ସାମ୍ନାରେ ଠିଆହେଲା ନାହିଁ । ପଟୋ ବିକ୍ରୀ କରିବା ଆଳରେ କେତେଜଣ ଅଣଓଡ଼ିଆ ଯାତ୍ରୀଙ୍କର ପିଛାଧରି ସେ ସେଠାରୁ ଖସିଗଲା ।

ପ୍ରାଚୀ କିନ୍ତୁ ଧର୍ମାନନ୍ଦର ଉତ୍ତରରେ ସନ୍ତୁଷ୍ଟ ହେଲା ନାହିଁ । ତା'ର ମନେ ହେଲା ମେଧାବୀ ବାଳକ ଧର୍ମାନନ୍ଦ ଭିତରର ନିଷ୍ପେଷିତ ଆତ୍ମା ସବଳ ବିରୁଦ୍ଧରେ ବିଦ୍ରୋହ କରିବାର ବାଟ ଖୋଜୁଛି । କିନ୍ତୁ ଧର୍ମାନନ୍ଦ ଯେ ବିଦ୍ରୋହର ଉଚିତ ରାସ୍ତା ପାଉନାହିଁ ଏକଥା ପ୍ରାଚୀ ବୁଝିପାରିଲା । ଧର୍ମାନନ୍ଦ କ'ଣ ଯେକୌଣସି ଉପାୟରେ ଶକ୍ତିଶାଳୀ ହେବାପାଇଁ ପ୍ରତିଜ୍ଞା କରିଛି ? ଉଚିତ୍ ମାର୍ଗରେ ସମ୍ଭବ ନ ହେଲେ ସେ ଅନୁଚିତ୍ ମାର୍ଗ ବି ଧରିପାରେ !

ପ୍ରାଚୀର ମନ ଭିତରଟା ଧର୍ମାନନ୍ଦ ପାଇଁ ଆନ୍ଦୋଳିତ ହୁଏ । କିନ୍ତୁ ଧର୍ମାନନ୍ଦର ବିସ୍ତାରିତ ସଂସାରର ଅଭାବ ମେଣ୍ଟାଇ ଧର୍ମାନନ୍ଦକୁ ଶକ୍ତିଶାଳୀ କରିବା ପାଇଁ ପ୍ରାଚୀପ୍ରଭାର ଶକ୍ତି, ସାମର୍ଥ୍ୟ କୁଳାଏ ନାହିଁ । ଅସହାୟ ହେଇପଡ଼ି ସେ ଧର୍ମାନନ୍ଦର କଥା ମନରୁ ଦୂର କରିଦିଏ । ମନକୁ ବୁଝାଏ—ଧର୍ମାନନ୍ଦ ଏଣିକି ବଡ଼ ହେଇଯିବ । ତା' ସଂସାରର ବୋଝ ଉଠାଇବା ପାଇଁ ତା' ବାଟ ସେ ଖୋଜିନେବ । କୋଣାର୍କର ନଗ୍ନ ଚିତ୍ର ବିକ୍ରୀ କରି ସଂସାରର ଦୈନ୍ୟ, ତା' ପିଠିର ନଗ୍ନତା ତ ଲୁଚିବ ନାହିଁ ! ଏଥିପାଇଁ ପ୍ରାଚୀର ବିଚଳିତ ହେବାର କ'ଣ ଅଛି ?

ପ୍ରାଚୀର ବିଚଳିତ ଅବସ୍ଥାକୁ ଲକ୍ଷ୍ୟକରି ଚାର୍ଲସ ଆଗେଇ ଆସିଲା । ପଦ୍ମଫୁଲଟିକୁ ପ୍ରାଚୀ ହାତକୁ ବଢ଼ାଇ ଦେଇ କହିଲା—ଆମ ଦେଶରେ ଏତେ ଅଳ୍ପବୟସ୍କା ଝିଅମାନେ ଧର୍ମପଦ ବୟସର ପିଲାଙ୍କୁ ପୁଅ କରନ୍ତି ନାହିଁ—ବନ୍ଧୁ ଭାବରେ ଗ୍ରହଣ କରନ୍ତି । ତାକୁ ପୁଅ ଭାବିବାରୁ ତା'ର ଟିକେ କଥାରେ ତମେ ଏତେ ବିବ୍ରତ ହେଉଛ । ପ୍ରକୃତରେ ସେ ତମର ପୁଅ ବୟସର ନୁହେଁ ।

ପ୍ରାଚୀ ପଦ୍ମଫୁଲଟିକୁ ଗ୍ରହଣ କଲା । କହିଲା—ଧନ୍ୟବାଦ । ମୋ ବୟସରେ ମୋ ବୋଉର ଚାରିଟି ପୁଅଝିଅ ହୋଇସାରିଥିଲେ । ମୋର ବୟସ କେତେ ଜାଣନ୍ତି ?

—ମୋର ସେକଥା ଜାଣିବାଟା ଖୁବ୍ ଅଭଦ୍ରାମି ନୁହେଁ କି ? ଚାର୍ଲସ ମୃଦୁ ହସି କହିଲା ।

ପ୍ରାଚୀ ହସିଦେଇ ଆଗେଇ ଯାଉ ଯାଉ କହିଲା—କ୍ଷମା କରିବ । ତମ ଦେଶରେ ଭଦ୍ରତାର ଅଦ୍ଭୁତ ସଂଜ୍ଞା ।

Digitized by srujanika@gmail.com

ଚାର୍ଲସ ବି ହସିଦେଲା । କହିଲା—କ୍ଷମା କରିବ । ତମ ଦେଶରେ କିନ୍ତୁ ସବୁ କିଛି ଅଦ୍ଭୁତ । ଧର୍ମପଦ, ଚିତ୍ରୋତ୍ପଳା, ପ୍ରାଚୀ ଏବଂ କୋଣାର୍କ—ସମସ୍ତେ । ସବୁଠୁ ଅଦ୍ଭୁତ ଏଇ ଗଜ-ସିଂହ ମୂର୍ତ୍ତି ।

ଅଠେଇଶ ଶହ ଟନ୍ ଓଜନର ଏଡ଼େ ବିରାଟ ମୂର୍ତ୍ତିଟି ତିନିଟି ଜୀବଙ୍କୁ ନେଇ ଗଠିତ । ଉନ୍ମତ୍ତ ସିଂହଟିଏ ବୀର ଦର୍ପରେ ଏକ ବିରାଟ ହାତୀକୁ ଆକ୍ରମଣ କରି ମାଡ଼ି ବସିଛି । ହାତୀ ମାଡ଼ିବସିଛି ଏକ ଅସହାୟ ମଣିଷକୁ । ସିଂହ ହାତୀ ପିଠି ଉପରେ ବସି ଆଗ ଗୋଡ଼ ଦୁଇଟି ଟେକି ରଖି ଅତ୍ୟନ୍ତ ଭୟଙ୍କର ଦିଶୁଛି । ଏ ସମସ୍ତ ମୂର୍ତ୍ତି ମାତ୍ର ଖଣ୍ଡିଏ ପଥରରେ ଖୋଦିତ ହେବା ବାସ୍ତବିକ ଖୁବ୍ ଅଦ୍ଭୁତ !

ପ୍ରାଚୀ ଚାର୍ଲସକୁ ମୂର୍ତ୍ତିଟିର ଶିଳ୍ପଶାସ୍ତ୍ର ସମ୍ମତ ଆବଶ୍ୟକତା ବୁଝାଇଦେଲା । ଶିଳ୍ପ ଶାସ୍ତ୍ରର ବିଧାନ ଅନୁସାରେ ପ୍ରତି ମନ୍ଦିରର ଅପୂର୍ବ ଦ୍ୱାରରେ ଗଜ-ସିଂହ ମୂର୍ତ୍ତି ରହିବା ଆବଶ୍ୟକ । ଏହି ଦ୍ୱାରକୁ ସିଂହଦ୍ୱାର କୁହାଯାଏ । ପୂର୍ବେ ଗଜ-ସିଂହ ମୂର୍ତ୍ତିଦ୍ୱୟ ମନ୍ଦିରର ପୂର୍ବଦ୍ୱାରା ସମ୍ମୁଖରେ ସ୍ଥାପିତ ହୋଇଥିଲା । ଗଜ-ସିଂହ ମୂର୍ତ୍ତି ଧର୍ମସଂସ୍ଥା ଗଠନର ପ୍ରତୀକ । ଧର୍ମରକ୍ଷା କରିବା ପ୍ରତ୍ୟେକ ରାଜ୍ୟର କର୍ତ୍ତବ୍ୟ । ସେଥିପାଇଁ ରାଜା ନରସିଂହ ଧର୍ମଦେବତାଙ୍କ ମନ୍ଦିର ସମ୍ମୁଖରେ ଗଜ-ସିଂହ ମୂର୍ତ୍ତି ସ୍ଥାପନ କରି ଦେଶରେ ଧର୍ମରକ୍ଷା କରିବା ଚେଷ୍ଟା କରିଥିଲେ ।

ଚାର୍ଲସକୁ ବକ୍ରଦୃଷ୍ଟିହାଣି ପ୍ରାଚୀ କହିଲା—ଆଚ୍ଛା; ତମ ଦେଶରେ ଧର୍ମରକ୍ଷା କରିବାକୁ ଚେଷ୍ଟା କରିବା ବି କ'ଣ ଅଦ୍ଭୁତ କଥା ?

ଚାର୍ଲସ କହିଲା ନିଶ୍ଚୟ, ଧର୍ମରକ୍ଷା ଆଜି ତ ପୃଥିବୀର ଲକ୍ଷ୍ୟ ନୁହେଁ ! ବୟସରେ ଛୋଟ ହେଲେ ବି ଧର୍ମାନନ୍ଦ ସେକଥା ବୁଝିଛି । ଅଥଚ ତମେ ବୁଝିନାହଁ ।

ପ୍ରାଚୀ ଚାର୍ଲସକୁ ପଛ କରି ମୁଖଶାଳାର ରୁଦ୍ଧଦ୍ୱାର ସମ୍ମୁଖରେ ଠିଆ ହୋଇଥିଲା । ଚାର୍ଲସ କଥାରେ ସେ କିଛି ଜବାବ ଦେଲାନାହିଁ ।

ପ୍ରତ୍ୟୁଷ । ସୂର୍ଯ୍ୟଦେବ ସମୁଦ୍ରସ୍ନାନର ବିଳାସ ଡେଇଁ ଏତେ ଶୀଘ୍ର ଆକାଶକୁ ଉଠିନଥାନ୍ତି । ବାଲିଆରଞ୍ଜୀ ପଥରରେ ନାଟମନ୍ଦିର ପାଇଁ ନୃତ୍ୟମୂର୍ତ୍ତି ତିଆରି କରୁଥାଏ କମଳ ମହାରଣା । କମଳ ମହାରଣା ଆଖିବୁଜି କଳ୍ପନା ନେତ୍ରରେ ଏକ ନିଖୁଣ, ନିର୍ଭୁଲ ରୂପସୀ ଲାସ୍ୟମୟୀକୁ ଦେଖୁଥାଏ । କମଳ ମହାରଣା ଭାବୁଥାଏ କାହା ଉପରେ ଗୁରୁତ୍ୱ ଦେଇ ସେ ମୂର୍ତ୍ତି ଗଠନ କରିବ ? ସୁଗଠିତ, ସୁଠାମ ଦେହବଲ୍ଲରୀ ନା ଶରୀରର ଅଳଙ୍କରଣ ?

Digitized by srujanika@gmail.com

ସୁଗଠିତ ଶରୀରରେ ଅଳଙ୍କରଣର ଉତ୍କର୍ଷତା ଏବଂ ତା ସଙ୍ଗେ ଅପୂର୍ବ ଲାସ୍ୟମୟୀ ଭଙ୍ଗୀ ହିଁ ଚିରନ୍ତନ କାରୁକଳା ହୋଇ ବିସ୍ମୟ ସଙ୍ଗେ ଆନନ୍ଦ ଦାନରେ ସହାୟକ ହେବ । ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟ ଉଭୟେ ପରସ୍ପରର ପରିପୂରକ ହେବେ । ଶରୀରର ବିଭିନ୍ନ ଅଂଶର ଅଳଙ୍କରଣ ସମ୍ପର୍କରେ ଗୋଟାଏ ମୋଟାମୋଟି କାଳ୍ପନିକ ଚିତ୍ର ପ୍ରସ୍ତୁତ କରିନେଇଥାଏ କମଳ ମହାରଣା । ମାତ୍ର ନର୍ତ୍ତକୀର ଅଙ୍ଗ ସୌଷ୍ଠବର ନିର୍ଭୁଲ ଚିତ୍ର କଳ୍ପନାରେ ଲୁଚକାଳି ଖେଳୁଥାଏ ।

ଛମ ଛମ—ସୁନ୍ଦର ତାଳ-ଲୟ—ଛନ୍ଦରେ ନୂପୁର ନିକ୍ୱଣ ଶୁଭୁଛି ଦୂରରୁ । ଧୀରେ ଧୀରେ ନୂପୁରର ଛନ୍ଦ ନିକଟତର ହେଉଛି । କିଏ ? ଦେବଦାସୀ ଭଦ୍ରା ! ନାଁ-ନାଁ ବୋଧହୁଏ ଶ୍ୱେତା କିମ୍ବା ମୁଗ୍ଧା । ସେମାନଙ୍କୁ ଛାଡ଼ିଦେଲେ ନାଟମନ୍ଦିରର ନୃତ୍ୟମୂର୍ତ୍ତି ପାଇଁ ଆଉ ବା କିଏ ପ୍ରତିରୂପ ହେଇପାରେ ? କିନ୍ତୁ ସେମାନଙ୍କର ଭାବମୁଦ୍ରାରେ ସ୍ୱର୍ଗୀୟ ଅଭା ଫୁଟିଉଠିବ ତ ? ନୃତ୍ୟମୂର୍ତ୍ତିଟିଏ ଧୀରେ ଧୀରେ ମାଟି ଛୁଇଁ ଛୁଇଁ ସତେ ଯେମିତି ଭାସୁଛି । ଭାସି ଭାସି ସେ କମଳ ମହାରଣା ସାମ୍ନାରେ କିଛି ବ୍ୟବଧାନ ରଖି ସ୍ଥିର ହେଇଗଲା । ସତେବା କମଳ ମହାରଣାର କଳ୍ପନାର ମୂର୍ତ୍ତିଟି ଜୀବନ୍ୟାସ ପାଇଛି । କିଏ ଏଇ ଦେବକନ୍ୟା ? ଭଦ୍ରା, ଶ୍ୱେତା କିମ୍ବା ମୁଗ୍ଧାଙ୍କର ତ ଏ ଅପୂର୍ବ ଭଙ୍ଗୀ ନୁହେଁ ! ସ୍ୱର୍ଗର କେହି ଅପ୍ସରା କ'ଣ ମର୍ତ୍ତ୍ୟ ଭୂଇଁକୁ ଓହ୍ଲାଇ ଆସିଛି ଧର୍ମଦେବତାଙ୍କ ମନ୍ଦିର ନିର୍ମାଣରେ ପ୍ରତିରୂପ ହେବାପାଇଁ ।

କମଳ ମହାରଣା ପ୍ରଥମେ ସେଇ ଲାସ୍ୟମୟୀ ରୂପସୀର ପାଦ ଦୁଇଟିକୁ ଚାହିଁଲା । ସେ ଦେଖିଲା ଦୁଇଟି ଅର୍ଦ୍ଧପ୍ରସ୍ଫୁଟିତ ପଦ୍ମକୋରକ । ପଦ୍ମକୋରକର ଧାରେ ଧାରେ ଉଦୟ ସୂର୍ଯ୍ୟ ସତେ ବା ଆଙ୍କି ଦେଇଛି ଦୁଇଧାର ଅଳତାର ଗାର । ସେଇ ଅଳତା ବୋଳା ପାଦ ଦୁଇଟି ଯଦି ପଦ୍ମକୋରକ ହୁଏ ତେବେ ମୁଖଶୋଭାକୁ କାହାସହ ତୁଳନା କରିବ ଭାବି ପାରୁନଥାଏ କମଳ ମହାରଣା । ଅତି ସନ୍ତର୍ପଣରେ କମଳ ମହାରଣାର ଦୃଷ୍ଟି ଧୀରେ ଧୀରେ ସେଇ ସୁଠାମ ଅବୟବକୁ ଛୁଇଁ ଛୁଇଁ ମୁଖମଣ୍ଡଳରେ ସ୍ଥିର ହେଇ ରହିଗଲା । କ୍ଷଣକ ପାଇଁ କମଳ ମହାରଣାର ନିହାଣ ସ୍ଥାଣୁ ହେଇଗଲା । କିନ୍ତୁ ତା'ର ନିଃସ୍ତରଙ୍ଗ ହୃଦୟ ସଂଗୋପନରେ ଚହଲିଗଲା କ୍ଷଣକ ପାଇଁ । ଏତେ ରୂପ, ଏତେ ଲାବଣ୍ୟ, ଏପରି ସ୍ୱର୍ଗୀୟ ଭାବମୁଦ୍ରାକୁ କମଳ ମହାରଣା ରୂପ ଦେଇପାରିବ ତ ? ଏଇ ରୂପସୀ ନାରୀଟିକୁ ନିର୍ନିମେଷ ନୟନରେ ଚାହିଁ ଚାହିଁ ସେ ସ୍ଥିର ଚିତ୍ତରେ ମୂର୍ତ୍ତି ମୁଖରେ ସ୍ୱର୍ଗୀୟ ଆଭା ଫୁଟାଇ ପାରିବ ତ ?

କମଳ ମହାରଣା ନିଜ ହୃଦୟର ଅବାଧ ଉଦ୍‌ବେଳନକୁ ଶାନ୍ତ କଲା । ନିଜ ତାରୁଣ୍ୟର ଅନିଚ୍ଛାକୃତ ଆବେଗକୁ ଶାସନ କଲା । ସେ ଭାବିଲା ସେ ତ ଏଠି ଜଣେ ତପସ୍ୱୀ । ସୂର୍ଯ୍ୟପୀଠରେ ଆଗାମୀ ବାରବର୍ଷ ଧରି ସେ ବ୍ରହ୍ମଚର୍ଯ୍ୟ ପାଳନ କରିବ—ଇନ୍ଦ୍ରିୟ ସଂଯମ କରି ପାଷାଣରେ ପଦ୍ମ ଫୁଟାଇବ । ଯେଉଁ କାର୍ଯ୍ୟ ସେ ଆରମ୍ଭ କରିଛି ତାକୁ ଶେଷ କରିବ ହିଁ

Digitized by srujanika@gmail.com

କରିବ । ସେ ଯଦି ପଥଚ୍ୟୁତ ହୁଏ—ଇନ୍ଦ୍ରିୟ ସଞ୍ଜମ ନକରେ —ବିଚଳିତ ହେଉ କଳାର ଉତ୍କର୍ଷତା ଆଣିବାରେ ତ୍ରୁଟି କରେ ତେବେ ତ ତାହା ଶିଳ୍ପୀ ଧର୍ମର ବିରୁଦ୍ଧାଚରଣ ହେବ । ତା' ଛଡ଼ା ଘରେ ତାର ପ୍ରାଣପ୍ରିୟା ପତ୍ନୀ ପରମ ନିଷ୍ଠା ଓ ଗଭୀର ବିଶ୍ୱାସରେ ତାର ଫେରନ୍ତି ବାଟକୁ ଚାହିଁ ବସିଛି । କିଶୋରୀ ବଧୂ ପଦ୍ମଫୁଲର ନିଷ୍ଠା ନେଇ ପ୍ରତୀକ୍ଷମାଣା । ଅଥଚ ତା' ମନରେ ଏ ଅଦ୍ଭୁତ—ଅନୁଚିତ—ଅଦମ୍ୟ ଉଦ୍‌ବେଳନର ଅର୍ଥ କ'ଣ ?

କମଳ ମହାରଣା ସେଇ ଲାସ୍ୟମୟୀର ଆୟତ ନୟନ-ଯୁଗଳରେ ଦୃଷ୍ଟି ସ୍ଥିର ରଖି ଅସ୍ଥିର ହୃଦୟକୁ ଶାନ୍ତ କରିନେଲା । ସ୍ଥିର କଣ୍ଠରେ ପ୍ରଶ୍ନ କଲା କିଏ ତୁମେ କିଶୋରୀ ? କୋମଳ ପଦ୍ମ କଳିକାଟିକୁ ପଥର ଦେବତାର ପାଦତଳେ ସମର୍ପି ଦେଇ କିଏ ତମକୁ ଦେବଦାସୀ ହେବାର ନିଷ୍ଠୁର ଆଦେଶ ଦେଇଛି ?

କିଶୋରୀ ନିରୁତ୍ତରା । ସେ କ'ଣ ମୌନାବତୀ ? କିଶୋରୀପାଇଁ କମଳ ମହାରଣାର ହୃଦୟରେ କୋମଳ ସ୍ପନ୍ଦନଟିଏ ମୃଦୁଛନ୍ଦରେ ନାଚି ଉଠୁଥାଏ ।

ହାୟ ଦେବଦାସୀ ! ସମର୍ପିତ ତାର ସମଗ୍ର ଜୀବନ—ପାଷାଣ ଦେବତାର ପାଦତଳେ ଉତ୍ସର୍ଗୀକୃତ ତାର ଯୌବନ । ଏ ପୃଥିବୀର ପାର୍ଥିବ ସୁଖ, ଆନନ୍ଦ, କାମନା, ବାସନା, ପ୍ରେମ, ବିବାହ, ମାତୃତ୍ୱ ସବୁ ତା' ପାଇଁ ନିଷିଦ୍ଧ, ସାମାଜିକ ନିୟମ ବହିର୍ଭୂତ । ଦେବଦାସୀ ହେଉଛି ଦେବତାର ପତ୍ନୀ, ଦେବତାର ଦାସୀ । ଦେବଦାସୀ ମନ୍ଦିରର ନର୍ତ୍ତକୀ । ଦେବତାର ମନୋରଞ୍ଜନ କାରିଣୀ । କିନ୍ତୁ ଦେବଦାସୀର ବି ଗୋଟିଏ ମନ ଅଛି, ହୃଦୟ ଅଛି । ସେ ହୃଦୟରେ ଅଛି କାମନା, ବାସନା, ମାତୃତ୍ୱର ଲାଳସା, ଘର ବାନ୍ଧିବାର ସୁଖସ୍ୱପ୍ନ, ଏକଥା ଭାବିବାରେ ବି ପାପ ହୁଏ । ଦେବତାର ବିରୁଦ୍ଧାଚରଣ ହୁଏ । ଦେବଦାସୀ ଶରୀର-ସର୍ବସ୍ୱ ନାରୀ । ତାର ସୁନ୍ଦର ସୁଠାମ ଦେହଟିର ସୁରକ୍ଷା ପାଇଁ ମନ୍ଦିର ତରଫରୁ ଜମି, ଘର, ଅନ୍ୟାନ୍ୟ ସମ୍ପତ୍ତି ଯୋଜା ହୋଇଛି । ଦେବଦାସୀର ଅଭାବ କ'ଣ ? ଶରୀର ରକ୍ଷା ନିମନ୍ତେ ତାର ସବୁ ଆବଶ୍ୟକତା ମହାରାଜା ପୂରଣ କରନ୍ତି ।

ଦେବଦାସୀ ଅନେକ ସମ୍ପତ୍ତିର ଅଧିକାରିଣୀ । ସେଇ ସମ୍ପତ୍ତି ଲୋଭରେ ଦରିଦ୍ର ପିତାମାନେ କନ୍ୟାମାନଙ୍କୁ ଦେବତାର ପାଦତଳେ ଉତ୍ସର୍ଗ କରିଦିଅନ୍ତି ଏବଂ ତାରି ଉତ୍ସର୍ଗୀକୃତ ଜୀବନକୁ ଆଶ୍ରାକରି ବଞ୍ଚିଯା'ନ୍ତି ଆଉ କେତୋଟି ପ୍ରାଣୀ । ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ କାଳରୁ ପ୍ରଭୁ ଜଗନ୍ନାଥଙ୍କର ମନ୍ଦିରରେ ଦେବଦାସୀର ପ୍ରଚଳନ ହେଇଛି । ଏ ପୁଣି କେଉଁ ଦେବଦାସୀ ?

ଏକ ବିଳାସପୂର୍ଣ୍ଣ ଲଳିତ ଭଙ୍ଗୀରେ ସ୍ଥିର ହେଇ ରହିଥାଏ ଲାସ୍ୟମୟୀ କିଶୋରୀ । ଉଦୟ ସୂର୍ଯ୍ୟର ଲାଲ୍ ରଙ୍ଗ କିଶୋରୀର ଚମ୍ପକ ବର୍ଣ୍ଣରେ ଲଜ୍ଜାର ଅରୁଣିମା ବୋଳି ଦେଉଥାଏ । କିନ୍ତୁ କିଶୋରୀର ମୁଖରେ ଏକ ଅପୂର୍ବ ସ୍ୱର୍ଗୀୟ ଦୀପ୍ତି ଉଦ୍‌ଭାସିତ ହେଉଥାଏ ।

Digitized by srujanika@gmail.com

—କିଏ ତୁମେ କିଶୋରୀ ?କେଉଁ ମନ୍ଦିରର ଦେବଦାସୀ ତୁମେ ? କେଉଁ ଦେବତାର ପାଦତଳେ ତମେ ଅର୍ପିତା ? କମଳ ମହାରଣା କୋମଳ, ନମ୍ର, ମଧୁର ସ୍ୱରରେ ପ୍ରଶ୍ନକଲା ।

ମୃଦୁ ସମୀରଣରେ ଫୁଲର ପାଖୁଡ଼ା ଅଳ୍ପ କମ୍ପି ଉଠିଲା । ବୀଣାର ରାଗିଣୀଟିଏ—ଅତି ମନ୍ଦ୍ର ସ୍ୱରରେ ଝରିଗଲା—ମୁଁ ଶିଳ୍ପୀ, ନୃତ୍ୟଗୁରୁ ସୌମ୍ୟ ଶ୍ରୀଦତ୍ତଙ୍କର କନ୍ୟା । ସୂର୍ଯ୍ୟ ଦେବତାଙ୍କର ପାଦତଳେ ମୁଁ ସମର୍ପିତା ।

କମଳ ମହାରଣା ତରୁଣ ହୃଦୟର ମୃଦୁ ତରଙ୍ଗ ନିସ୍ତବ୍ଧ ହେଇଗଲା କ୍ଷଣକରେ । ନୃତ୍ୟଗୁରୁ କନ୍ୟା ଶିଳ୍ପୀ ପ୍ରତି ତାର ମନରେ ସଂଭ୍ରମ ଜାଗିଲା । ସେ ଗମ୍ଭୀର ସ୍ୱରରେ କହିଲା—ପ୍ରତିରୂପ ହେବାପାଇଁ ତୁମକୁ କ'ଣ ପିତାଙ୍କର ଆଦେଶ ହୋଇଛି ? ଏ କିନ୍ତୁ ଖୁବ୍ କଷ୍ଟକର କାମ । ଏକାଗ୍ରତା, ଧୈର୍ଯ୍ୟ, ନିଷ୍ଠା ଏବଂ ଅନୁରାଗ ନଥିଲେ ଘଣ୍ଟା ଘଣ୍ଟା ଧରି ଏକ ସ୍ଥାନରେ ଗୋଟିଏ ଭଙ୍ଗୀରେ ଅବସ୍ଥାନ କରିବା ଖୁବ୍ କଷ୍ଟକର ମନେ ହେବ । ତମେ ପାରିବ ତ କିଶୋରୀ ?

ଶିଳ୍ପୀ ଅଳ୍ପ ହସି କହିଲା—ପାରିବି ଶିଳ୍ପୀ । ନିଶ୍ଚୟ ପାରିବି । ସ୍ୱଇଚ୍ଛାରେ ମୁଁ ଆସିଛି ନାଟମନ୍ଦିରର ନୃତ୍ୟମୂର୍ତ୍ତିମାନଙ୍କର ପ୍ରତିରୂପ ହେବାପାଇଁ । ପିତାଙ୍କର ଅଜ୍ଞାତରେ ମୁଁ ସୂର୍ଯ୍ୟଦେବଙ୍କ ଚରଣରେ ନିଜକୁ ନିବେଦିତ କରିଛି । ଜଗତବିଖ୍ୟାତ ସୂର୍ଯ୍ୟମନ୍ଦିର ନିର୍ମାଣରେ ମୋର ଯଦି କିଛି ଅବଦାନ ରହେ, ମୁଁ ନିଜକୁ ଧନ୍ୟ ମନେକରିବି । କିଶୋରୀ କହିଲା ।

କମଳ ମହାରଣାର ସ୍ଥିର ହେଇ ଆସୁଥିବା ଚିତ୍ତ ଚହଲି ଉଠିଲା । ସେ କହିଲା—ପିତାଙ୍କର ଅଜ୍ଞାତରେ ତମଭଳି କିଶୋରୀ କନ୍ୟା ଶିଳ୍ପୀ ଆଗରେ ପ୍ରତିରୂପ ହେବାପାଇଁ ଆଗେଇ ଆସିବା ଅନୁଚିତ ।

କୋଣାର୍କର ଶିଳାଖଣ୍ଡ ଭିତରେ ଯୁଗ ଯୁଗ ପାଇଁ ମୁଁ ବି ବଞ୍ଚିରହିବାକୁ ଚାହେଁ ଶିଳ୍ପୀ । ମତେ ପ୍ରତିରୂପ ଭାବରେ ଗ୍ରହଣ କରନ୍ତୁ । ରାଜାଙ୍କର ଇଚ୍ଛା ପୂର୍ଣ୍ଣ କଲେ ଜଗନ୍ନାଥଙ୍କର ଇଚ୍ଛା ପୂର୍ଣ୍ଣ ହେବ । ଜଗନ୍ନାଥଙ୍କ ଚରଣରେ ଏ ହେଉଛି ମୋର ଭକ୍ତି ଅର୍ଘ୍ୟ ।

କମଳ ମହାରଣା ଉଲ୍ଲସିତ କଣ୍ଠରେ କହିଲା—କିନ୍ତୁ କିଶୋରୀ, ତମେ କ'ଣ ଶାସ୍ତ୍ର ଅନୁମୋଦିତ ନୃତ୍ୟକଳା ଶିକ୍ଷା କରିଛ ?

ଶିଳ୍ପୀ ଅଳ୍ପ ହସି କହିଲା—ବିଧିବଦ୍ଧ ଭାବରେ ନୃତ୍ୟଶିକ୍ଷା କରିନାହିଁ ସତ; ମାତ୍ର ପିତା ନୃତ୍ୟଶିକ୍ଷା ଦେବା ସମୟରେ ସବୁ ଧ୍ୟାନ ଦେଇ ଦେଖି ଦେଖି ମୁଁ ନିଜେ ନୃତ୍ୟକଳା ଅଭ୍ୟାସ କରିଛି । ମୋର ବିଶ୍ୱାସ ପିତାଙ୍କ ପରିକଳ୍ପିତ ନାଟମନ୍ଦିରର ନୃତ୍ୟମୂର୍ତ୍ତି ପାଇଁ ପ୍ରତିରୂପ ହୋଇପାରିବି । ଆପଣ ମୋ ଉପରେ ଆସ୍ଥା ରଖନ୍ତୁ ।

Digitized by srujanika@gmail.com

କମଳ ମହାରଣା ଗଭୀର ପ୍ରତ୍ୟୟଭରା ସ୍ୱରରେ କହିଲା—ତମ ଉପରେ ଆସ୍ଥା ରଖିବାର ମୋର ଆପତ୍ତି ନାହିଁ କିଶୋରୀ । ମାତ୍ର ତମର ପିତା ଏଥିରେ ଆପତ୍ତି କରିବେ ନାହିଁ ତ ?

ଶିଳ୍ପା ମଧୁର ସ୍ୱରରେ କହିଲା—ମୁଁ ହେଉଛି ନୃତ୍ୟଗୁରୁ ସୌମ୍ୟ ଶ୍ରୀଦତ୍ତଙ୍କର ନୃତ୍ୟକଳା । ମତେ ନଦେଖିଲେ ତାଙ୍କର ନୃତ୍ୟବିଦ୍ୟା ବିସ୍ମରଣ ହୁଏ । ମୋର ମୁଖ, ଆଖି ଚରଣର ଛନ୍ଦ ତାଙ୍କ ଭିତରେ ସଙ୍ଗୀତ ସୃଷ୍ଟି କରେ । ସେ ମତେ ଡାକନ୍ତି 'କଳା' । ସେ କହନ୍ତି ତାଙ୍କଠାରୁ ମୁଁ ଅନ୍ତର ହେଇଗଲେ ତାଙ୍କର କଳାହରଣ ହେଇଯିବ । ମୋର ଜନ୍ମପରେ ହିଁ ତାଙ୍କ ନୃତ୍ୟକଳାର ଉତ୍କର୍ଷ ସାଧନ ହେଇଛି । ମୁଁ ତାଙ୍କ ପ୍ରେରଣାର ଉତ୍ସ । ମତେ ଛାଡ଼ି ସେ ରହିବେ କିପରି ? ସେଥିପାଇଁ ମୁଁ ସ୍ୱଇଚ୍ଛାରେ ନିଜକୁ ସୂର୍ଯ୍ୟଙ୍କ ପାଦପଦ୍ମରେ ନିବେଦିତ କରିଛି । ସୂର୍ଯ୍ୟମନ୍ଦିର ନିର୍ମାଣ ପରେ ମୁଁ ଦେବଦାସୀର ଜୀବନ କାଟିବି । ପିତା ହେବେ ମୋର ସାରା ଜୀବନର ଗୁରୁ—ମୁଁ ହେବି ତାଙ୍କର ନୃତ୍ୟକଳାର ପ୍ରେରଣା । ଥରେ ଯେତେବେଳେ ନିଜକୁ ସୂର୍ଯ୍ୟଙ୍କର ଶକ୍ତି ପାଖରେ ମୁଁ ସମର୍ପଣ କରିଛି—ପିତା ମତେ ଫେରାଇ ଆଣିବାର ପ୍ରୟାସ କରିବେ ନାହିଁ ।

କମଳ ମହାରଣା ବିଚଳିତ ହେଲା । ଏଇ ସରଳା କିଶୋରୀ ଝିଅଟି ପିତୃପ୍ରେମରେ ଏବେ ଅନ୍ଧ ହେଇଛି । ଅଥଚ ବୟସର ଆହ୍ୱାଦରେ ଏଇ ପୁଣି ମୌସୁମୀ ସ୍ୱର୍ଶରେ ଗୃହଛଡ଼ା ହେଇ ସାଗର ବୁକୁରେ ବର୍ଷିଯିବା ପାଇଁ ଆତୁର ହେଇଉଠିବ । ପାଗଳିନୀ ପାଇଟିବ । ସେ କଥା ଏଇ ଅବୋଧ ବାଳିକା ଏବେ ବୁଝି ନାହିଁ । ଭାବପ୍ରବଣତାରେ ଭାସିଯାଇ ଏତେବଡ଼ ପ୍ରତିଜ୍ଞାଟିଏ କରିପକାଇବା କେଡ଼େ ଅନୁଚିତ !

କମଳ ମହାରଣା ଅଭିଭାବକ ଭଳି ସ୍ୱରକୁ ଗମ୍ଭୀର କରି କହିଲା—କିଶୋରୀ, ତମେ ତ ଜୀବନ ସଙ୍ଗୀତର ସ୍ୱର ଏବେ ବି ଶୁଣିନାହଁ । ସେ ସ୍ୱର ମୂର୍ଚ୍ଛନା ତମର ଏ ପ୍ରତିଜ୍ଞାକୁ ଚୂର୍ଣ୍ଣ କରିଦେବ । ଜୀବନକୁ ନବୁଝି, ଏତେବଡ଼ ପ୍ରତିଜ୍ଞା କରନାହିଁ ।

ଶିଳ୍ପା ମୃଦୁ ହସିଲା । ପୂର୍ବ ଆକାଶର ଲୋହିତ ଉଜ୍ଜ୍ୱଳ ଆଭା ନୀଳ ଆକାଶକୁ ଧୀରେ ଧୀରେ ଆଲୋକରଞ୍ଜିତ କରିଦେବା ଭଳି, ଶିଳ୍ପାର ମଧୁର ଲଜ୍ଜାସିକ୍ତ ମୃଦୁ ହସ ତାର ସମଗ୍ର ମୁଖମଣ୍ଡଳକୁ ଅନିର୍ବଚନୀୟ ମାଧୁରୀରେ ଭରିଦେଲା ।

ତରୁଣ କମଳ ମହାରଣା ଧୀରେ ଧୀରେ ଆତ୍ମବିସ୍ମୃତ ହେଉଥାଏ । ତାର ଅତୀତ, ଭବିଷ୍ୟତ, କର୍ମ, କର୍ତ୍ତବ୍ୟ, ରାଜାଜ୍ଞା, ନୃତ୍ୟଗୁରୁଙ୍କ ନିର୍ଦ୍ଦେଶ ସବୁକିଛି ବିସ୍ମରଣ ହେଇଯାଉଥାଏ । ତାର ଆଖି ସାମ୍ନାରୁ ଆକାଶ, ପ୍ରାନ୍ତର, ବୃକ୍ଷ ଲତା ସବୁ କିଛି ଅଦୃଶ୍ୟ ହେଇଯାଉଥାଏ । ତାର

Digitized by srujanika@gmail.com

ଦୃଶ୍ୟପଟରେ ସହସ୍ର ନୃତ୍ୟମୟୀ ଶିଳ୍ପୀ ଉଦ୍‌ଭାସିତ ହେଇ ଉଠୁଥାନ୍ତି । ସେ ବିମୂଢ଼ ହେଇ ଚାହିଁଥାଏ । ଦୃଷ୍ଟି ସ୍ଥିର । ହୃଦୟ ଅସ୍ଥିର । ପ୍ରଶାନ୍ତ ମୁଖଭଙ୍ଗୀ, ଅଶାନ୍ତ ପ୍ରାଣସତ୍ତା ।

ଶିଳ୍ପୀ ସଂକୁଚିତ ଭଙ୍ଗୀରେ କହିଲା—ଜାଣେନା, ଆପଣ ବିବାହ କରିଛନ୍ତି କି ନାଁ—କିନ୍ତୁ ବାରଶହ ଶିଳ୍ପୀଙ୍କ ଭିତରେ ଅନେକ ବିବାହିତ ତରୁଣ, କିଶୋରୀ ପତ୍ନୀମାନଙ୍କୁ ପଛକରି ଦେଶ କାମରେ ମନପ୍ରାଣ ଢାଳି ଦେଇଛନ୍ତି । କେହି ହୁଏତ ସ୍ତ୍ରୀକୁ ଦେଖିଛି—କେହି ଦେଖିନାହିଁ । ସେମାନେ ଷୋଳବର୍ଷ ଧରି ଏକାଗ୍ର ଚିତ୍ତରେ କାମ କରିବେ । ଫେରିଗଲା ବେଳକୁ ଦେହରୁ ମନରୁ ବସନ୍ତ ବିଦାୟ ନେଇଯାଇଥିବ । ଜୀବନର ସୁନ୍ଦର, ଦୁର୍ଲଭ ସର୍ବଶ୍ରେଷ୍ଠ ସମୟ ଝରିଯାଇଥିବ । ସେମାନେ ଏବଂ ତାଙ୍କର ସ୍ତ୍ରୀମାନେ ଯଦି ଏତେ ତ୍ୟାଗ ସ୍ୱୀକାର କରିପାରନ୍ତି ମୁଁ କାହିଁକି ପାରିବି ନାହିଁ ? କଳିଙ୍ଗ ତ୍ୟାଗର ଦେଶ—ଉତ୍ସର୍ଗର ଦେଶ —ପବିତ୍ର ସମର୍ପଣର ଦେଶ । ମୁଁ କ'ଣ କଳିଙ୍ଗକନ୍ୟା ନୁହେଁ ?

କମଳ ମହାରଣା ସମ୍ମୋହିତ ହୋଇପଡୁଛି ବେଳୁବେଳ । ସେ ସ୍ୱର୍ଗୀୟ ପ୍ରେମୋଚ୍ଛ୍ୱାସରେ ରୋମାଞ୍ଚିତ ହେଉଛି । ସେ ଅନୁଭବ କରୁଛି ଏଇ କିଶୋରୀଟି ବ୍ୟତୀତ କୋଣାର୍କ ନିଶ୍ଚୟ ଅପୂର୍ଣ୍ଣ ରହିଯିବ । କୋଣାର୍କର ଶିଳାଖଣ୍ଡରେ ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟର ଉତ୍କର୍ଷତା ଫୁଟାଇବା ଏଇ କିଶୋରୀଟି ଭିନ୍ନ ଯେମିତି ସମ୍ଭବ ନୁହେଁ । ଏଇ କିଶୋରୀଟିକୁ ଆଖି ଆଗରେ ନ ରଖିଲେ କମଳ ମହାରଣାର ନିହାଣ ଯେମିତି ଅବିଚଳ ହୋଇ ରହିଯିବ ଚିରଦିନ ପାଇଁ ।

କମଳ ମହାରଣା କୃତଜ୍ଞତାଭରା ସ୍ୱରରେ କହିଲା—କିଶୋରୀ ! ତମକୁ କୋଳରେ ଧରି ଉତ୍କଳ ଧନ୍ୟ ହେଇଛି । ତମ ରୂପ, ଗୁଣ, ମହନୀୟତାର ସଂଜ୍ଞା ନିରୂପଣ କରି ହୁଏନା—

ଶିଳ୍ପୀ ହସିଲା । ଆକାଶରୁ ସୂର୍ଯ୍ୟାଲୋକ ବିଛେଇହେଇ ପଡ଼ିଲା ପୃଥିବୀ ଉପରେ, ସେଇ ନିଷ୍ପାପ ହାସ୍ୟରେଖା ସଙ୍ଗେ ମିଶି ।

କମଳ ମହାରଣା ସ୍ୱଗତୋକ୍ତି କରୁଥିଲା—କିଶୋରୀ ! ନିଖୁଣ ଚିତ୍ର ଯଦି କୋଣାର୍କର ଶିଳାଖଣ୍ଡରେ ଫୁଟାଇ ପାରେ ତେବେ ମୁଁ ହେବି ଧନ୍ୟ—ଧନ୍ୟ ହେବେ ଉତ୍କଳୀୟ ଶିଳ୍ପୀ । ତମ ପାଖରେ ମୁଁ କୃତଜ୍ଞତା ପାଶରେ ବନ୍ଧା ହେଇ ରହିବି । ତମେ ଯଦି ତମର ଏଇ ସୁଗଠିତ ଅବୟବର ଲଳିତ କୋମଳ ଭଙ୍ଗୀ, ନୈସର୍ଗିକ ସୌନ୍ଦର୍ଯ୍ୟ, ଅକଳ୍ପନୀୟ ଭାବମୁଦ୍ରାକୁ ସ୍ୱଚକ୍ଷୁରେ ଦେଖିପାରନ୍ତ ତେବେ ସିନା ତମେ ବୁଝନ୍ତ ତମେ କ'ଣ !

କମଳ ମହାରଣାର କଳ୍ପନା ରୂପ ପାଉଥିଲା ଶିଳାରେ ।

Digitized by srujanika@gmail.com

—ସାତ—

ସାତଶହ ବର୍ଷ ତଳର ଉତ୍କଳୀୟ ସ୍ଥପତି କମଳ ମହାରଣା ତାଳପତ୍ର ପୋଥିରେ ଲେଖିଯାଇଛି ନିଜ ଜୀବନର ଇତିହାସ । ଶିଳ୍ପୀ ଜୀବନର ଇତିହାସ ଭିତରେ କୋଣାର୍କର ଇତିହାସ ଲିପିବଦ୍ଧ ହେଇଯାଇଛି ଆପେ ଆପେ । ଜୀବନର ସବୁ ସତ୍ୟ, ସବୁ ସ୍ୱପ୍ନ ତୁଚ୍ଛ ହେଇଯାଇଥିଲା କୋଣାର୍କ ସଂପୂର୍ଣ୍ଣ କରିବାର ସ୍ୱପ୍ନ ଆଗରେ । କୋଣାର୍କ ଶେଷରେ ହେଇଗଲା କମଳ ମହାରଣା ଭଳି ବାରଶହ ଶିଳ୍ପୀଙ୍କର ଜୀବନ । ସେଇ ଜୀବନ ଇତିହାସକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରୁଛି ଆମେରିକୀୟ ସ୍ଥପତି ଚାର୍ଲସ... । ପ୍ରାଚ୍ୟ ଏବଂ ପାଶ୍ଚାତ୍ୟର ଜୀବନଧାରାକୁ ସେ ତନ୍ନ ତନ୍ନ କରି ମିଳାଇ ଦେଖୁଛି । ପ୍ରାଚ୍ୟ ଏବଂ ପ୍ରାଚୀପ୍ରଭା ଧୀରେ ଧୀରେ ତାକୁ ଆକର୍ଷଣ କରୁଛନ୍ତି—ପରାଜିତ କରୁଛନ୍ତି । ଏ ପରାଜୟରେ ବି ଯେମିତି ଗୋଟାଏ ବିଜୟର ଆନନ୍ଦ ଅଛି । ଗବେଷଣା ପାଠକୁ ସେ ଭଲ ବସିଛି—ଭଲ ପାଇ ବସିଛି ସେ ଦେଶର ସଂସ୍କୃତି, ସାହିତ୍ୟ, ନୃତ୍ୟ, ସଂଗୀତ ଏବଂ ଜୀବନଧାରାକୁ । ଭଲପାଇ ବସିଛି ସେ ଦେଶର ଫୁଲ ଏବଂ ଫୁଲବିକାଳୀ ଝିଅ ଚିତ୍ରୋତ୍ପଳାକୁ—ସେ ଦେଶର ଚିତ୍ର ଏବଂ ଚିତ୍ରବିକାଳୀ ବାଳବ ଧର୍ମାନନ୍ଦକୁ—ସେ ଦେଶର ସଂଗୀତ ଏବଂ ସଂଗୀତମୟୀ ନାରୀ ପ୍ରାଚୀପ୍ରଭାକୁ । ଏ ଚାର୍ଲସ ହୃଦୟର ଉଦାରତାର ନିଦର୍ଶନ ।

ଶ୍ରୀ ଜୟଦେବ ପ୍ରଣୀତ 'ଗୀତ ଗୋବିନ୍ଦ'ର କାନ୍ତ କୋମଳର ପଦାବଳୀ ପ୍ରାଚୀପ୍ରଭାର ଲଳିତ କଣ୍ଠସ୍ୱରରେ ଶ୍ରୁତିମଞ୍ଜୁଳ ହେଇଉଠେ । ସଂସ୍କୃତ ଭାଷାରେ ଏଇ ଗୀତିକାବ୍ୟର ଅଲୌକିକ ଭାବ ବିନ୍ୟାସ ଚାର୍ଲସ ଆଜିକାଲି କିଛି ବୁଝିପାରେ । ପ୍ରାଚୀପ୍ରଭାର କଣ୍ଠନିସୃତ ଗୀତିମାଧୁରୀରେ ଚାର୍ଲସ ବିମୁଗ୍ଧ ହେଇଯାଏ । ତା ହୃଦୟର ସବୁ ଗ୍ଲାନି, ଅବସାଦ, ନିଃସଙ୍ଗତାବୋଧ ନିଶ୍ଚିହ୍ନ ହେଇଯାଏ । ବସନ୍ତର ଲତା ପରି ସଙ୍ଗୀତର ସ୍ୱର ଚାର୍ଲସର ଯାଯାବରୀ ମନର ଟାଙ୍ଗର ଭୂଇଁରେ ଲତେଇ ଲତେଇ ପୁଷ୍ଟିତା ହେଇଯାଏ । ପ୍ରାଚୀପ୍ରଭାର କଣ୍ଠସ୍ୱର ହିଁ ଯେମିତି ସବୁକିଛି ଅବୋଧକୁ ଅର୍ଥ କରିଦିଏ ।

ଚାରୁକଳାଙ୍କ ଠାକୁରଘରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ତିନି ବିଗ୍ରହ ପୂଜା ପାଆନ୍ତି । ସେଠାକୁ ମଧ୍ୟ ଚାର୍ଲସର ପ୍ରବେଶ ନିଷେଧ । ବାହାରେ ରହି ଚାର୍ଲସ ପ୍ରାଚୀପ୍ରଭାର ସଂଗୀତ ଶୁଣେ । ଜଗନ୍ନାଥଙ୍କର ସେଇ ଅସମ୍ପୂର୍ଣ୍ଣ ବିଗ୍ରହ ସାମ୍ନାରେ ଆଖିବୁଜି ତନ୍ମୟ ହେଇ ପ୍ରାଚୀପ୍ରଭା ଗୀତଗୋବିନ୍ଦ ଗାନ କରୁଥାଏ । ଗୀତ ଗାଉ ଗାଉ ପ୍ରାଚୀପ୍ରଭାର ଆଖିରୁ ଝର ଝର ଅଶ୍ରୁଝରେ । ଚାରୁକଳା ଏବଂ ଦୀନବନ୍ଧୁ ଗୀତ ଶୁଣୁ ଶୁଣୁ ଅଶ୍ରୁଭରା ନୟନରେ ଜଗନ୍ନାଥଙ୍କୁ ଚାହିଁରହିଥାନ୍ତି । ଆଖିରେ ପଲକ ପଡ଼େ ନାହିଁ । ବାହାର ଜଗତଠାରୁ ସେ ଯେମିତି ବିଚ୍ଛିନ୍ନ ହେଇପଡ଼େ ସେତିକି ସମୟ ।

Digitized by srujanika@gmail.com

ଚାର୍ଲସ ଆଶ୍ଚର୍ଯ୍ୟ ହୋଇ ଭାବେ—ପ୍ରାଚୀପ୍ରଭାର ଦୁଃଖ କ'ଣ ! ଜଗନ୍ନାଥଙ୍କ ପାଖରେ ସେ କହିଁକି ଲୁହ ଢାଳେ ?

ନିଜ ମନର ସନ୍ଦେହ ସେ ପ୍ରାଚୀପ୍ରଭାକୁ କହିଦିଏ । ପ୍ରାଚୀ ହସିଦେଇ କହେ—ଦୁଃଖରେ ନୁହେଁ—ସୁଖରେ ହିଁ ଆଖିରୁ ଅଶ୍ରୁ ଝରେ । ଗୀତ ଗୋବିନ୍ଦ ଗାଇବାର ଆନନ୍ଦ, ଗୀତ ଗୋବିନ୍ଦ ଶୁଣିବାର ଆନନ୍ଦ ତମେ ବୁଝ ନାହିଁ ଚାର୍ଲସ । ତମେ ତ ପାଶ୍ଚାତ୍ୟ ସଂଗୀତ ଶୁଣିବାରେ ଅଭ୍ୟସ୍ତ—

ପ୍ରତିଦିନ ଜଗନ୍ନାଥ ବିଗ୍ରହ ସାମ୍ନାରେ ଭକ୍ତିରସାତ୍ମକ ଗୀତ ଗାଉ ଗାଉ ପ୍ରାଚୀ ବୟସର ତରୁଣୀ ଯେ କେଉଁ ସୁଖର ଆଧିକ୍ୟରେ ଅଶ୍ରୁପାତ କରେ, ସେ କଥା ଚାର୍ଲସ ବୁଝିପାରେ ନାହିଁ । ସେ କେବଳ ବୁଝେ ଯେଉଁ ବୟସରେ ପ୍ରାଚୀ କୌଣସି ମନୋମତ ପୁରୁଷକୁ ପ୍ରେମ କରିବାର କଥା ସେ ବୟସରେ ସେ ନିହାତି ଅସ୍ୱାଭାବିକ ଭାବରେ ମୈତ୍ରୀ ଦେବତା ଜଗନ୍ନାଥଙ୍କୁ ପ୍ରେମ କରେ । ସେ କହେ ଜଗନ୍ନାଥ ମୋର ସ୍ୱାମୀ—ମୋର ପ୍ରଭୁ—ମୋର ଇଷ୍ଟଦେବ ।

ପ୍ରାଚୀ ମୁହଁରେ ଗଭୀର ଦର୍ଶନ ଶୁଣି ଚାର୍ଲସ ଅବାକ୍ ହୁଏ । ପ୍ରାଚୀ କହେ—ସଂଗୀତର ମୂଳତତ୍ତ୍ୱ ହେଉଛି ଆନନ୍ଦପ୍ରାପ୍ତି । ଏହି ଆନନ୍ଦ ସ୍ଥୂଳରୁ ସୂକ୍ଷ୍ମ ଏବଂ କ୍ରମେ ସୂକ୍ଷ୍ମତମ ହେଇ ଚିଦାନନ୍ଦ ଏବଂ ଅବଶେଷରେ ବ୍ରହ୍ମାନନ୍ଦରେ ଉପନୀତ ହୁଏ । ସଂଗୀତ ଚିତ୍ତବୃତ୍ତିକୁ ସ୍ଥିର କରେ ଏବଂ ଈଶ୍ୱରପ୍ରାପ୍ତି କରାଏ । କାରଣ ଈଶ୍ୱର ହେଉଛନ୍ତି ସଂଗୀତମୟ, ସଚ୍ଚିଦାନନ୍ଦ । ଆନନ୍ଦମୟଙ୍କ ପାଖରେ ପହଞ୍ଚିବା ପାଇଁ ଆନନ୍ଦମୟ ମାର୍ଗ ହେଉଛି ସଂଗୀତ । ତେଣୁ ମୁଁ ଗାଏ ।

ଚାର୍ଲସ ଭାବେ, ପ୍ରାଚୀ କ'ଣ ଜଣେ ଦେବଦାସୀ ? ସେ କ'ଣ ଜଗନ୍ନାଥଙ୍କ ଶ୍ରୀ ଚରଣରେ ନିବେଦିତା ? ତା' ପାଇଁ କ'ଣ ଆଉ କିଛି କାମନା, ବାସନା ଏବଂ ସୁଖକର କଳ୍ପନା ନିଷିଦ୍ଧ ? ଏବେ ମଧ୍ୟ କ'ଣ ଜଗନ୍ନାଥ ମାଧ୍ୟମରେ ଦେବଦାସୀ ପ୍ରଥା ପ୍ରଚଳିତ ରହିଛି ?

ଚାର୍ଲସର ଏସବୁ ପ୍ରଶ୍ନକୁ ଏଡ଼େଇ ଯାଇ କେବଳ ଉତ୍ତର ଦିଏ—ଜଗନ୍ନାଥ ସ୍ୱୟଂ ସଂପୂର୍ଣ୍ଣ । ତାଙ୍କ ପାଖରେ ଅପୂର୍ଣ୍ଣତାର ଲେଶମାତ୍ର ଚିହ୍ନ ନାହିଁ । ସେ ମିଳିଲେ ସବୁକିଛି ମିଳିଯାଏ । ଜଗନ୍ନାଥଙ୍କ ଭିତରେ ମୁଁ ପୂର୍ଣତା ଖୋଜେ । ତେଣୁ ତାଙ୍କ ପାଖରେ ମୁଁ ନିଜକୁ ଅର୍ପଣ କରିଛି ।

ଚାର୍ଲସ ଭାବେ ତା' ଦେଶ ହେଇଥିଲେ ପ୍ରାଚୀକୁ ସେ କୌଣସି ମାନସିକ ରୋଗବିଶେଷଜ୍ଞଙ୍କୁ ଦେଖାଇଥାନ୍ତା । ପ୍ରାଚୀ ମୁହଁରେ ଏତେଦୂର ଭଗବତ୍ ପ୍ରେମ ଖୁବ୍ ଅପ୍ରାକୃତିକ ମନେହୁଏ । ବେଳେ ବେଳେ ଚାର୍ଲସ ଭାବେ ନିଜ ଭିତରର କୌଣସି ଏକ ଗୁରୁତର ଅଭାବବୋଧକୁ ଭୁଲିଯିବା ପାଇଁ ପ୍ରାଚୀ ଯେମିତି ଜଗନ୍ନାଥଙ୍କୁ ଜାବୁଡ଼ି ଧରିଛି ।

କୋଣାର୍କ କାନ୍ଥରେ ଜଗନ୍ନାଥ ଏବଂ ମହିଷାମର୍ଦ୍ଦିନୀ ମୂର୍ତ୍ତି ସାମ୍ନାରେ ପ୍ରାଚୀ ପ୍ରଣତ ଭଙ୍ଗୀରେ ଠିଆ ହେଇଛି । ମୁଖଶାଳାରେ ଦକ୍ଷିଣ ପାର୍ଶ୍ୱ ପୀଠର ଉପର ଅଂଶରେ ଜଗନ୍ନାଥ

Digitized by srujanika@gmail.com

ଏବଂ ମହିଷାମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତି ଏକ କାରୁକାର୍ଯ୍ୟ ଖଚିତ ପୀଠ ଉପରେ ସ୍ଥାପିତ ହେଇଛନ୍ତି । ରାଜା ନରସିଂହଦେବ ଜଗନ୍ନାଥ ଦର୍ଶନରେ ବିଜେ ହୋଇଛନ୍ତି ଏବଂ ପୂଜକଠାରୁ ମାଳା ଗ୍ରହଣ କରୁଛନ୍ତି । ଅପଲକ ଦୃଷ୍ଟିରେ ଜଗନ୍ନାଥ ମୂର୍ତ୍ତିକୁ ଚାହିଁ ରହିଛି ପ୍ରାଚୀ । କୋଣାର୍କ ମ୍ୟୁଜିୟମରେ ସଂରକ୍ଷିତ କଳାମୁଗୁନି ପଥରର ଶିବ-ଜଗନ୍ନାଥ-ଦୁର୍ଗା ମୂର୍ତ୍ତିଙ୍କ ପାଖରେ ମଧ୍ୟ ପ୍ରାଚୀ ଏମିତି ନିର୍ବାକ୍ ହେଇ ଠିଆ ହୁଏ । ସେ ଜଗନ୍ନାଥଙ୍କ ଭିତରେ ନିମଗ୍ନ ହେଇଯାଇଥାଏ କି ଆତ୍ମମଗ୍ନ ହେଇଯାଇଥାଏ ବୁଝିହୁଏ ନାହିଁ । ଜଗନ୍ନାଥ ଯେମିତି ଏକ ରହସ୍ୟ-ଡୋରିରେ ପ୍ରାଚୀର ଜୀବନ ସହ ଛନ୍ଦି ହେଇଯାଇଛନ୍ତି କେଉଁ ଅନାଦି କାଳରୁ ।

ଚାର୍ଲସ ପଚାରେ—ଜଗନ୍ନାଥଙ୍କୁ ଦେଖିଲେ ତମେ କାହିଁକି ଅନ୍ୟମନସ୍କ ହୋଇଯାଅ ?

—''କହିଛି ତ ସେ ମୋର ସ୍ୱାମୀ ।'' ପ୍ରାଚୀ ହସି ଦେଇ ଆଗେଇ ଯାଏ । ଚାର୍ଲସ ତାକୁ ଅନୁସରଣ କରୁ କରୁ କୋଣାର୍କର କାନ୍‌ଭାସରେ ଉତ୍କୀର୍ଣ୍ଣ ଜୀବନ ଦୃଶ୍ୟ ଗୋଟିକ ପରେ ଗୋଟିଏ ଦେଖି ବିମୁଗ୍ଧ ହୁଏ, ବିସ୍ମିତ ହୁଏ । ସେ ଭାବେ ପ୍ରାଚୀ କ'ଣ ଅନ୍ୟ ଏକ ମୀରାବାଈ ? ଏମିତି କ'ଣ ଦିନେ ସେ ଜଗନ୍ନାଥଙ୍କ ଭିତରେ ବିଲୀନ ହେଇଯିବ ଜୀବନର ସବୁ ସତ୍ୟକୁ ପଛରେ ପକାଇ ?

କେବେ ଘର ଛାଡ଼ିଛି, ଚାର୍ଲସର ଠିକ୍ ମନେପଡ଼େ ନାହିଁ । କାରଣ ଘର କାହାକୁ କୁହନ୍ତି ଚାର୍ଲସ ଠିକ୍ ଜାଣେ ନାହିଁ । ସେ ଭାବେ ଇଣ୍ଡିଆରେ ବାପମା'ଙ୍କ ପାଖରେ ଯେଉଁଦିନ ମା' ତାକୁ ସାଙ୍ଗରେ ଧରି ବାପାଙ୍କଠାରୁ ବିବାହ ବିଚ୍ଛେଦ କରାଇ ନେଇ ୱାସିଂଟନ ଫେରିଗଲେ ସେଇଦିନଠାରୁ ତାର ଘର ନାହିଁ, ପରିବାର ନାହିଁ, ଆତ୍ମୀୟ ନାହାନ୍ତି । ମା'ଙ୍କର ନୂତନ ସ୍ୱାମୀ ଏବଂ ନୂତନ ଘର ସଂସାର ଭିତରେ ଚାର୍ଲସ ସବୁବେଳେ ନିଜକୁ ଜଣେ ଆଗନ୍ତୁକ ଭାବିଆସିଛି । ଯେଉଁଦିନ ସେ ମା'କୁ ଛାଡ଼ି ସ୍ୱାଧୀନ ଜୀବନ କାଟିବା ପାଇଁ ଚାଲିଆସିଲା ସେଇଦିନଠାରୁ ସେ ମୁକ୍ତ, ଅବାଧ, ଯାଯାବର ।

ଇଣ୍ଡିଆର ପାରିବାରିକ ଜୀବନ ଚାର୍ଲସକୁ ଆକର୍ଷଣ କରେ । ନ' ବର୍ଷ ବୟସର କଥା ସ୍ମରଣକୁ ଆସେ । ଛୋଟ ଗୋଟିଏ ବଙ୍ଗଳା । ତା' ଭିତରେ ବାପ ମା' ଆଉ ଚାର୍ଲସ । ଜଣକ ପାଇଁ ଆଉ ଜଣକର ସ୍ନେହ ମମତା, ଆଶା ଆଶଙ୍କା, ଚିନ୍ତା ଉଦ୍‌ବେଗ ଯେମିତି ସମସ୍ତଙ୍କୁ ଏକତ୍ର ବାନ୍ଧିରଖିଥାଏ । ଯେମିତି କେହି କାହାକୁ ଛାଡ଼ି ବଞ୍ଚିପାରିବେ ନାହିଁ । ଗୋଟିକ ବିନା ଅନ୍ୟଟିର ଜୀବନ ଯେମିତି ଅପୂର୍ଣ୍ଣ, ଅସାର । ଦିନେ କିନ୍ତୁ ଚାର୍ଲସର ସବୁ ଧାରଣା ମିଛ ହୋଇଗଲା । ଚାର୍ଲସ ଦେଖିଲା ସେ ରାଜରାସ୍ତାରେ ଏକା ଏକା ଚାଲୁଛି । ତା'ଦେଶରେ ତା' ବୟସର ଅନେକ କିଶୋର କିଶୋରୀ ସେମିତି ଏକା ଏକା ଜୀବନର ମୁକାବିଲା କରନ୍ତି ।

Digitized by srujanika@gmail.com

କିନ୍ତୁ ଇଣ୍ଡିଆ ତା' ଦେଶଠାରୁ ଅନେକ କଥାରେ ଭିନ୍ନ । ଦୀନବନ୍ଧୁବାବୁ ଏବଂ ଚାରୁକଳା ଏବେ ମଧ୍ୟ ତାଙ୍କର ଛବିଶ ବର୍ଷ ବୟସ୍କ ସ୍ୱାବଲମ୍ବନଶୀଳ, ଉପାର୍ଜନକ୍ଷମ ପୁଅ ପାଇଁ ଚିନ୍ତିତ, ଉଦ୍‌ବିଗ୍ନ । ପ୍ରାଚୀପ୍ରଭା ସେମାନଙ୍କର ଝିଅ ନୁହେଁ, ଝିଆରୀ । ଚାରୁକଳାଙ୍କ ବଡ଼ ଭଉଣୀର ଝିଅ । ଅଥଚ ପ୍ରାଚୀପ୍ରଭା ପାଇଁ ସେମାନଙ୍କର ସ୍ନେହ, ଆଦର, ଚିନ୍ତା ଏବଂ ଉଦ୍‌ବେଗ ଚାର୍ଲସକୁ ବିସ୍ମିତ କରିଦିଏ ।

- ବିସ୍ମିତ ହେଇ ଚାର୍ଲସ ଠିଆ ହେଇଥାଏ ଗୋଟିଏ ଦୃଶ୍ୟ ଆଗରେ । ବଡ଼ଦେଉଳର ଦକ୍ଷିଣପାର୍ଶ୍ୱ ପୀଠ ଦେହରେ ଚିତ୍ରଟି ନିଖୁଣ ଭାବରେ ଖୋଦିତ ହେଇଛି । ଦୀର୍ଘ ଦିନ ବିଦେଶରେ କଟାଇ ପୁଅ ବୋହୂ ଏବଂ ନାତି ଘରକୁ ଫେରିଆସିଛନ୍ତି । ବୁଢ଼ୀ ମା' ଆନନ୍ଦରେ ଅଧୀର ହୋଇ ପୁଅକୁ କୋଳାଗ୍ରତ କରୁଛି । ବୋହୂ ଶାଶୂଙ୍କ ପାଦତଳେ ଭକ୍ତି ନିବେଦନ କରି ପ୍ରଣାମ କରୁଛି । ନାତି ବୁଢ଼ୀମା'କୁ କୁଣ୍ଢାଇ ଧରି କାଖହେବା ପାଇଁ ଅଳି କରୁଛି । ଏଇ ସୁନ୍ଦର ମିଳନ ଦୃଶ୍ୟଟି ଗୋଟିଏ ନିଖୁଣ ଫଟୋଗ୍ରାଫ୍ ଭଳି କୋଣାର୍କ କାନ୍ଥରେ ଝୁଲୁଛି । ଭାରତୀୟ ପାରିବାରିକ ଜୀବନର ମହନୀୟତା ଘୋଷଣା କରୁଛି ।

ଚାର୍ଲସ ଭାବୁଥାଏ ସେ ଯେଉଁଦିନ ୱାସିଂଟନ ଫେରିଯିବ ତାକୁ ପାଛୋଟି ନେବା ପାଇଁ ତା'ର ଶୂନ୍ୟ ଘରେ କେହି ନଥିବେ । ଏପରିକି ବାନ୍ଧବୀ ଲିଲିଆନ୍ ମଧ୍ୟ ତାକୁ ସ୍ୱାଗତ ଜଣାଇବା ପାଇଁ ଏରୋଡ୍ରମକୁ ଆସିବ ନାହିଁ । ଲିଲିଆନ୍ ଚିଠି ଲେଖିଛି ଗୋଆ ବିଚ୍‌ରେ ସେ ବୟଫ୍ରେଣ୍ଡ ବ୍ରସ ସହ ଅବାଧ ଜୀବନ କାଟୁଛି । ସେ ସୁଖ ଅବର୍ଣ୍ଣନୀୟ । ଚାର୍ଲସ ଯଦି ଗୋଆ ଆସେ ତେବେ ଚାର୍ଲସ ସହ ମଧ୍ୟ ଅବାଧରେ ବନ୍ଧୁତ୍ୱ ସ୍ଥାପନ କରିବ । ଏଇ ମର୍ମରେ ଚିଠିଟିଏ ଲେଖିଥିଲା ଲିଲିଆନ୍ । ଚାର୍ଲସ କିଛି ଉତ୍ତର ଦେଇନି । ଗୋଆ ବିଚ୍‌ରେ ଅବାଧ ସୁଖରେ ମାତିଛି ଲିଲିଆନ୍ । ଚାର୍ଲସର ନିଷ୍ପ୍ରାଣ ଚିଠି ଖଣ୍ଡେ ତାକୁ ବା କି ଆନନ୍ଦ ଦେବ ?

ଆଉ ଗୋଟଏ ଦୃଶ୍ୟ ପାଖରେ ସ୍ଥିର ହେଇ ଠିଆ ହେଇଛି ପ୍ରାଚୀପ୍ରଭା । ଶ୍ରମିକ ଦମ୍ପତିର ଚିତ୍ରଟି ପ୍ରାଚୀପ୍ରଭାର ମନତଳେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି । ପୁରୁଷଟିଏ— କାନ୍ଧରେ ଏକ ଦୀର୍ଘ ଫାଉଡ଼ା । ସ୍ତ୍ରୀଟିଏ, ମୁଣ୍ଡରେ ଡାର ବୋଝ । ସ୍ତ୍ରୀଟିଏ କାଖରେ ଶିଶୁଟିଏ । ଶିଶୁଟି ମା' ବୁକୁରେ ମୁହଁ ରଖି ପରମ ତୃପ୍ତିରେ ଅମୃତ ପାନ କରୁଛି । ନିସଂକୋଚ ଭାବେ ଉନ୍ମୁକ୍ତ ବୁକୁର ଅମୃତ ସନ୍ତାନ ଓଠରେ ଢାଳିଦେଉଛି ସ୍ନେହମୟୀ ଜନନୀ ।

ପ୍ରାଚୀପ୍ରଭାର ହୃଦୟ ଭିତରୁ ଦୀର୍ଘଶ୍ୱାସଟିଏ ବାହାରି ଆସିଲା ଅତି ଧୀରେ— ସନ୍ତର୍ପଣରେ । ତା' ହୃଦୟର କଥା କେହି ଯେମିତି ଶୁଣି ନପାରେ—ତା' ହୃଦୟର ରହସ୍ୟ କେହି ଯେମିତି ଦେଖି ନପାରେ । ସେତିକି ପାଇଁ ପ୍ରାଚୀପ୍ରଭାର ଭାରି ଭୟ । ପ୍ରାଚୀପ୍ରଭାର ଗୋପନ ଦୀର୍ଘଶ୍ୱାସ ଚାର୍ଲସ ପାଖରେ କିନ୍ତୁ ପହଞ୍ଚିଗଲା । ଚାର୍ଲସ କେତେବେଳେ ପ୍ରାଚୀପ୍ରଭାର ପଛପାଖେ ଆସି ଠିଆ ହୋଇଛି ।

Digitized by srujanika@gmail.com

ଚାର୍ଲସ ପଚାରିଲା—ଚିତ୍ରଟିରେ କିଛି ବିଶେଷତ୍ୱ ଅଛି ?

ପ୍ରାଚୀ କହିଲା—ଯେତେ ସଭ୍ୟ, ଯେତେ ଉନ୍ନତ ଦେଶର ବାସିନ୍ଦା ହେଉନା କାହିଁକି, ମଣିଷର ମୌଳିକ ଆବଶ୍ୟକତା ତ ମାତ୍ର ଏତିକି ! ମୋର ବୋଲି କହିବା ପାଇଁ ଛୋଟ ଗୋଟିଏ ଘର, ଜୀବନର ବନ୍ଧୁର ପଥରେ ହାତ ଧରି ଚାଲିବା ସଂଗେ ସଂଗେ ଜୀବନର ବୋଝକୁ ଭାଗ କରି ବାଣ୍ଟିନେବା ପାଇଁ ଜଣେ ସଙ୍ଗୀ ଏବଂ ଶେଷ କଥାଟି ହେଉଛି ନିଜ ରକ୍ତ ମାଂସର ପ୍ରତୀକ—ଗୋଟିଏ ସନ୍ତାନ ଏ ପୃଥିବୀରେ ନିଜର କଣ୍ଟିନିଏସନ—ପୁନରାବୃତ୍ତି । ବାସ୍ ଏଇ ତ ଜୀବନ ।

—ଚାହିଁଲେ ସେ ସବୁ ତମେ ପାଇପାର । ଘର, ସ୍ୱାମୀ ଏବଂ ସନ୍ତାନ—କୌଣସିଟି ତମର ଦୁଷ୍ପ୍ରାପ୍ୟ ନୁହେଁ । ସେଥିପାଇଁ ଚିନ୍ତା କାହିଁକି ? ଚାର୍ଲସ ବିଶ୍ୱସ୍ତ ସ୍ୱରରେ କହିଲା ।

ପ୍ରାଚୀ ଆଗକୁ ପାଦ ବଢ଼ାଇଲା । ଉଦାସ ସ୍ୱରରେ ଜବାବ ଦେଲା—ତମ ଭଳି ମୁଁ ବି ଯାଯାବର ଚାର୍ଲସ । ଘର ନାହିଁ—ବନ୍ଧନ ନାହିଁ—ଦାୟିତ୍ୱ ନାହିଁ । ବେଢ଼େବେଢ଼େ ନିଜ ଜୀବନର ଦାୟିତ୍ୱ ଟିକକ ବି ବୋଝ ଭଳି ଲାଗେ । ପ୍ରାଚୀ ଦୀର୍ଘଶ୍ୱାସଟିଏ ଛାଡ଼ି ନୀରବ ହୋଇଗଲା । ଚାର୍ଲସ ଅବାକ୍ । ପ୍ରାଚୀ ହୁଏତ ଆଜି ଅସାବଧାନତା ବଶତଃ ନିଜ ଜୀବନର କିଛି ଗୋପନୀୟ ଅଂଶ ପ୍ରକାଶ କରିଦେଇଛି । ଅଧିକ ଜାଣିବା ପାଇଁ ଆଗ୍ରହ ହେଲେ ବି ଚାର୍ଲସ ସବୁ କଥା ପଚାରି ପାରୁନାହିଁ । ପ୍ରାଚୀର ଦୁଃଖ କ'ଣ ? ଅଭାବ କେଉଁଠି ? ତା' ଜୀବନର ସମସ୍ୟା କେତେ ଗଭୀର ! ଚାର୍ଲସ କ'ଣ ଏ ସଂକ୍ରାନ୍ତରେ କିଛି ସାହାଯ୍ୟ କରିପାରେ ? ସବୁଗୁଡ଼ିକର ପ୍ରଶ୍ନ ଚାର୍ଲସର କଣ୍ଠଦେଶରେ ଜମାଟ ବାନ୍ଧିଯାଉଛି । ପ୍ରାଚୀ ଅନେକବାଟ ଦେଇ ଆଗେଇ ଗଲାଣି । ମୁଖଶାଳାର ଦକ୍ଷିଣପାର୍ଶ୍ୱ ପୀଠରେ ଖୋଦିତ ରାଜା ନରସିଂହଦେବଙ୍କ ମୂର୍ତ୍ତି ସାମ୍ନାରେ ପ୍ରାଚୀ ନିଶ୍ଚଳ ହୋଇ ଠିଆ ହୋଇଛି । ଚାର୍ଲସକୁ ପ୍ରାଚୀ ଦିଶୁଛି ଗୋଟାଏ ଦୀର୍ଘ ପ୍ରଶ୍ନବାଚୀ ପରି ।

ଜୀର୍ଣ୍ଣ ତାଳପତ୍ର ପୋଥିରେ ଚିତ୍ରିତ ଚରିତ୍ର ସବୁ ଜୀବନ୍ତ ହେଉଛନ୍ତି ସାତଶହ ବର୍ଷର ଅତୀତକୁ ଉତ୍ତୀର୍ଣ୍ଣ ହୋଇ । ସମୟକୁ ପରାହତ କରି ଉଦ୍‌ଭାସିତ ହେଉଛନ୍ତି ରାଜା ନରସିଂହଦେବ, କୋଣାର୍କର ଶିଳାଖଣ୍ଡରେ । ପ୍ରତିଟି ଶିଳାଖଣ୍ଡ ରାଜା ନରସିଂହଙ୍କର ବୀରତ୍ୱ, ପ୍ରଜାବତ୍ସଳତା, ଉଦାରତା ଏବଂ ମହନୀୟତା ଘୋଷଣା କରୁଛି ।

ଉତ୍କଳୀୟ ଶିଳ୍ପୀ କୋଣାର୍କ ଗାତ୍ରରେ ରାଜା ନରସିଂହଙ୍କର ଚିତ୍ର ଅମର ଲେଖନୀରେ ଲେଖିଯାଇଛି ସ୍ୱତପ୍ରବୃତ୍ତଃ ହେଇ । ନାନା ସ୍ଥାନରେ ରାଜାରାଣୀଙ୍କର ଯୁଗଳ ମୂର୍ତ୍ତି ଶୋଭା ପାଉଛି । ରାଜାଙ୍କର ଦେବାର୍ଚ୍ଚନାର ଦୃଶ୍ୟ, ଶିକାର ଦୃଶ୍ୟ, ଯୁଦ୍ଧକ୍ଷେତ୍ରରେ ରାଜା ନରସିଂହ, ପ୍ରମୋଦ ସମୟରେ ଦୋଳିରେ ଝୁଲୁଥିବା ରାଜା ଏବଂ ରାଣୀଙ୍କୁ ଉତ୍କଳୀୟ ଶିଳ୍ପୀ ରାଜଭକ୍ତିର ନିଦର୍ଶନ ସ୍ୱରୂପ ଚିତ୍ରିତ କରିଛି । ରାଜାଙ୍କୁ ଅମର କରିବାର ପ୍ରୟାସ କରି ଶିଳ୍ପୀ

Digitized by srujanika@gmail.com

ନିଜେ ଅମର ହୋଇଯାଇଛି । କୀର୍ତ୍ତିମୟ ରାଜାଙ୍କର ଯଶଗାନ କରୁ କରୁ ନିଜର ଯୌତ୍ରୀ ହିଁ ଗାଇଛି ନିଜ ଅଜ୍ଞାତରେ । ଅଥଚ ନିଜର ନାମ କେଉଁଠି ହେଲେ ଲେଖିଯାଇ ନାହିଁ ଉଦାର ଉତ୍କଳର ଶିଳ୍ପୀ ।

ଯେଉଁ ରାଜା ଶିଳ୍ପୀକୁଳକୁ ଷୋଳବର୍ଷଧରି ଗୃହଛଡ଼ା କରି ବିରହ ଦୁଃଖରେ ଦଗ୍ଧ କରିଥିଲେ, ତାଙ୍କରି ଯଶଗାନ କରି ଉତ୍କଳୀୟ ଶିଳ୍ପୀ ନିଜ ଉଦାରତାର ପରିଚୟ ଦେଇଯାଇଛି ନାଁ ରାଜାଙ୍କର ଚରିତ୍ରର ମହନୀୟତା ପ୍ରତିପାଦିତ କରିଯାଇଛି ।

ପୋଥି ପଢ଼ି ସେଇକଥା ବ୍ୟାଖ୍ୟା କରୁଥିଲେ ବିଷ୍ଣୁ ମହାରଣା ।

ଗୌଡ଼ର ଶାସକ ଇଖତିୟାରୁଦ୍ଦିନ ୟୁଜ୍‌ବେଗଙ୍କ ସହ ଅହରହ ସଂଘର୍ଷ ଲାଗି ରହିଥାଏ । ଓଡ଼ିଶାର ଉତ୍ତର ସୀମାରେ ଅବସ୍ଥିତ 'ଅମରଦନ' ଦୁର୍ଗ ପର୍ଯ୍ୟନ୍ତ ମୁସଲମାନ ସେନା ଅଗ୍ରସର ହେଇଆସିଛନ୍ତି । ୟୁଜବେଗ୍ ଦିଲ୍ଲୀରୁ ସାହାଯ୍ୟ ଲୋଡ଼ିଲା । ପ୍ରବଳ ପରାକ୍ରମୀ ରାଜା ନରସିଂହ ଏବଂ ଦେଶପ୍ରାଣ ଉତ୍କଳୀୟ ସେନାଙ୍କର ଅସୀମ ବୀରତ୍ୱରେ ମୁସଲମାନ ସେନା ସଂତ୍ରସ୍ତ ହେଇ ପଛଘୁଞ୍ଚା ଦେବାକୁ ଆରମ୍ଭ କଲେଣି । ଦେଶର ଏମିତି ସଂକଟମୟ ପରିସ୍ଥିତିରେ ରାଜା ନରସିଂହ ଯୁଦ୍ଧକ୍ଷେତ୍ରରୁ ଫେରିଆସି ରାଣୀ ସୀତାଦେବୀଙ୍କ ସହ ରାଜକୀୟ ବିଳାସରେ ହଜିଯାଇ ପାରନ୍ତି ନାହିଁ । ଏଣେ ଜଗତ ବିଖ୍ୟାତ ସୂର୍ଯ୍ୟମନ୍ଦିର କାର୍ଯ୍ୟ ଆଗେଇ ଚାଲିଥାଏ । ତେଣେ ଅନୁଗତ ପାଇକ ସେନାଗଣ ରାଜାଙ୍କର ଆହ୍ୱାନରେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେଇଥାନ୍ତି । ଏଣେ ବାରଶହ ଶିଳ୍ପୀ ଏବଂ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ହଜାର ହଜାର ରାଜ୍ୟବାସୀ ଗୃହଛଡ଼ା ହେଇ ରାଜକାର୍ଯ୍ୟରେ ମନପ୍ରାଣ ଢାଳିଦେଇଥାନ୍ତି । ରାଜା ଯୁଦ୍ଧକ୍ଷେତ୍ରରୁ ଫେରି ମନ୍ଦିର ନିର୍ମାଣ କାର୍ଯ୍ୟ ଟିକିନିଖି ତଦାରଖ କରନ୍ତି । ରାତ୍ରୀ ନିର୍ଜନ ହେଲେ ଛଦ୍ମବେଶୀ ରାଜା ପ୍ରଜାମାନଙ୍କର ପ୍ରକୃତ ସୁଖ ଦୁଃଖର ବିବରଣୀ ସଂଗ୍ରହ ପାଇଁ ଏକା ଏକା ଅନ୍ଧାରିବିଜେ କରନ୍ତି । କେତେବେଳେ ଦଣ୍ଡପାଣୀ (ପୋଲିସ), କେତେବେଳେ ଗ୍ରାମଭଟ୍ଟ (ଚୌକିଦାର), କେତେବେଳେ ବା କୌଣସି ଗ୍ରାମିକ, ପୁଣି କେତେବେଳେ ସୈନିକ ବା ଅଜଣା ପଥଚାରୀ ଭାବରେ ରାଜା ରାତ୍ରୀରେ ଏଣେତେଣେ ବିଚରଣ କରନ୍ତି । ପ୍ରଜାମାନଙ୍କର ସୁଖ ଦୁଃଖର ପ୍ରକୃତ ତଥ୍ୟ ସଂଗ୍ରହ କରି ରାଜା ସବୁ ସମସ୍ୟାର ନ୍ୟାୟୋଚିତ ସାମାଧାନ କରିଦିଅନ୍ତି । ରାଜ୍ୟରେ ଦୁଃଖ ନଥାଏ—ଅସନ୍ତୋଷ ନଥାଏ—ଚୋରି ଡକାୟତି ନଥାଏ । କେବେ କେମିତି ଅନୁପ୍ରବେଶକାରୀ ମୁସଲମାନ ସୈନ୍ୟମାନେ ନାନା ଉତ୍ପାତ କରିବା ପାଇଁ ପ୍ରୟାସ କରୁଥିଲେ ମଧ୍ୟ ସଜାଗ ସୀମାନ୍ତରକ୍ଷୀ ସୈନିକ ଏବଂ ଦଣ୍ଡପାଣୀମାନେ ସେମାନଙ୍କର ଉପଯୁକ୍ତ ଶାସ୍ତିବିଧାନ କରୁଥାନ୍ତି ।

Digitized by srujanika@gmail.com

ରାଜା ଏବଂ ପାଇକମାନଙ୍କର ବାହୁବଳ ଉପରେ ରାଜ୍ୟବାସୀଙ୍କର ଆସ୍ଥା ଥାଏ । ତେଣୁ ସେମାନେ ନିରଙ୍କୁଶ ଜୀବନ ଯାପନ କରୁଥାନ୍ତି ।

ଚନ୍ଦ୍ରପକ୍ଷ ରାତି । ଉଜ୍ଜଳ ଜ୍ୟୋସ୍ନାଲୋକରେ ରାତିର ରଙ୍ଗଭରା ଫୁଲଗୁଡ଼ାକ ବି ପତ୍ର ଗହଳରେ ବାରିହେଇ ଦିଶୁଥାନ୍ତି । ରାଜା ପୁରୋହିତ ବେଶରେ ଅନ୍ଧାରିବିଜେ କରିଥାନ୍ତି । କୌଣସି ଜନପଦ ଆରମ୍ଭ ହେଲେ ରାଜା ନିଜର ଅଶ୍ୱକୁ ଗ୍ରାମ ସୀମାରେ ଲୋକଲୋଚନ ଆଡୁଆଳରେ ବାନ୍ଧିଦେଇ ଚାଲି ଚାଲି ଗ୍ରାମ ଭିତରେ ପ୍ରବେଶ କରନ୍ତି । ସୌମ୍ୟକାନ୍ତି ଯୁବକ ପୁରୋହିତ ଗ୍ରାମ ସୀମାରେ ଅଶ୍ୱ ରଖି ଜ୍ୟୋସ୍ନାରାତିରେ ଗ୍ରାମର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥାନ୍ତି । ଗ୍ରାମର ଉଦ୍ୟାନରେ ବାସମତୀ ଫୁଲର ସଭା ବସିଥାଏ । ପୁରୋହିତ ଧୀରେ ଧୀରେ ଚାଲୁଥାନ୍ତି । ସାରାଦିନର କର୍ମକ୍ଳାନ୍ତିରେ ଭାରାକ୍ରାନ୍ତ ମନ ସ୍ନିଗ୍ଧ ହୋଇଆସୁଥାଏ ।

ପିଣ୍ଡାରେ ବସି ବୁଢ଼ାଟିଏ ପ୍ରଭୁଙ୍କ ନାମ ନେଉଥାଏ । ପୁରୋହିତ କିଛି ସମୟ ଠିଆହେଲେ । ବୁଢ଼ା ଆଖି ଖୋଲିବାରୁ ପୁରୋହିତ ପଚାରିଲେ—ଗ୍ରାମର ସବୁ ମଙ୍ଗଳ ତ ମହାଶୟ !

ବୁଢ଼ା ପୁରୋହିତଙ୍କୁ ସଶ୍ରଦ୍ଧ ଦୃଷ୍ଟିରେ ଚାହିଁ ପ୍ରଶ୍ନକଲା—ତମେ କେଉଁ ଗାଁର ମଣିଷ ? ତୁମକୁ ତ କେବେ ଦେଖିନାହିଁ ? ମୋ ଆଖିକୁ ଭଲକରି ଦୁରୁଣ ହେଉନାହିଁ ପୁଅ—

ପୁରୋହିତ ଅଳ୍ପ ହସି କହିଲେ—ଏ ଗାଁରେ ନୂଆକରି ବନ୍ଧୁ ବାନ୍ଧିବାର ପ୍ରସ୍ତାବ ଅଛି । ତେଣୁ ଆସିଥିଲି । ମୁଁ ଜଗନ୍ନାଥଙ୍କର ଜଣେ ସେବକ । ଏ ଗ୍ରାମର ସବୁ ମଙ୍ଗଳ ତ ?

—ରାଜାଙ୍କ କୃପାରୁ ସବୁ ମଙ୍ଗଳ । ସମସ୍ତେ ସୁଖ ଶାନ୍ତିରେ କାଳ କାଟୁଛନ୍ତି । ଯେଉଁ ରାଜ୍ୟରେ ସମସ୍ତଙ୍କର ଗୁହାରୀ ଶୁଣିବା ପାଇଁ ରାଜା କର୍ଣ୍ଣଡେରି ରହିଛନ୍ତି—ସେଠି ଆଉ ଦୁଃଖ କ'ଣ ? ବୁଢ଼ା ପରମ ଆନନ୍ଦରେ କହିଲା ।

ପୁରୋହିତ ଦୁଇହାତ ଯୋଡ଼ି ଶୂନ୍ୟକୁ ପ୍ରଣାମ ଜଣାଇଲେ ଏବଂ ଶାନ୍ତ ଭାବରେ କହିଲେ—ରାଜାଙ୍କର କୃପା ନୁହେଁ ମହାଶୟ ! ଜଗନ୍ନାଥଙ୍କର କୃପା ବୋଲି କହନ୍ତୁ । ରାଜା କିଏ ? ସେ ତ ଜଗନ୍ନାଥଙ୍କର ଜଣେ ସେବକ ମାତ୍ର ! ରାଉତପଣେ ସେ ଜଗନ୍ନାଥଙ୍କର ଆଜ୍ଞା ପାଳନ୍ତି । ଜଗନ୍ନାଥଙ୍କୁ ବାଦଦେଲେ ଏ ରାଜ୍ୟରେ ରାଜାଙ୍କର ସ୍ଥିତି କେଉଁଠି ?

ବୁଢ଼ା ଆନନ୍ଦିତ ହେଇ କହିଲା—ଆମ ଦୃଷ୍ଟିରେ ଯିଏ ରାଜା ସେଇ ଜଗନ୍ନାଥ । ଏ ଦେଶକୁ ପାଳୁଛନ୍ତି ଜଗନ୍ନାଥ—ରାଜାଙ୍କ ରୂପରେ । ରାଜା ଜଗନ୍ନାଥଙ୍କର ଅଂଶ । ତା' ନହେଇଥିଲେ ରାଜ୍ୟରେ ଏତେ ସୁଖ ଶାନ୍ତି ବିରାଜୁନଥାନ୍ତା ।

ପୁରୋହିତ ପଚାରିଲେ—ଶୁଣିଛି କୋଣାର୍କରେ ସୂର୍ଯ୍ୟମନ୍ଦିର ନିର୍ମାଣ ହେଉଛି । ଏ ଗ୍ରାମରୁ କେତେଜଣ ଶିଳ୍ପୀ ମନ୍ଦିର ନିର୍ମାଣ ପାଇଁ ଯାଇଛନ୍ତି ? ବୁଢ଼ା ହିସାବ କରି କହିଲା—

Digitized by srujanika@gmail.com

ଏ ଗାଁରୁ ଛବିଶ ଜଣ ଶିଳ୍ପୀ-ପୁଅ ମନ୍ଦିର ନିର୍ମାଣ କରୁଛନ୍ତି । ତମର କ'ଣ ଦରକାର ଥିଲା କି ପୁରୋହିତ ପୁଅ ?

ପୁରୋହିତ ସ୍ମିତ ହସି କହିଲେ—ଆମ ଗ୍ରାମରେ ନୂତନ ବିଷ୍ଣୁ ମନ୍ଦିରଟିଏ ନିର୍ମିତ ହେବ । ଭଲ ମନ୍ଦିର ଶିଳ୍ପୀ କେତେଜଣ ଦରକାର । ଶୁଣିଥିଲି ମନ୍ଦିର ଶିଳ୍ପରେ ଏ ଗାଁର ନାମ ଅଛି । ସେମାନେ କେବେ ଫେରିବେ ?

ବୁଢ଼ା ଆଶ୍ଚର୍ଯ୍ୟରେ କହିଲା—ଏତିକି ଖବର ରଖିନାହଁ ପୁରୋହିତ ପୁଅ ? ସେମାନେ କେହି ଆଜିକାଲି ଫେରିବେ ନାହିଁ । ସେମାନେ ଫେରିବେ ଷୋଳବର୍ଷ ପରେ । ମୁଖ୍ୟ ମନ୍ଦିର ନିର୍ମାଣ ପାଇଁ ବାରବର୍ଷ ଲାଗିବ । ବେଢ଼ା ଭିତରର ଅନ୍ୟାନ୍ୟ ମନ୍ଦିର, କୂଅ, ଝୁଲଣ ମଣ୍ଡପ ଏବଂ ବେଢ଼ା ଇତ୍ୟାଦି ବୁଜିବା ପାଇଁ ଆଉରି ଚାରିବର୍ଷ ଲାଗିବ । ତମେ ସେମାନଙ୍କୁ ଅପେକ୍ଷା ନରଖି ଅନ୍ୟ ଶିଳ୍ପୀ ବୁଝି କାମ କରିଯାଅ ।

ପୁରୋହିତ ବିସ୍ମୟ ପ୍ରକାଶ କରି କହିଲେ—ଷୋଳବର୍ଷ ଘର ଦ୍ୱାରା ଛାଡ଼ି ସଂସାରକୁ ଭୁଲି ଶିଳ୍ପୀମାନେ ମନ୍ଦିର ନିର୍ମାଣ କରିବେ ? ରାଜାଙ୍କର ଏ କିନ୍ତୁ ଭାରି ଅନ୍ୟାୟ ଆଦେଶ ।

ବୁଢ଼ା ଜିଭ କାମୁଡ଼ି ପକାଇଲା । ହାତଯୋଡ଼ି କହିଲା—ସେପରି କହନାହିଁ ପୁରୋହିତ ପୁଅ । ଏ ଦେଶର ରାଜା ପୁଣି ଅନ୍ୟାୟ କରିବ । ଗଙ୍ଗବଂଶର ଶାସନରେ ଅନ୍ୟାୟର ସ୍ଥାନ ନାହିଁ । ତା' ପୁଣି ନରସିଂହଦେବଙ୍କ ରାଜୁତିରେ ! ମନ୍ଦିର ନିର୍ମାଣରେ ରାଜାଙ୍କର ଲାଭ କ'ଣ ? ସେତ ରାଜାର ଉଆସ ନୁହେଁ—ଦେବତାର ଉଆସ । ଦେବତାର କାର୍ଯ୍ୟରେ ଷୋଳବର୍ଷ ଛାଡ଼ି ସହସ୍ର ବର୍ଷ ବିତିଗଲେ ବି ସେ ଭାଗ୍ୟ କେତେଜଣଙ୍କର ଥାଏ ?

ପୁରୋହିତ ଚିନ୍ତାକଲା ଭଳି କହିଲେ—ହଁ, ଜଗନ୍ନାଥଙ୍କ ନିର୍ଦ୍ଦେଶରେ ମନ୍ଦିର ତୋଳା ହେଉଛି । ଧର୍ମ ଦେବତା ପୃଥିବୀକୁ ବିଜେ ହେବେ । ପୃଥିବୀରେ ଧର୍ମ ସ୍ଥାପନ ହେବ । କିନ୍ତୁ ଶିଳ୍ପୀ ପରିବାର କି କଷ୍ଟରେ କାଳ କାଟୁଥିବେ ? ବୁଢ଼ା ବିରକ୍ତରେ କହିଲା—ତମେ ପୁରୋହିତ ହେଲେ ମଧ୍ୟ ବୟସରେ ପିଲା । ସେଇଥିପାଇଁ ରାଜ୍ୟର କିଛି ଖବର ରଖିନାହଁ । ଶିଳ୍ପୀ ଏବଂ ସୈନିକ ପରିବାରର ସମସ୍ତ ଦାୟିତ୍ୱ ରାଜା ନେଇଛନ୍ତି । ସେମାନଙ୍କ ପରିବାର ପାଇଁ ସ୍ୱତନ୍ତ୍ର ଭତ୍ତା ଏବଂ ଜମିର ବ୍ୟବସ୍ଥା ହୋଇଛି । ସେମାନେ ସ୍ୱଚ୍ଛନ୍ଦରେ ଚଳୁଛନ୍ତି ଏବଂ ରାଜାଙ୍କର ଜୟଗାନ କରୁଛନ୍ତି ।

ପୁରୋହିତ ଗୋଟିଏ ଗୋଟିଏ ଆଗେଇ ଯାଉ ଯାଉ କହିଲେ—ଧନ୍ୟବାଦ ମହାଶୟ ! ଜଗନ୍ନାଥ ସମସ୍ତଙ୍କୁ ସୁଖରେ ପାଳନ୍ତୁ । ଏ ଗ୍ରାମର ସୁଖ ବୃଦ୍ଧି ହେଉ ।

ପୁରୋହିତ ଜ୍ୟୋତ୍ସ୍ନାଲୋକରେ ବାଟ ଖୋଜି ଖୋଜି ଆଗେଇଲେ । ଗ୍ରାମ ମଝିରେ ଦେବାଳୟ । ଦେବାଳୟର ପାଚେରୀକୁ ଲାଗି ବାହାର ପଟକୁ ଗଭୀର କୂଅଟିଏ । ଅବଗୁଣ୍ଠିତା କିରୋରୀଟିଏ ଜ୍ୟୋତ୍ସ୍ନାଲୋକରେ ଢଳି ଢଳି କୂଅ ନିକଟକୁ ଅଗ୍ରସର ହେଉଥାଏ । କାଖରେ

Digitized by srujanika@gmail.com

ପିଉଚର ବଡ଼ ଗରାଟିଏ । ପୁରୋହିତ ଭାବୁଥାନ୍ତି ଶୂନ୍ୟ ଗରାଟିର ଗୁରୁଭାର କିଶୋରୀଟିକୁ ପ୍ରାଣାନ୍ତକ କଷ୍ଟ ଦେଉଥିବ । ଘରାରେ ଜଳ ଭର୍ତ୍ତି ହେଲେ କିଶୋରୀଟି ତାକୁ ବୋହିବ କିପରି ? ଜଳଭର୍ତ୍ତି ଗରାଟି କିଶୋରୀର କୋମଳ ଶରୀରକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେଇପାରେ ।

ଛଦ୍ମବେଶୀ ରାଜା ବକୁଳ ଗଛର ଛାଇରେ ଠିଆ ହୋଇ କିଶୋରୀଟିର ଗତିବିଧିକୁ ଲକ୍ଷ୍ୟ କଲେ । କିଶୋରୀଟି କୂଅ ନିକଟରେ ପହଞ୍ଚି ଗରାଟିକୁ ଅତି କଷ୍ଟରେ ଥୋଇଲା । ଚନ୍ଦ୍ରାଲୋକରେ କିଶୋରୀଟିର ମନୋରମ କପାଳରେ ଜମି ଉଠିଥିବା ସ୍ୱେଦବିନ୍ଦୁ ବାରି ହେଇଯାଉଥାଏ । କିଶୋରୀଟି ନରମ ଲତାଟିଏ ଭଳି ଦଣ୍ଡେ ଆଉଜି ଗଲା ମନ୍ଦିର ବେଢ଼ାରେ । ବୋଧହୁଏ ଶକ୍ତି ସଞ୍ଚୟ କରିବା ପାଇଁ ।

କିଶୋରୀଟି କାହାକୁ ଯେମିତି ଅପେକ୍ଷା କରୁଛି । ଏଇ ନିର୍ଜନ ଚନ୍ଦ୍ରାଲୋକରେ, ମନ୍ଦିର ବାହାରେ, ପାଣି ଭରିବା ଛଳରେ କାହା ପାଇଁ ପ୍ରତୀକ୍ଷମାଣା ଏଇ କିଶୋରୀଟି ?

ରାଜା ସ୍ଥିର ହୋଇ ଠିଆ ହେଇଛନ୍ତି । ଏଇ ନିଷ୍ପାପ କିଶୋରୀଟି ସମ୍ବନ୍ଧରେ କୌଣସି ବିକଳ୍ପ ଭାବନା ତାଙ୍କ ମନରେ ସ୍ଥାନ ପାଉନାହିଁ ।

ଗୋଟିଏ ନିର୍ଦ୍ଦିଷ୍ଟ ଦିଗକୁ ଅପଲକ ଆଖିରେ ଚାହିଁ ରହିଛି କିଶୋରୀ । ବ୍ୟସ୍ତ ବିବ୍ରତ ହେଇ ଦୀର୍ଘଶ୍ୱାସ ଛାଡୁଛି । ଓଢ଼ଣା ଭିତରେ ଆଜୁଳାଏ ଜହ୍ନ ଆଲୁଅ ଯେମିତି ଅଟକି ଯାଇଛି । ଦିଶୁଛି ତିଳଫୁଲର ନାସାଗ୍ରରେ ଚିକ୍ ଚିକ୍ ସୁବର୍ଣ୍ଣ ନକ୍ଷତ୍ରଟିଏ । ନକ୍ଷତ୍ରର ଆଲୁଅ ତଳକୁ ଝରିପଡ଼ିଛି ଈଷତ୍ ପାଟଳ ଅଗସ୍ତି ଫୁଲଟିଏ—କିଶୋରୀର ନିବୁଜ ଅଧର ଦେଇ । ରାତିର ସତର୍କ ସମୀରରେ ଅଳ୍ପ ଅଳ୍ପ ଥରୁଛି ଅଧର ପାଖୁଡ଼ା ।

—କିଏ ଏଇ ରାଧିକା ? ରାଜାଙ୍କ ମନରେ ସଂଶୟ । କାହାର ପ୍ରେୟସୀ ଏଇ ସରଳା କିଶୋରୀ ? କେଉଁ ହୃଦୟହୀନ ପୁରୁଷର ମିଥ୍ୟା ପ୍ରତିଶ୍ରୁତିରେ ଭୁଲି ନିନ୍ଦା, ଅପବାଦକୁ ହେୟ କରି ନୀର ଆଣିବା ପାଇଁ ନିର୍ଜନ ରାତିରେ ଘରୁ ପଦାକୁ ଗୋଡ଼ କାଢ଼ିଛି ?

କାହାର ଲଘୁପାଦ ଶବ୍ଦ ଶୁଭୁଛି । କିଶୋରୀ ଉଦ୍‌ବେଳ ହେଇ ଉଠୁଛି । ଆଉ ମୁହୂର୍ତ୍ତଟିଏ ବିରହ ସେ ଯେମିତି ସହିବ ନାହିଁ । ଛଦ୍ମବେଶୀ ରାଜାଙ୍କର ଆଖପ ସାମ୍ନାରେ ନିମିଷକରେ ଗୋପନ ପ୍ରଣୟର ମିଳନ ଦୃଶ୍ୟଟିଏ ଯେମିତି ଚିତ୍ରିତ ହେଇଯିବ । ରାଜା କାହାପାଇଁ ଦଣ୍ଡବିଧାନ କରିବେ ? ଏଇ କିଶୋରୀଟି ପ୍ରତି ଦଣ୍ଡବିଧାନ କରିବା ପାଇଁ ମହାରାଜାଙ୍କର ବିବେକୀ ହୃଦୟ ଯେମିତି କୁଣ୍ଠିତ ହେଇପଡୁଛି । ମନ ଭିତରୁ ଯେମିତି ଗୋଟାଏ ନିର୍ଦ୍ଦେଶ ଆସୁଛି—କଳଙ୍କିତ ଚନ୍ଦ୍ରରୁ ଝରି ପଡୁଥିବା ଜ୍ୟୋତ୍ସ୍ନାଲୋକ ଭଳି ମିଥ୍ୟାପ୍ରେମରେ ଭୁଲିଥିବା ଏଇ କୋମଳା କିଶୋରୀଟି ନିଷ୍ପାପ, ନିର୍ମଳ । ତାକୁ କାଳିମା ସ୍ପର୍ଶ କରିପାରେନା ।

Digitized by srujanika@gmail.com

କିଶୋରୀର ମୁଖ ଓ ଆଖି ଅବଗୁଣ୍ଠନରେ ଆବୃତ । ତା' ହୃଦୟର ଉଦ୍‌ବେଳନ ତା'ର ଅଧରର ଉପକୂଳରେ ଧକ୍‌କା ଖାଉଛି—ତା' ମନରେ ଉତ୍କଣ୍ଠିତ ଆବେଗର ଚିତ୍ର ଆଙ୍କୁଛି ।

ପାଦ ଶବ୍ଦ ନିକଟେଇ ଆସୁଛି । କିଶୋରୀଟି ସିଧା ହେଇ ଠିଆ ହେଲା । ପଣତକୁ କଟିରେ ଗୁଡ଼ାଇ ଗରାକୁ ବହୁ କଷ୍ଟରେ ଉଠାଇ କୂଅ ମୂଳକୁ ଗଲା । ଦଉଡ଼ିର ଫାଶରେ ଗରା ମୁହଁକୁ ଗଳାଇ ଫାଶ ଭିଡ଼ିଦେଲା । ଆଖି ପିଛୁଳାକେ ଗରାକୁ କଷ୍ଟରେ ଟେକି କୂଅକୁ ଧୀରେ ଖସେଇ ଦେଲା । ଗରା ଜଳସ୍ପର୍ଶ କଲା ।

ବକୁଳ ଗଛର ଛାଇରେ ଛପିରହି ରାଜା ସବୁ ନିରୀକ୍ଷଣ କରୁଥିଲେ । କିଶୋରୀର ଏପରି ଆଚରଣରେ ରାଜାଙ୍କ ଓଠ କୋଣରେ କ୍ଷୀଣ ହାସ୍ୟରେଖା ଫୁଟିଉଠିଲା । ପ୍ରେମିକ ଉପରେ କିଶୋରୀର କି ବିଚିତ୍ର ଅଭିମାନ ? ଯାହାର ବାଟ ଏତେ ସମୟ ଧରି ଚାହିଁ ବସିଥିଲା, ତା'ର ଆଗମନ ଜାଣି ବିଳମ୍ବଜନିତ ଅଭିମାନରେ ପାଣିକାଢ଼ିବାର କି ଅପୂର୍ବ ଛଳନା ! ଅଥଚ ଏତେବଡ଼ ଗରା ଜଳଭରା ହେଇଗଲେ କିଶୋରୀ ତାକୁ ବାହାରକୁ କାଢ଼ି ଆଣିବା ତ ଦୂରର କଥା, ବରଂ ଜଳଭର୍ତ୍ତି ଗରାର ଭାରରେ କିଶୋରୀର କୋମଳ ଶରୀର କୂଅ ଭିତରକୁ ଝୁଙ୍କିପଡ଼ିବ; ଏଥିରେ ସନ୍ଦେହ ନାହିଁ । ସାମାନ୍ୟ ବିଳମ୍ବ ହେତୁ ପ୍ରେମିକ ଉପରେ ଅଭିମାନ କରି କିଶୋରୀ ଯେମିତି ଆତ୍ମହତ୍ୟାର ଏଇ ଅଭିନବ ପନ୍ଥା ବାଛିନେଇଛି କିମ୍ବା କିଶୋରୀର ଇଚ୍ଛା ତାର ଏ ଅସହାୟ ଅବସ୍ଥାରେ ପ୍ରେମିକ ପୁରୁଷର ହୃଦୟ ଅନୁଗ୍ରହରେ ବିଚଳିତ ହେଇଯିବ ଏବଂ ସେ କିଶୋରୀ ହାତରୁ ଦଉଡ଼ାଟି ନେଇ ଅପୂର୍ବ ବୀରତ୍ୱର ସହ ଜଳଭର୍ତ୍ତି ଗରା ଏକ ଲମ୍ଫକେ ବାହାରକୁ ଟେକି ଆଣିବ । ପ୍ରତ୍ୟେକ ନାରୀ ଚାହେଁ ତାର ମନୋମତ ପୁରୁଷ ନିର୍ଭୀକ ହେଇଥାଉ, ବୀର ହେଇଥାଉ, ଶକ୍ତିବାନ ହେଇଥାଉ । ହୁଏତ ପ୍ରେମିକର ଆଜି ଶକ୍ତି ପରୀକ୍ଷାର ସାକ୍ଷୀ ହେବେ ସ୍ୱୟଂ ମହାରାଜ ।

ଆସ୍ତେ ଆସ୍ତେ ଜଳଭାରରେ ଗରା ଭାରି ହେଇ ଆସୁଛି । କିଶୋରୀ ଗ୍ରୀବା ବଙ୍କାଇ ଏକଇୟରେ ଚାହୁଁଛି ପଦଶବ୍ଦ ଆସୁଥିବା ଦିଗକୁ । ଧୀରେ ଧୀରେ କିଶୋରୀକୁ କୋମଳ କ୍ଷୀଣ ତନୁ ଜଳଭରା ଗରାର ଭାରରେ ବାଙ୍କି ଯାଉଛି କୂଅ ଭିତରକୁ । କିନ୍ତୁ କାହିଁ ତା'ର ଶକ୍ତିମୟ ମନର ମଣିଷ ? ପାଦଶବ୍ଦ ଦୂରେଇ ଯାଉଛି—ମିଳେଇ ଯାଉଛି । କିଶୋରୀର ଗଣନା ଭୁଲ ହେଇଯାଉଛି । ପ୍ରେମିକ ନୁହେଁ, ଅନ୍ୟ କେହି ପଥିକ ନିଜ ବାଟରେ ଚାଲିଗଲାଣି । କିଶୋରୀ ଏବେ କରିବ କ'ଣ ? ଏ ମହାବିପଦରୁ ତାକୁ ଉଦ୍ଧାର କରିବ କିଏ ? ପ୍ରେମିକ ବିଳମ୍ବରେ ଆସି ପହଞ୍ଚିବା ବେଳକୁ କିଶୋରୀର ତନୁ ଗରା ସହ କୂଅ ଜଳରେ ସମାଧି ଲଭିଥିବ ।

କ୍ଷଣକରେ ଅଧାପୂର୍ଣ୍ଣ ଗରାଟି ଜଳଭର୍ତ୍ତି ହେଇଯିବାର ସ୍ପଷ୍ଟଶବ୍ଦ ଶୁଭିଲା ଏବଂ ଆଖି ପିଛୁଳାକେ କ୍ଷୀଣ ଆର୍ତ୍ତନାଦ ସହ କିଶୋରୀ କୂଅ ଭିତରକୁ ଝାଙ୍କି ହେଇ ଯାଉ ଯାଉ ପଛପଟୁ

Digitized by srujanika@gmail.com

ଦୁଇଟି ଦୀର୍ଘ ବଳିଷ୍ଠ ସୁଠାମ ବାହୁ କିଶୋରୀର ସୂକ୍ଷ୍ମ ଦେହ ବଲ୍ଲରୀକୁ ନିର୍ଭୟ ଆଶ୍ରୟ ଭିତରକୁ ଟାଣିନେଲା । ଗୋଟାଏ ହାତରେ କିଶୋରୀର ଭୟକାତର, ଅର୍ଦ୍ଧଚେତନ ଶରୀରକୁ ଧରିରଖି ଅପର ହାତରେ ଆଖିପିଚୁଳାକେ ଜଳଗରାଟି କୂଅ ବାହାରକୁ ନେଇ ଆସିଲେ ସେଇ ଆର୍ତ୍ତତ୍ରାଣ ପରମପୁରୁଷ ।

କିଶୋରୀର ଅବଗୁଣ୍ଠନ ଖସି ପଡ଼ିଛି । ଆକାଶର ଦ୍ୱିତୀୟା ଚାନ୍ଦ ମହାରାଜଙ୍କର ଆଶ୍ରୟ ଭିତରେ ବକ୍ରହେଇ ଢଳିପଡ଼ିଛି । ପୃଥିବୀ ଆଲୋକିତ ହେଇଉଠିଛି ସେଇ ଚନ୍ଦ୍ରାଲୋକର ସୌନ୍ଦର୍ଯ୍ୟରେ । କିଶୋରୀର ମୁଦ୍ରିତ ଆଖିପତାର ପଦ୍ମପାଖୁଡ଼ାରୁ ଦୁଇ ବିନ୍ଦୁ ଅଶ୍ରୁ ଢଳ ଢଳ ଶିଶିରର ଜଳ ହେଇ ଝରିଆସୁଛି ପୃଥିବୀ ଉପରକୁ । ଭୟରେ, ଲଜ୍ୟାରେ ଓ ଦୁଃଖରେ କମ୍ପିଉଠୁଛି ତା'ର କୋମଳ ଦେହ ବଲ୍ଲରୀ ।

ଶିଶିର ବିନ୍ଦୁରେ ବି ଏତେ ଉଷ୍ମତା ! ମହାରାଜାଙ୍କର ହାତ ଉପରେ କିଶୋରୀ ଆଖିର ଦୁଇଟି ଶିଶିର ବିନ୍ଦୁ ଝରିପଡ଼ିଛି । ତିଳଫୁଲର ନାସାଗ୍ରରେ ସୁବର୍ଣ୍ଣ ନକ୍ଷତ୍ରଟି ଥରି ଥରି କମ୍ପୁଛି । ଅଯତ୍ନ କେଶର ସମୃଦ୍ର ଫିଟିପଡୁଛି ମହାରାଜାଙ୍କର ବକ୍ଷର ପ୍ରଶସ୍ତ ବେଳାଭୂମି ଛୁଇଁ ।

ପରମ ପରାକ୍ରମୀ ଗଙ୍ଗ ନରପତି କ୍ଷଣକ ପାଇଁ ବିଚିତ୍ର ଅନୁଭୂତିରେ ବିମୂଢ଼ ହେଇଗଲେ । ପରକ୍ଷଣରେ ବିବେକ ଚେତାଇ ଦେଲା—ତୁମେ ରାଜା, ତୁମେ ପାଳକ, ତୁମେ ରକ୍ଷା କର୍ତ୍ତା । ଏ ଦେଶର କଳା ସଂସ୍କୃତିର ରକ୍ଷା ପାଇଁ ତୁମେ ରାଜକୀୟ ସୁଖ, ବିଳାସ ଭୁଲିଛ । ମାତୃଜାତିର ସମ୍ମାନରକ୍ଷା ରାଜାର ପରମ କର୍ତ୍ତବ୍ୟ । ମାତୃଜାତିକୁ ଯିଏ ରକ୍ଷା କରେନାହିଁ ସେ ମାତୃଭୂମିକୁ ରକ୍ଷା କରିବାରେ ସଫଳ ହେବ କେମିତି ? ତାର ତ ପରାଜୟ ସୁନିଶ୍ଚିତ !

ମହାରାଜ ଉଦାର କଣ୍ଠରେ ଅଭୟ ଦେଲେ—ଭୟନାହିଁ କିଶୋରୀ । ତମେ ବିପଦମୁକ୍ତ । ଧୈର୍ଯ୍ୟଧର । ନିଜକୁ ପ୍ରକୃତିସ୍ଥ କର । କିଶୋରୀ ପ୍ରକୃତିସ୍ଥା ହେଲା । ନିଜକୁ ସ୍ଥିର ଭାବରେ ଭୂମିରେ ଧରିରଖି ଠିଆହେଲା । ମହାରାଜ କିଶୋରୀକୁ ମୁକ୍ତ କରି ଦୂରରେ ଠିଆହେଲେ । କିଶୋରୀର ଅନାବୃତ ମୁଖ ପଦ୍ମରେ ଚନ୍ଦ୍ରାଲୋକ ସୁଝୀନ ଓଢ଼ଣୀଟିଏ ଟାଣି ଦେଇଥାଏ । ଅପରିଚିତ ପୁରୁଷ ଆଖିରେ କିଶୋରୀର ଏ ମୁକ୍ତ ସୌନ୍ଦର୍ଯ୍ୟକୁ ଚନ୍ଦ୍ର ମଧ୍ୟ ଈର୍ଷା କରୁଥିବ ପରା !

ଛଦ୍ମବେଶୀ ରାଜାଙ୍କ ଉପରେ ଆଖି ପଡ଼ିବା ମାତ୍ରେ କିଶୋରୀ ଚମକି ଉଠିଲା । ତତ୍‌କ୍ଷଣାତ୍ ମୁକୁଳା କେଶର ତରଙ୍ଗିତ ସମୁଦ୍ରକୁ ଛୁଆଇଁ ଅବଗୁଣ୍ଠନ ଟାଣି ଆଣିଲା ମୁଖ ଉପରକୁ । କିଛି ସମୟ ପୂର୍ବେ ମହାରାଜଙ୍କ ଆଶ୍ରୟ ଭିତରେ ଝରିପଡ଼ିଥିବା ଚେନାଏ ନିଷ୍ପାକ ଚନ୍ଦ୍ରାଲୋକକୁ ନୀଳ ଶାଢ଼ୀର ବାଦଲ ଢାଙ୍କି ଦେଲା । ମହାରାଜାଙ୍କ ଆଖି ସାମ୍ନାରେ ଛାଇର ପରଦାଟିଏ ପଡ଼ିଗଲା । ସେ ଭାବିଲେ ଆକାଶ କ'ଣ ମେଘାଚ୍ଛନ୍ନ ? ଚନ୍ଦ୍ର କ'ଣ ଅସ୍ତମିତ ? ପୃଥିବୀ କ'ଣ ଅନ୍ଧକାରମୟ ହେଇ ଉଠିଛି ଏଇ ମୁହୂର୍ତ୍ତରେ !

Digitized by srujanika@gmail.com

ରାଜା କର୍ତ୍ତବ୍ୟ ଭିତରକୁ ଫେରି ଆସିଲେ । ଶାନ୍ତ କଣ୍ଠରେ ପ୍ରଶ୍ନ କଲେ—କିଏ ତୁମେ କିଶୋରୀ ? କାହାର ତୁମେ କନ୍ୟା ? କାହାର ପ୍ରେମିକା ?

କିଶୋରୀ ଚମକି ଉଠିଲା । କୋମଳ ମୂର୍ଚ୍ଛନାଟିଏ ଝରିପଡ଼ିଲା—ମୁଁ କିଶୋରୀ ନୁହେଁ, ବଧୂ । ମୋର କେହି ପ୍ରେମିକା ନାହାନ୍ତି । ଏ ପ୍ରଶ୍ନ ପଚାରି ଆପଣ ମୋର ଅପମାନ କରିଛନ୍ତି ।

କିଶୋରୀର ନିର୍ଭୀକ ଉତ୍ତରରେ ରାଜା ଚମତ୍କୃତ ହେଲେ । ସତ୍ୟ ପ୍ରକାଶରେ ଯେଉଁ ଦେଶର କିଶୋରୀ ପ୍ରାଣରେ ବି ଏତେ ନିର୍ଭୀକତା, ସେ ଦେଶର ରାଜା ନିଜକୁ ଧନ୍ୟ ମନେ କରେ ।

ମହାରାଜ ଅନୁତପ୍ତ ଗଳାରେ କହିଲେ—କ୍ଷମାକର ଦେବୀ ! ମୁଁ ଜଣେ ବିଦେଶୀ । ନ ଜାଣି ଏଭଳି ପ୍ରଶ୍ନ କରିଛି । କିଏ ତୁମେ ? କାହାର ବଧୂ ? ଏଠି, ଏଇ ଚନ୍ଦ୍ରାଲୋକ ତଳେ, ଦେବାଳୟ ପଥରେ କାହାର ପ୍ରତୀକ୍ଷା କରୁଥିଲ ?

—ସ୍ତ୍ରୀର ପ୍ରତୀକ୍ଷା କେବଳ ସ୍ୱାମୀ ପାଇଁ । ପ୍ରତୀକ୍ଷାରେ ବି ଜନ୍ମ ଜନ୍ମ ବିତିଯାଏ । ବିଫଳ ପ୍ରତୀକ୍ଷାରେ ବି ଏ ଦେଶ ନାରୀର ଗୌରବ ଅଛି । କିଶୋରୀ ଓଡ଼ଣା ତଳୁ ସ୍ପଷ୍ଟ କଣ୍ଠରେ ଉତ୍ତର ଦେଲା ।

ମହାରାଜ ଉଲ୍ଲସିତ ହେଲେ । କିଶୋରୀର କଥାରେ ମୁଗ୍ଧ ହେଲେ । ପୁଣି ପ୍ରଶ୍ନ କଲେ—କିନ୍ତୁ ପଥଧାରରେ କି ସ୍ୱାମୀର ପ୍ରତୀକ୍ଷା କରାଯାଏ ? ମୋ ମନରେ ସଂଶୟ ଜାଗୁଛି ଦେବୀ । ମତେ ସନ୍ଦେହ ମୁକ୍ତ କର ।

କିଶୋରୀ ଓଡ଼ଣା ତଳୁ ତୀର୍ଯ୍ୟକ ଦୃଷ୍ଟିରେ ଚାହିଁଲା ଛଦ୍ମବେଶୀ ଗଙ୍ଗ ନରପତିଙ୍କୁ । ପ୍ରଶ୍ନକଲା—କିଏ ତୁମେ ବିଦେଶୀ ? ଦେବଦୂତ ଭଳି ମତେ ଆଜି ମୃତ୍ୟୁ ମୁଖରୁ ବଞ୍ଚାଇଲ । ନଜାଣି ନଚିହ୍ନି ସବୁକଥା ତମକୁ ମୁଁ କହିବି କେମିତି ? ମହାରାଜ ନମ୍ର କଣ୍ଠରେ କହିଲେ—ମୁଁ ଜଗନ୍ନାଥଙ୍କର ଜଣେ ସେବକ । ଜଗନ୍ନାଥଙ୍କ ପାଦପଦ୍ମରେ ରାଉତପଣେ ସେବା କରୁଥାଏ । ଦୂର ଗ୍ରାମରେ ଘର । ଆସିଥିଲି ବନ୍ଧୁ ଘରକୁ ।

କିଶୋରୀ ଦୀର୍ଘଶ୍ୱାସ ଛାଡ଼ି କହିଲା—ତେବେ ମୋର ବିପଦ କଟିଗଲା । ମୃତ୍ୟୁ ମୁଖରେ ମତେ ରକ୍ଷା କରିଥିଲେ ବି ଆପଣ ପରମପୁରୁଷ । ଆପଣଙ୍କର ସ୍ପର୍ଶ ମୋର କାୟା କଳଙ୍କିତ କରିଛି ବୋଲି ମୋର ଶାଶୂ ମତେ ତ୍ୟାଗ କରିଥାନ୍ତେ । କିନ୍ତୁ ଆପଣ ତ ଜଗନ୍ନାଥଙ୍କର ସେବକ । ଆପଣ ନୁହଁନ୍ତି—ସେ ବଳିୟାର ଭୁଜ ମହାବାହୁ ଜଗନ୍ନାଥ ମତେ ଉଦ୍ଧାର କରିଛନ୍ତି । ତା' ନହେଲେ ଆପଣ କେମିତି ଠିକ୍ ସମୟରେ ପହଞ୍ଚି ଯାଇଥାନ୍ତେ ।

Digitized by srujanika@gmail.com

ମହାରାଜ ଭାବଭରା କଣ୍ଠରେ କହିଲେ—ମୁଁ କିଏ ? ମୁଁ ତ ନିମିତ୍ତ ମାତ୍ର । ଯାହା କିଛି ମଙ୍ଗଳକର କାର୍ଯ୍ୟ ମୋ ଦ୍ୱାରା ସାଧିତ ହେଉଛି ସବୁ ମଙ୍ଗଳମୟ ଜଗନ୍ନାଥଙ୍କ ଇଚ୍ଛାରେ ଘଟୁଛି । ଈଶ୍ୱରଙ୍କର ହାତ ହିଁ ଉଦ୍ଧାର କରିଥାଏ । ଦେବୀ, ତମେ ନିଷ୍ପଳଙ୍କ । କିନ୍ତୁ ବୁଝିପାରିଲିନି ଏତେ ରାତିରେ ଏଠି କାହାର ପ୍ରତୀକ୍ଷା କରୁଥିଲ ?

—ଆସିଥିଲି ପାଣି ନେବାପାଇଁ । ଘର ଲିପା ହେବ ।

''କୂଅ ପାଣିରେ ଘର ଲିପିବ ?''

''ହଁ—ଶାଶୂଙ୍କର ନିର୍ଦ୍ଦେଶ ।''

''ଏତେ ବଡ଼ ଗରାରେ ତମେ ପାଣି ନେବ ?''

''ଶାଶୂଙ୍କର ନିର୍ଦ୍ଦେଶ । ସବୁଦିନ ଏଥିରେ ମୁଁ ପାଣି ନିଏ ।''

''ଆଶ୍ଚର୍ଯ୍ୟ !'' ମହାରାଜ ଅବିଶ୍ୱାସଭରା କଣ୍ଠରେ ପ୍ରଶ୍ନ କଲେ ।

କିଶୋରୀ ସେ କଥା ବୁଝିପାରି କହିଲା—ସେଇଥିପାଇଁ ତ ମୋ ଦିଅରକୁ ଅପେକ୍ଷା କରିଥିଲି । ସବୁଦିନ ସେ ମୋ ପାଇଁ ପାଣି କାଢ଼ିଦିଏ । ପାଣିଗରା ଟେକି ନେଇ ବାରି ପିଣ୍ଡାରେ ରଖିଦିଏ । ସେଇଥିରୁ ପାଣି ଢାଳି ମୁଁ ଘର ଲିପେ । ଶାଶୂ କିଛି ଜାଣିପାରନ୍ତି ନାହିଁ । ମତେ କଷ୍ଟ ଦେଉଛନ୍ତି ଭାବି ସେ ସୁଖ ପାଆନ୍ତି । ଆଜି ମୋ ଦିଅର ଆସୁଛି ଜାବି ଗରାଟା କୂଅରେ ପକାଇ ପାଣି ଭରିଦେଲି । ଗରା ସହିତେ କୂଅ ଭିତରକୁ ଖସିପଡ଼ିଥାନ୍ତି ପଛକେ—ଗରାଟା ଛାଡ଼ିଦେଇ ନଥାନ୍ତି । ଭାଗ୍ୟକୁ ଆପଣ ଆସି ପହଞ୍ଚିଗଲେ । ନହେଲେ ଆଜି ସବୁ କଷ୍ଟର ଶେଷ ହୋଇଯାଇଥାନ୍ତା ।

—''କିନ୍ତୁ ଗରାଠାରୁ ତମ ଜୀବନ ଯେ ମୂଲ୍ୟବାନ ?'' ରାଜା କହିଲେ । କିଶୋରୀ ଆର୍ଦ୍ର କଣ୍ଠରେ କହିଲା—ମୋ ଶାଶୂଙ୍କ ଆଖିରେ ମୋ ଜୀବନଠାରୁ ଗରା ମୂଲ୍ୟବାନ ।

ରାଜା ଦୁଃଖଭରା କଣ୍ଠରେ କହିଲେ—ତମଭଳି ବାଳିକା ବଧୂକୁ କାହିଁକି ଶାଶୂ ଏତେ କଷ୍ଟ ଦିଅନ୍ତି ? ତମର ଅପରାଧ କ'ଣ ? ଏ କଷ୍ଟର କିଛି କ'ଣ ପ୍ରତିକାର ନାହିଁ ? କୁହ ଦେବୀ—ମୁଁ ଚେଷ୍ଟା କରିବି—ଛଦ୍ମବେଶୀଙ୍କର ବାକ୍ୟ ଅଧାରେ ରହିଗଲା ।

କିଶୋରୀ ଦୀର୍ଘଶ୍ୱାସ ଛାଡ଼ି କହିଲା—ମୋ ଶାଶୂ ମତେ ଏ କଷ୍ଟ ଦିଅନ୍ତି ନାହିଁ—

''ତେବେ— ? କିଏ ସେଇ ନରାଧମ ଯେ ତମକୁ କଷ୍ଟ ଦିଏ ?'' ରାଜା ଉତ୍କଣ୍ଠାରେ ପଚାରିଲେ ।

' ଆପଣ ତାଙ୍କର କ'ଣ କରିବେ ?'' କିଶୋରୀ ପ୍ରଶ୍ନକଲା । ରାଜା ଦୃଢ଼ କଣ୍ଠରେ କହିଲେ—ମୁଁ ତାକୁ ଶାସ୍ତି ଦେବି ।

Digitized by srujanika@gmail.com

''ତାଙ୍କୁ ଶାସ୍ତି ଦେବାପାଇଁ ଆପଣଙ୍କର ଶକ୍ତି ଅଛି ?'' କିଶୋରୀଟି ତୀର୍ଯ୍ୟକ୍ ପ୍ରଶ୍ନ କଲା ।

ରାଜା କଥା ଭୁଲାଇ କହିଲେ—ମୁଁ ଜଗନ୍ନାଥଙ୍କ ହାତରେ ତା' ଅପରାଧର ଦଣ୍ଡବିଧାନ କରାଇବି । ମୁଁ ପୁରୋହିତ । ସମସ୍ତଙ୍କର ଦୁଃଖ, ଦୁର୍ଦ୍ଦଶା ଜଗନ୍ନାଥଙ୍କୁ ଜଣାଇ ସମସ୍ତଙ୍କର ହିତ ସାଧନ କରିବା ମୋର କାମ ।

''କିନ୍ତୁ ମୋ ଦୁଃଖର କାରଣ ତ ସ୍ୱୟଂ ମହାରାଜ । ଏ ରାଜ୍ୟର ଭାଗ୍ୟ ବିଧାତା ମୋର ଏ ମନ୍ଦଭାଗ୍ୟ ପାଇଁ ଦାୟୀ । ଆପଣ ମହାରାଜଙ୍କର କ'ଣ କରିବେ ? ମହାରାଜା ତ ଜଗନ୍ନାଥଙ୍କର ଅତି ନିକଟର ଲୋକ ।'' କିଶୋରୀ ନିର୍ଭୀକ ଭାବରେ କହିଲା ।

ସ୍ତମ୍ଭୀଭୂତ ହେଇଗଲେ ଗଙ୍ଗ ନରପତି । ଏଇ ଲାବଣ୍ୟମୟୀ ଲବଣୀପିତୁଳାକୁ ସେ କ୍ଷଣକ ପୂର୍ବେ ମୃତ୍ୟୁ ମୁଖରୁ ରକ୍ଷା କରିଥିଲେ । କେଡ଼େ ନିର୍ଭୟ ମନରେ ପଲକ ମାତ୍ର ସେ ତାଙ୍କ ବୁକୁରେ ଆଶ୍ରୟ ନେଇଥିଲା । ଅଥଚ ନିର୍ମମ ଭାବରେ ସେ କହୁଛି ତା' ଦୁଃଖର କାରଣ ସ୍ୱୟଂ ମହାରାଜ !

କିଶୋରୀ ସହଜ କଣ୍ଠରେ କହିଲା—ବୁଝିପାରୁ ନାହାନ୍ତି ? ମହାରାଜା ମୋରି ଭଳି ବାରଶହ ଶିଳ୍ପୀ ବଧୂଙ୍କର ଦୁଃଖର କାରଣ ହେଇଛନ୍ତି । ଶାଶୂଘରକୁ ଆସିବାପାଇଁ ବାରଟି ଦିନ ବାକୀ ଅଛି ମହାରାଜ ମୋ ଶିଳ୍ପୀ ସ୍ୱାମୀଙ୍କୁ କୋଣାର୍କ ମନ୍ଦିର ନିର୍ମାଣ ପାଇଁ ଡାକିନେଲେ । ଶାଶୂଘରେ ପାଦ ଦେଲାବେଳକୁ ସ୍ୱାମୀ କୋଣାର୍କରେ ପାଷାଣୀ ନାୟିକା ଭିତରେ ନିଜକୁ ହଜାଇ ଦେଇଛନ୍ତି । ମୋ ସ୍ୱାମୀଙ୍କୁ ଦେଖିନାହିଁ । ସେଇଥି ପାଇଁ ଶାଶୂଙ୍କ ଦୃଷ୍ଟିରେ ମୁଁ ସୁଲକ୍ଷଣା ନୁହେଁ । ପୁଣି ମୋର ଅପରାଧରୁ ଶାଶୂ କୁଆଡ଼େ ନାତି ମୁହଁ ନଦେଖି ଆଖି ବୁଜିବେ । ସତକୁ ସତ ସେ ତ ଭାଙ୍ଗିପଡ଼ିଲେଣି । ତାଙ୍କର ଆଉ କେତେ ଦିନ ?

''ଆଶ୍ଚର୍ଯ୍ୟ ! ଏଥିରେ ତମର କ'ଣ ଦୋଷ ?'' ରାଜା ବିସ୍ମିତ ଭାବେ ପ୍ରଶ୍ନ କଲେ ।

କିଶୋରୀ କହିଲା—ନିଶ୍ଚୟ କିଛି ଅପରାଧ ଥିବ । ଝିଅମାନଙ୍କର ଲକ୍ଷଣ ନେଇ ଘରର ସୁଖ ଦୁଃଖ ହ୍ରାସ ବୃଦ୍ଧି ହେଇଥାଏ ।

ରାଜା ପ୍ରଶାନ୍ତ କଣ୍ଠରେ କହିଲେ—ତମର ସ୍ୱାମୀ କୋଣାର୍କ ସୂର୍ଯ୍ୟମନ୍ଦିରର ଶିଳ୍ପୀ । ଏଥିରେ ତୁମର ଗର୍ବ ହୁଏ ନାହିଁ ?

''ଗର୍ବ ହୁଏ । କିନ୍ତୁ ସେଥିରେ ମୋର ଦୁଃଖ ଉଣା ହୁଏ ନାହିଁ । ଦିନକୁ ଦିନ ଶାଶୂଙ୍କର ନିର୍ଯ୍ୟାତନା ବଢୁଛି । ଆଉ ସହି ହେଉନାହିଁ ।'' କିଶୋରୀ ଦୁଃଖଭରା କଣ୍ଠରେ କହିଲା ।

Digitized by srujanika@gmail.com

ମହାରାଜ ଚିନ୍ତାମଗ୍ନ ହେଲେ । ଧୀରେ ପ୍ରଶ୍ନକଲେ—ଦେବୀ, ତମେ ଯଦି ଚାହଁ ତୁମର ଶିଳ୍ପୀ ସ୍ୱାମୀ ମନ୍ଦିର ନିର୍ମାଣ କାର୍ଯ୍ୟ ଅଧା ରଖି ଫେରିଆସନ୍ତୁ ତେବେ ଜଗନ୍ନାଥଙ୍କ ଶ୍ରୀଛାମୁରେ ମୁଁ ତମ ପାଇଁ ସେ କଥା ମାଗୁଣି କରିବି ?

କିଶୋରୀ ଆଉଥରେ ଚମକି ଉଠିଲା—ବିବ୍ରତ କଣ୍ଠରେ କହିଲା—ନାଁ ମହାଶୟ ! ମୁଁ ସେ କଥା ଚାହେଁନା । ଯଦି ବାରଶହ ଶିଳ୍ପୀ-ବଧୂ ଏଇକଥା ଚାହିଁବେ ତେବେ ମନ୍ଦିର ନିର୍ମାଣ ହେବ କେମିତି ? ପୃଥିବୀ ବିଖ୍ୟାତ ସୂର୍ଯ୍ୟମନ୍ଦିର ସମ୍ପୂର୍ଣ୍ଣ ହେଲେ ଉତ୍କଳର ଶିଳ୍ପକଳା କାଳ କାଳକୁ ବିରାଜିତ ହେବ । ମୋ ସ୍ୱାମୀଙ୍କର କୀର୍ତ୍ତି ଅମର ଅକ୍ଷରରେ କୋଣାର୍କ ଦେହରେ ଲେଖା ହେଇ ରହିବ । ମୋ ସ୍ୱାମୀ କାଳ କାଳକୁ ବଞ୍ଚି ରହିବେ । ପ୍ରତିଟି ଉତ୍କଳୀୟଙ୍କ ପ୍ରାଣରେ । ପ୍ରତ୍ୟେକ ସ୍ତ୍ରୀ ଚାହେଁ ତା' ସ୍ୱାମୀ ହେଉ ଅମର—ଅଜର । ମୁଁ ସେଥିରୁ ବାହାରି ଯିବି କିପରି ? ମୋର ତ ସେଥିରେ ଆନନ୍ଦ !

''କିନ୍ତୁ ତମର ଏ ଦୁଃଖ, ନିର୍ଯ୍ୟାତନା—'' ରାଜାଙ୍କ କଣ୍ଠ ବାଷ୍ପାଚ୍ଛନ୍ନ ।

କିଶୋରୀ ଓଢ଼ଣା ଭିତରେ ସ୍ମିତ ହସିଲା । ମଧୁର କଣ୍ଠରେ କହିଲା—ସବୁ ସହିବାକୁ ଚେଷ୍ଟା କରିବି । ମୋ ସ୍ୱାମୀ ଯେତେବେଳେ ଏତେ କଷ୍ଟ ସହିଛନ୍ତି—ମୁଁ ସହିବିନି କାହିଁକି ?

ଗଙ୍ଗ ନରପତି ସ୍ତମ୍ଭୀଭୂତ ହେଲେ । ଏଇ ସରଳା କିଶୋରୀଟି ବାରମ୍ବାର ତାଙ୍କୁ ଧିକ୍‌କାର କରୁଛି । ଉତ୍ତମ ଶାସକ ବୋଲି ତାଙ୍କର ଗର୍ବ ଦମ୍ଭକୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦେଉଛି । ଜୀବନରେ କେବେ ପରାଜୟ ସ୍ୱୀକାର କରିନଥିବା ଗଙ୍ଗ ନରପତି ଗୋଟିଏ ଗ୍ରାମ୍ୟ କିଶୋରୀ ପାଖରେ ପରାଜିତ ହେଉଛନ୍ତି ବାରମ୍ବାର ।

ଧୀର କଣ୍ଠରେ ମହାରାଜ ପ୍ରଶ୍ନକଲେ—ତମ ସ୍ୱାମୀ କଷ୍ଟରେ ଅଛନ୍ତି ବୋଲି କିଏ କହିଲା ? ଗଙ୍ଗ ନରପତି ବାରଶହ ଶିଳ୍ପୀଙ୍କର ଖାଦ୍ୟପେୟ, ବସ୍ତ୍ର, ବସତି, ସ୍ୱାସ୍ଥ୍ୟ ସୁରକ୍ଷାର ସମସ୍ତ ଯତ୍ନ ନେଉଛନ୍ତି । ସେମାନଙ୍କର କିଛି ଅଭାବ ନାହିଁ । ଶ୍ରୀ ବଳାଇ ନାଏକ ବ୍ୟୟ ଭଣ୍ଡାରର ଅଧିକାରୀ ରୂପେ ଅଛନ୍ତି । ଅଳଲୁ ନାଏକ ଭଣ୍ଡାର ନାଏକ ରୂପେ, ଗଙ୍ଗାଇ ନାଏକ କୋଷ୍ଠ କରଣ ରୂପେ ନିଜ ନିଜ ଦାୟିତ୍ୱ ସୂଚାରୁ ରୂପେ ତୁଲାଉଛନ୍ତି । ବୟାଳିଶ ବାଟିର ଭ୍ରମରବର ହରିଚନ୍ଦନ ଆୟ ବ୍ୟୟ ହିସାବ ରକ୍ଷକ ରୂପେ ନିଯୁକ୍ତି ପାଇଛନ୍ତି । ଶିଳ୍ପୀମାନଙ୍କର ସ୍ୱାଚ୍ଛନ୍ଦ୍ୟ ପାଇଁ ସେମାନଙ୍କୁ ରାଜା ନିର୍ଦ୍ଦେଶ ଦେଇଛନ୍ତି । ରୂପାଶ ଗଡ଼ର ଦଳବେହେରା ସୂଚାରୁ ରୂପେ ଏସବୁ ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି ।

କିଶୋରୀ ପ୍ରଶ୍ନ କଲା—ଏସବୁ ଆପଣ କେମିତି ଜାଣିଲେ ?

''ମୁଁ ଯେ ରାଜ ପୁରୋହିତ । ସମସ୍ତଙ୍କର ହିତ ସମ୍ବାଦ ରଖିବା ମୋର କାମ ।'' ରାଜା ଉତ୍ତର ଦେଲେ ।

Digitized by srujanika@gmail.com

''କିନ୍ତୁ ଆପଣଙ୍କର ଘର ଦୂର ଗାଁରେ ବୋଲି କହୁଥିଲେ ।'' କିଶୋରୀ କଣ୍ଠରେ ସଂଶୟ ।

ରାଜା ତତ୍‌କ୍ଷଣାତ୍ ଉତ୍ତର ଦେଲେ—ଯେଉଁ ଗ୍ରାମରେ ମୋର ଘର ହେଲେ ବି ସେ ରାଜ୍ୟ ଭିତରର ଏକ ଅଂଶ । ମୁଁ ସେଇ ଗ୍ରାମର ପୁରୋହିତ ହେଲେ ମଧ୍ୟ ମୋର ରାଜା ହେଉଛନ୍ତି ନରସିଂହଦେବ । ମୁଁ ତାଙ୍କରି ରାଜ୍ୟର ମଙ୍ଗଳ ପାଇଁ ଜଗନ୍ନାଥଙ୍କୁ ସେବା ଜରେ ଏବଂ ତାଙ୍କ ରାଜ୍ୟର ସମସ୍ତ ଖବର ରଖେ । ଏହା ଜଗନ୍ନାଥଙ୍କର ନିର୍ଦ୍ଦେଶ ଏବଂ ପ୍ରତ୍ୟେକ ପୁରୋହିତର କର୍ତ୍ତବ୍ୟ ।

ସରଳା କିଶୋରୀର ସଂଶୟ କଟିଲା । ସେ ଖୋଲାମନରେ କହିଲା—ଆପଣ ରାଜ୍ୟର ସବୁ ଖବର ଭିତରେ ଶିଳ୍ପୀମାନଙ୍କର ସୁଖର ଖବର ହିଁ ରଖିଛନ୍ତି । ତାଙ୍କର ଦୁଃଖର ଖବର ଆପଣଙ୍କୁ ଜଣାନାହିଁ ।

ସେମାନଙ୍କର ଦୁଃଖ କ'ଣ ? ''ରାଜା ତ ନିଜେ ସେମାନଙ୍କର ସୁଖ ସୁବିଧା ତଦାରଖ କରନ୍ତି । ମହାରାଣୀ ସୀତାଦେବୀ ମଧ୍ୟ ରାଣୀହଂସପୁର ଡେଜି ନିଜେ ମନ୍ଦିର ଶୀଳ୍ପୀମାନଙ୍କର ସୁଖ ସୁବିଧା ବୁଝନ୍ତି । ମା' ଭଳି ସେମାନଙ୍କର ପେଟ ଚିହ୍ନନ୍ତି ।'' ରାଜା ସ୍ଥିରଭାବେ କହିଲେ ।

କିଶୋରୀ ମ୍ଳାନ ହସି କହିଲା—ରାଜା ରାଣୀ ଶିଳ୍ପୀମାନଙ୍କର ପେଟ ଚିହ୍ନନ୍ତି । ମନ ଚିହ୍ନନ୍ତି ନାହିଁ । ସେତିକି ତ ଦୁଃଖ !

ମହାରାଜା ଚିନ୍ତିତ ହେଲେ । ଗମ୍ଭୀର ଭାବେ କହିଲେ—ପ୍ରଜାଙ୍କର ମନର କଥା ଜାଣିବା ପାଇଁ ରାଜା ବେଳେବେଳେ ଅନ୍ଧାରିବିଜେ କରନ୍ତି । ଶୁଣିଛି ରାଜ୍ୟରେ ସୁଖ ଶାନ୍ତି ବିରାଜୁଛି । ଶିଳ୍ପୀମାନେ ପରମ ଶାନ୍ତିରେ ମନ୍ଦିର ତିଆରି କରୁଛନ୍ତି । ଶିଳ୍ପୀ ପରିବାର ସୁଖ ସ୍ୱାଚ୍ଛନ୍ଦ୍ୟରେ ଅଛନ୍ତି ।

କିଶୋରୀ ଉଦାସ ଗଳାରେ କହିଲା ଅନ୍ଧାରିବିଜେ କରି ରାଜା ପ୍ରଜାମାନଙ୍କର ପେଟର କଥା ହିଁ ବୁଝିଛନ୍ତି । ଶିଳ୍ପୀ ଏବଂ ପାଇକ ପରିବାରର ଅଭାବ ଅସୁବିଧା ଦୂର କରିଛନ୍ତି । କିନ୍ତୁ କେବେ ଶିଳ୍ପୀପ୍ରିୟାର ଦୁଃଖ ବୁଝିନାହାନ୍ତି—ବୁଝିନାହାନ୍ତି ଶିଳ୍ପୀ ମନର ହା ହୁତାଶ ।

''ସେମାନଙ୍କର ମନୋବେଦନା କ'ଣ ?'' ରାଜା ପ୍ରଶ୍ନ କଲେ ।

କିଶୋରୀ କ୍ଷଣେ ମୌନ ହୋଇଗଲା । ନିଜ ଭିତରେ ସାହସ ସଞ୍ଚୟ କରି କହିଲା—ଆପଣ ପୁରୋହିତ । ଜଗନ୍ନାଥଙ୍କର ସେବକ । ମୋର ରକ୍ଷାକାରୀ । ତେଣୁ ଆପଣଙ୍କୁ ମୁଁ ଈଶ୍ୱର ମନେ କରୁଛି । ନଚେତ୍ ଜଣେ ଶିଳ୍ପୀବଧୂ ଏଇ ନିର୍ଜନ ରାତିରେ—ନିକାଞ୍ଚନରେ—ନିଜ ମନର ବ୍ୟଥା ଜଣେ ପରପୁରୁଷ ଆଗରେ ଫେଡ଼ି କହିବା କେଡ଼େ ଦୋଷାବହ ତା' ଆପଣ ଜାଣନ୍ତି ।

Digitized by srujanika@gmail.com

''ଭୟ ନାହିଁ ଦେବୀ, ନିଜର ଦୁଃଖ ଫେଡ଼ି କହିଲେ ଦୁଃଖ ଉଣା ହୁଏ । ମୋ ଦ୍ୱାରା ଯଦି କିଛି ହୁଏ.....'' ରାଜା କିଶୋରୀକୁ ଏକ ଲୟରେ ଚାହିଁ ରହିଲେ ।

କିଶୋରୀ ନିଃସଙ୍କୋଚରେ କହିଲା—''ଖାଦ୍ୟ, ବସ୍ତ୍ର, ଜମି, ଭତ୍ତା ଦେଇ ବାରଶହ ଶିଳ୍ପୀ ଏବଂ ଶିଳ୍ପୀବଧୂଙ୍କର ବାରବର୍ଷର ବିରହ ବେଦନା ମହାରାଜ ଉପଶମ କରିପାରିବେ ?''

ସ୍ତବ୍ଧ ହେଇଗଲେ ଗଙ୍ଗ ନରପତି । ଏମିତି ଏକ ପ୍ରଶ୍ନ ତାଙ୍କ ମନକୁ କୌଣସି ଦିନ ସ୍ପର୍ଶ କରି ନଥିଲା । ବାସ୍ତବରେ ଏଇ ସରଳା କିଶୋରୀଟି ଜୀବନର ଏକ ଗଭୀର ଗହନ ପ୍ରଶ୍ନ ତାଙ୍କ ସାମ୍ନାରେ ବାଢ଼ି ଦେଇଛି । ସେ ପ୍ରଶ୍ନର ଉତ୍ତର ଦେବାପାଇଁ ତାଙ୍କର ମୁଖରେ ଭାଷା ନାହିଁ । ତଥାପି ଏ ପ୍ରଶ୍ନର ଉତ୍ତର ଦେବାକୁ ହେବ । ରାଜା ଉଦାର, ନିର୍ବିକାର ଗଳାରେ କହିଲେ—ଜାତିର ବୃହତ୍ତର ଲକ୍ଷ୍ୟ ସାଧନ ପାଇଁ ବ୍ୟକ୍ତିତ୍ୱର ବୃହତ୍ତର ସ୍ୱାର୍ଥତ୍ୟାଗ କରିବାକୁ ହୁଏ । ପୃଥିବୀର ଅନେକ ଅମର କୀର୍ତ୍ତି ପଛରେ ଅସଂଖ୍ୟ ଜୀବନର ଅଶ୍ରୁଜଳ, ପବିତ୍ର ତ୍ୟାଗର କାହାଣୀ ଲେଖାଅଛି । ସେ କଥା ତମେ ଜାଣ ନାହିଁ ବୋଲି ଏ ପ୍ରଶ୍ନ ତମକୁ ଆଘାତ କରୁଛି । କୋଣାର୍କରେ ଧର୍ମଦେବତାଙ୍କ ମନ୍ଦିର ନିର୍ମାଣ ହେଉଛି । ତେଣୁ କୋଣାର୍କ ହେବ ସନ୍ନ୍ୟାସର ପୀଠ, ଜିତେନ୍ଦ୍ରିୟର ପୀଠ, ତ୍ୟାଗ ଏବଂ ଉତ୍ସର୍ଗର ପୀଠ । ପଦ୍ମକ୍ଷେତ୍ର କୋଣାର୍କରେ ସୂର୍ଯ୍ୟ ଏବଂ ପଦ୍ମର ପବିତ୍ର ନିଷ୍କାମ ପ୍ରେମକୁ ଜୀବନର ଆଦର୍ଶ ପରି ବାରବର୍ଷ ଧରି କୋଣାର୍କ ଶିଳ୍ପୀ ବ୍ରହ୍ମଚର୍ଯ୍ୟ ପାଳନ କରି ନିଜ ଶିଳ୍ପୀ ଶକ୍ତିକୁ ପ୍ରକାଶ କରିଯିବ ପାଷାଣ ଦେହରେ । ବାରଶହ ଶିଳ୍ପୀବଧୂ ପଦ୍ମଫୁଲର ନିଷ୍ପାନେଇ ଶିଳ୍ପୀସ୍ୱାମୀର ଫେରନ୍ତି ବାଟକୁ ଚାହିଁ ରହିବେ । ବ୍ରହ୍ମଚର୍ଯ୍ୟ, ସଞ୍ଜମ, ଜିତେନ୍ଦ୍ରିୟତା ମଣିଷକୁ ଶକ୍ତିବାନ କରେ—ପ୍ରତିଭାବାନ କରେ । କୋଣାର୍କକୁ କାଳଜୟୀ କରିବାକୁ ହେଲେ ଶିଳ୍ପୀ ସେତିକି ଶକ୍ତିବାନ ହେବା ଆବଶ୍ୟକ । ଏ ଦେଶର ରାଜା ଉତ୍କଳୀ ଶିଳ୍ପୀଠାରୁ ସେତିକି ସଞ୍ଜମ, ସେତିକି ନିଷ୍ଠା, ସେତିକି ଶକ୍ତି ଆଶା କରନ୍ତି ।

ତତ୍‌କ୍ଷଣାତ୍ କିଶୋରୀ ଉତ୍ତର ଦେଲା—ରାଜା ହେଉଛନ୍ତି ପ୍ରଜାର ଆଦର୍ଶ । ରାଜା କ'ଣ କୋଣାର୍କ ମନ୍ଦିର ନିର୍ମାଣର ବାରବର୍ଷ କାଳ ସଞ୍ଜମ, ନିଷ୍ଠା, ବ୍ରହ୍ମଚର୍ଯ୍ୟ ପାଳନ କରି ନିଜର ଶକ୍ତି ଓ ପ୍ରତିଭାକୁ କୋଣାର୍କର ଧୂଳିକଣାରେ ଢାଳିଦେଇ ପାରିବେ ? ଶିଳ୍ପୀର ହୃଦୟରେ ହୃଦୟ ମିଶାଇ ପାରିବେ ? ବିରହୀ ଶିଳ୍ପୀକୁ ଆଉରି ଶକ୍ତିମୟ କରିବା ପାଇଁ ରାଜା ଏତିକି ସ୍ୱାର୍ଥ ତ୍ୟାଗ କରିପାରିବେ ? ଯଦି ନୁହେଁ—ଶିଳ୍ପୀଠାରୁ ସେତିକି ଆଶା କରନ୍ତି କେମିତି ? ଯାହା ରାଜା ପାରେ ନାହିଁ—ତାହା ପ୍ରଜା ପାରିବ କେମିତି ? ଶିଳ୍ପୀ ପାରିବ କେମିତି ? ଶିଳ୍ପୀ କ'ଣ ମଣିଷ ନୁହେଁ—ତା'ର ଶରୀର କ'ଣ ରକ୍ତ ମାଂସରେ ଗଢ଼ା ନୁହେଁ—ତା' ଭିତରେ କ'ଣ କାମନା-ବାସନା ଲୋପ ପାଇଯାଇଛି ରାଜାଙ୍କ ଇଚ୍ଛାରେ ? ଆପଣ ଜ୍ଞାନୀ, ବିଚାରବନ୍ତ ପୁରୋହିତ । ଆପଣ କ'ଣ ଭାବନ୍ତି ?

Digitized by srujanika@gmail.com

ପ୍ରବଳ ପରାକ୍ରମୀ ରାଜା ନରସିଂହ ସ୍ତବ୍ଧ, ଚକିତ, ମର୍ମାହତ । ସତକଥା—ସେ ତ ଭାବିଥିଲେ ଶିଳ୍ପୀ ହେଉଛି କେବଳ ଶିଳ୍ପୀ, ସ୍ରଷ୍ଟା । ଶିଳ୍ପକଳା ହିଁ ତା'ର ପ୍ରାଣ । ସୃଷ୍ଟି ଓ ସର୍ଜନାହିଁ ତା'ର ଐକାନ୍ତିକ କାମନା ଓ ବାସନା । ଶିଳ୍ପୀ ମଧ୍ୟ ମଣିଷ ହେଇପାରେ—ସାଧାରଣ ମଣିଷର କାମନା, ବାସନା, ଦେହଭୋଗ ତା'ର ଥାଇପାରେ; ଏକଥା ତ ସେ ଦିନେହେଲେ ଚିନ୍ତା କରିନାହାନ୍ତି । ଜଗନ୍ନାଥଙ୍କର ସେବକ ବୋଲାଇ ଜଗନ୍ନାଥଙ୍କ ନିର୍ଦ୍ଦେଶ ପ୍ରଚାର କରି ଧର୍ମପ୍ରାଣ ଉତ୍କଳୀୟ ପାଇକସେନାକୁ ସେ ପଠାଇଛନ୍ତି ଯୁଦ୍ଧକ୍ଷେତ୍ରକୁ, ଯୁବକ ଭାସ୍କରକୁ ପଠାଇଛନ୍ତି ଅର୍କକ୍ଷେତ୍ରକୁ, ଦେଶପାଇଁ, ଜାତି ପାଇଁ, ସଂସ୍କୃତି ପାଇଁ ପ୍ରାଣୋତ୍ସର୍ଗ କରିବାକୁ । କିନ୍ତୁ ସେ ନିଜେ ପତ୍ନୀ ପୁତ୍ରର ସଂସାର ସୁଖରେ ବୁଡ଼ି ରହିଛନ୍ତି । ଏଇ ଗ୍ରାମ୍ୟ ବଧୂଟି ବୟସରେ ବାଳିକା ହେଲେ ମଧ୍ୟ ତାଙ୍କର ଜ୍ଞାନଚକ୍ଷୁ ଖୋଲି ଦେଇଛି । ଏଇ ବାଳିକାଟି ଆଜିଠାରୁ ତାଙ୍କର ମହାନ ଗୁରୁ, ତାଙ୍କର ଜ୍ଞାନଦାତ୍ରୀ—ତାଙ୍କର ପଥପ୍ରଦର୍ଶିକା—ତାଙ୍କର ଶକ୍ତିଦାତ୍ରୀ ।

କ୍ଷଣକ ପୂର୍ବର ସରଳା ଝିଅଟି ଶକ୍ତିମୟୀ ଦେବୀ ଦୁର୍ଗାଙ୍କ ଭଳି ମହିମାମୟୀ ହେଇଉଠିଲା ମହାରାଜାଙ୍କ ଦୃଷ୍ଟି ସାମ୍ନାରେ । ଆଣ୍ଠୁମାଡ଼ି ଭୂଇଁରେ ପ୍ରଣତ ହେଲେ ମହାରାଜ । କହିଲେ—ପ୍ରଣାମ ଗ୍ରହଣ କର ଦେବୀ । ବାଳିକା ହେଲେ ମଧ୍ୟ ତମେ ବିଚକ୍ଷଣା । ତମର କ୍ଷୋଭ ମୁଁ ଜଗନ୍ନାଥଙ୍କୁ ଜଣାଇବି । ଜଗନ୍ନାଥ ମହାରାଜାଙ୍କୁ ଯେଉଁ ନିର୍ଦ୍ଦେଶ ଦେବେ ତାହା ସେ ନିଶ୍ଚୟ ପାଳିବେ ।

କିଶୋରୀ ଚମକି ଉଠିଲା । ଘୁଞ୍ଚିଗଲା ପଛକୁ । ନମ୍ର କରୁଣ କଣ୍ଠରେ କହିଲା—ମୋର ଦୋଷ ମାର୍ଜନା କରିବେ ପୁରୋହିତ ମହାଶୟ । ମହାରାଜାଙ୍କ ପ୍ରତି ମୋର କିଛି ଅଭିଯୋଗ ନାହିଁ । ମୁଁ ତାଙ୍କର ଯଶ ଖ୍ୟାତି ଶୁଣି ମୁଗ୍ଧ ହେଇଛି । ବାରଶହ ଶିଳ୍ପୀପ୍ରିୟାଙ୍କର ବିରହ ବେଦନା, ଲାଞ୍ଛନା, ନିର୍ଯ୍ୟାତନା ମୁଁ ମର୍ମେ ମର୍ମେ ଅନୁଭବ କରେ । ସେତିକି କେବଳ ପ୍ରକାଶ କରିଦେଇଛି ଆପଣଙ୍କର ସହୃଦୟତା ଦେଖି । ଜଗନ୍ନାଥଙ୍କ ଶ୍ରୀଛାମୁରେ ଆପଣ ରାଜାଙ୍କର ସ୍ୱାସ୍ଥ୍ୟ, ସମ୍ପଦ, ସୁଖ, ସୁଖ୍ୟାତି ଏବଂ ଦୀର୍ଘ ଜୀବନ କାମନା କରିବେ । ତା'ସହ ମୋ ସ୍ୱାମୀଙ୍କର ଯଶ ଖ୍ୟାତି, ଦୀର୍ଘଜୀବନ, ନିଷ୍ଠା ଓ ସାଧନ ଏବଂ କୋଣାର୍କ ମନ୍ଦିରର ସମ୍ପୂର୍ଣ୍ଣତା ଭିକ୍ଷା କରିବେ । ପ୍ରତିଦିନ ମୁଁ ମଧ୍ୟ ଜଗନ୍ନାଥଙ୍କୁ ସେତିକି ମାଗେ । କିଶୋରୀର କଣ୍ଠସ୍ୱର ଆର୍ଦ୍ର ହେଇଉଠିଲା । ସେ ପୁଣି କହିଲା—ଯେତେ ଶୀଘ୍ର କୋଣାର୍କ ଶେଷ ହେବ ସେତେ ଶୀଘ୍ର ଫେରିଆସିବେ ମୋର ସ୍ୱାମୀ । ଆଉ କୋଣାର୍କ ଯଦି ଶେଷ ନହୁଏ—ସେ ତ ଆଉ ଫେରିବେ ନାହିଁ—

ମହାରାଜ ଭାବବିହ୍ୱଳ କଣ୍ଠରେ କହିଲେ—ତମ ସ୍ୱାମୀଙ୍କର ସର୍ବଶୁଭ ମୁଁ କାମନା କରିବି ଦେବୀ, ତାଙ୍କର ନାମ କ'ଣ ?

Digitized by srujanika@gmail.com

—ସ୍ୱାମୀଙ୍କର ନାମ କହିବି କିପରି ? ମୋର ନାମ ଚନ୍ଦ୍ରଭାଗା । ଆମ ଗ୍ରାମ ଶେଷରେ ପଦ୍ମ ସରୋବର ଅଛି । ପଦ୍ମଫୁଲରେ ମୋ ସ୍ୱାମୀଙ୍କର ଭାରି ଶ୍ରଦ୍ଧା । ମୋ ପାଇଁ ସେ ରଖିଯାଇଛନ୍ତି ପାଷାଣର ପଦ୍ମଫୁଲଟିଏ । ହୃଦୟକୁ ପଥର କରି—ପଦ୍ମଫୁଲର ନିଷ୍ଠା ନେଇ ମୁଁ ତାଙ୍କୁ ଚାହିଁରହିଛି । ପାରିବେ ଯଦି ତାଙ୍କୁ ଏତିକି ଜଣାଇବେ । ଚନ୍ଦ୍ରଭାଗା ଦୀର୍ଘଶ୍ୱାସ ଛାଡ଼ିଲା ।

''ଦେବୀ ଚନ୍ଦ୍ରଭାଗା—ପାଷାଣର ଧୈର୍ଯ୍ୟ ନେଇ ସୁଖରେ ଥାଅ—ଜଗନ୍ନାଥ ତମର ମଙ୍ଗଳ କରନ୍ତୁ । ମୁଁ ପୁଣି ଆସିବି । ଗ୍ରାମ ଗ୍ରାମାନ୍ତର ବୁଲିବା ମୋର ଏକ ଅଭ୍ୟାସ । ପ୍ରଣାମ ଦେବୀ । ବିଦାୟ ।'' ରାଜା ନରସିଂହ ମଣିଷର ସ୍ତରକୁ ଓହ୍ଲାଇ ଯାଇ ମଣିଷର ଦୁଃଖାନୁଭୂତିକୁ ହୃଦୟରେ ସଞ୍ଚୟ କରି ଉଆସକୁ ଫେରିଆସିଥିଲେ ।

ରୂପସୀ ରାଣୀ ସୀତାଦେବୀ ଜାଗର ଜାଣି ବୀର ନରସିଂହଙ୍କର ପ୍ରତୀକ୍ଷା କରୁଥିଲେ । ତୁଳୀତଳ୍ପ ଶଯ୍ୟାରେ ଫୁଲ ପାଖୁଡ଼ା ରାଣୀଙ୍କ ସୌନ୍ଦର୍ଯ୍ୟ ପାଖରେ ମଉଳି ଆସୁଥିଲା ରାତ୍ରୀ ଶେଷରେ ଫିକାଚନ୍ଦ୍ର ପରି । ରାଜାଙ୍କ ପଦବନ୍ଦନା କରି ଅନ୍ତପୁରକୁ ଆମନ୍ତ୍ରଣ କଲେ ମହାରାଣୀ । ରାଜାଙ୍କୁ ଚିନ୍ତିତ ଦେଖି ପ୍ରଶ୍ନ କଲେ—ରାଜ୍ୟର ସବୁ ମଙ୍ଗଳ ତ ମହାରାଜ ?

—ଜଗନ୍ନାଥଙ୍କ କୃପାରୁ ସବୁ ମଙ୍ଗଳ । ପ୍ରଜାଗଣ ସର୍ବ ଶୁଭରେ ଅଛନ୍ତି । ମହାରାଜ ଗମ୍ଭୀର କଣ୍ଠରେ ଉତ୍ତର ଦେଲେ ।

ମହାରାଣୀ କୋମଳ କଣ୍ଠରେ ଗୁଞ୍ଜରି ଉଠିଲେ—ତେବେ ମହାରାଜ ଚିନ୍ତିତ କାହିଁକି ?

—ଅନେକ ବେଳରୁ ତମେ ଅପେକ୍ଷମାଣ । ମୋର ବିଳମ୍ବ ପାଇଁ କ୍ଷମା ଚାହୁଁଚି । ମହାରାଜ ଉତ୍ତର ଦେଲେ ।

ମହାରାଣୀ କୁଣ୍ଠିତ କଣ୍ଠରେ ଉତ୍ତର ଦେଲେ—ଆପଣଙ୍କ ପାଇଁ ସାରାଜୀବନ ଅପେକ୍ଷା କରି ବସିଲେ ବି କ୍ଲାନ୍ତି ଆସେନାହିଁ ମହାରାଜ । ଆପଣ ତ ଏକା ମୋର ପ୍ରଭୁ ନୁହନ୍ତି, ଏ ରାଜ୍ୟ ପାଳକ ଆପଣ । ଆପଣଙ୍କଠାରେ ମୋର ପ୍ରୟୋଜନ ଯେତିକି, ଏ ରାଜ୍ୟର ପ୍ରତ୍ୟେକ ପ୍ରଜାର ପ୍ରୟୋଜନ ତା'ଠାରୁ କିଛି କମ୍ ନୁହେଁ ।

''ମହାରାଣୀ, ତମକୁ ପାଇ ମୁଁ ଧନ୍ୟ ହେଇଛି ।''

''ଲଜ୍ଜା ଦିଅନ୍ତୁ ନାହିଁ ମହାରାଜ । ଉତ୍କଳର ମହାରାଣୀ ହେଇ ମୋର ଜୀବନ ପୂର୍ଣ୍ଣ ହେଇଯାଇଛି ।''

Digitized by srujanika@gmail.com

''ମୋ ଜୀବନ କିନ୍ତୁ ଏବେ ବି ଅପୂର୍ଣ୍ଣ । କୋଣାର୍କ ପୂର୍ଣ୍ଣାଙ୍ଗ ନ ହେଲେ—ମୋ ଜୀବନର ପୂର୍ଣ୍ଣତା ନାହିଁ । ମୁଁ ଅପୂର୍ଣ୍ଣ ହେଲେ ତମେ ସମ୍ପୂର୍ଣ୍ଣ ହେବ କିପରି ?'' ରାଜା ତୀର୍ଯ୍ୟକ୍ ପ୍ରଶ୍ନ କଲେ ।

ରାଣୀ ଦୃଢ଼କଣ୍ଠରେ କହିଲେ—''କୋଣାର୍କର ପୂର୍ଣ୍ଣତା ପାଇଁ ମୁଁ କିଛି କରି ପାରେ ? ତେବେ ନିଜକୁ ଧନ୍ୟ ମନେକରିବି ।''

ମହାରାଜ କୃତଜ୍ଞ କଣ୍ଠରେ କହିଲେ—ତମେ ନିଜେ ଖରା କାକରରେ ବୁଲି ବୁଲି ଶିଳ୍ପୀମାନଙ୍କର କାର୍ଯ୍ୟ ତଦାରଖ କରୁଛ, ସେମାନଙ୍କର ସୁବିଧା ଅସୁବିଧା ବୁଝୁଛ । କୋଣାର୍କ କିନ୍ତୁ ଆଉରି କିଛି ଚାହେଁ—

''ଆଦେଶ କରନ୍ତୁ ମହାରାଜ ।'' ରାଣୀ କୃତାଞ୍ଜଳୀ ପୁଟରେ ଭିକ୍ଷାକଲେ ।

''ମତେ ସ୍ୱପ୍ନାଦେଶ ହେଇଛି—କୋଣାର୍କ ପୂର୍ଣ୍ଣ ହେବା ନଯାଏ ବ୍ରତ ପାଳନ କରିବାକୁ ହେବ ।'' ରାଜା କହିଲେ ।

''କି ବ୍ରତ ମହାରାଜ ? ଆଦେଶ କରନ୍ତୁ । ପୁରୋହିତଙ୍କୁ ଡକାଇ ଯଜ୍ଞ ପୂଜା, ହୋମ ଇତ୍ୟାଦିର ବ୍ୟବସ୍ଥା କରିବି ।''

ମହାରାଜ ସ୍ଥିର ଶୀତଳ କଣ୍ଠରେ କହିଲେ—ଗାର୍ହସ୍ଥ୍ୟ ଜୀବନରେ ବାରବର୍ଷର ସନ୍ନ୍ୟାସ ବ୍ରତ ମୁଁ ତମଠାରୁ ଭିକ୍ଷା କରୁଛି ମହାରାଣୀ । ଶ୍ରୀକୃଷ୍ଣ ପୁତ୍ର ଶାମ୍ବ ବାରବର୍ଷ ବ୍ରହ୍ମଚର୍ଯ୍ୟ ପାଳନ କରି ସୂର୍ଯ୍ୟ ପୂଜା କରିଥିଲେ । ଅର୍କକ୍ଷେତ୍ର ସେଇଦିନଠାରୁ ଜିତେନ୍ଦ୍ରିୟ ପୀଠ । ମୁଁ ରାଜା—ବାରଶହ ଶିଳ୍ପୀଙ୍କର ମୁଁ ହେବି ଆଦର୍ଶ । ତା' ନହେଲେ କୋଣାର୍କ ଅପୂର୍ଣ୍ଣ ରହିଯିବ । ଗଙ୍ଗବଂଶର ଗୌରବମୟ ଇତିହାସ ପୃଷ୍ଠାରେ ଅପୂର୍ଣ୍ଣତାର କଳାଦାଗ ଅଙ୍କିତ ହେବ— ।

''କୋଣାର୍କ ପୂର୍ଣ୍ଣହେବ, ପୂର୍ଣ୍ଣହେବ ଆପଣଙ୍କ ବ୍ରତାଚାର । ବାରଶହ ଶିଳ୍ପୀ-ପ୍ରିୟାଙ୍କର ମର୍ମ ବେଦନାକୁ ହୃଦୟ ଭିତରେ ଅନୁଭବ କରିବାର ଗୌରବ ମୁଁ ଲାଭ କରିଛି । ସୂର୍ଯ୍ୟପୂଜା କରି ମୁଁ ଭାନୁଦେବଙ୍କୁ କୋଳରେ ଧରିଛି । ସୂର୍ଯ୍ୟ ମନ୍ଦିର ସମ୍ପୂର୍ଣ୍ଣ ହେଲେ ଭାନୁଦେବର ମଙ୍ଗଳ ହେବ । ଆପଣଙ୍କ କର୍ତ୍ତବ୍ୟ ପଥରେ ମୋ ଭଳି ସାମାନ୍ୟ ନାରୀର କାମନା, ବାସନା ଅନ୍ତରାୟ ସୃଷ୍ଟି ନକରୁ ।''

ମହାରାଣୀ ଗୋଟି ଗୋଟି କରି ଅଭିସାରିକାର ବେଶ ପାଲଟି ମହାରାଜାଙ୍କ ଆଖି ଆଗରେ ସନ୍ନ୍ୟାସିନୀ ବେଶରେ ଉଭାହେଲେ । ମହାରାଜାଙ୍କ ଆଖି ଆଗରେ ଉଦ୍‌ଭାସିତ ହେଇଉଠିଲା ଆଉ ଏକ ନିରାଭରଣ ସୌନ୍ଦର୍ଯ୍ୟର ଶିଖା । ସେ ବାଷ୍ପରୁଦ୍ଧ କଣ୍ଠରେ କହିଲେ—ପ୍ରଣାମ ଗ୍ରହଣ କର ଦେବୀ । ତମର ତ୍ୟାଗ, ନିଷ୍ଠା ଏବଂ ଏକାଗ୍ରତା ଶିଳ୍ପୀର ପ୍ରେରଣା ହେଉ ।

ମହାରାଜ ଧୀରେ ଧୀରେ ରାଣୀଙ୍କ ଶୟନ କକ୍ଷରୁ ଅପସରି ଗଲେ ।

Digitized by srujanika@gmail.com

ରାତିର ଅନ୍ଧକାର ଭିତରେ ଥରି ଥରି ଜଳୁଥିଲା ସ୍ତିମିତ ଦୀପଶିଖାଟିଏ । କିଏ ଜାଗର ଜାଳୁଛି ? କାହାପଥ ଚାହିଁ ବସିଛି ନୀରବ ନାରୀ ମୂର୍ତ୍ତୀଟିଏ ? ଜିତେନ୍ଦ୍ରିୟ କୋଣାର୍କର ନିର୍ମାଣ ପଥରେ କିଏ ଏଇ ରାତ୍ରିର ଅଭିସାରିକା ?

ମହାରାଜଙ୍କର ପାଦ ଦୁଇଟି ସ୍ଥିର ହେଇଗଲା ।

ଚନ୍ଦ୍ରାଲୋକରେ ଦୀପଟିଏ ଧରି ନିଶ୍ଚଳ ମୂର୍ତ୍ତି ଭଳି ଠିଆ ହେଇଛନ୍ତି ସଦ୍ୟପତିହରା ଭଗ୍ନୀ ଚନ୍ଦ୍ରାଦେବୀ । ବୀର ପରମାର୍ଦ୍ଦିଦେବଙ୍କର ଅମର ଆତ୍ମାକୁ ସେ କି ପ୍ରତିଶ୍ରୁତି ଦେଉଛନ୍ତି । ବୋଧହୁଏ ସନ୍ନ୍ୟାସିନୀ ଚନ୍ଦ୍ରାଦେବୀ କହୁଛନ୍ତି—ଯବନ ପରାଜିତ ହେବ । କୋଣାର୍କ ସମ୍ପୂର୍ଣ୍ଣ ହେବ । ଉତ୍କଳ ଯୁଗେ ଯୁଗେ ସ୍ୱାଧୀନତା ବଜାୟ ରଖିବ । କଳା ଏବଂ ସ୍ଥାପତ୍ୟ ଭିତରେ ତା'ର ବୀରସନ୍ତାନଙ୍କର କୀର୍ତ୍ତିକୁ ଅମ୍ଳାନ ଅକ୍ଷରରେ ଲେଖି ରଖିବ ।

ରାଜା ନରସିଂହ ସ୍ୱଗତୋକ୍ତି କଲେ—ପରମାର୍ଦ୍ଦିଦେବ ପରି ଅସଂଖ୍ୟ ବୀର ଶହୀଦଙ୍କର ସମର ନୈପୁଣ୍ୟ, ବୀରତ୍ୱ, ସୌର୍ଯ୍ୟ ଏବଂ ବିଜୟର ଗାଥା କୋଣାର୍କ ଶିଳାଖଣ୍ଡରେ ଖୋଦିତ ହେଇ କାଳ କାଳକୁ ସେମାନଙ୍କର ଜୟଗାନ କରିବ । ଭଉଣୀ ଚନ୍ଦ୍ରା ! କୋଣାର୍କ ହେବ ସେଇମାନଙ୍କର ଆତ୍ମୋତ୍ସର୍ଗ ଏବଂ ବିଜୟର ସ୍ମୃତିସୌଧ—ସୌର୍ଯ୍ୟ ଏବଂ ଶକ୍ତିର ଉତ୍ସ ସୂର୍ଯ୍ୟଙ୍କର ବାସସ୍ଥଳୀ ।

''ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ ଏଇ ଦେଶ । ଅଦ୍ଭୁତ ତା'ର କାହାଣୀ ଏବଂ କିମ୍ବଦନ୍ତୀ । ମହାନ୍ ତା'ର ଐତିହ୍ୟ ଏବଂ ପରମ୍ପରା । ବିସ୍ମୟକର ତା'ର ଇତିହାସ !'' ଚାର୍ଲସ ସ୍ୱଗତୋକ୍ତି କରୁଥିଲା ।

ପ୍ରାଚୀପ୍ରଭା ସନ୍ନ୍ୟାସିନୀ ଭଳି ଧ୍ୟାନମଗ୍ନ ହେଇ ବସିଥିଲା ବୀର ନରସିଂହଙ୍କର ମହାନ୍ ବ୍ୟକ୍ତିତ୍ୱ ପାଖରେ ନତମସ୍ତକ ହେଇ ।

ଚାର୍ଲସ ମୃଦୁ ସ୍ୱରରେ ଅଭିଯୋଗ ବାଢୁଥିଲା—ରାଜା ହେଇ, ସାମାନ୍ୟ ଏକ ବାଳିକାର କଥାରେ ସୁନ୍ଦରୀ ରାଜାରାଣୀଙ୍କ ପାଖେ ପାଖେ ରହି ଗାର୍ହସ୍ଥ୍ୟ ଜୀବନର ବାରବର୍ଷର ସନ୍ନ୍ୟାସବ୍ରତ ପାଳନ କରିବା ନିର୍ବୋଧତା । ଏସବୁ ମତେ ଅସମ୍ଭବ ମନେ ହେଉଛି ।

ପ୍ରାଚୀପ୍ରଭା ଶାନ୍ତ ସ୍ୱରରେ କହିଲା—ରାମାୟଣ ପଢ଼ିଛ ଚାର୍ଲସ ? ପ୍ରଭୁ ରାମଚନ୍ଦ୍ରଙ୍କର ପ୍ରଜାନୁରାଗ ବୁଝିଛ ? ସାମାନ୍ୟ ଜଣେ ପ୍ରଜା, ଜଣେ ରଜକର କଥାକୁ ସମ୍ମାନ ଦେଇ ରାମଚନ୍ଦ୍ର ସତୀ ସୀତାଙ୍କୁ ନିର୍ବାସନ ଦଣ୍ଡ ଦେଇଥିଲେ । ସର୍ବ ସମକ୍ଷରେ ସୀତାଙ୍କୁ ନିଜ ସତୀତ୍ୱ ସମ୍ବନ୍ଧରେ ସଫେଇ ଦେବାପାଇଁ ଅଗ୍ନି ପରୀକ୍ଷା ଦେବାକୁ ହୋଇଥିଲା । ପ୍ରଭୁ ଅନ୍ତର୍ଯ୍ୟାମୀ କ'ଣ ଜାଣିନଥିଲେ ସୀତା ସତୀ ନା ଅସତୀ ? କିନ୍ତୁ ପ୍ରଭୁଙ୍କ ରାମରାଜ୍ୟରେ ପ୍ରତ୍ୟେକ ପ୍ରଜାର ମତାମତକୁ ସମ୍ମାନ ଦେବାର ଏ ହେଉଛି ଏକ ଚରମ ଦୃଷ୍ଟାନ୍ତ । ଭାରତୀୟ ଶାସନ ପଦ୍ଧତିର

Digitized by srujanika@gmail.com

ପରମ୍ପରାରେ ଗଣତନ୍ତ୍ର ଏବଂ ସାମ୍ୟବାଦର ସ୍ୱର ଅନାଦି କାଳରୁ ଝଂକୃତ ହେଉଛି । ରାଜା ନରସିଂହ ଯଦି ଜଣେ ଶିଳ୍ପୀପ୍ରିୟାର କଥାକୁ ସମ୍ମାନ ଦେଇ ବାରବର୍ଷ ସନ୍ନ୍ୟାସ ବ୍ରତ ଗ୍ରହଣ କରିଥିବେ—ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

କୋଣାର୍କ ନିତ୍ୟ ନୂତନ ।

ଯେତେ ଦେଖିଲେ କୋଣାର୍କ ନୂଆ ଭଳି ଦିଶେ । କୋଣାର୍କର ପ୍ରତ୍ୟେକଟି ଦୃଶ୍ୟ ସେହିଦିନ ପୁନର୍ବାର ଦେଖୁ ଦେଖୁ ଚାର୍ଲସ ବଡ଼ଦେଉଳର ଭଗ୍ନ ପାଷାଣଖଣ୍ଡମାନଙ୍କରେ ଲମ୍ବା ଲମ୍ବା ପାଦ ପକାଇ ଦକ୍ଷ ପର୍ବତାରୋହଣକାରୀ ଭଳି ପଶ୍ଚିମପାର୍ଶ୍ୱକୁ ଓହ୍ଲାଇ ଗଲାଣି । ପଛରେ ପଡ଼ିଯାଇଛି ପ୍ରାଚୀ । ଶାଢ଼ୀ ପିନ୍ଧି ମନ୍ଦିର ଉପରକୁ ଚଢ଼ିବା ଏବଂ ଓହ୍ଲାଇବା ଏତେ ସହଜ ନୁହେଁ । ପ୍ରାଚୀ ଅତି ସାବଧାନତା ସହକାରେ ଦୁଇଟି ପାବଚ୍ଛଶ୍ରେଣୀ ଚଢ଼ି ଉତ୍ତର ପାର୍ଶ୍ୱ ସୂର୍ଯ୍ୟମୂର୍ତ୍ତିଙ୍କ ପାଖରେ ପହଞ୍ଚିଛି । ଏଥର ସେ ପଶ୍ଚିମ ପାର୍ଶ୍ୱକୁ ଓହ୍ଲାଇ ଗଲେ ଚାର୍ଲସ ପାଖରେ ପହଞ୍ଚିଯିବ । ଟଳ ଟଳ ପାଦରେ ପ୍ରାଚୀ ଭଗ୍ନ ପ୍ରସ୍ତର ଖଣ୍ଡରେ ପାଦରଖି ଓହ୍ଲାଉଛି ।

ଚାର୍ଲସ ତଳେ ଥାଇ ପ୍ରାଚୀକୁ ଅପେକ୍ଷା କରିଛି । ପ୍ରାଚୀକୁ ସାହାଯ୍ୟ କରିବା ପାଇଁ ଚାର୍ଲସ ଅନାୟାସରେ ହାତ ବଢ଼ାଇଦେଲା ।

ପ୍ରାଚୀ ବୋଧହୁଏ କାହାର ସାହାଯ୍ୟ ଲୋଡୁଥିଲା । କିନ୍ତି ନଉବି ସେ ଚାର୍ଲସର ସାହାଯ୍ୟ ନେବାପାଇଁ ହାତ ବଢ଼ାଇଦେଲା । ପ୍ରାଚୀ ଏବଂ ଚାର୍ଲସ ଦୁଇ ପ୍ରସାରିତ ହାତ ଭିତରେ ବ୍ୟବଧାନ ଖୁବ୍ ଅଳ୍ପ । ପ୍ରାଚୀ ଅଳ୍ପ ନଇଁପଡ଼ିଲେ ଚାର୍ଲସର ହାତକୁ ସ୍ପର୍ଶ କରିବା କିମ୍ବା ଚାର୍ଲସ ଗୋଡ଼ ଟେକି ଅଳ୍ପ ଝୁଙ୍କି ଆସିଲେ ପ୍ରାଚୀ ହାତକୁ ଧରିନେବ । ପଦ୍ମନାଡ଼ ପରି ଚାର୍ଲସର ଦୀର୍ଘ ଉଜ୍ଜ୍ୱଳ ହାତ । ପଦ୍ମପାଖୁଡ଼ା ପରି ତା'ର ଗୋଲାପୀ କରତଳ । ପ୍ରାଚୀର ସୁଠାମ ସୁଗୋଲ ହାତଟି ଚାର୍ଲସର ହାତ ପାଖରେ ଅନଜ୍ଜଳ ଦିଶୁଥିଲେ ବି ମଧୁର ତା'ର ରଙ୍ଗ । ପ୍ରାଚୀ ମୁଗ୍ଧ ହେଇ ଚାର୍ଲସ ଦୀର୍ଘ ହାତଟିକୁ ମନେ ମନେ ତାରିଫ୍ କରୁଥାଏ । ସେ ଲକ୍ଷ୍ୟକଲା ଚାର୍ଲସର ହାତ ଅଳ୍ପ ଅଳ୍ପ ସ୍ପନ୍ଦିତ ହେଉଛି । ପ୍ରାଚୀ ଭିତରେ ମୃଦୁ ଆଘାତର ସ୍ପର୍ଶ ଲାଗିଲା । ଯୁଗାନ୍ତର ସଂସ୍କାରର କୁଣ୍ଠା ତା'ର ପ୍ରସାରିତ ହାତଟିକୁ ତା' ଅଞ୍ଜଳି ଭିତରକୁ ଫେରାଇ ଦେଲା । ସେ ଦୁଇହାତରେ ଭରାଦେଇ ତଳକୁ ଓହ୍ଲାଇ ଯାଉ ଯାଉ ହସିଦେଇ କହିଲା—ଦେଖ, ମୁଁ କେମିତି ତମର ସାହାଯ୍ୟ ବିନା ଏକା ଏକା ଓହ୍ଲାଇପାରେ । ସବୁ କଥାରେ ଝିଅମାନଙ୍କୁ ଦୁର୍ବଳ ମନେ କରିବା ଠିକ୍ ନୁହେଁ । ଚାର୍ଲସ ନିଜର ସ୍ପନ୍ଦିତ ପ୍ରସାରିତ ହାତଟିକୁ ଆସ୍ତେ ଫେରାଇ ନେଲା—ଯେମିତିକି ହାତଟା ଫେରିବାପାଇଁ ଅନିଚ୍ଛୁକ । ସେ ପ୍ରାଚୀକୁ ସାମ୍ନା କରି ଜେରା କଲା—ମୋ ହାତ ଧରି ଓହ୍ଲାଇବାରେ କ୍ଷତି କ'ଣ ? ଏ ମଧ୍ୟ ତମ ଦେଶର ଶାସ୍ତ୍ର ବିରୋଧୀ ଆଚରଣ ନା କ'ଣ ?

Digitized by srujanika@gmail.com

ପ୍ରାଚୀ ଆଖେଇ ଯାଉ ଯାଉ କହିଲା—ନିଶ୍ଚୟ, ଝିଅମାନଙ୍କର ଦକ୍ଷିଣ ହସ୍ତଟି ଜଣକ ପାଇଁ ସଂରକ୍ଷିତ । ତାକୁ ଧରିବାର ଅଧିକାର ଆଉ କାହାର ନାହିଁ ।

—ସେଦିନ ତମେ ଦକ୍ଷିଣ ହସ୍ତରେ ମୋ ହାତଧରି ମତେ ଟାଣି ନେଇଥିଲ ବିପଦ ମୁହଁରୁ । ମନେ ଅଛି ? ଚାର୍ଲସ ପ୍ରାଚୀକୁ ମନେ ପକାଇଦେଲା ।

ପ୍ରାଚୀ ଗମ୍ଭୀର କଣ୍ଠରେ କହିଲା—ସେ ଈଶ୍ୱରଙ୍କର ହାତ ଥିଲା । ମୋ ହାତ ନୁହେଁ । ଈଶ୍ୱରଙ୍କର ହାତ ହିଁ ମଣିଷକୁ ରକ୍ଷା କରେ ।

ଚାର୍ଲସ କ୍ଷୁଣ୍ଣ ହେଇଛି । ସେ ଗମ୍ଭୀର କଣ୍ଠରେ କହିଲା—ମୋ ଭିତରେ ବି ଆତ୍ମା ଅଛି—ଈଶ୍ୱର ଅଛନ୍ତି । ମୋର ହାତ ମଧ୍ୟ ଈଶ୍ୱରଙ୍କର ହାତ ।

''ତମ ଭିତରେ ଥିବା ଈଶ୍ୱରଙ୍କୁ ଭାରତୀୟ ସଂସ୍କୃତିର ନୀତି ନିୟମ ଜଣା ନାହିଁ । ତେଣୁ ଯେତେ ସବୁ ଗଣ୍ଡଗୋଳ ।'' ପ୍ରାଚୀ ହସି ହସି ଉତ୍ତର ପାର୍ଶ୍ୱକୁ ଓହ୍ଲାଇ ଗଲା । ପଛେ ପଛେ ଚାର୍ଲସ । ଚାର୍ଲସ ଭାବିଲା ପ୍ରାଚୀ ଖୁବ୍ ଆଗୁଆ । ଚାର୍ଲସ ଆଗେଇବ ନା ପଛକୁ ପାଦ ଫେରେଇବ ?

—୩।୦—

''ଶିଳ୍ପୀ !''

''କୁହ ଶିଳ୍ପୀ !''

''ଆଜି ଆପଣଙ୍କର ନିହାଣ ସ୍ଥିର କାହିଁକି ? ଅନେକକ୍ଷଣ ଧରି ମୁଁ ନୃତ୍ୟଭଙ୍ଗୀରେ ଅବସ୍ଥାନ କରିଛି ।''

କମଳ ମହାରଣା ଦୃଷ୍ଟି ତୋଳି ଚାହିଁଲା । ସମ୍ମୁଖରେ ବିଦ୍ୟୁତ ତରଙ୍ଗଟିଏ ମେଘଭର୍ତ୍ତି ଆକାଶ ବୁକୁରେ ଯେମିତି ସ୍ଥିର ହେଇଯାଇଛି । ରାତିର ଅନ୍ଧାରରେ ଶିଳ୍ପୀ ନୃତ୍ୟଭଙ୍ଗୀର ବିଶିଷ୍ଟ ମୁଦ୍ରାରେ ଶିଳ୍ପୀର ପ୍ରତିରୂପ ହୋଇ ସ୍ଥିର ହେଇରହିଛି । ପ୍ରତି ରାତ୍ରିରେ ଶିଳ୍ପୀ କମଳ ମହାରଣାର ପ୍ରତିରୂପ ହେଇ ଠିଆ ହେଇଛି । କମଳ ମହାରଣା ଆଙ୍କିଛି ଅଗଣିତ ନୃତ୍ୟ ସଙ୍ଗୀତମୟୀ ଅପସରାଙ୍କୁ—ପାଷାଣର ପ୍ରଚ୍ଛଦପଟରେ । ଶିଳ୍ପୀକୁ ସମ୍ମୁଖରେ ରଖି କମଳ ମହାରଣା ଜୀବନ ଚିତ୍ର ଲେଖିଯାଇଛି ପଥରର ପୋଥିରେ । ନାରୀର ବିଭିନ୍ନ ରୂପ, ଢଙ୍ଗ, ବେଶଭୂଷା, ରନ୍ଧନ, ସ୍ୱାମୀସହ ଜୀବନର ବୋଝକୁ ବୋହି ପାଦ ଚାଲିବା, ଶିଶୁକୁ ସ୍ତନ୍ୟପାନ କରାଇବା, ବେଣୀ ବନ୍ଧନ, କେଶ ବିନ୍ୟାସ, ପ୍ରସାଧନ, ଦେବପୂଜା ଇତ୍ୟାଦି ଜୀବନର ଦୈନନ୍ଦିନ କାର୍ଯ୍ୟ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁକିଛି ଚିତ୍ରିତ ହେଇଛି ଶିଳ୍ପୀର କଳାଚାତୁରୀରେ—ଶିଳ୍ପୀର ସହଯୋଗିତାରେ ।

Digitized by srujanika@gmail.com

କିନ୍ତୁ ଆଜି କମଳ ମହାରଣାର ଦୃଷ୍ଟି ଉଦାସ, ମୁଖ ବିଷଣ୍ଣ ନିହାଣ ସ୍ଥିର ।

—କ'ଣ ହେଇଛି ? ଆଜି କେଉଁ ବେଶରେ, କେଉଁ ଭଙ୍ଗୀରେ ଅବସ୍ଥାନ କରିବାକୁ ହେବ ? ଆଜିପାଇଁ କିଛି ନିର୍ଦ୍ଦେଶ ନାହିଁ । ଶିଳ୍ପୀ କ'ଣ ଫେରିଯିବ ? କିନ୍ତୁ କୋଣାର୍କ ଯେ ସମ୍ପୂର୍ଣ୍ଣ ହୋଇନାହିଁ—ଆଦେଶ କରନ୍ତୁ ଶିଳ୍ପୀ । ଶିଳ୍ପୀ ଆଖିରେ ବିନତି ।

କମଳ ମହାରଣା ଉଦାସ ସ୍ୱରରେ କହିଲା—ଗତ ରାତିରେ ଶିଳ୍ପୀ ନୀଳ ମହାରଣାର କୃଷ୍ଣପ୍ରାପ୍ତି ହୋଇଛି । ତା'ର ସ୍ଥାନ ପୂର୍ଣ୍ଣ କରିଛି ଭକ୍ତ ମହାରଣା । ତା' ହାତଗଢ଼ା ଅସମ୍ପୂର୍ଣ୍ଣ ମୂର୍ତ୍ତି ଭକ୍ତ ମହାରଣା ସମ୍ପୂର୍ଣ୍ଣ କରିଛି

ଶିଳ୍ପୀ ସ୍ଥିର କଣ୍ଠରେ କହିଲା—ଏ ତ ଜୀବନର ଧର୍ମ ! କାହାପାଇଁ କିଛି ଅପୂର୍ଣ୍ଣ ରହେନା । କୋଣାର୍କ ସମ୍ପୂର୍ଣ୍ଣ ହେବ ।

କମଳ ମହାରଣା ଦୀର୍ଘଶ୍ୱାସ ଛାଡ଼ିଲା । ସଜାଡ ସ୍ୱରରେ କହିଲା—କୋଣାର୍କ ସମ୍ପୂର୍ଣ୍ଣ ହେବ । ନୀଳ ମହାରଣାର କାର୍ଯ୍ୟ ଭକ୍ତ ମହାରଣା ସମ୍ପୂର୍ଣ୍ଣ କରିବ । କୃଷ୍ଣ ମହାଉଣା ଗଲେ ଶିବ ମହାରଣା ଆସିବ । ମାତ୍ର ଅପୂର୍ଣ୍ଣ ରହିଯିବ ନୀଳ ମହାରଣାର ଅନେକ କାମନା-ବାସନା, ଆଶା-ଅଭିଳାଷ । ନୀଳ ମହାରଣାର ସକାଳ ମୃତ୍ୟୁ ହେଇ ନଥିଲେ ସେ ଫେରିଯାଇ ବିବାହ କରିଥାନ୍ତା । ତା'ର ବାକ୍‌ଦତ୍ତା ପ୍ରତୀକ୍ଷାର ଦିନ ଗଣୁଥିବ ।

—ମୁଁ ଦୁଃଖିତ । ରାଜବୈଦ୍ୟଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ନୀଳ ମହାରଣା ବାହୁଡ଼ି ଗଲେ । ତାଙ୍କ ଆତ୍ମାର ସଦ୍‌ଗତି ହେଉ । ଶିଳ୍ପୀ ଆଖିବୁଜି ନୀରବ ପ୍ରାର୍ଥନା କଲା ।

କମଳ ମହାରଣା ମ୍ଳାନ ହସିଲା । କହିଲା—ଶିଳ୍ପୀ, ଅତୃପ୍ତ ଆତ୍ମାର ସଦ୍‌ଗତି ହୁଏନା । ନୀଳ ମହାରଣାର ଅମୋକ୍ଷ ଆତ୍ମା କାମନା ପ୍ରବୃତ୍ତ ହେଇ ପୂର୍ବଜନ୍ମର କାମନା ପୂରଣ ପାଇଁ ଅଶରୀର ରୂପରେ ମହାଶୂନ୍ୟରେ ଘୂରି ବୁଲିବ । କିଏ ଜାଣେ ବାରବର୍ଷ ଭିତରେ ବାରଶହ ଶିଳ୍ପୀଙ୍କ ଭିତରୁ କେତେଜଣ ବାହୁଡ଼ି ନଯିବେ ବୋଲି ! ହୁଏତ କମଳ ମହାରଣା ବି ଅତୃପ୍ତ କାମନା ନେଇ ଯେକୌଣସି ଦିନ ବାହୁଡ଼ି ଯାଇପାରେ ଏବଂ ତମେ ତା ଆତ୍ମାର ସଦ୍‌ଗତି କାମନା କରି ଆଉଥରେ ନୀରବ ପ୍ରାର୍ଥନା କରିବ ।

ଶିଳ୍ପୀ ସ୍ଥିର ଚିତ୍ତରେ କହିଲା—ନୀଳ ମହାରଣା ଜଣେ ଶିଳ୍ପୀ । କୋଣାର୍କ ସମ୍ପୂର୍ଣ୍ଣ ହେଲେ ତାଙ୍କର ଆତ୍ମା ମୋକ୍ଷ ହୋଇଯିବ ।

ମ୍ଳାନ ହସି କମଳ ମହାରଣା କହିଲା—ଶିଳ୍ପୀ ! ଶିଳ୍ପୀ ଜଣେ ରକ୍ତ ମାଂସଧାରୀ ମଣିଷ । ଆହାର, ତୃଷ୍ଣା, ନିଦ୍ରାଭଳି ମୈଥୁନ ମଧ୍ୟ ତା' ଜୀବନର ଏକ ସାଧାରଣ ଆବଶ୍ୟକତା । ନୀଳ ମହାରଣା ବାରବର୍ଷ ପାଇଁ ବ୍ରହ୍ମଚର୍ଯ୍ୟ ପାଳନ କରିବାର ଶପଥ ନେଇଥିଲା । କିନ୍ତୁ ସେ ତ ସନ୍ନ୍ୟାସୀ ନଥିଲା । ତା'ର ଅବଦମିତ କାମନା ବାସନାର ବିନାଶ ହେବ କେମିତି ? ପଥରରେ ପଦ୍ମ ଫୁଟାଉଥିବା ଶିଳ୍ପୀ ତ ପଥର ନୁହେଁ—

Digitized by srujanika@gmail.com

ଅନ୍ଧାର ଭିତରେ ନିଷ୍ପଳ ଦୀପଶିଖା ଭଳି ସ୍ଥିର ନେତ୍ରରେ ଚାହିଁଥାଏ ଶିଳ୍ପୀ । ଏକନିଷ୍ଠ ସାଧନାର ପ୍ରତିମୂର୍ତ୍ତି କଳିଙ୍ଗ ଶିଳ୍ପୀ କମଳ ମହାରଣାଙ୍କର ଆଜି ଏ କି ବିଚଳନ ! ଏ ସମ୍ବନ୍ଧରେ ବା କି ସାହାଯ୍ୟ କରିପାରେ ?

କମଳ ମହାରଣା ଆଖିରେ ଆଜି ଭିନ୍ନ ଦୃଷ୍ଟି । ଅପଲକ ନେତ୍ରରେ ସେ ଚାହିଁ ରହିଛି ଗୁରୁକନ୍ୟା ରୂପସୀ ଶିଳ୍ପାକୁ । ଶିଳ୍ପୀ ସ୍ଥିର ହୃଦୟ ଭିତରୁ ଗୋଟିଏ ଅସ୍ଥିର କମ୍ପନ ଉଠିଆସୁଛି । ଅଥଚ କମଳ ମହାରଣାର ଦୃଷ୍ଟିକୁ ଅର୍ଥ କରିପାରୁ ନାହିଁ କିଶୋରୀ ଶିଳ୍ପୀ । ଶିଳ୍ପୀ କମଳ ତାକୁ କି ଭଙ୍ଗୀରେ ଆଜି ଦେଖିବାକୁ ଚାହେଁ ?

କମଳ ମହାରଣା ମନକୁ ମନ କହୁଥିଲା—ନୀଳ ମହାରଣାର ଅତୃପ୍ତ ଆତ୍ମାକୁ ଶାନ୍ତି ଦେବାକୁ ହେବ । ନଚେତ୍ ନୀଳ ମହାରଣା ଏବଂ ତାରି ପରି ଅନେକ ଅମୋକ୍ଷ ଆତ୍ମାର ଅତୃପ୍ତ ଦୀର୍ଘଶ୍ୱାସ ଏବଂ ଅଶୁଭ ଦୃଷ୍ଟିରେ କୋଣାର୍କ ଧ୍ୱଂସ ପାଇଯିବ । କୋଣାର୍କର ଦେବପୂଜା ଏବଂ ନାନାଦି ଧର୍ମ କାର୍ଯ୍ୟରେ ସେମାନେ ବାଧା ସୃଷ୍ଟି କରିବେ । ନୀଳ ମହାରଣାର ବଂଶଧର ଭାବରେ ତା'ର ଅଶୁଭ ଦୃଷ୍ଟିରୁ କୋଣାର୍କକୁ ରକ୍ଷା କରିବା ଶିଳ୍ପୀକୂଳର ପରମ କର୍ତ୍ତବ୍ୟ ।

କମଳ ମହାରଣା ପ୍ରକାଶ୍ୟରେ କହିଲା—ଶିଳ୍ପା ! ଏପର୍ଯ୍ୟନ୍ତ ତମେ ଶିଳାଶାସ୍ତ୍ର ସମ୍ମତ ସମସ୍ତ ନୃତ୍ୟ ଭଙ୍ଗୀ ପାଇ ପ୍ରତିରୂପ ହେଇ ଆସିଛ । ଅତୃପ୍ତ ଆତ୍ମାର ଅଶୁଭ ଦୃଷ୍ଟିରୁ ମନ୍ଦିରକୁ ରକ୍ଷା କରିବା ପାଇଁ ଶିଳ୍ପଶାସ୍ତ୍ର ସମ୍ମତ ଆଉ କେତୋଟି ଭାସ୍କର୍ଯ୍ୟ କୋଣାର୍କ ଗାତ୍ରରେ ଖୋଦିତ କରିବାକୁ ହେବ ।

—ଆଦେଶ କରନ୍ତୁ ଶିଳ୍ପୀ । ମୁଁ ପ୍ରସ୍ତୁତ । ଶିଳ୍ପା ନମ୍ର କଣ୍ଠରେ କହିଲା ।

କମଳ ମହାରଣା କୁଣ୍ଠିତ ସ୍ୱରରେ କହିଲା—ନାଁ—ଏଥିପାଇଁ ତମକୁ ମୋର କୌଣସି ନିର୍ଦ୍ଦେଶ ନାହିଁ । ସବୁ ଚିତ୍ରର ବାସ୍ତବ ପ୍ରତିରୂପ ମିଳେ ନାହିଁ । କଳ୍ପନା ଚକ୍ଷୁରେ ଶିଳ୍ପୀ ସେସବୁ ଦେଖିପାରେ । କେବଳ ଏତିକି ଅନୁରୋଧ ତମେ ଶିଳ୍ପୀର ପ୍ରେରଣା ହେବ । ମୋ ସମ୍ମୁଖରେ ଉପସ୍ଥିତ ରହିବ । ତମର ଚକ୍ଷୁ, ମୁଖ, ସୁଠାମ ଅବୟବ, ରୂପ ଲାବଣ୍ୟ ଫୁଟି ଉଠିବ ମୋର କଳ୍ପନାର ନାୟିକା ଭିତରେ ।

—''ଚିତ୍ରଟି କ'ଣ ?'' ଶିଳ୍ପା ସରଳ ପ୍ରଶ୍ନଟିଏ ପଚାରିଲା ।

କମଳ ମହାରଣା ସ୍ୱପ୍ନଭରା କଣ୍ଠରେ କହିଲା—ନାରୀ ପୁରୁଷର ମଧୁର ମିଳନ ଚିତ୍ର ନିଖୁଣ ଭାବରେ କୋଣାର୍କ ଗାତ୍ରରେ ଲେଖା ହେବ । ସେହି କାମମୂର୍ତ୍ତିମାନ ଦେଖି ଭୂତ, ପ୍ରେତ, ପିଶାଚ ଓ କୀଟକମାନେ ଆନନ୍ଦ ପାଇବେ । ତାଙ୍କର ଅତୃପ୍ତ ବାସନା ସେଇ ସବୁ ମୈଥୁନ ଦୃଶ୍ୟମାନଙ୍କୁ ଦେଖି ତୃପ୍ତ ହେବ । ନୀଳ ମହାରଣାର ଅଶରୀରୀ ଆତ୍ମା ସନ୍ତୋଷ ଲଭିବ । ନିଜର ବାକ୍‌ଦତ୍ତାକୁ ନେଇ ସେମିତି କେତେ ଅଜସ୍ର ସ୍ୱପ୍ନ ସେ ଦେଖି ଥିବ ପ୍ରିୟାଠାରୁ ବିଚ୍ଛିନ୍ନ ହୋଇ କୋଣାର୍କ ଆସିବା ପରେ ।

Digitized by srujanika@gmail.com

''କିନ୍ତୁ ଶିଳ୍ପୀ—ଏଭଳି ଦୃଶ୍ୟ ମନ୍ଦିର ଗାତ୍ରରେ ଲେଖିଲେ କଳିଙ୍ଗ ଶିଳ୍ପୀର ଅପମାନ ହେବ । ପରବର୍ତ୍ତୀ ବଂଶଧରମାନେ ଭାବିବେ କଳିଙ୍ଗ ଶିଳ୍ପୀର କାମୁକତା ପାଷାଣ ଦେହରେ ପ୍ରତିଫଳିତ ହେଇଛି । ମନ୍ଦିର ନିର୍ମାତା ମହାରାଜଙ୍କର ମଧ୍ୟ ଏଥିରେ ଘୋର ଅପମାନ ହେବ । ତାଙ୍କର ବିକୃତ କାମପ୍ରବୃତ୍ତିକୁ ଚରିତାର୍ଥ କରାଇବା ପାଇଁ ଶିଳ୍ପୀମାନଙ୍କ ଦ୍ୱାରା କାମମୂର୍ତ୍ତିମାନ ମନ୍ଦିର ଦେହରେ ଖୋଦିତ କରାଇଛନ୍ତି ବୋଲି ଆଗାମୀ ବଂଶଧର ଭାବିବା ଅସ୍ୱାଭାବିକ ହେବ ନାହିଁ । କୋଣାର୍କ କେବଳ କଳିଙ୍ଗର ହେଇ ରହିବ ନାହିଁ । କୋଣାର୍କ ହେବ ବିଶ୍ୱବିଦିତ-ବିଶ୍ୱବନ୍ଦିତ । ବିଶ୍ୱବାସୀଙ୍କ ପାଖରେ କଳିଙ୍ଗ ଶିଳ୍ପୀ ଏବଂ କଳିଙ୍ଗ ନରପତିଙ୍କର ମହାନତାର ଚିତ୍ର ଉପସ୍ଥାପିତ କରିବା ଆପଣଙ୍କର ପରମ କର୍ତ୍ତବ୍ୟ ହେବା ଆବଶ୍ୟକ । ବାରବର୍ଷର ଏକାଗ୍ର ସାଧନା କଳାରେ କଳଙ୍କ ନଲେଖୁ । ଏତିକି ମୋର ଅନୁରୋଧ ।

କମଳ ମହାରଣା ଉଚ୍ଛ୍ୱସିତ କଣ୍ଠରେ କହିଲା—ଯେଉଁ ଦେଶର କିଶୋରୀ କୋଣାର୍କକୁ ବିଶ୍ୱବନ୍ଧିତ କରିବା ପାଇଁ, କଳିଙ୍ଗ ଶିଳ୍ପୀକ ଅମର କରିବାପାଇଁ ନିନ୍ଦା ଅପବାଦକୁ ପଛରେ ପକାଇ ନିର୍ଜନ ରାତିରେ କମଳ ମହାରଣାର ଶିଳ୍ପୀ ଆଖିରେ ପ୍ରତିରୂପ ହେଇ ଧରା ଦେଇଛି ସେ ଦେଶର କଳା କେବେହେଲେ କଳଙ୍କିତ ହେବ ନାହିଁ । ମନ୍ଦିର ଗାତ୍ରରେ କାମମୂର୍ତ୍ତି ସ୍ଥାନ ପାଇବା ଶିଳ୍ପଶାସ୍ତ୍ର ସମ୍ମତ । ଶିଳ୍ପଶାସ୍ତ୍ର କେହ—ଦେବତାମାନେ ଦେବାର୍ଚ୍ଚନା, ଧ୍ୟାନ ଓ ଧର୍ମାଲୋଚନା ଦୃଶ୍ୟରେ ସୁଖି ହୁନ୍ତି । ଗାନ୍ଧର୍ବମାନେ ନୃତ୍ୟକଳାରେ, ଅସୁରମାନେ ଭୟଙ୍କର ମୂର୍ତ୍ତିରେ, ଯକ୍ଷମାନେ ଯକ୍ଷମୂର୍ତ୍ତିରେ କିନ୍ନରମାନେ ଅର୍ଦ୍ଧେକ ନର ଓ ଅର୍ଦ୍ଧେକ ପଶୁପକ୍ଷୀ ଚିତ୍ରରେ, ମନୁଷ୍ୟମାନେ ରାଜାଙ୍କ ଚିତ୍ର ଓ ରାଜକର୍ମ ଦୃଶ୍ୟରେ, ପଶୁମାନେ ଅଶ୍ୱବନ୍ଧ ଓ ଗଜବନ୍ଧରେ, ପକ୍ଷୀମନେ ପକ୍ଷୀବନ୍ଧ ଓ ନାଗବନ୍ଧରେ, ନାଗମାନେ ଦ୍ୱାରଦେଶର ଦୃଶ୍ୟ ଦେଖି ସୁଖୀ ହୁଅନ୍ତି । କିନ୍ତୁ ଭୂତ, ପ୍ରେତ, ପିଶାଚ ଓ କୀଟକମାନେ ମନ୍ଦିର ଦେହରେ ମୈଥୁନ ଦୃଶ୍ୟ ଓ କାମମୂର୍ତ୍ତିମାନ ଦେଖି ସନ୍ତୋଷ ଲାଭ କରନ୍ତି । ସେମାନଙ୍କୁ ସନ୍ତୁଷ୍ଟ ନକଲେ ଅମୋକ୍ଷ ଆତ୍ମାର ଅଶୁଚି ଦୃଷ୍ଟି ମନ୍ଦିର ଏବଂ ମନ୍ଦିରର କାର୍ଯ୍ୟକ୍ରମରେ ନାନା ବିଭ୍ରାଟ ଘଟାଏ । ଶିଳ୍ପୀଶାସ୍ତ୍ରରେ ଲେଖାଅଛି ମନ୍ଦିର ଗାତ୍ରରେ ଏପରି ମୂର୍ତ୍ତିମାନ ସ୍ଥାପନ କରିବ—ଯାହା ସମସ୍ତ ଜୀବ ଓ ଭୂତ ପ୍ରେତାଦିଙ୍କର ଆନନ୍ଦ ଦାୟକ ହେବ । ପ୍ରତ୍ୟେକ ଆତ୍ମା ସୌନ୍ଦର୍ଯ୍ୟଲିପ୍ସୁ ଏବଂ କୋଣାର୍କ ହେବ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ସୌନ୍ଦର୍ଯ୍ୟ ଏବଂ ଆନନ୍ଦର ଏକ ଶ୍ରେଷ୍ଠ ପୀଠସ୍ଥଳୀ ।

—ତନ୍ତ୍ର ସାଧକମାନେ ଉଲଗ୍ନ ହୋଇ ତନ୍ତ୍ର ସାଧନା କରନ୍ତି । ଏହାଦ୍ୱାରା ସେମାନେ ବଜ୍ର ଏବଂ ଭୂତପ୍ରେତଙ୍କ ଅଶୁଭ ଦୃଷ୍ଟିରେ ପଡ଼ନ୍ତି ନାହିଁ । ଉଲଗ୍ନ ମୂର୍ତ୍ତି ଦେଖି ବଜ୍ର ଏବଂ ଭୂତପ୍ରେତାଦି ମନ୍ଦିରରେ ପ୍ରବେଶ କରନ୍ତି ନାହିଁ । ମନ୍ଦିରର ଯୌନ ମୂର୍ତ୍ତିମାନ ତନ୍ତ୍ର ସାଧନାର ପ୍ରତୀକ ''କାମକଳା ବିଦ୍ୟା'' ବ୍ୟତୀତ ଅନ୍ୟ କିଛି ନୁହନ୍ତି । ମନ୍ଦିରରେ କାମକଳାଙ୍କର ପୂଜା ବିଧାନ ମଧ୍ୟ ହୋଇଥାଏ ।

Digitized by srujanika@gmail.com

ତନ୍ତ୍ରଶାସ୍ତ୍ରର କଥା ଉଲ୍ଲେଖ କରୁ କରୁ ଭାବବିହ୍ୱଳ କମଳ ମହାରଣା ଶିଳ୍ପୀର କୋମଳ ମୁଖପଦ୍ମକୁ ମୁଗ୍ଧ ଦୃଷ୍ଟିରେ ଚାହିଁ ରହିଲା । କମଳ ମହାରଣା ସମ୍ମୁଖରେ ଫୁଟିଉଠିଲା ଗୋଟିଏ ଅସ୍ପଷ୍ଟ ମୁଖପଦ୍ମ । ସେ ମୁଖ ପ୍ରାଣପ୍ରିୟା ଚନ୍ଦ୍ରଭାଗାର । ଆଜି ଏତେ ବର୍ଷ ପରେ ନୀଳ ମହାରଣାର ଅକାଳ ମୃତ୍ୟୁ ନିଜର ବାଳିକ ବଧୂକୁ ବାରମ୍ବାର ସ୍ମରଣ କରାଇ ଦେଉଛି । ମନ ଭିତରେ ରହି ପ୍ରଶ୍ନ ଉଠୁଛି—ଏ ଜନ୍ମରେ ଚନ୍ଦ୍ରଭାଗା ସହ ସତରେ କ'ଣ ମିଳନ ସମ୍ଭବ ହେବ ! ନୀଳ ମହାରଣା ଭଳି କମଳ ମହାରଣାର ଜୀବନରେ ଯଦି କିଛି ଅଘଟଣ ଘଟିଯାଏ ତେବେ କମଳ ମହାରଣା ଏବଂ ଚନ୍ଦ୍ରଭାଗାଙ୍କର ଅମୋକ୍ଷ ଆତ୍ମା କୋଣାର୍କର ଆକାଶେ ଆକାଶେ ଭାସି ବୁଲିବେ । ସେତେବେଳେ ଅଶରୀରୀର ମିଳନ କ'ଣ ସମ୍ଭବ ?

କମଳ ମହାରଣା ଅନ୍ୟମନସ୍କ ହେଇଯାଏ । ପରକ୍ଷଣରେ ସେ ନିଜକୁ ଶାସନ କରେ । ଶିଳାରେ ଫୁଟାଇଯାଏ ଅନବଦ୍ୟ ସୂଚୀକାମ । ନିପୁଣ ସ୍ୱର୍ଣ୍ଣକାର ଭଳି ମୂର୍ତ୍ତିର ଅବୟବରେ ଭରେ ସୂକ୍ଷ୍ମ କାରୁକାର୍ଯ୍ୟଭରା ଅଳଙ୍କାର—ପରିଧାନରେ ଆଙ୍କେ ଜରିକାମର ଝାଇର । ପୂର୍ଣ୍ଣତାରେ ଭରେ ଅନ୍ତର । ପ୍ରିୟାର ତନୁ ସେ ଯେମିତି ମଣ୍ଡି ଦେଉଛି କାରୁକାର୍ଯ୍ୟର ଅଳଙ୍କାରରେ । କଳ୍ପନା ବିଳାସର ଅନନ୍ତ ଉର୍ମିଳ ଆଲିଙ୍ଗନରେ ଶିଳ୍ପୀ ନିଜକୁ ଭସାଇଦିଏ—ହଜାଇଦିଏ—

ଆଖି ସାମ୍ନାରେ ଗୁରୁ କନ୍ୟା ଶିଳ୍ପୀ ।

କୋଣାର୍କ ଚକର ସୂକ୍ଷ୍ମ ସୂଚୀ କାମରେ ଶିଳ୍ପୀ ଫୁଟାଉଥାଏ ଜୀବନ ଚକ୍ର, କାଳଚକ୍ର ଏବଂ ସୃଷ୍ଟିଚକ୍ରର ବିଚିତ୍ର ଦୃଶ୍ୟରାଜି ।

ରଥ ଆକାରରେ ନିର୍ମିତ ମୁଖଶାଳାର ପୀଠ ଦେହରେ ଦକ୍ଷିଣ ଏବଂ ଉତ୍ତର ପାର୍ଶ୍ୱରେ ବାରଗୋଟି ଲେଖାଏଁ ଚବିଶଟି ଚକ ଖଞ୍ଜାଯିବ । ବଡ଼ ଦେଉଳର ଦକ୍ଷିଣ ଏବଂ ଉତ୍ତରରେ ଛ'ଟି ଲେଖାଏଁ ଚକ, ମୁଖଶାଳାର ଦକ୍ଷିଣ ଓ ଉତ୍ତରରେ ଚାରିଟି ଲେଖାଏଁ, ପୂର୍ବ ପାହାଚର ଦକ୍ଷିଣ ଓ ଉତ୍ତରରେ ଦୁଇଟି ଲେଖାଏଁ ଚକ କ୍ରମାନ୍ୱୟରେ ଖଞ୍ଜାଯିବ। ପରେ ସମଗ୍ର ମନ୍ଦିରଟି କାରୁକାର୍ଯ୍ୟ ଖଚିତ ସୁଶୋଭିତ ରଥ ପରି ପ୍ରତୀୟମାନ ହେବ । ସାତଗୋଟି ଅଶ୍ୱ ରଥଟିକୁ ଉଡ଼ନ୍ତ କରି ତୋଳିବେ ।

ଚକର ପ୍ରତ୍ୟେକ ଅଂଶକୁ ସୂକ୍ଷ୍ମ ଶିଳ୍ପକଳାରେ ମଣ୍ଡଣି କରୁଥାଏ ଶିଳ୍ପୀ । ଏପରିକି ଅରଗୁଡ଼ିକର ଅପେକ୍ଷାକୃତ ପ୍ରଶସ୍ତ ମଧ୍ୟଭାଗରେ ଏବଂ ଚକର ଅନିକିଳୀରେ ଅତ୍ୟନ୍ତ ସୂକ୍ଷ୍ମ କାରୁକାର୍ଯ୍ୟ ଫୁଟିଉଠୁଥାଏ ।

ସୂର୍ଯ୍ୟରଥର ବାର ହଳ ଚକ ବର୍ଷକ ବାରମାସର ପ୍ରତୀକ । ଚକ ଦେହରେ ଖଞ୍ଜାଯାଇଛି ଅଷ୍ଟ ପ୍ରହରର ପ୍ରତୀକ ଆଠଟି ଅର । ସାତ ଗୋଟି ଅଶ୍ୱ ସପ୍ତାହର ସଙ୍କେତ ବହନ କରି ଜୀବନ, କାଳ ଏବଂ ସୃଷ୍ଟି ଚକ୍ରକୁ ଅନନ୍ତକାଳ ପାଇଁ ପ୍ରବହମାନ କରୁଥାନ୍ତି ଯେମିତି ।

Digitized by srujanika@gmail.com

ଦକ୍ଷିଣ ଦିଗର ଚକଗୁଡ଼ିକ ଶୁକପକ୍ଷର ସଙ୍କେତ ବହନ କରି ଜ୍ୟୋତ୍ସ୍ନାୟିତ ହେଇଉଠୁଥାଏ ଆଧାତ୍ମିକ ଜୀବନ ଦୃଶ୍ୟରେ । ଭଗବାନ୍ ବିଷ୍ଣୁଙ୍କର ବିଭିନ୍ନ ଅବତାର, ଗଜଲକ୍ଷ୍ମୀ, ଅନ୍ୟାନ୍ୟ ଦେବାଦେବୀ, ଗଜାରୋହୀ, ଅଶ୍ୱାରୋହୀ, ଦେବ ଉପାସନା ଇତ୍ୟାଦି ଦୃଶ୍ୟରେ ଦକ୍ଷିଣ ଦିଗର ଚକ୍ର ଚିତ୍ରିତ ହେଇଥାଏ ।

ଉତ୍ତର ଦିଗର ଚକଗୁଡ଼ିକରେ କୃଷ୍ଣପକ୍ଷ ରାତ୍ରିର ସ୍ପର୍ଶ । ଅନ୍ଧକାରାଚ୍ଛନ୍ନ ଜୀବନ ଦୃଶ୍ୟ ଚକର ବିଭିନ୍ନ ଅଂଶରେ ଫୁଟାଉଥାଏ ଶିଳ୍ପୀ । ଦିବା ରାତ୍ରୀ, ଆଲୋକ ଏବଂ ଅନ୍ଧାରର ଖେଳ ହେଇଛି ଏ ଜୀବନର ବୈଚିତ୍ର୍ୟ, ଏ ପୃଥିବୀର ରହସ୍ୟ । ଉତ୍ତର ପାର୍ଶ୍ୱ ଚକରେ ଅଳସ କନ୍ୟା, ନର୍ତ୍ତକୀ, କେଶ ବିନ୍ୟାସ, ପ୍ରସାଧନ ଏବଂ ସକାଳୁ ସଞ୍ଜଯାଏ ନାରୀର ବିଭିନ୍ନ ପ୍ରକାଶ ଫୁଟିଉଠୁଥାଏ । ସର୍ବଶେଷରେ ସୃଷ୍ଟି ରହସ୍ୟର ଚିତ୍ର ଫୁଟାଉଥାଏ ଶିଳ୍ପୀ-ପଥରର କବିତାରେ —ଶୈଳୀକ ଛନ୍ଦରେ । ଶୟନ ପଲଙ୍କ —ନାରୀ ପୁରୁଷର ମିଳନ—ମୈଥୁନ ଦୃଶ୍ୟ ଜୀବନ୍ତ ହେଇ ଉଠୁଥାଏ ଶିଳାର ଛନ୍ଦେ ଛନ୍ଦେ ।

ସୂର୍ଯ୍ୟ ଆଲୋକର ଉତ୍ସ, ଶକ୍ତି ଏବଂ ପୌରୁଷର ଆଧାର । ସୂର୍ଯ୍ୟରଶ୍ମି ସତ୍ୟକୁ ପ୍ରକଟିତ କରେ । କୋଣାର୍କର ଶିଳ୍ପୀ, ସୂର୍ଯ୍ୟ ମନ୍ଦିରରେ ଜୀବନର ପରମ ସତ୍ୟକୁ ପ୍ରକଟିତ କରିଯାଉଥାଏ । ସ୍ପନ୍ଦିତ ହେଉଥାଏ ପାଷାଣର ହୃଦୟ କନ୍ଦର—ଶିଳାର ରେଣୁରେ ରେଣୁରେ ବସନ୍ତର ରୋମାଞ୍ଚ ଜାଗୁଥାଏ । ଅଥଚ ନିସ୍ପନ୍ଦ ଶିଳ୍ପୀ ମାନସୀ ଶିଳ୍ପୀ ଏବଂ ଅବିଚଳ ମହାନ୍ ଶିଳ୍ପୀ କମଳ ମହାରଣା ।

ସ୍ଥିର ଚିତ୍ରଟିଏ ଭଳି ଠିଆହେଇଛି ଶିଳ୍ପୀ ଶିଳ୍ପୀର ସମ୍ମୁଖରେ । ଗୋଟାଏ ସ୍ୱର୍ଗୀୟ ଆଭାରେ ଉଜଳି ଉଠୁଛି ଶିଳ୍ପୀ କମଳ ମହାରଣାର ମୁଖ କାନ୍ତି ।

ଯେଉଁ ତରୁଣ ଶିଳ୍ପୀ ଏପରି ନିଖୁଣ ଭାବରେ ଜୀବନର ଚରମ ଏବଂ ପରମ ସତ୍ୟକୁ ପ୍ରକଟିତ କରି ମଧ୍ୟ ଅବିଚଳ, ନିର୍ବିକାର ଏବଂ ଏକନିଷ୍ଠ ସାଧନାରେ ମଗ୍ନ ହୋଇପାରେ, ସେ ଜିତେନ୍ଦ୍ରିୟ ମହାନ୍ ।

ନୀଳ ଦୀପଶିଖାର ଧାରେ ଜ୍ୟୋତି ବିଚ୍ଛୁରିତ ହେଲା ସୃଷ୍ଟି ଚକ୍ରର କାରୁଶିଳ୍ପକୁ ଉଦ୍‌ଭାସିତ କରି । ମୃଦୁ ମଧୁର କଣ୍ଠରେ କିଏ କହିଲା—ଧନ୍ୟ ଶିଳ୍ପୀ, ଧନ୍ୟ ତୁମର ଏକନିଷ୍ଠ ସାଧନା । ଜିତେନ୍ଦ୍ରିୟ ପୀଠରେ ତମେ ଚରମ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇଛ । ବିରହ ବେଦନାରେ ଦଗ୍ଧ ହେଇ, ବିକାରଗ୍ରସ୍ତ ମନର ଅବଦମିତ ବାସନାକୁ ତମେ ଯଦି ପାଷାଣରେ ପ୍ରକଟିତ କରିଥାନ୍ତ, ତେବେ ପ୍ରତ୍ୟେକଟି ମୂର୍ତ୍ତିରେ ତମର ଶିଳ୍ପ ପାରକାଷ୍ଠାର ନୈପୁଣ୍ୟ ଏପରି ନିଖୁଣଭାବେ ପ୍ରକାଶିତ ହେଇ ନଥାନ୍ତା । ତମେ ହେଇଥାନ୍ତ ବାଚାଳ ନଚେତ୍ ଅଥର୍ବ । କୋଣାର୍କ

Digitized by srujanika@gmail.com

ଅପୂର୍ଣ୍ଣ ହୋଇ ରହିଯାନ୍ତା । କାମୁକ ଶିଳ୍ପୀ ହାତରେ ଗୋଟାଏ ମହାନ ଜାତିର ସଂସ୍କୃତିର ପ୍ରତୀକ ସୂର୍ଯ୍ୟମନ୍ଦିର ସଂପୂର୍ଣ୍ଣ ହେବା ସମ୍ଭବ ହୁଅନ୍ତା କିପରି ?

ଶିଳ୍ପୀର ସ୍ୱପ୍ନଭଙ୍ଗ ହେଲା । ପଡିହରା ଚନ୍ଦ୍ରିକା ଦେବୀ ରାତ୍ରୀ ଜାଗରଣ ରହି ଶିଳ୍ପୀକୁ ଦେଖାଉଛନ୍ତି ଆଲୋକର ପଥ—ବୀର ସେନାପତି ସ୍ୱାମୀ ପରମାର୍ଦ୍ଦିଦେବଙ୍କର ସ୍ମୃତିର ଶିଳାଖଣ୍ଡରେ ଯେଉଁ ବିରହୀ ଶିଳ୍ପୀକୁଳ ବିଜୟର ଗୀତିକବିତା ଲେଖୁଛନ୍ତି ତାଙ୍କୁ ସେ ଦେଉଛନ୍ତି ପ୍ରେରଣା । ତୁଳୀତଲ୍ପ ଶଯ୍ୟା, ରାଜକୀୟ ବିଳାସ ତେଜି ସେ ସାଜିଛନ୍ତି ସନ୍ନ୍ୟାସିନୀ । କୋଣାର୍କର ସଂପୂର୍ଣ୍ଣତା ତାଙ୍କ ଜୀବନର ବି ଲକ୍ଷ୍ୟ !

ସେ ନାରୀ ବନ୍ଦନୀୟା । କମଳ ମହାରଣା ଭକ୍ତିପୂତ ପ୍ରଣାମ ବାଢ଼ିଲା ଚନ୍ଦ୍ରାଦେବୀଙ୍କର ପାଦତଳେ । ଶିଳ୍ପୀ କେତେବେଳେ ଝଲକାଏ ସ୍ୱପ୍ନ ଭଳି ଅନ୍ତର୍ହିତ ହେଇଯାଇଥାଏ ଆଖି ସାମ୍ନାରୁ । ଆଶ୍ଚର୍ଯ୍ୟ ! ଶିଳ୍ପୀ କ'ଣ ସତ୍ୟ ନୁହେଁ—କଳ୍ପନା ମାତ୍ର ! ଆଜିପର୍ଯ୍ୟନ୍ତ ଯାହାକୁ କମଳ ଶିଳ୍ପୀ ମନେକରିଛି ସେ କ'ଣ କେବଳ ତାର ଶିଳ୍ପ କଳା ।

ସ୍ଥିର ପାଦରେ—ଅସ୍ଥିର ହୃଦୟ ନେଇ ମୁଖଶାଳାର ଉପର ବରାଣ୍ଡିରେ ଖୋଦିତ ନରନାରୀଙ୍କର ଯୁଗଳ ମୂର୍ତ୍ତିମାନଙ୍କୁ ନିରୀକ୍ଷଣ କରୁଥାଏ ଚାର୍ଲସ । ସେ ଭାବୁଥାଏ ମୂର୍ତ୍ତିଗୁଡ଼ିକ କଳାପଥରରେ ନହୋଇ କଳା ମୁଗୁନି ପଥରରେ ହୋଇଥିଲେ ସେଗୁଡ଼ିକ ଅକଳ୍ପନୀୟ ସୌନ୍ଦର୍ଯ୍ୟରେ ଅତୁଳନୀୟ ଦିଶୁଥାନ୍ତେ । ମୂର୍ତ୍ତିଗୁଡ଼ିକର ସୁନ୍ଦର ଗଠନ ଶୈଳୀ ଶିଳ୍ପୀକୁ ଶହ ଶହ ବର୍ଷ ଧରି ଗୌରବାନ୍ୱିତ କରି ରଖିଛି । ଏଭଳି ଯୁଗ୍ମ ମୂର୍ତ୍ତିକୁ ସ୍ଥିର ଅବିଚଳ ହେଇ କେମିତି ଗଢ଼ିଲା କଳିଙ୍ଗ ଶିଳ୍ପୀ ! ତାର ହୃଦୟ କ'ଣ ପଥରରେ ଗଢ଼ା—ତାର ଶରୀର କ'ଣ ଆଜନ୍ମ ସ୍ପନ୍ଦନହୀନ ଥିଲା ?

କଳ କଳ ତାନରେ ଚାର୍ଲସ ପାଖଦେଇ ଝରଣାଟିଏ ଝରିଗଲା । ଫୁଲ ଚାଙ୍ଗୁଡ଼ି ଧରି ଚିତ୍ରୋତ୍ପଳା ଏକ ଅଭିନବ ଠାଣିରେ କପ୍ତାକାନିକୁ ଦାନ୍ତରେ କାମୁଡ଼ି ଧରି ଛଳ ଛଳ ହେଇ ହସୁଛି । କହୁଛି—ସାହେବ, ଅପା ଯାଇ କେଉଁଠି ହେଲେଣି । ତମେ ଦେଖୁଛ କଣ ? ଧର୍ମାନନ୍ଦ ଆସ୍ତେ ଆସ୍ତେ ବଢ଼ାଇ ଦେଇଉଛି ଫଟୋ ପ୍ୟାକେଟ୍‌ଟିଏ । ଚୁପ୍ ଚୁପ୍ କହୁଛି—ସେ ଦୃଶ୍ୟଗୁଡ଼ିକର ଚମତ୍କାର ଫଟୋ ସା'ବ । ଅନେକ ବିକ୍ରି ହେଉଛି । ପାଖରେ ରଖିବା ଭଳି ଜିନିଷ । ସୁନ୍ଦର ତୃପ୍ତିର ଅବସାଦ ନାହିଁ...

ଚାର୍ଲସ ସାମାନ୍ୟ ଅପ୍ରତିଭ ହେଲା । ପ୍ରାଚୀ ଦୂରରେ ଠିଆ ହେଇ ମୃଦୁ ମୃଦୁ ହସୁଛି । ଶିଶୁ ଓଠର ହସ ପରି ସେ ହସ ଅନାବିଳ, ପବିତ୍ର । ଚାର୍ଲସ ସଜାଡ କଲା ନିଜକୁ । ଅଳ୍ପ ହସି ଧର୍ମାନନ୍ଦକୁ କହିଲା—ଧନ୍ୟବାଦ—ସେ ଫଟୋ ଥାଉ—ଲିଥିଆନ ଅନେକ ନେଇଛି । ବରଂ ତମ ଅପାକୁ ଦିଅ—

Digitized by srujanika@gmail.com

ଧର୍ମାନନ୍ଦ ଜିଭ କାମୁଡ଼ି ପକାଇଲା । କହିଲା — ବାପରେ — ଅପା ମୋ କାନ ରଗଡ଼ିଦେବେ । ମୋ ପଟୋ ମୋର ଥାଉ । ଦେଶକୁ ଗଲାବେଳେ ଯେତେ ପାରନ୍ତି ସେତେ ନେବେ । ସେଠି ଏ ସବୁ ପଟୋର ଖୁବ୍ ଡିମାଣ୍ଡ । ଧର୍ମାନନ୍ଦ ଦୂରକୁ ଚାଲିଗଲାଣି ପ୍ରାଚୀ ଭୟରେ ।

ଚାର୍ଲସ ଗୋଟିଏ ଗୋଟିଏ ଚାଲି ଚାଲି ପ୍ରାଚୀ ସମ୍ମୁଖରେ ଠିଆ ହେଲା ।

କଳାମୁଗୁନି ପଥରର ନିର୍ମିତ ଦେବ, ଦାନବ ଏବଂ ମାନବ ମୂର୍ତ୍ତିଗୁଡ଼ିକ ସାମ୍ନାରେ ଠିଆହେଇଛି ପ୍ରାଚୀ । ଜୀବନମୟ ମୂର୍ତ୍ତିଗୁଡ଼ିକର ଚିକ୍‌କଣ ସୁଗଠିତ ଅବୟବଗୁଡ଼ିକୁ ସେ ମନ୍ତ୍ରମୁଗ୍ଧ ହେଇ ଦେଖୁଥାଏ । ସେ ସ୍ୱପ୍ନ ରାଜ୍ୟରେ ପହଞ୍ଚିଯାଇଥାଏ । ବୋଧହୁଏ କମଳ ମହାରଣା, ହରିତ ମହାରଣା, ଧ୍ରୁବ ମହାରଣା, କୃଷ୍ଣ ମହାରଣା, ଶିବ ମହାରଣା ଏଇ ମାତ୍ର କାର୍ଯ୍ୟ ଶେଷ କରି ମଧ୍ୟାହ୍ନ ଭୋଜନର ବିରତିରେ ଅନ୍ୟତ୍ର ଯାଇଛନ୍ତି । ମୂର୍ତ୍ତିଗୁଡ଼ିକ ଅନନ୍ତ କାଳକୁ ଅତିକ୍ରମ କରି ସଦ୍ୟ ନିର୍ମିତ ସ୍ଥାପତ୍ୟ ପରି ନିଖୁଣ, ଜୀବନ୍ତ ଦିଶୁଛନ୍ତି । ଶିଳ୍ପୀଗଣ ପୁଣି ଫେରିବେ । ଅବିରାମ କରିଯିବେ କାମ ।

ପ୍ରାଚୀ ସ୍ୱଗତୋକ୍ତି କଲା — ହେ ଅମର ଶିଳ୍ପୀ, ତୁମର ଅବିନଶ୍ୱର ଆତ୍ମା ନିକଟରେ ମୁଁ ମୋର ସମସ୍ତ ଭୌତିକ କାମନା, ବାସନା, ଭୁଲ, ଭ୍ରାନ୍ତିକୁ ଉତ୍ସର୍ଗ କରି ନିଜକୁ ସମର୍ପଣ କରୁଛି ।

କୋଣାର୍କ ଯେମିତି ଗୋଟିଏ ଜାତିର ଆତ୍ମା, ଗୋଟିଏ ମହାନ୍ ସଂସ୍କୃତିର ମୁଖଶାଳା । ଚନ୍ଦ୍ରଭାଗା, ଶିଳ୍ପୀ ପ୍ରାଚୀପ୍ରଭା, ଚିତ୍ରୋତ୍ପଳା ସମସ୍ତ ଭୂତ ଭବିଷ୍ୟତ ଏବଂ ଅନନ୍ତ ମହାକାଳ ଯେମିତି ଗୋଟିଏ ଗୋଟିଏ ଫୁଲର ପାଖୁଡ଼ା ହେଇ କଳିଙ୍ଗ ଶିଳ୍ପୀର ପାଦତଳେ ଝଡ଼ିପଡୁଛନ୍ତି ପ୍ରାଚୀପ୍ରଭାର ଶ୍ରଦ୍ଧାଞ୍ଜଳୀ ଭିତରେ ।

ଚାର୍ଲସ ଉପରେ ଆଖି ପଡ଼ିବା ମାତ୍ରେ ପ୍ରାଚୀ ସ୍ୱପ୍ନ ରାଜ୍ୟରୁ ଫେରି ଆସିଲା । ହସି ଦେଇ ପ୍ରଶ୍ନ କଲା — ଏତେ ସମୟ ଅଟକି ଗଲ ଯେ !

ଚାର୍ଲସର ସୁନ୍ଦର ଗୋରା ମୁହଁଟା ପଦ୍ମପାଖୁଡ଼ା ପରି ଈଷତ୍ ଲାଲ ଦିଶୁଥାଏ । ପ୍ରାଚୀପ୍ରଭାକୁ ତୀର୍ଯ୍ୟକ୍ ଭାବରେ ଚାହିଁ ସେ ଗଳା ଚାପି ଚାପି ଉତ୍ତର ଦେଲା — ସେଇ ନଗ୍ନ ଚିତ୍ରଗୁଡ଼ାକ ଏକବାର ଇରୋଟିକ୍ — ଚାର୍ଲସ ଆଉ କିଛି କହିପାରିଲା ନାହିଁ । ସେ ମୁହଁ ଫେରାଇ ଝାଉଁବଣର ନିଜୀମାରେ ଦୃଷ୍ଟି ହଜାଇ ଦେଲା ।

ପ୍ରାଚୀ ମୃଦୁ ହସି କହିଲା — ସବୁଗୁଡ଼ିକ ଦୃଶ୍ୟ ମନ୍ଦିର — ଶିଳ୍ପଶାସ୍ତ୍ରସମ୍ମତ ! ତନ୍ତ୍ର ଶାସ୍ତ୍ରର କଥା ବି ସେଇ ତାଳପତ୍ର ପୋଥିରେ ଉଲ୍ଲେଖ ଅଛି ।

Digitized by srujanika@gmail.com

ଚାର୍ଲସ ଅଭିଯୋଗ ଭରା ସ୍ୱରରେ କହିଲା — କିନ୍ତୁ ସେସବୁ ଯୁକ୍ତି ବିଜ୍ଞାନସମ୍ମତ ନୁହେଁ ।

ପ୍ରାଚୀ ସ୍ନିଗ୍ଧ ସ୍ୱରରେ କହିଲା — ସାତ ଶହ ବର୍ଷ ତଳର ମନ୍ଦିର ଶିଳ୍ପ ଶାସ୍ତ୍ର ଅନୁମୋଦିତ ନୀତିନିୟମ ଶାସ୍ତ୍ରଜ୍ଞ କଳିଙ୍ଗ ଶିଳ୍ପୀ ପାଇଁ ବିଜ୍ଞାନସମ୍ମତ ହିଁ ଥିଲା ।

— କିନ୍ତୁ ଏ ଦୃଶ୍ୟଦ୍ୱାରା ଦେବମନ୍ଦିର ଅପବିତ୍ର ହେଇଥିବ । ବିଦେଶରୁ ଆସୁଥିବା ଅନେକ ପର୍ଯ୍ୟଟକ କୋଣାର୍କ ଏବଂ ବିଭିନ୍ନ ଭାରତୀୟ ଭାସ୍କର୍ଯ୍ୟରେ ନରନାରୀର ଦୈହିକ ମିଳନ ଦୃଶ୍ୟକୁ ଘୃଣା ଦୃଷ୍ଟିରେ ଦେଖନ୍ତି । ଚାର୍ଲସ କଣ୍ଠରେ ମଧ୍ୟ ଘୃଣାରେ ସ୍ୱର ଲାଗି ଆସୁଥିଲା ।

ପ୍ରାଚୀ ଚାର୍ଲସକୁ ପଛ କରି ଆଗେଇଯାଉଥିଲା । ଗାଇଡ଼ ବୁଝାଉଥିଲା — ମୂର୍ତ୍ତିଗୁଡ଼ିକୁ ଭଲଭାବରେ ଲକ୍ଷ୍ୟକରନ୍ତୁ ସା'ବ । ଅନ୍ୟମାନଙ୍କ ଭଳି କେବଳ ମୂର୍ତ୍ତିଗୁଡ଼ିକର କାମକ୍ରିୟା ଉପରେ ମନ୍ତବ୍ୟ କରନ୍ତୁ ନାହିଁ । ମୂର୍ତ୍ତିଗୁଡ଼ିକର ମୁଖ ଏବଂ ନୟନପ୍ରାନ୍ତରେ ଦିବ୍ୟ ଦେହଭାବ ଫୁଟି ଉଠିଛି । ଉତ୍କଳୀୟ ଶିଳ୍ପ ଏବଂ ଉତ୍କଳୀୟ ଜନ ଚରିତ୍ର ଯଦି ନିମ୍ନମାନର ହେଇଥାନ୍ତେ କିମ୍ବା କାମାନଳରେ ଦଗ୍ଧ ହୋଇ ମୂର୍ତ୍ତିଗୁଡ଼ିକୁ ଯଦି ସେମାନେ ତିଆରି କରିଥାନ୍ତେ, ଏଭଳି ଦିବ୍ୟଭାବ ଓ ନୈସର୍ଗିକ ଅଭିବ୍ୟକ୍ତି କିପରି ସମ୍ଭବ ଥାନ୍ତା ? ଶିଳ୍ପୀମାନେ ସ୍ଥିର ଚିତ୍ତରେ ନିଷ୍ଠାପର ଭାବରେ ବାରବର୍ଷ ଧରି ଶିଳ୍ପ ସାଧନା କରିଥାନ୍ତେ କିପରି ? ବାରଶହ ଶିଳ୍ପୀଙ୍କର କାମାନଳରେ ଧ୍ୱଂସ ହୋଇଥାନ୍ତେ ପବିତ୍ର ଦେହଧାରିଣୀ ସେ କାଳର ମନ୍ଦିର ଦେବଦାସୀମାନେ — ଧ୍ୱଂସ ହେଇଥାନ୍ତା ଉତ୍କଳର କଳା, ସଂସ୍କୃତି । ପୃଥିବୀରେ କୋଣାର୍କର ନାମ ଗନ୍ଧ ନଥାନ୍ତା ।

— ଆଶ୍ଚର୍ଯ୍ୟ ! ଭାରି ଆଶ୍ଚର୍ଯ୍ୟ ଏ ଦେଶ । ଆଶ୍ଚର୍ଯ୍ୟ କଳିଙ୍ଗଶିଳ୍ପୀ ଆଉ କୋଣାର୍କ । ଚାର୍ଲସ ମନେ ମନେ ଉଚ୍ଚାରଣ କଲା ।

ଗାଇଡ଼ ଆଗେଇ ଯାଉ ଯାଉ କହିଲା — ମଣିଷ ଜୀବନରେ ଯେଉଁ ନବରସର ସଞ୍ଚାର ଘଟିଥାଏ ସେଥି ମଧ୍ୟରେ ପ୍ରଣୟରସ ହେଉଛି ଆଦିରସ । କୋଣାର୍କର ବାହ୍ୟ ରୂପକୁ କଳିଙ୍ଗଶିଳ୍ପୀ ପ୍ରତ୍ୟେକ ରସରେ ଯେତେବେଳେ ମଣ୍ଡଣି କରିଛି, ଆଦିରସକୁ ବାଦ ଦେବ କିପରି ? ତେବେ ତ କୋଣାର୍କ ନବରସର ଆଧାର ହୋଇ ନଥାନ୍ତା । ଜୀବନ ଚକ୍ର ହୋଇଥାନ୍ତା ଅପୂର୍ଣ୍ଣ । କିନ୍ତୁ ଜୀବନର ପ୍ରତ୍ୟେକଟି ରସ ମଧ୍ୟରେ ଦିବ୍ୟ ଦେବଭାବର ଅଭିବ୍ୟକ୍ତି ଫୁଟାଇ କଳିଙ୍ଗ ଶିଳ୍ପୀ ସ୍ୱାତନ୍ତ୍ର୍ୟ ଏବଂ ମହାନତାର ପରିଚୟ ଦେଇଛି ।

— ତମ କଥା ସତ୍ୟ ହୋଇପାରେ । କୋଣାର୍କରେ କୌଣସି ରସର ଅଭାବ ନାହିଁ ଏକଥା ମଧ୍ୟ । ଚାର୍ଲସ ପ୍ରାଚୀ ପାଖରେ ପହଞ୍ଚି ଯାଇଥିଲେ । ପ୍ରାଚୀ ସେମିତି ସାମ୍ନାକୁ ଚାହିଁ ଚାଲୁ ଚାଲୁ କହିଲା — ବୃହତ୍ ସଂହିତାରେ କୁହାଯାଇଛି ପକ୍ଷୀ, ଶ୍ରୀବୃକ୍ଷ, ସ୍ୱସ୍ତିକ, ପୂର୍ଣ୍ଣକୁମ୍ଭ,

Digitized by srujanika@gmail.com

ପତ୍ରାବଳୀ ଓ ମିଥୁନ ଚିତ୍ର ହେଉଛି ମଙ୍ଗଳ ସୂଚକ ଚିତ୍ର । କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପ୍ରତ୍ୟେକ ମଙ୍ଗଳ ସୂଚକ ଚିତ୍ର ସ୍ଥାନ ପାଇଛି । ଶିଳ୍ପୀର ଅର୍ନ୍ତଦୃଷ୍ଟି ବିଶ୍ୱଜୀବନର କୌଣସି ବିଷୟକୁ ବାଦ ଦେଇ ନାହିଁ ଯେତେବେଳେ ପ୍ରଣୟମୂର୍ତ୍ତିକୁ ବାଦ ଦେଇଥାନ୍ତା କାହିଁକି ?

ଗାଇଡ୍ ହସି ହସି କହିଲା — ଆଉ ଗୋଟାଏ କଥା ଲକ୍ଷ୍ୟ କରନ୍ତୁ ସାହେବ, ମୈଥୁନ ଚିତ୍ରଗୁଡ଼ିକୁ ଦେଖି ଦେଖି ଆପଣ ପଛରେ ପଡ଼ିଗଲେ — କିନ୍ତୁ ଅପା ଆଗେଇ ଗଲେ । ଏଥିରୁ କିଛି ବୁଝୁଛନ୍ତି ? ଚାର୍ଲସ ନିର୍ବୋଧ ଦୃଷ୍ଟିରେ ଗାଇଡ୍‌କୁ ଚାହିଁ ରହିଲା । ମୃଦୁ ମୃଦୁ ହସୁଥାଏ ପ୍ରାଚୀ । ସେ ଆସ୍ତେ କହିଲା — ଏମିତି ତମ ମୋ ଭିତରେ ଫରକ । — ତମେ ପାଶ୍ଚାତ୍ୟ ଦେଶର ପର୍ଯ୍ୟଟକ ଆଉ ମୁଁ ପ୍ରାଚୀପ୍ରଭା —

ଗାଇଡ୍ ସାହେବକୁ ବୁଝାଇଲା — ମନ୍ଦିରର ବାହ୍ୟରୂପରେ ଯୌନ ଚିତ୍ରଗୁଡ଼ିକ ଦେବଉପାସକମାନଙ୍କୁ ପରୀକ୍ଷା କରିଥାଏ । ସେମାନଙ୍କର ଭକ୍ତିଭାବ, ନିଷ୍ଠା, ମନୋଭାବ, ଇନ୍ଦ୍ରିୟ ସଂଯମର ଶକ୍ତି ଏହି ଯୌନଦୃଶ୍ୟ ଭିତରେ ଧରାପଡ଼ିଯାଏ । ଯାହା ମନରେ ବିକାର ପ୍ରବେଶ କରେ ଏବଂ ଯାହାର ସଂଯମଶକ୍ତି ଲୋପପାଏ, ସେ ଈଶ୍ୱରଙ୍କ ପାଖରେ ପହଞ୍ଚିପାରେ ନାହିଁ । ଯଦି ବା ପହଞ୍ଚେ ତାର ଦେହଟି ମାତ୍ର — ମନ ଘୂରିବୁଲୁଥାଏ କାମନା ରାଜ୍ୟରେ । ଯିଏ ଏସବୁ ଦୃଶ୍ୟଦ୍ୱାରା ପ୍ରଭାବିତ ହୁଏ ନାହିଁ ସେ ଆଗେଇଯାଏ ଭକ୍ତି ଓ ମୁକ୍ତି ପଥରେ — ଠିକ୍ ଆମରି ଅପାଙ୍କ ଭଳି । ଏଇ ଦେଖନ୍ତୁ ଅପାଙ୍କ ମୁହଁରେ ଶିଳ୍ପୀ ହାତ ଅଙ୍କା ଦିବ୍ୟ ଦେବଭାଗ ଲାଗି ରହିଛି ।

— ଅବଶ୍ୟ — ତମର ଅପା ଜଣେ ସନ୍ନ୍ୟାସିନୀ — ମହାଯୋଗିନୀ — କିମ୍ବା ପଥରର ମୂର୍ତ୍ତିଟିଏ । ମୁଁ କିନ୍ତୁ ମଣିଷ — ଜଣେ ଅତି ସାଧାରଣ ମଣିଷ । କାମ, କ୍ରୋଧ, ଲୋଭ, ମୋହରେ ମୁଁ ବେଳେବେଳେ ଅନ୍ଧ ହୁଏ । ମୁଁ ଜଣେ ସ୍ୱାଭାବିକ ମଣିଷ । କିନ୍ତୁ ତମର ଅପା — । ଚାର୍ଲସ କଥା ଟୋକିନେଲା । ପ୍ରାଚୀ କୃତ୍ରିମ କ୍ରୋଧ ପ୍ରକାଶ କରି କହିଲା — ଚାର୍ଲସ ! ନିଜ ବିଷୟରେ ଯାହା କିଛି କହିବାର ଅଧିକାର ତମର ଅଛି । କିନ୍ତୁ ଅନ୍ୟ କାହାରି ବିଷୟରେ ନୁହେଁ –

ମୁଁ ଦୁଃଖିତ ପ୍ରାଚୀପ୍ରଭା । ବେଳେବେଳେ ମଣିଷ ନିଜର ଅଧିକାର ସୀମା ବି ଭୁଲିଯାଏ — କ୍ଷମାକର — ।

ସାମ୍ନାରେ ପ୍ରାଚୀ ହସୁଛି — ସଂଯତ ମଧୁର ହସର ନିର୍ଯ୍ୟାସରେ ସେ ଅପୂର୍ବ ମନେ ହେଉଛି । ପଛରେ ହସୁଛି ଚିତ୍ରୋତ୍ପଳା — ଉଚ୍ଛଳ ହେଇ — ସାହେବଙ୍କୁ କ୍ଷମା ମାଗିବାର ଦେଖି ।

Digitized by srujanika@gmail.com

ଚାର୍ଲସ ହସିଦେଲା ଏବଂ ଭାବିଲା — ହସି ହସି ବଞ୍ଚିବା ବି ଗୋଟାଏ ଚମତ୍କାର କଳା । ସେ କଳାରେ ଚିତ୍ରୋତ୍ପଳା ପୃଥିବୀରେ ସମସ୍ତଙ୍କୁ ଟପିଯିବ । କାରଣ ଦୁଃଖ ଆଉ ଅଭାବ ଭିତରେ ଯିଏ ଏମିତି ଖୋଲି ହସିପାରେ ସେ ହୋଇପାରେ କେବଳ ଜଣେ ଭାରତୀୟ ଝିଅ – ଯାହାର ନାମ ଚିତ୍ରୋତ୍ପଳା ।

ଗଙ୍ଗ ନରପତିଙ୍କର ସାମୟିକ ରାଜଧାନୀ ପଦ୍ମକ୍ଷେତ୍ର କୋଣାର୍କ ନଗରୀର ରାଜପ୍ରାସାଦରେ ମହାରାଣୀ ସୀତାଦେବୀ ଅବସ୍ଥାନ କରୁଛନ୍ତି । ରାଜା ନରସିଂହ ବଙ୍ଗଦେଶରେ ମୁସଲମାନ ସହ ସଂଘର୍ଷରେ ରତ । କୋଣାର୍କ ସୂର୍ଯ୍ୟମନ୍ଦିରର କାର୍ଯ୍ୟ ତଦାରଖ କରିବା ପାଇଁ ରାଣୀ ସୀତାଦେବୀ ରାଜଧାନୀ କଟକରୁ ମଧ୍ୟେ ମଧ୍ୟେ ଆସି କୋଣାର୍କ ନଗରୀରେ ଅବସ୍ଥାନ କରନ୍ତି । ଭଗ୍ନୀ ଚନ୍ଦ୍ରଦେବୀ ମଧ୍ୟ ଅବସ୍ଥାନ କରନ୍ତି କୋଣାର୍କ ରାଜପ୍ରାସାଦରେ । ସ୍ୱାମୀଙ୍କ ମୃତ୍ୟୁପରେ ସେ ମନ୍ଦିର ନିର୍ମାଣ କାର୍ଯ୍ୟରେ ମନପ୍ରାଣ ଢାଳି ଦେଇଛନ୍ତି ।

କୋଣାର୍କ ନଗରୀ ଦୁର୍ଗ ଦ୍ୱାରରେ ପହଞ୍ଚିଲେ ରାଜା ନରସିଂହ । ଅନେକ ଦିନ ହେବ ରାଣୀଙ୍କ ସହ ସାକ୍ଷାତ ହୋଇନାହିଁ । ହୁଏତ ଜାଣି ଜାଣି ରାଣୀଙ୍କଠାରୁ ଦୂରରେ ରହୁଛନ୍ତି ନିଜର ବ୍ରତ ପାଳନ ପାଇଁ । ଗୋଟିଏ କିଶୋରୀ ପାଖରେ ସେ ସତ୍ୟଭ୍ରଷ୍ଟ ହେବାକୁ ଚାହାନ୍ତି ନାହିଁ । କୋଣାର୍କ ଯଦି ଜିତେନ୍ଦ୍ରିୟର ପୀଠ ହୁଏ ତେବେ ପ୍ରଥମେ ରାଜାଙ୍କୁ ହିଁ ସନ୍ନ୍ୟାସ ଧର୍ମ ପାଳନ କରିବାକୁ ହେବ ।

ସ୍ୱାମୀଙ୍କ ସତ୍ୟରକ୍ଷା ପାଇଁ ସୀତାଦେବୀ ସମସ୍ତ ରାଜକୀୟ ସୁଖ ବିଳାସ ତେଜି ସନ୍ନ୍ୟାସିନୀ ସାଜିଛନ୍ତି । ବୁଲି ବୁଲି ସେ ଶିଳ୍ପୀମାନଙ୍କର ଯତ୍ନ ନେଉଛନ୍ତି । ସେମାନଙ୍କର କାର୍ଯ୍ୟ ଦେଖୁଛନ୍ତି । କୃଷ୍ଣପକ୍ଷ ରାତ୍ରୀର ଅନ୍ଧକାର ଭିତରେ ସେ ଯାଇଛନ୍ତି ଶିଳ୍ପୀ ଶିବିରକୁ । ଦିନେ ଦିନେ ସାରା ରାତି ବୁଲି ବୁଲି ସେ ଶିଳ୍ପୀ ଶିବିରକୁ ଆଲୋକିତ କରନ୍ତି ।

ମହାରାଜ ବିଶ୍ରାମ ନେଲେ ନାହିଁ । ସୁକୁମାରୀ କାଶ୍ମୀର ରାଜଜେମା ମହାରାଣୀ ସୀତାଦେବୀ ତୁଳୀତଳ୍ପ ଶଯ୍ୟା ତେଜି ସ୍ୱାମୀଙ୍କ ସଂକଳ୍ପ ପଥରେ ରାତ୍ରୀ ଜଗୁଥିବା ସହି ଶିଳ୍ପୀକୁ ଦେବେ ପ୍ରେରଣା । ମହାରାଜ ବିଶ୍ରାମ କରିପାରିବେ କିପରି ? ଏଇଟା କ'ଣ ଅନ୍ୟାୟ ନୁହେଁ ? ହୁଅନ୍ତୁ ସେ ସମରର କ୍ଲାନ୍ତ — ବିଶ୍ରାମ ଅନେକ ଦୂରରେ । ରାଜ୍ୟର ସୀମାନ୍ତରେ ଶତ୍ରୁର ହୁଙ୍କାର । ରାଜ୍ୟ ଭିତରେ ସୂର୍ଯ୍ୟମନ୍ଦିରର ନିର୍ମାଣ ପାଇଁ ଶିଳ୍ପୀକୁଳର ଅବିଶ୍ରାନ୍ତ ସଂଗ୍ରାମ । ଏ ସବୁ ଭିତରେ ରାଜା ହେଉଛନ୍ତି ଶ୍ରେଷ୍ଠ ସଂଗ୍ରାମୀ । ମହାରାଜ ବେଶ ପରିବର୍ତ୍ତନ କରି ଅନ୍ଧାରିବିଜେ

Digitized by srujanika@gmail.com

ଉଦ୍ଦେଶ୍ୟରେ ବାହାରିପଡ଼ିଛେ । ଅନୁପ୍ରବେଶକାରି ଯବନ ସୈନ୍ୟଙ୍କ ଭୟରେ ରାଜ୍ୟବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ପ୍ରତି ମୁହୂର୍ତ୍ତରେ ଯବନ ଆକ୍ରମଣର ଭୟରେ ସରଢ଼ ଗ୍ରାମବାସୀ ଥରହର । ସେମାନଙ୍କୁ ଅଭୟ ଦେବାକୁ ହେବ । ବୁଝାଇ ଦେବାକୁ ହେବ ଯେ ରାଜା ନରସିଂହ ଜୀବିତ ଥିବାଯାଏ, ତାଙ୍କର ପୁତ୍ର ପୌତ୍ର ଜୀବିତ ଥିବାଯାଏ କଳିଙ୍ଗର ସୂର୍ଯ୍ୟ ଅସ୍ତମିତ ହେବ ନାହିଁ ।

ରାଜା ଅନ୍ଧାରେ ଅନ୍ଧାରେ ଅଶ୍ୱ ଛୁଟାଇଛେ । ଦ୍ୱାରପରୀକ୍ଷ ବିସ୍ମୟ ସହକାରେ ଦେଖିଲା — 'ମହାଦଣ୍ଡପାଶ' (ଇନିସପେକ୍ଟର ଜେନେରାଲ ଅଫ୍ ପୋଲିସ) ଅଶ୍ୱ ପୃଷ୍ଠରେ ବସି ଅନ୍ଧାରରେ ମିଳାଇଗଲେ ।

ବାଲୁକାମୟ ସମୁଦ୍ର ବେଳା — ନିଘଞ୍ଚ ବାଙ୍ଗୋର ଲଟା — ନିବିଡ଼ ଜଙ୍ଗଲ — ସୁବିସ୍ତୃତ ମାଙ୍କଡ଼ା ପଥର ଭୂମି — କ୍ଷୁଦ୍ର କ୍ଷୁଦ୍ର ବୁଦିବୁଦିକିଆ କଣ୍ଟାବଣ ବୃହତ ସମତଳ ଭୂମି ଅତିକ୍ରମ କରି ଅଶ୍ୱ ଛୁଟିଥାଏ । ପଲ୍ଲୀ, ଗ୍ରାମ, ନଗର ଏବଂ ପୁରମାନ ଅନ୍ଧାର ଭିତରେ ନିଦକ ନିଶ୍ଚିନ୍ତ ମନେହେଉଥାଏ । ଗ୍ରାମଭଟ (ଚୌକିଦାର)ମାନେ ଅନ୍ଧାର ଭିତରେ ସଜାଗ, ସତର୍କ ହେଉଥାନ୍ତି । କିଏ ? ଅନୁପ୍ରବେଶକାରୀ ଶତ୍ରୁ-ଯବନର ସେନା ? ପ୍ରବଳ ପରାକ୍ରମୀ, ଶତ୍ରୁଦମନକାରୀ ନରସିଂହଙ୍କ ସୁଦକ୍ଷ, ସତର୍କ, ସୀମାନ୍ତରକ୍ଷୀ ସେନାଛାଉଣୀ ଟପି ଶତ୍ରୁ ସୈନ୍ୟ ରାଜ୍ୟ ଭିତରେ ପ୍ରବେଶ କରିବା କ'ଣ ସମ୍ଭବ ? ଯଦି ସେକଥା ସମ୍ଭବ ହୁଏ ତେବେ ଅନୁପ୍ରବେଶକାରୀ ଶତ୍ରୁ ସୈନ୍ୟ ରାଜ୍ୟରେ ପ୍ରବେଶ କରିବାବେଳକୁ ତାର ଶରୀରରେ ଶିର ନଥିବା ଦିବା ରାତ୍ରୀ ଭଳି ସତ୍ୟ —

ତଥାପି ଗ୍ରାମେ ଗ୍ରାମେ ଯବନର ଭୟ ମଞ୍ଜଥରା ଶୀତ ଭଳି ମନର ଭାରସାମ୍ୟ ଦୋହଲାଇ ଦିଏ । ଚାଞ୍ଚଲ୍ୟକର ଗୁଜବ ଏ କାନରୁ ସେ କାନ ପବନେ ପବନେ ଭାସିଯାଏ ପୃଥିବୀରୁ ଆକାଶକୁ । କାଳେ କାଳେ ଚାଞ୍ଚଲ୍ୟ ମଣିଷକୁ ଆନନ୍ଦ ଦିଏ । ସନ୍ଧ୍ୟା ବୁଡୁ ବୁଡୁ ଘରେ ଘରେ ଡାଟି କବାଟ ପଡ଼ିଯାଏ — ଯବନ ସେନାର ଅତ୍ୟାଚାର ଭୟରେ । ଝିଅ ବୋହୂ ମନେ ମନେ ପ୍ରମାଦ ଗଣନ୍ତି । ନିସ୍ତବ୍ଧ ରାତିରେ ଘୋଡ଼ା ଶବ୍ଦ ଭୟାତୁର କରେ ସରଢ଼ ଗ୍ରାମୀଣ ନରନାରୀଙ୍କୁ । ମା'ମାନେ କାନ୍ଦୁରା ପିଲାଙ୍କୁ ବୋଧ ଦିଅନ୍ତି — ଶୋଇପଡ଼, ମୋଗଲ ଆସୁଛି .....

ଗ୍ରାମଭଟଠାରୁ ଗ୍ରାମର କୁଶଳ ସମ୍ବାଦ ଶୁଣନ୍ତି ମହାଦଣ୍ଡପାଶବେଶୀ ମହାରାଜ । ଅଭୟ ଦିଅନ୍ତି — ପ୍ରଭାତ ହେବାମାତ୍ରେ ଗ୍ରାମେ ଗ୍ରାମେ ଡେଙ୍ଗୁରା ଦିଅ, ରାଜ୍ୟବାସୀ ନିରାପଦ । ସ୍ୱାଭାବିକ ଜୀବନଯାତ୍ରା ଅବ୍ୟାହତ ରହୁ । ନିର୍ଭୟରେ କାଢକଟାନ୍ତୁ ସମସ୍ତେ । ଶତ୍ରୁ ସୈନ୍ୟ

Digitized by srujanika@gmail.com

ରାଜ୍ୟ ସୀମା ସ୍ପର୍ଶ କରିବା ବହୁଦୂରର କଥା । ଗଙ୍ଗବଂଶର ଶାସନ କାଳରେ ତାହା ଅସମ୍ଭବ । ରାଜ୍ୟବାସୀଙ୍କ ପାଇଁ ରାଜାଙ୍କର ଏ ବାର୍ତ୍ତା ପ୍ରଚାର କର ।

ଅଶ୍ୱ ଛୁଟେ । ଗ୍ରାମରୁ ଗ୍ରାମାନ୍ତର । ଅନ୍ଧକାର ଭିତରେ ଗୋଟାଏ ଲଘୁ ଅଥଚ କ୍ଷୀପ୍ର ପଦପାତର ଛନ୍ଦ ଶୁଭୁଥାଏ । କେହି ଦଉଡ଼ି ଦଉଡ଼ି ଚାଲିଯାଉଛି ଅବାଟରେ — ଡୋଟାମାଳ ଭିତରେ । ଝରାପତ୍ର ଉପରେ ପଦପାତର ଛନ୍ଦେ ଛନ୍ଦେ ଗୋଟାଏ ଅସହାୟ ଭୀତିଭାବ ବାରି ହେଇଯାଉଛି । ପଦପାତର ଛନ୍ଦର ତାଳ ନାହିଁ — ଲୟ ନାହିଁ — ସ୍ଥିରତା ନାହିଁ । କେବେ ଧୀର — କେବେ କ୍ଷୀପ୍ର । କ୍ଷଣକେ ଥମିଯାଉଛି କ୍ଷଣକେ ଅସ୍ଥିର ହେଇ ଧାଉଁଛି । ଶବ୍ଦ ବାରି ରାଜାଙ୍କ ଅଶ୍ୱବାଟ ଭାଙ୍ଗିଲାଣି । ପଛରୁ ଶୁଭୁଛି ଆଉ କେତେଟା ପାଦଶବ୍ଦ । କିଛିଟା ଅସ୍ପଷ୍ଟ ଗୁଞ୍ଜରଣ । ପାଦ ଶବ୍ଦ ଏଥର ଅସ୍ଥିର ହେଇଉଠିଛି । ଆଗେ ଆଗେ ଛାୟାମୂର୍ତ୍ତିଟିଏ ଅସ୍ଥିର ତରଙ୍ଗଟିଏ ଭଳି ଧାଇଁ ଯାଉଛି । ସମୁଦ୍ରକୁ ? ନା — ଆଗରେ ପଦ୍ମପୋଖରୀ । ବିଳମ୍ବିତ ଚନ୍ଦ୍ରୋଦୟର ମଳିନ ଜ୍ୟୋସ୍ନାଲୋକରେ ନିବୁଜ ପଦ୍ମକଳିର ପାଖୁଡ଼ାରେ ଶିଶିର ବିନ୍ଦୁ ଝରି ପଡୁଛି ।

ଧାବମାନ ଛାୟା କିଶୋରୀ କ୍ଷଣକେ ପଦ୍ମପୋଖରୀକୁ ଲାଂଘିବାର କଥା । ଅଚାନକ ଗୋଟାଏ ବଳିଷ୍ଠ ଦୀର୍ଘ ହାତ କିଶୋରୀର ମୃଣାଳ ବାହୁ ଧରି ଅଶ୍ୱପୃଷ୍ଠକୁ ଟେକିନେଲା । ତା'ପରେ ଅନ୍ଧାର ଭିତରେ ଅଶ୍ୱ ଅଦୃଶ୍ୟ ହେଇଗଲା । ଅଶ୍ୱର ଆଗେ ଆଗେ ଆଉ କେତେଟା ଛାୟାମୂର୍ତ୍ତି ଧାଇଁଥିଲେ । କିଏ ? ଯବନ ସେନା ? କିଶୋରୀକୁ ସେମାନେ କ'ଣ ଅପହରଣ କରିନେବାର ଅପଚେଷ୍ଟା କରୁଥିଲେ ? ସେଇଥିପାଇଁ କିଶୋରୀ ପଦ୍ମପୋଖରୀରେ ଝାସ ଦେବାପାଇଁ ସ୍ଥିର କରି ଧାଇଁଥିଲା ।

ବାମ ହାତ କିଶୋରୀର ମୂର୍ଚ୍ଛିତ ଶରୀରକୁ ଆକର୍ଷି ଧରିଛି । ଅଶ୍ୱ ଛୁଟିଛି । ପାଦ ଶବ୍ଦ ମିଳାଇ ଗଲାଣି । ସବୁ ନିର୍ଜ୍ଜନ — ସ୍ଥିର — ଶାନ୍ତ ।

ପଲ୍ଲୀ, ଗ୍ରାମ, ଜନପଦ ପଛରେ ପଡ଼ିଗଲାଣି । କିଶୋରୀର ଶରୀର ଶୀତଳ ହେଇ ଆସୁଛି । ପ୍ରଥମେ ତାର ଶୁଶ୍ରୂଷା ଆବଶ୍ୟକ । ନଚେତ୍ ତାକୁ ଉଦ୍ଧାର କରିବା ବୃଥା ହେଇଯିବ ।

ନିବିଡ଼ ଜଙ୍ଗଲ । ଅଶ୍ୱ ଛିଡ଼ାହେଲା ଏକ ଭଗ୍ନ ମନ୍ଦିର ନିକଟରେ । ମନ୍ଦିର ଚତୁପାର୍ଶ୍ୱରେ ବୃହତ୍ ସମତଳଭୂମି ଏବଂ ତା ଉପରେ କେତୋଟି ଗୃହର ଧ୍ୱଂସାବଶେଷ । ପୋତିହୋଇ ପଡ଼ିଥିବା କ୍ଷୁଦ୍ର ପୋଖରୀଟିଏ । ନିକଟରେ ବହୁ ଦିନର ପରିତ୍ୟକ୍ତ ଭଙ୍ଗା କୂଅ ।

ରାଜା ଅଶ୍ୱପୃଷ୍ଠରୁ ଅବତରଣ କଲେ । କିଶୋରୀର ମୂର୍ଚ୍ଛିତ ଶରୀରକୁ ଅତି ଯତ୍ନରେ ଶୁଆଇଦେଲେ ମନ୍ଦିରର ପ୍ରାଙ୍ଗଣରେ । କିଛି ଅରଣ୍ୟ ଲତି ଏକତ୍ର ବାନ୍ଧି ତା ଦେହରେ ନିଜର

Digitized by srujanika@gmail.com

ଉତ୍ତରୀୟ ବାନ୍ଧି ଭଗ୍ନ କୂଅ ଭିତରକୁ ଧୀରେ ଧୀରେ ଖସାଇଦେଲେ । ଭାଗ୍ୟ ବଳରୁ କୂଅରେ ଏପର୍ଯ୍ୟନ୍ତ ବି ୫ର ଫିଟିଛି । ଉତ୍ତରୀୟଟି ପାଣିରେ ବୁଡ଼ାଇ ଉଠାଇ ଆଣିଲେ । କିଶୋରୀର ମୁହଁରେ ଚିପୁଡ଼ି ଦେଲେ ଶୀତଳ ଜଳ । ପୁଷ୍ପିତ ରାତ୍ରୀଫୁଲର ଡାଳଟିଏ ଭାଙ୍ଗି କିଶୋରୀକୁ ପଙ୍ଖା କରିବାକୁ ଲାଗିଲେ । ଅନ୍ଧାରରେ ବାଟ ଖୋଜି ଚନ୍ଦ୍ରିକାର କ୍ଷୀଣ ଧାରଟିଏ କିଶୋରୀର ମୁଦ୍ରିତ ଆଖିପତା ଛୁଇଁଲା ।

ରାଜା ବିସ୍ମିତ ହେଇ ଭାବିଲେ, କେଉଁଠି — କେବେ — ଦେଖିଛନ୍ତି ଏହି ନିଷ୍ପାପ ମୁଖ ପଦ୍ମକୁ ? ଗୋଟାଏ ପରିଚିତ ପଦ୍ମଗନ୍ଧ ଭାସିଆସୁଛି କିଶୋରୀର ଦେହରୁ । କିଏ ଏଇ ପଦ୍ମଗନ୍ଧା ନାରୀ ? ନିଟୋଳ ଲହୁଣୀ ହାତଟିଏ ନିସ୍ତେଜ ହେଇ ଦୂରଛଡ଼ା କରି ପଡ଼ିଛି । ତା'ଉପରେ ଜକ୍ ଜକ୍ ଦିଶୁଛି ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି । ନିଖୁଣ ଭାବେ ଚିତା କୁଟା ହେଇଛି । ତା ତଳକୁ ଚାରିଟି ଅକ୍ଷର 'ରାଧାକୃଷ୍ଣ' । 'ଆଃ' ଅସ୍ପଷ୍ଟ ଆର୍ତ୍ତନାଦ କଲେ ମହାରାଜା ନିଷ୍ଠୁର ଶିଳ୍ପୀର ଏଇ ହୃଦୟହୀନ କାର୍ଯ୍ୟରେ । ଲହୁଣୀ ହାତରେ ଶୁଚୀ ବିଦ୍ଧକଲା କେଉଁ ପାଷାଣ ?

ଚେତନା ଫେରିପାଇ ସଂକୋଚରେ ଉଠି ବସିଥିବା ନାରୀକୁ ଲକ୍ଷ୍ୟ କଲେ ମହାରାଜ । ପ୍ରଶ୍ନ କଲେ — କିଏ ତମେ ନାରୀ ?

ନାରୀଟି ସ୍ଥିର ଅଥଚ ଦୃଢ଼ ସ୍ୱରରେ ପାଇଟା ପ୍ରଶ୍ନ କଲା — କିଏ ଆପଣ ? କାହିଁକି ମତେ ବଞ୍ଚାଇଲେ ?

ଆତ୍ମହତ୍ୟା ମହାପାପ ।

— ପାପିନୀର ମହାପାପ କରିବା ଛଡ଼ା ଅନ୍ୟଗତି ନାହିଁ । ନାରୀଟି କୋହ ସମ୍ବରଣ କଲା ।

— ତମର ପାପ ?

କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମାଣ କରୁ କରୁ ମୋର ସ୍ୱାମୀ —

ନାରୀଟି ଅସ୍ଫୁଟ ସ୍ୱରରେ କାନ୍ଦିବାକୁ ଲାଗିଲା ।

ମହାରାଜାଙ୍କ ହୃଦୟ ଭିତରେ କରୁଣ ସ୍ୱରଟିଏ ବାଜି ଉଠୁଛି । ତେବେ କ'ଣ ଏ ନାରୀ ନୀଳ ମହାରଣାର ବାକ୍‌ଦତ୍ତା ?

ରାଜା ସ୍ଥିର ଚିତ୍ତରେ କହିଲେ ନୀଳ ମହାରଣା ବିବାହ କରିନଥିଲା, ଯଦିଓ ତାର ବିବାହ ସ୍ଥିର ହେଇଥିଲା ଅନେକ ଦିନରୁ । ତମେ ତେବେ —

— ନୀଳ ମହାରଣା ସଙ୍ଗେ ମୋର କିଛି ସମ୍ପର୍କ ନାହିଁ ।

Digitized by srujanika@gmail.com

— କୋଣାର୍କର ଶିଳ୍ପୀ ଶିବିରରେ କେବଳ ମାତ୍ର ନୀଳ ମହାରଣାର ମୃତ୍ୟୁ ହେଇଛି । ଆଉ ସମସ୍ତେ ସୁସ୍ଥ । ସେମାନେ ସର୍ବ ଶୁଭରେ କାର୍ଯ୍ୟରତ ।

— କିନ୍ତୁ ମୋର ସ୍ୱାମୀ ମୃତ ବୋଲି କେହି ଆସି ମୋର ଶାଶୁଙ୍କୁ ଖବର ଦେଲା । ମହାପ୍ରଭୁ ଆପଣ କିଏ ? ଆପଣ କ'ଣ ମୋର ସ୍ୱାମୀଙ୍କୁ ଚିହ୍ନନ୍ତି ? ସେ କୁଶଳରେ ଅଛନ୍ତି ? ତେବେ — କିଶୋରୀଟିର କଣ୍ଠରେ ଉତ୍କଣ୍ଠା, ବିସ୍ମୟ, ପୁଲକ ଏବଂ କାରୁଣ୍ୟର ଏକ ମିଶ୍ରିତ ମଧୁର ସ୍ୱର ଝଙ୍କାର ।

ରାଜା ନତଜାନୁ ହୋଇ କହିଲେ — ମୁଁ ରାଜଧାନୀ କୋଣାର୍କ ନଗରୀର 'ମହାଦଣ୍ଡପାଶ' । ନଗରୀର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ମୋର କାମ । ମୁଁ ରାଜା ନରସିଂହଙ୍କର ସେବକ — ରାଜା ଏ ରାଜ୍ୟର ସେବକ — ଜଗନ୍ନାଥଙ୍କର ସେବକ । ତେଣୁ ମୁଁ ମଧ୍ୟ ଜଗନ୍ନାଥଙ୍କର ଜଣେ ସେବକ । ଦେବୀ, ତମେ ସ୍ଥିର ହୁଅ । ଜଗନ୍ନାଥଙ୍କର ସେବକ ମିଥ୍ୟା କହେ ନାହିଁ । ନୀଳ ମହାରଣାର ମୃତ୍ୟୁ ସମ୍ବାଦ ସ୍ୱତନ୍ତ୍ର ଦୂତ ହାତରେ ଅତି ଦୁଃଖର ସହିତ ତାର ପରିବାରକୁ ଜଣାଇ ଦିଆଯାଇଛି । ତମ ସ୍ୱାମୀଙ୍କର ଅଶୁଭ ସମ୍ବାଦ ମିଥ୍ୟା — ଅମୂଳକ । କେହି ଦୂତ କ'ଣ ଏପରି ସମ୍ବାଦ ବହନ କରି ଆସିଥିଲା ?

— ନାଁ — ଦୂତ ଏ ସମ୍ବାଦ ଆଣିନାହିଁ । ଲୋକ ମୁଖରେ ଏକଥା ପ୍ରଚାରିତ ହେଇଛି । ମୋ ଶାଶୂ ତାକୁ ବିଶ୍ୱାସ କରିଛନ୍ତି ।

— ତମେ ସେସବୁ ବିଶ୍ୱାସ କରନାହିଁ । ତମ ସ୍ୱାମୀ ଯିଏ ହୁଅନ୍ତୁନା କାହିଁକି, ସର୍ବ ଶୁଭରେ ସେ ଦେଶକାର୍ଯ୍ୟ କରୁଛନ୍ତି । ଏଥର ଚାଲ — ଘରେ ପହଞ୍ଚାଇ ଦେବି ।

କିଶୋରୀ ଦୁଇ ହାତ ତୋଳି ଶୂନ୍ୟକୁ ନମସ୍କାର କଲା । କୃତଜ୍ଞ ହେଇ ସ୍ୱଗତୋକ୍ତି କଲା — ଜଗନ୍ନାଥ ସ୍ୱାମୀ, ମୋର ଯାହା ହେବାର ହେଉ — ସେ ସର୍ବ ଶୁଭରେ ଥାଆନ୍ତୁ — ତାଙ୍କର ଚିଷ୍ଟ ଖଣ୍ଡନ ହେଇଯାଇଛି । ପ୍ରଭୁ, ମୋ ପାଇଁ ତମ କରୁଣାର ସୀମା ନାହିଁ ।

ରାଜା ନରସିଂହ ମଧ୍ୟ ଶୂନ୍ୟକୁ ପ୍ରଣାମ ଜଣାଇଲେ । ମନେ ମନେ ଉଚ୍ଚାରଣ କଲେ — ପ୍ରଭୁ ପୁରୁଷୋତ୍ତମ — ନୀଳ ମହାରଣାର ଆତ୍ମାର ସଦ୍‌ଗତି ହେଉ — ଅବଶିଷ୍ଟ ବାରଶହ ଶିଳ୍ପୀଙ୍କୁ ଦୀର୍ଘାୟୁ କର ପ୍ରଭୁ — ବାରଶହ ପରିବାରର ସର୍ବଶୁଭ ପାଇଁ ତମେ ହିଁ ଏକମାତ୍ର ଭରସା । ତମରି ଇଚ୍ଛା ପୂର୍ଣ୍ଣ ହେଉ ।

କିଶୋରୀର ହୃଦୟ ବିଗଳିତ ହେଇଛି ଏଇ ପରମ ପୁରୁଷଟିର ସହୃଦୟତାରେ । ଅନ୍ୟ ପାଇଁ ଯାହାର ଅନ୍ତର କାନ୍ଦେ ସେ ଯିଏ ହେଲେ ବି ନମସ୍ୟ — ସେ ପୁରୁଷୋତ୍ତମ ।

Digitized by srujanika@gmail.com

ରାଜା ନମ୍ରଭାବରେ କହିଲେ — ଦେବୀ ଅନୁମତି ଦିଅ — ସ୍ୱଗୃହରେ ପହଞ୍ଚାଇ ମୋର କର୍ତ୍ତବ୍ୟ ଶେଷ କରେ । ଅଳ୍ପ ସମୟ ପରେ ପ୍ରଭାତୀ ତାରା ଆକାଶରେ ଉଠିବ । ରାତ୍ରୀ ଶେଷହେବା ପୂର୍ବରୁ ମତେ ରାଜଧାନୀକୁ ଫେରିଯିବାକୁ ହେବ ।

ମୃତ ସ୍ୱାମୀ କେଉଁ ଦିବ୍ୟ କୃପାବଳରେ ବଞ୍ଚି ଉଠିଥିବାର ବିସ୍ମୟକର ଆନନ୍ଦରେ, ଅନ୍ଧାର ଭିତରେ ରାତ୍ରୀ କୁସୁମ ଭଳି କିଶୋରୀର ଅବଗୁଣ୍ଠିତ ମୁହଁରେ ଆନନ୍ଦର ଫୁଲ ସବୁ ତୋପା ହୋଇ ଫୁଟିଥିଲା । ଗୃହକୁ ଫେରିଯିବାର ପ୍ରସ୍ତାବରେ ସେଇ ତୋପା ଆନନ୍ଦର କୋମଳ ପାଖୁଡ଼ାଗୁଡ଼ାକ ମଉଳିଗଲା — କ୍ଷଣକେ ଝରିପଡ଼ି ଧୂଳିରେ ଲୋଟିଲା । ବାଷ୍ପରୁଦ୍ଧ କଣ୍ଠରେ ସେ କହିଲା — ମହାପ୍ରଭୁ — ତମେ ରାଜଧାନୀକୁ ଫେରିଯାଅ । ଈଶ୍ୱର ତମର ମଙ୍ଗଳ କରନ୍ତୁ । ମତେ ମୋ ବାଟରେ ମରିବାକୁ ଦିଅ । ସ୍ୱାମୀ ବଞ୍ଚି ରହିଛନ୍ତି — ଦେଶ କାର୍ଯ୍ୟରେ ମନ ଢାଳି ଦେଇଛନ୍ତି । ଏତିକି ଜାଣି ମରିବାରେ ଆଉ ମୋର ଦୁଃଖ ନାହିଁ ।

ମହାରାଜ କ୍ଷୁଣ୍ଣ ହେଲେ । ଆଶ୍ଚର୍ଯ୍ୟ ଏଇ କିଶୋରୀ । ସ୍ୱାମୀଙ୍କ ମୃତ୍ୟୁ ସମ୍ବାଦ ଶୁଣି ସେ ଆତ୍ମହତ୍ୟା କରିବାପାଇଁ ଘର ଛାଡ଼ିଥିଲା । ସ୍ୱାମୀ ବଞ୍ଚିଛନ୍ତି ଶୁଣି ସେ ଆନନ୍ଦ ମନରେ ଗୃହକୁ ଫେରିଯାଇ ଦୁଃଖିନୀ ଶାଶୂକୁ ସାନ୍ତ୍ୱନା ଦେବାର କଥା । ଅଥଚ ଗୃହକୁ ଫେରିଯିବା ପାଇଁ ଚାହେଁନା ?

ରାଜା ଗମ୍ଭୀର, କଠୋର କଣ୍ଠରେ କହିଲେ — ମୁଁ ଏ ନଗରୀର ମହାଦଣ୍ଡପାଶ । ଗୋଟିଏ ନିରାଶ୍ରୟା ନାରୀକୁ ଆତ୍ମହତ୍ୟା କରିବା ପାଇଁ ଛାଡ଼ିଦେବା ମୋ କାର୍ଯ୍ୟର ବାହାର କଥା । ଆସ — ଘରେ ପହଞ୍ଚାଇ ମୁଁ ଶାଶୂକୁ ସବୁ ବୁଝାଇଦେବି ।

କିଶୋରୀ ଦୁଃଖ ଭରା ସ୍ୱରରେ କହିଲା — ଶାଶୂଘର ବହୁଦିନୁ ଛାଡ଼ିଛି । ମୋ ପାଇଁ ଶାଶୂଘରର ଦ୍ୱାର ରୁଦ୍ଧ ହୋଇଯାଇଛି । କାରଣ — ମୁଁ ପାପିନୀ — କଳଙ୍କିନୀ । କିଶୋରୀ ଲଜ୍ଜାରେ, ଦୁଃଖରେ ଭାଙ୍ଗି ପଡୁଥାଏ ।

ତମର ପାପ କ'ଣ ?

ମୋ ପ୍ରତି ମୋ ଦିଅରଙ୍କର ଶ୍ରଦ୍ଧା, ସହାନୁଭୂତି । ସ୍ୱାମୀଙ୍କ ବିଦେଶଯାତ୍ରା ପାଇଁ ଶାଶୂଙ୍କ ଆଖିରେ ମୁଁ ଅଲକ୍ଷଣୀ । ତେଣୁ ନିର୍ଯ୍ୟାତନା ମୋର ପ୍ରାପ୍ୟ । ମୋ ଦିଅର ତାର ବିରୋଧ କରେ । ପ୍ରତି ରାତ୍ରୀରେ ମନ୍ଦିର ବେଢ଼ାର ଗଭୀର ବାଙ୍ଗିରୁ ସେ ମୋ ପାଇଁ ପାଣି କାଢ଼ି ଘରକୁ ବୋହିନିଏ । ଘରେ ଅନେକ କାର୍ଯ୍ୟରେ ମତେ ସେ ସାହାଯ୍ୟ କରେ । ତାଙ୍କର ଏ ସାହାଯ୍ୟ, ସହାନୁଭୂତି ଅନେକଙ୍କର ସହ୍ୟ ହୁଏନାହିଁ । ଗାଁ ସାରା ରାଷ୍ଟ୍ର ହେଲା ପ୍ରତି ରାତ୍ରୀରେ ମନ୍ଦିର

Digitized by srujanika@gmail.com

ବେଡ଼ାର ବଉଳ ଗନ୍ଧର ଚାନ୍ଦିନୀରେ — ମୋ ଦିଅର ମୋ ସହ ..... କିଶୋରୀଟିର ବାଷ୍ପରୁଦ୍ଧ ହେଲା । ସେ ମୁହଁ ଲୁଚାଇ କାନ୍ଦୁକାନ୍ଦୁ କହିଲା — ହେ ଭଗବାନ ! ଅଭାଗିନୀକୁ ଦୟା ଦେଖାଇବାକୁ ଯାଇ ମୋର ଦିଅର ଭଳି ଦେବତା କଳଙ୍କିତ ହେଲା । ମୁଁ ତ ଅଭାଗିନୀ — କଳଙ୍କ ମୋର କପାଳ ଲିଖନ । କିନ୍ତୁ ତାର କ'ଣ ଦୋଷ ? ଦୁଃଖୀକୁ ଦୟାକରିବା କ'ଣ ଅପରାଧ ?

ରାଜା ସ୍ତବ୍ଧ ହୋଇ ଶୁଣୁଛନ୍ତି ଦେବୀ ଚନ୍ଦ୍ରଭାଗାର ଦୁଃଖ କାହାଣୀ । ଚନ୍ଦ୍ରଭାଗା ଦେହର ପରିଚିତ ପଦ୍ମ ଗନ୍ଧକୁ ସେ ଏବେ ଚିହ୍ନି ପାରିଛନ୍ତି ।

ସେ ନିରୁତ୍ତର । ଚନ୍ଦ୍ରଭାଗା ଭଳି କେତେ କେତେ କିଶୋରୀ ସ୍ୱାମୀ ବିଚ୍ଛେଦ କାନ୍ଦରେ ଏମିତି ନିର୍ଯ୍ୟାତିତା ହେଉଥିବେ । ସେ କଥା ତ କେବେ ତାଙ୍କ ଚିନ୍ତାରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିନାହିଁ !

ଚନ୍ଦ୍ରଭାଗାର ଦୀର୍ଘଶ୍ୱାସରେ ରାତ୍ରୀ ଶେଷର ଆକାଶ ଧୂଆଁଳିଆ ଦିଶୁଛି । ଚନ୍ଦ୍ରଭାଗା କହିଲା — ଶାଶୁଙ୍କର ଆଦେଶରେ ବାପାଘରକୁ ଫେରିଆସିଲି । ବାପାକୁ ଡକାଇ କୁଳଟା ବୋହୂକୁ ଫେରନ୍ତ ଦେଲେ ଶାଶୂ । ଆଦେଶ ଦେଲେ ତାଙ୍କର ପୁଅ ଫେରିଆସି ପାପିନୀର ମୁହଁ ଯେମିତି ନଦେଖେ । ବାପଘରେ ମଧ୍ୟ ଦୁଃଖର ଶେଷ ହେଲାନାହିଁ । ମୋର ମିଥ୍ୟା କଳଙ୍କ ଯୋଗୁ ସମସ୍ତଙ୍କର ସ୍ନେହ ସହାନୁଭୂତିରୁ ବଞ୍ଚିତ କଲା । ତଥାପି ବଞ୍ଚିଥିଲି । ପଦ୍ମଭଳି ପ୍ରତୀକ୍ଷା କରିଥିଲି ସ୍ୱାମୀଙ୍କୁ । ମନରେ ଆଶାଥିଲା — ହୁଏତ ସେ ଫେରିଆସିବେ ମତେ ଥରଟିଏ ଦେଖା କରିବେ । ମୋ ଆଖିକୁ ଚାହିଁଲେ ସେ ହୁଏତ ମତେ ବୁଝିଯିବେ । କିନ୍ତୁ ହଠାତ୍ ବଜ୍ରପାତ ପରି ଅଚାନକ ଖବର ଆସିଲା ଶାଶୂଙ୍କ ପାଖରୁ, ତାଙ୍କର ପୁତ୍ର ମୋର କାନ୍ଥ ନିଶ୍ୱାସରେ ଝରିଯାଇଛନ୍ତି । ମୁଁ ଯଦି ବଞ୍ଚିରହେ ତେବେ ତାଙ୍କର ବଂଶ ନାଶ ହୋଇଯିବ । ତାଙ୍କର ଇଚ୍ଛା ମୋର ମୃତ୍ୟୁବରଣ କରିବା ଉଚିତ । ଶାଶୂଙ୍କ ଇଚ୍ଛା ପାଳି, ମୋର ପୁତ୍ର ତୁଲ୍ୟ ଦିଅରର ମଙ୍ଗଳ ମନାସି ମୁଁ ବାପାଙ୍କ ଘର ଛାଡ଼ି ମୋର ପ୍ରିୟ ପଦ୍ମପୋଖରୀରେ ପ୍ରାଣ ବିସର୍ଜ୍ଜନ କରିବାକୁ ପଣ କରିଥିଲି । ସେଇ ପଦ୍ମପୋଖରୀ ବନ୍ଧରେ ସ୍ୱାମୀଙ୍କୁ ଦେଖିଥିଲି ଥରେ — ଖୁବ୍ ଦୂରରୁ — ଅସ୍ପଷ୍ଟ ଭାବରେ । ସେଇଥିପାଇଁ ସେ ପୋଖରୀ ମୋର ପ୍ରିୟ । କିନ୍ତୁ ଆପଣ ମୋର ସଙ୍କଳ୍ପରେ ବାଧା ଦେଲେ —

ମହାରାଜ ଦୁଃଖଭରା କଣ୍ଠରେ କହିଲେ — ଦେବୀ ବର୍ତ୍ତମାନ ତମେ ବାପାଙ୍କ ଘରକୁ ଫେରିଯିବା ଉଚିତ । କାରଣ ତମର ସ୍ୱାମୀ ଜୀବିତ ଏବଂ ସେ ତମକୁ ନିଶ୍ଚୟ ଗ୍ରହଣ କରିବେ । ଶିଘ୍ରୀର ଆଖି ତମର ନିଷ୍ପାପ କୋମଳତାକୁ ଠିକ୍ ବୁଝିପାରିବ ।

Digitized by srujanika@gmail.com

ଚନ୍ଦ୍ରଭାଗା ଦୁଃଖରେ ଭାଙ୍ଗିପଡ଼ିଲା । ବିଷଣ୍ଣ ମୁଖ ତୋଳି କହିଲା, ବାପା ଏବେ ମୃତ । ଭାଇ ଭାଉଜଙ୍କ ସଂସାରରେ ମୁଁ ଏକ କଳଙ୍କର ବୋଝ । ମୋ ପାଇଁ ଭାଇ ଗାଁରେ ମୁଣ୍ଡ ତଳକୁ କରି ବାଟ ଚାଲନ୍ତି । ଆଜି ସାରା ରାତି ଗ୍ରାମ ବାହାରେ କଟାଇ କେଉଁ ସାହସରେ ମୁଁ ଆଉ ଫେରିଯିବି ? ଜାଣେନା ଗାଁ ଛାଡ଼ି ମୁଁ କେତେଦୂର ଚାଲିଆସିଛି । ଯଦି ଫେରିଯାଏ ତେବେ ଭାଇ ତ ଦୂରର କଥା, ମୋ ଗାଁ ମତେ ଆଉ ଗ୍ରହଣ କରିବ ନାହିଁ । ଆଜି ମୋର ସବୁ ରାସ୍ତା ବନ୍ଦ । ମତେ ଏଇଠି ଛାଡ଼ି ଆପଣ ରାଜକାର୍ଯ୍ୟରେ ରାଜଧାନୀ ଫେରିଯାନ୍ତୁ ।

ଯୁଗେ ଯୁଗେ ସମାଜର ଅନ୍ଧ ବିଚାରରେ ନାରୀ ଜାତି ନିର୍ଯ୍ୟାତିତା । ରାଜା ନରସିଂହ ଏ କିଶୋରୀର ନିଷ୍ପାପ ଚରିତ୍ରର ନିର୍ମଳତା ସମ୍ବନ୍ଧରେ ନିଃସନ୍ଦେହ । ଗତ ରାତ୍ରୀରେ କିଶୋରୀଟିଏ ଗ୍ରାମ ଛାଡ଼ି ଚାଲି ଆସିଥିଲେ ବି ତାର ନିର୍ମଳତାରେ ମଳିନତାର ସ୍ପର୍ଶ ନାହିଁ, ସେ ଜାଣନ୍ତି । ଅଥଚ କିଶୋରୀଟିକୁ ସାମାଜିକ ନ୍ୟାୟ ଦେବା ଆଜି ତାଙ୍କ କର୍ତ୍ତୃତ୍ୱର ବାହାରେ । ରାଜା ହେଇ ସେ ଅସହାୟ । ଦିନେ ସତୀ ସୀତାଙ୍କୁ ମଧ୍ୟ ଏମିତି ମିଥ୍ୟା କଳଙ୍କ ମଥାରେ ବହି ନିର୍ବାସିତା ହେବାକୁ ପଡ଼ିଥିଲା । କିଶୋରୀଟି ସତକୁ ସତ ଗ୍ରାମକୁ ଫେରିଯିବା ଆଉ ସମ୍ଭବ ନୁହେଁ । ତାକୁ ଏଠି ଛାଡ଼ି ଦେଇଯିବା ଏବଂ ମୃତ୍ୟୁ ମୁଖକୁ ଠେଲିଦେଇଯିବା ଏକ କଥା । ସେ କ'ଣ କରିବା ବାଞ୍ଛନୀୟ ?

ନିବିଡ଼ ଅରଣ୍ୟର ମଥାନରେ ଦିଗହୀନ ଅନ୍ଧାର ଆକାଶକୁ ଚାହିଁ ନିଜ କାର୍ଯ୍ୟପଛାରେ ଦିଗ ନିର୍ଣ୍ଣୟ କରୁଥିଲେ ରାଜା ନରସିଂହ । ସାମ୍ନା ଆକାଶର ରଙ୍ଗ ବଦଳୁଛି । ସ୍ୱଚ୍ଛ ଅନ୍ଧାରରେ ଏଥର ଦିଗ ବାରିହେବ । ଉଦାର ଆକାଶ କିଛି ମୃଦୁରଙ୍ଗ ପୃଥିବୀରେ ବି ବୁଣି ଦେଉଛି । କିଶୋରୀର ଅର୍ଦ୍ଧ ମୁକୁଳିତ ମୁଖ ସବୁତକ ଅରୁଣ ରଙ୍ଗ ଯେମିତି ଗୋଟେଇ ନେଉଛି । ରାଜାଙ୍କର ଦୃଷ୍ଟି ସମ୍ମୁଖରେ ପଦ୍ମଫୁଲଟିଏ ପାଖୁଡ଼ା ମେଲୁଛି । କିନ୍ତୁ ଆଦିତ୍ୟ ଅନେକ ଦୂରରେ —

ଜ୍ୟୋତ୍ସ୍ନାଲୋକରେ ଯେଉଁ ମୁଖ ଶୋଭା ଥରେ ମାତ୍ର ଦେଖି ରାଜା ଦିନେ ବିସ୍ମିତ ହେଇଥିଲେ, ଆଜି ଅରୁଣାଲୋକରେ ସେଇ ମୁଖଶୋଭାରେ ସେ ସ୍ତମ୍ଭୀଭୂତ — ମନ୍ତ୍ରମୁଗ୍ଧ । ଗୋଟାଏ ପବିତ୍ର କୋମଳ ସ୍ୱର୍ଗୀୟ ପ୍ରେମଭାବରେ ମାନବ ହୃଦୟର ସବୁ ଶୂନ୍ୟତା — ସବୁ ସଂକୀର୍ଣ୍ଣତା ଅନ୍ତର୍ହିତ ହେଇଛି । ଏଇ ନିଷ୍ପାପ କିଶୋରୀଟି ଭାଗ୍ୟର ବିଡ଼ମ୍ବନାରେ ନର୍କପୁରୀରୁ ଫେରିଆସିଲେ ମଧ୍ୟ ତାଠାରେ ପାପର ଛାୟା ପୁଦ୍ଧା ପଡ଼ିବ ନାହିଁ । ଅଥଚ ସମାଜ ଆଖିରେ ସେ ଆଜି କୁଚଟା — ପାପିନୀ — ଅଲକ୍ଷଣୀ —

ଯାହାକୁ ସେ ଏପର୍ଯ୍ୟନ୍ତ କିଶୋରୀ ମନେ କରିଥିଲେ ସେ ଆଜି ପୂର୍ଣ୍ଣ ଯୌବନା ତରୁଣୀଟିଏ । ଏ ଭିତରେ କେତେ ବର୍ଷ ଗତ ହେଇଯାଇଛି ବୋଲି ଏବେ ସ୍ମରଣକୁ ଆସୁଛି ।

Digitized by srujanika@gmail.com

କୋଣାର୍କ ମନ୍ଦିର ନିର୍ମାଣ ପ୍ରାୟ ଅଧାଅଧି ସମ୍ପନ୍ନ ହୋଇଛି । ଏ ଭିତରେ ବିତିଗଲାଣି ସାତ ବର୍ଷ । ଶିଳ୍ପୀ ପ୍ରିୟାର ପ୍ରତୀକ୍ଷା ଶେଷ ହେଇ ଆସୁଛି । କିନ୍ତୁ ଚନ୍ଦ୍ରଭାଗାର ପ୍ରତୀକ୍ଷାର ଅନ୍ତ କେଉଁଠି ?

ରାଜା ମନ୍ଦ୍ର ମଧୁର ସ୍ୱରରେ କହିଲେ — ଦେବୀ, ଏବେ ମଧ୍ୟ ପ୍ରଭାତ ହେବାପାଇଁ କିଛିକ୍ଷଣ ବାକୀ ଅଛି । ଆସ — ମୁଁ ନେଇଯିବି ତମ ଗ୍ରାମକୁ ପଦ୍ମ ପୋଖରୀ ତଟକୁ । ପ୍ରତ୍ୟୁଷରୁ ସ୍ନାନ ସାରି ତମେ ଘରକୁ ଫେରିଯିବ । କେହି କିଛି ଜାଣିବେ ନାହିଁ । ସେତେବେଳକୁ କେହି ଶଯ୍ୟା ମଧ୍ୟ ତ୍ୟାଗ କରିନଥିବେ ।

ବିବେକବନ୍ତ ପରମ ପୁରୁଷକୁ ଚାହିଁଲା ଚନ୍ଦ୍ରଭାଗା । ଯୁବକ ମହାଦଣ୍ଡପାଶକର ପ୍ରଶସ୍ତ ବୁକୁ — ସୁଉଚ୍ଚ କପାଳ — ଉନ୍ନତ ନାସା — ଆୟତ ଉଦାର ଚକ୍ଷୁ — ଉଜ୍ଜ୍ୱଳ ସୌମ୍ୟ କାନ୍ତି ତାର ତରୁଣୀ ହୃଦୟର ଅଳିଖିତ ପୃଷ୍ଠାରେ ଏକ ଅପୂର୍ବ ଶ୍ରଦ୍ଧା ଓ ସଂଭ୍ରମର ଛବି ଆଙ୍କିଦେଲା । ଚନ୍ଦ୍ରାଲୋକରେ ଏମିତି ଏକ ଦୀର୍ଘ ପୁରୁଷ ତାକୁ ବଞ୍ଚାଇଥିଲେ — ଠିକ୍ ସେଇ ନାକ, ସେଇ ଆଖି — ସେଇ ମନ୍ଦ୍ର ମଧୁର ସ୍ୱର —। ସେଦିନ ବଞ୍ଚିବା ଶ୍ରେୟ ଥିଲା, ଆଜି ମୃତ୍ୟୁ ଭିନ୍ନ ଅନ୍ୟ ଗତି ନାହିଁ । ତଫାତ୍ ମାତ୍ର ଏତିକି ।

ସେ ତାକୁ ଫେରାଇ ନେବାକୁ ଚାହାନ୍ତି । ସେ କି ଜାଣନ୍ତି ମୃତ୍ୟୁଠାରୁ ଜୀବନ ଆଜି ବେଶି କଷ୍ଟକର ବୋଲି ! ଚନ୍ଦ୍ରଭାଗା ନମ୍ର କଣ୍ଠରେ ମିନତି କଲା — ମହାଶୟ, ମୁଁ ଜଣେ ବିବାହିତ ନାରୀ । ସଜ୍ଞାନରେ ଆପଣଙ୍କ ସହ ଅଶ୍ୱପୃଷ୍ଠରେ ବସି ଫେରିବା ମୋ ପକ୍ଷେ ଅନୁଚିତ । ଆପଣ ଆଗେ ଆଗେ ଫେରିଯାନ୍ତୁ । ଗ୍ରାମର ସମ୍ବାଦ ସଂଗ୍ରହ କରି ଫେରିଆସି ମତେ ଜଣାଇବେ । ଯଦି ମୋର ଅନ୍ତର୍ଦ୍ଧାନ କଥା କେହି ଜାଣିନଥିବେ ତେବେ ମୁଁ ନିଶ୍ଚୟ ଫେରିଯିବି ଏବଂ ସ୍ୱାମୀଙ୍କୁ ପ୍ରତୀକ୍ଷା କରି ବଞ୍ଚିରହିବି ।

— କିନ୍ତୁ ପ୍ରଭାତ ଆଉ ଅଳ୍ପ ଡେରି । ରାତ୍ରୀ ପାହିଗଲେ ତମେ ଫେରିଯାଇପାରିବ ନାହିଁ । ତମ ଅନ୍ତର୍ଦ୍ଧାନ କଥା ପ୍ରଚାର ହେଇଯିବ । ରାଜା ଯୁକ୍ତି ବାଢ଼ିଲେ ।

ଚନ୍ଦ୍ରଭାଗା ନମ୍ର ଭାବରେ କହିଲା — ଯାହା ହେଲେ ମଧ୍ୟ ଆପଣଙ୍କ ସହ ଅଶ୍ୱପୃଷ୍ଠରେ ବସି ଫେରିବା ମୋ ପକ୍ଷେ ସମ୍ଭବ ନୁହେଁ । ତା ଦ୍ୱାରା ଗ୍ରାମରେ ମୋର ଆଉ ଏକ ନୂତନ କଳଙ୍କର କଥା ପ୍ରଚାରିତ ହେବ । ଆପଣ ସମୟ ନଷ୍ଟ ନକରି ଶୀଘ୍ର ଯା'ନ୍ତୁ । ଆପଣ ଶୀଘ୍ର ଫେରିଆସିଲେ ହୁଏତ ରାତ୍ରୀ ପାହିବା ପୂର୍ବରୁ ମୁଁ ଗ୍ରାମ ସୀମାରେ ପହଞ୍ଚିଯିବି ।

ରାଜା ଯେମିତି ଏଇ ନାରୀଟି ଆଗରେ ବାଧ ଶିଶୁଟିଏ । ସେ ସମ୍ମତ ହେଲେ । ଅବିଚ୍ଛ କଣ୍ଠରେ କହିଲେ — କିନ୍ତୁ ଗୋଟାଏ ସର୍ତ୍ତ — ଯଦି ଗ୍ରାମସୀମାରୁ ମିଁ ନିରାଶ ହେଇ ଫେରେ

Digitized by srujanika@gmail.com

ତେବେ ମୋ ସଙ୍ଗେ ରାଜଧାନୀ କୋଣାର୍କ ନଗରୀକୁ ତମକୁ ମୁଁ ଘେନିଯିବି । ସେଠି ତମର ସ୍ୱାମୀ ମନ୍ଦିର ତୋଳୁଛନ୍ତି । ତମେ ତାଙ୍କ ପ୍ରେରଣା ହେବ — କୋଣାର୍କ ହେବ ଅନବଦ୍ୟ ରୂପ ଶୋଭାର ଗନ୍ତାଘର —

ଚନ୍ଦ୍ରଭାଗା ଚମକି ଉଠି କହିଲା — ସେ କଥା ହେଲେ ମହାରାଜ ମୋ ସ୍ୱାମୀଙ୍କର ମୁଣ୍ଡକାଟ କରିବେ ଏବଂ ମୋ ପାଇଁ ନର୍କଭୋଗର ବ୍ୟବସ୍ଥା କରିବେ । ମହାରାଜଙ୍କ ପାଖରେ ମଣିଷଠାରୁ ପଥରର ମୂଲ୍ୟ ବେଶୀ । ପଥରରେ ପ୍ରାଣ ଫୁଟାଇବା ପାଇଁ ସେ ମଣିଷ ପ୍ରାଣର ଭାଷାପ୍ରତି ପଥର ହେଇଛନ୍ତି ।

ରାଜା ନରସିଂହ ସ୍ତବ୍ଧ ହୋଇ ଠିଆ ହୋଇଛନ୍ତି । ଏଇ ଗ୍ରାମ୍ୟ ଲଳନାଟି ବାରମ୍ବାର ତାଙ୍କର ରାଜକୀୟ ବିଚାର ଉପରେ ପଦାଘାତ କରୁଛି । ଯେଉଁ ଝିଅଟାର କଥା ରକ୍ଷା କରି ସେ ବାରବର୍ଷର କଠୋର ତପଃ ଆଚରଣ କରିଛନ୍ତି ସେ ତାକୁ ରାଜା ଭାବରେ ସଂଭ୍ରମ ଦେଖାଏ, ମାତ୍ର ମଣିଷ ଭାବରେ ଶ୍ରଦ୍ଧା କରେ ନାହିଁ । ଏତିକି ତ ରାଜାର ଦୁଃଖ ।

ରାଜା ସ୍ଥିର କଣ୍ଠରେ କହିଲେ, ଦେବୀ — ରାଜା ଜଣେ ସାଧାରଣ ମଣିଷ । ତାଙ୍କ ହୃଦୟରେ ସବୁ ମଣିଷ ପରି ଦୟା, କ୍ଷମା, ସ୍ନେହ, ପ୍ରେମ, ଭକ୍ତି, କରୁଣା ରହିଛି । ରାଜା ନରସିଂହଙ୍କୁ ମୁଁ ଜାଣେ । ମଣିଷ ପାଇଁ ତାଙ୍କର ଅନ୍ତର କାନ୍ଦେ । ତମେ ଯେ ସେକଥା ବୁଝୁନାହିଁ ଏତିକି ଜାଣିଲେ ସେ ଦୁଃଖୀ ହେବେ ।

ରାଜାଙ୍କର ପୁଣି ଦୁଃଖ ! ହସିଲା ଚନ୍ଦ୍ରଭାଗା ।

ରାଜା ନରସିଂହ ଦୁଃଖଭରା ହୃଦୟରେ ଭାବିଲେ, ସମସ୍ତେ ଭାବନ୍ତି ରାଜାର କିଛି ଦୁଃଖ ନାହିଁ, ସେତିକି ହିଁ ରାଜାର ସବୁଠୁ ବଡ଼ ଦୁଃଖ ।

ରାଜା ନିଜ ଦୁଃଖକୁ ନିଜ ଭିତରେ ସଞ୍ଚୟ କରିନେଲେ । ଏଇ ଦୁଃଖିନୀ ଝିଅଟାର ଦୁଃଖର ଗୁରୁଭାର ଏତେ ବେଶି ଯେ ସେଠି ଆଉ କାହାର ଦୁଃଖୀ ହୃଦୟର ଭାଷା ପହଞ୍ଚିପାରିବ ନାହିଁ । ନିଜ ଦୁଃଖ ଛଡ଼ା ତାର ଯେ ଆଉ କିଛି ସମ୍ବଳ ନାହିଁ । ମଣିଷ ଅତି ଦୁଃଖରେ ଦେବତାକୁ ପଥର କହେ — ରାଜା ତ ଦେବତାର ସେବାକାରୀ ନଗଣ୍ୟ ମଣିଷଟିଏ । ତାକୁ ଯଦି ଚନ୍ଦ୍ରଭାଗା ଦୁଃଖରେ ଭାଙ୍ଗି ଯାଉ ଯାଉ ପଥର କହେ ସେଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ରାଜା ଅଶ୍ୱାରୋହଣ କରିବା ପୂର୍ବରୁ ପ୍ରଶ୍ନ କଲେ — ନିର୍ଜନ ବନ ଭୂଇଁରେ ଏକାକୀ ଭୟ ପାଇବ ନାହିଁ ତ ?

ଆକାଶର ମ୍ଳାନ ନକ୍ଷତ୍ର ଭଳି ଚନ୍ଦ୍ରଭାଗା ମ୍ଳାନ ହସି ଉତ୍ତର ଦେଲା — ମୃତ୍ୟୁ ପାଖରେ ନିଜକୁ ସମର୍ପି ଦେବାପାଇଁ ଯିଏ ବାହାରି ଆସିଛି ତାର ପୁଣି ଭୟ ?

Digitized by srujanika@gmail.com

ରାଜା ଅଶ୍ୱାରୋହଣ ପୂର୍ବକ କହିଲେ — ଭୟ ନାହିଁ ଦେବୀ, ମୁଁ ଖୁବ୍ ଶୀଘ୍ର ଫେରି ଆସୁଛି । ଜଗନ୍ନାଥ ତୁମର ଭରସା ହେବେ ।

ଅଶ୍ୱାରୋହୀ ରାଜା ବିଦ୍ୟୁତ୍ ବେଗରେ ଅନ୍ତର୍ହିତ ହେଇଗଲେ ।

ଚନ୍ଦ୍ରଭାଗା ତାଙ୍କୁ ପ୍ରଣାମ ଜଣାଇ ସ୍ୱଗତୋକ୍ତି କଲା — ହେ ଅଶ୍ୱାରୋହୀ ଯୁବକ । ତମେ ଯିଏ ବି ହୁଅ, ଚନ୍ଦ୍ରଭାଗାର ତମେ ନମସ୍ୟ । ଦେବଦୂତ ଭଳି ବାରମ୍ବାର ତମେ ଚନ୍ଦ୍ରଭାଗାକୁ ମୃତ୍ୟୁ ଦ୍ୱାରରୁ ଫେରାଇ ଆଣିଛ । କିନ୍ତୁ ମୃତ୍ୟୁ ଛଡ଼ା ଅଭାଗିନୀର ଯେ ଅନ୍ୟ ପଥ ନାହିଁ । ମୃତ୍ୟୁର ଚରମ ମୁହୂର୍ତ୍ତରେ ମଧ ତମକୁ ମୁଁ ସ୍ମରଣ କରିବି । ତମକୁ ଦେଖି ହିଁ ମୁଁ ବୁଝିଛି ପୁରୁଷ କିଏ, କେମିତି ତାର ରୂପ, କେତେ ତାର ଶକ୍ତି, କିପରି ତାର ବ୍ୟକ୍ତିତ୍ୱ । ତମେ ହିଁ ତ ମୋ ସମ୍ମୁଖରେ ପ୍ରଥମ ପୁରୁଷ ରୂପେ ଆବିର୍ଭାବ ହେଇଛ । କାରଣ ମୋ ସ୍ୱାମୀଙ୍କୁ ମୁଁ ଦେଖିନାହିଁ ।

ଗ୍ରାମ ସୀମାରେ ସ୍ତବ୍ଧହୋଇ ରହିଗଲେ ଗଙ୍ଗ ନରପତି । ଅତି ପ୍ରତ୍ୟୁଷରୁ ଆଜି ଏ ଗ୍ରାମର ନିଦ୍ରାଭଙ୍ଗ ହେଇଛି । ଅନେକ ଲୋକଙ୍କର ଅସ୍ପଷ୍ଟ ବାର୍ତ୍ତାଳାପ ଝାପ୍ସା ଅନ୍ଧାରର ମୌନତା ଭାଙ୍ଗି ଦେଇଛି ।

ଗ୍ରାମରକ୍ଷୀକୁ ଧୀରେ ପ୍ରଶ୍ନ କଲେ ମହାରାଜ — ଗ୍ରାମର ସବୁ ମଙ୍ଗଳ ତ ?

ନା ମହାପ୍ରଭୁ । ଗତ ରାତ୍ରୀରେ ଯବନ ସେନା ଯୁବତୀ ଝିଅଟାକୁ ଘୋଡ଼ାରେ ବସାଇ ନେଇ ଯାଇଛି । ଅବଶ୍ୟ ସେ ଝିଅଟା ଏ ଗାଁର କଳଙ୍କ ଥିଲା । ମୃତ୍ୟୁ ତା ପାଇଁ ଶ୍ରେୟ । ମହାରାଜ ଗମ୍ଭୀର କଣ୍ଠରେ କହିଲେ ହୁଏତ ସେ ଝିଅଟା ଫେରିଆସିପାରେ ଏବଂ ଯବନ ଏ ରାଜ୍ୟରେ ପ୍ରବେଶ କରିନାହିଁ । ଗ୍ରାମରକ୍ଷୀ ବିନୀତ ସ୍ୱରରେ କହିଲା — ଆପଣ ମହାଦଣ୍ଡପାଶ । ତେଣୁ ସବୁ ଖୋଲି କହୁଛି । ମୁଁ ନିଜେ ସ୍ୱଚକ୍ଷୁରେ ଦେଖିଛି ଯବନ ସେନା ରାତି ଅଧରେ ଝିଅଟାକୁ ଘୋଡ଼ାରେ ବସାଇ ନେଇଯାଇଛି । ଏ ଗାଁର କେତେଲୋକ ସେ କଥା ଦେଖିଛନ୍ତି । ଝିଅଟା ଯଦି ଦୁର୍ଭାଗ୍ୟବଶତଃ ଦଅିଯାଇଥାଏ ଓ ଫେରିଆସେ ତେବେ ଏ ଗାଁରେ ତାର ଆଉ ସ୍ଥାନ ନାହିଁ । ମୃତ୍ୟୁଠାରୁ ତାର ଦୁଃଖ ଓ ଲାଞ୍ଛନା ବଳିପଡ଼ିବ । ଗଙ୍ଗ ନରପତି ନରସିଂହଙ୍କ ରାଜୁତିରେ ଏ ଦେଶରେ ଚୋରୀ, ଡକାୟତୀ, ବଳତ୍କାର, ଲୁଣ୍ଠନର ଚିହ୍ନ ବର୍ତ୍ତି ନାହିଁ । ଯବନ ସେନା ବ୍ୟତୀତ ଏ କାମ କରିବ କିଏ ? ଏ ରାଜ୍ୟରେ ଏଭଳି ବର୍ବର ଆଉ କିଏ ହୋଇପାରେ ?

ପ୍ରଭାତର ପ୍ରଥମ ଆଲୋକ ପୃଥିବୀ ସ୍ପର୍ଶ କରୁଥିଲା । ଗଙ୍ଗ ନରପତି ମୁହଁ ଫେରାଇ ଜଙ୍ଗଲ ଭିତରେ ଅଦୃଶ୍ୟ ହୋଇଗଲେ । ରାତ୍ରୀ ଶେଷ ହୋଇଛି । ତାଙ୍କର ଅନ୍ଧାରିବିଜେ ସରିଛି । କିନ୍ତୁ ମନ ଭିତରଟା ଅନ୍ଧକାରାଚ୍ଛନ୍ନ ହୋଇଯାଇଛି । ଚନ୍ଦ୍ରଭାଗାର କି ବ୍ୟବସ୍ଥା ସେ କରିବେ ?

Digitized by srujanika@gmail.com

ତାକୁ ଯଦି ତାର ସ୍ୱାମୀ ପାଖରେ ପହଞ୍ଚାଇ ଦିଆହୁଏ, ତେବେ ହୁଏତ ତା ଦୁର୍ଦ୍ଦଶାର ଅନ୍ତ ହେବ । କିନ୍ତୁ କୋଣାର୍କ ନିର୍ମାଣର ସଂକଳ୍ପରେ ଆସିବ ବିଚ୍ୟୁତି । ବାରଶହ ଶିଳ୍ପୀଙ୍କର ଏକାଗ୍ର ଶିଳ୍ପସାଧନା ପଥରେ ଚନ୍ଦ୍ରଭାଗା ଆବିର୍ଭାବ ଅନ୍ତରାୟ ସୃଷ୍ଟି କରିବ । ସେମାନେ ହେବେ କର୍ତ୍ତବ୍ୟ ଚ୍ୟୁତ । କୋଣାର୍କ ଇଡେନ୍ଦ୍ରିୟର ପୀଠ । ସେଠି ଚନ୍ଦ୍ରଭାଗାର ଭୂମିକା କ'ଣ ହେବ ? ଏବେ ଉପାୟ କ'ଣ ?

ଉପାୟ ଚିନ୍ତା କରିବା ପୂର୍ବରୁ ରାଜା ଉଗ୍ର ମନ୍ଦିର ନିକଟରେ ପହଞ୍ଚିଗଲେ ।

ଉଗ୍ର ମନ୍ଦିର ପ୍ରାଙ୍ଗଣରେ, ଯେଉଁଠି ଚନ୍ଦ୍ରଭାଗା କିଛିକ୍ଷଣ ଆଗରୁ ଠିଆ ହୋଇଥିଲା; ପତ୍ରଗହଳି ଭେଦି ସୂର୍ଯ୍ୟାଲୋକ ସେଠି ଉଜଳ ହେଇ ବୁଣି ହେଇଯାଇଛି । ଚତୁର୍ଦ୍ଦିଗରେ ଗୋଟାଏ ମଧୁର ପଦ୍ମଗନ୍ଧ ଖେଳି ବୁଲୁଛି । ଅଥଚ ପଦ୍ମଫୁଲ ନାହିଁ ।

ପଦ୍ମଗନ୍ଧକୁ ଆଘ୍ରାଣ କରି କରି ଗଙ୍ଗ ନରପତି ଗନ୍ଧଲୋଭୀ ମଧୁପ ଭଳି କିଛି ସମୟ ଇତସ୍ତତଃ ଚନ୍ଦ୍ରଭାଗାକୁ ଖୋଜିଲେ ।

ଚନ୍ଦ୍ରଭାଗାର ପଦପାତ ଅରଣ୍ୟ ପଥର ସବୁଜ ଘାସ ଉପରେ ଫୁଲ ଫୁଟାଇଛି । ଫୁଲ ଉପରେ ଦୁଃଖିନୀ ଚନ୍ଦ୍ରଭାଗାର ଅଶ୍ରୁଜଳ ଶିଶିର ହେଇ ଝରିପଡ଼ିଛି । ସେ ଲୁହକୁ ପୋଛିନେଉଛନ୍ତି ଉଦାର ସହସ୍ରାଂଶୁ ।

କିନ୍ତୁ ଚନ୍ଦ୍ରଭାଗା କାହିଁ ? ସେ କ'ଣ ସବୁ ଦୁଃଖର ଉର୍ଦ୍ଧ୍ୱକୁ ଚାଲିଯାଇଛି ? ମହାରାଜ ଝୁଙ୍କି ପଡ଼ି ଶୂନ୍ୟ କୂପ ଭିତରକୁ ଚାହିଁଲେ । ସୂର୍ଯ୍ୟ କିରଣରେ କୂପ ତଳର ମାଟି ମଧ୍ୟ ପରିଷ୍କାର ଦିଶୁଥାଏ ।

ଚନ୍ଦ୍ରଭାଗା ସ୍ୱଇଚ୍ଛାରେ ଅନ୍ତର୍ହିତ ହୋଇଛି ନାଁ — ନିର୍ଜନ ଅରଣ୍ୟ ଭିତରେ କୌଣସି ହିଂସ୍ର ବନ୍ୟଜନ୍ତୁର ଆକ୍ରମଣରେ ସ୍ଥାନାନ୍ତରୀତ ହେଇଛି ? ନା — ସେପରି କୌଣସି ସୂଚନା ନାହିଁ । ଏପର୍ଯ୍ୟନ୍ତ ଅରଣ୍ୟର ଶାନ୍ତିଭଙ୍ଗ ହେଇନାହିଁ । ଲତା ପତ୍ର, ଫୁଲ ଘାସ ସବୁ ସୁସଜ୍ଜିତ — ଶୃଙ୍ଖଳିତ । ପ୍ରକୃତିର ରଙ୍ଗୀନ ପଣତ ପରିପାଟୀରେ ବିଛେଇ ହେଇ ପଡ଼ିଛି । କୌଣସି ଦୁର୍ଘଟଣା ଜନିତ ବିପର୍ଯ୍ୟସ୍ତ ଭାବ ସେଠି ନାହିଁ । ଚନ୍ଦ୍ରଭାଗା କୌଣସି ଦୁର୍ଘଟଣାରେ ବିପନ୍ନ ଆଶଙ୍କା ମନରୁ ଦୂର ହେବାମାତ୍ରେ ଅପରାଜେୟ ସମ୍ରାଟ ନରସିଂହ ଦେବଙ୍କର ହୃଦୟ ଗୋଟାଏ ଅସହ୍ୟ ପରାଜୟର ଗ୍ଲାନିରେ ଅବସାଦଗ୍ରସ୍ତ ହେଇଗଲା । ସେ ଭାବିଲେ ତାଙ୍କର ସବୁ ସୌର୍ଯ୍ୟ, ବୀର୍ଯ୍ୟ, ଐଶ୍ୱର୍ଯ୍ୟ, ବୀରତ୍ୱ ଓ ପୌରୁଷତ୍ୱକୁ ପଦଦଳିତ କରି ଚନ୍ଦ୍ରଭାଗା ତାଙ୍କୁ ପରାଜିତ କରିଯାଇଛି । ଗଙ୍ଗ ରାଜତ୍ୱର ଇତିହାସରେ ଏ ପରାଜୟର କାହାଣୀ ଲିପିବଦ୍ଧ ହେବ ନାହିଁ । କିନ୍ତୁ ତାଙ୍କ

Digitized by srujanika@gmail.com

ହୃଦୟର ପୃଷ୍ଠାରେ ଏ ପରାଜୟର କାହାଣୀ ଲିପିବଦ୍ଧ ହେଇ ରହିବ ମୃତ୍ୟୁପର୍ଯ୍ୟନ୍ତ । କୋଣାର୍କ ନିର୍ମାଣର ତ୍ୟାଗପୂତ ଇତିହାସ ପୃଷ୍ଠାରେ ଚନ୍ଦ୍ରଭାଗାର ନାମ ଲିପିବଦ୍ଧ ହେବ ନାହିଁ — କିନ୍ତୁ ଚନ୍ଦ୍ରଭାଗାର ଆତ୍ମା କୋଣାର୍କର ଆକାଶେ ଆକାଶେ ଖୋଜୁଥିବ ତାର ଶିଳ୍ପୀକୁ — ତାର କୋଣାର୍କକୁ ।

ଗଙ୍ଗ ନରପତି ଉର୍ଦ୍ଧ୍ୱକୁ ଚାହିଁଲେ — ଆକାଶରେ — ଅରଣ୍ୟରେ ଚନ୍ଦ୍ରଭାଗାର ଆତ୍ମାକୁ ଖୋଜିଲେ — ଖୋଜୁ ଖୋଜୁ ସେ ଦେଖିଲେ ଦୂରରେ — ଖୁବ୍ ଦୂରରେ — ଆକାଶର ନୀଳ ଭେଦି ଦିଶୁଛି ସର୍ବଦୁଃଖହାରି ନୀଳାଦ୍ରୀ ବିହାରୀଙ୍କର ନୀଳଚକ୍ର । ନୀଳଚକ୍ର ଉପରେ ଉଡୁଛି ପତିତପାବନ ବାନା — । ନରସିଂହଙ୍କ ହୃଦୟର ସବୁ ଗ୍ଲାନି, ସବୁ ଅବସାଦ ନିମିଷକେ ଅନ୍ତର୍ହିତ ହେଲା । ସେ ଭାବାବିଷ୍ଟ ହେଲେ । ତାଙ୍କର ଦୃଢ଼ ବିଶ୍ୱାସ ହେଲା ପ୍ରଭୁ ପତିତପାବନ, ସମାଜ ଆଖିରେ ପତିତା ହୋଇଥିବା ଚନ୍ଦ୍ରଭାଗାର ଦୁଃଖ ମୋଚନ କରିଛନ୍ତି । ଚନ୍ଦ୍ରଭାଗା ମୁକ୍ତି ପଥରେ ପାଦ ବଢ଼ାଇଛି । ଯିଏ ଜଗନ୍ନାଥଙ୍କର ଶରଣାପନ୍ନ ହୁଏ — ଅନ୍ଧାର ଭିତରେ ଆଲୋକର ପଥ ତା ସାମ୍ନାରେ ଉନ୍ମୁକ୍ତ ହୋଇଯାଏ । ଦୁଇବାହୁ ତୋଳି, ନୀଳଚକ୍ର ଉପରେ ଉଡୁଥିବା ପତିତପାବନ ବାନାକୁ ପ୍ରଣାମ ଜଣାଇଲେ ଗଙ୍ଗ ନରପତି । ମନେ ମନେ ନୀରବ ଅଭିମାନ ଜଣାଇଲେ ଜଗନ୍ନାଥଙ୍କୁ, ପ୍ରଭୁ ! ଚନ୍ଦ୍ରଭାଗା ସଂସାରରୁ ବିଦାୟ ନେବା ଯଦି ତମର ଇଚ୍ଛା, ତେବେ କାଲି ରାତିରେ ପଦ୍ମ ପୋଖରୀରେ ସେ ପ୍ରାଣ ବିସର୍ଜନ କରିଥାନ୍ତା । କାହିଁକି ତାକୁ ମୋ ଦ୍ୱାରା ଉଦ୍ଧାର କରି ପୁଣି ତମ ପାଖକୁ ଡାକିନେଲ । ଏ ପରୀକ୍ଷା ଚନ୍ଦ୍ରଭାଗାର ନାଁ ମୋର ? ଅପରାଜେୟ ନରପତିର ଅହଂକାର ଚନ୍ଦ୍ରଭାଗା ଭଳି ଗୋଟିଏ ସରଳା ନାରୀ ଦ୍ୱାରା ଖର୍ବ କରିବା କ'ଣ ତମର ଇଚ୍ଛା ପ୍ରଭୁ ? ଗଙ୍ଗ ନରପତି ଏବେ ପରାଜିତ — ଏଇ କ'ଣ ତମର ଇଚ୍ଛା ? ସେବକ ପାଖରେ ଏ କି ରହସ୍ୟ ତମର ପ୍ରଭୁ ?

ବହୁ ଗବେଷଣା ସତ୍ତ୍ୱେ ଶୂନ୍ୟ ପୁରୁଷ ଜଗନ୍ନାଥ ଏକ ରହସ୍ୟ — ଠିକ୍ ପ୍ରାଚୀ ଭଳି — ଠିକ୍ କୋଣାର୍କ ଭଳି ।

ଚାର୍ଲସ ଜଗନ୍ନାଥଙ୍କୁ ବୁଝିପାରେନା — ପ୍ରାଚୀକୁ ଜାଣିପାରେନା — କୋଣାର୍କର ଶିଳ୍ପ ରହସ୍ୟକୁ ଭେଦ କରିପାରେନା ।

ଭାସ୍କର୍ଯ୍ୟ ଏବଂ ଚିତ୍ରକଳାର ମହାନ୍ ପୀଠସ୍ଥଳୀ ଉତ୍କଳରେ ଜଗନ୍ନାଥଙ୍କ ରୂପ କଳ୍ପନାର ଅସମ୍ପୂର୍ଣ୍ଣତା ଦେଖି ଚାର୍ଲସ ବ୍ୟଥିତ ଏବଂ ବିସ୍ମିତ ହେବାବେଳେ ପ୍ରାଚୀ କହେ ଜଗନ୍ନାଥ ସ୍ୱୟଂ

Digitized by srujanika@gmail.com

ସମ୍ପୂର୍ଣ୍ଣ – ସ୍ୱୟଂସିଦ୍ଧ । ଜଗନ୍ନାଥ ଅପୂର୍ଣ୍ଣରେ ପୂର୍ଣ୍ଣ । ଜଗନ୍ନାଥ ଉଦାରତା, ବ୍ୟାପକତା, ଅସୀମତାର ଶୈଳ୍ପିକ ପରିପ୍ରକାଶ ।

ଜଗନ୍ନାଥଙ୍କର ବିପୁଳ ବିଖଣ୍ଡିତ ଶରୀର, ଉତ୍ତୋଳିତ ଖଣ୍ଡିତ ଭୁଜ, ବିସ୍ଫାରିତ ଏବଂ ବର୍ତ୍ତୁଳ ନୟନଯୁଗଳ, ହାସ୍ୟରେଖାଯୁକ୍ତ ବଙ୍କିମ ଅଧର ଦେଖି ଚାର୍ଲସ ସ୍ତମ୍ଭୀଭୂତ ହେଇଯାଉଥିଲାବେଳେ ପ୍ରାଚୀ ହୁଏ ଭାବାବିଷ୍ଟ । ମୁଗ୍ଧ କଣ୍ଠରେ ସେ କହେ — ପ୍ରଭୁ, ତମେ କି ସୁନ୍ଦର !

ଚାର୍ଲସ ଆଶ୍ଚର୍ଯ୍ୟ ହେଇ ଭାବେ — ପ୍ରାଚୀ ଭଳି ସୁନ୍ଦରୀ ତରୁଣୀ ଆଖିରେ ଯଦି ଜଗନ୍ନାଥ ଏତେ ସୁନ୍ଦର, ତେବେ ତା'ର ନିଜ ରୂପ ଏ ପୃଥିବୀର ସବୁ ସୁନ୍ଦରତାକୁ ବଢିଯିବ । କିନ୍ତୁ କେବେ ତ ପ୍ରାଚୀ ତାର ରୂପର ତାରିଫ କରେ ନାହିଁ ! ତାକୁ ଏମିତି ମୁଗ୍ଧ ଆଖିରେ କେବେହେଲେ ଚାହିଁ ରହେ ନାହିଁ !

ଚାର୍ଲସ ଭାବେ ପ୍ରାଚୀ ଯେମିତି ଆଖି ଦେଇ ସୁନ୍ଦରତାକୁ ଦେଖେ ନାହିଁ — ହୃଦୟ ଦେଇ ସୁନ୍ଦରତାକୁ ହୃଦୟଙ୍ଗମ କରେ । ଜଗନ୍ନାଥ ପ୍ରାଚୀର ସମଗ୍ର ହୃଦୟକୁ ଆବୋରି ବସିଛନ୍ତି । ସେଠି ପାର୍ଥିବ ଜଗତର ଦୁର୍ଲଭ ବସ୍ତୁ ବି ସ୍ଥାନ ପାଏ ନାହିଁ ।

କେବଳ ପ୍ରାଚୀ ନୁହେଁ — ଦୀନବନ୍ଧୁବାବୁ ଏବଂ ଚାରୁକଳା ଜଗନ୍ନାଥ ଭକ୍ତିଭାବରେ ବିଭୋର । ଦୀନବନ୍ଧୁବାବୁଙ୍କ ଘରର ପ୍ରତି କୋଠରୀର ପ୍ରବେଶ ଦ୍ୱାରରେ ଜଗନ୍ନାଥଙ୍କର ପଟ୍ଟଚିତ୍ର ଶୋଭାପାଏ । ଯେମିତିକି କୋଠରୀରେ ପ୍ରବେଶ କରିବା ପୂର୍ବରୁ ଜଣକର ଦୃଷ୍ଟି ଜଗନ୍ନାଥଙ୍କର ଛବି ଉପରେ ନିଶ୍ଚୟ ପଡ଼ିବ ଏବଂ ସ୍ୱୟଂଚାଳିତ ଯନ୍ତ୍ରଭଳି ମୁଣ୍ଡ ଅଳ୍ପ ନଇଁଯିବ ପ୍ରଣତ ଭଙ୍ଗୀରେ, ପାଦରୁ ଜୋତା ଖୋଲି ହୋଇଯିବ ଆପେ ଆପେ । ଜୋତା ପିନ୍ଧି ଦୀନବନ୍ଧୁବାବୁଙ୍କ ଘରର କୋଠରୀରେ ପ୍ରବେଶ ନିଷେଧ । ଦୀନବନ୍ଧୁବାବୁଙ୍କ ଘରର ପ୍ରତିଟି ଶୃଙ୍ଖଳାକୁ ଚାର୍ଲସ ମାନେ । ସେଥିରେ ଦୀନବନ୍ଧୁବାବୁ ଖୁସି ହୁଅନ୍ତି, ଚାରୁକଳା ଆହୁରି ନିକଟେଇ ଆସନ୍ତି ।

ଦୀନବନ୍ଧୁବାବୁଙ୍କ ଘରେ ବାର ମାସରେ ତେର ପର୍ବ । ଚାର୍ଲସ ଆଶ୍ଚର୍ଯ୍ୟ ହେଲେ ବି ଆନନ୍ଦିତ ହୁଏ — କାରଣ ବିଭିନ୍ନ ଓଷା ବ୍ରତରେ ବିଭିନ୍ନ ପ୍ରକାରର ପିଠାପଣା, ଖିରୀ, ଖେଚୁଡ଼ି ହୁଏ । ଓଡ଼ିଆ ଘରର ଜାତି ଜାତିକା ପିଠାପଣାରେ ଜାତିଜାତିକା ମଧୁର ସ୍ୱାଦ । ଚାର୍ଲସ ଅଳ୍ପାହାରୀ ହେଲେ ମଧ୍ୟ ତାକୁ ସେ-ସବୁ ଭଲ ଲାଗେ । ଥାଳୀଏ ପିଠା ଧରି ଚାରୁକଳା ଚାର୍ଲସକୁ ପାଖରେ ବସାଇ ଖୁଆନ୍ତି । ଚାର୍ଲସ ଖାଏ ଗୋଟିଏ କିମ୍ବା ଦିଓଟି । ଚାରୁକଳା ପୁଅକୁ ପୁମରି ଚାର୍ଲସକୁ ଆକଚନ୍ତି, ମୋରି ଦୀନୁ ଭଳି ତମରି ବି ଏଇ ଅଭ୍ୟାସ ପୁଅ — ଏତେ ପରିଶ୍ରମ

Digitized by srujanika@gmail.com

କରି — ଏତେ ନିକିମା ହେଇ ପିଠାପଣା କରେ କ'ଣ ମୋରି ପାଇଁ ? ଗୋଟାଏ ଅଧେ ଖାଇଦେଲେ ବାସ୍, ପେଟ ପୂରିଯାଏ ? କହିଲ ଏଥିରେ କୋଉ ମା'ର ମନ ବୁଝେ ? ଦୀନୁଟା କେତେ ଯୁଗ ହେଲା ଯେମିତି ଯାଇଛି — ପିଠାପଣା ଟିକେ ପାଟିରେ ବାଜୁ ନଥିବ ।

କହୁ କହୁ ଆଖି ପୋଛନ୍ତି ଚାରୁକଳା । ବାଧକରି ଆଉ ଗୋଟାଏ ପିଠା ଚାର୍ଲସକୁ ଖୁଆନ୍ତି ।

ମହିମାମୟୀ ମାତୃମୂର୍ତ୍ତିଟିକୁ ଚାହିଁ ଚାର୍ଲସ ମନ୍ତବ୍ୟ ଆଉ କେତେଟା ପିଠା ଖାଇଦିଏ । ଆଶ୍ଚର୍ଯ୍ୟ ହେଇ ଭାବେ — ସତରେ ଚାରୁକଳା କାହିଁକି ଏତେ କଷ୍ଟ ଦିଅନ୍ତି ନିଜକୁ ?

ଗୋଟିଏ ଗୋଟିଏ ଓଷାରେ ଚାରୁକଳା ପାଣି ଟୋପାଏ ବି ପାଟିରେ ଦିଅନ୍ତି ନାହିଁ । ସେ ସବୁ ନିର୍ଜଳା ବ୍ରତ । ପୁଅ, ଝିଅ, ସ୍ୱାମୀଙ୍କର ସୌଭାଗ୍ୟ ଆଉ ମଙ୍ଗଳ ମନାସି ଚାରୁକଳାଙ୍କ ପରି ଓଡ଼ିଆ ଘରର ସ୍ତ୍ରୀମାନେ ନିଷ୍ଠାରେ ଓଷା ବ୍ରତ ପାଳନ୍ତି । ମାଟି, ଗୋଡ଼ି, ପଥର, କୁଆ, ଛାଞ୍ଚୁଣୀ, ଶିଳ, ଶିଳୁପୁଆ, ଗୁଆ, ନଡ଼ିଆ, ଗଛ ବୃକ୍ଷ, ଭୂତ ପ୍ରେତ, ନାଗସାପ, ବଳଦ, ଗାଈ, ଚିଲ, ଶିଆଳ, ଗେଣ୍ଡାରେ ବି ଦେବତାଙ୍କ ସ୍ୱରୂପକୁ ଦେଖିପାରନ୍ତି ଚାରୁକଳାଙ୍କ ପରି ସରଳମନା, ଓଡ଼ିଆ ଘରର ସ୍ତ୍ରୀମାନେ । ଏଇ ସରଳ ବିଶ୍ୱାସ ବେଡ଼େ ଦୁର୍ଲଭ ଆଜିର ଏଇ ଜଟିଳ ପୃଥିବୀରେ ! ସ୍ୱାମୀ, ପିଲାଙ୍କର ଦୁର୍ଗତି ନାଶନ ପାଇଁ, ରିଷ୍ଟ ଖଣ୍ଡନ ପାଇଁ, ଆୟୁଷ ବୃଦ୍ଧି ପାଇଁ ଆପଣାର ଶରୀରକୁ ଚାରୁକଳା କ୍ଷୟ କରିଯା'ନ୍ତି ଅକାତରରେ —

ତ୍ୟାଗର ଏଇ ଆନନ୍ଦକୁ ଚାର୍ଲସ ବିସ୍ମୟ ସହକାରେ ଲକ୍ଷ୍ୟ କରୁ କରୁ ଭାବେ — ଏଇ ଆତ୍ମସନ୍ତୋଷ ଟିକକ ସେ କେବେ ଦେଖି ନାହିଁ ତାର ମା'ଠାରେ । ଭୋଗ ବିଳାସ ଭିତରେ ବୁଡ଼ିରହି ବି ତା ମା' ଅସନ୍ତୋଷ ଆଉ ଅପୂର୍ଣ୍ଣତାର ଗୋଟାଏ ପ୍ରତିମୂର୍ତ୍ତି ପାଲଟିଯାଇଛି ଯେମିତି !

ଆଲିମ୍ପନ କଳାରେ ଚାରୁକଳାଙ୍କ ନୈପୁଣ୍ୟ ଚାର୍ଲସକୁ ଆଉରି ବିସ୍ମିତ କରେ । କେବଳ ଚାରୁକଳା ନୁହନ୍ତି, ଗାଁ ଗହଳର ସବୁ ଓଡ଼ିଆଣୀ ଚିତା ମୁରୁଜରେ ଯେ କୌଣସି ବିଶିଷ୍ଟ ଶିଳ୍ପୀକୁ ଟପିଯାଇ ପାରନ୍ତି ।

ସେଦିନ ଦିଛି ଗୋଟାଏ ବ୍ରତ ଥାଏ । ପ୍ରାଚୀ ମୁରୁଜ ଦେଉଥାଏ ଚଉରାରେ — ଅଗଣାରେ —। ପ୍ରାଚୀ ଆଧୁନିକା ହେଲେ ମଧ୍ୟ ସବୁ କଥାରେ ଚାରୁକଳାଙ୍କର ପଟ୍ଟଶିଷ୍ୟା ।

ନିବିଷ୍ଟ ଚିତ୍ତରେ ପ୍ରାଚୀ ଚିତା ଦେଉଥାଏ । ଆଲିମ୍ପନ କଳାରେ ପ୍ରତିଫଳିତ ହେଉଥାନ୍ତି ଜଗନ୍ନାଥ · -- ଗୋବରଲିପା ମାଟିର ଚଟାଣରେ ବିଭିନ୍ନ ରଙ୍ଗର ମୁରୁଜରେ ବିକଶି ଉଠୁଥାନ୍ତି ପ୍ରଭୁ ଜଗନ୍ନାଥ ।

Digitized by srujanika@gmail.com

ଦୁଇବାହୁ ଉଦ୍ଦେଶ୍ୟରେ ଅଙ୍କିତ ନିଖୁଣ ଅର୍ଦ୍ଧଚନ୍ଦ୍ର, ତା'ଉପରେ ଚକ୍ଷୁ ଉଦ୍ଦେଶ୍ୟରେ ଅଙ୍କିତ ବିନ୍ଦୁ ଭିତରେ ପ୍ରାଚୀ ନିଜକୁ ହଜାଇ ଦେଇଥାଏ ।

ଚାର୍ଲସ ତାର ଧ୍ୟାନଭଗ୍ନ କଲା, କହିଲା — ଆଜି ଚନ୍ଦ୍ରଭାଗାକୁ ଖୋଜିବାକୁ ଯିବାର କଥା ।

ପ୍ରାଚୀ ଆଶ୍ଚର୍ଯ୍ୟ ହେଇ ପଚାରିଲା — ତା'ର ଅର୍ଥ ?

ଚାର୍ଲସ ଚିନ୍ତିତ ଭଙ୍ଗୀରେ କହିଲା — ରାତିସାରା ଭାବୁଚି ଚନ୍ଦ୍ରଭାଗାର କଥା । ନିବିଡ଼ ଅରଣ୍ୟ ଭିତରେ ସେ କୁଆଡ଼େ ହଜିଗଲା ? ଆଜି ତାକୁ ତାଳପତ୍ର ପୋଥିରୁ ଖୋଜି ବାହାର କରିବାକୁ ହେବ ।

— ଯଦି ସେ ଆଉ ନ ମିଳେ ? ପ୍ରାଚୀ ହାତ ଧୋଇ ବାହାରିପଡ଼ିଲା । ପଛେ ପଛେ ଚାର୍ଲସ ।

ଚାର୍ଲସ ଅଭିଯୋଗଭରା କଣ୍ଠରେ କହିଲା — ତାକୁ ଖୋଜି ବାହାର କରିବା ରାଜାଙ୍କର କର୍ତ୍ତବ୍ୟ । ଯଦି ତା' ନହେଇଥାଏ ତେବେ ତ ଘୋର ଅବିଚାର ହେଉଛି ତା' ପ୍ରତି !

ପ୍ରାଚୀ କୋଣାର୍କ ବେଢ଼ାରେ ପ୍ରବେଶ କରୁ କରୁ କହିଲା — ଚନ୍ଦ୍ରଭାଗା ଯଦି ମିଳିଯାଇଥିବ ତେବେ ତା'ର ଦୁଃଖ ବଢ଼ିଥିବ ସିନା କମିନଥିବ । ବିଚାରୀ ହଜିଯାଇଥାଉ ମହାଶୂନ୍ୟରେ — ଜଗନ୍ନାଥଙ୍କ ପାଦପଦ୍ମରେ ବିଲୀନ ହେଇଥାଉ ତାର ଆତ୍ମା । ସବୁ ଦୁଃଖ, ସବୁ ଜଟିଳ ସମସ୍ୟାର ସମାଧାନ ତ ହେଉଛି ଜଗନ୍ନାଥଙ୍କର ପାଦପଦ୍ମ !

ଚାର୍ଲସ କ୍ଷୁଣ୍ଣ ହେଲା । ନୀରସ କଣ୍ଠରେ କହିଲା — ତମେ ଭାରି ନିଷ୍ଠୁର ପ୍ରାଚୀ । ଅନ୍ୟମାନଙ୍କ ପାଇଁ ଯେତିକି, ନିଜପାଇଁ ତାଠାରୁ ବେଶୀ ।

ପ୍ରାଚୀ ଉଦାସ କଣ୍ଠରେ କହିଲା — ଏ ପୃଥିବୀର ଜୀବଜନ୍ତୁ, ମଣିଷ, ସମସ୍ତଙ୍କ ଭିତରେ ନିଷ୍ଠୁରତା ବେଶି ବଳୀୟାନ୍ ଚାର୍ଲସ । ଜୀବନର ଅନେକ କୋମଳ ଆଶା, ଆକାଂକ୍ଷା, ଭାବନା ନିଷ୍ଠୁରତାର ପଞ୍ଜାତଳେ ନୀରବରେ ଚାପାପଡ଼ିଯାଏ — ଠିକ୍ ଏଇ ଗଜସିଂହର ମୂର୍ତ୍ତି ଭଳି । କୋମଳତା ସବୁବେଳେ ଦୁର୍ବଳ, ଅସହାୟ ଆଉ ନିଷ୍ପେଷିତ ।

ଚାର୍ଲସ ଏକଲୟରେ ଗଜ ସିଂହମୂର୍ତ୍ତିକୁ ଚାହିଁ ରହିଥିଲା । କିନ୍ତୁ ମନେ ମନେ ଖୋଜୁଥିଲା ଶିଳ୍ପୀପ୍ରିୟା ରୂପମୟୀ ଚନ୍ଦ୍ରଭାଗାକୁ — ସାତଶହ ବର୍ଷର ଅତୀତକୁ ଫର୍ଦ୍ଦ ଫର୍ଦ୍ଦ ଅଣ୍ଡାଳି ଅଣ୍ଡାଳି ।

Digitized by srujanika@gmail.com

—ନଅ—

ଅପରାଜେୟ ରାଜା ନରସିଂହ ରାଜଧାନୀ କୋଣାର୍କ ନଗରୀରେ ଅବସ୍ଥାନ କରୁଛନ୍ତି । ସେ ବିଷଣ୍ଣ-ଗମ୍ଭୀର-ଚିନ୍ତାମଗ୍ନ । ମହାରାଣୀ ସୀତାଦେବୀଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନ — କାହିଁକି ? ମହାରାଜା ଚିନ୍ତିତ କେଉଁଥିପାଇଁ ? ରାଜା ନରସିଂହଙ୍କର ଦୁଃଖ କ'ଣ ? ଅଭାବ କ'ଣ ? ଅବଶୋଷ କ'ଣ ?

ଉତ୍କଳର ରାଜଧାନୀ କଟକର ବାରବାଟୀ ଦୁର୍ଗ ଭିତରେ ଦୁଃଖ, ଅବଶୋଷ, ଆଶଙ୍କାର ଅବକାଶ କେଉଁଠି ?

ବାରବାଟୀ ଦୁର୍ଗ ଉତ୍ତରରେ ମହାନଦୀ ଓ ବିରୂପା ଏବଂ ତା ମଧ୍ୟରେ ଚୌଦ୍ୱାରର ଅଭେଦ୍ୟ ଦୁର୍ଗ । ପଶ୍ଚିମରେ ମହାନଦୀ ଓ କାଠଯୋଡ଼ିର କରାଳ ସ୍ରୋତ ଏବଂ ସ୍ରୋତର ଧାରେ ଧାରେ ବିଡ଼ାନାସୀ ଦୁର୍ଗ । ଦକ୍ଷିଣ ଦିଗରେ କାଠଯୋଡ଼ିର କରାଳ ଉତ୍ତୁଙ୍ଗ ସ୍ରୋତ ସେପାରିରେ ସାରଙ୍ଗ ଗଡ଼ର ଅଭେଦ୍ୟ ଦୁର୍ଗ ରାଜଧାନୀ କଟକର ବାରବାଟୀ ଦୁର୍ଗକୁ ଅଧିକ ନିରାପଦ କରିଛି । ବହିଃ ଶତ୍ରୁର ଆକ୍ରମଣରୁ ବାରବାଟୀ ଦୁର୍ଗକୁ ରକ୍ଷାକରିବା ପାଇଁ ଉତ୍ତର ଓ ଦକ୍ଷିଣରେ ନଦୀର ଅପର ପାର୍ଶ୍ୱରେ ଚୌଦ୍ୱାର ଓ ସାରଙ୍ଗଗଡ଼ ଦୁର୍ଗର ସଶସ୍ତ୍ର ଉତ୍କଳସେନା ଚିର ଜାଗ୍ରତ ହୋଇ ରହିଛନ୍ତି । ବାରବାଟୀ ଦୁର୍ଗର ବହିର୍ଦେଶରେ ବୃହତ୍ ପରିଖା — ପରିଖା ଉପରେ ସୁଉଚ୍ଚ ପଥର ପ୍ରାଚୀର ଦୁର୍ଗର ଚତୁର୍ଦ୍ଦିଗରେ ଘେରି ରହିଛି । ବାହାର ପ୍ରାଚୀର ପରେ ଦୁର୍ଗର ଭିତର ପ୍ରାଚୀର ଦୁର୍ଗକୁ ଅଧିକ ସୁରକ୍ଷିତ କରୁଛି ।

ଦୁର୍ଗ ଦ୍ୱାରରେ ଢାଲ ତରବାରୀ ଧରି ଏବଂ ଯୁଦ୍ଧ ପରିଚ୍ଛଦ ପିନ୍ଧି ପହାରୀ ପାଇକ ଦୁର୍ଗ ଓ ନବର ରକ୍ଷାପାଇଁ ସଦାଜାଗ୍ରତ । ପହାରୀ ପାଇକର ମସ୍ତକରେ ଟୋପି, ଶରୀରର ସର୍ବାଙ୍ଗ ବ୍ୟାଘ୍ର ଚର୍ମରେ ଆବୃତ । ସାରା ଶରୀର ହଳଦୀ ତେଲରେ ରଞ୍ଜିତ । ମସ୍ତକରେ ବିରାଟ ସିନ୍ଦୂର ଟୋପା ପହାରୀ ପାଇକକୁ ଭୀଷଣାକୃତି କରିଛି । ବାରବାଟୀ ଦୁର୍ଗ ରାତ୍ରୀର ପ୍ରଶାନ୍ତ ସ୍ୱର୍ଣ୍ଣରେ ଘୁମେଇ ପଡ଼ିଛେ ପହାରୀ ପାଇକର ଶିକାରୀ ଚକ୍ଷୁ ଆଉରି ରକ୍ତବର୍ଣ୍ଣ ହୁଏ — ତା ଶରୀରର ସମସ୍ତ ସ୍ନାୟୁ ସଜାଗ ହେଇଉଠେ । ହାତର ଢାଲ ଓ ସିଧା ତରବାରୀ ଅନ୍ଧାର ରାତିରେ ଦିଗନିର୍ଣ୍ଣାୟକ ଯନ୍ତ୍ରପରି ଚିକ୍ ଚିକ୍ କରି ଉଠେ । ଅନ୍ୟ ହାତରେ ଥିବା କାଠରେ ଚମ ଛିଆଣୀ ଲୁହା ଗୋବମରା ଢାଲ ଅନ୍ଧାର ରାତିରେ ମେଘର ଭେଳା ପରି ରାତିର ରଙ୍ଗକୁ ଆଉରି ଗାଢ଼ କରିଦିଏ ।

ତଥାପି ପ୍ରବଳ ପରାକ୍ରମୀ ରାଜା ନରସିଂହ ନିଶ୍ଚିନ୍ତ ନିଦରେ ଶୁଅନ୍ତି ନାହିଁ । କାହିଁକି ? କ'ଣ ତାର କାରଣ ? ରାଣୀ ସୀତାଦେବୀଙ୍କ ଆଖିରୁ ନିଦ୍ରାହରଣ ହୋଇଯାଏ । କେତେ ବର୍ଷ ?

Digitized by srujanika@gmail.com

ଆଉ କେତେବର୍ଷ ମହାରାଜାଙ୍କର ବ୍ରତାଚରଣ ? କୋଣାର୍କ ମନ୍ଦିର ନିର୍ମାଣ ପଥରେ ନିଜକୁ ଉତ୍ସର୍ଗ କରିଦେଇ ରାଜାଙ୍କର ଦେହ ମନ କ'ଣ ଶିଳାଖଣ୍ଡ ପରି ପାଷାଣ ପାଲଟି ଯାଇଛି ? ନିଜ ଯୁବତୀ ଦେହର ରକ୍ତ ମାଂସକୁ ପଥର କରିଛନ୍ତି ମହାରାଣୀ । ସ୍ୱାମୀର ଅନୁଗାମିନୀ ହେବା ସ୍ତ୍ରୀ ଧର୍ମ । ତାଙ୍କର ଅଭାବ କ'ଣ ? ପ୍ରଭୁ ଆଦିତ୍ୟଦେବଙ୍କ କୃପାରେ ସେ ପାଇଛନ୍ତି ନରସିଂହଙ୍କର ନିଖୁଣ ପ୍ରତିମୂର୍ତ୍ତି ପୁତ୍ର ଭାନୁଦେବକୁ । ଚନ୍ଦ୍ରକଳା ସମ ସେ ବଢ଼ିଉଠୁଛି ଶୌର୍ଯ୍ୟ, ବୀର୍ଯ୍ୟ, ପାଣ୍ଡିତ୍ୟ, ପରାକ୍ରମ, ସକଳ ପୈତୃକ ବିଭବର ଅଧିକାରୀ ହୋଇ ସୀତାଦେବୀଙ୍କର ଦୁଃଖ କ'ଣ ? ଅବଶୋଷ କ'ଣ ?

ସବୁଥାଇ କେଜାଣି କି ଏକ ଶୂନ୍ୟତାରେ ଅନ୍ତର ବେଳେବେଳେ ଅବସାଦଗ୍ରସ୍ତ ହୁଏ । ଉତ୍କଳର ରାଜରାଣୀ ପଦ ମଣ୍ଡନ କଲେ ମଧ୍ୟ ସମ୍ରାଟ ସ୍ୱାମୀଙ୍କର ହୃଦୟ ସିଂହାସନ ତଳେ ସେ ଯେମିତି ଏବେ ମଧ୍ୟ ଭିକ୍ଷାଥାଳ ଧରି ବସିଛନ୍ତି — ତାଙ୍କର ଅଞ୍ଜଳୀ ଏବେ ମଧ୍ୟ ଅପୂର୍ଣ୍ଣ । ଏବେ ମଧ୍ୟ ରାଜାଙ୍କର ହୃଦୟ ସିଂହାସନ ସେ ଯେମିତି ମଣ୍ଡନ କରିପାରି ନାହାନ୍ତି । ରାଜା ବିଷଣ୍ଣ — ଚିନ୍ତାମଗ୍ନ । କାହାପାଇଁ — କି ଦୁଃଖରେ — ?

ବିଜୟୀ ନରସିଂହ ଦକ୍ଷିଣ ପଶ୍ଚିମ ଦିଗରେ କୋଇବର୍ଗ ଏବଂ ବିଦର ରାଜ୍ୟ ଜୟ କରିଛନ୍ତି । ଉତ୍ତରରେ ବଙ୍ଗଦେଶ ଆକ୍ରମଣ କରି ବହୁ ଧନରତ୍ନ ଲାଭ କରିଛନ୍ତି । ପ୍ରବଳ ପରାକ୍ରମୀ ନରସିଂହଦେବଙ୍କ ସମର କୁଶଳୀ ଉତ୍ତ୍ରସେନା, ଅନୁଗତ ସାମନ୍ତରାଜାମାନଙ୍କର ସମବେତ ସହଯୋଗ ଏବଂ ଶୃଙ୍ଖଳିତ ଯୁଦ୍ଧ ଯୋଜନା ଆଗରେ ମୁସଲମାନ ସେନା ବାରମ୍ବାର ପରାଜିତ ହୋଇ ଫେରିଯାଇଛି । ରାଜ୍ୟସୀମାରେ ଅହରହ ଯବନ ଆକ୍ରମଣର ଭୟ ଲାଗିରହିଥିଲେ ବି ରାଜ୍ୟ ଭିତରେ ମୋଗଲ ଗୋଳର ଆଶଙ୍କା ଆଦୌ ନାହିଁ । ତେଙ୍କିଆ ପାଇକମାନେ ଧନୁଶର ଏବଂ ଖଣ୍ଡା ଧରି ରାଜ୍ୟ ଭିତରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସଙ୍ଗେ ସଙ୍ଗେ ବହିଃଶତ୍ରୁ ସଙ୍ଗେ ଯୁଦ୍ଧ କରିବା ପାଇଁ ସଜାଗ ହୋଇ ରହିଛନ୍ତି । ବଣୁଆ ପାଇକମାନେ ଧନୁଶର ଖଣ୍ଡା ଏବଂ ବିଭିନ୍ନ ଅସ୍ତ୍ର ଧରି ଦୂରଦେଶକୁ ଯୁଦ୍ଧ କରି ଯିବାପାଇଁ ରାଜାଦେଶକୁ କର୍ଣ୍ଣତେରି ରହିଛନ୍ତି । ପାଇକମାନେ ରାଜାଙ୍କଠାରୁ ଜାଗିରି ଜମି ନିଷ୍କର ଭାବରେ ଭୋଗ କରି ଚାଷ କାର୍ଯ୍ୟରେ ଲାଗିଥାନ୍ତି । ତା ସଙ୍ଗେ ସଙ୍ଗେ ଯୁଦ୍ଧବିଦ୍ୟା ଅଭ୍ୟାସ କରୁଥାନ୍ତି । ଯୁଦ୍ଧର ଡାକରା ଆସିଲେ ରଣ ହୁଙ୍କାର ଦେଇ ଯେ ଯୁଦ୍ଧ କ୍ଷେତ୍ରକୁ ଲମ୍ଫଦାନ କରନ୍ତି । ଦେଶର ସର୍ବତ୍ର ଗ୍ରାମେ ଗ୍ରାମେ ପାଇକମାନେ ଯୁଦ୍ଧ ଶିକ୍ଷାରେ ରତ ଅଛନ୍ତି । ଦେଶର ବିଭିନ୍ନ ସ୍ଥାନରେ କିଲାମାନଙ୍କରେ କିଲାଦାରମାନେ ପାଇକମାନଙ୍କୁ ନିୟନ୍ତ୍ରଣ କରୁଛନ୍ତି । ଦେଶରେ ଶାନ୍ତି ଶୃଙ୍ଖଳା ବିରାଜିତ ଥିଲାବେଳେ ସେମାନେ କୃଷକ ଭାବରେ ଦେଶର ଉତ୍ପାଦନ ବୃଦ୍ଧି କରନ୍ତି ଆଉ ଯୁଦ୍ଧବେଳେ ଅସ୍ତ୍ର ଶସ୍ତ୍ର ଧାରଣ କରି ଭୀମ ଭୟଙ୍କର ବେଶରେ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ । ଗଙ୍ଗବଂଶର

Digitized by srujanika@gmail.com

ସୁବର୍ଣ୍ଣ ଯୁଗରେ ଦେଶରେ ଶାନ୍ତି ସନ୍ତୋଷ, ବୀରତ୍ୱ ଓ ଶୌର୍ଯ୍ୟର ଏକତ୍ର ସହାବସ୍ଥାନ ହେଉଛି । ତେବେ ବି ରାଜା ନରସିଂହଦେବଙ୍କ ମନରେ ଶାନ୍ତି ନାହିଁ, ସନ୍ତୋଷ ନାହିଁ ?

ସମର କ୍ଲାନ୍ତି ମେଣ୍ଟାଇବା ପାଇଁ ସେ ବାରବାଟୀ ଦୁର୍ଗରେ ବିଶ୍ରାମ କରନ୍ତି ନାହିଁ, ବିଳାସରେ ମାତନ୍ତି ନାହିଁ । ରାଣୀ ସୀତାଦେବୀଙ୍କ ସଙ୍ଗଲାଭ କରିବାର ଲାଲସାକୁ ତ୍ୟାଗ କରି ସେ ପ୍ରାୟ କୋଣାର୍କ ନଗରୀର ରାଜପ୍ରାସାଦରେ ଅବସ୍ଥାନ କରନ୍ତି । ପ୍ରତି ରାତ୍ରୀରେ ଅନ୍ଧାର ବିଜେ କରି ଦେଶବାସୀଙ୍କର ଦୁଃଖ କଷ୍ଟର ବିବରଣୀ ସଂଗ୍ରହ କରନ୍ତି । ଛଦ୍ମ ବେଶରେ ଘୂରି ଘୂରି କାହାକୁ ଯେମିତି ଖୋଜିହୁଅନ୍ତି । ମହାରାଣୀ ପ୍ରଶ୍ନକଲେ ସ୍ମିତ ହସି ଉତ୍ତର ଦିଅନ୍ତି — ମଣିଷ ଯାହା ପାଏ ନାହିଁ, ତାକୁ ହିଁ ସାରା ଜୀବନ ଖୋଜିହୁଏ । ସେ ଖୋଜିବାର ଯନ୍ତ୍ରଣାଦାୟକ ଆନନ୍ଦ ହେଉଛି ପୃଥିବୀର ଶ୍ରେଷ୍ଠ ଆନନ୍ଦ ।

ରାଣୀ ପ୍ରଶ୍ନ କରନ୍ତି — ସେ କିଏ ?

— ସେ ଶିଳ୍ପୀର ଆତ୍ମା, କୋଣାର୍କର ଆତ୍ମା । ମୁଁ ତାକୁ ହିଁ ଖୋଜୁଛି । ପଥର ଭିତରେ ଆତ୍ମା ଖୋଜିଲେ କ'ଣ ମିଳେ ରାଣୀ ? ନରସିଂହ ରାଣୀଙ୍କୁ ପ୍ରଶ୍ନ କରନ୍ତି ।

ରାଣୀ ଦୀର୍ଘ ଶ୍ୱାସ ଟୋଳି ଉତ୍ତର ଦିଅନ୍ତି — ମିଳେ । ମୁଁ ବି ତ ପଥର ଭିତରେ ଆତ୍ମା ଖୋଜୁଛି । ଆପଣଙ୍କ ଭିତରେ ମୁଁ ନିଜକୁ ଖୋଜୁଛି । ମୁଁ କେବେ ନିରାଶ ହେବିନାହିଁ । କୋଣାର୍କର ସଂପୂର୍ଣ୍ଣତା ପଥର ଭିତରେ ଆତ୍ମାର ସଞ୍ଚାର କରିବ ଆଉ ମୁଁ ଆପଣଙ୍କ ଭିତରେ ନିଜକୁ ପ୍ରତିଷ୍ଠା କରିପାରିବି — ଏ ବିଶ୍ୱାସ ମୋର ଅଛି ।

ନରସିଂହ ଦୀର୍ଘ ଶ୍ୱାସ ଟୋଳି ଭାବନ୍ତି, ମୁଁ ଯେଉଁ ଆତ୍ମାକୁ ଖୋଜୁଛି ସେ ତ ନୀଳ ଆକାଶରେ ମୌସୁମୀ ହୋଇ ମିଶି ଯାଇଛି । ଅରଣ୍ୟରେ ସୁରଭି ହୋଇ ହଜି ଯାଇଛି, ନୀଳ ସମୁଦ୍ରରେ ଢେଉଟିଏ ହୋଇ ଦୂରକୁ ବହି ଯାଇଛି । ସେ ଆଉ ମିଳିବ କେଉଁଠୁ ?

ନିରବଚ୍ଛିନ୍ନ ଭାବେ କାମ କରି ଚାଲିଛି ଶିଳ୍ପୀ କମଳ ମହାରଣା । ନାଟ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ପ୍ରତୀକ୍ଷାରେ ମୂର୍ତ୍ତିଟିକୁ ସ୍ଥାପନା କରି କାରୁକାର୍ଯ୍ୟରେ ଆଉଟିକେ ସୂକ୍ଷ୍ମତାର ସ୍ପର୍ଶ ଦେଉଛି । ଅପୂର୍ବ ସେଇ ପ୍ରତୀକ୍ଷାରେ ମୂର୍ତ୍ତି । କିଏ ସେଇ ପ୍ରତୀକ୍ଷମାଣା ନାରୀ ? ଅର୍ଦ୍ଧ ଉନ୍ମୁକ୍ତ ଦ୍ୱାରରେ କବାଟ ଉପରେ ଗୋଟିଏ ସୁଠାମ ହାତରଖି କାହାର ପଥ ଚାହିଁବସିଛି କେତେ ଯୁଗଧରି ? ଅବଗୁଣ୍ଠନ ଅଳ୍ପ ଘୁଞ୍ଚି ଯାଇଛି ମୁହଁ ଉପରୁ । ଜହ୍ନ ଆଲୁଅ ଭଳି ତୋପା ହୋଇ

Digitized by srujanika@gmail.com

ଦିଶୁଛି ପାନପତ୍ରର ନିଷ୍ପାପ ଆତୁର ମୁହଁର କିଛି ଅଂଶ । ଚିବୁକକୁ ଆଉଟିକେ ମାଠିମୁଠି ଆଣୁଛି ଶିଳ୍ପୀର ନିପୁଣ ହାତ । ପାଷାଣର ଅଧରରେ ସତେ ବା ସ୍ପନ୍ଦନ ଜାଗୁଛି ଶିଳ୍ପୀର ସ୍ପର୍ଶରେ । କମଳ ମହାରଣାର ନିହାଣ ସ୍ଥିର ହୋଇଯାଉଛି । ଫୁଲ ପାଖୁଡ଼ାକୁ ଛୁଇଁବା ପରି ପାଷାଣ ପ୍ରିୟାର ଅଧରକୁ ଆସ୍ତେ ଛୁଇଁ ଛୁଇଁ ଅନୁଭବ କରୁଛି । ଅସ୍ପଷ୍ଟ କଣ୍ଠରେ ପ୍ରିୟାର କାନେ କାନେ କହୁଛି — ଚନ୍ଦ୍ରଭାଗା ମୋର ଏଇ ପ୍ରେମର ସ୍ପର୍ଶ ତମେ ସେଠିଆଇ ଅନୁଭବ କରିପାରିବ — ଏ ବିଶ୍ୱାସ ମୋର ଅଛି । କାରଣ ତମ ପ୍ରତୀକ୍ଷାରେ ଦୀର୍ଘଶ୍ୱାସ ଏଠି ମୋ ଦେହରେ ବାଜୁଛି । ମୁଁ ଜାଣେ ତମେ ମତେ ଅନନ୍ତକାଳ ପାଇଁ ପ୍ରତୀକ୍ଷା କରିବ । ସେଇଥିପାଇଁ ତମ ପ୍ରତୀକ୍ଷାର ଚିତ୍ର ମୁଁ ଲେଖିଯାଉଛି କୋଣାର୍କ ଶିଳାରେ । ଶିଳ୍ପୀ ପ୍ରିୟାର 'ପ୍ରତୀକ୍ଷା' କୋଣାର୍କକୁ ମହାନ୍ କରିଛି — ଏକଥା ଦିନେ ହେଲେ ଦୁନିଆଁ ଜାଣିବ । ଭଲରେ ଥାଅ ଚନ୍ଦ୍ରଭାଗା । ପ୍ରତୀକ୍ଷାର ଦିନ ତ ସରିଆସୁଛି ।

ସ୍ତମ୍ଭୀଭୂତ ହୋଇଗଲେ ରାଜା ନରସିଂହ । ଶିଳ୍ପୀମାନଙ୍କର କାମ ଦେଖୁ ଦେଖୁ ସେ କମଳ ମହାରଣାର ପ୍ରତୀକ୍ଷମାଣା ମୂର୍ତ୍ତି ପାଖରେ ଏତେ ସମୟ ଧରି ଠିଆହେଇଛନ୍ତି । ଖରାରେ କମଳ ମହାରଣାର ବଳିଷ୍ଠ ଶ୍ୟାମଳ ଦେହରୁ ବିନ୍ଦୁ ବିନ୍ଦୁ ସ୍ୱେଦ ଝରିପଡୁଛି କୋଣାର୍କ ବେଢ଼ାରେ । ରାଜାଙ୍କ ନିର୍ଦ୍ଦେଶରେ ସେବକମାନେ କମଳ ମହାରଣାର ମୁଣ୍ଡ ଉପରେ ପାଟଛତ୍ରି ଧରି ଠିଆ ହୋଇଛନ୍ତି । କମଳ ମହାରଣାକୁ ପଙ୍ଖା କରୁଛନ୍ତି । ରାଜାଙ୍କ ଦେହର ସୁବାସିତ ସ୍ୱେଦବିନ୍ଦୁ କୋଣାର୍କ ବେଢ଼ାରେ ଝରିପଡୁଛି । କମଳ ମହାରଣାର ସ୍ୱେଦବିନ୍ଦୁ ସହ ମିଶି ଏକାକାର ହେଉଛି । ନରସିଂହଦେବ ଭାବୁଛନ୍ତି ଶିଳ୍ପୀ ସମ୍ରାଟ କମଳ ମହାରଣା ପାଖରେ ନରସିଂହ ରାଜା କେଡ଼େ କ୍ଷୁଦ୍ର, କେଡ଼େ ନଗଣ୍ୟ ପାଲଟି ଯାଇଛି । କଳିଙ୍ଗ ରାଜ୍ୟରେ ସମ୍ରାଟ ଆଉ ଶିଳ୍ପୀ ଭିତରେ କିଏ ବଡ଼ — କିଏ ସାନ ? ଜଗନ୍ନାଥଙ୍କ ବାହୁଛାୟା ତଳେ ଦୁହେଁ ତ ଏକ ଅଭିନ୍ନ, ଜଣେ ଜଣେ ନଗଣ୍ୟ ସେବକ ମାତ୍ର ।

ମନ୍ତ୍ରମୁଗ୍ଧରାଜା ନରସିଂହ ଚନ୍ଦ୍ରଭାଗା ନାମ ଶ୍ରବଣ କରି ଚକିତ ହେଲେ । ଅସ୍ପଷ୍ଟ ବିସ୍ମିତ ପଦଟିଏ ତାଙ୍କ ମୁଖରୁ ବାହାରି ଆସିଲା — ଚନ୍ଦ୍ରଭାଗା ! ଶିଳ୍ପୀର ଧ୍ୟାନ ଭଗ୍ନ ହେଲା । ମୁହଁ ଫେରାଇ ସେ ଦେଖିଲା ରାଜା ନରସିଂହ ଅନ୍ୟମନସ୍କ ଭାବରେ ଅବାକ୍ ହୋଇ ଚାହିଁଛନ୍ତି ସେଇ ପ୍ରତୀକ୍ଷମାଣା ନାରୀମୂର୍ତ୍ତିଟିକୁ । ଖରାଧାସରେ ପାଟଛ ଦିଶୁଛି ସମଗ୍ର ଚେହେରା । ଅଥଚ ତା ମୁଣ୍ଡ ଉପରେ ସେବକମାନେ ଧରିଛନ୍ତି ପାଟଛତି ।

କୃତାଞ୍ଜଳି ପୁଟରେ, କାତର କଣ୍ଠ ତୋଳି ସେ କହିଲା — ଅପରାଧ କ୍ଷମା କରିବେ ମଣିମା । ଆପଣଙ୍କର ଉପସ୍ଥିତି ଏ ଅଧମ ଜାଣିପାରି ନାହିଁ । ମହାରାଜ ପ୍ରୀତିପୂର୍ଣ୍ଣ ଦୃଷ୍ଟିରେ ଶିଳ୍ପୀକୁ ଚାହିଁ ଗଭୀର ସ୍ୱରରେ କହିଲେ — ରାଜସିଂହାସନରେ ବସିଲେ ହେଁ ଜଣେ ରାଜା

Digitized by srujanika@gmail.com

ହୁଏ । କିନ୍ତୁ ଶିଳ୍ପୀ ଯେ ରାଜସିଂହାସନ ବ୍ୟତିରେକ ସମ୍ରାଟର ଆସନ ଅଳଂକୃତ କରେ । ଶିଳ୍ପୀ ସାରା ସଂସାରର ନମସ୍ୟ । ମୋର ମଧ୍ୟ ।

କମଳ ମହାରଣା ଅଭିଭୂତ ହୋଇଯାଇ କହିଲା — ମହାରାଜାଙ୍କ ଉଦାରତାର ପଟାନ୍ତର ନାହିଁ ।

''କିନ୍ତୁ ଶିଳ୍ପୀ —'' ରାଜା ଅସ୍ପଷ୍ଟ କଣ୍ଠରେ କଥା କହୁ କହୁ ଅଟକି ଗଲେ ।

— ଆଦେଶ କରନ୍ତୁ ମହାରାଜ ।

— ଏଇ ପ୍ରତିକ୍ଷମାଣା ନାରୀ ସମ୍ବନ୍ଧରେ ଗୋଟିଏ ପ୍ରଶ୍ନ କରିବି ?

କିଛି ତ୍ରୁଟି ଦର୍ଶାଇଲେ ସଙ୍ଗେ ସଙ୍ଗେ ସଂଶୋଧନ କରିଦେବି ମଣିମା ।

କଳିଙ୍ଗ ଶିଳ୍ପୀର ପୁଣି ତ୍ରୁଟି ! ଆଜି କଳିଙ୍ଗ ଶିଳ୍ପୀ ସମଗ୍ର ସୁବର୍ଣ୍ଣ ଦ୍ୱୀପ, ଜାଭା, ସୁମାତ୍ରା, ବଳି, ବୋର୍ଣ୍ଣିଓ ଏବଂ ମାଳୟ ଦ୍ୱୀପପୁଞ୍ଜରେ ଏବଂ ସିଂହଳ ଦ୍ୱୀପରେ ନିଜର ''କଳାନୈପୁଣ୍ୟ ଯୋଗୁଁ ପୂଜା ପାଏ — ଦେଶ ବିଦେଶ ଭ୍ରମଣ କରି ସେ କଳାର ଉତ୍କର୍ଷତା ଦେଖାଏ । ତ୍ରୁଟି ଏ ଆଖିର ହୋଇପାରେ । ମାତ୍ର ଶିଳ୍ପୀ ହାତର ତ୍ରୁଟି ସମ୍ଭବ ନୁହେଁ ।'' ''ତେବେ — '' ଶିଳ୍ପୀର ମନରେ ସଂଶୟ ।

ରାଜା ଦୃଷ୍ଟିନତ କରି କହିଲେ — ଏ ମୂର୍ତ୍ତି କ'ଣ ନିଛକ କଳ୍ପନା ?

— କିଛି ସତ୍ୟ, କିଛିଟା କଳ୍ପନା ।

— ସେ କିଏ ?

— ଶିଳ୍ପୀବଧୂ ଚନ୍ଦ୍ରଭାଗା ।

ରାଜା ଅପରାଧୀ ଭଳି ମୁଣ୍ଡ ଝୁଙ୍କାଇ ନେଇ ଭାବିଲେ — ଏଇ ପ୍ରେମିକ ସ୍ୱାମୀଟି କୋଣାର୍କ ସଂପୂର୍ଣ୍ଣ କରି ଗ୍ରାମକୁ ଫେରିଗଲେ ଅପୂର୍ଣ୍ଣତାର ହାହାକାରରେ କାହାକୁ ଅଭିଶାପ ଦେବ ? ରାଜାଙ୍କୁ ନା ଚନ୍ଦ୍ରଭାଗାକୁ ?

ସ୍ୱଚ୍ଛ ସଲୀଳା ଚନ୍ଦ୍ରଭାଗାର ଝଲକାଏ ଜଳ ଛିଟିକି ଆସି ରାଜାଙ୍କ ହୃଦୟରେ ଥିର ସ୍ମୃତିଟିଏ ହୋଇ ରହିଯାଇଛି । ସେଇ ସ୍ମୃତିରେ ଯୁଇଫୁଲ ଅସମୟରେ ମହ ମହ ବାସେ ।

Digitized by srujanika@gmail.com

ଏକାଗ୍ରତା ନଷ୍ଟ କରେ । ସ୍ଥିର ହୃଦୟରେ ତରଙ୍ଗ ସୃଷ୍ଟିକରେ । ଏବେ ମଧ ତା' କବରୀର ବାସ୍ନା ନିଜ ଦେହର ଚାରିପଟେ ଖେଳିବୁଲେ । ତା'ର ଅସହାୟ ଶରୀରସ୍ପର୍ଶ ବଳିଷ୍ଠ ବାହୁକୁ ଦୁର୍ବଳ କରିଦିଏ ।

ଏକଥା କ'ଣ କମଳ ମହାରଣା ଜାଣେ ? ସେ କ'ଣ ଜାଣେ ଯେ ଯେଉଁ ବିବାହିତା ବଧୂକୁ ସେ ଥରଟିଏ ଦେଖିନି — ରାଜା ନରସିଂହ କ୍ଷଣକ ପାଇଁ ହେଲେ ବି ତା'ର ମୂର୍ଚ୍ଛିତ ଶରୀରକୁ ନିଜ ବୁକୁରେ ଆଶ୍ରୟ ଦେଇଥିଲେ ବୋଲି ? ଜାଣିଲେ ସେ କ'ଣ କହିବ ?

ରାଜା ଆସ୍ତେ ପ୍ରଶ୍ନ କଲେ — ଏଭଳି ପ୍ରତୀକ୍ଷାରେ ତମେ ବିଶ୍ୱାସ କର ?

— ସେଇ ବିଶ୍ୱାସ ହିଁ କୋଣାର୍କ ଶିଳ୍ପୀର ଶକ୍ତି । ସେ ବିଶ୍ୱାସ ତୁଟିଗଲେ ଶିଳ୍ପୀର ଶକ୍ତି ହରଣ ହେଇଯିବ । ମହାରାଜ ତ ପ୍ରଜାର ଅନ୍ତର ବୁଝନ୍ତି —

କମଳ ମହାରଣା କୁଣ୍ଠିତ ଲଜ୍ଜାରେ ମଥାନତ କଲା ।

ନରସିଂହ ଦେଖିଲେ କୋଣାର୍କ ଶିଳ୍ପୀର ଆନତ ମୁଖରେ ବିଶ୍ୱାସର ଭାସ୍କର୍ଯ୍ୟ ଉଜ୍ଜଳି ଉଠୁଛି । ଅପରାଧଭାବ ତାଙ୍କୁ ଆଉରି କାବୁ କରିଦେଲା । ସେ ମନେ ମନେ ଉଚ୍ଚାରଣ କଲେ — ଶିଳ୍ପୀ, ତମର ବିଶ୍ୱାସ ବଞ୍ଚିରହୁ — ଡ଼େବେ ଯାଇ ତମ ମହାନତା ଆଉ ତ୍ୟାଗର କାହାଣୀ କୋଣାର୍କରେ ଅଲିଭା ଅକ୍ଷରରେ ଲେଖି ହେଇଯିବ । କୋଣାର୍କ ଶିଳ୍ପୀକୁ କାଳଜୟୀ କରିବ ।

ରାଜା ଧୀରେ ଧୀରେ ଆଗକୁ ପାଦ ବଢ଼ାଇଲେ । ନାଟ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଗୋଟିଏ ଅପୂର୍ବ ଦୃଶ୍ୟ । ସ୍ନାନରତା ଲୀଳାୟିତ ଲଳନାର ଦୀର୍ଘବେଣୀ ବୁକୁ ଉପର ଦେଇ ସର୍ପିଳ ଛନ୍ଦରେ ଜଳଧାର ପରି ଅପର ପାର୍ଶ୍ୱକୁ ବହିଯାଉଛି । ସିକ୍ତ ବେଣୀରୁ ଝରିଯାଉଛି ସୁବାସିତ ଜଳଧାରା । ତୃଷିତ ଚଞ୍ଚୁ ବଢ଼ାଇ ବେଣୀ ଅଗର ବିନ୍ଦୁ ବିନ୍ଦୁ ଜଳକୁ ପିଉଛି ମରାଳଟିଏ । ଅପୂର୍ବ କଳ୍ପନା କଳିଙ୍ଗ ଶିଳ୍ପୀର । ରୂପସୀର ବେଣୀ ଅଗର ସୁବାସିତ ଜଳ ମଧ ଭୂଇଁରେ ପଡ଼ି ପଙ୍କିଳ ହେବା କଳିଙ୍ଗ ଶିଳ୍ପୀର ସହ୍ୟ ହୁଏନା ।

କିନ୍ତୁ କିଏ ଏଇ ନାରୀ ! ଏ ତ ଚନ୍ଦ୍ରଭାଗାର ମୁଖ, ନାକ, ଆଖିର ଚିତ୍ର ନୁହେଁ । ଏ ବଧୂ ନୁହେଁ — କିଶୋରୀ କନ୍ୟାର ବିଳାସ ସ୍ନାନପର୍ବର ଦୃଶ୍ୟ । ରୂପସୀର କୋମଳ ପାଦରେ କାଳେ ମାଟିର ସ୍ପର୍ଶ ଲାଗିଯିବ — ସେଇ ଭୟରେ ସ୍ନାନ କାଳରେ ମଧ ପାଦରେ ସୁଉଚ୍ଚ କଠାଉ ।

ନରସିଂହଙ୍କ ଆଖିରେ ପ୍ରଶ୍ନ । କିଏ ଏଇ ନାରୀ ! ରାଜାଙ୍କ ପାଖେ ପାଖେ ଚାଲିଛନ୍ତି ନୃତ୍ୟଗୁରୁ ସୌମ୍ୟ ଶ୍ରୀଦତ୍ତ । ପ୍ରତିଟି ମୁହୂର୍ତ୍ତରେ ରାଜାଙ୍କ ମନରେ ସଂଶୟ ସେ ଦୂର କରୁଛନ୍ତି ।

Digitized by srujanika@gmail.com

ସ୍ଥିର ହୋଇ ସେ ଠିଆ ହୋଇଛନ୍ତି ସେଇ ସ୍ନାନରତା କିଶୋରୀ ମୂର୍ତ୍ତି ସାମ୍ନାରେ । କ'ଣ ସେ ଉତ୍ତର ଦେବେ ? କିଏ ଏଇ ନାରୀ ? ସେ କେମିତି ଶିଳ୍ପୀର ତୂଳୀରେ ରୂପ ପାଇଲା ? ପୁଣି ସ୍ନାନରତା ଅବସ୍ଥାରେ କେମିତି ସେ ଠିଆ ହେଲା ଶିଳ୍ପୀର ଦୃଷ୍ଟି ସମ୍ମୁଖରେ । ସେ ତ ଦେବଦାସୀ ନୁହେଁ — ସେ ଯେ ତାଙ୍କର ଅତି ଆଦରର କନ୍ୟା ଶିଳ୍ପୀ ! ତେବେ ସେ କ'ଣ ତାଙ୍କ ଅଜ୍ଞାତରେ କମଳ ମହାରଣାର ଶିଳ୍ପୀ ଆଖିରେ ନିଜକୁ ପ୍ରତିରୂପ କରି ତୋଳି ଧରିଛି ? କମଳ ମହାରଣା ବାରମ୍ବାର ବାରଣ କରିଛି ଶିଳ୍ପୀ ଶିବିରକୁ ଦେବଦାସୀ ପ୍ରେରଣ କରିବା ପାଇଁ ।

ସେ କହେ — ଦେବଦାସୀ ଦେବତାର, ଶିଳ୍ପୀର ନୁହେଁ । କୋଣାର୍କ ଶିଳ୍ପୀ କଳ୍ପନା ଚକ୍ଷୁରେ ତା'ର ଶିଳ୍ପୀକୁ ଦେଖେ । ରକ୍ତ ମାଂସଧାରିଣୀ ଦେବଦାସୀ ତରୁଣ ଶିଳ୍ପୀର ପ୍ରତିରୂପ ହେଇ ଶିଳ୍ପୀକୁ ବିଭ୍ରାନ୍ତ କରିପାରେ—ମାତ୍ର କଳ୍ପନାର ପ୍ରତିରୂପ କୋଣାର୍କ ଶିଳ୍ପୀକୁ ଜିତେନ୍ଦ୍ରିୟ କରି ଅଧିକ ଶକ୍ତିବାନ କରେ ।

କିନ୍ତୁ ସେ ଏ କ'ଣ ଦେଖୁଛନ୍ତି ? କମଳ ମହାରଣାର ନିହାଣ ମୁନରେ ତାଙ୍କରି ପ୍ରାଣପିତୁଳା ଶିଳ୍ପୀ ଭିନ୍ନ ଭିନ୍ନ ଭଙ୍ଗୀରେ — ଭିନ୍ନ ଭିନ୍ନ ରୂପରେ — ନୈସର୍ଗିକ ଛନ୍ଦରେ ଫୁଟି ଉଠିଛି ।

ନୃତ୍ୟଗୁରୁ ଅସ୍ପଷ୍ଟ କଣ୍ଠରେ କହିଲେ — ଚମତ୍କାର ଶିଳ୍ପୀର କଳ୍ପନା । କମଳ ମହାରଣାର ଜୟ ହେଉ ।

ଅନ୍ୟମନସ୍କ ଭାବରେ ରାଜା ଆଗେଇ ଗଲେଣି ମୁଖ୍ୟ ମନ୍ଦିର ଆଡ଼େ । ନୃତ୍ୟଗୁରୁ ତା'ଠାରୁ ଅଧିକ ଅନ୍ୟମନସ୍କ । ଶିଳ୍ପୀ ତାଙ୍କର ଏକମାତ୍ର କନ୍ୟା । ସେ ତ ଦେବଦାସୀ ହୋଇପାରେନା ।

ମହାରାଜ ନରସିଂହ ଭାବୁଥିଲେ ଚନ୍ଦ୍ରଭାଗାର ଅନ୍ତର୍ଦ୍ଧାନ ପାଇଁ ଦାୟୀ କ'ଣ ସେ ନିଜେ ! କମଳ ମହାରଣାର ଐକାନ୍ତିକ ଶିଳ୍ପ ସାଧନା ପାଇଁ ରାଜା ଉପହାର ସ୍ୱରୂପ ଅନ୍ତହୀନ ହାହାକାର କ'ଣ ନ୍ୟାୟୋଚିତ ହେବ ?

ବିମାନର ଦକ୍ଷିଣ ପାର୍ଶ୍ୱରେ ପୁଣି ସେଇ ପ୍ରତିକ୍ଷମାଣା ବଧୂ ଚନ୍ଦ୍ରଭାଗା । ଅର୍ଦ୍ଧମୁକୁଳା ଦ୍ୱାର ବନ୍ଧରେ ପ୍ରିୟ ପାଇଁ ଆକୁଳ ପ୍ରତୀକ୍ଷାର ଜୀବନ୍ତ ଚିତ୍ର । ସେଇ ପାଷାଣ ମୂର୍ତ୍ତି ଯେମିତି ଅବଗୁଣ୍ଠନ ତଳୁ ମହାରାଜଙ୍କୁ ଉପହାସ କରି କହୁଛି — ଏ ପ୍ରତୀକ୍ଷାର ଶେଷ କେଉଁଠି ? ରାଜାଙ୍କ ଆଦେଶରେ ପଥରର ମନ ନେଇ କଳିଙ୍ଗ ଶିଳ୍ପୀ ତା'ର ପ୍ରିୟାକୁ ପଥର କରି ଦେଇଛି । କୋଣାର୍କ କାନ୍ଥରେ ତା'ର ଯୁଗ ଯୁଗର ପ୍ରତୀକ୍ଷାର ଚିତ୍ର ସେ ଆଙ୍କିଛି । ସେ ପ୍ରତୀକ୍ଷା ଅନନ୍ତ କାଳ ପାଇଁ.... କଳିଙ୍ଗ ଶିଳ୍ପୀ କମଳ ମହାରଣା ଆଉ ତା'ର ପ୍ରିୟାକୁ ରକ୍ତ ମାଂସ ଶରୀରରେ

Digitized by srujanika@gmail.com

ଦେଖିବନି । ପାଷାଣ ଭିତରେ ସେ ଚିରଦିନ ତା'ର ପ୍ରିୟାକୁ ଖୋଜୁଥିବ — କୋଣାର୍କକୁ ସଂପୂର୍ଣ୍ଣ କରି ସେ ଅପୂର୍ଣ୍ଣ ହୋଇ ରହିଯିବ ।

ରାଜା ଦୃଷ୍ଟି ଫେରାଇନେଲେ ମୂର୍ତ୍ତିଟି ଉପରୁ । ଆଉ ଏକ ମୂର୍ତ୍ତି ଉପରେ ତାଙ୍କର ଦୃଷ୍ଟି ସ୍ଥିର ହୋଇ ରହିଗଲା । ନୃତ୍ୟଗୁରୁ ଧୀରେ କହିଲେ — ଏଥିରେ ମଧ୍ୟ କମଳ ମହାରଣାର ଶିଳ୍ପ ନୈପୁଣ୍ୟ ଫୁଟି ଉଠିଛି ।

ମାତ୍ର କମଳ ମହାରଣାର ଏ କି ଅଦ୍ଭୁତ କଳ୍ପନା !

ନୃତ୍ୟଗୁରୁ କହିଲେ — ଶିଳ୍ପୀ କଳ୍ପନା ନେତ୍ରରେ ତା ପ୍ରିୟାର ମନକଥା ପଢ଼ି ପାରୁଛି । ବିରହଣୀ ଶିଳ୍ପୀ ପ୍ରିୟାର ମନ ତଳେ ବେଳେ ବେଳେ ମାତୃତ୍ୱର ବାସନା ବଳବତ୍ତର ହେଉଥିବ । କିନ୍ତୁ ତା ବୋଲି ସେ ତ ପଥଭ୍ରଷ୍ଟା ହୋଇପାରେନା । ସେ ତେବେ କ'ଣ କରୁଥିବ ? କିପରି ଭାବରେ ତାର ଅତୃପ୍ତ ମାତୃତ୍ୱର ବାସନାକୁ ତୃପ୍ତ କରୁଥିବ ? ସେ ନିଜର ସନ୍ତାନ ତୁଲ୍ୟ ପୋଷା ଶୁକପକ୍ଷୀକୁ ସ୍ତନ୍ୟ ଦାନ କରି ମାତୃତ୍ୱର କଳ୍ପନାରେ ହଜି ଯାଉଥିବ । ମାତୃତ୍ୱର ବାସନାକୁ ତୃପ୍ତ କରୁଥିବ ।

ରାଜାଙ୍କର ମନେ ପଡୁଥିଲା — ସେଇ ନିର୍ଜନ ଅରଣ୍ୟରେ ଘରେ ଛାଡ଼ି ଆସିଥିବା ଶୁକ ପକ୍ଷୀଟି ପାଇଁ ଚନ୍ଦ୍ରଭାଗା ଅନ୍ତରର କ୍ଷୋଭ ଓ ବେଦନାର କଥା । କମଳ ମହାରଣା କେତେ ନିବିଡ଼ ଭାବେ ତାର ପ୍ରିୟାର ଅନ୍ତରକୁ ଚିହ୍ନେ !

ମୁଖ୍ୟ ମନ୍ଦିରର କାନ୍ଥରେ କମଳ ମହାରଣା ଲେଖିଯାଇଛି ରାଜା ରାଣୀଙ୍କର ଅପୂର୍ବ ଆଲେଖ୍ୟ । ବିଦେଶୀ କେତେଜଣ ରାଜା ରାଣୀଙ୍କୁ ଭେଟି ଦେଉଛନ୍ତି ଜିରାଫ ପରି ଅଦ୍ଭୁତ ଏକ ଜୀବ । ତା ପାଖକୁ ଶିକାର ଦୃଶ୍ୟ । କଳିଙ୍ଗ ଶିଳ୍ପୀ କେବଳ ପ୍ରିୟାର ଭାବନାରେ ତ ହଜିଯାଇ ନାହିଁ — ସେ ରାଜ୍ୟର ସମସ୍ତ ସମ୍ବାଦ ରଖିଛି । ଶିକାର, ବାଣିଜ୍ୟ, ଯୁଦ୍ଧ, ନାଗରିକ ଜୀବନର କଥା ସେ ଗୋଟି ଗୋଟି ଲିପିବଦ୍ଧ କରିଛି ପଥରର ପୃଷ୍ଠାରେ । କୋଣାର୍କ ଯେମିତି କଳିଙ୍ଗ ରାଜ୍ୟର ଗୋଟାଏ ନିର୍ଭୁଲ ଦିନଲିପି । ରାଜା ସ୍ୱଗତୋକ୍ତି କଲେ — ଧନ୍ୟ କଳିଙ୍ଗ ଶିଳ୍ପୀ, ଧନ୍ୟ କମଳ ମହାରଣା । ତମେ ଅଜେୟ, ଅମ୍ଲାନ, ବିଶ୍ୱ ବନ୍ଦିତ ।

ମୁଖ୍ୟ ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ରାଜା ସ୍ଥାଣୁ ହୋଇ ଠିଆ ହୋଇଛନ୍ତି । କମଳ ମହାରଣାର କୃତିମାନଙ୍କୁ ଗୋଟି ଗୋଟି କରି ଚିହ୍ନାଇ ଦେଉଛନ୍ତି ନୃତ୍ୟଗୁରୁ ସୌମ୍ୟ ଶ୍ରୀଦତ୍ତ । କମଳ ମହାରଣା କ'ଣ କଳ୍ପନା ଚକ୍ଷୁରେ ଚାହିଁ ଚାହିଁ — ତାର ପ୍ରାଣପ୍ରିୟା ଚନ୍ଦ୍ରଭାଗାର ଜୀବନରେ ଘଟି ଯାଉଥିବା ସମସ୍ତ କଥା ଦେଖିପାରେ ! ସେ କ'ଣ ଦିବ୍ୟଦ୍ରଷ୍ଟା !

Digitized by srujanika@gmail.com

ପଶ୍ଚିମ ପାର୍ଶ୍ୱରେ ସେଇ ଦୃଶ୍ୟଟିକୁ ବ୍ୟାଖ୍ୟା କରୁଛନ୍ତି ସୌମ୍ୟ ଶ୍ରୀଦତ୍ତ । ଶିଳ୍ପ, ବାଣିଜ୍ୟ ଏବଂ ସମରକ୍ଷେତ୍ର ନବଯୁବକକୁ ବିଦେଶକୁ ଟାଣି ନେଇଛି । ଘରେ ବିରହିଣୀ ବଧୂ । ତାର ଅସହାୟତାର ସୁଯୋଗ ନେଇ କେହି ଯଦି ତା ସହ ଅବୈଧ ସମ୍ପର୍କ ସ୍ଥାପନ କରେ ତେବେ କ'ଣ ହେବ ତାର ଶାସ୍ତି ? ସେଇ ପାପିଷ୍ଠ ପୁରୁଷର ଦୀର୍ଘ କେଶକୁ ସମୂଳେ କର୍ତ୍ତନ କରୁଛି ବିଦେଶ ଫେରନ୍ତା ସ୍ୱାମୀ । ତାହାହିଁ ହେଉଛି ଇମ୍ପଟ ପଣିଆର ଉପଯୁକ୍ତ ଶାସ୍ତି ।

ମୂର୍ତ୍ତିଟିକୁ ଚାହିଁ ନରସିଂହ ନିଜ ପାଖରେ ନିଜେ ସପେଇ ଦେଉଛନ୍ତି — ନା — ନାଁ ଶିଳ୍ପୀପ୍ରିୟା ଚନ୍ଦ୍ରଭାଗାକୁ ମୁଁ ଜାଣି ଜାଣି ସର୍ଶ କରିନାହିଁ । ରକ୍ଷାକର୍ତ୍ତା ଭାବରେ ମୁଁ ତାକୁ ମୃତ୍ୟୁ ମୁଖରୁ ବଞ୍ଚାଇବାର ଚେଷ୍ଟା କରିଥିଲି । ତାହା ହିଁ ଥିଲା ଜଗନ୍ନାଥଙ୍କର ନିର୍ଦ୍ଦେଶ । ତାକୁ ତ ଇମ୍ପଟତା କୁହାଯିବ ନାହିଁ ! ନରସିଂହ ଆଗେଇଛେ । ତାଙ୍କ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ କେହି ଦେଖୁ ନାହିଁ ତ !

ପଶ୍ଚିମ ପାର୍ଶ୍ୱକୁ ପାଦ ବଢ଼ାଇ ନରସିଂହ ଦେବ ସ୍ଥିର ହୋଇ ଠିଆ ହେଲେ । ଚନ୍ଦ୍ରଭାଗାର ଜୀବନ ଚିତ୍ର ଗୋଟି ଗୋଟି ଲେଖି ଦେଇଛି କମଳ ମହାରଣା — କୋଣାର୍କର ଶିଳ୍ପା ଖଣ୍ଡରେ । ଜଣେ ସ୍ତ୍ରୀଲୋକ ଆଉ ଜଣକ କାନରେ କିଛି ଗୁପ୍ତ କଥା କହୁଛି । ଚନ୍ଦ୍ରଭାଗାର ବୃଥା ବଦନାମ ଏମିତି କାନରୁ କାନକୁ ଛୁଇଁଛୁଇଁ ସାରା ଗାଁଟାକୁ ଚନ୍ଦ୍ରଭାଗାର ବିରୁଦ୍ଧରେ ଠିଆ କରିଥିଲା । ତା ପାଖରେ ଆଉ ଏକ ଜୀବନ୍ତ ଦୃଶ୍ୟ । ଶାଶୂ ପ୍ରଚଣ୍ଡ ମୂର୍ତ୍ତି ଧାରଣ କରି ବୋହୂକୁ ଗାଳି ଦେଉଛନ୍ତି ଏବଂ ଶାଶୂଙ୍କ ବାକ୍ୟ ବାଣରେ ଝାଉଁଳି ପଡ଼ିଛି ନିରୀହା ନବବଧୂ । ଚନ୍ଦ୍ରଭାଗା ଜୀବନର ଗୋଟି ଗୋଟି କରୁଣ ଦୃଶ୍ୟ କେମିତି ଦେଖିପାରିଲା କମଳ ମହାରଣା — ଏତେ ଦୂରରେ ଥାଇ ! ଚନ୍ଦ୍ରଭାଗାର ଆତ୍ମା ସହ ତା ଆତ୍ମାର ଏତେ ନିବିଡ଼ ସମ୍ପର୍କ ଥିଲା ତେବେ !

ରାଜ୍ୟ ସୀମାରେ ଶତ୍ରୁ ଆକ୍ରମଣର ଆଶଙ୍କା ଅହରହ ଲାଗିରହିଥିଲେ ବି ଯେଉଁ ନରପତିଙ୍କର ସୌମ୍ୟ ମୁଖମଣ୍ଡଳରେ ଚିନ୍ତାର ଭସା ବାଦଲଟିଏ ବି ଦେଖାଦିଏ ନାହିଁ, ସେ ଆଜି ଚିନ୍ତାମଗ୍ନ ।

ସେନାପତି ଦୁଳଘୀ, ସେନାପତି ରାମଗୋବିନ୍ଦ, ସୁରୁ ସେନାପତି, ସେନାପତି ବିଷ୍ଣୁଦେବ ରାଜ୍ୟର ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣରେ ସୀମାନ୍ତ ପାଇକମାନଙ୍କୁ ସଜାଗ କରି ରଖିଛନ୍ତି । ଶତ୍ରୁର ଅତର୍କିତ ଆକ୍ରମଣର ସମ୍ଭାବନା ନାହିଁ । ରାଜାଙ୍କ ମନ ପରିବର୍ତ୍ତନ ପାଇଁ ଆଉ କ'ଣ କରାଯାଇପାରେ ?

ରାଜାଙ୍କ ମନ ପରିବର୍ତ୍ତନ ପାଇଁ ଦେବଦାସୀର ନୃତ୍ୟ ଯଥେଷ୍ଟ ନୁହେଁ । ଦେବଦାସୀର ନୃତ୍ୟ ଦେବତା ପାଇଁ ଉତ୍ସର୍ଗୀକୃତ । ରାଜ କବି ବିଦ୍ୟାଧର ଏବଂ ରାଜଗୁରୁ ଭାବ ସଦାଶିବ ସାହିତ୍ୟ, ଧର୍ମ, କଳା ଏବଂ ସଙ୍ଗୀତର ଚର୍ଚ୍ଚା କରି ସଦା ବିଜୟୀ ନରସିଂହଙ୍କୁ ପ୍ରଫୁଲ୍ଲ ରଖିବା ପାଇଁ ଚେଷ୍ଟା କରୁଛନ୍ତି ।

Digitized by srujanika@gmail.com

କୋଣାର୍କ ମନ୍ଦିରର ସଂପୂର୍ଣ୍ଣତା ସମ୍ବନ୍ଧରେ ବୋଧହୁଏ ମହାରାଜ ସନ୍ଦିହାନ ହୋଇ ପଡ଼ିଛନ୍ତି । ଏହା ହିଁ ହୁଏତ ତାଙ୍କ ଚିନ୍ତାର ପ୍ରଧାନ କାରଣ ହୋଇପାରେ ।

କିନ୍ତୁ କୋଣାର୍କ ମନ୍ଦିର ସଂପୂର୍ଣ୍ଣ ହେବନାହିଁ ବୋଲି ମହାରାଜାଙ୍କର ଏ ସନ୍ଦେହ କାହିଁକି ?

ନୃତ୍ୟଗୁରୁ ସୌମ୍ୟ ଶ୍ରୀଦତ୍ତ ଏପର୍ଯ୍ୟନ୍ତ ମହାରାଣୀଙ୍କୁ ପ୍ରତ୍ୟୟର ବାଣୀ ଶୁଣାଇ ଆସୁଥିଲେ — ନିର୍ଦ୍ଦିଷ୍ଟ ଦିବସରେ କୋଣାର୍କ ମନ୍ଦିରର ମୁଣ୍ଡି ମରିବ । ଏହା ଦିବା ରାତ୍ରି ପରି ଅଭ୍ରାନ୍ତ । ମହାରାଜ ଏ ସମ୍ବନ୍ଧରେ ନିଶ୍ଚିତ ରହନ୍ତୁ ।

ଆଜି ସୌମ୍ୟ ଶ୍ରୀଦତ୍ତ ମଧ୍ୟ ନୀରବ, ଚିନ୍ତାମଗ୍ନ । କୋଣାର୍କ ମନ୍ଦିର ନିର୍ମାଣ ଆରମ୍ଭର ଦ୍ୱାଦଶ ବର୍ଷରେ ମନ୍ଦିର ପ୍ରତିଷ୍ଠାର ତିଥି, ବାର, ନକ୍ଷତ୍ର ଗଣା ପୋନ୍ଛା ସରିଛି । ପୂର୍ବ ନିର୍ଦ୍ଧାରିତ ଦିବସ ବୈଶାଖ କୃଷ୍ଣ ଅଷ୍ଟମୀ ପରିବର୍ତ୍ତେ ମାଘ ଶୁକ୍ଳ ସପ୍ତମୀ ତିଥିରେ ମନ୍ଦିର ପ୍ରତିଷ୍ଠା କରିବା ନିମନ୍ତେ ପଣ୍ଡିତମାନେ ମତ ଦେଇଛନ୍ତି । ସେ ବର୍ଷ ମାଘ ଶୁକ୍ଳ ସପ୍ତମୀ ରବିବାସରରେ ପଡ଼ିବ ଏବଂ ରବିବାସର ହେଉଛି ସୂର୍ଯ୍ୟଦେବଙ୍କରଜନ୍ମ ଦିବସ । ରବିବାସରରେ ମାଘ ସପ୍ତମୀ ପଡ଼ିବା ଏକ ମହାଯୋଗ । ନିର୍ଦ୍ଧାରିତ ସମୟର ତିନିମାସ ପୂର୍ବରୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା କ'ଣ ସମ୍ଭବ ହେବ ?

ଏଇ ସଂଶୟ କ'ଣ ଅପରାଜେୟ ମହାରାଜ ନରସିଂହଙ୍କୁ ଚିନ୍ତିତ କରିଛି ?

ରାଜା ନରସିଂହଙ୍କ ଅବଚେତନ ମନତଳେ ମଣିଷର ଆତ୍ମାଟିଏ ଐକାନ୍ତିକ କାମନା କରୁଥିଲା — ବରଂ କୋଣାର୍କ ମନ୍ଦିର ନିର୍ମାଣ କାର୍ଯ୍ୟ କେବେହେଲେ ଶେଷ ନହେଉ । ଅବିରାମ ଚାଲିଥାଉ ଶିଳ୍ପୀର ସାଧନା । କୋଣାର୍କ ମନ୍ଦିର ସଂପୂର୍ଣ୍ଣ ହେଲେ ଶିଳ୍ପୀର ସାଧନା ସିଦ୍ଧି ଲଭିବ । ଶିଳ୍ପୀ ଫେରିଯିବ ତାର ଗାଁରେ ଛାଡ଼ି ଆସିଥିବା ଅତି ପ୍ରିୟ ଛୋଟ ଘରଟିକୁ । ସେଠି ପତୀକ୍ଷମାଣା ଥିବ ତାର ବିରହିଣୀ ପ୍ରିୟା । କିନ୍ତୁ କମଳ ମହାରଣା ଫେରିଯାଇ ପାଇବ କ'ଣ ?

ଚନ୍ଦ୍ରଭାଗାର ପରିଣତି ପାଇଁ ସ୍ୱୟଂ ମହାରାଜ କ'ଣ ଦାୟୀ ?

ମହାରାଜାଙ୍କର ହୃଦୟର ବ୍ୟଥା ମହାରାଣୀ ବା ଜାଣିବେ କେମିତି ? ନିର୍ଦ୍ଦିଷ୍ଟ ସମୟର ତିନିମାସ ପୂର୍ବରୁ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେବାର କାମନାରେ ମହାରାଣୀ ପୁରୁଷୋତ୍ତମ ଜଗନ୍ନାଥଙ୍କ ପାଦ ପଦ୍ମରେ ଅର୍ପଣ କରିଛନ୍ତି କୁଣ୍ଡଳ, କର୍ଣ୍ଣଫୁଲ, ମୁକୁଟ, କେଶ ସଜ୍ଜା ନିମନ୍ତେ ମୋତି ଜାଲି, ପଦକଲଗା ତିନିସରିଆ ମାଣିକ ସୂତା, କଣ୍ଠିମାଳା, ରତ୍ନହାର, ବଳା, ବାଉଟି, କଙ୍କଣ, କଟିମେଖଳା, ପଦ ପଲ୍ଲବ, ଉତ୍ତରୀୟ ।

ମହାରାଜାଙ୍କ ମନସ୍କାମନା ଚରିତାର୍ଥେ ଦକ୍ଷିଣ ଦେଶର ସାମନ୍ତ ରାଜା ସାହସ ମଲ୍ଲ ଶ୍ରୀ କୂର୍ମନାଥଙ୍କୁ ଏକଶତ ତିନିଟି ଗଣ୍ଡ ମାଡ଼ (ସ୍ୱର୍ଣ୍ଣମୁଦ୍ରା) ପୂଜା ଉପହାର, ପଚାଶଟି ଗାଈ

Digitized by srujanika@gmail.com

ପ୍ରଦାନ କରି ରାଜାଙ୍କଠାରେ ସାମନ୍ତ ରାଜାମାନଙ୍କର ଆନୁଗତ୍ୟ ପ୍ରକାଶ କଲେ । ସେନାପତି ରାମଗୋବିନ୍ଦ ଶ୍ରୀକରଣ ସୁରୁ ସେନାପତି ମହାରାଜାଙ୍କର ସ୍ୱାସ୍ଥ୍ୟ ଓ ଆନନ୍ଦ ବୃଦ୍ଧି କାମନା କରି ଶ୍ରୀ କୁର୍ମେଶ୍ୱରଙ୍କୁ ନାନା ଦ୍ରବ୍ୟ ପ୍ରଦାନ କଲେ ।

ମହାରାଜ ଭାବୁଥିଲେ ପ୍ରକୃତରେ ସେ କ'ଣ ଚାହାନ୍ତି ? କାହାପାଇଁ ସେ ଚିନ୍ତିତ ? କୋଣାର୍କ ପାଇଁ ନାଁ ଚନ୍ଦ୍ରଭାଗା ପାଇଁ ?

ମହାରାଣୀଙ୍କର ତ୍ୟାଗ, ସଙ୍ଗମ, ନିଷ୍ଠାପର ଦେବପୂଜା ଏବଂ ସାମନ୍ତ ରାଜା, ସେନାପତି, ରାଜଗୁରୁ ଏବଂ ପ୍ରଜାମାନଙ୍କର ଐକାନ୍ତିକ ଶୁଭ କାମନା ବଳରେ କୋଣାର୍କ ସଂପୂର୍ଣ୍ଣ ହେବ । କିନ୍ତୁ କମଳ ମହାରଣାର ଜୀବନ ଆଉ କେବେହେଲେ ଚନ୍ଦ୍ରଭାଗା ବିନା ସଂପୂର୍ଣ୍ଣ ହେବନାହିଁ ।

ରାଜଗୁରୁ ଭାବ ସଦାଶିବ ପ୍ରତ୍ୟୟ ଦେଉଥିଲେ, ମହାରାଜାଙ୍କ ଧର୍ମ ବଳରେ ଅସାଧ୍ୟ ସାଧନ ହେବ । ମହାରାଜାଙ୍କ ମନସ୍କାମନା ଅଚିରେ ପୂର୍ଣ୍ଣହେବ ।

ମହାରାଜାଙ୍କ ଉଦାରତା ଏବଂ ଧର୍ମାଚରଣର ଖ୍ୟାତି ବଙ୍ଗ ଦେଶରେ ମୁସଲମାନ ଦ୍ୱାରା ନିର୍ଯ୍ୟାତିତ ସନ୍ନ୍ୟାସୀମାନଙ୍କୁ ପବିତ୍ର ଓଡ଼ିଶା ଭୂଇଁକୁ ଟାଣି ଆଣିଛି ।

ରାଢ଼ ଓ ଗୌଡ଼ ଦେଶୀୟ ଅସଂଖ୍ୟ ତାପସଜନ ପ୍ରଥମଥର ପାଇଁ ଓଡ଼ିଶା ପଳାଇ ଆସିଛନ୍ତି ଆଶ୍ରୟ ଖୋଜି ଖୋଜି । ଭୁବନେଶ୍ୱରର ସଦାଶିବ ମଠରେ ସେମାନଙ୍କ ପାନ ଭୋଜନର ସୁବନ୍ଦୋବସ୍ତ ହୋଇଛି । ବିଭିନ୍ନ ଗ୍ରାମରୁ ଭିନ୍ନ ଭିନ୍ନ ପରିମାଣର ଧାନ ଖଞ୍ଜା ହୋଇଛି । ଜାଳେଣି କାଠର ବ୍ୟବସ୍ଥା ମଧ୍ୟ ହୋଇଛି । ତାପସଜନ ପବିତ୍ର ଜଗନ୍ନାଥ ଦେଶରେ ଶ୍ରୀପୁରୁଷୋତ୍ତମ ପୁତ୍ର ଜଗନ୍ନାଥ ଚରଣ ସେବକ ନରସିଂହଙ୍କର ମନସ୍କାମନା ପୁରଣାର୍ଥେ ଧ୍ୟାନ ଭଜନରେ ମଗ୍ନ ଅଛନ୍ତି । ଏ ସବୁ ଧର୍ମକାର୍ଯ୍ୟ ଭିତରେ ମହାରାଜ ପୁଣି ଚିନ୍ତିତ କାହିଁକି ?

ରାଜାଙ୍କର ମନୋରଞ୍ଜନ ପାଇଁ କବି ସଭାର ଅୟୋଜନ ହୋଇଥାଏ । ରାଜକବି ବିଦ୍ୟାଧରଙ୍କ ରଚିତ ଅଳଙ୍କାର ଶାସ୍ତ୍ର 'ଏକାବଳୀ'ର ଶୁଭ ଉଦ୍‌ଘାଟନ ଉତ୍ସବରେ ରାଜ୍ୟର ବିଶିଷ୍ଟ କବିମାନେ ଯୋଗଦେଇଥାନ୍ତି । ବର୍ଦ୍ଧମାନ ମହାପାତ୍ର, ରଘୁବୀର କବିରାଜ, ଗୋବିନ୍ଦ ଭଞ୍ଜ, କବି ହରିହର, ରଘୁନାଥ ପରିଚ୍ଛା କବିଗଣ 'ଏକାବଳୀ' ଅଳଙ୍କାର ଶାସ୍ତ୍ରର ତିନିଶହ ଚଉଷଠି ଶ୍ଲୋକକୁ ପଢ଼ି ଆଲୋଚନା କରିବେ । ଯା ପୂର୍ବରୁ କବି ବିଦ୍ୟାଧରଙ୍କ ରଚିତ 'କେଳି ରହସ୍ୟ' ଗ୍ରନ୍ଥ କବି ସଭାରେ ପଠିତ ଏବଂ ଆଲୋଚିତ ହୋଇଯାଇଚି । ମହାରାଜ 'କେଳି ରହସ୍ୟ' ଗ୍ରନ୍ଥର ଭୂରି ଭୂରି ପ୍ରଶଂସା କରିଛନ୍ତି । ରାଜକବିଙ୍କୁ ସେଥିପାଇଁ ଶାଢ଼ୀ ଏବଂ ପଦକ ଦ୍ୱାରା ସମ୍ମାନିତ କରାଯାଇଛି ।

Digitized by srujanika@gmail.com

ରାଜା ନରସିଂହ ଅତ୍ୟନ୍ତ ସାହିତ୍ୟ ରସିକ । ଯୁଦ୍ଧ ଏବଂ ସାହିତ୍ୟ ଉଭୟ ତାଙ୍କୁ ଏକାଭଳି ସକ୍ରୀୟ କରେ । ମହାରାଜ ଗମ୍ଭୀର ବଦନରେ କବି ସଭାର ଆଲୋଚନା ନୀରବରେ ଶୁଣୁଥାନ୍ତି । ଏକାବଳୀ ଶାସ୍ତ୍ରର ତିନିଶହ ଚଉଷଠି ଶ୍ଲୋକରୁ ତିନିଶହ ଚଉଦ ଗୋଟି ଶ୍ଲୋକ ରାଜା ନରସିଂହଙ୍କର ପ୍ରଶଂସା ଓ ଗୁଣ ଗରିମାର ପୁଷ୍ପଜ ହୋଇଥାଏ । ନରସିଂହ ଦେବ ପ୍ରତାପଶାଳୀ, ବିଦ୍ୱୋତ୍ସାହୀ, ସମର ନିପୁଣ, ବିଦ୍ୱାନ୍ ଓ ଦାନୀ ରାଜା ବୋଲି ଶ୍ଲୋକର ବର୍ଣ୍ଣନା, କବିମାନଙ୍କ ଆଲୋଚନା ଚାତୁରୀରେ ଆଉରି ମଞ୍ଜୁଳ ଏବଂ ପ୍ରାଣବନ୍ତ ହେଉଥାଏ ।

ରାଜା ନରସିଂହ ନିଜ ରୂପ ଗୁଣ ଏବଂ ପୌରୁଷର ଗରିମା କବିମାନଙ୍କ ମୁଖରୁ ଶୁଣୁ ଶୁଣୁ ଉତ୍‌ଫୁଲ୍ଲ ହେବା ପରିବର୍ତ୍ତେ ବିଷଣ୍ଣ, ଭାବମଗ୍ନ ହୋଇ ପଡୁଥାନ୍ତି ।

ନରସିଂହ ଭାବୁଥାନ୍ତି କବିର ବର୍ଣ୍ଣନା ସତ୍ୟ — ନାଁ କେବଳ ଚାଟୁବାକ୍ୟ । କାହିଁ ନରସିଂହଙ୍କର ପୌରୁଷ — ପରାକ୍ରମ — ଶୌର୍ଯ୍ୟ ଏବଂ ବୀର୍ଯ୍ୟ । ଗୋଟିଏ ଗ୍ରାମ୍ୟ କିଶୋରୀ ତାଙ୍କର ପୌରୁଷକୁ ଲାଞ୍ଛିତ, ପଦାନତ କରି ହଜିଯାଇଛି । ତାକୁ ସେ ନ୍ୟାୟ, ସୁରକ୍ଷା, ଏବଂ ବଞ୍ଚିରହିବାର ମୌଳିକ ଅଧିକାର ଟିକକ ବି ଦେଇପାରି ନାହାନ୍ତି । ଏତିକି ତ ରାଜାର ସର୍ବନିମ୍ନ କର୍ତ୍ତବ୍ୟ । ସେତିକି ଯଦି ସେ ପାରିନାହାନ୍ତି ସେ ତ ପରାଜିତ ହେଇଛନ୍ତି । ଏକାବଳୀ ଶାସ୍ତ୍ରରେ ତାଙ୍କର ପ୍ରଶଂସା ଓ ଯଶୋଗାନ ତାଙ୍କୁ ଅପମାନିତ କରୁଥାଏ ବେଳୁବେଳ । ରାଜା ଭାବୁଥାନ୍ତି ଚନ୍ଦ୍ରଭାଗା କେବଳ ତାଙ୍କ ଜୀବନରୁ ଭୋଗ ବିଳାସ ଲୁଟି ନେଇନାହିଁ — ସୁଖ, ଅହଂକାର ଏବଂ ଆତ୍ମବିଶ୍ୱାସ ବି ଲୁଟି ନେଇଛି ।

ରାଜାଙ୍କର ଅନ୍ୟମନସ୍କତାରେ କେବଳ କବି ବିଦ୍ୟାଧର ନୁହଁନ୍ତି, ସଭା ମଣ୍ଡନ କରିଥିବା ସମସ୍ତ କବି, କ୍ଷୁଣ୍ଣ, ବିଷଣ୍ଣ ! କବି ବିଦ୍ୟାଧର ଭାବୁଥାନ୍ତି ତାଙ୍କର ରଚନା ଯଦି ରାଜାଙ୍କ ସୁଖ ଆନନ୍ଦ ବର୍ଦ୍ଧନ କଲାନାହିଁ, ତେବେ କି ଲାଭ ସେ ରାଜସମ୍ମାନ ଏବଂ ପଦକପ୍ରାପ୍ତିରେ ।

କବି ରଘୁନାଥ ପରିଚ୍ଛା କୃଷ୍ଣ ଓ ଗୋପୀମାନଙ୍କ ପ୍ରଣୟ ଲୀଳାତ୍ମକ ସଂସ୍କୃତ ନାଟକ 'ଗୋପୀନାଥ ବଲ୍ଲଭ'ର ରଚୟିତା । ନାଟକଟି ସେଦିନ ସନ୍ଧ୍ୟାରେ କୋଣାର୍କ ନଗରୀରେ ମଞ୍ଚସ୍ଥ ହେବାକୁ ଯାଉଛି । ସିଂହଳ ଓ ସୁବର୍ଣ୍ଣ ଦ୍ୱୀପରୁ ଜାହାଜ ଆସି ଚରିତ୍ର ବନ୍ଦରରେ ଲାଗିଛି । ବିଦେଶୀ ବଣିକମାନେ କୋଣାର୍କ ନଗରୀରେ ଉପସ୍ଥିତ ଅଛନ୍ତି । ମୁକ୍ତାକାଶ ରଙ୍ଗମଞ୍ଚରେ ସେମାନେ ମଧ୍ୟ ନାଟକଟି ଦେଖିବେ । ହୁଏତ କୃଷ୍ଣ ଏବଂ ଗୋପୀମାନଙ୍କ ପ୍ରଣୟଲୀଳା ଦର୍ଶନ କରି ରାଜା ମାନସିକ ଶାନ୍ତି ଓ ଆନନ୍ଦ ଲଭିବେ ।

Digitized by srujanika@gmail.com

ମହାରାଜାଙ୍କର ଚିନ୍ତିତ ମଉଳା ମୁହଁ ସରସ ପ୍ରସନ୍ନ ନହେଉଣୁ ସେଦିନ କବି ସଭା ମଉଳିଲା । ଗୋପୀନାଥ ବଲ୍ଲଭ ନାଟକ ମଞ୍ଚସ୍ଥ ହେବାର ଆୟୋଜନ ଚାଲିଥାଏ ।

ଉତ୍କଳୀୟ ଗଙ୍ଗବଂଶୀୟ ରାଜା ନରସିଂହ ପରମ ବୈଷ୍ଣବ । କାମାଚାରୀମାନଙ୍କର କଦର୍ଯ୍ୟ ଭୋଗଲାଳସାଠାରୁ ବହୁପୂର୍ବରୁ ସେ ନିଜ ମନକୁ ଊର୍ଦ୍ଧ୍ୱଗାମୀ କରିଥିଲେ । ଚନ୍ଦ୍ରଭାଗାର ଶ୍ଳେଷପୂର୍ଣ୍ଣ ବାକ୍ୟ ତାଙ୍କୁ ଗାର୍ହସ୍ଥ୍ୟ ଜୀବନ ଭିତରେ ବ୍ରହ୍ମଚର୍ଯ୍ୟ ପାଳନ କରିବାର ପ୍ରେରଣା ଦେଇଥିଲା ।

ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦର କାନ୍ତକୋମଳ ପଦାବଳୀ ରାଧାକୃଷ୍ଣଙ୍କ ପବିତ୍ର ପ୍ରେମଧାରା ହୃଦୟରୁ ହୃଦୟକୁ ପ୍ରବାହିତ ହେଉଥାଏ । ସମରକ୍ଲାନ୍ତ ମହାରାଜ ନରସିଂହ 'ଗୀତଗୋବିନ୍ଦ ମହାକାବ୍ୟ'ର ଅଷ୍ଟପଦୀ ରାଗ ସଙ୍ଗୀତରେ ମଜ୍ଜିଯାଇ ଶ୍ରୀ ଜଗନ୍ନାଥ ଓ ରାଧାକୃଷ୍ଣ ଲୀଳାର ଅଭେଦ ତତ୍ତ୍ୱ ଭିତରେ ନିଜକୁ ହଜାଇ ଦିଅନ୍ତି — ସେତେବେଳେ ସେ ଚିନ୍ତା ଚେତନାର ବହୁ ଊର୍ଦ୍ଧ୍ୱକୁ ଚାଲିଯାନ୍ତି ।

ଗଙ୍ଗବଂଶୀୟ ନରପତି ରାଘବଦେବଙ୍କ ରାଜତ୍ୱ କାଳରେ ଦ୍ୱାଦଶ ଶତାବ୍ଦୀରେ ଉତ୍କଳର ବରପୁତ୍ର ଭକ୍ତକବି ଜୟଦେବ ପୁରୀ ଜିଲ୍ଲାର ପୁଣ୍ୟତୋୟା ପ୍ରାଚୀନଦୀ ତୀରବର୍ତ୍ତୀ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମଲାଭ କରିଥିଲେ । ସେ ସାରାଜୀବନ ହିଁ ଶ୍ରୀକ୍ଷେତ୍ରରେ କାଟିଦେଲେ । ଶ୍ରୀଜଗନ୍ନାଥଙ୍କୁ ଉତ୍ସର୍ଗୀକୃତ, ତାଙ୍କରି ଉଦ୍ଦେଶ୍ୟରେ ପ୍ରଣୀତ ଜୟଦେବଙ୍କର ଏକମାତ୍ର ଅମରକୃତି ଶ୍ରୀଗୀତଗୋବିନ୍ଦ ମହାକାବ୍ୟ ପ୍ରତି ସନ୍ଧ୍ୟାରେ ଶ୍ରୀଜଗନ୍ନାଥଙ୍କ ନିକଟରେ ସଙ୍ଗୀତମୟ ହୋଇ, ମାହାରୀମାନଙ୍କ ଲାବଣ୍ୟମୟ କଣ୍ଠରୁ ଝରିପଡ଼େ । ଗୀତଗୋବିନ୍ଦ ରସିକ ପ୍ରଭୁ ଜଗନ୍ନାଥ ଦିନେ ଶ୍ରୀକ୍ଷେତ୍ରର ଏକ ଗାଁରେ ମାଳି କନ୍ୟାର କଣ୍ଠରୁ ଗୀତଗୋବିନ୍ଦର ସୁଲଳିତ ପଦାବଳୀ ଶୁଣିବାପାଇଁ ଶ୍ରୀମନ୍ଦିର ଡେଇଁ ମାଳି ଗୃହରେ ଉପସ୍ଥିତ ହେଲେ । ମାଳିକନ୍ୟା ବାଇଗଣ କିଆରୀରେ ଫଳ ତୋଳୁ ତୋଳୁ ଗୁଣୁ ଗୁଣୁ ସ୍ୱରରେ ଗୀତଗୋବିନ୍ଦର ପଦାବଳୀ ଗାଉଥାଏ । ପ୍ରଭୁ ଗୋଳକ ବିହାରୀ ମାଳିକନ୍ୟାର ପଛେ ପଛେ ଭକ୍ତିଭାବରେ ବିଭୋର ହୋଇ ବୁଲୁଥାନ୍ତି । ମନ୍ଦିରକୁ ଫେରିଲା ବେଳକୁ ପ୍ରଭୁଙ୍କ ବସ୍ତ୍ର ଓଡ଼ଣୀ ବାଇଗଣ ବତାର କଣ୍ଟାରେ ଛିନ୍ନ ହୋଇଛି — ପ୍ରଭୁଙ୍କ ଅଙ୍ଗରେ ବାଇଗଣ କଣ୍ଟାର ଆଞ୍ଚୁଡ଼ା ଦାଗ । ତେବେ ବି ଶ୍ରୀରଙ୍ଗ ଅଧର ଶ୍ରୀମନ୍ଦିର ରତ୍ନସିଂହାସନରେ ବସି ମନ୍ଦ ମନ୍ଦ ହସୁଥାନ୍ତି । ପଣ୍ଡା ପଡ଼ିଆରୀମାନଙ୍କଠାରୁ ପ୍ରଭୁଙ୍କର ଏ ଅବସ୍ଥା

Digitized by srujanika@gmail.com

କଥା ଶୁଣି ରାଜା ସ୍ୱପ୍ନରେ ସବୁ ଜାଣିପାରିଲେ । ତା ପରଦିନ ଶୁଆରି ପଠାଇ ମାଳିକନ୍ୟାକୁ ଡକାଇ ଆଣିଲେ । ରାଜାଙ୍କର ଆଦେଶ ହେଲା ମାଳିକନ୍ୟା ସବୁଦିନ ଶ୍ରୀଜଗନ୍ନାଥ ମନ୍ଦିରରେ ଗୀତଗୋବିନ୍ଦ ଗାନ କରିବ । ମାଳିକନ୍ୟା ପାଇଁ ଖଞ୍ଜା କରିଦେଲେ ଅଢସ୍ର ଭୂ-ସମ୍ପତ୍ତି । ସେଇ ମାଳିକନ୍ୟାର ବଂଶଧରମାନେ ମାହାରୀ ଭାବରେ ଶ୍ରୀଜଗନ୍ନାଥ ଛାମୁରେ କାଳ କାଳ ଧରି ଗୀତଗୋବିନ୍ଦ ଗାନ କରୁଛନ୍ତି ।

ଜୟଦେବଙ୍କ ଜନ୍ମସ୍ଥାନ, ସେଦିନର ସେଇ ପୁଣ୍ୟଭୂମି କ୍ଷୁଦ୍ର କେନ୍ଦୁବିଲ୍ୱ ଗ୍ରାମର ନାମ ଆଜି କେନ୍ଦୁଳି ଶାସନ — ସେଇ ଗାଁରେ ପ୍ରାଚୀପ୍ରଭାର ଜନ୍ମ । ପ୍ରାଚୀପ୍ରଭା ସେଥିପାଇଁ ନିଜକୁ ଭାଗ୍ୟବତୀ ମନେ କରେ । ଶ୍ରୀଜୟଦେବଙ୍କର ଚରିତାମୃତ ଚାର୍ଲସ ଆଗରେ ବର୍ଣ୍ଣନା କରୁ କରୁ ସେ ଆତ୍ମବିଭୋର ହୁଏ — ଗୀତ ଗୋବିନ୍ଦର କାନ୍ତ-କୋମଳ ପଦାବଳୀ ଗାଉ ଗାଉ ସେ ପ୍ରେମାଶ୍ରୁ ବର୍ଷଣ କରେ । ଆବେଗଭରା କଣ୍ଠରେ ସେ କହେ — ଚାର୍ଲସ, ଶ୍ରୀ ଗୀତଗୋବିନ୍ଦ ହେଉଛି ରାଧାକୃଷ୍ଣ ପ୍ରେମର ଅନନ୍ତ ଗନ୍ତାଘର । ଥରେ ସେ ପ୍ରେମରସର ସ୍ୱାଦ ଯିଏ ଚାଖେ — ସେ ପ୍ରଭୁ ଜଗନ୍ନାଥଙ୍କୁ ବଶ କରିଦିଏ । ଜଗନ୍ନାଥ ଯୁଗେ ଯୁଗେ ପ୍ରେମ ଭକ୍ତିରେ ବଶ୍ୟତା ସ୍ୱୀକାର କରିଛନ୍ତି ।

ଚାର୍ଲସ ଗମ୍ଭୀର ହୋଇଯାଏ । ଚିନ୍ତାମଗ୍ନ ହୋଇ କହେ — ଏ ଦେଶରେ ପ୍ରେମ ଭକ୍ତିରେ ରାଷ୍ଟ୍ରଦେବତା ଜଗନ୍ନାଥଙ୍କୁ ବଶ କରିବା ବରଂ ସହଜ । ଗୀତଗୋବିନ୍ଦର ପଦଟିଏ ଗାଇଲେ ଜଗନ୍ନାଥ ରତ୍ନସିଂହାସନ ଛାଡ଼ି ପଛେ ପଛେ ଚାଲନ୍ତି । କିନ୍ତୁ ଜଗନ୍ନାଥ ପ୍ରେମିକା ପରମ ବୈଷ୍ଣବୀ ପ୍ରାଚୀପ୍ରଭାଙ୍କୁ ବଶ କରିବା ଏକବାର ସାତଜନ୍ମର ତପସ୍ୟାର ଫଳ । ପ୍ରାଚୀ ବିସ୍ମୟରେ ଚାର୍ଲସକୁ ଚାହିଁଲା । ଚାର୍ଲସ ଉଦାର କଣ୍ଠରେ କହିଲା ଜନ୍ମଠାରୁ ଆଜିପର୍ଯ୍ୟନ୍ତ ଘଟିଯାଇଥିବା ମୋ ଜୀବନର ସବୁକଥା ମୁଁ ତୁମକୁ କହିଛି — ଅଥଚ ତମ ବିଷୟରେ ତମେ କେବେ କିଛି କହିନାହଁ । ଜଗନ୍ନାଥଙ୍କ ପରି ତମେ ବି ମୋ ପାଖରେ ଏକ ରହସ୍ୟ ।

ପ୍ରାଚୀ ନିର୍ମଳ ହସ ଝରାଇ କହିଲା — ଯୁଗେ ଯୁଗେ ପୁରୁଷ ହିଁ ନାରୀ ପାଖରେ ବଶ୍ୟତା ସ୍ୱୀକାର କରେ । ଶୁଣିଛ ପ୍ରଭୁ ଜଗନ୍ନାଥ କଥା ?

ଚାର୍ଲସ ବି ହସିଦେଲା । କହିଲା — ଆସିଥିଲି ଓଡ଼ିଶାର କଳା ଓ ସ୍ଥାପତ୍ୟରେ ଗବେଷଣା କରିବା ପାଇଁ । ଦେଖୁଛି ତମଠାରୁ ଜଗନ୍ନାଥ ତତ୍ତ୍ୱ, ରାଧା-କୃଷ୍ଣ ପ୍ରେମଲୀଳା ଆଉ ଗୀତଗୋବିନ୍ଦର ପଦାବଳୀ ଶୁଣି ଶୁଣି ପରମ ବୈଷ୍ଣବ ହୋଇ ଦେଶକୁ ଫେରିଯିବି ।

ଚାର୍ଲସର ପରିହାସକୁ ଗୁରୁତ୍ୱ ନଦେଇ ପ୍ରାଚୀ ଭାବାବିଷ୍ଟ ହୋଇ ଜୟଦେବ ଚରିତାମୃତ ଆଉଥରେ ବର୍ଣ୍ଣନା କରୁଥିଲା — କେନ୍ଦୁବିଲ୍ୱ ଗ୍ରାମର ସେଇ କ୍ଷୁଦ୍ର ମାଧବ ମନ୍ଦିର । ପଦ୍ମା

Digitized by srujanika@gmail.com

ପଦ୍ମାବତୀଙ୍କ ସହ ସେଇ ମନ୍ଦିର ପାଖ କୁଟୀରରେ ଅବସ୍ଥାନ କରୁଥାନ୍ତି ଜୟଦେବ । ପତି ପତ୍ନୀ ଦିହେଁ ଶ୍ରୀ ରାଧାମାଧବ ସେବାରେ ନିଜକୁ ଉତ୍ସର୍ଗ କରିଥାନ୍ତି । ସେଇ ମାଧବ ମନ୍ଦିରରେ ବସି ଜୟଦେବ ତାଙ୍କର ଅମରକୃତି ଶ୍ରୀ ଗୀତଗୋବିନ୍ଦ ରଚନା କଲେ । ବୈଷ୍ଣବ ଶାସ୍ତ୍ର ମତରେ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କର ଶ୍ରୀଚରଣ ଧରି ପ୍ରେମ ଭିକ୍ଷା କରିଥିଲେ । ପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀରାଧାଙ୍କର ପାଦ ଧରି ପ୍ରେମ ଭିକ୍ଷା କରିବେ, ଭକ୍ତ ଜୟଦେବଙ୍କର ପୁରୁଷ ମନ ଏ କଥାକୁ ଗ୍ରହଣ କରିପାରିଲା ନାହିଁ । ସେଇଠି ଲେଖନୀ ତାଙ୍କର ସ୍ଥିର ହୋଇଗଲା । ଦ୍ୱନ୍ଦ୍ୱରେ ପଡ଼ି ସେ ଭାବିଲେ ଯାପରେ କେମିତି ସେ ବର୍ଣ୍ଣନା କରିବେ ରାଧା କୃଷ୍ଣ ପ୍ରେମଲୀଳାର ପବିତ୍ର ଗାଥା । ବ୍ୟଥିତ ହୃଦୟରେ ସେଇଠି ପୋଥି ବନ୍ଦ କରି ସେ ପୁଣ୍ୟତୋୟା ପ୍ରାଚୀକୁ ସ୍ନାନ କରିବା ପାଇଁ ଚାଲିଗଲେ । ମନେ ମନେ ପ୍ରଭୁଙ୍କୁ ଜଣାଇଲେ — ପ୍ରଭୁ ଅନ୍ତର୍ଯ୍ୟାମୀ, ଏଇ ହାତରେ ମାତା ଶ୍ରୀରାଧାଙ୍କର ଶ୍ରୀଚରଣକୁ କେମିତି ଧରାଇ ଦେବି ତମ ହାତରେ ? ପୁରୁଷ ହୋଇ ନାରୀର ପାଦ ଧରି ପ୍ରେମ ଭିକ୍ଷା କରିବା କେତେ ଅସଙ୍ଗତ କଥା ?

ଭକ୍ତ ହୃଦୟର ବ୍ୟଥା ଜଗନ୍ନାଥ ଜାଣିଲେ । ଜୟଦେବଙ୍କ ରୂପ ଧାରଣ କରି ସେ ଆସି ପଦ୍ମାବତୀଙ୍କୁ ପାଣ୍ଡୁଲିପିଟି ମାଗିଲେ । କହିଲେ — ଅଧ ବାଟରେ ପଦଟି ମନେ ପଡ଼ିଗଲା । କାଳେ ଭୁଲିଯିବି ସେଥିପାଇଁ ଫେରିଆସିଲି ଲେଖିଦେଇ ଯିବି ବୋଲି । ପ୍ରଭୁ ସ୍ୱହସ୍ତରେ ପଦ ପୂରଣ କଲେ — ''ଦେହି ପଦ ପଲ୍ଲବ ମୁଦାରମ୍ ।'' ପ୍ରଭୁ ତା'ପରେ ଫେରିଗଲେ ।

ନଦୀରୁ ସ୍ନାନ ସାରି ଆସି ଜୟଦେବ ସବୁ ଶୁଣି ଭାବାବେଶରେ ଅଶ୍ରୁମୋଚନ କଲେ । କହିଲେ — ପଦ୍ମାବତୀ, ତମେ ପ୍ରଭୁଙ୍କୁ ଦେଖି ଧନ୍ୟ ହେଇଗଲ । ମୁଁ ଅଧମ ତାଙ୍କର ଦର୍ଶନ ପାଇଲିନି । ଗୀତଗୋବିନ୍ଦ ପ୍ରଭୁଙ୍କ ହାତ ସ୍ପର୍ଶରେ ପବିତ୍ର ହେଇଗଲା । ସାହିତ୍ୟର ଇତିହାସରେ ଅମୂଲ୍ୟ ରତ୍ନ ହେଇ ଆଜିଯାଏ ଭକ୍ତ ହୃଦୟରେ ଗୁଞ୍ଜନ ତୋଳୁଛି ଗୀତଗୋବିନ୍ଦର ସେଇ ମଧୁର ପଦ, ''ଦେହି ପଦ ପଲ୍ଲବ ମୁଦାରମ୍ ।''

ଚାର୍ଲସ ବାରମ୍ବାର ଆବୃତ୍ତି କରୁଥାଏ — ଦେହି ପଦ ପଲ୍ଲବ ମୁଦାରମ୍ । ସେ ଚାହିଁଥାଏ ପ୍ରାଚୀପ୍ରଭାର କୋମଳ ପାଦ ଦୁଇଟିକୁ । ମନେ ମନେ ଭାବୁଥାଏ ଶ୍ରୀରାଧାଙ୍କର ଚରଣ ଯଦି ଏ ପାଦ ଦୁଇଟିଠାରୁ କୋମଳ, ମନୋରମ ହୋଇଥାଏ, ତେବେ ଶ୍ରୀଜଗନ୍ନାଥ ସେ ପାଦ ଧରି ପ୍ରେମଭିକ୍ଷା କରିବାରେ ସ୍ୱାଭାବିକତା କେଉଁଠି ?

ଚାର୍ଲସର ଭାବାବିଷ୍ଟ ଅବସ୍ଥାକୁ ଲକ୍ଷ୍ୟ କରି ପ୍ରାଚୀ କହିଲା — ଯିବ ଚାର୍ଲସ ? ଥରେ ସେଇ ପବିତ୍ର କେନ୍ଦୁଳି ଶାସନର ମାଟି ସ୍ପର୍ଶ କରି ଆସିବ ? ସେଇ କ୍ଷୁଦ୍ର ମାଧବ ମନ୍ଦିର ଥରେ

Digitized by srujanika@gmail.com

ଦେଖି ଆସିବ ? ମୋ ଗାଁ ବୋଲି କହୁନାହିଁ । ଓଡ଼ିଶାର ବରପୁତ୍ର ଭକ୍ତ କବି ଜୟଦେବଙ୍କର ଜନ୍ମସ୍ଥାନ ବୋଲି କହୁଛି ।

ଚାର୍ଲସ ଭାବମଗ୍ନ କଣ୍ଠରେ କହିଲା — ଯିବି । କିନ୍ତୁ ଜୟଦେବଙ୍କ ଜନ୍ମସ୍ଥାନ ବୋଲି ନୁହେଁ — ପ୍ରାଚୀପ୍ରଭାର ଗାଁ ବୋଲି ଯିବି । ଅନ୍ତତଃ ତମର ଗାଁଟାକୁ ଜୀବନରେ ଥରେ ସ୍ପର୍ଶ କରିଥାଏ —

ସରଳ ହସର ତରଙ୍ଗଟିଏ ବହିଗଲା ପ୍ରାଚୀପ୍ରଭାର ଓଠରେ । କହିଲା — ଚାର୍ଲସ, ଯେ କୌଣସି ପରିବେଶରେ ତମେ ପରିହାସର କଥା କହିପାର — ଜୀବନକୁ ସେମିତି ଗ୍ରହଣ କରିପାରିଲେ ହୁଏ ମଣିଷ ସୁଖୀ ହେଉଥିବ ।

ଚାର୍ଲସ ମନେ ମନେ ଭାବିଲା ସେ ତ ପରିହାସର କଥା କହୁନାହିଁ । ବରଂ ତାର ମନର ଅତି ଗୁରୁତ୍ୱପୂର୍ଣ୍ଣ କେତେଟା କଥାକୁ ପ୍ରାଚୀପ୍ରଭା ଜାଣିଶୁଣି ବାରମ୍ବାର ପରିହାସରେ ଉଡ଼େଇ ଦେଇଛି । ଏ ଦେଶର ସଂସ୍କୃତିରେ ପ୍ରଭୁ ଜଗନ୍ନାଥ ଶ୍ରୀରାଧାଙ୍କର ପାଦ ଧରନ୍ତି । ସେ ତ ଛାର ମଣିଷଟିଏ — ପୁଣି ଏଠି ସେ ମ୍ଲେଚ୍ଛ । ପ୍ରାଚୀପ୍ରଭା ସ୍ୱଚ୍ଛ ସଲୀଳା ପୁଣ୍ୟତୋୟା । ଚାର୍ଲସର ଯାଯାବରୀ ପାଦ ଦୁଇଟା ସେ ନଦୀର ଜଳରେ ଧୋଇବା କେତେବଡ଼ ଦୁଃସାହସର କଥା ! ଏ ଦେଶରେ ଫୁଲ ବିକାଳୀ ଝିଅ ଚିତ୍ରୋତ୍ପଳା ବି କେବେ ଲିଲିଆନ୍ ଭଳି ଉପରେ ପଡ଼ି ପୁରୁଷମାନଙ୍କ ସହ ବନ୍ଧୁତା କରିପାରେନି । ତା ଚାରିକଡ଼େ ଉଡ଼ି ବୁଲୁଥିବା ଗନ୍ଧଲୋଭୀ ଭ୍ରମରମାନଙ୍କର ମୃଦୁଗଞ୍ଜନ ତାକୁ କେବେ ଅସ୍ଥିର କରେନି । ଫୁଲ କିଣୁ କିଣୁ ତାକୁ ସ୍ପର୍ଶ କରିବା ତ ଦୂରର କଥା — ତାର ଫୁଲ ଚାଙ୍ଗୁଡ଼ିଟାକୁ ଛୁଇଁଦେଲେ ତ ସେ ଚିହିଁକି ଉଠେ — ଦୂରକୁ ଘୁଞ୍ଚିଯାଏ । ମୁଖ ଗମ୍ଭୀର କରେ । ସେ ବାକ୍‌ଦତ୍ତା, ସମର୍ପିତା । ଆଉ କାହାର ଛାଇ ସୁଦ୍ଧା ସ୍ପର୍ଶ କରିବାର ନୁହେଁ ।

ଚିତ୍ରୋତ୍ପଳାର ପାଦ ଦୁଇଟା ବି କେଡ଼େ ଦୁର୍ଲଭ ଆଉ ଦୁଷ୍ପ୍ରାପ୍ୟ ।

ସେ ଆଉଥରେ ଆବୃତ୍ତି କଲା — ଦେହି ପଦ ପଲ୍ଲବ ମୁଦାରମ୍ — ଦେହି ପଦ ପଲ୍ଲବି ମୁଦାରମ୍ ।

ପ୍ରାଚୀପ୍ରଭା ହସିଦେଇ କହିଲା — ଗୀତଗୋବିନ୍ଦର ପଦ କଣ୍ଠସ୍ୱର ଦେଇ ଗାଇବାର କଥା ନୁହେଁ — ଅନ୍ତଃସ୍ୱର ଦେଇ ଗାଇବାର କଥା । ତେବେ ଯାଇ ପ୍ରଭୁ ଜଗନ୍ନାଥ ରତ୍ନବେଦି ଛାଡ଼ି ପଛେ ପଛେ ଚାଲିବେ । ସେ ପଛେ ପଛେ ଥିଲେ ଆଗକୁ ରାସ୍ତା ଆଲୋକିତ ହେଇଯାଏ —

Digitized by srujanika@gmail.com

ଚାର୍ଲସର ମନେହେଲା ଜଗନ୍ନାଥ ଯେମିତି ପ୍ରତି ପଦେ ପଦେ ପ୍ରାଚୀକୁ ବାଟ ଜଡ଼ାଇ ନେଉଛନ୍ତି ଆଉ ତାର ବାଟ ଓଗାଳି ଠିଆ ହେଉଛନ୍ତି । ସେଥିପାଇଁ ପ୍ରାଚୀପ୍ରଭା ଏବଂ ତା ଭିତରେ ବ୍ୟବଧାନ ପ୍ରଥମ ସାକ୍ଷାତ ଦିନ ଯେତିକି ଥିଲା ଆଜି ବି ସେତିକି ।

ଭାରତୀୟ ସଂସ୍କୃତିରେ ବିବାହିତା ସ୍ତ୍ରୀ ମଧ୍ୟ ସ୍ୱାମୀ ପାଖରେ ନିଜକୁ ଉପଯାଚିକା କରି ଡୋଲି ଦିଏ ନାହିଁ । ତା ହେଇଥିଲେ ମହାରାଣୀ ସୀତା ଦେବୀ ରାଜା ନରସିଂହଙ୍କର ବାରବର୍ଷର ସନ୍ନ୍ୟାସ ଧର୍ମକୁ ପଣ୍ଡ କରି ରାଜାଙ୍କ ନିକଟରେ ପତ୍ନୀତ୍ୱର ନାର୍ଯ୍ୟ ଦାବୀ ବାଡ଼ି ଦେଇଥାନ୍ତେ । ଭାରତୀୟ ନାରୀ ପକ୍ଷେ କାମନାର ଉଦଗ୍ର ଜ୍ୱଳାଠାରୁ ନାରୀତ୍ୱର ଅଭିମାନ ବଳୀୟାନ୍ । ସେଥିପାଇଁ ପୁରୁଷ ପାଖରେ ସେ ବନ୍ଦନୀୟା । ତେଣୁ ପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀରାଧାଙ୍କର ପଦବନ୍ଦନା କରିବାରେ ବୈଚିତ୍ର୍ୟ କିଛି ନାହିଁ ।

ଲିଲିଆନ୍ ପୁରୁଷ ବନ୍ଧୁମାନଙ୍କ ପାଖରେ ନିଜକୁ ଅନାୟାସରେ ଅର୍ପଣ କରିଦିଏ । ସେଇଥିପାଇଁ ଲିଲିଆନ୍‌ଠାରୁ ଖୁବ୍ ଶୀଘ୍ର ଆକର୍ଷଣ ତୁଟିଯାଏ । ଲିଲିଆନ୍ ଭଳି ଦେହ ସର୍ବସ୍ୱ କାମୁକା ନାରୀମାନେ ଯେ କୌଣସି ପୁରୁଷ ପାଇଁ କେତୋଟି ଅନ୍ଧ ମୁହୂର୍ତ୍ତର ଆବଶ୍ୟକତାଠାରୁ ଅଧିକ ନୁହନ୍ତି । ସେଇ ଜାନ୍ତବ ମୁହୂର୍ତ୍ତ କଟିଯିବା ପରେ ସେମାନେ ମୂଲ୍ୟହୀନ ଶୂନ୍ୟ ଭଳି ଅଦରକାରୀ ଏବଂ ଅନାକର୍ଷଣୀୟ ହେଇଯାନ୍ତି ।

ଲିଲିଆନ୍ ଲେଖିଥିଲା, ବୁସ୍ ଏବେ ନୂତନ ବାନ୍ଧବୀ ପାଇଛି । ଲିଲିଆନ୍‌ଠାରେ ତାର ଆଉ କିଛି ଆବଶ୍ୟକତା ନାହିଁ । ଯେଉଁ ଗୋଆ ବିଚ୍ ଲିଲିଆନ୍‌କୁ ବୈକୁଣ୍ଠ ସଦୃଶ ମନେହେଉଥିଲା — ତାହା ଏବେ ନିଃସଙ୍ଗ ଶ୍ମଶାନ ଭଳି ବୋଧ ହେଉଛି । ଲିଲିଆନ୍ ଲେଖିଛି — ଚାର୍ଲସ ତମେ ଶୀଘ୍ର ଫେରିଆସ । ତମେ ଆସିବା ପରେ ଗୋଆ ବିଚ୍‌ର ଶ୍ରୀ ପୁଣି ଫେରି ଆସିବ । ଶୁଷ୍ଳ ଗବେଷଣାରେ ନିଜର ତାରୁଣ୍ୟ ଆଉ ଦୁର୍ଲଭ ଯୌବନକୁ ହାତଛଡ଼ା କରନାହିଁ । ପରେ ଖୁବ୍ ପସ୍ତେଇବ ।

ଚାର୍ଲସ ପସ୍ତାଉ ନଥାଏ — ଲିଲିଆନ୍‌ର ଦୁର୍ଗତି କଥା ଚିନ୍ତା କରି ପଛରେ ପଡ଼ି ଯାଉଥାଏ । ପ୍ରାଚୀ କୋଣାର୍କ ବେଢ଼ା ପରିକ୍ରମା କରୁ କରୁ ଆଗେ ଆଗେ ଚାଲୁଥାଏ । ତାର ପଦ୍ମପାଖୁଡ଼ା ଭଳି ଗୋଲାପି ପାଦ ଦୁଇଟାକୁ ଚାହିଁ ଚାର୍ଲସ ପୁଣି ଥରେ ପଦଟିକୁ ଆବୃତ୍ତି କଲା —

ଦେବଦାସୀର ନୃତ୍ୟ ଶେଷ ହୋଇଥାଏ । କୋଣାର୍କର ପୁରାତନ ଅର୍କମନ୍ଦିର ପ୍ରାଙ୍ଗଣରେ ରାଧାକୃଷ୍ଣ ମିଳନ ନୃତ୍ୟାଭିନୟ ଏଥର ମଞ୍ଚସ୍ଥ ହେବ ।

Digitized by srujanika@gmail.com

ରାଜା ନରସିଂହଙ୍କର ରାଜତ୍ୱ କାଳରେ ନୃତ୍ୟ ଗୀତ ସାହିତ୍ୟ ଚରମ ଉତ୍କର୍ଷ ଲାଭ କରିଛି । ପଣ୍ଡିତମାନେ ସଂସ୍କୃତ ସାହିତ୍ୟରେ କାବ୍ୟ, ବ୍ୟାକରଣ, ଦର୍ଶନ, ବିଜ୍ଞାନ, ଅଳଙ୍କାର, ଅଭିଧାନ, ଜ୍ୟୋତିଷ, ସ୍ମୃତି, ଆୟୁର୍ବେଦ ଏବଂ ଯୁଦ୍ଧ ବିଦ୍ୟାରେ ଉତ୍କୃଷ୍ଟ ଗ୍ରନ୍ଥମାନ ପ୍ରଣୟନ କରିଛନ୍ତି ଏବଂ ମହାନୁଭବ ରାଜା ତା'ର ପୃଷ୍ଠପୋଷଣ କରନ୍ତି । ପଣ୍ଡିତମାନଙ୍କୁ ଉପଯୁକ୍ତ ସମ୍ମାନ କରନ୍ତି ।

ଆଜି ନୃତ୍ୟ ମାଧ୍ୟମରେ ମହାରାଜାଙ୍କର ମନୋରଞ୍ଜନ କରି ତାଙ୍କ ମନର ବିମର୍ଷ ଭାବ ଦୂର କରିବା ପାଇଁ ରାଣୀଙ୍କ ପରାମର୍ଶକ୍ରମେ ସମସ୍ତେ ତତ୍ପର ହୋଇ ଉଠିଛନ୍ତି ।

ଚରିତ୍ର ବନ୍ଦରରୁ ବିଦେଶୀ ଜାହାଜରେ ଆସିଥିବା କେତେ ଜଣ ବିଶିଷ୍ଟ ଅତିଥି ମଧ୍ୟ ରାଧାକୃଷ୍ଣ ଲୀଳା ଦର୍ଶନ କରିବା ପାଇଁ ନିମନ୍ତ୍ରିତ ହୋଇଛନ୍ତି ।

ଦେଶ ବିଦେଶରୁ ବଣିକମାନଙ୍କୁ ସମୁଦ୍ର ପଥରେ ଟାଣି ଆଣିଛି ଧନଧାନ୍ୟରେ ଭରା ସ୍ୱର୍ଣ୍ଣପ୍ରସୂ ଉତ୍କଳ । ଶିଳ୍ପ, ସାହିତ୍ୟ, କୃଷି ବାଣିଜ୍ୟ ଉତ୍କର୍ଷ ଲାଭ କରିଛି ଗଙ୍ଗ ବଂଶର ଶ୍ରେଷ୍ଠ ନରପତି ନରସିଂହ ଦେବଙ୍କ ରାଜତ୍ୱ କାଳରେ । ମହାରାଜାଙ୍କ ଧର୍ମାଚରଣ ଯୋଗୁଁ ଦେଶରେ ଖାଦ୍ୟଦ୍ରବ୍ୟ, ଶସ୍ୟ ଓ ଫଳମୂଳର ଅଭାବ ନାହିଁ । ଦୁର୍ଭିକ୍ଷ, ମହାମାରୀ ସତେ ଯେମିତି ନିର୍ବାସିତ ହେଇଛି ଉତ୍କଳ ଦେଶରୁ ।

ବିଦେଶୀ ବଣିକ ଭାବନ୍ତି ଉତ୍କଳ ଦେଶର ମାଟି ଆଡ଼େଇ ଦେଲେ ହୀରା ନୀଳା ମୋତି ମାଣିକ୍ୟ ଝଟକି ଉଠେ । ସତକୁ ସତ ହୀରା ବାଣିଜ୍ୟର ଉନ୍ନତି ଘଟିଛି ନରସିଂହଙ୍କ ରାଜତ୍ୱ କାଳରେ । ସମ୍ବଲପୁର ହୀରା ଖଣିରୁ ସାଢ଼େ ତିନି ତୋଳା ଓଜନର ହୀରାଖଣ୍ଡ ମିଳେ । ଦେଶର ନାନା ସ୍ଥାନରେ ଲୁହାପଥରର କାରଖାନା ସ୍ଥାପିତ ହୋଇଛି । ସେଥିରୁ ବିଭିନ୍ନ ପଦାର୍ଥ ଦେଶ ବିଦେଶର ବିପଣୀରେ ଆଦର ଲାଭ କରିଛି । ଭୁବନେଶ୍ୱରରେ ଲୁହା କଡ଼ି ନିର୍ମିତ ହେଉଛି ।

ପାଟବସ୍ତ୍ର, ଲୁଣ, ନଡ଼ିଆ, ତୁଳା, ମସଲା, ପିତ୍ତଳ ଜିନିଷମାନ ଏବଂ ଜୀବନ୍ତ ହସ୍ତୀ ମଧ୍ୟ ନେଇ ଓଡ଼ିଆ ବଣିକଯାଏ ସିଂହଳ, ସୁବର୍ଣ୍ଣ ଦ୍ୱୀପ, ବ୍ରହ୍ମଦେଶ, ଚୀନ ଇତ୍ୟାଦି ଦୂରଦୂରାନ୍ତର ଦେଶକୁ । ଓଡ଼ିଆ ଶିଳ୍ପୀ ସମୁଦ୍ର ପଥରେ ଯାଏ ବିଭିନ୍ନ ଦେଶକୁ । ସେଠାରେ ତାର ଭାସ୍କର୍ଯ୍ୟ ଓ କାରୁଶିଳ୍ପର ଅନେକ ଆଦର । ଦେଶ ଦେଶାନ୍ତର ବୁଲି ବୁଲି ଓଡ଼ିଆ ଶିଳ୍ପୀ ଅଭିଜ୍ଞତାର ଗନ୍ତାଘରେ ସାଇତି ରଖିଛି ପୃଥିବୀଯାକର ଜନ ଜୀବନର ଚିତ୍ର । ତାକୁ ସେ ଲେଖିଯାଉଛି କୋଣାର୍କର ପଥର କାବ୍ୟରେ — ସଙ୍ଗୀତମୟ ନୀରବ ଭାଷାରେ ।

Digitized by srujanika@gmail.com

ବିଦେଶାଗତ ବଣିକ ଅତିଥିମାନଙ୍କୁ ଓଡ଼ିଶାର ରାଜା ଏବଂ ପ୍ରଜା ଆତିଥ୍ୟ ଏବଂ ଅଭ୍ୟର୍ଥନାରେ ମୁଗ୍ଧ କରନ୍ତି । ଯୁଗେ ଯୁଗେ ଜଗନ୍ନାଥ ଦେଶର ଲୋକେ ଅତିଥିପରାୟଣ । ଅତିଥି ହିଁ ତା' ପାଖରେ ଭଗବାନ । ସେଇଥିପାଇଁ ବିଦେଶାଗତ ଅତିଥିମାନେ ରାଜା ରାଣୀଙ୍କୁ ଉପହାର ଦେଉଥିବାର ଦୃଶ୍ୟକୁ ମାର୍ମିକ ଭାଷାରେ ପଥରରେ ଫୁଟାଇଛି ଓଡ଼ିଆ ଶିଳ୍ପୀ । ଅତିଥିର ଶ୍ରଦ୍ଧା ଉପହାରକୁ ସମ୍ମାନିତ କରିଯାଇଛି ଯୁଗ ଯୁଗ ପାଇଁ — ବିଶ୍ୱମୈତ୍ରୀର ମହାନତା ଲେଖିଯାଇଛି ଅମର ଲେଖନୀରେ ପୃଥିବୀର ଆଗାମୀ ବଂଶଧରଙ୍କ ପାଇଁ । ସେ ଚିତ୍ର ଦେଖି ଅତିଥିମାନେ ପ୍ରୀତ ହୋଇଛନ୍ତି । ଉତ୍କଳୀୟ ମଣିଷ ମନର ମହାନତା ପ୍ରଚାର କରିଛନ୍ତି ଦେଶେ ଦେଶେ ।

କିନ୍ତୁ ବିସ୍ମୟ ସହକାରେ ଦର୍ଶକ ଲକ୍ଷ୍ୟ କରେ କୋଣାର୍କର ଶିଳାଖଣ୍ଡରେ ଉତ୍କଳର ରାଜା ବିଦେଶୀମାନଙ୍କୁ ଦେଇଥିବା ଉପହାର ଏବଂ ଆତିଥ୍ୟର ଚିତ୍ର ଉତ୍କୀର୍ଣ୍ଣ ହୋଇନାହିଁ ।

ମହାରାଜ ନରସିଂହ ବିଦେଶୀମାନଙ୍କ ଉପହାର ଯେମିତି ସାଦରେ ଗ୍ରହଣ କରନ୍ତି ବିଦେଶୀମାନଙ୍କୁ ସେମିତି ଉପଯୁକ୍ତ ସତ୍କାର ସହକାରେ ଅମୂଲ୍ୟ ଉପହାର ପ୍ରଦାନ କରନ୍ତି । ହସ୍ତୀ ପାଇଁ ଉତ୍କଳ ଯୁଗେ ଯୁଗେ ଖ୍ୟାତ । ଏପରିକି ଜୀବନ୍ତ ହସ୍ତୀମାନେ ଉତ୍କଳରୁ ବିଦେଶକୁ ସମୁଦ୍ର ପଥରେ ରପ୍ତାନୀ ହୁଅନ୍ତି । ରାଜା ନରସିଂହ ଶ୍ୱେତହସ୍ତୀ ଦେଇ ପ୍ରାୟ ବିଦେଶୀମାନଙ୍କୁ ସମ୍ମାନିତ କରିଥାନ୍ତି । — କାହିଁ ସେ ଚିତ୍ରିତ କୋଣାର୍କର ଶିଳ୍ପୀ ଉତ୍କୀର୍ଣ୍ଣ କରିନାହିଁ ।

ପ୍ରଧାନମନ୍ତ୍ରୀ ଶିବ ସାମନ୍ତରାୟ ମୁଖ୍ୟ ସ୍ଥପତି ବିଶ୍ୱ ମହାରଣାକୁ ସେହି ପ୍ରଶ୍ନ ପଚାରିଥିଲେ । ବିଶ୍ୱ ମହାରଣା ଉତ୍ତର ଦେଇଥିଲେ — ମଣିଷ କାହାଠାରୁ କ'ଣ ପାଏ ତାକୁ ହିଁ ନିଜ ହୃଦୟରେ ଅମର ଅକ୍ଷରରେ ଲେଖି ରଖିବା ଉଚିତ । କାହାକୁ ସେ କ'ଣ ଦିଏ ତାକୁ ବିଜ୍ଞାପିତ କରିବା ମଣିଷ ପଣିଆ ନୁହେଁ । ଗ୍ରହୀତା ଯଦି ଦାତାକୁ ମନେରଖେ, ଗ୍ରହୀତାର ମହନୀୟତା ପ୍ରତିପାଦିତ ହୁଏ ଅଥଚ ଦାତା ଯଦି ଗ୍ରହୀତାକୁ ଭୁଲିଯାଏ, ଦାତାର ମହାନତା ପ୍ରକାଶ ପାଏ । ଉତ୍କଳର ନରପତି ମହାନ୍ — ଶ୍ୱେତହସ୍ତୀ ଦାନ କରୁଥିବାର ଦୃଶ୍ୟ କୋଣାର୍କର ଶିଳାରେ ଉତ୍କୀର୍ଣ୍ଣ କରି ରାଜାଙ୍କର ଅତିଥିପରାୟଣତାର ଅପମାନ କରିବା ଶିଳ୍ପୀର ଧର୍ମ ନୁହେଁ ।

ମହାରାଜ ସେଦିନ ବିଶ୍ୱ ମହାରଣାକୁ ସମ୍ବର୍ଦ୍ଧନା ଜଣାଇ ସମ୍ମାନିତ କରିଥିଲେ ।

ଆଉଦିନେ କମଳ ମହାରଣାର କାମ ଦେଖୁ ଦେଖୁ ମହାରାଜ ବିମୁଗ୍ଧ ହେଇଯାଇ କହିଥିଲେ ଶିଳ୍ପୀ ! ମୁଁ ଦୁଃଖିତ । ଏପର୍ଯ୍ୟନ୍ତ ମୁଁ ତମକୁ ଉପଯୁକ୍ତ ସମ୍ମାନ ଦେଇ ନାହିଁ ।

— ମହାରାଜଙ୍କର ଏତିକି କରୁଣା ହିଁ ଶିଳ୍ପୀର ଉପଯୁକ୍ତ ସମ୍ମାନ । କମଳ ମହାରଣା ବିନମ୍ର ହେଇ ଉତ୍ତର ଦେଲା ।

Digitized by srujanika@gmail.com

ମହାରାଜ କହିଲେ — ଏ ତମର ଉଦାରତାର ପରିଚୟ । ଶିଳ୍ପୀର ମନ ଆକାଶ ପରି ଉଦାର ନ ହେଲେ ଜୀବନର ସତ୍ୟ ପ୍ରକାଶରେ ଶିଳ୍ପୀ ସମର୍ଥ ହୁଏ ନାହିଁ । କୋଣାର୍କ ଶିଳ୍ପୀର ଉଦାର ହୃଦୟରେ ପ୍ରମାଣ କୋଣାର୍କର ପ୍ରତିଟି ଶିଳାଖଣ୍ଡରେ ଲିପିବଦ୍ଧ । ମହାକାଳ କୋଣାର୍କ ଶିଳ୍ପୀକୁ ଆଉରି ଉଦାର କରିବ । କାରଣ ରାଜା ଏବଂ ରାଣୀଙ୍କର ବିଭିନ୍ନ ଅବସ୍ଥାନ ଚିତ୍ର କୋଣାର୍କ କାନ୍ଥରେ ବହୁ ସ୍ଥାନରେ ଉତ୍କୀର୍ଣ୍ଣ ହୋଇଥିଲେ ହେଁ ଶିଳ୍ପୀ କୌଣସିଠାରେ ନିଜ ନାମ, ନିଜ ରୂପ, ନିଜ କଥା ଲେଖିଯାଇ ନାହିଁ । କିନ୍ତୁ ମହାକାଳ କୋଣାର୍କର ଶିଳ୍ପକଳାକୁ ଅମର କରିବ — ଶିଳ୍ପୀକୁ ନୁହେଁ । ଇତିହାସରେ ଲିପିବଦ୍ଧ ହେବ କୋଣାର୍କ ନିର୍ମାତା ନରସିଂହଦେବଙ୍କର ନାମ । ଶିଳ୍ପୀର କାମଗନ୍ଧ ଇତିହାସ ପୃଷ୍ଠାରେ ମିଳିବ ନାହିଁ । କୋଣାର୍କ ଶିଳ୍ପୀ ନିଜ ନାମ ନିଜେ ଯଦି ଲେଖିନାହିଁ ଇତିହାସ ବା ଲେଖିବ କିପରି ? ମହାକାଳ ଦିନେ ବାରଶହ ଶିଳ୍ପୀଙ୍କର ନାମ, ଗ୍ରାମ, ଠିକଣା ତା'ର କ୍ରୁର ହାତରେ ନିଶ୍ଚିହ୍ନ କରିଦେବ । ତେଣୁ ଶିଳ୍ପୀ ! ତମେ ନିର୍ଭୟରେ ନିଜ ନାମ, ନିଜ ରୂପ, ନିଜ ଜୀବନର ଚିତ୍ର କୋଣାର୍କ ଭାସ୍କର୍ଯ୍ୟରେ ଲେଖିପାର । ରାଜାଙ୍କର ଆଦେଶ ନୁହେଁ — ଏ ହେଉଛି ରାଜ୍ୟର ଆନ୍ତରୀକ ଇଚ୍ଛା ଏବଂ ଅନୁରୋଧ ।

କମଳ ସ୍ତବ୍ଧ ହେଇଯାଇଥିଲା କ୍ଷଣେ । ପରକ୍ଷଣରେ ହାତ ଯୋଡ଼ି କହିଥିଲା — ଜଗନ୍ନାଥଙ୍କର ଅପାର କରୁଣା ଯେ ନିଜ ନାମ ଲେଖିବା ପାଇଁ ମହାରାଜ ମତେ ଆଦେଶ କରିନାହାନ୍ତି । ତା ହେଇଥିଲେ ଏ ଦେଶର ସଂସ୍କୃତିର ଅବମାନନା ହେଇଥାନ୍ତା ।

ଆଶ୍ଚର୍ଯ୍ୟ ହେଲେ ଗଙ୍ଗ ନରପତି । ପ୍ରଶ୍ନ କଲେ — ଏଥିରେ ଜଗନ୍ନାଥ ଦେଶର ସଂସ୍କୃତିର ଅବମାନନା ହେବ କାହିଁକି ? ଗୁଣୀର ଉପଯୁକ୍ତ ସମ୍ମାନ ତ ଏ ଦେଶର ଧର୍ମ ।

କମଳ ମହାରଣା ବିନମ୍ର କଣ୍ଠରେ କହିଲା — ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ମହାପ୍ରଭୁ ଜଗନ୍ନାଥ ଏକ ବର ଯାଚିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ବିନମ୍ର ଭାବେ ବର ମାଗିଲେ — ହେ ପ୍ରଭୁ ! ମତେ ଏହି ବର ଦିଅ ଯେ ମୋର ବଂଶ ସମ୍ପୂର୍ଣ୍ଣରୂପେ ଲୋପ ପାଇଯାଉ, ଯେପରିକି ଭବିଷ୍ୟତରେ କୌଣସି ବଂଶଧର ଏହି ମନ୍ଦିର ମୋର ପିତା, ପିତାମହ, ପ୍ରପିତାମହଙ୍କ ଦ୍ୱାରା ନିର୍ମିତ ବୋଲି ଦାବୀ କରିବା ପାଇଁ ନରହୁ । ସେଥିରେ ମନ୍ଦିରର ପବିତ୍ରତା ନଷ୍ଟ ହେବ । ଠିକ୍ ସେମିତି ଉତ୍କଳୀୟ ଶିଳ୍ପୀ ଚାହେଁନାହିଁ ତାର ନାମ ମନ୍ଦିରରେ ଉତ୍କୀର୍ଣ୍ଣ କରି ତା'ର ଶିଳ୍ପୀ କଳାର ମହନୀୟତାକୁ କ୍ଷୁଣ୍ଣ କରିବା ପାଇଁ । ଏ କାରୁଶିଳ୍ପୀକୁ ଦେଖି ଯେ କେହି କହିବ ଏ ମୋରି ଦେଶର କଳାକୀର୍ତ୍ତି — ମୋରି ଦେଶର ଶିଳ୍ପୀ ହାତରେ ଏ କାରୁଶିଳ୍ପ ଦିନେ ପାଷାଣରେ ପଦ୍ମ ଫୁଟାଇଥିଲା । ସେତିକି ହେଉଛି ଶିଳ୍ପୀର ଗୌରବ । ଏ ବଂଶ ଗରୀମାର କଥା ନୁହେଁ — ଗୋଟିଏ ଦେଶର ଗରିମା ଏଥିରେ ନିହିତ — ଗୋଟିଏ ମହାନ୍ ଜାତିର ଗୌରବ ଏଥିରେ ଲିପିବଦ୍ଧ ।

Digitized by srujanika@gmail.com

ମହାରାଜ ଭାବବିହ୍ୱଳ ହେଇଥିଲେ । ଆବେଗଭରା କଣ୍ଠରେ କହିଥିଲେ — ଏ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିର ସଂକୀର୍ଣ୍ଣ ଦୃଷ୍ଟି ନେଇ ମୁଁ କୋଣାର୍କକୁ ଅବଲୋକନ କରୁଥିଲି । ତେଣୁ ବାରଶହ ଶିଳ୍ପୀର ନାମ ମତେ ଦୃଶ୍ୟ ହେଉଥିଲା । କିନ୍ତୁ ଏବେ ଗୋଟିଏ ମହାନ୍ ଜାତିର ଦୃଷ୍ଟି ନେଇ କୋଣାର୍କକୁ ନିରୀକ୍ଷଣ କଲାବେଳେ ମୁଁ ଦେଖୁଛି କେବଳ ବାରଶହ ନୁହେଁ — ଏ ଦେଶର ସମସ୍ତ ଶିଳ୍ପୀଙ୍କର ନାମ ଅମର ଅକ୍ଷରରେ ଖୋଦିତ ହେଇଛି କୋଣାର୍କର ଶିଳା ଖଣ୍ଡରେ ! ତାକୁ ମହାକାଳ କୌଣସି ଦିନ ଲିଭାଇ ପାରିବନି । ଇତିହାସ ପୃଷ୍ଠାରେ ରହିଯିବେ ମନ୍ଦିର ନିର୍ମାତା କିନ୍ତୁ ଜନତାର ହୃଦୟ ଆସନରେ ଅଭିଷିକ୍ତ ହେବ ଏ ଦେଶର ଶିଳ୍ପୀ । ବୋଧହୁଏ ସେଇଥିପାଇଁ ଏ ଦେଶର କୌଣସି ମନ୍ଦିର ଗାତ୍ରରେ ତାର ନାମ ଲେଖିଯାଇ ନାହିଁ । ଧନ୍ୟ କମଳ ମହାରଣା — ଧନ୍ୟ ତା'ର ମାତୃଭୂମି ଉତ୍କଳ !

—ଦଶ—

ଦେବଦାସୀର ନୃତ୍ୟ ଶେଷ ହେଲା । ତା'ପରେ ଆରମ୍ଭ ହେଲା ମୁକ୍ତାକାଶ । ରଙ୍ଗମଞ୍ଚ ତଳେ ''ରାଧାକୃଷ୍ଣ ମିଳନ''ର ଅପୂର୍ବ ନୃତ୍ୟାଭିନୟ । ଅକ୍ଲାନ୍ତ ପରିଶ୍ରମ କରି କୋଣାର୍କ ଗଢୁଥିବା ଶିଳ୍ପୀମାନଙ୍କ ମନୋରଞ୍ଜନ ପାଇଁ କୋଣାର୍କ ନଗରୀରେ ନୃତ୍ୟ ସଙ୍ଗୀତ ରଜନୀର ଆୟୋଜନ ମଝିରେ ମଝିରେ ହୁଏ । ମହାରାଜାଙ୍କର ତାହାହିଁ ନିର୍ଦ୍ଦେଶ । ପଥର ଶିଳ୍ପୀ ପଥର ନୁହେଁ— ସେ ମଣିଷ । ହୃଦୟ କନ୍ଦରରେ ସଙ୍ଗୀତର ସୁର ନ ବାଜିଲେ ଶିଳ୍ପୀର ହାତ କାମ କରେ ନାହିଁ । ଯଦିବା କରେ ସେ ହାତ ଗଢ଼େ ଚକି, ଶିଳ୍ପ, ପଥରକୁଣ୍ଡ—ସଙ୍ଗୀତ ବିନା କାରୁଶିଳ୍ପ ଫୁଟେ ନାହିଁ ।

ରଙ୍ଗମଞ୍ଚର ଏକ ପାର୍ଶ୍ୱରେ ରାଜା, ରାଣୀ, ଚନ୍ଦ୍ରିକା ଦେବୀ ବସିଛନ୍ତି । ଅପର ପାର୍ଶ୍ୱରେ ବିଦେଶାଗତ ଅତିଥିମାନଙ୍କର ଆସନ । ଅତିଥିମାନଙ୍କ ପାଖକୁ ଲାଗି ଶିଳ୍ପୀମାନଙ୍କ ବସିବା ଆସ୍ଥାନ । ଶିଳ୍ପୀମାନଙ୍କ ବସିବା ସ୍ଥାନର ଠିକ୍ ସାମ୍ନାସାମ୍ନି, ରଙ୍ଗମଞ୍ଚ ଅପର ପାର୍ଶ୍ୱରେ ବସିଛନ୍ତି ନୃତ୍ୟଗୁରୁଙ୍କର କିଶୋରୀ କନ୍ୟା ଶିଳ୍ପୀ, ମନ୍ତ୍ରୀ ଶିବ ସାମନ୍ତରାୟଙ୍କର କନ୍ୟା କଳାବତୀ ଏବଂ ଆଉ କେତୋଟି ତରୁଣୀ ଏବଂ କିଶୋରୀ । ସେମାନଙ୍କ ପାଖକୁ ଲାଗି ବସିଛନ୍ତି ନୃତ୍ୟଗୁରୁ ଶ୍ରୀଦତ୍ତ ଏବଂ ତାଙ୍କ ପାଖକୁ ଲାଗି ବାଦ୍ୟବୃନ୍ଦଙ୍କର ବସିବା ସ୍ଥାନ ।

ରାଧାକୃଷ୍ଣ ପ୍ରେମଲୀଳା ଅଭିନୟ ଚାଲିଥାଏ । ପରମ ବୈଷ୍ଣବ ରାଜା ନରସିଂହ, ମହାରାଣୀ ସୀତାଦେବୀ ଏବଂ ପରମ ବୈଷ୍ଣବୀ ପଟିହରା ଚନ୍ଦ୍ରିକା ଦେବୀ ରାଧାକୃଷ୍ଣ ଭକ୍ତି-ରସରେ ମଜ୍ଜି ଯାଇଛନ୍ତି । ନୃତ୍ୟାଭିନୟର ଚମତ୍କାରିତାରେ ମୁଗ୍ଧ ହୋଇ ଅତିଥିମାନେ ସାଧୁ ସାଧୁ କହି କରତାଳି ଦେଉଛନ୍ତି ।

Digitized by srujanika@gmail.com

ଶିଳ୍ପୀଗଣ ମନ୍ତ୍ରମୁଗ୍ଧ ହୋଇ ଅଭିନୟ ଦେଖୁ ଦେଖୁ ଦିବସର କର୍ମକ୍ଲାନ୍ତି ବିସ୍ମରି ଯାଉଥାନ୍ତି । କମଳ ମହାରଣାର ଦୃଷ୍ଟି ସ୍ଥିର । କିନ୍ତୁ ଅଭିନୟର କଥାବସ୍ତୁ ପଛରେ ସେ ଧାଇଁ ନାହିଁ । ସେ ଦେଖୁଛି ଗୋଟିଏ ସ୍ଥିର ସରସୀ । ସରସୀର ନୀଳଜଳ ବେଣୀରେ ଗୋଟିଏ ସୁନ୍ଦର କୋମଳ ସରସିଜ । ସରସିଜର ନରମ ପାଖୁଡ଼ାରେ ସକାଳ ସୂର୍ଯ୍ୟର ଅରୁଣିମା ନିନ୍ଦି ଲଜ୍ଜାର ଲାଲରଙ୍ଗ । କିଏ ସେଇ କିଶୋରୀ ? ବଧୂ ଚନ୍ଦ୍ରଭାଗା ? ତାର ମୁଖ ତ ଅଧାଅଙ୍କା ଛବି ପରି ଅସ୍ପଷ୍ଟ । ସେ କେବଳ କମଳ ମହାରଣାର କଳ୍ପନାରେ ହିଁ ସମ୍ପୂର୍ଣ୍ଣତା ନେଇ ରୂପ ପାଏ । ଏ କିନ୍ତୁ ଅତି ପରିଚିତ ଆପଣାର ମୁହଁଟିଏ । କମଳ ମହାରଣାର ହାତଗଢ଼ା ମୂର୍ତ୍ତି କଳାର ଅଙ୍ଗେ ଅଙ୍ଗେ ସେ ରୂପାୟିତ ହେଇଛି । ସେଇ କୋମଳ ଲୀଳାୟିତ ଦେହ — ସେଇ ନିଟୋଳ ନମ୍ର ମୁହଁ — ସେଇ ସ୍ୱପ୍ନଭରା ଉଦାସ ଆୟତ ଦୁଇ ଆଖି । ସେ ଆଖିର କୁଣ୍ଠିତ ତୀର୍ଯ୍ୟକ ଦୃଷ୍ଟି କମଳ ମହାରଣାର ଦୃଷ୍ଟିକୁ ଛପି ଛପି ଛୁଇଁଯାଉଛି — ବଉଦ ଫାଙ୍କେ ଫାଙ୍କେ ଜହ୍ନର ଲୁଚକାଳି ଖେଳ ଭଳି ସେ ଚାହାଣୀର ବଙ୍କ ମଧୁର କମଳ ମହାରଣାକୁ ଉଲ୍ଲସିତ କରୁଛି ।

ଏଇ କିଶୋରୀଟି କମଳ ମହାରଣାର କଳ୍ପନାର ପ୍ରତିରୂପ । ପ୍ରତି ରାତ୍ରୀରେ କମଳ ମହାରଣାର କଳ୍ପନାରେ ସେ ଧରା ଦିଏ — ଯେମିତି ଚାହିଁଲେ ସେମିତି ଭାବ ଭଙ୍ଗୀରେ ଉଭା ହୁଏ । କମଳ ମହାରଣା ଗଢ଼ିଯାଏ ମୂର୍ତ୍ତି ପରେ ମୂର୍ତ୍ତି । କିନ୍ତୁ ଆଜି ସେ ଜୀବନ୍ୟାସ ପାଇଛି କେଉଁ ମନ୍ତ୍ର ବଳରେ ?

କମଳ ମହାରଣା ଭାବୁଥିଲା ଏଇ କିଶୋରୀ ଯଦି ତା'ର ଆଖି ସାମ୍ନାରେ ସଶରୀରେ ପ୍ରତିରୂପ ହେଇ ଉଭା ହୁଅନ୍ତା ତେବେ କୋଣାର୍କ କାନ୍ଥରେ ଉତ୍କୀର୍ଣ୍ଣ ମୂର୍ତ୍ତିଗୁଡ଼ା କେବଳ ଜୀବନ୍ତ ନହୋଇ ଜୀବନ୍ୟାସ ପାଇ ଉଭା ହୁଅନ୍ତେ — ଏବଂ କୋଣାର୍କ ନଗରୀ ସୁନ୍ଦରୀ ନୃତ୍ୟମୟୀ କିଶୋରୀମାନଙ୍କ କ୍ରୀଡ଼ାଭୂମିରେ ପରିଣତ ହୁଅନ୍ତା ।

କମଳ ମହାରଣା ମନେ ମନେ କିଶୋରୀକୁ କହିଲା — ତମେ ଯିଏ ବି ହୁଅ — ମୋର କଳ୍ପନାରେ ହିଁ ସବୁଦିନ ରହିଥାଅ । ତମେ ଯଦି ସଶରୀରରେ ମୋ ସାମ୍ନାରେ ଉଭା ହେବ ତେବେ କୋଣାର୍କ ଗଢ଼ିବା ସମ୍ଭବ ନୁହେଁ ।

କିନ୍ତୁ କମଳ ମହାରଣାର କଳ୍ପନାରେ ବଧୂ ଚନ୍ଦ୍ରଭାଗାର ଅସ୍ପଷ୍ଟ ରେଖାଚିତ୍ରକୁ ଝାପ୍‌ସା କରିଦେଇ ଏ କିଶୋରୀର ନିଖୁଣ ପ୍ରତିଚ୍ଛବି ଉଦ୍‌ଭାସିତ ହେଲା କିପରି ?

ମନେପଡ଼େ — ନାଟ ମନ୍ଦିରର ନୃତ୍ୟମୂର୍ତ୍ତିମାନଙ୍କ ସମ୍ପର୍କରେ ନୃତ୍ୟଗୁରୁ ଶ୍ରୀଦତ୍ତଙ୍କ ଘରେ ଆଲୋଚନା ହୁଏ । କମଳ ମହାରଣା ଆଲୋଚନାରେ ମୁଖ୍ୟ ଅଂଶ ଗ୍ରହଣ କରେ । ସେଦିନ ପ୍ରତ୍ୟୁଷରୁ ନୃତ୍ୟଗୁରୁଙ୍କୁ ଦର୍ଶନ କରିବା ପାଇଁ କମଳ ମହାରଣା ନୃତ୍ୟଗୁରୁଙ୍କ ଦ୍ୱାରସ୍ଥ

Digitized by srujanika@gmail.com

ହେଲା । ନୃତ୍ୟଗୁରୁଙ୍କ ପ୍ରାସାଦର ପ୍ରବେଶ ଦ୍ୱାର ଖୋଲା । ନୃତ୍ୟଗୁରୁ ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟାତେଜି ନୃତ୍ୟର ବିଭିନ୍ନ ମୁଦ୍ରା ଏବଂ ଭଙ୍ଗୀଗୁଡ଼ିକ ନିଜେ ଅଭ୍ୟାସ କରନ୍ତି ।

କମଳ ମହାରଣା ସନ୍ତର୍ପଣରେ ପାହାଚ ଡେଇଁ ଅଗଣାକୁ ପାଦ ବଢ଼ାଇଲା । ସେଠି ସେ ସ୍ଥିର ହୋଇଗଲା କ୍ଷଣେ । ଅଗଣାର ଚଟାଣସାରା କେରିକେରି ସୁବାସିତ ଜଳ । ଅଥଚ ଆକାଶରେ ମେଘ ନାହିଁ । ଅଗଣାର ଗୋଟିଏ କୋଣରେ ସେଇ ଅପୂର୍ବ ଲାବଣ୍ୟମୟୀ ମୂର୍ତ୍ତିଟି ଉଭା । ସଦ୍ୟସ୍ନାତା କିଶୋରୀ, ଗୁରୁକନ୍ୟା ଶିଳ୍ପା ଲୀଳାୟିତ ଭଙ୍ଗୀରେ ନିଜର ଓଦା କେଶଗୁଚ୍ଛକୁ ବୁକୁ ଉପରେ ଆସ୍ତେ ଗୁଡ଼େଇ ଗୁଡ଼େଇ ଜଳଧାରାକୁ ତଳକୁ ଛାଡ଼ିଦେଉଛି । ଅତି ଶ୍ରଦ୍ଧାରେ ପାଳନ କରିଥିବା ମରାଳଟି ସେଇ ସୁବାସିତ ଜଳଧାରାକୁ ଚଞ୍ଚୁ ଦେଇ ପିଉଛି ତୃଷାତୁର ଚାତକ ପକ୍ଷୀଭଳି । ଶିଳ୍ପାର ଅଳତା ବୋଳା ପାଦରେ ସୁବର୍ଣ୍ଣ କଠାଉ । କଠାଉଠାରୁ ପାଦ ଦୁଇଟିର ରଙ୍ଗ ମଧୁର, ଉଜ୍ଜ୍ୱଳ ।

କମଳ ମହାରଣା ତତ୍‌କ୍ଷଣାତ୍ ପାଦ ଫେରାଇଲା । କିଶୋରୀର ଚଳଚଞ୍ଚଳ ଚକ୍ଷୁ ଦୁଇଟି କ୍ଷଣକ ପାଇଁ କମଳ ମହାରଣାର ସୁଠାମ ମୁଖ ଉପରେ ସ୍ଥିର ହେଇଗଲା । କମଳ ମହାରଣାର ଆଖିରେ ଆଖିଏ କ୍ଷମାଯାଚନା ।

ସେଦିନ ନାଟ୍ୟମନ୍ଦିରର ପ୍ରଥମ ମୂର୍ତ୍ତିଟି ଉତ୍କୀର୍ଣ୍ଣ କରିଥିଲା ଶିଳ୍ପୀ କମଳ ମହାରଣା । ସେ ମୂର୍ତ୍ତିଟି ଥିଲା ସଦ୍ୟସ୍ନାତା କିଶୋରୀ ଶିଳ୍ପୀର । ତା'ପରଠୁ ଯେତେ ନୃତ୍ୟମୂର୍ତ୍ତି ଉତ୍‌କୀର୍ଣ୍ଣ କରିଛି ସବୁଥିରେ ଶିଳ୍ପାହିଁ ଆତ୍ମପ୍ରକାଶ କରିଛି କମଳ ମହାରଣାର ଅଜାଣତରେ । ସେଇଦିନଠାରୁ କିଶୋରୀ ଶିଳ୍ପା ହିଁ କମଳ ମହାରଣାର କଳ୍ପନାରେ ବହୁ ରୂପରେ, ବହୁ ଭାବଭଙ୍ଗୀ ନେଇ ପ୍ରତିରୂପ ହେଇ ଉଭା ହୁଏ । କମଳ ମହାରଣା ଗଢ଼ିଯାଏ ମୂର୍ତ୍ତି — ମୂର୍ତ୍ତିର ଅଙ୍ଗେ ଅଙ୍ଗେ ଫୁଟାଏ କାରୁଶିଳ୍ପ । ନିହାଣ ମୁଗୁରର ଟୁଂଟା କଥାବାର୍ତ୍ତା ଭିତରେ ସେ ବି କଥାବାର୍ତ୍ତା ହୁଏ କଳ୍ପନାର ନାୟିକା ଶିଳ୍ପା ସଙ୍ଗେ । କଳ୍ପନାରେ ଶିଳ୍ପା ତା' କଥାର ଜବାବ ଦିଏ ।

କମଳ ମହାରଣା ସ୍ଥିର ଦୃଷ୍ଟିରେ ଶିଳ୍ପୀକୁ ଚାହିଁ ସ୍ୱଗତୋକ୍ତି କଲା — ତମ ପାଖରେ ମୁଁ କୃତଜ୍ଞ କିଶୋରୀ । ନାଟ୍ୟମନ୍ଦିରର ସମସ୍ତ ନୃତ୍ୟମୂର୍ତ୍ତି ତମରି ପାଇଁ ହିଁ ଜୀବନ୍ତ ଆଉ ଲାବଣ୍ୟମୟ ହେଇପାରିଛି । ନାଟ୍ୟମନ୍ଦିରର କାର୍ଯ୍ୟ ଶେଷ ହୋଇଛି । ନୃତ୍ୟଗୁରୁଙ୍କର ସମସ୍ତ କଳ୍ପନା ସଫଳ ଭାବେ ରୂପାୟିତ ହୋଇଛି । ସେଥିପାଇଁ କମଳ ମହାରଣା ତମ ପାଖରେ ଚିରଦିନ ଋଣୀ ହୋଇ ରହିବ । ବିଦାୟ ରୂପବତୀ — ତମେ ଏଥର ଶିଳ୍ପୀର କଳ୍ପନାରୁ ମୁକ୍ତ ହେଇଯାଅ ଏବଂ ଶିଳ୍ପୀ ମଧ୍ୟ ମୁକ୍ତ ହେଉ । ମୁକ୍ତ ଆକାଶ ଭଳି ଶିଳ୍ପୀର ମନ ମୁକ୍ତ, ଉଦାର ନ ହେଲେ ତା'ର ଶିଳ୍ପ କଳାରେ ମୁକ୍ତ ଉଦାରତା ଫୁଟିବା ସମ୍ଭବ ନୁହେଁ । ତେଣୁ — ବିଦାୟ ମୋର କଳ୍ପନା — କୋଣାର୍କ ତମକୁ ଅମର ଅକ୍ଷରରେ ଲେଖି ରଖିଛି — ଏଥର ତମେ ବି ମୁକ୍ତ ।

Digitized by srujanika@gmail.com

ଶିଳାପଦ୍ମ

କମଳ ମହାରଣା କଳ୍ପନାର ନାୟିକାକୁ ମୂର୍ତ୍ତିଦାନ କଲାବେଳେ ସେଇ ରୂପମୟୀ କିଶୋରୀର ମନ ପ୍ରାଣ ଅନ୍ତରାତ୍ମା ତରୁଣ, ସୌମ୍ୟଦର୍ଶନ ଶିଳ୍ପୀର ତୀକ୍ଷ୍ଣ ଅନ୍ତର୍ଭେଦୀ ଦୃଷ୍ଟି ପାଖରେ ବନ୍ଧା ପଡ଼ିଯାଇଥିଲା । ଏକ ଲୟରେ ସେ କମଳ ମହାରଣାକୁ ଚାହିଁ ଚାହିଁ ଘନଘନ ଦୀର୍ଘଶ୍ୱାସ ତୋଳି ଭାବୁଥିଲା — ପ୍ରଭୁଙ୍କ ପାଦ ସ୍ପର୍ଶରେ ପାଷାଣ ଖଣ୍ଡଟିଏ ନାରୀ ପାଇଟି ଗଲା । ଯଦି ଆଜି କାହାର ପାଦସ୍ପର୍ଶରେ ତା'ର କିଶୋରୀ ଦେହଟି ପାଷାଣ ପାଇଟି ଯାଏ ତେବେ ତାହାହିଁ ହେବ ତା'ଜୀବନର ଶ୍ରେଷ୍ଠ ଅଭିଳାଷ । କାରଣ ସେଇ ପାଷାଣଖଣ୍ଡ ଏଇ ତରୁଣ ଶିଳ୍ପୀର ହାତର ସ୍ପର୍ଶ ଏବଂ କଳ୍ପନାର ଭାଷାକୁ ନିଜ ଦେହର ରେଣୁରେ ଲେଖି ରଖିବାର ସୌଭାଗ୍ୟ ଲାଭ କରିବ । ଏଇ ଶିଳ୍ପୀ ହାତର ନିହାଣ ମୁଗୁର ପଥରକୁ ୫ କାଟି ତା'ର ଶିରାରେ ଯଦି ଅଜସ୍ର ଯନ୍ତ୍ରଣା ଭରି ଦେଉଥିବ, ତେବେ ସେଇ ଯନ୍ତ୍ରଣା ବି ଦୁର୍ଲଭ ଆଉ କାମ୍ୟ ।

ଶିଳ୍ପୀ ଆଖିବୁଜି ସ୍ୱଗତୋକ୍ତି କଲା — ପ୍ରଭୁ, ମତେ ନିଷ୍ତ୍ରାଣ କର ପଛକେ — ପଥର କରିଦିଅ । ତାହାହିଁ ମୋର ମୁକ୍ତି —

ନୃତ୍ୟଗୁରୁ ଲକ୍ଷ୍ୟ କରୁଥିଲେ କନ୍ୟା ଶିଳ୍ପାକୁ । ପଢୁଥିଲେ ତା'ର ମୁଖର ମୁହୁର୍ମୁହୁଃ ବଦଳୁଥିବା ବିଭିନ୍ନ ମୁଦ୍ରାକୁ । ବେଳୁବେଳ ସେ ଆତଙ୍କିତ ହେଉଥିଲେ, ଚିନ୍ତିତ ହେଉଥିଲେ ।

ଶିଳ୍ପା ତେବେ କ'ଣ କମଳ ମହାରଣାର ପ୍ରତିରୂପ ହେଇ ଧରା ଦିଏ ଏବଂ ସେମାନଙ୍କ ଭିତରେ କ'ଣ ଗଢ଼ି ଉଠିଛି କୌଣସି ନାମହୀନ ସମ୍ପର୍କ ?

କୋଣାର୍କ ବ୍ରହ୍ମଚର୍ଯ୍ୟ ଆଉ ସନ୍ନ୍ୟାସର ପୀଠ । କୋଣାର୍କ ଶିଳ୍ପୀଗଣ ବ୍ରହ୍ମଚର୍ଯ୍ୟର ପ୍ରଚଣ୍ଡ ଶକ୍ତିରେ ବଳୀୟାନ ହୋଇ କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ପୂର୍ଣ୍ଣ କରିବେ । ସେଥିପାଇଁ ରାଜା ନରସିଂହ ମଧ୍ୟ ବାର ବର୍ଷ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରୁଛନ୍ତି । ଅଥଚ ତାଙ୍କର ଏକମାତ୍ର କନ୍ୟା ଶିଳ୍ପା ରାଜାଙ୍କର ଅତ୍ୟନ୍ତ ପ୍ରିୟ ଶିଳ୍ପୀ କମଳ ମହାରଣାର ସ୍ଥିର ହୃଦୟରେ ବିଚଳନର ଢେଉଟିଏ ସୃଷ୍ଟି କରି ତା'ର ସମଗ୍ର ସାଧନା ଏବଂ କୋଣାର୍କପୀଠର ସମସ୍ତ ପବିତ୍ରତାକୁ ନଷ୍ଟ କରିଦେବା ପଥରେ ପାଦ ଦେଇଛି । ଏକଥା ଯଦି ରାଜାଙ୍କର ଦୃଷ୍ଟି ପଥକୁ ଆସେ ତେବେ କ'ଣ ହେବ ପରିଣାମ ? ନୃତ୍ୟଗୁରୁଙ୍କୁ କ'ଣ ଭାବିବେ ମହାରାଜ ? ତା'ଛଡ଼ା ଶିଳ୍ପା ଯେ ବାଗ୍‌ଦତ୍ତା ! କାୟ ମନୋବାକ୍ୟରେ ଅପର ପୁରୁଷର କଳ୍ପନା ସୁଦ୍ଧା ତା'ର ଅନ୍ତରକୁ ସ୍ପର୍ଶ କଲେ ତା'ର କୁମାରୀତ୍ୱ କଳୁଷିତ ହେବ । ତା' ନାରୀତ୍ୱର ପବିତ୍ରତା ନଷ୍ଟ ହେବ ।

Digitized by srujanika@gmail.com

ନୃତ୍ୟଗୁରୁ ନିଜ ମନକୁ ପ୍ରଶ୍ନ କଲେ — କୋଣାର୍କ ବଡ଼ ନା କନ୍ୟା ବଡ଼ ? ଜଳା ଜାମ୍ୟ ନା କନ୍ୟା ଜାମ୍ୟ ?

ବାପାଙ୍କର ଅଭିଯୋଗ ସ୍ତବ୍ଧ ହେଇ ଶୁଣୁଥିଲା ଶିଳ୍ପା । ବାପା ଯେତେ ବେଶୀ ବିଷୋଦ୍‌ଗାର କରୁଥିଲେ — ଶିଳ୍ପା ସେତେ ଉଲ୍ଲସିତ ହେଉଥିଲା । ସତେ କ'ଣ ତାକୁ ଥରଟିଏ ମାତ୍ର ସଦ୍ୟସ୍ନାତା ଅବସ୍ଥାରେ ଦେଖି ପକାଇ ଶିଳ୍ପୀ କମଳ ନିଜର ହୃଦୟ ସିଂହାସନରେ ତାର ରୂପକୁ ସ୍ୱର୍ଣ୍ଣ ଅକ୍ଷରରେ ଆଙ୍କି ରଖିଛି ? କୋଣାର୍କ ନାଟ ମନ୍ଦିରର ସମସ୍ତ ନୃତ୍ୟ ମୂର୍ତ୍ତିରେ ତାରି ଅଙ୍ଗ ସୁଷମାକୁ ଲେଖିଛି କମଳ ? ତେବେ ତା'ର ଜୀବନ ଧନ୍ୟ ହେଇଛି, ପୂର୍ଣ୍ଣ ହେଇଛି । ଶିଳ୍ପୀ କମଳର ପଦବନ୍ଦନା କରିବାକୁ ଇଚ୍ଛା ହେଇଛି । କିନ୍ତୁ ସେ ପାଦ ଦୁଇଟି ବି କେତେ ଦୁର୍ଲଭ ।

ନୃତ୍ୟଗୁରୁ ଗମ୍ଭୀର କଣ୍ଠରେ କହୁଥିଲେ — ତୁ ପ୍ରତି ରାତ୍ରୀରେ କମଳ ମହାରଣାର ଶିବିରରେ ଉପସ୍ଥିତ ରହି ତା'ର ମୂର୍ତ୍ତିମାନଙ୍କରେ ପ୍ରତିରୂପ ହେବାଦ୍ୱାରା ମୋର ସମ୍ମାନରେ ଆଞ୍ଚ ଆଣିଛୁ । ନିଜକୁ କଳୁଷିତ କରିଛୁ ଆଉ କମଳ ମହାରଣାର ଏକାଗ୍ରତା ନଷ୍ଟ କରିଛୁ । ଏଥିପାଇଁ ମହାରାଜ ମୋର ପ୍ରତି ଦଣ୍ଡ ବିଧାନ କରିବେ ଜାଣୁ ? ତୋର ବିବାହ ଆଉ ସମ୍ଭବ ନୁହେଁ — ଏକଥା ମଧ୍ୟ ଜାଣୁ ?

ଶିଳ୍ପା ବିସ୍ମୟ ପୂଇକରେ କହିଲା — ମୁଁ ତାଙ୍କ ସାମ୍ନାରେ ଉପସ୍ଥିତ ରହେ ଏବଂ ସେ ମୂର୍ତ୍ତି ଗଢ଼ନ୍ତି — ଏକଥା କିଏ କହିଲା ?

ନୃତ୍ୟଗୁରୁ ଗମ୍ଭୀର ସ୍ୱରରେ କହିଲେ — କମଳ ତା'ର ପ୍ରତିରୂପ ସହ ବାର୍ତ୍ତାଳାପ କରିବାର ସମସ୍ତେ ଶୁଣିଛନ୍ତି । ମୁଁ ମଧ୍ୟ ଅନେକ ଥର ଦୂରରୁ ଥାଇ ଅନ୍ଧାରରେ ତାର ସଂଳାପ ଶୁଣିଛି । କମଳ ମହାରଣାର ପ୍ରତିଟି ମୂର୍ତ୍ତିରେ ତୋରି ମୁଖ, ଆଖି, ଭାବଭଙ୍ଗୀ ଫୁଟି ଉଠିଛି — ଏକଥା କେମିତି ସମ୍ଭବ ହେଲା ?

ଶିଳ୍ପା ନମ୍ର କଣ୍ଠରେ କହିଲା — ଯଦି ମୁଁ ତାଙ୍କର ପ୍ରତିରୂପ ହେବାଦ୍ୱାରା କୋଣାର୍କର ମୂର୍ତ୍ତିକଳା ଉତ୍‌କର୍ଷ ଲାଭ କରିଥାଏ, ତେବେ ତ ମୋର ଜୀବନ ଧନ୍ୟ ହୋଇଛି । ମୁଁ ସେଇ ଶିଳ୍ପୀଙ୍କର ପାଦବନ୍ଦନା କରିବାକୁ ଚାହେଁ ।

— ମନେରଖ ତୁ ବାକ୍‌ଦତ୍ତା । ତୋର ବିବାହ ଖୁବ୍ ଅଳ୍ପଦିନ ବାକି ।

— ମୋ ହୃଦୟରେ ଜଣେ ମାତ୍ର ଦେବତା ଏବେ ପୂଜା ପାଉଛନ୍ତି । ସେଠି ଆଉ କାହାରି ସ୍ଥାନ ନାହିଁ । ଶିଳ୍ପୀର ପୂଜା କରି ଶିଳ୍ପା ଧନ୍ୟ ହେବାକୁ ଚାହେଁ । ଏଥିରେ ଅପରାଧ କ'ଣ ?

Digitized by srujanika@gmail.com

ସ୍ତବ୍ଧ ହୋଇଗଲେ ନୃତ୍ୟଗୁରୁ । ଏ କନ୍ୟା କଳାରେ କଳଙ୍କ ଲେଖିବ । କୋଣାର୍କ ଶିଳ୍ପ ପାଇଁ କଳୁଷିତ ହେବ । କଳାର ମୃତ୍ୟୁ ଅପେକ୍ଷା କନ୍ୟାର ମୃତ୍ୟୁ ବରଂ ଶ୍ରେୟ ।

ଦୃଢ଼ ଗମ୍ଭୀର କଣ୍ଠରେ ଶ୍ରୀଦତ୍ତ ଘୋଷଣା କଲେ — ଶିଳ୍ପୀ କମଳ ମହାରଣା ବିବାହିତ । ଜଣେ ବିବାହିତ ପୁରୁଷ ସହ ଜଣେ ବାକ୍‌ଦତ୍ତା କିଶୋରୀର ମନର ମିଳନ ମଧ୍ୟ ପାପ, ଦଣ୍ଡନୀୟ । ଏଥିପାଇଁ ରାଜଦରବାରରେ ହୁଏତ କମଳ ମହାରଣାର ମୁଣ୍ଡକାଟ ହେବ । ମହାରାଜ କମଳ ମହାରଣାକୁ ଅତିରିକ୍ତ ଶ୍ରଦ୍ଧା କରନ୍ତି । କିନ୍ତୁ କୋଣାର୍କ ପୀଠର ଅମର୍ଯ୍ୟାଦା ଏବଂ ଏକାଗ୍ରତା ଭଙ୍ଗ ଅପରାଧ ରାଜାଙ୍କ ପାଖରେ କ୍ଷମଣୀୟ ହେବ ନାହିଁ ।

ଆତଙ୍କିତ କଣ୍ଠରେ ଶିଳ୍ପୀ ଉତ୍ତର ଦେଲା — ଶିଳ୍ପୀ କମଳ ମହାରଣାଙ୍କର ଏକାଗ୍ରତା ନଷ୍ଟ ହୋଇଥିଲେ ତାଙ୍କର ମୂର୍ତ୍ତିକଳା ଉତ୍କର୍ଷ ଲାଭ କରିନଥାନ୍ତା । ବିଚଳିତ ମସ୍ତିଷ୍କରେ ଅସ୍ଥିର ହୃଦୟ ନେଇ କେହି ସଫଳ କଳା ସର୍ଜନା କରିପାରେ ନାହିଁ । ତେଣୁ ଯଦି କୋଣାର୍କ ପୀଠର ଅମର୍ଯ୍ୟାଦା ହୋଇଥାଏ ସେଥିପାଇଁ ମୁଁ ଦଣ୍ଡନୀୟ ହେବି । ମୁଁ ବାକ୍‌ଦତ୍ତା ହେରେ ମଧ୍ୟ କମଳ ମହାରଣାଙ୍କର ଅସାଧାରଣ ଶିଳ୍ପୀ ପ୍ରତିଭାକୁ ଅନ୍ତରଭାବେ ପ୍ରେମ କରିଛି । ଅପରାଧ ମୋର — ତାଙ୍କର ନୁହେଁ ।

ନୃତ୍ୟଗୁରୁ ସ୍ପଷ୍ଟବାଦୀ କନ୍ୟାର ମୁହଁକୁ ଚାହିଁ କ୍ଷଣେ ନୀରବ ରହିଗଲେ । ତା'ପରେ ଗମ୍ଭୀର ସ୍ୱରକୁ ନରମ କରି କହିଲେ — ତୋର ସ୍ପଷ୍ଟବାଦିତା ପାଇଁ ତୋ ପାଇଁ ମୋ ବିଚାରରେ ଦଣ୍ଡବିଧାନ ସାମାନ୍ୟ କୋହଳ ହେବ । ନଚେତ୍ ତୋର ଭାବୀ ସ୍ୱାମୀ ପ୍ରତି ଭାବନାରେ ମଧ୍ୟ ଅବିଶ୍ୱସ୍ତ ପଣିଆ ଦେଖାଇବା ଅପରାଧରେ ମୁଁ ତତେ ମୃତ୍ୟୁଦଣ୍ଡ ଦେଇଥାନ୍ତି ।

ଶିଳ୍ପୀ ସ୍ଥିର ଗମ୍ଭୀରେ କହିଲା — ଆଜି ଆଉ ମୁଁ ମୃତ୍ୟୁକୁ ଭୟ କରେ ନାହିଁ । କୋଣାର୍କର ନାଟମନ୍ଦିରର ନୃତ୍ୟମୂର୍ତ୍ତିମାନଙ୍କ ଭିତରେ କମଳ ମହାରଣା ମତେ ଅମରତ୍ୱ ଦାନ କରିଛନ୍ତି । ଆଜି ଆଉ ମୃତ୍ୟୁ ପାଇଁ ମୋର ଦୁଃଖ ନାହିଁ । ଯଦି ମୋର ମୃତ୍ୟୁରେ କମଳ ମହାରଣାଙ୍କର ଶିଳ୍ପସାଧନାର ପଥ ପୁଷ୍ପିତ ହୁଏ — ଆପଣଙ୍କର ସମ୍ମାନ ରକ୍ଷା ହୁଏ, ଏବଂ କୋଣାର୍କ ପୀଠର ପବିତ୍ରତା କ୍ଷୁଣ୍ଣ ରହେ, ତେବେ ହସି ହସି ମୁଁ ମୃତ୍ୟୁବରଣ କରିବା ପାଇଁ ପ୍ରସ୍ତୁତ ।

ନୃତ୍ୟଗୁରୁ ଦୁଃଖପୂର୍ଣ୍ଣ ଅଥଚ ଦୃଢ଼ ସ୍ୱରରେ କହିଲେ — ତୋର ମୃତ୍ୟୁଦଣ୍ଡ ମଧ୍ୟ କୋଣାର୍କ ପୀଠକୁ ଅଭିଶପ୍ତ କରିବ । ବରଂ କଳିଙ୍ଗ ରାଜ୍ୟରୁ ତୋର ନିର୍ବାସନ ଦଣ୍ଡ ହିଁ ସମସ୍ତଙ୍କ ପକ୍ଷେ ମଙ୍ଗଳକର ହେବ । ମଧ୍ୟରାତ୍ରୀ ପରେ କୋଣାର୍କ ବନ୍ଦରରୁ ସିଂହଳ ଦ୍ୱୀପକୁ ବୋଇତ ଛାଡ଼ିବ । ସିଂହଳ ଦ୍ୱୀପ ଏଠାରୁ ସମୁଦ୍ରପଥରେ ତେତିଶଶହ ପଚାଶ ମାଇଲ । ତୁ ସିଂହଳ

Digitized by srujanika@gmail.com

ଦ୍ୱୀପରେ ନିର୍ବାସିତ ହେଇ କାଳ କାଟିବୁ । କୋଣାର୍କ ହେବ ଶାପମୁକ୍ତ । ସିଂହଳ, ବାଲି, ଜାଭା, ବୋର୍ଣ୍ଣିଓ, ମାଳୟ ଦ୍ୱୀପରେ କଳିଙ୍ଗବାସୀ କ୍ଲିଙ୍ଗ ନାମ ଧରି ବସବାସ କରି ରହିଛନ୍ତି । ସେଠାରେ ସାମ୍ରାଜ୍ୟ ଗଠନ କରି ସେମାନେ ତିନିଶହ ବର୍ଷ କାଳ ରାଜତ୍ୱ କରିଥିଲେ । ସିଂହଳ ଦ୍ୱୀପଠାରେ ବୁଦ୍ଧଦେବ ଦନ୍ତ ପୂଜିତ ହେଉଛି । ସେହି ପବିତ୍ର ଦନ୍ତକୁ ଆଧାର କରି ଧରି ରଖିଥିବା ସ୍ତୂପ ସହ ଏକ ମୂଲ୍ୟବାନ ମୋତି ସଂଲଗ୍ନ ହୋଇଛି । ସେହି ମୋତିରୁ ଉଜ୍ଜ୍ୱଳ ଆଲୋକରଶ୍ମି ବିଚ୍ଛୁରିତ ହୋଇ ଅନନ୍ତ ଆକାଶକୁ ସ୍ପର୍ଶ କରେ । ଚରିତ୍ର ବନ୍ଦରଠାରୁ ସେଇ ନୀଳାଭ ଆଲୋକରଶ୍ମି ଅନ୍ଧାର ରାତ୍ରୀରେ ସମୁଦ୍ର ଭେଦି ଦୃଷ୍ଟିଗୋଚର ହୁଏ । ସେଇ ଆଲୋକରଶ୍ମିକୁ ଅନ୍ଧାର ଭିତରେ ଦେଖି ଦେଖି ମୁଁ ତୋର ଉପସ୍ଥିତିକୁ ଅନୁଭବ କରିବି । ସେଠାରେ କଳିଙ୍ଗବାସୀ କଳା, ସଂସ୍କୃତି, ସ୍ଥାପତ୍ୟ ଓ ଜଗନ୍ନାଥ ଧର୍ମର ନିଦର୍ଶନ ରଖି ଯାଇଛନ୍ତି । ତୁ ସେ ସବୁର ରକ୍ଷାକର୍ତ୍ତା ହେବୁ । କମଳ ମହାରଣାର ପ୍ରତିଭାର ଉପଯୁକ୍ତ ପୂଜା ସେଇଥିରେ ହେବ । ଏହାହିଁ ମୋର ପ୍ରତି ଆଦେଶ ।

ନିର୍ବାକ୍ ହେଇ ଶୁଣୁଥାଏ ଶିଳ୍ପା । ପିତାଙ୍କର ଦଣ୍ଡାଦେଶ ବିରୁଦ୍ଧରେ ତା'ର କୌଣସି ଉତ୍ତର ନାହିଁ । କିନ୍ତୁ ଜନ୍ମଭୂମିର ମାୟା ତେଜି ସେ ସୁବର୍ଣ୍ଣ ଦ୍ୱୀପରେ ଏକା ଏକା ସନ୍ନ୍ୟାସିନୀର ଜୀବନ କାଟିବ କିପରି ?

ଝିଅର ବ୍ୟଥାଭରା ମୁହଁକୁ ଚାହିଁ ନୃତ୍ୟଗୁରୁ କହିଲେ — ଉତ୍କଳର ଶିଳ୍ପୀଗଣ ସମୁଦ୍ର ପଥରେ ସୁବର୍ଣ୍ଣ ଦ୍ୱୀପକୁ ଯାତ୍ରା କରୁଛନ୍ତି । ତୋର କଳା ସୁଦ୍ଧା କେତେଜଣ ନୃତ୍ୟଶିଳ୍ପୀଙ୍କୁ ନେଇ ଯାଉଛନ୍ତି । ସେଠରେ ସେ ଉତ୍କଳୀୟ ନୃତ୍ୟ ପ୍ରଦର୍ଶନ କରିବେ ଏବଂ ସେଠରେ କିଛି ଦିନ ବସବାସ କରି ନୃତ୍ୟଶିକ୍ଷା ଦେବେ । ଉତ୍କଳୀୟ ନୃତ୍ୟ ଗୀତର ଅନେକ ଆଦର ସୁବର୍ଣ୍ଣ ଦ୍ୱୀପପୁଞ୍ଜରେ । କେତେଜଣ ପ୍ରସ୍ତର ଶିଳ୍ପୀ ମଧ୍ୟ ସେମାନଙ୍କ ପରିବାର ଧରି ସୁବର୍ଣ୍ଣ ଦ୍ୱୀପକୁ ଯାତ୍ରା କରୁଛନ୍ତି । ସେଠାରେ ମନ୍ଦିର ନିର୍ମାଣ ପାଇଁ ସେମାନଙ୍କୁ ସାଦରେ ନିମନ୍ତ୍ରଣ ମିଳିଛି । ତୋର କିଛି ଅସୁବିଧା ହେବ ନାହିଁ । ତୋର ଭାବି ସ୍ୱାମୀଙ୍କ ଘରକୁ ସମ୍ବାଦ ପଠାଇଦେବି ଯେ ସର୍ପ ଦଂଶନରେ ତୋର ଅକାଳ ମୃତ୍ୟୁ ହୋଇଛି ବୋଲି । ତଦ୍ୱାରା ବରଂ ମୋର ସମ୍ମାନ ରକ୍ଷା ହେବ । କେହି ଜାଣିବେ ନାହିଁ ନୃତ୍ୟଗୁରୁ ଶ୍ରୀଦତ୍ତଙ୍କର ବାକ୍‌ଦତ୍ତା କନ୍ୟା ଶିଳ୍ପୀ କମଳ ମହାରଣାର ପ୍ରତିଭାକୁ ପୂଜାକରି ଭାବୀ ସ୍ୱାମୀ ପ୍ରତି ଅବିଶ୍ୱସ୍ତ ହୋଇଛି ଏବଂ ନିଜକୁ ତଥା ବଂଶକୁ କଳୁଷିତ କରିଛି ।

— ମୋ ପାଇଁ ଆପଣ ମିଥ୍ୟା କହିବେ ? ଶିଳ୍ପାର ଆଖିରେ ଢଳ ଢଳ ହେଉଥିଲା ଦୁଇବିନ୍ଦୁ ଲୁହ ।

Digitized by srujanika@gmail.com

ନୃତ୍ୟଗୁରୁ ଗମ୍ଭୀର କଣ୍ଠରେ କହିଲେ — ବଂଶର କଳଙ୍କଠାରୁ ମିଥ୍ୟାବାଦୀର ଅପରାଧ ବରଣ କରିନେବା ମୋ ପକ୍ଷେ ଶ୍ରେୟ । ଯେଉଁମାନେ ପୂର୍ବପୁରୁଷମାନଙ୍କର ଯଶ କୀର୍ତ୍ତି ଓ ସମ୍ମାନ କରିପାରନ୍ତି ନାହିଁ, ସେମାନେ ମହାପାପୀ ।

ଶିଳ୍ପୀ ନମ୍ର କରୁଣା କଣ୍ଠରେ କହିଲା — ମୋ ପାଇଁ ଆପଣ ଦୁଃଖ ପାଇଲେ । ଆପଣଙ୍କ ଆଦର୍ଶରେ ଅନୁପ୍ରାଣୀତା ହୋଇ ମୁଁ କଳାକୁ ପ୍ରେମ କରିଥିଲି । ସେତେବେଳେ ଭୁଲିଯାଇଥିଲି ମୁଁ ଝିଅଟିଏ । ପୁଣି ବାକ୍‌ଦତ୍ତା । ଈଶ୍ୱରଙ୍କୁ ମନରେ ସ୍ଥାନ ଦେଲେ ବି ନାରୀ କଳଙ୍କିନୀ ହୁଏ, ଏ ଧାରଣା ମୋର ନଥିଲା । ମତେ କ୍ଷମା କରିବେ ।

ନୃତ୍ୟଗୁରୁ ଶିଳ୍ପୀର ମୁହଁରୁ ଆଖି ଫେରାଇ ନେଲେ । ମାତୃହୀନା ଆଦରଣୀୟା କନ୍ୟାର ନିର୍ବାସନ ସତୀ ସୀତାଙ୍କର ନିର୍ବାସନ ଦଣ୍ଡଠାରୁ ଆଉରି ମର୍ମନ୍ତୁଦ ହେଲେ ମଧ୍ୟ କୋଣାର୍କ ସମ୍ପୂର୍ଣ୍ଣତା ପାଇଁ ତାହା ତାଙ୍କୁ ସହ୍ୟ କରିବାକୁ ହେବ । ନଚେତ୍ ସେଦିନ କମଳ ମହାରଣାର ଆଖିରେ ଯେଉଁ ସ୍ତିମୀତ ଅଗ୍ନିକଣା ଦେଖିଛନ୍ତି ତାହା ଦିନେ ଲେଲିହାନ ଶିଖା ହୋଇ କୋଣାର୍କର ପବିତ୍ରତାକୁ ଧ୍ୱଂସ କରିଦେବ । ଶିଳ୍ପୀକୁଳର ଗୌରବମୟ ଇତିହାସକୁ ଭସ୍ମୀଭୂତ କରିଦେବ ସେଇ ଛପିଲା ମନର ଅବାଧ ଅଗ୍ନିକଣା ।

ବରଂ ଶିଳ୍ପୀର ମୃତ୍ୟୁ ହେଉ, ବଞ୍ଚିରହୁ ଶିଳ୍ପୀ — ଶିଳ୍ପୀର ଗୌରବ କାଳ କାଳ ପାଇଁ ଅକ୍ଷୁଣ୍ଣ ରହୁ ।

ସ୍ଥିର କଣ୍ଠରେ ସେ ଆଦେଶ ଦେଲେ — ସମୁଦ୍ର ଯାତ୍ରା ପାଇଁ ପ୍ରସ୍ତୁତ ହେଇ ରହ । ଏ କଥା ଯେମିତି ଗୋପନୀୟ ରହେ ।

ଶିଳ୍ପୀ ନତମସ୍ତକ ହେଲା । ବିଦାୟ ପୂର୍ବରୁ ଅନ୍ତିମ ଅଳି ବାପାଙ୍କ ପାଖରେ ନିବେଦନ କଲା — ଯିବା ପୂର୍ବରୁ ଥରେ ମା'ର ଦର୍ଶନ କରିବି ।

ବାଲ୍ୟକାଳରୁ ମାତୃସ୍ନେହରୁ ବଞ୍ଚିତା, ନିଜ ମା'ର ମୁହଁ ସ୍ମରଣ ରଖିନଥିବା ଅଭାଗିନୀ ଝିଅଟିକୁ ଶେଷ ଦର୍ଶନ ପାଇଁ ବାରଣ କରିବ କିଏ !

ମା' ଗାଙ୍ଗେଶ୍ୱରୀ ପ୍ରତ୍ୟକ୍ଷ ଦେବୀ । ସାଇଁ ସାଇଁ ବରହମପୁର (ବୟାଳିଶବାଟୀ)ରେ ତାଙ୍କର ସେଇ ମୁଣ୍ଡି ମରାହେଇନଥିବା ମନ୍ଦିରରେ ପୂଜା ପାଆନ୍ତି । କୋଣାର୍କ ନିର୍ମାଣ ପୂର୍ବରୁ ମାଟିର ଚାଳିଆ ଘରଟିରେ ପୂଜା ପାଉଥିଲେ । ତା'ପୂର୍ବରୁ ଦେବୀ ଅମୋକ୍ଷ ହୋଇ ବୁଲୁଥିଲେ । ଗାଁ ଶେଷରେ ଗୋଚର ପାଟ । ବଣ ବିଲରେ ଅପୂଜା ହେଇ ବୁଲୁଥାନ୍ତି । ଗାଈ ଚିରରେ ମୁହଁ ଲଗାଇ ଦେବୀ କ୍ଷୀର ପିଅନ୍ତି । ଘରକୁ ଆସିଲା ବେଳକୁ ଗାଈର ଚିର ଶୂନ୍ୟ । ଗୋପାଳ ପୁଅ

Digitized by srujanika@gmail.com

ଦିନେ ଛକିଲା, ଦେଖିଲା ଦିବ୍ୟସୁନ୍ଦରୀ ମାଇପିଟିଏ କଅଁଳା ବାଛୁରୀ ପରି ଗାଈ ଚିରରେ ମୁହଁ ଲଗାଇ କ୍ଷୀର ପିଉଛି । ଗୋପାଳର ମୁଣ୍ଡକୁ ପିତ୍ତ ଉଠିଗଲା । ଦେଲା ମୁଣ୍ଡରେ ତାଙ୍କର ଠେଙ୍ଗାଏ । ଠାକୁରାଣୀଙ୍କର ମୁଣ୍ଡ ଫାଟିଗଲା । ସେଇଦିନ ରାତିରେ ଗୋପାଳ ପୁଅ ଆକସ୍ମିକ ମୃତ୍ୟୁବରଣ କଲା । ଅନ୍ୟମାନଙ୍କର ଚେତା ପଶିଲା । ବିଲ, ପାଟ, ବଣ, ବାରି ଠାକୁରାଣୀଙ୍କୁ ଖୋଜିଲେ । ଟୋପା ଟୋପା ରକ୍ତ ପଡ଼ିଥାଏ ଠାକୁରାଣୀଙ୍କ ମୁଣ୍ଡରୁ । ରକ୍ତ ଦାଗକୁ ଦେଖି ବାଟ ଖୋଜି ଯାଇ ପହଞ୍ଚିଲେ ବେଲ ବଣରେ । ଗୋଟିଏ ବେଲଗଛ ମୂଳେ ମଦାଏ ରକ୍ତ ଜମାଟ ବାନ୍ଧିଯାଇଥାଏ । ସେଇ ବେଲ ମୂଳକୁ ତାଡ଼ିଲେ । ଠାକୁରାଣୀ ବାହାରିଲେ ତାଙ୍କୁ ନେଇ ଚାଲିଆ ଘରେ ସ୍ଥାପନ କଲେ । ସେଇଦିନଠାରୁ ଠାକୁରାଣୀ ପୂଜା ପାଇଲେ । ପ୍ରତ୍ୟକ୍ଷ ଦେବୀ ହିସାବରେ ନାଁ ଡାକ ହେଲା । ଏ କୋଣାର୍କ ମନ୍ଦିର ନିର୍ମାଣ ପୂର୍ବର କଥା ।

ସାଇଁ ସାଇଁ ବରହମପୁରରେ କୋଣାର୍କ ଶିଳ୍ପୀମାନେ ଶିବିର ପକାଇ ରହିଥାନ୍ତି । ଦେବୀଙ୍କୁ ପ୍ରଣାମ କରି ପ୍ରତିଦିନ କାମକୁ ବାହାରନ୍ତି । ପଥର ବୁହା ନଦୀରୁ ପଥର ଭେଳାରେ ଖଣ୍ଡେ ଖଣ୍ଡେ ପଥର ବୋହିଆଣି ମନ୍ଦିର ତୋଳିଲେ । ମନ୍ତ୍ରୀ ଶିବ ସାମନ୍ତରାୟଙ୍କର ଆଦେଶ । ଏକା ରାତିରେ ପଥର ଉପରେ ପଥର ଥୋଇ ମନ୍ଦିର ତୋଳା କାମ ଶେଷ ହେବ । ତା'ପରେ ତୋଳାହେବ କୋଣାର୍କ ମନ୍ଦିର । ରାତି ପାହିଗଲା । ମୁଣ୍ଡି ମରି ପାରିଲାନି । ସେଇ ଦିନଠୁ ଦେଉଳ ନଣ୍ଡା ।

ଗଙ୍ଗେଶ୍ୱର ଭଉଣୀ ଯାଜ୍ଞେଶ୍ୱରୀ । ସେ ରାଜାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ — ଗଙ୍ଗେଶ୍ୱରୀ ତୋର ଇଷ୍ଟ ଦେବୀ । ତାଙ୍କୁ ପୂଜା ନଦେଇ ତୁ ରାଜା ହେଇ ରହିବୁ କେମିତି ?

ରାଜା ପୂଜାର ବ୍ୟବସ୍ଥା ପାଇଁ ଛ'ଏକର ସମ୍ପତ୍ତି ଠାକୁରାଣୀଙ୍କ ପାଇଁ ଖଞ୍ଜା କଲେ । ଠାକୁରାଣୀଙ୍କୁ ଇଷ୍ଟଦେବୀ ମାନିଲେ । ପ୍ରତି ଶୁଭ କାର୍ଯ୍ୟରେ ଠାକୁରାଣୀ ମାଜଣା ହେଲେ । ରାଜା ତାଙ୍କୁ ଦର୍ଶନ କରି ଯୁଦ୍ଧଯାତ୍ରା କରନ୍ତି, ଶୁଭ କାର୍ଯ୍ୟରେ ଅନୁକୂଳ କରନ୍ତି ।

ଶିଳ୍ପୀମାନେ ପ୍ରତିଦିନ ଠାକୁରାଣୀଙ୍କୁ ଦର୍ଶନ କରି ନିହାଣ ଧରନ୍ତି । ତାଙ୍କୁ ସ୍ମରଣ କରି ମୂର୍ତ୍ତି ଗଢ଼ନ୍ତି । ଠାକୁରାଣୀଙ୍କ ମୁଣ୍ଡରେ ରକ୍ତର ଦାଗ ସେମିତି ଥାଏ । ତା'ଉପରେ ତିନିଗାର ଚନ୍ଦନ ଚିତା । ମା' ଗଙ୍ଗେଶ୍ୱରୀଙ୍କର ମସ୍ତକ ହିଁ ମନ୍ଦିରରେ ପୂଜା ପାଏ । ବେଲ ବଣରେ ମା'ଙ୍କର ଶରୀର ଗୋପ୍ୟ ହୋଇଗଲା । ମସ୍ତକ କେବଳ ସ୍ଥାପନା ହେଲା ମନ୍ଦିରରେ ।

ଗଙ୍ଗେଶ୍ୱରୀ ମନ୍ଦିରର ପୂର୍ବପଟେ ଭଉଣୀ ଯାଜ୍ଞେଶ୍ୱରୀ ଚାଳଘରେ ପୂଜା ପାଉଛନ୍ତି । ଦେବୀ ଯାଜ୍ଞେଶ୍ୱରୀଙ୍କର ମହିଷାମର୍ଦ୍ଦିନୀ ଚତୁର୍ଭୁଜା ମୂର୍ତ୍ତି । ଦୁଇ ହାତରେ ଧରିଥିବା ତ୍ରିଶୂଳ ମହିଷାସୁର ବକ୍ଷଭେଦ କରିଛି । ଅନ୍ୟ ଦୁଇ ହାତରେ ଘଣ୍ଟ ଓ ଖଡ୍‌ଗ ଧାରଣ କରିଛନ୍ତି । ଅଢ଼େଇ

Digitized by srujanika@gmail.com

ଫୁଟ ଉଚ୍ଚତାର କଳା ମୁଗୁନି ପଥରର ଦେବୀ ମୂର୍ତ୍ତି କୁଆଡ଼େ ଘଣ୍ଟି ବଜାଇ ଶିଳ୍ପୀମାନଙ୍କୁ ଜାଗ୍ରତ କରିଦିଅନ୍ତି ।

ମା' ଗଙ୍ଗେଶ୍ୱରୀ ଆଉ ମା' ଯାଜ୍ଞେଶ୍ୱରୀଙ୍କଠାରେ ଶିଳ୍ପୀର ଅଚଳା ଭକ୍ତି । ନିଜ ମା'ର ରୂପ ମନେପକାଇଲେ ମା' ଗଙ୍ଗେଶ୍ୱରୀ ଆଉ ଯାଜ୍ଞେଶ୍ୱରୀଙ୍କର ରୂପ ତା'ସାମ୍ନାରେ ଉଭା ହୁଏ । ଆଖିବୁଜି ମା' ମା' ଡାକିଲେ ଡାକୁ ମା'ଙ୍କର ସ୍ୱର ଶୁଭେ । ଚଉଦ ବର୍ଷର କିଶୋରୀ ମା' ମା' ଡାକି ଝରଝର ଲୁହ ଢାଳେ । ନୃତ୍ୟଗୁରୁ କହନ୍ତି ମା' ଗଙ୍ଗେଶ୍ୱରୀଙ୍କୁ ଆଶ୍ରାକରି ପତ୍ନୀଙ୍କର ଗର୍ଭୋଦୟ ହୋଇଥିଲା ଆଉ କନ୍ୟା ଜନ୍ମ ପୂର୍ବରୁ ମା' ବାରମ୍ବାର ସ୍ୱପ୍ନରେ ଦେଖା ଦେଇଥିଲେ ।

କନ୍ୟାର ରାଶି ନକ୍ଷତ୍ର ଗଣନା କରି ପଣ୍ଡିତ କହିଥିଲେ — ଏ କନ୍ୟା ଦେବୀ ଅଂଶରେ ଜାତ । ଏ ପୃଥିବୀରେ ତା'ର ଅଳ୍ପଦିନର ହସଖେଳ ଶେଷକରି ସେ ଦେବଲୋକକୁ ଖୁବ୍ ଶିଘ୍ର ଯାତ୍ରା କରିବ । ସେଇଦିନଠାରୁ ମା'ଙ୍କ ପାଖରେ ଏକମାତ୍ର ନୟନ ପିତୁଳାକୁ ପାଣି ଛଡ଼ାଇ ଦେଇଥିଲେ ନୃତ୍ୟଗୁରୁ ଏବଂ ସ୍ଥିର କରିଥିଲେ ଷୋଡ଼ଶ ବର୍ଷରେ ପଦାର୍ପଣ କରିବା ପୂର୍ବରୁ ତା'ର ବିବାହ ସମ୍ପନ୍ନ କରିବେ । ଆଉ ମାତ୍ର କେତେ ମାସ ପରେ ସେ ଶ୍ୱଶୁର ଘରକୁ ଯାଇଥାନ୍ତା ।

ଆଜି ମା'ଙ୍କର ଶେଷ ଦର୍ଶନ ପାଇଁ ସେ ମିନତି କରୁଛି । ତା'ର ଶେଷ ଇଚ୍ଛା ଅନ୍ତତଃ ପୂର୍ଣ୍ଣ ହେଉ ।

ମନ୍ଦିରର ପଶ୍ଚିମ ପାର୍ଶ୍ୱସ୍ଥ କଳା ମୁଗୁନି ପଥରର ଚତୁର୍ଭୁଜ ଗଣେଶ ମୂର୍ତ୍ତିକୁ ପ୍ରଥମେ ପ୍ରଣାମ ଜଣାଇଲା ଶିଳ୍ପୀ । ମନ୍ଦିରର ପ୍ରବେଶ ଦ୍ୱାରରେ ନବଗ୍ରହ ମୂର୍ତ୍ତି । ସେଠି ସେ ପ୍ରଣତ ହେଲା ।

ମନ୍ଦିର ଭିତରେ ତେବେ ବି ଅନ୍ଧାର ବେଶ୍ ନିବିଡ଼ ଆଉ ଉଷ୍ମ । ଅନ୍ଧାରକୁ ଶିଳ୍ପୀ ଭୟ କରେ । କିନ୍ତୁ ଏଠି ଅନ୍ଧାର ଭିତରେ ମା' ଗଙ୍ଗେଶ୍ୱରୀ କରୁଣାର ହସ୍ତ ପ୍ରସାରି ମାତୃହୀନା କିଶୋରୀକୁ ଆଲିଙ୍ଗନ କରିବା ପାଇଁ ଅପେକ୍ଷା କରିଛନ୍ତି । ମନ୍ଦିର ଭିତରେ ପାଦଦେଲେ ଶିଳ୍ପୀର ମନେହୁଏ ସମସ୍ତଙ୍କ ଭଳି ତା'ର ବି ମା' ଅଛି । ଯେଉଁଦିନ ପ୍ରଥମ କରି ସେ ମା'କୁ ଖୋଜିଥିଲା ସେଦିନ ନୃତ୍ୟଗୁରୁ ଅବୋଧ କନ୍ୟାକୁ କୋଳରେ ଜାକି ଆସିଥିଲେ ଗଙ୍ଗେଶ୍ୱରୀଙ୍କ ନିକଟକୁ । ଠାକୁରାଣୀଙ୍କୁ ଦେଖାଇଦେଇ କହିଥିଲେ — ଦେଖ, ଏଇ ତୋର ମା' । ଡାକିଲେ ଶୁଣେ ନାହିଁ, ନ ଡାକିଲେ ଯାଚିକରି ସବୁ ଦିଏ । ସବୁ ତା'ରି ଇଚ୍ଛା । ଆମ ଇଚ୍ଛାରେ କିଛି ହୁଏ ନାହିଁ । କନ୍ୟାକୁ ଠାକୁରାଣୀଙ୍କ ସାମ୍ନାରେ ଗଡ଼େଇ ଦେଇ କହିଥିଲେ — ତୁ ଯଦି

Digitized by srujanika@gmail.com

ଜଗତର ମା' — ତେବେ ଏ ଝିଅଟା କି ଦୋଷ କରିଥିଲା ଯେ, ମା' ଛେଉଣ୍ଡ ହେଇ ରହିବ ? ଦେଖା ଦେ ତୋର ଝିଅକୁ । ବୁଝାଇ ଦେ ଯେ, ତା'ର ମା' ଅଛି । ସେ ଏକା ନୁହେଁ —

ନୃତ୍ୟଗୁରୁ ଆଖି ପୋଛି ପୋଛି ପଦାକୁ ବାହାରି ଆସିଥିଲେ । ମା'ଗଙ୍ଗେଶ୍ୱରୀଙ୍କୁ ମାଗଣା କରି, କେତେ ପୂଜା ମନାସି ସ୍ତ୍ରୀ ପଦ୍ମାବତୀ ଝିଅଟିଏ ପାଇଥିଲେ । ଅଥଚ ଝିଅର ମା' ଡାକ ଶୁଣିବା ଆଗରୁ ସେ ଆଖି ବୁଜିଦେଲେ । ସବୁ ତା ମା'ର ଇଚ୍ଛା ! ଏବେ ସେ ସମ୍ଭାଳୁ ।

ସତକୁ ସତ ଅଜ୍ଞାନ ଶିଶୁ ଶିଳ୍ପା ସେଦିନ ମନ୍ଦିରରୁ ପଦାକୁ ବାହାରି ଆସିଲାବେଳକୁ ତା'ଓଠରେ ମା' ବୁକୁର କ୍ଷୀର ଲାଗିଥିଲା । ହସି ହସି ସେ କହିଥିଲା — ତା' ମା'ଠାରୁ ସୁନ୍ଦର ଆଉ କେହି ନାହିଁ । ଦେବୀ ପ୍ରତିମା ଭଳି ଏତେ ସୁନ୍ଦର ଯେଉଁ ମା'ର ରୂପ, ସେ ମନ୍ଦିରରେ ପୂଜା ନପାଇ ଘରେ ରହନ୍ତା ବା କିପରି ?

ତା'ପରଠୁ ଶିଳ୍ପା ଆଉ କେବେ ମା'ପାଇଁ ବାପାଙ୍କ ପାଖରେ ଅଝଟ ହେଇନାହିଁ । ଯେତେବେଳେ ମା'କୁ ଖୋଜୁଛି ସେତେବେଳେ ଗଙ୍ଗେଶ୍ୱରୀଙ୍କ ମନ୍ଦିରକୁ ଆସିଛି । ମା'ର ଦର୍ଶନ ପାଇଛି । ମା'ର ଉଷ୍ମ ଆଶିଷ ଝରିପଡ଼ିଛି ତା'ଉପରେ ।

ଅଥଚ ଆଜି କାହା ଅଭିଶାପ ଯୋଗୁଁ ସେ ତା'ର ମା'ଗଙ୍ଗେଶ୍ୱରୀ, ତା'ର ଜନ୍ମମାଟି ଉତ୍କଳ, ତା'ର ବାପା, ସାଙ୍ଗସାଥି, ଚନ୍ଦ୍ରଭାଗା ତୀର, କୋଣାର୍କର ସବୁଜ ବନଭୂଇଁରୁ ବିତାଡ଼ିତ ହୋଇ ସମୁଦ୍ର ସେପାରି କେଉଁ ଅଜଣା ଦ୍ୱୀପରେ ନିର୍ବାସିତା ହେଇ କାଳ କାଟିବ !

ମନ୍ଦିର ପ୍ରାଙ୍ଗଣରେ ପାଦ ଦେଇ ଶିଳ୍ପା ସେଇକଥା ମନେ ମନେ ମା'କୁ ଜିଜ୍ଞାସା କରୁଥିଲା ।

ଅନ୍ଧାର ଭିତରେ କେହିଜଣେ ଦୀପଜ୍ୟୋତି ଭଳି ମା'ଙ୍କ ସାମ୍ନାରେ ସ୍ଥିରହେଇ ଆଖିବୁଜି ବସିଛି । ଆସ୍ତେ ଆସ୍ତେ ମଧୁର କଣ୍ଠରେ ମନ୍ତ୍ରପାଠ କରୁଛି । ପ୍ରଭାତ ପକ୍ଷୀର କାକଳୀ ଭଳି ସେ ମନ୍ତ୍ରଧ୍ୱନି ହୃଦୟକୁ ପବିତ୍ର ଆନନ୍ଦର ସ୍ନିଗ୍ଧ ବାରିଧାରାରେ ସଂଜୀବିତ କରୁଛି । ଶିଳ୍ପୀ ଯେମିତି ତା'ଅଶାନ୍ତ ହୃଦୟର ଉଦ୍‌ବେଳିତ ପ୍ରଶ୍ନର ଉତ୍ତର ପାଇଯାଉଛି । ସେଇ ଧ୍ୟାନମଗ୍ନ ମୂର୍ତ୍ତିଟି ପଛରେ ସ୍ଥାପତ୍ୟ ଭଳି ଯୋଡ଼ ହସ୍ତରେ ଠିଆ ହେଇଛି ଶିଳ୍ପା । ପଛରୁ ସେ ଦେଖୁଛି ପ୍ରଶସ୍ତ ଶରୀର । ବଳିଷ୍ଠ ଦୀର୍ଘ ବାହୁ । ଦୀର୍ଘ କୁଞ୍ଚିତ କେଶ । କର୍ଣ୍ଣର କୁଣ୍ଡଳ ମଧ୍ୟ ସ୍ଥିର ରହିଛି । ସତେ ବା କୋଣାର୍କ ଶିଳ୍ପୀର ହାତଗଢ଼ା ପ୍ରତିମାଟିଏ ।

ଶିଳ୍ପା ଭୂଇଁରେ ମୁଣ୍ଡ ଲଗାଇ ପ୍ରଣାମ ଜଣାଇଲା । ମା'କୁ କି ସେଇ ଧ୍ୟାନମଗ୍ନ ମୂର୍ତ୍ତିକୁ, ସେକଥା ସେ ଜାଣେ ନାହିଁ । ମୁଣ୍ଡ ଉଠାଇ ଚାହିଁଲା ବେଳକୁ ତା' ଆଖିରେ ବର୍ଷା ଫିଟିଛି ।

Digitized by srujanika@gmail.com

ବାଷ୍ପାଚ୍ଛନ୍ନ ଦୃଷ୍ଟି ଭିତରେ ତା ସାମ୍ନାରେ ଦୀର୍ଘଦେହୀ, ଆୟତନୟନ, ସୁଠାମ ଶରୀର, ସୌମ୍ୟ ବପୁବନ୍ତ ଯୁବାପୁରୁଷ ଜଣେ ଉଭା । କୁଣ୍ଠିତ ଭଙ୍ଗୀରେ ସେ ଅନ୍ତ ହସ୍ତ ପ୍ରସାରି ରାସ୍ତା ମାଗୁଛନ୍ତି । ଶିଳ୍ପୀ ଭୁଲିଗଲା ଯେ, ସେ ମନ୍ଦିର ଦ୍ୱାର ସାମ୍ନାରେ ମଝି ମଝି ବାଟ ବନ୍ଦ କରି ଠିଆ ହେଇଛି । ଦେବୀ କୃପା ବଳରେ ଯେଉଁ ଧ୍ୟାନସ୍ଥ ମୂର୍ତ୍ତିଟି ଜୀବନ୍ୟାସ ପାଇ ତା'ସାମ୍ନାରେ ଉଭା, ସେ ଶିଳ୍ପୀ କମଳ ମହାରଣା ! ଯାହାଙ୍କ ପ୍ରତିଭାର ପୂଜାରିଣୀ ହେବା ଯୋଗୁଁ ସେ ଆଜି ନିର୍ବାସିତା ହେବାକୁ ଯାଉଛି । ଇଚ୍ଛା ହେଲା ସେଇ ମହାନ୍ ଶିଳ୍ପୀର ପାଦ ସ୍ପର୍ଶ କରି ବିଦାୟ ପ୍ରଣତି ଜଣାଇବା ପାଇଁ । ମା' କ'ଣ ସନ୍ତାନର ମନ କଥା ଏମିତି ଜାଣିପାରନ୍ତି ? ନଚେତ୍ ସେ କେମିତି ଜାଣିଲେ ଶିଳ୍ପୀ ବିଦାୟ ପୂର୍ବରୁ ଆଉଥରେ ମାତ୍ର କମଳ ମହାରଣାର ଦର୍ଶନ କାମନା କରିଥିଲା ବୋଲି ।

ଅବଗୁଣ୍ଠନ ଭିତରେ ଶିଳ୍ପୀ ଅର୍ଦ୍ଧମୁକୁଳିତ ମୁହଁଟି ସକାଳର ଜହ୍ନ ଭଳି କରୁଣ ଆଉ ମ୍ଳାନ ଦିଶୁଥିଲେ ବି ଅତ୍ୟନ୍ତ ମନୋରମ ଦିଶୁଥିଲା କମଳ ମହାରଣାର ଶିଳ୍ପୀ ଆଖିକୁ । ଥରେ ମାତ୍ର ସେଇ ମୁହଁଟି ଉପରେ ଅପାଙ୍ଗ ଢାଳି ସେ ଚମକି ଉଠିଲା । କିନ୍ତୁ ତତ୍‌କ୍ଷଣାତ୍ ଦୃଷ୍ଟି ଫେରାଇ ନେଇ ଉଜଳି ଆସୁଥିବା ଚେନାଏ ଅକାଶରେ ଦୃଷ୍ଟି ମିଶାଇ ଦେଲା । ନମ୍ର କୋମଳ ସ୍ୱରରେ କହିଲା — ଦେବୀ, ଦୟା କରି ବାଟ ଛାଡ଼ିବା ହୁଅନ୍ତୁ — କାମକୁ ବାହାରିବାର ସମୟ ହେଲାଣି ।

ଶିଳ୍ପୀ ଘୁଞ୍ଚିଯିବା ପାଇଁ ପାଦ ଉଠାଇ ପୁଣି ସ୍ଥିର ହେଇଗଲା । ମନେ ମନେ କହୁଥିଲା — ଆଉ ଦଣ୍ଡେ ରହିଯାଅ ଶିଳ୍ପୀ, ଏଇ ତ ଶେଷ ଦେଖା — ତମ ସହ ଆଉ ମୋର ମା' ସହ । ଦୁଇ ଧାର ଅଶ୍ରୁ ଖସି ଆସୁଥିଲା ପଦ୍ମପାଖୁଡ଼ାର ଆଖିରୁ ।

କମଳ ମହାରଣା ସେମିତି ବାହାର ଆକାଶର ଦୃଷ୍ଟି ସ୍ଥିର ରଖି ଆଉରି ନମ୍ର ହେଇ କହିଲା — କୋଣାର୍କ ଶିଳ୍ପୀ ପାଖରେ ଗୋଟାଏ ମୁହୂର୍ତ୍ତ ବି ମୂଲ୍ୟବାନ । ମୁହୂର୍ତ୍ତ ମୁହୂର୍ତ୍ତର ସ୍ୱେଦ ଓ ସାଧନାରେ କୋଣାର୍କ ଶିଳାଖଣ୍ଡର ପ୍ରତିଟି ରେଣୁ ଚିତ୍ରିତ ହୁଏ । ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟରେ ଯୋଗ ଦେବାରେ ଶିଳ୍ପୀର କେବେ ବ୍ୟତିକ୍ରମ ହୋଇନାହିଁ । ଜାତିର ଡାକ ଆଗରେ ଗୋଟିଏ ନିଜସ୍ୱ ମୁହୂର୍ତ୍ତ ଉପରେ ରାଜାର ବି କର୍ତ୍ତୃତ୍ୱ ନାହିଁ । ମୁଁ ତ ଜଣେ ନଗଣ୍ୟ ଶିଳ୍ପୀ ।

ଶିଳ୍ପୀ ରାସ୍ତା ଛାଡ଼ିଦେଲା । କୃତଜ୍ଞ ଭଙ୍ଗୀରେ ବାହାରି ଯାଉ ଯାଉ କମଳ ମହାରଣା ଆଉ ଥରେ ମାତ୍ର କିଶୋରୀର ଅବଗୁଣ୍ଠିତ ମୁହଁ ଉପରେ ଦୃଷ୍ଟିପାତ କରି କ୍ଷଣେ ସ୍ଥିର ହେଇଗଲା । ଶିଳ୍ପୀ ଆଖିର ନମ୍ର ମଧୁର ସ୍ପର୍ଶରେ ଶିଳ୍ପୀର ସମସ୍ତ ଶରୀର ତା'ର ଆତ୍ମା, ଦେହାତୀତ ତା'ର ସତ୍ତା ସ୍ପନ୍ଦିତ ହେଇଗଲା କ୍ଷଣିକ ପାଇଁ । କମଳ ମହାରଣା ତାକୁ ଚିହ୍ନି ପାରିଛି ।

Digitized by srujanika@gmail.com

'ବିଦାୟ', ଅତି ଆସ୍ତେ, ସତେ କି ଶିଳ୍ପୀର ହୃଦୟ ପାଖରେ ମନ୍ଦ ମଧୁର ସ୍ୱରରେ କହିଲା କମଳ ମହାରଣା ଏବଂ କ୍ଷୀପ୍ର ବେଗରେ ବାହାରି ଗଲା କର୍ମକ୍ଷେତ୍ରକୁ — ସାଧନାର ପୀଠକୁ । ସେ କ'ଣ ଜାଣେ ଏହା ହିଁ ଅନ୍ତିମ ବିଦାୟର ଲଗ୍ନ ବୋଲି ?

ଶିଳ୍ପୀ ଆଗରେ ଶିଳ୍ପୀର ମୂଲ୍ୟ କେଡ଼େ ତୁଚ୍ଛ ! କ୍ଷଣକ ପୂର୍ବରୁ କମଳ ମହାରଣାର ପାଦ ଦୁଇଟି ଯେଉଁଠି ସ୍ଥିର ହୋଇ ପଦ୍ମ ଫୁଟାଇଥିଲା, ନଇଁ ପଡ଼ି ଶିଳ୍ପୀ ତାକୁ ଦୁଇ ହାତରେ ସ୍ପର୍ଶ କରି ମୁଣ୍ଡରେ ମାରିଲା । ଦେଇ ପଦରେଣୁ ସଙ୍ଗେ ତା' ଆଖିର ଅଶ୍ରୁକଣା ମିଶାଇଦେଲା ।

ବାଷ୍ପାଚ୍ଛନ୍ନ କଣ୍ଠରେ ସେ ସ୍ୱଗତୋକ୍ତି କଲା — ଶିଳ୍ପୀ, ତମର ଜୟ ହେଉ — ଜୟ ହେଉ ମୋ ଜାତିର, ମୋ ଜନ୍ମ ମାଟିର ।

ନିର୍ଦ୍ଦିଷ୍ଟ ଲଗ୍ନରେ ବୋଇତ ଚରିତ୍ର ବନ୍ଦର ଛାଡ଼ିଲା । କେତୋଟି ପଥରଶିଳ୍ପୀ ପରିବାର, ନୃତ୍ୟଗୁରୁ ଶ୍ରୀଦତ୍ତଙ୍କର ସାନଭାଇ ସୁଦତ୍ତ ପରିବାର ସହ ବିଦାୟ ନେଇ ସମୁଦ୍ର ଯାତ୍ରା କଲେ । ସେମାନଙ୍କୁ ବିଦାୟ ଜଣାଇବା ପାଇଁ ନୃତ୍ୟଗୁରୁ ଶ୍ରୀଦତ୍ତ, କମଳ ମହାରଣା ଏବଂ ଆଉରି ଅନେକ ଶିଳ୍ପୀ ଉପସ୍ଥିତ ଥିଲେ ।

ନୃତ୍ୟଗୁରୁ ସାନ ଭାଇ, ତାଙ୍କର ଅବଗୁଣ୍ଠିତା ପତ୍ନୀ ଏବଂ କନ୍ୟା ନୃତ୍ୟଗୁରୁଙ୍କ ପାଦରେ ପ୍ରଣାମ ଜଣାଇ ବିଦେଶ ଯାତ୍ରା ପାଇଁ ବିଦାୟ ମାଗିଲେ । ତନୁପାତଳୀ ଅବଗୁଣ୍ଠିତା କିଶୋରୀଟିଏ ଯେତେବେଳେ ନୃତ୍ୟଗୁରୁଙ୍କର ପାଦଛୁଇଁ ପ୍ରଣାମ ଜଣାଇଲା, ସେତେବେଳେ ନୃତ୍ୟଗୁରୁ ତାଙ୍କର ବାଷ୍ପାଚ୍ଛନ୍ନ ଚକ୍ଷୁର ଦୃଷ୍ଟିକୁ ଅନନ୍ତ ସମୁଦ୍ରର ନୀଳ ଜଳ ରାଶିରେ ସ୍ଥିର ରଖି ନିର୍ବିକାର ହୋଇ ଠିଆ ହୋଇଥିଲେ । ସତେ ବା ଦୁଇଟି ପଥରର ଆଖି ମଣିଷ ଦେହରେ କିଏ ଖଞ୍ଜି ଦେଇଛି । ପ୍ରଣାମ କରି ବିଦାୟ ମାଗୁଥିବା କିଶୋରୀର ବକ୍ର ଦେହଟି କୋହର ଉଚ୍ଛ୍ୱାସରେ କ୍ଷଣେ ସ୍ପନ୍ଦିତ ହୋଇଗଲା । ପର କ୍ଷଣରେ ସେ ନିଜକୁ ଶାନ୍ତ କରିନେଲା ।

କମଳ ମହାରଣା ତା'ର ଶିଳ୍ପୀ ବନ୍ଧୁମାନଙ୍କୁ ଉଚ୍ଛ୍ୱସିତ ବିଦାୟ ସମ୍ବର୍ଦ୍ଧନା ଜଣାଉଥାଏ । ..ାଲୁକା ବେଳାରେ ତା'ର ପଦଚିହ୍ନକୁ ଚାହିଁ ରହିଥାଏ ଅବଗୁଣ୍ଠିତା କିଶୋରୀ । ଆଜି ଆଉ ଅବଗୁଣ୍ଠନ ତୋଳି ସେ କମଳ ମହାରଣାକୁ ଶେଷ ଥର ପାଇଁ ଦେଖିପାରିବ ନାହିଁ ।

ବୋଇତକୁ ଉଠିବା ଆଗରୁ, କମଳ ମହାରଣାର ପଦଚିହ୍ନ ଯେଉଁଠି ନିଖୁଣ ହୋଇ ଆଙ୍କି ହୋଇଥିଲା ସେଇଠୁ ମୁଠାଏ ବାଲି ଅଞ୍ଜଳି ଭରି ତୋଳି ନେଲା ଅବଗୁଣ୍ଠିତା କିଶୋରୀ ।

Digitized by srujanika@gmail.com

ଅତି ଯତ୍ନରେ ପଣତରେ ସେତକ ବାନ୍ଧି ଆସ୍ତେ ନୃତ୍ୟଗୁରୁଙ୍କୁ କହିଲା — ବାପା, ଏତିକି ମୋ ଜନ୍ମଭୂଇଁର ସନ୍ତାନ, କାନିରେ ବାନ୍ଧି ନେଉଛି । ତା'ର ସମ୍ମାନ ରକ୍ଷା ପାଇଁ ଦରକାର ହେଲେ ପ୍ରାଣ ଦେବି ।

ନୃତ୍ୟଗୁରୁ ଦୀର୍ଘଶ୍ୱାସ ଟୋକିଲେ । ଭାବିଲେ — ସତେ ତ ! ଜନ୍ମଭୂଇଁର ମୁଠାଏ ଧୂଳି ମଧ୍ୟ ଆଜି ତାଙ୍କର କନ୍ୟା ପାଇଁ ଅମୂଲ୍ୟ ରତ୍ନ ସଦୃଶ ।

ସେ ଚାପା କଣ୍ଠରେ କହିଲେ — ତୁ କଳିଙ୍ଗ କନ୍ୟା । ତୋ ଜାତିର କଳା, ସଂସ୍କୃତି, ଐତିହ୍ୟର ତୁ ରକ୍ଷାକର୍ତ୍ତା । ସେଥିପାଇଁ ତୋର ଏ ତ୍ୟାଗପୂତ ନିର୍ବାସନ । ସେ କଥା ଭୁଲିବୁ ନାହିଁ ।

ପଣତରେ ବନ୍ଧା ହୋଇଥିବା ଧୂଳିକୁ ମୁଣ୍ଡରେ ଲଗାଇ କିଶୋରୀ ଧୀର କଣ୍ଠରେ କହିଲା — ଭୁଲିବି ନାହିଁ — କଥା ଦେଉଛି ।

ନିର୍ବାସିତା କଳିଙ୍ଗ କନ୍ୟାକୁ ନେଇ ବୋଇତ ଛାଡ଼ିଲା । ଦେଶ ପାଇଁ, ଜାତି ପାଇଁ ଜଣେ ପିତାର ନିଷ୍ଠୁର ତ୍ୟାଗ, ଆଉ ନିଷ୍ପାପ କିଶୋରୀର ଦାରୁଣ ନିର୍ବାସନର କଥା କେହି ଜାଣିଲେ ନାହିଁ — ଇତିହାସରେ ସେ କଥା ଲିପିବଦ୍ଧ ହେଲାନାହିଁ । ଏପରି କି କମଳ ମହାରଣା ଜାଣିଲା ନାହିଁ ତା'ର କଳ୍ପନା, ତା'ର ପ୍ରେରଣା ଚିରଦିନ ପାଇଁ ଜନ୍ମମାଟିରୁ ବିଦାୟ ନେଇଗଲା ବୋଇ ।

ଅଦୃଶ୍ୟ ହୋଇଯାଉଥିବା ବୋଇତରେ ଅସ୍ପଷ୍ଟ ଧୂମାୟିତ ପାଲକୁ ଚାହିଁ ନୃତ୍ୟଗୁରୁ ସ୍ୱଗତୋକ୍ତ କରୁଥିଲେ — ସତୀ ସୀତାଙ୍କର ନିର୍ବାସନ ଦଣ୍ଡଠାରୁ ମୋ କନ୍ୟାର ନିର୍ବାସନର କାହାଣୀ ଆଉରି ମର୍ମନ୍ତୁଦ । ହେ ମହୋଦଧି ! ତୁ ସାକ୍ଷୀ ରହିଲୁ । ତୋରି ହାତରେ ସମର୍ପି ଦେଲି ମୋର ଶିଳ୍ପାକୁ, ମୋର ପ୍ରେରଣାର ଉତ୍ସକୁ ।

ସେଦିନ ମଧ୍ୟ କୋଣାର୍କ ନଗରୀରେ ଶିଳ୍ପୀମାନଙ୍କ ମନୋରଞ୍ଜନ ପାଇଁ ସୀତା ବନବାସୀ ଗୀତିନାଟ୍ୟ ପରିବେଷିତ ହେଉଥାଏ । ଯଥା ସ୍ଥାନରେ ବସିଥାଏ କମଳ ମହାରଣା । ନୃତ୍ୟଗୁରୁଙ୍କ ବାମ ପାର୍ଶ୍ୱରେ ବସିଥାନ୍ତି କେତେଜଣ କିଶୋରୀ କନ୍ୟା । କମଳ ମହାରଣାର ଦୃଷ୍ଟି ବାରମ୍ବାର ଆକୁଳ ଅନ୍ୱେଷଣରେ ଇତସ୍ତତଃ ଘୂରିବୁଲୁଥାଏ ମଣ୍ଡପ ଚାରିପଟେ । କାହିଁ ତା'ର କଳ୍ପନା ! କାହିଁ ନୃତ୍ୟଗୁରୁଙ୍କର କନ୍ୟା, ଶିଳ୍ପାର ପ୍ରେରଣା ?

ସୀତା ବନବାସର କରୁଣ ଅଭିନୟରେ ସମସ୍ତେ ଅଭିଭୂତ ହୋଇ ପଡ଼ିଥାନ୍ତି । ସ୍ତ୍ରୀ ଲୋକମାନେ ଅର୍ଦ୍ଧ ମୁକୁଳିତ ଓଢଣା ତଳେ ଅଶ୍ରୁ ଢାଳୁଥାନ୍ତି । ତାଙ୍କ ସଙ୍ଗେ ନୃତ୍ୟଗୁରୁଙ୍କର

Digitized by srujanika@gmail.com

ଆଖିରେ ମଧ୍ୟ ଝର ନିର୍ଝର ଅଶ୍ରୁ । ସିଂହଳ ଦ୍ୱୀପରେ କଳିଙ୍ଗ କନ୍ୟା ତାର ମା'କୁ ଖୋଜୁଥିବ, ତା'ର ମାଟିକୁ ଝୁରୁଥିବ । ମା' ଗଙ୍ଗେଶ୍ୱରୀ ସମୁଦ୍ର କାନ୍ତାର ଟପି ସେଠି ବି କ'ଣ ଅଭାଗିନୀ ମାତୃହରା ଝିଅକୁ ବୋଧ ଦେବାପାଇଁ ତାକୁ ଦର୍ଶନ ଦେଉଥିବେ ?

କମଳ ମହାରଣାର ଅସ୍ଥିର ଦୃଷ୍ଟି ଏବେ ସ୍ଥିର, ଅଚଞ୍ଚଳ । ତା'ର ଅଶାନ୍ତ ହୃଦୟ ଏବେ ଶାନ୍ତ ଶୀତଳ । ବାଲ୍ମିକୀ ଆଶ୍ରମରେ ସତୀ ସୀତା ଆଶ୍ରୟ ନେଇଛନ୍ତି । ସେ ସନ୍ତାନବତୀ । ଅନ୍ତ କେତେଦିନ ପରେ ସେ ମାତୃତ୍ୱର ମହିମାରେ ଗୌରବାନ୍ୱିତା ହେବେ । ସେଇ ତ ନାରୀ ଜନ୍ମର ସାର୍ଥକତା । କମଳ ମହାରଣାର କଳ୍ପନା ଗୁରୁକନ୍ୟା ଯଦି ଆଜି ସ୍ୱାମୀ ଗୃହରେ ଥାଇ ନିଜକୁ ନିର୍ବାସିତ ମନେ କରୁଥାଏ, ତେବେ କାଲି ସେ ମାତୃତ୍ୱର ମହିମାରେ ଜୀବନର ସାର୍ଥକତା ଉପଲବ୍ଧି କରିବ । କମଳ ମହାରଣାର ହୃଦୟ ତା' ପାଇଁ ଅଶାନ୍ତି କାହିଁକି — ଅସ୍ଥିର କାହିଁକି ?

କୋଣାର୍କ ଶେଷ ପ୍ରାୟ । ବରଂ ବଧୂ ଚନ୍ଦ୍ରଭାଗାକୁ କଳ୍ପନାରେ ପ୍ରତ୍ୟକ୍ଷ କରି ସେ ଜୀବନର ଅନେକ ଅପୂର୍ଣ୍ଣତା ଭିତରେ କୋଣାର୍କ ମନ୍ଦିରରେ ସଂପୂର୍ଣ୍ଣତାର ସ୍ୱର୍ଗ ଦେବ । କମଳ ମହାରଣାର ହୃଦୟ ଗୋଟାଏ କଳ୍ପିତ ବନ୍ଧନରୁ ନିମିଷକରେ ମୁକ୍ତ ହୋଇଗଲା । ନୃତ୍ୟଗୁରୁ ତା'କୁ ଲକ୍ଷ୍ୟ କରୁ କରୁ ଭାବିଲେ — ଶିଳ୍ପୀର କଳ୍ପିତ ବନ୍ଧନରୁ ଶିଳ୍ପୀକୁ ବିମୁକ୍ତ କରିବା ପାଇଁ ଗୋଟିଏ ପିତୃ ହୃଦୟକୁ ଯେ ଶିଳାଖଣ୍ଡ ଭଳି ଖଣ୍ଡ ଖଣ୍ଡ କାଟି ତ୍ୟାଗର ମନ୍ଦିରଟିଏ ଗଢ଼ିବାକୁ ପଡ଼ିଲା ସେ କଥା ଶିଳ୍ପୀ ବା ବୁଝିବ କ'ଣ ।

ବଙ୍ଗୋପସାଗରର ନୀଳ ଜଳ ରାଶିରେ ଦୋହଲି ଦୋହଲି ଦକ୍ଷିଣକୁ ଭାସି ଭାସି ଚାଲିଛି କଳିଙ୍ଗ କନ୍ୟା । ଶିଳ୍ପୀର ଦୃଷ୍ଟି ସମ୍ମୁଖରେ ଗୋଟାଏ କୁହୁଡ଼ିର ପରଦା ଭାସି ବୁଲୁଛି । ଅସ୍ପଷ୍ଟ ଜଳକଣାରେ ସେ ପରଦା ଆକାଶର ମେଘକୁ ଆଉରି ଅସ୍ପଷ୍ଟ କରିଦେଇଛି । ବାହାରେ ଯେ ଏତେ ବର୍ଷା ଆଉ ବତାଶ, ସେ କଥା ଶିଳ୍ପୀ ଜାଣିବ କେମିତି ? ତା'ର ଆଖିରେ ଯେ ବର୍ଷା ଆଉ ହୃଦୟର ବତାଶ ଯାତ୍ରାରମ୍ଭ ପରଠାରୁ ଲାଗି ରହିଛି ।

ବୋଇତ ଭିତରେ ସମସ୍ତେ ହଠାତ୍ ଇଷ୍ଟନାମ ସ୍ମରଣ କରୁଛନ୍ତି । ଆଖି ଆଗରେ ବିପଦ ଘନେଇ ଆସୁଛି । ଦୂରରେ ଗୋଟାଏ ବିରାଟ ଝଡ଼ ସୃଷ୍ଟି ହୋଇଛି । ପ୍ରବଳ ବେଗରେ ଝଡ଼ଟା ମାଡ଼ି ଆସୁଛି । ବାତ୍ୟାରେ ଆଲୋଡ଼ିତ ହୋଇ ସମୁଦ୍ର ସ୍ରୋତରେ ତିମିଙ୍ଗିଳଟିଏ ବୋଇତ ଆଡ଼କୁ ଛୁଟିଆସୁଛି । ଝଡ଼ଠାରୁ ତିମିଙ୍ଗିଳ ଆଉରି ଭୟଙ୍କର ମନେ ହେଉଛି । ବାତ୍ୟା ହୁଏତ ଦିଗ ପରିବର୍ତ୍ତନ କରିପାରେ — ନଚେତ୍ ଥମିଯାଇପାରେ । ମାତ୍ର ତିମିଙ୍ଗିଳ ଏକମୁହାଁ ହୋଇ ଦୃଢ଼ ନିଷ୍ପତ୍ତି ନେଲାଭଳି ବୋଇତ ଆଡ଼କୁ ଛୁଟି ଆସୁଛି । ସମୁଦ୍ରର ସ୍ଥିର ଜଳକୁ ତିମିଙ୍ଗିଳ ଡେଉରେ

Digitized by srujanika@gmail.com

ପରିଣତ କରି ବୋଇତର ନିକଟତର ହେଉଛି । କେତୋଟି ମୁହୂର୍ତ୍ତରେ ପରେ ତିମିଙ୍ଗିଳର ଗର୍ଭରେ ବୋଇତଟି ପଶିଯାଇ ସମାଧି ଲଭିବ । ତା'ସହ ସମାଧି ଲିଭିବେ କଳିଙ୍ଗର କେତୋଟି ଶିଳ୍ପୀ ପରିବାର, କଳିଙ୍ଗର କଳା, ସଂସ୍କୃତି, ଐତିହ୍ୟର ମେରୁଦଣ୍ଡ, ମୂର୍ତ୍ତିକଳାର ଶିଳ୍ପୀ, ନୃତ୍ୟ ଶିଳ୍ପୀ, ସଙ୍ଗୀତ ଏବଂ ବାଦ୍ୟଯନ୍ତ୍ର ଶିଳ୍ପୀ, ବଣିକ, ଏବଂ କଳିଙ୍ଗର ଅଜସ୍ର କାରୁଶିଳ୍ପୀ ସଲୀଳ ସମାଧି ଲଭିବ । ବୋଇତ ଭିତରେ ଆସନ୍ନ ମୃତ୍ୟୁର ଆତଙ୍କରେ ସମସ୍ତେ ମ୍ରିୟମାଣ, କେବଳ ଜଣକୁ ଛାଡ଼ି । ସେ ନିର୍ବିକାର, ମୃତ୍ୟୁଠାରୁ ବଳି ଦୁଃଖକୁ ସେ ଜୟକରି ଆସିଛି । ମୃତ୍ୟୁଦଣ୍ଡ ସେ ଦୁଃଖ ଆଗରେ କେଡ଼େ ତୁଚ୍ଛ !

ସମସ୍ତେ ଚିନ୍ତା କରୁଛନ୍ତି, ତିମିଙ୍ଗିଳଠାରୁ ବୋଇତଟି ରକ୍ଷା ପାଇବ କିପରି ? କେହି ଜଣେ କହିଲା, ଉପାୟ ଅଛି, ମାତ୍ର କରିବ କିଏ ?

— କ'ଣ ? କ'ଣ ଉପାୟ, ସମସ୍ତେ ସମସ୍ୱରରେ ଚିତ୍କାର କରି ଉଠିଲେ । ଆଉ ଅଳ୍ପକ୍ଷଣ ପରେ ଏ ସବୁ ଆଲୋଡ଼ନ ଶାନ୍ତ ହୋଇଯିବ — ସବୁ ଶେଷ ହୋଇଯିବ । ତା' ପୂର୍ବରୁ ବଞ୍ଚିବାର ଶେଷ ଚେଷ୍ଟା କରିବା ପାଇଁ କିଏ ପଛଘୁଞ୍ଚା ଦେବ ?

— ଉପାୟ ଅତି ନିଷ୍ଠୁର — ଅତ୍ୟନ୍ତ କଷ୍ଟକର । ଜଣେ ନିଷ୍ପାପ କିଶୋରୀକୁ ଯଦି ତିମିଙ୍ଗିଳର ସମ୍ମୁଖକୁ ଫିଙ୍ଗି ଦିଆଯାଏ ତେବେ ସେତିକିରେ ତିମିଙ୍ଗିଳ ତ ଶାନ୍ତ ହୋଇଯିବ ସମୁଦ୍ର ଝଡ଼ ମଧ୍ୟ ଶାନ୍ତ ହୋଇଯିବ ।

କଥାରେ ସତ୍ୟାସତ୍ୟ ପରୀକ୍ଷା କରିବାର ଅବସର ନାହିଁ । ସମସ୍ତେ ଏକ ପ୍ରାଣରେ ଭାବୁଥିଲେ ଏକ୍ ସଙ୍ଗେ ମରିବା ଅପେକ୍ଷା ଜଣକର ମୃତ୍ୟୁ ଶ୍ରେୟସ୍କର । କିନ୍ତୁ କିଏ ସେଇ କିଶୋରୀ ? ଏ ଭିତରେ ମା'ମାନେ ନିଜ ନିଜର କିଶୋରୀ କନ୍ୟାମାନଙ୍କୁ ବ୍ୟାକୁଳ ଆଲିଙ୍ଗନରେ ବାନ୍ଧି ପକାଇଛେଣି । ସେମାନେ ଦୃଢ଼ ପ୍ରତିଜ୍ଞ, ''ନା — ମରିବି ପଛକେ ମୋ ଝିଅକୁ ଛାଡ଼ିବି ନାହିଁ । ସମସ୍ତଙ୍କ ସଙ୍ଗେ ଝିଅ ମରୁ, କିନ୍ତୁ ଝିଅ ପରି ସମସ୍ତେ ବଞ୍ଚିରହିବା ବରଦାସ୍ତ କରିବନି ।'' ନିଜ ନିଜର ଝିଅମାନଙ୍କୁ କୁଣ୍ଢେଇ ବିକଳ ବାହୁନାରେ ଫାଟି ପଡ଼ିଲେ ମା'ମାନେ ।

ନିରାଶ୍ରୟ କୋମଳ ଚାରାଗଛଟିଏ ଭଳି ଏକା ହେଇ ବସିଥାଏ ଶିଳ୍ପା । ତା' ପାଖରେ ମା' ନାହିଁ — ବାପା ନାହାନ୍ତି । ତାକୁ କୋଳରେ ଜାକି ମୃତ୍ୟୁକୁ ହସିହସି ଆହ୍ୱାନ କରିବା ଭଳି ନିଜର ମଣିଷ କେହି ନାହାନ୍ତି ଏ ବୋଇତରେ । ସମସ୍ତଙ୍କର ଦୃଷ୍ଟି ତାରି ଉପରେ ସ୍ଥିର । ସେ ଦୃଷ୍ଟି କାତର, ଅସହାୟ, ଅନୁନୟଭରା । ଶିଳ୍ପାର ମନେହେଲା ଏମାନେ ସମସ୍ତେ ତାଠାରୁ ବି ବେଶୀ ଅସହାୟ । ଆଜି ଏଇ ଆସନ୍ନ ମୃତ୍ୟୁର ଅସହାୟ ମୁହୂର୍ତ୍ତରେ ଏମାନଙ୍କର ସହାୟ ହୋଇପାରେ ଏକମାତ୍ର ଜଣେ — ସେ ଶିଳ୍ପା ।

Digitized by srujanika@gmail.com

ଶିଳ୍ପାର ସମସ୍ତ ଅସହାୟତା ଦୂର ହୋଇଗଲା । ସେ ନିର୍ଭୟ ନିଶ୍ଚଳ ଦୃଢ଼ ପ୍ରତିଜ୍ଞ ହୋଇ ସମୁଦ୍ର ଲହଡ଼ି ଭିତରେ ଛୁଟି ଆସୁଥିବା ଭୟଙ୍କର ତିମିଙ୍ଗିଳକୁ ଚାହିଁଲା । ଆଉ ମୁହୂର୍ତ୍ତଟିଏ — ତା'ପରେ — ସବୁ ଶେଷ ହୋଇଯିବ । ଶିଳ୍ପା ଆଉରି ନିର୍ଭୟ ହୋଇ ଠିଆ ହେଲା ।

ପିତୃପ୍ରତିମ ଦାଦା ସୁଦରଙ୍କର ଦୁଇଟି ପ୍ରସାରିତ ବାହୁ କିଶୋରୀ ଶିଳ୍ପାକୁ ନିର୍ଭୟ ଆଶ୍ରୟ ଭିତରକୁ ଆହ୍ୱାନ କରୁଥିଲା ।

ଶିଳ୍ପା ମା' ଗଙ୍ଗେଶ୍ୱରୀଙ୍କୁ ସ୍ମରଣ କରି ଆଖି ବୁଜିଦେଲା ।

ନିମିଷକରେ ଦୁଇଟି ପ୍ରସାରିତ ଉରାଞ୍ଚବାହୁ ତାକୁ ଆବୁଜ ଆଲିଙ୍ଗନରେ ନିଶ୍ଚିହ୍ନ କରିଦେଲା ।

ନୃତ୍ୟଗୁରୁଙ୍କୁ ମିଥ୍ୟା କହିବାର ଅପରାଧରେ ଭାଗି ହେବାକୁ ପଡ଼ିଲା ନାହିଁ । ଫେରନ୍ତି ବଣିକମାନଙ୍କ ହାତରେ ସମ୍ବାଦ ଆସିଲା 'କଳିଙ୍ଗ କନ୍ୟା'ର ଉଦ୍ଧାର ପାଇଁ କିଶୋରୀ ଶିଳ୍ପା ତିମିଙ୍ଗିଳର ସମ୍ମୁଖକୁ ଲମ୍ଫ ପ୍ରଦାନ କରି ସମୁଦ୍ର ଗର୍ଭରେ ବିଲୀନ ହୋଇଛି । ରତ୍ନାକରର ଅମୂଲ୍ୟ ଗନ୍ତାଘରେ ସେ ମଣିଟିଏ ହୋଇ ସଞ୍ଚିତ ହୋଇଥିବ ପରା ।

ପିତାଙ୍କର କଥା ରକ୍ଷା କରି କଳିଙ୍ଗର ଶିଳ୍ପ ଏବଂ ଶିଳ୍ପକଳାର ସୁରକ୍ଷା ପାଇଁ ଶିଳ୍ପା ଆତ୍ମଦାନ କରିଛି ।

ନୃତ୍ୟଗୁରୁ ସ୍ଥିର ଅବିଚଳ ଭାବରେ କମଳ ମହାରଣାକୁ ପ୍ରଶ୍ନ କରୁଥିଲେ — ପାରିବ ଶିଳ୍ପୀ ? କୋଣାର୍କର ପବିତ୍ରତା ରକ୍ଷାକରିବା ପାଇଁ, କୋଣାର୍କ ସଂପୂର୍ଣ୍ଣତା ପାଇଁ ଏକ ନିଷ୍ପାପ କିଶୋରୀର ଆତ୍ମାହୁତିର ଚିତ୍ର ଉତ୍କୀର୍ଣ୍ଣ କରିପାରିବ କୋଣାର୍କ ଗାତ୍ରରେ ?

କମଳ ମହାରଣାର ନିହାଣ ସ୍ଥିର ହୋଇଯାଇଥିଲା । ସେ ଭାବୁଥିଲା — କୋଣାର୍କ ଏକ ମହାନ୍ ତ୍ୟାଗର ମନ୍ଦିର । ଧର୍ମଦେବତାଙ୍କ ପୂଜାଦେବୀ ତଳେ ଅନେକ ତ୍ୟାଗର କାହାଣୀ ଝରିଯାଇଛି । ତା' ସତ୍ତ୍ୱେ ଏମିତି ଏକ ମହାନ୍ ତ୍ୟାଗକୁ କୋଣାର୍କର ମୁଣ୍ଡି ମାରିବା ଯେମିତି ଅପେକ୍ଷା କରିଥିଲା । ଏ ତ୍ୟାଗର ଚିତ୍ର କମଳ ମହାରଣାର ହୃଦୟ ବେଦୀରେ ଉତ୍କୀର୍ଣ୍ଣ ହୋଇଛି ସିନା, କୋଣାର୍କର ଶିଳାଖଣ୍ଡରେ ଉତ୍କୀର୍ଣ୍ଣ କରିବା ପାଇଁ ତା'ର ଶକ୍ତି କାହିଁ ? କଳ୍ପନା ବିନା କଳା ଯେ ଅପୂର୍ଣ୍ଣ — ନିଷ୍ପ୍ରାଣ ।

ନିଷ୍ପ୍ରାଣ ମୂର୍ତ୍ତି ଭଳି କମଳ ମହାରଣା ନୃତ୍ୟଗୁରୁଙ୍କ ସମ୍ମୁଖରେ ମୁଣ୍ଡ ଝୁଙ୍କାଇ ଠିଆ ହୋଇଥିଲା ।

Digitized by srujanika@gmail.com

—ଏଗାର—

ସେଦିନ ସାଇଁ ସାଇଁ ବରହମ୍‌ପୁର ଆଢ଼ିର ବୟାଳିଶି ବାଟି ମୌଜା । ସାଇଁ ସାଇଁ ବରହମପୁରରେ ବୟାଳିଶି ବାଟି ସମ୍ପତ୍ତି ସାମନ୍ତ ରାଜାଙ୍କ ଅଧୀନରେ ଥିଲା । ସେଇଥିପାଇଁ ହୁଏତ ଗ୍ରାମଟିର ଏ ନାମକରଣ ।

ଗୋପ ବଜାରରେ ବସ୍‌ରୁ ଓହ୍ଲାଇ ଧୂଳି ଧୂସରିତ ଗାଁ ରାସ୍ତାରେ ତିନି କିଲୋମିଟର ଚାଲି ଚାଲି ବୟାଳିଶ ବାଟି ଗାଁ ଭିତରେ ଅବସ୍ଥିତ ଗଙ୍ଗେଶ୍ୱରୀ ମନ୍ଦିରରେ ମା'ଙ୍କର ଦର୍ଶନ ସାରି ଫେରୁଥାନ୍ତି ଚାର୍ଲସ ଏବଂ ପ୍ରାଚୀ । ସେଦିନର ଗଙ୍ଗବଂଶର ଇଷ୍ଟଦେବୀ ମା' ଗଙ୍ଗେଶ୍ୱରୀଙ୍କ ମନ୍ଦିର ଆଜି ପରିତ୍ୟକ୍ତ ପ୍ରାସାଦ ଭଳି ଅଯତ୍ନରେ ପଡ଼ିରହିଛି । ମନ୍ଦିରଟି ସାପ, ଗୋଧ୍ ଏବଂ ମୂଷାଙ୍କର ବାସସ୍ଥାନ ହେଇଛି ।

ଅଶୀବର୍ଷ ବୟସ୍କ ପୂଜକ ବଳଦେବ ପାଢ଼ୀ ମନ୍ଦିର ଚଟାଣରେ କୂର୍ମ ଭଳି ବସିଥାନ୍ତି ମୁହଁଟି ଗରୁଡ଼ ଭଳି ଆଗରୁ ବାହାରିଥାଏ । ବଗଥଣ୍ଡ ଭଳି ଲମ୍ବା ନାକଟି ସଂସାର ପ୍ରତି ଘୋର ବିତୃଷ୍ଣାଭାବରେ କୁଞ୍ଚିତ ହୋଇଯାଇଥାଏ । ମନ୍ଦିର ସମ୍ପର୍କରେ କୌଣସି କାହାଣୀ କିମ୍ବଦନ୍ତୀ ଚାର୍ଲସ ଏବଂ ପ୍ରାଚୀ ସମ୍ମୁଖରେ ବର୍ଣ୍ଣନା କରିବାରେ କୌଣସି ଆଗ୍ରହ ନ ଥାଏ ମନରେ । କି ଲାଭ ସେଥିରେ ? ମା' ଗଙ୍ଗେଶ୍ୱରୀଙ୍କ ମହିମାର କାହାଣୀ କିମ୍ବଦନ୍ତୀ କେତେ କେତେ ସହରୀ ବାବୁଙ୍କୁ ସେ ଶୁଣାଇଛି ଜୀବନସାରା । କେହି କ'ଣ ମନ୍ଦିର ମରାମତି କରିବା ପାଇଁ କିଛି ପ୍ରଚେଷ୍ଟା କରିଛନ୍ତି ? ସେଇ ଯେ କଳିଙ୍ଗଶିଳ୍ପୀ ପଥର ଉପରେ ପଥର ଥୋଇ ରାତାରାତି ମନ୍ଦିର ଗଢ଼ିଥିଲେ, ବାସ୍ ସେତିକି । ରାତି ପାହିଗଲା । ମୁଣ୍ଡି ମାରିପାରିଲେ ନାହିଁ । ତା'ପରଦିନଠୁ ଆରମ୍ଭ ହେଲା କୋଣାର୍କ ମନ୍ଦିରର କାର୍ଯ୍ୟ । ମା' ଗଙ୍ଗେଶ୍ୱରୀଙ୍କ ମନ୍ଦିରରେ ଦଧିନଉତି ଆଉ ବସିନାହିଁ । ସେଇଥିପାଇଁ କୋଣାର୍କ ମନ୍ଦିର ଭୁଷୁଡ଼ି ପଡ଼ିଲା । ମା'କୁ ଭୁଲିଗଲେ ସବୁ କୀର୍ତ୍ତି ଏମିତି ଭୁଷୁଡ଼ି ପଡ଼େ — ସେ କଥା କେହି ଏବେ ମଧ୍ୟ ବୁଝିଲେଣି ?

ପୂଜକ ବଳଦେବ ପାଢ଼ୀଙ୍କୁ ପ୍ରଣାମ ଜଣାଇ ମନ୍ଦିରରୁ ବାହାରି ଆସୁ ଆସୁ ପ୍ରାଚୀପ୍ରଭା ଭାବୁଥିଲା ପୂଜକଙ୍କର ଅଭିଯୋଗଭରା ଶେଷ ବାକ୍ୟଟିର ଭାବାର୍ଥ କେତେ ଗଭୀର ଆଉ ସତ୍ୟ !

ଫେରନ୍ତି ରାସ୍ତାରେ ଚାଲୁ ଚାଲୁ ଚାର୍ଲସ କହିଲା — ଶିଳ୍ପର ତ୍ୟାଗପୂତ କାହାଣୀ ଇତିହାସ ଲେଖିନାହିଁ । ତଥାପି ତମକୁ ଦେଖି ଭାବୁଛି ଆଦର୍ଶ ଏବଂ ମୂଲ୍ୟବୋଧ ପାଇଁ ପ୍ରାଣପାତ କରିବା ଭଳି ଅଭିମାନୀ ଝିଅ ଏ ଦେଶରେ ଜନ୍ମ ନେଇଥିବା ଖୁବ୍ ବେଶି ସମ୍ଭବ । ମୂଲ୍ୟବୋଧ କଥାଟା ଏ ଦେଶରେ ସଂପୂର୍ଣ୍ଣ ଲୋପ ପାଇଯାଇ ନାହିଁ । ତା'ନହେଇଥିଲେ

Digitized by srujanika@gmail.com

ଅଶୀବର୍ଷର ବୃଦ୍ଧ ପୂଜକ ଗଙ୍ଗେଶ୍ୱରୀଙ୍କ ମନ୍ଦିର ମରାମତିପାଇଁ ନିବେଦନ ନଜରି ନିଜ ପାଇଁ କିଛି ଭିକ୍ଷା କରନ୍ତା । ସେ ତ ଜାଣେ ତା'ର ଦିନକାଳ ଶେଷ ହେଇଛି । ଏଣିକି ଗଙ୍ଗେଶ୍ୱରୀ ମନ୍ଦିର ଭୁଷୁଡ଼ି ପଡ଼ିଲେ ବି ତା'ର କି ଯାଏ ଆସେ ?

ଗାଁ ମୁଣ୍ଡ ଟୁଙ୍ଗୀଘର ପାଖରେ ସେମାନେ ପହଞ୍ଚିଲେ । ବାଉଁଶ କବାଟ ଖୋଲି ଭାଗବତ ପୋଥି ଏବଂ ଜଗନ୍ନାଥଙ୍କ ବିଗ୍ରହକୁ ପ୍ରଣାମ ଜଣାଇ ପୁଣି କବାଟ ବନ୍ଦକଲା ପ୍ରାଚୀ । ବାହାରେ ଝାଞ୍ଜି ପିଟୁଥାଏ । ଗାଁମୁଣ୍ଡ ମଶାଣୀ ଶୁନ୍‌ଶାନ୍ ଲାଗୁଥାଏ । ଖରାରେ ଝାଇଁ ଝାଇଁ କରୁଥାଏ ମଶାଣୀର ମଲାଘାସ । କେତେଟା ଲଙ୍ଗଳ ପିଲା ଉଦୁଉଦିଆ ଖରାରେ ଗୋରୁ ଛାଡ଼ିଦେଇ ବାଟୁଳିଖଡ଼ାରେ ଖେଳୁଥାନ୍ତି । ଟୁଙ୍ଗୀଘରକୁ ଲାଗି ଝଙ୍କା ବରଗଛ ମୂଳ ଚିକ୍‌କଣ ହେଇ ଲିପାପୋଛା ହେଇଛି । ତା'ରି ତଳେ ଗାଁ ଲୋକେ ଏଜାଠି ହୁଅନ୍ତି ସଞ୍ଜବେଳେ । ସେଇଠି ଥକ୍‌କାମରା ହେଇ ବସିପଡ଼ିଲା ପ୍ରାଚୀ । ଚାର୍ଲସ ନରମ କଣ୍ଠରେ କହିଲା — ଖରାରେ ଚାଲି ଚାଲି ଗଙ୍ଗେଶ୍ୱରୀ ମନ୍ଦିରକୁ ବାଟ କଡ଼ାଇ ଆଣିବା ଯୋଗୁଁ ଖୁବ୍ କଷ୍ଟ ପାଇଲ ତମେ । ମୁଁ ଖୁବ୍ ଦୁଃଖିତ । ପ୍ରାଚୀ ହସିଦେଇ କହିଲା — ଅବଶ୍ୟ ଗଙ୍ଗେଶ୍ୱରୀ ମନ୍ଦିରକୁ ମୁଁ ବହୁବାର ଆସିଛି । କିନ୍ତୁ ଏଥରର ଅନୁଭୂତି ସ୍ୱତନ୍ତ୍ର ।

— କେମିତି ? ଚାର୍ଲସ ପ୍ରଶ୍ନ କଲା ।

ପ୍ରାଚୀ ଉଦାସ କଣ୍ଠରେ କହିଲା — ସେତେବେଳେ ଶିଳ୍ପାକୁ ଚିହ୍ନି ନ ଥିଲି । ଏଥର ମୁଁ ମନ୍ଦିର ଭିତରେ ଶିଳ୍ପାର ବିରହୀ ଆତ୍ମାକୁ ଖୋଜୁଥିଲି ।

— ପାଇଲ ?

— ହଁ ।

— କେଉଁଠି ? ଚାର୍ଲସର ବିସ୍ମୟଭରା ପ୍ରଶ୍ନ ।

— ନିଜ ଭିତରେ । ପ୍ରାଚୀପ୍ରଭା ଅନାୟାସରେ କହିଦେଲା ଏବଂ ପରକ୍ଷଣରେ ନିଜକୁ ସଂଶୋଧନ କରିନେଲା । ହସିଦେଇ ପୁଣି କହିଲା — ପୋଥି ପଢୁ ପଢୁ ଶିଳ୍ପାର କାହାଣୀ ମତେ ଏମିତି ଅଭିଭୂତ କରିଛି ଯେ, ମୁଁ ଶିଳ୍ପା ଭିତରେ ନିଜକୁ ହଜାଇ ଦେଇଛି ।

— କିମ୍ବା ତମ ଭିତରେ ଶିଳ୍ପାର ସନ୍ଧାନ ମିଳିଯାଇଛି । ଚାର୍ଲସ ଓଠଚିପି ହସିଲା ।

— ଏକାକଥା । ପ୍ରାଚୀପ୍ରଭା ଉଠିପଡ଼ିଲା ଏବଂ ଚାଲିବାକୁ ଆରମ୍ଭ କଲା । ଚାର୍ଲସ ସେମିତି ଠିଆ ହୋଇଥାଏ ଦାର୍ଶନିକ ଭଳି । ପ୍ରାଚୀ କେତେ ପାଉଣ୍ଡ ଆଗେଇଯାଇ ପଛକୁ ଫେରି ଚାହିଁଲା ଏବଂ ପ୍ରଶ୍ନ କଲା — କ'ଣ ଭାବୁଛ ?

Digitized by srujanika@gmail.com

ଚାର୍ଲସ ମଶାଣୀ ଆଡ଼କୁ ଚାହିଁ ଗଭୀର ସ୍ୱରକୁ ଧୀରକରି କହିଲା — ଭାବୁଛି ଭାରତର ଗାଁ ମୁଣ୍ଡରେ ପହଞ୍ଚିବା ମାତ୍ରେ ଜୀବନର ଦୁଇଟି ସତ୍ୟ କେଡ଼େ ପ୍ରତ୍ୟକ୍ଷଭାବେ ମଣିଷ ଉପଲବ୍ଧି କରିପାରେ ।

— ସେ କ'ଣ ?

— ଈଶ୍ୱର ଏବଂ ମୃତ୍ୟୁ । ଗାଁ ମୁଣ୍ଡରେ ମଶାଣୀ ଏବଂ ତା'ପରେ ଭାଗବତ ଟୁଙ୍ଗୀ ନଚେତ୍ ଗ୍ରାମଦେବତୀ । ବିଭ୍ରାନ୍ତ ପଥିକ ଘୂରି ଘୂରି ଆସି ଗାଁ ମୁଣ୍ଡର ଏଇ ବରଗଛତଳେ କ୍ଷଣେ ବସିପଡ଼ିଲେ ଜୀବନକୁ କେତେ ସହଜରେ ଉପଲବ୍ଧି କରିପାରେ କୁହ ତ ! ମୁଁ ତ ଭାବେ ଭାରତର ସବୁଗଛଗୁଡ଼ିକ ବୋଧିଦ୍ରୁମ ହୋଇଥିବ ।

— ତମେ ଯେ ଭାରତକୁ ଭଲପାଇ ବସିଛ, ସେତିକିରେ ମୋର କ୍ଲାନ୍ତି ମେଣ୍ଟିଗଲାଣି । ଅଥଚ ଆସ ଚାର୍ଲସ, ସନ୍ଧ୍ୟା ପୂର୍ବରୁ ବସ୍ ଧରିବାକୁ ହେବ । ପ୍ରାଚୀ ଚଞ୍ଚଳା ବାଳିକାଟିଏ ଭଳି ହିଡ଼ ଉପରେ ଡେଇଁ ଡେଇଁ ଚାଲିବାକୁ ଆରମ୍ଭ କଲା । ପଛେ ପଛେ ଚାର୍ଲସ । ସେ ସ୍ୱଗତୋକ୍ତି କଲା — ହଁ, ମୁଁ ଭାରତକୁ ଭଲପାଇ ବସିଛି; କାରଣ ତା' ଭିତରେ ଅଛ ତମେ, ତମର ସଂସ୍କୃତି, ତମର ଆଦର୍ଶ ଆଉ ମୂଲ୍ୟବୋଧ ।

ପ୍ରାଚୀ ଧୀରେ ଧୀରେ ନୃତ୍ୟମୟୀ ସ୍ରୋତସ୍ୱିନୀଟିଏ ଭଳି ବହିଯାଉଥାଏ ଆଗକୁ ଆଗକୁ । ତା'ର ମୃଦୁ ମଧୁର ସ୍ରୋତରେ ଚାର୍ଲସ ଭାସିଯାଉଥାଏ ଅକଳ୍ପନୀୟ ଆନନ୍ଦର ସ୍ୱପ୍ନାଲୋକକୁ ।

ସେଦିନର ପୋଥିପଢ଼ା ଆରମ୍ଭ କରିବା ପୂର୍ବରୁ ଚାର୍ଲସ କହିଲା — ମୁଁ ଚନ୍ଦ୍ରଭାଗାକୁ ଖୋଜି ଖୋଜି ରାତିସାରା ଘୂରୁଛି । ମୋର ବିଶ୍ୱାସ ତା'ର ଆତ୍ମା କୋଣାର୍କର ବାୟୁମଣ୍ଡଳରେ ଏବେ ବି ଘୂରି ବୁଲୁଥିବ । ଚନ୍ଦ୍ରଭାଗାକୁ ଖୋଜୁ ଖୋଜୁ ମୁଁ ବେଳେବେଳେ ସେଇ ଛାୟା ମୂର୍ତ୍ତିକୁ ଦେଖୁଛି । ପ୍ରକୃତରେ ଚନ୍ଦ୍ରଭାଗା ସହ ଛାୟାମୂର୍ତ୍ତିର କ'ଣ କିଛି ସମ୍ପର୍କ ଥାଇପାରେ ?

ବିଷ୍ଣୁ ମହାରଣା ଉଦାସ ଦୃଷ୍ଟିରେ ଶୂନ୍ୟକୁ ଚାହିଁ କହିଲେ — ହୁଏତ ସାତଶହ ବର୍ଷ ଧରି ଚନ୍ଦ୍ରଭାଗା ଅତୃପ୍ତ ଆତ୍ମା ଅମୋକ୍ଷ ହେଇ ବୁଲୁଛି ।

— ଚନ୍ଦ୍ରଭାଗା ମୃତ୍ୟୁବରଣ କଲା କେମିତି ? ପ୍ରାଚୀପ୍ରଭା ବିବ୍ରତ ହୋଇ ପ୍ରଶ୍ନ କଲା । ସତେବା ବା ସେ ଭାବିଥିଲା ସାତଶହ ବର୍ଷ ଧରି ଚନ୍ଦ୍ରଭାଗା ବଞ୍ଚିରହିଛି । ଏବେ ମଧ୍ୟ ସେ କମଳ

Digitized by srujanika@gmail.com

ମହାରଣା ପାଇଁ ପ୍ରତୀକ୍ଷାମାଣା ମୂର୍ତ୍ତିଟିଏ । କୋଣାର୍କର ଶିଳାଖଣ୍ଡରେ, ସେଇ ମୂର୍ତ୍ତି ଭିତରେ ବିଦେହୀ ଆତ୍ମାଟିଏ ଏବେ ବି ଯେମିତି ଦୀର୍ଘଶ୍ୱାସ ଟୋଳୁଛି ।

ବିଷ୍ଣୁ ମହାରଣା ରହସ୍ୟମୟ ହସି ହସି କହିଲା — କିଏ ଜାଣେ ଚନ୍ଦ୍ରଭାଗା ଏବେ ମଧ୍ୟ ବଞ୍ଚି ନ ରହିଛି ବୋଲି ! ଅରଣ୍ୟ ଭିତରୁ ସେଇ ଯେ ସେ ଅନ୍ତର୍ଦ୍ଧାନ ହେଇଗଲା, ତାପରେ ଆଉ ତା'ର ସନ୍ଧାନ ରାଜା ନରସିଂହ ମଧ୍ୟ ପାଇଲେ ନାହିଁ ।

— ହୁଏତ ନରସିଂହ ଦେବ ବିଧିବଦ୍ଧଭାବେ ଅନୁସନ୍ଧାନ କରିନାହାନ୍ତି । ଚାର୍ଲସ ଅଭିଯୋଗଭରା କଣ୍ଠରେ କହିଲା ।

ବିଷ୍ଣୁ ମହାରଣା ଚିନ୍ତିତ ହେଲା ଭଳି କହିଲା — ସେଥିପାଇଁ ଅବସର ବା ମିଳିଲା କେଉଁଠୁ ? ଚନ୍ଦ୍ରଭାଗା ଅନ୍ତର୍ଦ୍ଧାନ ପରଠାରୁ ମହାରାଜ ଯେତେବେଳେ ଅନ୍ଧାରି ବିଜେ କରିଛନ୍ତି, ଅନ୍ଧାରେ ଅନ୍ଧାରେ ଜନପଦ, ଗିରି-ବନ କାନ୍ତାର ଖୋଜିଛନ୍ତି ସେଇ ଅଭାଗିନୀ କିଶୋରୀକୁ । ଅଧିକ ଅନୁସନ୍ଧାନ ପାଇଁ ସ୍ୱତନ୍ତ୍ର ଦୂତ, ଦଣ୍ଡପାଶ ନିଯୁକ୍ତି ଦେଲେ । ଖୋଜିବା ଶେଷ ହେଇନି — ମହାରାଜ ପୁଣି ଥରେ ରଣକ୍ଷେତ୍ରରେ ଝାମ୍ପ ଦେଲେ ।

ସେନାପତି ରାମଗୋବିନ୍ଦ, ମନ୍ତ୍ରୀ ଶିବ ସାମନ୍ତରାୟ, ସୁରୁ ମହାସେନାପତି ପରାମର୍ଶ ଦେଲେ — କିଛିଦିନ ବିଶ୍ରାମ କରନ୍ତୁ ମହାରାଜ, ଆରାମ କରନ୍ତୁ । ଉତ୍ତର ସୀମାରେ ଶତ୍ରୁ ଶଙ୍କିତ ହେଇ ରହିଛି । ରାଜ୍ୟରେ ସର୍ବତ୍ର ସୁଖ ଶାନ୍ତି ବିରାଜୁଛି । କୋଣାର୍କ ସୂର୍ଯ୍ୟମନ୍ଦିର ଶେଷପ୍ରାୟ । ଆଉ ଯୁଦ୍ଧର ପ୍ରୟୋଜନ କ'ଣ ?

ନରସିଂହ ଦେବ ସିଂହ ବିକ୍ରମରେ ଉତ୍ତର ଦେଇଥିଲେ — ଉତ୍କଳୀୟ ପାଇକ ଯୁଦ୍ଧପ୍ରିୟ ନୁହେଁ — କିନ୍ତୁ ଯୁଦ୍ଧକୁ ସେ ଭୟ କରେନା । ଆକ୍ରମଣର ପ୍ରତିଆକ୍ରମଣ କରି ସେ ନିଶ୍ଚିନ୍ତ ମନରେ ନିଦ୍ରା ଯାଏନା । ନିଜେ ଆକ୍ରମକ ହୋଇ ଶତ୍ରୁ ସେନାକୁ ନିଜର ଶକ୍ତି, ସାହସ ଏବଂ ଯୁଦ୍ଧକୌଶଳ ସେ ଦେଖାଇବାକୁ ଚାହେଁ । ତେବେ ଯାଇ ମୁସଲମାନ ଶାସକ, ବଙ୍ଗର ନବାବ ଯୁଜ୍‌ବେଗ୍ ଏବଂ ତାଙ୍କର ସେନାବାହିନୀ ଉତ୍କଳୀୟ ଜାତିର ଅସଲ ଶକ୍ତି କଳିପାରିବେ ।

ନରସିଂହଙ୍କ ରାଜତ୍ୱର ଦ୍ୱାଦଶ ଅଙ୍କ । ନରସିଂହ ରଣବେଶରେ ସଜ୍ଜିତ ହେଲେ । ଯୁଦ୍ଧଯାତ୍ରା ପୂର୍ବରୁ ସେନାପତି 'ଆଖତାୟା'ଙ୍କୁ କହିଲେ — ଯଦି ଏ ଯୁଦ୍ଧରେ ମୋର ମୃତ୍ୟୁ ହୁଏ ତେବେ ମୋର ମୃତ୍ୟୁପରେ ସୀମାଚଳ ମନ୍ଦିରରେ ଗୋଟିଏ ବିମାନ, ଜଳସ, ମୁଖମଣ୍ଡପ ଓ ନାଟ୍ୟମଣ୍ଡପ ନିର୍ମାଣ କରିବେ ।

ଯୁଦ୍ଧଯାତ୍ରାର ଶୁଭ ଅନୁକୂଳ ଲଗ୍ନରେ ମହାରାଜଙ୍କର ଏଭଳି ଆଦେଶକୁ ସମସ୍ତଙ୍କୁ ମର୍ମାହତ କରିଥିଲା । ଏ ଲଗ୍ନରେ ମହାରାଜଙ୍କର ଏ ପ୍ରକାର ବାଞ୍ଛା ହେଲା କାହିଁକି ? ମହାରାଣୀ

Digitized by srujanika@gmail.com

ସୀତାଦେବୀ ଇଷ୍ଟଦେବୀ ମା' ଗଙ୍ଗେଶ୍ୱରୀଙ୍କୁ ସ୍ମରଣ କରି ସ୍ୱାମୀଙ୍କୁ ବିଜୟର ଟୀକା ପିନ୍ଧାଇ ବିଦାୟ ଜଣାଇଛେ ।

ବଙ୍ଗ ଦେଶରେ ଘୋର ସମର ଲାଗିଥାଏ । ଏଣେ କୋଣାର୍କର ମୁଣ୍ଡିମାରିବାର ସମସ୍ତ ଆୟୋଜନ ଚାଲିଥାଏ । ରାଜା ନରସିଂହ ହସ୍ତୀ ପିଠିରେ ବସି ପ୍ରବଳ ପରାକ୍ରମରେ ଶତ୍ରୁ ସୈନ୍ୟଙ୍କର ମୁକାବିଲା କରୁଥାନ୍ତି । ଏଣେ ମନ୍ତ୍ରୀ ଶିବ ସାମନ୍ତରାୟ ମୁଖ୍ୟ ସ୍ଥପତି ବିଶୁ ମହାରଣା ଆଉ କମଳ ମହାରଣାଙ୍କର ଅକ୍ଲାନ୍ତ ଶ୍ରମ ଓ ସାଧନାର ଚରମ ପରାକାଷ୍ଠାର ଉଦ୍‌ଯାପନ ଉତ୍ସବର ଆୟୋଜନରେ ଲାଗିପଡ଼ିଥାନ୍ତି ।

ରାଜ୍ୟ ସୀମାନ୍ତରେ ମୁସଲମାନଙ୍କୁ ଘଉଡ଼ାଇ ଦେବାର ସଂଗ୍ରାମ — ରାଜ୍ୟ ଭିତରେ ଧର୍ମଦେବତାଙ୍କୁ ମନ୍ଦିରରେ ପ୍ରତିଷ୍ଠିତ କରିବାର ପ୍ରଯତ୍ନ ଚାଲିଥାଏ ।

ଅକସ୍ମାତ୍ ସ୍ୱାଧୀନ ଉତ୍କଳର ଉଜ୍ଜ୍ୱଳ ଆକାଶରେ କଳାମେଘ ଘୋଟି ଆସିଲା । ଅଚାନକ ବଜ୍ରପାତ ହେଲା । ସମ୍ବାଦ ଆସିଲା, ଶତ୍ରୁ ମର୍ଦ୍ଦନକାରୀ ଅପରାଜେୟ ନରପତି ନରସିଂହ ଯୁଦ୍ଧ କରୁ କରୁ ମୃତ୍ୟୁବରଣ କରିଛନ୍ତି ।

ଗୌଡ଼ର ଶାସକ ୟୁଜ୍‌ବେଗ୍ ଦିଲ୍ଲୀ ସୁଲତାନ୍‌ଙ୍କୁ ସାହାଯ୍ୟ ଭିକ୍ଷା କରିଥିଲେ । ଦିଲ୍ଲୀରୁ ସାହାଯ୍ୟ ପାଇ ମୁସଲମାନ ସୈନ୍ୟ ପ୍ରବଳବେଗରେ ପ୍ରତିଆକ୍ରମଣ କରିଥିଲେ । ଜୀବନ ଭୟରେ ପଛଘୁଞ୍ଚା ଦେବା ନରସିଂହଙ୍କର ରକ୍ତରେ ଲେଖା ନାହିଁ । ରାଜା ଯୁଦ୍ଧ କରିବାରୁ କ୍ଷାନ୍ତ ହେଲେ ନାହିଁ । ଅକସ୍ମାତ୍ ଶତ୍ରୁ ସୈନ୍ୟଙ୍କ ଆଘାତରେ ମହାରାଜା ହସ୍ତୀ ପିଠିରୁ ତଳକୁ ଗଡ଼ି ଗଡ଼ି ଭୂଲୁଣ୍ଠିତ ହେଲେ । କ୍ଷତବିକ୍ଷତ ଶରୀର ରକ୍ତର ବନ୍ୟା ଭିତରେ ନିଶ୍ଚଳ ନିସ୍ପନ୍ଦ ହେଇଗଲା । ରାଜା ମୃତ ବୋଲି ନିଃସନ୍ଦେହ ହେବାପରେ ଉତ୍କଳର ସେନାବାହିନୀ ଯୁଦ୍ଧକ୍ଷେତ୍ରରୁ ଶିବିରକୁ ପଳାଇ ଆସିଲେ । ରାଜାଙ୍କର ନିସ୍ପନ୍ଦ ଶରୀରକୁ ଚାହିଁ ପଥରମୂର୍ତ୍ତି ଭଳି ଠିଆ ହୋଇଥାଏ ରାଜାଙ୍କର ପ୍ରିୟତମ ଶ୍ୱେତହସ୍ତୀ 'ନିଶଙ୍କ' । କ୍ଷୁଦ୍ର ଚକ୍ଷୁଦ୍ୱୟରୁ ଅଶ୍ରୁ ଝରି ମହାରାଜାଙ୍କ ରକ୍ତସ୍ରୋତରେ ମିଶିଯାଉଥାଏ । ପ୍ରାଣଭୟରେ ସେ କିନ୍ତୁ ଯୁଦ୍ଧକ୍ଷେତ୍ର ଛାଡ଼ି ଶିବିରକୁ ପଳାୟନ କଲା ନାହିଁ । ନରସିଂହଙ୍କ ଯୁଦ୍ଧହସ୍ତୀ ଭାବେ ଯୁଦ୍ଧକ୍ଷେତ୍ରରେ ପ୍ରାଣଦେବାଠାରୁ ନରସିଂହ ଶୂନ୍ୟ ରାଜ୍ୟରେ ବଞ୍ଚିରହିବା ଯେ ଅଧିକ ଗୌରବମୟ ନୁହେଁ, ଏକଥା ହୁଏତ ସେ ହୃଦୟଙ୍ଗମ କରିଥିଲା । ସେ ଯେ ନରସିଂହଙ୍କର ହସ୍ତୀ ! ପୁଣି ନିଶଙ୍କ !

ରାଜାପ୍ରାସାଦରେ ଏହି ଦାରୁଣ ସମ୍ବାଦ ପହଞ୍ଚିବାମାତ୍ରେ ମହାରାଣୀ ସୀତାଦେବୀ ମୂର୍ଚ୍ଛିତା ହେଇପଡ଼ିଲେ । ଭଗ୍ନୀ ଚନ୍ଦ୍ରଦେବୀ ମହାରାଣୀଙ୍କ ଶୋକରେ ଆପଣାର ସଦ୍ୟ ପତିବିଚ୍ଛେଦର ଶୋକ ମିଶାଇଦେଲେ ।

Digitized by srujanika@gmail.com

ରାଜ୍ୟସାରା ଅନ୍ଧକାର ଛାଇଗଲା । ଶୋକାଚ୍ଛନ୍ନ ହେଲା ମହୋଦଧି ! କୋଣାର୍କ ପ୍ରାଙ୍ଗଣରେ ଶିଳ୍ପୀମାନଙ୍କର ନିହାଣ ସ୍ଥିର ହେଇଗଲା ।

ମନ୍ତ୍ରୀ ଶିବ ସାମନ୍ତରାୟ ଭାବୁଥିଲେ ଉତ୍କଳର ସ୍ୱାଧୀନତା ସୂର୍ଯ୍ୟ ଯଦି ଅସ୍ତମିତ ହୋଇଯିବ, କୋଣାର୍କ ମନ୍ଦିରରେ ସୂର୍ଯ୍ୟଦେବତାଙ୍କୁ ପ୍ରତିଷ୍ଠା କରିବ କିଏ ?

ଯୁବରାଜ ଭାନୁଦେବଙ୍କର କିଶୋର ବୟସ । ସେ କ'ଣ ମୁସଲମାନ ସୈନ୍ୟଙ୍କର ଉପଯୁକ୍ତ ମୁକାବିଲା କରିପାରିବେ ?

ବିଶୁ ମହାରଣା ଚିନ୍ତା କରୁଥିଲେ କୋଣାର୍କ ମନ୍ଦିର କ'ଣ ଅପୂର୍ଣ୍ଣ ହେଇ ରହିଯିବ ? ସୂର୍ଯ୍ୟ ଦେବତାଙ୍କର ପୂଜା ସେଠି କ'ଣ ହେବ ନାହିଁ ?

ଉତ୍କଳ ଯଦି ମୁସଲମାନ ଶାସକ ଯୁଦ୍ଧବେଗ୍‌ର କବଳିତ ହେବ, କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ପୂର୍ଣ୍ଣ ହେବାତ ଦୂରର କଥା — ଅଚିରେ ଧୂଳିସାତ୍ ହେବ କୋଣାର୍କର କାରୁକାର୍ଯ୍ୟଭରା ପ୍ରତିଟି ଶିଳାଖଣ୍ଡ ।

କିନ୍ତୁ କମଳ ମହାରଣାର ନିହାଣ କ୍ଷଣେ ସ୍ଥିର ହେଇ — ପରକ୍ଷଣରେ ଶିଳାପଦ୍ମ ଫୁଟାଇଯାଉଥାଏ । ଶିଳାପଦ୍ମର ଶ୍ରଦ୍ଧାଞ୍ଜଳୀ ସେ ଢାଳିଦେଉଥାଏ ସେଇ ସ୍ୱଗତ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ । ସେ ଭାବୁଥାଏ — ମହାରାଜା ଦେଶପାଇଁ ସଂଗ୍ରାମ କରୁ କରୁ ପ୍ରାଣ ଦେଇଛନ୍ତି । ସେ ବି ଜାତିପାଇଁ ସଂଗ୍ରାମ କରୁଛି — ହଟିଯିବା ତାର ଧର୍ମ ନୁହେଁ । ଉତ୍କଳ ଆକାଶରୁ ସ୍ୱାଧୀନତା ସୂର୍ଯ୍ୟ ଅସ୍ତମିତ ହେବା ପୂର୍ବରୁ ଆକାଶର ସୂର୍ଯ୍ୟଙ୍କୁ କୋଣାର୍କ ମନ୍ଦିରର ରତ୍ନବେଦୀ ଉପରେ ପ୍ରତିଷ୍ଠା କରିବାକୁ ହିଁ ହେବ । ତେବେ ଯାଇ ନରସିଂହଙ୍କ ଅମରଆତ୍ମା ତୃପ୍ତ ହେବ । ଶକ୍ତି ଦେବ ଧର୍ମଦେବତା ଉତ୍କଳ ମନ୍ଦିରରେ ପ୍ରତିଷ୍ଠିତ ହେଲେ ଉତ୍କଳୀୟ ସେନା ଅଧିକ ଶକ୍ତିଶାଳୀ ହେଇ ମୁସଲମାନ ଶତ୍ରୁକୁ ପଦଦଳିତ କରିବେ । ତେଣୁ ଶୋକରେ ଛଡ଼ ହେଇଯିବା ଶିଳ୍ପୀର ଧର୍ମ ନୁହେଁ — ସେ କାମକରି ଚାଲିଥାଏ ।

ରାଜ୍ୟସାରା ମନ୍ଦିରମାନଙ୍କରେ ମହାରାଜଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଓ ରାଜ୍ୟର ସ୍ୱାଧୀନତା ରକ୍ଷା ନିମନ୍ତେ ପୂଜାପାଠ ଚାଲିଥାଏ । ମହାରାଣୀ ମା' ଗଙ୍ଗେଶ୍ୱରୀଙ୍କ ମନ୍ଦିରରେ ଅଧା ପଡ଼ିଥାନ୍ତି । ଚନ୍ଦ୍ରାଦେବୀ ଅନ୍ନଜଳ ତ୍ୟାଗକରି ଜଗନ୍ନାଥଙ୍କ ପାଦତଳେ ଗୁହାରୀ ଜଣାଉଥାନ୍ତି ।

ମହାରାଜାଙ୍କ ମରଶରୀର ରାଜଧାନୀରେ ପହଞ୍ଚିବାମାତ୍ରେ କିଶୋର ଯୁବରାଜ ଭାନୁଦେବଙ୍କର ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହେବ । ମହାରାଣୀ ସୀତାଦେବୀ ରାଣୀହଂସପୁର ତ୍ୟାଗ କରିବେ । ସେ ହେବେ ରାଜମାତା । ତାପରେ ମହାରାଜଙ୍କର

Digitized by srujanika@gmail.com

ଆଡ଼ମ୍ବରପୂର୍ଣ୍ଣ ଶବ ସତ୍କାର ପର୍ବ ସମାପନ ହେବ । ମହାମନ୍ତ୍ରୀ ବ୍ୟଥିତ ହୃଦୟରେ ଉଭୟ ପର୍ବର ଆୟୋଜନ କରୁ କରୁ ନୈରାଶ୍ୟ ଏବଂ ଆଶଙ୍କାରେ ତାଙ୍କର ହୃଦୟ ଖଣ୍ଡ ଖଣ୍ଡ ହେଇଯାଉଥାଏ । ଉତ୍କଳ ସ୍ୱାଧୀନତା ସୂର୍ଯ୍ୟ ଅସ୍ତମିତ ହେବାକୁ ଆଉ କେତେକ ମାତ୍ର ବାକି ?

ଲାଲ ରକ୍ତସ୍ରୋତରେ ଅସ୍ତସୂର୍ଯ୍ୟର ଲୋହିତ ରଶ୍ମି କରୁଣାଭାବେ ପ୍ରତିଫଳିତ ହୋଇ ପଶ୍ଚିମ ଆକାଶକୁ ମ୍ଳାନ ରଶ୍ମିମାରେ ରଞ୍ଜିତ କରୁଥାଏ । ରଣଭୂଇଁରେ ଶୋଇଥାନ୍ତି ବୀର ନରସିଂହ — ମାଟି ମା'ର ଉଦାର ଆଲିଙ୍ଗନରେ ସମ୍ମୋହିତ ହୋଇ । ଯୁଦ୍ଧ ଭୂଇଁରେ କେତେ ବୀର ସନ୍ତାନ ମା'ର ସୁରକ୍ଷାପାଇଁ ଲଢୁ ଲଢୁ ଅନ୍ତିମ ନିଦରେ ଶୋଇଯାଇଥାନ୍ତି । କେତେ ହିନ୍ଦୁଲଳନାଙ୍କର ମଥାର ସିନ୍ଦୂର ପୋଛିଦେଇ ରଣଭୂଇଁ ଲାଲବର୍ଣ୍ଣ ଧାରଣ କରିଥାଏ । କ୍ଷତାକ୍ତ ଆହତ ସୈନ୍ୟଙ୍କର କରୁଣ ଚିତ୍କାରରେ ରାତ୍ରୀର ଅନ୍ଧକାର କରୁଣ ବିଳାପର ଧ୍ୱନି ତୋଳୁଥାଏ । ମୃତ୍ୟୁର ଶୀତଳ ଉଦାରତା ହିନ୍ଦୁ ମୁସଲମାନର ରକ୍ତସ୍ରୋତକୁ ଫେଣି ଏକାକାର କରୁଥାଏ । ରାତ୍ରୀର ଅନ୍ଧକାର ଗଭୀର ହେବା ସଙ୍ଗେ ସଙ୍ଗେ ମିଶ୍ରିତ ରକ୍ତସ୍ରୋତ ଧୀରେ ଧୀରେ ଜମାଟ ବାନ୍ଧିଆସୁଥାଏ । ବୀର ଶହୀଦମାନଙ୍କର ଜୀବନଦୀପ ସବୁ ପୃଥିବୀରୁ ଆକାଶକୁ ଗତିକରି ଅନ୍ଧାର ଆକାଶରେ ତାରାର ଦୀପାଳୀ ହୋଇ ଗୋଟି ଗୋଟି ଜଳିଉଠୁଥାନ୍ତି । ରାତ୍ରୀର ବିଳାପ ଧ୍ୱନି ଧୀରେ ଧୀରେ ହଜିଯାଉଥାଏ ବର୍ଷାର ଆକୁଳ ସ୍ୱର ଭିତରେ । ଆକାଶ କାନ୍ଦୁଥାଏ ଶୋକାତୁର ପୃଥିବୀର ଲୁହଧାର ହୋଇ ।

ରାଜା ନରସିଂହଙ୍କର ଚେତନା ଫେରିଆସୁଥାଏ । ଗୋଟାଏ କମଳ ଅନୁଭୂତି ସ୍ୱର୍ଶରେ ବିଦୀର୍ଣ୍ଣ ଶରୀରର ଯନ୍ତ୍ରଣା ଶାନ୍ତ ସ୍ନିଗ୍ଧ ହୋଇଆସୁଥାଏ । କିଏ ? ପ୍ରାଣପ୍ରିୟା ରାଣୀ ସୀତାଦେବୀ ନା ସ୍ନେହମୟୀ ଭଗ୍ନୀ ଚନ୍ଦ୍ରାଦେବୀ ? ନାଁ — ସେମାନେ ରଣକ୍ଷେତ୍ରରେ କିପରି ?

ନରସିଂହ ମୁଦ୍ରିତ ଚକ୍ଷୁ ଖୋଲିବାକୁ ଚେଷ୍ଟା କଲେ । ନବପଲ୍ଲବିତ କୋମଳ ହାତର ସ୍ପର୍ଶ ତାଙ୍କ ଶରୀରରେ ଜୀବନୀଶକ୍ତି ଭରିଦେଉଛି । ଆଖି ଖୋଲି ସେ ରୋମାଞ୍ଚିତ ହେଲେ । ଅନ୍ଧାର ଭିତରେ ନୀଳାଭ ଜ୍ୟୋତିଟିଏ ଭଳି ଶ୍ୟାମଳବର୍ଣ୍ଣର ବାଳକଟିଏ ତାଙ୍କ ଶରୀରରେ ସ୍ନିଗ୍ଧ ସ୍ପର୍ଶ ଦେଇ ତାଙ୍କର ଶୁଶ୍ରୂଷା କରୁଛି । ପାଖରେ ଉଭା ଶ୍ୱେତପଦ୍ମ ରଙ୍ଗର ସୌମକାନ୍ତି ଆଉ ଏକ କିଶୋର । ରାଜା ଅଭିଭୂତ ହେଇ ଭାବଭରା କଣ୍ଠରେ କିଛି କହିବାକୁ ଚେଷ୍ଟା କଲେ । କିନ୍ତୁ ଭାବାବେଗରେ କଣ୍ଠ ରୁଦ୍ଧହେଲା । ନୟନ ହେଲା ଅଶ୍ରୁପ୍ଲାବିତ । ଶରୀର ଥର ଥର କମ୍ପନରେ ରୋମାଞ୍ଚିତ ହେଲା । ଦୁଇ ବାଳକ ମିଶି ରାଜାଙ୍କୁ ଆସ୍ତେ ଭୂମିରୁ ଉଠାଇ ଧରିଲେ । ନିଶଙ୍କ ଶୁଶ୍ରୂଷ ବଢ଼ାଇ ରାଜାଙ୍କ ଶରୀରକୁ ଯତ୍ନରେ ତୋଳି ନେଲା । ପରମ ପ୍ରଶାନ୍ତିରେ ରାଜା ଆଉଥରେ

Digitized by srujanika@gmail.com

ଆଖି ବୁଜିଦେଲେ । ନିଶଙ୍କ ଚାଲିଯିବାକୁ ଆରମ୍ଭ କଲା ଆଗେ ଆଗେ ବାଟ କଡ଼ାଇ ନେଉଥାନ୍ତି କଳା ଗୋରା ବାଳକ ଦୁଇଟି । କେତେ ଦିନ ପରମ ପ୍ରଶାନ୍ତିରେ ସେ ନିଦ୍ରା ଯାଇଥିଲେ, ତା ସେ ଜାଣନ୍ତି ନାହିଁ । କେଉଁ ପଥଦେଇ କେତେ ପଥ ଅତିକ୍ରମି ଆସିଥିଲା ନିଶଙ୍କ, ସେକଥା ବି ଜଣାନାହିଁ । ଯେତେବେଳେ ନିଦ୍ରାଭଙ୍ଗ ହେଲା — ସେତେବେଳେ ସେ ମହୋଦଧି ତୀର ବାଲୁକାବେଳାରେ ଶୋଇଥିଲେ । ଅନ୍ଧାର ଆକାଶରେ ନୀଳଚକ୍ର ସ୍ପଷ୍ଟ ବାରିହେଇ ଦିଶୁଥିଲା । ଅଦୂରରେ ଏକ ପର୍ଣ୍ଣକୁଟୀରରେ ଦୀପଟିଏ ମିଞ୍ଜି ମିଞ୍ଜି ଜଳୁଥିଲା — ନୂତନ ଜୀବନର ସଙ୍କେତ ନେଇ । ସେ ତେବେ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଯାଇଛନ୍ତି ! କିଏ ସେଇ ପଥପ୍ରଦର୍ଶକ ? କେମିତି ସେ ଅତିକ୍ରମ କଲେ ଏତେ ପଥ ? ସବୁ କିଛି ସ୍ୱପ୍ନ ଭଳି ଲାଗୁଥାଏ । ମହାରାଜ ଦୁଇହାତ ଯୋଡ଼ି ଜଗନ୍ନାଥଙ୍କୁ ପ୍ରଣାମ ଜଣାଇଲେ । ନିଶଙ୍କ ମହୋଦଧିର ଶୀତଳ ଜଳ କିଛି ସିଞ୍ଚି ଦେଉଥାଏ ମହାରାଜାଙ୍କର ଶରୀରରେ । ମହାରାଜ ଅକସ୍ମାତ୍ ତୃଷ୍ଣା ଅନୁଭବ କଲେ । ସମୁଦ୍ର ଜଳରେ ତୃଷ୍ଣା ମେଣ୍ଟେ ନାହିଁ । ନିଶଙ୍କକୁ ଇଙ୍ଗିତ ଦେଲେ ପାଖ କୁଡ଼ିଆକୁ ଡାକୁ ଘେନିଯିବା ପାଇଁ । ନିଶଙ୍କ ବି କ୍ଷୁଦାର୍ତ୍ତ — କ୍ଲାନ୍ତ । ଧୀରେ ଧୀରେ ସେ ମହାରାଜଙ୍କୁ ଟେକିନେଇ ପତ୍ରକୁଡ଼ିଆର ଦ୍ୱାରଦେଶରେ ଶୁଆଇ ଦେଲା । ନିଜେ କ୍ଲାନ୍ତ ହୋଇ ଗଡ଼ିପଡ଼ିଲା ବାଲି ଉପରେ ।

ମହାରାଜ ଅନୁଭବ କଲେ ତତ୍‌କ୍ଷଣାତ୍ ତାଙ୍କର କ୍ଷୁଧା ତୃଷ୍ଣା ଦୂର ନ ହେଲେ ସେ ମୃତ୍ୟୁବରଣ କରିବେ । ନିଶଙ୍କର ମଧ୍ୟ ସେଇ ଅବସ୍ଥା । କିନ୍ତୁ ଏଇ ଜୀର୍ଣ୍ଣ ପତ୍ରକୁଡ଼ିଆରେ ବାସ କରୁଥିବା ପରିବାରଟି ତାଙ୍କର କ୍ଷୁଧା ତ ଦୂର କରିବା ଦୂରର କଥା — ତାଙ୍କ ତୃଷ୍ଣା ନିବାରଣ ପାଇଁ ଯଥେଷ୍ଟ ମଧୁର ଜଳ ସଞ୍ଚୟ କରି ରଖିଥିବ କି ନାଁ ସନ୍ଦେହ ।

ଭିତରେ ମିଞ୍ଜି ମିଞ୍ଜି ଦୀପଟିଏ ଜଳୁଛି । ଦୀପଟି ଲିଭି ଲିଭି ଆସୁଛି । ଆଉ କିଛିକ୍ଷଣ ପରେ ଚତୁର୍ଦ୍ଦିଗ ଅନ୍ଧକାରମୟ ହୋଇଯିବ । ତା'ପୂର୍ବରୁ କ୍ଷୁଧାର୍ତ୍ତ ଅତିଥିଙ୍କ ଉପସ୍ଥିତି ଗୃହସ୍ଥକୁ ଜଣାଇଦେବାକୁ ହେବ ।

ମହାରାଜ ତୃଷ୍ଣାତୁର ହେଇ ଅଳ୍ପ କାଶି ଉଠିଲେ । ଭିତରୁ ବାହାରି ଆସିଲା ଅବଗୁଣ୍ଠିତ ନାରୀଟିଏ । ସ୍ୱଳ୍প ଚନ୍ଦ୍ରାଲୋକରେ ପାତଳ ଓଠଟି ଅଳ୍ପ ଥରିଉଠୁଥାଏ । ନାରୀଟି ପ୍ରଶ୍ନ କଲା — କିଏ ଆପଣ ? କ'ଣ ଆବଶ୍ୟକ ?

ମୁଁ ଜଣେ ଆହତ ସୈନିକ । ପ୍ରାଣ ଘେନି ଯୁଦ୍ଧକ୍ଷେତ୍ରରୁ ପଳାଇ ଆସିଛି । କ୍ଷୁଧା ତୃଷ୍ଣାରେ ମୁଁ ଅବଶ ହେଇପଡ଼ିଛି । ମୋର ହସ୍ତୀଟି ମଧ୍ୟ କ୍ଷୁଧାରେ ଆତୁର ହୋଇ ଭୂଇଁରେ ପଡ଼ିରହିଛି । କିଛି ଖାଦ୍ୟ ବ୍ୟବସ୍ଥା ଯଦି କରିପାରନ୍ତେ — ମହାରାଜାଙ୍କର କଥା ଶେଷ ନ ହେଉଣୁ ନାରୀଟି ଦୁଇପାଦ ଆଗକୁ ଘୁଞ୍ଚିଗଲା । ବାଷ୍ପରୁଦ୍ଧ କଣ୍ଠରେ କହିଲା — ମହାରାଜ ଯୁଦ୍ଧ କରୁ କରୁ ପ୍ରାଣ ବିସର୍ଜନ କରିଛନ୍ତି । ଆପଣ ଉତ୍କଳର ପାଇକ ସେନା ହୋଇ ଯୁଦ୍ଧକ୍ଷେତ୍ରରୁ ପଳାଇ ଆସିଛନ୍ତି ?

Digitized by srujanika@gmail.com

ଉଦାର ହୃଦୟ ମହାରାଜ ବଞ୍ଚିଥିଲେ ଆପଣଙ୍କୁ କ୍ଷମା କରିଥାନ୍ତେ କି ନାଁ ଜାଣେ ନାହିଁ; କିନ୍ତୁ ମୁଁ ଆପଣଙ୍କୁ କ୍ଷମା କରିପାରିବି ନାହିଁ । ଆହା — ମହାରାଜଙ୍କ ଅକାଳ ମୃତ୍ୟୁରେ ଏ ଦେଶର କି ଦୁର୍ଦ୍ଦିନ ଉପସ୍ଥିତ ହେଲା !

ନାରୀଟି ଦୀର୍ଘଶ୍ୱାସ ତେଜିଲା ।

ମହାରାଜ ସେଇ ମୁହୂର୍ତ୍ତରେ କାମନା କରୁଥିଲେ ଏ ନାରୀଟିର ମହାରାଜଙ୍କ ମୃତ୍ୟୁ ପାଇଁ ଗଭୀର ସମବେଦନା ଲାଭ କରିବା ଲୋଭରେ ବରଂ ଯୁଦ୍ଧକ୍ଷେତ୍ରରେ ମୃତ୍ୟୁ ଶ୍ରେୟ ହୋଇଥାନ୍ତା । ପ୍ରକାଶ୍ୟରେ ସେ କହିଲେ — ଦେବୀ ! ମୁଁ ଯୁଦ୍ଧ କରୁ କରୁ ଆହତ ହେବାରୁ ଭୂଲୁଣ୍ଠିତ ହୋଇ ମୂର୍ଚ୍ଛା ଯାଇଥିଲି । ଜାଣି ଜାଣି ଯୁଦ୍ଧକ୍ଷେତ୍ରରୁ ମୁଁ ପଳାଇ ଆସିନାହିଁ । ଜଗନ୍ନାଥ ମୋତେ ଏଠାରେ ପହଞ୍ଚାଇ ଦେଇଛନ୍ତି । ମହାରାଜଙ୍କ ହସ୍ତୀ ନିଶଙ୍କ ମତେ ତାଙ୍କରି ନିର୍ଦ୍ଦେଶରେ ଶ୍ରୀକ୍ଷେତ୍ର ଧାମକୁ ବୋହିଆଣି ଏଠାରେ ପହଞ୍ଚାଇଛି । ଜାଣେନା ଯା ପଛରେ ଜଗନ୍ନାଥଙ୍କର କି ମହତ୍ ଉଦ୍ଦେଶ୍ୟ ଅଛି । ତେବେ ମୁଁ କଥା ଦେଉଛି, ଆଜି ଆପଣ ମୋର ପ୍ରାଣରକ୍ଷା କଲେ କାଲି ପ୍ରଭାତରୁ ମୁଁ ପୁନର୍ବାର ଯୁଦ୍ଧକ୍ଷେତ୍ରକୁ ଯାତ୍ରା କରିବି । ମହାରାଜଙ୍କ ମୃତ୍ୟୁରେ ଉଲ୍ଲସିତ ହୋଇ ନିର୍ବୋଧ ମୁସଲମାନ ସୈନ୍ୟମାନେ ଭୋଜି ଉତ୍ସବରେ ମାତିଥିବେ, ମଦ୍ୟପାନ କରି ନୃତ୍ୟ ଗୀତରେ ବୁଡ଼ିରହିଥିବେ । ତାଙ୍କୁ ପରାଜିତ କରିବାପାଇଁ ଏବେ ମୋ ଭିତରେ ଶକ୍ତିସଞ୍ଚାର ହୋଇଛି । ଆଜି ରାତିର ଆହାର ବ୍ୟବସ୍ଥା କଲେ ଜଗନ୍ନାଥଙ୍କର ଉଦ୍ଦେଶ୍ୟ ପୂର୍ଣ୍ଣ ହେବ ।

ନାରୀଟି ଦୁଃଖଭରା କଣ୍ଠରେ କହିଲା — କ୍ଷମା କରିବେ ମହାଶୟ, ନଜାଣି ଆପଣଙ୍କୁ କଟୁକଥା କହୁଛି । ଆପଣ ଯିଏ ବି ହୁଅନ୍ତୁ ମୋର ଅତିଥି । ମହାରାଜଙ୍କ ହସ୍ତୀ ଯେ ମୋ ପତ୍ରକୁଡ଼ିଆରେ ପାଦଧୂଳି ଦେଇଛି ସେ ମୋର ପରମ ସୌଭାଗ୍ୟ । କାଲି ପ୍ରଭାତରୁ ଆପଣ ଯଦି ଯୁଦ୍ଧଯାତ୍ରା କରନ୍ତି ମୁଁ ଶ୍ରୀମନ୍ଦିରରେ ଦୀପଦାନ କରିବି । ଆସନ୍ତୁ — ଦରିଦ୍ରର କୁଡ଼ିଆରେ ପାଦଧୂଳି ଦିଅନ୍ତୁ ।

ଅତି କଷ୍ଟରେ ମହାରାଜ ପତ୍ରଗୁଡ଼ିଆରେ ପ୍ରବେଶ କଲେ । ଅବଗୁଣ୍ଠନ ତଳେ ଚମକି ଉଠିଲା ନାରୀଟି । ଏ ଯେ ତାର ରକ୍ଷାକର୍ତ୍ତା ମହାଦଣ୍ଡପାଶ ! ସେ ଯଦି ତାକୁ ଚିହ୍ନିପାରନ୍ତି ତେବେ ସେଦିନର ପଳାୟନ ପାଇଁ କୈଫୟତ୍ ମାଗିବେ ଏବଂ କଠୋର ଶାସ୍ତିବିଧାନ କରିବେ । କିନ୍ତୁ ସେ ତ ଜାଣି ଜାଣି ସେଦିନ ଚାଲିଆସି ନଥିଲା । ଶ୍ରୀଜଗନ୍ନାଥ ତାକୁ ବାଟକଢ଼ାଇ ଆଣିଥିଲେ ଶ୍ରୀକ୍ଷେତ୍ରକୁ । ତାପରଠୁ ତାର ଆଉକିଛି ଦୁଃଖ ନାହିଁ । ଏଇ ନିର୍ଜ୍ଜନ ପତ୍ରକୁଡ଼ିଆରେ ନିଃସଙ୍ଗ ହେଇ ସେ ବଞ୍ଚି ରହିଥିଲେ ବି ତାର ମନେହୁଏ ଏଠି ସେ ଏକା ନୁହେଁ — ଆଶ୍ରୟହୀନା ନୁହେଁ, ଅସହାୟା ନୁହେଁ । କେହି ଜଣେ ଅଛି ତାର ପାଖେ ପାଖେ, ତାର ଅନ୍ତର ଭିତରେ, ତାର ଆତ୍ମା ଭିତରେ । ସେଇ ତାର ଅନ୍ନସଂସ୍ଥାନ କରିଛନ୍ତି । ଶ୍ରୀକ୍ଷେତ୍ରରେ ସେ ଦିନେହେଲେ ଉପବାସ

Digitized by srujanika@gmail.com

ରହିନି । ମାଟିର ଦୀପାବଳୀ ତିଆରି କରି ସେ ଶ୍ରୀମନ୍ଦିରରେ ବିକ୍ରୀ କରେ । ସେତିକିରେ ତାର ଏକୁଟିଆ ପେଟର ଭୋକ ମେଣ୍ଟିଯାଏ । ବାକି ସମୟଟକ ଶ୍ରୀମନ୍ଦିରରେ ବସି ସ୍ୱାମୀ କମଳ ମହାରଣାର ଶୁଭ ମନାସେ । ମହାରାଜଙ୍କର ବିଜୟ କାମନା କରେ । କୋଣାର୍କର ସମ୍ପୂର୍ଣତା ପାଇଁ ପ୍ରତିଦିନ ମନ୍ଦିରରେ ଘିଅଦୀପଟିଏ ଜାଳେ । ସେ ଜାଣେ କୋଣାର୍କ ସମ୍ପୂର୍ଣ ହେଲେ ବି ତା ଜୀବନର ଅପୂର୍ଣତା ମେଣ୍ଟିବ ନାହିଁ । କମଳ ମହାରଣା ସହ ତାର ଆଉ ଏ ଜନ୍ମରେ ସାକ୍ଷାତ ହେବ ନାହିଁ, ମିଳନ ହେବ ନାହିଁ । ତା'ବୋଲି ସେ କ'ଣ କୋଣାର୍କର ସମ୍ପୂର୍ଣତା କାମନା କରିବ ନାହିଁ — ମହାରାଜଙ୍କର ମଙ୍ଗଳ ମନାସିବ ନାହିଁ — ତା' ସ୍ୱାମୀର ସୁଖମୟ ଜୀବନ କାମନା କରିବ ନାହିଁ ? ମାଟି ଦୀପାବଳୀର ସଞ୍ଚିତା ନିଜକୁ ନିର୍ବାପିତ କରି ଆପଣାକୁ ସଞ୍ଚୟ କରେ ନାହିଁ — ନିଜକୁ ଜାଳି, କ୍ଷୟକରି, ଜଗତକୁ ଆଲୋକିତ କରିବାରେ ତା'ଜୀବନର ସାର୍ଥକତା । ଚନ୍ଦ୍ରଭାଗା ତା ମାଟି ଦୀପାବଳୀର ସୃତାଏ ସଞ୍ଚିତାଠାରୁ ହୀନ ନୁହେଁ — ସେ ମଣିଷ — ସେ ନାରୀ — ସେ ଉତ୍କଳ ମାଆର ଦୁଃଖିନୀ ଝିଅଟିଏ । ନିଜ ସୁଖ ପାଇଁ ବଞ୍ଚିରହିବା ତାର ଧର୍ମ ନୁହେଁ । ଅନ୍ୟର ସୁଖ ପାଇଁ ନିଜକୁ ଜାଳିଦେବା ତା ଜୀବନରେ ମହାମନ୍ତ୍ର ।

ଦୀପ ଆଲୁଅରେ ଓଢ଼ଣା ତଳୁ ସେ ଅତିଥିଙ୍କୁ ଦେଖି ଚିହ୍ନା ପଡ଼ିଯିବା ଭୟରେ ଆଉରି ଓଢ଼ଣା ଟାଣିଦେଲା । ଅତିଥିଙ୍କର ସର୍ବାଙ୍ଗରେ କ୍ଷତ ଚିହ୍ନ ଦେଖି କରୁଣାରେ ତାର ହୃଦୟ ଆର୍ଦ୍ର ହୋଇଗଲା । କ୍ଷତ ଚିହ୍ନରୁ ରକ୍ତ ଝରିବା ବନ୍ଦ ହୋଇଯାଇଥାଏ । କିନ୍ତୁ ଅତିଥିଙ୍କୁ ଯେ କଷ୍ଟ ହେଉଥିବ ଏକଥା ସେ ବୁଝିପାରୁଥାଏ । ଅତିଥି ପୁଣି କ୍ଷୁଧାର୍ତ । ପ୍ରଥମେ ତାଙ୍କର କ୍ଷୁଧା ଦୂର କରିବାକୁ ହେବ । ବାହାରେ ମହାନ୍ ଅତିଥି ରାଜାଙ୍କ ହସ୍ତୀ ନିଶଙ୍କ ମଧ୍ୟ ଭୋକିଲା । ଅଥଚ ହାଣ୍ଡିରେ ମୁଠାଏ ଖୁଦ ରାନ୍ଧି ସେ ଜାଉ କରିଛି । ଶାଗ କେରାଏ ଭାଜିଛି । ଏତିକି ତାର ରାତିର ଆହାର । କୁଡ଼ିଆରେ ଆଉ ଚାଉଳ ମୁଠାଏ ବି ନାହିଁ । କାହାପାଇଁ ରଖିବି ? କିଏ ତା'ର ଅଛି ? ପିଲା ନା ସ୍ୱାମୀ ? ନିତି ଆଣେ ନିତି ଖାଏ । କାଲି ପୁଣି ମାଟିର ଦୀପାବଳୀ ବିକ୍ରୀ କଲେ ଦିନର ଆହାର ଯୋଗାଡ଼ ହେବ ।

ଚନ୍ଦ୍ରଭାଗା ବିଚଳିତ ହେଲା । ସେ ନିଜେ କ୍ଷୁଧାରେ ରହି ଅତିଥିଙ୍କୁ ଖୁଦ ଜାଉ ପରଶି ଦେବ । ମାତ୍ର ସେତିକିରେ କ'ଣ ତାଙ୍କର କ୍ଷୁଧା ମେଣ୍ଟିବ ? ଖୁଦ ଜାଉ ଏବଂ ଶାଗ ସେ କ'ଣ ଖାଇପାରିବେ ? ପୁଣି ନିଶଙ୍କର କି ବ୍ୟବସ୍ଥା କରିବ ସେ ? ମନେ ମନେ ଚିନ୍ତାରେ ଘାରି ହେଉଥାଏ ଚନ୍ଦ୍ରଭାଗା । ଅଥଚ ଅତିଥିଙ୍କୁ ଫେରାଇ ଦେଇପାରୁ ନଥାଏ । ଅତିଥି ଫେରିଗଲେ ତାର ନିନ୍ଦା ହେବ ନାହିଁ, ଶ୍ରୀକ୍ଷେତ୍ର ନିନ୍ଦା ହେବ । ଶ୍ରୀକ୍ଷେତ୍ରରୁ କେବେ କୌଣସି ଅତିଥି ଭୋକିଲା ପେଟ ନେଇ ଫେରିନି । ଚନ୍ଦ୍ରଭାଗା ମନେ ମନେ ଜଗନ୍ନାଥଙ୍କ ପାଖରେ ଅଭିଯୋଗ କରୁଥାଏ — ପ୍ରଭୁ, ଏ କି ପରୀକ୍ଷା ଅଭାଗିନୀ ଚନ୍ଦ୍ରଭାଗାର । ସବୁ ତ ତମରି ଇଚ୍ଛା —

Digitized by srujanika@gmail.com

ତମେ ନଜାଣି କିଛି ହୁଏ ନାହିଁ । ଶ୍ରୀକ୍ଷେତ୍ରରେ ରାଜ ଉଆସ ଅଛି — କେତେ ଧନୀ ବଣିକଙ୍କର ପ୍ରାସାଦ ଅଛି, କେତେ ମଠ, ଧର୍ମଶାଳା, ଆଶ୍ରମ ଅଛି । ପୁଣି ଶ୍ରୀମନ୍ଦିର ଅଛି । ତମେ ଜଣେ ବୀରଯୁବକଙ୍କୁ ରାଜାଙ୍କ ହସ୍ତୀ ସହ ଯୁଦ୍ଧକ୍ଷେତ୍ରରୁ ଚନ୍ଦ୍ରଭାଗାର ପତ୍ରକୁଡ଼ିଆକୁ ବାଟ ବଢ଼ାଇ ଆଣିଲ କାହିଁକି ? ଶ୍ରୀକ୍ଷେତ୍ରର ମୁଠାଏ ମାଟିକୁ ଜୀବିକା କରି ଯିଏ ବଞ୍ଚିରହିଛି ତାର ନିନ୍ଦା ଅପମାନ କ'ଣ ? ଏ ବିପଦରୁ ତମେ ଉଦ୍ଧାର କରିବ ପ୍ରଭୁ । ଯିଏ ଭୋକିଲା ହେଇ ଶ୍ରୀକ୍ଷେତ୍ରରେ ପହଞ୍ଚିଛି, ସେ ତମର ଅତିଥି — ମୁଁ ବା କିଏ ? ମୋର ଚାରା କ'ଣ ଅଛି ତମ ବିନା ?

ଚନ୍ଦ୍ରଭାଗା ମାଟିପାତ୍ରରେ ଜାଉଡକ ଢାଳି ଅତିଥିଙ୍କୁ ବାଢ଼ିଦେବ ବୋଲି ମନକୁ ଦୃଢ଼ କଲା । ଏ ପତ୍ରକୁଡ଼ିଆ ଯାହାର ଆଶ୍ରୟ ସ୍ଥଳ, ସେ ଆଉ କ'ଣ ବା ଖାଆନ୍ତା ଯେ ଏଥିରେ ତାର ଲଜ୍ଜା ହେବ । ଚୁଲି ପାଖକୁ ଯାଇ ଚନ୍ଦ୍ରଭାଗା ସ୍ତମ୍ଭୀଭୂତ ହେଇଗଲା — ଆବେଗର ଅତିଶଯ୍ୟରେ ସେ ବିମୂଢ଼ ହେଇଗଲା କ୍ଷଣକ ପାଇଁ । ତା ସାମ୍ନାରେ ଥୁଆ ହୋଇଥିଲା କେତୋଟି ମହାପ୍ରସାଦ କୁଡୁଆ । ସେଥିରେ ଭର୍ତ୍ତି କାନିକା, ଡାଲି, ବେସର, ଖଟା, ଖିରି । ମାଟିପାତ୍ରରେ ପ୍ରସାଦ ବାଢୁ ବାଢୁ ତା' ଆଖିର ଆନନ୍ଦାଶ୍ରୁ ଝର ଝର ଝରିପଡ଼ିଲା ପ୍ରସାଦ ଉପରେ । ସେ ଭାବିଲା ପ୍ରଭୁଙ୍କର ତା'ଠାରେ ଏତେ କରୁଣା ! ଶ୍ରୀମନ୍ଦିରରେ ବସି ସାରା ସଂସାରର ହାରି ଗୁହାରି ଯେ ଶୁଣନ୍ତି, ସେ ଅଭାଗିନୀ ଚନ୍ଦ୍ରଭାଗାର କାତର ମିନତିକୁ କର୍ଣ୍ଣ ଡେରିଥାନ୍ତି ବୋଲି ସେ ତ କେବେ ସ୍ୱପ୍ନରେ ଭାବିନଥିଲା । ଏ ସଂସାରରେ ସେ କେବେ ହୀନ ନୁହେଁ — ହେୟ ନୁହେଁ — ନିହାତି ଅଲୋଡ଼ା ନୁହେଁ । ଚନ୍ଦ୍ରଭାଗା ଭାବିଲା ତାର ବଞ୍ଚିରହିବା ନିରର୍ଥକ ନୁହେଁ । ଏତିକି ସେ ଜଗନ୍ନାଥଙ୍କର ପ୍ରେମ ପାଶରେ ବନ୍ଧା ରହି ପରମ ଶାନ୍ତିରେ ଜୀବନ କାଟିଦେବ ।

ଗୀତଗୋବିନ୍ଦ କୋମଳ ପଦାବଳୀର ଧାଡ଼ିଟିଏ ମନେ ମନେ ଗାଉ ଗାଉ ଚନ୍ଦ୍ରଭାଗା ଅତିଥିଙ୍କ ସାମ୍ନାରେ ପ୍ରସାଦ ପରଶି ଦେଲା । କୁଡ଼ିଆସାରା ଖେଳିବୁଲୁଥାଏ ମହାପ୍ରସାଦର ମହ ମହ ମଧୁର ବାସ୍ନା । ମହାରାଜ ଆଶ୍ଚର୍ଯ୍ୟ ହେଇଯାଇ ପ୍ରଶ୍ନ କଲେ – ଗରମ ଗରମ ମହାପ୍ରସାଦ ଏତେବେଳେ ଏହାକୁ କିଏ ପଠାଇଲା ?

ଚନ୍ଦ୍ରଭାଗା ଧୀର କଣ୍ଠରେ କହିଲା — ଯିଏ ଆପଣଙ୍କୁ ଏଠିକି ବାଟ କଢ଼ାଇ ଆଣିଛି ତା'ଛଡ଼ା ଆଉ କିଏ ଅଛି ମୋର ? ସବୁ ତାଙ୍କରି ମହିମା — ଚନ୍ଦ୍ରଭାଗାର କଣ୍ଠସ୍ୱର ରୁଦ୍ଧ ହେଲା । ପ୍ରସାଦ ଗୁଣ୍ଡାଏ ମୁଣ୍ଡରେ ମାରି ପାଟିକି ନେଉ ନେଉ ମହାରାଜଙ୍କର ଆଖିରୁ ଝରିପଡ଼ିଲା କେତେ ବିନ୍ଦୁ ଅଶ୍ରୁ — ପ୍ରସାଦ ଉପରେ । ସେ ଭାବିଲେ — ତେବେ ପ୍ରଭୁଙ୍କର କରୁଣା ମୋ ପଛରେ ଅଛି — ଏ ଜାତି ପଛରେ ରହିଛି ତାଙ୍କରି ଆଶୀର୍ବାଦ — ତା ନହେଲେ ମୋ କ୍ଷୁଧା ନିବାରଣ କରି ମାତେ ବଞ୍ଚାଇ ରଖିବାକୁ ପ୍ରଭୁଙ୍କର ଏ ଫିକର କାହିଁକି ?

Digitized by srujanika@gmail.com

ପ୍ରସାଦ ପାଉ ପାଉ ମହାରାଜଙ୍କ ଶରୀରରେ କ୍ଷତଚିହ୍ନ ମନ୍ତ୍ର କଲା ଭଳି ବିଭିଗଲା । ମିଞ୍ଜି ମିଞ୍ଜି ଦୀପ ଆଲୁଅରେ ତାଙ୍କ ଶରୀରର ଦିବ୍ୟ କାନ୍ତି ଝଟକି ଉଠିଲା ।

ମୁଗ୍ଧ ନେତ୍ରରେ ତାକୁ ଲକ୍ଷ୍ୟ କରି ଚନ୍ଦ୍ରଭାଗା ଭାବିଲା — ଏଇ ଯୁବକ ନିଶ୍ଚୟ ଜଗନ୍ନାଥଙ୍କର ବରପୁତ୍ର । ପ୍ରଭୁଙ୍କ ଆଶୀର୍ବାଦ ତାକୁ ନିଶ୍ଚୟ ଜୟଯୁକ୍ତ କରିବ । ମହାରାଜଙ୍କ ଅକାଳ ମୃତ୍ୟୁ ଶୋକରେ ଓଡ଼ିଆ ଜାତି କ୍ଷଣକ ପାଇଁ ଭାଙ୍ଗି ପଡ଼ିଥିଲେ ବି ତାର ବିଜୟ ସୁନିଶ୍ଚିତ । ଏଇ ଯୁବକ ଓଡ଼ିଆ ଜାତିର ରକ୍ଷାକର୍ତ୍ତା ହେବେ — ଏଥିରେ ସନ୍ଦେହ ନାହିଁ । ତାକୁ ଅତିଥି ରୂପେ ପାଇ ତାର ଜୀବନ ଧନ୍ୟ ହୋଇଛି ।

ମହାରାଜ ପ୍ରସାଦ ସେବନ କରିବା ପରେ ଚନ୍ଦ୍ରଭାଗା ଅନ୍ନ ବ୍ୟଞ୍ଜନରେ କୁଡୁଆ ସବୁ ବୋହି ନେଇ ହସ୍ତୀ ନିଶଙ୍କ ପାଖରେ ଥୋଇଦେଲା । ଆଦରପୂର୍ଣ୍ଣ ଗଳାରେ କହିଲା — ଏତିକି ଛଡ଼ା ମୋ ପାଖରେ ଆଉ କିଛି ନାହିଁ । ମୋର ବିଶ୍ୱାସ ଏଥିରେ ତମର କ୍ଷୁଧା ଦୂର ହେବ । ମହାପ୍ରସାଦର ଅନ୍ନ କଣାଏ ବି ଆତ୍ମାକୁ ପୂର୍ଣ୍ଣ କରିଦିଏ ।

ନିଶଙ୍କ ସବୁ ବୁଝିଲା ଭଳି ଶୁଣ୍ଡ ବଢ଼ାଇ ପ୍ରସାଦ କୁଡୁଆ ଭାଙ୍ଗି ପ୍ରସାଦ ସବୁ ଆନନ୍ଦରେ ଭକ୍ଷଣ କଲା ଏବଂ ପ୍ରସାଦ ପାଇସାରି ଶୁଣ୍ଡ ବଢ଼ାଇ ଚନ୍ଦ୍ରଭାଗାର ସମସ୍ତ ଶରୀରକୁ କୋମଳ ଭାବରେ ସ୍ପର୍ଶ କରି କରି କୃତଜ୍ଞତା ଜଣାଇଲା । ଚନ୍ଦ୍ରଭାଗା ଶରୀର ରୋମାଞ୍ଚିତ ହେଲା ମହାରାଜଙ୍କ ପ୍ରିୟ ହସ୍ତୀର ଆଦର ଆହ୍ଲାଦରେ । ତାର ଚକ୍ଷୁ ଅଶ୍ରୁପୂର୍ଣ୍ଣ ହେଲା । ସେ ଗଦ୍ ଗଦ୍ ସ୍ୱରରେ କହିଲା — ନିଶଙ୍କ, ଯଦି ମୋର ଆୟୁଷ ନେଇ ମହାରାଜାଙ୍କର ମର ଶରୀର ଜିଇଁ ଉଠନ୍ତା ଆଉ ମୁଁ ମୃତ୍ୟୁବରଣ କରନ୍ତି, ତେବେ କେତେ ସୁଖୀ ମୁଁ ନହୁଅନ୍ତି । ମହାରାଜଙ୍କୁ ଦେଖିବାର ସୁଯୋଗ ହୋଇନାହିଁ ସିନା ତାଙ୍କର ମହାନୁଭବତାର ପରିଚୟ ମୁଁ ପାଇଛି । କିଏ କହେ ତାଙ୍କର ମୃତ୍ୟୁ ହୋଇଛି ? କୋଣାର୍କ ନିର୍ମାତା ଭାବରେ ରାଜା ନରସିଂହ ଅମର ହୋଇଯାଇଛନ୍ତି । ଆଜି ମହାରାଜଙ୍କ ହସ୍ତୀର ସାମାନ୍ୟ ସେବା କରି ଅଭାଗିନୀର ଜୀବନ ଧନ୍ୟ ହୋଇଛି ।

ନିଶଙ୍କ ଶୁଣ୍ଡହଲାଇ ଚନ୍ଦ୍ରଭାଗାର କଥାରେ ସମ୍ମତି ଜଣାଉଥାଏ । ନିଜର ପ୍ରିୟ ହସ୍ତି ସହ ସରଳା ତରୁଣୀର ଅନ୍ତରଙ୍ଗ ଆଳାପ ଶୁଣୁ ଶୁଣୁ ମହାରାଜ ରୋମାଞ୍ଚିତ ହେଉଥାନ୍ତି ।

ନିଜ ପାଇଁ କଣିକାଏ ପ୍ରସାଦ ରଖିବାପାଇଁ ଚନ୍ଦ୍ରଭାଗା ଭୁଲିଯାଇଥିଲେ ବି ତାର କ୍ଷୁଧା ଦୂର ହେଇଯାଉଥାଏ । ହୃଦୟ, ମନ, ଅନ୍ତରାତ୍ମା ଏକ ଅପୂର୍ବ, ଅବର୍ଣ୍ଣନୀୟ ପରିତୃପ୍ତିରେ ଭରି ଉଠିଥାଏ । ରାତ୍ରୀର ନିର୍ଜନତା ଏବଂ ସମୁଦ୍ରର ଗୁରୁଗର୍ଜନ ଭିତରେ ସେ ନିଜ ହୃଦୟରେ ବାଜିଉଠୁଥିବା ଏକ ସମ୍ପୂର୍ଣ୍ଣ ନୂତନ ଜୀବନ ସଙ୍ଗୀତର ସ୍ୱର ଶୁଣୁଥାଏ । ଶୋକ ସନ୍ତାପ, ହାହାକାର ତାର ଅନ୍ତରରୁ ଶୂନ୍ୟ ହୋଇଯାଇଥାଏ ।

Digitized by srujanika@gmail.com

ମହାରାଜ କୃତଜ୍ଞତାଭରା ସ୍ୱରରେ କହିଲେ—ଦେବୀ, ଏଥର ଆପଣ କୁଡ଼ିଆରେ ବିଶ୍ରାମ କରନ୍ତୁ । ମଧ୍ୟରାତ୍ରୀ ଅତିକ୍ରାନ୍ତ ହେବାମାତ୍ରେ ମୁଁ ଯୁଦ୍ଧକ୍ଷେତ୍ର ଅଭିମୁଖେ ବାହାରିବି । ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ । ଜଗନ୍ନାଥ ତମର ମଙ୍ଗଳ କରନ୍ତୁ ।

ଚନ୍ଦ୍ରଭାଗା ସ୍ଥିର ହେଇ ସେମିତି ଠିଆହୋଇ ରହିଲା । ନିସ୍ପନ୍ଦ କଣ୍ଠରେ କହିଲା—କାଲି ପ୍ରଭାତରୁ ମହାରାଜଙ୍କର ମରଣଶରୀର ରାଜଧାନୀ କଟକରେ ପହଞ୍ଚିବ ବୋଲି ସମସ୍ତେ ଆଶା କରୁଛନ୍ତି । ସେଇ ବେଦନା ଓ ଉତ୍କଣ୍ଠାରେ ମୋର ନିଦ୍ରାହରଣ ହୋଇଛି । ଆପଣଙ୍କ ବିଶ୍ରାମ ଆବଶ୍ୟକ । ଆପଣ କୁଡ଼ିଆ ଭିତରେ ବିଶ୍ରାମ କରନ୍ତୁ । ମହାରାଜାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମୁଁ ରାତିସାରା ପ୍ରାର୍ଥନା କରିବି ।

ମହାରାଜ ତରୁଣୀର ରାଜଭକ୍ତିରେ ଅଭିଭୂତ ହେଲେ । ଭାଗଭଗ କଣ୍ଠରେ କହିଲେ—ମୋର ବିଶ୍ୱାସ ତମର ଏକାନ୍ତ କାମନା ବଳରେ ମହାରାଜାଙ୍କର ମରଶରୀର ଜୀବନ୍ୟାସ ପାଇ ପୁନର୍ବାର ଶତ୍ରୁର ସମ୍ମୁଖୀନ ହେବ । କିନ୍ତୁ ତା ପରିବର୍ତ୍ତେ ତୁମର ମୃତ୍ୟୁ ହେବ ନାହିଁ । ବରଂ ତୁମର ନୂତନ ଜୀବନ ଆରମ୍ଭ ହେବ । ମହାରାଜଙ୍କ ପ୍ରତିନିଧି ଭାବରେ ମୁଁ କାଲି ପ୍ରଭାତରୁ ତୁମକୁ ରାଜଧାନୀକୁ ପ୍ରେରଣ କରିବି । ତୁମର ରାଜଭକ୍ତି ଦେଶ ପ୍ରୀତି ଏବଂ ଅତିଥିବତ୍ସଳତାର ଉପଯୁକ୍ତ ପୁରସ୍କାର ଦ୍ୱାରା ଦେଶର ମଙ୍ଗଳ ହେବ । ଦେବୀ, ତୁମର ପରିଚୟ ଜାଣିପାରେ କି ? କି ଦୁଃଖରେ ତୁମେ ଏ ବୟସରେ ଏଇ ନିର୍ଜନ ସମୁଦ୍ରବେଳାରେ ଏକାକିନୀ ଜୀବନ କାଟୁଛ ? ସବୁକଥା ଜାଣିଲେ ତୁମର ଦୁଃଖ ହୁଏତ ଦୂର କରିବା ସମ୍ଭବ ହୁଅନ୍ତା ।

ଚନ୍ଦ୍ରଭାଗା ନୀରବ ହେଇଗଲେ । ଯେଉଁ ଭୟରେ ସେ ସେଦିନ ମୁହଁ ଲୁଚାଇ ପଳାଇ ଆସିଥିଲା ଆଜି ସେଇ ବିପଦ ଉପସ୍ଥିତ । ଏଇ ଦୟାବନ୍ତପୁରୁଷ ତାକୁ ରାଜଧାନୀକୁ ଘେନିଯିବେ । ମହାରାଜଙ୍କ ସମ୍ମୁଖରେ ତାର ପରିଚୟ ଉନ୍ମୋଚିତ ହେଲେ ତାର ସ୍ୱାମୀ କମଳ ମହାରଣା ଦୁଃଖ ଅପମାନରେ ଭାଙ୍ଗିପଡ଼ିବେ ସିନା—ତା' ନିଜ ଦୁଃଖ ତ ଜଣା ହେବ ନାହିଁ । ତାକୁ ଆଉ ସମାଜ କମଳ ମହାରଣାର ବଧୂ ଭାବରେ ଗ୍ରହଣ କରିବ ନାହିଁ । ଥରେ ଯିଏ ଘରୁ ପଦାକୁ ଗୋଡ଼ କାଢ଼ି ଚାଲିଯାଇଛି ସେ ଯେତେ ନିଷ୍ପାପ ହେଲେ ମଧ୍ୟ ଆଉ କୁଳବଧୂର ସମ୍ମାନ ପାଇବ ନାହିଁ । ବରଂ କମଳ ମହାରଣା ଫେରିଯାଇ ଆଉଥରେ ସୁଖର ସଂସାର କରିବ । ସେ ଧରିନେବ ଚନ୍ଦ୍ରଭାଗାର ମୃତ୍ୟୁ ହୋଇଯାଇଛି ।

ଚନ୍ଦ୍ରଭାଗାର ନୀରବତା ମହାରାଜାଙ୍କୁ ବ୍ୟଥିତ କଲା । ବିଷଣ୍ଣ କଣ୍ଠରେ ସେ କହିଲେ—ଜାଣେ ମୋ ଉପରେ ଭରସା ହେଉନାହିଁ । ତାହାଛଡ଼ା ପାଟି ବୁଜି ବିନା ଅଭିଯୋଗରେ ଦୁଃଖ ସହିବା ତୁମର ଅଭ୍ୟାସ ହେଇଯାଇଛି । ଜଗନ୍ନାଥ ଚାହିଁଲେ ମୋ ଉପରେ ଭରସା ଆସିବ—ତମର ଦୁଃଖ ଦୂର ହେବ ।

Digitized by srujanika@gmail.com

ଚନ୍ଦ୍ରଭାଗା ମନେ ମନେ ଭାବିଲା—ଜଗନ୍ନାଥ ଯାହାର ଭରସା ସେ ଆଉ ଅନ୍ୟକୁ ଭରସା କରିବ କାହିଁକି—ତାର ବା ଆଉ ଦୁଃଖ କେଉଁଠି ?

ମହାରାଜ କୁଡ଼ିଆରୁ ପଦାକୁ ବାହାରି ଆସିଲେ । ଶାନ୍ତ କଣ୍ଠରେ କହିଲେ – ନାରୀକୁ ବାହାରେ ରଖି କୁଡ଼ିଆ ଭିତରେ ବିଶ୍ରାମ କରିବା ପୁରୁଷର ଧର୍ମ ନୁହେଁ । ଦେବୀ, ଭିତରେ ପ୍ରବେଶ ହୁଅନ୍ତୁ । ଏଇ ସମୁଦ୍ର ବାଲିରେ, ଖୋଲା ଆକାଶ ତଳେ ମୁଁ ନିର୍ଭୟରେ ନିଦ୍ରାଯିବି । ଏପଟେ ନୀଳଚକ୍ର, ସେପଟେ ନୀଳ ସମୁଦ୍ର—ଭୟ କାହାକୁ ?

ମହାରାଜ ନିଶଙ୍କ ପାଖରେ ସମୁଦ୍ର ବାଲିରେ ବିଶ୍ରାମ ଗ୍ରହଣକଲେ । ନିଶଙ୍କ ଗଭୀର ମମତାରେ ଶୁଷ୍କ ବୁଲାଇ ମହାରାଜାଙ୍କୁ ଆଉଁସି ଶୁଆଇ ପକାଇଲା । ଚନ୍ଦ୍ରଭାଗା କୁଡ଼ିଆ ଭିତରେ ଜଗନ୍ନାଥ ଜଣାଣ ଗୁଣୁ ଗୁଣୁ ସ୍ୱରରେ ଗାଉ ଗାଉ ସମାଧାନର ପଥ ଖୋଜୁଥିଲା ।

ମହୋଦଧି ଗୁରୁ ଗମ୍ଭୀର ଗର୍ଜ୍ଜନ ଏବଂ ଆକାଶର କେତେ ବିନ୍ଦୁ ବର୍ଷାଜଳ ମହାରାଜାଙ୍କୁ ଗଭୀର ନିଦ୍ରାରୁ ଉଠାଇ ଦେଲା । ସେତେବେଳକୁ ମହୋଦଧିର ଆଲିଙ୍ଗନରୁ ଲୋହିତ ପେଣ୍ଡୁଟିଏ ଆକାଶ କୋଳକୁ ଡେଇଁପଡୁଥାଏ । ମହାରାଜ ଭାବିଲେ—ପ୍ରକୃତି କେଡ଼େ ଉଦାର – ତାଙ୍କୁ ଠିକ୍ ସମୟରେ ନିଦ୍ରାରୁ ଉଠାଇ ଦେଇଛି । ଆଉ ଡେରି ହୋଇଥିଲେ ସମୁଦ୍ର ସ୍ନାନ କରିବା ପାଇଁ ଆସୁଥିବା ପଣ୍ଡା ପଡ଼ିଆରୀ କିମ୍ବା ଅନ୍ୟ କେହି ରାଜାଙ୍କୁ ଚିହ୍ନିପାରିଥାନ୍ତେ । ସେ ବଞ୍ଚିରହିଛନ୍ତି ଜାଣିବା ପରେ ରାଜ୍ୟସାରା ଆନନ୍ଦ ଉତ୍ସବରେ ରୋଳ ଉଠିଥାନ୍ତା । ଶତ୍ରୁ ଯେ ଦ୍ୱାର ଦେଶରେ ଏକଥା ସମସ୍ତେ ଭୁଲିଯାଇଥାନ୍ତେ । ବର୍ତ୍ତମାନ ଆନନ୍ଦ ଉତ୍ସବର ବେଳ ନୁହେଁ । ନୂତନ ଜୀବନ ଲାଭ କରିବା ପାଇଁ ଶ୍ରୀକ୍ଷେତ୍ରର ମାଟି ସ୍ପର୍ଶ କରିବା ଆବଶ୍ୟକ ଥିଲା । ସହସା ତାଙ୍କୁ ଯୁଦ୍ଧକ୍ଷେତ୍ରକୁ ଫେରିଯିବାକୁ ହେବ । ବିଜୟ ହାସଲ କରିବାର କଳ୍ପନାରେ ମୁସଲମାନ ସେନା ମଦ୍ୟ, ମାଂସ, ନାରୀ ଓ ନୃତ୍ୟ ଭିତରେ ଉପସ୍ଥିତ କର୍ତ୍ତବ୍ୟକୁ ଭୁଲିଛନ୍ତି । ଅତର୍କିତ ଭାବେ ଆକ୍ରମଣ କରି ତାଙ୍କୁ କାବୁ କରିବାକୁ ହେବ ।

କିନ୍ତୁ ତା ପୂର୍ବରୁ ଏଇ କରୁଣାମୟୀ ନାରୀଟିର କିଛି ବ୍ୟବସ୍ଥା କରିଯିବାକୁ ହେବ ।

ମହାରାଜ ଦ୍ୱାରଦେଶରେ ଠିଆ ହୋଇ ମୃଦୁ ସ୍ୱରରେ କହିଲେ—ଦେବୀ, ବିଜୟ ଦୀପଟିଏ ଜାଳି ମତେ ଏଥର ବିଦାୟ ଦିଅ । ଖୁବ୍ ଶୀଘ୍ର ମୁଁ ଫେରି ଆସିବି । ତାପରେ ତମର ଦୁଃଖ ଦୂର କରିବା ହେବ ମୋର ପ୍ରଥମ କର୍ତ୍ତବ୍ୟ ।

ପଦ୍ମ କୁଡ଼ିଆ ଦ୍ୱାର ମେଲା । ଭିତରେ ଅଳ୍ପ ସମୟ ତଳେ ଲାଗିଥିବା ମାଟିର ଦୀପଟି ନିଷ୍ପଳ ଶିଖା ମେଲି ଜଳୁଛି ସତେବା ଉତ୍କଳର ବିଜୟ ନିଶାଣ ହୋଇ । ଭିତରେ ନାରୀଟିର ଚିହ୍ନବର୍ଣ୍ଣ ନାହିଁ । କଞ୍ଚା ମାଟିର କେତୋଟି ଦୀପାଳୀ ଗୃହ କୋଣରେ ପଡ଼ି ରହିଛି । ମହାରାଜ

Digitized by srujanika@gmail.com

ବ୍ୟସ୍ତ ହୋଇ ଘରସାରା ଆଖି ବୁଲାଇ ଆଣିଲେ । ଅଲଗୁଣୀରେ ଇତସ୍ତତଃ ଭାବେ ମାତ୍ର ଦୁଇଖଣ୍ଡି ଶାଢ଼ୀ ଝୁଲୁଛି । ଗୋଟିଏ ଶାଢ଼ୀ ଉପରେ ମହାରାଜାଙ୍କର ଦୃଷ୍ଟି ସ୍ଥିର ହେଇଗଲା । ସେଇ ସମ୍ବଲପୁରୀ ବାନ୍ଧ ଶାଢ଼ୀର କାରୁଶିଳ୍ପ ମୁକୁରରେ ଗୋଟିଏ ଅଭୁଲା ସ୍ମୃତି ଭାସିଉଠୁଥିଲା । ସେଦିନ ସ୍ୱଳ୍ପ ଚନ୍ଦ୍ରାଲୋକରେ ଅଗ୍ନାଗ୍ନି ବନସ୍ତର ମନ୍ଦିର ପ୍ରାଙ୍ଗଣରେ ମୂର୍ଚ୍ଛିତହେଇ ପଡ଼ିଥିବା ମଧୂ ଚନ୍ଦ୍ରଭାଗାର ଅର୍ଦ୍ଧମୁକୁଳିତ ମୁଖଶୋଭାର କାରୁକାର୍ଯ୍ୟକୁ ତାରିଫ୍ କରିବା ପୂର୍ବରୁ ଏମିତି ଏକ ବାନ୍ଧ ଶାଢ଼ୀର ସୂକ୍ଷ୍ମାତିସୂକ୍ଷ୍ମ କାରୁଶିଳ୍ପରେ ଚମତ୍କୃତ ହୋଇ ମହାରାଜ ଉତ୍କଳୀୟ ବସ୍ତ୍ରଶିଳ୍ପୀର ଅସାଧାରଣ ପ୍ରତିଭାକୁ ମନେ ମନେ ବଧେଇ ଜଣାଇଥିଲେ । ଉତ୍କଳର ଜାତୀୟ କାରୁଶିଳ୍ପ ଯେ ସର୍ବୋତ୍କୃଷ୍ଟ—ଏକଥା ମର୍ମେ ମର୍ମେ ଅନୁଭବ କରିଥିଲେ । ଏ ଭିତରେ ଚନ୍ଦ୍ରଭାଗାର ଝାପ୍‌ସା ହେଇ ଦେଖିଥିବା ମୁଖଶୋଭାକୁ ସେ ଭୁଲିଗଲେଣି, ଭୁଲିଗଲେଣି ତାର ମଧୁର କଣ୍ଠସ୍ୱର—କିନ୍ତୁ ନରସିଂହଙ୍କର କବି ପ୍ରାଣରେ ସେଇଦିନଠାରୁ ଆଙ୍କିହୋଇ ରହିଛି ଚନ୍ଦ୍ରଭାଗାର ପିନ୍ଧା ଶାଢ଼ୀର ସେଇ କୁମ୍ଭପକା ଧଡ଼ି—ମାଛ, ପଦ୍ମ ଆଉ ହାତୀର ବିଚିତ୍ର ସମାବେଶରେ ଚିତ୍ରିତ ସେଇ ବିସ୍ତୃତ ଅଞ୍ଚଳ । ତେବେ ଏ ନାରୀ କ'ଣ ଚନ୍ଦ୍ରଭାଗା ?

କଥାଟା ମନକୁ ଆସିବା ମାତ୍ରେ ମହାରାଜାଙ୍କ ହୃଦୟରେ ଆନନ୍ଦ ଏବଂ ବ୍ୟଥାର ମିଶ୍ରିତ ସ୍ରୋତଟିଏ ପ୍ରବାହିତ ହୋଇଗଲା । ଯାହାକୁ ସେ ମନେମନେ ସେଇଦିନଠାରୁ ଖୋଜି ହେଉଛନ୍ତି, ତାକୁ ପାଇ ପୁଣି ହରାଇଦେବାର ଅନୁଭୂତି ଭାଷାରେ ଅବର୍ଣ୍ଣନୀୟ । ମହାରାଜ ପୁଣି ଭାବିଲେ—ହେଇଥିବ, ସେଇ ଏକପ୍ରକାର ଶାଢ଼ୀ ଆଉ କାହାର ଥାଇପାରେ—କିମ୍ବା ଶାଢ଼ୀଟିର କାରୁଶିଳ୍ପକୁ ସେ ସମ୍ପୂର୍ଣ୍ଣ ନିର୍ଭୁଲ ଭାବେ ମନେ ରଖିନାହାନ୍ତି । ତେବେ ଏଇ ଜୀର୍ଣ୍ଣ ପର୍ଣ୍ଣକୁଟୀରବାସିନୀ ନାରୀଟି ଏମିତି ସୁନ୍ଦର କାରୁଶିଳ୍ପ ମଣ୍ଡିତ ବାନ୍ଧ ଶାଢ଼ୀଟିଏ ଯଦି ପିନ୍ଧୁଥାଏ, ତେବେ ସେ ଚନ୍ଦ୍ରଭାଗା ବ୍ୟତୀତ ଅନ୍ୟ କିଏ ହୋଇପାରେ ?

ମହାରାଜ ସେଇ କ୍ଷୁଦ୍ର କୁଡ଼ିଆଟି ଭିତରୁ ବାହାରି ଆସି ଚନ୍ଦ୍ରଭାଗାକୁ ଖୋଜିଲେ । ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତରରେ ପ୍ରତ୍ୟୁଷର ଆଭା ସୁବର୍ଣ୍ଣ ଝୋଟ ଲେଖୁଥିଲା । ଆଖପାଖରେ କେଉଁଠି ହେଲେ ଜନବସତି ଦୃଷ୍ଟିଗୋଚର ହେଉନାହିଁ । ଏମିତି ଏକ ନିର୍ଜନ ସ୍ଥାନରେ ବନ୍ଧୁ ପରିବାରହୀନ ହେଇ ଯେଉଁ ନାରୀ ବାସ କରେ ସେ ଚନ୍ଦ୍ରଭାଗା ବ୍ୟତୀତ ଅନ୍ୟ କିଏ ହୋଇପାରେ ? ଆହା ବିଚାରୀ ! ଶ୍ରୀକ୍ଷେତ୍ରରେ ମାଟିର ଦୀପାଳୀ ବିକ୍ରୀକରି ସେ ପରମ ବୈଷ୍ଣବୀ ସାଜି ସନ୍ତୋଷରେ କାଳାତିପାତ କରୁଥିଲା । ଆଜି ପୁଣିଥରେ ତାଙ୍କରି ଯୋଗୁଁ ବିଚାରୀର ଶାନ୍ତି ଭଙ୍ଗ ହେଇଛି ।

ମହାରାଜ ନିଶଙ୍କ ପିଠିରେ ବସିଲେ । ସମୁଦ୍ର ବେଳାର ଓଦାବାଲିରେ ଛୋଟ ଛୋଟ ପାଦପଦ୍ମରେ ଝୋଟି ଅନେକ ଦୂରକୁ ଲମ୍ବିଯାଇଛି । ସମୁଦ୍ର ଧାରେ ଧାରେ ନୀଳ ଜଳକୁ ଛୁଇଁ

Digitized by srujanika@gmail.com

ଛୁଇଁ ଚନ୍ଦ୍ରଭାଗା କେଉଁ ଅନିର୍ଦ୍ଦିଷ୍ଟ ପଥରେ ଚାଲିଯାଇଛି । ବେଶିଦୂର ସେ ଯାଇନଥିବ । ଅନ୍ତତଃ ତାକୁ ଥରେ ଯାଇ କହିଦେବାକୁ ହେବ ଯେ, ତାର ଜୀବନ ସ୍ରୋତରେ ବିକ୍ଷୁବ୍ଧ ଭଉଁରୀ ସୃଷ୍ଟି କରି ଆଉ କେବେ ସେ ଦେଖାଦେବନି । ସେ ଶ୍ରୀକ୍ଷେତ୍ରର ପରମ ବୈଷ୍ଣବୀ ଭାବରେ ଶାନ୍ତିରେ ଥାଉ—ଜଗନ୍ନାଥ ଭକ୍ତିରସରେ ବୁଡ଼ିରହୁ, —ସୁଖୀ ହେଉ । ଜଗନ୍ନାଥଙ୍କ ଆଶ୍ରିତା ଶ୍ରୀକ୍ଷେତ୍ରବାସିନୀ ଚନ୍ଦ୍ରଭାଗାକୁ ଆଉ କି ଅଧିକ ଭରସା ବା କିଏ ଦେବ !

କିଛି ବାଟ ଯିବାପରେ ମହାରାଜାଙ୍କର ଆଶାୟୀ ହୃଦୟ ନୈରାଶ୍ୟର ଅନ୍ଧକାରରେ ଛାଇଗଲା । ଚନ୍ଦ୍ରଭାଗାର ପାଦଚିହ୍ନକୁ ସମୁଦ୍ରର ଢେଉ ଧୋଇନେଇଛି—ସେଇ ନିଷ୍ପାପ ନାରୀର ପଦରେଣୁ ପାଇଁ ସମୁଦ୍ରର ବି ଅସୀମ ବ୍ୟାକୁଳତା । ଆଗକୁ ଆଉ ପାଦଚିହ୍ନ ଦିଶୁନାହିଁ । ସମୁଦ୍ରର ଉତ୍ତାଳ ଢେଉ ବେଳାଭୂମିରେ ମଥା ପିଟି ପିଟି ହୁଏତ ଚନ୍ଦ୍ରଭାଗାକୁ ଖୋଜୁଛି । କେବଳ ପଦରେଣୁ ଲାଭ କରି ମହୋଦଧିର ଅନ୍ତର ଶାନ୍ତ ହୋଇନାହିଁ । ସେ ଚନ୍ଦ୍ରଭାଗାକୁ କୋଳେଇ ନେବାକୁ ଚାହେଁ । ଚନ୍ଦ୍ରଭାଗାର ପବିତ୍ର ହେଦକୁ ତରଙ୍ଗିତ ବାହୁ ମେଲି ମହୋଦଧି ଆଉ ନିଜ କୋଳକୁ ଟାଣି ନେଇ ନାହିଁ ତ !

ରାଜା ନରସିଂହ ସମୁଦ୍ରର ନୀଳ ଜଳରାଶିକୁ ଅପଲକ ଆଖିରେ ଚାହିଁରହି କାତର ମିନତିଭରା ସ୍ୱଗୋତୋକ୍ତି କଲେ—ହେ ରତ୍ନାକର, ଫେରାଇଦିଅ ମୋର ଜୀବନଯାତ୍ରୀ ଚନ୍ଦ୍ରଭାଗାକୁ । ଯଦି ଚନ୍ଦ୍ରଭାଗାକୁ ଗର୍ଭରେ ଧାରଣ ନକରେ ତମ ନାମର ଯଥାର୍ଥତା ପ୍ରତିପାଦିତ ହେବ ନାହିଁ—ତେବେ ତାକୁ ଅତି ଯତ୍ନରେ ଅତି କୋମଳ ଭାବରେ ସାଇତି ରଖ, ଯେମିତି ଏ ପୃଥିବୀର ନିର୍ମମ ଅନ୍ଧବିଶ୍ୱାସ ଆଉ ନିଷ୍ଠୁର ଅବିଚାର ତାକୁ ସ୍ପର୍ଶ ନ କରେ ।

ମହାରାଜ ଏଥର ଦିଗପରିବର୍ତ୍ତନ କଲେ । ଚନ୍ଦ୍ରଭାଗାକୁ ଖୋଜି ଖୋଜି ସମୁଦ୍ର ବେଳାରେ ଘୂରିବାର ବେଳ ଏ ନୁହେଁ । ପ୍ରଭାତ ହେବା ପୂର୍ବରୁ ତାକୁ ଯୁଦ୍ଧକ୍ଷେତ୍ର ଅଭିମୁଖେ ଯାତ୍ରା କରିବାକୁ ହେବ । ଚନ୍ଦ୍ରଭାଗାର ମୂଲ୍ୟ ମହାରାଜଙ୍କ ପାଖରେ ଯେତେବେଶି ହେଉନା କାହିଁକି, ଜାତିର ସ୍ୱାଧୀନତା ପାଖରେ ତାହା ଅତ୍ୟନ୍ତ ତୁଚ୍ଛ । ଏଇ ନୂତନ ଦିବସଟିର ପ୍ରତ୍ୟେକଟି ମୁହୂର୍ତ୍ତ ଅତ୍ୟନ୍ତ ମୂଲ୍ୟବାନ । ନୀଳଚକ୍ରକୁ ପ୍ରଭାତ ସୂର୍ଯ୍ୟର ରଶ୍ମି ସ୍ପର୍ଶ କରୁଥିଲା । ପ୍ରଣାମ ଜଣାଇ ମହାରାଜ ଦୃଢ଼ ନିଶଙ୍କ ଚିତ୍ତରେ ନିଶଙ୍କକୁ ମାର୍ଗ ଦର୍ଶାଇ ଆଗେଇଲେ । ମହାରାଜଙ୍କର ଅଦୃଶ୍ୟ ମାର୍ଗଦର୍ଶକ ଥିଲେ ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ଜଗନ୍ନାଥ ।

ଏ ସ୍ୱପ୍ନ, ନାଁ ସତ୍ୟ ! ଅଜେୟ ଉତ୍କଳର ଅପରାଜେୟ ନରପତି ନରସିଂହଙ୍କ ମୃତଶରୀର ପରିବର୍ତ୍ତେ—ଫେରିଆସୁଛନ୍ତି ସ୍ୱୟଂ ନରସିଂହଦେବ—ଦିଗ୍‌ବିଜୟ କରି । ଇତିହାସ ପ୍ରସିଦ୍ଧ ଏଇ ଯୁଦ୍ଧରେ ବଙ୍ଗର ମୁସଲମାନ ଶାସକ ଏବଂ ଦିଲ୍ଲୀର ସୁଲତାନଙ୍କ ମିଳିତ

Digitized by srujanika@gmail.com

ବିଶାଳ ସୁଦକ୍ଷ ସେନାବାହିନୀକୁ ସମ୍ପୂର୍ଣ୍ଣରୂପେ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଛନ୍ତି ଜଗନ୍ନାଥଙ୍କ ଅଦୃଶ୍ୟ ସେନାପତିତ୍ୱରେ ଦୁର୍ଦ୍ଧର୍ଷ ଓଡ଼ିଆ ପାଇକବାହିନୀ । ଉତ୍ତର ଭାରତରେ ମୁସଲମାନ ବାହିନୀର ଏପରି ଘୋର ବିପର୍ଯ୍ୟୟ ଏବଂ ନରପତି ନରସିଂହଙ୍କର ଅଭୂତପୂର୍ବ ବିଜୟ କେବଳ ଯେ ଜଗନ୍ନାଥଙ୍କ ଅପାର କରୁଣା ବଳରେ ସମ୍ଭବ ହେଉଛି ଏକଥା ପ୍ରତ୍ୟେକ ଉତ୍କଳୀୟ ମର୍ମେ ମର୍ମେ ଅନୁଭବ କରି ଜଗନ୍ନାଥଙ୍କର ଜୟଧ୍ୱନି କରୁଥିଲେ । ତା' ନହେଇଥିଲେ ମୃତ ନରପତି ପୁନର୍ଜୀବନ ପାଇଁ ଯୁଦ୍ଧକ୍ଷେତ୍ରରେ ଆବିର୍ଭୂତ ହୋଇଥାନ୍ତେ କିପରି !

କେବଳ ଉତ୍କଳରେ ନୁହେଁ, ସମଗ୍ର ପୂର୍ବଖଣ୍ଡ ଉତ୍କଳ, ଆନ୍ଧ୍ରର ଉତ୍ତରାଂଶ, ମଧ୍ୟପ୍ରଦେଶର ପୂର୍ବାଂଶ, ବିହାର ପ୍ରଦେଶର ଦକ୍ଷିଣାଂଶ, ସମଗ୍ର ବଙ୍ଗଦେଶ, କାମରୂପ ଏବଂ ମଣିପୁର ରାଜ୍ୟରେ ଜଗନ୍ନାଥଙ୍କର ଜୟଧ୍ୱନି ନିନାଦିତ ହେଲା । ଶତ ଶତ ଜଗନ୍ନାଥ ମନ୍ଦିର ନିର୍ମିତ ହେଲା ସେଇସବୁ ରାଜ୍ୟମାନଙ୍କରେ । ମୁସଲମାନ ଶାସିତ ବଙ୍ଗଦେଶରେ ବି ଜଗନ୍ନାଥ ମହାପ୍ରଭୁଙ୍କ ଦ୍ୱାଦଶଯାତ୍ରା ପାଳିତ ହେଲା ।

ଗଙ୍ଗବଂଶର ରାଷ୍ଟ୍ରଦେବତା ଥିଲେ ମହେନ୍ଦ୍ରଗିରି ନିବାସୀ ଗୋକର୍ଣ୍ଣେଶ୍ୱର । ପରମବୈଷ୍ଣବ ଗଙ୍ଗ ନରପତି ନରସିଂହଦେବ ଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ମାନି ତାଙ୍କର ଶରଣାପନ୍ନ ହେଲେ । ଉତ୍କଳର ରାଜା ହେଲେ ସ୍ୱୟଂ ଜଗନ୍ନାଥ । ଉତ୍କଳର ସ୍ୱାଧୀନତା ରକ୍ଷକରୂପେ ଜଗନ୍ନାଥଙ୍କର ପର୍ବପର୍ବାଣୀର ବ୍ୟବସ୍ଥା ହେଲା । ପୁରୁଷୋତ୍ତମ ଧାମର ସୁଖ୍ୟାତି ସାରା ଭାରତରେ ପ୍ରଚାରିତ ହେଲା ।

ମା'ଗଙ୍ଗେଶ୍ୱରୀଙ୍କୁ ଧ୍ୟାନ ଅନ୍ନଜଳ ତ୍ୟାଗ କରି ମୂର୍ଚ୍ଛିତା ହେଇପଡ଼ିଥିଲେ ମହାରାଣୀ । ସ୍ୱପ୍ନରେ ସେ ଦେଖିଲେ ମା' ଗଙ୍ଗେଶ୍ୱରୀ ସୌଭାଗ୍ୟର ସିନ୍ଦୂର ତାଙ୍କ ସୀମାନ୍ତରେ ଆଙ୍କି ଦେଉଛନ୍ତି । ଚେତା ଫେରିପାଇ ସେ ଶୁଣିଲେ ମହାରାଜ ଦ୍ୱାରଦେଶରେ ଉପସ୍ଥିତ । ଧରିତ୍ରୀ ଏବଂ ମୌସୁମୀର ସେଇ ମହାମିଳନ ଲଗ୍ନରେ ଆଦ୍ୟ ଆଷାଢ଼ର ବାରିଧାରା ମହାରାଣୀଙ୍କ ଚକ୍ଷୁଦେଇ ଝରିପଡ଼ିଲା ପୃଥିବୀରେ । ଶୁଷ୍କ ନିରସ ଧରଣୀ ହେଲା ଶସ୍ୟ ଶ୍ୟାମଳା ।

ମହାରାଜ ଆଗମନ ସମ୍ବାଦ ପ୍ରଚାରିତ ହେବାପରେ ତାଙ୍କର ମଙ୍ଗଳ ମନାସି ଠିକ୍ ସେତିକିବେଳେ ମୁଖଶାଳାର ସମ୍ମୁଖ ଦ୍ୱାର ତୋରଣର ଏକ ଲୁହାକଡ଼ି ଉପରେ ସାତଶହ ବୟାଳିଶ ମହଣ ଓଜନର ମୁଗୁନି ପଥରରେ ଖୋଦିତ ନବଗ୍ରହପାଟକୁ ପ୍ରତିଷ୍ଠିତ କରାଯାଇଥିଲା । ନଅଟି ପ୍ରକୋଷ୍ଠରେ ଗୋଟିଏ ଲେଖାଏଁ ଗ୍ରହମୂର୍ତ୍ତି ମାନବିକ ଚିନ୍ତାଧାରାରେ ରୂପ ପାଇ ଖୋଦିତ ହୋଇଛନ୍ତି । ବାମରୁ ଦକ୍ଷିଣକୁ ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି,

Digitized by srujanika@gmail.com

ଶୁକ୍ର, ଶନି, ରାହୁ ଏବଂ କେତୁଙ୍କର ପଦ୍ମାସନରେ ବିରାଜିତ ଅଳଙ୍କାର ଖଚିତ ମୂର୍ତ୍ତିମାନ ସତେ ଯେପରି ଅଜେୟ ଉତ୍କଳକୁ ଅଖଣ୍ଡ ଅଭୟ ଦାନ କରୁଥାନ୍ତି ।

ମହାରାଜ ରାଜଧାନୀରେ ପହଞ୍ଚିବା ମାତ୍ରେ ପ୍ରଥମେ ମହାରାଣୀଙ୍କ ସହ କୋଣାର୍କ ନଗରୀ ଅଭିମୁଖେ ଯାତ୍ରା କଲେ ଏବଂ ନବଗ୍ରହ ମୂର୍ତ୍ତିଙ୍କ ସମ୍ମୁଖରେ ନତଜାନୁ ହୋଇ ପ୍ରଣତ ହେଲେ । ଗ୍ରହଶାନ୍ତି ନିମନ୍ତେ ଶାନ୍ତିହୋମ, ଯଜ୍ଞ ଏବଂ ପୂଜା ଉପାସନା କୋଣାର୍କ ପ୍ରାଙ୍ଗଣରେ ଚାଲିଥାଏ ।

ଶିଳ୍ପୀ ବିଶୁ ମହାରଣା ମହାରଜାଙ୍କର ବିଜୟୀ ବେଶର ମୂର୍ତ୍ତି ଉତ୍କୀର୍ଣ୍ଣ କରୁଥିଲେ । ମହାରାଜ ଗୁରୁ ଗମ୍ଭୀର କଣ୍ଠରେ ଆଦେଶ ଦେଲେ—ଏ ବିଜୟ ଜଗନ୍ନାଥଙ୍କର ଏବଂ ଶ୍ରେଷ୍ଠ ଯୋଦ୍ଧା ହେଉଛି ମୋର ପ୍ରିୟ ହସ୍ତୀ ନିଶଙ୍କ । ତାରି ଯୋଗୁଁ ମୁଁ ଆଜି ପୁନର୍ଜନ୍ମ ଲାଭ କରିଛି । ପ୍ରଥମେ ତାରି ମୂର୍ତ୍ତି ଖୋଦିତ କର ଶିଳ୍ପୀ । ଯୁଦ୍ଧରେ ଯେଉଁ ଗଜ, ଅଶ୍ୱମାନେ ପ୍ରାଣବଳୀ ଦେଇଛନ୍ତି, ସେମାନଙ୍କୁ ଉତ୍କୀର୍ଣ୍ଣ କର କୋଣାର୍କ ଗାତ୍ରରେ । ତେବେଯାଇ କୋଣାର୍କ ହେବ ବିଜୟର ସ୍ମୃତି ମନ୍ଦିର ।

ଧନ୍ୟ ସେଇ ନରପତି, ଯିଏ ପଶୁର ମହନୀୟତାକୁ ମଧ୍ୟ ସମ୍ମାନ ଦିଏ । ବିଶୁ ମହାରଣା ଯୁଦ୍ଧହସ୍ତୀ ନିଶଙ୍କର ମୂର୍ତ୍ତି ଖୋଦିତ କରିବା ପାଇଁ ଶିଳ୍ପୀମାନଙ୍କୁ ନିର୍ଦ୍ଦେଶ ଦେଲେ ।

ମୁଖଶାଳାର ଉତ୍ତର ଦ୍ୱାର ପାହାଚର ଦୁଇ ପାର୍ଶ୍ୱରେ ନିଶଙ୍କର ଅନୁରୂପ ଦୁଇଟି ପ୍ରକାଣ୍ଡ ଯୁଦ୍ଧହସ୍ତୀ ସ୍ଥାପିତ ହେଲେ । ଯୁଦ୍ଧ ସରଞ୍ଜାମ ସଜ୍ଜିତ ହସ୍ତୀର ପେଟତଳ ଦେଇ ଯେଉଁ ଶିକୁଳୀ ଖୋଦିତ ହୋଇଥାଏ ତାହା ବାସ୍ତବ ଲୁହାଶିକୁଳୀର ଭ୍ରମ ଆଣୁଥାଏ । ହସ୍ତୀ ତା'ର ଥୋଡ଼ ପାହାରରେ ଶତ୍ରୁପକ୍ଷର ସୈନ୍ୟକୁ ଚାପିଧରିଥାଏ । ହସ୍ତୀର ଗୋଡ଼ତଳେ ଆଉ କେତେଜଣ ଶତ୍ରୁ ସୈନ୍ୟ ଚାପି ହୋଇ ଯାଇଥାନ୍ତି ।

ମହାରାଜ ନିଶଙ୍କର ପ୍ରତିମୂର୍ତ୍ତିକୁ ଚାହିଁ ମୁଗ୍ଧ ହୋଇଗଲେ । ଶିଳ୍ପୀକୁ ଧନ୍ୟବାଦ ଜଣାଇ କହିଲେ—ନିଶଙ୍କ ଯୁଦ୍ଧକ୍ଷେତ୍ରରେ ଠିକ୍ ଏମିତି ବୀରତ୍ୱ ପ୍ରଦର୍ଶନ କରିଥାଏ । କିନ୍ତୁ ଶିଳ୍ପୀ, ଦୟାକରି ନିଶଙ୍କର ଲୌହଶିକୁଳୀ ଖୋଲି ଦିଅ । ସେ କୌଣସି ଦିନ ଅବିଶ୍ୱସ୍ତ ବା ସ୍ୱେଚ୍ଛାଚାରୀ ହୋଇନାହିଁ । ବରଂ ଯୁଦ୍ଧକ୍ଷେତ୍ରରେ ସେ ମୋର ପରମ ବିଶ୍ୱସ୍ତ ବନ୍ଧୁଟିଏ । ତା'ର ଲୌହଶିକୁଳୀ ମତେ କଷ୍ଟ ହେଉଛି ।

ଶିଳ୍ପୀ ନତଜାନୁ ହେଇ କହିଲେ—ମହାରାଜ, ଦୋଷ କ୍ଷମା ହେଉ । ହାତୀ ସହ ପ୍ରସ୍ତରର ଶିକୁଳୀ ଏକତ୍ର ଖୋଦିତ ହୋଇଛି । ତାକୁ କାଢ଼ିଆଣି ହେବ ନାହିଁ । ତାହେଲେ ନିଶଙ୍କ କ୍ଷତବିକ୍ଷତ ହେବ—ବିକୃତ ହେବ ।

Digitized by srujanika@gmail.com

ଲୌହଶିକୁଳୀକୁ ବିସ୍ମିତ ନେତ୍ରରେ ଚାହିଁ ମହାରାଜ ମର୍ମରି ଉଠିଲେ—ଧନ୍ୟ ଶିଳ୍ପୀ ! ଧନ୍ୟ ତମର କଳାନୈପୁଣ୍ୟ ! ଏଇ ନିଖୁଣ ଲୌହଶିକୁଳୀଟି ହଟାଇ ଦେଲେ ନିଶଙ୍କ ଆଦୌ ଆହତ ନହେଇପାରେ—କିନ୍ତୁ ମୁଁ କ୍ଷତାକ୍ତ ହେବି । ଭାସ୍କର୍ଯ୍ୟର ଉତ୍କର୍ଷତାରେ ଏକ ନିଖୁଣ ଲୌହଶିକୁଳୀ ମୋର ବି କାମ୍ୟ ।

ଦକ୍ଷିଣ ଦ୍ୱାର ସମ୍ମୁଖ ପାହାଚର ଶେଷ ଭାଗରେ ଯୁଦ୍ଧ ଅଶ୍ୱ ଖୋଦିତ ହେଲେ ଏବଂ ଅଶ୍ୱ ଓ ହସ୍ତୀ ଖୋଦିତ କରିଥିବା ଶିଳ୍ପୀକୁ ରାଜା ଶାଢ଼ୀ ପ୍ରଦାନ କଲେ ।

କୋଣାର୍କ ଧୀରେ ଧୀରେ ସମ୍ପୂର୍ଣ୍ଣ ହେଇଆସୁଥାଏ । ଜୀବନର ଅପୂର୍ଣ୍ଣତା ଆଡ଼କୁ ଧୀରେ ଧୀରେ ଆଗେଇ ଯାଉଥାଏ କମଳ ମହାରଣା । ରାଜା ନରସିଂହ ଚନ୍ଦ୍ରଭାଗା ପାଇଁ ଯେତିକି ନୁହେଁ—ସେତିକି ଚିନ୍ତିତ ହୋଇପଡୁଥାନ୍ତି ଦେଶଭକ୍ତ ଶିଳ୍ପୀ—କମଳ ମହାରଣା ପାଇଁ ।

ବାରମ୍ବାର ମହାରଣାର ଏ ସାଧନା ପାଇଁ ସେ କି ପୁରସ୍କାର ତାକୁ ଦେଇଛନ୍ତି ? ବାରମ୍ବାର ଚନ୍ଦ୍ରଭାଗା ତାଙ୍କର ହାତଛଡ଼ା ହେଇଯାଇଛି । ଅଜେୟ ନରପତି ଚନ୍ଦ୍ରଭାଗା ପାଖରେ ବାରମ୍ବାର ପରାଜିତ ହେବାର ଯନ୍ତ୍ରଣା ଯେ କେତେ ଜ୍ୱାଳାମୟ, ତା' ତାଙ୍କଛଡ଼ା ଆଉ କିଏ ଜାଣେ ।

ପୁରୀ ଅଷ୍ଟପାଟଣାର ଚାରିଦିଗରେ ଭଗବତୀ କୋଟ, ନାଗାକୋଟ, ମରିଚକୋଟ ଏବଂ ଇନ୍ଦ୍ରଦ୍ୟୁମ୍ନକୋଟ, ଚାରିଟି ସୁରକ୍ଷିତ ଦୁର୍ଗ । କ୍ଷେତ୍ରରକ୍ଷୀମାନେ ଶ୍ରୀମନ୍ଦିର ରକ୍ଷା ପାଇଁ ଚାରିଟି ଦୁର୍ଗରେ ଜାଗତିଆର ହେଇ ରହିଥାନ୍ତି । କେହି ସନ୍ଦେହଜନକ ବ୍ୟକ୍ତିର ସହର ଭିତରକୁ ପ୍ରବେଶ ଏବଂ ସହର ବାହାରକୁ ପ୍ରସ୍ଥାନର ଅବରୋଧ କରିବା ପାଇଁ ଚାରିଦୁର୍ଗର ପ୍ରବେଶ ଦ୍ୱାରରେ ଜଣେ ଜଣେ ଘାଟସ୍ୱଷ୍ଟି ରହିଥାନ୍ତି । ଘାଟ ଛାଡ଼ପତ୍ର ନ ଦେଖିଲେ ପୁରୀ ସହରକୁ ପ୍ରବେଶ କରିହୁଏନି—କିମ୍ବା ସନ୍ତୋଷଜନକ ଉତ୍ତର ନ ମିଳିଲେ ସହରରୁ ପ୍ରସ୍ଥାନ କରି ହୁଏନି ।

ଏକାକିନୀ ନାରୀ ଚନ୍ଦ୍ରଭାଗା ଅନ୍ଧକାରରେ ମୁହଁ ଲୁଚାଇ ପୁରୀ ସହର ଛାଡ଼ିବା ସମ୍ଭବ ନୁହେଁ । ରାଜସ୍ୱବୃତ୍ତି ପାଇ ନିଶାକାଳରେ ସାହିରେ ପହରା ଦେବାପାଇଁ ନିଯୁକ୍ତ ହୋଇଥିବା ବରକନ୍ଦାଜମାନଙ୍କ ଅଭିଯୋଗ ଲିପିରେ ଚନ୍ଦ୍ରଭାଗାର ନାମ ସୁଦ୍ଧା ଉଲ୍ଲେଖ ହୋଇନି । ତେବେ ଚନ୍ଦ୍ରଭାଗା କେଉଁ ପଥଦେଇ ଉଭାନ୍ ହେଇଗଲା ?

Digitized by srujanika@gmail.com

ରାଜା ନରସିଂହ ଯୁଦ୍ଧରୁ ଫେରି କୋଣାର୍କର ନବଗ୍ରହ ଶାନ୍ତି ହୋମର ପୂର୍ଣ୍ଣାହୂତି ପରେ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରବେଶ କଲେ । ଉଦ୍ଦେଶ୍ୟ, ଜଗନ୍ନାଥଙ୍କ ଶ୍ରୀଚରଣରେ ଭକ୍ତି ଏବଂ ଶ୍ରଦ୍ଧାଞ୍ଜଳୀ ଅର୍ପଣ ତଥା ଚନ୍ଦ୍ରଭାଗାର ଅନ୍ୱେଷଣ ।

ରାଜା ନରସିଂହ ଜାଣନ୍ତି ଯୁଦ୍ଧରେ ଶ୍ରୀ ଶ୍ରୀ ଜଗନ୍ନାଥ ହିଁ ଜୟଲାଭ କରିଛନ୍ତି । ମହାରାଜ ନିମିତ୍ତ ମାତ୍ର । ଯୁଦ୍ଧକ୍ଷେତ୍ରରେ ସେଦିନ ଅଚାନକ ଶତ୍ରୁ ପକ୍ଷରୁ ତରବାରୀ ତାଙ୍କର ବକ୍ଷବିଦ୍ଧ କରିଥିଲା । ଅଜସ୍ର ରକ୍ତସ୍ରାବ ହେତୁ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ । ଶ୍ୟାମ ବର୍ଣ୍ଣର ଜ୍ୟୋତିଟିଏ ସେଇ ଘନ ତମିସ୍ରା ଭିତରେ ତାଙ୍କ ଚକ୍ଷୁ ସାମ୍ନାରେ ଜଡ଼ିଉଠିଲା । ନୀଳକାନ୍ତ ମଣି ଭଳି ଉଜ୍ଜ୍ୱଳ ଶ୍ୟାମଳ ଦେବଶିଶୁଟିଏ ତାଙ୍କର ହାତଧରି ଉଠାଇଲା । କେମିତି ସେ ଆସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ—ଚନ୍ଦ୍ରଭାଗାର ସେବା ଶୁଶ୍ରୂଷାରେ ସୁସ୍ଥହେଲେ ପୁଣି ଫେରିଯାଇ ସିଂହ ବିକ୍ରମରେ ଶତ୍ରୁ ସୈନ୍ୟକୁ ଦଳନ କଲେ; ସେକଥା ତାଙ୍କ ନିଜ ପାଖରେ ମଧ୍ୟ ଏକ ବିସ୍ମୟକର ରହସ୍ୟ ହେଇ ରହିଛି ।

ସେହି ରହସ୍ୟମୟ ଜଗନ୍ନାଥଙ୍କ ବ୍ୟତୀତ ଆଉ କିଏ ଏସବୁ କରିପାରେ ? ଧର୍ମ ଯୁଦ୍ଧରେ ସେ ତ କାଳକାଳ ସାରଥି ହୋଇ ଆସିଛନ୍ତି । ଆଜି ତାଙ୍କ ବ୍ୟତୀତ କିଏ ଆଉ ଏ ଧର୍ମଯୁଦ୍ଧ ପରିଚାଳନା କରିପାରେ ?

ରତ୍ନବେଦୀ ଉପରେ ହସ୍ତପଦ ବିହୀନ ଅଚଳ ମହାମେରୁ ଶ୍ରୀ ଜଗନ୍ନାଥ ବସିଛନ୍ତି । ରଙ୍ଗା ଅଧରରେ ମୃଦୁ ମୃଦୁ ରହସ୍ୟମୟ ହସର ଛିଟା—ସତେକି ସେ କହୁଛନ୍ତି—ମୋର ପାଦ ନାହିଁ—ମୁଁ କେମିତି ରତ୍ନବେଦୀ ଛାଡ଼ି ଯିବି, ମୋର ହାତ ନାହିଁ—ମୁଁ କେମିତି ତତେ ସ୍ପର୍ଶ କରିବି—ମୋର କର୍ଣ୍ଣ ନାହିଁ ମୁଁ କେମିତି ଯୁଦ୍ଧକ୍ଷେତ୍ରରେ ତୋର ଆର୍ତ୍ତ ଚିତ୍କାର ଶୁଣିବି ? ହେ ବୀର ! କର୍ମ ହିଁ ଭଗବାନ୍—ମନୋବଳ ହିଁ ଈଶ୍ୱର, ଆତ୍ମବିଶ୍ୱାସ ହିଁ ତୋର ପଥପ୍ରଦର୍ଶକ । କର୍ମ କରିଯା—ଧର୍ମଯୁଦ୍ଧରେ ବୀରର ପରାଜୟ ହୁଏ ନାହିଁ ।

ମହାରାଜ ରତ୍ନବେଦୀ ସମ୍ମୁଖରେ ନତଜାନୁ ହେଇ ନୀରବ ପ୍ରଶ୍ନ କରୁଛନ୍ତି—ପ୍ରଭୁ, ଚନ୍ଦ୍ରଭାଗାକୁ କେଉଁଠି ଗୋପ୍ୟ କରିଛ ? ଜଳ, ସ୍ଥଳ, ଆକାଶ ତ୍ରିଭୁବନ ମୁଁ ଖୋଜିବି । କମଳ ମହାରଣାର ଷୋଳବର୍ଷର ସାଧନାମୟ ଜୀବନର ପରିଣତି ଚନ୍ଦ୍ରଭାଗା ବିନା କ'ଣ ହେବ ?

ରଙ୍ଗା ଅଧରର ସେଇ ମନ୍ଦ ମଧୁର ହସ । ସେଇ ନୀରବ ଭାଷା ମହାରାଜାଙ୍କ କର୍ଣ୍ଣରେ ଗୁଞ୍ଜରୀ ଉଠୁଛି—ନଦୀ ନିଜ ବାଟରେ ବହିଯାଏ । କାହାରି ହାତ ତିଆରି ରାସ୍ତାରେ ବହି ସେ ସମୁଦ୍ରରେ ମିଶେ ନାହିଁ । ନଦୀ-ପଥର ଠିକଣା ଖୋଜି ଖୋଜି ବାଟ ଚାଲିଛେ ଅରଣ୍ୟରେ ପଥହରା ହେବା ସାର ହୁଏ । ରାଜା ! ତୋ ପାଇଁ ଯୁଦ୍ଧକ୍ଷେତ୍ର ଅପେକ୍ଷା କରିଛି, ଅରଣ୍ୟ ନୁହେଁ ।

Digitized by srujanika@gmail.com

ମହାରାଜ ଅଶ୍ରୁ ସମ୍ବରଣ କରି ନୀରବରେ ବିନତି କରୁଥିଲେ—ପ୍ରଭୁ ଅନ୍ତର୍ଯ୍ୟାମୀ, ଯଦି ଚନ୍ଦ୍ରଭାଗା ବଞ୍ଚିଥାଏ ତାକୁ କମଳ ମହାରଣା ସହ ମିଳିତ କରାଅ । ଯଦି ସେ ବଞ୍ଚିନାହିଁ ତାକୁ ନିଜ ଚରଣରେ ସ୍ଥାନ ଦିଅ । ଏ ଅନ୍ଧ ସମାଜ ତାକୁ ବିନା ଦୋଷରେ ନାନା ଭାବରେ ନିର୍ଯ୍ୟାତନା ଦେଇଛି—ଏପାରିରେ ନହେଲେ ବି ସେପାରିରେ ତାର ଆତ୍ମା ଶାନ୍ତି ଲଭୁ ।

ମହାରାଜ ବୁଲି ବୁଲି ଦୀପ ବିକୁଥିବା ସ୍ତ୍ରୀ ଲୋକମାନଙ୍କୁ ଦେଖୁଥିଲେ । ସମସ୍ତେ ବୟସ୍କା, ଶ୍ରୀହୀନା । ଚନ୍ଦ୍ରଭାଗା କେବେ ଏମାନଙ୍କ ସଙ୍ଗେ ବସି ଦୀପ ବିକ୍ରି କରିପାରେ ! ଯଦି ତା ହେଇଥାଏ ତେବେ ସେଇ ପୁଣ୍ୟବତୀ ବ୍ରହ୍ମଚାରିଣୀର ହାତରୁ ଦୀପ ନେଇ ଯେଉଁମାନେ ପ୍ରଭୁଙ୍କ ପାଖରେ ଜାଳିଥିବେ ସଂସାରର ସବୁ ପାପ ତାଙ୍କର ଧୋଇଯାଇଥିବ । ଚନ୍ଦ୍ରଭାଗା ହାତରୁ ଦୀପଟିଏ ନେଇ ଜାଳିଥିଲେ ହୁଏତ ସେ ବୈକୁଣ୍ଠରେ ବସିଥାନ୍ତେ ।

ମହୋଦଧି ତୀରରେ ସେଇ ନିର୍ଦ୍ଦିଷ୍ଟ ସ୍ଥାନରେ ଠିଆହେଲେ ଆସି ରାଜା ନରସିଂହ । ଚନ୍ଦ୍ରଭାଗାର ସେଇ କ୍ଷୁଦ୍ର କୁଡ଼ିଆଟି ଝଡ଼ରେ ନିଶ୍ଚିହ୍ନ ହେଇଛି । ସମୁଦ୍ର ତାର ଲମ୍ବହାତ ବଢ଼ାଇ କାଠିକୁଟା କେତେଖଣ୍ଡ ବି ସାଉଁଟି ସଫା କରିଦେଇଛି । ଚନ୍ଦ୍ରଭାଗାର ପଦଚିହ୍ନ ବିଲୀନ ହୋଇଯାଇଛି ସମୁଦ୍ର ବେଳାରୁ ।

ଚନ୍ଦ୍ରଭାଗାର ଶୂନ୍ୟ ବେଳାଭୂଇଁ ନିର୍ଜନତାରେ ଖାଁ ଖାଁ କରୁଛି ।

ଉତ୍ତରଦ୍ୱାରର ଅଳ୍ପ ଦୂରରେ ସ୍ୱତନ୍ତ୍ର ମଣ୍ଡପ ଉପରେ ନିଶଙ୍କ ଏବଂ ନିର୍ଭୟଙ୍କର ମୂର୍ତ୍ତି ଦୁଇଟି ସ୍ଥାପିତ ହୋଇଛି । କୋଣାର୍କର ପତନ କାଳରେ ମୁଖଶାଳାର ଉତ୍ତରଦ୍ୱାର ପାହାଚର ଦୁଇପାର୍ଶ୍ୱରେ ଥିବା ଏଇ ଯୁଦ୍ଧହସ୍ତୀ ଦୁଇଟି ବାଲିଗଦା ତଳେ ପୋତିହୋଇ ପଡ଼ିଥିଲେ । କାଳର କରାଳ ହସ୍ତସ୍ପର୍ଶରେ ମୂର୍ତ୍ତିଗୁଡ଼ିକ କ୍ରମଶଃ କ୍ଷୟ ପାଇଯାଉଛି । ବିଶାଳକାୟ ହସ୍ତୀ ଦୁଇଟିଙ୍କର ଉଗ୍ର ଲାଞ୍ଜ ଏବଂ କାନକୁ ଆସ୍ତେ ସାଉଁଳି ଦେଉଥାଏ ପ୍ରାଚୀପ୍ରଭା । ଚାର୍ଲସ ପ୍ରାଚୀପ୍ରଭାର ଗୋଟିଏ ଫଟୋ ଉତ୍ତୋଳିତ କଲା । ମୃଦୁ ହସି କହିଲା—ତମ ମୁହଁର ଭାବ ଏଠି ଖୁବ୍ ଚମତ୍କାର । ଆହତ ମହାରାଜାଙ୍କର ସେବା କରିବାବେଳେ ଚନ୍ଦ୍ରଭାଗାର ମୁହଁରେ ଏଇ କରୁଣ ମଧୁର ପ୍ରେମଭାବ ଫୁଟିଉଠିଥିବା ନିଶ୍ଚୟ ।

ପ୍ରାଚୀପ୍ରଭା ମୃଦୁ ସ୍ୱରରେ କହିଲା—ସେ ପ୍ରେମ ଦେଶପ୍ରେମ ବ୍ୟତୀତ ଅନ୍ୟ କିଛି ନୁହେଁ । ନିଶଙ୍କ ସେଦିନ ସେତିକି ପ୍ରଭୁଭକ୍ତି ଏବଂ ସାହସ ପ୍ରଦର୍ଶନ କରିନଥିଲେ ଉତ୍କଳର ସ୍ୱାଧୀନତା ସୂର୍ଯ୍ୟ ଲୋପ ପାଇଯାଇଥାନ୍ତା । ସେଥିପାଇଁ ମୁଁ ନିଶଙ୍କକୁ ପ୍ରେମ କରେ । ଚନ୍ଦ୍ରଭାଗା ସେଦିନ ସେଇ ଆହତ ଯୋଦ୍ଧାକୁ ପ୍ରେମ କରିଥିବ ତାଙ୍କର ବୀରତ୍ୱ, ସାହସିକତା ଏବଂ ଦେଶପ୍ରେମ ପାଇଁ ।

Digitized by srujanika@gmail.com

—ବିଚାରୀ ଚନ୍ଦ୍ରଭାଗା, ଦେଶପ୍ରେମ ଏବଂ ବିଶ୍ୱପ୍ରେମ ବ୍ୟତୀତ ତା'ଜୀବନର କ'ଣ ବା ସାନ୍ତ୍ୱନା ଥିଲା । ଚାର୍ଲସ ଦୀର୍ଘଶ୍ୱାସ ତୋଳିଲା ।

ଚିତ୍ରୋତ୍ପଳା ଫୁଲଡ଼ାଲା ଧରି ପାଚିରୀ ଉପରେ ଚାଲି ଚାଲି ଯାଉଛି । ତାର ଚାଲିରେ ଏକ ବିଚିତ୍ର ଛନ୍ଦ ଫୁଟିଉଠୁଛି । ଆଗଭଳି ସେ ଆଉ ଡେଇଁ ଡେଇଁ ପାଦ ପକାଉ ନାହିଁ । ତାର ଗତି ଧୀର, ମନ୍ଥର, ଛନ୍ଦଭରା । ଚିତ୍ରୋତ୍ପଳାର ଚେହେରାରେ ବି ଧୀରେ ଧୀରେ ଫୁଟିଉଠୁଛି କୋଣାର୍କର ନୃତ୍ୟଶୈଳୀ । ଆଜିକାଲି କଥା କଥାକେ ତାର ଆଖିରେ ମୁହଁରେ ମଧୁର କ୍ରୀଡ଼ାଭାବ ଲେଖି ହେଇଯାଏ । ଆଖିପତା ନୁଆଁଇ ସେ ଚାର୍ଲସ ସାମ୍ନାରେ କଥା କହେ । ଚାର୍ଲସକୁ ଚୁପ୍ ଚୁପ୍ କରି କହେ—ସାହେବ, ଆଉ କିଛିଦିନ କୋଣାର୍କରେ ରହିଯାଅ । ଆସନ୍ତା ବୈଶାଖରେ ମୋର ବାହାଘର ।

ଚାର୍ଲସ ହସି ହସି କହେ—ରହିବି, କାମ ସରିଗଲେ ବି ରହିବି । ଏବର୍ଷ ପୁରୀ ରଥଯାତ୍ରା ନଦେଖି ମୁଁ ଦେଶକୁ ଫେରିଯାଉନି । ତେଣୁ ତୋ ବାହାଘର ଭୋଜି ଖାଇବି ।

—ଗରିବ ଘରେ ପୁଣି କି ବାହାଘର ଭୋଜି । କୌଣସିମତେ ମୁଣ୍ଡରୁ ବୋଝ ଉତାରିଦେଲେ ବାପା ନିଶ୍ଚିନ୍ତ ହେବେ । ଗଲା ପୁଷମାସ ଶାନ୍ୟ ଦଶମୀ ମେଳାରେ ଭଲ ଫୁଲ ବିକ୍ରି ହେଇଛି । ଆସନ୍ତା ମାଘ ସପ୍ତମୀ ଚନ୍ଦ୍ରଭାଗା ମେଳାରେ ସେମିତି ଫୁଲ ବିକ୍ରି ହେଲେ ବାହାଘର ସୁରୁଖୁରୁରେ ହୋଇଯିବ । ଚନ୍ଦ୍ରଭାଗା ମେଳାପରେ ମୋର ଫୁଲ ବିକ୍ରି କରିବା ଶେଷ । ତାପରେ ଆଉ ଘରଛାଡ଼ି ଏତେ ବାଟ ଆସିବି ନାହିଁ । ବାହାଘର ଆଉ କେତେଟା ଦିନ କି ! ଚିତ୍ରୋତ୍ପଳାର ଗାଲରେ ଅବିର ବୁଣିହେଇଯାଏ । ସେ ଓଢ଼ଣା ଟାଣିନିଏ ମୁଣ୍ଡ ଉପରେ । ଆଜିକାଲି ସେ ମୁଣ୍ଡରେ ଓଢ଼ଣା ଦିଏ ।

ଚାର୍ଲସ ଆସ୍ତେ ପଚାରେ—ତୋ ପ୍ରାଚୀ ଅପାଙ୍କର ବାହାଘର କେବେ ? ଚିତ୍ରୋତ୍ପଳା ଜିଭ କାମୁଡ଼ି ପକାଏ । ଆଖି ବଡ଼ ବଡ଼ କରି କହେ—ସେ କଥା କହନାହିଁ । ଶୁଣିଲେ ଅପା ରାଗିବେ । ବାହାଘର ନାଁ ପଡ଼ିଲେ ସେ ଟେଙ୍ଗାଣି କାହିଁକି ରାଗିଯାନ୍ତି ।

ଚାର୍ଲସ ଉଦାର କଣ୍ଠରେ କହେ—ତୋ ଅପା ପରମ ବୈଷ୍ଣବୀ । ଭାବୁଛି ମୁଁ ବି ବୈଷ୍ଣବ ହୋଇଯିବି । ତୋ ଅପାଙ୍କଠାରୁ ଦୀକ୍ଷା ନେବି । ଅପା ତୋର ରାଜିହେବେ ତ ?

ଚିତ୍ରୋତ୍ପଳା ପରମ ଆଗ୍ରହରେ କହେ—ପଚାରି ବୁଝିବି ? ଚାର୍ଲସ ହସିଦେଇ କହେ—ଥାଉ । ସମୟ ଆସିଲେ ନିଜେ ପଚାରି ବୁଝିବି ।

କିନ୍ତୁ ସେକଥା ଚାର୍ଲସ କେବେ ପଚାରିପାରେ ନାହିଁ, ଯଦିଓ ଯା' ପୂର୍ବରୁ ଝିଅମାନଙ୍କ ସହ ସମ୍ପର୍କ ସ୍ଥାପନ ସମ୍ବନ୍ଧରେ ଚାର୍ଲସ ରାକ୍‌ଠୋକ୍ କଥାବାର୍ତ୍ତା କରିବାର ଅଭ୍ୟାସ ଅଛି । ପ୍ରାଚୀପ୍ରଭା ଅନ୍ୟ ଝିଅଙ୍କଠାରୁ ଭିନ୍ନ—ତା'ସହ ଚାର୍ଲସ ଯେଉଁ ସମ୍ପର୍କ ସ୍ଥାପନ

Digitized by srujanika@gmail.com

କରିବାକୁ ଚାହେଁ, ତା'ମଧ୍ୟ ଝିଅମାନଙ୍କ ସହ ପୂର୍ବ ସମ୍ପର୍କଠାରୁ ଭିନ୍ନ । ଚାର୍ଲସ ପ୍ରାଚୀପ୍ରଭାକୁ ଜୀବନ ସଙ୍ଗିନୀ କରିବାକୁ ଚାହେଁ । ଭାରତୀୟ ପତିପତ୍ନୀର ସମ୍ପର୍କ ଏବଂ ପାରିବାରିକ ସମ୍ବନ୍ଧ ଚାର୍ଲସର ସ୍ନେହକାଙ୍ଗାଳ ମନ ଉପରେ ଗଭୀର ରେଖାପାତ କରିଛି । ପ୍ରାଚୀପ୍ରଭା ଯାହାର ବି ପତ୍ନୀ ହେବ ତା ମା'ଙ୍କ ଭଳି ଛୋଟ କଥାରେ ସେ ଆଦୌ ସ୍ୱାମୀଠାରୁ ବିଚ୍ଛିନ୍ନ ହେଇଯିବ ନାହିଁ । ଚାର୍ଲସ ପାଇଁ ଏ ତ କମ୍ ପ୍ରଲୋଭନର କଥା ନୁହେଁ ।

ଯୁଦ୍ଧହସ୍ତୀଙ୍କ ମଣ୍ଡପରୁ ପ୍ରାଚୀପ୍ରଭା କେତେବେଳେ ତଳକୁ ଓହ୍ଲେଇ ଆସିଲାଣି । ଚାର୍ଲସକୁ ଅନ୍ୟମନସ୍କ ଦେଖି ସେ ପଚାରିଲା—କ'ଣ ହେଉଛି ? ଅନ୍ୟ କିଛି ନେଇ ଚିନ୍ତିତ ଅଛ ? ଚାର୍ଲସ ନିଜକୁ ପ୍ରକୃତିସ୍ଥ କରିନେଇ ଅଳ୍ପ ହସିଲା ଏବଂ ଦୂରରେ ଠିଆ ହୋଇଥିବା ଧର୍ମାନନ୍ଦକୁ ଦେଖା ଦେଇ କହିଲା—'ହଁ', ଧର୍ମାନନ୍ଦର କଥା ଭାବୁଛି । ପିଲାଟା ଏବେ ବେଶ୍ ଉନ୍ନତି କରିଛି । ତାର ଉପାର୍ଜନ ବଢ଼ିଛି । ସେ ଭଲ ଖାଦ୍ୟ ଖାଉଛି । ଭଲ ପୋଷାକ ପିନ୍ଧୁଛି । ଖୁସିରେ ଅଛି । ଭଗ୍ନକୋଣାର୍କ କେତେ ଲୋକଙ୍କର ଅନ୍ନ ସଂସ୍ଥାନ କରୁଛି, ତାହାହିଁ ଭାବୁଛି ।

ଧର୍ମାନନ୍ଦକୁ ଲକ୍ଷ୍ୟ କରି ଖୁସି ହେବା ପରିବର୍ତ୍ତେ ବିମର୍ଷ ହେଇଗଲା ପ୍ରାଚୀପ୍ରଭା । ଧର୍ମାନନ୍ଦ ଆଜିକାଲି ପ୍ରତିଦିନ ଭଲ ହୋଟେଲରେ ପେଟପୂରା ଖାଦ୍ୟ ଖାଉଛି । ଭଲ ପୋଷାକ ପିନ୍ଧୁଛି । ତାର ଚାଲିଚଳଣ, ଚେହେରା ବଦଳିଯାଉଛି ଶୀଘ୍ର ଶୀଘ୍ର । ଏ ଭିତରେ ସେ ଗୋଟିଏ ଭଉଣୀର ବିବାହ ଖର୍ଚ୍ଚ ଉଠାଇଛି । ଅନ୍ୟ ଭାଇମାନଙ୍କୁ ସ୍କୁଲରେ ପଢ଼ାଉଛି । ପନ୍ଦର ବର୍ଷର ଚପଳମତି ବାଳକ ଧର୍ମାନନ୍ଦ ତା' ବାପାର ସଂସାର ବୋଝକୁ ମୁଣ୍ଡାଇ ଭାଙ୍ଗି ପଡ଼ିନାହିଁ—ବରଂ ପାରିଉଠୁଛି । କେମିତି ? କେବଳ କୋଣାର୍କର ନଗ୍ନ ଚିତ୍ର ବିକ୍ରିକରି ! କଥାଟା ଭାବିଲେ ପ୍ରାଚୀପ୍ରଭାର ହୃଦୟରେ କଷ୍ଟ ଆରମ୍ଭ ହୁଏ । ନିଜ ଦେଶର କଳା ଆଉ ସଂସ୍କୃତିକୁ ବିକାରଗ୍ରସ୍ତ ମଣିଷମାନଙ୍କର ଅବଦମିତ ଅବାଞ୍ଛିତା କାମନାର ଯଜ୍ଞରେ ଆହୂତି ହେଉଛି ଧର୍ମାନନ୍ଦ । ନିଜ ମା' ଭଉଣୀମାନଙ୍କ ଅନାବୃତ ଶରୀରର ସୌନ୍ଦର୍ଯ୍ୟକୁ ସେ ବି ଦିନେ ପଣ୍ୟ କରିପାରେ ଅର୍ଥର ବିନିମୟରେ—ଖାଦ୍ୟ ବସ୍ତ୍ରର ଆବଶ୍ୟକତା ମେଣ୍ଟାଇବା ପାଇଁ !

ପ୍ରାଚୀପ୍ରଭା ବେଳେବେଳେ କହେ—ଧର୍ମୁ, ଏସବୁ ଛାଡ଼ିଦେ । ଅନ୍ୟ କିଛି କର । କୋଣାର୍କର ଅନ୍ୟ ଅନେକ ଭାସ୍କର୍ଯ୍ୟର ଫଟୋଚିତ୍ର ବିକ୍ରିକରି ତୁ ଅର୍ଥ ଉପାର୍ଜନ କରିପାରୁ । ବାଛି ବାଛି ସେଇ କେତୋଟି ଭାସ୍କର୍ଯ୍ୟ ବିକ୍ରିକରି ବାହାରେ ତୁ କୋଣାର୍କର କଳାକୁ କଳୁଷିତ କରୁଛୁ – ଦେଶର ସଂସ୍କୃତିକୁ ଅନ୍ୟ ଆଖିରେ ବିକୃତ କରୁଛୁ ।

ଧର୍ମାନନ୍ଦ ହସିଦେଇ କହେ—ଅପା, ମୁଁ ଦେଶ, ଜାତି, କଳା, ସଂସ୍କୃତି କିଛି ହେଲେ ବୁଝେ ନାହିଁ । ମୁଁ କେବଳ ବୁଝେ ଅଭାବ, ରୋଗ, ଭୋକ, ଦାରିଦ୍ର୍ୟ ଆଉ ଅନଟନ କଥା । ଏସବୁର ମୁକାବିଲା କରିବା ପାଇଁ ମୋ ଦ୍ୱାରା ଯାହାଡ଼ା ଆଉ କ'ଣ ହେଇପାରେ ?

Digitized by srujanika@gmail.com

ପ୍ରାଚୀପ୍ରଭା ଉତ୍ତର ଦେଇପାରେ ନାହିଁ । କିନ୍ତୁ ଧର୍ମାନନ୍ଦ ଭଲରେ ଅଛି ଭାବି ମଧ୍ୟ ସୁଖୀ ହେଇପାରେ ନାହିଁ । ତେବେ ସେ ଏତିକି ବୁଝେ, ଧର୍ମାନନ୍ଦର କଥା ଅକାଟ୍ୟ ଏବଂ ସତ୍ୟ । ସତ୍ୟ ବି ବେଳେବେଳେ କେତେ ଅସହ୍ୟ ଆଉ କ୍ରୂର !

ନବଗ୍ରହ ମନ୍ଦିରରେ ଦୀପଟିଏ ଜଳାଇବା ପାଇଁ ପ୍ରାଚୀ ଆଗେଇଯାଉଛି । ଆଜି ଶନିବାର । ଗ୍ରହ ପୂଜା ପାଇଁ ଯାତ୍ରୀଙ୍କର ଅନେକ ଭିଡ଼ ।

ଚିତ୍ରୋତ୍ପଳାଠାରୁ ଫୁଲହାରଟିଏ କିଣି ଚାର୍ଲସ ପ୍ରାଚୀ ହାତକୁ ବଢ଼ାଇଦେଲା । କହିଲା—ପାର ଯଦି ମୋର ଗ୍ରହ ଶାନ୍ତି ପାଇଁ ନବଗ୍ରହଙ୍କ ପାଖରେ ଫୁଲ ଚଢ଼ାଇବ । ପ୍ରାଚୀ ଆଶ୍ଚର୍ଯ୍ୟ ହେଇ ଚାର୍ଲସଙ୍କୁ ଚାହିଁଲା । ଚାର୍ଲସ ମୃଦୁ ହସି କହିଲା—ଏଠି ମଣିଷ ପାଖରେ ମଣିଷ ଅନ୍ତର ଖୋଲି କହିପାରେ ନାହିଁ ବୋଲି ପଥର ଉପରେ ଭରସା ରଖେ । ନିଜ ମନର କଥା ଅନ୍ୟ ପାଖରେ ପହଞ୍ଚାଇବା ପାଇଁ ପଥରକୁ ମାଧ୍ୟମ କରେ । ଏ ଦେଶରେ ଯେତେଦିନ ରହିଛି ତା'ର ଚଳଣିକୁ ମାନିବାକୁ ପଡ଼ିବ ।

ପ୍ରାଚୀ ଆଘାତ ପାଇଲା ଭଳି ମ୍ଳାନ ହେଇଗଲା । ଆହତ ସ୍ୱରରେ କହିଲା—କାହାକୁ ତମେ ପଥର କହୁଛ ଚାର୍ଲସ ? ନବଗ୍ରହଙ୍କର ମହିମା ତମେ ଜାଣ ନାହିଁ । ଶୁଣିଲେ ବିଶ୍ୱାସ କରିବ ତ ! ଏ କାହାଣୀ ନୁହେଁ, ଇତିହାସର କଥା ।

ଚାର୍ଲସ କୌତୁକଭରା ଆଖିରେ ପ୍ରାଚୀକୁ ଚାହିଁ ରହିଲା । ପ୍ରାଚୀ ଦକ୍ଷ ଗାଇଡ୍ ଭଳି ଚାର୍ଲସକୁ ବୁଝାଇଲା—କଳାମୁଗୁନି ପଥରର ଏଇ ନବଗ୍ରହପାଟକୁ କଲିକତାର ମିଉଜିୟମରେ ରଖିବା ପାଇଁ ସରକାର ବହୁ କଳକୌଶଳ ପ୍ରୟୋଗ କରି ମାତ୍ର ଦୁଇଶହ ହାତ ପର୍ଯ୍ୟନ୍ତ ନେଇପାରିଥିଲେ । ବହୁ ଚେଷ୍ଟାକରି ବିଫଳ ହେବାପରେ ପାଟଟିକୁ ତିନି ଖଣ୍ଡ କରି ତା'ର ଏକ ତୃତୀୟାଂଶରେ ଖୋଦିତ ନବଗ୍ରହ ମୂର୍ତ୍ତିମାନଙ୍କୁ ନେବା ପାଇଁ ଚେଷ୍ଟା କରାହେଲା । ବହୁକଷ୍ଟରେ ଏକମାଇଲ ପର୍ଯ୍ୟନ୍ତ ନେଇପାରିଲେ । ସରକାରଙ୍କର ସବୁ ଚେଷ୍ଟା ବିଫଳ ହେଲା । ନବଗ୍ରହ କୋଣାର୍କରେ ପୂଜା ପାଇଲେ । ଚାର୍ଲସ ! ଭାରତର ପଥରର ଆତ୍ମା ଅଛି, ଦୈବୀଶକ୍ତି ଅଛି । ପଥର ଭିତରେ ପରମାତ୍ମାଙ୍କର ସତ୍ତା ଖୋଜିବା ନିର୍ମଳ ଅଟଳ ଭାରତୀୟ ଉଦ୍ଭିମାନସର ପରିଚୟ । ତମେ ବିଶ୍ୱାସ ରଖିଲେ ପଥର ଭିତରେ ବି ପରମାତ୍ମାଙ୍କୁ ପାଇପାରିବ ।

ଚାର୍ଲସ ଆମୋଦରେ ହସିଲା । କୌତୁକ କରି କହିଲା—ପ୍ରାଚୀପ୍ରଭା, ତମର ବୈଷ୍ଣବ ବେଶ ଦେଖିବା ପାଇଁ କେବଳ ଅପେକ୍ଷା କରିଛି । କେବେ ସ୍ୱଆଶ୍ରମ ପ୍ରତିଷ୍ଠା କରୁଛ ? ଆମ ଦେଶକୁ ଚାଲ । ଅନେକ ଶିଷ୍ୟ ମିଳିବେ । ଆଶ୍ରମ ପ୍ରତିଷ୍ଠା ପାଇଁ ଅର୍ଥର ଅଭାବ ବି ରହିବ ନାହିଁ ।

Digitized by srujanika@gmail.com

ପ୍ରାଚୀ ଆହତ ହେଲେ ମଧ ବ୍ୟଙ୍ଗଭରା କଣ୍ଠରେ କହିଲା—ଆଶ୍ରମ ପ୍ରତିଷ୍ଠା ପାଇଁ ଡଲାର ଆବଶ୍ୟକ ହୁଏ ନାହିଁ—ଆବଶ୍ୟକ ହୁଏ କାଠି, କୁଟା, ଫୁଲ, ପତ୍ର, ମାଟି, ଝାଟି ଆଉ ମନର ଭକ୍ତି ଓ ବିଶ୍ୱାସ । ସେତିକି ତ ମୋ ଦେଶରେ ଅଭାବ ନାହିଁ ଚାର୍ଲସ, ସେଥିପାଇଁ ତମ ଦେଶକୁ ଯିବି କାହିଁକି ?

ଚାର୍ଲସ ହସିଦେଲା । କହିଲା—କଥା ବୁଝିଲେନି ଠିକ୍ ଭାବେ । କୌଣସି ଉପାୟରେ ହେଲେ ତମକୁ ମୋ ଦେଶକୁ ନେଇଯିବାକୁ ଚାହେଁ । ଭାବିଥିଲି ଏଇଟା ବୋଧହୁଏ ତମପାଇଁ ସବୁଠୁ ଲୋଭନୀୟ ପ୍ରସ୍ତାବ ହେବ ।

ପ୍ରାଚୀ ମଧ ହସିଲା । କହିଲା—ମୋର ମଧ ସାରା ପୃଥିବୀ ଦେଖିବା ପାଇଁ ଇଚ୍ଛା । ମାତ୍ର ସମସ୍ତଙ୍କର ସବୁ ଇଚ୍ଛା ପୂରଣ ହୁଏ ନାହିଁ । ଇଚ୍ଛାର ଲଗାମକୁ ଆଣ୍ଠ କରି ନଧରିଲେ ମଣିଷ ବାଟ ଅବାଟ, ନୀତି, ଧର୍ମ ଭୁଲେ—ପାଦ ଖସାଏ—କଚଡ଼ା ଖାଏ । ସେସବୁକୁ ମୋର ଭାରି ଭୟ ।

ପ୍ରାଚୀ ନବଗ୍ରହ ମନ୍ଦିର ଭିତରକୁ ଗଲା । ଭୋଗ କଲା । ଚାର୍ଲସ ଫୁଲହାରଟିକୁ ଚଢ଼ାଇଲା । ଦୀପ ଜାଳିଲା । ପ୍ରଣାମ କରି ଗୁହାରୀ କଲା—ପ୍ରଭୁ, ଚାର୍ଲସର ମନରେ ଶାନ୍ତି ଦିଅ, ସୁଖ ଦିଅ, ସ୍ଥିରତା ଦିଅ ।

ମନ୍ଦିରରୁ ବାହାରି ଆସିବା ପରେ ପ୍ରାଚୀ ବିସ୍ମିତ ହେଇ ସ୍ମରଣ କଲା, ଆଜି ସେ କେବଳ ଚାର୍ଲସର କଥା ହିଁ ନବଗ୍ରହଙ୍କୁ ଜଣାଇଛି । ନିଜକଥା ସେ ସମ୍ପୂର୍ଣ ଭୁଲିଯାଇଛି ଚାର୍ଲସର ଯାଯାବରୀ ମନର ଦୁଃଖ ଜଣାଇ ଜଣାଇ । ସେ କ'ଣ ନିଜ ଅପେକ୍ଷା ଚାର୍ଲସକୁ ବେଶି ଭଲପାଏ !

ଚାର୍ଲସକୁ ଭୋଗ ବଢ଼ାଇଦେଲା ପ୍ରାଚୀ । ଭୋଗ ପାଉ ପାଉ ଚାର୍ଲସ କହିଲା—ଆମ ଦେଶକୁ ଫେରିଗଲେ ସବୁକିଛି ମିଳିବ—କେବଳ ଏଇ ଗୋଟିଏ ଦୃଶ୍ୟକୁ ଛାଡ଼ି । ଭାରତରେ ସବୁଠୁ ବେଶି ଭଲ ଲାଗିଛି ମତେ ସେତିକି ।

—କ'ଣ ?

—ନାରୀର ଏଇ ପୂଜାରିଣୀ ବେଶ । ତା' ମୁହଁରେ କରୁଣାମୟୀ ଜନନୀର ଏଇ ମହିମାମୟ ଆଭା । ମୋ ମା'ର ଏଇ ରୂପ ମୁଁ କେବେ ଦେଖିନି । ତମକୁ ଏଇ ବେଶରେ ଦେଖିଲେ ମୋ ଭିତରେ ଗୋଟାଏ ଅସମ୍ଭବ ବାସନା ଜାଗିଉଠେ । ଇଚ୍ଛା ହୁଏ ତମେ ମୋର ମା' ହୁଅନ୍ତ ।

Digitized by srujanika@gmail.com

ପ୍ରାଚୀ ସ୍ୱଚ୍ଛହସର ଧାରାଟିଏ ଢାଳିଦେଇ କହିଲା—ତମର ଏ ବାସନା ଆଦୌ ଅସମ୍ଭବ ନୁହେଁ ଚାର୍ଲସ । ଏବେ ମଧ୍ୟ ତମେ ମା' ଭାବିପାର । ଭାରତୀୟ ସଂସ୍କୃତିରେ ଜଣେ ପୁରୁଷ ଯେକୌଣସି ବିବାହିତା ନାରୀକୁ ଛନନୀ ଦୃଷ୍ଟିରେ ଏବଂ ଅବିବାହିତା ଝିଅକୁ ଭଗ୍ନୀ ଦୃଷ୍ଟିରେ ଦେଖିବାର ନିୟମ ।

—କିନ୍ତୁ ତମେ ତ ବିବାହିତା ନୁହେଁ—ମୋ ମା' ବୟସର ମଧ୍ୟ ନୁହଁ । ଚାର୍ଲସ ଭ୍ରୁକୁଞ୍ଚିତ କରି ପଚାରିଲା ।

ପ୍ରାଚୀ ସାମାନ୍ୟ ଅପ୍ରତିଭ ହେଲା । କଥାଟାକୁ ସଜାଡ଼ି ନେବାପାଇଁ ହସିଦେଇ କହିଲା—ମୁଁ ତ ପୁଣି ଧର୍ମାନନ୍ଦର ମା' । ସେ ମଧ୍ୟ ମୋ ପୁଅ ବୟସର ନୁହେଁ । ନିଜକୁ ମା' ଭାବିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସର ସୀମା ଧାର୍ଯ୍ୟ କରାହେଇନି ଚାର୍ଲସ । ମାତୃତ୍ୱର ପବିତ୍ର ଭାବନାରେ ଜୀବନକୁ ଧନ୍ୟ କରିବା ପାଇଁ ବିବାହର କୌଣସି ଆବଶ୍ୟକତା ନାହିଁ । ମହାଭାରତର ସତ୍ୟବତୀ, କୁନ୍ତୀ ଆଉ ବାଇବେଲର ମଦର ମେରି ବିବାହ ପୂର୍ବରୁ ପବିତ୍ର ମାତୃତ୍ୱର ସୌଭାଗ୍ୟ ଲାଭ କରିଥିଲେ ।

ଚାର୍ଲସ ସାମାନ୍ୟ ବିରକ୍ତି ପ୍ରକାଶ କରି କହିଲା—ମୁଁ ତମକୁ ମା' ଡାକିପାରିବ ନାହିଁ—ଅସମ୍ଭବ ।

—ମୁହଁରେ ନ ଡାକିଲେ ବି ମନରେ ଭାବିପାର । ସବୁକଥା ମୁହଁ ଖୋଲି ପ୍ରକାଶ କରାଯାଏନି । ମଣିଷ ମଣିଷ ଭିତରେ ଅନେକ ସମ୍ପର୍କ ପାଇଁ ସଂଳାପ ଆବଶ୍ୟକ ହୁଏ ନାହିଁ । ଭାବର ଆଦାନ ପ୍ରଦାନ ପାଇଁ ଭାଷାର ପ୍ରୟୋଜନ ହୁଏନି । ପ୍ରାଚୀ ଆଶ୍ୱାସନା ଭରା ସ୍ୱରରେ କହିଲା ।

ଚାର୍ଲସ ଦୀର୍ଘଶ୍ୱାସ ଛାଡ଼ି କହିଲା—ତାହାହିଁ ହେଉ । ମୁହଁରେ ପ୍ରକାଶ ନକଲେ ବି ମୋ ମନ ଭିତରେ ତମର ଆସନ ସେମିତି ଦୃଢ଼ୀଭୂତ ହେଉ ।

—ଧନ୍ୟବାଦ ଚାର୍ଲସ ! ଧନ୍ୟବାଦ । ତମଭଳି ମେଧାବୀ ପୁତ୍ର ପାଇଁ ମୋର ଗର୍ବର ସୀମା ନାହିଁ । ପ୍ରାଚୀ ଆମୋଦରେ କହିଲା ।

ଚାର୍ଲସ କିଛି ଜବାବ ଦେଲା ନାହିଁ । ଲମ୍ବା ଲମ୍ବା ପାଦ ପକାଇ ସେ ଧର୍ମାନନ୍ଦ ପାଖକୁ ଆଗେଇଗଲା । ଧର୍ମାନନ୍ଦ ଏ ଭିତରେ ବେଶ୍ ଡେଙ୍ଗା ହେଇଯାଇଛି । ଚାର୍ଲସ ତା'ର କାନ୍ଧରେ ହାତ ମକାଇ ବନ୍ଧୁତ୍ୱପୂର୍ଣ୍ଣ ଗଳାରେ କହିଲା—ମିଷ୍ଟର ଧର୍ମପଦ ! ମୁଁ ଖୁସି ଯେ ତମେ ଭଲରେ ଅଛ । ମୋର ଗବେଷଣା ଶେଷପ୍ରାୟ । ଯିବା ପୂର୍ବରୁ ତମକୁ ଗୋଟାଏ ଅନୁରୋଧ କରିବି ।

Digitized by srujanika@gmail.com

ଚିତ୍ରୋତ୍ପଳାର ବିବାହ ଫଟୋ ତମେ ଉଠାଇବ । ବିବାହ ଅନୁଷ୍ଠାନର ସମସ୍ତ ବିଧିବିଧାନର ଫଟୋ, ଚିତ୍ରୋତ୍ପଳାର ବଧୂବେଶରେ ଫଟୋ ମୁଁ ସଙ୍ଗରେ ନେଇଯିବାକୁ ଚାହେଁ । ଭାରତୀୟ ନାରୀର ବଧୂବେଶ ଓ ପୃଥିବୀର ଆକର୍ଷଣୀୟ ଚିତ୍ରମାନଙ୍କ ଭିତରେ ଶ୍ରେଷ୍ଠ ସ୍ଥାନ ଲାଭ କରିପାରେ, ଅନ୍ତତଃ ମୋ ଦୃଷ୍ଟିରେ । ତମ ଅପାଙ୍କର ସେଭଳି ଫଟୋଟିଏ ପାଇଲେ ଖୁସି ହେଇଥାନ୍ତି । ମାତ୍ର ମୁଁ ଫେରିଯିବା ଭିତରେ ଅନ୍ତତଃ ତମ ଅପାଙ୍କର ବିବାହ ହେଉନି । ଚିତ୍ରୋତ୍ପଳାର ବିବାହରେ ଯେତେପାର ସେତେ ଫଟୋ ଉଠାଅ । ସବୁ ପଇସା ମୁଁ ଦେବି । ରାଜି ?

—ମୋ ଆପତ୍ତି ନାହିଁ । ମାତ୍ର ଚିତ୍ରୋତ୍ପଳା ରାଜି ତ ? ଆଜିକାଲି କେଜାଣି କାହିଁକି ମୋ ଉପରେ ତା'ର ଭାରି ରାଗ । ମୁଁ ଯେ ବେଶି ରୋଜଗାର କରୁଛି ଏଇ ବୋଧହୁଏ ତା' ଈର୍ଷାର କାରଣ । କିନ୍ତୁ ସାହେବ, ସେ ବୁଝୁନି ଯେ ଆଜିକାଲି ଭଲ୍ଲୁକର ସଂଖ୍ୟା କମୁଛି—ଟୁରିଷ୍ଟମାନଙ୍କର ସଂଖ୍ୟା ବଢୁଛି । ନବଗ୍ରହଙ୍କ ପୂଜା ପାଇଁ କୋଣାର୍କ କେହି ଆସନ୍ତି ନାହିଁ । ଆସନ୍ତି କୋଣାର୍କର କାରୁକାର୍ଯ୍ୟ ଦେଖିବା ପାଇଁ—ବିଶେଷ କରି ମିଥୁନ ମୂର୍ତ୍ତିମାନେ ହିଁ କୋଣାର୍କର ବିଶେଷ ଆକର୍ଷଣ । ତେଣୁ ତାର ଫୁଲବିକ୍ରି ନହେଇ ମୋର ଫଟୋ ବିକ୍ରି ହେବାରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

ଚାର୍ଲସ କିଛି ଉତ୍ତର ଦେଇନାହିଁ । ପାଚିରୀ ଉପରେ ପାଦ ଗଣି ଗଣି ଚିତ୍ରୋତ୍ପଳା ଫେରୁଥିଲା ଶୂନ୍ୟ ଫୁଲଚାଙ୍ଗୁଡ଼ି ଧରି । ଅସ୍ତ ସୂର୍ଯ୍ୟର ଅବିର ରଙ୍ଗ ତା' ଚାରିପଟେ ବୁଣିହେଇ ଯାଉଥାଏ—ସୁନେଲି ଛରି କାମର ଭାସ୍କର୍ଯ୍ୟ ତା'ଦେହରେ ଫୁଟାଉଥାଏ । ମୁଗ୍ଧ ଦୃଷ୍ଟିରେ ତା' ଆଡ଼େ ଚାହିଁଥାଏ ଧର୍ମାନନ୍ଦ । ଚାର୍ଲସ ଭାବିଲା ଏଇ ବାଗ୍‌ଦତ୍ତା କିଶୋରୀଟି ଈର୍ଷା ଅସୂୟାର ଅନେକ ଉର୍ଦ୍ଧ୍ୱରେ । ବଡ଼ ଲୋକ ହେବା ପାଇଁ ସେ ଧନ ଅର୍ଜ୍ଜନ କରେ ନାହିଁ । ତା'ଜୀବନର ଶ୍ରେଷ୍ଠ ସ୍ୱପ୍ନ ବିବାହ । ସେତିକିର ଖର୍ଚ୍ଚ ଉଠାଇବା ପାଇଁ ସେ ଫୁଲ ବିକ୍ରି କରେ । ଧର୍ମାନନ୍ଦ ଯଦି ଫଟୋ ବ୍ରିକି କରି ବଡ଼ଲୋକ ହେଉଛି, ସେ ଈର୍ଷା କରିବ କାହିଁକି ?

ଚାର୍ଲସ ବିଦାୟ ଜଣାଇ ଚିତ୍ରୋତ୍ପଳାକୁ ହାତ ହଲାଇଲା । ଚିତ୍ରୋତ୍ପଳା ତୀର୍ଯ୍ୟକ ଭାବେ ଚାର୍ଲସକୁ ଚାହିଁ ମଧୁର ଛନ୍ଦରେ ହସିଲା । ମୁଣ୍ଡ ହଲାଇ ବିଦାୟ ଜଣାଇଲା । ଚାର୍ଲସ ସ୍ୱଗତୋକ୍ତି କଲା—ଚିତ୍ରୋତ୍ପଳା, ବିବାହ ଯଦି ତମ ଜୀବନର ଶ୍ରେଷ୍ଠ ସ୍ୱପ୍ନ ହୁଏ, ତେବେ ସେଦିନ ମୁଁ ତମ ଆନନ୍ଦରେ ନିଶ୍ଚୟ ଭାଗ ନେବି । ଆମେରିକା ଫେରିଯିବା ଆଗରୁ ମୁଁ ଦେଖିଯିବି ଚିତ୍ରୋତ୍ପଳାର ବିବାହୋତ୍ସବ ଆଉ ଜଗନ୍ନାଥଙ୍କର ପୃଥିବୀ ବିଖ୍ୟାତ ରଥଯାତ୍ରା । ଯାଯାବର ଦିନଲିପିରେ ଏଇ ଦୁଇଟି ଚିରସ୍ମରଣୀୟ ଘଟଣା ଭାବରେ ଲିପିବଦ୍ଧ ହେଇ ରହିବ ।

Digitized by srujanika@gmail.com

—ବାର—

ଆଷାଢ଼ ଶୁକ୍ଳ ଦଶମୀ, ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଯୁଗ ଯୁଗର ଘୋଷଯାତ୍ରା ଶ୍ରୀଗୁଣ୍ଡିଚା । ବାଇଶି ପାବନ୍ଥରେ ଛେଚା କଚା ଖାଇ ପହଣ୍ଡି ବିଜେ କରି ଆସିଛେଣି ତିନିଠାକୁର । ମହାଖଳା (ରଥଦାଣ୍ଡରେ)ରେ ସୁଶୋଭନ ସିଂହଦ୍ୱାରଠାରୁ ବଳଗଣ୍ଡି ପର୍ଯ୍ୟନ୍ତ ପ୍ରଭୁଙ୍କୁ ବିଜେ କରାଇବା ପାଇଁ ଷୋହଳ ଚକିଆ, ଚଉଦ ଚକିଆ, ବାର ଚକିଆ ତିନି ରଥ । ମାଳିନୀ ନଦୀ (ବଡ଼ ନଈ)ର ଉତ୍ତର ଭୂମିରେ ମାଉସୀ ମା' ଗୁଣ୍ଡିଚାଘର, ଆଡ଼ପ ମଣ୍ଡପ । ଇନ୍ଦ୍ରଦ୍ୟୁମ୍ନ ପାଟଣାରେ ତିନିରଥ ତିଆରି ହୋଇ ମାଳିନୀ ନଦୀ ସେପାରେ ପ୍ରଭୁଙ୍କୁ ଅପେକ୍ଷା କରି ଶୋଭାପାଉଛି । ବଳଗଣ୍ଡିଠାରେ ରଥ ପହଞ୍ଚିଲେ ଦୋଳଚାପରେ ନଈପାରି ହୋଇ ତିନି ଠାକୁର ଆରପଟକୁ ଯିବେ । ନଈ ସେପାରି ଚାରିଚକିଆ ପାଟଣା ରଥରେ ବିଜେ ହୋଇ ତିନି ଭାଇ ଭଉଣୀ ଗୁଣ୍ଡିଚା ମନ୍ଦିର ବେଢ଼ାକୁ ବିଜେ କରିବେ ।

ବଡ଼ଦାଣ୍ଡରେ ଅଗଣିତ ଭକ୍ତଜନ ଭାବ ସମୁଦ୍ରରେ ଉବୁଟୁବୁ ହୋଇ ଅପେକ୍ଷା କରିଛନ୍ତି । ନିଳାଦ୍ରୀବିହାରୀ ଗୋଇଜନାଥଙ୍କ ଭକ୍ତି ଭାବରେ ନୟନ ଛଳ ଛଳ, ହୃଦୟ ଟଳମଳ ।

ନରପତି ନରସିଂହଙ୍କ ରାଜତ୍ୱକାଳରେ ନିଳାଦ୍ରୀନାଥଙ୍କର ଏଇ ଘୋଷଯାତ୍ରା ପ୍ରଭୁଙ୍କର ବିଜୟ ଘୋଷୁଛି । ବିଜୟ ଘୋଷୁଛି ସମଗ୍ର ଓଡ଼ିଆ ଜାତିର । ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ମୁସଲମାନର କବଳିତ । ଭାରତର ଶେଷ ସ୍ୱାଧୀନ ରାଜ୍ୟ ଜଗନ୍ନାଥଙ୍କର ଦେଶ ଉତ୍କଳ । ଏ ଦେଶର ସ୍ୱାଧୀନତା ରକ୍ଷାକରିଛନ୍ତି ସ୍ୱୟଂ ପ୍ରଭୁ ଜଗନ୍ନାଥ ।

ଯୁଦ୍ଧ ଜୟର ଉଲ୍ଲାସ, ମହାରାଜାଙ୍କର ପୁନର୍ଜୀବନ ଲାଭ, କୋଣାର୍କ ସୂର୍ଯ୍ୟମନ୍ଦିରର ସମାପ୍ତି ପର୍ବର ପୂର୍ବାଭାସର ପୁଲକ, ଶ୍ରୀଗୁଣ୍ଡିଚା ଘୋଷଯାତ୍ରାର ଆନନ୍ଦ ଉତ୍ସବ ଗୋଟ ଚହଳ ଭିତରେ ନାନାଦିତ ହେଉଛି । ଶିଙ୍ଗା, ପଟହ, ଡମ୍ବରୁ, ଖେମଟା, ଘଣ୍ଟଘଣ୍ଟା, କରତାଳ, ବୀଣା, ନୂପୁରର ଐକତାନ ସଙ୍ଗେ ବେଦଧ୍ୱନି ଏବଂ ଭକ୍ତଜନର ଭଜନ କୀର୍ତ୍ତନ, ଭକ୍ତି ନିବେଦନ ମହାସ୍ରୋତ ହୋଇ ପୃଥିବୀରୁ ଆକାଶକୁ ପ୍ରବାହିତ ହେଉଛି—ନିମ୍ନରୁ ଉର୍ଦ୍ଧ୍ୱକୁ ଗତି କରୁଛି । ପ୍ରଭୁଙ୍କର ଢଳ ଢଳ ବିଶ୍ୱମୟ ଦୁଇଟି ଚକାଆଖି ଚାହିଁଲେ ମହୀରେ କିମ୍ବା ଅସମ୍ଭବ ! ନିମ୍ନରୁ ଉର୍ଦ୍ଧ୍ୱକୁ ଯଦି ସ୍ରୋତର ଗତି ଅବାରିତ ହେଇ ଝରିଯାଉଛି ଏଥିରେ ବୈଚିତ୍ର୍ୟ କ'ଣ ! ପ୍ରଳୟ ପୟୋଧି ସଂସାର ପାରାବାରର ଅଗାଧ ଜଳରାଶିରେ ବୁଡ଼ିରହିଥିବା ମୋହଗ୍ରସ୍ତ ଆତ୍ମା ଛଟପଟ ହେଉଛି କରୁଣାପ୍ରବଣ ପରମାତ୍ମାସହ ମିଶି ଲୀନ ହୋଇଯିବାକୁ ।

ସୁଖ ଶୋକ, ମିଳନ ବିରହ, ଜୟ ପରାଜୟ; ଯୌବନ ଜରା, ପାଇବା ହରାଇବା, ଆଶା ନିରାଶାର ବହୁ ଉର୍ଦ୍ଧ୍ୱରେ ବିମୁଗ୍ଧ ଭକ୍ତଆତ୍ମା ସ୍ତବ୍ଧ ହେଇ ଅପେକ୍ଷା କରିଛି ସେଇ ସ୍ୱୟଂ ନିର୍ମିତ ଦାରୁବ୍ରହ୍ମ ପୁରୁଷୋତ୍ତମ ବିଗ୍ରହକୁ ।

Digitized by srujanika@gmail.com

କାମନା ବାସନା, ଭୋଗ ଲାଳସା ସେଇ ପରମ ମୁହୂର୍ତ୍ତରେ ବିସ୍ମରଣ ହେଉଛି । ଭକ୍ତ ମାନସରେ ଗୁଞ୍ଜରିତ ହେଉଛି ''ରଥସ୍ଥଂ ବାମନଂ ଦୃଷ୍ଟ୍ୱା । ପୁନର୍ଜନ୍ମ ନ ବିଦ୍ୟତେ ।'' ଜ୍ଞାନ, ଗରିମା, ସ୍ୱାଭିମାନ, ଅହଂଭାବକୁ ଜଳାଞ୍ଜଳୀ ଦେଇ ସେଇ ପରମ ମୁହୂର୍ତ୍ତରେ ଭକ୍ତଜନ ସେଇ ପରମପଦରେ ଲୀନହେବା ପାଇଁ ବ୍ୟାକୁଳ । ଓଡ଼ିଆ ଜାତିର ଗର୍ବ, ଗୌରବ, ଦ୍ରାଣକର୍ତ୍ତା ରହସ୍ୟମୟ ପୁରୁଷୋତ୍ତମଙ୍କ ପତିତପାବନ ବେଶ ଦେଖିବା ପାଇଁ ବଡ଼ଦାଣ୍ଡରେ ଉଦ୍‌ବେଳି ଉଠୁଛି ଜନସମୁଦ୍ରରେ ଭାବତରଙ୍ଗ । ପ୍ରଭୁ ପତିତପାବନ ବିଜେ କରୁଛନ୍ତି । ଜାତି, ଧର୍ମ, ଭେଦଭାବ ଭୁଲି ଭକ୍ତଜନ କୋଳାକୋଳି, ଗୋଳାଗୋଳି ହେଉଛନ୍ତି । କିଏ କାହାଠାରୁ ଭିନ୍ନ ! ସମସ୍ତେ ତ ଅଭିନ୍ନ, ଏକାକାର, ସେଇ ଏକମାତ୍ର ଲକ୍ଷ୍ୟସ୍ଥଳ ନିର୍ବାଣତୀର୍ଥ ପଦାରବିନ୍ଦରେ !

ପରମ ବୈଷ୍ଣବ ରାଜା ନରସିଂହ ପଦ୍ମକ୍ଷେତ୍ରରେ ରଥଦେଉଳ ନିର୍ମାଣ କରାଇଛନ୍ତି । ପୁରୁଷୋତ୍ତମଙ୍କ ରଥରେ ବାର ନାହାକା ପୋଟଳ ଭାଗ କେତେ ରମଣୀୟ କରି କରାଇଛନ୍ତି ।, ମହାରାଜା ଚୋଡ଼ଗଙ୍ଗଦେବ, ଆଉ ଅନଙ୍ଗଭୀମଦେବଙ୍କ ରାଜୁତିରେ ଅମରାବତୀ କଟକରୁ କାଠ ଆସି ରଥ ତିଆରି ହେଉଥିଲା । ରାଜା ନରସିଂହ ଦ୍ରିଭୁବନ ସୁନ୍ଦର ଅରଣ୍ୟରୁ ରଥକାଠ ଅଣାଇଛନ୍ତି । ରଥକାଠ କଟାଳୀ ନାୟକ ଦାମୋଦର ମହାପାତ୍ର ରାଜାଜ୍ଞା ପାଳନ କରି ନଦୀରେ କାଠଭେଳା କରି ରଥକାଠ ଆଣିଛନ୍ତି । ସେଥିପାଇଁ ପରମ ପ୍ରଜାବତ୍ସଳ ମହାରାଜ ଶାଢ଼ୀ ଦେଇ ଦାମୋଦର ମହାପାତ୍ରଙ୍କୁ ସମ୍ମାନିତ କରିଛନ୍ତି । ଅନଙ୍ଗଭୀମ ନରପତି ରଥଯାତ୍ରା ପାଇଁ ଛତିଶା ନିଯୋଗ ଖଞ୍ଜି ଯାଇଥିଲେ । ରାଜା ନରସିଂହ ହରିବଂଶପୁର ମଉଜାରେ କରତିଆମାନଙ୍କ ପାଇଁ କରତି ସାହି, ଚିତ୍ରକାରମାନଙ୍କ ପାଇଁ ଚିତ୍ରକାର ସାହି, ବଳଗଣ୍ଡି ଆଗକୁ ମାଳିସାହି ସ୍ଥାପନ କରିଛନ୍ତି ରଥ ମଣ୍ଡପି ପାଇଁ । ଚିତ୍ରକାରମାନେ ରଥକୁ ରମଣୀୟ କରି ଚିତ୍ରିତ କରିଛନ୍ତି । ଫୁଲରେ ମଣ୍ଡଣି କରିଛନ୍ତି ମାଳିସାହିର ମାଳିମାନେ ।

ବଡ଼ଦାଣ୍ଡରେ ଉଭା ଦିବ୍ୟ ତିନିରଥ—ନନ୍ଦିଘୋଷ, ତାଳଧ୍ୱଜ, ଦେବଦଳନ । କାଶ୍ମୀର ରାଜ୍ୟକୁ ଦୂତ ବରଗି ସୁରୁବୁଲି ସାଇ ବନାତ ଅଣାଇ ତିନିରଥକୁ ମନୋହର କରି ମଣ୍ଡଣି କରାଇଛନ୍ତି ପରମ ଭକ୍ତ ନରସିଂହ ନରପତି । ରଥ ଉପରେ ସୁନାର ତିନିବେଣ୍ଟିଆ ଧ୍ୱଜ କଳସ ଲାଗିଛି । କନକ ମଣ୍ଡାଇରେ ଝଲମଳ ରତ୍ନ ଚାନ୍ଦୁଆ ଟଣା ହୋଇଛି । ଦକ୍ଷିଣା ପବନରେ ନେତ ଉଡୁଛି ଫରଫର । ମଣିମା ମହାପ୍ରଭୁ ରଥକୁ ବିଜେ କରୁଛନ୍ତି । ଅନ୍ୟ ଏକ ଛୋଟ ରଥରେ ବଦନ୍ତରି ରଥଘଣ୍ଟର ବାଦ୍ୟକାରମାନେ ଆଗେ ଆଗେ ଯାଉଛନ୍ତି । ସେ ରଥକୁ ଘୋଡ଼ାମାନେ ଟାଣୁଛନ୍ତି । ଚାଉଳ ନଡ଼ିଆଖଣ୍ଡ ଭୋଗ ଲାଗୁଛି । ଭକ୍ତଗଣଙ୍କୁ ସେ ଭୋଗ ବଣ୍ଟନ କରାଯାଉଛି ।

ନରସିଂହ ମହୀପତି ବିଜେ କରୁଛନ୍ତି । ମହାରାଜ ସ୍ୱୟଂ ରଥଦଉଡ଼ି ଧରି ଟାଣିଲେ ତା'ପରେ ଭଗତେ ଟାଣିବେ । ଭଗତେ ରଥ ଟାଣିବା ପରେ ଛଅଟି ଶ୍ୱେତହସ୍ତୀ ଦ୍ୱାରା ବତିଶ

Digitized by srujanika@gmail.com

ହାତ ରଥ ଟଣାହୋଇ ପହଞ୍ଚିବେ ବଳଗଣ୍ଡି ଛଡାଡଙ୍କେ । ତାପରେ ମାଳିନୀ ନଦୀ ପାରିହୋଇ ତିନିଦିଅଁ ଯିବେ ମାଉସୀ ମା' ଘରକୁ । ସାରଥିମାନେ ବାଗ ଦଉଡ଼ି ଭିଡ଼ି ଧରିଲେଣି ।

ମଣିମା ନରସିଂହ ରଥଦଉଡ଼ି ଧରିଲେଣି । ହରିବୋଲ ହୁଳହୁଳି, ବାଦ ନାଦରେ ଘୁ ଘୁ ଜମୁଛି ରଥଦାଣ୍ଡ, ଆକାଶ, ପବନ । ମେଦିନୀ ଦୁଲୁକୁଛି, ବସୁଧା କମ୍ପିଉଠୁଛି । ସ୍ପନ୍ଦିତ ହେଉଛି ମନ, ପ୍ରାଣ ହୃଦୟ । ସ୍ପନ୍ଦିତ ହେଉଛି ନନ୍ଦିଘୋଷ । ରଥାରୂଢ଼ ମୈତ୍ରୀଦେବୀଙ୍କ ହୃଦୟ କନ୍ଦରେ ସ୍ପନ୍ଦନ ଜାଗୁଛି ଭକ୍ତଜନ ପାଇଁ । ମୃଦୁ ମୃଦୁ ହସୁଛନ୍ତି ରହସ୍ୟମୟ ପ୍ରଭୁ ଜଗନ୍ନାଥ ।

ପରମ ପରାକ୍ରମୀ ଶତ୍ରୁ ମର୍ଦ୍ଦନକାରୀ ମହାରାଜା କେଡ଼େ ନିଉନ ହେଇ ରଥରଜ୍ଜୁ ଭିଡୁଛନ୍ତି । ପ୍ରଭୁଙ୍କ ପାଦତଳେ ରାଜା, ପ୍ରଜା, ରୋଗୀ, ଭୋଗୀ, ଧନୀ, ଦରିଦ୍ର, ଛୋଟ, ବଡ଼ ଏକ ହୋଇଯାଇଛନ୍ତି । କୋଟିଏ ଜନତା ଗୋଟିଏ ମନରେ ନିଉନ୍ଥାଳି କରୁଛନ୍ତି—ଦୁଇଂଘ୍ୟ ସଙ୍କଟରୁ ପାରିକର ପ୍ରଭୁ । ନୀଳାଦ୍ରୀ ଶିଖରରୁ ଶରଧା ବାଲିଯାଏ ରଥ ଗଡ଼ିଯାଉଛି ବଡ଼ଦାଣ୍ଡରେ କରୁଣାର ଧୂଳି ଉଡ଼ାଇ । ନହେଲେ ଜଗତ ଉଦ୍ଧାର ହେବନାହିଁ । ତୁମେ ତ ଅଚଳ ଅଟଳ ମହାମେରୁ । ତୁମର ପାଦ ତ ବ୍ରହ୍ମାଙ୍କୁ ଗୁପତ । ସ୍ୱେଚ୍ଛାରେ ନ ଚଳିଲେ ତୁମକୁ ଚଳାଇବ କିଏ ?

ବେତ ଧରି ରଥମଙ୍ଗ ଆବୋରି ବସିଥିବା ଡାହୁକେ ଡାକିଲେଣି—

''ଯାଉ ରଥ ଯାଉ ବଳଗଣ୍ଡିଠି ଥାଉ
ଉଆ ଚାଉଳ ଖଣ୍ଡ ନଡ଼ିଆ
ଟାଉ ଟାଉ କରି ଖାଉ ।''

ଘୁଁ ଘୁଁ ବିଜୟ ନିର୍ଘୋଷରେ ନନ୍ଦିଘୋଷ ଚାଲିଲାଣି । ଚୂଳମାଳ ବିଭୂଷିତ ଚନ୍ଦନ ଚର୍ଚ୍ଚିତ ନୀଳକନ୍ଦରବାସୀ ରଙ୍ଗାଧର ବିଚିତ୍ର ଭଙ୍ଗୀରେ ଢଳି ଢଳି ରଥସଙ୍ଗେ ଚଳୁଛନ୍ତି । ଉର୍ଦ୍ଧ୍ୱକୁ ହାତଟେକି ନାଚୁଛନ୍ତି ଅଗଣିତ ଉଦ୍‌ବେଳ ଜନତା । ଉଲୁସି ଉଠୁଛି ସ୍ୱର୍ଗ, ମର୍ତ୍ୟ ଏବଂ ପାତାଳ ।

କେତେଜଣ ମାଗିବେ ବୋଲି ବହୁଦୂର ପଥ ଅତିକ୍ରମି ଆସିଥିବା ଯାତ୍ରୀମାନେ ବିବଶ—ବିମୂଢ଼—ସ୍ତମ୍ଭୀଭୂତ । ସବୁ ଚିନ୍ତା, ଚେତନା, ଜ୍ଞାନ, ଗରିମା ସ୍ଥିର ହେଇଯାଇଛି ସେଇ ଚକା ଆଖିର ପରିଧି ଭିତରେ । କ'ଣ ମାଗିବେ ? ଆଉ କ'ଣ ଲୋଡ଼ା ବିଶ୍ୱମୟଙ୍କର ଏ ପତିତପାବନ ରୂପ ଆଉ ମନମୋହନ ଠାଣି ଦେଖିବା ପରେ ?

କେତେ କଥା ନିବେଦନ କରିବା ପାଇଁ ଭକ୍ତ ଧାଇଁ ଆସିଥିବେ ଶ୍ରୀକ୍ଷେତ୍ର ଧାମକୁ । ମାତ୍ର ଦର୍ଶନ ମାତ୍ରକେ ସବୁ ବିସ୍ମରଣ ହେଇଗଲା । ଦୁଃଖ, ଶୋକ ଶୂନ୍ୟହେଲା—ମୃତ୍ୟୁ ହେଲା ଅମୃତମୟ । ସେଇ ରହସ୍ୟମୟ ଦାରୁଦେବତା କି ସମ୍ମୋହନ ଜାଣନ୍ତି କେଜାଣି, ଆଚାର୍ଯ୍ୟ ଶଙ୍କର ବି ଦିନେ ସବୁ ବିସ୍ମରି ପ୍ରାର୍ଥନା କରିଥିଲେ—

Digitized by srujanika@gmail.com

''ନ ବୈଯାଚେ ରାଜ୍ୟଂ ନ ଚ କନକ ମାଣିକ୍ୟ ବିଭବମ୍
ନ ଯଚେ୍ଞହଂ ରମ୍ୟଂ ସକଳଜନକାମ୍ୟାଂ ବରବଧୂମ୍
ସଦାକାଳେ କଳେ ପ୍ରମଥପତିନା ଗୀତା ଚରିତୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବ ତୁ ମେ ।''

ଦିଗ୍‌ବିଜୟୀ, ପରମ ଆକ୍ରମଣକାରୀ, ଶତ୍ରୁଜିତ୍ ନରସିଂହ ନରପତି ମଧ୍ୟ ସବୁ ବିସ୍ମୃତି ସେଇ ପ୍ରାର୍ଥନା କରୁଥିଲେ—

''ମୁଁ ରାଜ୍ୟ ପ୍ରାର୍ଥନା କରେ ନାହିଁ, ସ୍ୱର୍ଣ୍ଣ ମଣିମାଣିକ୍ୟ ଆଦି ବିଭବରେ ମୋର ପ୍ରୟୋଜନ ନାହିଁ । ସର୍ବଜନ ବାଞ୍ଛିତ ସୁନ୍ଦରୀ ବଧୂରତ୍ନରେ ମୋର ଅଭିଳାଷ ନାହିଁ । ପ୍ରଥମପତି ମହେଶ୍ୱର ନିରନ୍ତର ଯେକୌଣସି କାଳରେ ଯାହାଙ୍କର ଚରିତମାନ ଗାନ କରନ୍ତି, ସେହି ପ୍ରଭୁ ଜଗନ୍ନାଥ ମୋର ନୟନ ପଥଗାମୀ ହୁଅନ୍ତି ।''

ଗଦଗଦ୍ ସ୍ୱରରେ ପରମ ବିଭବଶାଳୀ ମହାରାଜ ଗାଉଛନ୍ତି—

''ଅହୋ ଦୀନନାଥଂ ନିହିତ ମଚଳଂ ନିଶ୍ଚିତପଦମ୍
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବ ତୁ ମେ ।''

''ଦୀନ ଓ ଅନାଥଗଣଙ୍କ ପାଇଁ ଯାହାଙ୍କର ଅଚଳ ପାଦ ସ୍ଥାପିତ ହୋଇଛି ସେହି ପ୍ରଭୁ ଜଗନ୍ନାଥ ମୋର ନୟନ ପଥଗାମୀ ହୁଅନ୍ତୁ ।

ମହାରାଜ ଭାବୁଛନ୍ତି, ଯେଉଁଦେଶର ଇଷ୍ଟଦେବତା ସୁଶୋଭିତ ରତ୍ନ ସିଂହାସନ, ଛପନ ପଉଟି ଭୋଗ, ସୁଦୀର୍ଘ ପୂଜା ଉପଚାର ଛାଡ଼ି ଦୁର୍ଦ୍ଦିନ ଘୋର ବର୍ଷାକାଳରେ ପତିତମାନଙ୍କୁ ଦର୍ଶନ ଦେବା ପାଇଁ ଦାଣ୍ଡକୁ ବାହାରି ଆସନ୍ତି—ଭେଦଭାବ ଭୁଲି ସମସ୍ତଙ୍କୁ ଆଲିଙ୍ଗନ କରିବା ପାଇଁ ପ୍ରସାରିତ ମହାବାହୁ, ସମସ୍ତଙ୍କୁ ଦେଖିବା ପାଇଁ ବିଷ୍ଫାରିତ ନେତ୍ରଯୁଗଳ, ସମସ୍ତଙ୍କୁ ହସାଇବା ପାଇଁ ପ୍ରସାରିତ ଯାହାର ରଙ୍ଗଅଧର, ସେ ଦେଶର ଗାଜା ପାଖରେ ସିଂହାସନର ମୂଲ୍ୟ ପ୍ରଜାଗଣଙ୍କର ହୃଦୟ ଆସନ ତୁଳନାରେ କେଡ଼େ ତୁଚ୍ଛ ! ଉତ୍ତରାଧିକାର ସୂତ୍ରରେ କିମ୍ବା ବାହୁବଳରେ ସିଂହାସନ ଅଧିକାର କରାଯାଇପାରେ—ମାତ୍ର ପ୍ରଜାର ହୃଦୟ ସିଂହାସନ ଅଧିକାର କରିବା ପାଇଁ ଲୋଡ଼ା ତ୍ୟାଗ, ସାଧନା, ପ୍ରଜାନୁରଞ୍ଜନ ଏବଂ ମାନବ ପ୍ରେମ । ଦୀନଦୁଃଖୀର ହୃଦୟ ସିଂହାସନରେ ବିରାଜିତ ହେବା ପାଇଁ ଯଦି ରାଷ୍ଟ୍ରଦେବତା ଜଗନ୍ନାଥ ରତ୍ନସିଂହାସନ ତ୍ୟାଗକରି ଆସିପାରନ୍ତି; ତାଙ୍କର ଛାର ସେବକ ପୁରୁଷୋତ୍ତମ ପୁତ୍ର ନରସିଂହ ପାରିବ ନାହିଁ କାହିଁକି ?

ଛଳ ଛଳ ନେତ୍ରରେ ରଥାରୂଢ଼ ପ୍ରଭୁ ଅନ୍ତର୍ଯ୍ୟାମୀଙ୍କୁ ଚାହିଁ ନରସିଂହ ଜଣାଣ କଲେ—ପଥ ଦେଖାଅ ପ୍ରଭୁ—ପ୍ରଜାଙ୍କର ଦୁଃଖ, ସନ୍ତାପ ପୋଛିନେବା ପାଇଁ ବାଟ କଢ଼ାଇ ନିଅ ।

Digitized by srujanika@gmail.com

ଆଖି ମୁଦି ରାଜା ଗୁଣୁ ଗୁଣୁ ସ୍ୱରରେ ବିହ୍ୱଳ ହେଇ ଗାଇଲେ—ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବ ତୁ ମେ ।

ମୁଦିଲା ଆଖିପତାରୁ ଝର ଝର ପ୍ରେମାଶ୍ରୁ ଝରିଯାଉଛି । ଆଷାଢ଼ ଆକାଶରୁ ମଧୁ ବର୍ଷୁଛି—ଦେବଲୋକରୁ ଆଶୀର୍ବାଦ ବାରି ଝରିପଡୁଛି । ଅକସ୍ମାତ୍ ମହାରାଜାଙ୍କର ନୟନ ପଥଗାମୀ ହେଲା ଜନ ସମୁଦ୍ର ଭିତରେ ବିଦ୍ୟୁତ୍‌ଲତା ପ୍ରାୟେ କେହି ଜଣେ ପରମ ବୈଷ୍ଣବୀ । ଭାବ ସମୁଦ୍ରରେ ବୁଡ଼ିଯାଇ ସେ ପ୍ରଭୁଙ୍କୁ ଏକଲାଯରେ ଚାହୁଁଛି । ଝର ଝର ଅଶ୍ରୁ ଝରୁଛି କୋମଳ ଗଣ୍ଡ ଧୋଇ । କିଏ ? କିଏ ସେ ରୂପସୀ ବୈଷ୍ଣବୀ ? ଚନ୍ଦ୍ରଭାଗା ?

ନାରୀଟିର ଦୃଷ୍ଟି ଅକସ୍ମାତ୍ ମହାରାଜଙ୍କ ଦୃଷ୍ଟିରେ କ୍ଷଣକ ପାଇଁ ମିଳିତ ହେଲା । ତା'ପରେ ବିଦ୍ୟୁତ୍‌ଲତା ହଜିଗଲା ଅନନ୍ତ ମେଘରାଶିରେ, ଉତ୍ତାଳ ଜନ-ସମୁଦ୍ର ଭିତରେ । ବଳଗଣ୍ଡି ଆଡ଼କୁ ଆଗେଇ ଯାଉଛି ତିନିରଥ, ଜନ-ସମୁଦ୍ରକୁ ଦୁଇଭାଗ କରି । ଆଡ଼େର ହେଇଯାଉଛି ଜନତା । ବିଦ୍ୟୁତ୍‌ଲତାର ଚିହ୍ନବର୍ଣ୍ଣ ନାହିଁ । ତେବେ କ'ଣ ଏ ମହାରାଜଙ୍କର ପଇକର ଭ୍ରମ ? ଜଗନ୍ନାଥଙ୍କୁ ଧ୍ୟାନ କରୁ କରୁ ସେ ପରମ ବୈଷ୍ଣବୀ ଚନ୍ଦ୍ରଭାଗାକୁ ମନେ ମନେ ଖୋଜୁଛନ୍ତି ବୋଲି ପ୍ରଭୁ ଚେତାଇ ଦେଲେ ।

ନରସିଂହ ବିହ୍ୱଳ ହେଇ ଭାବିଲେ ଜଗତର କର୍ତ୍ତା ଜଗନ୍ନାଥଙ୍କର ଯିଏ ଶରଣାଗତ ତାକୁ ଛାର ନରସିଂହ ନରାଧମ ଆଉ ଖୋଜିବ କାହିଁକି ? ଚନ୍ଦ୍ରଭାଗାର ଏଇ ଅଭିନବ ରୂପ ଦର୍ଶନ କରି ନରସିଂହ ଉପଲବ୍ଧି କଲେ ଚନ୍ଦ୍ରଭାଗା ଜନ୍ମଜନ୍ମାନ୍ତରର ବିବର୍ତ୍ତନରୁ ଆଜି ଅତୀତ, ସେ ଏଥର ମୁକ୍ତ—

ପଲକ ମାତ୍ରକେ ଚନ୍ଦ୍ରଭାଗା ଜନ-ସମୁଦ୍ରର ଢେଉ କାଟି ଅନ୍ତର ହେଇଗଲା । ଥର ଥର କମ୍ପୁଛି ତା'ର ଦେହ, ମନ, ଅନ୍ତର, ଆତ୍ମା । ପରମ ପରାକ୍ରମଶାଳୀ । ମହାରାଜାଙ୍କୁ ସେ କେତେଥର ପାଖରେ ପାଇଛି—କେତେଥର ତାଙ୍କୁ ଭର୍ତ୍ସନା କରିଛି ବିରହ ବେଦନାରେ ଘାରିହୋଇ । ଅଥଚ କ୍ଷମାଶୀଳ, ପ୍ରଜାବତ୍ସଳ ନରସିଂହ ବାରମ୍ବାର ତାରି ଜୀବନ ରକ୍ଷା କରିଛନ୍ତି । ରାଜଧାନୀକୁ ନେଇ ତା'ର ସମସ୍ତ ସୁବ୍ୟବସ୍ଥା କରିବାର ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ହାୟ ! ସେତେବେଳେ ସେ ଯଦି ଚିହ୍ନିପାରିଥାନ୍ତା ତେବେ ତାଙ୍କର ପାଦଧୂଳି ନେଇ ନିଜ ଜୀବନକୁ ଧନ୍ୟ କରିଥାନ୍ତା । ତାରି କଥାରେ ମହାରାଜ ପୁଣି ବାରବର୍ଷର ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିଛନ୍ତି । ତାର ଭଲମନ୍ଦ ବୁଝିବା ପାଇଁ ବାରମ୍ବାର ଅନ୍ଧାରି ବିଜେ କରି ସିନ୍ଦୂରପଦା ଗ୍ରାମକୁ ଧାଇଁଯାଇଛନ୍ତି ରାଜପ୍ରାସାଦର ବିଳାସବ୍ୟସନ ଛାଡ଼ି । ପ୍ରଭୁ ଜଗନ୍ନାଥଙ୍କର ଯିଏ ସେବକ ସେ ତ ପରମ ପବିତ୍ର ପୁରୁଷ, ତାଙ୍କ ସ୍ପର୍ଶରେ ସେ ନିଜକୁ କଳଙ୍କିନୀ ମଣିଲା କାହିଁକି ?

Digitized by srujanika@gmail.com

ରଥରଜ୍ଜୁ ଧରି ଟାଣୁଥିବା ନରସିଂହ ନରପତିଙ୍କୁ ଅତି ନିକଟରୁ ଦେଖି ସେ ଚିହ୍ନିପାରିଛି । ଯେତିକି ଉଲ୍ଲସିତ ହେଇଛି—ସେତିକି ବିଷାଦରେ ଭାଙ୍ଗିପଡ଼ିଛି । ଏଇ ପରମ ପୁରୁଷ ମହାରାଜ ତାର ପତ୍ରକୁଡ଼ିଆରେ ସେଦିନ ରାତିରେ ଅତିଥି ହେଇଥିଲେ । ଜାଣିଥିଲେ ସେ ତାଙ୍କର ପଦରେଣୁ ମୁଣ୍ଡରେ ମାରି ତାଙ୍କର ଜୟଗାନ କରିଥାନ୍ତା । ଆଜି ତାର ହୃଦବୋଧ ହେଉଛି କୋଣାର୍କରେ ତା'ର ସ୍ୱାମୀ ସୁଖରେ ଥିବେ—ଆନନ୍ଦରେ ଥିବେ ।

ସେଦିନ ସେଇ ଆହତ ସେନାପତି କାଳେ ତାକୁ ରାଜଧାନୀକୁ ଧରିନେବେ ସେଇ ଭୟରେ ସେ କୁଡ଼ିଆ ସମୁଦ୍ର ତୀରେ ତୀରେ ଅଜଣା ପଥରେ ମୁହଁ ଲୁଚାଇ ଚାଲୁଥିଲା । ଭାବୁଥିଲା ଯିବ କେଉଁଠିକି ? ମାଟିର ଦୀପାଳୀ ବିକ୍ରିକଲେ ରାଜାଙ୍କ ଲୋକ ତାକୁ ଚିହ୍ନଟ କରି ଧରିନେବେ । ରାଜଧାନୀକୁ ଗଲେ ତା'ର ଦୁଃଖ ବଢ଼ିବ ସିନା, କମିବ ନାହିଁ । ବରଂ ତାର ସ୍ୱାମୀ ଦୁଃଖ ପାଇବେ । ତାଙ୍କ ପାଖରେ ସେ ମରିଯାଇଛି—ସେଇ ଭଲ । କୋଣାର୍କ ମନ୍ଦିର ଶେଷ କରି ଫେରିଆସିଲେ ସେ ପୁଣି ବିବାହ କରିବେ । ନୂଆ ସଂସାର ପାତିବେ । ଚନ୍ଦ୍ରଭାଗା ସହ ତାଙ୍କର ସଂସାର ଆରମ୍ଭ ବି ତ ହେଇନଥିଲା । ସେ କାହିଁକି ବିନା ଦୋଷରେ ଦୁଃଖ ପାଇବେ ?

ଚନ୍ଦ୍ରଭାଗାର ଶାଶୂ ସବୁବେଳେ କହନ୍ତି—ତୁ ବାପଘର ଚାଲିଯା—ତୋର ଯାହା ଇଚ୍ଛା ତା'କର—ଚାହିଁଲେ ଅନ୍ୟଠି ଦ୍ୱିତୀୟ ବିବାହ କରିଯା । ପୁଅ ପାଖକୁ ଖବର ପଠାଇଦେବି, ବୋହୂର ମହାମାରୀରେ କୃଷ୍ଣପ୍ରାପ୍ତି ହୋଇଛି । ପୁଅ ଫେରିଆସିଲେ ସୁଲକ୍ଷଣା ବୋହୂଟିଏ ଘରକୁ ଆଣିବ ।

ତାର ସ୍ୱାମୀଙ୍କ ପାଖକୁ ହୁଏତ ତା'ର ମୃତ୍ୟୁ ସମ୍ବାଦ ପଠାଇ ଦିଆଯାଇଥିବ । ସେ ବରଂ ଭଲ । ରାଜଧାନୀ ଫେରିଗଲେ ସେ ତ ଆଉ କୁଳବଧୂର ଆସନ ଫେରିପାଇବନି, ତାର ସ୍ୱାମୀଙ୍କୁ ଦୁଃଖ, ମନସ୍ତାପରେ ପକାଇବ କାହିଁକି ?

ଏମିତି ଭାବୁ ଭାବୁ ଅକସ୍ମାତ୍ ଦେବଦାସୀ ମେଖଳାକୁ ଭେଟିଥିଲା ଚନ୍ଦ୍ରଭାଗା । ସୂର୍ଯ୍ୟୋଦୟ ପୂର୍ବରୁ ସମୁଦ୍ର ସ୍ନାନ ସାରି ମେଖଳା ଫେରିବାର ଉପକ୍ରମ କରୁଥିଲା । ଗୁଣୁ ଗୁଣୁ ସ୍ୱରରେ ଶ୍ରୀ ଜୟଦେବ ରଚିତ ଶ୍ରୀ ଗୀତଗୋବିନ୍ଦର ପଦଟିଏ ସେ ଗାଉଥାଏ । ସେଇ ମଧୁର ସ୍ୱର ଚନ୍ଦ୍ରଭାଗାର ଅଶାନ୍ତ ହୃଦୟକୁ କ୍ଷଣକରେ ଶାନ୍ତ କରିଦେଲା । ମନ୍ତ୍ରମୁଗ୍ଧ ହରିଣୀ ଭଳି ସେ ଠିଆହୋଇଗଲା ସଙ୍ଗୀତକୁ କାନ ଡେରି । ବିସ୍ମିତ ହେଇ ମେଖଳା ପ୍ରଶ୍ନକଲା—କିଏ ତମେ ? ଏ ଅସମୟରେ ଏକା ଏକା ଚାଲିଛ ?

ଚନ୍ଦ୍ରଭାଗା କରୁଣ ସ୍ୱରରେ ଉତ୍ତର ଦେଲା—ମୁଁ ଅସହାୟା । ଏ ସଂସାରରେ ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାନ ନାହିଁ । ଜାଣେନା କୁଆଡ଼େ ମୁଁ ଯାଉଛି । ତମ କଣ୍ଠର ଅମୃତ ପଦାବଳୀ ଶୁଣି ଜୀବନ ଧନ୍ୟ ହେଲା । ସବୁଦିନ ଏଇ ଗୀତ ଶୁଣିଲେ ସବୁ ଦୁଃଖ ହରଣ ହୁଅନ୍ତା ।

Digitized by srujanika@gmail.com

ମେଖଳା ପୁଲକିତ ହେଇ ପଚାରିଲା—ମୋ ଘରେ ଆଶ୍ରୟ ନେବ ? ମୋର ପରିଚାରିକା ବିବାହ କରି ଅନ୍ୟତ୍ର ଚାଲିଯିବା ପରେ ମନୋମତ ପରିଚାରିକାଟିଏ ମୁଁ ଖୋଜୁଛି । ରହିବ ମୋ ଘରେ ?

ଚନ୍ଦ୍ରଭାଗା ଶୂନ୍ୟକୁ ପ୍ରଣାମ ଜଣାଇ କହିଲା—ଜଗନ୍ନାଥଙ୍କର ଯାହା ଇଚ୍ଛା ତାକୁ ଏଡ଼ିବ କିଏ ? ମୋ ମନ ବୁଝି ପ୍ରଭୁ ନିର୍ଣ୍ଣୟ ଆଶ୍ରୟ ସ୍ଥାନରେ ମତେ ପହଞ୍ଚାଇଛନ୍ତି । ଆଉ ଚିନ୍ତା କ'ଣ ?

ଦେବଦାସୀ ମେଖଳାର ପଛେ ପଛେ ଚନ୍ଦ୍ରଭାଗା ଗୋଟିଏ ଗୋଟିଏ ପାଦ ପକାଇ ଚାଲିଲା । ପ୍ରଭାତୀ ତାରା ଆକାଶର ନୀଳ ବନାନୀ ତଳେ ଡୁବିଯାଉଥାଏ ।

ବେଶ୍ ନିରାପଦ ଆଶ୍ରୟ ଭିତରେ, ଜଗନ୍ନାଥଙ୍କ ସେବା ପୂଜା କରି ପରିଚାରିକା ଚନ୍ଦ୍ରଭାଗାର ଦିନ କଟିଯାଉଥିଲା । ରଥ ଉପରେ ଜଗନ୍ନାଥଙ୍କର ପତିତପାବନ ଦୃଶ୍ୟ ଦେଖିଲେ ଆତ୍ମା ବିମୁକ୍ତ ହୁଏ—ଦୁଃଖ ଯନ୍ତ୍ରଣା ହାହାକାରଭରା ପୃଥିବୀରେ ଆଉ ଜନ୍ମ ନେବାକୁ ହୁଏ ନାହିଁ । ସେଇ କାମନାରେ ଚନ୍ଦ୍ରଭାଗା ବଡ଼ଦାଣ୍ଡରେ ଜଗନ୍ନାଥ ଦର୍ଶନ କରିବାକୁ ଯାଇ ନରସିଂହ ନରପତିଙ୍କ ଦର୍ଶନ ଲାଭ କଲା । ହର୍ଷ ବିଷାଦ, ପୁଲକ ବେଦନା, ଆଶା, ଆଶଙ୍କାର ଭାର ତା'ର ଛୋଟ ହୃଦୟଟି ଧରି ରଖିପାରୁ ନଥାଏ ।

ଜୀବନରେ ଯେଉଁ ପ୍ରଥମ ପୁରୁଷ ତା' ମନତଳେ ଭକ୍ତି, ସଂଭ୍ରମ, ମମତା ଆଉ ମଧୁରତାର ଫଲଗୁ ଝରାଇଥିଲେ ସେ ହେଉଛନ୍ତି ପରମ ପୁରୁଷ ନରସିଂହ ନରପତି, ଗଜନ୍ନାଥଙ୍କର ସେବକ, ଉତ୍କଳ ରାଜ୍ୟର ଅପରାଜେୟ ଅଧିଶ୍ୱର ମହାରାଜ ନରସିଂହ ଦେବ । ଚନ୍ଦ୍ରଭାଗା ତାଙ୍କର ସହାନୁଭୂତିର ସ୍ପର୍ଶ ଲାଭ କରିଛି, ତାଙ୍କ ଚରଣ ସେବାର ସୁଯୋଗ ପାଇଛି । ଏତେ ସୌଭାଗ୍ୟ ଭିତରେ ବି ସେ ଏକ ଭାଗ୍ୟହୀନା ସମାଜ ପରିତ୍ୟକ୍ତା, ପତିସ୍ନେହରୁ ବଞ୍ଚିତା, ନିରାଶ୍ରୟା ନାରୀ । ବିଚିତ୍ର ଜଗନ୍ନାଥଙ୍କର ଇଚ୍ଛା । ଚନ୍ଦ୍ରଭାଗା ମୁହଁ ଲୁଚାଇ ଫେରିଆସିଲା ନିଜର ନିଭୃତ ଆଶ୍ରୟ ସ୍ଥଳକୁ । ଆଉଥରେ ସେ ସମର୍ପି ଦେଲା ନିଜକୁ ଜଗନ୍ନାଥଙ୍କ ପାଦତଳେ । ଅଶ୍ରୁପ୍ଲାବିତ ନେତ୍ରରେ ଜଗନ୍ନାଥଙ୍କୁ ସ୍ମରଣ କରି ଅଭିମାନଭରା ଅଭିଯୋଗ ବାଢ଼ିଲା—ପ୍ରଭୁ ! ଆଉ କେତେଦିନ ଏ ମାୟା ଯନ୍ତ୍ରଣାରେ ମତେ ବାରମ୍ବାର ଘାଣ୍ଟୁଥିବ ? ପାଦପଦ୍ମରେ ସ୍ଥାନ ଦେବା ପାଇଁ ଆଉ କେତେ ଡେରି ? ମୋର ସୌଭାଗ୍ୟ ବି ମତେ କଦାଉଛି, ଏ କି ବିଡ଼ମ୍ବନା !

ଆଲୋକ ଛାୟାର ମଧୁର ଆଲୋଡ଼ନ ଭିତରେ କୋଣାର୍କର ପ୍ରତିଟି ଶିଳାଖଣ୍ଡ ଜୀବନ୍ୟାସ ପାଇଥାଏ । ଶିଳାଖଣ୍ଡର ପ୍ରତିଟି ରେଣୁ ସ୍ପନ୍ଦିତ ହେଉଥାଏ । କୋଣାର୍କ ରଙ୍ଗମଞ୍ଚରେ

Digitized by srujanika@gmail.com

ଧର୍ମପଦ ନାଟକ ଅଭିନୀତ ହେଉଥାଏ । ସ୍ଥାନୀୟ ଯୁବକମାନେ ଧର୍ମପଦ ନାଟକ ମଞ୍ଚସ୍ଥ କରିଥାନ୍ତି ସଫଳତାର ସହ । ଧର୍ମପଦ ଭୂମିକାରେ ଧର୍ମାନନ୍ଦର ଅଭିନୟ ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ଜୀବନ୍ତ ମନେ ହେଉଥାଏ । ନାଟକ ଦେଖୁ ଦେଖୁ ଚାର୍ଲସ ବିଷ୍ଟୁ ମହାରଣାଙ୍କୁ ପଚାରିଲା—ଧର୍ମପଦକୁ ଆପଣ ଚିହ୍ନନ୍ତି ?

ବିଷ୍ଟୁ ମହାରଣା ଭାବବିହ୍ୱଳ କଣ୍ଠରେ କହିଲେ—ଧର୍ମପଦ ହେଇପାରେ ସତ୍ୟ, କିମ୍ବଦନ୍ତୀ କିମ୍ବା କାହାଣୀ । କିନ୍ତୁ କୋଣାର୍କର ପ୍ରତ୍ୟେକ ଶିଳ୍ପୀ ହେଉଛନ୍ତି ଜଣେ ଜଣେ ଧର୍ମପଦ—ଏଥିରେ ସନ୍ଦେହ ନାହିଁ । କୋଣାର୍କର ପ୍ରତିଟି ଶିଳାଖଣ୍ଡର ବିଚିତ୍ର କଳା କୌଶଳ ସେଇ ଧର୍ମପଦମାନଙ୍କର ତ୍ୟାଗ, ସାଧନା ଏବଂ ଦେଶପ୍ରେମର ଜ୍ୱଳନ୍ତ ନିଦର୍ଶନ । ହାୟ ! କୁଆଡ଼େ ଗଲେ ସେଦିନର ସେଇ ଧର୍ମପଦମାନେ ! କୋଣାର୍କ କ୍ଷୟ ହୋଇଯାଉଛି କାଳର କରାଳ ହସ୍ତ ସ୍ପର୍ଶରେ । କିଏ ତାକୁ ରକ୍ଷା କରିବ ? କିଏ ଗଢ଼ିବ ନୂତନ କୋଣାର୍କ ?

ପ୍ରାଚୀ ଉତ୍ସାହିତ କଣ୍ଠରେ କହିଲା—ଅଜା, ଧର୍ମପଦ ମରିନାହିଁ । ଓଡ଼ିଆ ଜାତିର ପ୍ରାଣସ୍ପନ୍ଦନ ଭିତରେ କୋଣାର୍କ ଶିଳ୍ପୀ ଧର୍ମପଦ ବଞ୍ଚିରହିଛି । ମୁଁ ପ୍ରତି ରାତ୍ରୀରେ ଏବେ ଧର୍ମପଦର ଛାୟା ମୂର୍ତ୍ତି ଦେଖୁଛି । ଶୁଣୁଛି ତା'ର ନିହାଣ ମୁଗୁର ଶବ୍ଦ । ଭଗ୍ନ କୋଣାର୍କକୁ ପୁନର୍ଜୀବିତ କରିବା ପାଇଁ ପ୍ରତି ରାତ୍ରୀରେ କୋଣାର୍କର ଶିଳ୍ପୀ ଆତ୍ମା ଫେରିଆସେ କୋଣାର୍କ ବେଢ଼ାକୁ । ସାତଶହ ବର୍ଷର ଅତୀତକୁ ଅତିକ୍ରମ କରି ଧର୍ମପଦ ପ୍ରତି ରାତ୍ରିରେ କୋଣାର୍କର କାରୁକାର୍ଯ୍ୟ ଲେଖେ ।

ଚାର୍ଲସ ହସିଦେଇ କହିଲା—ପ୍ରାଚୀପ୍ରଭା, ଦୟାକରି ସେଇ ବିଦେହୀ ଧର୍ମପଦର ଆତ୍ମା ସହ ମୋର ଭେଟ କରାଇ ପାରିବ ? ତା'ଠାରୁ ମୁଁ ଉତ୍କଳର ଅପୂର୍ବ କଳା କୌଶଳ ସମ୍ପର୍କରେ କୋଚିଂ ନେବାକୁ ଚାହେଁ ।

ପ୍ରାଚୀପ୍ରଭା କ୍ଷୁଣ୍ଣ ହେଲା ବୋଧହୁଏ । ଶୁଷ୍କ କଣ୍ଠରେ କହିଲା—ମତେ ଅବିଶ୍ୱାସ କରୁଛ ? ଚାହଁ ଯଦି କେବେ ନିର୍ଜନ ରାତିରେ କାନପାରି ଶୁଣ । ମନ୍ଦିର ବେଢ଼ାରେ ନିହାଣ ମୁଗୁର ଶବ୍ଦ ସ୍ପଷ୍ଟ ଶୁଣିପାରିବ । ଝର୍କା ଖୋଲି ଘରେ ଶୋଇଲେ ମୁଁ ସେ ଶବ୍ଦ ଶୁଣିପାରେ । ବିଷ୍ଟୁ ଅଜା ତା'ର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ।

ବିଷ୍ଟୁ ମହାରଣା ମୁଣ୍ଡ ହଲାଇ ସମ୍ମତି ଜଣାଇଲା । ଅନୁଚ୍ଚ କଣ୍ଠରେ କହିଲା—ମୁଁ ତାକୁ ପ୍ରତିଦିନ ଦେଖୁଛି । ଅସ୍ପଷ୍ଟ ଛାୟାମୂର୍ତ୍ତିଟିଏ । ଧର୍ମପଦ ବୟସର । କୋଣାର୍କ ବେଢ଼ାରେ ରାତିସାରା ଘୂରୁଥାଏ । ବେଳେବେଳେ ପଥର ଖଣ୍ଡରେ ଭାସ୍କର୍ଯ୍ୟ ଉତ୍କୀର୍ଣ୍ଣ କରେ । ବିଦେହୀ ଆତ୍ମା ନ ହେଇଥିଲେ ରାତ୍ରୀ ଜଗୁଆଳିର ଦୃଷ୍ଟି ଏଡ଼ି ତାଲାବନ୍ଦ ଲୁହା ଫାଟକ ଡେଇଁ କୋଣାର୍କ ବେଢ଼ାରେ ପଶନ୍ତା କିପରି ? କିନ୍ତୁ ବିଦେହୀ ଆତ୍ମା କ'ଣ ନୂତନ କୋଣାର୍କ ଗଢ଼ିପାରେ ?

Digitized by srujanika@gmail.com

ଚାର୍ଲସ ଉତ୍ସୁକ ହେଇ କହିଲା—ମତେ ତା' ସହ ସାକ୍ଷାତ କରାଇଦେଇ ପାରିବ ଅଜା ? ତା' ସହ ମୋର ଜରୁରୀ କାମ ଅଛି । ହୁଏତ ମୋ ଗବେଷଣାର ନୂତନ ଦିଗ ଉନ୍ମୋଚିତ ହେବ ।

ବିଷ୍ଣୁ ମହାରଣା ସର୍ବଜ୍ଞାଣ ସିଦ୍ଧପୁରୁଷ ଭଳି ରହସ୍ୟମୟ ହସ ହସି କହିଲେ—ଅଶରୀରୀ ଆତ୍ମା ସହ ସିଧା ସଳଖ ଦେଖା କରିହୁଏନା । ତମେ ଚାହିଁଲେ ଦୂରରୁ ତାକୁ ଲକ୍ଷ୍ୟ କରିପାର । ତମର ଉପସ୍ଥିତିରେ ସେ ହୁଏତ ଅଦୃଶ୍ୟ ହେଇଯାଇପାରେ ।

—ବେଶ୍ । ସେତିକି ମୁଁ ଦେଖିବି । ଚାର୍ଲସ କହିଲା ।

—ତେବେ କାଲି ଅର୍ଦ୍ଧରାତ୍ରରେ କୋଣାର୍କ ବେଢ଼ାରେ ପାଚେରୀ ଉପରେ ଠିଆହୋଇ ଲକ୍ଷ୍ୟ କର । ମୁଁ ଧର୍ମପଦ ହିନ୍ଦୁ ହୋଟେଲର ବାରଣ୍ଡାରେ ତମକୁ ଅପେକ୍ଷା କରିବି । ବିଷ୍ଣୁ ମହାରଣା କହିଲା ।

ପ୍ରାଚୀପ୍ରଭା କମ୍ପିତ କଣ୍ଠରେ କହିଲା—ଅଜା, ମୁଁ ବି ଧର୍ମପଦକୁ ଦେଖିବାକୁ ଚାହେଁ । ମଉସାଙ୍କ ଅନୁମତି ନେଇ ମୁଁ ମଧ୍ୟ ଆସିବି ।

—ମନରେ ଭୟ ନ ରଖିଲେ ତୁ ମଧ୍ୟ ଆସି ଦେଖିପାରୁ । ମୋ କଥା ଅନ୍ୟମାନେ ଅବିଶ୍ୱାସ କରୁଛନ୍ତି । ବିଷ୍ଣୁ ମହାରଣା ହତାଶାବ୍ୟଞ୍ଜକ ସ୍ୱରରେ କହିଲା ।

ଚାର୍ଲସ ଶାନ୍ତନାଉରା କଣ୍ଠରେ କହିଲା—ମୁଁ ବି ଦିନେ ଭୂତ ପ୍ରେତରେ ଅବିଶ୍ୱାସ କରୁଥିଲି । କିନ୍ତୁ ସେଇ ଅଶରୀରୀ ନାରୀର ଛାୟାମୂର୍ତ୍ତିକୁ ଅନେକ ଥର ସାମ୍ନା କଲାପରେ ମୁଁ ଆପଣାକୁ ବିଶ୍ୱାସ କରେ ।

—ଧନ୍ୟବାଦ ସାହେବ । ତମେ ଭାରତର ଭୂତ ପ୍ରେତକୁ ବିଶ୍ୱାସ କର ବା ନକର ମଣିଷକୁ ଯେ ବିଶ୍ୱାସ କରିବାକୁ ଆରମ୍ଭ କରିଛ ସେତିକି ତମ ମନରେ ସ୍ଥିରତା ଆଣିବ, ଶାନ୍ତି ଆଣିବ, ଏଥିରେ ସନ୍ଦେହ ନାହିଁ । ବିଷ୍ଣୁ ମହାରଣା ଶୂନ୍ୟକୁ ଚାହିଁ ଗୁଣୁ ଗୁଣୁ ସ୍ୱରରେ ସ୍ୱରତୋଳି କଲା—ଏତେ ଅବିଶ୍ୱାସ, ଏତେ ଅଶାନ୍ତି, ଏତେ ପ୍ରତାରଣା ନଥିଲା ତ ସେ ରାଜୁତିରେ ! ସେ ଦୀର୍ଘଶ୍ୱାସ ଛାଡ଼ିଲା ।

କରତାଳି ଧ୍ୱନି ଭିତରେ ଯବନିକା ପତନ ହେଲା । ପୂର୍ଣ୍ଣାଙ୍ଗ କୋଣାର୍କର ଛବି ଭାସିଉଠିଲା ସପେଦ ପରଦାରେ । କରୁଣ ରାଗଟିଏ ବାଜିଉଠୁଥାଏ ଧର୍ମପଦର ଆମୋଦଗର୍ତ୍ତରେ । ପ୍ରାଚ୍ୟପ୍ରଭା ଭାବିଲା ଉନ୍ନତ ଚନ୍ଦ୍ରର ଅନ୍ଧକାର ପାର୍ଶ୍ୱଭଳି ସବୁ କୀର୍ତ୍ତି ପଛରେ କ'ଣ ଏମିତି କରୁଣ ହାହାକାର ଲୁଚି ରହିଥାଏ ଯାହାକୁ ଇତିହାସ ପୃଷ୍ଠାରେ ଲେଖାଯାଏ ନାହିଁ ? କୋଣାର୍କର ଇତିହାସରେ ଶିଳ୍ପୀ କମଳ ମହାରଣା ଆଉ ଚନ୍ଦ୍ରଭାଗା ପରି ଆଉରି କେତେ କେତେ

Digitized by srujanika@gmail.com

ଅଭାଗିନୀ ନାରୀ କୋଣାର୍କର କଳାକୀର୍ତ୍ତି ଭିତରେ ନିଜର କୁସୁମିତ ଜୀବନ ଯୌବନକୁ ଅର୍ଘ୍ୟ ବାଢ଼ିଦେଇଥିବେ, କିଏ ତା'ର ହିସାବ ରଖିଛି ?

ପ୍ରାଚୀପ୍ରଭା ସାମ୍ନାରେ ଧର୍ମାନନ୍ଦ ଠିଆ ହୋଇଛି ଧର୍ମପଦ ବେଶରେ । ବିହ୍ୱଳ ହେଇ ତାକୁ ଚାହିଁଛି ପ୍ରାଚୀପ୍ରଭା । ଚାର୍ଲସ ଧର୍ମାନନ୍ଦକୁ ଅଭିନନ୍ଦନ ଜଣାଇଲା ।

ପ୍ରାଚୀ ସ୍ନେହଭରା କଣ୍ଠରେ କହିଲା—ଧର୍ମୁ, ତୋ' ଭିତରେ ଏ କଳା ବି ଅଛି ମତେ ଜଣା ନଥିଲା । କୋଣାର୍କକୁ ତୁ ସେତିକି ପ୍ରାଣଦେଇ ଭଲପାଉ ନଥିଲେ ଧର୍ମପଦର ଅଭିନୟ ଏତେ ଜୀବନ୍ତ ଆଉ ମର୍ମସ୍ପର୍ଶୀ ଭାବେ ଫୁଟାଇ ନଥାନ୍ତୁ । ତତେ ମୁଁ ଭୁଲ୍ ବୁଝିଥିଲି ଏ ପର୍ଯ୍ୟନ୍ତ ।

ଧର୍ମପଦ ସଂକୋଚଭରା କଣ୍ଠରେ କହିଲା—ଅପା, ଅଭିନୟ ସତ ନୁହେଁ । ଅବଶ୍ୟ ଧର୍ମପଦ ଭଳି କୋଣାର୍କକୁ ମୁଁ ଭଲପାଏ । କିନ୍ତୁ କୋଣାର୍କ ଥିଲା ଶିଳ୍ପୀ ଧର୍ମପଦର ଜୀବନ, ଆଉ କୋଣାର୍କ ଆଜି ହେଉଛି ମୋରି ଭଳି ଅଧମ ଧର୍ମପଦମାନଙ୍କର ଜୀବିକା । ତପାଇ୍ ଏତିକି ।

ଦର୍ଶକମାନଙ୍କର ଉଚ୍ଛ୍ୱସିତ ଅଭିନନ୍ଦନକୁ ପଛକରି ଧର୍ମାନନ୍ଦ ଅନ୍ଧାର ଆଡ଼କୁ ଆଗେଇଗଲା । ନିଜ ଅଭିନୟରେ ସେ ଯେମିତି ସୁଖୀ ନୁହେଁ । ଏକଦା ମେଧାବୀ ଛାତ୍ର ଧର୍ମାନନ୍ଦ ନିଜର ବାପା, ମା', ପରିବାର, ପେଶା ଏବଂ ସାରା ସଂସାର ବିଷୟରେ ଅସୁଖୀ । ଏକଥା ପ୍ରାଚୀପ୍ରଭା ଜାଣେ । ଧର୍ମାନନ୍ଦର ଅସୁଖୀ ଆତ୍ମା ପ୍ରତି ପ୍ରାଚୀପ୍ରଭାର ମାତୃହୃଦୟ ସହାନୁଭୂତିରେ ଆର୍ଦ୍ର ହୋଇଗଲା ।

ନିର୍ଜନତା ଏବଂ କୋଣାର୍କ ଉଭୟ ପ୍ରାଚୀପ୍ରଭାକୁ ଆକର୍ଷଣ କରନ୍ତି ।

ଦୀନବନ୍ଧୁଙ୍କର ଅନୁମତି ନେଇ ପ୍ରାଚୀପ୍ରଭା ଏବଂ ଚାର୍ଲସ ଅର୍ଦ୍ଧରାତ୍ରୀ ପରେ କୋଣାର୍କ ଆଡ଼କୁ ପାଦ ବଢ଼ାଇଲେ । ସାଙ୍ଗରେ ଠେଙ୍ଗା ଆଉ ଲଣ୍ଠନ ଧରି ବିଶ୍ୱସ୍ତ ଅନୁଚର ଗଣେଶ । ଚନ୍ଦ୍ରଭାଗା ବୁଢ଼ ଆଉ ଅଳ୍ପଦିନ ବାକି । କୋଣାର୍କ ଅଞ୍ଚଳରେ ଯାତ୍ରୀମାନଙ୍କର ଗହଳି ଲାଗିଗଲାଣି । ରାତିସାରା ଘରୋଇ ବସରେ ଯାତ୍ରୀମାନେ ଆସୁଛନ୍ତି । ଭୟର କିଛି କାରଣ ନାହିଁ । ଦୋକାନ, ବଜାର, ଲଜିଂ ଏବଂ ହୋଟେଲ ରାତିସାରା ଜାଗ୍ରତ ଅଛି ଯାତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ପାଇଁ । ଚାର୍ଲସ ପିଲାଟା ଉପରେ ଦୀନବନ୍ଧୁ ଏବଂ ଚାରୁକଳାଙ୍କର ଅଗାଧ ବିଶ୍ୱାସ । ତା' ଦେହର ରଙ୍ଗ-ଭଳି ମନଟା ଭାରି ଫର୍ଚ୍ଚା—ଉନ୍ମୁକ୍ତ । ଯାହା ଭାବେ ମନ ଖୋଲି କହିଦିଏ । ଯାହା ଚାହେଁ ମୁହଁ ଖୋଲି ପ୍ରକାଶ କରିଦିଏ । ପ୍ରାଚୀ ପ୍ରତି ତା' ମନରେ ଗଭୀର ଅନୁରକ୍ତିକୁ ସେ ଦୀନବନ୍ଧୁ ଏବଂ ଚାରୁକଳାଙ୍କ ସମ୍ମୁଖରେ ପ୍ରକାଶ କରିବାରେ କୁଣ୍ଠାବୋଧ କରେ ନାହିଁ । ରସିକତା କରି ବେଳେବେଳେ ସେ କହେ—ପ୍ରାଚୀପ୍ରଭା ଆଉ ଟିକେ ଖୋଲା ସ୍ୱଭାବର

Digitized by srujanika@gmail.com

ଝିଅ ହେଇଥିଲେ ସେ ତାକୁ ଅନେକ ଦିନୁ ବିବାହ ପ୍ରସ୍ତାବ ଦେଇସାରନ୍ତାଣି । କିନ୍ତୁ ନାଁ ବାବା—ଏତେ ଚାପା ପ୍ରକୃତିର ଝିଅକୁ ନେଇ ଯାଯାବର ଚାର୍ଲସର ସଂସାର ବାନ୍ଧିବା ହୁଏନା । ସେ ଦୃଷ୍ଟିରୁ ଲିଲିଆନ୍ ବରଂ ଚଳେ । କହିସାରି ଚାର୍ଲସ ପ୍ରାଣଖୋଲି ହସେ । ଚାରୁକଳା ଏବଂ ଦୀନବନ୍ଧୁ ଅଳ୍ପ ହସି ଗମ୍ଭୀର ହୁଅନ୍ତି । ଦୀନବନ୍ଧୁ ଚୁପ୍‌ଚାପ୍ କରି କହନ୍ତି—ଏଭଳି ମଜ୍ଜା ପ୍ରାଚୀପ୍ରଭା ସହ୍ୟ କରିବନି ଚାର୍ଲସ । ଝିଅଟା ଅତିମାତ୍ରାରେ କୋମଳ ଆଉ ଭାବପ୍ରବଣ । ମନେରଖ, ବିବାହ ସମ୍ପର୍କୀୟ କୌଣସି ପରିହାସ ସେ ବରଦାସ୍ତ କରେନା । ଚାର୍ଲସ ପ୍ରତିଜ୍ଞା କରେ, ପ୍ରାଚୀପ୍ରଭା ସହ ସେ ମାପିଚୁପି କଥା କହିବ । ଏ ପର୍ଯ୍ୟନ୍ତ ଚାର୍ଲସ ତା'ର କଥା ରଖିଛି ମଧ୍ୟ । ତା' ସମ୍ବନ୍ଧରେ ଦୀନବନ୍ଧୁ ଏବଂ ଚାରୁକଳା ନିଶ୍ଚିନ୍ତ ।

କୋଣାର୍କ ବଜାରରେ ଜଳଖିଆ ଦୋକାନରେ ଲାଇଟ୍ ଲାଗି ରାତିସାରା ମିଷ୍ଟାନ୍ନ ତିଆରି ଚାଲିଛି । କେତେଟା ବୁଲାକୁକୁର ରାତ୍ରୀର ନିର୍ଜନତା ଭାଙ୍ଗକରି ଜଳଖିଆ ଦୋକାନ ଏବଂ ହେଟେଲ ପାଖାପାଖି ଅଞ୍ଚଳରୁ ସରଗରମ କରି ରଖିଛନ୍ତି । ସ୍ୱେଚ୍ଛାସେବୀ କ୍ୟାମ୍ପରେ ଆଲୁଅ ଜଳୁଛି । ପିଲାମାନଙ୍କର ପାଟି ଶୁଭୁନ୍ଥି ।

ପ୍ରାଚୀପ୍ରଭା ଏବଂ ଚାର୍ଲସ ପାଖାପାଖି ଚାଲିଛନ୍ତି । ପରଲୋକଗତ ଆତ୍ମା ପ୍ରତି ମଣିଷ ମନର ଚିରନ୍ତନ କୌତୂହଳ ନେଇ ଦୁହେଁ ନିଜ ଭାବନାରେ ମଗ୍ନ । ସାତଶହ ବର୍ଷ ତଳର ଶିଳ୍ପୀ ଆତ୍ମା କ'ଣ ସତରେ ଘୂରିବୁଲେ କୋଣାର୍କ ବେଢ଼ାରେ ? ଶିଳ୍ପୀ ଆତ୍ମା କ'ଣ ତେବେ ଅତୃପ୍ତ—ଅମୋକ୍ଷ ?

କୋଣାର୍କ ପାଖାପାଖି ଛୋଟ ଦୋକାନ ଆଉ ହୋଟେଲ ସବୁ ବନ୍ଦ ହେଇଯାଇଛି ଅନେକବେଳୁ । ସତେ ବା ଧ୍ୟାନମଗ୍ନ କୋଣାର୍କର ମୌନ ସୌନ୍ଦର୍ଯ୍ୟ କ୍ଷୁଣ୍ଣ ହେବା ଆଶଙ୍କାରେ କୋଣାର୍କର ଖୁବ୍ ନିକଟରେ ବଡ଼ ହୋଟେଲ, ଲଜିଂ, ଦୋକାନ ବଜାର ଏପର୍ଯ୍ୟନ୍ତ ବସିନାହିଁ ।

ଧର୍ମପଦ ହିନ୍ଦୁ ହୋଟେଲର ବାରଣ୍ଡାରେ ବିଷ୍ଣୁ ମହାରଣା ଅପେକ୍ଷା କରିଛି । ପ୍ରାଚୀ ଏବଂ ଚାର୍ଲସ ନୀରବରୁ ଠିଆହେଲେ ତାଙ୍କ ପାଖରେ । ଲଣ୍ଠଣଟା କମାଇଦେଇ ଆଡୁଆଲରେ ରଖିଦେବା ପାଇଁ ନୀରବରେ ଇଙ୍ଗିତ ଦେଲା ବିଷ୍ଣୁ ମହାରଣା ।

ଜ୍ୟୋତ୍ସ୍ନାଲୋକରେ କୋଣାର୍କର ନୀରବ ଆତ୍ମପ୍ରକାଶ ଚାର୍ଲସର ଯାଯାବରୀ ମନକୁ ମାୟା ବନ୍ଧନରେ ଛନ୍ଦି ଦେଉଥାଏ । ଚାର୍ଲସ ଭାବୁଥାଏ ଏମିତି ସବୁଦିନ, ଜ୍ୟୋତ୍ସ୍ନାଲୋକ ତଳେ କୋଣାର୍କ ବେଢ଼ାରେ ଅଟକିଗଲେ ବି ଜୀବନ ପ୍ରବାହ ଅଟକିଯିବ ନାହିଁ । ପ୍ରାଚୀ ମନ୍ତ୍ରମୁଗ୍ଧା କାବ୍ୟ ନାୟିକାର ଭଙ୍ଗୀରେ ଜ୍ୟୋତ୍ସ୍ନାସ୍ନାତ କୋଣାର୍କ ଶିଳାରେ ଖୋଜୁଥାଏ ଅତୀତ, ଭବିଷ୍ୟତ ଆଉ ତାର ବର୍ତ୍ତମାନର ଜୀବନକୁ । ଗୋଟାଏ ଅଦୃଶ୍ୟ ରଜ୍ଜୁରେ କୋଣାର୍କ ସହ ଯେମିତି ତା'ର ଜୀବନ

Digitized by srujanika@gmail.com

ଛନ୍ଦିହୋଇଯାଇଛି । କୋଣାର୍କ ଯେମିତି ପ୍ରାଚୀପ୍ରଭାର ଜୀବନ-କାବ୍ୟ । ତା' ଜୀବନର କାବ୍ୟକାର କୋଣାର୍କର ଶିଳ୍ପୀଆତ୍ମାକୁ ପ୍ରାଚୀ ପୁଣିଥରେ ପ୍ରଣିପାତ କରୁଥାଏ ।

ଚାର୍ଲସ ଭାବୁଥାଏ ଜ୍ୟୋସ୍ନାଲୋକରେ କୋଣାର୍କ ଏବଂ ପ୍ରାଚୀପ୍ରଭା ଦୁହିଁଙ୍କର ସୌନ୍ଦର୍ଯ୍ୟ ଅନିର୍ବଚନୀୟ । ସେତିକି ନଦେଖି ଫେରି ଯାଇଥିଲେ ଜୀବନ ଅପୂର୍ଣ୍ଣ ରହିଯାଇଥାନ୍ତା ।

ଅକସ୍ମାତ୍ ଖଣ୍ଡେ ଉସା ବାଦଲ ତଳେ ଜହ୍ନ ଲୁଚିଗଲା । ପାତଳ ଅନ୍ଧକାରର ସରୁ ଅଡ଼ଣୀଟିଏ କୋଣାର୍କ ଉପରେ ବିଛେଇ ହେଇ ପଡ଼ିଲା । ଠିକ୍ ସେତିକିବେଳେ ଛାୟା ମୂର୍ତ୍ତିଟିଏ ଲହଚଲ ହେଉଥିଲା ବଡ଼ଦେଉଳର ପଶ୍ଚିମ ପାଖରେ । ବିଷ୍ଣୁ ମହାରଣା ଚାପା ଗଳାରେ କହିଲା—ଏଇ ତା'ର ଆସିବାର ବେଳ । ପ୍ରାଚୀପ୍ରଭାର ଛାତି ଦମ୍‌ଦମ୍ ପଡୁଥାଏ । ତା'ମନର ସବୁ ସାହସ କୁଆଡ଼େ ଉଭେଇ ଯାଇଥାଏ । ଲମ୍ବା ଲମ୍ବା ଅଙ୍ଗାରି ହାତ ବଢ଼ାଇ ଗଛ ପତ୍ର ଡାଳ ସବୁ ଯେମିତି ମାଡ଼ି ଆସୁଥାଏ ପ୍ରାଚୀପ୍ରଭା ନିକଟକୁ । ପ୍ରାଚୀପ୍ରଭା ଚାର୍ଲସର ଆଉ ଟିକେ ପାଖକୁ ଲାଗିଆସୁଥାଏ । ରୁଦ୍ଧ ଶ୍ୱାସରେ ଲକ୍ଷ୍ୟ କରୁଥାଏ ଛାୟାମୂର୍ତ୍ତିଟିକୁ । ଛାୟାମୂର୍ତ୍ତିଟି ସତର୍କ ଭଙ୍ଗୀରେ ସନ୍ତର୍ପଣରେ ପାଦ ପକାଇ ଇତସ୍ତତଃ ଘୁରୁଥାଏ । ଦଣ୍ଡେ ରହିଯାଇ କୋଣାର୍କର ଶିଳାଖଣ୍ଡକୁ ନିରୀକ୍ଷଣ କରୁଥାଏ । ଆସ୍ତେ ଶୁଭୁଥାଏ ନିହାଣ ମୁଗୁରର ଶବ୍ଦ । ଛାୟାମୂର୍ତ୍ତିଟି ନିବିଷ୍ଟ ଚିତ୍ତରେ କାମ କରି ଚାଲିଥାଏ ।

ଚାର୍ଲସ ଆସ୍ତେ ପଚାରିଲା—ଶକ୍ତିଶାଳୀ କ୍ୟାମେରା ସାହାଯ୍ୟରେ ଛାୟାମୂର୍ତ୍ତିଟିର ଫଟୋ ତ ନିଆଯାଇପାରେ ? କ୍ଷତି କ'ଣ ?

ବିଷ୍ଣୁ ମହାରଣା ଚାପା ସ୍ୱରରେ କହିଲା—ନାଁ, ସେ ସବୁ କରନାହିଁ । ଅତୃପ୍ତ ଆତ୍ମାର ଶାନ୍ତିଭଙ୍ଗ କରନାହିଁ । ନିଜ ରକ୍ତ, ମାଂସ, ଆତ୍ମା ଓ ଜୀବନ ଦେଇ ଯାହାକୁ ଦିନେ ଶିଳ୍ପୀ ଗଢ଼ିଥିଲା, ତାରି ଧ୍ୱଂସ ସ୍ତୂପ ଉପରେ ଠିଆ ହେଲେ ବି ତାକୁ କିଛି ଶାନ୍ତି ମିଳୁଥିବ । ଅଶରୀରୀର ଛବି କ୍ୟାମେରାରେ ଧରି ରଖିହୁଏନା । ସେ ତା'ର ବୁଲୁଥାଉ । କ୍ଷତି କ'ଣ ?

ଚାର୍ଲସ ଗୁଣୁ ଗୁଣୁ ସ୍ୱରରେ କହିଲା—ଇଚ୍ଛା ହେଉଛି ତା'ର ସାମ୍ନା କରନ୍ତି । ଅନେକ ପ୍ରଶ୍ନ ପଚାରିବାର ଅଛି ।

ଚାର୍ଲସର ମନ କଥା ଜାଣିବା ପରି ଛାୟାମୂର୍ତ୍ତିଟି ଅନ୍ଧାରରେ ଭାସି ଭାସି ଧୀରେ ଧୀରେ ଛାୟାଦେବୀ ମନ୍ଦିର ଆଡ଼କୁ ଆସୁଛି । ପ୍ରାଚୀପ୍ରଭାର ସ୍ନାୟୁ ଶିଥିଳ ହୋଇଆସୁଛି । ଆଉ ଅଳ୍ପ ସମୟ ପରେ ଛାୟାମୂର୍ତ୍ତିଟି ତାଙ୍କ ସାମ୍ନାରେ ପହଞ୍ଚିବ । ସେ ପଛେଇ ପଛେଇ ଘୁଞ୍ଚିଆସୁଛି । ତା'ପଛରେ ଚାର୍ଲସ ଠିଆ ହେଇଛି ସୁଦୀର୍ଘ ପାଚେରୀ ଭଳି ! ଜୋର୍ ଜୋର୍ ପାଦ ପକାଇ ପଳାଇବା ପାଇଁ ତା'ର ଶକ୍ତି ପାଉନାହିଁ । ଚାର୍ଲସକୁ ସତର୍କ କରିଦେବା ପାଇଁ ଇଚ୍ଛାକରି ବି ସେ କିଛି କହିପାରୁ ନାହିଁ । ଛାୟାମୂର୍ତ୍ତିଟି ପାଖେଇ ଆସୁଛି ।

Digitized by srujanika@gmail.com

ପ୍ରାଚୀପ୍ରଭା ତା'ର ବରଫ ପରି ଶୀତଳ ହାତରେ ଚାର୍ଲସର ଉଷ୍ମ କୋମଳ ପାପୁଲିଟିକୁ ଧରିନେଇ ବହୁ କଷ୍ଟରେ ଉଚ୍ଚାରଣ କଲା—ଚାର୍ଲସ..... । ସେ ଆଉ କିଛି କହିପାରିଲା ନାହିଁ । ଚାର୍ଲସ ଦୁଇ ବାହୁ ପ୍ରସାରି ତାକୁ ଆଶ୍ରୟ ଦେଇସାରିଥିଲା । ଅଭୟ ସୂଚକ ପ୍ରତ୍ୟୟ ହେଉଥିଲା—ଭୟ ନାହିଁ ପ୍ରାଚୀପ୍ରଭା । ମୁଁ ଅଛି । ଆତ୍ମରକ୍ଷା ପାଇଁ ମୋ ପାଖରେ ସବୁବେଳେ ମାରଣାସ୍ତ୍ର ଥାଏ । ତମେ ଚାହିଁବ ତ ଅଶରୀରୀ ଆତ୍ମାକୁ ଗୁଳି କରିଦେବି—ହେଉପଛେ ସେ ଧର୍ମପଦ—

ବଉଦ ଫାଙ୍କରୁ ଜହ୍ନ ଅପସରି ଯାଇଥିଲା । ଛାୟାମୂର୍ତ୍ତି ଉପରେ ମେଞ୍ଚାଏ ଜହ୍ନ ଆଲୁଅ ଆସି ପଡ଼ିଲା । ସେ କ୍ଷଣେ ସ୍ଥିର ହେଇଗଲା । ପ୍ରାଚୀପ୍ରଭା ଆଉ ଥରେ ଡାକିଲା—ଚାର୍ଲସ—ସେ ମୂର୍ଚ୍ଛିତ ଭଙ୍ଗୀରେ ଚାର୍ଲସର ପ୍ରଶସ୍ତ ବୁକୁରେ ନିସ୍ତେଜହେଇ ରହିଗଲା । ତା'ର ଦେହ ବରଫ କରି ଥଣ୍ଡା । ଚାର୍ଲସ ଦେହର ଉଷ୍ମତା ତା'ର ଶୀତଳ ଶରୀରକୁ ଉଷ୍ମକଲା ନାହିଁ । ଚାର୍ଲସ ପ୍ରାଚୀପ୍ରଭାକୁ ଆଶ୍ରା ଦେଇ ଧର୍ମପଦ ହୋଟେଲର କାଠ ବେଞ୍ଚରେ ବସାଇ ଦେଲା । ଛାୟାମୂର୍ତ୍ତିଟି ଅଦୃଶ୍ୟ ହୋଇଯାଇଥାଏ ।

ବିଷ୍ଣୁ ମହାରଣା କେତେବେଳେ ଚାଲିଗଲାଣି । ଚାର୍ଲସ ପ୍ରାଚୀପ୍ରଭାକୁ ଅଭୟ ଦେଲା—ଦେଖ, କେଉଁଠି କିଛି ନାହିଁ । ସେ ଚାଲିଗଲାଣି । ଛାୟାମୂର୍ତ୍ତିକୁ ଭୟ କ'ଣ ? ମୁଁ ତ ସେଇ ଅଶରୀରୀ ନାରୀଟିର ସାମ୍ନା କରିଛି ଅନେକବାର । ସେ ମୋର କିଛି ଷତି କରିନାହିଁ । ଭୟ କ'ଣ ? ମୁଁ ତ ଅଛି—

ପ୍ରାଚୀପ୍ରଭା ନିର୍ବାକ ହେଇ ବସିଛି । କିଛି ଉତ୍ତର ଦେଉନାହିଁ । ତା'ର ମୁହଁ ରକ୍ତଶୂନ୍ୟ—ଚକ୍ଷୁ ବିସ୍ଫାରିତ ।

ଭୟଭୀତ କଣ୍ଠରେ ଗଣେଶ କହିଲା—ଦେଇଙ୍କୁ ଭୂତ ଗ୍ରାସିଛି । ମୁଁ ନାହିଁ କରୁଥିଲି ମୂଳରୁ ।

ଦୂରରୁ ମିଞ୍ଜି ମିଞ୍ଜି ଲଣ୍ଠନ ଆଲୁଅ ଦିଶୁଛି । କେହି ଆସୁଛି ଏଣିକି । ଚାର୍ଲସ ପ୍ରାଚୀପ୍ରଭାର ଶୀତଳ ପାପୁଲି ଦୁଇଟିକୁ ଏକତ୍ର କରି ନିଜ ଦୁଇ ହାତରେ ମୁଠେଇ ଧରିଛି । ନିଜ ହାତର ଉଷ୍ମତା ଦେଇ ପ୍ରାଚୀପ୍ରଭାକୁ ଉଷ୍ମ କରିବା ପାଇଁ ଚେଷ୍ଟା କରୁଛି । ଛାୟାମୂର୍ତ୍ତିକୁ ସେ ମନେ ମନେ ଧନ୍ୟବାଦ ଜଣାଉଛି । ଅନ୍ତତଃ ତାରି ଯୋଗୁଁ ପ୍ରାଚୀପ୍ରଭାର ହାତ ଧରିବାର ଏଇ ପରମ ସୌଭାଗ୍ୟ ଚାର୍ଲସ ଲଭିଛି । ତା'ନହେଲେ ପ୍ରାଚୀପ୍ରଭା ତ ତାକୁ ଅସ୍ପୃଶ୍ୟ ଭଳି ଦୂରେଇ ରଖିଥାଏ ।

ଚାର୍ଲସ ଅତି ଧୀରେ—ହୃଦୟର ସବୁ କୋମଳ ନିର୍ଯ୍ୟାସ ଦେଇ, ଅନ୍ତରର ସମସ୍ତ ସ୍ନେହ ନିଗାଡ଼ି, କଣ୍ଠସ୍ୱରକୁ ଆର୍ଦ୍ର କରି ଡାକିଲା—ପ୍ରାଚୀପ୍ରଭା—ପ୍ରକୃତିସ୍ଥ ହୁଅ—ମୁଁ ଅଛି—

Digitized by srujanika@gmail.com

ମୋ ଉପରେ ବିଶ୍ୱାସ ରଖ—ମୁଁ ଥାଉଁ ଥାଉଁ ତମର ଭୟ କାହାକୁ ? ତମେ ଏତେ ଅସହାୟ ବୋଧ କରୁଛ କାହିଁକି ?

ପ୍ରାଚୀପ୍ରଭାର କୋମଳ ପାପୁଲି ମୃଦୁ ମୃଦୁ କମ୍ପୁଛି । ସେ କିଛି ଉତ୍ତର ଦେଉନି । ଗୋଟାଏ ଅସହ୍ୟ ବେଦନାବୋଧ କଣ୍ଠଦେଶରେ ଚାପି ନେଉଛି ସେ ।

ଅତି ଦାମ୍ଭିକା ବୋଲି ଏତେ ଦିନ ଧରି ଯାହାକୁ ଚାର୍ଲସ ଭାବିଥିଲା ତା'ର ଏ ଅସହାୟ କରୁଣ ମୂର୍ତ୍ତି ଚାର୍ଲସର ପୁରୁଷ ହୃଦୟର ସ୍ପନ୍ଦନ ସୃଷ୍ଟି କରୁଛି । କାମାନଳ ନୁହେଁ—ପ୍ରେମାନଳରେ ସେ ଦଗ୍ଧ ହେଉଛି ।

ଅତି ଧୀରେ—ଅସ୍ପଷ୍ଟ ସ୍ୱରରେ ପ୍ରାଚୀପ୍ରଭାର କାନ ପାଖରେ କହିଲା—ପ୍ରାଚୀପ୍ରଭା—ଏଇ ମୁହୂର୍ତ୍ତରେ ମୁଁ ଅନୁଭବ କରୁଛି ମୁଁ ତମକୁ ଭଲପାଏ—ମୁଁ ତମକୁ ଚାହେଁ—ନିବିଡ଼ ଭାବେ ଚାହେଁ—ଯଦି ଏ ମୋର ଧୃଷ୍ଟତା ହୁଏ ତେବେ କ୍ଷମା କରିଦିଅ—

ଅନ୍ଧାର ଭିତରେ ପ୍ରାଚୀପ୍ରଭାର ଆଖିରୁ ଦୁଇଧାର ଲୁହ ଖସିଆସି ଚାର୍ଲସର ହାତ ଉପରେ ପଡ଼ିଲା ।

ଚମକିପଡ଼ି ବ୍ୟଥିତ ସ୍ୱରରେ ଚାର୍ଲସ କହିଲା—ମୁଁ ଦୁଃଖିତ—ଯଦି ଏଥିରେ ତମର ଅପମାନ ଦେଇଥାଏ ମୁଁ ଅତ୍ୟନ୍ତ ଦୁଃଖିତ ।

କଣ୍ଠ ଚାପି ଚାପି ପ୍ରାଚୀପ୍ରଭା ଅବ୍ୟକ୍ତ କେଉଁ ବେଦନାର ପ୍ରସ୍ଫୁଟ କାନ୍ଦଣାକୁ ଚାପି ନେଉଥାଏ ।

ଚାର୍ଲସ ଅତି ଆଦରରେ କୋମଳ ସ୍ୱରରେ କହିଲା—ଚାଲ, ଘରକୁ ଯିବା । ତମର ବିଶ୍ରାମ ଦରକାର । ଭାବାବେଗରେ ଯାହା କହିଛି ତାକୁ ଫେରାଇ ନେଉଛି ।

ଦୀନବନ୍ଧୁ ଲଣ୍ଠନ ଧରି ଆସି ପହଞ୍ଚିଗଲେ । କହିଲେ—ତମେ ଆସିବା ପରେ ଭାରି ଛଟପଟ ଲାଗିଲା । ପ୍ରାଚୀଟା ପିଲାଦିନେ ଭାରି ଡରକୁଳୀ ଥିଲା । କାଳେ ଯଦି ଭୟ ପାଇଯାଏ ତ ଭାରି ମୁସ୍କିଲ କରିବ—ପିଲାଦିନେ ଟିକେ ଚମକି ପଡ଼ିଲେ ସେ ଜରରେ ଶୋଇବ—

ଚାର୍ଲସ ଅନୁତପ୍ତ କଣ୍ଠରେ କହିଲା—ମୁଁ ଦୁଃଖିତ—ପ୍ରାଚୀ ଖୁବ୍ ଭୟ ପାଇଯାଇଛି । ଜାଣେନା ମୋ କଥା ସେ ବୁଝୁଛି କି ନାଁ—ମୋର କୌଣସି କଥାର ଉତ୍ତର ମତେ ମିଳିନାହିଁ ।

ଦୀନବନ୍ଧୁ ବ୍ୟସ୍ତ ହୋଇପଡ଼ି ପ୍ରାଚୀପ୍ରଭାର କପାଳରେ ହାତ ବୁଲାଇଆଣିଲେ । କହିଲେ—ଚାଲ, ଘରକୁ ଯିବା । ଭୟ କ'ଣ ? ଜଗନ୍ନାଥଙ୍କ ଉପରେ ଭରସା ରଖ । ସବୁ ଠିକ୍ ହୋଇଯିବ ।

Digitized by srujanika@gmail.com

ପ୍ରାଚୀପ୍ରଭା ଆଉ ଥରେ ଝରଝର କାନ୍ଦିପକାଇଲା । ଦୀନବନ୍ଧୁ ଅତ୍ୟନ୍ତ ସ୍ୱରରେ କହିଲେ—ପଛକଥା ସବୁ ଭୁଲିଯା ମା—ନୂଆ କରି ବଞ୍ଚିବାକୁ ଶିଖ—ସବୁ ଠିକ୍ ହେଇଯିବ—ମୁଁ ଜାଣିଥିଲି ଜ୍ୟୋସ୍ନା ରାତିରେ କୋଣାର୍କର ଛବି ତତେ କନ୍ଦାଇବ .....

ଦୀନବନ୍ଧୁଙ୍କ ଛାତିରେ ମୁଣ୍ଡ ରଖି, ପ୍ରାଚୀପ୍ରଭା ଆଉଥରେ ଲୁହ ଝରାଇ ଦେଲା ।

ବିସ୍ମୟାଭିଭୂତ ଚାର୍ଲସ ଭୁବୁଥାଏ—ପ୍ରାଚୀପ୍ରଭାର ପଛକଥା କ'ଣ ହେଇପାରେ—ଯାହାପାଇଁ ସେ ଭିତରେ ଭିତରେ ଏତେ ଦୁଃଖ ପାଏ—ସେ ଦୁଃଖ ତା'ର କେତେ ଆପଣାର ହୋଇପାରେ—ଯେଉଁଥିରେ ସେ କାହାକୁ ଅଂଶୀଦାର କରେ ନାହିଁ !

ବିଷ୍ଣୁ ମହାରଣାର ପୋଥି ଆଉ ଦୁଇଟି ଅଧ୍ୟାୟ ବାକି । ଚାର୍ଲସର ଗବେଷଣାର ତଥ୍ୟ ସଂଗ୍ରହ କାର୍ଯ୍ୟ ପ୍ରାୟ ଶେଷ ହୋଇଛି । ଚିଦ୍ରୋତ୍ପଳାର ବିବାହ ଏବଂ ରଥଯାତ୍ରା ପାଖେଇ ଆସୁଛି । ଏସବୁ ଶେଷ କରି ଚାର୍ଲସ ଫେରିଯିବ । ଚାର୍ଲସର ମନେହୁଏ ସବୁ ଶେଷ କରିବା ସତ୍ତ୍ୱେ ଆଉ କିଛି ଆରମ୍ଭ ହେବା ପାଇଁ ବାକି ରହିଯିବ । ଯାହା ବାକି ରହିଯିବ ତା' ଆଉ କେବେ, କେଉଁଠି ହେଲେ ଆରମ୍ଭ ହେବନାହିଁ । କାରଣ ଯା' ପରେ ସେ ଯେଉଁଠିକି ଯାଉନା କାହିଁକି ସେ ଭାରତବର୍ଷ ନୁହେଁ ଏବଂ ସେଠାରେ ପ୍ରାଚୀପ୍ରଭା ନଥିବ ।

ପ୍ରାଚୀପ୍ରଭା ସେଇଦିନଠାରୁ ଜ୍ୱରରେ ଶୋଇଛି । ଡାକ୍ତର ମତ ଦେଇଛନ୍ତି ମାନସିକ ଧକ୍କା ପ୍ରାଚୀପ୍ରଭାକୁ ଅସୁସ୍ଥ କରିଛି । ଜୀବନର କୌଣସି ଗୁରୁତର ଘଟଣା ତା' ମନରେ ଘୁଣ ଧରାଇଛି । କ'ଣ ହେଇପାରେ ପ୍ରାଚୀପ୍ରଭାର ମାନସିକ ଧକ୍କାର କାରଣ ?

ଚାର୍ଲସ ପ୍ରାଚୀପ୍ରଭାର ଶଯ୍ୟା ଧାରରେ ବସିଥାଏ । ପ୍ରାଚୀ ଆଖିବୁଜି ଶୋଇଛି । ବାସିଫୁଲ ପରି ନିସ୍ତେଜ ଆଉ ମ୍ଳାନ ତାର ଚେହେରା । ଚାର୍ଲସ ଆସ୍ତେ ପଚାରିଲା—କେମିତି ଲାଗୁଛି ?

ପ୍ରାଚୀପ୍ରଭା ଆଖି ଖୋଲିଲା । ଚାର୍ଲସକୁ ନଚାହିଁ ଉପରକୁ ଚାହିଁରହିଲା । ଆସ୍ତେ କହିଲା—ମୁଁ ତାକୁ ଦେଖିଲି । ସେ କିନ୍ତୁ ଧର୍ମପଦ ନୁହେଁ—ପ୍ରାଚୀ କଥା ରୋକିନେଲା । ଚାର୍ଲସକୁ ଚାହିଁ ବିକଳ ସ୍ୱରରେ ପଚାରିଲା—ଚାର୍ଲସ, ଏମିତି ବି କ'ଣ ହେଇପାରେ ? ଚାର୍ଲସ ବ୍ୟସ୍ତ ହେଇପଡ଼ି କହିଲା—କାହା କଥା କହୁଛ ? ଧର୍ମପଦର ଛାୟାମୂର୍ତ୍ତି ଦେଖିବା ପରେ ତମେ ଏତେ ବେଶୀ ବିଚଳିତ କାହିଁକି ? ପ୍ରାଚୀ ଅସ୍ପଷ୍ଟ କଣ୍ଠରେ କହିଲା—ଧର୍ମପଦ ନୁହେଁ; ମୁଁ ଧର୍ମାନନ୍ଦକୁ ଦେଖିଲି । ଜ୍ୟୋସ୍ନାଲୋକରେ ଧର୍ମପଦ ଆଉ ଧର୍ମାନନ୍ଦ ଏକାପରି ଦିଶୁଥିଲେ । ଧର୍ମପଦ ବ'ଣ ଧର୍ମାନନ୍ଦ ହେଇପାରେ ? ଚାର୍ଲସ ହସିଲା । ଚପଳ କୌତୁକରେ କହିଲା—ତେବେ ତମ ଚିନ୍ତାର କାରଣ ମାତ୍ର ଏତିକି ? ଧର୍ମପଦର ଛାୟାମୂର୍ତ୍ତି ଦେଖିବାକୁ ଯାଇ ତମେ

Digitized by srujanika@gmail.com

ଧର୍ମାନନ୍ଦକୁ ଦେଖିଛ ବୋଲି ଦ୍ୱନ୍ଦ୍ୱରେ ପଡ଼ିଯାଇଛ ? ପ୍ରାଚୀପ୍ରଭା—ସେ ତମ ମନର ଭ୍ରମ ଧାରଣା । ପୂର୍ବଦିନ ତମେ ଧର୍ମାନନ୍ଦକୁ ଧର୍ମପଦ ଭୂମିକାରେ ଦେଖିଥିଲ । ସେଇ ଛବିଟା ତମ ଆଖିରେ ମାୟା ଲଗାଇଛି । ତେଣୁ ସେଦିନ ରାତିରେ ତମେ ଧର୍ମପଦକୁ ଖୋଜୁ ଖୋଜୁ ଧର୍ମାନନ୍ଦକୁ ଦେଖିଛ । ଧର୍ମାନନ୍ଦ ଏବଂ ଧର୍ମପଦ ଉଭୟଙ୍କୁ ତମେ ଭଲ ପାଅ । ଦୁହେଁ ତମକୁ ଏକାଭଳି ଦିଶିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ପ୍ରାଚୀ ଗୁଣୁ ଗୁଣୁ ସ୍ୱରରେ କହିଲା—ଧର୍ମାନନ୍ଦ ପାଇଥିଲେ ଧର୍ମପଦ ଦେଇପାରିଥାନ୍ତା । ଅଥଚ ସେ ଆଜି କୋଣାର୍କର କଳାକୁ ପଣ୍ୟ କରି ପେଟ ପୋଷୁଛି । ପ୍ରାଚୀପ୍ରଭା ଆଖି ବୁଜିଦେଲା । ଚାର୍ଲସ ଶାନ୍ତ ସ୍ୱରରେ କହିଲା—ମୋର କାମ ପ୍ରାୟ ଶେଷ ହେଇଛି । ତମେ ଖାଲି ସୁସ୍ଥ ହେଇ ଉଠିଲେ ମୋର ଫେରିଯିବାର କଥା । କୋଣାର୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ ତମ ସାହାଯ୍ୟ ଯୋଗୁଁ ଏତେ ସହଜରେ ସମ୍ଭବ ହୋଇଛି । ତମ ପ୍ରତି ମୁଁ କୃତଜ୍ଞ ।

ପ୍ରାଚୀପ୍ରଭା କିଛି ଉତ୍ତର ଦେଲାନାହିଁ । ଚାର୍ଲସ ଯାଯାବର । ଦିନେ ସେ ଚାଲିଯିବ ଏକଥା ସେ ଜାଣେ । ତଥାପି ବିଦାୟ ଭାରି ମର୍ମନ୍ତୁଦ । ପ୍ରାଚୀପ୍ରଭାର ମୁଦିଲା ଆଖି କୋଣରେ ଦୁଇବିନ୍ଦୁ ଗୋପନ ଅଶ୍ରୁ କୁଣ୍ଠିତ ଆବେଗରେ ଛଳ ଛଳ କରୁଥିଲା । ପ୍ରାଚୀପ୍ରଭାର ଏଇ ନୀରବ ଅଶ୍ରୁ ଦୁଇବିନ୍ଦୁ ଅନେକ ପ୍ରଶ୍ନର ଉତ୍ତର ଯେମିତି ଦେଇଛି । ଚାର୍ଲସ ଅତ୍ୟନ୍ତ ଅନ୍ତରଙ୍ଗ କଣ୍ଠରେ ପ୍ରଶ୍ନ କଲା—ଗୋଟାଏ କଥା ପଚାରିପାରେ ?

ପ୍ରାଚୀପ୍ରଭା ଆଖି ଖୋଲି ଚାର୍ଲସକୁ ଚାହିଁଲା । ନୀରବ ଇଙ୍ଗିତରେ ପଚାରିଲା — କ'ଣ ?

—ତମର ଦୁଃଖ କ'ଣ ? ଚାର୍ଲସ ଆବେଗଭରା କଣ୍ଠରେ ପଚାରିଲା ।

ପ୍ରାଚୀପ୍ରଭା ହସିଦେଲା । କିନ୍ତୁ ପରକ୍ଷଣରେ ତା' ଆଖିରେ ଜମାଟ ବାନ୍ଧିଥିବା ଅଶ୍ରୁ ଦୁଇବିନ୍ଦୁ ଅଣାୟତ୍ତ ହେଇ ଖସିପଡ଼ିଲା । ହସ ଓ ଲୁହର ମିଶ୍ର ରାଗରେ ସ୍ୱରକୁ ସ୍ପନ୍ଦିତ କରି ସେ କହିଲା—ଦୁଃଖ କ'ଣ ପଦିଏ କଥାରେ ପଚାରି ଦେଇ ହୁଏ ସିନା—କିନ୍ତୁ ସେତିକି କଥାରେ ଦୁଃଖକୁ ତ ପ୍ରକାଶ କରାଯାଇପାରେନା । ସେ ସବୁ ଥାଉ ଚାର୍ଲସ । ତମେ ଚିରଦିନ ମୁକ୍ତ ଆକାଶର ପକ୍ଷୀ ଭଳି ସୁଖୀ, ନିଦକ । ତମର ମନକୁ ଅନ୍ୟର ଦୁଃଖରେ ଭାରାକ୍ରାନ୍ତ କରିଦିଅନା ।

ଚାର୍ଲସ ହସିଲା—କରୁଣ ଛନ୍ଦରେ । କହିଲା—ମୁକ୍ତ ଆକାଶର ପକ୍ଷୀର ଏକମାତ୍ର ଦୁଃଖ କ'ଣ ଜାଣ ପ୍ରାଚୀ ?

—କ'ଣ ?

Digitized by srujanika@gmail.com

—ତା'ର କିଛି ବନ୍ଧନ ନାହିଁ । ଏତିକି ହିଁ ତା'ର ଦୁଃଖ । ଚାର୍ଲସ ଦୀର୍ଘଶ୍ୱାସ ଛାଡ଼ିଲା ।

ପ୍ରାଚୀପ୍ରଭା ଚକିତ ହେଇ ଚାର୍ଲସକୁ ଚାହିଁଲା । ଭାବିଲା ଆନନ୍ଦ ଉତ୍ସାହରେ ଚିର ଉଚ୍ଛଳ ଏଇ ଯାଯାବର ଯୁବକଟିର ପୁଣି ଦୁଃଖ ଥାଇପାରେ ? ତେବେ କ'ଣ ଦୁଃଖକୁ ବାଦ୍‌ଦେଇ ଜୀବନ ନାହିଁ ?

ଚାର୍ଲସ ପ୍ରାଚୀପ୍ରଭାର କରୁଣାରେ ଛଳ ଛଳ ଆନତ ଦୃଷ୍ଟିରେ ଦୃଷ୍ଟି ମିଶାଇ କହିଲା—ଏଡ଼େ ବିରାଟ ବିଶ୍ୱରେ ମୁଁ ଏକା । ମୋର ସଫଳତାରେ ସୁଖୀ ହେବାକୁ କେହି ନାହିଁ । ଫେରିଯିବା ବାଟରେ ଯଦି ଏଆର କ୍ରାସରେ ମୁଁ ଧ୍ୱଂସ ପାଇଯାଏ ତେବେ ବିନ୍ଦୁଏ ଲୁହ ତ ମୋ ପାଇଁ କେହି ଢାଳିବ ନାହିଁ ! ଏମିତି ମୁକ୍ତ, ନିଦକ ଜୀବନର ଦୁଃଖ କେତେ ତମେ ବା କ'ଣ ବୁଝିବ ପ୍ରାଚୀ । ତମକୁ ସାମାନ୍ୟର ଜର ଟିକେ ହେବାଦିନଠାରୁ ମଉସା ମାଉସୀ ତ ଆହାର ନିଦ୍ରା ଛାଡ଼ିଦେଲେଣି । ସତରେ ତମେ କେଡ଼େ ସୁଖୀ ।

ପ୍ରାଚୀପ୍ରଭାର ହୃଦୟରେ ଏଇ ସ୍ନେହ କାଙ୍ଗାଳ ବିଦେଶୀ ବନ୍ଧୁଟି ପ୍ରତି ମାୟା ଜାଗିଲା । ଅନୁକମ୍ପାରେ ନରମିଗଲା ହୃଦୟ । ସେ ଆହତ କଣ୍ଠରେ କହିଲା—ଏତିକି ଅସୁସ୍ଥତାରେ ମୋର ଯଦି ମୃତ୍ୟୁହୋଇଯାଏ ତେବେ ତମେ କ'ଣ ଟିକେ ବି ଦୁଃଖ କରିବ ନାହିଁ ଚାର୍ଲସ ?

ଚାର୍ଲସ ଚମକିଉଠି କହିଲା—ଭଗବାନ୍ କରନ୍ତୁ, ତମେ ଖୁବ୍ ଶୀଘ୍ର ସୁସ୍ଥହୋଇ ଉଠ । ତମର ଏଭଳି ଦୁଃସମ୍ବାଦ । ମୁଁ କେବେ ନ ଶୁଣେ । ମୋର ଯେ କି ଦୁଃଖ ହେବ ତା ତମକୁ ତ ବୁଝାଇବା ପାଇଁ ଭାଷାର ମୋର ଅଭାବ ।

ପ୍ରାଚୀ ସଜଳ କଣ୍ଠରେ କହିଲା—ତମର ଦୁଃଖ, ତମର ଅଶୁଭ ସମ୍ବାଦ ମତେ, ମଉସା ଏବଂ ମାଉସୀଙ୍କୁ ଠିକ୍ ସେମିତି ଦୁଃଖ ଦେବ ଚାର୍ଲସ । ତମେ ଆମ ପରିବାରର ଜଣେ ହେଇସାରିଛ । ମଣିଷ ସହ ମଣିଷର ସମ୍ପର୍କ କେବଳ କ'ଣ ଜାତି, ଧର୍ମ, ଦେଶ ଆଉ ରକ୍ତର ସମ୍ବନ୍ଧକୁ ନେଇ ସୀମାବଦ୍ଧ ?

ଚାର୍ଲସ ଅଭିମାନଭରା ସ୍ୱରରେ ପ୍ରଶ୍ନକଲା—ମୁଁ ବି ତମର କିଏ ?

—ସବୁ ସମ୍ପର୍କର ସଂଜ୍ଞା ନ ଥାଏ ।

—ଲକ୍ଷ୍ୟହୀନ ଜୀବନ, ସଂଜ୍ଞାହୀନ ସମ୍ପର୍କ ଭାରି କ୍ଲାନ୍ତିକର ।

—ସେଇଥିପାଇଁ କହୁଛି, ଜୀବନର ଲକ୍ଷ୍ୟ ସ୍ଥିରକର, ସମ୍ପର୍କର ସଂଜ୍ଞା ନିରୂପଣ କର । ଲିଲିଆନ୍ ଏବେ ମଧ୍ୟ ତମର ବନ୍ଧୁତ୍ୱକୁ ଅସ୍ୱୀକାର କରିନାହିଁ । ପ୍ରାଚୀପ୍ରଭା ସ୍ଥିର କଣ୍ଠରେ କହିଲା । ଉତ୍ତର ଆଶାରେ ଚାର୍ଲସର ମୁହଁକୁ ଚାହିଁରହିଲା ।

Digitized by srujanika@gmail.com

ଚାର୍ଲସ ଗୁମ୍‌ମାରି କିଛି ସମୟ ବସିଲା । ମୁହଁଟେକି ପ୍ରାଚୀପ୍ରଭାକୁ ଚାହିଁ ଅନୁଚ୍ଚ କଣ୍ଠରେ କହିଲା—ଲିଲିଆନ୍ କଥା ଥାଉ । ବିଦେହୀ ଆତ୍ମା ତା'ର ଶାନ୍ତିଲାଭ କରୁ ।

ପ୍ରାଚୀ ଚମକିପଡ଼ି ପଚାରିଲା—ତା'ର ଅର୍ଥ କ'ଣ ?

ଚାର୍ଲସ ଅବସାଦଭରା କଣ୍ଠରେ କହିଲା—ତମେ ତ ଦୁଇସପ୍ତାହ ଧରି ଅସୁସ୍ଥ ହେଇପଡ଼ିଛ । ଡାକ୍ତର କହୁଛନ୍ତି ମାନସିକ ଧକ୍‌କା । ତମ ମନରେ ଆଘାତ ଲାଗିବା ଭୟରେ ତା' କଥା ତମକୁ ଜଣାଇ ନଥିଲି । ଲିଲିଆନ୍ ଆଉ ଇହଜଗତରେ ନାହିଁ । ବ୍ରୁସ୍‌ଇଣ୍ଡିଆ ଛାଡ଼ିବା ପୂର୍ବରୁ ସୌଜନ୍ୟ ଦୃଷ୍ଟିରୁ ଚିଠିଲେଖି ସେତିକି ଜଣାଇ ଦେଇଛି ।

ପ୍ରାଚୀ ଆର୍ତ୍ତନାଦ କରି ଉଠିଲା । ଆହତ ଗଳାରେ ପଚାରିଲା—ଲିଲିଆନ୍ ଥିଲା ଜୀବନ ସ୍ପନ୍ଦନର ଗୋଟାଏ ଷ୍ଟୁଲିଙ୍ଗ । ସେମିତି ସେ ଉଜ୍ଜ୍ୱଳ, ଉତ୍ତାଳ ପ୍ରାଣପ୍ରାଚୁର୍ଯ୍ୟରେ ଭରପୁର । ସେ ପୁଣି ଅକାଳରେ ମରିପାରେ ? କ'ଣ ହେଇଥିଲା ?

ଚାର୍ଲସ କରୁଣ ବିଦ୍ରୁପଭରା କଟାକ୍ଷ ହାଣି କହିଲା—ଅତିମାତ୍ରାରେ ଜୀବନର ସ୍ୱାଦ ଚାଖୁ ଚାଖୁ, ମାତ୍ରାଧିକ ଡ୍ରଗ୍‌ସ୍ ସେବନକରି ଲିଲିଆନ୍ ଗୋଆ ବିଚ୍‌ରେ ମରି ଶୋଇଲା । ବ୍ରୁସ୍‌ଭଳି ତାର ଅନେକ ପ୍ରେମିକ ଲିଲିଆନ୍‌ର ଉଲଗ୍ନ ଶବକୁ ନେଇ ଉତ୍ତାଳ ନୃତ୍ୟ କରିଥିଲେ ଏବଂ ତା'ପରେ ସମୁଦ୍ର ଗର୍ଭକୁ ଫିଙ୍ଗି ଦେଇ ପ୍ରାଣାଖୋଲି ହସିଥିଲେ । ତା'ପାଇଁ ସମୁଦ୍ରବେଳାରେ ଶୋକସଭା କରି ସମସ୍ୱରରେ କହିଲେ—ସି ୱାଜ୍ ଏ ବିଚ୍—ଆମେ ଅତ୍ୟନ୍ତ ଦୁଃଖିତ ଯେ ସେ ଏତେଦିନ ଧରି ନିଜକୁ ଏଞ୍ଜେଲ୍ ମନେକରି ନିଜକୁ ହିଁ ନିଜେ ପ୍ରତାରଣା କରିଯାଇଛି । ତା'ଆତ୍ମାର ସଦ୍‌ଗତି ହେଉ—ତା' ହେଲେ ଆଉଥରେ ସେ ଏ ପୃଥିବୀକୁ ନାରୀ ଦେହ ଧରି ଫେରିଆସିବନି ଏବଂ ପୃଥିବୀର ଶାନ୍ତିଭଙ୍ଗ କରିପାରିବନି ।

ଚାର୍ଲସ ମୁଣ୍ଡ ଝୁଙ୍କାର ଚୁପ୍ ହେଇ ବସିରହିଲା ।

ପ୍ରାଚୀପ୍ରଭା ସ୍ତବଧହେଇ ଶୁଣୁଥିଲା ଚାର୍ଲସର କଥା । ନିଜ ପ୍ରାଣର ସ୍ପନ୍ଦନ ଟିକକ ବି ଅନୁଭୂତ ହେଉଥିଲା । ଆତ୍ମସୁଖର ଏଇ ଦାରୁଣ ପରିଣତି ପ୍ରାଚୀପ୍ରଭାର ତ୍ୟାଗପୂତ ଆତ୍ମାକୁ ବିସ୍ମୟ କରୁଣାରେ ସ୍ପନ୍ଦିତ କରୁଥିଲା ।

ଚାର୍ଲସ ଦୀର୍ଘଶ୍ୱାସ ଛାଡ଼ିଲା; ଛାତି ଭିତରେ ଲିଲିଆନ୍ ପାଇଁ ଅବଶିଷ୍ଟ ଥିବା କିଛିଟା ଅନୁଭବକୁ ଝାଡ଼ିଝୁଡ଼ି ସଫା କରିଦେଲା । ତାର ମନଟା ମୁକ୍ତ ହେଇଗଲା ଲିଲିଆନ୍ ଠାରୁ, ତାର ଦାରୁଣ ବିଦ୍ୱେଷଭରା ସ୍ମୃତିଠାରୁ । ସେ ହାଲ୍‌କା ଭାବେ କହିଲା—ଲିଲିଆନ୍ ସହ ସମ୍ପର୍କର ସଂଜ୍ଞା କୌଣସି ଦିନ ନିର୍ଦ୍ଧାରିତ ହୋଇ ନଥାନ୍ତା । ଲିଲିଆନ୍‌କୁ ବାଦ୍‌ଦେଇ ବଞ୍ଚିବା କଥା ମୋ ପାଇଁ ଅଭାବିତ ନୁହେଁ ।

Digitized by srujanika@gmail.com

—ତେବେ ବଞ୍ଚିବାର ଗୋଟିଏ ଖସଡ଼ା ପ୍ରସ୍ତୁତ କରିନିଅ । ତମକୁ ଲକ୍ଷ୍ୟଭ୍ରଷ୍ଟ କରାଇବା ପାଇଁ ଅନ୍ତତଃ ଲିଲିଆନ୍ ଆଉ ନାହିଁ । ପ୍ରାଚୀପ୍ରଭା ଦୀର୍ଘଶ୍ୱାସ ଛାଡ଼ିଲା । ଲିଲିଆନ୍‌ର ଚିନ୍ତା ତେବେ ବି ତାକୁ ଆଚ୍ଛନ୍ନ କରି ରଖିଥାଏ ।

ଚାର୍ଲସ ନରମ ସ୍ୱରରେ କହିଲା—ଭାରତୀୟ ପାରିବାରିକ ଜୀବନ ମତେ ପ୍ରଭାବିତ କରିଛି । ମୋର ବିଶ୍ୱାସ ମୁଁ ଲକ୍ଷ୍ୟସ୍ଥଳରେ ପହଞ୍ଚିଛି ।

ପ୍ରାଚୀ ଆନନ୍ଦରେ କହିଲା—ତେବେ ଶୀଘ୍ର ପରିବାରଟିଏ ଗଢ଼ିନିଅ ଚାର୍ଲସ । ତମର ସୁଖରେ ଆମେ ବି ଭାଗ ନେଇପାରିବୁ ।

ଚାର୍ଲସ ସିଧାସଳଖ ପ୍ରାଚୀପ୍ରଭାକୁ ଚାହିଁ କହିଲା—ଦିନେ ମୁଁ ବିବାହକୁ ଘୃଣା କରୁଥିଲି; କାରଣ ମୋର ବାପାଙ୍କର ବିବାହିତ ଜୀବନ ସୁଖମୟ ନ ଥିଲା । ମାତ୍ର ଲିଲିଆନର ମୃତ୍ୟୁ ଏବଂ ତମ ପରିବାରର ନିର୍ମଳ ପ୍ରେମ ବନ୍ଧନ ବିବାହ ପାଇଁ ମତେ ପ୍ରଲୋଭିତ କରିଛି ।

—ତେବେ ବିବାହ କରିନିଅ ଚାର୍ଲସ । ଆମ ସମସ୍ତେ ଖୁସିହେବୁ । ପ୍ରାଚୀ ଉତ୍‌ଫୁଲ୍ଲିତ ହେଇଉଠିଲା ।

ଚାର୍ଲସ ଯାହା ଭାବୁଥିଲା ତାକୁ ଭାଷାରେ ସଜେଇ କହିପାରୁ ନଥିଲା । ଯା'ପୂର୍ବରୁ ଚାର୍ଲସ କଥା କହିବାରେ କେବେ ହାରିନାହିଁ । ତା' ଦେଶରେ ଅନେକ ଝିଅ, ଏପରିକି ବିବାହିତା ମହିଳାଙ୍କ ସଙ୍ଗେ ଚାର୍ଲସ ମନର ଭାବ ବିନିମୟରେ କେବେ ଅସୁବିଧାରେ ପଡ଼ି ନାହିଁ । ପ୍ରାଚୀ ପାଖରେ ସେ କାହିଁକି ଯେ ଏମିତି ବାକ୍‌ଶକ୍ତିହୀନ ହେଇଯାଏ ତା ବୁଝିପାରେ ନାହିଁ । କ'ଣ କହିବ ସ୍ଥିରକରି ନପାରି ସେ କହିଲା—ମୋ ବିବାହ ପାଇଁ ତମେ ଯେମିତି ଖୁସି, ତମର ବିବାହରେ ମୁଁ ବି ସେମିତି ଖୁସି ହେବି । କେବେ ବିବାହ କରୁଛ ? ନିକଟରେ ହେଲେ ଯୋଗଦେବାର ସୌଭାଗ୍ୟ ମିଳନ୍ତା ।

ପ୍ରାଚୀପ୍ରଭାର ଚେହେରା ଫିକା ହୋଇଗଲା । ଚାର୍ଲସ କିନ୍ତୁ ଆଶା କରିଥିଲା ଠିକ୍ ଓଲଟା । ବିବାହ ପ୍ରସଙ୍ଗ ପଡ଼ିଲେ ଇଣ୍ଡିଆନ୍ ଝିଅଗୁଡ଼ା ଗୋଲାପି ହେଇଯାନ୍ତି ।

ଟେବୁଲ ଉପରେ ଆଉଜା ହେଇ, ଫଟୋ ଫ୍ରେମ୍ ଭିତରେ ତରୁଣୀଟିଏ ହସୁଛି । ଫଟୋ ଅନେକଦିନ ତଳର ବୋଧହୁଏ । ପ୍ରାଚୀପ୍ରଭାର ଫିକା ମୁହଁଠାରୁ ଆହୁରି ଫିକା ତାର ରଙ୍ଗ ।

ତାକୁଇ ଲକ୍ଷ୍ୟକରି ପ୍ରାଚୀପ୍ରଭା ହଠାତ୍ କହିଲା—ଏ କିଏ ଜାଣ ଚାର୍ଲସ ?

—କିଏ ?

—ତମେ କୁହ ।

—ତମର ବନ୍ଧୁ ?

Digitized by srujanika@gmail.com

—ଯେଉଁ ବନ୍ଧୁକୁ ସାରାଜୀବନ ପ୍ରତୀକ୍ଷା କରାଯାଏ ସେ କିଏ ?

—ପୁରୁଷ ହେଉ ବା ନାରୀ ହେଉ, କେଉଁ ବନ୍ଧୁକୁ ସାରାଜୀବନ ପ୍ରତୀକ୍ଷା କରିବାର କଥା ମତେ ଜଣାନାହିଁ ।

—ସେ ଆମ ଦେଶର କଥା—ଭାରତୀୟ ସଂସ୍କୃତିର ସେତିକି ସ୍ୱାତନ୍ତ୍ର୍ୟ । ଚାର୍ଲସ, ସାରାଜୀବନ ସ୍ୱାମୀର ପଥ ଚାହିଁ ଚନ୍ଦ୍ରଭାଗା ବି ରହିଥିଲା—ମହାରାଜଙ୍କର କରୁଣା ଟିକକ ଗ୍ରହଣ କରିବା ପାଇଁ ବି ଚନ୍ଦ୍ରଭାଗା ପ୍ରସ୍ତୁତ ନଥିଲା । ସେଥିପାଇଁ ସେ ଦେବଦାସୀର ପରିଚାରିକା ହେଇ ଆତ୍ମଗୋପନ କରିଥିଲା । ଆଉ ମୁଁ—ପାଠ, ଗବେଷଣା, ଧର୍ମାନନ୍ଦ, ଚିତ୍ରୋତ୍ପଳା ଏବଂ ତମ ଭିତରେ ଆତ୍ମଗୋପନ କରିଛି । ଯେପରି ନିଜ ଦୁଃଖର ବୋଝ ମୁଁ ଆଉ କାହା ପାଖରେ ଅଜାଡ଼ି ନ ଦିଏ । ପ୍ରତୀକ୍ଷାରେ ଏମିତି କଟିଗଲାଣି ପନ୍ଦର ବର୍ଷ—ପ୍ରାଚୀ ଦୀର୍ଘଶ୍ୱାସ ଛାଡ଼ିଲା ।

ପନ୍ଦର ବର୍ଷ ! ଜୀବନର ପ୍ରକୃଷ୍ଟ ପନ୍ଦର ବର୍ଷ ବି କାହାର ପ୍ରତୀକ୍ଷାରେ କାଟିଦେଇ ହୁଏ ? ଚାର୍ଲସ ଅବିଶ୍ୱାସଭରା କଣ୍ଠରେ ବିସ୍ମୟ ପ୍ରକାଶ କଲା ।

ପ୍ରାଚୀପ୍ରଭା ଦୃଢ଼ କଣ୍ଠରେ କହିଲା—ଏଇ ଦେଶର ବାରଶହ ଶିଳ୍ପୀବଧୂ ଜୀବନର ଷୋଳ ବର୍ଷ ସ୍ୱାମୀର ପ୍ରତୀକ୍ଷାରେ କାଟିଥିଲେ । ଚନ୍ଦ୍ରଭାଗାର ସାରାଜୀବନ ଉତ୍ସର୍ଗୀକୃତ ହେଇଥିଲା ସ୍ୱାମୀର ପ୍ରତୀକ୍ଷାରେ । ଏ ତ ଇତିହାସର କଥା । ଆହୁରି ଅନେକ ତ୍ୟାଗ ଆଉ ପ୍ରତୀକ୍ଷାର କାହାଣୀ ଏ ଦେଶର ଇତିହାସ ପୃଷ୍ଠାରେ ଲିପିବଦ୍ଧ—

ଚାର୍ଲସ ଦୃଢ଼ ସ୍ୱରରେ କହିଲା—ସମୟ ବଦଳିଛି । ଇତିହାସର କଥା ଆଦର୍ଶ କାହାଣୀରେ ପରିଣତ ହେଇଛି । ମଣିଷ ନିଜର ସୁଖ, ସ୍ୱାଚ୍ଛନ୍ଦ୍ୟ, ସ୍ୱାର୍ଥ ଓ ସୁବିଧା ପାଇଁ ନୂଆ ଇତିହାସ ସୃଷ୍ଟି କରି ଆଗେଇଯାଇଛି । ତମେ କେତେ ଶହ ବର୍ଷ ତଳକୁ ଫେରିଯାଉଛ ପ୍ରାଚୀପ୍ରଭା—ଆଗକୁ ମୁହଁ କରି ପଛକୁ ଫେରିବାରେ ଝୁଣ୍ଟି ପଡ଼ିବାର ଆଶଙ୍କା ଖୁବ୍ ବେଶି — ସୁଖ ଆନନ୍ଦ ପାଇଁ ମଣିଷ ବଞ୍ଚିରହେ । ଦୁଃଖକୁ ଅତି ଯତ୍ନରେ ଖୋଜି ଲୋଡ଼ି ସାଇତି ରଖିବା ସୁସ୍ଥମନର ପରିଚୟ ନୁହେଁ । ତମେ ଯାହାର ପ୍ରତୀକ୍ଷା କର ସେ ଏମିତି କିଏ— ?

—ସେ ମୋର ସ୍ୱାମୀ । ଜଗନ୍ନାଥଙ୍କ ସମ୍ମୁଖରେ ତାଙ୍କ ହାତରେ ମୋ ହାତକୁ ମିଳାଇ ଦିଆଯାଇଥିଲା । ତାଙ୍କ ଆଖି ସହ ମୋ ଆଖିର ପ୍ରଥମ ମିଳନ ହେଲାବେଳକୁ ସେ ମୋର ସ୍ୱାମୀ ହେଇସାରିଥିଲେ । ଜଗନ୍ନାଥଙ୍କର ବଡ଼ ବଡ଼ ଚକାଆଖି ଆମ ବିବାହର ସାକ୍ଷୀ । ତାଙ୍କ ଆଖିକୁ କେବେ କ'ଣ ଫାଙ୍କିଦେଇ ହୁଏ ? ଚାର୍ଲସ, ମୋର ଏବେ ବି ଆଶା ଅଛି ସେ ଫେରିବେ । ଜଗନ୍ନାଥଙ୍କୁ ଫାଙ୍କିଦେବାର ସାଧ ତାଙ୍କର ନାହିଁ । ପ୍ରାଚୀପ୍ରଭା ଗଭୀର ପ୍ରତ୍ୟୟରେ ଟେବୁଲ ଉପରେ ଥୁଆ ହୋଇଥିବା ଫଟୋକୁ ଚାହିଁରହିଲା ।

Digitized by srujanika@gmail.com

ଚାର୍ଲସର ଦୃଷ୍ଟି ମଧ୍ୟ ପ୍ରାଚୀପ୍ରଭାକୁ ଅନୁସରଣ କରି ସେଇ ଫଟୋ ଉପରେ ନିବଦ୍ଧ ହେଲା । ପ୍ରାଚୀପ୍ରଭା ଅସୁସ୍ଥ ହୋଇ ଶଯ୍ୟାରେ ପଡ଼ିରହିବା ପରେ ଚାର୍ଲସ କେତେଥର ଡାକ୍ତରଙ୍କ ସହ ପ୍ରାଚୀପ୍ରଭାର କୋଠରୀକୁ ଆସିଛି । ଅଳ୍ପ ସମୟ ରହି, ପ୍ରାଚୀପ୍ରଭାର ସ୍ୱାସ୍ଥ୍ୟ ଓ ଔଷଧ ସମ୍ବନ୍ଧରେ ବୁଝି ଫେରିଯାଇଛି । ପ୍ରାଚୀପ୍ରଭା ବ୍ୟତୀତ କୋଠରୀର ଅନ୍ୟ କୌଣସି ଜିନିଷ ଚାର୍ଲସର ଦୃଷ୍ଟି ଆକର୍ଷଣ କରିନାହିଁ । ଆଜି ପ୍ରଥମଥର ପାଇଁ ଚାର୍ଲସ ଏକାକୀ ପ୍ରାଚୀପ୍ରଭାର କୋଠରୀରେ ବସିଛି । ଦୀନବନ୍ଧୁଙ୍କଠାରୁ ସେଥିପାଇଁ ଅନୁମତି ନେଇଛି । ତେବେ ବି ସେ କୋଠରୀର ଅନ୍ୟ କୌଣସି ଜିନିଷ ପ୍ରତି ଧ୍ୟାନ ଦେଇ ନଥିଲା । ବର୍ତ୍ତମାନ ସେଇ ଫଟୋରେ ହସୁଥିବା ତରୁଣକୁ ଲକ୍ଷ୍ୟକରି ଚାର୍ଲସ ଭାବୁଥିଲା ଏମିତି ଏକ ନିହାତି ସାଧାରଣ ବ୍ୟକ୍ତିତ୍ୱ ପାଇଁ ପ୍ରାଚୀପ୍ରଭା ସାରାଜୀବନ ପ୍ରତୀକ୍ଷା ଗୋଟାଏ ଯୁକ୍ତିହୀନ ଜିଦ୍ ବ୍ୟତୀତ ଅନ୍ୟ କ'ଣ ହୋଇପାରେ ? ଯୁବକର ଚେହେରାରେ ସେମିତି କିଛି ସ୍ୱାତନ୍ତ୍ର୍ୟ ନାହିଁ । ବେଶ ପୋଷାକ ନିତାନ୍ତ ସାଧାରଣ ରୁଚିର । ଦୃଷ୍ଟି ଏବଂ ମୁଖଭଙ୍ଗୀରେ ସଂସାର ପ୍ରତି ବିରାଗ ଓ ବିତୃଷ୍ଣା ସ୍ପଷ୍ଟ ବାରିହେଉଛି । ସୁ-ରୁଚିସମ୍ପନ୍ନା ପ୍ରାଚୀପ୍ରଭାର ଅସାଧାରଣ ସୁଷମା ପାଖରେ ଯୁବକଟି ଭାରି ଖାପ୍‌ଛଡ଼ା ମନେ ହେଉଛି ।

ଚାର୍ଲସ ପ୍ରଶ୍ନ କଲା—ତମର ସ୍ୱାମୀ ବର୍ତ୍ତମାନ କେଉଁଠି ?

—ଜାଣେନା ।

—କେବେ ଫେରିବେ ?

—ଜଗନ୍ନାଥ ଜାଣନ୍ତି ।

—ତାର ଅର୍ଥ ସେ ନିରୁଦ୍ଦିଷ୍ଟ ?

—ତାହାହିଁ ଧରିନିଅ ।

ଯଦି ନ ଫେରନ୍ତି ? କଥାଟା ପଚାରିବ ଭାବି ପଚାରିଲା ନାହିଁ ଚାର୍ଲସ । ଏ ପ୍ରଶ୍ନ ପ୍ରାଚୀପ୍ରଭାକୁ ଆଘାତ ଦେବ । କିନ୍ତୁ ସତକୁ ସତ ଲୋକଟା ଯଦି କେବେ ନ ଫେରେ ଏ ପ୍ରତୀକ୍ଷାରେ ବିନିମୟରେ ପ୍ରାଚୀପ୍ରଭା ପାଇବ କ'ଣ ? ପ୍ରାଚୀପ୍ରଭା ଭଳି ପତ୍ନୀ ପାଇ ଲୋକଟା ନିରୁଦ୍ଦିଷ୍ଟ ହେଲା କାହିଁକି ?

ପ୍ରାଚୀପ୍ରଭା ଚାର୍ଲସର ମନରେ ପ୍ରତ୍ୟେକଟି ପ୍ରଶ୍ନକୁ ଶୁଣିପାରୁଥିଲା । ଚାଇର୍ସ ମନରେ ଏତିକି ପ୍ରଶ୍ନ ଉଠିବା ସ୍ୱାଭାବିକ । ସେ ସହଜ କଣ୍ଠରେ କହିଲା—ଚାର୍ଲସ, କୌଣସି ବିଷୟରେ ବି ମୋ ଦେଶ ସମ୍ପର୍କରେ ମନରେ ସନ୍ଦେହ ନେଇ ଫେରିଯାଅ ନାହିଁ । ମଉସାଙ୍କୁ ପଚାରିଲେ ସବୁକଥା ସେ କହିବେ । ମଉସାଙ୍କର ତମଠାରେ ଯେତିକି ଶ୍ରଦ୍ଧା ସେତିକି ବିଶ୍ୱାସ । ମୋର

Digitized by srujanika@gmail.com

ବିଶ୍ୱାସ ତମେ ମତେ ଠିକ୍ ଠିକ୍ ବୁଝିବ । ପ୍ରାଚୀପ୍ରଭା କ୍ଲାନ୍ତ ହୋଇ ଆଖି ବୁଜିଦେଲା । ଅନେକ ବର୍ଷ ପରେ ନିଜ ଜୀବନର ଗୋଟାଏ ଭାରି ପର୍ଦ୍ଦାକୁ ସେ ଉନ୍ମୁକ୍ତ କରିଦେଇଛି ବିଦେଶୀ ବନ୍ଧୁ ଚାର୍ଲସ ସକ୍ସୁଖରେ । ଅନ୍ତତଃ ଚାର୍ଲସ ଜାଣୁ ପ୍ରାଚୀପ୍ରଭା ତାକୁ ଘୃଣା କରେ ନାହିଁ—ଅଥଚ ପ୍ରେମ ଶବ୍ଦଟି ପ୍ରାଚୀପ୍ରଭା ପାଇଁ ନିଷିଦ୍ଧ । କାରଣ ସେ ଏକ ବିବାହିତା ନାରୀ । ସେ ହେଉଛି କୋଣାର୍କର ପ୍ରତୀକ୍ଷମାଣା ପାଷାଣ କନ୍ୟା । ଜୀବନ ସ୍ପନ୍ଦନର ଇଙ୍ଗିତ ତା' ହୃଦୟର ତଟଦେଶରେ ବାରମ୍ବାର ଧକ୍କା ଖାଇ ଫେରିଯାଏ ।

✓ ଦ୍ୱାରଦେଶରେ ଝଲକାଏ ମିଠା ବାସ୍ନା ଖେଳି ବୁଲୁଛି । ରଜନୀଗନ୍ଧାର ଗୁଚ୍ଛଟିଏ ହାତରେ ଧରି ହାଲ୍କା ବାଦଲଟିଏ ଭଳି ଦ୍ୱାରଦେଶରେ ଆଉଜି ଠିଆହେଉଛି ଚିତ୍ରୋତ୍ପଳା । ସବୁଦିନଠାରୁ ସୁନ୍ଦର ଆଉ ସତେଜ ଦିଶୁଛି ତା'ର ଚେହେରା । ତା'ମନର ସବୁ ରଙ୍ଗ ଓଠର ତାମ୍ବୁଚ ଦେଇ ତା'ର ସମଗ୍ର ଚେହେରାକୁ ରଙ୍ଗୀନ କରୁଛି । ଚିତ୍ରୋତ୍ପଳାର ଫୁଲ ବିକି ଆଜି କିମ୍ବା କାଲି ହୁଏତ ଶେଷ ହେବ । ତା'ପରେ ସେ ନିଜେ କାହାର ଶୂନ୍ୟ ଅଙ୍ଗନରେ [illegible] ହେଇ ଫୁଟିବ ।

କୋଠରୀରୁ ବାହାରି ଯାଉ ଯାଉ ଚିତ୍ରୋତ୍ପଳା ସାମ୍ନାରେ ଅଟକିଗଲା ଚାର୍ଲସ । ମୁଗ୍ଧ ଦୃଷ୍ଟିରେ ତାକୁ ଚାହିଁ କହିଲା—ଚିତ୍ର, ତମେ ଆଜି ଭାରି ସୁନ୍ଦର ଦିଶୁଛ । ଅତିମାତ୍ରାରେ ଖୁସିଅଛ ନା—

ଚିତ୍ରୋତ୍ପଳା ସଲ୍ଲଜ କୁଣ୍ଠିତ ହସରେ ମୁହଁକୁ ଆଉରି ରଙ୍ଗୀନ୍ କରିପକାଇଲା । ପରକ୍ଷଣରେ ଆଦ୍ୟ ମୌସୁମୀର ସ୍ପର୍ଶ ଲାଗିଲା ତାର ଆଖିର ଆକାଶରେ । ବଡ଼ ବଡ଼ ଆଖି ଡୋଳାକୁ ଛଚ ଛଚ କରି ସେ କହିଲା—ହଁ ସାହେବ, କାଲି ମୋର ଫୁଲ ବିକ୍ରିର ଶେଷ ଦିନ । ତା' ପରଦିନ ଚନ୍ଦ୍ରଭାଗା ବୁଡ଼ । ମୁଁ ଆଉ ଆସିବିନି । କୋଣାର୍କ ବେଡ଼ା, ଚନ୍ଦ୍ରଭାଗାର ବେଳାଭୂଇଁ, ତାର ଝାଉଁବଣ ସାତସ୍ୱପ୍ନ ହେଇଯିବ । ମୁଁ ସେଠି ନଥିବି—ମୋର ମନ, ପ୍ରାଣ ଏବଂ ଆତ୍ମା ଉଡ଼ିବୁଲୁଥିବ କୋଣାର୍କର ଚାରିପଟେ । ପିଲାଦିନଠାରୁ ଆଜି ପର୍ଯ୍ୟନ୍ତ କୋଣାର୍କ ତ ମୋର ଖେଳ ସାଥି ! ସେଇ ମୋର ଚାଟଶାଳୀର ଗୁରୁ, ସେଇ ପୁଣି ମୋର ଅଭିଭାବକ । ସେଇ ମତେ ଦାନା ଦେଇଛି ଆଜିଯାଏ । ତାକୁ ମୁଁ ଭୁଲିବ କେମିତି ? ଭୁଲିବିନି ବି ତମକୁ, ଆଉ ମୋର ଅପାଙ୍କୁ । ଅପାଙ୍କ ଦେହ ଖରାପ । ତାଙ୍କ ସହ ଶେଷଦେଖା ପାଇଁ ଚାଲିଆସିଛି ।

ଚିତ୍ରୋତ୍ପଳା ଦୁଇ ଧାର ଲୁହ ଝରାଇ ପୁଣି ପୋଛିନେଲା ପଣତ କାନିରେ ।

ଚାର୍ଲସ ଚିତ୍ରୋତ୍ପଳା ହାତରୁ ଫୁଲ ଗୁଚ୍ଛଟି ନେଇ କହିଲା—ମୁଁ ବି ତମକୁ ଭୁଲିବିନି ଚିତ୍ର । ଭାରତ ଭଳି ତମେ ବି ଅପାଣ୍ଡୋରା । ଚାର୍ଲସ ଶହେଟଙ୍କିଆ ନୋଟ ଖଣ୍ଡେ ବଢ଼ାଇଦେଲା ଚିତ୍ରର ହାତକୁ । ଚିତ୍ରୋତ୍ପଳା ହାତ ଘୁଞ୍ଚାଇ ନେଇ କହିଲା ନା—ନାଁ, ଏ ଫୁଲ ଆଜି ମୁଁ ବିକ୍ରି କରୁନାହିଁ । ଫୁଲ ତ ଅନେକ ବିକ୍ରି ହୋଇଛି । ଆଜି ଏ ମୋର ଭେଟି ।

Digitized by srujanika@gmail.com

ଚିତ୍ରୋତ୍ପଳାର କାନିରେ ବନ୍ଧା ହୋଇଥିବା ଟଙ୍କା ଓ ରେଜା ପଇସାକୁ ଚାହିଁ ଚାର୍ଲସ କହିଲା—ତମର ଭେଟି ଗ୍ରହଣ କଲି । କିନ୍ତୁ ଏ ଟଙ୍କା ମଧ୍ୟ ତମକୁ ମୋର ଭେଟି । ତମ ଫୁଲର ଦାମ୍ ଏତିକି ନୁହେଁ । ଦୟାକରି ମୋ ଭେଟି ଗ୍ରହଣ କର ।

ଚିତ୍ରୋତ୍ପଳା ଆଉ ଥରେ ଆଖି ଛଳ ଛଳ କଲା । କହିଲା—ମୋ ବାହାଘର ପାଇଁ ଫୁଲ କିଣିବା ଆଳରେ ଅନେକ ଟଙ୍କା ଦେଲଣି ସାହେବ । ସେଥିପାଇଁ ମୁଁ ତମ ପାଖରେ ଋଣୀ । ଏ ବର୍ଷ ଫୁଲ ବିକ୍ରିରେ ମୁଁ ସବୁଠୁଁ ବେଶୀ ପାଇସା କମେଇଛି । ତା' କେବଳ ତମରି ପାଇଁ । ତମ ଋଣ ଏ ଜନ୍ମରେ ଶୁଝି ହେବନି । ତମେ ମୋର ବଡ଼ ଭାଇ । ଯୋଉଠି ଥିଲେ ବି ତମକୁ ପ୍ରଣାମ କରୁଥିବି ।

ଚାର୍ଲସ ଆତ୍ମବିଭୋର ହେଲା । ଭାଇ ଭଉଣୀ, ପରିବାରର ସ୍ନେହ ବନ୍ଧନ ତାକୁ ଜଣା ନାହିଁ । ଆଜି ଏଇ ସରଳା ବାଳିକାର ସ୍ନେହ ବନ୍ଧନରେ ହୃଦି ହୋଇଯାଇଛି ତାର ଯାଯାବର ମନ । ସେ ଭାବୁଛି ଦରିଦ୍ର ଘରେ ହେଲେ ମଧ୍ୟ ଚିତ୍ରୋତ୍ପଳାର ଭାଇ ହେଇ ଜନ୍ମିଥିଲେ ସେ ସୁଖୀ ହୋଇଥାନ୍ତା । ସ୍ନେହ ସଜଳ କଣ୍ଠରେ ସେ କହିଲା—ଚିତ୍ରୁ, ବଡ଼ଭାଇ ଭାବରେ ତମ ବାହାଘର ପାଇଁ ସାହାଯ୍ୟ କରିବା ମୋର କର୍ତ୍ତବ୍ୟ । ଯଦି ସେପରି କିଛି ମୁଁ କରିଥାଏ ସେଥିପାଇଁ ତମେ ଋଣୀ ହେଇ ରହିବ କାହିଁକି ? ଏପର୍ଯ୍ୟନ୍ତ ମୁଁ ତ କେବଳ ତମ ଫୁଲର ଦାମ ଦେଇଛି । ଆଉ ଯାହା ଭେଟି ଦେବି ସେଇଦିନ—ତମକୁ ବୋହୂ ବେଶରେ ଦେଖିବା ଦିନ ହିଁ ଦେବି । ଆଉ ତମକୁ ଏକ୍‌ବାର ଚମକାଇ ଦେବି । ସତରେ ବୋହୂ ବେଶରେ ତମେ ଚମତ୍କାର ଦିଶିବ !

ଚିତ୍ରୋତ୍ପଳା ଲାଜେଇଗଲା । ଆନନ୍ଦରେ ଉଦ୍ବେଳ ହୋଇଉଠିଲା ତାର ମୁହଁ । କୋମଳ ସ୍ୱରରେ ସେ କହିଲା—ସେ ତ ମୋର ଭାଗ୍ୟ ସାହେବ ! ମୋ ବାହାଘରେ ତମର ପାଦଧୂଳି ପଡ଼ିବ ସେତିକି ମୋର ଯଥେଷ୍ଟ । ଆଉ କିଛି ଭେଟି ଲୋଡ଼ା ନାହିଁ । ଚାର୍ଲସ ମୁଣ୍ଡ ହଲାଇ କହିଲା—ଆସିବି, ନିଶ୍ଚୟ ଆସିବି ତମର ବାହାଘରକୁ । ତମର ଫଟୋ ଉଠାଇବି । ଆମ ଦେଶରେ ସେ ଫଟୋ ଦେଖି ଚିତ୍ରକାରକାମାନେ ଈର୍ଷ୍ୟା ପାଇଯିବେ । ଈର୍ଷା ବି କରିବେ । ତମ ବାହାଘର ଫଟୋ ନେଇ ଭାରତୀୟ ବିବାହ ଅନୁଷ୍ଠାନର ଗୋଟାଏ ତମକ୍କାର ପ୍ରଦର୍ଶନୀ ଖୋଲିବ ।

ଚିତ୍ରୋତ୍ପଳା ଏସବୁ କିଛି ବୁଝିଲା ନାହିଁ । ସେ ହସିଲା—ହସୁ ହସୁ ଲାଜେଇଗଲା—ଲାଜୁଆ ଆଖି ଦୁଇଟା ଲୁହରେ ଭରିଗଲା ପରମୁହୂର୍ତ୍ତରେ । ସୂର୍ଯ୍ୟାସ୍ତର ଆକାଶ ପରି ତା'ର ଲାଲମୁହଁଟା ଆନନ୍ଦ ଏବଂ ବେଦନାର ମିଶ୍ରିତ ସ୍ପର୍ଶରେ ଅବର୍ଣ୍ଣନୀୟ ସୁଷମାର କାରୁକାର୍ଯ୍ୟରେ ବର୍ଣ୍ଣାଢ୍ୟ ଦିଶୁଥିଲା । ଚାର୍ଲସ୍ ମୁଗ୍ଧ ଦୃଷ୍ଟିରେ ତାକୁ ଚାହିଁରହି ସ୍ୱଗତୋକ୍ତି କଲା—ଆଶ୍ଚର୍ଯ୍ୟ ! ବିବାହ ହିଁ ଯେଉଁ ଝିଅର ଜୀବନର ଶ୍ରେଷ୍ଠ ସ୍ୱପ୍ନ, ବିବାହ ସ୍ଥିର ନିଶ୍ଚିତ ହେବା ପରେ ତା'ର

Digitized by srujanika@gmail.com

ପୁଣି ଏତେ ଦୁଃଖ ! ଏତେ ଲୁହ ! ଭାଇ ବନ୍ଧୁ, ଜନ୍ମଭୂଇଁ ଏବଂ ପରିବାର ପ୍ରତି ଆନୁଗତ୍ୟ, ଶ୍ରଦ୍ଧା ଏବଂ ଆକର୍ଷଣ ହିଁ ଭାରତୀୟ ପାରିବାରିକ ଜୀବନକୁ ଏତେ ମହନୀୟ ଆଉ ସୁନ୍ଦର କରି ତୋଳୁଛି । ସେଇମାନଙ୍କୁ ଛାଡ଼ିଯିବାର ବ୍ୟଥାରେ ଚିତ୍ରୋତ୍ପଳାର ଏ ଲୁହ । ଚାର୍ଲସ କାମନା କଲା—ଚିତ୍ରୋତ୍ପଳା, ତମେ ସୁଖୀ ହୁଅ—ଚିରଦିନ ତମେ ମୋ ସାମ୍ନାରେ ଅଫୁରନ୍ତ ଆନନ୍ଦର ପ୍ରତିମୂର୍ତ୍ତି ଭାବେ ଉଭା ହେଇଛ । ଦୁଃଖ ତୁମକୁ ସ୍ପର୍ଶ ନକରୁ ।

ପ୍ରାଚୀପ୍ରଭା ମୃଦୁ ଭର୍ତ୍ସନା କରୁଥିଲା—ଚାର୍ଲସ, ବାଟ ଛାଡ଼ି ଚିତ୍ରାକୁ କୁମାରୀ ବେଶରେ ଶେଷଥର ପାଇଁ ଦେଖେ । ଜୀବନରେ ଏ ବେଶରେ ତାକୁ ଆଉ ଦେଖିବାର ସୁଯୋଗ ମିଳିବନି ।

ଚାର୍ଲସ ଦ୍ୱାର ପାଖରୁ ଆଡ଼େଇ ଗଲା । ଚିତ୍ରୋତ୍ପଳା ପ୍ରାଚୀପ୍ରଭାର ଶଯ୍ୟା ଧାରରେ ଠିଆହେଲା । ତା' ପଛେ ପଛେ ଚାର୍ଲସ । ପ୍ରାଚୀପ୍ରଭା ଉଠି ବସିଥାଏ । କ୍ଲାନ୍ତ, କରୁଣ ଦୃଷ୍ଟିରେ ଆନନ୍ଦ ଏବଂ ଆଶୀର୍ବାଦ ନିବିଡ଼ ହେଇ ଆସୁଥାଏ । ସେ ମନେ ମନେ ଭାବୁଥାଏ କୁମାରୀ ଜୀବନର ସ୍ୱପ୍ନ ଆଉ ବାସ୍ତବତା ଭିତରେ କେତେ ଫାଙ୍କ ! ଚିତ୍ରା ସୁଖୀ ହେଉ—ସୁଖୀ ହେଉ । ତା' ନିଜ ଜୀବନର ମେଘଡ଼ଙ୍କା ଆକାଶର ଦୁଃଖ କାଳିମା ଚିତ୍ରା ଜୀବନର ଆକାଶରେ କେବେ କୌଣସି ଦିନ କ୍ଷଣିକ ପାଇଁ ହେଲେ ଘୋଟି ନଆସୁ । ଜଗନ୍ନାଥ ଏଇ ସୁକୁମାରୀ ସ୍ୱପ୍ନମୟୀ ଝିଅଟିକୁ ସୁଖୀ କରନ୍ତୁ – ପୂର୍ଣ୍ଣତା ଦିଅନ୍ତୁ—ଶାନ୍ତି ପ୍ରଦାନ କରନ୍ତୁ ।

ଚିତ୍ରା ନଇଁପଡ଼ି ପ୍ରାଚୀପ୍ରଭାର ପାଦଧୂଳି ନେଲା । ଦୁଃଖରେ ଭାଙ୍ଗିପଡ଼ି କହିଲା ଯାଉଛି ଅପା—ଏଇ ଶେଷ, ଦୁଃଖର କି ସୁଖର ଜାଣେନା । ମନେ ରଖିଥିବ ।

ପ୍ରାଚୀ ଚିତ୍ରୋତ୍ପଳାକୁ କୋଳେଇ ନେଲା । ବୁକୁରେ ଜଡ଼ାଇ ଧରି ତା' ଗାଲରେ ବୋକ ଦେଲା । ଅସ୍ପଷ୍ଟ, ବେଦନାଭରା ସ୍ୱରରେ କହିଲା—ତତେ ଭୁଲିହୁଏନା ଚିତ୍ର—ଭୁଲିହୁଏନା । ଜଗନ୍ନାଥଙ୍କଠାରେ ଲୟ ରଖି ଜୀବନ କାଟିବୁ । ନିଜକୁ କେବେ ନଗଣ୍ୟ ମଣିବୁ ନାହିଁ—ଛୋଟ କରିଦେବୁ ନାହିଁ । ଦେଖିବୁ ତତେ ସୁଖୀ କରିବେ । ଏତିକି କାମନା ଛଡ଼ା ତୋ ସ୍ନେହର ଆଉ କି ମୂଲ୍ୟ ବା ଦେବି ।

ଚିତ୍ରା ଝରଝର କାନ୍ଦିପକାଇଲା । କହିଲା—ଅପା, ଆଜି ଇଚ୍ଛା ହେଉଛି ସବୁଦିନ ଏମିତି କୋଣାର୍କ ବେଢ଼ାରେ ଫୁଲ ବିକୁଥାନ୍ତି, ତମର ସ୍ନେହ ମିଳୁଥାନ୍ତା, ବାହା ହେବାର ଆଶାରେ ଖୁସି ହେଉଥାନ୍ତି । ଦିନ କଟିଯାନ୍ତା । କେଜାଣି କାହିଁକି ଭାରି ଭୟ ଲାଗୁଛି । ଶୁଣିଛି ଝିଅମାନଙ୍କ ପାଇଁ ବେଢ଼େବେଢ଼େ ଶାଶୂଘର ଯମଘର ପାଇଟିଯାଏ । ମୋ ଭାଗ୍ୟରେ କ'ଣ ଅଛି କିଏ ଜାଣେ ? ବାପଘରେ କେବେକେବେ ପେଟ ଭରା ହେଇଛି ସତ—ମନ ଭରା ହେଇନି । ବାପାର ବେକ ମୋଡ଼ି ଏତେ ଯୌତୁକ ନେଇ ମତେ ଯିଏ ଘରକୁ ନେଉଛନ୍ତି ସେଠି ମୁଁ ବଞ୍ଚିବି ତ !

Digitized by srujanika@gmail.com

ପ୍ରାଚୀପ୍ରଭା ଚିତ୍ରୋତ୍ପଳାର ଓଠରେ ହାତ ଦେଲା । ଆଜ୍ଞଟ କରିବା ଭଳି କହିଲା—ଚିତ୍ରା, କାଳ କଥା କହନାହିଁ । ମୋର ବିଶ୍ୱାସ ଯମପୁରରେ ବି ତତେ କେହି ଦୁଃଖ ଦେବେ ନାହିଁ ।

ଚିତ୍ରା କାନ୍ଦୁ କାନ୍ଦୁ ଆଖି ପୋଛିଲା । ଚାର୍ଲସର ପାଦଧୂଳି ନେଇ କହିଲା—ଯମପୁରକୁ ଯାଉଛି ସାହେବ । ଏଇ ଶେଷ । ବଞ୍ଚିରହିଲେ ତମକ୍ ମନେ ପକାଉଥିବି ।

ଚାର୍ଲସ ଗମ୍ଭୀର ହେଇଯାଇଥିଲା । ଚିତ୍ରାର ସବୁକଥା ସେ ବୁଝିପାରିଛି । ସେ ଭାବୁଥାଏ ଏବେ ମଧ୍ୟ ଚିତ୍ରା ଭଳି ଅଗଣିତ ଝିଅଙ୍କ ପାଇଁ ଶାଶୂଘର ଯମଘର ପାଲଟିଯାଏ । ଭାରତୀୟ ସମ୍ବାଦ ପତ୍ରରେ ବଧୂ ନିର୍ଯ୍ୟାତନା ଏବଂ ବଧୂହତ୍ୟା ସମ୍ପର୍କରେ ସେ ବାରମ୍ବାର ବିବରଣୀ ପଢ଼ିଛି । ଚିତ୍ରାର ଆଶଙ୍କା ମିଛ ବି ତ ନହେଇପାରେ । ଝିଅଟା ଫୁଲ ବିକୁଥାନ୍ତା—ପ୍ରେମ କରୁଥାନ୍ତା—ବଞ୍ଚିରହିଥାନ୍ତା । ବାହାହେଲା କାହିଁକି ?

ଚିତ୍ରୋତ୍ପଳା ବିଦାୟ ନେଇ ଚାଲିଯାଇଛି । ସଞ୍ଜବୁଡ଼ିବା ଆଗରୁ ସେ ବାକି ଫୁଲତକ ବିକ୍ରିକରି ଖାଲି ପସରା ନେଇ ଗାଁକୁ ଫେରିଯିବ । ଚନ୍ଦ୍ରଭାଗା ବୁଡ଼ ପାଇଁ କୋଣାର୍କ ପାଖରେ ଭିଡ଼ରେ ବାଟ ମିଳୁନାହିଁ । ଚାହୁଁ ଚାହୁଁ ଚିତ୍ରାର ଉଚ୍ଚା ପସରା ଖାଲି ହେଇଯିବ । କୋଣାର୍କ ବେଢ଼ାରୁ ସେ ମେଲାଣି ନେଇଯିବ । ସୂର୍ଯ୍ୟାସ୍ତ ପୂର୍ବରୁ ମନଭରି ସେ କୋଣାର୍କର ପ୍ରତ୍ୟେକ ଶିଳାଖଣ୍ଡକୁ ଦେଖିବ—ସେମାନଙ୍କଠାରୁ ବିଦାୟ ମାଗିବ । ତାକୁ ଶେଷଥର ପାଇଁ ସ୍ପର୍ଶ କରି ସ୍ନେହ ସୋହାଗ ଜଣାଇବ । ପଥର ଥାଉ ମଣିଷ ଭିତରେ ବି କେତେ ଘନିଷ୍ଠତା, କେତେ ଆତ୍ମୀୟତା—କେତେ ସ୍ନେହର ଆକର୍ଷଣ ।

ଚିତ୍ରୋତ୍ପଳାର ଯିବା ବାଟକୁ ଚାହିଁ ଚାର୍ଲସ ଭାବୁଥାଏ ପୃଥିବୀରେ ମଣିଷ ମଣିଷ ଭିତରେ ବି ଏତିକି ଆକର୍ଷଣ ଦୁର୍ଲଭ ହେଇପଡ଼ିଛି । କେଉଁଠି କେବେ ସେମିତି କିଛି ଆକର୍ଷଣ ଅନୁଭବ କରିଥିଲେ ସେ ହୁଏତ ଯାଯାବର ହେଇନଥାନ୍ତା ।

ମଣିଷ ଚିରଦିନ ମୁକ୍ତିକାମୀ ପର ଉପରେ ଦୋଷ ଲଦିଦେଇ ସେ ନିଜକୁ ମୁକ୍ତ କରିନେବାରେ ଆନନ୍ଦ ପାଏ । ମାତ୍ର ଦୀନବନ୍ଧୁ ପ୍ରାଚୀପ୍ରଭାର ବିବାହ ଏବଂ ତା'ର ଦୁଃଖମୟ ଜୀବନ ସମ୍ପର୍କରେ ନିଜକୁ ହିଁ ଦୋଷ ଦେଇଆସିଛନ୍ତି । ବାସ୍ତବରେ ଦୀନବନ୍ଧୁ ଏସବୁ ପାଇଁ ଦାୟୀ । ଚାରୁକଳା କହନ୍ତି, ସବୁ ଭାଗ୍ୟ । ଜଗନ୍ନାଥଙ୍କର ଇଚ୍ଛାକୁ ଏଡ଼ିଦେବ କିଏ ?

କୋଣାର୍କର କଳା ଦୀନବନ୍ଧୁକୁ ଅନ୍ଧଭାବେ ଆକର୍ଷଣ କରେ । ନିଜ ଦେଶର ଏଇ ଐଶ୍ୱର୍ଯ୍ୟମୟ ଭଗ୍ନାବଶେଷକୁ ନେଇ ସେ ଯେମିତି ଗର୍ବ କରନ୍ତି, ଦରିଦ୍ର ମେଧାବୀ ଛାତ୍ର ଜଗନ୍ନାଥକୁ ନେଇ ଯେ ସେମିତି ଗର୍ବ କରନ୍ତି । ଜଗନ୍ନାଥ ପିତୃହୀନ ବାଳକଟିଏ । ଭଦ୍ର, ମାର୍ଜିତ, ବୁଦ୍ଧିମାନ । କୋଣାର୍କ ହାଇସ୍କୁଲରେ ମାଟ୍ରିକ୍ ପାଶ୍ କରି କଲେଜରେ ପଢ଼ିପାରିଲା ନାହିଁ ।

Digitized by srujanika@gmail.com

ଅର୍ଥାଭାବରୁ ମଝିରେ ମଝିରେ ସ୍କୁଲ ଛାଡ଼ି ଜୀବନ ସଂଗ୍ରାମ କରିବାକୁ ବି ପଡ଼ିଛି । ପୁଣି ଅର୍ଥ ସଞ୍ଚୟ କରି ସ୍କୁଲ ଯାଇଛି । ହାଇସ୍କୁଲ ପାଶ କରିବା ବେଳକୁ ତା'ର ବୟସ କୋଡ଼ିଏ ।

କୋଡ଼ିଏ ବର୍ଷର ଯୁବକ ଜଗନ୍ନାଥ କଲେଜରେ ପାଠ ପଢ଼ିବାର ସ୍ୱପ୍ନ ଦେଖେ—ଯଦିଓ ସେ ଜାଣେ ସ୍ୱପ୍ନ ଅଳିକ । ହାଇସ୍କୁଲ ପାଠ ଶେଷ କରି ଜଗନ୍ନାଥ କୋଣାର୍କକୁ ହିଁ ଜୀବିକା କରିଥିଲା । କୋଣାର୍କରେ ଗାଇଡ୍ କାମ କରି ସେ ତାର ବୃଦ୍ଧା ମା' ଆଉ ଯୁବତୀ ଭଉଣୀକୁ ଚଳାଉଥିଲା । ବେଳେବେଳେ ଭାବୁଥିଲା ଭଉଣୀକୁ ବିବାହ ଦେବା ପରେ ହାତରେ କିଛି ଅର୍ଥ ହେଲେ ସେ କଲେଜରେ ନାଁ ଲେଖାଇବ । ଅନ୍ତତଃ ବି. ଏ. ପାଶ୍ କରିବ । ତେବେ ସିନା ପର୍ଯ୍ୟଟକଙ୍କୁ ପ୍ରାଞ୍ଜଳ ଭାବରେ କୋଣାର୍କ କଳାର ଉତ୍କର୍ଷତା ବୁଝାଇ ପାରିବ । ତାର ଭାବନାକୁ ସେ ବେଳେବେଳେ ସାଙ୍ଗସାଥି ମେଳରେ ପ୍ରକାଶ କରିଦିଏ । ଥଟ୍ଟାରେ ସେମାନେ କହନ୍ତି ତିରିଷ ବର୍ଷରେ ବି.ଏ. ପାଶ୍ କରି ଲାଭ କ'ଣ ? ଗ୍ରାଜୁଏଟ୍ ପୋଷ୍ଟ ପାଇବା ପାଇଁ ଆଉ ତୋର ବୟସ ଯେ ନଥିବ । ଜଗନ୍ନାଥ କହେ—ଚାକିରୀ ପାଇବା ଆଶାରେ ନୁହେଁ—ଜ୍ଞାନାର୍ଜନ ପାଇଁ ମୁଁ ପାଠ ପଢ଼ିବି, ଦେଶ ବିଦେଶର ଭାଷା ଶିଖିବି, ବିଦେଶୀ ପର୍ଯ୍ୟଟକଙ୍କୁ କୋଣାର୍କର ମୌନ ଭାଷା ବୁଝାଇବି । କୋଣାର୍କକୁ ଯେଉଁମାନେ ଆମୋଦର ପୀଠ ମନେ କରନ୍ତି ସେମାନଙ୍କୁ ବୁଝାଇ ଦେବି କୋଣାର୍କ ହେଉଛି ପୂଜାର ପୀଠ, ତ୍ୟାଗ, ପବିତ୍ରତା ଆଉ ସାଧାନାର ପୀଠ । କୋଣାର୍କ ଗୋଟିଏ ଭଗ୍ନ ମନ୍ଦିର ନୁହେଁ—କୋଣାର୍କ ଗୋଟାଏ ମହାନ ଜାତି, ଗୋଟାଏ ଦେଶ ଆଉ ଗୋଟାଏ ସଂସ୍କୃତିର ଆତ୍ମା । ତେବେ ଯାଇ ସେମାନେ କୋଣାର୍କର ନୈସର୍ଗିକ ସୁଷମାକୁ ଉପଭୋଗ କରିବେ ।

ସତକୁ ସତ ପର୍ଯ୍ୟଟକଙ୍କ ପାଖରେ କୋଣାର୍କର କାରୁକାର୍ଯ୍ୟ ବର୍ଣ୍ଣନା କରୁ କରୁ ଜଗନ୍ନାଥ ଆତ୍ମବିଭୋର ହୁଏ । କୋଣାର୍କର ମହାନ୍ କଳାନୈପୁଣ୍ୟ ପଛରେ ଗୋଟାଏ ଉନ୍ନତ ଜାତିର ଉତ୍ସର୍ଗୀକୃତ ସାଧନା ରହିଥିଲା ବୋଲି କହୁ କହୁ ତାର ସମଗ୍ର ଚେହେରା ବଦଳିଯାଏ । ତା'ର ଆଖି, ମୁଖ ଓ ଓଠର ପ୍ରତ୍ୟେକ ସ୍ନାୟୁ ସ୍ପନ୍ଦିତ ହୁଏ କୋଣାର୍କ ଶିଳ୍ପୀ ପ୍ରତି ଶ୍ରଦ୍ଧା ଓ ଭକ୍ତିଭାବର ଆବେଗରେ । ଅନ୍ୟ ଗାଇଡ଼ମାନଙ୍କ ପରି, ମିଥୁନ ମୂର୍ତ୍ତିମାନଙ୍କର ବିଶଦ ବର୍ଣ୍ଣନାକରି ଶସ୍ତା ମନୋରଞ୍ଜନଦ୍ୱାରା ସେ ଟଙ୍କା ରୋଜଗାର କରେ ନାହିଁ । ବରଂ ସେଇ ନଗ୍ନ ଶିଳ୍ପକଳା ପଛରେ ଥିବା ତାନ୍ତ୍ରିକତତ୍ତ୍ୱ ଏବଂ ଧର୍ମତତ୍ତ୍ୱକୁ ସେ ସୁନ୍ଦର ଭାବରେ ବ୍ୟାଖ୍ୟା କରେ । ଜଗନ୍ନାଥର ଗଭୀର ତତ୍ତ୍ୱଜ୍ଞାନ ପର୍ଯ୍ୟଟକଙ୍କୁ ମୁଗ୍ଧ କରେ । କିନ୍ତୁ ସାଧାରଣ ଦର୍ଶକ କୋଣାର୍କର ଇତିହାସ, ସେ ସମୟର ସମାଜ ଜୀବନ, ଧର୍ମନୀତି, ଯୁଦ୍ଧକୌଶଳ, ଶାସନ ପ୍ରଣାଳୀ ସମ୍ବନ୍ଧରେ ଗଭୀର ଜ୍ଞାନ ଆହରଣ କରିବାପଇଁ କୋଣାର୍କ ଆସେ ନାହିଁ । ତେଣୁ ଜଗନ୍ନାଥ ପାଖରେ ଦର୍ଶକଙ୍କର ଭିଡ଼ ଜମେ ନାହିଁ । କେତେଜଣ ଗବେଷକ ଛାତ୍ର, ଜ୍ଞାନଲୋଭୀ ପର୍ଯ୍ୟଟକ ଜଗନ୍ନାଥକୁ ସାଙ୍ଗରେ

Digitized by srujanika@gmail.com

ନିଅନ୍ତି । ସେମାନଙ୍କୁ ବିଶଦଭାବେ ସବୁ ବୁଝାଉ ବୁଝାଉ ଜଗନ୍ନାଥ ସମୟର ହିସାବ ବି ରଖେ ନାହିଁ । ପର୍ଯ୍ୟଟକ ସନ୍ତୁଷ୍ଟ ନ ହେବାଯାଏ ସେ ବୁଝାଉଥାଏ । ଅଧିକ-ସମୟପାଇଁ ସେ ଅଧିକ ପାଉଣା ଦାବୀକରେ ନାହିଁ । ତେଣୁ ଜଗନ୍ନାଥ କୋଣାର୍କକୁ ଜୀବିକା କରିଛି ବୋଲି ମନ ଦମ୍ଭ କଲେ ମଧ୍ୟ ତାର ଜୀବନର ମୌଳିକ ଆବଶ୍ୟକତା ସେଥିରେ ମେଣ୍ଟେନାହିଁ । ସେ ପଇସା ସଞ୍ଚୟ କରିପାରେ ନାହିଁ । ଅଧିକ ପଢ଼ିପାରେ ନାହିଁ ।

ଦୀନବନ୍ଧୁଙ୍କର ଅତିପ୍ରିୟ ଛାତ୍ର ଜଗନ୍ନାଥ । ପିଲାଦିନରୁ ସେ ତାକୁ ଦେଖି ଆସୁଛନ୍ତି । ସେ ଅଞ୍ଚଳରେ ଜଗନ୍ନାଥ ପରି ପିଲାଟିଏ ଦୀନବନ୍ଧୁ ଆଖିରେ ପଡ଼େ ନାହିଁ । ଜଗନ୍ନାଥ କୋଣାର୍କକୁ ଯେମିତି ଭାବରେ ପର୍ଯ୍ୟଟକଙ୍କ ସମ୍ମୁଖରେ ଉପସ୍ଥାପିତ କରେ, ତାହାହିଁ ଦୀନବନ୍ଧୁଙ୍କୁ ବେଶି ମୁଗ୍ଧ କରେ । ଜଗନ୍ନାଥ ପ୍ରତି ଦିନଦିନ ଶ୍ରଦ୍ଧା ଗଭୀର ହୁଏ । କୋଣାର୍କକୁ ନେଇ ଦୀନବନ୍ଧୁ କାବ୍ୟଟିଏ ରଚନା କରିଛନ୍ତି । ଜଗନ୍ନାଥ ତାକୁ କଣ୍ଠସ୍ଥ କରି ଦର୍ଶକମାନଙ୍କୁ ସାମ୍ନାରେ ଗାଇଯାଏ । ତା'ର ଅର୍ଥ ବୁଝାଏ । ଦୀନବନ୍ଧୁ ଏଥିରେ ଖୁସି ହୁଅନ୍ତି ।

ଜଗନ୍ନାଥ ବେଳେବେଳେ ଦୀନବନ୍ଧୁଙ୍କ ଘରକୁ ଆସେ ନୂଆ କରି ପାଠ ଆରମ୍ଭ କରିଥିବା ଦୀନବନ୍ଧୁକୁ ଅକ୍ଷର ଶିଖାଏ । ସଂଖ୍ୟାଗଣନା କରାଏ । କାଖକରି କୋଣାର୍କ ବେଢ଼ାରେ ବୁଲାଇ ଆଣେ । ଦୀନବନ୍ଧୁଙ୍କ ପ୍ରତି ଜଗନ୍ନାଥଙ୍କର ଅସୀମ ଭକ୍ତି । ସେ ଭାବେ ବିଦ୍ୟାଦାତାଙ୍କଠାରୁ ବଡ଼ କିଏ ଅଛି ସଂସାରରେ ? ଦୀନବନ୍ଧୁଙ୍କ ଆଗରେ ତା' ମନର ସ୍ୱପ୍ନ ସେ ଅକାତରଭାବେ ପ୍ରକାଶ କରେ । ସେଥିରେ ଦୁଃଖ ତାର ଉଣା ହୁଏ ।

ଦିନେ ଅକସ୍ମାତ୍ ଦୀନବନ୍ଧୁ ପ୍ରସ୍ତାବ ବାଢ଼ିଲେ—ଜଗନ୍ନାଥ ତମେ କଲେଜରେ ପଢ଼ିବ ?

ଜଗନ୍ନାଥ ଅବାକ୍ ହେଇଗଲା । ତା' ଜୀବନର ସ୍ୱପ୍ନ ପିତୃତୁଲ୍ୟ ଗୁରୁଦେବଙ୍କୁ ଜଣା । ଏକଥା ମଧ୍ୟ ତାଙ୍କୁ ଜଣା ଯେ, ସେ ହେଉଛି ଦିବାସ୍ୱପ୍ନ । ପୁଣି ଏ ପ୍ରଶ୍ନ କାହିଁକି ?

ଜଗନ୍ନାଥଙ୍କର ମୌନତା ହିଁ ଉତ୍ତର ଦେଇଥିଲା । ଦୀନବନ୍ଧୁ କହିଥିଲେ—ତମେ ଏଇବର୍ଷ କଲେଜରେ ନାଁ ଲେଖାଅ । ମୁଁ ତମର ପଢ଼ା ଖର୍ଚ୍ଚ ତୁଲାଇବି । ଛୁଟିଦିନମାନଙ୍କରେ ତମେ ଗାଇଡ୍ କାମ କରିବ । ଏମିତି ଏମିତି ଚାରିଟା ବର୍ଷ କଟିଗଲେ ତମେ ଗ୍ରାଜୁଏଟ ହେଇଯିବ । ଯଦି ପରୀକ୍ଷାରେ ଖୁବ୍ ଭଲକର ତେବେ ପୋଷ୍ଟ ଗ୍ରାଜୁଏଟ୍ ସ୍କଲାରସିପ୍ ମିଳିଯିବା ବିଚିତ୍ର କଥା ନୁହେଁ ।

ଅବିଶ୍ୱାସଭରା ଆଖିରେ ଜଗନ୍ନାଥ ଦୀନବନ୍ଧୁଙ୍କୁ ଚାହିଁଲା । ଏ ବଦାନ୍ୟତାର ଅର୍ଥ କ'ଣ ? ଏ ପର୍ଯ୍ୟନ୍ତ ଯେତେ ଜଣ ଅଯାଚିତ ଭାବେ ତାକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି ସମସ୍ତେ ଶହେଗୁଣ ମୂଲ୍ୟ ଆଦାୟ କରିନେଇଛନ୍ତି । ସେଇ ମୂଲ୍ୟ ଦେବାକୁ ଯାଇ

Digitized by srujanika@gmail.com

ସେ ଆଦରଣୀୟା ଭଉଣୀଟିକୁ ହରାଇ ଦେଇଛି—ଯାହାର ବିବାହ ପାଇଁ ସେ ବିନ୍ଦୁ ବିନ୍ଦୁ ରକ୍ତ ଦେଇ ଅର୍ଥ ସଞ୍ଚୟ କରୁଥିଲା ।

ବିନା ଯୌତୁକରେ ଆଦର୍ଶ ପାତ୍ର ସହ ଭଉଣୀର ବିବାହ ଦେବାପାଇଁ ଆଗେଇ ଆସିଥିଲେ ସମାଜସେବୀ ନେତା ହରମୋହନ ବାବୁ ।

ସରଳମତି ଜଗନ୍ନାଥ ହରମୋହନଙ୍କ ବଦାନ୍ୟତାକୁ ବିଶ୍ୱାସ କରିଥିଲା । ହରମୋହନ ଆସୁଥିଲେ ତାଙ୍କ ଘରକୁ, ଭିନ୍ନ ଭିନ୍ନ ପ୍ରସ୍ତାବ ଆଣି, ଭିନ୍ନ ଭିନ୍ନ ପାତ୍ରଙ୍କୁ ସଙ୍ଗରେ ଧରି । ସେମାନଙ୍କ ଖର୍ଚ୍ଚପାଇଁ ନିଜେ ଖର୍ଚ୍ଚ କରୁଥିଲେ । ଜଗନ୍ନାଥଙ୍କର ମା' କହୁଥିଲେ, ''ହରମୋହନ ମୋର ବଡ଼ପୁଅ—ତା'ତଳକୁ ଜଗନ୍ନାଥ ।'' ହଠାତ୍ ଦିନେ ହରମୋହନ ପ୍ରସ୍ତାବ ବାଢ଼ିଲେ। ପାତ୍ର କାର୍ଯ୍ୟବ୍ୟସ୍ତ ପଦସ୍ଥ ଅଫିସର । ଭୁବନେଶ୍ୱରରୁ ଯୁଣେଇ ଆସି କନ୍ୟା ଦେଖିଯିବା ପାଇଁ ସମୟ ନାହିଁ । କନ୍ୟାକୁ ଭୁବନେଶ୍ୱର ନେବାକୁ ହେବ । ପାତ୍ରଟି ସୁନ୍ଦରୀ ଝିଅ ଚାହେଁ । ଗୌରୀକୁ ଦେଖିଲେ ସେ ନିଶ୍ଚୟ ପସନ୍ଦ କରିବ । ହରମୋହନ ଟାକ୍‌ସି ଆଣିଥିଲେ । ଗୌରୀ ସଙ୍ଗରେ ଜଗନ୍ନାଥ ବି ଗଲା ଭୁବନେଶ୍ୱର । ବିରାଟ ଦୁଇତାଲା ଘର ଆଗରେ ଟାକ୍‌ସି ରହିଲା । ଯୁଣେଇ ଗାଁର ମାଟ୍ରିକ୍ ପଢୁଆ ଜଗନ୍ନାଥ ଆଶ୍ଚର୍ଯ୍ୟ ହେଇ କହିଲା—ଏଇଟା ତ ଗୋଟାଏ ହୋଟେ !

ହରମୋହନ ହସି ହସି କହିଲେ—ହୋଟେଲରେ ଆଜିକାଲି ସବୁ କିଛି ହୁଏ—କନ୍ୟାଦେଖା, ଚାକିରୀ, ଇଣ୍ଟରଭିଉ, ସାହିତ୍ୟିକ ବନ୍ଧୁମିଳନ, ଧର୍ମ ଓ ସଂସ୍କୃତି ଆଲୋଚନା ଚକ୍ର, ବାହାଘର, ବ୍ରତଘର ଭୋଜି, ମଧୁଶଯ୍ୟା..... ସବୁ କିଛି । କିଛି ଠିକ୍ ଠାକ୍ ନ ହେଉଣୁ ଝିଅଟାକୁ ଧରି ପୁଅ ଘରକୁ ଯିବା ଅସୁନ୍ଦର କଥା । ତା'ଦ୍ୱାରା ସେମାନେ ଆମକୁ ପ୍ରଥମରୁ ହେୟଜ୍ଞାନ କରିବେ । ତେଣୁ ହୋଟେଲରେ ଗୋଟାଏ ରୁମ ଭଡ଼ା ନେଇଛି । ଯାହା ଖର୍ଚ୍ଚ ହେବ ହେଉ—ଆମର ଝିଅର ମାନ ଇଜ୍ଜତ ରହୁ—କଥାଟା ପକ୍କା ହେଇଯାଉ । ପରେ ତ ସେମାନେ ଆଉ ଝିଅକୁ ଆମର କହିବେନି ? ତମେ ବଳେବଳେ ନିଜକୁ ଦେଖାଇବା ପାଇଁ ଆମ ଘରକୁ ଆସିଥିଲ । ନାଁ କ'ଣ କହୁଛୁ ?

ଜଗନ୍ନାଥ କୃତଜ୍ଞତା ଭାରରେ ନଇଁ ପଡୁଥିଲା । ଭାବୁଥିଲା ହରମୋହନ ପ୍ରକୃତରେ ସମାଜବାଦୀ । ପରେ ଝିଅର ସମ୍ମାନ ରକ୍ଷା ପାଇଁ ତାଙ୍କର କେତେ ଚିନ୍ତା, କେତେ ବ୍ୟାକୁଳତା । ଜଗନ୍ନାଥ ପ୍ରତିଜ୍ଞା କରିଥିଲା ନିର୍ବାଚନରେ ସେ ହରମୋହନ ଦଳ ପାଇଁ ପ୍ରଚାର କରିବ । ଯଦି ହରମୋହନ ନିଜେ ପ୍ରାର୍ଥୀ ହୁଅନ୍ତି ତେବେ ତ ତାଙ୍କୁ ଜିତାଇବା ପାଇଁ ଦରକାର ହେଲେ ଜୀବନ ଦେଇଦେବ ।

ଗୌରୀ ଭୀରୁ ପଦପାତରେ ଗାଡ଼ିରୁ ଓହ୍ଲାଇଗଲା । ଜଗନ୍ନାଥ ଭାବୁଥାଏ ତା ଭଉଣୀ ଅଳ୍ପ ସାଜସଜ୍ଜାରେ ପରୀ ଭଳି ଦିଶୁଛି । ଏଥର ତାର ଭାଗ୍ୟ ଖୋଲିଯିବ । ସେ କୂଳରେ ଲାଗିଯିବ ।

Digitized by srujanika@gmail.com

ଜଗନ୍ନାଥକୁ ନିଜ ଭୁବନେଶ୍ୱର ବସାକୁ ପଠାଇଦେଲେ ହରମୋହନ । କହିଲେ—ବସାରେ ବିଶ୍ରାମ କରୁଥା । ସେମାନେ କେତେବେଳେ ଆସି ପହଞ୍ଚିବେ କିଏ ଜାଣେ ? ତୋର ବା ସେଠି କାମ କ'ଣ ? ତତେ ଦେଖିଲେ ସେମାନେ ହୁଏତ ଗୌରୀକୁ ନାପସନ୍ଦ କରିଦେବେ । ସେମାନେ ଜାଣନ୍ତି ଗୌରୀ ମୋର ନିଜ ଭଉଣୀ । ସେଥିପାଇଁ ସେମାନେ ରାଜି ହେଇଛନ୍ତି ।

ଜଗନ୍ନାଥଙ୍କର ମନ ଟିକେ କଷ୍ଟ ହେଲା । ହରମୋହନଙ୍କ ବଗପକ୍ଷୀ ଭଳି ସଫା ଧୋତି ପଞ୍ଜାବିକୁ ଥରେ ଚାହିଁ ନିଜ ମଇଳା, ଲୋଚା କୋଚା ପୁରୁଣା ସାର୍ଟ ପ୍ୟାଣ୍ଟକୁ ଚାହିଁଲା ଜଗନ୍ନାଥ । ଭାବିଲା ହରମୋହନଙ୍କ କଥା ଅକ୍ଷରେ ଅକ୍ଷରେ ସତ । ଭଉଣୀର ସୁଖ ପାଇଁ ନିଜେ ଟିକେ ଆଡ଼େଇ ହେଇଗଲେ କ୍ଷତି କ'ଣ ?

ହରମୋହନଙ୍କ ବସାରେ ଗୋଡ଼ିମିଶା ଭାତ ଆଉ ପାଣିଆ ଡାଲି ଖାଇ ବିନା ତକିଆରେ ଦାଣ୍ଡଘରେ ପଟା ଖଟ ଉପରେ ବିଶ୍ରାମ ନେଲା ଜଗନ୍ନାଥ । ଭାବିଲା ଯାପରେ ଭଉଣୀ ଦାୟରୁ ମୁକ୍ତ ହେଇଯିବ—ନିଶ୍ଚିନ୍ତ ହେଇଯିବ । ଭାଗ୍ୟରେ ଥିଲେ କଲେଜରେ ପାଠ ପଢ଼ିବ । ଭଉଣୀର ବାହାଘର ହେଇଗଲେ ତା'ର ଆଉ ଚିନ୍ତା କ'ଣ ?

ନିଶ୍ଚନ୍ତ ହେଇ ଆଖି ବୁଜିବା ବେଳକୁ ଛାରପୋକଗୁଡ଼ା ତାକୁ ଯେମିତି ଚେତାଇ ଦେଉଥିଲେ—ଜାଗ୍ରତ ହୁଅ—ସତର୍କ ହୁଅ—ଜୀବନର ଚଲାବାଟ ଏତେ ସଜଖ ନୁହେଁ । ଜଗନ୍ନାଥ ଖରାବେଳ ସାରା ଛଟପଟ ହେଲା । ହରମୋହନ ବା ଗୌରୀ ସନ୍ଧ୍ୟା ସୁଦ୍ଧା ଫେରିଲେ ନାହିଁ । ତା'ପରଦିନ ଫେରିଲେ ନାହିଁ । ତିନି ଦିନପରେ ଗୌରୀ, ହରମୋହନ, ଜଗନ୍ନାଥ ଗାଁକୁ ଫେରୁଥିଲେ । ହରମୋହନ କହୁଥିଲେ—ଜଣେ ନୁହେଁ—ଏକାଥରକେ ପାଞ୍ଚଟି ପାତ୍ରକୁ କନ୍ୟା ଦେଖାଇ ଦେଇଛି । ବାରମ୍ବାର ଭୁବନେଶ୍ୱର ଆସି କନ୍ୟା ଦେଖାଇବାରେ ଖର୍ଚ୍ଚ କ'ଣ କମ୍ ! ଯେଉଁଠି ହେଲେ ନିଶ୍ଚୟ ବିବାହ ଠିକ୍ ହେଇଯିବ । ଖାଲି ଗୌରୀ ରାଜି ହେଲେ ହେଲା । ଆଜିକାଲି ଉଭୟ ପକ୍ଷର ରାଜିରେ ବିବାହ ହେବା ଭଲ ।

ଜଗନ୍ନାଥ ଆଶାୟୀ ଆଖିରେ ଭଉଣୀକୁ ଚାହିଁଲା । ଗୌରୀ ରାଜି ନହେବ କାହିଁକି ?

ଗୌରୀ ମଲାଜହ୍ନ ପରି ଫିକା ହେଇ ବସିଥାଏ । ଓଢ଼ଣୀରେ ମୁହଁ ଲୁଚାଇ ଚୁପ୍ ରହିଥାଏ । ଜଗନ୍ନାଥର ଆଖି ସଙ୍ଗେ ଆଖି ମିଳିଯିବାରୁ ବଡ଼ ବଡ଼ ଦୁଇବିନ୍ଦୁ ଲୁହ ଖସି ପଡ଼ିଲା ତା ଆଖିରୁ । ସେ ଦୃଷ୍ଟି ଫେରାଇ ନେଇ ବାହାରକୁ ଚାହିଁଲା । କୋହ ଚାପି ଚାପି ନିଜକୁ ରୋକି ନେଲା ।

ଜଗନ୍ନାଥ ଭାବିଲା ବାହାଘର ଠିକ୍ ହୋଇଯିବା ନିଶ୍ଚିନ୍ତ ବୋଲି ଗୌରୀ କାନ୍ଦୁଛି । ସବୁ ଝିଅ ଏମିତି କାନ୍ଦନ୍ତି । ଗୌରୀର କାନ୍ଦ ତାଙ୍କୁ ଆଜି ଭାରି ଆନନ୍ଦ ଦେଲା । ତା'ଭଉଣୀର

Digitized by srujanika@gmail.com

ବାହାଘର ହେବ—ଏ ତ କିଛି କମ୍ କଥା ନୁହେଁ ! ହରମୋହନ ହସି ହସି କହିଲେ—ଗୌରୀଟା ଏକ୍‌ବାର ମଫସଲି—ରୂପ ଖଣ୍ଡକ ପାଇଁ ତାକୁ ସେମାନେ ପସନ୍ଦ କରିଛନ୍ତି । ଆଉ ସବୁଥିରେ ସେ ଆଜିକାଲିର ଚଳଣି ପାଇଁ ଅଚଳ । ଦେଖାଯାଉ କ'ଣ ହେଉଛି .....

ଘରେ ପହଞ୍ଚି ଗୌରୀ ମା'କୁ କୁଣ୍ଢେଇ ଭୋ ଭୋ କାନ୍ଦିଥିଲା । ସମସ୍ତେ ଜାଣିଲେ ଗୌରୀର ବାହାଘର ଠିକ୍ ହେଇଗଲା । ହରମୋହନଙ୍କୁ ସମସ୍ତେ ଧନ୍ୟ ଧନ୍ୟ ପ୍ରଶଂସା କଲେ ।

ବାପ ଛେଉଣ୍ଡ ଗରିବ ଝିଅଟାକୁ କୂଳରେ ଲଗାଇ ଦେଇଛନ୍ତି ବୋଲି ହରମୋହନର ଯଶ ଖ୍ୟାତି ବଢ଼ିଗଲା । ହରମୋହନ ବାବୁ ଅମାୟିକ ହସ ହସି ହାତଯୋଡ଼ି ବିନୟର ସହ କହୁଥିଲେ—ଏ ତ ମୋର କର୍ତ୍ତବ୍ୟ ! ଗୌରୀର ବାପା ସ୍ୱାଧୀନତା ସଂଗ୍ରାମୀ ଥିଲେ । ଦେଶପାଇଁ ବହୁବାର କାରାବରଣ କରିଥିଲେ । ତାଙ୍କ ଝିଅର ଦାୟିତ୍ୱ ଆମର ନୁହେଁ ତ ଆଉ କାହାର ? ତା ଛଡ଼ା ଝିଅ ତ ସମସ୍ତଙ୍କର । ବିଚାରୀ ଗୌରୀ ସୁଖୀ ହେଉ । ଶାନ୍ତିରେ ରହୁ ।

ସତକୁ ସତ ଗୌରୀ ଚିରନ୍ତନ ସୁଖ ଓ ଶାନ୍ତିର ଅମରଧାମକୁ ଚାଲିଯାଇଥିଲା । ସକାଳକୁ ଗୌରୀର ଶବ ପୋଖରୀରେ ଭାସୁଥିଲା । ଗୌରୀ ଆତ୍ମହତ୍ୟା କରିଥିଲା । ଚିଠି ଖଣ୍ଡେ ଲେଖିଯାଇଥିଲା—''ମୋ ମୃତ୍ୟୁପାଇଁ କେହି ଦାୟୀ ନୁହନ୍ତି । ବଞ୍ଚିରହିବାର ନୈତିକ ସାହସ ମୁଁ ହରାଇଛି । ତେଣୁ ବିଦାୟ ନେଉଛି ।''

ସମସ୍ତଙ୍କୁ ଅବାକ୍ କରିଦେଇ ହରମୋହନ କହି ବୁଲୁଥିଲେ—ଗୌରୀ ଅବୈଧ ପ୍ରଣୟରେ ଲିପ୍ତ ଥିଲା । ବିବାହ ପାଇଁ ତାର ସମ୍ମତି ନଥିଲା । ତେଣୁ ସେ ଏଇ ପଥ ବାଛି ନେଇଛି ।

ଦଶମ ଶ୍ରେଣୀରୁ ପାଠ ଛାଡ଼ି ବିବାହ ପାଇଁ ବାରମ୍ବାର ପାତ୍ରପକ୍ଷ ସମ୍ମୁଖରେ ନିଜକୁ ପ୍ରଦର୍ଶିତ କରୁଥିବା ସ୍ୱପ୍ନ ବିଳାସିନୀ ଝିଅଟି କାହିଁକି ଯେ ବଞ୍ଚି ରହିବାର ନୈତିକ ସାହସ ହରାଇଲା ସେକଥା ସେଦିନ ବୁଝିପାରି ନଥିଲା ସରଳମତି ଜଗନ୍ନାଥ । ପରେ ଅନ୍ୟ କେତୋଟି ଘଟଣାରୁ ହରମୋହନଙ୍କ ପ୍ରକୃତ ସ୍ୱରୂପ ଜଣାପଡ଼ିବାରେ ଜଗନ୍ନାଥ ବୁଝିଥିଲା ହରମୋହନ ହିଁ ତା' ଭଉଣୀର ମୃତ୍ୟୁପାଇଁ ଦାୟୀ । କିନ୍ତୁ ତାଙ୍କ ବିରୁଦ୍ଧରେ ଗୌରୀ ସମ୍ପର୍କରେ କିଛି ପ୍ରମାଣ ନଥିଲା । ତା ପରଠୁ ଅନ୍ୟର ଅଯାଚିତ ସାହାଯ୍ୟକୁ ସନ୍ଦେହ ଚକ୍ଷୁରେ ଦେଖି ଆସିଛି ଜଗନ୍ନାଥ ।

ଦୀନବନ୍ଧୁ ପୁଣିଥରେ କହିଲେ—ଜାଣେ ତୁ ଭାବୁଛୁ ମୁଁ କାହିଁକି ଏତେ ଏପରି ସାହାଯ୍ୟ କରୁଛି । ମେଧାବୀ ଛାତ୍ରଙ୍କ ପ୍ରତି ମୋର ଚିରକାଳ ଦୁର୍ବଳତା ରହିଆସିଛି । ମୋଧାବୀ ଏବଂ ଦରିଦ୍ର ଛାତ୍ରଙ୍କୁ ଅଳ୍ପ ବହୁତ ସାହାଯ୍ୟ କରିବା ମୋ ଜୀବନର ବ୍ରତ । ତା ଛଡ଼ା ତତେ ମୁଁ ପୁଅ ଭଳି ସ୍ନେହ କରେ । ତୋ ବାପାଙ୍କର ନିଷ୍ଠା, ଚରିତ୍ରବତ୍ତା ଆଉ ଜାତିପ୍ରେମ ମତେ ଚିରଦିନ

Digitized by srujanika@gmail.com

ତାଙ୍କ ପଦରେ ମଥାନତ କରାଇଛି । ତୋ ଜୀବନର ଗୋଟାଏ ବଡ଼ ସ୍ୱପ୍ନ ଯଦି ମୋର କିଛି ସାହାଯ୍ୟରେ ସଫଳ ହୁଏ ତେବେ ତାଙ୍କର ଅମରଆତ୍ମା ମୋ ପୁଅକୁ ଆଶୀର୍ବାଦ ଢାଳିବ ।

ଜଗନ୍ନାଥର ଦ୍ରବୀଭୂତ ଅନ୍ତରର କୃତଜ୍ଞତା ଆଖିର ନଦୀପଥରେ ଜଳହେଇ ଝରି ଆସିଲା । ଦୀନବନ୍ଧୁଙ୍କୁ କୃତଜ୍ଞତା ଜଣାଇବା ପାଇଁ ତାହାହିଁ ଥିଲା ଜଗନ୍ନାଥର ଶ୍ରେଷ୍ଠ ଭାଷା ।

ତିନିବର୍ଷ କାଳ ପାଠଛାଡ଼ ଗାଇଡ୍ କାମ କରୁଥିବା ଜଗନ୍ନାଥ ରାଉତରାୟ କଲେଜରେ ନାମ ଲେଖାଇଲା । ଚାରିବର୍ଷକାଳ ସାହାଯ୍ୟ କଲେ ଦୀନବନ୍ଧୁ । ଜଗନ୍ନାଥ ମଧ୍ୟ ପାଠପଢ଼ାର ପାଙ୍କ ଭିତରେ ନିଜେ କିଛି ଉପାର୍ଜନ କରେ । ଶେଷ ପରୀକ୍ଷାରେ ଜଗନ୍ନାଥ ବିଶ୍ୱବିଦ୍ୟାଳୟରେ ଇଂରାଜୀ ଅନର୍ସରେ ଦ୍ୱିତୀୟ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କଲା । ସେତେବେଳକୁ ଦୀନବନ୍ଧୁଙ୍କ ହୃଦୟରେ ତା'ର ଆସନ ସୁଦୃଢ଼ ହୋଇସାରିଥିଲା । ଦୀନବନ୍ଧୁ ସ୍ଥିର କରିଥିଲେ ଦିଲ୍ଲୀ ଇଉନିଭରସିଟିରେ ଏମ୍. ଏ. ପଢ଼ିବ । ଅନ୍ୟାନ୍ୟ ଭାଷା ମଧ୍ୟ ସେଠାରେ ଶିଖିବ । ଯେତେ ପାରେ ସେତେ ଜ୍ଞାନ ଅର୍ଜନ କରିବ । ଜଗନ୍ନାଥକୁ ନେଇ ଦୀନବନ୍ଧୁଙ୍କ ମନର ସ୍ୱପ୍ନ ଜମାଟ ବାନ୍ଧି ଆସୁଥିଲା ।

ଜଗନ୍ନାଥ ବୀର ପାଇକ ବଂଶର ପିଲା । ତାର ପୂର୍ବପୁରୁଷ ଗଙ୍ଗବଂଶର ରାଜତ୍ୱ କାଳରେ ମୁସଲମାନଙ୍କ ବିରୁଦ୍ଧରେ ଲଢ଼ିଥିଲେ—ଇଂରେଜ ବିରୁଦ୍ଧରେ ଲଢ଼ି ଗୁଳିଆଗରେ ଛାତି ପତାଇ ଥିଲେ । ଜଗନ୍ନାଥର ବାପା ନିରଞ୍ଜନ ଲବଣ ସତ୍ୟାଗ୍ରହରେ ଭାଗନେଇ କାରାବରଣ କରିଥିଲେ । ଜୀବନର ପ୍ରକୃଷ୍ଟ ସମୟତକ କଟିଥିଲା କାରାଗାରରେ । ମୁକ୍ତିପାଇ ଘରକୁ ଫେରିଲାବେଳକୁ ତରୁଣୀ ପତ୍ନୀ ପ୍ରୌଢ଼ା । ସେ ଚଉବନ ବର୍ଷ ବୟସ୍କ ରୁଗ୍ଣ ଜରାଗ୍ରସ୍ତ ମଣିଷଟିଏ । ତା ପରଠୁ ନିରଞ୍ଜନଙ୍କ ପ୍ରକୃତ ଦାମ୍ପତ୍ୟ ଜୀବନର ଆରମ୍ଭ ଏବଂ ତାରି ଫଳ ସ୍ୱରୂପ ଜଗନ୍ନାଥ ଏବଂ ଗୌରୀଶଙ୍କର ଜନ୍ମ । ଜଗନ୍ନାଥଙ୍କୁ ଗାଁ ଚାହାଳୀରେ ବସାଇଦେଇ ବୃଦ୍ଧ ନିରଞ୍ଜନ ବାପାର କର୍ତ୍ତବ୍ୟ ଶେଷ କରିଦେଇ ନିଶ୍ଚିନ୍ତ ନିଦକ ହେଇଯାଇଥିଲେ । ପରମ ଶାନ୍ତିଧାମକୁ ଉଡ଼ିଯାଇଥିଲା ଦେଶପ୍ରେମୀ ନିରଞ୍ଜନଙ୍କ ଅମରଆତ୍ମା । ସବୁ ଚିନ୍ତାର ପାହାଡ଼ ଅଜାଡ଼ି ହେଇପଡ଼ିଥିଲା ଜନନୀ ସତ୍ୟଭାମାଙ୍କ ମୁଣ୍ଡରେ । ଜଗନ୍ନାଥ ଦରିଦ୍ର ହେଇପାରେ । ମାତ୍ର ତା ବଂଶର ଗୋଟାଏ ଐତିହ୍ୟ ଅଛି—ଗରିମା ଅଛି । କୌଣସି ଦିନ ନିଜ ସଂସ୍କୃତିର ଅବମାନନା କରିପାରିବ ନାହିଁ—ଏକଥା ବୁଝିଥିଲେ ଦୀନବନ୍ଧୁ । ସେଇଥିପାଇଁ ଜଗନ୍ନାଥକୁ ଦୁଇବାହୁ ପ୍ରସାରି ଆଉରି ନିକଟକୁ ସେ ଟାଣିଆଣୁଥିଲେ ।

ଏମ୍. ଏ. ପଢ଼ିବା ଜଗନ୍ନାଥ ପାଇଁ ସୁଦୂର ସ୍ୱପ୍ନ । ବି. ଏ. ପରୀକ୍ଷାରେ କୃତିତ୍ୱରେ ସେ ନିଜକୁ ଉତ୍କୃଷ୍ଟ ରଖିବାପାଇଁ ଚେଷ୍ଟା କରୁଥିଲା । ସେ ଗ୍ରାଜୁଏଟ୍ ହୋଇଛି । ଇଂରାଜୀରେ

Digitized by srujanika@gmail.com

ପ୍ରାଞ୍ଜଳଭାବେ ବର୍ଣ୍ଣନା କରିପାରୁଛି । ଏତିକିରେ ମୋ ସନ୍ତୁଷ୍ଟ ହେବା ଉଚିତ । ବନ୍ଧୁ, ପରିଜନ ସେଇକଥା କହୁଥିଲେ । ଜଗନ୍ନାଥ ମଧ୍ୟ ଭାବଥିଲେ ଡେର୍ ହୋଇଛି । ଏବେ ସେ ମୁକ୍ତ ।

ଭଉଣୀ ଆଗରୁ ଯାଇଥିଲା । ବି. ଏ. ପଢ଼ିବା ଭିତରେ ମା' ମଧ୍ୟ ଆଖି ବୁଜିଛନ୍ତି । କୋଣାର୍କ, ଜଗନ୍ନାଥର ଏକାକୀ ଜୀବନ ପାଇଁ ଯଥେଷ୍ଟ ବେଶୀ । ଏଥର କୋଣାର୍କ ହିଁ ହେବ ଜଗନ୍ନାଥର ଜୀବନ ଏବଂ ଜୀବିକା । ଜଗନ୍ନାଥ ପୁଣିଥରେ କୋଣାର୍କ ବେଢ଼ାକୁ ପାଦ ବଢ଼ାଇଲା । ବାଟ ଓଗାଳିଲେ ପିତୃପ୍ରତିମ ଶିକ୍ଷକ ଦୀନବନ୍ଧୁ । ଗମ୍ଭୀର କଣ୍ଠରେ କହିଲେ—ତମେ ଏମ୍.ଏ. ପଢ଼ିବ, ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ । ତମେ ଚାହିଁଲେ ସେଠି ପୃଥିବୀର ଆଉ କେତେଗୋଟି ଭାଷା ମଧ୍ୟ ଶିଖିପାର । ତମ ଜୀବନର ସ୍ୱପ୍ନ ଏବେ ବି ସମ୍ପୂର୍ଣ୍ଣ ହୋଇନାହିଁ ।

ଜଗନ୍ନାଥ ବିସ୍ମୟ ପୁଲକରେ ବିମୂଢ଼ ହେଇଗଲା ! ଦୀନବନ୍ଧୁ ପୁଣି ଆଦେଶ କଲେ—ତମେ ପ୍ରସ୍ତୁତ ହୁଅ । ଅନ୍ୟ ସବୁ ଦାୟିତ୍ୱ ମୋର । ମାତ୍ର ଦୁଇଟା ବର୍ଷ ତମ ସମଗ୍ର ଜୀବନର ନକ୍‌ସା ବଦଳାଇ ଦେଇପାରେ । ଜଗନ୍ନାଥ କୁଣ୍ଠିତ ହେଇ ନମ୍ର ଭାବେ କହିଲା—ଆପଣଙ୍କ ଉପରେ ଅଯଥା ବୋଝ ହେବା ପାଇଁ ଖୁବ୍ ବାଧୁଛି । ଆପଣଙ୍କର ବି ସଂସାର ଅଛି । ସଂସାରର ବୋଝ ଧୀରେ ଧୀରେ ବଢ଼ିବ ସିନା, କମିବ ନାହିଁ ।

ଦୀନବନ୍ଧୁ ଦୀର୍ଘନିଶ୍ୱାସ ଛାଡ଼ି କହିଲେ—ମୋର ଗୋଟାଏ ବୋଲି ପୁଅ ଦୀନେଶ୍ । ସ୍କୁଲରେ ପଢୁଛି । ଯାକୁ ପୁଣି କହନ୍ତି ସଂସାର । ଦୀନେଶ୍ ପୁଅଟାଏ । ଭଲ ପଢ଼ିଲେ ପଢ଼ିଯିବ । ନପଢ଼ିଲେ ଗାଁରେ ରହିବ । କୌଣସି ଦିନ ସେ ମୋର ସଂସାରର ବୋଝ ହେବ ନାହିଁ । ବୋଝ ବୋଲି ଭାବି ଯାହାକୁ ସତ୍‌ପାତ୍ରରେ ଉଠାଇ ଦେଇଥିଲି ସେ ତ ମୋର ବୋଝ ହେବ ନାହିଁ ବୋଲି ଚାଲିଯାଇଛି । ଆଉ ପୁଣି ବୋଝ କ'ଣ ।

ଅନୁପମାକୁ ସତ୍‌ପାତ୍ରରେ ଦାନ କରିଥିଲେ ଦୀନବନ୍ଧୁ । ପାତ୍ରଟି ଡାଭର, ରୂପବାନ, ଅବସ୍ଥାସମ୍ପନ୍ନ ପରିବାରର ପିଲା । ନିଜ କ୍ଷମତାଠାରୁ ଅଧିକ ଯୌତୁକ ଦେଇ ଝିଅକୁ ବିବାହ ଦେଇଥିଲେ ଦୀନବନ୍ଧୁ ।

ବିବାହ ପରେ ଜଣାପଡ଼ିଥିଲା ଡାଭର ଜ୍ୱାଇଁ ନୀଳକଣ୍ଠ ପୂର୍ବରୁ ନର୍ସ ସୁଷମା ସହ ପ୍ରଣୟ ପାଶରେ ଆବଦ୍ଧ । ଅନୁପମା ସେତେବେଳକୁ ଅନ୍ତସତ୍ତ୍ୱା । ନୀଳକଣ୍ଠ ପତ୍ନୀକୁ କହିଥିଲା—ତମେ ବାପାଙ୍କ ପାଖକୁ ଫେରିଯାଅ । ମୁଁ ସୁଷମାକୁ ବିବାହ କରିବି । ସୁଷମା ବ୍ୟତୀତ ମୁଁ ବଞ୍ଚି ନପାରେ ।

—ମତେ ବିବାହ କରୁଥିଲ କାହିଁକି ? ଅନୁପମା କାନ୍ଦିଥିଲା ।

ନୀଳକଣ୍ଠ ଜବାବ୍ ଦେଇଥିଲା—ବାପାଙ୍କ ବାଧରେ ପଡ଼ି ବିବାହ କରିଥିଲି । ତମ ବାପା ମତେ ଯୌତୁକ ଦେଇନଥିଲେ ଏ ବିବାହରେ ମୋ ବାପା ସମ୍ମତି ଦେଇନଥାନ୍ତେ । ଏମିତି

Digitized by srujanika@gmail.com

କେତେ ବାହାଘର ଆଗରୁ ଭାଙ୍ଗିଛି । କିଛି ବର୍ଷ କଟିଯାଇଥିଲେ ବାପା ବାଧ ହେଇ ମୋ କଥାରେ ରାଜି ହେଇଥାନ୍ତେ । ଆଜି ମୋର ଏ ଅବସ୍ଥା ପାଇଁ ତମ ବାପା ଦାୟୀ । ତେଣୁ ତମର ଦାୟିତ୍ୱ ସେ ନେବେ, ତା'ସହିତ ତମ ଅନାଗତ ସନ୍ତାନର ମଧ୍ୟ ।

ଅନୁପମା ବାପଘରକୁ ସବୁଦିନ ପାଇଁ ଫେରି ଆସୁଛି ବୋଲି ଦୀନବନ୍ଧୁ କ୍ୱାଇଁଠାରୁ ଚିଠି ପାଇଥିଲେ ।

କିଛିଦିନ ପରେ ଅନୁପମା ଜଳନ୍ତା ଦେହଟାକୁ ଡାକ୍ତରଖାନା ନେଉ ନେଉ ତା'ର ପ୍ରାଣବାୟୁ ଉଡ଼ିଗଲା । ମୃତ୍ୟୁର କାରଣ ଦୁର୍ଘଟଣା, ହତ୍ୟା, କିମ୍ବା ଆତ୍ମହତ୍ୟା ହେଇପାରେ ବୋଲି ସମସ୍ତେ ଭାବୁଥିଲେ ।

ଦୀନବନ୍ଧୁ ଅନୁଭବ କରୁଥିଲେ ଅନୁପମା ଭଲି ଝିଅ ନିଜର ଏବଂ ନିଜ ସନ୍ତାନର ବୋଝକୁ ନିଷ୍ଠାପର ଆଦର୍ଶ ଶିକ୍ଷକ ବାପାଙ୍କ ମୁଣ୍ଡରେ ଲଦିଦେଇ ନାହିଁ ବୋଲି ଗୋଟାଏ ଜିଦ୍ଦି ବାଟ କରିନେଇଛି । ତାଙ୍କ ମୁଣ୍ଡରେ ଆଉ ପୁଣି ବୋଝ ହେବ କିଏ ? ଦୀନବନ୍ଧୁଙ୍କର ଛଳ ଛଳ ଆଖିକୁ ଚାହିଁ ଜଗନ୍ନାଥ ଅନୁଗତ କଣ୍ଠରେ କହିଲା—ଆପଣଙ୍କ କଥାରେ ମୁଁ ରାଜି । କିନ୍ତୁ ଏ ଉପକାରର ଋଣ ଶୁଝିବା ପାଇଁ ସାତଜନ୍ମ ମଧ୍ୟ ଯଥେଷ୍ଟ ହେବନାହିଁ ।

ଜଗନ୍ନାଥ ଦିଲ୍ଲୀ ଯିବାକଥା ସ୍ଥିରୀକୃତ ହୋଇଗଲା । ଅକସ୍ମାତ୍ ଦିନେ ଦୀନବନ୍ଧୁ କହିଲେ—ଦିଲ୍ଲୀ ଯିବା ଆଗରୁ ତମେ ବିବାହ କରିଯିବା ଉଚିତ୍ ଜଗନ୍ନାଥ । ପାଠ ସାରି ଫେରୁ ଫେରୁ ତମର ବିବାହ ବୟସ ଉତ୍ତୀର୍ଣ୍ଣ ହେଇଯିବ ।

ବିବାହ ! ଜଗନ୍ନାଥ ଅସ୍ଫୁଟ ଆର୍ତ୍ତନାଦ କରିଥିଲା । ନିଜ ସମ୍ପର୍କରେ ବିବାହ କଥାଟା ସେ କେବେ ଚିନ୍ତା କରିନାହିଁ । ଭଉଣୀର ମୃତ୍ୟୁ ପରେ ସେ ବିବାହକୁ ମନେମନେ ଭୟ କରିଛି—ପ୍ରକାଶ୍ୟରେ ଘୃଣା କରିଛି । ତା'ଭଳି ଏକ ଅନାଥକୁ ପୁଣି କେଉଁ ଝିଅ ବିବାହ କରିବ ?

ଦୀନବନ୍ଧୁ ପୁଣି କହିଲେ—ତମକୁ ମୁଁ ଚିହ୍ନିଛି । ତମକୁ ଚିହ୍ନିଛି ବୋଲି ନିଜର କରିଛି । ବିବାହ ଭଳି ତମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ମୋର କର୍ତ୍ତବ୍ୟ । ମୋର ଝିଆରୀ ପ୍ରାଚୀପ୍ରଭାକୁ ତମ ହାତରେ ଅର୍ପଣ କରି ମୁଁ ଅନୁପମାର ଦୁଃଖ ଓ ଗ୍ଲାନିକୁ ଭୁଲିଯିବାକୁ ଚାହେଁ । ସେଦିନ ମୁଁ ନୀଳକଣ୍ଠର ସାର୍ଟିଫିକେଟ୍, ଚେହେରା ଆଉ ସମ୍ପତ୍ତିକୁ ତଉଲି ତାକୁ ସତ୍‌ପାତ୍ର ମନେକରି ନିଜର ଏକମାତ୍ର ଝିଅର ହତ୍ୟାକାଣ୍ଡରେ ସମ୍ପୃକ୍ତ ହେଇପଡ଼ିଛି । ଅନୁପମାର ମୃତ୍ୟୁ ପରେ ପ୍ରାଚୀପ୍ରଭାକୁ ମୁଁ ଝିଅ ମନେ କରୁଛି । ତାକୁ ସତ୍‌ପାତ୍ରରେ ଦାନ କଲେ ମୋ ପାପର ପ୍ରାୟଶ୍ଚିତ ହେବ ।

Digitized by srujanika@gmail.com

ଜଗନ୍ନାଥ ଆଘାତ ପାଇଥିଲା । ଜୀବନର ଏ ମଧ୍ୟ ଏକ ମସ୍ତବଡ଼ ଧକ୍କା । ଆଜି ପର୍ଯ୍ୟନ୍ତ ସେ ଭାବିଥିଲା ଦୀନବନ୍ଧୁ ନିସ୍ୱାର୍ଥପର ଭାବରେ ତାକୁ ପାଠ ପଢ଼ାଇ ଶିକ୍ଷିତ କରାଇଛନ୍ତି । କିନ୍ତୁ ଆଜି ବୁଝିପାରିଛି ଦୀନବନ୍ଧୁ ଏବଂ ଚାରୁକଳାଙ୍କର ସ୍ନେହ, ସୋହାଗ, ସାହାଯ୍ୟ ଓ ବଦାନ୍ୟତା ପଛରେ ପ୍ରଚ୍ଛନ୍ନ ଏକ ଉଦ୍ଦେଶ୍ୟ ହିଁ ଥିଲା । ଦେଖି ଚାହିଁ, ଅନୁଧ୍ୟାନ କରି ଜଗନ୍ନାଥକୁ ସତ୍‌ପାତ୍ର କରି ସେ ଗଢୁଥିଲେ ନିଜ ଝିଅରୀ ପ୍ରାଚୀପ୍ରଭାର ପାଣିଗ୍ରହଣ ପାଇଁ ।

ଜଗନ୍ନାଥର ମନରେ ଦୁନିଆ ପ୍ରତି ବିତୃଷ୍ଣା ଭାବ ଜାଗିଉଠିଲା । ଏ ସଂସାରରେ ମଣିଷ ମଣିଷ ଭିତରେ କ'ଣ ନିସ୍ୱାର୍ଥ, ନିଷ୍କାମ ସମ୍ପର୍କ ପ୍ରତିଷ୍ଠା ହେଇପାରିବ ନାହିଁ ? ଏପରି କି ସ୍ୱାମୀ ସ୍ତ୍ରୀର ସମ୍ପର୍କ ମଧ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ, ସ୍ୱାର୍ଥ ଜଡ଼ିତ !

ଦୀନବନ୍ଧୁଙ୍କ ଆଗୁଆ ଯୌତୁକ ନେଇ ସେ ଉଚ୍ଚ ଶିକ୍ଷିତ ହୋଇଛି । ଏବେ ଆଉ ତାଙ୍କ କଥାରୁ ବାହାରି ଯାଇ ସେ ଅକୃତଜ୍ଞ ହେବାକୁ ଚାହେଁନା ।

ପୁରୁଷୋତ୍ତମ ଧାମରେ ଜଗନ୍ନାଥଙ୍କୁ ସାକ୍ଷୀ ରଖି ନିରାଡ଼ମ୍ବର ଭାବେ ପ୍ରାଚୀପ୍ରଭା ସହ ଜଗନ୍ନାଥର ବିବାହ ସମ୍ପନ୍ନ ହୋଇଗଲା । ପାଟ ଶାଢ଼ୀରେ ଆବୃତ ପୁତୁଳିଟିଏ ଆଉଜି ଯାଇଥାଏ ଚାରୁକଳାଙ୍କ କୋଳରେ । ନରମ କଅଁଳ ପଦ୍ମପାଖୁଡ଼ା ପରି ହାତଟିଏ ଜଗନ୍ନାଥର କଠିନ ହାତ ସଙ୍ଗେ ମିଳାଇ ଦେବାବେଳେ ଜଗନ୍ନାଥର ବିଦ୍ରୋହୀ ମନଟା ଅକସ୍ମାତ୍ ଉଷ୍ମ ମଧୁର କୋମଳ ଏକ ଭାବନାରେ ଦ୍ରବୀଭୂତ ହୋଇଯାଇଥିଲା । ସର୍ବମଙ୍ଗଳ ଜଗନ୍ନାଥ ଯେଉଁ ବିବାହର ପୁରୋଧା, ତାକୁ ସ୍ୱୀକାର କରିନେବାରେ ବାଧା କ'ଣ ?

ଚାର୍ଲସର ଅନ୍ତରଙ୍ଗ କଥା କେତେ ପଦ ପ୍ରାଚୀପ୍ରଭାର ମନରେ ପୁଣି ସେଇ ପୁରୁଣା ସ୍ମୃତିକୁ ଜାଗ୍ରତ କରାଇଛି । ନିଜର ବିବାହ, ସ୍ୱାମୀ ମିଳନ ରାତ୍ରୀର କଥା ସ୍ମରଣ କଲେ ପ୍ରାଚୀପ୍ରଭା କେବଳ ଜଗନ୍ନାଥଙ୍କର ଦୁଇଟା ବିଶ୍ୱବ୍ୟାପୀ ଆଖିକୁ ଦେଖେ । ତା ଛଡ଼ା ବିବାହ ସମ୍ବନ୍ଧରେ ତା'ର ଆଉ କିଛି ଭାବପ୍ରବଣତା ରହିବାର ଅବକାଶ ନାହିଁ ।

ତେର ବର୍ଷ କିଶୋରୀ ପ୍ରାଚୀପ୍ରଭା ସେଇ ମାତ୍ର ସ୍କୁଲ ଛାଡ଼ିଥାଏ । ପାଠ ଶେଷ ହେବା ଯୋଗୁଁ ନୁହେଁ—ଏଣିକି ଆଉ ପଢ଼ିବା ପାଇଁ ବାହାରକୁ ଗୋଡ଼ କାଢ଼ିବା ଉଚିତ ନୁହେଁ ବୋଲି ତା'ର ସ୍କୁଲ ଯିବା ବନ୍ଦ ହୋଇଥାଏ । ପ୍ରାଚୀପ୍ରଭାର ଦୁଃଖ କ'ଣ ? ସେ ତ ସ୍ୱପ୍ନ ବିଳାସରେ ଆଉ ପାଞ୍ଚଜଣ ଝିଅଙ୍କ ପରି ବୁଡ଼ିଯାଇଥାଏ ।

ମଉସା ମାଉସୀ, ଭାଇ ଭାଉଜଙ୍କ ସଙ୍ଗେ ଜଗନ୍ନାଥ ଦର୍ଶନ ପାଇଁ ସେ ପୁରୀ ଗଲା । ତା'ପାଇଁ ନୂଆ ଶାଢ଼ୀ, ନୂଆ ଗହଣା କିଣା ହେଇଥାଏ । ପୁରୀରେ ପହଞ୍ଚି ଶୁଣିଲା ତା'ର

Digitized by srujanika@gmail.com

ବାହାଘର । ସ୍ୱାମୀଙ୍କ ନାମ ଜଗନ୍ନାଥ । ମେଧାବୀ, ଭଦ୍ର, ଉତ୍ତମ ଚରିତ୍ରର ଯୁବକ । ବିବାହ ପରେ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ଯିବେ, ଭବିଷ୍ୟତ ଉଜ୍ଜ୍ୱଳ ।

ପ୍ରାଚୀପ୍ରଭା ମାଟିର କଣ୍ଢେଇ । ଅନ୍ୟର ଇଚ୍ଛାରେ ସେ ହସିବ, କାନ୍ଦିବ, ନାଚିବ ନ ହେଲେ ବା ଭାଙ୍ଗିଚୁରି ଚୂନା ହେଇଯିବ । ତା'ର ଆୟତ କ'ଣ ? ଝିଅମାନଙ୍କର ଜୀବନ ତ ଏମିତି ! ଈଶ୍ୱର ଏବଂ ଗୁରୁଜନ ଯାହା କରନ୍ତି ମଙ୍ଗଳ ପାଇଁ । ସର୍ବମଙ୍ଗଳ ଜଗନ୍ନାଥ ନୀତିରେ ବିବାହ ସମ୍ପନ୍ନ ହେଇଗଲା ।

ଓଢ଼ଣା ଫାଙ୍କରେ ପ୍ରାଚୀପ୍ରଭା ଦେଖୁଥିଲା ଜଗନ୍ନାଥଙ୍କର ବିଶ୍ୱବ୍ୟାପୀ ଆଖିଦୁଇଟା ତା'ବିବାହର ସାକ୍ଷୀ ହେଇ ଚାହିଁ ରହିଛନ୍ତି । ପ୍ରାଚୀପ୍ରଭା ଆଖି ବୁଜିଦେଲା ଭୟରେ । ମନେ ମନେ ପ୍ରଭୁଙ୍କୁ ଜଣାଇଲା—ମୁଁ କିଛି ଜାଣେ ନାହିଁ ପ୍ରଭୁ ! ସବୁ ତମରି ଇଚ୍ଛା—

ମିଳନ ଲଗ୍ନରେ ପ୍ରାଚୀପ୍ରଭା ଭୟରେ ଜଡ଼ସଡ଼ ହେଇ ଓଢ଼ଣା ଫାଙ୍କରେ ଦେଖୁ ଥାଏ ତାର ସ୍ୱାମୀ ଜଗନ୍ନାଥଙ୍କୁ । ଶ୍ୟାମଳ ରଙ୍ଗ, ବଳିଷ୍ଠ ଗଢ଼ଣ, ଦୃଢ଼ ନିଷ୍ପତ୍ତିସୂଚକ ମୁଖର ଭାବ । ଅଟଳ, ଅଚଳ ପ୍ରଭୁ ମହାବାହୁଙ୍କ ଭଳି ସେ ଦିଶୁଥାନ୍ତି । ତାଙ୍କୁ କେବଳ ଭକ୍ତି କରିବାପାଇଁ ଇଚ୍ଛା ହେଉଥାଏ—ତା' ସହିତ ମିଶିଥାଏ ଗୋଟାଏ ଅଜଣା ଭୀତିଭାବ ।

ଜୀବନର ସଂଘର୍ଷ ଭିତରେ ଉଠିପଡ଼ି ଜଗନ୍ନାଥ ରୁକ୍ଷ ହେଇଛି । ତଥାପି ହୃଦୟ ଭିତରେ କୋମଳ ନରମ ଅଂଶଟିଏ—ଏ ପର୍ଯ୍ୟନ୍ତ ଯେ ତାର ଅଜାଣତରେ ରହିଯାଇଛି, ସେ କଥା ଏଇ ମୁହୂର୍ତ୍ତରେ ହିଁ ସେ ଅନୁଭବ କରୁଛି ।

ନବବଧୂକୁ ପରମ ଆଦରରେ ପ୍ରଥମ ସମ୍ଭାଷଣ ଜଣାଇ ଆଲିଙ୍ଗନ କରିଥିଲା ଜଗନ୍ନାଥ । ପରମୁହୂର୍ତ୍ତରେ ଚମକି ଉଠି ନୈରାଶ୍ୟ ଆଉ ଘୃଣ୍ୟରେ ସେ ପ୍ରାଚୀପ୍ରଭାର କ୍ଷୀଣ, ଦୁର୍ବଳ ଦେହଟାକୁ ନିଜଠାରୁ ମୁକ୍ତ କରିଦେଇଥିଲା ।

ମନ ଭିତରେ ଅଙ୍କା ହେଇଥିବା କୋଣାର୍କର ମୈଥୁନ ମୂର୍ତ୍ତିଗୁଡ଼ା ବିଦ୍ରୂପରେ ଅଟ୍ଟହାସ୍ୟ କରୁଥିଲେ ଜଗନ୍ନାଥକୁ । ଦୁଃଖ ଓ ଲଜ୍ଜାରେ ଜଗନ୍ନାଥ ମ୍ଳାନ ହେଇଯାଇ ପଚାରିଲା – ତମର ବୟସ କେତେ—

ସରଳ କଣ୍ଠରେ ପ୍ରାଚୀପ୍ରଭା ଉତ୍ତର ଦେଲା—ପନ୍ଦର ।

—ଛି ତମେ ଛୋଟ ପିଲା ବୋଲି ଜାଣିଥିଲେ ମୁଁ ତମକୁ ସ୍ପର୍ଶ କରିନଥାନ୍ତି । ତମର ମଉସା କହିଥିଲେ ତମ ବୟସ ଅଠର । ମୋର ବୟସ ଅଠେଇଶ । କ୍ଷମାକର ପ୍ରାଚୀ—ମୁଁ ତମ ଉପରେ ଅତ୍ୟାଚାର କରିବା ପାଇଁ ଲଜ୍ଜାବୋଧ କରେ । ଶୋଇପଡ଼, ତମେ କ୍ଲାନ୍ତ ହେଇଛ । ମୁଁ ବାହାରେ ଶୋଇବି । ଘର ଭିତରେ ଅସହ୍ୟ ଗରମ । ମୋର ଶ୍ୱାସ ରୁଦ୍ଧ ହେଇଯାଉଛି ।

Digitized by srujanika@gmail.com

ସ୍ୱାମୀଙ୍କ କଥା ପ୍ରାଚୀପ୍ରଭା ସେଦିନ କିଛି ବୁଝିପାରିନଥିଲା । ସେ ସତକୁ ସତ କ୍ଲାନ୍ତ ହେଇଥିଲା । ସୁଖ ନିଦ୍ରାରେ ଶୋଇପଡ଼ିଲା ସଙ୍ଗେ ସଙ୍ଗେ । ବାହାରେ ଜଗନ୍ନାଥ ଦୀନବନ୍ଧୁଙ୍କର ସମସ୍ତ ବଦାନ୍ୟତାକୁ ପଦାଘାତ କରି ଘନ ଦୀର୍ଘଶ୍ୱାସ ଛାଡୁଥିଲା ।

ତା'ପରଦିନ ସକାଳେ ଜଗନ୍ନାଥର ଚିହ୍ନ ବର୍ଣ୍ଣ ନଥିଲା ଗାଁରେ । ସେ ନିରୁଦ୍ଦିଷ୍ଟ ହେଇଥିଲା ।

ଚିଠି ଖଣ୍ଡେ ପଡ଼ିଥିଲା ପ୍ରାଚୀପ୍ରଭାର ଶଯ୍ୟାଧାରରେ । ଲେଖାଥିଲା—ନାରୀ ପୁରୁଷର ମିଳନରେ ଏ ପୃଥିବୀ ସୃଷ୍ଟିଶୀଳ, ସୁନ୍ଦର, ନିତ୍ୟ ନୂତନ । କିନ୍ତୁ ସେ ମିଳନର ଅର୍ଥ ନୁହେଁ କାମବାସନାର ପରିତୃପ୍ତି ଓ ବଳାତ୍କାର । ପ୍ରାଚୀପ୍ରଭା—ସତ୍‌ପାତ୍ରର ସଂଜ୍ଞା ଭିତରେ ପୁରୁଷର ବୟସ ତମ ମଉସାଙ୍କ ଦୃଷ୍ଟିରେ ଅତି ଗୌଣ ହେଇଯାଉଛି । ଯଦି ମୁଁ ତମ ପାଖରେ ରହେ ତେବେ ପୁରୁଷର ଉଗ୍ର କାମନାରେ ଜର୍ଜରିତ ହେଇ ମୁଁ ପଶୁ ପାଲଟିଯିବି । ମୁଁ ପଶୁ ହେବାକୁ ଚାହେଁନା—କୋଣାର୍କ ମତେ ଶିଖାଇଛି ନିଷ୍ଠା ଓ ସଞ୍ଜମ । ସେଥିପାଇଁ ତମକୁ ଛାଡ଼ି ଯାଉଛି । ତମର ବିବାହ ବୟସ ହୋଇନାହିଁ । ତମକୁ ବିବାହ କରି ମୁଁ ଏକ ଅପରାଧ କରିଛି । ତେଣୁ ଏ ବିବାହକୁ ତମେ ଅସ୍ୱୀକାର କରିପାର । ଯଦି ବା କେବେ ସ୍ୱୀକାର କର, ସେତେବେଳକୁ ମୁଁ ହେଇଥିବି ପ୍ରୌଢ଼, ବୟସ୍କ । ସେ ବୟସରେ ବିବାହର ଆବଶ୍ୟକତା କେବଳ ମାନସିକ, ଆତ୍ମୀକ । ପ୍ରାଚୀପ୍ରଭା—ନାରୀଜାତି ପ୍ରତି ସାମାଜିକ ଅବିଚାରର ପ୍ରତିରୋଧ କର—ନିଜକୁ ନିଜେ ପ୍ରତିଷ୍ଠିତ କର । ତା'ହେଲେ ମୋ ଭଉଣୀର ଆତ୍ମା ବି ଶାନ୍ତି ପାଇବ । ମୁଁ ଯାଉଛି ନିସ୍ୱାର୍ଥ, ନିଷ୍କାମ, ମାନବିକ ସମ୍ପର୍କ ପ୍ରତିଷ୍ଠାର ପଥ ଖୋଜି ଖୋଜି । ଯଦି ସେ ପଥର ସନ୍ଧାନ ପାଏ, ତେବେ ଫେରିଆସିବି ତମ ସହ ନିଷ୍କାମ ମାନବିକ ସମ୍ପର୍କ ପ୍ରତିଷ୍ଠା କରିବାପାଇଁ । ମୈତ୍ରୀ ଦେବତା ଜଗନ୍ନାଥଙ୍କର ତାହାହିଁ ତ ବିଶ୍ୱବାସୀଙ୍କୁ ସନ୍ଦେଶ । ସେଇ ସନ୍ଦେଶ ନେଇ ମୁଁ ପାତାଳରୁ ପୃଥିବୀ ଆଡ଼କୁ ପାଦ ବଢ଼ାଉଛି—ଅନିଚ୍ଛାକୃତ ଅପରାଧ ମାର୍ଜନା କରିବ ।

ବିଦାୟ

ତମର ଶୁଭାକାଂକ୍ଷୀ
ଜଗନ୍ନାଥ

ଚିଠିଟା ଅନେକ ଥର ପଢ଼ିଥିଲା ପ୍ରାଚୀପ୍ରଭା । କିଛି ବୁଝିପାରିନଥିଲା ସେତେବେଳେ । ଯେତେବେଳେ ବୁଝିପାରିଲା ଜଗନ୍ନାଥ ପ୍ରତି ଶ୍ରଦ୍ଧା ଓ ସମ୍ଭ୍ରମରେ ମନ କୋମଳ ହୋଇଗଲା । ଆତ୍ମା ଭରପୂର ହେଇଗଲା । ଜଗନ୍ନାଥ ପଶୁ ନୁହେଁ—ପୁରୁଷ, ସୁପୁରୁଷ ଏତିକି ତା'ର ଦୃଢ଼ ଧାରଣା ହେଇଥିଲା ।

Digitized by srujanika@gmail.com

ତା'ପରଠୁ ସେ ନିଜକୁ ପ୍ରତିଷ୍ଠା କରିବା ପାଇଁ ଦୃଢ଼ ସଂକଳ୍ପ ହେଉଛି । ମାଉସୀ ମଉସାଙ୍କୁ ଦୋଷ ଦେଇନାହିଁ । ଜଗନ୍ନାଥ ଭଳି ସତ୍‌ପାତ୍ର ହାତରେ ପ୍ରାଚୀପ୍ରଭାକୁ ତୋଳିଦେବା ପାଇଁ ବୟସ ପ୍ରତି ଆଖିବୁଜିଦେବା ମଉସାଙ୍କର ସ୍ନେହପ୍ରବଣ ହୃଦୟର ନମୂନା ବ୍ୟତୀତ ଅନ୍ୟ କ'ଣ ହେଇପାରେ !

କେହି କେହି କହନ୍ତି ଜଗନ୍ନାଥ ସଂସାରୀ ହୋଇଛି – କେହି କେହି ସେ ହେଇଛି ବ୍ରହ୍ମଚାରୀ, ସନ୍ନ୍ୟାସୀ । ବୁଲି ବୁଲି ବିଶ୍ୱ ମୈତ୍ରୀ, ଶାନ୍ତି, ସହାବସ୍ଥାନ, ସମନ୍ୱୟ ଏବଂ ସଂହତିର ବାଣୀ ପ୍ରଚାର କରି ବୁଲୁଛି । ଭାରତର ଆତ୍ମାକୁ ଚିହ୍ନାଉଛି ବିଶ୍ୱସାରା—ଜଗନ୍ନାଥ ବାଣୀ ମାଧ୍ୟମରେ । ନିଜ ସ୍ୱାମୀ ଜଗନ୍ନାଥ ସମ୍ପର୍କରେ ପ୍ରାଚୀପ୍ରଭା ନୀରବ, ନିର୍ବିଚଳ । ସେ ଜଗନ୍ନାଥ ଉପେକ୍ଷା କରେ କି ଅପେକ୍ଷା କରେ ବୁଝିବା କଷ୍ଟକର । ପନ୍ଦର ବର୍ଷ ଭିତରେ ଜଗନ୍ନାଥର ସନ୍ଦେହ ଯେତିକି ମିଳିଛି ସବୁ କିଛି ବିଭ୍ରାନ୍ତିକର, ନୈରାଶ୍ୟଜନକ । ଜଟାଝୁଟାଧାରୀ ସନ୍ନ୍ୟାସୀ ଜଗନ୍ନାଥ ବିଶ୍ୱ ପରିକ୍ରମା କରି ମୁକ୍ତିର ସନ୍ଦେଶ ବିତରୁଛି । ଦୀନେଶ ଆମେରିକାରୁ ଚିଠି ଲେଖିଥିଲା । ସ୍ୱାମୀ ଜଗନ୍ନାଥ ବ୍ରହ୍ମଚାରୀ ସେଠାରେ ମହାତ୍ମା ଭାବରେ ସର୍ବଜନ ଆଦୃତ ହୋଇଛନ୍ତି । ସେ ଭାରତୀୟ, କିନ୍ତୁ ଓଡ଼ିଶାର କି ନୁହେଁ କହିହୁଏନା । ସବୁ ଭାଷାକୁ ସେ ମାତୃଭାଷା ଭଳି ପ୍ରାଞ୍ଜଳ, ନିର୍ଭୁଲ ଭାବେ କହନ୍ତି । ପଚାରିଲେ କହନ୍ତି—ପୃଥିବୀ ମୋର ମାତୃଭୂମି, ଜାତିରେ ମୁଁ ମଣିଷ । ପିତା ମାତା ଈଶ୍ୱର । ବନ୍ଧୁ, ସଖା, ଜ୍ଞାତି, କୁଟୁମ୍ବ ପୃଥିବୀର ଜୀବଜନ୍ତୁ କୀଟପତଙ୍ଗ । ସେ ସ୍ଥାୟୀ ଆଶ୍ରମ ପ୍ରତିଷ୍ଠା କରିନାହାନ୍ତି । ଯାଯାବର ଭଳି ଦେଶ ଦେଶ ବୁଲନ୍ତି । ସବୁ ଧର୍ମ ଉପରେ ସେ ଅଗାଧ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଦେଇ ପ୍ରଶଂସିତ ହୁଅନ୍ତି । ଠିକଣା ମାଗିଲେ କହନ୍ତି—ଯେତେବେଳେ ଯେଉଁଠି ଥାଏ ସେଇ ମୋର ଠିକଣା ।

ଯଦି ପ୍ରାଚୀପ୍ରଭାର ସ୍ୱାମୀ ସେଇ ଏବଂ କେବେ ଯଦି ସେ ଓଡ଼ିଶା ଫେରନ୍ତି, ତେବେ ପ୍ରାଚୀପ୍ରଭା ତାଙ୍କୁ କି ଭାବରେ ଗ୍ରହଣ କରିବ ? ପ୍ରାଚୀପ୍ରଭାକୁ ସେ କି ସନ୍ଦେଶ ଦେବେ ?

ଦୀନବନ୍ଧୁ ଏବଂ ଚାରୁକଳା ପ୍ରାଚୀପ୍ରଭା ପାଇଁ ମନେ ମନେ ନିଜକୁ ଅପରାଧ ମଣି କ୍ଷୀଣ ହୁଅନ୍ତି ।

ପ୍ରାଚୀପ୍ରଭା କିନ୍ତୁ ନିର୍ବିକାର । ଚାର୍ଲସର ମନେହୁଏ ସେ ଯେମିତି କୋଣାର୍କର ସେଇ ପ୍ରତୀକ୍ଷମାଣ ମୂର୍ତ୍ତିକଳାରୁ ଗୋଟିଏ । ସେଦିନର ଚନ୍ଦ୍ରଭାଗା ଆଉ ସ୍ୱୟଂଚାଳିତ ଯନ୍ତ୍ରଯୁଗର ପ୍ରାଚୀପ୍ରଭା ଭିତରେ କିଛି ତଫାତ୍ ଖୋଜିପାଏ ନାହିଁ ଚାର୍ଲସ । ସେ ଭାବେ ଭାରତର ଭୂଗୋଳ ବଦଳିଛି – ଇତିହାସ ବଦଳି ନାହିଁ । ଭାରତର ରୂପ ବଦଳିଛି, ଆତ୍ମା ବଦଳି ନାହିଁ । ଚନ୍ଦ୍ରଭାଗା ଅବା ପ୍ରାଚୀପ୍ରଭା ହେଇ ଜନ୍ମ ନେଇଛି ।

Digitized by srujanika@gmail.com

—ତେର—

ମାଘ ଶୁକ୍ଳ ସପ୍ତମୀ । ସୂର୍ଯ୍ୟଦେବଙ୍କର ଜନ୍ମ ବାସର । ଚନ୍ଦ୍ରଭାଗା ତୀର୍ଥରେ ମାଘସ୍ନାନ କଲେ ସର୍ବପାପର ପ୍ରକ୍ଷାଳନ ହୁଏ । ଚନ୍ଦ୍ରଭାଗା ମେଳାରେ ଅଗଣିତ ଯାତ୍ରୀଙ୍କର ସମାଗତ ହୋଇଛି । ଭାରତର ବିଭିନ୍ନ ଅଞ୍ଚଳରୁ ଏବଂ ବିଦେଶରୁ ମଧ୍ୟ ଅନେକ ଭକ୍ତ, ତୀର୍ଥଯାତ୍ରୀ, ପର୍ଯ୍ୟଟକ ମେଳାରେ ଯୋଗ ଦେଇଛନ୍ତି ।

ମେଳା ସ୍ଥାନକୁ ଈଶ୍ୱାନେଶ୍ୱର, ତ୍ରିବେଣୀଶ୍ୱର ଏବଂ ଦକ୍ଷିଣେଶ୍ୱର ବିଜେ କରିଛନ୍ତି । ଦୋକାନ ବଜାର ବସିଛି । କୋଣାର୍କ ବେଢ଼ାର ନିର୍ଜନତା ଭଙ୍ଗ ହେଉଛି ଯାତ୍ରୀଙ୍କ କୋଳାହଳରେ । କିନ୍ତୁ କୋଣାର୍କର ମୌନତା ଭଙ୍ଗ ହୋଇନାହିଁ ।

ମାଘ ରାତ୍ରିର ହାଡ଼ଭଙ୍ଗା ଶୀତରେ ଆବାକ ବୃଦ୍ଧ ବନିତା ମୁକ୍ତାକାଶ ତଳେ ପଡ଼ିରହିଛନ୍ତି ସୂର୍ଯ୍ୟଦେବଙ୍କ ପ୍ରତୀକ୍ଷାରେ । କାଉଁରିଆ, ହରଡ଼ ଝାଟି ଜାଳି ନିଆଁ ପୋହୁଛନ୍ତି କେହି କେହି । ବହୁ ପ୍ରତୀକ୍ଷାରେ ଉଜାଗର ରାତ୍ରୀ ଧୀରେ ଧୀରେ ପାହି ଅସୁଛି ।

ଜୀବନର ଏଇ ମହାର୍ଘ ଅନୁଭୂତିକୁ ଚାର୍ଲସ ପ୍ରାଣଭରି ଆତ୍ମସ୍ଥ କରୁଛି । ସଞ୍ଚୟ କରୁଛି ସ୍ମୃତିର ଗନ୍ତାଘର ।

ରାତ୍ରି ପାହି ଆସୁଛି । ଭଜନ କୀର୍ତ୍ତନରେ ସାଗରବେଳା ମୁଖରିତ ହେଉଛି । ବିଜେ ହୋଇଥିବା ଠାକୁରମାନଙ୍କୁ ତୀର୍ଥ ଜଳରେ ସ୍ନାନ କରାଇ ଦିଆହେଇଛି । ତା ପରେ ଯାତ୍ରୀମାନେ ତୀର୍ଥରେ ସ୍ନାନ କରିଛନ୍ତି ।

ପବିତ୍ର ମନ୍ତ୍ରୋଚ୍ଚାରଣରେ ସାଗରର ଜଳରାଶି ଉଦ୍‌ବେଳି ଉଠୁଛି ଭକ୍ତି ଭାବରେ ସୂର୍ଯ୍ୟଦେବଙ୍କୁ ଆଲିଙ୍ଗନ କରିବା ପାଇଁ ।

''ଜନନୀ ସର୍ବଭୂତାନାଂ ସପ୍ତମୀ ସୁପ୍ତିକେ,
ସର୍ବ ବ୍ୟହୃତିକେ ଦେବୀ ନମସ୍ତେ ରବି ମଣ୍ଡଳେ ।''

ଦୀନବନ୍ଧୁ ମନ୍ତ୍ରୋଚ୍ଚାରଣ ପୂର୍ବକ ସ୍ନାନ କରୁଛନ୍ତି । ତାଙ୍କ ସଙ୍ଗେ ମନ୍ତ୍ରୋଚ୍ଚାରଣ କରୁଛି ଚାର୍ଲସ । ଚାରୁକଳା ଏବଂ ପ୍ରାଚୀ ସ୍ନାନପର୍ବ ଶେଷ କଲେଣି । ଅଗଣିତ ଭକ୍ତଜନଙ୍କ ଭିତରେ ଯାଯାବର ଚାର୍ଲସ ମଧ୍ୟ ମିଶିଯାଇଛି । ନିଜର ସତ୍ତା ସେ ହରାଇଛି । ତା'ର କୌଣସି ଜାତି ଧର୍ମ ବର୍ଣ୍ଣ ନାହିଁ । ସେ ମଣିଷଟିଏ । ସାରା ପୃଥିବୀକୁ ସମାନ ଆଖିରେ ଦେଖୁଥିବା ଧର୍ମଦେବତା ସୂର୍ଯ୍ୟଦେବଙ୍କର ଉପାସକ । ସୂର୍ଯ୍ୟ ମାନବ ଧର୍ମର ପ୍ରତୀକ । ସାତଶହ ବର୍ଷ ତଳେ ଦିଗ୍‌ବିଜୟୀ ରାଜା, ଭକ୍ତ ନରସିଂହ ମାନବଧର୍ମ ପ୍ରତିଷ୍ଠାର ଭିତ୍ତି ପ୍ରସ୍ତର ଦେଇଯାଇଛନ୍ତି । କୋଣାର୍କ ମାନବ ଧର୍ମର ମୁଖଶାକା । ଆଜି କୋଣାର୍କ ଆଉରି ମହନୀୟ ଦିଶୁଛି ଚାର୍ଲସର ଆଖିକୁ । ଆଜି ବୋଧହୁଏ କୋଣାର୍କର ପ୍ରକୃତ ଅର୍ଥ ସେ ବୁଝିଛି ।

Digitized by srujanika@gmail.com

ପୂର୍ବ ଦିଗ୍‌ବଳୟ ଲୋହିତବର୍ଣ୍ଣ ଧାରଣ କଲାଣି । ଅସଂଖ୍ୟ ଉତ୍ସୁକଭରା ଆଖି ଲୋହିତ ଆକାଶର ପ୍ରାନ୍ତରେ ନିବଦ୍ଧ । ନୀଳ ସାଗରର ଅନନ୍ତ ଜଳରାଶି ମଧ୍ୟରୁ ଲାଲ୍ ବର୍ଣ୍ଣର ଜଳନ୍ତା ଅଗ୍ନିପିଣ୍ଡଟିଏ ଧୀରେ ଧୀରେ ଉଠିଆସୁଛି । ଅସଂଖ୍ୟ ହୃଦୟ ଭିତରୁ ଉଠିଆସୁଛି ଭାବୋଚ୍ଛ୍ୱାସର ଉଦ୍‌ବେଳ ତରଙ୍ଗ । ହରିବୋଲ ହୁଳିହୁଳି ଧ୍ୱନିରେ ସାଗର ପ୍ରକମ୍ପିତ ହେଉଛି । ସମଗ୍ର ଜନତାକୁ ବିସ୍ମୟାଭିଭୂତ କରି ଅକସ୍ମାତ୍ ଲାଲ୍ ପେଣ୍ଡୁଟି ସାଗର ଗର୍ଭରୁ ଏକା ଲମ୍ଫକେ କୌତୁକ ଆମୋଦରେ ଡେଇଁପଡ଼ିଲା ଆକାଶ ମାର୍ଗକୁ । ଚପଳ ବାଳସୂର୍ଯ୍ୟଙ୍କୁ ଉଦାର ଅନନ୍ତ ଆକାଶ କୋମଳ ବାହୁ ପ୍ରସାରି କୋଳାଗ୍ରତ କରିନେଲା — ଆପଣା ବୁକୁରେ ଜଡ଼ାଇନେଲା । ଟହ ଟହ ହସୁଥାନ୍ତି ସୂର୍ଯ୍ୟଦେବ ।

ଅବର୍ଣ୍ଣନୀୟ ଚନ୍ଦ୍ରଭାଗାର ସୂର୍ଯ୍ୟୋଦୟ । ଚାର୍ଲସ ମନ୍ତ୍ରମୁଗ୍ଧ ହେଇ ମନର କାନ୍‌ଭାସ୍‌ରେ ଆଙ୍କି ରଖୁଥାଏ ନେଇ ଅପୂର୍ବ ସୂର୍ଯ୍ୟୋଦୟର ଦୃଶ୍ୟକୁ । ଭାବୁଥାଏ— କୋଣାର୍କର ପ୍ରତିଟି ଅନୁଭୂତି ଅବର୍ଣ୍ଣନୀୟ, ଅଭାବିତ, ଅପୂର୍ବ ।

ସୂର୍ଯ୍ୟୋଦୟ ପରେ ସୂର୍ଯ୍ୟ ଉପାସନା ଶେଷ କରି ଯାତ୍ରୀମାନେ କୋଣାର୍କ ଫେରି ଯାଉଥାନ୍ତି । ଚାର୍ଲସ, ପ୍ରାଚୀପ୍ରଭା, ଦୀନବନ୍ଧୁ ଏବଂ ଚାରୁକଳା ଫେରୁଥା'ନ୍ତି ।

ସଦ୍ୟସ୍ନାତା ପ୍ରାଚୀପ୍ରଭା କୋମଳ ମୁଖଟି ଲୋହିତ ସୂର୍ଯ୍ୟର ଆଭାରେ ଅତ୍ୟନ୍ତ ମନୋରମ ଆଉ ପବିତ୍ର ମନେ ହେଉଥାଏ । ଚାର୍ଲସ ଭାବୁଥାଏ ପ୍ରାଚୀପ୍ରଭା ଦୂର ଆକାଶର ନକ୍ଷତ୍ରଟିଏ । ପୃଥିବୀରେ ଥାଇ ତାକୁ କେବଳ ଚାହିଁ ରହିବାରେ ହିଁ ଆନନ୍ଦ ମିଳେ —

ଚାର୍ଲସ ନୀରବତା ଭଙ୍ଗ କରି କହିଲା — ତମେ ପୁଣ୍ଡ ହେଲଣି । ପୋଥିର ଆଉ ତିନି ଅଧ୍ୟାୟ ବାକି । ଚନ୍ଦ୍ରଭାଗାର ଶେଷ ପରିଣତି ଦେଖିବା ପାଇଁ ଆଗ୍ରହ ବଢୁଛି । ଚିତ୍ରୋତ୍‌ପଳାର ବିବାହ ଆଉ କୋଡ଼ିଏ ଦିନ ବାକି । ଏଇ ଦୁଇଟି କାର୍ଯ୍ୟ ଶେଷ କରି ପୁରୀ ଚାଲିଯିବି । କିଛିଦିନ ପୁରୀରେ ରହି ଶ୍ରୀଗୁଣ୍ଡିଚା ଯାତ୍ରାରେ ପତିତପାବନଙ୍କୁ ଦର୍ଶନ କରିବା ପରେ ଇଣ୍ଡିଆରୁ ମୋର କାର୍ଯ୍ୟ ଶେଷ ହେବ । ରଥଯାତ୍ରା ସମୟରେ ଅନେକ ସାଧୁସନ୍ଥ ପୁରୀକୁ ଆସନ୍ତି । ଯଦି ତମର ସ୍ୱାମୀ ସେତେବେଳେ ଆସନ୍ତି ତେବେ ତାଙ୍କର ଦର୍ଶନ ଲାଭ କରି ଧନ୍ୟ ହେବି ।

ପ୍ରାଚୀ ନିର୍ବିକାର କଣ୍ଠରେ କହିଲା — ପନ୍ଦରବର୍ଷ ଧରି ମଉସା ମାଉସୀ ନିୟମ କଲା ପରି ରଥାଯାତ୍ରାକୁ ପୁରୀ ଯାନ୍ତି । ଅନେକ ସାଧୁସନ୍ଥଙ୍କୁ ଭେଟନ୍ତି । ମୋ ସ୍ୱାମୀଙ୍କ କଥା ପଚାରନ୍ତି । ନିରାଶ ହେଇ ଫେରନ୍ତି । ତାଙ୍କର ବିଶ୍ୱାସ ଦିନେ ନା ଦିନେ ସେ ଫେରିବେ । ଜଗନ୍ନାଥଙ୍କୁ ଫାଙ୍କିଦେଇ ସେ କେତେଦିନ ବା କେଉଁଠି ରହିବେ !

— ତମର ବି ସେଇ ବିଶ୍ୱାସ ? ଚାର୍ଲସ ଆସ୍ତେ ପଚାରିଲା ।

Digitized by srujanika@gmail.com

— ସେଇ ବିଶ୍ୱାସରେ ହିଁ ଏତେଦିନ ଯାଏ ମୁଁ ନିଜକୁ ଠିକ୍ ରଖିପାରିଛି — ବଞ୍ଚି ରହିଛି । ସେତିକି ନଥିଲେ ଲିଲିଆନ୍ ଭଳି ମୁଁ କେଉଁଠି କେତେବେଳେ ଭାଙ୍ଗିରୁଜି ମାଟିରେ ମିଶନ୍ତିଣି । ମଣିଷ ମନ ତ ! ପ୍ରାଚୀ ହସିଲା ।

ଚାର୍ଲସ ଭାବିଲା କେତେ ସଂକ୍ଷେପରେ, କେତେ ଅବିଚଳ ଭାବେ ମଣିଷ ଜୀବନର ଗୋଟାଏ ନିଷ୍ଠୁର ସତ୍ୟ ସହ ସାମାଜିକ ନୀତି, ନିୟମର ସଂଘର୍ଷ କଥା ପ୍ରକାଶ କରିଦେଲା ପ୍ରାଚୀ । ପ୍ରାଚୀ ବି ମଣିଷ — ତାର ଶରୀର ଅଛି, ଆତ୍ମା ଅଛି, ବିବେକ ଅଛି । ଅହରହ, ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରି ସେ ବଞ୍ଚିରହିଛି । କିନ୍ତୁ ଏ ସଂଘର୍ଷର ମୂଲ୍ୟ କ'ଣ ? ପ୍ରାଚୀ ଜୀବନର ଶେଷ କଥା କ'ଣ ?

ଚାର୍ଲସ ସ୍ଥିର କଣ୍ଠରେ କହିଲା — ପ୍ରାଚୀପ୍ରଭା, ମୁଁ ବୁଝେ କାମନାର ଚରମ ତୃପ୍ତିରେ ଦୁଃଖର ବିନାଶ ହୁଏ, ଆତ୍ମାର ମୋକ୍ଷ ହୁଏ — ନିର୍ବାଣ ଲାଭ ହୁଏ । ପୃଥିବୀରେ କିଛି ଆଶା ଅତୃପ୍ତି ରହିଗଲେ ବାରମ୍ବାର ପାପର ପୃଥିବୀକୁ ଫେରି ଆସିବାକୁ ହୁଏ । ମୋର ବିଶ୍ୱାସ ଲିଲିଆନ୍ ନିର୍ବାଣ ଲାଭ କରିଛି ।

ପ୍ରାଚୀପ୍ରଭା ତୀର୍ଯ୍ୟକ ଦୃଷ୍ଟିରେ ଚାର୍ଲସକୁ ଚାହିଁଲା । ଚାର୍ଲସର ମୁହଁଟା ଗୋଲାପି ଦିଶୁଛି । କେତେ ଅତୃପ୍ତ କାମନା ବାସନାର ଚିତ୍ର ଫୁଟିଉଠୁଛି ତାର ମୁହଁର ତ୍ୱକ୍‌ରେ । ପ୍ରାଚୀ ଆଗେଇ ଯାଉ ଯାଉ କହିଲା — ଚାର୍ଲସ, କାମନାର ଚରମ ପରିତୃପ୍ତିର ଅର୍ଥ ସମ୍ପୂର୍ଣତା ନୁହେଁ । ସମ୍ପୂର୍ଣତା ସମ୍ଭୋଗରେ ନଥାଏ । ସମର୍ପଣରେ ଥାଏ । ସଂସାରରେ ସମ୍ପୂର୍ଣ ପରିତୃପ୍ତ ମଣିଷଟିଏ ଖୋଜିଆଣି ପାରିବ ? ଜୀବନର ଚରମ ସୁଖକୁ ଖୋଜୁ ଖୋଜୁ ଅପୂର୍ଣତାର ହାହାକାରରେ ଲିଲିଆନ୍‌ର ଆତ୍ମା ଛଟପଟ କରୁଥିବ । ଟିକିଏ ସମ୍ବେଦନ ନେଇ ଲିଲିଆନ୍‌ର ବିଦେହୀ ଆତ୍ମାକୁ ସ୍ପର୍ଶ କର । ଦେଖିବ ସେ କେଡ଼େ ଦୁଃଖୀ — କେଡ଼େ ଅତୃପ୍ତ ।

ପ୍ରାଚୀପ୍ରଭା ଚାର୍ଲସକୁ ପଛରେ ପକାଇ ଆଗେଇଲା । ଚାର୍ଲସ ଜାଣିଜାଣି ପଛେଇ ଯାଇଥାଏ । ପ୍ରାଚୀପ୍ରଭା ଏବଂ ଚାର୍ଲସ ଭିତରେ ବ୍ୟବଧାନ ବଢୁଥାଏ ।

କିଛିବାଟ ଯାଇ ପ୍ରାଚୀପ୍ରଭା ନିସ୍ତବ୍ଧ ହେଇ ଠିଆହେଲା । ଚନ୍ଦ୍ରଭାଗାଠାରୁ କୋଣାର୍କ ଯାଏ ସଳଖ ରାସ୍ତାର ଧାରେ ଧାରେ ଝାଉଁଗଛ ଘଞ୍ଚ ହୋଇ ଆସୁଛି । ତାହାଣପଟ ରାସ୍ତାଧାରରେ ଝାଉଁବଣର ଅନ୍ତ ଭିତରକୁ ବହୁଲୋକ ଜମିଛନ୍ତି । ଫେରନ୍ତି ଯାତ୍ରୀମାନେ ବାଟଭାଙ୍ଗି ସେଇଠି ରୁଣ୍ଠ ହେଉଛନ୍ତି । କୋଣାର୍କ ଗୁରୁଗମ୍ଭୀର ଭଙ୍ଗୀରେ ଅଦୂରରେ ଠିଆ ହେଇ ସବୁ ଦେଖୁଛି । ଚାର୍ଲସ ଭାବିଲା ସେ ମଧ୍ୟ କିଛି ଗୋଟାଏ ତୀର୍ଥସ୍ଥଳ ହେଇଥିବ । ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ ସାରି, ସୂର୍ଯ୍ୟୋଦୟ ଦର୍ଶନ କରି ଫେରନ୍ତି ବାଟରେ ଆଉ କିଛି

Digitized by srujanika@gmail.com

ପୂଣ୍ୟ ସାଉଁଟି ନେବାପାଇଁ ସେଠି ପହଞ୍ଚିବାକୁ ହେବ । ଦର୍ଶନ କରିବାକୁ ହେବ ସେଇ ତୀର୍ଥସ୍ଥଳର ପବିତ୍ର ଦୃଶ୍ୟ ।

ଗୋଟାଏ ବିମର୍ଷ ନୀରବତା ଛାଇଯାଇଛି ଦର୍ଶକଙ୍କ ଭିତରେ । କେତେକ ବୟସ୍କ ତୀର୍ଥଯାତ୍ରୀ ରାମ ରାମ ଉଚ୍ଚାରଣ କରି ଆଖି ବନ୍ଦକରି ମୁହଁ ଫେରାଇ. ଚାଲିଆସୁଛନ୍ତି । ପ୍ରାଚୀପ୍ରଭା ଜଣକୁ ପଚାରିଲା — କ'ଣ ହେଇଛି ?

— ଘୋର କଳିକାଳ ଘୋର କଳିକାଳ କହି ଯାତ୍ରୀଟି ମୁହଁ ଫେରାଇନେଲା ।

ପୋଲିସ ଭ୍ୟାନ୍‌ଟି ଆସି ଅଟକିଲା । କେତେଜଣ ପୋଲିସ୍ ଅଫିସର ଓହ୍ଲେଇଲେ ଗାଡ଼ିରୁ । ଭିଡ଼ ଦୁଇଭାଗ ହୋଇଗଲା । ପ୍ରାଚୀପ୍ରଭା ଏବଂ ଚାର୍ଲସ କୌତୂହଳବଶତଃ ପୋଲିସ୍‌ଙ୍କ ପଛେ ପଛେ କିଛି ବାଟ ଆଗେଇ ଯାଇ ସ୍ତବ୍ଧ ହୋଇ ଠିଆହେଲେ ।

ଝାଉଁବଣ ଭିତରେ ବିପର୍ଯ୍ୟସ୍ତ ହେଇପଡ଼ିଛି ଚିତ୍ରୋତ୍ପଳାର କ୍ଷତ ବିକ୍ଷତ ଉଲଗ୍ନ ଶବ । ଚିତ୍ରୋତ୍ପଳାର ଶାଢ଼ୀଟା ପଡ଼ିଛି କିଛି ଦୂରରେ । ଶାଢ଼ୀ କାନିରେ ଚିତ୍ରୋତ୍ପଳାର ଅର୍ଜିତ ଫୁଲବିକ୍ରି ପଇସାର ପୁଡ଼ାଟି ନାହିଁ — ଚିତ୍ରୋତ୍ପଳାର ପାଦର ପାଉଁଜି, ହାତର ରୂପା ଚୁଡ଼ି, ନାକର ସୁନା ମାଛିଟି ମଧ୍ୟ ନାହିଁ । ଚିତ୍ରୋତ୍ପଳାର ନାକର ନରମ ପଳିଟି ଛିଡ଼ିଯାଇ ଗାଢ଼ ରକ୍ତ ଜମାଟ ବାନ୍ଧିଛି । ଚିତ୍ରୋତ୍ପଳାର ସର୍ବାଙ୍ଗରେ ହିଂସ୍ର ଆଦିମତାର ଉତ୍କଟ ଆଲେଖ୍ୟ ବିଭତ୍ସ ଚିତ୍ର ହେଇ ଫୁଟିଉଠିଛି ।

— ଧର୍ଷଣ ଏବଂ ହତ୍ୟା — ତା'ପରେ ଚୋରୀ । ପୋଲିସ ଅଫିସର ଏହାହିଁ ସନ୍ଦେହ ପ୍ରକାଶ କରୁଥିଲେ । ଚିତ୍ରୋତ୍ପଳା ଫୁଲ ବିକ୍ରିସାରି ଘରକୁ ଫେରିଯିବା ବାଟରେ ଦୁର୍ବୃତ୍ତମାନଙ୍କର ଶିକାର ହେଇଛି । ନିଜକୁ ବଞ୍ଚାଇବା ପାଇଁ ଖୁବ୍ ଲଢ଼ିଛି ବିଚାରୀ । କେତେଜଣଙ୍କର ଜୋତା ଚିହ୍ନ ତେବେ ବି ସ୍ପଷ୍ଟ ହେଇ ଦିଶୁଥାଏ ।

ପ୍ରାଚୀପ୍ରଭା ନିସ୍ତେଜ, ଥଣ୍ଡା ହାତଟାକୁ ଧରିନେଲା ଚାର୍ଲସ । ପ୍ରାଚୀପ୍ରଭାର ସ୍ଥିର ଆଖି ଡୋଳା ଦୁଇଟା ମେଘାଚ୍ଛନ୍ନ ହୋଇ ଆସୁଥିଲା । 'ହେ ଭଗବାନ୍' — ଅସ୍ପଷ୍ଟ ଆର୍ତ୍ତନାଦ କରି ଚାର୍ଲସ ପ୍ରାଚୀପ୍ରଭାର ହାତଧରି ରାସ୍ତା ଉପରକୁ ଟାଣି ଆଣିଲା । ଲମ୍ବା ଲମ୍ବା ପାଦ ପକାଇ ଆଗେଇ ଗଲା ।

ପ୍ରାଚୀପ୍ରଭା ବିଳିବିଳେଇଲା ଭଳି ଗୁଣୁ ଗୁଣୁ ସ୍ୱରରେ କହିଲା — କାମନାର ଚରମ ପରିତୃପ୍ତିରେ ଆତ୍ମାର ମୋକ୍ଷ ହୁଏ । କେଜାଣି ବା ଚିତ୍ରୋତ୍ପଳା ନିର୍ବାଣ ଲାଭ କରିଥିବ ।

ଚାର୍ଲସର ରଙ୍ଗା ମୁହଁଟା ଦୁଃଖ ଓ ବେଦନାରେ ଫିକା ଦିଶୁଥାଏ । ସାମ୍ନାରେ ଗୋଟାଏ ଗଛର ଗଣ୍ଠିକୁ ଆଉଜି ଠିଆ ହୋଇଛି ଧର୍ମାନନ୍ଦ । ଚାର୍ଲସକୁ ଦେଖି କହିଲା — ଚିତ୍ରୋତ୍ପଳାର ବିବାହ ଫଟୋ ମୁଁ ଉଠାଇଥାନ୍ତି । ଆପଣ ବରାଦ କରିଥିଲେ । ତା'ତ ହେଲାନାହିଁ — ଆଜି

Digitized by srujanika@gmail.com

ତାର ପ୍ରଥମ ଫଟୋ ମୁଁ ଉଠାଇ ଆଣିଛି, ପୋଲିସ ପହଞ୍ଚିବା ପୂର୍ବରୁ । ଆପଣଙ୍କୁ ଦେବି । ସଚ୍ଚୋଟ ରହି, ନୀତି ନିୟମ, ଧର୍ମ କର୍ମ ମାନି ଚଳିଲେ ଜୀବନରେ ଉନ୍ନତି କରନ୍ତି ବୋଲି ମତେ ଉପଦେଶ ଦେଉଥିଲ । ହୁଃ — କ'ଣ ହେଲା ଶେଷରେ ? ମୁଖ ଝିଅଟା ପଇସା କେତେଟା ଦେଇ ଦେଇଥିଲେ — ନିଜକୁ ଆପେ ଆପେ ଯାଚି ଦେଇଥିଲେ ବଞ୍ଚିଯାଇଥାନ୍ତା ତ ! ଧର୍ମାନନ୍ଦ ଭୋ ଭୋ କାନ୍ଦିଲା ପିଲାଙ୍କ ପରି ।

ଚାର୍ଲସ ଲମ୍ବା ଲମ୍ବା ପାଦ ପକାଇ ଆଗେଇଲା । ଚିତ୍ରୋତ୍ପଳା ଶୂନ୍ୟ କୋଣାର୍କର ସମଗ୍ର ପରିବେଶ ଅସଂଖ୍ୟ ଯାତ୍ରୀଙ୍କ କୋଳାହଳ ଭିତରେ ଚାର୍ଲସକୁ ଖାଁ ଖାଁ ଲାଗୁଥାଏ । ପ୍ରଭାତ ପବନରେ ଗୋଟିଏ ଅସ୍ପଷ୍ଟ ବିଳାପର ଧ୍ୱନି ପ୍ରାଚୀପ୍ରଭାର ଅନ୍ତରାତ୍ମାକୁ ସ୍ପର୍ଶ କରୁଥାଏ । ପ୍ରାଚୀପ୍ରଭା ଥକ୍କା ହେଇ ବସିପଡ଼ିଲା କୋଣାର୍କର ପ୍ରବେଶ ପଥରେ, ଯେଉଁଠି ଚିତ୍ରୋତ୍ପଳା ପ୍ରତିଦିନ ବସି ଫୁଲ ବିକ୍ରି କରେ । ଅନେକ ବେଳରୁ ଆଖି କୋଣରେ ଛଳଛଳ କରୁଥିବା ଦୁଇବିନ୍ଦୁ ଲୁହ ଅଣାୟତ ହେଇ ଖସି ପଡ଼ିଲା ସେଇଠି । ସେ ଅସ୍ପଷ୍ଟ କଣ୍ଠରେ କହିଲା, କାମନାର ପରିତୃପ୍ତି ପାଇଁ ମଣିଷ ବି ପଶୁ ପାଲଟିଯାଏ — ମୁକ୍ତିର ପଥ କ'ଣ ଏତେ ବିଭତ୍ସ ଆଉ ଭୟଙ୍କର ହୋଇପାରେ !

ଚାର୍ଲସ ମୁଣ୍ଡ ଝୁଙ୍କାଇ ପରାଜୟ ସ୍ୱୀକାର କରିନେଲା ।

ଜୀବନରେ ଛୋଟ ବଡ଼ ଧକ୍କା ସହିବାକୁ ହୁଏ । ଚାର୍ଲସ ବି ସହିଛି, ଖୁବ୍ କୋମଳ ବୟସରୁ । କିନ୍ତୁ ଚିତ୍ରୋତ୍ପଳାର ଅମାନୁଷିକ ହତ୍ୟା ଘଟଣା ବାସ୍ତବବାଦୀ ଚାର୍ଲସର କଠୋର ବସ୍ତୁବାଦୀ ମନକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା । କୋଣାର୍କରେ ପାଦଦେବା ଦିନଠାରୁ ଚିତ୍ରୋତ୍ପଳା ସହ ତାର ସମ୍ପର୍କ—ସେ ସମ୍ପର୍କ ପବିତ୍ର, ସ୍ୱର୍ଗୀୟ, ପ୍ରତ୍ୟାଶାରହିତ । ସାରା ଜୀବନ ଚାର୍ଲସ ଚିତ୍ରୋତ୍ପଳାକୁ ମନେ ରଖିଥାନ୍ତା, ତାର ଶୁଭ ମନାସିଥାନ୍ତା । ଅଥଚ ଚାର୍ଲସକୁ ଚରମ ଦୁଃଖ ଦେଇ ଚିତ୍ରୋତ୍ପଳା ଖସି ଚାଲିଗଲା । ତା ଦେଶରେ ପ୍ରତିଦିନ ଏମିତି କେତେ କେତେ ହତ୍ୟା, ଆତ୍ମହତ୍ୟା ଘଟେ — ଚାର୍ଲସ ଜାଣେ — କିନ୍ତୁ ଏମିତି ଆଘାତ ପାଇନାହିଁ କେବେ । ଯାଯାବର ଚାର୍ଲସର ଜୀବନରେ ଏ କି ଭାବପ୍ରବଣତା ? ଚିତ୍ରୋତ୍ପଳା ଯେମିତି ଚାର୍ଲସର କେହି ଆତ୍ମୀୟ । ହୃଦୟ ଭିତରର କିଛି ଅଂଶ ସେ ଅଧିକାର କରିଥିଲା ଚାର୍ଲସର ଅଜ୍ଞାତରେ । ଜଣକପାଇଁ ଆଉ ଜଣଙ୍କର ଏତେ ଦୁଃଖ ହୁଏ — ଏତେ ହାହାକାର ଆସେ, ଏଇ ପ୍ରଥମ ଅନୁଭବ କରୁଛି ଚାର୍ଲସ — ଏ ଅନୁଭବ ହୁଏତ ଭାରତରେ ହିଁ ସେ ନିଜ ଭିତରେ ଆବିଷ୍କାର କରୁଛି ।

ଚିତ୍ରୋତ୍ପଳାର ଧକ୍କାକୁ ସମ୍ଭାଳି ନେଉ ନେଉ ଆଉ ଏକ ଦୁର୍ଘଟଣା ଘଟିଗଲା । ସେଥିରେ କିନ୍ତୁ ବେଶି ଆହତ ହେଲା ପ୍ରାଚୀପ୍ରଭା । ସତେ ବା ପ୍ରାଚୀପ୍ରଭାର ଜୀବନରେ କିଛି ଗୋଟାଏ ବିପର୍ଯ୍ୟୟ ଘଟିଗଲା ।

Digitized by srujanika@gmail.com

ଧର୍ମାନନ୍ଦକୁ ପୋଲିସ ଗିରଫ କରି ନେଇଥିଲେ । କୋଣାର୍କର ପ୍ରାଚୀନ ମୂର୍ତ୍ତି ଚୋରୀ ଅଭିଯୋଗରେ ତାକୁ ଥାନାକୁ ଧରି ନିଆଯାଇଥିଲା । ତା'ବିରୁଦ୍ଧରେ ଅକାଟ୍ୟ ଅଭିଯୋଗ । ପ୍ରତିଦିନ ରାତିରେ ସେ କୌଶଳକ୍ରମେ କୋଣାର୍କ ବେଢ଼ାରେ ଅନୁପ୍ରବେଶ କରି ଛୋଟ ଛୋଟ ମୈଥୁନ ମୂର୍ତ୍ତି, କାରୁକାର୍ଯ୍ୟଭରା ଭାସ୍କର୍ଯ୍ୟ ଭାଙ୍ଗିବାକୁ ଚେଷ୍ଟା କରେ । କାରୁକାର୍ଯ୍ୟ ଭରା ଭଗ୍ନ ପ୍ରସ୍ତର ଖଣ୍ଡସବୁ ସଂଗ୍ରହ କରି ବାହାରେ ବିକ୍ରି କରେ । ସେଦିନ ସକାଳୁ ସକାଳୁ ମୂର୍ତ୍ତିସହ ଧର୍ମାନନ୍ଦକୁ ଲୋକମାନେ ଧରି ଥାନାରେ ପହଞ୍ଚାଇଥିଲେ । ଧର୍ମାନନ୍ଦର ହାତେ ହାତେ ପ୍ରମାଣ । ଧର୍ମାନନ୍ଦକୁ ପ୍ରଶ୍ନ କରିବାରୁ ରୋକ୍ ଠୋକ୍ କହିଥିଲା ଯେ — ଚୋର ମୁଁ ନୁହେଁ — ମୁଁ ଖାଲି ଆଜ୍ଞା ପାଳନ କରେ । ମତେ ଯାହା ମିଳେ ସେ ମୋ ପାଇଁ ଯଥେଷ୍ଟ ହେଇପାରେ, କିନ୍ତୁ ସେମାନଙ୍କ ଲାଭ ତୁଳନାରେ ସେ କିଛି ନୁହେଁ ।

— ସେମାନେ କିଏ ?

ଧର୍ମାନନ୍ଦ ନିରୁତ୍ତର । ଏ ପ୍ରଶ୍ନର ଉତ୍ତରଦେବ ନାହିଁ ବୋଲି ସେ ମନା କରିଦେଲା ।

ଖବର ପାଇ ପ୍ରାଚୀ ଯାଇଥିଲା ଥାନାକୁ । ଧର୍ମାନନ୍ଦକୁ ଜାମିନ୍‌ରେ ଆଣିବା ପାଇଁ ତା' ଛଡ଼ା ଆଉ କିଏ ବା ଅଛି ? ଧର୍ମାନନ୍ଦ ସୁବିଧାବାଦୀ ବାପା ପୁଅର ନିହିତ କାର୍ଯ୍ୟ ପାଇଁ ଲଜ୍ୟାରେ ଘରୁ ବାହାରୁ ନାହିଁ । ମା' ମୁଣ୍ଡ କୋଡ଼ି କାନ୍ଦୁଛି । ପ୍ରାଚୀ ଧର୍ମାନନ୍ଦର ଧର୍ମର ମା' । ତାର ବିପଦରେ ସେ ଅଣ୍ଟା ଭିଡ଼ି ଠିଆ ହେଲା ।

ଧର୍ମାନନ୍ଦ ସଙ୍ଗେ ଦେଖାଦେବା ମାତ୍ରେ ପ୍ରାଚୀ ଛଳ ଛଳ ଆଖିରେ କହିଲା — ମୁଁ ଜାଣେ, ତୁ ମୂର୍ତ୍ତି ସହ ସମ୍ପୃକ୍ତ । ମୁଁ ତତେ କୋଣାର୍କ ବେଢ଼ାରେ ରାତି ଅଧରେ ଦେଖିଛି । ସେଦିନ ଭାବିଥିଲି ତୁ ଧର୍ମପଦ । କୋଣାର୍କ ଗଢ଼ିବା ପାଇଁ ରାତି ସାରା ଘୂରି ବୁଲୁଛୁ । ଆଜି ତୁ ମୋ ଆଖିରେ କଳାପାହାଡ଼ । ଆପଣା ଦେଶର କୀର୍ତ୍ତିକୁ ତୁ ପଣ୍ୟ କରି ପ୍ରଚ୍ଛଳ ହେଇଛୁ — ଧନୀ ହେବାର ସ୍ୱପ୍ନ ଦେଖିଛୁ । ତୁ ଦେଶଦ୍ରୋହୀ । ଧର୍ମାନନ୍ଦ, ମୁଁ ତୋ ପାଇଁ ଲଜ୍ଜିତ ।

ଧର୍ମାନନ୍ଦଠାରେ ଦୁଃଖ, ଲଜ୍ଜା, ଭୟ ନାହିଁ । ସେ ଠୋର୍ ଠୋର୍ ଉତ୍ତର ଦେଲା କଳାପାହାଡ଼ ଅପରାଧ୍ ନୁହେଁ । ଯେତେ ସମାଜ ତାକୁ କଳାପାହାଡ଼ କରିଦେଲା, ସେ ଯଦ୍ଧାପି । ଦୁଇ ମୁଠା ପେଟ ପୂରା ଖାଇ ମଣିଷ ଭଳି ବଞ୍ଚି ରହିବା ପାଇଁ ମୋର ଗୋଟାଏ ପେଶା ଦରକାର । ମୁଁ ସେତିକି ମାତ୍ର କରିଛି । ବଡ଼ ଲୋକ ହୋଇଛନ୍ତି ସେମାନେ । ଦୁଇ ମୁଠା ପେଟ ପୂରା ଖାଇବା ଛଡ଼ା ମୋର ଆଉ କି ଅଧିକ ଉନ୍ନତି ହେଉଛି ?

— ସେମାନେ କିଏ ଧର୍ମାନନ୍ଦ ?

— କହିବାକୁ ନିଷେଧାଜ୍ଞା ଅଛି ।

Digitized by srujanika@gmail.com

— ନ କହିଲେ ତୁ ଦଣ୍ଡ ଭୋଗିବୁ, ସେମାନେ ସମାଜ ଭିତରେ ସମ୍ମାନିତ ହେଇ ବଞ୍ଚି ରହିବେ ।

— ସେମାନଙ୍କ ନାଁ କହିଲେ, ମୁଁ ମୋର ପରିବାର ଧ୍ୱଂସ ପାଇଯିବୁ ।

— ସେମାନଙ୍କ ନାଁ ନକହିଲେ ସମାଜ ଧ୍ୱଂସ ପାଇଯିବ ।

— ଯେଉଁ ସମାଜରେ ମୁଁ ବଞ୍ଚି ରହିପାରେ ନା ସେ ସମାଜ ଧ୍ୱଂସ ପାଇଗଲେ ମୋର କିଛି ଯାଏ ଆସେ ନାହିଁ ।

— ତୁ ବଞ୍ଚିରହିବୁ ଧର୍ମୁ; ମୁଁ ପ୍ରତିଶ୍ରୁତି ଦେଉଛି । ସତ୍ୟ ପ୍ରକାଶ କଲେ ତୁ ସମ୍ମାନଟିର ସହ ଛାଡ଼ ପାଇବୁ । ପ୍ରକୃତ ଅପରାଧ୍ ଶାସ୍ତି ଭୋଗିବ । ତୋ ପାଇଁ ମୁଁ କେଶ୍ ଲଢ଼ିବି ।

— ଏତେ ଟଙ୍କା ମୋ ପାଇଁ ଖର୍ଚ୍ଚ କରିବ ?

— ମୁଁ ନୁହେଁ, ଚାର୍ଲସ ତୋ ପାଇଁ ଟଙ୍କା ଖର୍ଚ୍ଚ କରିବ । ସେ ତାର ବାପାଙ୍କୁ ଚିଠି ଲେଖି ଜଣାଇବ । ସେଠାରେ ସେ ଭାରତୀୟମାନଙ୍କୁ ନେଇ ସମାଜ ମଙ୍ଗଳ ସଂସ୍ଥାଟିକୁ ଗଢ଼ିଛନ୍ତି । ଭାରତୀୟ ସମାଜର ଉନ୍ନତି କଳ୍ପେ ସେ ସଂସ୍ଥା ବହୁ ଅର୍ଥ ବ୍ୟୟ କରେ ।

ଧର୍ମାନନ୍ଦ ବିଦ୍ରୂପ କରି ହସି ଉଠିଲା । ଗୁଣୁ ଗୁଣୁ ସ୍ୱରରେ କହିଲା — ଭାରତରେ ଯେଉଁମାନେ ଅଛନ୍ତି ପ୍ରାଚୀନ ମୂର୍ତ୍ତି ଚୋରି କରି ବିଦେଶକୁ ପଠାଇ ଲକ୍ଷ ଲକ୍ଷ ଟଙ୍କା ଲାଭ କରନ୍ତି — ଅଥଚ ଯେଉଁ ଭାରତୀୟମାନେ ବିଦେଶରେ ସ୍ଥାୟୀ ବାସିନ୍ଦା ହେଇ ରହିଗଲେଣି ସେମାନେ ଟଙ୍କା ଖର୍ଚ୍ଚ କରି ମୂର୍ତ୍ତିଚୋର ଦଳକୁ ଧରାଇଦେବେ ? ଅପା, ଏ ସଂସ୍ଥାର ଚେର ସାରା ଭାରତରେ ମାଡ଼ି ଯାଇଛି — ମୁଁ ଯାହାଙ୍କ ନାଁ କହିବି ତାଙ୍କୁ ଧରିଲେ ଏ ସଂସ୍ଥାର ଚେର ଉପୁଡ଼ିଯିବ ନାହିଁ, ବରଂ ମୋର ବଂଶ ଲୋପ ହେଇଯିବ । ତମେ ଯାଅ । ମୋ ଭାଗ୍ୟ ମୁଁ ଭୋଗିବି ।

ପ୍ରାଚୀପ୍ରଭା ବିରକ୍ତିପୂର୍ଣ୍ଣ ସ୍ୱରରେ କହିଲା — ଧର୍ମୁ, ତୁ ଅନ୍ୟାୟ କରୁଛୁ । ଭାରତର ମହାନ୍ ପରମ୍ପରା ଓ ସଂସ୍କୃତିକୁ ଯେଉଁମାନେ ପଣ୍ୟ କରୁଛନ୍ତି ତାଙ୍କୁ ପ୍ରଶ୍ରୟ ଦେବା ମହାପାପ ।

ଧର୍ମାନନ୍ଦ ପୁଣି ଥରେ ହସିଲା । ମ୍ଳାନ କଣ୍ଠରେ କହିଲା—ଚିତ୍ରୋତ୍ପଳା କେବେ ଅନ୍ୟାୟ କରି ନଥିଲା, ଅଧର୍ମ କରିନଥିଲା । ଫୁଲର ଉଚିତ୍ ଦାମଠାରୁ ଗୋଟାଏ ବି ପଇସା ସେ ଅଧିକା ନେଇନାହିଁ କେବେ । ସେ ତ ନିଷ୍ପାପ ଥିଲା ! ସେ କାହିଁକି ମଲା —ପୁଣି ଏମିତି ବିଭତ୍ସ, ଭୟଙ୍କର ମରଣ ମଲା କାହିଁକି ? ଏ କଥାର ଜବାବ ତମେ ଦେଇ ପାରିବ ?

ଧର୍ମାନନ୍ଦ ଆଖିରୁ ଦୁଇଧାର ଲୁହ ଝରିଆସିଲା ।

Digitized by srujanika@gmail.com

ନିଜେ ଯେ ମରଣ ଯନ୍ତ୍ରାରେ ପଡ଼ିଛି, ସେଥିପାଇଁ ଧର୍ମାନନ୍ଦର ଦୁଃଖ ନାହିଁ, ପରୱା ନାହିଁ । ଅଥଚ ଚିତ୍ରୋତ୍ପଳାର ମୃତ୍ୟୁ ଶୋକ ଏପର୍ଯ୍ୟନ୍ତ ତା'ଆଖିରୁ ଲୁହ ଶୁଖାଇ ନାହିଁ । ଚିତ୍ରୋତ୍ପଳା ପାଇଁ ଧର୍ମାନନ୍ଦର ମନରେ ଯେ ଏତେ ମମତା, ଏତେ ସମ୍ବେଦନା ଭରି ରହିଥିଲା ଏକଥା ଜାଣି ନଥିଲା ପ୍ରାଚୀ, ଜାଣିନଥିଲା ବିଚାରୀ ଚିତ୍ରୋତ୍ପଳା । ମୃତ୍ୟୁ ପର୍ଯ୍ୟନ୍ତ ସେ ଧର୍ମାନନ୍ଦଙ୍କୁ ଘୃଣା ହିଁ କରିଆସିଛି । ଅଥଚ ଚିତ୍ରୋତ୍ପଳାର ମୃତ୍ୟୁ ଘଟଣା ସମସ୍ତେ ବିସ୍ମରିଗଲେଣି । କୋଣାର୍କର ପରିବେଶ ପୁଣି ଆନନ୍ଦ ମୁଖର ହେଲାଣି । ଚିତ୍ରୋତ୍ପଳାର ହତ୍ୟାକାରୀ ଏବେ ବି ଅନ୍ଧକାରରେ । ଧର୍ମାନନ୍ଦ ବ୍ୟତୀତ କାହାରି ମନ ତା'ପାଇଁ ଆନ୍ଦୋଳିତ ହୁଏ ନାହିଁ । ସମସ୍ତେ ପୁଣି ନିଜ ସଂସାର ଜଞ୍ଜାଳରେ ବୁଡ଼ିଗଲେଣି ।

ଅତି ସ୍ନେହରେ କୋମଳ ମଧୁର ମମତାର ସ୍ପର୍ଶରେ କଣ୍ଠକୁ ନରମ କରି ପ୍ରାଚୀ ଅନୁନୟ କଲା—ଧର୍ମୁ, ସମାଜରେ ପାପପୁଣ୍ୟ, ସତ୍ୟ ଅସତ୍ୟ ସବୁ ଅଛି । କେବଳ ପାପ ଆଉ ଅସତ୍ୟର ତାଲିକା କରି ଯୁକ୍ତି ବାଢ଼ିଲେ ସମାଜ ବଦଳେ ନାହିଁ । ଗୋଟିଏ ସତ୍ୟ ପ୍ରକାଶରେ ଅସଂଖ୍ୟ ଅସତ୍ୟର ମୂଳୋତ୍ପାଟନ ହୁଏ । ତୁ ଜଣଙ୍କର ନା ପ୍ରକାଶ କରିଦେଲେ ମୂର୍ତ୍ତିଚୋର ଦଳର ଅନେକ ତଥ୍ୟ ପ୍ରକାଶ ପାଇଯିବ ।

ଧର୍ମାନନ୍ଦ ନୀରବ ରହି କିଛି ସମୟ ଭାବିଲା । ଅନୁଚ୍ଚ କଣ୍ଠରେ କହିଲା – ମୋର ଭୟ ହେଉଛି ।

— କାହାକୁ ?

— ମୋ ବାପା, ମା, ଭାଇ, ଭଉଣୀ ଆଉ ମୋର ନିଜ ଜୀବନ ଉପରେ ଆଞ୍ଚ ଆସିପାରେ । ମତେ ପ୍ରତିଶ୍ରୁତି ଦେଇପାରିବ ? ଆମ ସମସ୍ତଙ୍କ ସୁରକ୍ଷାର ଦାୟିତ୍ୱ ନେବ ?

— କଥା ଦେଉଛି । ସେ ଦାୟିତ୍ୱ ମୋର । ମୋର ବିଶ୍ୱାସ ସତ୍ୟର ଜୟ ହେବ । ତୁ କାଲି ଜାମିନ୍‌ରେ ଛାଡ଼ ପାଇବୁ । ବାକି ଦାୟିତ୍ୱ ମୋର । ଚାର୍ଲସ ମତେ ପ୍ରତିଶ୍ରୁତି ଦେଇଛି । କେଶ୍ ଲଢ଼ିବା ପାଇଁ ଅର୍ଥର ଅଭାବ ହେବ ନାହିଁ ।

ଧର୍ମାନନ୍ଦ ଦୃଢ଼ ନିଷ୍ପତ୍ତି ସୂଚକ ସ୍ୱରରେ କହିଲା — କହିବି ଅପା, ଯାହା ଜାଣେ କହିବି । ଅସତ୍ୟ କହିଲେ ଯଦି ସେମାନେ ଖସିଯିବେ, ତେବେ ସତ୍ୟ ପ୍ରକାଶ କରି ମୁଁ ନ ମରିବି କାହିଁକି ? ତା ଦ୍ୱାରା ଈଶ୍ୱର ସନ୍ତୁଷ୍ଟ ହୁଅନ୍ତୁ କି ନାଁ — ତମେ ସନ୍ତୁଷ୍ଟ ହେବ ତ ?

ପ୍ରାଚୀପ୍ରଭାର ଆଖି ଛଳ ଛଳ ହେଲା । ଏଇ ଦରିଦ୍ର ମେଧାବୀ କାଳକଟିର ଦୁଃଖ, ଦାରିଦ୍ର୍ୟଚ କଷାଘାତରେ ପଥୁରିଆ ପଡ଼ିଥିବା ମନ ତଳେ ତା' ପାଇଁ ଯେ କିଛି ଅଂଶ ଏବେ ବି କୋମଳ ମମତାରେ ନରମିଯାଏ, ଏତିକି ଉପଲବ୍ଧି କରି ପ୍ରାଚୀପ୍ରଭାର ଅନ୍ତର ଭରିଗଲା ।

Digitized by srujanika@gmail.com

ସେ ବୁଝିଲା ଏ ସଂସାରରେ ତା'ର ବି କିଛି ମୂଲ୍ୟ ଅଛି ! ସ୍ୱାମୀ ପରିତ୍ୟାଗ କରିଛନ୍ତି ବୋଲି ସେ ଏକ୍‌କାର ଅଲୋଡ଼ା ନୁହେଁ ।

ଆନନ୍ଦରେ ମୁଖ ଉଜ୍ଜଳ କରି ଥାନାରୁ ବାହାରି ଆସିଲା ପ୍ରାଚୀ । କିଛି ସମୟ ଆଗରୁ ଧର୍ମାନନ୍ଦ ପ୍ରତି ମନଟା ବିଦ୍ୱେଷରେ ଭରିଯାଇଥିଲା । ଏବେ ତା ଦୂର ହେଇଯାଇଛି । କାନରେ ତାର ପ୍ରତିଧ୍ୱନିତ ହେଉଥାଏ ଧର୍ମାନନ୍ଦର କଥା — ଯେଉଁ ସମାଜ କଳାପାହାଡ଼ ତିଆରି କରେ ସେ ଅପରାଧି — କଳାପାହାଡ଼ ତ ପରିସ୍ଥିତିର ଦାସ !

ସେଦିନ ସକାଳକୁ ପରିସ୍ଥିତି ଭିନ୍ନ । ଧର୍ମାନନ୍ଦକୁ ଜାମିନ୍‌ରେ ଆଣିବାକୁ ହେଲା ନାହିଁ । ଦେହର ନିଗଡ଼ରୁ ଚିର ମୁକ୍ତିକାମୀ ତାର ଆତ୍ମା ଚିରଦିନ ପାଇଁ ମୁକ୍ତି ହେଇଯାଇଥିଲା ଅତି ରହସ୍ୟଜନକ ଭାବେ । ପୂର୍ବଦିନ ଧର୍ମାନନ୍ଦର ବାପାକୁ ଥାନାରୁ ଜଣାଇ ଦିଆଯାଇଥିଲା ତାଙ୍କ ପୁଅ ଜେଲରୁ କେଉଁଆଡ଼େ ପଳାଇଯାଇଛି । ତା'ଘରକୁ ଖୋଜିବାପାଇଁ ଦୁଇଜଣ ପୋଲିସ ଲୋକ ଆସିଥିଲେ ।

ତା ପରଦିନ ସକାଳେ ବେଳାଭୂମି ରାସ୍ତାର ଗୋଟାଏ ବିଜୁଳି ଖୁଣ୍ଟି ଉପରେ ମୁହଁମାଡ଼ି ଝୁଲୁଥିଲା ଧର୍ମାନନ୍ଦର ଶବ । ଧର୍ମାନନ୍ଦର ଶବକୁ ଯେଉଁ କେତେଜଣ ଦେଖିଥିଲେ ସେମାନେ କହନ୍ତି, ତାର ଦେହସାରା ମାଡ଼ର ଦାଗ ଥିଲା । ଗଳାରେ ଆଇଁଳି ଦାଗ ପଟା ପଡ଼ିଯାଇଥିଲା । ପୋଷ୍ଟମର୍ଟମ ହେବାର ଅବକାଶ ନଥିଲା ।

ଧର୍ମାନନ୍ଦ ବାପା ସଙ୍ଗେ ସଙ୍ଗେ ଶବ ସତ୍କାର କରି ଦେଇଥିଲେ । ଦରିଦ୍ର ବାଳକଟିର ଶବ ସତ୍କାର ପାଇଁ ସମସ୍ତ ସାହାଯ୍ୟ କରିଥିଲେ କେତେଜଣ ସମାଜସେବୀ ନେତା ଏବଂ ବିଶିଷ୍ଟ ବ୍ୟକ୍ତି । ପୁଅର ମୃତ୍ୟୁରେ ସମବେଦନା ଜଣାଇ ତାର ବାପାକୁ ମଧ୍ୟ ଏକ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଦେଇଥିଲେ । ତାଙ୍କର ବଦାନ୍ୟତା ପାଖରେ ପୁତ୍ରଶୋକ ଚାପା ପଡ଼ିଯାଇଥିଲା । ବୁଢ଼ା ମନକୁ ବୋଧ ଦେଉଥିଲା — ଯା' ହେଉ ଝିଅଗୁଡ଼ାକୁ ଉଠାଇଦେଇଯାଇଛି । ଏଣିକି ପୁଅଗୁଡ଼ାକ ଯାହା ଯେମିତି କରି ବଞ୍ଚିଯିବେ । ଧର୍ମାନନ୍ଦ ସିନା ଚାଲିଗଲା—କୋଣାର୍କ ତ ଅଛି, ଚିନ୍ତା କ'ଣ ?

ଅନେକ ବିଳମ୍ବରେ ଖବର ପାଇ ଶ୍ମଶାନରେ ପହଞ୍ଚିଲାବେଳକୁ ଧର୍ମାନନ୍ଦର ସଂକ୍ଷିପ୍ତ ଜୀବନର ଦୁଃଖ, ଦୈନ୍ୟଭରା ରୋଗ, ଭୋଗ, ଯନ୍ତ୍ରଣା ଜର୍ଜରିତ ସୁଦୀର୍ଘ ସଂଘର୍ଷଭରା ଦେହଟା ମୁଠାଏ ଭସ୍ମରେ ପରିଣତ ହେଇସାରିଛି । ତାର ଦେହାବଶେଷରେ ମାଡ଼ର ଦାଗ ନାହିଁ, ନିର୍ଯ୍ୟାତନାର କ୍ଷତ ଚିହ୍ନ ନାହିଁ, ପେଟର ଭୋକ, ସମାଜ ପ୍ରତି ହାହାକାର, ବିଦ୍ରୋହ, ବିତୃଷ୍ଣା କିଛିର ପ୍ରମାଣ ନାହିଁ ।

Digitized by srujanika@gmail.com

ସତ୍ୟ ପ୍ରକାଶ ପାଇଁ ପ୍ରତିଜ୍ଞାବଦ୍ଧ ଧର୍ମାନନ୍ଦର ଆତ୍ମା ଅସତ୍ୟ ଶରୀରର ନିଗଡ଼ରୁ ବିମୁକ୍ତ ହେଇ ସତ୍ୟ ପଥରେ ଚାଲିଯାଇଛି ।

ପ୍ରାଚୀପ୍ରଭା ନିଜକୁ ଦାୟୀ କରୁଥିଲା । ସତ୍ୟ ପ୍ରକାଶ ପାଇଁ ସମ୍ମତ ହୋଇଥିବାରୁ ଧର୍ମାନନ୍ଦ ମୃତ୍ୟୁବରଣ କରିଛି ଏକଥା ସତ୍ୟ ହେଲେ ମଧ୍ୟ ହାତରେ କିଛି ପ୍ରମାଣ ନାହିଁ ।

ପ୍ରାଚୀପ୍ରଭା ନିଷ୍ପ୍ରାଣ ହେଇ ଠିଆ ହେଇଥିଲା ଲିଭି ଆସୁଥିବା ଧର୍ମାନନ୍ଦର ଯୁଇ ପାଖରେ ।

ଶାନ୍ତନା ଏବଂ ସମବେଦନାର ହାତଟିଏ ବଢ଼ାଇଦେଲା ଚାର୍ଲସ । ଆସ୍ତେ କହିଲା — ପୃଥିବୀରେ ସବୁ ସ୍ଥାନରେ ଏମିତି ଘଟଣା ଘଟେ । ଭାବିଥିଲି ଭାରତ ଏଥିରେ ପଛରେ ପଡ଼ିଛି । କିନ୍ତୁ ନାଁ — ଭାରତ କେବେ କୌଣସି ଦିନ ପଛୁଆ ନ ଥିଲା । ଆଜି ମଧ୍ୟ ଭାରତ ଅନେକ କ୍ଷେତ୍ରରେ ପୃଥିବୀର ଅନ୍ୟ ଦେଶମାନଙ୍କ ଭିତରେ ଅଗ୍ରଗଣ୍ୟ । ଦୁଃଖ କର ନାହିଁ ପ୍ରାଚୀପ୍ରଭା — ଧର୍ମାନନ୍ଦ ଧର୍ମପଦ ପାଲଟି ଯାଇଛି । ସଂସ୍କୃତିର ରକ୍ଷା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିବାରୁ ତାର ମୃତ୍ୟୁ ହେଇଛି । ତମେ ତ ଚାହିଁଥିଲ ଧର୍ମାନନ୍ଦ ଧର୍ମପଦ ହେଇଯାଉ — ଦୁଃଖ କରୁଛ କାହିଁକି ?

ପ୍ରାଚୀପ୍ରଭା ଦୀର୍ଘଶ୍ୱାସ ଛାଡ଼ି କହିଲା — ହଁ, ଅନ୍ତତଃ ମୃତ୍ୟୁପୂର୍ବରୁ ସେ ବୁଝିଥିଲା କୋଣାର୍କ ପଣ୍ୟ ସାମଗ୍ରୀ ନୁହେଁ — ସଂସ୍କୃତି ଏବଂ ପରମ୍ପରାକୁ ନେଇ ବ୍ୟବସାୟ କରାଯାଏ ନା —

ଚନ୍ଦ୍ରଭାଗା ତୀର୍ଥରେ ସେ ଏକ ସ୍ମରଣାତୀତ ସୂର୍ଯ୍ୟୋଦୟ । ସାତଶହ ବର୍ଷର ସମୁଦ୍ର ଗର୍ଭରୁ ବାଜସୂର୍ଯ୍ୟ ଉଠିଆସୁଛନ୍ତି ଜନ୍ମ ବାସରର ଅଭ୍ୟର୍ଥନା ଏବଂ ଅଭିନନ୍ଦନ ଗ୍ରହଣ କରିବା ପାଇଁ । କୋଣାର୍କ ମନ୍ଦିରର ରତ୍ନ ସିଂହାସନରେ ଉଦୟ ସୂର୍ଯ୍ୟଙ୍କର ଆଦ୍ୟରଶ୍ମି ପ୍ରଥମ କରି ସପ୍ତରଙ୍ଗର ବର୍ଣ୍ଣାଳୀରେ ଶୋଭା ପାଇବ । ଅଗଣିତ ଭକ୍ତଜନ ଅପେକ୍ଷା କରିଛନ୍ତି ନେତ୍ର ପବିତ୍ର କରିବେ ।

ଚାର୍ଲସ ଚନ୍ଦ୍ରଭାଗା ତୀର୍ଥରେ ମାଘ ସପ୍ତମୀର ସୂର୍ଯ୍ୟୋଦୟକୁ ଭୁଲିପାରେନା । କାରଣ ତା' ସହ ଚିତ୍ରୋତ୍ପଳାର ସ୍ମୃତି ଜଡ଼ିତ । କୋଣାର୍କରେ ଚାର୍ଲସର ରହଣି ସରିଆସୁଛି । ସମାପ୍ତ ହୋଇଛି କୋଣାର୍କର ନିର୍ମାଣ କାର୍ଯ୍ୟ ବିଷ୍ଣୁ ମହାରଣାଙ୍କ ପୋଥିର ପୃଷ୍ଠାରେ । ଚାର୍ଲସର ମନତଳୁ ସବୁ କୌତୂହଳ, ସବୁ ଉତ୍ସାହ ଶେଷ ହୋଇଛି ଚିତ୍ରୋତ୍ପଳା ଏବଂ ଧର୍ମାନନ୍ଦଙ୍କର ଦାରୁଣ ପରିଣତି ପରେ । ଅବଶିଷ୍ଟ ଯେତିକି କୌତୂହଳ ରହିଛି ତାହା ଚନ୍ଦ୍ରଭାଗା ଏବଂ କମଳ ମହାରଣା'ଙ୍କ ଶେଷ ପରିଣତି ଦେଖିବା ପର୍ଯ୍ୟନ୍ତ ତାକୁ କୋଣାର୍କରେ ବାନ୍ଧିରଖିବ । ତାପରେ ସେ ଯାଯାବରର ଯାତ୍ରା ବିସ୍ତାରିଦେବ ଆଉରି ଥରେ ।

Digitized by srujanika@gmail.com

ନରସିଂହଦେବଙ୍କ କାଳାନୁରାଗର ଚୂଡ଼ାନ୍ତ ନିଦର୍ଶନ କୋଣାର୍କ ମନ୍ଦିର ସମାପ୍ତ ହୋଇଛି । ରାଜ୍ୟର ବାରବର୍ଷର ରାଜସ୍ୱ ବ୍ୟୟରେ ବାରଶହ ଶିଳ୍ପୀଙ୍କର ବାରବର୍ଷର ସାଧନା ସିଦ୍ଧିଲାଭ କରୁଛି । ରାଜା ନରସିଂହଙ୍କର ଜୀବନରେ ସର୍ବଶ୍ରେଷ୍ଠ ବ୍ରତର ଉଦ୍‌ଯାପନ ଦିବସ ଉପସ୍ଥିତ ।

ଧନ ଧାନ୍ୟରେ ଭରା ଉତ୍କଳ ମାତାର ଚତୁର୍ଦ୍ଦିଗରେ ଶାନ୍ତି ବିରାଜୁଛି । ବାର ଶହ ସତାବନ ସାଲରେ ବାରମ୍ବାର ବୀର ନରସିଂହଙ୍କ ଦ୍ୱାର ପରାଜିତ, ଗୌଡ଼ର ମୁସଲମାନ ଶାସକ ଇଖତିଆରୁଦ୍ଦିନ୍ ୟୁଜ୍‌ବେଗ୍ ମୃତ୍ୟୁବରଣ କରିଛି । ବାର ଶହ ଛୟାଳିଶ ସାଲରୁ ମୁସଲମାନ ସହ ଲାଗିରହିଥିବା ଯୁଦ୍ଧ, ରକ୍ତପାତ ଏବଂ ସଂଘର୍ଷର ଅବସାନ ହୋଇଛି । ନିଷ୍କଣ୍ଟକ ଉତ୍କଳ ସାମ୍ରାଜ୍ୟ । ମୁସଲମାନ କବଳିତ ଭାରତବର୍ଷରେ ଏକମାତ୍ର ସ୍ୱାଗତ ଉତ୍ସବରେ ଆୟୋଜନ ଲାଗିଛି ଘରେ ଘରେ । ଲଢୁଆ ପାଇକମାନେ ମୁସଲମାନ ସେନାର ମେରୁଦଣ୍ଡ ଭାଙ୍ଗିଦେଇ ଫେରିଆସୁଛନ୍ତି ସ୍ୱଗୃହକୁ । ମୁସଲମାନ ସୈନ୍ୟ ପ୍ରତି ଆକ୍ରମଣ କରିବାର ସାହସ ସମ୍ପୂର୍ଣ୍ଣ ହରାଇ ବସିଛନ୍ତି । ଉତ୍କଳରେ ସ୍ୱାଧୀନତା ରବିର ଉଦୟ ଅଛି — ଅସ୍ତ ନାହିଁ ।

ଶିଳ୍ପୀକୁଳ ରାଜସଭାରେ ସମ୍ମାନିତ ହେଇ ଫେରିଆସିବେ ସ୍ୱ ଗୃହକୁ । ଘରେ ଘରେ ପୂର୍ଣ୍ଣକୁମ୍ଭ, ଝୋଟି ମୁରୁଜର ଆଳପଣା, ପିଠାପଣାର ଆୟୋଜନ ଚାଲିଛି ।

ବାରଶହ ଅଠାବନ ସାଲ, ଜାନୁୟାରୀ ତେର ତାରିଖ, ମାଘ ଶୁକ୍ଲପକ୍ଷ ସପ୍ତମୀ ରବିବାର—କୋଣାର୍କ ମନ୍ଦିର ପ୍ରତିଷ୍ଠାର ଦିବସ । ମାଘଶୁକ୍ଳ ସପ୍ତମୀ ରବିବାରରେ ପଡ଼ିବ ମହାଯୋଗ । ଏଇ ଦିନଟି ସୂର୍ଯ୍ୟଦେବଙ୍କର ଜନ୍ମବାସର ।

ପରମ ବୈଷ୍ଣବ ଭକ୍ତ ନରସିଂହ ଦେବଙ୍କ ରାଜତ୍ୱ କାଳରେ ଏ ମହାଯୋଗ ପଡ଼ିଛି । ରାଜଗୁରୁ ଭାବ ସଦାଶିବ ଏକାମ୍ର କ୍ଷେତ୍ରରେ ପ୍ରତିଷ୍ଠା କରିଥିବା ସଦାଶିବ ମଠରେ ଥାଇ ଗଣନା କରି ଦେଖିଛନ୍ତି ଅର୍କ ତୀର୍ଥରେ, ସୂର୍ଯ୍ୟଦେବଙ୍କୁ ଜନ୍ମବାସର ମହାଯୋଗରେ ବିଶ୍ୱବିଖ୍ୟାତ ସୂର୍ଯ୍ୟମନ୍ଦିର ଛଡ଼ା ରାଜା ନରସିଂହ ଆଉ କିଛି ଉପହାର ଦେବା ସଙ୍ଗତ ହେବ ନାହିଁ ।

କୋଣାର୍କର ପ୍ରତିଷ୍ଠା ଦିବସ ତେଣୁ ସ୍ଥିରୀକୃତ । କୋଣାର୍କ ନଗରୀରେ ଆନନ୍ଦ ଉତ୍ସବ, ଯାତ୍ରା ମହୋତ୍ସବ ଲାଗିଛି । ମହେନ୍ଦ୍ରଗିରିସ୍ଥ ଗୋକର୍ଣ୍ଣେଶ୍ୱରର ଶିବ ମନ୍ଦିର ମୁଖଲିଙ୍ଗମ୍, ଶ୍ରୀକୂର୍ମମ୍ ଓ ସିଂହାଚଳମ୍‌ର ବିଷ୍ଣୁ ମନ୍ଦିରମାନଙ୍କରେ ଅଖଣ୍ଡ ଦୀପଦାନ ଉତ୍ସବ ଚାଲିଛି । ଯାଜପୁରର ଗଙ୍ଗେଶ୍ୱର ମନ୍ଦିର, ବୟାଳିଶିବାଟିର ଗଙ୍ଗେଶ୍ୱରୀ ମନ୍ଦିର, ବେଗୁନିଆର ଦକ୍ଷିଣେଶ୍ୱର ପୁରାତନ ମନ୍ଦିର, ନରସିଂହ ଦେବଙ୍କ ପ୍ରତିଷ୍ଠିତ ରେମୁଣାର ଗୋପୀନାଥ ମନ୍ଦିର, ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ଠାକୁର ଠାକୁରାଣୀଙ୍କର ପୂଜା ଉପଚାର ହେଉଛି । କପିଳାସ ପାହାଡ଼ ଉପରେ

Digitized by srujanika@gmail.com

ଶିଖଣ୍ଡେଶ୍ୱର ଶିବ ମନ୍ଦିରରେ ଶିବଙ୍କ ଶିରରେ ବାର ଲକ୍ଷ ବେଲପତ୍ରୀ, ବାର ଲକ୍ଷ ଶ୍ୱେତ ଚମ୍ପା ଚଢ଼ା ହେଉଛି ।

ସମୁଦ୍ର ପଥରେ ଦେଶ ବିଦେଶରୁ ନିମନ୍ତ୍ରିତ ହେଇ ଆସିଛନ୍ତି ରାଜା ମହାରାଜା, ବିଦ୍ୱାନ, ପଣ୍ଡିତ, କବି, ସଙ୍ଗୀତଜ୍ଞଗଣ ଏଇ ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ ଯୋଗଦେବା ପାଇଁ ।

ପୁରୁଷୋତ୍ତମ, କୃତିବାସ, ବାରାଣସୀ, ରେମୁଣା, ନାରାୟଣପୁର, ଦେବକୁଟ ଇତ୍ୟାଦି ନଗରମାନଙ୍କରୁ ଆସିଛନ୍ତି ଅଗଣିତ ଜନତା । ଧାନ୍ୟପୁର, ସିନ୍ଦରପଦା, ଇଟିପୁର ଜୟପୁର, ନବାଗ୍ରାମ, ମାଳୀଦରଡ଼ା, ବୋଡଣ୍ଡା, ମଙ୍ଗଳେଶ୍ୱର, ଯାଆଁରାପଡ଼ା ଇତ୍ୟାଦି ଛୋଟ ବଡ଼ ଜନପଦମାନଙ୍କରୁ ନିମନ୍ତ୍ରିତ ହେଇ ଆସିଛନ୍ତି ଶିଳ୍ପୀ-ପରିବାର ଏବଂ ଅନ୍ୟାନ୍ୟ ଗ୍ରାମବାସୀ ଆନନ୍ଦ ଉତ୍ସବରେ ଭାଗ ନେବାପାଇଁ । ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତଙ୍କର ଆତିଥ୍ୟ ପାଇଁ କୋଣାର୍କ ନଗରୀରେ ବ୍ୟବସ୍ଥା ହୋଇଛି । ସୂର୍ଯ୍ୟଦେବଙ୍କ ଆସ୍ଥାନ ଆକାଶ ତଳେ ସମସ୍ତେ ସମ୍ମାନ—ଗଙ୍ଗବଂଶର ସୁବର୍ଣ୍ଣଯୁଗରେ ପୁରୁଷୋତ୍ତମ ପୁତ୍ର ନରସିଂହଙ୍କ ଛତ୍ରଛାୟା ତଳେ ସମସ୍ତେ ସମାନ । କୋଣାର୍କ ସମସ୍ତଙ୍କୁ ଏକତ୍ରିତ କରିଛି, ମୈତ୍ରୀ ବନ୍ଧନରେ ନିକଟତର କରିଛି ।

ସମସ୍ତ ଶିଳ୍ପୀଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ କରାଯାଇଛି । ଶିଳ୍ପୀ କମଳ ମହାରଣାକୁ ସ୍ୱହସ୍ତରେ ରତ୍ନ ପଦକ ପିନ୍ଧାଇ ଶିଳ୍ପୀ ଶିରୋମଣି ଉପାଧି ପ୍ରଦାନ କରିଛନ୍ତି ମହାରାଜା । କମଳ ମହାରଣାର ମା' ଏବଂ ଭାଇ ସିନ୍ଦରପଦା ଗ୍ରାମରୁ ଆସିଛନ୍ତି ଉତ୍ସବ ଶେଷରେ ପୁଅକୁ ଘରକୁ ପାନ୍ଥୋଟି ନେବାପାଇଁ । ଚନ୍ଦ୍ରଭାଗା ବୁଡ଼ରେ ତୀର୍ଥସ୍ନାନ କରି ଅନେକ ପାପର ପ୍ରକ୍ଷାଳନ ପାଇଁ ଏତେ ବାଟ ଧାଇଁ ଆସିବାରେ କୁଣ୍ଠାବୋଧ ହେଇନାହିଁ ବୁଢ଼ୀର । ସେମାନଙ୍କୁ ଦେଖି କମଳ ମହାରଣା ଆନନ୍ଦିତ ହେଉଛି । ପରକ୍ଷଣରେ ମନରେ ପ୍ରଶ୍ନ ଉଠିଚି—ସେ କେଉଁଠି ? ତାକୁ ଏକା ଛାଡ଼ି ମା' କେମିତି ଚାଲିଆସିଛି ? ତୀର୍ଥସ୍ନାନ ପାଇଁ ବୋହୂକୁ ସଙ୍ଗରେ ଆଣିଥିଲେ ସ୍ୱାମୀର ରାଜସମ୍ମାନ ଦେଖି ସେ ଏତେ ଦିନର ବିରହ ବ୍ୟଥାକୁ ପ୍ରଭୁଙ୍କର ଆଶୀର୍ବାଦ ମନେ କରିଥାନ୍ତା । ମିଳନର ଲଗ୍ନ ହେଇଥାନ୍ତା ମଧୁରତର । ଚନ୍ଦ୍ରଭାଗା ବୁଝିଥାନ୍ତା ତାର ସ୍ୱାମୀ ଶିଳ୍ପୀ ଶିରୋମଣି । ସେ ଧନ୍ୟ ହେଇଥାନ୍ତା । ଧନ୍ୟ ହେଇଥାନ୍ତା ନିଜେ କମଳ ମହାରଣା ।

ବୁଢ଼ୀ ପୁଅର ମନ କଥା ବୁଝି କହିଲେ—ପ୍ରଭୁଙ୍କର ଇଚ୍ଛାରେ ସଂସାର ଚାଲିଛି । ମଣିଷର ଚାରା କ'ଣ ? ଏକା ଜିଦ୍ ଧରି ବାପ ଘରକୁ ଯାଇଥିଲା । ସେଇଠି ଅଚିହ୍ନା ବ୍ୟାଧିରେ ଶେଷ ପାଇଗଲା । ମୋ ଘର ଶୂନ୍ୟ କରି ଦେଇଗଲା । ଧବଳ ମହାରଣା ଭାବହୀନ ଦୃଷ୍ଟିରେ ଚାହିଁଥିଲା କୋଣାର୍କର ଚୂଡ଼ାକୁ, ଯେଉଁଟି ଫର ଫର ଉଡୁଥିଲା ଧର୍ମର ନେତ ।

Digitized by srujanika@gmail.com

କମଳ ମହାରଣା ବୃଦ୍ଧ ହୋଇ ଠିଆ ହେଇଥିଲା । ଏତେଦିନ ଧରି ସେ ଯେଉଁ ପଦ୍ମଗନ୍ଧା ଜିଶୋରୀର ପ୍ରତୀକ୍ଷମାଣା ମୂର୍ତ୍ତିଟିକୁ ମନେ ମନେ ସ୍ୱପ୍ନ ଦେଖି କୋଣାର୍କର ଶିଳାରେ ଶିଳାରେ ଫୁଟାଇ ଯାଇଛି, ସେ ଅନେକ ଦିନରୁ ମିଳନ-ବିରହ, ସୁଖ-ଦୁଃଖର ବହୁ ଉର୍ଦ୍ଧ୍ୱକୁ ଚାଲିଯାଇଛି । ଏ ସମ୍ବାଦ ତା' ପାଖରେ ପହଞ୍ଚି ନାହିଁ । ପହଞ୍ଚିଥିଲେ ତାର ପ୍ରାଣ ଅସ୍ଥିର ହେଇଥାନ୍ତା ପ୍ରିୟାର ବିରହରେ । ଏକାଗ୍ର ସାଧନା ତାର ବ୍ୟାହତ ହେଇଥାନ୍ତା । ଏ ସମ୍ବାଦ ତାଙ୍କୁ ନଦେଇ ମହାରାଜାଙ୍କ ଇଚ୍ଛାକୁ ପୂର୍ଣ୍ଣ କରିବା ଦିଗରେ ସାହାଯ୍ୟ କରିଛନ୍ତି । ପ୍ରକୃତରେ ବାରବର୍ଷ ଧରି କେତେ କ'ଣ ଭଙ୍ଗାରୁଜା ହେଇନଥିବ ବାରଶହ ଶିଳ୍ପୀର ପରିବାରରେ ! ସବୁ ସମ୍ବାଦ ଯଦି ଶିଳ୍ପୀ ପାଖରେ ପହଞ୍ଚୁଥାନ୍ତା ତେବେ କୋଣାର୍କର ସଂପୂର୍ଣ୍ଣତା ସମ୍ଭବ ହେଇନଥାନ୍ତା !

କିନ୍ତୁ ଚନ୍ଦ୍ରଭାଗା ଏମିତି ଅସମୟରେ ଚାଲିଗଲା କାହିଁକି ? କଳ୍ପନାର ଚନ୍ଦ୍ରଭାଗାକୁ ସ୍ୱଚକ୍ଷୁରେ ଦେଖିବା ପୂର୍ବରୁ ସେ ଅନ୍ତର୍ଦ୍ଧନା ହେଇଗଲା ! ହୁଏତ ଚନ୍ଦ୍ରଭାଗା ଦେବକନ୍ୟା—ଶିଳ୍ପୀ କମଳ ମହାରଣା ତାର ଯୋଗ୍ୟ ପୁରୁଷ ନୁହେଁ । କମଳ ମହାରଣା କୋଣାର୍କର ଚୂଡ଼ାରେ ଚକ୍ଷୁସ୍ଥିର ରଖି ଭାବୁଥିଲା—ହାୟ ! ଚନ୍ଦ୍ରଭାଗା, ଥରେ ହେଲେ ତମେ କହିଯାଅ ମୁଁ ତମର ଯୋଗ୍ୟତମ ପୁରୁଷ କି ନା ।

ପୁଅର ମୌନ ବିଷଣ୍ଣ ବେଦନାକୁ ମର୍ମେ ମର୍ମେ ବୁଝି ବୁଝି କହିଲା—ସଂସାରରେ ଭଙ୍ଗା ଗଢ଼ା ଚାଲିଥାଏ । ତୋର ସଂସାର ଭାଙ୍ଗି ଯାଇନାହିଁ । ପୁରୁଷର ସଂସାର ଭାଙ୍ଗି ଯାଏ ନାହିଁ । ତୋ ପାଇଁ ଉପଯୁକ୍ତ ବୋହୂଟିଏ ଠିକ୍ କରିଛି । ଚନ୍ଦ୍ରଭାଗାଠାରୁ ଡେର ସୁନ୍ଦର । ବୟସ ଦଶ । ଧବଳ ପାଇଁ ବି ବୋହୂ ଠିକ୍ କରିଛି । ଘରକୁ ଫେରିଗଲେ ଦୁଇ ବୋହୂଙ୍କୁ ମହାଆଡ଼ମ୍ବରରେ ଆଣିବି, ମୋର ସଂସାର ହସିଉଠିବ । ଯିଏ ଗଲା ତା ପାଇଁ ମୁଣ୍ଡକୋଡ଼ି ଲାଭ କଣ ?

କମଳ ମହାରଣା କୌଣସି ଜବାବ ଦେଲା ନାହିଁ । ବାରବର୍ଷର ଏକାଗ୍ର ସାଧନା ତାକୁ ସୁଖ ଦୁଃଖର ବହୁ ଉର୍ଦ୍ଧ୍ୱକୁ ନେଇଯାଇଥିଲା । ଶରୀର—ମନ—ପ୍ରାଣରେ ସେ ତପସ୍ୱୀ ପାଲଟି ଯାଇଥିଲା । ପ୍ରାଣପ୍ରିୟା ସହ ମିଳନ ବାସନାରେ ବିଭୋର ହେଇଛି ସିନା—ସେ କେବେ ଉନ୍ମତ୍ତ, ଅଧୀର ହୋଇନାହିଁ । ସ୍ୱର୍ଗୀୟ ପ୍ରେମ ଭାବନାରେ ପାଷାଣରେ ପଦ୍ମ ଫୁଟାଇଛି—ଲେଖିଯାଇଛି ଶିବ, ଜଗନ୍ନାଥ, ଦୁର୍ଗାଙ୍କର ଆଲେଖ୍ୟ । ନବଗ୍ରହଙ୍କର ମୂର୍ତ୍ତି ଲେଖିଛି ହୃଦୟର ସବୁ ପ୍ରେମଭକ୍ତି ଉଜାଡ଼ି ଦେଇ । ଆଜି ମଧ୍ୟ ସେ ପ୍ରିୟାର ବିରହରେ ଅଧୀର ହୋଇପଡ଼ିଲା ନାହିଁ ବରଂ ସେ ଭାବିଲା ମଙ୍ଗଳମୟ ଜଗନ୍ନାଥଙ୍କର ଏ ହେଉଛି ତା' ପ୍ରତି ଗୋଟାଏ ନୀରବ ଇଙ୍ଗିତ । କୋଣାର୍କ ଛାଡ଼ି ସେ ଆଉ ଯାଇପାରେନା । ପରିବାର, ସଂସାର, ପୁତ୍ର କନ୍ୟା, ପାର୍ଥିବ ସୁଖ ଭିତରେ କୋଣାର୍କକୁ ସେ ଅବହେଳା କରିଥାନ୍ତା । ଆଜି ସେ ମୁକ୍ତ—ବନ୍ଧନହୀନ ।

Digitized by srujanika@gmail.com

ଶିଳ୍ପୀ ପରିବାରଙ୍କୁ କୋଣାର୍କ ପାଖାପାଖି ଅଞ୍ଚଳରେ ବସବାସ କରିବାର ଅନୁମତି ମହାରାଜ ଦେଇଛନ୍ତି । ବୟାଳିଶବାଟି ମୌଜାର ସାଇଁ ସାଇଁ ବରହମ୍‌ପୁର, ଗଣେଶ୍ୱରପୁର, ଭୈରିପୁର, ଅଚ୍ୟୁତପୁର ଗାଁମାନଙ୍କରେ ଶିଳ୍ପୀ ପରିବାରଙ୍କର ଥଇଥାନ କରିଛନ୍ତି ମହାରାଜ । ଆଉ କେତେକ ଶିଳ୍ପୀ ପରିବାରକୁ ପୁରୀରେ ଜମି, ଘର ଦେଇ ସ୍ଥାୟୀଭାବେ ବସବାସ କରିବାର ଅନୁମତି ଦେଇଛନ୍ତି । ଉଦ୍ଦେଶ୍ୟ କୋଣାର୍କ ମନ୍ଦିର ଏବଂ ପୁରୀ ଜଗନ୍ନାଥ ମନ୍ଦିରର ସୁରକ୍ଷା ସେମାନେ ହିଁ କରିବେ । ନିଜ ରକ୍ତ ଏବଂ ସ୍ୱେଦରେ ଗଢ଼ା କାଳଜୟୀ କଳାକୀର୍ତ୍ତିର ରକ୍ଷଣାବେକ୍ଷଣ ଶିଳ୍ପୀ ଛଡ଼ା ଆଉ କିଏ କରିପାରେ !

କୁଶଭଦ୍ରା ନଦୀର ତଟ ଦେଶରେ କେତକୀ ବନ । କେତକୀ ବନ ଭିତରେ ଦକ୍ଷିଣେଶ୍ୱର ମହାଦେବଙ୍କର ପୁରାତନ ଜୀର୍ଣ୍ଣ ମନ୍ଦିର ।

କୁଶଭଦ୍ରା ନଦୀ ତୀରସ୍ଥ ବେଗୁନିଆ ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ଆବିର୍ଭୂତ ହୋଇଥିଲେ ଶ୍ୱେତବର୍ଣ୍ଣର ଶିବଲିଙ୍ଗ । ପରମ ବୈଷ୍ଣବ ରାଜା ନରସିଂହ ପାତାଳପୁଟା ଶ୍ୱେତବର୍ଣ୍ଣଙ୍କ ଶିବଲିଙ୍ଗ ପାଇଁ ନୂତନ ମନ୍ଦିର ପ୍ରତିଷ୍ଠା କରିବାପାଇଁ ପ୍ରତିଜ୍ଞାବଦ୍ଧ । ଉଭୟ ବିଷ୍ଣୁ ଓ ଶିବ ଏକତ୍ର ପୂଜା ପାଆନ୍ତି ଦକ୍ଷିଣେଶ୍ୱର ମନ୍ଦିରରେ ।

କମଳ ମହାରଣା ଶିବଦର୍ଶନ ପାଇଁ ଯାଇ କେତକୀ ବନର ମାୟାରେ ହଜିଯାଏ କି ଦକ୍ଷିଣେଶ୍ୱରଙ୍କ ମହିମାରେ ସ୍ୱପ୍ନାଚ୍ଛନ୍ନ ହୁଏ ସେ ଜାଣେନା । ଦକ୍ଷିଣେଶ୍ୱର ପାଖ ଦେଇ ଭୈରିପୁର, ବେଦପୁର, ଅଚ୍ୟୁତପୁର ପ୍ରଭୃତି ଗାଁ ମଧ୍ୟ ଦେଇ କୋଣାର୍କ ପର୍ଯ୍ୟନ୍ତ ନଦୀରେ ପଥର ବୁହା ହୁଏ କୋଣାର୍କ ମନ୍ଦିର ନିର୍ମାଣ ପାଇଁ । ପଥରବୁହା କାର୍ଯ୍ୟ ତଦାରଖ କରିବା ପାଇଁ ନଦୀ ପଥରେ କୋଣାର୍କରୁ ଦକ୍ଷିଣେଶ୍ୱର ଯାଇ ବହୁବାର ଶିବଲିଙ୍ଗଙ୍କର ଦର୍ଶନ କରିଛି କମଳ ମହାରଣା । କେତକୀ ବନର ମାୟାରେ ମୋହାଚ୍ଛନ୍ନ ହେଇ କୁଶଭଦ୍ରାର କୁଳୁ କୁଳୁ ସଙ୍ଗୀତରେ ସେ ଆତ୍ମହରା ହେଇଛି । ଅନେକବାର କାମନା କରିଛି ଉତ୍ତର ଜୀବନରେ ପ୍ରାଣପ୍ରିୟା ଚନ୍ଦ୍ରଭାଗା ସହ ସେ କେତକୀ ବନରେ କୁଡ଼ିଆଟିଏ କରି ଦକ୍ଷିଣେଶ୍ୱରଙ୍କ ସେବା ପୂଜାରେ ଦିନ କାଟିବ । କୁଶଭଦ୍ରା ନଦୀତଟରେ ଠିଆହୋଇ ପ୍ରତିଦିନ ଧୂସର ଦିଗନ୍ତର ପରଦାରେ କୋଣାର୍କ ମନ୍ଦିରକୁ ଦେଖିବ । ସ୍ନାନ ସାରି ସୂର୍ଯ୍ୟଦେବଙ୍କୁ ଚଳ ଅର୍ଘ୍ୟ ଦେଇ କୋଣାର୍କ ମନ୍ଦିରକୁ ନମସ୍କାର କରିବ ।

ମହାରାଜ ଅତ୍ୟନ୍ତ ପ୍ରୀତ ହେଇ କହିଥିଲେ—ଶିଳ୍ପୀ, ତମର ଶ୍ରେଷ୍ଠ ଇଚ୍ଛା ମୋ ପାଖରେ ପ୍ରକାଶ କର, ମୁଁ ଅଚିରେ ପୂରଣ କରିବି ।

କମଳ ମହାରଣା ତତ୍‌କ୍ଷଣାତ୍ ଉତ୍ତର ଦେଇଥିଲା—ମହାରାଜ, ଦକ୍ଷିଣେଶ୍ୱର ମହାଦେବଙ୍କ କେତକୀ ବନ ପାଖରେ କୁଡ଼ିଆ ଖଣ୍ଡିଏ ପାଇଁ ଯେତିକି ଜମି ଆବଶ୍ୟକ ସେତିକି

Digitized by srujanika@gmail.com

ଅନୁଗ୍ରହ କଲେ ଜୀବନ ସାର୍ଥକ ହେବ । ପ୍ରତିଦିନ କୁଶଭଦ୍ରା ନଦୀରେ ସ୍ନାନକରି କେତକୀ ଫୁଲରେ ପୂଜା କରିବି ବିରଞ୍ଚିନାରାୟଣ ଦକ୍ଷିଣେଶ୍ୱରଙ୍କୁ । ଦିଗନ୍ତର ପରଦାରେ ଦେଖିବି କୋଣାର୍କ ମନ୍ଦିରକୁ । ଆଉ ମୋର କିଛି ଲୋଡ଼ା ନାହିଁ ।

ମହାରାଜା ଚାହିଁଥିଲେ ପୁରୁଷୋତ୍ତମ କ୍ଷେତ୍ରରେ କମଳ ମହାରଣାକୁ ପ୍ରତିଷ୍ଠିତ କରିବେ । ତା'ପାଇଁ ତିଆରି କରିବେ ସୁଦୃଶ୍ୟ ପ୍ରାସାଦ । ପ୍ରତିଦିନ ଜଗନ୍ନାଥଙ୍କର ଦର୍ଶନ କରୁଥିବ କମଳ ମହାରଣା । ପୁରୁଷୋତ୍ତମ କ୍ଷେତ୍ରରେ ହିଁ ହଜିଯାଇଛି ତାର ପ୍ରାଣପ୍ରିୟା ଚନ୍ଦ୍ରଭାଗା । କେବେ ହୁଏତ ଜଗନ୍ନାଥ ଦୁଇଟି ବିରହୀ ଆତ୍ମାର ମିଳନ କରାଇଦେବେ । କିନ୍ତୁ କମଳ ମହାରଣା ନିର୍ଜନ କେତକୀ ବନରେ ସ୍ଥାନଟିଏ ବାଛିନେଇଛି । ହୁଏତ ଚନ୍ଦ୍ରଭାଗା ସହ ପରଜନ୍ମରେ ମିଳନ ପାଇଁ ଶିବଙ୍କ ଶିରରେ କେତକୀ ଫୁଲ ଚଢ଼ାଇ ତପସ୍ୟା କରିବ । କମଳ ମହାରଣାକୁ ତାର ମା' ଏବଂ ଭାଇଙ୍କ ସହ ବସବାସ କରିବା ପାଇଁ ବେଗୁନିଆ ଗ୍ରାମରେ ଜମି ଖଞ୍ଜା ମିଳିଯାଇଛି । କେତକୀ ବନର ପାଖକୁ ଲାଗି କୁଟୀର ନିର୍ମାଣ କରି ସେ ରହିବ ।

କମଳ ମହାରଣା ସ୍ଥିର କଣ୍ଠରେ କହିଲା—ମା'ଧବଙ୍କର ବିବାହ କରାଇ ଦିଅ । କୋଣାର୍କ ମନ୍ଦିର ନିର୍ମାଣ ପାଇଁ ଘର ଛାଡ଼ି ନଥିଲେ ମୋ ଝିଅକୁ ଦଶବର୍ଷ ହୁଅନ୍ତାଣି । ମୋର ଆଉ ବିବାହ କ'ଣ ? ମୁଁ ତ ସଂସାରକୁ ଭୁଲି ବୈରାଗୀ ହୋଇଗଲିଣି । ତୋର ବୋହୂ ଆଗରୁ ଚାଲିଯାଇଛି ଖୁବ୍ ଭଲ ହୋଇଛି । ଈଶ୍ୱର ଯାହା କରନ୍ତି ତା ପଛରେ କିଛି ନା କିଛି ମହତ୍ ଉଦ୍ଦେଶ୍ୟ ଥାଏ । କମଳ ମହାରଣା ପ୍ରଣାମ ଜଣାଇଲା ଈଶ୍ୱରଙ୍କ ଉଦ୍ଦେଶ୍ୟରେ । ବୁଢ଼ୀ ଶୂନ୍ୟ ଦୃଷ୍ଟିରେ ଚାହିଁଥିଲା କୋଣାର୍କ ଚୂଡ଼ାକୁ ।

କୋଣାର୍କ ମନ୍ଦିର ପ୍ରତିଷ୍ଠା ଦିବସରେ ମନ୍ଦିରରେ ନୃତ୍ୟ ପରିବେଷଣ ପାଇଁ କେତେ ଜଣ ଦେବଦାସୀ ଶ୍ରୀକ୍ଷେତ୍ରରୁ ପଦ୍ମ କ୍ଷେତ୍ରକୁ ଯିବାପାଇଁ ରାଜାଦେଶ ପହଞ୍ଚିଛି । ସେମାନଙ୍କ ଭିତରେ ଦେବଦାସୀ ମେଖଳା ସହ ପରିଚାରିକା ଚନ୍ଦ୍ରଭାଗା ମଧ୍ୟ କୋଣାର୍କ ଯିବାପାଇଁ ପ୍ରସ୍ତୁତ ହୋଇଛି । ଜଗନ୍ନାଥଙ୍କର ଶେଷ ଇଚ୍ଛା ପୂର୍ଣ୍ଣ କରିବା ଦିଗରେ ଚନ୍ଦ୍ରଭାଗା ବା ଆପତ୍ତି କରିବ କାହିଁକି ? ବରଂ ଥରେହେଲେ ସେ ନୟନ ଭରି ଦେଖି ଆସିବ ତା' ଶିଳ୍ପୀ ସ୍ୱାମୀର ଅମଳିନ କୀର୍ତ୍ତି । ସୂର୍ଯ୍ୟଦେବଙ୍କ ଜନ୍ମବାସରରେ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ କରି ମୁକ୍ତିଲାଭର ପୁଣ୍ୟ ଅର୍ଜନ କରିବ । ଯଦି ସ୍ୱାମୀଙ୍କୁ ଦୂରରୁ ହେଲେ ଥରେ ଦେଖିପାରେ—ଚିହ୍ନିବାର ସୁଯୋଗ ଥାଏ—ତେବେ ସାରା ଜୀବନର ଅବଶୋଷ ମେଣ୍ଟିଯିବ । ଦିନେ ଯେ ତାକୁ ଚନ୍ଦ୍ରଭାଗା ତୀର୍ଥକୁ ଯିବାକୁ ହେବ ଏକଥା କ'ଣ ସେ ଜାଣିଥିଲା ? ସବୁ ତ ଇଚ୍ଛାମୟଙ୍କର ଲୀଳା । ତାର ଚାରା କ'ଣ ।

ଚନ୍ଦ୍ରଭାଗା ମୁକ୍ତି ତୀର୍ଥରେ ସ୍ନାନ ଏବେ ଶେଷ ହୋଇଛି । ମିତ୍ରାଦିତ୍ୟ ସୂର୍ଯ୍ୟଦେବ ଦକ୍ଷିଣାୟନ ଶେଷ କରି ଅଗ୍ନିକୋଣରୁ ଉଦିତ ହୋଇଛନ୍ତି । ସୂର୍ଯ୍ୟଦେବଙ୍କର ଉତ୍ତରାୟଣ

Digitized by srujanika@gmail.com

ଆରମ୍ଭରେ ଚନ୍ଦ୍ରଭାଗାର ସ୍ନାନୋତ୍ସବ ଶେଷ କରିଛନ୍ତି ଯାତ୍ରୀମାନେ । ''ଜୟ ସୂର୍ଯ୍ୟନାରାୟଣ ଜୟ'' ଧ୍ୱନିରେ ସାଗରର ଉତ୍ତାଳ ସ୍ୱର ହଜିଯାଇଛି । ନବୋଦିତ ସୂର୍ଯ୍ୟଦେବଙ୍କର ଆଦ୍ୟରଶ୍ମି ସ୍ପର୍ଶ କରିଛି କୋଣାର୍କର ରତ୍ନ ସିଂହାସନ । ମହାସମାରୋହରେ ବେଦପୁରରେ ବ୍ରାହ୍ମଣମାନଙ୍କ ଦ୍ୱାରା କୋଣାର୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି ।

ସୂର୍ଯ୍ୟଦେବଙ୍କର ପୂଜା । ଉପଚାର ଏବଂ ଭୋଗ ପାଇଁ ରାଜା ନରସିଂହ ପୂର୍ବାପେକ୍ଷା ଅଧିକ ଜମି ଖଜଣା କରିଛନ୍ତି । ପଇଁତିରିଶ ଶହ ମାଡ଼ ସୁନା ଭୋଗ ନିମନ୍ତେ ନିର୍ଦ୍ଦିଷ୍ଟ କରିଛନ୍ତି । ସୂର୍ଯ୍ୟଦେବଙ୍କର ପୂଜା ଉପଚାର ବିଧିବିଧାନର ସହ ଆରମ୍ଭ ହୋଇଛି ।

ନିଦ୍ରାଭଙ୍ଗ ମାତ୍ରେ ସୂର୍ଯ୍ୟଦେବଙ୍କର ପଞ୍ଚାମୃତ ସ୍ନାନ ଶେଷ ହୋଇଛି । ସ୍ନାନ ପରେ ଅତି ସାମାନ୍ୟ ବାଲଭୋଗ । ପୂର୍ବାହ୍ନରେ ସକାଳ ଧୂପ ଏବଂ ଦ୍ୱିପ୍ରହର ଭୋଗ ସମାପ୍ତ ହୋଇଛି । ତାପରେ ଅତି ସାମାନ୍ୟ ଦ୍ୱିପ୍ରହର ଅବକାଶ ଭୋଗ । ସମାପ୍ତ ହୋଇଛି । ତାପରେ ଅତି ସାମାନ୍ୟ ଦ୍ୱିପ୍ରହର ଅବକାଶ ଭୋଗ । ଦ୍ୱିପ୍ରହର ଅବକାଶ ପରେ ସନ୍ଧ୍ୟା ପର୍ଯ୍ୟନ୍ତ ପହୁଡ଼—ବିଶ୍ରାମ । ସନ୍ଧ୍ୟାରେ ଆରତୀ ଏବଂ ଲଘୁ ସନ୍ଧ୍ୟାଧୂପ । ତାପରେ ଆଡ଼ମ୍ବରପୂର୍ଣ୍ଣ ସନ୍ଧ୍ୟାଧୂପ ଭୋଗ ଲାଗି ରହିଛି । ରାତ୍ରୀର ବଡ଼ସିଂହାର ଭୋଗ ପୂର୍ବରୁ ସୂର୍ଯ୍ୟଦେବଙ୍କୁ ଅଷ୍ଟଅଳଙ୍କାରରେ ବେଶ କରାଯାଇଛି । ଅପୂର୍ବ ଦିଶୁଛନ୍ତି ଅତୀବ ମନୋରମ ସୂର୍ଯ୍ୟନାରାୟଣ ବିଗ୍ରହ । ରାତ୍ରୀ ଶୟନ ପୂର୍ବରୁ ମହାଆଡ଼ମ୍ବରପୂର୍ଣ୍ଣ ରାଜଭୋଗ ମଣୋହ କରି ତାପରେ ରାତ୍ରୀ ବିଶ୍ରାମ କରିଛନ୍ତି ।

ସକାଳ ଏବଂ ସନ୍ଧ୍ୟାଧୂପ ସମୟରେ ଦେବପୂଜାର ଅଙ୍ଗ ସ୍ୱରୂପ ନାଟମନ୍ଦିରରେ ନୃତ୍ୟ ଗୀତ ସୁନିପୁଣା ଦେବଦାସୀଙ୍କର ନୃତ୍ୟ ସମାପନ ହୋଇଛି । ସାରା ଦିନର କ୍ଲାନ୍ତି ମେଣ୍ଟାଇବା ପାଇଁ ସୂର୍ଯ୍ୟଦେବଙ୍କ ସମେତ ସମସ୍ତେ ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଇଛନ୍ତି ।

ନୃତ୍ୟଗୁରୁ ସୌମ୍ୟ ଶ୍ରୀଦତ୍ତ କିନ୍ତୁ ବିନିଦ୍ର । ସୁବର୍ଣ୍ଣ ଦ୍ୱୀପ ଜାଭାରୁ ପରିବାର ସହ ଆସିଛି ସାନଭାଇ ସୁଦତ୍ତ—କୋଣାର୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାପାଇଁ । କିଶୋରୀ ଶିଳ୍ପୀର ଅଗାଧ ପିତୃଭକ୍ତି, ଅସୀମ ଦେଶପ୍ରେମ ଏବଂ ଅପୂର୍ବ ସାହସିକତାର କଥା ସୌମ୍ୟ ଶ୍ରୀଦତ୍ତଙ୍କୁ ଶୁଣାଇଛନ୍ତି । କନ୍ୟାର ସୁଖ୍ୟାତି ପିତାର ସୁଖ ଏବଂ ଗୌରବ ବଢ଼ାଇଥାନ୍ତା ସିନା—ଆଜି ଦୁଃଖର ବୋଝକୁ ବଢ଼ାଇଛି—ଆତ୍ମଗ୍ଲାନିରେ ବିଷର୍ଣ୍ଣ ହୋଇଛି ସୌମ୍ୟ ଶ୍ରୀଦତ୍ତଙ୍କର ହୃଦୟ । ନୀରବରେ—ନିଜ ଦୁଃଖର ଭାର ବହନ କରି ସେ ଅନ୍ଧକାର ଭିତରେ ଠିଆହୋଇଛନ୍ତି ନାଟମନ୍ଦିରର ସ୍ନାନରତା ଶିଳ୍ପୀର ପ୍ରତିମୂର୍ତ୍ତି ନିକଟରେ । ଅଣ୍ଡାକି ଅଣ୍ଡାକି ସ୍ପର୍ଶ କରୁଛନ୍ତି କନ୍ୟାର ପାଷାଣ ପ୍ରତିମୂର୍ତ୍ତିକୁ । ସ୍ୱଗତୋକ୍ତି କରୁଛନ୍ତି—କେବେ ତୋର ସମୁଦ୍ରସ୍ନାନ ଶେଷ ହେବ ଶିଳ୍ପୀ ! କେବେ ସମୁଦ୍ର ଗର୍ଭରୁ ଉଠି ଆସିବୁ ପୃଥିବୀକୁ—ମା' ଗଙ୍ଗେଶ୍ୱରୀଙ୍କ ପ୍ରାଙ୍ଗଣରେ କେବେ

Digitized by srujanika@gmail.com

ପୁଣି ଧୂଳି ଖେଳରେ ମାତିଯିବୁ ? ମନେ ମନେ ଶିଳ୍ପୀ କମଳ ମହାରଣାକୁ ଧନ୍ୟବାଦ ଜଣାଉଛନ୍ତି ନୃତ୍ୟଗୁରୁ । ସ୍ୱଗତୋକ୍ତି କରୁଛନ୍ତି—ଶିଳ୍ପୀ, ତମେ ମୋର ଆଦରଣୀୟା କନ୍ୟାକୁ ଅମର କରିଦେଇଛ । ତମେ ମୋର ନମସ୍ୟ—ତମକୁ ପ୍ରଣାମ କରୁଛି ।

ନାଟ ମନ୍ଦିରର ଉତ୍ତର ପାର୍ଶ୍ୱରେ ଅମଳିନ ଚନ୍ଦ୍ରାଲୋକରେ ଆଉ ଏକ ଛାୟାମୂର୍ତ୍ତି ନିଶ୍ଚଳ ହୋଇ ଠିଆ ହେଇଛି ସେଇ ପ୍ରତୀକ୍ଷମାଣା ନାରୀମୂର୍ତ୍ତିର ସମ୍ମୁଖରେ । ନିଜର ସୃଷ୍ଟି ଭିତରେ କାହାକୁ ଖୋଜୁଛି ଶିଳ୍ପୀ କମଳ ମହାରଣା ?

ଶିଳ୍ପୀ କମଳ ମହାରଣା ଏବଂ ନୃତ୍ୟଗୁରୁ ଶ୍ରୀଦତ୍ତ ସେଇ ପବିତ୍ର ଜ୍ୟୋତ୍ସ୍ନାଲୋକରେ ସାମ୍ନାସାମ୍ନି ଠିଆହେଲେ । ଦୁହେଁ ଚାହିଁ ରହିଲେ ଦୁହିଁଙ୍କୁ—ଦୁହିଁଙ୍କ ଆଖିରେ ଚିରନ୍ତନ ଏକ ଅନ୍ୱେଷଣର ଛବି ଚିତ୍ରିତ । ଏ ଅନ୍ୱେଷଣର ଶେଷ କେଉଁଠି ? ଜୀବନର ଅନ୍ୟ ନାମ ଅନ୍ୱେଷଣ । ଆତ୍ମା ଖୋଜୁଛି ପରମାତ୍ମାକୁ । ଶିଳ୍ପୀ ଏବଂ ଚନ୍ଦ୍ରଭାଗା ଆଜି ଏକ ହେଇଯାଇଛନ୍ତି । କମଳ ମହାରଣା କାହାକୁ ଖୋଜୁଛି ନିଜେ ବୁଝିପାରୁ ନାହିଁ । ଶିଳ୍ପୀ ଏବଂ ଚନ୍ଦ୍ରଭାଗାଙ୍କର ଆତ୍ମାହୂତିର କଥା ଇତିହାସ ଲେଖିବ ନାହିଁ—କିନ୍ତୁ ଲେଖିଯିବ କମଳ ମହାରଣା, ନିଜ ଜୀବନ କାବ୍ୟର ପୃଷ୍ଠାରେ । କମଳ ମହାରଣା ଦିନେ ହଜିଯିବ—ବଞ୍ଚି ରହିବେ ଶିଳ୍ପୀ ଏବଂ ଚନ୍ଦ୍ରଭାଗା । କୋଣାର୍କର ଶିଳାରେ ଜୀବନ୍ୟାସ ପାଉଥିବେ । କଳାକାର ହଜିଯାଏ—ବଞ୍ଚିଯାଏ କଳା, କାଳ କାଳ ପାଇଁ ଜରା, ବ୍ୟାଧି, ରୋଗ ଏବଂ ମୃତ୍ୟୁର ଉର୍ଦ୍ଧ୍ୱେ ହୋଇ—

ସୂର୍ଯ୍ୟଦେବ ଏବେ ମଧ୍ୟଦିଗ୍‌ବଳୟରେ ଦେଖା ଦେଇନାହାନ୍ତି । ସାରା ଆକାଶ ଘନ ମେଘାଚ୍ଛନ୍ନ । ପୂର୍ବଦିନ ଜନ୍ମବାସର ଐତିହାସିକ ଉତ୍ସବରେ ନୃତ୍ୟ, ଗୀତ, ପୂଜା, ମହୋତ୍ସବ, ଅଭିନନ୍ଦନ ଅଭ୍ୟର୍ଥନାର କ୍ଲାନ୍ତି ମେଣ୍ଟାଇବା ପାଇଁ, ଆଉ କିଛିକ୍ଷଣ କାଳେ ଘୁମେଇ ପଡ଼ିବେ ବୋଲି ଆକାଶ ପାଖିଦେଇଛି ଘନ ବାଦଲର ନରମ ଶେଯ । ସମୁଦ୍ର ଗର୍ଭରୁ ଅଳସ ଭାଙ୍ଗି ଉଠିବେ ବାଳସୂର୍ଯ୍ୟ । ଶେଯରେ ମୁହଁ ଲୁଚାଇ ପୁଣି ଘୁମେଇ ପଡ଼ିବେ କିଛିକ୍ଷଣ । କାଲି ସାରାଦିନ କୋଣାର୍କର ପ୍ରତିଷ୍ଠା ଦିବସର ମହୋତ୍ସବ ସେ ଦେଖିଛନ୍ତି—ମୂର୍ତ୍ତ ଦର୍ଶନ ଦେଇଛନ୍ତି ଅଗଣିତ ତୀର୍ଥଯାତ୍ରୀଙ୍କୁ । କାଲିଯେ ସୂର୍ଯ୍ୟୋଦୟ ସେ ଦେଖିଛି, ସେ ଯଦି ଆଉ ଦେଢ଼ଦେହେଲେ ଜୀବନରେ ସୂର୍ଯ୍ୟୋଦୟ ନ ଦେଖେ, ତେବେ ବି ତାର ଜୀବନ ଅପୂର୍ଣ୍ଣ ହେବାର ନୁହେଁ—ଅନ୍ଧକାରାଚ୍ଛନ୍ନ ହେବାର ନୁହେଁ ।

ତଥାପି ଚିରକାଳ ଅତୃପ୍ତ ଏଇ ମଣିଷର ମନ । ତାର କାମନାର ଶେଷ ନାହିଁ—ଯନ୍ତ୍ରଣାର ଶେଷ ନାହିଁ । ଚନ୍ଦ୍ରଭାଗାରେ ଏବେ ବି ଅଟକି ଯାଇଥିବା ତୀର୍ଥଯାତ୍ରୀମାନେ ପୁଣି ଆଜି ପ୍ରତ୍ୟୁଷରୁ ତୀର୍ଥସ୍ନାନ କରି ସୂର୍ଯ୍ୟଦେବଙ୍କୁ ଅପେକ୍ଷା କରିଛନ୍ତି । ଘରକୁ ଲେଉଟିଯିବା

Digitized by srujanika@gmail.com

ଆଗରୁ ଆଉ ଥରେ ଚନ୍ଦ୍ରଭାଗାରେ ସୂର୍ଯ୍ୟୋଦୟ ଦେଖିଯିବେ । ଆକାଶରେ ଘନ ବାରିଦକୁ ଅଭିସମ୍ପାତ ଦେଉଛନ୍ତି ମନେ ମନେ । ଅଷ୍ଟମୀର ସୂର୍ଯ୍ୟୋଦୟ ନଦେଖି ଘରକୁ ଲେଉଟିଗଲେ ଅବଶୋଷ ରହିଯିବ । ଚନ୍ଦ୍ରଭାଗାରେ ରାତିଟିଏ ଅଟକି ଯିବା ବ୍ୟର୍ଥ ହେଇଯିବ । କିନ୍ତୁ ସୂର୍ଯ୍ୟଦେବଙ୍କୁ ଆଦରରେ ଥାପୁଡ଼େଇ ଶୋଇ ପକାଉଛି ମେଘର ନରମ ହାତ । ଦିଗ୍‌ବଳୟକୁ ଅନୁରାଗର ଆଭାରେ ରଞ୍ଜିତ କରି ସୂର୍ଯ୍ୟଦେବ ମିଟି ମିଟି ଆଖିରେ ମୁରୁକି ହସୁଛନ୍ତି—ଅଥଚ ଦେଖାଦେଉ ନାହାନ୍ତି ।

ଶିଳ୍ପୀ ପରିବାର ଆଖପାଖ ଗାଁମାନଙ୍କରେ ବସବାସ କରିବା ପାଇଁ ଚାଲିଗଲେଣି ଖୁବ୍ ପ୍ରତ୍ୟୁଷରୁ ସ୍ନାନ ସାରି । ସୂର୍ଯ୍ୟଦେବଙ୍କୁ ଅପେକ୍ଷା କରିବା ପାଇଁ ବେଳ ନାହିଁ—ନିଜ ପରିବାର ସହ ନୂଆ ସଂସାର ଗଢ଼ିବେ ସେମାନେ—ନୂତନ ଗ୍ରାମରେ । ରାଜାଙ୍କର ଅନୁଗ୍ରହରେ ଅଭାବ, ଦୁଃଖ ଜାଣିବେ ନାହିଁ । ଏଣିକି ନିଶ୍ଚିନ୍ତ ମନରେ କୂଳ ବେଉସାରେ ନିପୁଣତା ଫୁଟାଇ ଜୀବନକୁ ସାର୍ଥକ କରିବେ । ବାରବର୍ଷର ଐକାନ୍ତିକ ସାଧନା ଅବଶିଷ୍ଟ ସମସ୍ତ ଜୀବନକୁ ବଂଶାନୁକ୍ରମେ ମହିମାମୟ କରିବ ।

କିନ୍ତୁ କମଳ ମହାରଣା ଅବଶିଷ୍ଟ ଜୀବନ କାଟିବ କୁଶଉଦ୍ରା ତାର କେତକୀ ବନରେ । କେତକୀ ଫୁଲର ବାସ୍ନା ଚୋରାଇ ଅଧୀର ଅପେକ୍ଷାରେ ଥିବା ଚପଳ ପବନ । କୁଶଉଦ୍ରା କୂଳ ଘନ ଅରଣ୍ୟରେ ଶୁକ, ଶାରୀ, କାକ, ପିକ ମାଙ୍ଗଳିକ ଗାଇ ତାକୁ ସ୍ୱାଗତ ଜଣାଇବା ପାଇଁ ଅପେକ୍ଷା କରିବେ—କୁଶଉଦ୍ରାର ନରମ ଜଳସ୍ରୋତ ଉର୍ମିଳ ଆଲିଙ୍ଗନରେ ପାଛୋଟି ନେବା ପାଇଁ ଅପେକ୍ଷା କରି କରି କୂଳରେ ମଥା ପିଟୁଥିବ । ଦକ୍ଷିଣେଶ୍ୱର ନୂତନ ମନ୍ଦିରର ମୁଖ୍ୟ ସ୍ଥାପିତ ହେବ କମଳ ମହାରଣା ।

କମଳ ମହାରଣା ନଦୀ ବନ୍ଧରେ ଠିଆହେଇ ଚାହିଁ ରହିଛି ଚନ୍ଦ୍ରଭାଗାର ପ୍ରଶସ୍ତ ବୁକୁର ନୀଳ ଜଳରାଶିକୁ । ଏଇ ତାର ପ୍ରାଣପ୍ରିୟା ଚନ୍ଦ୍ରଭାଗା—ଆଜିକୁ ବାରବର୍ଷ ଧରି ପ୍ରତିଦିନ ଚନ୍ଦ୍ରଭାଗାର ଆକୁଳ ଆଲିଙ୍ଗନ ଭିତରେ ଆତ୍ମାକୁ ପବିତ୍ର କରି ସେ ପ୍ରାଣପ୍ରିୟା କିଶୋରୀ ପତ୍ନୀର ବିରହଜ୍ୱାଳାକୁ ପ୍ରଶମିତ କରିଛି । ମନ ଦେଇଛି ପ୍ରତିମା, ପୂଜା, ଭକ୍ତିରେ । ଚନ୍ଦ୍ରଭାଗାରେ ସ୍ନାନ କରି ସେ ପତ୍ନୀକୁ ସ୍ମରଣ କରିଛି । ଭାବିଛି—ଏହା ତ, ଚନ୍ଦ୍ରଭାଗା ଅଛି ତାର ପାଖେ ପାଖେ, ତାର ଅନ୍ତର ଭିତରେ, ତାର ଆତ୍ମା ସହ ଅଦୃଶ୍ୟ ବନ୍ଧନରେ ବନ୍ଧାହୋଇ । ସାଗର ସହ ଚନ୍ଦ୍ରଭାଗାର ମିଳନକୁ ବାଧାଦେବ କିଏ ?

କିନ୍ତୁ ଚନ୍ଦ୍ରଭାଗା କାହିଁକି ମିଳିତ ହେବ ସାଗରର ଲବଣାକ୍ତ ବୁକୁରେ—ସ୍ରୋତ ଅମୃତମୟ ପାରାବାରରେ ମିଶିଯାଇଛି—ପ୍ରଭୁଙ୍କର ପାଦପଦ୍ମରେ ନିଶ୍ଚୟ ସ୍ଥାନ ପାଇଥିବ ତାର ଅକଳୁଷ ଆତ୍ମା ।

Digitized by srujanika@gmail.com

କମଳ ମହାରଣାର ଧ୍ୟାନ ଭଗ୍ନ ହେଲା । ଗୁଣୁ ଗୁଣୁ ମଧୁର ସ୍ୱରରେ ମନ୍ତ୍ରପାଠ କରି କେହି ଜଣେ ସୂର୍ଯ୍ୟଦେବଙ୍କୁ ପାଣି ଟେକୁଛି । ସେଇ ଧ୍ୟାନସ୍ଥ ମୂର୍ତ୍ତିଟି ଉପରେ କମଳ ମହାରଣାର ଶିଳ୍ପୀ ଆଖି ସ୍ଥିର ହେଇଗଲା । ମୋହାଚ୍ଛନ୍ନ ହେଲା ତାର ଚିନ୍ତା ଓ ଚେତନା । କିଏ ସେ ଭକ୍ତିମତୀ ପଦ୍ମଗନ୍ଧା ନାରୀ ? ନିରାଭଣା, ସଦ୍ୟସ୍ନାତା ସନ୍ନ୍ୟାସିନୀ ଶିଳ୍ପୀର ସମସ୍ତ କଳ୍ପନା ଶକ୍ତିକୁ ପରାହତ କରି ଆନନ୍ଦିତ ରୂପ ମାଧୁରୀ ଉଦ୍‌ଭାସିତ ହେଇଉଠୁଛି ଚନ୍ଦ୍ରଭାଗାର ନୀଳ ଜଳରାଶି ଭିତରେ । କଟିପର୍ଯ୍ୟନ୍ତ ପାଣିରେ ଠିଆହୋଇ ଦୁଇ ପଦ୍ମ ପାପୁଲିରେ ଜଳ-ଅର୍ଘ୍ୟ ଦେଉଛି ସୂର୍ଯ୍ୟଦେବଙ୍କୁ । ପଦ୍ମକଡ଼ ସଦୃଶ ଅର୍ଦ୍ଧନିମିଳିତ ଦୁଇ ଚକ୍ଷୁ । ମନ୍ତ୍ରୋଚ୍ଚାରଣ ଯୋଗୁଁ ଈଷତ୍ ସ୍ପନ୍ଦିତ ଅଧର ।

ସନ୍ୟାସିନୀ ବେଶ ନାରୀଟିର ସୌନ୍ଦର୍ଯ୍ୟକୁ ଶତଗୁଣିତ କରୁଛି । ତାର ମୁଖରେ ଏମିତି ଏକ ପବିତ୍ରତାର ସ୍ପର୍ଶ ରହିଛି, ଦର୍ଶନ ମାତ୍ରକେ ମନର ସମସ୍ତ କାମନା ବାସନା ହୋମାଗ୍ନିରେ ପୂର୍ଣ୍ଣାହୁତି ଭଳି ଊର୍ଦ୍ଧ୍ୱମୁଖୀ ହେଇ ନିଶ୍ଚିହ୍ନ ହେଇଯାଉଛି ମଧୂର ପବିତ୍ର ଭାବନାର ଧାରାରେ ।

ମନ୍ତ୍ରମୁଗ୍ଧ କମଳ ମହାରଣା ସ୍ତବଗତୋକ୍ତି କରୁଥିଲା—କେଉଁ ଅନାଦି କାଳରୁ ତମସହ ମୋର ପରିଚୟ । ତମେ ସତ୍ୟ, ଶିବ, ସୁନ୍ଦର । ତମର ମୃତ୍ୟୁ ନାହିଁ । ତମେ ଯିଏ ବି ହୁଅ—କମଳ ମହାରଣାର ଶିଳ୍ପୀ ପ୍ରାଣରେ ତମେ ଜୀବନର ସ୍ପନ୍ଦନ ହେଇ ବଞ୍ଚିରହିବ—ତା ସୃଷ୍ଟିର ପ୍ରେରଣା ହେଇ ପଥରରେ ପ୍ରାଣ ସଞ୍ଚାର କରିବ ।

ଜଳ-ଅର୍ଘ୍ୟ ସମର୍ପଣ କରି ନାରୀଟି ଚକ୍ଷୁ ଖୋଲିଲା । ଦୃଷ୍ଟି ତାର ଛଳ ଛଳ, କରୁଣ । କ'ଣ ମାଗୁଥିଲା ସୂର୍ଯ୍ୟଦେବଙ୍କୁ ? ଏଇ ବର-ନାରୀଟିର କ'ଣ ଅବା ଅଭାବ ହେଇଥିବ ! ସ୍ୱାମୀ, ପୁତ୍ର, ସଂସାର ? ନାରୀ ଜୀବନର କାମ୍ୟ ତ ସେତିକି ।

ସମସ୍ତଙ୍କୁ ନିରାଶ କରି ମୁହଁ ଲୁଚାଇ ରହିଥିଲେ ସୂର୍ଯ୍ୟଦେବ । ଅଥଚ ଏଇ ନାରୀଟିର ଅପରୂପ ସୁଷମାନଙ୍କୁ ଦେଖିବାର ଲୋଭ ସ୍ୱରଣ କରିନପାରି ବଉଦ ଆଡ଼େଇ ଉଙ୍କି ମାରି ସେ ଚାହିଁଲେଣି—ସୁନେଲି ଅବିର କିଛି ବୋଳି ଦେଲେଣି ନାରୀଟିର ମୁହଁରେ, ତାର ସ୍ୱର୍ଗୀୟ ସୁଷମାକୁ ସତଗୁଣିତ କରି । ସ୍ନାନ ସାରି ଉଠିଆସିବ ବୋଲି ନଦୀବନ୍ଧ ଆଡ଼େ ମୁହଁ ଫେରାଇଲା ନାରୀଟି ।

ଶିଳ୍ପୀ କମଳ ମହାରଣା ସୁଦୀର୍ଘ ହେଇ ଠିଆ ହେଇଛି ବନ୍ଧ ଉପରେ । ମୂର୍ତ୍ତି ଭଳି ସୁନ୍ଦର, ସୁଠାମ, ନିଶ୍ଚଳ । ଘନ କୁଞ୍ଚିତ ଦୀର୍ଘ କେଶ ପ୍ରଶସ୍ତ କପାଳର ଶୋଭା ବର୍ଦ୍ଧନ କରିଛି । କର୍ଣ୍ଣରେ କୁଣ୍ଡଳ । ଉଜ୍ଜଳ ଶ୍ୟାମବର୍ଣ୍ଣର ପ୍ରଶସ୍ତ ବୁକୁରେ ରତ୍ନପଦକ ଝଟକି ଉଠୁଛି । ଶିଳ୍ପୀ-ସୁଲଭ ଗଭୀର ମର୍ମସ୍ପର୍ଶୀ ଦୃଷ୍ଟି ।

ଚାରିଚକ୍ଷୁର ମିଳନ ହେଲା । ଲଜ୍ଜା, ଭୟ, ସଂକୋଚରେ ନାରୀଟି ଦୃଷ୍ଟିନତ କରି ପାଣି ଭିତରେ ଠିଆ ହୋଇଛି । ଘୁଞ୍ଚିଯାଉଛି ଆଉରି ଗଭୀର ଜଳକୁ । ସେ ବୁଝିପାରିଛି ଅପରିଚିତ

Digitized by srujanika@gmail.com

ପୁରୁଷଟି ଜଣେ ସାଧାରଣ ତୀର୍ଥଯାତ୍ରୀ ନୁହେଁ—ତାଙ୍କର କିଛି ସ୍ୱାତନ୍ତ୍ର୍ୟ ଅଛି, ବୈଶିଷ୍ଟ୍ୟ ଅଛି । ତାଙ୍କ ସାମ୍ନାରେ ଜଳରୁ ଉଠିଯିବା ପାଇଁ ସ୍ୱତଃ କୁଣ୍ଠା ଜାଗୁଛି—ପାଦ ଛନ୍ଦି ହୋଇଯାଉଛି ।

କେହି ଜଣେ ସ୍ନାନରତ ତୀର୍ଥଯାତ୍ରୀ ଅନୁଚ୍ଚ କଣ୍ଠରେ କହୁଛି—ଏ ଜଣେ ବିଶିଷ୍ଟ କୋଣାର୍କ ଶିଳ୍ପୀ । ମହାରାଜ ସ୍ୱହସ୍ତରେ ରତ୍ନପଦକ ପିନ୍ଧାଇ ସମ୍ମାନିତ କରିଛନ୍ତି । କେହି କେହି ଶିଳ୍ପୀଙ୍କର ପାଦସ୍ପର୍ଶ କରି ପ୍ରଣାମ କରୁଛନ୍ତି । କହୁଛନ୍ତି—ଆପଣଙ୍କ ଦର୍ଶନରେ ଜୀବନ ଧନ୍ୟ ହେଲା । ଆପଣ ଏ ଜାତିର ଗୌରବ । କୋଣାର୍କଠାରୁ କୋଣାର୍କ ଶିଳ୍ପୀ ମହାନ୍ ।

ନାରୀଟି ମନେ ମନେ ପ୍ରଣାମ କରୁଛି ଶିଳ୍ପୀଙ୍କୁ । ଭାବୁଛି କୋଣାର୍କର ପ୍ରତ୍ୟେକ ଶିଳ୍ପୀ ମହାନ୍ । ପ୍ରଭାତ କାଳରେ ଜଣେ ମହାନ୍ ଶିଳ୍ପୀଙ୍କର ଦର୍ଶନ ଲାଭ କରି ସେ ବହୁ ପୂର୍ଣ୍ଣ ଅର୍ଜନ କରିଛି ।

ସଂକୋଚ ଭରା ଦୃଷ୍ଟିରେ ଆଉଥରେ ଚାହିଁଲା ନାରୀଟି । କୋଣାର୍କର ପ୍ରତ୍ୟେକ ଶିଳ୍ପୀ ଏମିତି ସୁ ପୁରୁଷ ହେଇଥିବେ ବୋଲି ସେ ହୃଦୟଙ୍ଗମ କରୁଛି । ମନଭରି ଆଉଥରେ ଶିଳ୍ପୀଙ୍କୁ ଦେଖିନେବାର ଲୋଭ ସମ୍ଭରଣ କରିପାରୁ ନାହିଁ । ଶିଳ୍ପୀଙ୍କ ଉପରେ ଚକ୍ଷୁସ୍ଥିର ରଖିବା ପୂର୍ବରୁ ତାଙ୍କ ପଛରେ ଛିଡ଼ା ହେଇଥିବା ବୃଦ୍ଧାଟା ଉପରେ ଚକ୍ଷୁସ୍ଥିର ହେଇଗଲା । ବୃଦ୍ଧାଙ୍କ ପଛରେ ଶିଳ୍ପୀଙ୍କର ପ୍ରତିରୂପ ଆଉଜଣେ ଯୁବକ ।

ନାରୀଟିର ସମସ୍ତ ଶରୀର ବିବଶ ହେଇଗଲା । ବୃଦ୍ଧାର ଦୃଷ୍ଟିରେ ଘୃଣା, ଅସହିଷ୍ଣୁତା ଭର୍ତ୍ସନା ଜଳିଉଠୁଛି । ନୀରବ ଭର୍ତ୍ସନା ଅଗ୍ନିକଣିକା ଭଳି ଅଜାଡ଼ି ହେଇ ପଡୁଛି—ମଲୁ ନାହିଁ କଳଙ୍କିନୀ ! ଏତେଦିନ ଯାଏ କେଉଁଠି ଥିଲୁ ? ଛିଃ ଛିଃ-ତୁ ଚଞ୍ଚଳହିନ୍ଦୁ ଜାଣିଲେ ପୁଅ ମୋର ଲଜ୍ୟାରେ ମୁଣ୍ଡ ଟେକି ଚାଲିବ ନାହିଁ । ଯା ଦୂର ହେଇଯା, ମୋ ପୁଅର ସୁଖ ପଥରୁ...।

ବିଭତ୍ସ ଦୃଷ୍ଟିର ଏ କଠୋର ଭର୍ତ୍ସନାଠାରୁ ଭାଷା ହୁଏତ ଢେର ଶାଳୀନ ହେଇଥାନ୍ତା । ଓଠର ଭାଷା ଓ ଶବ୍ଦର ଗୁମ୍ଫନରେ ସୀମାବଦ୍ଧ ହେଇଯାଏ । ଆଖିର ଭାଷା ପ୍ରେମ ଏବଂ ଘୃଣାର ଚରମତା ସ୍ପର୍ଶ କରିବାରେ ବାଧା କ'ଣ ?

ଚନ୍ଦ୍ରଭାଗା ତତ୍‌କ୍ଷଣାତ୍ ନଦୀବନ୍ଧକୁ ପଛକରି ଦିଗ୍‌ବଳୟରେ ଦୃଷ୍ଟିସ୍ଥିର ରଖିଲା । ଦୁଃଖ ଏବଂ ଭୟରେ ଆଉଥରେ ବୁଡ଼ଟିଏ ଦେଲା ନଦୀଜଳରେ । ମନେ ମନେ କାମନା କଲା—ହେ ମୃତ୍ୟୁଦେବତା, ମୋର ଦୁଃଖ ଓ ଲଜ୍ୟାର ଭାର ବହନ କର । ମୁଁ ସ୍ୱାମୀଙ୍କର ଦର୍ଶନଲାଭ କରିଛି । ତାଠାରୁ ଅଧିକ ସୁଖ ଏ ଜନ୍ମରେ ଆଉ ସମ୍ଭବ ନୁହେଁ । ମୁଁ ସମାଜ ତ୍ୟାଗ କରିଛି, ଗୃହତ୍ୟାଗ କରିଛି । ତମରି କୋଳ ହିଁ ମୋର ଏକମାତ୍ର ଆଶ୍ରୟ ସ୍ଥଳ । ଜୀବନର ଗୋଟାଏ ଅସମ୍ଭବ ଆଶା ପୂର୍ଣ୍ଣ ହେବାପରେ ଆଉ ମୃତ୍ୟୁପାଇଁ ମୋର ଭୟ କ'ଣ ?

Digitized by srujanika@gmail.com

ଶିଳ୍ପୀଙ୍କୁ ପଛ କରି ବାରମ୍ବାର ବୁଢ଼ ପକାଉଥିଲା ଚନ୍ଦ୍ରଭାଗା । ବିରହିଣୀ ଆଖିର ଅଶ୍ରୁଧାରା ନଦୀଜଳରେ ମିଶିଯାଉଥାଏ । ସେ ଅଶ୍ରୁର ଭାର ସହିପାରିବେ ନାହିଁ ବୋଲି ସୂର୍ଯ୍ୟଦେବ ପୁଣିଥରେ ମୁହଁ ଲୁଚାଇଥାନ୍ତି ଘନ ବାଦଲର ଅନ୍ତରାଳରେ । ସତୀନାରୀର ହୃଦୟର ଜ୍ୱାଳାକୁ ପ୍ରଶମିତ କରିବା ପାଇଁ ବର୍ଷା, ତୋଫାନ ମାଡ଼ିଆସୁଥାଏ । ଆକାଶ, ପୃଥିବୀ, ସାଗର ସତୀନାରୀ ପ୍ରତି ସମାଜର ଅପପ୍ରଚାର ବିରୁଦ୍ଧରେ ପ୍ରତିବାଦ କରି ଏକପ୍ରକାର ହେବାପାଇଁ ପ୍ରସ୍ତୁତ ହେଉଥାନ୍ତି ।

କମଳ ମହାରଣା ମୁହଁ ଫେରାଇ ଦୂରକୁ ଘୁଞ୍ଚିଯାଉଥାଏ । ଏତେବେଳେ ଯାଏ ସଦ୍ୟସ୍ନାତା ନାରୀଟିର ବାଟ ଜଗି ସେ ଠିଆ ହେଇଛି ବୋଲି ଲଜ୍ଜା, ଅନୁତାପରେ ନିଜକୁ ଧିକ୍‌କାର କରୁଥାଏ । ପବିତ୍ରତା ଏବଂ ସୌନ୍ଦର୍ଯ୍ୟ ପାଖରେ ଶିଳ୍ପୀ ଚିରଦିନ ଏମିତି ପରାଜିତ ଏବଂ ଆତ୍ମବିସ୍ମୃତ । ତାର ଅପରାଧ କ'ଣ ! ଏଇ ପବିତ୍ର ସୌନ୍ଦର୍ଯ୍ୟର ଯିଏ ସୃଷ୍ଟିକର୍ତ୍ତା ସେ ମଧ୍ୟ ମୋହାଚ୍ଛନ୍ନ ହୁଅନ୍ତେ ନିଜ ସୃଷ୍ଟି ସୌନ୍ଦର୍ଯ୍ୟରେ । ସେଇ ମହାନ୍ ସ୍ରଷ୍ଟାକୁ ବାରମ୍ବାର ପ୍ରଣାମ ଜଣାଇ କମଳ ମହାରଣା ଲମ୍ବା ଲମ୍ବା ପାଦପକାଇଲା । ବୁଢ଼ୀ କହୁଥାଏ—ମେଘ, ତୋଫାନ, ଝଡ଼ ମାଡ଼ିଆସୁଛି । ଘୋର ଅମଙ୍ଗଳର ସୂଚନା ସକାଳୁ ମିଳିଲାଣି । ସ୍ୱର୍ଗରେ ବି ସୂର୍ଯ୍ୟଦେବଙ୍କର ଏମିତି ମନ୍ଦିର ନଥିବ । କାଳେ କୋଣାର୍କ ମନ୍ଦିରର ସୌନ୍ଦର୍ଯ୍ୟରେ ସନ୍ତୁଷ୍ଟ ହେଇ ସୂର୍ଯ୍ୟଦେବ ମର୍ତ୍ତ୍ୟକୁ ଓହ୍ଲାଇ ଆସିବେ ସେଇଥିପାଇଁ ଆକାଶ ଅସହଣୀ ହେଇ ଭାଙ୍ଗି ପଡୁଛି । କୋଣାର୍କରେ ଘୋର ଅଶୁଭ ସୂଚନା ମୁଁ ଦେଖିପାରୁଛି । ସଙ୍ଗେ ସଙ୍ଗେ କୋଣାର୍କ ଛାଡ଼ି ବେଗୁନିଆ ଗ୍ରାମର ନୂଆଘରକୁ ଚାଲିଯିବା । ବହୁ ଲୋକ କୋଣାର୍କ ଛାଡ଼ି ସାରିଲେଣି । ଆଉ ଡେରି କାହିଁକି ?

କମଳ ମହାରଣା ଗୁଣୁ ଗୁଣୁ ହେଇ କହୁଥିଲା—କିଛି ନୂତନତା ପଛରେ ପୁରାତନର କିଛି ଭଙ୍ଗାରୁଜା ଇତିହାସ ରହିଥାଏ । କିଛି ଗଢ଼ା ହେବା ପଛରେ କିଛି ଭଙ୍ଗାରୁଜାର କାହାଣୀ ଯୁଗେ ଯୁଗେ ରହିଛି । ଏଥିରେ ବିଚଳିତ ହେବାର ଅଛି କ'ଣ ?

ବୁଢ଼ୀ ବିଡ଼୍ ବିଡ଼୍ ସ୍ୱରରେ କହିଲା—ଆଉ ଯାହା ଭାଙ୍ଗୁ—ମୋ ସଂସାର, ମୋ ପୁଅର ସଂସାର ଭାଙ୍ଗି ନଯାଉ । ଚାଲ୍, ଆଜି ସଙ୍ଗେ ସଙ୍ଗେ କୋଣାର୍କ ଛାଡ଼ିବା—ଆଉ ଦଣ୍ଡେ ଘଡ଼ିଏ ଏଠି ରହିବାର ନୁହେଁ ।

କମଳ ମହାରଣା ମନେ ମନେ ଉପହାସ କଲା ନିଜକୁ । ସ୍ୱଗତୋକ୍ତି କଲା—କମଳ ମହାରଣାର ସଂସାର ଏବେ ବି କ'ଣ ଭାଙ୍ଗିରୁଜି ଯାଇନାହିଁ—ଖାଲି କନକ ନୁହେଁ—କେତେ ଯେ ଶିଳ୍ପୀ ପରିବାରରେ କେତେ କେତେ ଭଙ୍ଗାରୁଜା ହେଇଯାଇଛି ତା କିଏ ଜାଣେ ? କୋଣାର୍କରେ ପଥର-ଶିଳ୍ପୀ ପଥର ହୃଦୟ ନେଇ ତାକୁ ସବୁ ସହିବ—ବଞ୍ଚି ରହିବ—ତା' ଦେଶର ସଂସ୍କୃତିକୁ ବିଖଣ୍ଡିତ କରିବ ନାହିଁ ବୋଲି ସେ ଖଣ୍ଡ ଖଣ୍ଡ ହେଇ ଭାଙ୍ଗି ରୁଜି ଯିବା । ଏତିକି କ'ଣ ମା'ଜାଣେ ନାହିଁ ?

Digitized by srujanika@gmail.com

—ଚଉଦ—

କୋଣାର୍କ ଆକାଶର ସେଇ ପ୍ରଳୟଙ୍କରୀ ଝଡ଼ ପୃଥିବୀକୁ ଓହ୍ଲେଇ ଆସିଥିଲା କରାଳବାହୁ ବିସ୍ତାରି । ଈର୍ଷା ଅସୂୟାରେ ଫାଟି ପଡ଼ିଥିଲା ଆକାଶ । ବର୍ଷା, ବିଦ୍ୟୁତ୍ ତୋଫାନର ତାଣ୍ଡବଲୀଳାରେ କୋଣାର୍କ ନଗରୀ ଧ୍ୱସ୍ତବିଧ୍ୱସ୍ତ ହେଇଯାଇଥିଲା । ମୃତାହତ ହେଇଥିଲେ କେତେ ନରନାରୀ । ଭୂମିସାତ ହେଇଥିଲା କେତେ ପ୍ରାସାଦ, ଜନପଦ । କିନ୍ତୁ ଅଭଙ୍ଗା ଦେଉଳ କୋଣାର୍କ ସବୁ ଝଡ଼ଝଞ୍ଜା ଭିତରେ ସ୍ଥିତପ୍ରଜ୍ଞ ଯୋଗୀ ଭଳି ସଗର୍ବେ ମୁଣ୍ଡଟେକି ଠିଆ ହେଇଥିଲା । ପ୍ରତିକୂଳ ପରିସ୍ଥିତି ଭିତରେ କୋଣାର୍କ-ଦେବଙ୍କର ପୂଜାନୀତି ବିଧିବଦ୍ଧ ଭାବେ ଚାଲିଥିଲା ।

କାଲି ମାତ୍ର କୋଣାର୍କ ମନ୍ଦିରର ପ୍ରତିଷ୍ଠା ପର୍ବ ପବିତ୍ର ପୂଜାବିଧି ଭିତରେ ପାଳିତ ହୋଇଛି । ଆଜି, ମାଘ ଅଷ୍ଟମୀରେ ପ୍ରକୃତିର ଏ ବିଚିତ୍ର ବିରୋଧ କାହିଁକି ?

ମହାରାଜ ନରସିଂହ ଏବଂ ରାଣୀ ସୀତା ମହାଦେବୀ କୋଣାର୍କ ରାଜପ୍ରାସାଦରେ ଅବସ୍ଥାନ କରୁଛନ୍ତି । ଅପରାଜେୟ ରାଜା ନରସିଂହଙ୍କର ପରାକ୍ରମ ପ୍ରକୃତି ପାଖରେ ହିଁ କେବଳ ହାରମାନିଛି । ନିରୀହ ତୀର୍ଥଯାତ୍ରୀ ଏବଂ ରାଜାନୁଗତ କୋଣାର୍କ ନଗରୀର ପ୍ରଜାଗଣଙ୍କ ଧନ ଜୀବନକୁ ସେ ପ୍ରକୃତିର ଆକ୍ରମଣରୁ ରକ୍ଷା କରିପାରିନାହାନ୍ତି ।

କୋଣାର୍କର ପ୍ରତିଷ୍ଠା ଦିବସରେ ଉଦାର ହୃଦୟ ପୁରୁଷୋତ୍ତମ ପୁତ୍ର ରାଜା ନରସିଂହଙ୍କ ମନତଳେ ମଣିଷର ସ୍ୱାଭାବିକ ଅହଂଭାବଟି ଅତି ସ୍ୱାଭାବିକ ଭାବରେ ସଂଗୋପନରେ ଜାଗିଉଠିଥିଲା । ସେ ଭାବୁଥିଲେ—ନିଜର ବାରବର୍ଷର ରାଜସ୍ୱ ବ୍ୟୟରେ ନିର୍ମିତ କୋଣାର୍କ ଗଙ୍ଗବଂଶର ସୁବର୍ଣ୍ଣଯୁଗକୁ ଇତିହାସ ପୃଷ୍ଠାରେ ସ୍ୱର୍ଣାକ୍ଷରରେ ଲିପିବଦ୍ଧ କରିବ ଏବଂ ତାରି ଭିତରେ ରାଜା ନରସିଂହଙ୍କର ନାମ ଆକାଶର ଅସଂଖ୍ୟ ତାରାଙ୍କ ଭିତରେ ଧ୍ରୁବତାରା ଭଳି ଉଜ୍ଜ୍ୱଳତର, ଚିର ଭାସ୍ୱର ହେଇ ରହିବ । କୋଣାର୍କ ଶିଳ୍ପୀଙ୍କର ନାମ ଗନ୍ଧ ଇତିହାସ ଲେଖିବ ନାହିଁ—ଇତିହାସ ଲେଖିବ ରାଜା ନରସିଂହଙ୍କର ନାମ । କୋଣାର୍କର ନିର୍ମାତା ନରସିଂହ ବଞ୍ଚି ରହିବେ କୋଣାର୍କର ଅଭଙ୍ଗା କାରୁଶିଳ୍ପ ଭିତରେ । ଆତ୍ମପ୍ରାସାଦରେ ମନ ହାଲ୍‌କା ହେଇ ନଥିଲା; ଭାରି ହେଇଯାଇଥିଲା । କୋଣାର୍କ ମନ୍ଦିରର ସମସ୍ତ ଗୌରବ ମହାରାଜାଙ୍କ ପାଦତଳେ ଅଜାଡ଼ି ହେଇ ପଡ଼ିଥିଲା । ମହାମନ୍ତ୍ରୀ ଶିବ ସାମନ୍ତରାୟ ଭାବୁଥିଲେ କୋଣାର୍କ ଅଭଙ୍ଗା ଦେଉଳ ହେଇ କାଳକାଳକୁ ବିରାଜିତ ହେବ, ତା'ରି ଭିତରେ ବଞ୍ଚିରହିବେ ନିର୍ମାଣ ବିଭାଗମନ୍ତ୍ରୀ ଶିବସାମନ୍ତରାୟ । ଇତିହାସ ଶିବ ସାମନ୍ତରାୟଙ୍କର ଜୟଗାନ ଘୋଷିବ । କୋଣାର୍କ ନିର୍ମାଣ ପଥରେ ରାଜାଙ୍କର ଅବଦାନଠାରୁ ମହାମନ୍ତ୍ରୀଙ୍କର ଅବଦାନ ବେଶି—ଏକଥା ଇତିହାସ ସ୍ୱର୍ଣାକ୍ଷରରେ ଲେଖିବ ।

Digitized by srujanika@gmail.com

ମୁଖ୍ୟ ସ୍ଥପତି ବିଶ୍ୱନାଥ ମହାରଣା ସମ୍ପୂର୍ଣ୍ଣ କୋଣାର୍କକୁ ଦେଖି ଭାବୁଥିଲେ ଇତିହାସ କେବଳ ଚିହ୍ନିବ ଜଣେ କୋଣାର୍କ ଶିଳ୍ପୀକୁ—ସେ ବିଶୁ ମହାରଣା, ଯାହାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଦାନରେ କୋଣାର୍କ ମନ୍ଦିରର ପ୍ରତିଟି ଶିଳାଖଣ୍ଡରେ ପଦ୍ମ ଫୁଟିଛି । ବାରଶହ ଶିଳ୍ପୀଙ୍କର ନାମ ହଜିଯିବ ବିଶୁ ମହାରଣାଙ୍କ ନାମ ଭିତରେ । ବାରଶହ କୋଣାର୍କ ଶିଳ୍ପୀଙ୍କର ପ୍ରତିନିଧି ବିଶୁ ମହାରଣା ମହାକାଳକୁ ପରାହତ କରି ଅମର ହେବେ ଏଥିରେ ସନ୍ଦେହ ନାହିଁ । ନିଜକୁ ଅମର କରିବାପାଇଁ ମରଦେହଧାରୀ ମଣିଷର ଆଶା କାଳେ କାଳେ ଏମିତି ବଢିଯାନ । ମୃତ୍ୟୁପରେ ମଧ୍ୟ ନିଜର ଯଶ ଏବଂ ପ୍ରତିଷ୍ଠା ଅକ୍ଷୟ ରହୁ—ଏହାହିଁ ମଣିଷର ଶ୍ରେଷ୍ଠ କାମନା ।

କିନ୍ତୁ ଏ ଭାବନା ଜାଗି ନଥିଲା କୋଣାର୍କ ମନ୍ଦିର ନିର୍ମାଣରେ ବିନ୍ଦୁ ବିନ୍ଦୁ ସ୍ୱେଦ ଢାଳି ପଥର କାଟିବା, ପଥର ବୋହିବା, ବାଲି ବୋହିବା ଇତ୍ୟାଦି କଷ୍ଟକର କାର୍ଯ୍ୟ କରିଥିବା ଶ୍ରମିକର ମନରେ । ସେ ଖାଲି ଖୁସି ହେଉଥିଲା କୋଣାର୍କର ସମ୍ପୂର୍ଣ୍ଣରୂପେ ଦେଖି । କାରଣ ରାଜା, ରାଣୀ, ଯୁବରାଜ, ପାତ୍ରମନ୍ତ୍ରୀ, ପ୍ରଜାବର୍ଗ ସମସ୍ତେ ଖୁସି ହେଇଛନ୍ତି । ମହାକାଳକୁ ଜୟ କରିବାର ଦୁରାଶା ତାର ପରିମିତ ମନତଳେ ସ୍ଥାନ ପାଇ ନଥିଲା । ଅଥଚ ସେ ଜାଣେ ନାହିଁ, ରାଜା ନରସିଂହଙ୍କର ବାରବର୍ଷର ରାଜତ୍ୱରେ, ବାରଶହ ଶିଳ୍ପୀଙ୍କର ନିର୍ମାଣ କୌଶଳ, ତାଙ୍କରି ଭଳି ହଜାର ହଜାର ଶ୍ରମିକଙ୍କର ରକ୍ତ ଏବଂ ସ୍ୱେଦରେ ହିଁ କୋଣାର୍କର ପ୍ରତିଟି ପଥରଖଣ୍ଡ ଯୋଡ଼ିଇ ହୋଇଛି । ତାଙ୍କ ବ୍ୟତୀତ କୋଣାର୍କ ମନ୍ଦିର ଯେ ସମ୍ଭବ ନୁହେଁ—ଏକଥା ତାର ସରଳ ହୃଦୟ ଜାଣେ ନାହିଁ ।

ଅଷ୍ଟମୀ ତିଥିର ଭୟାବହ ଝଡ଼ଟା କୋଣାର୍କ ମନ୍ଦିର ଚାରିପଟେ କୁଢ଼େଇ ଦେଇଛି କେତେ ମଣିଷର ଭଙ୍ଗାରୁଜା କ୍ଷତବିକ୍ଷତ ଶରୀର । ତା'ରି ଭିତରେ ନୀରବଦ୍ରଷ୍ଟା ହେଇ ଠିଆ ହୋଇଛି କୋଣାର୍କ ମନ୍ଦିର । ଯେମିତି ନୀରବ ସଂଳାପରେ କହୁଛି—କୋଣାର୍କ ଅଭଙ୍ଗା ଦେଉଳ ନୁହେଁ—ମହାକାଳ ପାଖରେ ଦିନେହେଲେ କୋଣାର୍କ ହାର ମାନିଯିବ । ହାର ମାନିଯିବେ ରାଜା ନରସିଂହ, ମନ୍ତ୍ରୀ ଶିବ ସାମନ୍ତରାୟ, ସ୍ଥପତି ବିଶୁ ମହାରଣା । ମହାକାଳ ସମସ୍ତଙ୍କର ଗର୍ବ, ଦମ୍ଭ, ଅହଙ୍କାରକୁ ଚୂର୍ଣ୍ଣ କରିଦିଏ । କିନ୍ତୁ ଆଗାମୀ ବଂଶଧରଙ୍କ ପ୍ରାଣ ପୃଷ୍ଠାରେ ଅଦୃଶ୍ୟ ଅକ୍ଷରରେ ଲିପିବଦ୍ଧ ହେବ ବାରଶହ ନାମହୀନ ଶିଳ୍ପୀ ଏବଂ ଶ୍ରମିକମାନଙ୍କର କଳା କୀର୍ତ୍ତିମୟ ରକ୍ତ ସ୍ୱେଦର କାହାଣୀ । ସେମାନେ ଅମରତ୍ୱ ଲଭିବେ । କାରଣ ସେମାନେ ଜଣେ ଜଣେ ବ୍ୟକ୍ତି ନୁହଁନ୍ତି—ସେମାନେ ଗୋଟାଏ ମହାନ୍ ଜାତିର ପ୍ରତିନିଧି । ବ୍ୟକ୍ତିର ମୃତ୍ୟୁ ହୁଏ—ଗୋଟାଏ ମହାନ୍ ଜାତିର ମୃତ୍ୟୁ ନାହିଁ ।

ପରିଚୟହୀନ ଅସଂଖ୍ୟ ତୀର୍ଥଯାତ୍ରୀ, ଶ୍ରମିକ ବସ୍ତିର ଅସଂଖ୍ୟ ନରନାରୀଙ୍କର ବାତ୍ୟା ବିଧ୍ୱସ୍ତ ମୃତ ଶରୀରକୁ ଏକତ୍ର କରି ସତ୍କାର କରାଉଥିଲେ ରାଜା ନରସିଂହ । ସ୍ତୂପୀକୃତ

Digitized by srujanika@gmail.com

ମରଦେହମାନଙ୍କର ଅବିନଶ୍ୱର ଆତ୍ମା ମଣିଷ ମନଗଢ଼ା ଜାତି, ଧର୍ମ, ବର୍ଣ୍ଣ ଏବଂ ଧନୀ ନିର୍ଦ୍ଧନର ଭେଦାଭେଦକୁ ଅସ୍ୱୀକାର କରି ଚିତାଗ୍ନିରେ ଏକୀଭୂତ ଲେଲିହାନ ଶିଖା ସହ ଊର୍ଦ୍ଧ୍ୱମୁଖୀ ହେଉଥିଲା । ସେଇ ପ୍ରଜ୍ୱଳିତ ଚିତାଗ୍ନିରେ ରାଜାର ଅହଙ୍କାର ଭସ୍ମୀଭୂତ ହେଇଯାଇଥିଲା । ମହାରାଜା ନତମସ୍ତକ ହେଇ ନୀରବ ପ୍ରାର୍ଥନା କରୁଥିଲେ—ଯେଉଁମାନଙ୍କର ସ୍ୱେଦ ଓ ରକ୍ତବିନ୍ଦୁରେ କୋଣାର୍କ ଆଜି ମୁଣ୍ଡ ଟେକିଛି ସେଇ ମହାନ୍ ଆତ୍ମାମାନଙ୍କର ସଦ୍‌ଗତି ହେଉ । ରାଜା ହିସାବରେ ସେ ଯୁଦ୍ଧ କରିଛନ୍ତି ସତ—କୋଣାର୍କ ଗଢ଼ିଛନ୍ତି ଶ୍ରମିକମାନେ—ଶିଳ୍ପୀମାନେ । ସେ ଶକ୍ତି ରାଜାର କାହିଁ ?

କୋଣାର୍କର ଉଭୟଙ୍କର ଝଡ଼ଟା ଆକାଶେ ଆକାଶେ କୁଶଭଦ୍ରା ନଦୀ ତୀରର କେତକୀ ବନକୁ ଅଳ୍ପକେ ଛୁଇଁ ଯାଇଥିଲା । କେତେଟା ବାସୀ କେତକୀ ପାଖୁଡ଼ା ନଦୀ ଜଳରେ ଝରିପଡ଼ିଥିଲା ଝଡ଼ର ଝାଙ୍କରେ । ସଜ କେତକୀ ଫୁଲର ବାସ ଦିଗେ ଦିଗେ ଚହଟୁଥିଲା—ବଙ୍କିମ ଅଧରରେ ହସୁଥିଲା କେତକୀ ଫୁଲ ଝଡ଼କୁ ଉପହାସ କରି । ମହାଦେବଙ୍କର ମଥା ଲାଗି ହେବାପାଇଁ ଯିଏ ଫୁଟିଛି—ସେ ଝଡ଼କୁ ଖାତିର କରିବ କାହିଁକି ?

ଦକ୍ଷିଣେଶ୍ୱର ଶ୍ୱେତଲିଙ୍ଗକୁ କେତକୀ ବନ ତା'ର ସବୁଜ ଆଲିଙ୍ଗନ ଭିତରେ ବାନ୍ଧିରଖିଛି । ଆସନ୍ତା ସପ୍ତାହରେ ନୂତନ ମନ୍ଦିରର ଶୁଭ ଦିଆହେବ । ମହାରାଜାଙ୍କର ଏହା ହିଁ ନିଷ୍ପତ୍ତି । କୋଣାର୍କ ମନ୍ଦିରର ସମ୍ପୂର୍ଣ୍ଣତା ପାଇଁ ମହାରାଜା ପାତାଳଫୁଟା ଶ୍ୱେତଲିଙ୍ଗ ଦକ୍ଷିଣେଶ୍ୱର ଏବଂ ପ୍ରଭୁ ପତିତପାବନଙ୍କୁ ଏଠାରେ ଏକତ୍ର ଆରାଧନା କରନ୍ତି । ମନ୍ଦିର ତିଆରି ପରେ ମନ୍ଦିର ପଛରେ ରହିଯିବ ବିସ୍ତୃତ କେତକୀ ଏବଂ ନାଗେଶ୍ୱର ବନ । ମନ୍ଦିର ସାମ୍ନାରେ ବିଛେଇ ହେଇ ପଡ଼ିଛି ଚନ୍ଦ୍ରଭାଗାର ଚିତ୍ରିତ ଅଞ୍ଚଳ ଭଳି ପଦ୍ମପୋଖରୀ । ପଦ୍ମ ଏବଂ କେତକୀ ଫୁଲ ଭିତରେ ଯେମିତି ଅହରହ ପ୍ରତିଯୋଗିତା ଲାଗି ରହିଛି । କିଏ ଜୟ କରିବ କୈଳାସବିହାରୀ ଦକ୍ଷିଣେଶ୍ୱରଙ୍କର ହୃଦୟ !

ପଦ୍ମ ଏବଂ କେତକୀ, ଦୁହେଁ କିନ୍ତୁ ଜୟ କରିଥିଲେ ଶିଳ୍ପୀ କମଳ ମହାରଣାର ହୃଦୟ । ପଦ୍ମ ଫୁଲକୁ ଦେଖିଛେ ଚନ୍ଦ୍ରଭାଗାର ସ୍ମୃତି ଜାଇଁ ଉଠେ—କେତକୀ ଫୁଲର ବାସ୍ନା ଶିଳ୍ପୀର ନିଷ୍ପାପ ଛବିକୁ ସ୍ମୃତିର ପରଦାରେ ଆଙ୍କିଦିଏ । କେତକୀ ଫୁଲ ଭଳି ଶିଳ୍ପୀର ପ୍ରେମ ଏକନିଷ୍ଠ—ପବିତ୍ର । ଚନ୍ଦ୍ରଭାଗା ଏବଂ ଶିଳ୍ପୀ ଦୁହେଁ କମଳ ମହାରଣାର ହୃଦୟକୁ ଜୟ କରିଛନ୍ତି ।

ଶିଳ୍ପୀର କବରୀରେ କେତକୀ ଫୁଲର ସୌନ୍ଦର୍ଯ୍ୟ ବଢ଼ିଯାଏ । ସେଦିନ ସ୍ନାନରତା ଶିଳ୍ପୀର ମୁକ୍ତ କଚ୍‌ାକୁ କେତକୀ ଫୁଲର ପାଖୁଡ଼ା ଖସିପଡୁଥାଏ—ମେଘ କୋଳରେ ବିଦ୍ୟୁତ୍‌ଲତା ଭଳି ଦିଶୁଥାଏ କମଳ ମହାରଣାର ଆଖିକୁ । ସେଇ ଦୃଶ୍ୟଟି ଆଜିଯାଏ ଭୁଲିନି କମଳ

Digitized by srujanika@gmail.com

ମହାରଣା । ଘଞ୍ଚ ସବୁଜ କେତକୀ ବନରେ କେତକୀ ଫୁଲ ଫୁଟିଲେ କମଳ ମହାରଣା ଦେଖେ ଶିଳ୍ପୀର କୃଷ୍ଣ କବରୀରେ କେତକୀ ଫୁଲର ମାୟା—ପଦ୍ମ ସରୋବରରେ ପଦ୍ମକଳି ଆଖି ଖୋଲିଲେ କମଳ ମହାରଣାର ମନେପଡ଼େ ଚନ୍ଦ୍ରଭାଗାର ଲାଜଭରା ଅସ୍ପଷ୍ଟ ମୁହଁ । ଏଇଠି ବସି କମଳ ମହାରଣା ଲେଖିବ ତା' ଜୀବନର ମହାକାବ୍ୟ । ଭାଇ ଧବଳ ମହାରଣା କହିବ ଚନ୍ଦ୍ରଭାଗାର ଜୀବନଗାଥା, ଯାହା ଅଙ୍ଗେ ନିଭେଇଛି, ଯାହା ଶୁଣିଛି, ଯାହା ଖବର ରଖିଛି, ଯାହା କଳ୍ପନା କରିଛି ପ୍ରାଣପ୍ରିୟା ଭାଉଜ ସମ୍ପର୍କରେ ।

କମଳ ମହାରଣା ସାରାରାତି କେତକୀ ବନରେ ଶୋଇ ଶୋଇ ଆକାଶର ଜହ୍ନକୁ ଖୋଜୁଥିଲା । କିନ୍ତୁ ଜହ୍ନ କାହିଁ ? ସାରା ଆକାଶରେ ଝଡ଼ର କଳାଛାଇ । ସେଠି ଜହ୍ନ ନାହିଁ—ଜହ୍ନର ଖୋଲା ହସ ଭିତରେ ମାନସୀର ଛବି ନାହିଁ । ଚନ୍ଦ୍ରଭାଗାର କଳ୍ପନାକରା ମୁହଁଟି ଆଉ ଦିଶୁନାହିଁ—ଦିଶୁଛି କାଲିର ସଦ୍ୟସ୍ନାତା ରୂପସୀର ଛଳ ଛଳ କରୁଣ ଆଖି ଦୁଇଟି—ସେଇ ଆଖି ଦୁଇଟିର ଅସହାୟତା ଯେମିତି ଝଡ଼ହେଇ ପୃଥିବୀ ଉପରେ ଭାଙ୍ଗି ପଡ଼ିଛି କାଲି ରାତିରେ । ସକାଳର ସେଇ ଦୃଶ୍ୟଟିକୁ ଆଖି ବନ୍ଦ କରି ଦେଖୁ ଦେଖୁ ସେ ଘୁମେଇ ପଡ଼ିଥିଲା ।

ଆଖି ଖୋଲି କମଳ ମହାରଣା ଦେଖିଲା ତା' ସାମ୍ନାରେ ଉଭା ବର୍ଷା ଧୂଆ ସବୁଜ ସକାଳ । ପାଦଚଲା ରାସ୍ତାରେ ଚାଲି ମା' ଏବଂ ଭାଇ ସହ କମଳ ମହାରଣା କାଲି ସନ୍ଧ୍ୟାରେ ଦକ୍ଷିଣେଶ୍ୱର ମନ୍ଦିର ନିକଟସ୍ଥ ତା'ର କୁଡ଼ିଆ ଘରେ ପହଞ୍ଚିଥିଲା । ଆଜିଠାରୁ ତା'ର ନୂତନ ଜୀବନର ଆରମ୍ଭ । ଅନ୍ୟ ଶିଳ୍ପୀମାନେ ଗାର୍ହସ୍ଥ୍ୟ ଜୀବନ ଭିତରକୁ ଫେରି ଯାଇଛନ୍ତି—ସେ ବରିନେଇଛି ସନ୍ନ୍ୟାସ—କୋଣାର୍କ ତାକୁ ଅତିନ୍ଦ୍ରିୟ କରିଛି । ତା'ର ଆଉ ଦୁଃଖ କ'ଣ ? ଦକ୍ଷିଣେଶ୍ୱର ମନ୍ଦିର ନିର୍ମାଣ କରି ସେ ରହିଯିବ ସବୁଦିନ ଏଇଠି—କେତକୀ ବନରେ—କୁଶଭଦ୍ରା ତୀରରେ ।

ସୂର୍ଯ୍ୟାସ୍ତର ରଙ୍ଗ ବୋଳିହେଇ କୁଶଭଦ୍ରାର ଜଳ—ଦର୍ପଣରେ ମୁହଁ ଦେଖୁ ଦେଖୁ କେତକୀ ଫୁଲର ରାତ୍ରୀ ପ୍ରସାଧନ ସରିଆସୁଥାଏ । ଅଧରର ରକ୍ତିମା ଗାଢ଼ ହେବା ଆଗରୁ ଆକାଶ ରଙ୍ଗ ଈଷତ୍ ଧୂସର ହେଇଯାଇଥିଲା । ଉଦାସ ହେଇଥିଲା କମଳ ମହାରଣାର ମନ ।

ବନ କେତକୀ ଭଳି ପବିତ୍ର ଆଉ ସାଧାସିଧା ସେଇ ସଜଳ ରୂପସୀ । କାହାର କନ୍ୟା—କାହାର ଭଗ୍ନୀ—କାହାର ପତ୍ନୀ.....? ସେତିକି ଭାବୁ ଭାବୁ ଆକାଶର ଅନ୍ଧକାର ଭିତରେ ହଜିଯାଇଥିଲା ସବୁ କଳ୍ପନା । କ୍ଲାନ୍ତିରେ ଘୁମେଇ ପଡ଼ିଥିଲା କମଳ ମହାରଣା । ସ୍ୱପ୍ନରେ ଆସିଥିଲା ସେଇ ରୂପସୀ । କେତକୀ ଫୁଲରେ ଗଭା ସାଜିଛି, କେତକୀ ପାଖୁଡ଼ାରେ ପତ୍ର ଲେଖୁଛି । କେତକୀ ବନରେ ହଜିଯାଇଛି ।

Digitized by srujanika@gmail.com

ସକାଳୁ କେତକୀ ବନର ସବୁଚିମା ଭିତରେ ଡାକୁ ଖୋଜି ଖୋଜି କୁଶଭଦ୍ରାର ତଟ ଧାରରେ ଅଟକି ଗଲା କମଳ ମହାରଣାର ପାଦ ଦୁଇଟି । ନଦୀ ଧାରରେ ବାସୀ କେତକୀର ପାଖୁଡ଼ା କେତୋଟି ଏକାଠି ଠୁଳ ହେଇ ଝରିପଡ଼ିଛି । କେତେ ସଦୟ ଏଇ ଝଡ଼ ! ସଜଫୁଲକୁ ସେ ଛାଡ଼ିଯାଇଛି ହସିବା ପାଇଁ, ହସାଇବା ପାଇଁ । ବାସୀ ଫୁଲର କି ମୂଲ୍ୟ ?

କେତକୀ ପାଖୁଡ଼ାର ସେଇ ସ୍ତୂପଟିକୁ ସଜଳ ଆଖିରେ ଚାହିଁଲା ଶିଳ୍ପୀ କମଳ ।

ଝରିବା ଫୁଲର ଧର୍ମ ହେଲେ ମଧ୍ୟ ଝରାଫୁଲ ପାଇଁ ସଂବେଦନଶୀଳ ହେବା ଶିଳ୍ପୀର ଧର୍ମ । କମଳ ମହାରଣା ନଦୀ ଧାରରେ ବସିପଡ଼ିଲା । କେତକୀ ଫୁଲର ବାସ୍ନାରେ ନଦୀଜଳ ମହକୁଥାଏ । ଆଞ୍ଜୁଳାକ ପାଣି ହାତରେ ଧରି ମୁହଁ ଧୋଇବ ବୋଲି ନଇଁ ପଡ଼ିଲା କମଳ ମହାରଣା । ପାଣି ଆଞ୍ଜୁଳାଏ ସେମିତି ସ୍ଥିର ହେଇ ରହିଗଲା । ପୁଣି ଝରି ପଡ଼ିଲା ନଦୀ ସ୍ରୋତରେ । କମଳ ମହାରଣା ଦେଖୁଥିଲା ସେଇ ବାସୀ କେତକୀ ଫୁଲର ପାଖୁଡ଼ା ଭିତରେ ଗୋଟାଏ ସଜଫୁଲ ବି ଝରିଯାଇଛି । ଝଡ଼ ପରର ନିର୍ମଳ ଆକାଶଠାରୁ ସେ ଫୁଲର ମୁହଁଟା ଆଉରି ନିର୍ମଳ, ଶାନ୍ତ, କମନୀୟ । କାଲିର ସେଇ ସଦ୍ୟସ୍ନାତା ଅପରିଚିତା ନାରୀ ବାସୀଫୁଲର ପାଖୁଡ଼ା ଭିତରେ—ନଦୀର ଜଳଶେଯରେ ପରମ ନିଶ୍ଚିନ୍ତ ହେଇ ଶୋଇପଡ଼ିଛି । କାଲିର ଭୟଙ୍କର ଝଡ଼ଟା ନିଜ ପାପର ପ୍ରକ୍ଷାଳନ ପାଇଁ ପୃଥିବୀର ଉଦ୍ୟାନରୁ ଏଇ କମନୀୟ ଫୁଲଟିକୁ ବୃନ୍ତଚ୍ୟୁତ କରି ନଦୀ ସ୍ରୋତରେ ଭସାଇ ଆଣି ଦକ୍ଷିଣେଶ୍ୱରଙ୍କ ପାଦତଳେ ଅର୍ଘ୍ୟ ବାଢ଼ିଦେଇଛି ।

କମଳ ମହାରଣା ସ୍ଥିର ହେଇ ବସିରହିଲା । ନିର୍ବେଦ ହେଇ ଶବଟିକୁ ଚାହିଁଲା । ଚିତ୍‌ହେଇ ପାଣିରେ ଭାସୁଛି ଶବଟି—ନିଷ୍ଠୁର ଝଡ଼ ତାର ନିର୍ଲଜ୍ଜ ହାତରେ ନାରୀଟିର ପରିଧେୟକୁ ବିପର୍ଯ୍ୟସ୍ତ କରିଦେଇଛି । କିନ୍ତୁ ସଦୟ ପ୍ରକୃତି ଅସହାୟା ସୁନ୍ଦରୀର ଲଜ୍ଜା ଘୋଡ଼ାଇବା ପାଇଁ କେତକୀ ପାଖୁଡ଼ାର ନରମ ଓଢ଼ଣୀଟିଏ ତାର ଅନାବୃତ ଦେହ ଉପରେ ଅତି ଯତ୍ନରେ ଘୋଡ଼େଇ ଦେଇଛି ।

ପ୍ରକୃତି ମାତାକୁ ସେଥିପାଇଁ ମନେ ମନେ ଧନ୍ୟବାଦ ଜଣାଇଲା କମଳ ମହାରଣା । ଏ ମାଟିରେ ନାରୀର ସମ୍ମାନ ରକ୍ଷା କରିବା କଥାଟିକୁ ପ୍ରକୃତି ମଧ୍ୟ ନିଜର କର୍ତ୍ତବ୍ୟ ମଣେ । କମଳ ମହାରଣା ମାଟିରେ ମୁଣ୍ଡଇଗାଇ ପ୍ରଣାମ ଜଣାଇଲା ପ୍ରକୃତି ମାତାକୁ । ମୁଣ୍ଡ ଉଠାଇ ଚାହିଁଲା ସେଇ ଶବ ସୁନ୍ଦରୀକୁ । ପାଣି ଭିତରେ ହଳଦୀ ରଙ୍ଗର ନିଟୋଳ ହାତଟିଏ ନଦୀତଟରେ ଆଉଜିଯାଇଛି—ଲମ୍ବ ହେଇ ହାତଟି ପଡ଼ିଛି ନଦୀବେଳାରେ । ଚିକ୍‌କଣ ହାତରେ ଚିତାକୁଟା ହେଇଛି ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି । ତା' ତଳକୁ ବଙ୍କା ତେଢ଼ା ଅକ୍ଷରରେ ଲେଖାହେଇଛି ''ରାଧାକୃ'' । ଶବଟିର ପାଦ ଦୁଇଟି ଅଳ୍ପ ଫୁଲିଯାଇଛି— ପାଦ ଉପରେ ଚିତାକୁଟା ହେଇଛି ଦୁଇଟି ପଦ୍ମ ଫୁଲ ।

Digitized by srujanika@gmail.com

ସେଇ ଲାହୁଣୀର ହାତ ପାଦରେ କେଉଁ ନିଷ୍ଠୁର ଶିଳ୍ପୀ ଚିତା କୁଟାଇଲା ଭାବି କମଳ ମହାରଣା ମନେ ମନେ କ୍ଷୁଣ୍ଣ ହେଉଥିଲା । କୋମଳ ବାଳିକାଟିକୁ କେତେ କଷ୍ଟ ହେଇଥିବ ଭାବି ସେ ବ୍ୟଥା ପାଉଥିଲା ମନେ ମନେ । ସେତେବେଳେ ସେ ଭୁଲିଯାଇଥିଲା ଯେ ଗୋଟିଏ ଯନ୍ତ୍ରଣାମୁକ୍ତ ଶରୀରର ସତ୍କାର ବ୍ୟବସ୍ଥା କରିବା ପରିବର୍ତ୍ତେ ସେ ତା' ଶରୀରରେ ଯନ୍ତ୍ରଣାର କଥା ଚିନ୍ତାକରି ବ୍ୟଥା ପାଉଛି ।

ପରକ୍ଷଣରେ ସଚେତନ ହେଲା ଶିଳ୍ପୀ କମଳ । ଏ ଶବର ସତ୍କାର ଆବଶ୍ୟକ । ହାୟ— କାଲି ଯେ ଜୀବନ ସ୍ପନ୍ଦନର ଉଚ୍ଛ୍ୱାସଟିଏ ଥିଲା—ଆଜି ସେ ପୂତିଗନ୍ଧମୟ ଶବ !

ଆଖି ଆଗରେ ଶବଟି ଭାସୁଛି—ଅଥଚ ବିଶ୍ୱାସ ହେଉନାହିଁ । ଆଉ ଥରେ ଭଲକରି ଚାହିଁଲା କମଳ ମହାରଣା । କବରୀ ଫିଟି ଯାଇଛି । ଘନକୃଷ୍ଣ କୁନ୍ତଳ ଲମ୍ବିଯାଇଛି ନଦୀ ଜଳର ନୀଳସ୍ରୋତରେ । ସେଇ ସ୍ରୋତ ଭିତରେ ଲାଜ ଲାଜ ହେଇ ଚାହିଁଛି ନାଲିକଇଁ—ଭାବୁଛି ସେଇ ସୁନ୍ଦରୀର ଗଭା ମଣ୍ଡନ କଲେ ହୁଏତ ତାର ସୌନ୍ଦର୍ଯ୍ୟ ବୃଦ୍ଧି ହୁଅନ୍ତା—ଫୁଟିବା ସାର୍ଥକ ହୁଅନ୍ତା ।

ଆକାଶ ଧୀରେ ଧୀରେ ଉଜ୍ଜଳି ଉଠିଛି ସେଇ ସୁନ୍ଦରୀର କ୍ଲାନ୍ତ ପାଣ୍ଡୁର ମୁଖର ସୌନ୍ଦର୍ଯ୍ୟକୁ ପ୍ରକଟିତକରି । କମଳ ମହାରଣା ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେଲା ।

ଶବଟିର ଚିହ୍ନଟ ଆବଶ୍ୟକ । ତାର ଆତ୍ମୀୟସ୍ୱଜନ ଏବେ ମଧ୍ୟ ଯଦି କୋଣାର୍କରେ ତାକୁ ଖୋଜି ବୁଲୁଥାନ୍ତି ସେମାନଙ୍କ ହାତରେ ଶବଟିକୁ ଅର୍ପଣ କରିବାକୁ ହେବ । ଯଦି ଦୁର୍ଭାଗ୍ୟବଶତଃ ତାର ଆତ୍ମୀୟସ୍ୱଜନ କିଛି ଖୋଜି ଖବର ନ ନେଇ କୋଣାର୍କ ଛାଡ଼ି ଚାଲିଯାଇଥିବେ ଶବ ସତ୍କାରର ଦାୟିତ୍ୱ ମହାରାଜାଙ୍କର । ଅନ୍ତତଃ ତାହାହିଁ ଯଦି ହେଇଥାଏ ତେବେ କମଳ ମହାରଣା ମହାରାଜାଙ୍କୁ ଅନୁରୋଧ କରି ଏ ଶବଟିର ସତ୍କାର କରିବାର ପୂର୍ଣ୍ଣ ଦାୟିତ୍ୱ ନିଜେ ବହନ କରିବ । ଯଦି ଏ ଶବଟି ଚିହ୍ନଟ ନ ହୁଏ ତେବେ ଏକମାତ୍ର କମଳ ମହାରଣା ହିଁ ହେବ ତାର ପୂର୍ବ ପରିଚିତ ମଣିଷ—କାରଣ ଏଇ ବର ନାରୀଟି ସହ କମଳ ମହାରଣାର କାଲି ଚାକ୍ଷୁସ ପରିଚୟ ହେଇଛି ଏବଂ କମଳ ମହାରଣା ଅନୁଭବ କରେ ଏ ପରିଚୟ ଗୋଟିଏ ଦିନର ନୁହେଁ—ଅନେକ ଜନ୍ମର ଅନେକ ବୁଝାମଣାର । ଖାଲି ଚକ୍ଷୁସହ ଚକ୍ଷୁର ପରିଚୟ ତ ସେ ନଥିଲା—ସେ ଥିଲା ଆତ୍ମା ସହ ଆତ୍ମାର ପରିଚୟ, ଗୋଟିଏ ଶିଳ୍ପୀଆତ୍ମା ଆଉ ଏକ ନୈସର୍ଗିକ ସୁଷମାର ଅଧିକାରିଣୀ ପବିତ୍ର ଆତ୍ମା ଭିତରେ ହଜି ଲୀନ ହୋଇଯାଇଥିଲା କ୍ଷଣକ ପାଇଁ । ହୁଏତ ସେଇ ଆତ୍ମାର ଆକର୍ଷଣରେ ଶବଟି ଆସି ଲାଗିଛି ଦକ୍ଷିଣେଶ୍ୱରଙ୍କ କେତକୀ ବନର ନଦୀ ତଟରେ, କମଳ ମହାରଣାର ହୃଦୟର ତଟଦେଶରେ ।

Digitized by srujanika@gmail.com

ଗ୍ରାମଉଟ୍‌କୁ ସମ୍ବାଦ ଦେଲା କମଳ ମହାରଣା । ଦଣ୍ଡପାଣୀ (ପୋଲିସ) ଆସି ପହଞ୍ଚିଲେ । ଶବଟିର ବିଶଦ ବିବରଣୀ ଲିପିବଦ୍ଧ ହେଲା । ମହାଦଣ୍ଡପାଶ ଇନ୍‌ସପେକ୍ଟର ଜେନେରାଲ ଅଫ୍ (ପୋଲିସ)ଙ୍କ ପାଖରେ ବିବରଣୀ ଉପସ୍ଥାପିତ ହେଲା । ଅନୁସନ୍ଧାନରୁ ଜଣାପଡ଼ିଲା ଶବଟି ଅନାଥିନୀ, ଦେବଦାସୀ ମେଖଳାର ପରିଚାରିକା । ତ ଛଡ଼ା ଆଉ କିଛି ଦେବଦାସୀ ମେଖଳାଙ୍କୁ ଜଣାନାହିଁ ।

ମହାରାଜାଙ୍କ ଆଦେଶ, ଝଡ଼ରେ ମୃତ୍ୟୁବରଣ କରିଥିବା ଅପରିଚିତମାନଙ୍କର ଶବ କୋଣାର୍କ ନଗରୀରେ ଏକତ୍ରିତ ହୋଇ ବିଧି ମୁତାବକ ସତ୍କାର ହେବ । ଆହତମାନଙ୍କର ଚିକିତ୍ସାପାଇଁ ରାଜାଙ୍କର ବ୍ୟକ୍ତିଗତ ବ୍ୟୟ ପାଣ୍ଠି ''ମୂଳଭଣ୍ଡାର''ରୁ ଅକାତରରେ ଅର୍ଥଦାନ ପାଇଁ ମୂଳ-ଭଣ୍ଡାର-ଅଧିକାରୀଙ୍କୁ ରାଜା ଆଦେଶ ଦେଇଛନ୍ତି । କିନ୍ତୁ ଶିଳ୍ପୀ କମଳ ମହାରଣା ଆବେଦନ କରିଛି ଶବଟି ଯଦି ଅନାଥିନୀ ହୋଇଥାଏ ତେବେ ସତ୍କାରର ପୂର୍ଣ୍ଣ ଦାୟିତ୍ୱ ସେ ନେବାକୁ ଚାହେଁ ।

ଆମବଦନ ପତ୍ର ସହ ଶବଟିର ସମସ୍ତ ବିବରଣୀ ରାଜାଙ୍କ ପାଖରେ ଉପସ୍ଥାପିତ ହୋଇଥିଲା । ଶବଟିର ବର୍ଣ୍ଣନା ପଢୁ ପଢୁ ମହାରାଜାଙ୍କ ଆଖି ସାମ୍ନାରେ ରୂପ ପାଉଥିଲା ଚନ୍ଦ୍ରଭାଗାର ଛବି । କୁଞ୍ଚିତ ଘନକୃଷ୍ଣ କୁନ୍ତିଳ—ହଳଦୀ ରଙ୍ଗର ବାମ ହାତରେ ଚିତାକୁଟା ହୋଇଛି ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି, ପଦ୍ମପାଦ ଦୁଇଟି ଉପରେ ଚିତାକୁଟା ପଦ୍ମଫୁଲ ଦୁଇଟି । ସେଦିନ ସେଇ ଘଞ୍ଚ ଅରଣ୍ୟର ମନ୍ଦିର ପ୍ରାଙ୍ଗଣରେ ସେଇ ଲବଣୀ ପିତୁଳାର ହାତ ପାଦରେ ନିର୍ମମ ଚିତାକୁଟାର ଯନ୍ତ୍ରଣାକୁ ମନେ ମନେ କଳ୍ପନା କରି ମହାରାଜ ସ୍ଥିର କରିଥିଲେ ଏ ନିଷ୍ଠୁର ଶିଳ୍ପକଳାଟିକୁ ସେ ରଦ୍ଦ କରିଦେବେ । ପାଷାଣ ଦେହରେ କାରୁଶିଳ୍ପ ଫୁଟାଇବାରେ ଉତ୍କଳୀୟ ଶିଳ୍ପୀର ଗୌରବ ଚରମରେ ପହଞ୍ଚିଛି । ତାକୁ ସେ ଉତ୍ସାହିତ କରିଛନ୍ତି । କିନ୍ତୁ ଲହୁଣୀ ପିତୁଳାର ଦେହକୁ ତୀକ୍ଷ୍ଣ ଛୁଞ୍ଚି ମୂନରେ ବିଦ୍ଧକରି ଚିତାକୁଟାଇବାର ଉଦ୍ଦେଶ୍ୟ ଯେତେ ମହତ୍ ହେଉନା କାହିଁକି ସେଥିରେ ଉତ୍କର୍ଷଲାଭ କରିବା ନିର୍ମମତା ବ୍ୟତୀତ ଅନ୍ୟ କିଛି ନୁହେଁ । ତେବେ ସେ କ'ଣ ଚନ୍ଦ୍ରଭାଗା ? ଯଦି ତାହାହିଁ ହୋଇଥାଏ ତେବେ ତାର ଐକାନ୍ତିକ ପରିଭକ୍ତିର ପଟାନ୍ତର ନାହିଁ । ନିୟତିର କ୍ରୂର ପରିହାସରେ ସେ ଅନାଥିନୀ ହେଲେ ମଧ୍ୟ ତାର ମୃତଦେହ କମଳ ମହାରଣାର ପଥ ଅନୁସରି ତାରି ହାତ ପାହାନ୍ତାରେ ପହଞ୍ଚିଯାଇଛି ।

କମଳ ମହାରଣା ବ୍ୟତୀତ ତାର ଶବ ସତ୍କାର ଆଉ ବା କିଏ କରିବ ?

ମହାରାଜା ନରସିଂହ ଶେଷଥର ପାଇଁ ଚନ୍ଦ୍ରଭାଗାର ଦର୍ଶନ ଲାଭ କରିବାକୁ ପ୍ରଲୋଭିତ ହେଲେ । ପ୍ରଳୟଙ୍କରୀ ଝଡ଼ପରେ ମହାରାଜ ମା' ଗଙ୍ଗେଶ୍ୱରୀଙ୍କ ଦର୍ଶନ ସାରି ଦେବ ଦେବ

Digitized by srujanika@gmail.com

ମହାଦେବ ଦକ୍ଷିଣେଶ୍ୱରଙ୍କର ଦର୍ଶନ କରିବେ ଏବଂ ତାଙ୍କ ଉପସ୍ଥିତିରେ ଅପରିଚିତାର ଶବ ସତ୍କାର କରିବ କମଳ ମହାରଣା । ରାଜାଙ୍କ ଆଗମନ ସମ୍ବାଦ ଦକ୍ଷିଣେଶ୍ୱରରେ ପହଞ୍ଚିଗଲା ।

ସନ୍ଧ୍ୟା ଆସନ୍ନ । ଚିତାଗ୍ନି ପ୍ରସ୍ତୁତ ହୋଇଛି । ମହାରାଜାଙ୍କ ଆଗମନୀ ଶଙ୍ଖ ବାଜିଲାଣି । ଶବଟିକୁ ଜଗିରହିଛି ଗ୍ରାମଭଟ୍ଟ ।

ଝଡ଼ମୁକ୍ତ ପଶ୍ଚିମ ଆକାଶରେ କଳାମେଘ ଖଣ୍ଡେ ଉଠିଆସୁଛି । ଅନ୍ଧାରର ଛାଇ ପଡ଼ିଛି ନଦୀଜଳରେ । କୁଶଦ୍ୱାର ତଟଦେଶ ନିର୍ଜନ ହେଇ ଆସୁଛି । ପଶ୍ଚିମା ପବନରେ ନଦୀଜଳ ଥରି ଥରି ନାଚୁଛି । ସ୍ପନ୍ଦିତ ହେଉଛି ନିସ୍ପନ୍ଦ ଶବର ବୁକୁ ।

ଗ୍ରାମଭଟ୍ଟ ଦୂରକୁ ଦୂରକୁ ଘୁଞ୍ଚିଯାଉଛି । ତାର ମନେ ହେଉଛି ଆଉ କେତୋଟି ମୁହୂର୍ତ୍ତରେ ଶବଟି ଜୀବନ୍ୟାସ ପାଇ ତା ସାମ୍ନାରେ ଠିଆ ହେବ ।

ଗ୍ରାମଭଟ୍ଟ ନାଉରିଆର ଚାଲିଆ ବାରଣ୍ଡାକୁ ଉଠିଗଲାଣି । ମେଘ ଘୋଟି ଆସୁଛି । ବର୍ଷା ହୋଇପାରେ । ଶବଟିକୁ ଜଗିବା ପାଇଁ ସେ ତ ଓଦା ହେବନାହିଁ ! ତା'ଛଡ଼ା ଶବଟା ଯଦି ପ୍ରକୃତରେ ଜୀବନ୍ୟାସ ନପାଏ, ତେବେ ସେ କୁଆଡ଼େ ଚାଲି ଚାଲି ପଳାଇବ ନାହିଁ । ଦିନଯାକର କ୍ଲାନ୍ତି ଗ୍ରାମଭଟ୍ଟର ଆଖିରେ ସନ୍ଧ୍ୟାର ଶୀତଳ ପବନ ସହ କିଛି ନିଦର ଅଞ୍ଜନ ମାଖିଦେଲାଣି । ସେ କାନ୍ଥକୁ ଆଉଜି ତନ୍ଦ୍ରାରେ ହଜିଗଲାଣି ।

ଦକ୍ଷିଣେଶ୍ୱରଙ୍କ ସେବାପୂଜା ସାରି ମହାରାଜା ଠିଆ ହୋଇଛନ୍ତି ଯୁଇ ନିକଟରେ । ମନ୍ଦିର ଏବଂ ଶ୍ମଶାନରେ ରାଜା ପ୍ରଜାର ଭେଦାଭେଦ ନାହିଁ । ଈଶ୍ୱର ଏବଂ ମୃତ୍ୟୁ ନିକଟରେ ସମସ୍ତେ ସମାନ ।

ଦଣ୍ଡପାଶ ଖବର ଦେଲା—ଶବଟି ଅନ୍ତର୍ଦ୍ଧାନ ହେଇଛି । ନଦୀ ସ୍ରୋତରେ ଭାସିଯାଇଛି ଅତଳ ଗଣ୍ଡକୁ । ଖୋଜି ଖୋଜି ପତ୍ତା ମିଳୁନାହିଁ । ଗ୍ରାମଭଟ୍ଟ ବର୍ଣ୍ଣନା କରୁଛି ଶବଟି କେମିତି ଜୀବନ୍ୟାସ ପାଇଲା—ତାର ବାହୁରେ ଦୁଇଟି ସୁବର୍ଣ୍ଣ ଡେଣା ଲାଗିଗଲା । ସେ ଉଠିଗଲା ଆକାଶର ମେଘକାଟି ବହୁ ଉପରକୁ । ସେ ମର୍ତ୍ତ୍ୟର ମାନବୀ ନୁହେଁ—ସେ ଆକାଶର ପରୀ, ନଚେତ୍ ଦେବକନ୍ୟା । ଅଭିଶାପ ପାଇ ମର୍ତ୍ତ୍ୟରେ ଜନ୍ମ ହେଇଥିଲା । ଦେବଗଣ ତାକୁ ପାଛୋଟି ନେବାର ଦୃଶ୍ୟ ସେ ବିଶଦ ଭାବରେ ବର୍ଣ୍ଣନା କରୁଥିଲା । କର୍ତ୍ତବ୍ୟରେ ତ୍ରୁଟି, ନରସିଂହଙ୍କ ଦରବାରରେ କ୍ଷମଣୀୟ ନୁହେଁ । ଗ୍ରାମଭଟ୍ଟର ବର୍ଣ୍ଣନାଚାତୁରୀ ତାକୁ ବଞ୍ଚାଇଦେଲା ।

କମଳ ମହାରଣା ଭାବୁଥିଲା ସେଇ ପବିତ୍ର ପିତୃଳାକୁ ଧରିତ୍ରୀ ମାତା ନିଜ ଗର୍ଭରେ ସ୍ଥାନ ଦେଇଛି । ମୃତ ହେଉ ପଛକେ ତାର ଅନାବୃତ ଶରୀରକୁ ଅପର ଲୋକ ସ୍ପର୍ଶ କରି ଚିତାରେ

Digitized by srujanika@gmail.com

ଶୁଆଇବା କଥା ମାତା ସହ୍ୟ କରନ୍ତା କିପରି ? ଶ୍ମଶାନର ମାଟିକୁ ମଥାରେ ଲଗାଇ କମଳ ମହାରଣା ସ୍ୱଗତୋକ୍ତି କରୁଥିଲା—ମା' ଧରିତ୍ରୀ, ତୁ ଯାହାକୁ ଗର୍ଭରେ ସ୍ଥାନ ଦେଇଛୁ, ସେ ଯିଏ ବି ହେଉ, ମୁଁ ତାକୁ ଅନ୍ତରରେ ସ୍ଥାନ ଦେଇଛି । କାମନା ବାସନାର ବହୁ ଉର୍ଦ୍ଧ୍ୱରେ ସେଇ ବିଦେହୀ ଆତ୍ମା ସହ ମୁଁ ସମ୍ପର୍କ ସ୍ଥାପନ କରିଛି । ମୋର ଅବଶିଷ୍ଟ ଶିଳ୍ପୀ ଜୀବନର ସେଇ ହେବ ଶୈଳ୍ପୀକ ପ୍ରେରଣା, ଆଧ୍ୟାତ୍ମିକ ଚେତନା ।

ନଦୀଜଳରେ ଭାସୁଥିବା ଶବକୁ ଅପରାହ୍ଣରେ ଦେଖି ଆସିଥିଲା ଧବଳ ମହାରଣା । ଭାଇ ପାଖରେ ଠିଆହେଇ ସେ ନିଶବ୍ଦରେ ଅଶ୍ରୁମୋଚନ କରୁଥିଲା ।

ପରାଜୟର ଆତ୍ମଗ୍ଲାନି ନେଇ ରାଜଧାନୀକୁ ଫେରିଥିଲେ ଅପରାଜେୟ ରାଜା ନରସିଂହ । କୋଣାର୍କ ହେଉଛି ମହାରାଜାଙ୍କର ବିଜୟର ସ୍ମୃତିସ୍ତମ୍ଭ—କିନ୍ତୁ ରାଜା ନରସିଂହ ଯେ ଏ ଦେଶର ଗୋଟାଏ ବାଳିକାର ପାତିବ୍ରତ୍ୟ ପାଖରେ ବାରମ୍ବାର ପରାଜିତ ହେଇଛନ୍ତି ସେକଥା ତାଙ୍କ ଛଡ଼ା ଆଉ କିଏ ଜାଣେ ? ତାର ମୃତଶରୀରର ସତ୍କାର ମହାରାଜାଙ୍କ ଅନୁଗ୍ରହରେ ହେଉ ଏକଥା ସୁଦ୍ଧା ଚନ୍ଦ୍ରଭାଗା ଚାହିଁନଥିଲା—ତେଣୁ ସେ ଅଦୃଶ୍ୟ ହେଇଗଲା ।

କମଳ ମହାରଣାର ଉତ୍ସର୍ଗୀକୃତ ଆତ୍ମାକୁ ବାରମ୍ବାର ପ୍ରଣାମ ଜଣାଇ ମହାରାଜ ଭାବୁଥିଲେ ତାଙ୍କର ବାରବର୍ଷର ବ୍ରହ୍ମଚର୍ଯ୍ୟ ବ୍ରତ ଉଦ୍‌ଯାପନ କରିବାର ଆବଶ୍ୟକତା ଆଉ ହୁଏତ ନାହିଁ । ଆସନ୍ତା ଜ୍ୟେଷ୍ଠ ପୂର୍ଣ୍ଣିମାରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ସେ ବ୍ରତ ଯାପନ କରିବାର ସ୍ଥିର କରିଥିଲେ । ମାତ୍ର ନାଁ-କୋଣାର୍କ ତାଙ୍କୁ ଜିତେନ୍ଦ୍ରିୟ କରିଛି । କୁମାରମାଡ୍ୟ ଭାନୁଦେବ ଏବେ ପୂର୍ଣ୍ଣ ଯୁବକ । ମହାରାଜ ନରସିଂହଙ୍କର ଯୌବନର ଶ୍ରୀ କୋଣାର୍କର ଶିଳାରେ ଶିଳାରେ ଫୁଟିଉଠିଛି । ସେ ଏଥର ପ୍ରଭୁଙ୍କ ପାଦରେ ନିଜକୁ ସମର୍ପଣ କରିବେ । ରାଣୀ ସୀତା ମହାଦେବୀ ପୌଢ଼ା ହେଇଛନ୍ତି—ଅସୁସ୍ଥ ହେଇଛନ୍ତି । ଦେହ, ମନ, ପ୍ରାଣ ସବୁ ସେ ସମର୍ପି ଦେଇଛନ୍ତି ଜଗନ୍ନାଥଙ୍କ ପାଦପଦ୍ମରେ । ଶେଷ ଜୀବନ ପୁରୁଷୋତ୍ତମ କ୍ଷେତ୍ରରେ ଅବସ୍ଥାନ କରିବେ ବୋଲି ସେ ଇଚ୍ଛାପ୍ରକାଶ କରିଛନ୍ତି । ସେଥିରେ ସେ ବାଧାଦେବେ କାହିଁକି ? ଦିନେ ଚନ୍ଦ୍ରଭାଗାର ଇଚ୍ଛାରେ ସେ ସନ୍ନ୍ୟାସବ୍ରତ ଗ୍ରହଣ କରିଥିଲେ—ଆଜି ରାଣୀଙ୍କ ଇଚ୍ଛାରେ ସେ ମହାଯୋଗୀ ହେବେ । ଭାନୁଦେବ ସୂର୍ଯ୍ୟଶକ୍ତିରେ ବଳୀୟାନ ହେଇଛି । ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍କଳର ଗୌରବ ସେ ଅକ୍ଷୁଣ୍ଣ ରଖିବ—ଏ ବିଶ୍ୱାସ ମହାରାଜାଙ୍କର ଦୃଢ଼ୀଭୂତ ହେଇଛି ।

ଈଶ୍ୱର ଏବଂ ପ୍ରଜା, ଦୁହିଁଙ୍କ ସେବାରେ ନିଜକୁ ସମର୍ପଣ କରିଦେଲେ ନରସିଂହଦେବ ।

ବିଦାୟ ମୁହୂର୍ତ୍ତ ସବୁକାଳରେ, ସବୁ ସ୍ଥାନରେ, ସମସ୍ତଙ୍କ ପାଖରେ ବ୍ୟଥାଦାୟକ । ଚାର୍ଲସ ଏଥର ବିଦାୟ ନେବ—କୋଣାର୍କରୁ, ଓଡ଼ିଶାରୁ, ଇଣ୍ଡିଆରୁ, ଏବଂ ଦୀନବନ୍ଧୁ ଚାରୁକଳା, ପ୍ରାଚୀପ୍ରଭା ନିକଟରୁ । ଏ ବିଦାୟ ଯେ ଚିରବିଦାୟ ନୁହେଁ ସେକଥା କିଏ କହିବ ?

Digitized by srujanika@gmail.com

ଓଡ଼ିଶାରେ ଯେଉଁମାନଙ୍କୁ ଚାର୍ଲସ ଆତ୍ମୀୟ ମନେକରିଥିଲା, ସେମାନଙ୍କ ଭିତରୁ ଚିରବିଦାୟ ନେଇଯାଇଛନ୍ତି କୁଶଭଦ୍ରା ମାଉସୀ, ଧର୍ମାନନ୍ଦ ଏବଂ ଚିତ୍ରୋତ୍ପଳା ।

ଚନ୍ଦ୍ରଭାଗାର ଶେଷ ପରିଣତି ଚାର୍ଲସର ଯାଯାବର ପ୍ରାଣରେ ବ୍ୟଥାର ସ୍ପନ୍ଦନଟିଏ ସୃଷ୍ଟି କରିଛି । ଏଥର ସେ ଫେରିଯିବ—ଅନ୍ୟତ୍ର, ଯେ କୌଣସି ସ୍ଥାନକୁ । ଚାର୍ଲସର ଇଚ୍ଛା କମଳ ମହାରଣା ଲିଖିତ ପାଣ୍ଡୁଲିପିଟି ନେଇଯିବ ସଙ୍ଗରେ । ପାଣ୍ଡୁଲିପିର ଶେଷ ଭାଗଟି 'ଶିଳ୍ପ ଚନ୍ଦ୍ରିକା' । କମଳ ମହାରଣା ଲେଖିଯାଇଛି ଉତ୍କଳୀୟ କାରୁଶିଳ୍ପର ଗୂଢ଼ ତତ୍ତ୍ୱ । ବିଷ୍ଣୁ ମହାରଣା ପାଣ୍ଡୁଲିପିଟିକୁ ସାଇତି ରଖିଛନ୍ତି । ସେଇଟି ତାଙ୍କ ଦେଶର ଅମୂଲ୍ୟ ସମ୍ପତ୍ତି । ଚାର୍ଲସ ତାକୁ ନେବ କାହିଁକି ? କୁଶଭଦ୍ରା ଚାର୍ଲସ ହାତକୁ ପାଣ୍ଡୁଲିପିଟି ଟେକି ଦେଇଥିଲା ଏଇ ବିଶ୍ୱାସରେ ଯେ, ''ଶିଳ୍ପ ଚନ୍ଦ୍ରିକା'' ପଢ଼ି ଚାର୍ଲସ ଉତ୍କଳର କାରୁଶିଳ୍ପକୁ ଦେଶେ ଦେଶେ ପ୍ରତିଷ୍ଠା କରିବ । ମାତ୍ର ଚାର୍ଲସ ସେ ସବୁର ବିନ୍ଦୁ ବିସର୍ଗ ବୁଝେ ନାହିଁ । ଚାର୍ଲସର ସବୁ ବିଦ୍ୟାବୁଦ୍ଧି ପ୍ରାଚୀନ ଉତ୍କଳର ଶିଳ୍ପୀଙ୍କ ପାଖରେ ହାର ମାନିଛି । ଚାର୍ଲସର ଇଚ୍ଛା ପାଣ୍ଡୁଲିପିଟି ତା' ଦେଶକୁ ନେଇଯିବ—ତାଙ୍କ ଦେଶର ମିଉଜିୟମରେ ସ୍ଥାନ ପାଇବ ପାଣ୍ଡୁଲିପିଟି । ସେଥିପାଇଁ ଚାର୍ଲସ ଅର୍ଥଦେଇ ପାଣ୍ଡୁଲିପିଟି କିଣିନେବା ପାଇଁ ପ୍ରସ୍ତୁତ । ବିଷ୍ଣୁ ମହାରଣା ଚାର୍ଲସର ଅର୍ଥର ପରିମାଣ ଦେଖି ହସିଥିଲା । କହିଥିଲା—ଜାଣ ସାହେବ, ଏ ଦେଶର ଅନେକ ଶିଳ୍ପୀ ତାଙ୍କର ପୂର୍ବପୁରୁଷମାନଙ୍କ ଦ୍ୱାରା ଲିଖିତ ଶିଳ୍ପ ଶାସ୍ତ୍ରକୁ ଜୀବନର ଅନ୍ତିମ ମୁହୂର୍ତ୍ତରେ ସମୁଦ୍ରରେ ଭସାଇ ଦିଅନ୍ତି ପଛକେ ବିଦେଶୀମାନଙ୍କୁ ଅଜସ୍ର ଅର୍ଥ ବିନିମୟରେ ସୁଦ୍ଧା ବିକ୍ରି କରନ୍ତି ନାହିଁ । କଳାକୁ ପଣ୍ୟ କରି ଏ ଦେଶର ଶିଳ୍ପୀ ଧନ ଅର୍ଜନ କରିବାକୁ ଚାହେଁ ନାହିଁ । ଏତିକି ହିଁ ଏ ଦେଶର ସ୍ୱାତନ୍ତ୍ର୍ୟ । ତେବେ ବି ଚାର୍ଲସର ଆଶା ଥିଲା ସେ ଶେଷଥର ପାଇଁ ଚେଷ୍ଟା କରି ଦେଖିବ—ଅର୍ଥର ପରିମାଣ ବଢ଼ାଇଦେବ । ଆଜିର ପୃଥିବୀରେ ଅର୍ଥ ଅସମ୍ଭବକୁ ସମ୍ଭବ କରିପାରେ । ବିଷ୍ଣୁ ମହାରଣା ଅକର୍ମଣ୍ୟ, ବୃଦ୍ଧ । ଶେଷ ଜୀବନରେ ଅର୍ଥର ଆବଶ୍ୟକତା ଚାର୍ଲସ ତାକୁ ବୁଝାଇଦେବ ।

ଶେଷଥର ପାଇଁ କୋଣାର୍କ ବେଢ଼ାରୁ ବିଦାୟ ନେଉଥାଏ ଚାର୍ଲସ । ବର୍ଷାଋତୁ ଆରମ୍ଭ ହେଇଯାଇଛି । ବର୍ଷାସ୍ନାତ ଅପରାହ୍ଣ ମାୟାବିନୀ କିଶୋରୀ ଭଳି ଚାର୍ଲସକୁ ସମ୍ମୋହିତ କରୁଛି । ଅସ୍ତ ସୂର୍ଯ୍ୟର ଶେଷ ଆଲୋକରେ କୋଣାର୍କର ଭୈରବ ମୂର୍ତ୍ତିଗୁଡ଼ିକ ଜୀବନ୍ତ ଦିଶୁଛନ୍ତି । ଜୀବନ୍ତ ଦିଶୁଛନ୍ତି ପାର୍ଶ୍ୱ ଦେବତାଙ୍କର ମୂର୍ତ୍ତିଗୁଡ଼ିକ ।

ବଡ଼ଦେଉଳର ଦକ୍ଷିଣପାର୍ଶ୍ୱ କଳା ମୁଗୁନି ପଥରର ମୂର୍ତ୍ତି ପ୍ରାତଃ ସୂର୍ଯ୍ୟ ମିତ୍ରଦେବଙ୍କ ମୁଣ୍ଡରେ ଜଟା, କାନ୍ଧରେ ପଇତା, କାନ, ବେକ ଏବଂ ବାହୁରେ ସୁନ୍ଦର ଅଳଙ୍କାର ଶୋଭା ପାଉଛି । ଲୁଗା ଉପରେ, କଟିଦେଶରେ ଚିତ୍ରକଳା ବିମଣ୍ଡିତ କଟିମେଖଳକୁର ସୂକ୍ଷ୍ମ

Digitized by srujanika@gmail.com

କାରୁକାର୍ଯ୍ୟକୁ ଚାର୍ଲସ ଯେତେ ଥର ଦେଖିଛି ମୁଗ୍ଧ ହେଇଛି, ବିସ୍ମିତ ହେଇଛି । ମିତ୍ରଦେବଙ୍କ ଦୁଇ ପାର୍ଶ୍ୱରେ ଦୁଇ ପତ୍ନୀ ସଂଜ୍ଞା ଓ ଛାୟା, ଦୁଇ କନ୍ୟା ଗାୟତ୍ରୀ ଓ ସାବିତ୍ରୀ ଦଣ୍ଡାୟମାନ । ସୂର୍ଯ୍ୟ ମୂର୍ତ୍ତିର ସିଂହାସନ ତଳେ ମହାରାଜା ନରସିଂହ ଦେବ ରାଣୀ ସୀତା ମହାଦେବୀ ପ୍ରାର୍ଥନାରତ । ସିଂହାସନ ଏବଂ ତୋରଣ ସମେତ ଉଦୟ ସୂର୍ଯ୍ୟଙ୍କର ରମଣୀୟ କାରୁକାର୍ଯ୍ୟଭରା ମୂର୍ତ୍ତିଟି ଖଣ୍ଡିଏ ମାତ୍ର କଳା ମୁଗୁନି ପଥରରେ ନିର୍ମିତ । ଚାର୍ଲସ ପ୍ରଣାମ ଜଣାଇ ତାଙ୍କଠୁ ବିଦାୟ ମାଗିଲା ।

ପଶ୍ଚିମ ଶ୍ରେଣୀ ପାହାଚ ଦେଇ ପଶ୍ଚିମ ପାର୍ଶ୍ୱର ମଧ୍ୟାହ୍ନ ସୂର୍ଯ୍ୟ ବୈବଶ୍ୱତ ମୂର୍ତ୍ତିଙ୍କ ନିକଟକୁ ଓହ୍ଲାଇଗଲା ଚାର୍ଲସ । ମଧ୍ୟାହ୍ନ ସୂର୍ଯ୍ୟଙ୍କର ମୁଣ୍ଡରେ ଅଳଙ୍କାର ଖଚିତ ଏକ ସୁନ୍ଦର ମୁକୁଟ । ମୁକୁଟର ଫଟୋଟିଏ ସେ ଉଠାଇନେଲା । ବିଦାୟ ପ୍ରଣତି ଜଣାଇ ପାହାଚ ଦେଇ ଉତ୍ତର ପାର୍ଶ୍ୱର ସାୟାହ୍ନ ସୂର୍ଯ୍ୟ ହରିଦାଶ୍ୱଙ୍କ ମୂର୍ତ୍ତି ନିକଟରେ ଠିଆହେଲେ ଚାର୍ଲସ ।

ସକଳ ଶକ୍ତିର ଉତ୍ସ ବୀରପୁରୁଷ ହରିତ୍‌ପତି ଧାବମାନ ଅଶ୍ୱପୃଷ୍ଠରେ ବିରାଜିତ । ଅଶ୍ୱଟି ଏପରି ଜୀବନ୍ତ ଯେ, ସାମ୍ନାରେ ଠିଆହେବା ପାଇଁ ଚାର୍ଲସର ମନରେ ଆଜି ଭୟ ଜାତ ହେଉଥାଏ । ଅଶ୍ୱ ସମେତ ସୂର୍ଯ୍ୟମୂର୍ତ୍ତି, ଖଣ୍ଡିଏ ମାତ୍ର ମୁଗୁନି ପଥରରେ ଚିତ୍ରାଙ୍କିତ ହୋଇଛି । ଅଶ୍ୱର ଜିନ୍ ଲଗାମ ଓ ଅଳଙ୍କାରଗୁଡ଼ିକ ଏଇମାତ୍ର ଯେମିତି ଅଶ୍ୱ ସହିତ ସଂଯୋଜିତ ହୋଇଛି । ସେଇ ସୂକ୍ଷ୍ମ କାରୁକଳାର ଫଟୋ ଉଠାଇଲା ଚାର୍ଲସ । କୋଣାର୍କ ପ୍ରଦକ୍ଷିଣ ଶେଷଥର ପାଇଁ ସଂପୂର୍ଣ୍ଣ କରି ତଳକୁ ଓହ୍ଲାଇ ଆସିଲା । ତେବେ ବି ମନେ ହେଉଥାଏ କୋଣାର୍କରେ ଆଉରି ଅନେକ କିଛି ଦେଖିବାର ରହିଗଲା—ଅନେକ କିଛି ଗବେଷଣା ବାକି ରହିଗଲା । ସୁନ୍ଦର ତୃପ୍ତିର ଅବସାଦ ନାହିଁ । ଭଗ୍ନ କୋଣାର୍କ ଏବେ ବି ସୌନ୍ଦର୍ଯ୍ୟର ଗନ୍ତାଘର । ଚାର୍ଲସ ଭାବିଥିଲା ତାର ଗବେଷଣା ସଂପୂର୍ଣ୍ଣ ହେଇଛି—ଆଜି ଭାବୁଛି ତାହା ଅସଂପୂର୍ଣ୍ଣ—ଠିକ୍ ମଣିଷର ଜୀବନ ଭଳି । କୋଣାର୍କ ଜୀବନର ପ୍ରତୀକ । କୋଣାର୍କର ଅଧ୍ୟୟନ କେହି କେବେହେଲେ ସଂପୂର୍ଣ୍ଣ କରିପାରେନା । ଯେତେ ଅନୁଶୀଳନ କଲେ ବି ଆଉ କିଛି ବାକି ରହିଯାଏ—କୋଣାର୍କ ଠିକ୍ ମଣିଷର ଅନନ୍ତପ୍ରାପ୍ତିର ଆଶା ଭଳି—ଅସୀମ ଅନୁଶୀଳନର ଗବେଷଣାଗାର । ଏହାହିଁ ଶେଷ ପର୍ଯ୍ୟନ୍ତ ଚାର୍ଲସର ଅନୁଭୂତି ।

ଚିତ୍ରୋତ୍‌ପଳା ଯେଉଁଠି ବସି ଫୁଲ ବିକୁଥିଲା, ସେଠାରେ ଚାର୍ଲସ ଦଣ୍ଡେ ଠିଆହେଲା । ନୀରବ ଦୀର୍ଘଶ୍ୱାସଟିଏ ବାହାରି ଆସିଲା ଚିତ୍ରୋତ୍‌ପଳାର ସଜଜ ସ୍ମୃତିରେ । ଧର୍ମାନନ୍ଦର ଛବିଟି ଭାସିଉଠିଲା ମାନସପଟରେ । ଚାର୍ଲସ ଲମ୍ବା ଲମ୍ବା ପାଦ ପକାଇ ପୂର୍ବପଥ ଦେଇ ପାନ୍ଥନିବାସ ରାସ୍ତାରେ ଅଗେଇଗଲା । ଚାଲି ଚାଲି, ଝାଉଁବଣର ମର୍ମର ଭିତରେ କାହାର ବିଳାପଧ୍ୱନିକୁ

Digitized by srujanika@gmail.com

ଅନୁସରଣ କରି ଚାର୍ଲସ ଯାଇ ପହଞ୍ଚିଲା ଚନ୍ଦ୍ରଭାଗା ତୀରରେ । ଝିପି ଝିପି ବର୍ଷା ପଡୁଥାଏ । ଆଷାଢ଼ ଆକାଶର ପାଣ୍ଡୁର ଜହ୍ନ ଚନ୍ଦ୍ରଭାଗାର କ୍ଷୀଣ ବୁକୁରେ କାରୁଣ୍ୟ ଢାଳି ଦେଉଥାଏ ।

ଚାର୍ଲସର ମନ ଭିତରେ ଅଜଣା ବ୍ୟଥାର ସ୍ୱରଟିଏ ବାଜି ଉଠୁଛି—କାହାପାଇଁ ସେ ଜାଣେନା ।

ଏଇ ସେଦିନର ବେଗମତୀ ପୂର୍ଣଯୌବନା ଚନ୍ଦ୍ରଭାଗା । କାଳର କ୍ରୂର ହାତ ସମୁଦ୍ରଠାରୁ ତାକୁ ବିଚ୍ଛିନ୍ନ କରିଦେଇଛି । ତଥାପି ଯୁଗ ଯୁଗ ଧରି କ୍ଷୀଣଧାରା ଚନ୍ଦ୍ରଭାଗା ସମୁଦ୍ରକୁ ଚାହିଁରହି ପଡ଼ିରହିଛି—ପୁଷ୍କରିଣୀ ପାଲଟିଛି ପଛକେ ତାର ଲକ୍ଷ୍ୟସ୍ଥଳ ହରାଇ ନାହିଁ ।

ଚନ୍ଦ୍ରଭାଗାର ଜଳରେ ପାଣ୍ଡୁର ଜ୍ୟୋତ୍ସ୍ନା ଫିକା ଫିକା ଚିତ୍ର ଆଙ୍କୁଛି । ତାରି ଭିତରେ ଦିଶୁଛି ଶିଳ୍ପୀପ୍ରିୟା ଚନ୍ଦ୍ରଭାଗାର କଳ୍ପିତ ଛବି—ପ୍ରାଚୀପ୍ରଭାର ପ୍ରତିଚ୍ଛାବଦ୍ଧ କମନୀୟ ମୂର୍ତ୍ତି । ସେପଟେ ଅନନ୍ତ ସମୁଦ୍ର—ମଝିରେ ବେଳାଭୂମି, ଏପଟେ ଚିର ପ୍ରତୀକ୍ଷମାଣା ଚନ୍ଦ୍ରଭାଗାର କ୍ଷୀଣଧାର !

ଚାର୍ଲସ ଦାର୍ଶନିକ ପାଲଟିଯାଇଛି । ଖୋଜୁଛି ଜୀବନକୁ, ନିଜର ଏବଂ ଆଉ କାହାର ।

ଛମ—ଛମ—ଛମ—ଲଘୁ ପଦପାତର ଶବ୍ଦ ଶୁଭୁଛି । ସମୁଦ୍ର ଜଳରେ ପାଦ ଛୁଆଇଁ ଛୁଆଇଁ କେହି ଜଣେ ଆସୁଛି । କିଏ ?

ଚନ୍ଦ୍ରଭାଗାର ତୀର ନିର୍ଜନ ହେଇଛି ଅନେକବେଳୁ । ରାତିର ଅନ୍ଧାର ଅନେକବେଳୁ ବେଳାଭୂଇଁରେ ବିଛେଇ ହେଇ ପଡ଼ିଛି । ଫେରିଯିବାପାଇଁ ଚାର୍ଲସର ଇଚ୍ଛା ହେଉନି । ବେଳାଭୂଇଁ ରାସ୍ତାରେ କେହି ଜଣେ ଚାଲି ଚାଲି ଆସୁଥିବାର ଚାର୍ଲସ ଲକ୍ଷ୍ୟ କରିଥିଲା । ସମୁଦ୍ର ବେଳାରେ ଛାୟାମୂର୍ତ୍ତିଟି ପହଞ୍ଚିଯାଇଛି ।

ଚାର୍ଲସ ଲକ୍ଷ୍ୟକଲା, ଏଇ ତ ସେଇ ଛାୟାମୂର୍ତ୍ତି, ଯାହାକୁ ସେ ଚନ୍ଦ୍ରଭାଗାର ପ୍ରେତାତ୍ମା ମନେକରି ଆସିଛି—ଅନେକବାର ଦେଖିଛି ଦୂରରୁ । ପାଖକୁ ଯିବାପାଇଁ ଇଚ୍ଛା ହେଇଛି । ପାଖକୁ ଗଲେ ଛାୟାମୂର୍ତ୍ତି ଦୂରେଇ ଯାଇଛି ।

ଆଜି, କୋଣାର୍କ ଛାଡ଼ିବାର ପୂର୍ବରାତିରେ ଚାର୍ଲସର ମନଜାଣି ସେ ଯେମିତି ଆସି ପହଞ୍ଚିଛି । ତାକୁ ହିଁ ମନେ ମନେ ଖୋଜୁଥିଲା ଚାର୍ଲସ । ଚାର୍ଲସର ଯାଯାବର ମନକୁ ଏତେଦିନ ଧରି କୋଣାର୍କରେ ଯେଉଁମାନେ ବାନ୍ଧି ରଖିଥିଲେ ସେମାନଙ୍କ ଭିତରେ ଚନ୍ଦ୍ରଭାଗାର ପ୍ରେତାତ୍ମା, ବେଳାଭୂମି ରାସ୍ତାରେ ଘୂରି ବୁଲୁଥିବା ସେଇ ଛାୟାମୂର୍ତ୍ତି ଅନ୍ୟତମା ।

Digitized by srujanika@gmail.com

ଚାର୍ଲସ ଧୀରେ ଧୀରେ ଆଗେଇଗଲା । ଛାୟାମୂର୍ତ୍ତି ସମୁଦ୍ର ପାଦଭିଜାଇ ସମୁଦ୍ରକୁ ଏକ ଧ୍ୟାନରେ ଚାହିଁ ରହିଛି । ଚାର୍ଲସ ଭାବୁଥିଲା ଅବଗୁଣ୍ଠିତ ସେଇ ନାରୀଟିର ପାଦ ଦୁଇଟି ପାଣିଭିତରେ ଅଛ ଦିଶୁଥିଲେ ସେ ଚିତାକୁଟା ପଦ୍ମଫୁଲ ଦୁଇଟିକୁ ଦେଖି ଚନ୍ଦ୍ରଭାଗାକୁ ଚିହ୍ନଟ କରନ୍ତା ।

ଚାର୍ଲସ ଭିତରେ ଶିହରଣ ଜାଗୁଛି, ବିସ୍ମୟ କୌତୂହଳରେ—ଅବଦମିତ ଶଙ୍କାରେ । ଗୋଟାଏ ପ୍ରେତାତ୍ମାର ପଛେ ପଛେ ସେ ଘୂରିବୁଲୁଛି କାହିଁକି ?

ଚାର୍ଲସ ଅନୁଚ୍ଚ କଣ୍ଠରେ କହିଲା—ଚନ୍ଦ୍ରଭାଗା, ଯାହା ତମକୁ ରାଜା ନରସିଂହ କହିପାରି ନଥିଲେ ମୁଁ ସେକଥା ତମକୁ କହିବାକୁ ଚାହେଁ—ଚନ୍ଦ୍ରଭାଗା, ଆଇ ଲଭ୍ ଇଉ, ଆଇ ଇଉ ଇଉ । ମୁଁ ତମର ଆତ୍ମାକୁ ଭଲପାଏ—ଏ ଦେଶର କଳାକୁ ମୁଁ ଭଲ ପାଏ । ତାକୁ ହିଁ ମୁଁ କହେ ପ୍ରେମ । ମୋର ଧୃଷ୍ଟତା ମାର୍ଜନା କର ।

ଛାୟାମୂର୍ତ୍ତିଟି ଥରେ ମାତ୍ର ପଛକୁ ଚାହିଁ ମୁହଁ ଫେରାଇ ନେଲା । ନିମିଷକେ ଅନ୍ତର୍ଦ୍ଧାନ ହେଇଗଲା ସମୁଦ୍ରର ନୀଳ ଜଳରାଶି ଭିତରେ । ଛାୟାମୂର୍ତ୍ତି ସମୁଦ୍ର ଭିତରକୁ ଲମ୍ଫ ଦେଲା କି ସମୁଦ୍ରର ଉତ୍ତାଳ ତରଙ୍ଗ ତାକୁ କୋଳେଇ ନେଲା ସେ କଥା ଚାର୍ଲସ ବୁଝିପାରିଲା ନାହିଁ । ସମୁଦ୍ରର ଗର୍ଜ୍ଜନ ଭିତରେ ବୁଝିହେଲା ନାହିଁ ଏହା ସତ୍ୟ ନାଁ ତାର ମନର ଭ୍ରମ !

ଥରି ଉଠିଲା ଚାର୍ଲସର ସମଗ୍ର ଶରୀର । ତାର ଆଖି ଆଗରେ କେହି ଆତ୍ମହତ୍ୟା କରି ବସିନାହିଁ ତ ! ସେ ବା କ'ଣ କରିପାରେ ! ସମୟ ଏବଂ ସମୁଦ୍ର ପାଖରେ ମଣିଷ କେତେ ଅସହାୟ !

ପଛରେ ମିଞ୍ଜି ମିଞ୍ଜି ଆଲୁଅଟିଏ ଜଳି ଉଠିଲା । ଚାର୍ଲସ ଦେଖିଲା ଦୀନବନ୍ଧୁ ଲଣ୍ଠଣଟିଏ ଧରି ଠିଆ ହେଇଛନ୍ତି । ସାଙ୍ଗରେ ଗଣେଶ । ସେ କହୁଛନ୍ତି— ଘରକୁ ଚାଲ । ଏତେ ରାତିରେ ଏଠି ବୁଲିବା ଠିକ୍ ନୁହେଁ । ନିଶାର୍ଦ୍ଧରେ ପ୍ରେତାତ୍ମାମାନେ ଏଠି ବୁଲୁଛନ୍ତି ।

—ରାତି କେତେ ହେଲା ? ଚାର୍ଲସ ପଛକୁ ପାଦ ଫେରାଇଲା ।

—ବାରଟା । ତେଣେ ମାଉସୀ ବ୍ୟସ୍ତ ହେଉଛନ୍ତି । ରାତି ପାହିଲେ ସମସ୍ତେ ପୁରୁଷୋତ୍ତମ ଯିବା । କାଲି ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା । ପତିତପାବନଙ୍କୁ ବଡ଼ଦାଣ୍ଡରେ ଦର୍ଶନ କରିବା । ଦୁଇଦିନ ପରେ ନୀଳାଚଳ ଗାଡ଼ିରେ ତମେ ଓଡ଼ିଶା ଛାଡ଼ିବ । ସମସ୍ତେ ତମକୁ ବିଦାୟ ଦେବୁ ପୁରୀରେ—ଜଗନ୍ନାଥଙ୍କୁ ତମର ସୁଖ ସମୃଦ୍ଧି ମାଗୁଣି କରି । ଦୀନବନ୍ଧୁଙ୍କର କଣ୍ଠ ବାଷ୍ପାଚ୍ଛନ୍ନ ହେଲା । କେତେ ବିନ୍ଦୁ ବର୍ଷାଜଳ ଝରିପଡ଼ିଲା ଆକାଶ ଆଖିରୁ ।

Digitized by srujanika@gmail.com

ପ୍ରାଚୀପ୍ରଭାକୁ ନୂଆ ରୂପରେ ଦେଖୁଛି ଚାର୍ଲସ ।

ପ୍ରାଚୀପ୍ରଭା ଲାଲ ରଙ୍ଗର ବନାରସୀ ପାଟ ପିନ୍ଧିଛି—ପିନ୍ଧିଛି ଅଳଙ୍କାର । କପାଳରେ ମନୋରମ ଦିଶୁଛି କୁଙ୍କୁମ ବିନ୍ଦୁ । ସୀମାନ୍ତରେ ସିନ୍ଦୂରର ରେଖା ଝଟକୁଛି । ଚାର୍ଲସ ବିମୁଗ୍ଧ ହେଇ ପ୍ରାଚୀପ୍ରଭାକୁ ଦେଖୁଛି । ପ୍ରାଚୀପ୍ରଭା ଚାର୍ଲସକୁ ବିଦାୟ ଦେବାପାଇଁ ପରିବାର ସହ ପୁରୀ ବାହାରିଛି । ତାର ଏ ନବବଧୂ ବେଶ କାହିଁକି ?

ଦୀନବନ୍ଧୁ ଚାର୍ଲସର ମନକଥା ବୁଝିପାରିଛନ୍ତି । ସେ ଆସ୍ତେ କହୁଛନ୍ତି—ପ୍ରତିବର୍ଷ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ପୃଥିବୀର ସବୁସ୍ଥାନରୁ ଜ୍ଞାନୀ, ଗୁଣୀ, ଯୋଗୀ ଓ ମହାତ୍ମା ଆସନ୍ତି । ଚାରୁକଳାଙ୍କର ବିଶ୍ୱାସ ଜଗନ୍ନାଥ ଦିନେ ନା ଦିନେ ଫେରିବ—ଜଗନ୍ନାଥଙ୍କର ବିଶ୍ୱବ୍ୟାପୀ ଆଖି ଦୁଇଟା ତାକୁ ଠାବ କରି ଟାଣିଆଣିବ ଶ୍ରୀକ୍ଷେତ୍ରକୁ । କେହି ଗଣନା କରି କହିଛି ଜଗନ୍ନାଥ ରଥଯାତ୍ରାରେ ହିଁ ପୁରୀ ଫେରିଆସିବ । ନିୟମ କଲାଭଳି ପ୍ରତିବର୍ଷ ଶ୍ରୀଗୁଣ୍ଡିଚା ମାତ୍ରାକୁ ସେ ପ୍ରାଚୀପ୍ରଭାକୁ ବଧୂବେଶ କରି ନେଇଯାଆନ୍ତି—ଜ୍ୱାଇଁ ଜଗନ୍ନାଥଙ୍କୁ ସ୍ୱାଗତ ଜଣାଇବା ପାଇଁ । ସବୁବର୍ଷ ନିରାଶ ହେଇ ଫେରନ୍ତି, କିନ୍ତୁ ବିଶ୍ୱାସ ହରାନ୍ତି ନାହିଁ । କେଜାଣି କିଏ ଜାଣେ ଏବର୍ଷ ହୁଏତ ଜଗନ୍ନାଥ ଫେରି ଆସିଥିବ—ମୋର ବି ସେଇ ବିଶ୍ୱାସ ।

—ଆଉ ପ୍ରାଚୀପ୍ରଭାର ? ଚାର୍ଲସ ପ୍ରଶ୍ନକଲା ।

—ତାର ବିଶ୍ୱାସ ନଥିଲେ ସେ ଆମ କଥା ମାନି ପ୍ରତିବର୍ଷ ବଧୂବେଶ ହେଇ ପୁରୀ ଯାଆନ୍ତା ନାହିଁ ।

ଚାର୍ଲସ ପ୍ରାଚୀପ୍ରଭାକୁ ପୁଣିଥରେ ଚାହିଁଲା । ତା' ପାଖକୁ ଯାଇ ଆସ୍ତେ କହିଲା—ମୋର ଶୁଭେଚ୍ଛା ଗ୍ରହଣ କର ।

ଚାର୍ଲସ ପ୍ରାଚୀପ୍ରଭାକୁ ପୁଣିଥରେ ଚାହିଁଲା । ତା' ପାଖକୁ ଯାଇ ଆସ୍ତେ କହିଲା—ମୋର ଶୁଭେଚ୍ଛା ଗ୍ରହଣ କର ।

ପ୍ରାଚୀପ୍ରଭା ମୃଦୁ ହସିଲା । କିଛି ଜବାବ୍ ଦେଲାନାହିଁ । ସେମାନେ ଟାକ୍‌ସି କରି ବାହାରି ପଡ଼ିଲେ ।

ଆଗ ସିଟ୍‌ରେ ବସିଥାନ୍ତି ଦୀନବନ୍ଧୁ । ପଛରେ ପ୍ରାଚୀପ୍ରଭା, ଚାର୍ଲସ ଏବଂ ଚାରୁକଳା । ବେଳାଭୂଇଁ ରାସ୍ତାରେ କୋଣାର୍କରୁ ପୁରୀ ଯାତ୍ରା ଖୁବ୍ ଆନନ୍ଦଦାୟକ ଏବଂ ଉପଭୋଗ୍ୟ । କିନ୍ତୁ ଚାର୍ଲସର ବିଦାୟ କଥାଟି ସମସ୍ତଙ୍କୁ ବିମର୍ଷ ଏବଂ ଗମ୍ଭୀର କରିଦେଇଥାଏ ।

ଚନ୍ଦ୍ରଭାଗା ଉପକଣ୍ଠରେ ଭିଡ଼ କମିଛି । କିଛି ଗୋଟାଏ ଅଘଟଣ ଘଟିଛି । ଚାର୍ଲସ ଏବଂ ଦୀନବନ୍ଧୁ ଗାଡ଼ିରୁ ଓହ୍ଲାଇ ପଡ଼ିଲେ । ଶୁଣିଲେ ଜଣେ କେହି ସମୁଦ୍ର ଜଳରେ ବୁଡ଼ିମରିଛି । ସକାଳୁ

Digitized by srujanika@gmail.com

ଶବଟିକୁ ସମୁଦ୍ର ଫେରାଇ ଦେଇଛି ସମୁଦ୍ରବେଳାକୁ । ଚାର୍ଲସ ସ୍ତବ୍ଧ ହେଇଗଲେ । ଭିଡ଼ ଠେଲି ଦେଖିଲା କାଲି ରାତିର ସେଇ ଛାୟାମୂର୍ତ୍ତି——ଶବ ପାଇଟି ସମୁଦ୍ର ବାଲିରେ ଶୋଇଛି । ପୋଲିସ ପହଞ୍ଚି ଯାଇଛନ୍ତି । ଶବ ଚିହ୍ନଟ ହେଇଛି । ଶବଟି କୌଣସି ଏକ ତୀର୍ଥ ଯାତ୍ରିଣୀର । ଦୁଇବର୍ଷ ତଳେ ନବ ବିବାହିତ ସ୍ୱାମୀ ସ୍ତ୍ରୀ ଦୁଇଜଣ କେଜାଣି କେଉଁଠାରୁ ରଥଯାତ୍ରା ଦେଖିବା ପାଇଁ ପୁରୀ ଆସିଥିଲେ । ଯାତ୍ରା ପରେ କେତେଦିନ ପୁରୀରେ ରହିଥିଲେ । ସମୁଦ୍ର ସ୍ନାନ କରୁ କରୁ ସ୍ୱାମୀ ନିଖୋଜ ହେଇଯାଇଥିଲା ସମୁଦ୍ର ଗର୍ଭରେ । ତା'ପରଠୁ ସ୍ତ୍ରୀ ପାଗଳୀ ହୋଇ ସମୁଦ୍ର କୂଳେ କୂଳେ ଘୂରିବୁଲୁଥିଲା——ସମୁଦ୍ରକୁ କହୁଥିଲା——ଦେ——ଫେରାଇ ଦେ ମୋର ସ୍ୱାମୀଙ୍କୁ ନଚେତ୍ ମତେ ନେ——ତାଙ୍କ ସହ ମିଳେଇ ଦେ—— ।

ବେଳାଭୂମି ରାସ୍ତାଏ ରାସ୍ତାଏ ପୁରୀରୁ କୋଣାର୍କ ଏବଂ କୋଣାର୍କରୁ ପୁରୀଯାଏ ସେ ଘୂରିବୁଲୁଥିଲା ଦିନରାତି । ଠିକଣା ପଚାରିଲେ ଜବାବ ଦିଏ ନାହିଁ——ମଣିଷଙ୍କୁ ଦେଖିଲେ ଦୂରେଇଯାଏ । କେହି କେହି ରାତିରେ ତାକୁ ଦେଖି ମନେ କରିଥିଲେ ପ୍ରେତାତ୍ମା । ଶେଷରେ ହୁଏତ ସ୍ୱାମୀ ସହ ମିଳିତ ହେବାପାଇଁ ସମୁଦ୍ରକୁ ଡେଇଁପଡ଼ି ଆତ୍ମହତ୍ୟା କରିଛି । ନିଷ୍ଠୁର ସମୁଦ୍ର ତାକୁ ଫିଙ୍ଗି ଦେଇଛି ଆଣି ସମୁଦ୍ର ବେଳାରେ । ସ୍ୱାମୀ ସହ ତାର ମର ଶରୀରର ମିଳନ ହୋଇନାହିଁ——କେଜାଣି ବା ଆତ୍ମା ସହ ଆତ୍ମାର ମିଳନ ହେଇଥିବ ।

ଚାର୍ଲସ ବିଷଣ୍ଣ ହୋଇଗଲା । ଏ ଆତ୍ମହତ୍ୟାର ପ୍ରତ୍ୟକ୍ଷଦର୍ଶୀ ହେଉଛି ଚାର୍ଲସ ନିଜେ । ଏତେଦିନ ଧରି ମନ ଭିତରେ ଚନ୍ଦ୍ରଭାଗାର ପ୍ରେତାତ୍ମା ସମ୍ବନ୍ଧରେ ପୋଷଣ କରିଥିବା ଭ୍ରମଧାରଣା ଯୋଗୁଁ ସେ ଆତ୍ମହତ୍ୟା ପଥରୁ ନାରୀଟିକୁ ନିବୃତ୍ତ କରିପାରି ନାହିଁ । ନିଜର ନିର୍ବୋଧତା ପାଇଁ ଚାର୍ଲସ ଅନୁତାପ କରୁଥିଲା । ମାତ୍ର ସେ ବା କ'ଣ କରିପାରିଥାନ୍ତା । ଶହ ଶହ ପାଗଳ ମଣିଷ ଏ ଦେଶର ରାସ୍ତା ଘାଟରେ ବୁଲନ୍ତି——କିଏ କେଉଁଠି ମୃତ୍ୟୁବରଣ କରେ ତାର ଖବର କେହି ରଖନ୍ତି ନାହିଁ । ସେମାନଙ୍କ ଭିତରୁ ଏ ହେଉଛି ଜଣେ । ବରଂ ତାର ଆତ୍ମା ଯନ୍ତ୍ରଣାମୁକ୍ତ ହେଉଛି——ତାର ଆତ୍ମାକୁ ଶାନ୍ତି ମିଳୁ । ଚାର୍ଲସ ନୀରବ ପ୍ରାର୍ଥନା ଜଣାଇଲା ।

ଶ୍ରୀଶ୍ରୀ ଜଗନ୍ନାଥ ଓଡ଼ିଶାର ରାଷ୍ଟ୍ରଦେବତା, ସ୍ୱାଧୀନତାର ରକ୍ଷକ, ଓଡ଼ିଆ ଜାତିର ଧର୍ମ, ସମ୍ପଦ, କଳା, ସାହିତ୍ୟ, ସଭ୍ୟତା, ସଂସ୍କୃତି, ଗୌରବ ଏବଂ ଆଧ୍ୟାତ୍ମିକ ବିକାଶର ଚୂଡ଼ାନ୍ତ ସତ୍ୟେକତ । ସ୍ନେହ, ପ୍ରେମ, ମିଳନ ଓ ଅନୁରକ୍ତିର ମୂର୍ତ୍ତିମନ୍ତ ପ୍ରତୀକ ଶ୍ରୀ ଜଗନ୍ନାଥ । ଜଗନ୍ନାଥ ଧର୍ମ ମୈତ୍ରୀ ଧର୍ମ । ଜଗନ୍ନାଥ ଭାବ ଅମୃତର ଅନୁସନ୍ଧାନୀ ହେଲେ ଏ ବିଶ୍ୱ ବିପର୍ଯ୍ୟୟରୁ ରକ୍ଷା ପାଇବ । ବଡ଼ଦାଣ୍ଡରେ ଠିଆହେଇ ଚାର୍ଲସ ତାହାହିଁ ଉପଲବ୍ଧି କରୁଛି ।

Digitized by srujanika@gmail.com

ଅଗଣିତ ଭକ୍ତଜନଙ୍କ ଭିତରେ ଜଣେ ହେଇ ଠିଆ ହେଇଛି ଚାର୍ଲସ । ସାରାଦିନ ଠିଆ ହେଇ ଦେଖିଛି—ଭକ୍ତଜନଙ୍କୁ ଦେଖାଦେଇ ଉଦ୍ଧାରିବା ପାଇଁ ପାଦବିହୀନ ବିଗ୍ରହଙ୍କର ବଡ଼ଦାଣ୍ଡରେ କଷ୍ଟକର ପହଣ୍ଡି ବିଜେ । ବାଇଶି ପାହାଚରେ ଛେଚା କଚା, ଠେଲା ଠେଲି, ଉର୍ହନା ଓ କଦର୍ଥନା ଭିତରେ ପ୍ରଭୁ ଧୂଳି ଧୂସରିତ । ଖରାଧାସରେ ବଦନ ଶୁଖିଗଲାଣି । ବର୍ଷାଧାରରେ ଚକ୍ଷୁଧାରରୁ କଜ୍ୱଳ ବୋହିଗଲାଣି । ସେଥିକି ଭ୍ରୁକ୍ଷେପ ନାହିଁ । ଭକ୍ତଜନଙ୍କ ଜୟଧ୍ୱନି ଭିତରେ ହସୁଛନ୍ତି ରଙ୍ଗାଧର । ପଛକୁ ଆଉଜି, ଆଗକୁ ଝୁଙ୍କି ଝୁଲି ବାଦ୍ୟ କରତାଳ, ମୃଦଙ୍ଗର ତାଳେ ତାଳେ ପ୍ରଭୁଙ୍କର ପହଣ୍ଡି ବିଜେ ଶେଷ ହୋଇଛି ।

ପାଟଛତ୍ରୀ ତଳେ, ମେହେନାରେ ବସି ରଥ ପର୍ଯ୍ୟନ୍ତ ଆସିଛନ୍ତି ଗଜପତି ରାଜା । ସୌମ୍ୟ ଦର୍ଶନ ଗଜପତିଙ୍କ ମସ୍ତକରେ ଶିରସ୍ତ୍ରାଣ, ଦେହରେ ଶ୍ୱେତ ଚପକନ ଉପରେ ରକ୍ତ ଉତ୍ତରୀୟ । ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ଗଜପତି ରାଜା କରିବେ ଛେରା ପହଁରା, ଚଣ୍ଡାଳର କାର୍ଯ୍ୟ । ଦେବତାର ସେବା କର୍ମରେ ରାଜା ଚଣ୍ଡାଳର ଭେଦାଭେଦ ନାହିଁ । ଦେବତା ପାଖରେ ରାଜା ପ୍ରଜା, କ୍ଷତ୍ରୀୟ ଚଣ୍ଡାଳ ସମାନ । ଯାହା କିଛି ସଂକୀର୍ଣ୍ଣ ଭେଦାଭେଦ ତାହା ଦେବୀକୃତ ନୁହେଁ—ମନୁଷ୍ୟକୃତ । ରାଜାଙ୍କର ଉନ୍ନତ ରାଜକୀୟ ମସ୍ତକ ଅବନତ ହୁଏ ଦେବତା ପାଖରେ—ଭଣ୍ଡାର ମେକାପ ଶ୍ୱେତପୁଷ୍ପ ପକାଇ ପକାଇ ବାଟ ଦେଖାନ୍ତି, ରାଜଗୁରୁ ବଢ଼ାଇ ଦିଅନ୍ତି ସ୍ୱର୍ଣ୍ଣ ସମାର୍ଜନୀ । ଗରାବଡୁଠାରୁ ହାତୁଆଣୀ ନେଇ ପୁଷ୍ପାଞ୍ଜଳି ଦେଲେଣି ଗଜପତି ମହାରାଜ—ରଥ ଚତୁପାର୍ଶ୍ୱରେ ଚନ୍ଦନ ଜଳ ସିଞ୍ଚନ କରୁଛନ୍ତି । ରାଜା ହେଇଛନ୍ତି ଚଣ୍ଡାଳ । ଭକ୍ତ ଜନତାର କଳ କଲ୍ଲୋଳରେ ବଡ଼ଦାଣ୍ଡ ପ୍ରକମ୍ପିତ ହେଉଛି । ମଣିଷ ଏକ—ଧର୍ମ ଏକ, ତାହାହିଁ ଛେରା ପହଁରାର ସଙ୍କେତ ।

ଏଥର ରଥ ଚାଲିବ । ସାରଥି ଉପବିଷ୍ଟ । ଭେଦ ଶୂନ୍ୟ, ବିକାର ଶୂନ୍ୟ, ଗୋଷ୍ଠୀ ସଂପ୍ରଦାୟ ଶୂନ୍ୟ ମାନବ ଧର୍ମ ଜଗନ୍ନାଥ ଧର୍ମର ଭାବଧାରାରେ ଚାର୍ଲସ ସମ୍ମୋହିତ ହେଇଛି । ଉର୍ଦ୍ଧ୍ୱକୁ ବାହୁ ତୋଳି ଚୈତନ୍ୟ ମହାପ୍ରଭୁଙ୍କ ଭଳି—ସଂକୀର୍ତ୍ତନରେ ତାଳେ ତାଳେ ପାଦ ପକାଇ ସେ ନାଚୁଛି । ଗୋଟାଏ ଅଦ୍ଭୁତ ପ୍ରେମଧାରାରେ ତାର ହୃଦୟ ପରିପୂର୍ଣ୍ଣ ହେଉଛି—ଆତ୍ମା ମୁକ୍ତି ପଥରେ ଉର୍ଦ୍ଧ୍ୱକୁ ଉଠୁଛି । ସେ ଦେଖୁଛି ଜନ-ସମୁଦ୍ରର ପରିବ୍ୟାପ୍ତି— ତାରି ଭିତରେ ସେ ଦେଖୁଛି ସମସ୍ତେ ଉନ୍ମୁଖ—ସେଇ ବହୁବାଞ୍ଛିତ ମୁହୂର୍ତ୍ତ ପାଇଁ । ସମସ୍ତେ ଉତ୍କର୍ଣ୍ଣ ହେଇ କର୍ଣ୍ଣ ତେରିଛନ୍ତି ରଥଚକର ଘର୍ଘର ଘୋଷ ନାଦ ଶୁଣିବା ପାଇଁ । ଅସଂଖ୍ୟ ଜନତା ଗୋଟିଏ ମୁହୂର୍ତ୍ତରେ ଏକ ମନ, ଏକ ପ୍ରାଣ, ଏକ ଲକ୍ଷ୍ୟ ନେଇ ବଡ଼ଦାଣ୍ଡରେ ଠିଆ ହୋଇଛନ୍ତି, ସବୁ ସଂକୀର୍ଣ୍ଣତାରୁ ଉତ୍ତୀର୍ଣ୍ଣ ହୋଇ ।

Digitized by srujanika@gmail.com

ଏଇ ଅଭାବିତ ମୁହୂର୍ତ୍ତଟିର ଅନୁଭୂତିକୁ ଚାର୍ଲସ ମନ-ପ୍ରାଣ-ଆତ୍ମା ଦେଇ ପଞ୍ଚତ କରୁଛି । ନିଜ ଭିତରେ ଜୀବନରେ ଏ ମୁହୂର୍ତ୍ତ ଚାର୍ଲସ ପାଇଁ ଦୁର୍ଲଭ ।

ସେବକ ପରିଜନ, ପଣ୍ଡା ସୁଆର, ଦଇତାପତିଙ୍କ ଗହଣରେ ରଥାରୂଢ଼ ତିନି ଦେବତା ।

ଆଗରେ ବଡ଼ଭାଇ ବଳଭଦ୍ର, ମଝିରେ ଗୋହୁ ଭଉଣୀ ସୁଭଦ୍ରା, ଶେଷରେ ସାନ ଭାଇ ସ୍ୱୟଂ ଜଗନ୍ନାଥ । ରୋଗ ଶଯ୍ୟାରୁ ଉଠି, ନବଯୌବନ ଲାଭ କରି ନିର୍ମଳ ତନୁ ମନ ନେଇ ଭାଇ ଭଉଣୀଙ୍କୁ ସଙ୍ଗରେ ଧରି ଜଗତର ନାଥ ବାହାରିଛନ୍ତି ଜନ୍ମସ୍ଥଳୀ ଗୁଣ୍ଡିଚା ଘରକୁ । ଶ୍ରୀମନ୍ଦିର ଆବୋରି ଆଡୁଆଇରେ ରହିଛନ୍ତି ମାଆ ଲକ୍ଷ୍ମୀ । ଏଇ ତ ଭାରତୀୟ ସମାଜର ଚଳଣି ଏବଂ ପରମ୍ପରା । ଭାରତୀୟ ପାରିବାରିକ ଜୀବନର ଧାରା ସ୍ୱୟଂ ପ୍ରଭୁ ଜଗନ୍ନାଥଙ୍କୁ ଅନୁସରି ହୋଇଛି ମଧୁମୟ, ମହିମାମୟ ଏବଂ ପ୍ରେମମୟ ।

ପୁଣି ଯେତେ ବଡ଼ ହୁଅନୁ ପଛକେ—ଶ୍ରୀମନ୍ଦିରରେ ରତ୍ନସିଂହାସନରେ ବସି ଛପନ ପଉଟି ଭୋଗ ଲାଗି ହୁଅନୁ ପଛକେ ଜନ୍ମସ୍ଥଳୀ ଗୁଣ୍ଡିଚା ଘରକୁ ଭୁଲିପାରିନାହାନ୍ତି ପ୍ରଭୁ ଜଗନ୍ନାଥ । ବର୍ଷକେ ଥରେ ଆସିଛନ୍ତି ଜଚା ମାଟିକୁ । ବାଟରେ ପଡ଼ିବ ମାଉସୀ ମା'ର ଘର । ମାଉସୀ କୁଟୀରବାସିନୀ ବୃଦ୍ଧା । ଜଗତର ନାଥ ବୋଲି ମାଉସୀ ମା'ର ସ୍ନେହର ଆକର୍ଷଣକୁ ତ ଉପେକ୍ଷା କରିବେ ନାହିଁ ପ୍ରଭୁ ମୈତ୍ରୀଦେବ ଜଗନ୍ନାଥ ! ସେଠି ଅଟକିବାକୁ ହେବ । ମାଉସୀର ସ୍ନେହ ସୋହାଗ ଗ୍ରହଣ କରିବାକୁ ହେବ । ସ୍ନେହ ସୋହାଗ ପାଖରେ ବଡ଼ ସାନ, ଧନୀ ଦରିଦ୍ରର ପ୍ରଶ୍ନ ଉଠେନା ।

ଚାର୍ଲସ ଭାବୁଥିଲା, କି ସୁନ୍ଦର ସାମାଜିକତା ! ଦୀନବନ୍ଧୁ ଏବଂ ଚାରୁକଳାଙ୍କର ପ୍ରାଚୀପ୍ରଭା ପ୍ରତି ସ୍ନେହ ସୋହାଗ ତାକୁ ବିସ୍ମିତ କରୁଥିଲା । ଆଜି ସେ ବୁଝୁଛି, ଜଗନ୍ନାଥ ଯେଉଁ ଦେଶର ସଂସ୍କୃତିର ପ୍ରତୀକ, ସେଠି କୁଶଭଦ୍ରା ବୁଢ଼ୀ ବିଦେଶୀ ଚାର୍ଲସକୁ ପୁଅ ମନେକରି ତା' ହାତରୁ ନିର୍ମାଲ୍ୟ ଜଳ ନେଇ ଆଖି ବୁଜିବାରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

ସଂକୀର୍ତ୍ତନରେ ହରିଧ୍ୱନି ଆକାଶ ସ୍ପର୍ଶ କରୁଛି । ରଥ ଚକ ଘୋର ଘର୍ଘର ନାଦରେ ଗଡ଼ିଲାଣି । ରଥ ଦଉଡ଼ା ସ୍ପର୍ଶରେ ସର୍ବ ପାପ କ୍ଷୟ ହୁଏ । ଚାର୍ଲସ ମଧ୍ୟ ରଥ ଦଉଡ଼ା ଟାଣି ଧରିଛି । ପ୍ରାଚୀପ୍ରଭା ରଥ ଦଉଡ଼ା ସ୍ପର୍ଶ କରି ମଥାରେ ଲଗାଉଛି । ତିନି ରଥ ଆଗ ପଛ ହେଇ ବଡ଼ଦାଣ୍ଡରେ ଗଡ଼ିଯାଉଛନ୍ତି ଜନ-ସମୁଦ୍ରକୁ ଦୁଇ ଭାଗ କରି । ପଛରୁ ଚାହିଁ ରହିଛି ଚାର୍ଲସ । ପଛରୁ ଦିଶୁଛି ଯେମିତି ଜନ-ସମୁଦ୍ର ବିଭକ୍ତ ହେଉନାହିଁ । ତିନି ରଥର ଚତୁର୍ଦ୍ଦିଗରେ ବଳୟ ପରି ଘେରି ରହିଛନ୍ତି ସମ୍ମୋହିତ ଭକ୍ତଜନ । ଅଥଚ ରଥ ଗଡ଼ିଯାଉଛି ଆଗକୁ, ମଣିଷର ଦର୍ପ ଦଳନ କରି, ଜନତାର ଦୁର୍ଗତି ଦଳନ କରି ।

Digitized by srujanika@gmail.com

ବଡ଼ଦାଣ୍ଡରେ ଲମ୍ବ ହେଇ ସାଷ୍ଟାଙ୍ଗ ପ୍ରଣିପାତ କରୁଛନ୍ତି କେହି କେହି । ତା' ଭିତରେ ଦୀନବନ୍ଧୁ ଓ ଚାରୁକଳା ଲମ୍ବହୋଇ ମୁହଁମାଡ଼ି ପ୍ରଣାମ କରୁଛନ୍ତି । ନିବେଦନ କରୁଛନ୍ତି ଜଗନ୍ନାଥ ଫେରିଆସୁ । ପ୍ରାଚୀପ୍ରଭାର ପ୍ରତୀକ୍ଷା ଶେଷ ହେଉ ।

ଚାର୍ଲସ ବୁଲି ବୁଲି ଦେଖୁଛି ବିଚିତ୍ର ଜୀବନ ପ୍ରବାହକୁ । ବୁଢ଼ା ବୁଢ଼ୀ, ଯୁବକ ଯୁବତୀ, ବୟସ୍କ ନରନାରୀ ଏବଂ କିଶୋର କିଶୋରୀ କେତେଜଣ, ହାତକୁ ହାତ ଧରି, କାନିକୁ କାନି ଛନ୍ଦାଛନ୍ଦି ହୋଇ ସ୍ରୋତଟିଏ ଭଳି ଚାଲିଛନ୍ତି ଜନ-ସମୁଦ୍ର ଭିତରେ । କାଚେ କିଏ କେଉଁଠି ହଜିଯିବ ! କେହି କାହାକୁ ଛାଡ଼ିବାକୁ ନାରାଜ । ଜଣେ ପଛେଇ ଗଲେ ଆଉ ଜଣେ ପଛେଇ ଯାଉଛି । ଜଣେ ଆଗେଇ ଗଲେ ଆଉ ଜଣେ ଆଗକୁ ଟାଣି ହୋଇଯାଉଛି । ଏଇ ତ ଭାରତୀୟ ଜୀବନର ପରମ୍ପରା । ସମସ୍ତେ ଛନ୍ଦାଛନ୍ଦି ବନ୍ଧାବନ୍ଧି ଗୋଟିଏ ଗ୍ରନ୍ଥିରେ—ଦୁଃଖରେ, ସୁଖରେ ଜଣେ ଅନ୍ୟ ଜଣକ ସହ ଅଂଶୀଦାର, ଜଣେ ଜଣକର ଆବଶ୍ୟକ । ଭାରତୀୟ ପରିବାର, ଏକ ପରିପୂର୍ଣ୍ଣ ପରିବାର ।

କେତେଜଣ ଆମେରିକାନ୍ ପର୍ଯ୍ୟଟକ ଚାର୍ଲସ ଭଳି ଅବାକ୍ ଦୃଷ୍ଟିରେ ଚାହିଁ ରହିଛନ୍ତି ସେଇ ବିଚିତ୍ର ଜନସ୍ରୋତଟିକୁ । ଫଟୋ ଉଠାଉଛନ୍ତି । ଆମେରିକାର ସଭ୍ୟତାରେ ହଜିଯାଉଛନ୍ତି ବାପା ମା', ଭାଇ ବନ୍ଧୁ, ଜ୍ଞାତି କୁଟୁମ୍ବ । ଚାର୍ଲସ ଭଳି ଅନେକଙ୍କର ପରିବାର ନାହିଁ, ସଂସାର ନାହିଁ, ଧର୍ମ ନାହିଁ, ଦେଶ ନାହିଁ । ଚାର୍ଲସ ଭଳି ଅଧିକାଂଶ ନିସଙ୍ଗ, ହତାଶ, ଯାଯାବର ।

ଚାର୍ଲସ ଭାବୁଥିଲା ଯେଉଁ ସଭ୍ୟତାରେ ପରିବାର ନାହିଁ, ସ୍ନେହ, ପ୍ରେମ, ତ୍ୟାଗ ଓ ଉତ୍ସର୍ଗ ନାହିଁ, ସେ ଦେଶର ଜୀବନରେ ଆବେଗ ନାହିଁ, ପ୍ରାଣପ୍ରାଚୁର୍ଯ୍ୟ ନାହିଁ, ଆନନ୍ଦ ନାହିଁ । ଆଜି ଭାରତରେ ମାନବ ଜୀବନର ଏଇ ମହାସତ୍ୟକୁ ସେ ଉପଲବ୍ଧି କରୁଛି ।

ଆକାଶ ଏବେ ମେଘମୁକ୍ତ । ଜନ-ସମୁଦ୍ର ଏଣେତେଣେ ଖେଳେଇ ହୋଇଗଲେଣି । ତାରି ଭିତରେ ଆଗପଛ ହେଇ ଚାଲିଛନ୍ତି ଦୀନବନ୍ଧୁ, ଚାରୁକଳା, ଚାର୍ଲସ ଏବଂ ପ୍ରାଚୀପ୍ରଭା । ଚାର୍ଲସ ଭାବୁଛି ଅନ୍ୟ ଆମେରିକାନ ପର୍ଯ୍ୟଟକଙ୍କ ଭଳି ସେ ନିସଙ୍ଗ ନୁହେଁ । ତା'ର ପରିବାର ଅଛି । ତା'ର ଆତ୍ମୀୟ ସ୍ୱଜନ ଅଛନ୍ତି । ଆମେରିକାରେ ସେ ଯାହା କିଛି ହଜାଇ ଦେଇଥିଲା, ଭାରତବର୍ଷରେ ସେ ସବୁ କିଛି ସେ ଖୋଜି ପାଇଛି ।

ବଡ଼ଦାଣ୍ଡରେ ପୁଣି ଆରମ୍ଭ ହେଇଛି ନିତିଦିନିଆ ଜୀବନ ଯାତ୍ରା । ତୀକ୍ଷ୍ଣ କଣ୍ଟାର ଶେଯ ଉପରେ ଶୋଇଛି କୌପୀନଧାରୀ ଉଲଗ୍ନ ମଣିଷଟିଏ । ଶରୀର ଉପରେ ତୀକ୍ଷ୍ଣ କଣ୍ଟାର ବୋଝଟିଏ ଚାପିଦିଆଯାଇଛି । ଲୋକଟି ପାଖରେ ପଇସା ପକାଉଛନ୍ତି ଦୟାର୍ଦ୍ର ଦାତାମାନେ । ଛୋଟ ଝିଅଟିଏ ଆକୁଳ ଆଗ୍ରହରେ ପଇସା ଗୋଟେଇ ନେଉଛି । ଭିକ୍ଷା ଯାଚନାର ବିଚିତ୍ର

Digitized by srujanika@gmail.com

ବିଭତ୍ସ କେତୋଟି ଦୃଶ୍ୟ ଚାର୍ଲସକୁ ବ୍ୟଥିତ କରୁଛି । ଚାର୍ଲସର ପାଦ ଅଟକି ଯାଉଛି । ସେ ଭାବୁଛି ଯେଉଁ ଦେଶର ଅତୀତ ଏତେ ମହାନ, ଯେଉଁ ଦେଶର ସଂସ୍କୃତି ଏବଂ ପରମ୍ପରା ସାରା ବିଶ୍ୱରେ ଆଦୃତ, ସେ ଦେଶରେ ପୁଣି ଏତେ ଦାରିଦ୍ର୍ୟ, ଏତେ ଦୁଃଖ, ଏତେ ବିଭତ୍ସ ଜୀବନ ସଂଗ୍ରାମ କାହିଁକି ?

ବିଚିତ୍ର ଶ୍ରୀକ୍ଷେତ୍ର ଧାମ । ଅଦ୍ଭୁତ ରହସ୍ୟମୟ ପ୍ରଭୁ ଜଗନ୍ନାଥଙ୍କର ଲୀଳା ଖେଳା । ଚାର୍ଲସ ଉଚ୍ଚାରଣ କଲା ଆଚାର୍ଯ୍ୟ ଶଙ୍କରଙ୍କର ଏକହଜାର ବର୍ଷ ପୂର୍ବର ସେଇ କେତୋଟି ଧାଡ଼ି—

''ଅହୋ ଦୀନନାଥଂ ନିହିତମଚଳଂ ତିଷ୍ଠିତ ପଦମ୍
ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବତୁ ମେ ।''

ଚାର୍ଲସ ପ୍ରଣାମ ଜଣାଇଲା ରଥାରୂଢ଼ ଦାରୁ ଦେବତାଙ୍କୁ । ଗଦ୍ ଗଦ୍ କଣ୍ଠରେ ପ୍ରାର୍ଥନା କଲା—ଦୀନ, ଅନାଥଗଣଙ୍କ ପାଇଁ ଯାହାଙ୍କର ଅଚଳପଦ ସ୍ଥାପିତ ହୋଇଛି, ସେହି ପ୍ରଭୁ ଜଗନ୍ନାଥ ମୋର ନୟନପଥଗାମୀ ହୁଅନ୍ତୁ ।

ଗୋଟିଏ ମୁହୂର୍ତ୍ତରେ ଲକ୍ଷ୍ୟହୀନ ଚାର୍ଲସ ନିଜ ଜୀବନର ଲକ୍ଷ୍ୟ ସ୍ଥିର କରିନେଲା ।

ସମୁଦ୍ରବେଳାର ଛୋଟ ଏକ ଲଜିଂରେ ଦୁଇଟି କୋଠରୀ ଭଡ଼ା ନେଇଛନ୍ତି ଦୀନବନ୍ଧୁ । ଗୋଟିକରେ ଦୀନବନ୍ଧୁ, ଚାରୁକଲା ଏବଂ ପ୍ରାଚୀ । ଅନ୍ୟଟିରେ ଚାର୍ଲସ । ଦିନକ ପରେ ଚାର୍ଲସ ଫେରିଯିବ ନୀଳାଚଳ ଏକ୍‌ସପ୍ରେସରେ ଦିଲ୍ଲୀ, ଦିଲ୍ଲୀରୁ ଆମେରିକା । ତା'ର ଟିକେଟ ହେଇଯାଇଛି ।

ଲଜିଂରୁ ଫେରି ଦୀନବନ୍ଧୁ ଏବଂ ଚାରୁକଲା ବାହାରିପଡ଼ିଲେ ବିଭିନ୍ନ ମଠ ଉଦ୍ଦେଶ୍ୟରେ—କେହି ମହାତ୍ମା ଆସିଥିଲେ ସାକ୍ଷାତ କରିବେ । ଜଗନ୍ନାଥର ସନ୍ଦେଶ ମିଳିଯାଇପା'ଏ । ପ୍ରାଚୀପ୍ରଭା ସଂପୂର୍ଣ୍ଣ ନିର୍ବିକାର । ଯେପରି ଜଗନ୍ନାଥଙ୍କର ସନ୍ଦେଶ ମଳିବା ନମିଳିବା ତା'ପାଇଁ ଏକ କଥା ।

Digitized by srujanika@gmail.com

ପ୍ରାଚୀପ୍ରଭା ଏବଂ ଚାର୍ଲସ ଚାଲି ଚାଲି ସମୁଦ୍ର ବେଳାରେ ବାଲି ଉପରେ ବସିଲେ । ସମୁଦ୍ର କୂଳରେ ଆଜି ପ୍ରବଳ ଭିଡ଼ । ସେମାନେ କ୍ଲାନ୍ତ ହୋଇଥିଲେ । କୋଳାହଳ ଭିତରେ ସ୍ଥାନଟିଏ ବାଛିନେଲେ ।

ପ୍ରାଚୀ ଉଦାସ ହେଇ ସମୁଦ୍ରକୁ ଚାହିଁଛି । ଚାର୍ଲସ ପଚାରିଲା—ତମେ କ'ଣ ବିଶ୍ୱାସ କର ଜଗନ୍ନାଥଙ୍କ ଆକର୍ଷଣ ଦିନେ ନା ଦିନେ ତମର ସ୍ୱାମୀଙ୍କୁ ଟାଣି ଆଣିବ ?

ପ୍ରାଚୀ ସମୁଦ୍ରରୁ ଆଖି ନ ଫେରାଇ ଉତ୍ତର ଦେଲା—ଆକାଶରେ ମେଘ ଢାଙ୍କିଛି ବୋଲି ସୂର୍ଯ୍ୟଙ୍କୁ ଯେମିତି ଅସ୍ୱୀକାର କରାଯାଇ ପରେନାହିଁ—ଠିକ୍ ସେମିତି ଈଶ୍ୱରଙ୍କୁ ସ୍ୱଚକ୍ଷୁରେ ନ ଦେଖିଲେ ବି ମୁଁ ଉପଲବ୍ଧି କରିପାରେ, ବିଶ୍ୱାସ କରେ ।

—କିନ୍ତୁ ତମର ଜଗନ୍ନାଥ ଅସଂପୂର୍ଣ୍ଣ, ତମର କୋଣାର୍କ ଭଗ୍ନ—ତେବେ ବି ଜୀବନ ସମ୍ବନ୍ଧରେ ତମେ ଆଶାବାଦୀ ହେଇପାର ?

—ଅସଂପୂର୍ଣ୍ଣତାରେ ସଂପୂର୍ଣ୍ଣତା ହେଉଛି ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ । ଯେମିତି ଜଗନ୍ନାଥ, ବାହୁ ନ ଥାଇ ମହାବାହୁ, ବିଖଣ୍ଡିତ ହେଇ ବିଶ୍ୱବ୍ୟାପୀ । ଯେମିତି କୋଣାର୍କ ଭଗ୍ନାବଶେଷରେ ବି ଏତେ ମନୋହର, ପୁଣି ପୂର୍ଣ୍ଣତାରେ ସୌନ୍ଦର୍ଯ୍ୟରେ ବି ଭରପୂର.....

ଚାର୍ଲସ ପ୍ରାଚୀ ଓଠରୁ କଥା ଛଡ଼ାଇନେଇ କହିଲା—ଯେମିତି ପ୍ରାଚୀପ୍ରଭା, ଅପୂର୍ଣ୍ଣ ଜୀବନରେ ବି ପୂର୍ଣ୍ଣତାର ପ୍ରତିମୂର୍ତ୍ତି—ନିରାନନ୍ଦ ଭିତରେ ବି ଚିର ଆନନ୍ଦମୟୀ । ଚାର୍ଲସ ମୁଗ୍ଧ ଦୃଷ୍ଟିରେ ପ୍ରାଚୀକୁ ଚାହିଁ ରହିଲା ।

ପ୍ରାଚୀ ହସିଦେଇ ପ୍ରଶ୍ନ କଲା—ମୋ ଜୀବନ ଅପୂର୍ଣ୍ଣ ବୋଲି କିଏ କହେ ? ଜୀବନର ପୂର୍ଣ୍ଣତା କେଉଁଠି କହିପାରିବ ଚାର୍ଲସ ?

—ସେକଥା ଜାଣେନା—ଏଠି ଭାବେ ଜଗନ୍ନାଥ ଜୀବନର ସଙ୍କେତ । ସେ ଅସଂପୂର୍ଣ୍ଣ—ପ୍ରତ୍ୟେକ ମଣିଷର ଜୀବନ ବି କୌଣସି ନାଁ କୌଣସି ଦିଗରୁ ଅସଂପୂର୍ଣ୍ଣ । ମୁଁ ବିସ୍ମିତ ହୁଏ, ଶିଳ୍ପକଳାରେ ଚରମ ସାଫଲ୍ୟ ଲାଭ କରିଥିବା ଦେଶରେ ଜଗନ୍ନାଥଙ୍କର ରୂପକଳ୍ପ ଅସମ୍ପୂର୍ଣ୍ଣ କାହିଁକି ?

ପ୍ରାଚୀପ୍ରଭା ଗମ୍ଭୀର ସ୍ୱରରେ କହିଲା—ଜଗନ୍ନାଥ ଏ ବିଶ୍ୱର ସ୍ରଷ୍ଟା, ମଣିଷ ହାତଗଢ଼ା ଯେକୌଣସି ରୂପକଳ୍ପ ତାଙ୍କୁ ସଂପୂର୍ଣ୍ଣରୂପେ ପ୍ରକାଶ କରିପାରେନା । ଯିଏ ନିଜେ ନିଜର ନିର୍ମାତା, ତାଙ୍କୁ ଗଢ଼ିବ କିଏ ? ତେଣୁ ଜଗନ୍ନାଥ ଅସଂପୂର୍ଣ୍ଣରେ ପୂର୍ଣ୍ଣତାର ପ୍ରତୀକ, ଅସୁନ୍ଦର ଭିତରେ ସୁନ୍ଦରତାର ପ୍ରତୀକ, ଅସଫଳତା ଭିତରେ ସଫଳତାର ସଙ୍କେତ, ନୈରାଶ୍ୟ ଭିତରେ ଆଶାର ଜ୍ୟୋତି । ତେଣୁ ମୁଁ ବଞ୍ଚିଛି—ବଞ୍ଚନ୍ତି ଅଗଣିତ ଆର୍ତ୍ତ ମଣିଷ । ପ୍ରାଚୀ ଦୀର୍ଘଶ୍ୱାସ ତୋଳିଲା ।

Digitized by srujanika@gmail.com

ଚାର୍ଲସ ଅନ୍ୟମନସ୍କ ଭାବରେ କହିଲା—କାଲି ମୁଁ ଫେରିଯିବି ମୋ ଦେଶକୁ ।

—ତା'ତ ଜାଣେ । ଟିକେଟ ହୋଇଛି । ପ୍ରାଚୀ ଅନୁଚ୍ଚ ସ୍ୱରରେ କହିଲା ।

ଚାର୍ଲସ କଣ୍ଠ ଚାପି ଚାପି କହିଲା—ମୁଁ ମୋ ଜୀବନର କର୍ମପନ୍ଥା ସ୍ଥିର କରିଛି । ଭାବିଥିଲି ଭାରତ ଭଳି ଦରିଦ୍ର ଦେଶରେ ଦୁଃଖ, ଶୋକ, ହାହାକାରର ସୀମା ନାହିଁ—ତେଣୁ ସେଇ ଅନାଥ, ଅସହାୟମାନଙ୍କ ପାଇଁ କାମ କରିବି ମୋ ବାପାଙ୍କର ଉତ୍ତର ଦାୟାଦ ଭାବେ । ମାତ୍ର ଏଠି ଆସି ବୁଝିଛି ମୋ ଦେଶର ଲୋକମାନେ ବେଶି ଦୁଃଖୀ, ବେଶି ନିଃସହାୟ, ଭାରି ନିସଙ୍ଗ । ଭାରତରୁ ଫେରିଯାଇ ମୁଁ ତାଙ୍କୁ ଜଗନ୍ନାଥ ଧର୍ମ ଓ ଦର୍ଶନ ବଖାଣିବି—ଜଗନ୍ନାଥ ଭାବ ଚେତନା ତାଙ୍କୁ ଏ ବିପତ୍ତିରୁ ଉଦ୍ଧାର କରିବ । ସେମାନେ ବି ନୈରାଶ୍ୟ ଭିତରେ ଆଶାର ସନ୍ଧାନ କରିବେ ।

ପ୍ରାଚୀପ୍ରଭା ଖୁସିହେଲା । କହିଲା—ଧନ୍ୟବାଦ ଚାର୍ଲସ । ଅନ୍ତତ ତମେ ଏଥର ଶାନ୍ତି ପାଇବ, ଏତିକି ବିଶ୍ୱାସ ମୋର ହେଇଛି ।

ଚାର୍ଲସ ଆସ୍ତେ କହିଲା—ପ୍ରାଚୀପ୍ରଭା, ଗୋଟାଏ କଥା ପଚାରିବି ?

—କୁହ ।

—ତମର ସ୍ୱାମୀ ଯଦି ଆଉ ନ ଫେରନ୍ତି ?

—ତାହାହିଁ ତ ମୁଁ ଧରିନେଇଚି ଚାର୍ଲସ —

—ତମେ କ'ଣ କରିବ ?

—ଏଥିରେ ମୋର କିଛି କରିବାର ନାହିଁ ।

—ତମର ଅବଶିଷ୍ଟ ଜୀବନ—

—କଟିଯିବ—

—କେମିତି ?

—ଜୀବନ କଟିଯାଏ—

—ତାଙ୍କରି ପ୍ରତୀକ୍ଷାରେ ?

—ତାହାହିଁ ଧରିନିଅ—

ନୂଆ ଜୀବନରେ ତମେ ବିଶ୍ୱାସ କର ?

Digitized by srujanika@gmail.com

— ପଛକୁ ଫେରି ଚାହିଁବାରେ ଦୁଃଖ ଥାଇପାରେ — କିନ୍ତୁ ଦୁଃଖ ପାଇବାରେ ବି ଗୋଟାଏ ମୂଲ୍ୟ ଅଛି ।

— ଏଠାରୁ ଫେରିଗଲେ ମୁଁ ବି ପଛକୁ ଫେରି ଚାହିଁବି — ପଛକୁ ଫେରି ଚାହିଁଲେ ତମକୁ ହିଁ ଦେଖିବି ଆଉ ସାରାଜୀବନ କଷ୍ଟ ପାଇବି । ପ୍ରାଚୀପ୍ରଭା, ତମର ସ୍ମୃତି ମତେ ଦୁଃଖ ଦେବ । ଚାର୍ଲସ ଭାବପ୍ରବଣ ହେଇଗଲା ।

କୋମଳ ସହାନୁଭୂତିରେ ପ୍ରାଚୀପ୍ରଭାର ଅନ୍ତର ଦ୍ରବୀଭୂତ ହେଇଗଲା । ନମ୍ର ମଧୁର ସ୍ୱରରେ ସେ କହିଲା — ଜାଣି ନ ଥିଲି ଚାର୍ଲସ, ଆମର ଏ କେତେଦିନର ବନ୍ଧୁତ୍ୱ ତମକୁ ଏତେ କଷ୍ଟଦେବ ବୋଲି । ବନ୍ଧୁତ୍ୱ ଆନନ୍ଦ ଦିଏ, ଦୁଃଖ ନୁହେଁ ।

— ତମକୁ କଷ୍ଟ ହେବନାହିଁ ?

— କଷ୍ଟ ସହିବାରେ ମୁଁ ଅଭ୍ୟସ୍ତ ହେଇଗଲିଣି —

ଚାର୍ଲସ ପ୍ରାଚୀପ୍ରଭାର ନିକଟକୁ ଘୁଞ୍ଚି ବସିଲା । ଉଷ୍ଣ-କୋମଳ କଣ୍ଠରେ କହିଲା — ମୁଁ ଆସିଥିଲି ବନ୍ଧୁତା ଖୋଜି । ଯେଉଁ ଦେଶଟି ମୋ ଦେଶଠାରୁ ସବୁଥିରେ ଭିନ୍ନ, ତା' ସହିତ ସଦ୍‌ଭାବ ସ୍ଥାପନ ପାଇଁ — ସେସବୁ ସମ୍ଭବ ହେଇଛି ତମପାଇଁ । କିନ୍ତୁ ଏ ସଦ୍‌ଭାବ ଏବଂ ବନ୍ଧୁତ୍ୱ ଆମ ଭିତରର ସବୁ ପାର୍ଥକ୍ୟକୁ ଦୂର କରିପାରିନାହିଁ । ତଥାପି ଜୀବନକୁ ସୁଖକର କରିବା ପାଇଁ କେଉଁ ବିଷୟରେ ଆମେ ପରସ୍ପର ସହିତ ସହଯୋଗ କରିପାରିବା ତାକୁ ଆମେ ଚେଷ୍ଟା କଲେ ଖୋଜି ପାଇପାରନ୍ତେ ।

ପ୍ରାଚୀପ୍ରଭା ଅବୁଝା ଆଖିରେ ଚାର୍ଲସକୁ ଚାହିଁ ରହିଲା ।

ଚାର୍ଲସ ହସି ହସି କହିଲା — ଆମ ଦେଶରେ ଜଣେ ଯୁବକ ଜଣେ ଯୁବତୀକୁ ପ୍ରଶ୍ନ କରେ — ତମେ ମୋର ପ୍ରଥମା ପତ୍ନୀ ହେବ କି ?

ପ୍ରାଚୀପ୍ରଭା ହସିଦେଇ ପ୍ରଶ୍ନକଲା — ଯୁବତୀଟି ମଧ୍ୟ ସେମିତି ପଚାରୁଥିବ — ତମେ ମୋର ପ୍ରଥମ ସ୍ୱାମୀ ହେବ କି ?

— ପଚାରିବା କ'ଣ ଅନୁଚିତ ? ଚାର୍ଲସ କଣ୍ଠରେ ଦୃଢ଼ତା ।

ପ୍ରାଚୀପ୍ରଭା ଶାନ୍ତ କଣ୍ଠରେ କହିଲା — ସ୍ତ୍ରୀ ପୁରୁଷଙ୍କ ପାଇଁ ସାମାଜିକ ଚଳଣି ଓ ମୂଲ୍ୟବୋଧ ସବୁ ଦେଶରେ କିଛି ନା କିଛି ଫରକ ହୋଇଥାଏ ।

Digitized by srujanika@gmail.com

ଚାର୍ଲସ ଏକ ଦୃଷ୍ଟିରେ ପ୍ରାଚୀପ୍ରଭାକୁ ଚାହିଁରହି କହିଲା — ଆଜ୍ଞି ମୁଁ ଯଦି ମୋର ପସନ୍ଦ ଯୋଗ୍ୟ ଝିଅଟିଏ ପାଏ, ପଚାରିବି, ତମେ ମୋର ସର୍ବପ୍ରଥମା ଏବଂ ସର୍ବଶେଷ ପତ୍ନୀ ହେବ କି ?

— ଭାଗ୍ୟବତୀ ସେଇ ଝିଅଟି । ପ୍ରାଚୀ ମୃଦୁ ହସିଲା ।

— ହୁଏତ ସେ ଝିଅଟି ମୋ ଦେଶରେ ନାହିଁ । ସର୍ବଶ୍ରେଷ୍ଠ ପତ୍ନୀ ହେବାପାଇଁ ସର୍ବପ୍ରଥମ ସ୍ୱାମୀ ପାଖରେ ଚୁକ୍ତିବଦ୍ଧ ହେବା ଭଳି ଝିଅ ମୁଁ ପାଇବି କେଉଁଠି ? ଚାର୍ଲସ ଉଦାସ ହୋଇଗଲା ।

ପ୍ରାଚୀପ୍ରଭା ଅନ୍ୟମନସ୍କ ହେଇ ବସି ରହିଲା । ଚାର୍ଲସ ନୀରବ । କାଲି ଏତେବେଳକୁ ସେ ଓଡ଼ିଶାର ସୀମା ପାରି ହେଇଯିବଣି । ଓଡ଼ିଶା ଏବଂ ତା'ର ସ୍ମୃତି ସ୍ମରଣାତୀତ ହେଇ ରହିବ ।

ସମୁଦ୍ର ଢେଉରେ କିଛି ଗୋଟାଏ ଭାସି ଭାସି ଯାଉଛି । ପାଟକନାରେ ବନ୍ଧା ପୁଡ଼ିଆଟିରେ — ଫୁଲମାଳ ଗୁଡ଼ାହେଇଛି । ଅଳ୍ପ ଦୂରରେ ବିଷ୍ଣୁ ମହାରଣା ଆଣ୍ଠୁଏ ପାଣିରେ ଛିଡ଼ାହେଇ ସମୁଦ୍ର ଆଡ଼େ ଚାହିଁ ପ୍ରଣାମ କରୁଛି ।

ପ୍ରାଚୀପ୍ରଭା ଉତ୍‌କଣ୍ଠିତ ସ୍ୱରରେ କହିଲା — ଦେଖ ଚାର୍ଲସ; ପାଣ୍ଡୁଲିପି ସହ ''ଶିଳ୍ପ ଚନ୍ଦ୍ରିକା''କୁ ବିଷ୍ଣୁ ମହାରଣା ସମୁଦ୍ର ଜଳରେ ଭସାଇ ଦେଇଛନ୍ତି ।

ଚାର୍ଲସ ଦୀର୍ଘଶ୍ୱାସ ତୋଳି କହିଲା — ଏ ଦେଶର ବିଷ୍ଣୁ ମହାରଣାମାନେ କଳାକୁ ପଣ୍ୟକରି ବଞ୍ଚନ୍ତି ନାହିଁ — ବିଷ୍ଣୁ ମହାରଣା କଥା ଦେଇଥିଲେ, ରଥଯାତ୍ରାରେ ପୁରୀରେ ଦେଖାହେବ ବୋଲି । ମୋଠାରୁ ଲଜିଂର ଠିକଣା ନେଇଥିଲେ । ଶେଷ ପର୍ଯ୍ୟନ୍ତ ଆଶା ଥିଲା ବିଷ୍ଣୁ ମହାରଣା ପାଣ୍ଡୁଲିପିଟିକୁ ହସ୍ତାନ୍ତର କରିବାପାଇଁ ମନସ୍ଥ କରିବେ । କିନ୍ତୁ ଦେଖୁଛି ଏ ଦେଶରେ ଏବେ ମଧ୍ୟ ଅନେକ ଲୋକ ମୂଲ୍ୟବୋଧ ପାଇଁ ଅନେକ କିଛି ତ୍ୟାଗ କରି ଦିଅନ୍ତି ..... ପ୍ରାଚୀପ୍ରଭା, ଏ ଦେଶରେ ଗୋଟିଏ କୋଣାର୍କ ଭାଙ୍ଗି ପଡ଼ିଲେ ଶହ ଶହ କୋଣାର୍କ ଗଢ଼ା ହେଇ ପାରିବ । କାରଣ ଏ ଦେଶ ବ୍ୟବସାୟୀର ଦେଶ ନୁହେଁ, ଏ ଦେଶ ଶିଳ୍ପୀର ଦେଶ ।

ବିଷ୍ଣୁ ମହାରଣା ଦୂରରୁ ହାତ ହଲାଇ ବିଦାୟ ଜଣାଉଛି । ଚାର୍ଲସ ପ୍ରଣାମ ଜଣାଇଲା । ବିଷ୍ଣୁ ମହାରଣା ଗୋଟିଏ ଗୋଟିଏ ପାଦ ପକାଇ ଦୂରକୁ ଚାଲିଯାଉଛି । ଚାର୍ଲସ ସ୍ୱଗତୋକ୍ତି କଲା — ବିଦାୟ କଳିଙ୍ଗ ଶିଳ୍ପୀ, ତମର ଜୟ ହେଉ । ''ଶିଳ୍ପ ଚନ୍ଦ୍ରିକା''କୁ ଅଭିମାନରେ ତମେ ଭସାଇଦେଲେ ବି କୋଣାର୍କ ବଞ୍ଚିରହିବ — ବଞ୍ଚିରହିବ ଉତ୍କଳର କଳା ଏବଂ ସଂସ୍କୃତି — ମୂଲ୍ୟବୋଧ ଏବଂ ପରମ୍ପରା ।

Digitized by srujanika@gmail.com

ସମୁଦ୍ର ବେଳାରେ ଛୋଟକାଟର ବଜାରଟିଏ ବସିଛି । ଯାତ୍ରୀମାନେ ପେଡ଼ା, ଚିନାବାଦାମ, ମସଲାମୁଡ଼ି, ସିଙ୍ଗଡ଼ା କିଣି ଖାଉଛନ୍ତି । ଶଙ୍ଖ, ସାମୁକା, ମାଳୀ, ଚୂଡ଼ି କିଣୁଛନ୍ତି ସ୍ତ୍ରୀ ଲୋକମାନେ । ଛୋଟ ଛୋଟ ଇଙ୍ଗଳା ପିଲାଗୁଡ଼ାଏ ହାତପତାଇ ମାଗୁଥିଲେ — ମା' ପଇସାଟିଏ — ବାବୁ ଖାଇବାକୁ କିଛି ଦିଅ ..... ଯାତ୍ରୀମାନଙ୍କର କିଛି ଭାବାନ୍ତର ନାହିଁ । ଏ ତ ନିତିଦିନିଆ କଥା —

ଆଖି ସାମ୍ନାରେ ଗୋଟାଏ ଅଭିନବ ଦୃଶ୍ୟ । ଅବଶ୍ୟ କେବଳ ଚାର୍ଲସ ପାଇଁ ଏ ଦୃଶ୍ୟଟି ବିସ୍ମୟକର । ଅନ୍ୟ କାହାରି ଧ୍ୟାନ ଦୃଶ୍ୟଟି ପ୍ରତି ଆକର୍ଷିତ ହେଉନାହିଁ । ଚାର୍ଲସ ଫଟୋଟିଏ ଉଠାଇନେଲା ।

ଜୀର୍ଣ୍ଣ ଭିକାରୀ ବୁଢ଼ାଟିଏ — ସାଥିରେ ଜରାଗ୍ରସ୍ତ ରୁଗ୍‌ଣା ବୁଢ଼ୀଟି । ଦୁହେଁ ଦୁହିଁଙ୍କୁ ଆଶ୍ରାକରି ସମୁଦ୍ର ବାଲିରେ ଚାଲୁଛନ୍ତି — ଯାତ୍ରୀମାନଙ୍କ ପାଖରେ ହାତପତାଇ ମାଗୁଛନ୍ତି । କିଏ କାହାକୁ ଆଶ୍ରାକରି ଚାଲିଛି ଚାର୍ଲସ ସେ କଥା ବୁଝିପାରୁ ନଥିଲା । ଚାର୍ଲସ ଭାବୁଥିଲେ ସେମାନେ କେହି କାହାକୁ ଆଶ୍ରୟ କରିନାହାନ୍ତି, ବରଂ ଦୁହେଁ ଦୁହିଁଙ୍କର ଭାର ହିଁ ବଢ଼ାଉଛନ୍ତି — ସାରା ଜୀବନ ସେମାନେ ଏମିତି ଚାଲିଛନ୍ତି, ମୃତ୍ୟୁ ପର୍ଯ୍ୟନ୍ତ । ଜଣକର ଭାର ଜଣକର ଦୁଃଖ ବଢ଼ାଏ, ଜଣକର ଭୋକ ଆଉ ଜଣକର ଆହାରରେ ଭାଗ ବସାଏ ଅଥଚ ସେମାନେ ଯୁଗ୍ମ ହେଇ ଜୀବନ କାଟୁଛନ୍ତି । ମୃତ୍ୟୁର ଉପକଣ୍ଠରେ ଠିଆହେଇ ସେମାନେ ଅବିଚ୍ଛିନ୍ନ । ଆଜି ସେମାନଙ୍କ ଭିତରେ ଯେଉଁ ସମ୍ପର୍କ ପ୍ରତିଷ୍ଠା ହୋଇଛି ତାହା ଚାର୍ଲସ ପାଇଁ ଦୁର୍ବୋଧ । ସେ ସମ୍ପର୍କ ହୁଏତ ପ୍ରତ୍ୟାଶା ରହିତ, ଦେହାତୀତ, କାମନା ବାସନାର ବହୁ ଉର୍ଦ୍ଧ୍ୱରେ ଚାର୍ଲସ ବୁଝିବାକୁ ଚେଷ୍ଟା କରୁଥିଲା । ଭାରତର ରାଜରାସ୍ତାରେ ଏଭଳି ସ୍ୱର୍ଗୀୟ ସମ୍ପର୍କର ଚିତ୍ର ଅତି ସାଧାରଣ ଏବଂ ସ୍ୱାଭାବିକ ।

ଚାର୍ଲସ ପ୍ରାଚୀପ୍ରଭାକୁ ଚାହିଁ କହିଲା — ଶେଷ ମୁହୂର୍ତ୍ତରେ କିଛି ମନର କଥା କହିବାକୁ ଭାବିଥିଲି — କିନ୍ତୁ ଏ ଦୃଶ୍ୟ ଦେଖିବା ପରେ ସେ କଥା ଆଉ —

— ଦୃଶ୍ୟ ସହିତ ମନକଥାର ସମ୍ପର୍କ କ'ଣ ?

ଚାର୍ଲସ ପ୍ରାଚୀପ୍ରଭାକୁ ଗଭୀର ଦୃଷ୍ଟିରେ ଚାହିଁ କହିଲା — ଏ ଦେଶର ଗୋଟିଏ ଝିଅକୁ ମନର କଥା କହିବାକୁ ଚାହିଁଥିଲି । ମାତ୍ର ସେ ବହୁପୂର୍ବରୁ ଚୁକ୍ତିବଦ୍ଧ ହେଇଛି । ଯଦିଓ ସେ ଚୁକ୍ତିର ସର୍ତ୍ତ ତା ଉପରେ ଜୋର କରି ଦିଆଯାଇଛି । ମୁଁ ଜାଣେ ସେ ଚୁକ୍ତିଭଙ୍ଗ ହେବ ନାହିଁ ।

ପ୍ରାଚୀର ଦୀର୍ଘଶ୍ୱାସ ଛାଡ଼ି କହିଲା — ଜୀବନରେ ସମସ୍ତେ ସବୁ ପ୍ରତିଜ୍ଞା ରକ୍ଷା କରିପାରନ୍ତି ନାହିଁ । କିନ୍ତୁ କେତେଟା ପ୍ରତିଜ୍ଞା ଭଙ୍ଗ କରିହୁଏ ନାହିଁ । ଚାର୍ଲସ, ନିଜ ଦେଶରୁ ଆଉ ଗୋଟିଏ ଝିଅ ଖୋଜିନିଅ — ।

Digitized by srujanika@gmail.com

— ଅସମ୍ଭବ ।

— କାହିଁକି ?

— କହୁଛି ତ ମୋର ପ୍ରତିଜ୍ଞା, ମୋର ପ୍ରଥମା ପତ୍ନୀ ହିଁ ହେବ ମୋର ସର୍ବଶେଷ ପତ୍ନୀ —

— କିନ୍ତୁ ଦୀନେଶ ତ ତମ ଦେଶରୁ ଝିଅଟିଏ ବାଛିନେଲା ?

— ଅର୍ଥାତ୍ — ?

ଦୀନେଶ ସେଠାରେ ବିବାହ କରିଛି ।

— ସେ କେବେ ଫେରୁଛି ?

— ସେଠାରେ ସେ ସ୍ଥାୟୀ ବାସିନ୍ଦା ରହିବା ପାଇଁ ସିଦ୍ଧାନ୍ତ କରିଛି । ତାହାହିଁ ତା' ସ୍ତ୍ରୀର ଇଚ୍ଛା ।

ଚାର୍ଲସ ପଚାରିଲା — ଏ ସବୁ ମତେ ତ କେବେ କହିନାହାନ୍ତି ମଉସା —

ପ୍ରାଚୀ ଦୀର୍ଘଶ୍ୱାସ ଛାଡ଼ି କହିଲା — ନିଜ ଦୁଃଖର ବୋଝରେ ଅନ୍ୟର ମନକୁ ଭାରାକ୍ରାନ୍ତ କରିବା ପାଇଁ ସେ ଚାହାନ୍ତି ନାହିଁ । ଆବଶ୍ୟକ ନଥିଲେ କାହାକୁ ଦୁଃଖ ଦେବା ତାଙ୍କର ନୀତି ବିରୁଦ୍ଧ ।

ଚାର୍ଲସ ନରମ କଣ୍ଠରେ କହିଲା — ମୋ ଦେଶରେ ପ୍ରାଚୁର୍ଯ୍ୟ ଅଛି — କିନ୍ତୁ ପ୍ରାଣ ନାହିଁ । ଦୀନେଶ ପ୍ରାଚୁର୍ଯ୍ୟକୁ ଭଲପାଇଛି । ମୁଁ କିନ୍ତୁ ପ୍ରାଣ ଖୋଜି ବୁଲୁଛି । ବିଚିତ୍ର ଏଇ ମଣିଷ । ଯାହା ନିଜର ନୁହେଁ ତାକୁ ହିଁ ସେ ଭଲପାଏ ।

ପ୍ରାଚୀ ହସିଲା । କ୍ଲାନ୍ତ ଅବସନ୍ନ ଦିଶୁଥିଲା ତାର ଚେହେରା ।

ଚାର୍ଲସ ପଚାରିଲା — ତମେ କେବେ ମୋ ଦେଶକୁ ଆସୁଛ — ?

— ଯେବେ ତମେ ଡାକିବ — ଅତି ଅନ୍ତରଙ୍ଗ ପ୍ରାଚୀପ୍ରଭାର କଣ୍ଠସ୍ୱର ।

ଚାର୍ଲସ ଆଗ୍ରହଭରା ସ୍ୱରରେ କହିଲା — ଯଦି ଆଜି ଡାକେ — ମୋ ସଙ୍ଗେ ଯିବାପାଇଁ — ?

ଯିବି, କିନ୍ତୁ ତମ ସଙ୍ଗେ ନୁହେଁ । ଆମ ଦୁହିଁଙ୍କର ରାସ୍ତା ଭିନ୍ନ !

Digitized by srujanika@gmail.com

— ମଣିଷର ଉତ୍ପତ୍ତି ସ୍ଥଳ ଏକ, ଗନ୍ତବ୍ୟ ସ୍ଥଳ ଏକ, ରାସ୍ତା କିନ୍ତୁ ଅନେକ । ରାସ୍ତା ଭେଦରେ ମଣିଷ ଭିତରେ ଏ ଭେଦାଭେଦକୁ ତମେ ସ୍ୱୀକାର କର ? ମୁଁ ମ୍ଲେଚ୍ଛ, ସେଥିପାଇଁ ତମେ ମୋତେ ଘୃଣା କର ? ଚାର୍ଲସର କଣ୍ଠସ୍ୱର ବେଦନାରେ ଛଳ ଛଳ ।

ପ୍ରାଚୀ ଆହତ ହେଲା । ଛଳ ଛଳ ଆଖିରେ ଚାହିଁ ରହିଲା ଚାର୍ଲସକୁ । ବାଷ୍ପାକୁଳ କଣ୍ଠରେ କହିଲା — ଜୀବନରେ ପ୍ରଥମ କରି ବନ୍ଧୁଭାବେ ତମକୁ ମୁଁ ଗ୍ରହଣ କରିଛି । ତା' ପୂର୍ବରୁ ମୋ ଜୀବନରେ ଯେଉଁ ପୁରୁଷ ଆସିଥିଲେ ତାଙ୍କୁ ମୁଁ ଈଶ୍ୱର ମନେକରି ଭକ୍ତି କରେ । ତେଣୁ ମୋର ସମସ୍ତ ସ୍ନେହ, ମମତା ତମେ ହିଁ ଲୁଟି ନେଇଛ ଚାର୍ଲସ, ସେଠି ଘୃଣାର ସ୍ଥାନ ନାହିଁ ।

— ତେବେ ମୋ ସଙ୍ଗେ ଯିବାପାଇଁ ଆପତ୍ତି କାହିଁକି ? ଆମ ପୃଥିବୀ ସାରା ଘୂରି ବୁଲିବା । ଜଗନ୍ନାଥ ଭାବଧାରାରେ ଉଦ୍‌ବୁଦ୍ଧ ହେଇ ମଣିଷକୁ ପ୍ରେମ କରିବା । ଦୀନ ଦଳିତର ସେବା କରିବା ।

ମତେ ଅପେକ୍ଷା କରିବାକୁ ହେବ —

କେତେ ଦିନ ?

ପ୍ରାଚୀ କିଛି ଉତ୍ତର ଦେଲା ନାହିଁ । ଅସହାୟ ଆଖିରେ ସମୁଦ୍ରର ଅଗଣନ ଢେଉକୁ ଚାହିଁ ରହିଲା । ଭାବିଲା, ସମୁଦ୍ରର ଲହଡ଼ିକୁ କିଏ କ'ଣ ଗଣିପାରେ ? ଅପେକ୍ଷାର ମୁହୂର୍ତ୍ତକୁ କ'ଣ କେହି କଳିପାରେ ?

ମା ! ଦୀନବନ୍ଧୁ ପଛରୁ ଡାକୁଛନ୍ତି । ପ୍ରାଚୀ ଫେରି ଚାହିଁଲା । ଅନେକ ଆଶା ନେଇ ଜଗନ୍ନାଥର ସନ୍ଧାନରେ ଯାଇଥିଲେ ଦୀନବନ୍ଧୁ ଏବଂ ଚାରୁକଳା । ଚାର୍ଲସ ଦୀନବନ୍ଧୁଙ୍କ ମୁହଁକୁ ଲକ୍ଷ୍ୟ କଲା । କାରୁକାର୍ଯ୍ୟର ଉତ୍କର୍ଷତାରେ ଐଶ୍ୱର୍ଯ୍ୟମୟୀ କୋଣାର୍କ ମନ୍ଦିରର କମନୀୟ ଭଗ୍ନାବଶେଷ ଭଳି ପରାଜିତ, ଭଗ୍ନମନୋରଥ, ବ୍ୟଥିତ ଦୀନବନ୍ଧୁ ତେବେ ବି ଅଶେଷ ଆଶାର ଭଗ୍ନାବଶେଷ ଭଳି ଠିଆ ହେଇଛନ୍ତି ।

Digitized by srujanika@gmail.com

ପ୍ରାଚୀପ୍ରଭାର ପିଠିରେ ଆଶ୍ୱାସନାର ସ୍ପର୍ଶ ଦେଇ ସେ କହିଛେ ପନ୍ଥ୍ୟା ହେଲାଣି । ମାଉସୀ ଲଜିଂରେ ଅପେକ୍ଷା କରିଛନ୍ତି । ଅପେକ୍ଷା କରିବା ଛଡ଼ା ଆମ ହାତରେ ଆଉ କ'ଣ ଅଛି ? ଜଗନ୍ନାଥଙ୍କର ଯାହା ଇଚ୍ଛା —

ପ୍ରାଚୀପ୍ରଭା ନିଶ୍ଚଳ ନିର୍ବିକାର ହେଇ ଠିଆ ହେଇଥାଏ । ଚାର୍ଲସକୁ ଦିଶୁଥାଏ କୋଣାର୍କର ସେଇ ଅନନ୍ତ ପ୍ରତୀକ୍ଷାର ଶାଶ୍ୱତ ମୂର୍ତ୍ତିଟି ଭଳି ।

—ପନ୍ଦର—

ବିଦାୟର ସେଇ ମର୍ମନ୍ତୁଦ ମୁହୂର୍ତ୍ତଟି ଉପସ୍ଥିତ । ଚାରୁକଳା କେବେ କାହାକୁ ବିଦାୟ ଦେବାପାଇଁ ଷ୍ଟେସନ ଆସନ୍ତି ନାହିଁ । ସେ ଲଜିଂରେ ରହିଲେ । ତାଙ୍କ ପାଦଛୁଇଁ ପ୍ରଣାମ କରିଥିଲା ଚାର୍ଲସ । ପଚାରିଥିଲା — ଦୀନେଶର ଠିକଣା ନେଇଛି । କିଛି ଖବର ଦେବେ ?

ଚାରୁକଳା ଅଶ୍ରୁ ଚାପି ନେଇ କହିଥିଲେ — କହିବ, ଜନ୍ମମାଟିକୁ ଭୁଲିବ ନାହିଁ । ବର୍ଷକେ ଥରେ ଜଗନ୍ନାଥ ବି ଜନ୍ମମାଟିକୁ ଯା'ନ୍ତି ।

ଚାରୁକଳା ଚାର୍ଲସର ମଥା ସାଉଁଳି ଦେଇ କହିଲେ — ସାବଧାନରେ ଯିବ । ପହଞ୍ଚି ଚିଠି ଦେବ । ଚିଠି ନପାଇବା ଯାଏ ଛଟପଟ ହେଉଥିବି । ଦୁଇଧାର ଅଶ୍ରୁ ଝରି ପଡ଼ିଲା ଚାରୁକଳାଙ୍କ ଆଖିରୁ ।

ଚାର୍ଲସ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଲା । ଲଜିଂ ଛାଡ଼ି ବାହାରି ଆସିଲା । ବିଦାୟ କଷ୍ଟଦାୟକ ହେବ ସେ ଜାଣିଥିଲା । କିନ୍ତୁ ତା'ର ପଥର ଆଖିରେ ଯେ ଅଶ୍ରୁ ଆସିଯିବ ସେ ଭାବି ନ ଥିଲା ।

ଟ୍ରେନ୍ ଠିଆ ହେଇଛି ।

ଦୁଃଖକୁ ଚାପି ରଖିବା ପାଇଁ ଦୀନବନ୍ଧୁ ଦୂରେଇ ଠିଆ ହୋଇଥାନ୍ତି । ଚାର୍ଲସ ମନେ ମନେ କହୁଥାଏ — ଗୁଡ୍‌ବାୟ ପ୍ରାଚୀ, ଭଲରେ ଥାଅ । ତମର ସବୁ କିଛି ସାହାଯ୍ୟ ସହାନୁଭୂତି, ଆଦର ଯତ୍ନ ପାଇଁ ଧନ୍ୟବାଦ । ଇଚ୍ଛା ଥିଲା ଆଉ କିଛିଦିନ — ହୁଏତ ସବୁଦିନ ଏମିତି ବନ୍ଧୁ ହୋଇ ତମ ପାଖରେ ରହନ୍ତି । ହୁଏତ ତମେ ବି ଚାହିଁଥିଲ ସେଇକଥା । କିନ୍ତୁ ତମେ ତ କୋଣାର୍କର କନ୍ୟା — ପାଷାଣୀ । ତମକୁ ରହିଯିବାକୁ ହେଲା । ମୁଁ ଯାଯାବର, ବାସହୀନ — ମତେ ଫେରିଯିବାକୁ ହେଉଛି । ତେବେ ଏତିକି ଆମେ ଦୁହେଁ ଆଶା ରଖିବା — ଆମର ପୁଣି ଦେଖା ହେବ, ଯେବେ, ଯେଉଁଠି ହେଲେ ।

Digitized by srujanika@gmail.com

ହୁଏତ ପ୍ରାଚୀପ୍ରଭା ଭିତରେ ବି ସେଇ ଭାବନା । ଅଥଚ ଦୁହେଁ ନୀରବ । ଭାବନା ଯେଉଁଠି ପରସ୍ପରକୁ ସଂଯୁକ୍ତ କରୁଛି ଭାଷା ସେଠି ସ୍ଥିର, ନିଶବ୍ଦ ।

ଦୁହିଁଙ୍କ ଭିତରେ ଗୋଟିଏ ଭାବନା ବ୍ୟଥାର ଭଉଁରୀ କାଟୁଥିଲା । ଦୁହେଁ ଭାବୁଥିଲେ ହୁଏତ ଏହାହିଁ ଚିର ବିଦାୟ । ହୁଏତ ଆଉ ଦେଖା ହେବନାହିଁ । ଏଇ ଭାବନା ଦୁହିଁଙ୍କୁ ଅବ୍ୟକ୍ତ ଯନ୍ତ୍ରଣାରେ ଛଟପଟ କରୁଥିଲା ।

ଚାର୍ଲସ ଭାବୁଥିଲା, ପ୍ରାଚୀ କ'ଣ ଜାଣେ ଯେ ଏତିକି ଦିନର ଏକତ୍ର ରହଣି ଚାର୍ଲସ ଜୀବନର ସବୁଠାରୁ ସୁଖକର ସମୟ ଥିଲା ବୋଲି ?

କିଛି ଗୋଟାଏ କହିବା ପାଇଁ ହେବ । ନୀରବତା ଅସହ୍ୟ ବୋଧ ହେଉଛି । ଚାର୍ଲସ କହିଲା ପ୍ରାଚୀ, ସବୁ ଦେଶର ଜୀବନ ଧାରାରେ ପୂର୍ବର ମୂଲ୍ୟବୋଧ ହ୍ରାସପାଇଛି । ଚିତ୍ରୋତ୍ପଳା, ଧର୍ମାନନ୍ଦଙ୍କର କରୁଣ ଉପାଖ୍ୟାନ ସତ୍ତ୍ୱେ ବି ଭାରତ ଭାରତ ହିଁ ଅଛି । ସେଠି ଅଛନ୍ତି ଦୀନବନ୍ଧୁ, ଚାରୁଦତ୍ତା, ବିଷ୍ଣୁ ମହାରଣା, କୁଶଭଦ୍ରା, ପ୍ରାଚୀପ୍ରଭା, କୋଣାର୍କ ଏବଂ ସର୍ବୋପରି ମାନବଧର୍ମର ପ୍ରତୀକ ମୈତ୍ରୀଦେବ ଜଗନ୍ନାଥ । ଚନ୍ଦ୍ରଭାଗାଠାରୁ ପ୍ରାଚୀପ୍ରଭା ଯାଏ ଦୂରତ୍ୱ ଖୁବ୍ ବେଶୀ ନୁହେଁ । ଯିଏ ଚନ୍ଦ୍ରଭାଗା ସେଇ ପ୍ରାଚୀପ୍ରଭା, କୁଶଭଦ୍ରା, ଚିତ୍ରୋତ୍ପଳା । ସମସ୍ତେ ଗୋଟିଏ ନଦୀର ଭିନ୍ନ ଭିନ୍ନ ନାମ ..... ସମସ୍ତେ ମୋର ସ୍ମରଣରେ ରହିବେ ..... ପୂଜା ପାଇବେ । ସେମାନଙ୍କୁ ଭଲପାଏ ବୋଲି ମୁଁ ଭାରତକୁ ଭଲପାଏ — ଭାରତର ସବୁ କିଛିକୁ ଭଲପାଏ ।

— ଧନ୍ୟବାଦ ଚାର୍ଲି — ଧନ୍ୟବାଦ — ପ୍ରାଚୀପ୍ରଭା ବାଷ୍ପାକୁଳ କଣ୍ଠରେ କହିଲା ।

ଟ୍ରେନ୍‌ର ଶେଷ ଘଣ୍ଟି ବାଜି ସାରିଥିଲା । ଚାର୍ଲସ ଟ୍ରେନ୍‌ରେ ଉଠିବା ପୂର୍ବରୁ ଦୁଃଖଭରା କଣ୍ଠରେ କହିଲା — ମୁଁ ଜାଣେ ପ୍ରାଚୀ — ବିଦାୟ ଖୁବ୍ ଦୁଃଖଦାୟକ । ମୁଁ ପୁନର୍ବାର ଆସିବି, ନିଶ୍ଚୟ ଆସିବି ।

— ତମର ଏ ସାନ୍ତ୍ୱନା ପାଇଁ ଧନ୍ୟବାଦ ଚାର୍ଲି — ତମର ଯାତ୍ରା ସୁଖକର ହେଉ — ଜୀବନ ଶୁଭଙ୍କର ହେଉ — ପ୍ରାଚୀପ୍ରଭାର ଆଖିକୋଣରେ ଦୁଇବିନ୍ଦୁ ଅଶ୍ରୁ ଢଳ ଢଳ ହେଉଥାଏ ।

କେତୋଟି ମୁହୂର୍ତ୍ତ ପାଇଁ ଦୁହେଁ ଦୁହିଁଙ୍କ ସାମ୍ନାରେ ସ୍ତବ୍ଧ ହେଇ ଠିଆହେଲେ । ହୃଦୟ ଯେଉଁଠି ଖଣ୍ଡ ବିଖଣ୍ଡ, ଭାଷା ସେଠି ସ୍ଥିର । ଭଗ୍ନ କୋଣାର୍କ ଭଳି ଦୁହେଁ ସ୍ଥିର ହେଇ ଠିଆ ହୋଇଥାନ୍ତି । ଚାର୍ଲସ ପ୍ରାଚୀପ୍ରଭାର ହାତ ଧରିଲା । ଅନେକ ସମୟରୁ ଛଳ ଛଳ କରୁଥିବା ଲୁହ ଦୁଇବିନ୍ଦୁ ପ୍ରାଚୀପ୍ରଭାର ଗଣ୍ଡଦେଇ ଖସି ଆସିଲା । ହାତ ଖସାଇ ନେଇ ସେ ଚଟ୍ କରି ପଛକୁ ମୁହଁ ବୁଲାଇ ନେଲା । ଚାର୍ଲସ ଉଠିଗଲା କମ୍ପାର୍ଟମେଣ୍ଟକୁ ।

Digitized by srujanika@gmail.com

ଟ୍ରେନ୍ ଚାଲିବାକୁ ଆରମ୍ଭ କରିବା ପରେ ହିଁ ପ୍ରାଚୀପ୍ରଭା ମୁହଁ ବୁଲାଇ ଚାର୍ଲସକୁ ଚାହିଁଲା ଏବଂ ହାତ ହଲାଇ ବିଦାୟ ଜଣାଇଲା । ଟ୍ରେନ୍ ପାଖକୁ ଘୁଞ୍ଚିଆସିଲା ପ୍ରାଚୀପ୍ରଭା — ଚାର୍ଲସ ଅସ୍ପଷ୍ଟ ସ୍ୱରରେ କହିଲା — ତମକୁ ମୁଁ ଭଲପାଏ ପ୍ରାଚୀ, ତମେ ମୋର ଆତ୍ମାକୁ ଆଚ୍ଛନ୍ନ କରିଛ — ଏ ଭଲ ପାଇବାର ଆଉ ଶେଷ ନାହିଁ —

ପ୍ରାଚୀପ୍ରଭା ମୁହୂର୍ତ୍ତକରେ ଦୁଇଭାଗ ହେଇଗଲା — ତାର ରକ୍ତ ମାଂସ ଦେହ ଓ କର୍ତ୍ତବ୍ୟ, ତାର ଆବେଗ, ଉଚ୍ଛ୍ୱାସ, କାମନା ଓ ଆଶା । ଗୋଟିଏ ନଶ୍ୱର — ଅନ୍ୟଟି ଅବିନଶ୍ୱର । ଗୋଟିଏ ଦେହ — ଅନ୍ୟଟି ଆତ୍ମା । ଦେହ ସେଇଠି ଅଛି — ଆତ୍ମା ଉଡ଼ିଯାଇଛି । ତାର ମନେହେଲା ସେ କାହାକୁ ଖୋଜୁଛି — କାହାର ଆତ୍ମାକୁ, ଦେହାତୀତ କାହାର ସତ୍ତାକୁ ସେ ଖୋଜୁଛି । ସେ କିଏ ? ରାଜା ନରସିଂହ — ସ୍ୱାମୀ ଜଗନ୍ନାଥ — ନାଁ ବନ୍ଧୁ ଚାର୍ଲସ ?

ବିହ୍ୱଳ ଦୃଷ୍ଟିରେ ଝର୍କା କାଚ ଦେଇ ଚାହିଁଛି ଚାର୍ଲସ । ତା' ସାମ୍ନାରେ କୋଣାର୍କ ଭଳି ଅବିଚଳ ହେଇ ଠିଆ ହୋଇଛି ପ୍ରାଚୀ । କୋଣାର୍କରେ ଆଜି ଦେବତା ନାହାନ୍ତି । ଉଗ୍ର କାରୁକାର୍ଯ୍ୟ ହିଁ କୋଣାର୍କର ସମ୍ପଦ । ପ୍ରାଚୀପ୍ରଭା ଭିତରେ ଆତ୍ମା କେଉଁଠି ହଜିଯାଇଛି । ଚାର୍ଲସ ଦେଖୁଛି ଗୋଟାଏ କାରୁକାର୍ଯ୍ୟଭରା ଦେହ ତାକୁ ବିଦାୟ ଜଣାଇ ହାତ ହଲାଉଛି । ଆସ୍ତେ ହାତ ସ୍ଥିର ହେଇଯାଉଛି । ତା' ଆଖିରୁ ଦୃଷ୍ଟି ଉଦାସ ହେଇଯାଉଚି — ତା' ମୁଖର ଭାବ ପରିବର୍ତ୍ତିତ ହେଉଛି । ସେ ଯେମିତି ବିଦାୟ ଜଣାଉନି — କାହାର ସ୍ୱାଗତ ପାଇଁ ଅପେକ୍ଷା କରିଛି । କୋଣାର୍କ ଗାତ୍ରର ପ୍ରତୀକ୍ଷାରେ ସେଇ ଶାଶ୍ୱତ ମୂର୍ତ୍ତିଟି ଚାର୍ଲସର ଆଖି ଆଗରେ ମୂର୍ତ୍ତିମନ୍ତ ହେଉଛି । ଝାପ୍ସା ହେଇଯାଉଛି ପ୍ରାଚୀପ୍ରଭାର ଛବି । ନୈରାଶ୍ୟ ଭିତରେ ଆଶା, ଦାରିଦ୍ର୍ୟ ଭିତରେ ଆଡ଼ମ୍ବର, ବିଦାୟ ଭିତରେ ମିଳନର ଆଶା, ମୃତ୍ୟୁରେ ନବଜନ୍ମର ପରିକଳ୍ପନା ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ । ଜଗନ୍ନାଥ ପରମ ପୁରୁଷ, ପରମାତ୍ମା ଅପୂର୍ଣ୍ଣରେ ପୂର୍ଣ୍ଣ । ସେଇଥିପାଇଁ ଏ ଦେଶ ସଂହତିର ଦେଶ — ଜଗନ୍ନାଥ ସଂହତି ଏବଂ ସମନ୍ୱୟର ପ୍ରତୀକ । ଚାର୍ଲସ ବିଦାୟ ନେଉନାହିଁ — ପାଖେଇ ଆସୁଛି ତାର ବନ୍ଧୁ, ପରିଜନ, ପରିବାରଙ୍କ ନିକଟକୁ । ସେ ପୃଥିବୀର ଯେଉଁ ପ୍ରାନ୍ତରେ ଘୂରି ବୁଲିଲେ ବି ତାର ସମସ୍ତେ ଅଛନ୍ତି ଏଇଠି, ଭାରତ ଭୂଇଁରେ, ମୈତ୍ରୀ ଦେବତାଙ୍କ ଦେଶରେ । ଚାର୍ଲସର ଅଶାନ୍ତ ମନ ଶାନ୍ତ ହେଲା । ଅପୂର୍ଣ୍ଣ ଆତ୍ମା ପରିପୂର୍ଣ୍ଣ ହେଇଗଲା ।

ଦୂରରୁ ପ୍ରାଚୀପ୍ରଭାର ଅଚଳ ମୂର୍ତ୍ତିଟି ଉଜ୍ଜ୍ୱଳ ବିନ୍ଦୁଟିଏ ଭଳି ଦିଶୁଥାଏ — ଅନ୍ଧାର ଭିତରେ ଆଲୋକ ଶିଖା ଭଳି ସେ ଜଳୁଥାଏ । ନୈରାଶ୍ୟ ଭିତରେ ଆଶାର ଜ୍ୟୋତି ଭଳି ଚାର୍ଲସକୁ ଲକ୍ଷ୍ୟ ପଥରେ ବାଟ କଢ଼ାଇ ନେଉଥାଏ —

Digitized by srujanika@gmail.com

ବିଦାୟ ବେଳାରେ ଦୀନବନ୍ଧୁ ଦେଇଥିଲେ ଛୋଟ ଜିନିଷଟିଏ — କାଗଜରେ ଗୁଡ଼ା ପୁଟୁଳିଟିଏ । କହିଥିଲେ, କେବେ ଯଦି ଭାଙ୍ଗିପଡ଼, ଯାକୁ ଆଶ୍ରା କରିବ । ଚାର୍ଲସ ପକେଟରୁ ଜିନିଷଟି କାଢ଼ିଲା । ଛୋଟ ପ୍ଲାଷ୍ଟିକ ଖୋଳ ଭିତରେ ଟିକି ଟିକି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କର ମୂର୍ତ୍ତି — ଉତ୍କଳ, ଭାରତ ତଥା ବିଶ୍ୱକୁ ଗଙ୍ଗରାଜାମାନଙ୍କର ସର୍ବଶ୍ରେଷ୍ଠ ଦାନ, ମୈତ୍ରୀଦେବ ଜଗନ୍ନାଥ ।

ପ୍ରାଚୀ ପଛରେ ରହିଗଲା ବୋଲି ଚାର୍ଲସ କ'ଣ ଭାଙ୍ଗି ପଡୁଛି ? ସେ ଉଚ୍ଚାରଣ କଲା — ''ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ'' । ଦୃଷ୍ଟିପଥରୁ ପ୍ରାଚୀପ୍ରଭା ଅନ୍ତର୍ହିତ ହେଇଗଲା । ସେଠି ଥିଲେ ଦେବୀ ସୁଭଦ୍ରା । କଳା ଗୋରା ଦୁଇଭାଙ୍କ ଗହଣରେ ସେ ହସୁଥିଲେ, ବିଶ୍ୱପ୍ରାଣକୁ ସଂଯୁକ୍ତ କରି । ଚାର୍ଲସ ପୁନର୍ବାର ଗାଇଲା — ''ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ'' । ଭେଦାଭେଦ ଭୁଲି ତା' ସ୍ୱରରେ ସ୍ୱର ମିଳାଇ ପାଳି ଧରିଲେ କେତେଜଣ ଫେରନ୍ତି ଯାତ୍ରୀ । ବିଦାୟ ବେଳର ଉଦାସ ମୁହୂର୍ତ୍ତଟି ମୈତ୍ରୀ ସଙ୍ଗୀତର ଧାରାଟିଏ ହେଇ ପ୍ରାଚୀପ୍ରଭା ନିକଟକୁ ଉଜାଣି ବହିଯାଉଥିଲା ଅନ୍ତର ଆକାଶର ସୀମା ଛୁଇଁ — ପୃଥିବୀର ଦିଗେ ଦିଗେ ବ୍ୟାପୀ ଯାଉଥିଲା ସେଇ ପ୍ରେମମୟ ସଙ୍ଗୀତର ମୂର୍ଚ୍ଛନା —



Digitized by srujanika@gmail.com